ବିନୋଦ କାନୁନ୍‌ଗୋ

# କିଶୋର
# ଜ୍ଞାନମଣ୍ଡଳ



ଏନ୍‌ସାଇକ୍ଲୋପିଡିଆ





କିଶୋର ଜ୍ଞାନମଣ୍ଡଳ ପରିବାରକୁ ଆମେ ଆପଣଙ୍କୁ ସ୍ୱାଗତ କରୁଛୁ । ଜ୍ଞାନର ଗଣତାନ୍ତ୍ରୀକରଣ ଉଦ୍ୟମରେ ସାହାଯ୍ୟ କରୁଥିବାରୁ ଆପଣଙ୍କୁ ଆମର ହାର୍ଦ୍ଦିକ କୃତଜ୍ଞତା ।

ସେକ୍ରେଟାରୀ, ଜ୍ଞାନମଣ୍ଡଳ ଫାଉଣ୍ଡେସନ

*ଉପାଦେୟ ପୁସ୍ତକ ଅଭାବରେ ଭଗବାନ ନୀରବ, ନ୍ୟାୟ ସୁପ୍ତ, ବିଜ୍ଞାନର ଗତି ରୁଦ୍ଧ, ଦର୍ଶନ ପଙ୍ଗୁ, ବିଦ୍ୟା ମୂକ, ଅନ୍ୟ ସବୁ କିଛି ଅନ୍ଧକାର ଗର୍ଭରେ ସଂପୂର୍ଣ୍ଣ ଅସ୍ପଷ୍ଟ ।*

ଓଡ଼ିଆ ବୋଲି କହି ଗର୍ବ କରିବାର ସୁଯୋଗ ଗଲା ହଜାର
ହଜାର ବର୍ଷ ଧରି ଉତ୍କଳ-ମାତାର ଯେଉଁ ଯୋଗ୍ୟ
ସନ୍ତାନମାନେ ଆମକୁ ଦେଇଆସିଛନ୍ତି, ସେମାନଙ୍କ ପବିତ୍ର
ସ୍ମୃତିରେ ଏହି ପୁସ୍ତକ ସେଟ୍‌ଟିକ୍ ଉତ୍ସର୍ଗ କରାଗଲା ।

# କିଶୋର
# ଜ୍ଞାନମଣ୍ଡଳ

ବିନୋଦ କାନୁନ୍‌ଗୋ

---

# କିଶୋର ଜ୍ଞାନମଣ୍ଡଳ

ଜ୍ଞାନମଣ୍ଡଳ ଫାଉଣ୍ଡେସନ

ଜ୍ଞାନମଣ୍ଡଳ ଫାଉଣ୍ଡେସନ, ଜ୍ଞାନମଣ୍ଡଳ ସେଣ୍ଟର, ସି-୧, ନୀଳକଣ୍ଠ ନଗର,
ଭୁବନେଶ୍ୱର-୭୫୧ ୦୧୨ ଙ୍କ ଦ୍ୱାରା ପ୍ରସ୍ତୁତ, ପ୍ରକାଶିତ ଓ ମୁଦ୍ରିତ
ପ୍ରଥମ ପ୍ରକାଶ : ୧୯୯୮
© ଜ୍ଞାନମଣ୍ଡଳ ଫାଉଣ୍ଡେସନ ୧୯୯୭, ସ୍ୱାଧୀନତାର ସୁବର୍ଣ୍ଣ ଜୟନ୍ତୀ ବର୍ଷ
କଂପିଉଟର ପ୍ରୟୋଗ : ଜ୍ଞାନମଣ୍ଡଳ ଫାଉଣ୍ଡେସନ
ଇଲେକ୍‌ଟ୍ରୋନିକ୍ ଡାଟା ପ୍ରସେସିଙ୍ଗ ଇଉନିଟ୍
*ସଂପାଦକ* ଦୀପକ କାନୁନ୍‌ଗୋ
କିଶୋର ଜ୍ଞାନମଣ୍ଡଳ \ ଜୁନିଅର ଏନ୍‌ସାଇକ୍ଲୋପିଡିଆ \ **ପ୍ରଥମ ଭାଗ** ( ଅ-ଆୟୁଷ ଓ
ଅନ୍ୟାନ୍ୟ) ISBN 81-85293-69-4 (81-85293-68-6 ସେଟ୍ )

Kishor Jnanmandal, a set of junior encyclopedia in Oriya is prepared & published by Jnanmandal Foundation, Jnanmandal Centre, C-1, Nilakantha Nagar, Bhubaneswar - 751 012, India. Volume One. First Print :1998

© Jnanmandal Foundation, 1997

ବ୍ୟବହାରକାରୀ ଏହି ପୁସ୍ତକ ସେଟ୍‌ରେ ସନ୍ନିବେଶିତ ତଥ୍ୟର ବ୍ୟବହାର ସଂପୂର୍ଣ୍ଣ ନିଜ ଦାୟିତ୍ୱରେ ହିଁ କରିବେ ।

## ବିଷୟ ସୂଚୀ : ୧ମ ଖଣ୍ଡ


**ଅ** ଓଡ଼ିଆ ବର୍ଣ୍ଣମାଳାର ପ୍ରଥମ ଅକ୍ଷର *୬୫*
**ଅଁଳା** ଭିଟାମିନ୍-ସି ସମୃଦ୍ଧ ଫଳ *୬୬*
**ଅଏଣ୍ଟମେଣ୍ଟ** ସାଧାରଣତଃ କ୍ଷତ ଉପଶମ ନିମନ୍ତେ ଶରୀରର ଉପର ଅଂଶରେ ପ୍ରୟୋଗ କରାଯାଉଥିବା ମଲମ *୬୬*
**ଅଏଲ ପାମ୍** ପାମ୍ ତେଲ ମିଳୁଥିବା ଗ୍ରୀଷ୍ମମଣ୍ଡଳୀୟ କୃଷିଜ ଉଦ୍‌ଭିଦ *୬୭*
**ଅଏଲପେଣ୍ଟିଙ୍ଗ** ଅଏଲକଲର ବ୍ୟବହାର କରି କରାଯାଉଥିବା ଚିତ୍ର *୬୭*
**ଅଏଲ ସ୍ପିଲ୍** କୌଣସି କାରଣରୁ ତୈଳ ବୋହିଯିବା-ଜନିତ ପ୍ରଦୂଷଣ *୬୭*
**ଅଂଶଧନ** କଂପାନୀ ବା କର୍ପୋରେସନ ସବୁର ମୂଳ-ଧନର ମୌଳିକ ଏକକ *୬୭*
**ଅଂଶୁପା** ଆଠଗଡ଼ ସବ୍‌ଡିଭି-ଜନରେ ଥିବା କ୍ଷୁଦ୍ର ହ୍ରଦ *୬୮*
**ଅକ୍** ଲୋପ ହୋଇଯିବାର ସମ୍ଭାବନା ଥିବା ସାମୁଦ୍ରିକ ପକ୍ଷୀ *୬୮*
**ଅକ୍‌କାଡ** ପ୍ରାଚୀନ ଇରାକୀ ପ୍ରଦେଶ *୬୮*
**ଅକ୍‌ଟେନ ନମ୍ବର** ପେଟ୍ରୋଲ ଜାତୀୟ ଇଂଜିନ ଇନ୍ଧନର ମାନ *୬୮*
**ଅକ୍‌ଟୋପସ୍** ଖାଦ୍ୟୋପଯୋଗୀ ଅଷ୍ଟପଦୀ ସାମୁଦ୍ରିକ ଜୀବ *୬୯*
**ଅକ୍‌ଟୋବର** ଖ୍ରୀଷ୍ଟୀୟ ବର୍ଷର ୧୦ମ ମାସ *୬୯*
**ଅକ୍‌ଟୋବର ବିପ୍ଳବ** କମିଉନିଷ୍ଟମାନେ ରୁଷରେ ଜାର୍‌ଙ୍କୁ ହଟାଇବାକୁ କରିଥିବା ଆନ୍ଦୋଳନ *୬୯*
**ଅକ୍‌ସଫୋର୍ଡ ଅଭିଧାନ** ଇଂରାଜୀ ଭାଷାର ସର୍ବଶ୍ରେଷ୍ଠ ତଥା ସର୍ବବୃହତ୍ ପ୍ରାମାଣିକ ଅଭିଧାନ *୭୦*
**ଅକାଳୀ** ଶିଖ 'ଧର୍ମ ରକ୍ଷା' ନିମନ୍ତେ ପ୍ରଥମେ ସୃଷ୍ଟି ହୋଇଥିବା ସଂଗଠନ *୭୦*
**ଅକ୍ରିୟାବାଦ** ବୁଦ୍ଧଙ୍କ ସମୟର ଦାର୍ଶନିକ ମତବାଦ *୭୧*
**ଅଖ୍‌ମାଟୋଭା, ଆନା** ରବୀନ୍ଦ୍ରନାଥଙ୍କ କବିତା ଅନୁବାଦ କରିଥିବା ରୁଷୀୟ ନାରୀ କବି *୭୧*
**ଅଖରୋଟ** ଟାଣ ଖୋଳପାଯୁକ୍ତ ଫଳ ଓ ଏହାର ଗଛ *୭୧*
**ଅଖା** ଝୋଟରେ ତିଆରି ପାକିଙ୍ଗ ବସ୍ତୁ *୭୧*
**ଅଗର ଅଗର** ଖାଦ୍ୟୋପ-ଯୋଗୀ ସାମୁଦ୍ରିକ ଦଳ *୭୧*
**ଅଗଷ୍ଟ** ଖ୍ରୀଷ୍ଟୀୟ ବର୍ଷର ଅଷ୍ଟମ ମାସ *୭୨*
**ଅଗଷ୍ଟ ବିପ୍ଳବ** ଭାରତୀୟ ସ୍ୱାଧୀନତା ଆନ୍ଦୋଳନର ଶେଷ ମହତ୍ତ୍ୱପୂର୍ଣ୍ଣ ପର୍ଯ୍ୟାୟ *୭୨*
**ଅଗିଆବାତ** ମଣିଷ ଶରୀରରେ ହେଉଥିବା ଚର୍ମରୋଗ *୭୨*
**ଅଗ୍ନି** ମାନବ ବିକାଶଧାରାକୁ ତ୍ୱରାନ୍ୱିତ କରିଥିବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରାକୃତିକ ଉପହାର *୭୨*
**ଅଗ୍ନିପରୀକ୍ଷା** ରାମାୟଣର ଗୋଟିଏ ଉପାଖ୍ୟାନ *୭୩*
**ଅଗ୍ନି-ପ୍ରତିରୋଧ ଓ ନିୟନ୍ତ୍ରଣ** ଅଗ୍ନିକାଣ୍ଡ ତଥା ଅଗ୍ନି ଦୁର୍ଘଟଣାରୁ ରକ୍ଷା ପାଇବା ନିମନ୍ତେ କରାଯାଉଥିବା ବ୍ୟବସ୍ଥା *୭୩*
**ଅଗ୍ନିମାନ୍ଦ୍ୟ** ମଣିଷ ଶରୀରରେ ଦେଖାଯାଉଥିବା ଅଜୀର୍ଣ୍ଣ ରୋଗ *୭୪*
**ଅଗ୍ନିଶମ ସେବା** ଅଗ୍ନି ନିର୍ବାପନ ଓ ଅନ୍ୟାନ୍ୟ ଜରୁରୀ ଅବସ୍ଥାରେ ଲାଗୁଥିବା ସେବା *୭୫*
**ଅଗ୍ନ୍ୟାଶୟ** ଶରୀରରେ ଗୁରୁତ୍ୱପୂର୍ଣ୍ଣ ଜୀବରସ ଓ ଇନ୍‌ସୁଲିନ ଝରାଉଥିବା ଗ୍ରନ୍ଥି *୭୫*
**ଅଙ୍କ** ମାନବଜ୍ଞାନର ପ୍ରଧାନ ମୌଳିକ ବିଭାଗ ସବୁ ଭିତରୁ ଗୋଟିଏ *୭୫*
**ଅଙ୍କୁରୋଦ୍‌ଗମ** ଉଦ୍‌ଭିଦ ସୃଷ୍ଟି ନିମନ୍ତେ ମଞ୍ଜିରୁ ଗଜାହେବା ପ୍ରକ୍ରିୟା *୭୭*
**ଅଙ୍ଗ୍ ସାନ-ସୁ-ଚି** ମ୍ୟାନ୍‌ମାର୍ ଗଣତନ୍ତ୍ର ଆନ୍ଦୋଳନର ନେତ୍ରୀ *୭୭*
**ଅଙ୍ଗ ଓ ଅଙ୍ଗଗଠନ** ମାନବ ଅଙ୍ଗସବୁ ପ୍ରଥମେ କିଭଳି ସୃଷ୍ଟି ହେଉଛି ଓ ସେ ସବୁର ଗଠନ ତଥା ବୃଦ୍ଧି ପ୍ରକ୍ରିୟା *୭୭*
**ଅଙ୍ଗ (କୃତ୍ରିମ)** ପ୍ରକୃତି ଦତ୍ତ ଅଙ୍ଗ ଗୁଡ଼ିକର କୃତ୍ରିମ ଭାବେ ତିଆରି ବଦଳ ଅଙ୍ଗ *୭୮*
**ଅଙ୍ଗରୋପଣ** ଅକାମୀ ଅଙ୍ଗ ବଦଳରେ ପ୍ରାକୃତିକ କିମ୍ବା କୃତ୍ରିମ ଅଙ୍ଗ ଖଞ୍ଜିବା କ୍ରିୟା *୮୦*
**ଅଙ୍ଗାର** ଜୀବନ ସୃଷ୍ଟିକାରୀ ରାସାୟନିକ ମୌଳିକ ଉପାଦାନ *୮୧*
**ଅଙ୍ଗାର କଜଳ** ଅଙ୍ଗାରରୁ ଜାତ ହେଉଥିବା ସୂକ୍ଷ୍ମ ଔଦ୍ୟୋଗିକ ଉପାଦାନ *୮୨*
**ଅଙ୍ଗାରକାମ୍ଳ** ଅଙ୍ଗାର ଓ ଅମ୍ଳଜାନ ପରମାଣୁର ଯୌଗିକ ପଦାର୍ଥ *୮୨*
**ଅଙ୍ଗାର ଚକ୍ର** ଭୂମଣ୍ଡଳରେ ଅଙ୍ଗାର ଓ ଅନ୍ୟାନ୍ୟ ଅଙ୍ଗାର ସଂକ୍ରାନ୍ତୀୟ ପଦାର୍ଥର ଚଳନ କ୍ରିୟା *୮୨*
**ଅଙ୍ଗୁର** ଅର୍ଥକରୀ ମହତ୍ତ୍ୱପୂର୍ଣ୍ଣ ଲତାଫଳ *୮୩*
**ଅଙ୍ଗୁଳି** (ମାନବ) ଅସ୍ଥିବିଭାଗର ଅତି ଉପଯୋଗୀ ଅଂଶ *୮୩*
**ଅଚିନ୍ତ୍ୟ ଭେଦାଭେଦ** ଗୌଡ଼ୀୟ ଦର୍ଶନ ଓ ମତବାଦ *୮୪*
**ଅଚ୍ୟୁତ (ସୀତାରାମ) ପଟ୍ଟବର୍ଦ୍ଧନ** ସ୍ୱାଧୀନତା ସଂଗ୍ରାମର ବିପ୍ଳବୀ ତଥା ସମାଜବାଦୀ ନେତା *୮୪*
**ଅଚ୍ୟୁତାନନ୍ଦ** ପୁରାତନ 'ପଞ୍ଚସଖା'ଙ୍କ ଭିତରୁ ଜଣେ *୮୪*
**ଅଜଗର** ପୃଥିବୀର ବୃହତ୍ତମ ସାପ *୮୪*
**ଅଜନ୍ତା** ମହାରାଷ୍ଟ୍ର ପ୍ରଦେଶରେ ଥିବା ପ୍ରସିଦ୍ଧ 'ଚିତ୍ରିତ' ଗୁମ୍ଫା ସମୂହ *୮୫*
**ଅଜମଲ ଖାଁ** ବିଖ୍ୟାତ ଜାତୀୟବାଦୀ ନେତା *୮୬*
**ଅଜରବୈଜାନ** ଇଉରୋପ ମହାଦେଶର ସାର୍ବଭୌମ ରାଷ୍ଟ୍ର *୮୬*
**ଅଜରବୈଜାନ (ଇରାନୀ)** ଇରାନର ଅନ୍ତର୍ଗତ ଅଜରବୈଜାନୀ ଅଞ୍ଚଳ *୮୬*
**ଅଜାତଶତ୍ରୁ** ମଗଧର ପ୍ରସିଦ୍ଧ ରାଜା ତଥା ବୁଦ୍ଧଙ୍କ ଅନୁଗାମୀ *୮୬*
**ଅଜିତ 'କେଶକମ୍ବଳୀ'** ବୁଦ୍ଧଙ୍କ ସମସାମୟିକ ଧର୍ମାଚାର୍ଯ୍ୟ *୮୭*

**ଅଜ୍ଞାତବାସ** ମହାଭାରତର ମହତ୍ତ୍ୱପୂର୍ଣ୍ଣ ଉପାଖ୍ୟାନ ୮୭
**ଅଟ୍‌ଠ କଥା** ପାଲି ଭାଷାରେ ରଚିତ ଭାଷ୍ୟସମୂହ ୮୭
**ଅଟ୍‌ଲି, କ୍ଲିମେଣ୍ଟ ରିଚାର୍ଡ** ବ୍ରିଟିଶ ଶ୍ରମିକ ଦଳ ନେତା ୮୭
**ଅଟର** ଓଧ ଜାତୀୟ ଜୀବ ୮୭
**ଅଟରଶ୍ରୁ** ଆଫ୍ରିକା ମହାଦେଶର ଓଧ ଜାତୀୟ ପ୍ରାଣୀ ୮୮
**ଅଟା** ଗହମ ବା ଅନ୍ୟାନ୍ୟ ଶସ୍ୟରୁ ପ୍ରସ୍ତୁତ ହେଉଥିବା ମୂଳ ଚୁନା ୮୮
**ଅଟେଇ** ଗୁହାଳ ଭିତରେ ଛୋଟ ବାଛୁରୀଙ୍କ ପାଇଁ ଉଦ୍ଦିଷ୍ଟ ସ୍ଥାନ ୮୯
**ଅଟୋକ୍ଲେଭ୍** ଅତ୍ୟଧିକ ଉତ୍ତାପ ଓ ଚାପ ସମ୍ଭାଳି ପାରୁଥିବା ପାତ୍ର ୮୯
**ଅଟୋଗାମୀ** ସୃଷ୍ଟିର ନିମ୍ନସ୍ତରରେ ଦେଖାଯାଉଥିବା ସ୍ୱସଂଗମକ୍ରିୟା ୮୯
**ଅଟୋମାନ ସାମ୍ରାଜ୍ୟ** ପ୍ରସିଦ୍ଧ ତୁର୍କୀ ସାମ୍ରାଜ୍ୟ ୮୯
**ଅଟୋମେଶନ** ପୂର୍ବରୁ ହାତରେ କରାଯାଉଥିବା କାମକୁ ସ୍ୱୟଂକ୍ରିୟ ଯନ୍ତ୍ର ବ୍ୟବସ୍ଥା ଦ୍ୱାରା ସମାପନ କରିବା ପଦ୍ଧତି ୮୯
**ଅଟୋମୋବାଇଲ** ମଟରକାର ଓ ଅନ୍ୟାନ୍ୟ ମଟର ଯାନ ୯୦
**ଅତ୍ରି** ଖୋର୍ଦ୍ଧା ଜିଲାରେ ଥିବା ଉଷ୍ଣପ୍ରସ୍ରବଣ ୯୨
**ଅଠା** ବିଭିନ୍ନ ପଦାର୍ଥର ପୃଷ୍ଠକୁ ଯୋଡ଼ିପାରୁଥିବା ରାସାୟନିକ ପଦାର୍ଥ ୯୨
**ଅଡିଟ୍** ହିସାବ ସମୀକ୍ଷା ୯୨
**ଅଡୁବନ,ଜନ୍ ଜେମ୍ସ୍** ପକ୍ଷୀଚିତ୍ର ଅଙ୍କନ ନିମନ୍ତେ ପ୍ରସିଦ୍ଧ ଆମେରିକୀୟ ଚିତ୍ରଶିଳ୍ପୀ ଓ ଅରିନ୍ଥୋଲଜିଷ୍ଟ ୯୨
**ଅଡଆଙ୍ଗୁଳି** ଆଙ୍ଗୁଠି ଅଗ୍ର ଭାଗରେ ଦେଖାଦେଉଥିବା ସେପ୍‌ଟିକ ଅବସ୍ଥା ୯୨
**ଅଣୁ** ଯଥେଷ୍ଟ ଦୃଢ଼ତା ସହିତ ଗୋଟିଏ ଏକକ ଭାବେ ରହିଥିବା ପରମାଣୁ ସମଷ୍ଟି ୯୩
**ଅଣୁ-ପରମାଣୁ ଧାରଣା** ଜ୍ଞାନ ଜଗତରେ ଅଣୁ ଓ ପରମାଣୁ ବିଷୟରେ ସୃଷ୍ଟ ଭାବନା ଓ ତା'ର ବିକାଶ ୯୩
**ଅଣୁବୀକ୍ଷଣ** ମଣିଷ ଆଖି ଦେଖି ନ ପାରୁଥିବା ଅତି କ୍ଷୁଦ୍ର ଏକକ ଗୁଡ଼ିକୁ 'ଦେଖି ପାରୁଥିବା' ଅପ୍‌ଟିକୀୟ ବା ଇଲେକ୍‌ଟ୍ରୋନିକ୍ ବ୍ୟବସ୍ଥା ୯୪
**ଅଣ୍ଡକୋଷ** ପ୍ରାଣୀମାନଙ୍କ ଶରୀରରେ ଥିବା ବୀର୍ଯ୍ୟ ଉତ୍ପାଦନକାରୀ ଅଙ୍ଗ ୯୫
**ଅଣ୍ଡା** ନାରୀ ଶରୀରରେ ଥିବା ଲିଙ୍ଗ କୋଶିକା ୯୬
**ଅଣ୍ଡା** ଜୀବଜଗତରେ ମା ପେଟରେ ସୃଷ୍ଟ ନରମ ତଥା ବାହାରେ ଦେଉଥିବା କ୍ଷେତ୍ରରେ ଟାଣ ଖୋଳପାଯୁକ୍ତ ପ୍ରଜନନ କୋଷ; କେତେକ ମନୁଷ୍ୟ ଖାଦ୍ୟୋପଯୋଗୀ ୯୬
**ଅତିକାୟ ସରୀସୃପ** କୋଟି କୋଟି ବର୍ଷ ତଳେ ଭୂପୃଷ୍ଠରେ ବିଚରଣ କରୁଥିବା ସରୀସୃପ ଜାତୀୟ ଅତିକାୟ ଜୀବ ୯୭
**ଅତିସାର** ମଣିଷ ଶରୀରରେ ଦେଖାଦେଉଥିବା ଡାୟେରିଆ ରୋଗ ୯୮
**ଅତିସୂକ୍ଷ୍ମ ମେସିନ** ତିଆରି କରାଯାଉଥିବା କଳ୍ପନାତୀତ ଭାବେ ସୂକ୍ଷ୍ମ ମେସିନ ୯୮
**ଅତୀତ** ଭାରତୀୟ ସନ୍ନ୍ୟାସୀ ସଂପ୍ରଦାୟ ୯୮
**ଅତୀଶ** ବୌଦ୍ଧ ଧର୍ମର ଜଣେ ପ୍ରସିଦ୍ଧ ସଂସ୍କାରକ ୯୮
**ଅତିଲା** ଇତିହାସ ପ୍ରସିଦ୍ଧ ହୁଣ ରାଜା ୯୮
**ଅଥର୍ବ ବେଦ** ସାଧାରଣ ମନୁଷ୍ୟ ଜାଣିବାପାଇଁ ଯଥେଷ୍ଟ ଉପାଦାନ ରହିଥିବା ବେଦ ୯୯
**ଅଥଳ** ଜଳମଣ୍ଡଳରେ ଥିବା ଅନନ୍ତ ମହାସାଗରର ଗର୍ଭ ଓ ସେଥିର ପରିବେଶ ୯୯
**ଅଥାର** ଖାଦ୍ୟ ପ୍ରସ୍ତୁତିରେ ଲାଗୁଥିବା ପାରମ୍ପରିକ ସାଜ ୧୦୦
**ଅଦତ୍ତ** ଅନ୍ୟାୟରେ ଦିଆଯାଉଥିବା ଦାନ ୧୦୦
**ଅଦଳ** ମରୁଭୂମିରେ ଜନ୍ମୁଥିବା କାକ୍‌ଟସ୍ ବୃକ୍ଷ ୧୦୦
**ଅଦା** କୃଷିଜ ମସଲା ତଥା ଔଷଧୀୟ ମୂଳ ୧୦୦
**ଅଦାଲତ** ଶାସନ ତଥା ବିଚାର ବ୍ୟବସ୍ଥାର ପ୍ରମୁଖ ଅଂଶ ୧୦୧
**ଅଦାଲତ ଅବମାନନା** ବିଚାର ବ୍ୟବସ୍ଥାର ସମ୍ମାନ ରକ୍ଷା ନିମନ୍ତେ ଥିବା ଆଇନ ୧୦୧
**ଅଦ୍ୱୈତ** ବେଦାନ୍ତ ଦର୍ଶନର ଗୋଟିଏ ମହତ୍ତ୍ୱପୂର୍ଣ୍ଣ ଅଂଶ ୧୦୧
**ଅଧିବର୍ଷ** ପ୍ରତି ଚାରି ବର୍ଷରେ ଥରେ ପଡୁଥିବା ୨୯ ଦିନ ବିଶିଷ୍ଟ ଫେବୃଆରୀ ମାସ ୧୦୨
**ଅନ୍-ଟୁ-ଦିସ୍-ଲାଷ୍ଟ** ଗାନ୍ଧୀଙ୍କ ମୂଳ ଚିନ୍ତାଧାରା ଉପରେ ସର୍ବାଧିକ ପ୍ରଭାବ ପକାଇଥିବା ପୁସ୍ତକ ୧୦୨
**ଅନଙ୍ଗଭୀମ ଦେବ** ଗଙ୍ଗବଂଶର ପ୍ରସିଦ୍ଧ ଓଡ଼ିଆ ରାଜା ୧୦୨
**ଅନନ୍ତବାସୁଦେବ ମନ୍ଦିର** ଭୁବନେଶ୍ୱରରେ ଥିବା ସୁନ୍ଦର ପ୍ରାଚୀନ ମନ୍ଦିର ୧୦୨
**ଅନାସ୍ଥା-ପ୍ରସ୍ତାବ** ବିଧାନସଭା ବା ସଂସଦରେ ସରକାରଙ୍କ ବିରୋଧରେ ଆସୁଥିବା ପ୍ରସ୍ତାବ ୧୦୨
**ଅନିଦ୍ରା** ଆବଶ୍ୟକୀୟ ପରିମାଣର ଶୋଇବା ନିମନ୍ତେ ଅକ୍ଷମତା ୧୦୩
**ଅନୁଗୁଳ** ଓଡ଼ିଶାର ଇତିହାସ ପ୍ରସିଦ୍ଧ ଶିଳ୍ପ ସମୃଦ୍ଧ ଜିଲ୍ଲା ୧୦୩
**ଅନୁତାପ** ମାନବୀୟ ସଦ୍‌ଗୁଣ ୧୦୩
**ଅନୁବାଦ** ଗୋଟିଏ ଭାଷାରେ ଥିବା ଭାବକୁ ଅନ୍ୟ ଭାଷାରେ ପ୍ରକାଶ କରିବା କିମ୍ବା ସେହି ଧରଣର ଅନ୍ୟ କୌଣସି କାର୍ଯ୍ୟ ୧୦୪
**ଅନ୍ତର୍ମହାଦେଶୀୟ କ୍ଷେପଣାସ୍ତ୍ର** ପୃଥିବୀର ଗୋଟିଏ ଅଞ୍ଚଳରୁ ଅତି ଦୂର ଆଉ ଗୋଟିଏ ଅଞ୍ଚଳକୁ ବିଭିନ୍ନ ପ୍ଲାଟଫର୍ମରୁ ପଠାଯାଇ ପାରୁଥିବା କ୍ଷେପଣାସ୍ତ୍ର ୧୦୪
**ଅନ୍ତ୍ର** ମଣିଷ ହଜମ ପଥର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଂଶ ୧୦୫
**ଅନ୍ଧକୂପ-ହତ୍ୟା** ଇଂରେଜମାନଙ୍କ ଦ୍ୱାରା ସୃଷ୍ଟ କାଳ୍ପନିକ ଉପାଖ୍ୟାନ ୧୦୫
**ଅନ୍ଧତ୍ୱ** ଆଖିର ଆଲୋକ-

ସନ୍ଦେହହୀନତା ଅବସ୍ଥା ୧୦୫

**ଅନ୍ଧାରକଣା** ଅନ୍ଧାରରେ ଦେଖି ପାରିବାରେ ସଂପୂର୍ଣ୍ଣ ଅକ୍ଷମତା ୧୦୬

**ଅନ୍ନପୂର୍ଣ୍ଣା ପର୍ବତ** ହିମାଳୟ ପର୍ବତମାଳାର ଅଂଶବିଶେଷ ୧୦୬

**ଅପ୍‌ଟିକାଲ ଫାଇବର** ଆଲୋକ ମାଧ୍ୟମରେ ଡେଟା ବା ସନ୍ଦେଶ ବହନ କରୁଥିବା କେବଲ୍ ୧୦୬

**ଅପ୍‌ସରା** ଦେବତା ମାନଙ୍କ ଚିତ୍ତବିନୋଦନ କରୁଥିବା ଲାସ୍ୟମୟୀ ନାରୀ ୧୦୭

**ଅପରାଧ** ଆଇନଦ୍ୱାରା ଦଣ୍ଡନୀୟ କାର୍ଯ୍ୟ କରିବା ଓ ସେଭଳି କରିବାର ପ୍ରବୃତ୍ତି ୧୦୭

**ଅପୋସମ୍** ବୃକ୍ଷବାସୀ ସ୍ତନ୍ୟପାୟୀ ପ୍ରାଣୀ ୧୦୭

**ଅଫ୍‌ସେଟ ଛାପା** ଗୋଟିଏ ଧରଣର ମୁଦ୍ରଣ ପଦ୍ଧତି ୧୦୮

**ଅଫିମ** ପପି ଗଛରୁ ବାହାରୁଥିବା ନିଶା-ଔଷଧୀୟ ଅଠା ୧୦୮

**ଅବତାର** ବିଷ୍ଣୁଙ୍କ ଭିନ୍ନ ଭିନ୍ନ ଜନ୍ମ ୧୦୮

**ଅବଦୁଲ୍ ଗଫର ଖାଁ** 'ସୀମାନ୍ତ ଗାନ୍ଧୀ' ଭାବେ ଜଣା ଭାରତୀୟ ସ୍ୱାଧୀନତା ସଂଗ୍ରାମର ଅମ୍ଲାନ ଯୋଦ୍ଧା ୧୦୮

**ଅବନୀନ୍ଦ୍ରନାଥ ଠାକୁର** ପ୍ରସିଦ୍ଧ ଚିତ୍ରଶିଳ୍ପୀ ୧୦୯

**ଅବସାଦ** ମନସ୍ତାତ୍ତ୍ୱିକ ଅବସ୍ଥା ଓ ନୈରାଶ୍ୟଜନିତ ରୋଗ ୧୧୦

**ଅବୁ ବକ୍‌କର** ପ୍ରଥମ ମୁସଲମାନ ଖଲିଫା ୧୧୦

**ଅବୁଲ୍ କଲାମ ଆଜାଦ** ଭାରତୀୟ ସ୍ୱାଧୀନତା ସଂଗ୍ରାମର ଅମ୍ଲାନ ରଥୀ ୧୧୦

**ଅବୁଲ୍ ଫଜଲ୍** ଫାରସୀ ପଣ୍ଡିତ ଓ ଲେଖକ ୧୧୧

**ଅଭଦ୍ରତା** ଭଦ୍ରତାର ବିପରୀତ ଆଚରଣ ୧୧୧

**ଅଭିଜ୍ଞାନ ଶାକୁନ୍ତଳମ୍** କାଳିଦାସଙ୍କ ରଚିତ ପ୍ରସିଦ୍ଧ ନାଟକ ୧୧୧

**ଅଭିଧମ୍ମ ପିଟକ** ବୌଦ୍ଧ ଧର୍ମ ଗ୍ରନ୍ଥରାଜି ତ୍ରିପିଟକ ଭିତରୁ ଅନ୍ୟତମ ୧୧୧

**ଅଭିଧାନ** ସାଧାରଣତଃ ବର୍ଣ୍ଣମାଳା ଅନୁସାରେ ସଜାଯାଇଥିବା ଶବ୍ଦାର୍ଥ କୋଷ ୧୧୧

**ଅଭିମନ୍ୟୁ ସାମନ୍ତସିଂହାର** ଓଡ଼ିଶାର ପ୍ରସିଦ୍ଧ ସାଧକ ଓ କବି ୧୧୩

**ଅଭିଲେଖାଗାର** ଐତିହାସିକ ରେକର୍ଡ ଓ ମୂଲ୍ୟବାନ ସରକାରୀ କାଗଜପତ୍ର ସଜାଡ଼ି ରଖୁଥିବା ସଂଗ୍ରହାଳୟ ୧୧୩

**ଅଭିଷେକ** ମନ୍ତ୍ରପୁତ ବିବିଧ ଦ୍ରବ୍ୟ ଦ୍ୱାରା ସ୍ନାନ କରାଇବାର ବିଧି ୧୧୩

**ଅଭ୍ୟାସ** ଚିନ୍ତା ନ କରି ସହଜରେ କରିପାରୁଥିବା କାର୍ଯ୍ୟ ୧୧୩

**ଅଭ୍ର** ଶିଳାଜ ଖଣିଜ ପଦାର୍ଥ ୧୧୪

**ଅମରକଣ୍ଟକ** ହିନ୍ଦୁ ମାନଙ୍କର ପବିତ୍ର ତୀର୍ଥସ୍ଥାନ ୧୧୪

**ଅମରକୋଷ** ସଂସ୍କୃତ ଭାଷାରେ ରଚିତ କୋଷ-ଗ୍ରନ୍ଥ ୧୧୪

**ଅମରନାଥ** କାଶ୍ମୀର ରାଜ୍ୟର ପ୍ରସିଦ୍ଧ ହିନ୍ଦୁ ତୀର୍ଥ ୧୧୪

**ଅମର ସିଂହ** ସଂସ୍କୃତ 'ଅମରକୋଷ'ର ପ୍ରଣେତା ୧୧୪

**ଅମଲାତନ୍ତ୍ର** ବ୍ୟୁରୋକ୍ରେସି ୧୧୪

**ଅମାବାସ୍ୟା** କୃଷ୍ଣପକ୍ଷର ପଞ୍ଚଦଶ ତିଥି ୧୧୪

**ଅମିନ, ଇଦି** ଉଗାଣ୍ଡା ଦେଶର ନିଷ୍ଠୁର ତଥା ଅତ୍ୟାଗ୍ରହୀ ଏକଛତ୍ର ଶାସକ ୧୧୪

**ଅମୀର ଖୁସ୍ରୋ** ପ୍ରସିଦ୍ଧ ଫାରସୀ କବି ୧୧୫

**ଅମୃତଭଣ୍ଡା** ପରିବା ଓ ଫଳ ରୂପେ ଖିଆଯାଉଥିବା ଫଳ ୧୧୫

**ଅମୃତସର** ପଞ୍ଜାବରେ ଶିଖ ଧର୍ମର ପ୍ରଧାନ ଉପାସନା ପୀଠ ରହିଥିବା ସହର ୧୧୫

**ଅମେରୁଦଣ୍ଡୀ ପ୍ରାଣୀ** ପ୍ରାଣୀ ଜଗତରେ ଥିବା ମେରୁଦଣ୍ଡ-ବିହୀନ ଜୀବବର୍ଗ ୧୧୫

**ଅମ୍ବୁସମାନ** ସାଧାରଣତଃ ସରକାରଙ୍କ ବିରୁଦ୍ଧରେ ନାଗରିକଙ୍କ ଆପତ୍ତି ଅଭିଯୋଗ ଶୁଣୁଥିବା ଗୁରୁତ୍ୱପୂର୍ଣ୍ଣ ପଦାଧିକାରୀ ୧୧୬

**ଅମ୍ଳଜାନ** ଜୀବନ ସୃଷ୍ଟିର ମୁଖ୍ୟ ସହାୟକ ରାସାୟନିକ ମୌଳିକ ଉପାଦାନ ୧୧୬

**ଅମ୍ଳଜାନ ଚକ୍ର** ଅମ୍ଳଜାନ ବାୟୁର ଭୂମଣ୍ଡଳରେ ଚଳାଚଳ ୧୧୭

**ଅୟଷ୍ଟର** ଖାଦ୍ୟୋପଯୋଗୀ ସମୁଦ୍ର-ଶାମୁକା ୧୧୭

**ଅଯୋଧ୍ୟା** ଉତ୍ତର ପ୍ରଦେଶର ପୁରାଣ ତଥା ଇତିହାସ ପ୍ରସିଦ୍ଧ ସହର ୧୧୭

**ଅରଟ** ହାତରେ ସୂତା କାଟିବା ନିମନ୍ତେ ବ୍ୟବହୃତ ସରଳ ଯନ୍ତ୍ର ୧୧୭

**ଅରଣ୍ୟ** ତରୁଲତା ତଥା ଜୀବଜନ୍ତୁଭରା ବିସ୍ତୀର୍ଣ୍ଣ ଅଞ୍ଚଳ ୧୧୮

**ଅରବିନ୍ଦ ଘୋଷ** ବିପ୍ଳବୀ ଓ ସାଧକ ୧୨୦

**ଅରିକ୍‌ସ** ଲୋପ ହୋଇଯିବାର ସମ୍ଭାବନା ଥିବା ସ୍ତନ୍ୟପାୟୀ ପ୍ରାଣୀ ୧୨୦

**ଅରିବି** ସ୍ତନ୍ୟପାୟୀ ପ୍ରାଣୀ ୧୨୦

**ଅରୁଣାଚଳ ପ୍ରଦେଶ** ଚୀନ ସୀମାକୁ ଲାଗିଥିବା ଭାରତୀୟ ପ୍ରଦେଶ ୧୨୧

**ଅର୍ଥନୀତି** ସାଧାରଣତଃ ଖର୍ଚ୍ଚ ଦୃଷ୍ଟିରୁ ପଦାର୍ଥର ଉତ୍ପାଦନ, ବିତରଣ ଓ ଉପଯୋଗ ନିମନ୍ତେ ସୁସ୍ପଷ୍ଟ ବିଜ୍ଞାନସମ୍ମତ ନିୟମ ତଥା ସାମାଜିକ ନୀତି ୧୨୧

**ଅର୍ଦ୍ଧନାରୀଶ୍ୱର** ଶିବ ଓ ପାର୍ବତୀଙ୍କ ମିଳିତ ରୂପରେ ଥିବା ଦେବତା ୧୨୧

**ଅଲ୍-ଖ୍ୱାରିଜ୍‌ମି** ଆରବ ଗଣିତଜ୍ଞ ୧୨୨

**ଅଲ୍‌ଟରନେଟିଙ୍ଗ କରେଣ୍ଟ** ନିର୍ଦ୍ଦିଷ୍ଟ ଧରଣର ବିଦ୍ୟୁତ୍ ପ୍ରବାହ ସ୍ରୋତ ୧୨୨

**ଅଲ୍‌ବିରୁନି** ମଧ୍ୟ-ଏସିଆରେ ଜନ୍ମ ହୋଇଥିବା ଇସ୍‌ଲାମୀୟ ବିଦ୍ୱାନ ୧୨୨

**ଅଲିଭ** ଅର୍ଥକରୀ ଭୂମଧ୍ୟ-ସାଗରୀୟ ଉଦ୍‌ଭିଦ ୧୨୨

**ଅଲିମ୍ପିକ କ୍ରୀଡ଼ା** ପୃଥିବୀର

ଶ୍ରେଷ୍ଠ କ୍ରୀଡ଼ା ପ୍ରତିଯୋଗିତା ଓ ସମାରୋହ ୧୨୨
**ଅଲିସେସ ମହାକାଶ ପ୍ରୋବ୍** ସୂର୍ଯ୍ୟ ଅଭିମୁଖେ ପଠାଯାଇଥିବା ମହାକାଶଯାନ ୧୨୩
**ଅଲେଖ** ମହିମା ଗୋସାଇଁଙ୍କ ପ୍ରବର୍ତ୍ତିତ ଧର୍ମ ୧୨୪
**ଅଲକାଶ୍ରମ** ଅସହଯୋଗ ଆନ୍ଦୋଳନ ସମୟର ସଂଗଠନ କେନ୍ଦ୍ର ୧୨୪
**ଅଳଙ୍କାର** ଶରୀରର ଶୋଭା ବଢ଼ାଇବା ନିମନ୍ତେ ପିନ୍ଧା ଯାଉଥିବା 'ଗହଣା' ୧୨୪
**ଅଳାଇଚ ଓ ଗୁଜୁରାତି** ସୁଗନ୍ଧଯୁକ୍ତ ମସଲା ୧୨୪
**ଅଶୋକ** ମଗଧର ଦିଗ୍‌ବିଜୟୀ ସମ୍ରାଟ ୧୨୫
**ଅଶୋକ** ମହତ୍ତ୍ୱପୂର୍ଣ୍ଣ ବୃକ୍ଷ ୧୨୫
**ଅଶୋକ ଅନୁଶାସନ** ଅଶୋକଙ୍କ ରାଜତ୍ୱ ସମୟରେ 'ରଚିତ' ହୋଇଥିବା ଶିଳାଲେଖ ୧୨୫
**ଅଶୋକ ସ୍ତମ୍ଭ** ଅଶୋକଙ୍କ ଧର୍ମ ପ୍ରଚାର ସ୍ତମ୍ଭ ଓ ଭାରତର ଜାତୀୟ ଚିହ୍ନ ୧୨୫
**ଅଶ୍ୱଘୋଷ** ପ୍ରସିଦ୍ଧ ସଂସ୍କୃତ ଲେଖକ ତଥା ଦାର୍ଶନିକ ୧୨୬
**ଅଶ୍ୱତ୍ଥ** ହିନ୍ଦୁ ଓ ବୌଦ୍ଧ ଧର୍ମ ଦୃଷ୍ଟିରୁ ମହତ୍ତ୍ୱପୂର୍ଣ୍ଣ ବୃକ୍ଷ ୧୨୬
**ଅଶ୍ୱଶକ୍ତି** ଉର୍ଜାର କାର୍ଯ୍ୟକ୍ଷମତା ମାପିବା ଏକକ ୧୨୬
**ଅଷ୍ଟାଦଶ ପୁରାଣ** ୧୮ଟି ପୁରାଣର ସମାହାର ୧୨୬
**ଅଷ୍ଟିଓମାଇଲାଇଟିସ୍** ଅସ୍ଥି ସଂକ୍ରମଣ ଜନିତ ଅସୁବିଧା ୧୨୬
**ଅଷ୍ଟ୍ରାଲଏଡ୍** ଭୌଗୋଳିକ ଜାତି ୧୨୬
**ଅଷ୍ଟ୍ରିଆ** ଇଉରୋପ ମହାଦେଶର ସାର୍ବଭୌମ ରାଜ୍ୟ ୧୨୬
**ଅଷ୍ଟ୍ରେଲିଆ** ପ୍ରଶାନ୍ତ ମହାସାଗରରେ ଥିବା ସାର୍ବଭୌମ ଦେଶ-ମହାଦେଶ ୧୨୬
**ଅଷ୍ଟ୍ରେଲୀୟ ମରୁଭୂମି** ଅଷ୍ଟ୍ରେଲିଆର ଗୋଟିଏ ମରୁଅଞ୍ଚଳ ୧୨୮
**ଅସଂକ୍ରମୀକରଣ** ଇମ୍ୟୁନାଇଜେସନ ଦ୍ୱାରା ଶରୀରରେ ଅସଂକ୍ରାମ୍ୟତାର ସୃଷ୍ଟି ଓ ବର୍ଦ୍ଧନ ପ୍ରକ୍ରିୟା ୧୨୮
**ଅସଂକ୍ରାମ୍ୟତା ଓ ଶରୀର ପ୍ରତିରକ୍ଷା ବ୍ୟବସ୍ଥା** ମାନବ ଶରୀରରେ କ୍ଷତ ଓ ରୋଗ ନିରାକରଣ ନିମନ୍ତେ ପ୍ରକୃତି ସୃଷ୍ଟ ରାସାୟନିକ ଓ ଅନ୍ୟାନ୍ୟ ବ୍ୟବସ୍ଥା ୧୨୯
**ଅସ୍କାର** ସିନେମା ଜଗତର ମହତ୍ତ୍ୱପୂର୍ଣ୍ଣ ପୁରସ୍କାର ୧୩୩
**ଅସ୍‌ଟ୍ରିଚ୍** ଆଧୁନିକ ଯୁଗର ସବୁଠାରୁ ବଡ଼ ପକ୍ଷୀ ୧୩୩
**ଅସ୍‌ପ୍ରେ** ଶିକାରୀ ପକ୍ଷୀ ୧୩୪
**ଅସ୍‌ମିଅମ୍** ରାସାୟନିକ ମୌଳିକ ଉପାଦାନ ୧୩୪
**ଅସ୍‌ମୋସିସ** ଗୋଟିଏ ପ୍ରକାରର ଦ୍ରବଣ ଗତି ପ୍ରକ୍ରିୟା ୧୩୪
**ଅସରପା** କୀଟ-ପତଙ୍ଗ ଜଗତର କାଳଜୟୀ ସଭ୍ୟ ୧୩୪
**ଅସହଯୋଗ ଆନ୍ଦୋଳନ** ମହାତ୍ମାଙ୍କ ନେତୃତ୍ୱରେ ଭାରତୀୟ ସ୍ୱାଧୀନତା ଆନ୍ଦୋଳନର ପ୍ରଥମ ମହତ୍ତ୍ୱପୂର୍ଣ୍ଣ ପର୍ଯ୍ୟାୟ ୧୩୫
**ଅସ୍ତ୍ରଶସ୍ତ୍ର** ନିଜର ପ୍ରତିରକ୍ଷା ଓ ଅନ୍ୟାନ୍ୟ ଉଦ୍ଦେଶ୍ୟରେ ମଣିଷ ତିଆରି କରୁଥିବା ମାରଣ ଓ ଅନ୍ୟାନ୍ୟ ଉପାଦାନ ୧୩୬
**ଅସ୍ଥି ଓ ଅସ୍ଥିବିଭାଗ** ଶରୀରକୁ ସମ୍ଭାଳୁଥିବା ହାଡ଼ ଓ ହାଡ଼ ଛାଞ୍ଚ ୧୩୯
**ଅସ୍ଥିମଜ୍ଜା** ଅସ୍ଥି ଭିତରେ ଥିବା ରକ୍ତ ସୃଷ୍ଟିକାରୀ ତନ୍ତୁ-ସମୂହ ୧୪୩
**ଅହଂକାର** ସାଂଖ୍ୟ ଦର୍ଶନ ମତବାଦର ଗୋଟିଏ ଦିଗ ୧୪୩
**ଅହମ୍ମଦ ଶାହା** ଭାରତର ଜଣେ ମୋଗଲ ସମ୍ରାଟ ୧୪୩
**ଅହମ୍ମଦ ଶାହା ଦୁର୍‌ରାନୀ** ଆଫ୍‌ଗାନିସ୍ତାନର ପ୍ରଥମ ରାଜା ୧୪୩
**ଅହମ୍ମଦାବାଦ** ଗୁଜୁରାଟ ପ୍ରଦେଶର ପ୍ରସିଦ୍ଧ ସହର ୧୪୩
**ଅହମ୍ମଦିଆ** ଆଧୁନିକ ଇସ୍‌ଲାମୀୟ ସଂପ୍ରଦାୟ ୧୪୩
**ଅହଲ୍ୟା** ପୁରାଣରେ ବର୍ଣ୍ଣିତ ନାରୀ ଚରିତ୍ର ୧୪୩
**ଅହଲ୍ୟାବାଈ** ମାଳବ ରାଜ୍ୟର ରାଣୀ ୧୪୪
**ଅହିଂସା** ଜୈନ ତଥା ହିନ୍ଦୁ ନୀତିଶାସ୍ତ୍ରର ମୌଳିକ ନିର୍ଦ୍ଦେଶ ଓ ଦିଗ ୧୪୪
**ଅହିର** ଉତ୍ତର, ମଧ୍ୟ ଭାରତ ଅଞ୍ଚଳର ଜାତି ୧୪୪
**ଅହିରାଜ** ସବୁଠାରୁ ବଡ଼ ଗୋଖର ଜାତୀୟ ବିଷଧର ସାପ ୧୪୪
**ଅକ୍ଷମତା** ଶରୀର ବା ମନ ସ୍ୱାଭାବିକ ଭାବେ କାମ ନ କରିବା ଅବସ୍ଥା ୧୪୫
**ଅକ୍ଷୟ ତୃତୀୟା** ଧର୍ମ ଦୃଷ୍ଟିରୁ ମହତ୍ତ୍ୱପୂର୍ଣ୍ଣ ବୈଶାଖ ମାସର ଶୁକ୍ଳ ତୃତୀୟା ୧୪୫
**ଅକ୍ଷର** ଲିଖିତ ଭାଷାରେ ଭାବ ପ୍ରକାଶ ପାଇଁ ବର୍ଣ୍ଣମାଳାରେ ନିର୍ଦ୍ଦିଷ୍ଟ ସ୍ଥାନରେ ସଜାଯାଇଥିବା ବର୍ଣ୍ଣ ୧୪୫
**ଅକ୍ଷାଂଶ-ଦ୍ରାଘିମା** ବିଷୁବ ରେଖାର ଉତ୍ତର ଓ ଦକ୍ଷିଣକୁ ତଥା ଗ୍ରୀନ୍‌ଉଇଚ୍‌ର ପୂର୍ବ ଓ ପଶ୍ଚିମ ମାପକୁ ଜଣାଉଥିବା ଡିଗ୍ରୀ ରେଖା ୧୪୮

**ଆ** ଓଡ଼ିଆ ବର୍ଣ୍ଣମାଳାର ଦ୍ୱିତୀୟ ଅକ୍ଷର ୧୪୯
**ଆଇ.ଏ.ଏସ୍** ଭାରତୀୟ ପ୍ରଶାସନିକ ସେବା ୧୪୯
**ଆଇଖ୍‌ମ୍ୟାନ୍, କାର୍ଲ ଆଡଲ୍‌ଫ୍** ନାଜୀ ଜର୍ମାନୀର ଇହୁଦୀ ଗଣହତ୍ୟାକାରୀ ୧୪୯
**ଆଇଜେନ୍‌ଷ୍ଟାଟ୍, ଆଲ୍‌ଫ୍ରେଡ୍** ବିଂଶ ଶତାବ୍ଦୀର ଜଣେ ଶ୍ରେଷ୍ଠ ଫଟୋଗ୍ରାଫର ୧୪୯
**ଆଇଜେନ୍‌ହାୱାର, ଡ୍ୱାଇଟ ଡାଭିଡ୍** ଆମେରିକୀୟ ସେନାପତି ଓ ପ୍ରେସିଡେଣ୍ଟ ୧୪୯
**ଆଇଟର୍‌ବିଅମ୍** ରାସାୟନିକ ମୌଳିକ ଉପାଦାନ ୧୫୦
**ଆଇଟ୍ରିଅମ୍** ରାସାୟନିକ ମୌଳିକ ଉପାଦାନ ୧୫୦
**ଆଇନ** ଦେଶ ଭିତରେ ତଥା

ଆନ୍ତଃଦେଶୀୟ ବ୍ୟବହାରକୁ
ନିୟନ୍ତ୍ରଣ କରୁଥିବା ପ୍ରଥା କିମ୍ବା
ଶାସନ ସୃଷ୍ଟ
ନିୟମାବଳୀ ୧୫୦
**ଆଇନ ଅମାନ୍ୟ ଆନ୍ଦୋଳନ**
ଭାରତୀୟ ସ୍ୱାଧୀନତା
ଆନ୍ଦୋଳନର ମହତ୍ତ୍ୱପୂର୍ଣ୍ଣ ମଧ୍ୟ
ପର୍ଯ୍ୟାୟ ୧୫୦
**ଆଇନ କୋଡ୍** ଶୃଙ୍ଖଳିତ
ଢଙ୍ଗରେ ଲେଖାଯାଇଥିବା
ଆଇନ ସଂକ୍ରାନ୍ତୀୟ ଉଲ୍ଲେଖ ବା
କଥନ ୧୫୧
**ଆଇନ ରିପୋଟ** ଆଇନଗତ
ତର୍ଜ୍ଜମାର ଉଲ୍ଲେଖ ଥିବା
ପ୍ରକାଶନ ୧୫୧
**ଆଇନଷ୍ଟାଇନ, ଆଲବର୍ଟ**
ପଦାର୍ଥବିଦ୍ୟାବିତ୍ ତଥା ମାନବ
ଇତିହାସରେ ଜଣେ ଶ୍ରେଷ୍ଠ
ଭାବୁକ ୧୫୧
**ଆଇନଷ୍ଟାଇନ-ବୋଷ**
**କଣ୍ଡେନସେଟ୍** ପଦାର୍ଥର
ଗୋଟିଏ ଅତି ବିରଳ ଅବସ୍ଥା
ସ୍ତର ୧୫୩
**ଆଇନଷ୍ଟିନିୟମ୍** ରାସାୟନିକ
ମୌଳିକ ଉପାଦାନ ୧୫୪
**ଆଇଫେଲ୍ ଟାୱାର** ପାରିସ
ସହରରେ ଥିବା ଗୋଟିଏ ଶ୍ରେଷ୍ଠ
ସ୍ମାରକୀ କୃତି ୧୫୪
**ଆଇସ୍‌କ୍ରିମ୍** ହିମିକୃତ
ଖାଦ୍ୟ ୧୫୪
**ଆଇସ୍‌ବର୍ଗ** ସମୁଦ୍ରରେ
ଭାସୁଥିବା ମଧୁର-ଜଳ-ସମଷ୍ଟିର
'ବରଫ ପାହାଡ଼' ୧୫୪
**ଆଇସ୍‌ଲାଣ୍ଡ** ଆର୍କଟିକ୍
ଅଞ୍ଚଳର ସାର୍ବଭୌମ
ରାଷ୍ଟ୍ର ୧୫୫
**ଆଇସୋଟପ୍** ଏକା
ରାସାୟନିକ ମୌଳିକ
ଉପାଦାନର ଭିନ୍ନ ଭିନ୍ନ
ନାଭିକୀୟ ରୂପ ୧୫୫
**ଆକ୍ଟିନିୟମ୍** ରାସାୟନିକ
ମୌଳିକ ଉପାଦାନ ୧୫୫
**ଆକବର** ପ୍ରସିଦ୍ଧ ମୋଗଲ
ସମ୍ରାଟ ୧୫୬
**ଆକାଡେମୀ** ପୁରାତନ ଗ୍ରୀସ୍‌ର
ପ୍ରସିଦ୍ଧ ବିଦ୍ୟାନୁଷ୍ଠାନ ୧୫୬
**ଆକାଶ** ପୃଥିବୀକୁ ଘେରି
ରହିଥିବା ବାୟୁମଣ୍ଡଳ ୧୫୬
**ଆକାଶବାଣୀ** ଭାରତ
ସରକାରଙ୍କ ରେଡିଓ
ସେବା ୧୫୭
**ଆକାଶମୁଖୀ** ଶୈବ-ସନ୍ନ୍ୟାସୀ
ସଂପ୍ରଦାୟ ୧୫୭
**ଆକିହିଟୋ** ଜାପାନୀ
ସମ୍ରାଟ ୧୫୭
**ଆକୁପଙ୍କଚର** ମହତ୍ତ୍ୱପୂର୍ଣ୍ଣ
ଚୀନା ଚିକିତ୍ସାପଦ୍ଧତି ୧୫୮
**ଆକୋଙ୍କାଗୁଆ** ଦକ୍ଷିଣ
ଆମେରିକା ମହାଦେଶରେ ଥିବା
ପର୍ବତ ଶୃଙ୍ଗ ୧୫୮
**ଆକ୍ୱାବା ଉପସାଗର** ଲୋହିତ
ସାଗରର ଉତ୍ତର-ପୂର୍ବ
ଅଂଶ ୧୫୮
**ଆକ୍ୱିନୋ, ମାରିଆ**
**କୋରାଜନ** ଫିଲିପାଇନ୍‌ସ୍
ଗଣତାନ୍ତ୍ରିକ ଆନ୍ଦୋଳନର
ନେତ୍ରୀ ୧୫୮
**ଆକ୍ରମଣ** ଆନ୍ତର୍ଜାତୀୟ ଆଇନ
ତଥା ସଂପର୍କ କ୍ଷେତ୍ରରେ ସୃଷ୍ଟି
ହେଉଥିବା ଅବସ୍ଥା ୧୫୮
**ଆକ୍ରୋପଲିସ୍** ପୁରାତନ ଗ୍ରୀକ୍
ସହର ଗୁଡ଼ିକରେ ଥିବା
କେନ୍ଦ୍ରୀୟ ଅଞ୍ଚଳର ନାମ ୧୫୯
**ଆଖି** ମାନବ ଶରୀରର
ସବୁଠାରୁ ଗୁରୁତ୍ୱପୂର୍ଣ୍ଣ
ଅପ୍‌ଟିକୀୟ ସମ୍ବେଦୀ
ଇନ୍ଦ୍ରିୟ ୧୫୯
**ଆଖି ଓ ଦୃଷ୍ଟିକ୍ରିୟା** ଆଖିର
କାର୍ଯ୍ୟପ୍ରଣାଳୀ ଓ ଦୃଷ୍ଟିଶକ୍ତି ସୃଷ୍ଟି
ପ୍ରକ୍ରିୟା ୧୬୧
**ଆଖୁ** ଅର୍ଥକରୀ ଘାସଜାତୀୟ
ମିଠା ଉଦ୍‌ଭିଦ ୧୬୨
**ଆଖ୍ୟାନ** ଅଥର୍ବ ବେଦ ତଥା
ଋଗ୍ ବେଦରେ ଥିବା କେତେକ
ସ୍ୱତନ୍ତ୍ର ଉଲ୍ଲେଖ ୧୬୩
**ଆଗମ** ଶୈବ-ତାନ୍ତ୍ରିକ
ରଚନା ୧୬୩
**ଆଗା ଖାଁ** ଇସ୍‌ଲାମ ଜଗତରେ
ଗୋଟିଏ ସଂପ୍ରଦାୟର
ଇମାମ ୧୬୩
**ଆଗୌଟି** ମୂଷା ଜାତୀୟ
ଜୀବ ୧୬୪
**ଆଗ୍ନେୟଗିରି** ପୃଥିବୀ
ଅଭ୍ୟନ୍ତରରୁ ଲାଭା ଓ ଅନ୍ୟାନ୍ୟ
ପଦାର୍ଥ ଯେଉଁ ପର୍ବତ ବା
ଶୃଙ୍ଗର ମୁଖଗହ୍ୱର ଦେଇ
ବାହାରକୁ ଚାଲି-
ଆସିଥାଏ ୧୬୪
**ଆଗ୍ନେୟାସ୍ତ୍ର** ଗୋଟାଏ ପ୍ରକାରର
ଅସ୍ତ୍ର ୧୬୫
**ଆଗ୍ରା** ଉତ୍ତରପ୍ରଦେଶର
ତାଜମହଲ ପାଇଁ ବିଖ୍ୟାତ
ଇତିହାସ ପ୍ରସିଦ୍ଧ ସହର ୧୬୫
**ଆଗ୍ରିଗେଟ୍** ନିର୍ମାଣ କାର୍ଯ୍ୟରେ
ବ୍ୟବହୃତ କେତେକ ପଦାର୍ଥର
ସାମଗ୍ରିକ ନାମ ୧୬୫
**ଆଙ୍କୋର** ପୁରାତନ ଦକ୍ଷିଣ-
ପୂର୍ବ ଏସିଆର ଗୋଟିଏ ଶ୍ରେଷ୍ଠ
ରାଜତ୍ୱ ଓ କଳାକୃତି ୧୬୫
**ଆଙ୍ଗଷ୍ଟ୍ରମ୍, ଆଣ୍ଡର୍‌ସ୍**
**ଜୋନାସ** ସ୍ୱିଡେନ ଦେଶର
ପଦାର୍ଥବିଦ୍ୟାବିତ୍ ୧୬୬
**ଆଙ୍ଗୋଲା** ଆଫ୍ରିକା
ମହାଦେଶର ସାର୍ବଭୌମ
ରାଜ୍ୟ ୧୬୬
**ଆଙ୍ଗ୍ଲୋଇଣ୍ଡିଆନ୍**
ଇଉରୋପୀୟ ମାନଙ୍କ ସହ
ଭାରତୀୟଙ୍କ ବିବାହରୁ ଜାତ
ହୋଇଥିବା ସନ୍ତାନ-
ସନ୍ତତି ୧୬୭
**ଆଚାର** ସମାଜରେ ଚଳିବା
ପାଇଁ ଜଣେ ମାନୁଥିବା ଆଦର୍ଶ
ନିୟମ ୧୬୭
**ଆଚାର** ଦୀର୍ଘ ଦିନ ଧରି ଭଲ
ରହୁଥିବା ଗୋଟିଏ ପ୍ରକାରର
ଖାଦ୍ୟ ପଦାର୍ଥ ୧୬୭
**ଆଚାର୍ଯ୍ୟ** ଜ୍ଞାନୀ ତଥା
ଆଚରଣରେ ଶୁଦ୍ଧ
ବ୍ୟକ୍ତିତ୍ୱ ୧୬୭
**'ଆଚାର୍ଯ୍ୟ' କୃପାଳିନୀ**
ଭାରତୀୟ ସ୍ୱାଧୀନତା
ଆନ୍ଦୋଳନର ଅମ୍ଲାନ
ରଥୀ ୧୬୭
**'ଆଚାର୍ଯ୍ୟ' ବିନୋବା ଭାବେ**
ବିଦ୍ୱାନ, ସ୍ୱାଧୀନତା ସଂଗ୍ରାମର
ଯୋଦ୍ଧା ତଥା ସର୍ବୋଦୟ
ଆନ୍ଦୋଳନର ସ୍ରଷ୍ଟା ୧୬୭
**'ଆଚାର୍ଯ୍ୟ' ହରିହର ଦାଶ**
ଭାରତୀୟ ସ୍ୱାଧୀନତା
ଆନ୍ଦୋଳନର ଅମ୍ଲାନ
ରଥୀ ତଥା ସନ୍ଥ ୧୬୮
**ଆଜ୍‌ଟେକ** ପୁରାତନ କେନ୍ଦ୍ର
ଆମେରିକୀୟ ସଭ୍ୟତା ୧୬୮
**ଆଜ୍‌ବେଷ୍ଟସ** ଅଗ୍ନି-ପ୍ରତିରୋଧୀ
ଖଣିଜ ପଦାର୍ଥ ୧୬୮
**ଆଜ୍‌ମୀର** ହିନ୍ଦୁ ଓ ଇସ୍‌ଲାମ
ସଭ୍ୟତାର ଗୋଟିଏ ମିଳନ ସ୍ଥଳ
ତଥା ପ୍ରସିଦ୍ଧ ସହର ୧୬୯

**ଆଜଗର ପର୍ବ** ମହାଭାରତର ଗୋଟିଏ ମହତ୍ତ୍ୱପୂର୍ଣ୍ଣ ଆଖ୍ୟାୟିକା *୧୬୯*

**'ଆଜାଦ୍ କାଶ୍ମୀର'** ପାକିସ୍ତାନ ମାଡ଼ିବସିଥିବା ଭାରତୀୟ ଅଞ୍ଚଳ *୧୬୯*

**ଆଜାଦ୍ ହିନ୍ଦ୍ ଫୌଜ** ଭାରତର ସ୍ୱାଧୀନତା ନିମନ୍ତେ ନେତାଜୀଙ୍କ ଦ୍ୱାରା ସଂଗଠିତ ବିପ୍ଳବୀ ସୈନ୍ୟବାହିନୀ *୧୬୯*

**ଆଜୀବିକ** ଜୈନ ଓ ବୌଦ୍ଧ ଧର୍ମ ସମୟର ସନ୍ନ୍ୟାସ ସଂପ୍ରଦାୟ *୧୭୦*

**ଆଞ୍ଜେଲ ଜଳପ୍ରପାତ** ପୃଥିବୀର ଉଚ୍ଚତମ ଜଳ-ପ୍ରପାତ *୧୭୦*

**ଆଟ୍‌ଲାଣ୍ଟିକ ମହାସାଗର** ପୃଥିବୀର ଦ୍ୱିତୀୟ ବୃହତ୍ତମ ମହାସାଗର *୧୭୦*

**ଆଟ୍‌ଲାଣ୍ଟିକ ସନନ୍ଦ** ଦ୍ୱିତୀୟ ମହାଯୁଦ୍ଧ ସମୟର ମହତ୍ତ୍ୱପୂର୍ଣ୍ଣ ଘୋଷଣାନାମା *୧୭୧*

**ଆଟ୍‌ଲାସ୍** ମାନଚିତ୍ର-ପୁସ୍ତକ *୧୭୧*

**ଆଟ୍‌ଲାସ୍ ଅସ୍ଥି** ମେରୁଦଣ୍ଡରେ ଥିବା ଗୋଟିଏ ଅସ୍ଥି *୧୭୧*

**ଆଟ୍‌ଲାସ୍ ଦେବତା** ଗ୍ରୀକ୍ ପୁରାଣର ଦେବତା *୧୭୨*

**ଆଟ୍‌ଲାସ୍ ପର୍ବତମାଳା** ଆଫ୍ରିକା ମହାଦେଶରେ ଥିବା ପର୍ବତମାଳା *୧୭୨*

**ଆଟର୍ଣ୍ଣି ଜେନେରାଲ** ଭାରତ ସରକାରଙ୍କ ପ୍ରଧାନ ଆଇନ ପରାମର୍ଶଦାତା *୧୭୨*

**ଆଟେନବରୋ, ଡାଭିଡ ଫ୍ରେଡେରିକ୍** ଇଂରେଜ ପ୍ରକୃତିବିତ୍ ଓ ବ୍ରଡକାଷ୍ଟର *୧୭୨*

**ଆଟେନବରୋ, ରିଚାର୍ଡ ସାମୁଏଲ** 'ଗାନ୍ଧୀ' ଚଳଚ୍ଚିତ୍ରର ନିର୍ମାତା *୧୭୨*

**ଆଟ୍ରଫି** ଶରୀରରେ ଦେଖାଦେଉଥିବା ଅଙ୍ଗଶୋଷ ଅବସ୍ଥା *୧୭୨*

**ଆଠଗଡ଼** କଟକ ଜିଲାର ଗୋଟିଏ ସବ୍‌ଡିଭିଜନ *୧୭୨*

**ଆଠମଲ୍ଲିକ** ଅନୁଗୁଳ ଜିଲାର ଗୋଟିଏ ସବ୍‌ଡିଭିଜନ *୧୭୨*

**ଆଡ୍‌ବର୍** ତାମିଲ ଅଞ୍ଚଳର 'ବୈରାଗୀ' ସଂପ୍ରଦାୟ *୧୭୨*

**ଆଡ୍‌ଭାର୍କ** ଆଫ୍ରିକାରେ ଦେଖାଯାଉଥିବା ବିରଳ ଜୀବ *୧୭୩*

**ଆଡ୍‌ଭୋକେଟ** ଆଇନ ସଂକ୍ରାନ୍ତୀୟ ବୃତ୍ତିଗତ ଯୋଗ୍ୟତା ଥିବା ବ୍ୟକ୍ତି *୧୭୩*

**ଆଡ୍‌ଭୋକେଟ ଜେନେରାଲ** ରାଜ୍ୟ ସରକାରଙ୍କର ପ୍ରଧାନ ଆଇନ ପରାମର୍ଶଦାତା *୧୭୩*

**ଆଡ୍‌ବାୟା** ନିର୍ଦ୍ଦିଷ୍ଟ ମାନସିକତା ଧାରଣ କରୁଥିବା ବ୍ୟକ୍ତି *୧୭୩*

**'ଆଡଲ୍‌ଟରୀ'** ବିବାହିତ ଜୀବନ ବାହାରେ ଯୌନସଂପର୍କ ସ୍ଥାପନ କରିବା କ୍ରିୟା *୧୭୩*

**ଆଡାକ୍‌ସ** ହରିଣ ଜାତୀୟ ଜୀବ *୧୭୩*

**ଆଡାମସ୍ ଶୃଙ୍ଗ** ଶ୍ରୀଲଙ୍କାରେ ଥିବା ତିନି ଧର୍ମ ଦୃଷ୍ଟିରୁ ପ୍ରସିଦ୍ଧ ଗିରିଶୃଙ୍ଗ *୧୭୪*

**ଆଡେନର, କନ୍‌ରାଡ** ଜର୍ମାନ ରାଜନୀତିଜ୍ଞ ଓ ରାଷ୍ଟ୍ରନୀତିଜ୍ଞ *୧୭୪*

**ଆଡ୍ରିନାଲିନ୍ ଓ ନର୍‌ଆଡ୍ରିନାଲିନ୍** ମହତ୍ତ୍ୱପୂର୍ଣ୍ଣ ଶରୀର ରସ *୧୭୪*

**ଆଣ୍ଟନଭ୍, ଓଲେଗ କନ୍‌ଷ୍ଟାଣ୍ଟିନୋଭିଚ୍** ପ୍ରସିଦ୍ଧ ଉଡ଼ାଜାହାଜ ଡିଜାଇନର *୧୭୪*

**ଆଣ୍ଟାର୍କଟିକା** ପୃଥିବୀର ପଞ୍ଚମ ବୃହତ୍ତମ ମହାଦେଶ *୧୭୪*

**ଆଣ୍ଟାର୍କଟିକା ମହାସାଗର** ପ୍ରଶାନ୍ତ, ଆଟ୍‌ଲାଣ୍ଟିକ ଓ ଭାରତ ମହାସାଗରର ଦକ୍ଷିଣତମ ମିଳିତ ଅଂଶ *୧୭୫*

**ଆଣ୍ଟିଗୁଆ ଓ ବାର୍‌ବୁଡା** କାରିବିୟାନ ସାଗରର ସାର୍ବଭୌମ ଦ୍ୱୀପ ଦେଶ *୧୭୫*

**ଆଣ୍ଟିବାୟୋଟିକ୍** ରାସାୟନିକ ଜୈବ ପଦାର୍ଥ *୧୭୬*

**ଆଣ୍ଟିମନି** ରାସାୟନିକ ମୌଳିକ ଉପାଦାନ *୧୭୬*

**ଆଣ୍ଟିମାଟର** ବିପରୀତ ଚାର୍ଜ ବା ଆବେଶ ବହନ କରୁଥିବା କଣ ସୃଷ୍ଟ ପଦାର୍ଥ *୧୭୬*

**ଆଣ୍ଟେନା** ଇଲେକ୍‌ଟ୍ରୋନିକ ବ୍ୟବସ୍ଥା ସମୂହରେ ଲାଗୁଥିବା ଯାନ୍ତ୍ରିକ ଅଂଶ ତଥା କେତେକ କୀଟପତଙ୍ଗଙ୍କ ଠାରେ ଥିବା ଅଙ୍ଗ *୧୭୬*

**ଆଣ୍ଠୁ** ମାନବ ଅସ୍ଥିବିଭାଗର ସବୁଠାରୁ ବଡ଼ ଜଏଣ୍ଟ *୧୭୭*

**ଆଣ୍ଡରସନ୍, ହାନ୍‌ସ କ୍ରିଷ୍ଟିଆନ** ବିଖ୍ୟାତ ଶିଶୁ ସାହିତ୍ୟ ସ୍ରଷ୍ଟା *୧୭୭*

**ଆଣ୍ଡାମାନ ଦ୍ୱୀପପୁଞ୍ଜ** ଭାରତର କେନ୍ଦ୍ର ଶାସିତ ଦ୍ୱୀପପୁଞ୍ଜ *୧୭୭*

**ଆଣ୍ଡାମାନ ସାଗର** ଭାରତ ମହାସାଗରର ଅଂଶ *୧୭୮*

**ଆଣ୍ଡିଜ ପର୍ବତମାଳା** ଦକ୍ଷିଣ ଆମେରିକାରେ ଥିବା ପୃଥିବୀର ଦୀର୍ଘତମ ପର୍ବତମାଳା *୧୭୮*

**ଆଣ୍ଡ୍ରୁଜ୍, ଚାର୍ଲସ୍ ଫ୍ରିଆର** ମହାତ୍ମା ଗାନ୍ଧୀଙ୍କ ସହଯୋଗୀ *୧୭୯*

**ଆଣ୍ଡ୍ରୁଜ, ରୟ ଚାପ୍‌ମାନ୍** ପ୍ରକୃତିବିତ୍ ଓ ଆବିଷ୍କାରକ *୧୭୯*

**ଆଣ୍ଡ୍ରିଆନଭ, ନିକୋଲାଏ** ବିଶ୍ୱ ପ୍ରସିଦ୍ଧ ଜିମ୍‌ନାଷ୍ଟ *୧୭୯*

**ଆଣ୍ଡ୍ରୋଜେନ** ପୁରୁଷ ଜନନତନ୍ତ୍ରର ବିକାଶ ନିମନ୍ତେ ଅପରିହାର୍ଯ୍ୟ ହର୍‌ମୋନ *୧୭୯*

**ଆଣ୍ଡ୍ରୋମେଡା ଗାଲାକ୍‌ସୀ** ପୃଥିବୀର ଦ୍ୱିତୀୟ ନିକଟତମ ଗାଲାକ୍‌ସୀ *୧୮୦*

**ଆତଙ୍କବାଦ** ରାଜନୈତିକ ଲକ୍ଷ୍ୟ ହାସଲ ନିମନ୍ତେ ହିଂସା କିମ୍ବା ବିଭୀଷିକାମୟ ପରିସ୍ଥିତି ସୃଷ୍ଟି କରିବା କ୍ରିୟା *୧୮୦*

**ଆତାତୁର୍କ, ମୁସ୍ତାଫା କେମାଲ** ତୁର୍କୀ ନେତା ଓ ରାଷ୍ଟ୍ରନୀତିଜ୍ଞ *୧୮୧*

**ଆତିଶଯ୍ୟ** 'ସୀମା ଟପି ବାହାରକୁ ଯିବା'ର ଲକ୍ଷଣ ବା କର୍ମ *୧୮୧*

**ଆତ୍ମଜୀବନୀ** ନିଜେ ଲେଖିଥିବା ନିଜର ଜୀବନ କାହାଣୀ *୧୮୧*

**ଆତ୍ମଜ୍ଞାନ** ଭାରତୀୟ ଜ୍ଞାନ-ଜଗତର ମହତ୍ତ୍ୱପୂର୍ଣ୍ଣ ଦିଗ *୧୮୧*

**ଆତ୍ମତ୍ୟାଗ** ବୃହତ୍ତର ସ୍ୱାର୍ଥ ନିମନ୍ତେ କାମକରିବାର ଅବସ୍ଥା ଓ ଇଚ୍ଛା *୧୮୧*

**ଆତ୍ମବଞ୍ଚନା** 'ନିଜକୁ ନିଜେ ଠକାଇବା' କଥା *୧୮୨*

**ଆତ୍ମବିଶ୍ୱାସ** ନିଜର ଦୃଢ଼

ଇଚ୍ଛାଶକ୍ତି ୧୮୨
**ଆତ୍ମଶୁଦ୍ଧି** ଆତ୍ମଶୋଧନ ନିମନ୍ତେ କରାଯାଉଥିବା ପ୍ରାୟଶ୍ଚିତ୍ତ ୧୮୨
**ଆତ୍ମସଂଯମ** ଆତ୍ମନିୟନ୍ତ୍ରଣର ଅନ୍ୟନାମ ୧୮୨
**ଆତ୍ମସମ୍ମାନ** ବ୍ୟକ୍ତିର ନିଜସ୍ୱ ଅନ୍ତର୍ନିହିତ ସମ୍ମାନ ୧୮୨
**ଆତ୍ମହତ୍ୟା** ନିଜକୁ ନିଜେ ହତ୍ୟା କରିଦେବା କର୍ମ ୧୮୨
**ଆତ୍ମା** ଭାରତୀୟ ଦର୍ଶନର ଗୋଟିଏ ମୌଳିକ ଚିନ୍ତା ଓ ଦିଗ ୧୮୩
**ଆଥ୍‌ଲେଟିକ୍ସ** କ୍ରୀଡ଼ାର ଟ୍ରାକ୍ ଆଣ୍ଡ ଫିଲ୍ଡ ବିଭାଗ ୧୮୩
**ଆଦାମ ଓ ଇଭ୍** ବାଇବଲ୍‌ର ଦୁଇଟି ଚରିତ୍ର ୧୮୪
**ଆଦିବାସୀ** ଗୋଟାଏ ଦେଶ ବା ଅଞ୍ଚଳର ସବୁଠାରୁ ପୁରାତନ ଅଧିବାସୀ ୧୮୪
**ଆଦିବୁଦ୍ଧ** ବୌଦ୍ଧ ଧର୍ମର ଗୋଟିଏ ବାଦ ୧୮୫
**ଆଧ୍ୟାତ୍ମିକତା** ଧର୍ମବିଶ୍ୱାସର ଅତି ମହତ୍ତ୍ୱପୂର୍ଣ୍ଣ ଦିଗ ୧୮୫
**ଆନ୍‌ହିଙ୍ଗା** ଆମେରିକା ମହାଦେଶର ପକ୍ଷୀ ୧୮୫
**ଆନନ୍ଦ** ବୁଦ୍ଧଙ୍କର ଜଣେ ପ୍ରଧାନ ଶିଷ୍ୟ ୧୮୫
**ଆନନ୍ଦ କୁମାରସ୍ୱାମୀ** ପ୍ରସିଦ୍ଧ ବିଦ୍ୱାନ ୧୮୫
**ଆନନ୍ଦପୁର** କେନ୍ଦୁଝର ଜିଲାର ସବ୍‌ଡିଭିଜନ ୧୮୫
**ଆନନ୍ଦବାଦ** ଭାରତୀୟ ତଥା ପାଶ୍ଚାତ୍ୟ ଦର୍ଶନର ଗୋଟିଏ ବାଦ ୧୮୫
**ଆନାକ୍‌ସାଗୋରସ** ଗ୍ରୀକ୍ ଦାର୍ଶନିକ ଓ ପଣ୍ଡିତ ୧୮୬
**ଆନାକୋଣ୍ଡା** ପୃଥିବୀର ସବୁଠାରୁ ଓଜନିଆ ସାପ ୧୮୬
**ଆନୁବଂଶିକତା** ଜୀବନ କ୍ଷେତ୍ରରେ, ଜିନ୍ ସାହାଯ୍ୟରେ ଶାରୀରିକ ତଥା ମାନସିକ ଲକ୍ଷଣ ହାସଲ କରିବାର ବଂଶକ୍ରମ ପ୍ରକ୍ରିୟା ୧୮୬
**ଆନୋଆ** ମଇଁଷି ଜାତିର ଜୀବ ୧୮୭
**ଆନ୍ତର୍ଜାତୀୟ ଅଲିମ୍ପିକ କମିଟୀ** ଆଧୁନିକ ଅଲିମ୍ପିକ କ୍ରୀଡ଼ାର ଆୟୋଜକ ୧୮୭
**ଆନ୍ତର୍ଜାତୀୟ ଆଇନ** ଦେଶ ଦେଶ ଭିତରେ ବା ଅନ୍ୟାନ୍ୟ ଆନ୍ତର୍ଜାତୀୟ ଅନୁଷ୍ଠାନ କ୍ଷେତ୍ରରେ ପ୍ରଯୁଜ୍ୟ ଆଇନ ୧୮୭
**ଆନ୍ତର୍ଜାତୀୟ ଆଟମିକ ଏନର୍ଜୀ ଏଜେନ୍‌ସୀ** ପରମାଣୁ ଶକ୍ତିର ଶାନ୍ତିପୂର୍ଣ୍ଣ ଉପଯୋଗ ଉପରେ ଦୃଷ୍ଟି ରଖୁଥିବା ଆନ୍ତର୍ଜାତୀୟ ସଂଗଠନ ୧୮୭
**ଆନ୍ତର୍ଜାତୀୟ ଆମେଚର ଆଥ୍‌ଲେଟିକ୍ ଫେଡେରେସନ** ଆଥ୍‌ଲେଟିକ୍ସ କ୍ରୀଡ଼ାର ନିୟନ୍ତ୍ରକ ସଂଗଠନ ୧୮୭
**ଆନ୍ତର୍ଜାତୀୟ ଏକ୍ସଚେଞ୍ଜ** ବିଦେଶୀ ମୁଦ୍ରାର ପୃଥିବୀବ୍ୟାପୀ ବଜାର ୧୮୭
**ଆନ୍ତର୍ଜାତୀୟ ୱେଟସ୍ ଆଣ୍ଡ ମେଜରସ୍ ବ୍ୟୁରୋ** ମାପନ ଓ ମାନ ନିର୍ଦ୍ଧାରଣର ଆନ୍ତଃଦେଶୀୟ ସଂସ୍ଥା ୧୮୭
**ଆନ୍ତର୍ଜାତୀୟ କୋର୍ଟ ଅଫ୍ ଜଷ୍ଟିସ୍** ଜାତିସଂଘର ପ୍ରଧାନ ବିଗ୍ରର ବିଭାଗୀୟ ସଂସ୍ଥା ୧୮୭
**ଆନ୍ତର୍ଜାତୀୟ ଟେଲିକମ୍ୟୁନିକେସନ ଇଉନିଅନ୍** ଟେଲିକମ୍ୟୁନିକେସନ କ୍ଷେତ୍ରରେ ନିୟାମକ ଜାତିସଂଘୀୟ ଅନୁଷ୍ଠାନ ୧୮୮
**ଆନ୍ତର୍ଜାତୀୟ ଡିଭଲପ୍‌ମେଣ୍ଟ ଆସୋସିଏସନ** ପାଣି ଯୋଗାଉଥିବା ଜାତିସଂଘୀୟ ଅନୁଷ୍ଠାନ ୧୮୮
**ଆନ୍ତର୍ଜାତୀୟ ତାରିଖ ରେଖା** ଉତ୍ତର ଓ ଦକ୍ଷିଣ ମେରୁ ଭିତରେ ଟଣା ଯାଇଥିବା କାଳ୍ପନିକ ରେଖା ୧୮୮
**ଆନ୍ତର୍ଜାତୀୟ ବାଣିଜ୍ୟ** ଭିନ୍ନ ଭିନ୍ନ ଦେଶର ଜାତୀୟ ସୀମାରେଖା ଡେଇଁ କରା-ଯାଉଥିବା ବିକ୍ରୀ-ଖର୍ଦ୍ଦି ୧୮୮
**ଆନ୍ତର୍ଜାତୀୟ ମାରିଟାଇମ ଅର୍ଗାନାଇଜେସନ** ଜାହାଜ ଚଳାଚଳ ସଂକ୍ରାନ୍ତୀୟ ଜାତିସଂଘୀୟ ଅନୁଷ୍ଠାନ ୧୮୮
**ଆନ୍ତର୍ଜାତୀୟ ମୁଦ୍ରାପାଣ୍ଠି** ଦେଶ ଦେଶ ଭିତରେ ମୁଦ୍ରା ବିନିମୟ ହାର ସ୍ଥିର ରଖୁଥିବା ଗୁରୁତ୍ୱପୂର୍ଣ୍ଣ ଜାତିସଂଘୀୟ ଅନୁଷ୍ଠାନ ୧୮୮
**ଆନ୍ତର୍ଜାତୀୟ ରାଜିନାମା** ଦେଶ ଦେଶ ଭିତରେ ଥିବା ସଂପର୍କର ନିୟାମକ ଚୁକ୍ତି ୧୮୮
**ଆନ୍ତର୍ଜାତୀୟ ରିକନ୍‌ଷ୍ଟ୍ରକ୍‌ସନ ଓ ଡିଭଲପ୍‌ମେଣ୍ଟ ବ୍ୟାଙ୍କ** 'ବିଶ୍ୱବ୍ୟାଙ୍କ' ୧୮୮
**ଆନ୍ତର୍ଜାତୀୟ ଶରଣାର୍ଥୀ ସଂସ୍ଥା** ଶରଣାର୍ଥୀ ସେବାରେ ନିୟୋଜିତ ଜାତିସଂଘୀୟ ଅନୁଷ୍ଠାନ ୧୮୯
**ଆନ୍ତର୍ଜାତୀୟ ଶ୍ରମ ସଂସ୍ଥା** ଶ୍ରମିକ ଶ୍ରେଣୀର ବିକାଶ ନିମନ୍ତେ ସୃଷ୍ଟ ଜାତିସଂଘୀୟ ଅନୁଷ୍ଠାନ ୧୮୯
**ଆନ୍ତର୍ଜାତୀୟ ସିଭିଲ ଆଭିଏସନ ଅର୍ଗାନାଇଜେସନ** ପୃଥିବୀବ୍ୟାପୀ ବେସାମରିକ ବିମାନ ଚଳାଚଳ ବ୍ୟବସ୍ଥାର ନିୟାମକ ସଂସ୍ଥା ୧୮୯
**ଆନ୍ଡୋରା** ଇଉରୋପ ମହାଦେଶର ଗୋଟିଏ କୋପ୍ରିନ୍‌ସିପାଲ୍‌ଟୀ ୧୮୯
**ଆନ୍ଦୋଳନ** କୌଣସି ଗୋଟିଏ ସାଧାରଣ ସ୍ୱାର୍ଥର ସଂରକ୍ଷଣ ପାଇଁ ଜନମତ ସୃଷ୍ଟି କରିବା କାର୍ଯ୍ୟ ୧୮୯
**ଆନ୍ଦ୍ରୋକ୍ଲିସ ଓ ସିଂହ** କ୍ରୀତଦାସ ଓ ସିଂହ ଭିତରେ ଗଢି ଉଠିଥିବା ସଂପର୍କର ଇତିହାସ ପ୍ରସିଦ୍ଧ କାହାଣୀ ୧୮୯
**ଆନ୍ଧ୍ରପ୍ରଦେଶ** ଭାରତର ଏକ ପ୍ରମୁଖ ରାଜ୍ୟ ୧୯୦
**ଆପ୍‌ଲଟନ୍,ଏ.ଭିକ୍ଟର୍** ପଦାର୍ଥବିଦ୍ୟାବିତ୍ ୧୯୦
**ଆପ୍‌ସିସ୍** ଖଗୋଳୀୟ ପିଣ୍ଡ ମାନଙ୍କର କକ୍ଷୀୟ ଦୂରତା ପଏଣ୍ଟ ୧୯୦
**ଆପଲ୍** ରସାଳ ଫଳ ୧୯୧
**ଆପାରଟିଟ୍** ଦକ୍ଷିଣ ଆଫ୍ରିକାରେ କଳାଗୋରା ସଂପର୍କକୁ ନିୟନ୍ତ୍ରିତ କରୁଥିବା ଅବଲୁପ୍ତ ଘୃଣ୍ୟ ନୀତି ୧୯୧
**ଆପେଣ୍ଡିସାଇଟିସ୍** ଅନ୍ତ୍ରପୁଚ୍ଛରେ ଦେଖାଦେଉଥିବା ପ୍ରଦାହ ୧୯୧
**ଆପୋଲୋ** ଗ୍ରୀକ୍ ପୁରାଣର ଦେବତା ୧୯୧

**ଆପୋଲୋ କାର୍ଯ୍ୟକ୍ରମ** ଯୁକ୍ତରାଷ୍ଟ୍ର ଆମେରିକା ପକ୍ଷରୁ ହୋଇଥିବା ଚନ୍ଦ୍ର ଅଭିଯାନ ପ୍ରୋଗ୍ରାମର ଭିନ୍ନ ଭିନ୍ନ ସ୍ତର ୧୯୨

**ଆଫ୍‌ଗାନ ଜାତି** ପାର୍ବତ୍ୟ ଜାତି ୧୯୩

**ଆଫ୍‌ଗାନିସ୍ତାନ** ଏସିଆ ମହାଦେଶର ସାର୍ବଭୌମ ଦେଶ ୧୯୩

**ଆଫାନାସି ନିକିତିନ୍** ଭାରତକୁ ଆସିଥିବା ରୁଷୀୟ ବଣିକ ଓ ପରିବ୍ରାଜକ ୧୯୪

**ଆଫ୍ରିକା** ପୃଥିବୀର ଦ୍ୱିତୀୟ ବୃହତ୍ତମ ମହାଦେଶ ୧୯୪

**ଆଫ୍ରିକାନ ନାସନାଲ କଂଗ୍ରେସ** ପ୍ରସିଦ୍ଧ ରାଜନୈତିକ ସଂଗଠନ ୧୯୬

**ଆଫ୍ରିକାନ୍‌ସ ଭାଷା** ଦକ୍ଷିଣ ଆଫ୍ରିକାରେ ଚଳୁଥିବା ଭାଷା ୧୯୬

**ଆବର୍ତ୍ତ ନିୟମ** ରସାୟନବିଜ୍ଞାନର ମହତ୍ତ୍ୱପୂର୍ଣ୍ଣ ସିଦ୍ଧାନ୍ତ ୧୯୭

**ଆବଶ୍ୟକତା** ମଣିଷର ବିକାଶ ପ୍ରକ୍ରିୟାରୁ ଜାତ ହେଉଥିବା କାରଣ ୧୯୭

**ଆବିଷ୍କାର** ପୃଥିବୀ କିମ୍ବା ପୃଥିବୀ ବାହାରେ ଥିବା ପଦାର୍ଥ, ସ୍ଥାନ, ପ୍ରକ୍ରିୟା ବା ଅନ୍ୟ କୌଣସି ବିଷୟରେ ପ୍ରଥମ କରି ଜାଣିବା ୧୯୭

**ଆବୁ ପର୍ବତ** ଆରାବଳୀ ପର୍ବତମାଳାର ଗୋଟିଏ ଶୃଙ୍ଗ ୧୯୯

**ଆବୁ ସିମ୍ବେଲ** ପୁରାତନ ଇଜିପ୍ସୀୟ କଳାର ଅମୂଲ୍ୟ ନିଦର୍ଶନ ୧୯୯

**ଆବେଗ** ମଣିଷର ମସ୍ତିଷ୍କରେ ସୃଷ୍ଟି ହେଉଥିବା ତୀବ୍ର ଭାବନା ଓ ଏହାର ଶାରୀରିକ ପରିପ୍ରକାଶ ୧୯୯

**ଆବେଲ, ଜନ୍ ଜାକୋବ** ଜୀବରସାୟନବିତ୍ ୨୦୦

**ଆବୋରସନ** ଜରାୟୁରୁ ଭ୍ରୂଣ ନିଷ୍କାସିତ ହୋଇଯିବା ଯୋଗୁଁ ସୃଷ୍ଟ ଅବସ୍ଥା ୨୦୦

**ଆଭାଲାନ୍‌ସ** ପାହାଡ଼ ଉପରୁ ଗଡ଼ି ଆସୁଥିବା ବିଶାଳ ପରିମାଣର ପଥର ବା ବରଫ ୨୦୦

**ଆଭୋସେଟ୍** ଆମେରିକା ମହାଦେଶର ପକ୍ଷୀ ୨୦୦

**ଆମ୍‌ନେଷ୍ଟି ଇଣ୍ଟରନାସନାଲ** ମାନବାଧିକାର କ୍ଷେତ୍ରରେ କାମ କରୁଥିବା ଆନ୍ତର୍ଜାତୀୟ ସଂସ୍ଥା ୨୦୦

**ଆମ୍‌ନେସିଆ** ସ୍ମୃତିହୀନତା ରୋଗ ତଥା ଅସୁବିଧା ୨୦୧

**ଆମଦାନୀ-ରପ୍ତାନୀ** ଦେଶ ଦେଶ ଭିତରେ ହେଉଥିବା ବାଣିଜ୍ୟ ୨୦୧

**ଆମାଜୋନ ନଦୀ** ପୃଥିବୀର ବୃହତ୍ତମ ନଦୀ ୨୦୧

**ଆମାଜୋନ ବୃଷ୍ଟିଜ ବନ** ଧରିତ୍ରୀ ପୃଷ୍ଠର ଗୋଟିଏ ଶ୍ରେଷ୍ଠ ଅରଣ୍ୟପୁଞ୍ଜ ଓ ଇକୋସିଷ୍ଟମ ୨୦୨

**ଆମିକସ୍ କ୍ୟୁରୀ** ଅଦାଲତଙ୍କୁ ସାହାଯ୍ୟ କରିବା ନିମନ୍ତେ ଅଦାଲତଙ୍କ ଦ୍ୱାରା ନିଯୁକ୍ତ 'ଅଫିସର' ୨୦୨

**ଆମିନୋ ଏସିଡ** ପ୍ରୋଟିନ ଉପାଦାନ ତିଆରି କରିପାରୁଥିବା ଜୈବ ଯୌଗିକ ୨୦୨

**ଆମିବା** ଅତି କ୍ଷୁଦ୍ର ମୌଳିକ ଜୀବ ୨୦୨

**ଆମୁଣ୍ଡସେନ, ରୋଆଲ୍ଡ୍ ଏ.ଗ୍ରାଭ୍‌ନିଙ୍ଗ** ପ୍ରସିଦ୍ଧ ଆବିଷ୍କାରକ ୨୦୩

**ଆମେନୋରିଆ** ନାରୀ ମାନଙ୍କ କ୍ଷେତ୍ରରେ ଋତୁସ୍ରାବ ନ ହେବା ଅବସ୍ଥା ୨୦୩

**ଆମେରିକା** ଉତ୍ତର ଓ ଦକ୍ଷିଣ ଆମେରିକା ମହାଦେଶର ମିଳିତ ନାମ ୨୦୩

**ଆମେରିକା ଲୋକ** ଆମେରିକା ମହାଦେଶର ମୂଳ ଅଧିବାସୀ ୨୦୩

**ଆମେରିକୀୟ ଗୃହଯୁଦ୍ଧ** ଊନବିଂଶ ଶତାବ୍ଦୀରେ ଯୁକ୍ତରାଷ୍ଟ୍ର ଆମେରିକାରେ ଘଟିଥିବା ଗୃହଯୁଦ୍ଧ ୨୦୪

**ଆମେରିସିଅମ୍** ରାସାୟନିକ ମୌଳିକ ଉପାଦାନ ୨୦୪

**ଆମୋନିଆ** ଔଦ୍ୟୋଗିକ ରାସାୟନିକ ପଦାର୍ଥ ୨୦୪

**ଆମ୍ପିଅର, ଆନ୍ଦ୍ରେ ମାରି** ଗଣିତଜ୍ଞ ଓ ପଦାର୍ଥବିଦ୍ୟାବିତ୍ ୨୦୪

**ଆମ୍ପୁଟେସନ** ଶରୀରର କୌଣସି ଅଂଶକୁ ବାଦ୍ ଦେଇଦେବା କ୍ରିୟା ୨୦୫

**ଆମ୍ବ** ଗ୍ରୀଷ୍ମମଣ୍ଡଳୀୟ ଅଞ୍ଚଳର ରସାଳ ଅର୍ଥକରୀ ଫଳ ୨୦୫

**ଆମ୍ବର** ପ୍ରସ୍ତରିଭୂତ ଝୁଣା ଜାତୀୟ ପଦାର୍ଥ ୨୦୬

**ଆମ୍ବାସାଡର୍** ସର୍ବୋଚ୍ଚ କୂଟନୈତିକ ପଦବୀଧାରୀ ବ୍ୟକ୍ତି ୨୦୬

**ଆମ୍ବୁଲାନ୍‌ସ** ରୋଗୀ କିମ୍ବା ଆହତ ବ୍ୟକ୍ତିଙ୍କୁ ବହିନେବା ପାଇଁ ବ୍ୟବହୃତ ହେଉଥିବା ଆବଶ୍ୟକୀୟ ଭାବେ ସଜ୍ଜିତ ଯାନ ୨୦୬

**ଆମ୍ବେଦକର** ଭାରତୀୟ ସମ୍ବିଧାନ ପ୍ରଣୟନ କ୍ଷେତ୍ରରେ ଅଗ୍ରଣୀ ରାଷ୍ଟ୍ରନୀତିଜ୍ଞ ୨୦୬

**ଆୟକର** ଆୟରୁ ଦିଆଯାଉଥିବା କର ୨୦୬

**ଆୟନ** ସ୍ୱତନ୍ତ୍ର ଅବସ୍ଥାରେ ଥିବା ପରମାଣୁ ବା ପରମାଣୁ ଗୋଷ୍ଠୀ ୨୦୭

**ଆୟର୍ଲାଣ୍ଡ** ଇଉରୋପ ମହାଦେଶର ସାର୍ବଭୌମ ରାଜ୍ୟ ୨୦୭

**ଆୟୁବ ଖାଁ** ପାକିସ୍ତାନୀ ଜେନେରାଲ ଓ ରାଷ୍ଟ୍ରପତି ୨୦୮

**ଆୟୁର୍ବେଦ** ଗୁରୁତ୍ୱପୂର୍ଣ୍ଣ ଭାରତୀୟ ଚିକିତ୍ସା ପଦ୍ଧତି ଓ ଶାସ୍ତ୍ର ୨୦୮

**ଆୟୁଷ** ପ୍ରକୃତିରେ ଜୀବ ବା ଉଦ୍‌ଭିଦର ବଞ୍ଚି ରହିବାର ବୟସ ସୀମା ୨୦୮

**ଜ୍ଞାନଭିତ୍ତି ସହାୟତା** ୧୯

# ମୁଖବନ୍ଧ

ଏକବିଂଶ ଶତାବ୍ଦୀର ଆରମ୍ଭ ବେଳକୁ ମାନବଜ୍ଞାନର ସୀମା କେତେ ଦୂରକୁ ବିସ୍ତାରିତ ହୋଇଗଲାଣି ସେ କଥା ଆଲୋଚନା କରିବାର ପ୍ରାସଙ୍ଗିକତା ହୁଏତ ଆଉ ନାହିଁ। ଆଜି ଯିଏ ଯେତେ ପରିମାଣରେ ସଚେତନ ବା ଜ୍ଞାନଦୀପ୍ତ, ସେହି ହିଁ କେବଳ ମାନବବିକାଶ ପ୍ରକ୍ରିୟାର ଆଗ ଧାଡ଼ିରେ ଯାଇ ରହିପାରୁଛି। ଫଳରେ ଜଣେ ନିଜର ଜୀବିକା ପାଇଁ ଯାହା କିଛି କରୁଥାଉ ନା କାହିଁକି, ତା ଚାରିପଟେ କ'ଣ ସବୁ ଘଟୁଛି ସେ କଥାର ସାଧ୍ୟମତେ ହିସାବ ରଖିପାରୁଥିବା ଲୋକର ଗୁରୁତ୍ୱ ସମାଜରେ ନିଶ୍ଚିତ ଭାବେ ଅତିମାତ୍ରାରେ ବଢ଼ିଯାଇଛି। ଜଣଙ୍କର ମାନସିକ ଦୀପ୍ତି ବା ବୁଦ୍ଧିମତାକୁ ଯଥାଯଥ ଭାବରେ କାମରେ ଲଗାଇବାକୁ ହେଲେ ଯେ ଉପଯୁକ୍ତ ତଥ୍ୟ ଆହରଣର ଆବଶ୍ୟକତା ରହିଛି, ଏ ବିଷୟରେ ଆଉ କେହି ଦ୍ୱିମତ ହେଉନାହାନ୍ତି। ତେଣୁ ଏଭଳି ଗୋଟାଏ ସମୟ ଆସିଲାଣି ଯେତେବେଳେ କି ବିଶାଳ ପରିମାଣର 'ଅସଜଡ଼ା କଞ୍ଚା ଜ୍ଞାନ' ବା ତଥ୍ୟ ବିଭିନ୍ନ ମାଧ୍ୟମ ଦ୍ୱାରା ଆସି ବ୍ୟକ୍ତି ପାଖରେ ପହଞ୍ଚି ଯାଉଛି ତା'ର ଏହି ତଥ୍ୟ ଆବଶ୍ୟକତାକୁ ମେଣ୍ଟାଇବା ପାଇଁ। 'ତଥ୍ୟ-ଦୀପ୍ତ ଜ୍ଞାନୀ' ବୋଲି ଗର୍ବ କରିବାର ଅଧିକାର ସମାଜରେ ପୂର୍ବଭଳି ଆଉ କେବଳ ଅଳ୍ପ କେତେକ ଲୋକଙ୍କର ନ ରହି ସେହି ଅଧିକାର ପ୍ରତ୍ୟେକ ଶ୍ରେଣୀର ଲୋକଙ୍କ ପାଖରେ ଆସି ରହିଗଲାଣି।

ମାନବ ଜ୍ଞାନର ସବୁ ବିଭାଗର ପରିଚୟ ଗୋଟାଏ ଉତ୍ସରୁ ପାଇବା କଥା ବିଚାର କରାଗଲା ବେଳେ ପ୍ରଥମେ ଏନ୍‌ସାଇକ୍ଲୋପିଡିଆ ବା ଜ୍ଞାନମଣ୍ଡଳ କଥା ଚିନ୍ତା କରାଯାଇଥାଏ। ଏହି ଜାତିର ପୁସ୍ତକ ବା ପୁସ୍ତକ ସେଟ୍‌ମାନ ସବୁ ଶ୍ରେଣୀର ଓ ସବୁ ବୟସର ପାଠକ ମାନଙ୍କୁ ସେମାନଙ୍କ ଜ୍ଞାନ ପରିବେଶର ସୌନ୍ଦର୍ଯ୍ୟ ଉପଲବ୍ଧି କରିବା ଦିଗରେ ସାହାଯ୍ୟ କରିବାରେ ଅପ୍ରତିଦ୍ୱନ୍ଦୀ ଭୂମିକା ଲିଭାଇ ଥା'ନ୍ତି ଓ ବିଶାଳ ପରିମାଣର କଞ୍ଚା ଜ୍ଞାନକୁ ସଜାଡ଼ିଦେଇ ତା'ର ସାରତକ ସେହି ବୁଦ୍ଧିମାନ ସାଧାରଣ ପାଠକଙ୍କ ନିକଟରେ ପହଞ୍ଚାଇ ଦେଇଥା'ନ୍ତି। ତେଣୁ ସବୁ ଭାଷାରେ, ପୃଥିବୀର ସବୁ ଅଞ୍ଚଳରେ ଉଦ୍ୟମ ହୋଇଆସିଛି ଉନ୍ନତରୁ ଉନ୍ନତ ଏହି ଧରଣର ପ୍ରକାଶନ ସବୁକୁ ପୁସ୍ତକ ଆକାରରେ, କଂପିଉଟର ଡିସ୍କ ମାଧ୍ୟମରେ ବା ଅନ୍ୟ କୌଣସି ଉପାୟରେ ନେଇ ଉଦ୍ଦିଷ୍ଟ ପାଠକଙ୍କ ପାଖରେ ପହଞ୍ଚାଇ ଦେବା ପାଇଁ।

ଏକଥା ସ୍ୱୀକୃତ ଯେ ସମଗ୍ର ଭାରତବର୍ଷରେ ଏଭଳି ଉଦ୍ୟମ କରିବାରେ ଅଗ୍ରଣୀ ଥିଲେ ଜଣେ ବିନୋଦ କାନୁନ୍‌ଗୋ। ୧୯୫୪ ମସିହାରୁ ସେ ତଥ୍ୟ ସଂଗ୍ରହ କାମ ଆରମ୍ଭ କରିଥିଲେ। ୧୯୬୦ ମସିହା ଡିସେମ୍ବର ମାସରେ ତାଙ୍କ ଦ୍ୱାରା ଲିଖିତ ଓଡ଼ିଆ ଏନ୍‌ସାଇକ୍ଲୋପିଡିଆ *ଜ୍ଞାନମଣ୍ଡଳ*ର ପ୍ରଥମ ଖଣ୍ଡ ପ୍ରକାଶ ପାଇଥିଲା। ସମାଜର ବହୁ ସଂଖ୍ୟକ ଲୋକ କିଭଳି ଜ୍ଞାନକୁ ନିଜର 'ମୁକ୍ତି' ପାଇଁ ଅସ୍ତ୍ର ରୂପେ ବ୍ୟବହାର କରିପାରିବେ, ସେଥିପାଇଁ ସେ ମୃତ୍ୟୁପର୍ଯ୍ୟନ୍ତ ଲାଗିପଡ଼ିଥିଲେ।

କାନୁନ୍‌ଗୋଙ୍କ ମୂଳ *ଜ୍ଞାନମଣ୍ଡଳ* ଓ ପରେ ପ୍ରକାଶିତ *ଶିଶୁ ଜ୍ଞାନମଣ୍ଡଳ* ଓଡ଼ିଶାର ସବୁ ଶ୍ରେଣୀର ସାଧାରଣ ପାଠକ ମାନଙ୍କର ଜ୍ଞାନପିପାସାକୁ ବହୁ ପରିମାଣରେ ମେଣ୍ଟାଇ ପାରିଛି ବୋଲି ଆଜି ନିଃସନ୍ଦେହରେ କୁହାଯାଇ ପାରିବ। ଏଭଳି ଦୁଇଟି ଉପଯୋଗୀ ଏନ୍‌ସାଇକ୍ଲୋପିଡିଆ ସେଟ୍ ଥିଲେ ମଧ୍ୟ ତାଙ୍କ ମୃତ୍ୟୁପରେ କିନ୍ତୁ ଅନୁଭବ କରାଗଲା ଯେ ବର୍ଦ୍ଧିଷ୍ଣୁ ତାଜା ଜ୍ଞାନକୁ ନେଇ ଓଡ଼ିଶାର ପାଠକ ମାନଙ୍କ ପାଖରେ, ବିଶେଷ କରି ଶିକ୍ଷକ ତଥା ଛାତ୍ର ମାନଙ୍କ ପାଖରେ ପହଞ୍ଚାଇ ନ ଦେଲେ, ସେମାନେ ଅନ୍ୟମାନଙ୍କ ତୁଳନାରେ ପଛରେ ପଡ଼ିଯିବେ। ତେଣୁ ସ୍ଥିର କରାଗଲା, *ଜ୍ଞାନମଣ୍ଡଳ*ର ଦ୍ୱିତୀୟ ପରିମାର୍ଜିତ ସଂସ୍କରଣ ପାଇଁ କାମ ଚାଲୁଥିବା ଅବସ୍ଥାରେ ଆଉ ଗୋଟିଏ ଏଭଳି ସଂପୂର୍ଣ୍ଣ ନୂତନ ଏନ୍‌ସାଇକ୍ଲୋପିଡିଆ ସେଟ୍ ପ୍ରସ୍ତୁତ କରିଦେବାକୁ ହେବ; ଯାହାକି *ନୂଆ ଜ୍ଞାନମଣ୍ଡଳ* ବାହାରିବା ଆରମ୍ଭ ହେଲା ପର୍ଯ୍ୟନ୍ତ, ଆଦୌ ବିସ୍ତୃତ ଭାବରେ ନ ହେଲେ ମଧ୍ୟ, ଏକବିଂଶ ଶତାବ୍ଦୀର ଆରମ୍ଭ ବେଳର ମାନବଜ୍ଞାନର ସାରକୁ ବହନ କରିଥିବ। ଆହୁରି ମଧ୍ୟ ସେଇଟିର ଜ୍ଞାନମଣ୍ଡଳ, *ଶିଶୁ ଜ୍ଞାନମଣ୍ଡଳ* ତଥା ଭବିଷ୍ୟତର *ନୂଆ* ଜ୍ଞାନମଣ୍ଡଳ ଭିତରେ ରହୁଥିବା ଜ୍ଞାନଦୈର୍ଘ୍ୟକୁ ବହୁ ପରିମାଣରେ ସଙ୍କୁଚିତ କରିଦେଇ ପାରିବାର ସାମର୍ଥ୍ୟ ଥିବ। ସେଭଳି ଚିନ୍ତାରୁ କିଶୋର ଜ୍ଞାନମଣ୍ଡଳର ଜନ୍ମ।

କିଶୋର ଜ୍ଞାନମଣ୍ଡଳରେ ଦିଆଯାଇଥିବା ବିଷୟ ସବୁ ଆବଶ୍ୟକ ସ୍ଥଳେ କେତେମାତ୍ରାରେ ତଥ୍ୟପୂର୍ଣ୍ଣ ଓ ତାଜା, ତାହା ଏହି ପୁସ୍ତକର ବିଜ୍ଞ ବିଚାରଶୀଳ ପାଠକ

ଅନୁଭବ କରିପାରିବେ। ଜ୍ଞାନଜଗତର ସବୁ ବିଭାଗର ପରିଚୟ ଅଳ୍ପ ବହୁତେ ଦେଇଦେବା ଭଳି କଥାକୁ ଆଖିରେ ରଖି ଏହାର ସଂପାଦକୀୟ ଯୋଜନା କରାଯାଇଛି। ଆଧୁନିକ ଏନ୍‌ସାଇକ୍ଲୋପିଡିଆ ପ୍ରସ୍ତୁତିରେ ଲାଗୁଥିବା ଦିଗ ଗୁଡ଼ିକୁ ଏହି ଯୋଜନାର ସଫଳତା ନିମନ୍ତେ ପର୍ଯ୍ୟାୟକ୍ରମେ ଯଥାସମ୍ଭବ ଉପଯୋଗ କରାଯାଇଛି। ଜଣେ ସଫଳ ଶିକ୍ଷକ, ଛାତ୍ର, ଗୃହିଣୀ ବା ସାଧାରଣ ଲୋକ ଯେଭଳି ତାଙ୍କ ବୁଝିବା ଭାଷାରେ ଜ୍ଞାନ ଆହରଣ କରିପାରିବେ ସେଥିପାଇଁ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଇଛି। ଏଭଳି ପ୍ରକ୍ରିୟାରୁ ଓଡ଼ିଆ ଭାଷା ଯେ ଦିନେ ସାମଗ୍ରିକ ଭାବେ ଉପକୃତ ହେବ ସେ କଥା ବିନମ୍ରତାର ସହିତ କୁହାଯାଇପାରେ ।

ଏହି ପୁସ୍ତକ ସେଟ୍‌ର ପ୍ରତିଟି ଏଣ୍ଟ୍ରି ତଳେ ଦିଆଯାଇଥିବା 'ସମ୍ବନ୍ଧୀୟ ବିଷୟ'ର ଚିଠାଟିରେ ଥିବା ସବୁ ବିଷୟ କିଶୋର ଜ୍ଞାନମଣ୍ଡଳରେ ହୁଏତ ନ ମିଳିଲେ ମଧ୍ୟ ତାହା ଅଧିକ ଜାଣିବା ନିମନ୍ତେ ଆଗ୍ରହୀ ପାଠକଙ୍କୁ ସେହି ବିଷୟରେ ଜ୍ଞାନଜଗତର ବିଭିନ୍ନ ବିଭାଗକୁ ବାଟ ଦେଖାଇଦେବ ବୋଲି ଆଶା; ଏନ୍‌ସାଇକ୍ଲୋପିଡିଆ ଭଳି ଗୋଟାଏ ଯୋଜନାବଦ୍ଧ ଶୃଙ୍ଖଳିତ ଗ୍ରନ୍ଥରୁ ଏଭଳି ପରିଚୟ ମିଳିବାର ଆବଶ୍ୟକତା ରହିଛି ବୋଲି ଅନୁଭବ କରାଯାଇଛି। କେତେକ ଭାଗର ଶେଷ ଅଂଶରେ ଭିନ୍ନ ଭିନ୍ନ ସ୍ୱତନ୍ତ୍ର ତଥ୍ୟ ଦେଇଦିଆଯିବା ଦ୍ୱାରା ଅନ୍ୟ ବହୁ ଦିଗରୁ ମଧ୍ୟ ସେଟ୍‌ଟିର ଉପଯୋଗିତାକୁ ବଢାଇ ଦେବା ନିମନ୍ତେ ଉଦ୍ୟମ କରାଯାଇଛି।

ଗୋଟାଏ ସେଟ୍ ଏନ୍‌ସାଇକ୍ଲୋପିଡିଆ ପ୍ରଣୟନ କାର୍ଯ୍ୟରେ ସବୁବେଳେ ବିଭିନ୍ନ ବିଭାଗରେ ବହୁ ଯୋଗ୍ୟ ଲୋକ ସଂପୃକ୍ତ ଥିବାରୁ କିଶୋର ଜ୍ଞାନମଣ୍ଡଳ ପ୍ରକାଶନ କ୍ଷେତ୍ରରେ ସେମାନେ ଦେଇଥିବା ମହତ୍ତ୍ୱପୂର୍ଣ୍ଣ ଅବଦାନ କଥା ସ୍ୱୀକାର କରିବାକୁହିଁ ପଡ଼ିବ। ସେ ସମସ୍ତଙ୍କୁ ଏଠାରେ ବ୍ୟକ୍ତିଗତ ଭାବରେ କୃତଜ୍ଞତା ଜଣାଇବା ସମ୍ଭବ ନ ହେଉଥିଲେ ମଧ୍ୟ ପ୍ରତ୍ୟେକେ ଆମର ଗଭୀର କୃତଜ୍ଞତାର ପାତ୍ର।

ଖ୍ୟାତନାମା ବିଜ୍ଞାନ କମ୍ୟୁନିକେଟର ଡାକ୍ତର ଆଲୋକ କାନୁନ୍‌ଗୋ ନିଜର ସମସ୍ତ ବ୍ୟସ୍ତତା ସତ୍ତ୍ୱେ ମଧ୍ୟ ଏହି ପୁସ୍ତକ ସେଟ୍‌ଟିର ସଂପାଦନା କ୍ଷେତ୍ରରେ ସବୁବେଳେ ଉପଯୁକ୍ତ ପରାମର୍ଶ ଦେଇଆସିଥିବାରୁ ତାଙ୍କୁ ଆମର ସ୍ୱତନ୍ତ୍ର କୃତଜ୍ଞତା ଜଣାଇବାର ଆବଶ୍ୟକତା ଅବଶ୍ୟ ରହିଛି।

ସବୁଦୃଷ୍ଟିରୁ ଅତିମାତ୍ରାରେ ବ୍ୟୟବହୁଳ ଏଭଳି ଏକ ପ୍ରୋଜେକ୍‌ଟର ସଫଳତା ନିମନ୍ତେ ଜ୍ଞାନମଣ୍ଡଳ ଫାଉଣ୍ଡେସନର ସେକ୍ରେଟାରୀ ପ୍ରଫେସର ପାବକ କାନୁନ୍‌ଗୋଙ୍କ ଆନ୍ତରିକ ଉଦ୍ୟମହିଁ ଦାୟୀ। ତାଙ୍କ ଅଭିଜ୍ଞତାର ସାହାଯ୍ୟ ବିନା ଏ କାମ ନିଶ୍ଚିତ ଭାବେ ଅଧିକ କଷ୍ଟକର ହୋଇଉଠିଥା'ନ୍ତା। ଫାଉଣ୍ଡେସନର ସଭ୍ୟମାନେ ମଧ୍ୟ ଆମକୁ ସବୁବେଳେ ଉତ୍ସାହିତ କରିଆସିଛନ୍ତି ।

*ଦୀପକ କାନୁନ୍‌ଗୋ*
*ସଂପାଦକ*

## 'ଜ୍ଞାନଭିତ୍ତି ସହାୟତା'

ପୃଥିବୀରେ ଯେବେଠାରୁ ବୟସ୍କ ମାନଙ୍କ ନିମନ୍ତେ ଏନ୍‌ସାଇକ୍ଲୋପିଡିଆ ଗ୍ରନ୍ଥ ରଚିତ ହେବା ଆରମ୍ଭ ହେଲାଣି, ସେବେଠାରୁ ସବୁବେଳେ ଏହାକୁ ଦୁଇ ଧରଣର ବା ଦୁଇ ଶ୍ରେଣୀର ପାଠକଙ୍କ ନିମନ୍ତେ ତିଆରି କରିବା ପାଇଁ ଉଦ୍ୟମ ହୋଇଛି । ସେହି ଦୁଇଟି ଶ୍ରେଣୀ ହେଲେ *ବିଶେଷଜ୍ଞ* ପାଠକ ଓ *ସାଧାରଣ* ପାଠକ । ବିଶେଷଜ୍ଞ ପାଠକ ମାନଙ୍କ ପାଇଁ ପ୍ରସ୍ତୁତ ପୁସ୍ତକରେ ମାନବଜ୍ଞାନର ଜଟିଳ ବିଭାଗ ଗୁଡ଼ିକୁ ଭିନ୍ନ ଭାବେ ଆଲୋଚନା କରାଯାଇ-ଥାଏ; ସେମାନଙ୍କ ନିମନ୍ତେ ସହଜ ସାବଲୀଳ ଭାଷାର ଆବଶ୍ୟକତା ପଡ଼ି ନଥାଏ; ବର୍ଣ୍ଣିତ ବିଷୟରେ ବହୁ ମୂଳ କଥା ଦେବା ବା ନ ଦେବାର ସ୍ୱାଧୀନତା ସେହି ବିଷୟର ପ୍ରଣେତାଙ୍କର ଥାଏ । ଆହୁରି ମଧ୍ୟ ଏଭଳି ପାଠକଙ୍କ ସଂଖ୍ୟା ସୀମାବଦ୍ଧ ହୋଇଥିବାରୁ ସେମାନଙ୍କ ପାଇଁ ରଚିତ ଏନ୍‌ସାଇକ୍ଲୋପିଡିଆ ଗ୍ରନ୍ଥର ବହୁଳ ପ୍ରସାର ହେବାର ଆବଶ୍ୟକତା ନ ଥାଏ ।

କିନ୍ତୁ ଯେତେବେଳେ ସାଧାରଣ ପାଠକଙ୍କ ନିମନ୍ତେ ଏନ୍‌ସାଇକ୍ଲୋପିଡିଆ ପୁସ୍ତକ ପ୍ରସ୍ତୁତ କରିବାକୁ ହୁଏ. ସେତେବେଳେ ଗୋଟାଏ ସଂପୂର୍ଣ୍ଣ ସ୍ୱତନ୍ତ୍ର ଦୃଷ୍ଟିଭଙ୍ଗୀରୁ ସଂପାଦକୀୟ ପ୍ରସ୍ତୁତି କରିବାକୁ ପଡ଼ିଥାଏ । ସେ କ୍ଷେତ୍ରରେ ଭାଷା ତଥା ଭାବର ସାବଲୀଳତା ଓ ସରଳତା ଉପରେ ଅଧିକ ଗୁରୁତ୍ୱ ଦେବାକୁ ପଡ଼ିଥାଏ । ମାନବଜ୍ଞାନର ଜଟିଳତମ ବିଭାଗସବୁକୁ ଯେଭଳି ଜଣେ ବିଜ୍ଞ ସାଧାରଣ ପାଠକ ତାଙ୍କ ନିଜ ମାତୃଭାଷାରେ ବା ସେ ଭଲଭାବରେ ଜାଣିଥିବା ଅନ୍ୟ କୌଣସି ଭାଷାରେ ବୁଝି ପାରିବେ ସେଥିପାଇଁ ବିଷୟ ପ୍ରଣେତା ମାନଙ୍କୁ ଏହି ଆବଶ୍ୟକତା ନିକଟରେ ଅଙ୍ଗୀକାରବଦ୍ଧ ହେବା ବ୍ୟତୀତ ଅନ୍ୟ ଉପାୟ ନ ଥାଏ । ମାନବଜ୍ଞାନର ସର୍ବଶେଷ ସ୍ଥିତି କଥା ପାଠକଙ୍କ ବୁଝିବା ଭାଷାରେ ଅତି ଅଳ୍ପରେ ହେଉ ବା ସ୍ଥଳ ବିଶେଷରେ ବିସ୍ତୃତ ଭାବରେ ହେଉ ଶହ ଶହ, ହଜାର ହଜାର ବିଷୟ ମାଧ୍ୟମରେ ସେମାନଙ୍କୁ ଜଣାଇଦେବାକୁ ପଡ଼ିଥାଏ । *କିଶୋର ଜ୍ଞାନମଣ୍ଡଳ* ଏନ୍‌ସାଇକ୍ଲୋପିଡିଆ ସେଟ୍‌ଟି ଏହି ଶେଷ ଧରଣର ପାଠକ ମାନଙ୍କ ପାଇଁ ପ୍ରସ୍ତୁତ କରାଯାଉଥିବାରୁ ଏସବୁ ଲକ୍ଷଣର ସ୍ୱାଭାବିକ ପରିଚୟ ଏଥିରୁ ଜଣେ ପାଇପାଇ ପାରିବେ ।

ଏହି ଜୁନିଅର ଏନ୍‌ସାଇକ୍ଲୋପିଡିଆ ସେଟ୍‌ଟି ଜ୍ଞାନଜଗତର ସମସ୍ତ ବିଭାଗର ସର୍ବଶେଷ ସ୍ୱାକ୍ଷର ବହନ କରୁଥିବାରୁ ଏହାକୁ 'ପଢିବା' ଲାଗି

⇨

ସାଧାରଣ ପାଠକଙ୍କ ମନରେ ଉପଯୁକ୍ତ ଆଗ୍ରହ ସୃଷ୍ଟି ହେବାର ଆବଶ୍ୟକତା ରହିଛି । ଏଭଳି ଆଗ୍ରହ ସୃଷ୍ଟି ହୋଇପାରିବ, ଯଦି ଏକବିଂଶ ଶତାବ୍ଦୀର ଆରମ୍ଭ ବେଳକୁ ମାନବଜ୍ଞାନର ସବୁ ମୌଳିକ ବିଭାଗର ସ୍ଥିତି କଥା ସେମାନେ ଚୁମ୍ବକରେ ଜାଣିବାର ସୁଯୋଗ ପାଇଯିବେ । ସେଭଳି ସୁଯୋଗ ଯୋଗାଇ-ଦେବା ହେଲା କିନ୍ତୁ ଏନ୍‌ସାଇକ୍ଲୋପିଡିଆର ସଂକଳନ ଦାୟିତ୍ୱରେ ଥିବା ବ୍ୟକ୍ତି ମାନଙ୍କର କର୍ତ୍ତବ୍ୟ । ଏହା କରିଦେବା ଦ୍ୱାରା ସେମାନେ ପାଠକଙ୍କ ମନରେ ଥିବା ଜ୍ଞାନଭିତ୍ତିକୁ ଅଧିକ ବିସ୍ତୃତ କରିଦେବାରେ ସାହାଯ୍ୟ କରିଥା'ନ୍ତି ବୋଲି ନିଃସନ୍ଦେହରେ କୁହାଯାଇ ପାରିବ । ସେହିଭଳି ଧାରଣାରୁ 'ଜ୍ଞାନଭିତ୍ତି ସହାୟତା' ବିଭାଗଟିଏ ଏହି ପୁସ୍ତକ ସେଟ୍‌ରେ ଦେଇଦିଆଯାଉଛି । ଏହାକୁ ଥରେ ପଢିଦେଲେ *କିଶୋର ଜ୍ଞାନମଣ୍ଡଳ*ର ବିଭିନ୍ନ ଭାଗରେ ରହୁଥିବା ଶହ ଶହ ବିଷୟକୁ ସମଗ୍ର ମାନବଜ୍ଞାନ ପରିପ୍ରେକ୍ଷୀରେ ଜିଜ୍ଞାସୁ ପାଠକମାନେ ବିଗ୍ରହ କରିବାକୁ ସମର୍ଥ ହୋଇଯିବେ ବୋଲି ଆଶା ପୋଷଣ କରାଯାଉଛି ।

ପଦାର୍ଥବିଦ୍ୟାବିତ୍, ରସାୟନବିଦ୍ୟାବିତ୍ *ଓ* ଜ୍ୟୋତିର୍ବିଜ୍ଞାନୀଙ୍କ ଦୃଷ୍ଟିରେ ଭୌତିକ ଜଗତ; ସୌର ପରିବାରର ଗୋଟିଏ ଗ୍ରହ ପୃଥିବୀ; ପୃଥିବୀରେ ଜୀବନ *ଓ* ସେ ଜୀବନ ସୃଷ୍ଟିରେ ନିହିତ ଥିବା ବିସ୍ମୟତା; ବିଶାଳ ବିଶ୍ୱରେ ଗୋଟିଏ ଅନାଥ ଜୀବ ମଣିଷ; ଜୀବଜଗତରେ ସବୁଠାରୁ ଅଧିକ ମାତ୍ରାରେ ସାମାଜିକ ପ୍ରାଣୀଟିର ସମାଜ; ବୌଦ୍ଧିକ ବିକାଶର ନିଦର୍ଶନ ସ୍ୱରୂପ କଳା ଜଗତର ସୃଷ୍ଟି; କ'ଣ, କାହିଁକି, କେମିତି ଭଳି ପ୍ରଶ୍ନର ଉତ୍ତର ଦେଇପାରୁଥିବା ଟେକ୍‌ନୋଲଜି; ମଣିଷ ପାଇଁ ଧର୍ମର ସାଙ୍କେତିକ ମହତ୍ତ୍ୱ; ଜଣେ କାହିଁକି ଇତିହାସ ପଢିବା ଆବଶ୍ୟକ *ଓ* ମାନବଜାତିର ଇତିହାସ ଏବଂ ଆତ୍ମଚେତନ ଜ୍ଞାନ—ଏହି ମୌଳିକ କଥା ଗୁଡ଼ିକର ପରିଚୟ ଆପଣ ପାଇଯିବେ ଜ୍ଞାନଭିତ୍ତି ସହାୟତା ବିଭାଗରେ ଦିଆଯାଇଥିବା କ୍ଷୁଦ୍ର ପ୍ରବନ୍ଧ ବା ବର୍ଣ୍ଣନା ସବୁରୁ । ଏହି ବର୍ଣ୍ଣନାର ଶୈଳୀ ଏନ୍‌ସାଇକ୍ଲୋପିଡୀୟ ନ ହେଲେ ମଧ୍ୟ, ଏ ସବୁରେ କେବଳ ଜ୍ଞାନ-ବିଜ୍ଞାନ ଦୃଷ୍ଟିରୁ ବିବେକୀ ତଥା ଯୁକ୍ତିସଂଗତ ବିଷୟର ହିଁ ଅବତାରଣା କରାଯାଇଛି । □

# ପଦାର୍ଥ ଓ ଊର୍ଜା

ଗୋଟାଏ ସମୟ ଆସିଛି ଯେତେବେଳେ କି ପଦାର୍ଥବିଦ୍ୟାବିତ୍ ମାନେ, ରସାୟନବିଦ୍ୟାବିତ୍‌ମାନେ, ଜ୍ୟୋତିର୍ବିଜ୍ଞାନବିତ୍‌ମାନେ ବହୁ ଦୂରକୁ କହିଦେବାକୁ ସମର୍ଥ ହେଲେଣି ଏ ବିଶ୍ୱ କିଭଳି ସୃଷ୍ଟି ହୋଇଥିଲା, ସେମାନଙ୍କ ଦୃଷ୍ଟିରେ ଧରିତ୍ରୀରେ କିଭଳି ଜୀବନର ଆରମ୍ଭ ହୋଇଥିଲା କିମ୍ବା ପରମାଣୁର 'ଚଳନ' କିଭଳି ସଂସାରରେ ଘଟୁଥିବା ସବୁକଥାକୁ ନିୟନ୍ତ୍ରଣ କରୁଛି । ଅବଶ୍ୟ ଏତକ ଜାଣିବା ପାଇଁ ସେମାନଙ୍କୁ ଲାଗିଯାଇଛି ବହୁ ସହସ୍ର ବର୍ଷ । ଅତି ସାବଧାନତାର ସହିତ ସେମାନେ କରିଥିବା ପର୍ଯ୍ୟବେକ୍ଷଣ ସବୁର ମଧ୍ୟ ଏଥିରେ ମହତ୍ତ୍ୱ ରହିଛି । କିନ୍ତୁ ଆହୁରି ଅନେକ କଥା ଏ ପର୍ଯ୍ୟନ୍ତ ମଣିଷ ସଠିକ ଭାବେ ଜାଣିପାରୁନାହିଁ । ପଦାର୍ଥର ଅବସ୍ଥା ସମୂହ କାହିଁକି ସୃଷ୍ଟି ହେଉଛି; ସମଗ୍ର ବିଶ୍ୱରେ ପ୍ରକୃତିର ନିୟମ ଗୁଡ଼ିକ ସବୁଠାରେ ସମାନ ଭାବରେ ଲାଗୁ ହେଉଛି କି ନାହିଁ କିମ୍ବା ଆମ ବିଶ୍ୱ ଭଳି ଅନ୍ୟ କୌଣସି ବିଶ୍ୱ 'ସୃଷ୍ଟି'ରେ ଅନ୍ୟ କେଉଁଠାରେ ଅଛି କି ନାହିଁ ଭଳି କେତେକ କଥା ମଣିଷର ମନକୁ ଆଜି ମଧ୍ୟ ଆନ୍ଦୋଳିତ କରୁଛି ।

ପ୍ରକୃତି ଉପରେ ନିୟନ୍ତ୍ରଣ ଜାରୀ କରିବାପାଇଁ ମଣିଷ ମନରେ ଥିବା ଆକାଙ୍କ୍ଷା ମଧ୍ୟ ବିଜ୍ଞାନୀ ମାନଙ୍କୁ ଗୋଟାଏ ଅର୍ଥରେ ପଛରୁ ଠେଲୁଛି । ଶିଶୁଟିଏ ରବର ବଲ୍ ସାଥୀରେ ବା ବାଲିରେ ଖେଳିଲାବେଳେ ପ୍ରକୃତିରେ ପଦାର୍ଥ କିଭଳି ବ୍ୟବହାର ଦେଖାଉଛି ସେ କଥାର ସାଙ୍କେତିକ ପ୍ରମାଣ ହୁଏତ ଜଣେ ବିଜ୍ଞାନୀଙ୍କୁ ମିଳିଯାଉଛି । ଗୋଟାଏ ରବର ବଲ୍‌କୁ ଗୋଟାଏ ନିର୍ଦ୍ଦିଷ୍ଟ ଦିଗରେ ନିର୍ଦ୍ଦିଷ୍ଟ ବସ୍ତୁ ଉପରକୁ ନ ପକାଇଲେ ତାହା ଆଉ ତା ନିକଟକୁ ଫେରି ନ ଆସି ଅନ୍ୟ ଜଣଙ୍କ ହାତକୁ ଗ୍ରୁଲିଯିବା କଥା ସେହି ବିଜ୍ଞାନୀଙ୍କ ସାଥିରେ ପିଲାଟି ମଧ୍ୟ ଲକ୍ଷ୍ୟ କରିପାରୁଛି । ପରେ ବଡ଼ ହୋଇ ବୈଜ୍ଞାନିକ ଗବେଷଣା କଲାବେଳେ ତା ମନରେ ଥିବା ଏହି ଛାପ ହୁଏତ ତାକୁ ପ୍ରଭାବିତ କରିପାରୁଛି । ଫଳରେ ବିଜ୍ଞାନର ଦର୍ଶନ ଭଳି କଥାର ସୃଷ୍ଟି ହୋଇଯାଉଛି ।

ଏକ ସମୟରେ ମଣିଷର ଧାରଣା ଥିଲା ଯେ ସମଗ୍ର ବିଶ୍ୱର କେନ୍ଦ୍ରରେ ରହିଛି ଆମ ପୃଥିବୀ ଓ ତା ସମେତ ଅନ୍ୟସବୁ ଗ୍ରହ-ନକ୍ଷତ୍ର ଦୈବଶକ୍ତି ଦ୍ୱାରା ହିଁ ଆତଯାତ ହେଉଛନ୍ତି । ତା ପାଇଁ ଘଡ଼ଘଡ଼ି ମାରିବାଟା ଥିଲା 'ଭଗବାନ'ଙ୍କ ନିନାଦ—ଅନ୍ୟ କିଛି ନୁହେଁ । କିନ୍ତୁ ସେ ସମୟରେ ମଧ୍ୟ ସମସ୍ତେ ଯେ ଏକଥା ବିଶ୍ୱାସ କରିଯାଉଥିଲେ ତାହା ନୁହେଁ । ଗାଲିଲିଓ, କୋପରନିକସ ବା ପରବର୍ତ୍ତୀ ଅବସ୍ଥାରେ ନିଉଟନଙ୍କ ଭଳି କେତେକ ଲୋକ ସେମାନଙ୍କ ସମୟର ଚିନ୍ତାଧାରାକୁ ଗ୍ରହଣ କରି ନ ଯାଇ ନିଜ ବୁଦ୍ଧି ତଥା ଗବେଷଣା ପ୍ରସୂତ ଜ୍ଞାନକୁ ଆଧାର କରି ଆଗେଇ ଯିବାକୁ ବସିଥିଲେ । ସେମାନଙ୍କ ହାତରେ ଆଜିର ବିଜ୍ଞାନୀଙ୍କ ହାତରେ ଥିବା ବହୁ କୋଟି ଟଙ୍କା ମୂଲ୍ୟର ବୈଜ୍ଞାନିକ ଯନ୍ତ୍ରପାତି ନ ଥିଲା କିମ୍ବା ଆଜିର ସାମାଜିକ ସ୍ଥିତି ମଧ୍ୟ ନ ଥିଲା; ପିଲାଟିର ବଲ୍‌ଖେଳ ଭଳି ସେମାନେ କିନ୍ତୁ ବହୁକଥାକୁ ନିଜ ମୁଣ୍ଡରୁହିଁ କାଢ଼ିଦେଇ ପାରୁଥିଲେ ।

ମଣିଷ ଜାତିର ବିକାଶ ସହିତ ପଦାର୍ଥ ବିଦ୍ୟାର ବିକାଶ ହେବାଟା କ୍ରମେ ଗୋଟାଏ ନିୟମିତ କଥାରେ ପରିଣତ ହୋଇଗଲା । ବିଦ୍ୟୁତ୍ କରେଣ୍ଟ ବା ସ୍ରୋତ ଯେ ଚୁମ୍ବକତ୍ୱ ସୃଷ୍ଟି କରିଥାଏ, ଏ କଥାର ପ୍ରମାଣ ମାଇକେଲ ଫାରାଡେ ପାଇଗଲେ ଓ ବର୍ଷ ପରେ ବର୍ଷ ଗବେଷଣା କରି ଶେଷରେ ସେ ବିଦ୍ୟୁଦ୍ ଚୁମ୍ବକୀୟ ଆଗମନ ବା ଇଲେକ୍‌ଟ୍ରୋମାଗ୍ନେଟିକ ଇଣ୍ଡକସନ୍ ତତ୍ତ୍ୱ ବାହାର କରିଦେବାକୁ ସମର୍ଥ ହେଲେ । ଆଜିର ଅତିକାୟ ବିଦ୍ୟୁତ୍ ଜେନେରେଟର ସବୁ ଯେତେବେଳେ ଆମ କାରଖାନା, ଅଫିସ କିମ୍ବା ଘରକୁ ନିରବଚ୍ଛିନ୍ନ ଭାବେ ବିଜୁଳି ଶକ୍ତି ଯୋଗାଇ ଦେଉଛନ୍ତି, ସେତେବେଳେ ତାଙ୍କରି ଯୁଗାନ୍ତକାରୀ ଉଦ୍‌ଭାବନର ପ୍ରମାଣ ହିଁ ବାରମ୍ବାର ମିଳିଯାଉଛି ବୋଲି କୁହାଯାଇପାରେ । ଫାରାଡେଙ୍କ ଏହି ଉଦ୍‌ଭାବନର ଗାଣିତିକ ନିୟମ ବାହାର କରିଦେବାକୁ ଜେମସ କ୍ଲାର୍କ ମାକ୍‌ସ୍‌ୱେଲ ସମର୍ଥ ହେଲେ । ସେଥିରେ ସେ ଯେଉଁ ତରଙ୍ଗ ସବୁର ଭବିଷ୍ୟତ ବାଣୀ କରିଥିଲେ ସେ ସବୁର ବେଗ ଆଲୋକର ବେଗ ସଙ୍ଗେ ସମାନ ବୋଲି ସେଥିରେ କୁହାଯାଇଥିଲା । ପରେ ଜଣାପଡ଼ିଲା ପ୍ରକୃତ ଅର୍ଥରେ ସେହିସବୁ ତରଙ୍ଗ ହିଁ ହେଲା ସାମଗ୍ରିକ ଅର୍ଥରେ ଆଲୋକ । ଏହାପରେ ଅନ୍ୟ କେତେକଗବେଷକ 'ସେମାନଙ୍କ ଅଜାଣତ'ରେ ଯେଉଁ ଇଲେକ୍‌ଟ୍ରନ୍ କିରଣ ପୁଞ୍ଜ ବା ଇଲେକ୍‌ଟ୍ରନ୍ ବିମ୍‌ର ଆବିଷ୍କାର କରିପକାଇଲେ, ଆଜି ପୃଥିବୀର ଅଧିକାଂଶ ଘର ସେହି ଆବିଷ୍କାରରୁ ଉପକାର ପାଉଛି—ଟେଲିଭିଜନ ସେଟ୍ ଜରିଆରେ ।

ବିଂଶ ଶତାବ୍ଦୀର ପ୍ରଥମ କେତେ ଦଶକ ପରେ ପଦାର୍ଥବିଦ୍ୟାବିତ୍‌ମାନେ ପ୍ରକୃତି ହାତରୁ ଗୋଟାଏ ଅତି ଗୁରୁତ୍ୱପୂର୍ଣ୍ଣ ଚାବି ଛଡ଼ାଇ ଆଣି ପାରିଲେ ବୋଲି କୁହାଯାଇପାରେ । ଦ୍ୱିତୀୟ ବିଶ୍ୱଯୁଦ୍ଧ ଭଳି ବିଭୀଷିକାମୟ ପରିସ୍ଥିତି ଆଡ଼କୁ ଯେତେ-

ବେଳେ ମାନବଜାତି ମାଡ଼ିଯାଉଥାଏ, ଠିକ୍ ସେତିକିବେଳେ ସେମାନେ ପରମାଣୁ-ନାଭିରେ ଥିବା ଅସରନ୍ତି ଉର୍ଜା ବା ଶକ୍ତିର ପରୀକ୍ଷାମୂଳକ ସନ୍ଧାନ ପାଇଗଲେ । ଆଜି ଯେଉଁ ଭୟଙ୍କର ପରମାଣୁ ବୋମା ବା ପରମାଣୁ ଶକ୍ତିଚାଳିତ ଅସ୍ତ୍ରଶସ୍ତ୍ରବାହୀ ଯାନ ସବୁ ତିଆରି ହୋଇଯାଇଛି, ସେସବୁ ହେଲା ଏହାର ଫଳ । କିନ୍ତୁ ଏ କଥା ମଧ୍ୟ ସତ୍ୟ ଯେ ପଦାର୍ଥବିଦ୍ୟାବିତ୍‌ମାନେ କେବେହେଲେ ଉଦ୍ଦେଶ୍ୟମୂଳକ ଭାବେ ତାହା କରିନାହାନ୍ତି—ପ୍ରକୃତ ଅର୍ଥରେ ଦେଖିବାକୁ ଗଲେ ଜଡ଼ଜଗତକୁ ବୁଝିବା ପାଇଁ ସାରା ପୃଥିବୀରେ ଚାଲିଥିବା ଉପକାରୀ ଗବେଷଣାରୁ ହିଁ ଏସବୁ 'ଅପକାରୀ ବସ୍ତୁ' ସୃଷ୍ଟି ହୋଇଯାଇଛି ।

ଏକବିଂଶ ଶତାବ୍ଦୀର ଆରମ୍ଭ ବେଳକୁ ମଣିଷ ଜାତି ଗୋଟାଏ ବିଦ୍ୟୁତ୍ ଚୁମ୍ବକୀୟ ଦୁନିଆରେ ରହୁଛି ବୋଲି ନିଃସନ୍ଦେହରେ କୁହାଯାଇପାରେ । ଗ୍ରାଭିଟୀ ଯୋଗୁଁ ଆମେ ଅନନ୍ତ ମହାକାଶରେ ବିଲୀନ ନ ହୋଇଯାଇ ସୂର୍ଯ୍ୟ ଚାରିପଟେ ଘୁରି ବୁଲୁଛୁ । ଯେଉଁ ଆଲୋକ ଯୋଗୁଁ ପୃଥିବୀରେ ଜୀବନ ରକ୍ଷା ସମ୍ଭବ ହୋଇପାରିଛି ତାହା ସୂର୍ଯ୍ୟ ରୂପକ ଗୋଟିଏ ନିଉକ୍ଲିଅର ବା ପରମାଣୁ ରିଆକ୍ଟରରୁ ହିଁ ଆସୁଛି । କିନ୍ତୁ ଗ୍ରାଭିଟୀୟ, ନିଉକ୍ଲିଅର ଜାତିର ବଳ ସହ ଥିବା ଅନ୍ୟ ଗୋଟିଏ ବଳ, ବିଦ୍ୟୁତ୍‌ଚୁମ୍ବକୀୟ ବା ଇଲେକ୍‌ଟ୍ରୋମାଗ୍ନେଟିକ—ଏହି ଯେଉଁ ତିନୋଟି ପ୍ରଧାନ ପ୍ରାକୃତିକ ବଳ କଥା ପଦାର୍ଥବିଦ୍ୟାବିତ୍‌ମାନେ ଆଲୋଚନା କରିଥା'ନ୍ତି, ତା' ଭିତରୁ ଇଲେକ୍‌ଟ୍ରୋମାଗ୍ନେଟିକ ହିଁ ପୃଥିବୀରେ ଘଟୁଥିବା ଘଟଣା ସମୂହର ମୂଳ ନିୟନ୍ତ୍ରକ । ଏହି ବଳଟି ଏଭଳି ବିଗ୍ରହଶୀଳ ବା ବିବେକଶୀଳ ଯେ ନିଜର ଉପସ୍ଥିତିକୁ ଆଦୌ ନ ଜଣାଇ ମଧ୍ୟ ବେଳେ ବେଳେ ପୃଥିବୀରେ ନିଜ କାମ କରିଯାଉଥାଏ । ଆମେ ଜାଣୁଥିବା, ଦେଖୁଥିବା ସମସ୍ତ ପଦାର୍ଥର ବର୍ଣ୍ଣ, ଗୁଣ ତଥା ରାସାୟନିକ ଗୁଣଧର୍ମକୁ ବୁଝିହେବା ଆଜି ସମ୍ଭବ ହୋଇପାରିଛି କେବଳ ବିଦ୍ୟୁତ୍ ଓ ଚୁମ୍ବକ ଉପରେ ଅଧିକ ଗବେଷଣା ଯୋଗୁଁ । ପଦାର୍ଥବିଦ୍ୟା ଭିତରେ ଲୁଚି ରହିଥିବା ପ୍ରକୃତି କିନ୍ତୁ ସେହିଭଳି : ଗଛରୁ ଖସି ପଡୁଥିବା ଗୋଟିଏ ଫଳକୁ ଲକ୍ଷ୍ୟ କରି ଜଣେ ଗ୍ରହନକ୍ଷତ୍ରଙ୍କ ଆଚରଣ କଥା ପ୍ରକାଶ କରିଦେଇ ପାରୁଛି; ଗ୍ୟାସ୍ ଭିତର ଦେଇ ବିଦ୍ୟୁତ୍ କରେଣ୍ଟକୁ ପ୍ରବାହିତ କରିଦେବା ଦ୍ୱାରା କ'ଣ ଘଟୁଛି ସେ କଥା ଜଣାପଡ଼ିଯାଉଛି; ପଥର ବା ଶିଳା କାହିଁକି ଏତେ ଟାଣ ତାହା ବୁଝିବା ସମ୍ଭବ ହୋଇଯାଉଛି; ଘାସର ବର୍ଣ୍ଣ ବା ରଙ୍ଗ କାହିଁକି ଲୋଭନୀୟ ଭାବେ ସବୁଜ ସେ କଥା ମଧ୍ୟ ଜଣାପଡ଼ିଯାଉଛି ।

ଊନବିଂଶ ଶତାବ୍ଦୀର ଶେଷ ଅଂଶ ଓ ବିଂଶ ଶତାବ୍ଦୀର ଆରମ୍ଭର ଅଳ୍ପ କେତେବର୍ଷ ଭିତରେ ପଦାର୍ଥବିତ୍‌ମାନଙ୍କ କାମ ଅନନ୍ତ ମହାକାଶରେ ଥିବା ନକ୍ଷତ୍ର ଭିତରେ କ'ଣ ସବୁ ଘଟୁଛି ସେ କଥା ଜାଣିବା ବିଦ୍ୟାର ମୂଳଦୁଆ ପକାଇଦେବାକୁ ସମର୍ଥ ହେଲା । ସେହି ସମୟରେ ରସାୟନବିତ୍‌ମାନେ ଜାଣି ପକାଇଲେ ଯେ ଅସଂଖ୍ୟ ପରମାଣୁରେ ହିଁ ବିଶ୍ୱର ସବୁ ପଦାର୍ଥ ଗଢ଼ା ହୋଇଛି; ପ୍ରତ୍ୟେକଟି ରାସାୟନିକ ମୌଳିକ ଉପାଦାନରେ ପରମାଣୁ ସଜ୍ଜା ଭିନ୍ନ ଭିନ୍ନ ରୂପରେ ହୋଇଥିବାରୁ ସେ ସବୁର ଏତେ ସ୍ୱାତନ୍ତ୍ର୍ୟ; ଏସବୁ ପରମାଣୁକୁ ପୂର୍ବାନୁମେୟ ଅନୁସାରେ ସଜାଇ ଆବଶ୍ୟକ ଅଣୁ ଓ କ୍ରାଇଷ୍ଟାଲ ପ୍ରସ୍ତୁତ କରିଦେଇ ହେବ । ପିରିଅଡିକ ଟେବଲ ବା ଆବର୍ତ୍ତସାରଣୀ ନିୟମ ଦ୍ୱାରା ମୌଳିକ ଉପାଦାନ ଗୁଡ଼ିକୁ ନିର୍ଦ୍ଦିଷ୍ଟ ଢଙ୍ଗରେ ଭାର ବା ମାସ୍ ଦୃଷ୍ଟିରୁ ସଜାଇଦେଇ ହେଉଛି ବୋଲି ମଧ୍ୟ ସେମାନେ ସେହି ସମୟରେ ଜାଣିଗଲେ ।

ଆବର୍ତ୍ତ ସାରଣୀରେ ଥିବା ସଜ୍ଜାର ନିର୍ଦ୍ଦିଷ୍ଟତା ବିଷୟରେ ଖୁବ୍ ଭଲଭାବରେ ଜଣାପଡ଼ିଗଲା ଯେତେବେଳେ ପଦାର୍ଥବିଦ୍ୟାବିତ୍‌ମାନେ ପରମାଣୁର ଗଠନ କଥା ଆବିଷ୍କାର କରିଦେଲେ । ପରମାଣୁ ନାଭି ଚାରିପଟେ ଘୁରୁଥିବା ଇଲେକ୍‌ଟ୍ରନ୍, ତାହା ଦେହରେ ଥିବା ଚାର୍ଜ ବା ଆବେଶ ଓ ପରମାଣୁରେ କିଭଳି ଗୋଟିଏ ପିଆଜର ସ୍ତର ଭଳି ସ୍ତରକୁ ସ୍ତର ହୋଇ ଇଲେକ୍‌ଟ୍ରନ୍ ସବୁ ରହିଛନ୍ତି ସେ କଥା ଧରାପଡ଼ିଗଲାରୁ ପରମାଣୁର ରାସାୟନିକ ଅଭିବ୍ୟକ୍ତି କଥା ଜଣାପଡ଼ିଗଲା । ଏଥିରୁ ଧାତବୀୟ ଓ ଅଣଧାତବୀୟ ଉପାଦାନର ଗୁଣଧର୍ମ କଥା ଜଣାପଡ଼ିଯିବା ସଙ୍ଗେ ସଙ୍ଗେ ପ୍ରକୃତିରେ ମୌଳିକ ଉପାଦାନର ଆବିର୍ଭାବ କିଭଳି ହେଉଛି ସେ କଥା ମଧ୍ୟ ଜାଣି ହୋଇଗଲା । ସାମଗ୍ରିକ ଭାବେ ପୃଥିବୀରେ ଥିବା ସବୁ ପଦାର୍ଥର ଆଚରଣ ବିଷୟରେ ପଦାର୍ଥବିଦ୍ୟାବିତ୍ ଓ ରସାୟନବିଦ୍ୟାବିତ୍ ମାନେ ଏଥିରୁ ଜାଣିଗଲେ ବୋଲି କୁହାଯାଇ ପାରିବ । କାରଣ ଆମ ଆଗରେ ଥିବା ଅଳ୍ପ କେତୋଟି ରାସାୟନିକ ମୌଳିକ ଉପାଦାନ ହିଁ ହେଲେ ଏ ବିଶ୍ୱରେ, ପୃଥିବୀରେ ଥିବା ସମସ୍ତ ଜଡ଼ ଓ ଜୀବନର ମୂଳଭିତ୍ତି ।

ପଦାର୍ଥର, ଉଭୟ ବୈଦ୍ୟୁତିକ ଓ ଚୁମ୍ବକୀୟ ଗୁଣଧର୍ମ କିପରି ହେବ ସେ କଥା ତା'ର ପରମାଣୁରେ ଥିବା ଇଲେକ୍‌ଟ୍ରନ୍‌ର ସଜ୍ଜାରୁ ଜଣାପଡ଼ିଯାଇଥାଏ । ଅନେକ ସମୟରେ ବହୁ ଅଧିକ ଅଣୁଭର୍ତ୍ତି ହୋଇଥିବା ଗୋଟିଏ ଏକକ ବା କ୍ରାଇଷ୍ଟାଲ କିଭଳି ଆଚରଣ ଦେଖାଇବ ସେ କଥା ମଧ୍ୟ ଏଥିରୁ ଜଣାପଡ଼ିଯାଏ । କ୍ରାଇଷ୍ଟାଲଟି ହେଲା ଯେ କୌଣସି ଘନ ପଦାର୍ଥର ଗୋଟାଏ ମୌଳିକ ଭିତ୍ତି । ଇଲେକ୍‌ଟ୍ରନ୍ ଦ୍ୱାରା ସୃଷ୍ଟ ରାସାୟନିକ ବନ୍ଧନର ଦୃଢ଼ତା ଏବଂ ଅଣୁ-ଅଣୁ ଭିତରେ ଦେଖାଯାଉଥିବା 'ବଳ'କୁ ନେଇ ପଦାର୍ଥଟି ଘନ, ତରଳ ବା ଗ୍ୟାସ୍—ଏଭଳି କେଉଁ ଅବସ୍ଥାରେ ରହିବ ସେ କଥା ସ୍ଥିରୀକୃତ ହୋଇଥାଏ । ଆହୁରି ମଧ୍ୟ ଉର୍ଜା ଅବଶୋଷଣ କ୍ରିୟା ଦ୍ୱାରା ଏହି ଇଲେକ୍‌ଟ୍ରନ୍ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ 'ଡେଇଁ' ପଡ଼ିଥାଏ । ଫଳରେ

ପଦାର୍ଥର ରଙ୍ଗ ବା ବର୍ଣ୍ଣ କ'ଣ ସେକଥା ପାର୍ଥିବ ଦୃଷ୍ଟିରୁ ପ୍ରକାଶ ପାଇଯାଏ । ଏହି 'ଡେଇଁ ପଡ଼ିବା' କ୍ରିୟାକୁ ନିୟନ୍ତ୍ରିତ ଭାବେ ଚଳାଇ ରଖିପାରିଲେ ଲେଜର ରଶ୍ମିର ସୃଷ୍ଟି ହୋଇଯାଇଥାଏ ।

ଦୃଶ୍ୟମାନ ଆଲୋକ ସହିତ ରେଡିଓ ତରଙ୍ଗ, ଅଲ୍ଟ୍ରାଭାଓଲେଟ ରଶ୍ମି, ଇନ୍‌ଫ୍ରାରେଡ୍ ରଶ୍ମି, ଏକ୍ସରେ ଭଳି 'ଅଦୃଶ୍ୟ' ଆଲୋକ ସବୁ ହେଲେ ପ୍ରକୃତିରେ ଦେଖାଦେଉଥିବା ବିଶୁଦ୍ଧ ଉର୍ଜା । ଏହିସବୁ ପ୍ରକାରର ଇଲେକ୍‌ଟ୍ରୋମାଗ୍ନେଟିକ ବିକିରଣ ସୃଷ୍ଟି ହୋଇଥାଏ ଯେତେବେଳେ ଇଲେକ୍‌ଟ୍ରନ୍ ଗୁଡ଼ିକ ଗୋଟାଏ ଦୃଷ୍ଟିରୁ ହଠାତ୍ ଥରି ଉଠନ୍ତି । କେଉଁ ଜାତିର ବିକିରଣ ବା ଆଲୋକ ତରଙ୍ଗର ସୃଷ୍ଟି ହେବ ସେଥି ନିମନ୍ତେ ଏହି ଥରି ଉଠିବାର ମାତ୍ରା ହେଲା ଦାୟୀ । ଏହିସବୁ ବିକିରଣୀ ଉର୍ଜା ସଂପୂର୍ଣ୍ଣ ଶୂନ୍ୟରେ ଗତିକରି ପାରନ୍ତି ବୋଲି ପ୍ରକୃତିରୁ ଜଣାପଡ଼େ । ଉର୍ଜା ଗୋଟିଏ ରୂପରୁ ଅନ୍ୟ ଗୋଟିଏ ରୂପକୁ ମଧ୍ୟ ରୂପାନ୍ତରିତ ହୋଇଯାଇପାରେ: ସେଇଥିପାଇଁ ଉଦ୍‌ଭିଦର ପତ୍ର ଆଲୋକରୁ ସଂଗ୍ରହ କରୁଥିବା ଉର୍ଜା ବା ଶକ୍ତି ଶେଷରେ ତା ପାଇଁ ରାସାୟନିକ ଖାଦ୍ୟରେ ପରିଣତ ହୋଇଯାଇ ପାରୁଛି; ମହାଦେଶ ସବୁ ସୃଷ୍ଟିର ଆଦ୍ୟ ଅବସ୍ଥାରେ ସେହି ଯେଉଁ ଉଦ୍‌ଭିଦରାଜି ପୋତି ହୋଇପଡ଼ି ଆଜିର କୋଇଲା ରୂପରେ ମିଳୁଛି ତାକୁ ଜାଳି ଉତ୍ତପ୍ତ ବାଷ୍ପ ସୃଷ୍ଟି କରାଯାଇପାରୁଛି ଏବଂ ଅବଶେଷରେ ସେହି ବାଷ୍ପଦ୍ୱାରା ଚଳୁଥିବା ଟର୍ବାଇନ ବିଦ୍ୟୁତ୍ ଶକ୍ତି ଉତ୍ପାଦନ କରିଦେଇ ପାରୁଛି—ଉର୍ଜାର ରୂପାନ୍ତରଣ ପ୍ରକ୍ରିୟା ଭିତରେ ଥିବା ଚକ୍ରୀୟ ସଂପର୍କ କଥା ଏହି ଉଦାହରଣରୁ ଲକ୍ଷ୍ୟ କରାଯାଇପାରିବ ।

ଆଲୋକ ସହିତ ଶବ୍ଦ-କମ୍ପନ ଓ ଗଡ଼ି ଆସୁଥିବା ଜଳଧାରାରେ ଲୁଚି ରହିଥିବା ଗ୍ରାଭିଟୀୟ ପ୍ରଭାବ ମଧ୍ୟ ହେଲା ଗୋଟାଏ ଗୋଟାଏ ପ୍ରକାରର ଉର୍ଜା । ଯେମିତି ହେଲେ ବି ସମୟକ୍ରମେ ଗୋଟାଏ ଶବ୍ଦ କମ୍ପନ ବନ୍ଦ ହୋଇଯାଏ—ଜଳ ଯାଇ ଗୋଟାଏ ସ୍ଥାନରେ ସ୍ଥିର ଭାବେ ଜମିଯାଏ—ଜଳୁଥିବା ଇଲେକ୍‌ଟ୍ରିକ୍ ବଲ୍‌ବର ଆଲୋକ କାନ୍ଥରେ ଝୁଲୁଥିବା ଚିତ୍ର ବା ଅନ୍ୟ କୌଣସି ପଦାର୍ଥ ଦ୍ୱାରା ଅବଶୋଷିତ ହୋଇଯାଇଥାଏ । ସ୍ଥୂଳ ଭାବେ କହିବାକୁ ଗଲେ ଏସବୁ କ୍ଷେତ୍ରରେ ଉର୍ଜା ଯାଇ ତାପରେ ପରିଣତ ହୋଇଯାଉଛି । ଅଣୁ-ପରମାଣୁର ଅନିୟମିତ ଗତି ହେଲା ତାପ । ପ୍ରକୃତିର ବିଚିତ୍ର ନିୟମ ଯୋଗୁଁ ସବୁ ପ୍ରକାରର ଉର୍ଜା କାଳକ୍ରମେ ଅର୍ଥହୀନ ବା ଅଦରକାରୀ ତାପରେ ପରିଣତ ହୋଇଯିବାକୁ ବାଧ୍ୟ ।

ଏକଥା ସ୍ପଷ୍ଟ ଯେ ଯଦି ଅବାରିତ ଭାବେ ନୂଆ ଉର୍ଜା ଉପଲବ୍‌ଧ ନ ହେଲା ତେବେ ବିଶ୍ୱରେ ହେଉଥିବା ସମସ୍ତ କାର୍ଯ୍ୟ ବନ୍ଦ ହୋଇଯିବା ସୁନିଶ୍ଚିତ । ମାନବଶରୀର କିମ୍ବା ତା'ର ମସ୍ତିଷ୍କ ଯେ କାର୍ଯ୍ୟକ୍ଷମ ରହିଛି ସେଥିପାଇଁ ଦାୟୀ ହେଲା ଖାଦ୍ୟ । ସେହି ଖାଦ୍ୟ ପ୍ରସ୍ତୁତ ହୋଇଛି ଅଳ୍ପ କେତେଦିନ ବା ଅଳ୍ପ କେତେମାସ ତଳେ ମିଳିଥିବା ସୂର୍ଯ୍ୟାଲୋକ ଦ୍ୱାରା ପୁଷ୍ଟ ଉଦ୍‌ଭିଦକୁ ନେଇ । ଏହି ସୂର୍ଯ୍ୟାଲୋକ ସମ୍ଭବ ହୋଇପାରିଛି ସୂର୍ଯ୍ୟ ଭିତରେ ଘଟୁଥିବା ଗୋଟିଏ ପ୍ରକ୍ରିୟା ଯୋଗୁଁ । ତାହା ହେଲା : ସେଠି ପ୍ରତି ମୁହୂର୍ତ୍ତରେ ପଦାର୍ଥ ଉର୍ଜାରେ ପରିଣତ ହୋଇଯାଉଛି । ଦେଖିବାକୁ ଗଲେ ଆମ ସୌରଜଗତର ନିୟାମକ ନକ୍ଷତ୍ର ସୂର୍ଯ୍ୟ ହେଲା ଏ ବିଶ୍ୱର ଗୋଟିଏ ଅତି ସାଧାରଣ ନକ୍ଷତ୍ର । ପ୍ରାୟ ୧୦୦ ୦୦୦୦୦୦୦୦୦ ନକ୍ଷତ୍ରଙ୍କ ବାସସ୍ଥଳୀ ଛାୟାପଥ ବା ମିଲ୍‌କିଓ୍ୱେ ଗାଲାକ୍‌ସୀର କେଉଁ ଗୋଟିଏ କଣରେ ଯାଇ ଏହା ସପରିବାର ରହିଛି । ଆମ ଗାଲାକ୍‌ସୀ ପାଇଁ ମଧ୍ୟ ସେମିତି କିଛି ଗର୍ବ କରିବାର ନାହିଁ । ଏଭଳି କୋଟି କୋଟି ଗାଲାକ୍‌ସୀ ବିଶ୍ୱର ଅନନ୍ତ ମହାକାଶରେ ଘୁରି ବୁଲୁଛନ୍ତି; "ବ୍ରହ୍ମାଣ୍ଡ ମାଳ ମାଳ ହୋଇ...." ଭଳି ଦର୍ଶନତତ୍ତ୍ୱର ପ୍ରମାଣ ଦେଉଛନ୍ତି ।

ଆମେ ଜାଣିଥିବା ବିଶ୍ୱରେ ସବୁବେଳେ ଗ୍ରାଭିଟୀୟ ଓ ନିଉକ୍ଲିଅର ବଳ ନିଜ ପ୍ରଭାବ ବିସ୍ତାର କରିବା ପାଇଁ ପରସ୍ପର ଭିତରେ ଲଢାଇ କରି ଆସୁଛନ୍ତି । ନକ୍ଷତ୍ର ସୃଷ୍ଟି କ୍ଷେତ୍ରରେ ଏହାର ନିର୍ଦ୍ଦିଷ୍ଟ ପ୍ରମାଣ ମିଳୁଛି । ଯେତେବେଳେ କିଛି ପରିମାଣର ଉଦ୍‌ଜାନ ବାଷ୍ପକୁ ଗ୍ରାଭିଟୀ 'ଏକାଠି' କରି ବୁଲାଇ ଦେଉଛି, ଏହା ଫଳରେ ସେଠି ଭୟଙ୍କର ତାପ ସୃଷ୍ଟି ହୋଇ ପ୍ରାକୃତିକ ନିୟମରୁ ନିଉକ୍ଲିଅର ପ୍ରତିକ୍ରିୟା ଆରମ୍ଭ ହୋଇଯିବା ସ୍ୱାଭାବିକ ହୋଇପଡୁଛି ଓ ଶେଷରେ ନକ୍ଷତ୍ରଟିଏ ସୃଷ୍ଟି ହୋଇଯାଉଛି । ସେଭଳି ପ୍ରତିକ୍ରିୟା ହେବାଦ୍ୱାରା ନକ୍ଷତ୍ର ଭିତରେ ଉଦ୍‌ଜାନ ପରମାଣୁ ସବୁ ମିଶିଯାଇ ତୁଳନାତ୍ମକ ଭାବେ ଅଧିକ ଓଜନିଆ ନୂଆ ନୂଆ ରାସାୟନିକ ମୌଳିକ ଉପାଦାନ ପରମାଣୁ ତିଆରି କରି ପକାଉଛନ୍ତି । କିନ୍ତୁ ସୃଷ୍ଟି ହୋଇଯାଉଥିବା ନୂଆ ପରମାଣୁ ଗୁଡ଼ିକ 'ତା' ନିଜ ଓଜନଠାରୁ ଅଧିକ ଓଜନର ନୁହେଁ । ଏହି ପରମାଣୁ ତିଆରି ପ୍ରକ୍ରିୟା ଫଳରେ ଯେଉଁ ଅତି ଅଳ୍ପ ପରିମାଣର ପଦାର୍ଥ କ୍ଷୟ ହୋଇଯାଉଛି, ତାହା କିନ୍ତୁ ବିଶାଳ ପରିମାଣର ଉର୍ଜାରେ ପରିଣତ ହୋଇଯାଉଛି । ଏଭଳି ପରିମାଣର ଉର୍ଜା ନବଜାତ ନକ୍ଷତ୍ରଟିକୁ ସହଜରେ ଖଣ୍ଡ ଖଣ୍ଡ କରିଦିଅନ୍ତା—କିନ୍ତୁ ସେଭଳି ନ କରିପାରିବାର କାରଣ ହେଲା ଗ୍ରାଭିଟୀୟ ବଳ । ଏହା ନକ୍ଷତ୍ର ପିଣ୍ଡଟିକୁ ଅତି ଜୋରରେ ଜାବୁଡ଼ି ଧରିଲା ଭଳି ରଖିଦେଇଛି । ଏଇଠି କିନ୍ତୁ ଏ ଦୁଇ ବଳ କ୍ଷେତ୍ରରେ କ୍ରମେ ଗୋଟାଏ ସମତୁଲ ଅବସ୍ଥା ସୃଷ୍ଟି ହୋଇଯାଉଛି; ନିଉକ୍ଲିଅର ଦହନ ଏବଂ ଅନ୍ୟ କେତେକ କାରଣରୁ ନକ୍ଷତ୍ରଟିର ଆୟୁଷ, ଉଜ୍ଜ୍ୱଳତା ତଥା ଆକୃତି କ'ଣ ହେବ ସେ କଥା ପ୍ରକୃତି ସ୍ଥିର କରିଦେଉଛି ।

ଆମ ସୂର୍ଯ୍ୟ ଭିତରେ ଏହି ଦହନ କ୍ରିୟା ଅପେକ୍ଷାକୃତ ମନ୍ଥର ଗତିରେ ହେଉଥିଲେ ମଧ୍ୟ ଆଜିଠାରୁ କେତେ ଶହ କୋଟି ବର୍ଷ ପରେ ତାହା ସୌର ପରିବାର ସହ ଧ୍ୱଂସ ହୋଇଯିବା ନିଶ୍ଚିତ । ସୂର୍ଯ୍ୟଠାରୁ ବଡ଼ ନକ୍ଷତ୍ର ଗୁଡ଼ିକରେ ନିଉକ୍ଲିଅର ଦହନର ମାତ୍ରା ଖୁବ୍ ଅଧିକ ଓ ସେ ସବୁରେ ଶେଷରେ ବିସ୍ଫୋରଣ ଘଟି ଗୋଟାଏ ସୁପରନୋଭା ଅବସ୍ଥା ସୃଷ୍ଟି ହୋଇଯାଏ । ସେତିକିବେଳେ ବିଶ୍ୱରେ ଦେଖାଯାଉଥିବା ସବୁଯାକ ରାସାୟନିକ ମୌଳିକ ଉପାଦାନ ତିଆରି ହୋଇଯାଆନ୍ତି । ଆମ ଶରୀର ଗଢା ହେବାରେ ଉଦ୍‌ଜାନ ଠାରୁ ଅଧିକ ଓଜନର ଯେତେ ପରମାଣୁ ଲାଗିଛି, ସେସବୁ ସୂର୍ଯ୍ୟ ସୃଷ୍ଟି ହେବା ପୂର୍ବରୁ ଘଟିଥିବା କୌଣସି ସୁପରନୋଭା ବିସ୍ଫୋରଣରୁ ହିଁ ଆସିଛନ୍ତି ବୋଲି କୁହାଯାଏ । ସୂର୍ଯ୍ୟ ଚାରିପଟେ ଘୁରି ବୁଲୁଥିବା କେତେକ ଓଜନିଆ ଖଗୋଳୀୟ ପଦାର୍ଥର ପିଣ୍ଡ ଶେଷକୁ ପୃଥିବୀରେ ପରିଣତ ହୋଇ ଯାଇଛନ୍ତି ବୋଲି ଧରାଯାଇପାରେ । ଆଗ୍ନେୟଗିରି ଉଦ୍‌ଗୀରଣ, ଭୂମିକମ୍ପ ତଥା କଣ୍ଟିନେଣ୍ଟାଲ ଡ୍ରିଫ୍‌ଟ ଭଳି ପ୍ରାକୃତିକ କାର୍ଯ୍ୟରେ ଯେଉଁ ଉର୍ଜାର ଉପଯୋଗ ପୃଥିବୀରେ ହେଉଛି ତାହା ସୃଷ୍ଟି ସମୟରୁ ପୃଥିବୀ ଅଭ୍ୟନ୍ତରରେ ଗଚ୍ଛିତ ଥିବା ବିଘଟନାଭିକ ବା ରେଡିଓ ଆକ୍‌ଟିଭ ବିକିରଣ ଉର୍ଜା ବ୍ୟତୀତ ଅନ୍ୟ କିଛି ନୁହେଁ । ସୂର୍ଯ୍ୟାଲୋକ ଦ୍ୱାରା ପୃଥିବୀପୃଷ୍ଠରେ ଥିବା ପଦାର୍ଥ ସବୁ କ୍ରିୟାଶୀଳ ହୋଇ ଉଠୁଛନ୍ତି ଓ କାଳକ୍ରମେ ଏହି ସବୁ ପ୍ରକ୍ରିୟା ଗୋଟାଏ ନିର୍ଦ୍ଦିଷ୍ଟ ରୂପ ନେଇ ଜୀବନର ସୃଷ୍ଟି ହୋଇଯାଇଛି ବା ଯାଉଛି ।

ପୃଥିବୀ ବାହାରେ କିନ୍ତୁ ପଦାର୍ଥ ଓ ଉର୍ଜା ଯୋଗୁଁ ଏଭଳି କେତେକ ଘଟଣା ଘଟୁଛି ଯାହାର ସମ୍ଭାବନା ପୃଥିବୀ ବକ୍ଷରେ ଦେଖାଯାଉନାହିଁ— ସେଭଳି ସମ୍ଭାବନା ଦେଖାଯାଉ ବୋଲି ମଧ୍ୟ କେହି ହୁଏତ କାମନା କରିବେ ନାହିଁ । କାରଣ ଅନନ୍ତ ମହାକାଶରେ ପଦାର୍ଥ ଓ ଉର୍ଜା ଯେଉଁ ଧରଣର ଧ୍ୱଂସଲୀଳା ବା ଧ୍ୱଂସକ୍ରିୟା ସୃଷ୍ଟି କରୁଛନ୍ତି ତା'ର କାରଣ ଜାଣିବା ଆଜି ପର୍ଯ୍ୟନ୍ତ ସମ୍ଭବ ହୋଇନାହିଁ । ବିଶ୍ୱସୃଷ୍ଟିରେ ପ୍ରକୃତି ଉଦ୍‌ଜାନକୁ କାହିଁକି କଞ୍ଚାମାଲ ହିସାବରେ ଗ୍ରହଣ କରିଯାଇଛି ସେ କଥା ମଧ୍ୟ ବିଜ୍ଞାନୀମାନେ ଏ ପର୍ଯ୍ୟନ୍ତ ସଠିକ ଅନୁମାନ କରିପାରୁ ନାହାନ୍ତି । ଉଦ୍‌ଜାନର ପରମାଣୁ ପ୍ରୋଟନ୍‌କୁ ନେଇ ଏଥିପାଇଁ ଅତିକାୟ ପରମାଣୁ ଆକ୍‌ସିଲରେଟର ସବୁରେ ପରୀକ୍ଷା କରାଯାଉଛି । ଏଭଳି ପରୀକ୍ଷାରୁ ବହୁ ପ୍ରକାରର ଅବପରମାଣୁ କଣିକାର ସନ୍ଧାନ ପଦାର୍ଥବିଦ୍ୟାବିଦ୍‌ମାନେ ପାଇବାକୁ ଲାଗିଲେଣି । ଭିନ୍ନ ଭିନ୍ନ ପରମାଣୁ ଗଠନରେ ଲାଗୁଥିବା ଏହିସବୁ ଅବପରମାଣୁ କଣିକାର ଗୁଣଧର୍ମ ତଥା ଆବେଶଜାତ ଆଚରଣ କଥା କିନ୍ତୁ ଆଜିର ପଦାର୍ଥବିଦ୍ୟାର ନିୟମ ସବୁ ସଂପୂର୍ଣ୍ଣ ଭାବେ ପ୍ରକାଶ କରିପାରୁ ନାହାନ୍ତି । ଏହି କଥା ଉପରେ ଅଧିକ ଆଲୋଚନା କରି ସିଦ୍ଧାନ୍ତିକ ବିଜ୍ଞାନୀମାନେ କ୍ୱାର୍କ ଭଳି କଣିକା କଥା କହୁଛନ୍ତି ଓ ସେମାନଙ୍କ ସିଦ୍ଧାନ୍ତର ଭବିଷ୍ୟତବାଣୀ ଅନୁଯାୟୀ ସବୁଯାକ କ୍ୱାର୍କର ପରୀକ୍ଷାମୂଳକ ସନ୍ଧାନ ୧୯୯୭ ମସିହା ଆରମ୍ଭ ବେଳକୁ ମିଳିଗଲାଣି ବୋଲି ବହୁମତ ପ୍ରକାଶ ପାଉଛି ।

ଆଉ ଗୋଟିଏ କଥା ଉପରେ ମଧ୍ୟ ଆଜି ଆଲୋଚନା ହେଉଛି । ଅତିକାୟ ଖଗୋଳୀୟ ପିଣ୍ଡସବୁ ଯେଉଁ ଗ୍ରାଭିଟୀୟ ନିୟମ ପାଳନ କରୁଛନ୍ତି, ଅତିକ୍ଷୁଦ୍ର ପରମାଣୁ ସବୁ ହେଲେ କିନ୍ତୁ ସେହି ନିୟମର ବ୍ୟତିକ୍ରମ । ତେଣୁ ବହୁ ଗବେଷକ ଲାଗିପଡ଼ିଛନ୍ତି କିଭଳି ବିଶ୍ୱରେ 'କ୍ଷୁଦ୍ରତା' ସମ୍ବନ୍ଧୀୟ କ୍ୱାଣ୍ଟମ ଓ ଗ୍ରାଭିଟୀ—ଏହି ଦୁଇଟି ସିଦ୍ଧାନ୍ତର ନିୟମ ଗୁଡ଼ିକୁ ଗୋଟିଏ ସମ୍ମିଳିତ ବା ଅନୁରୂପ ସିଦ୍ଧାନ୍ତରେ ପରିଣତ କରିଦେଇ ପାରିବେ । ତାହା କରିବା କିନ୍ତୁ ଆଜି ପର୍ଯ୍ୟନ୍ତ ସମ୍ଭବ ହୋଇନାହିଁ । ଏହା ହୋଇଗଲେ ପଦାର୍ଥବିଦ୍ୟା କ୍ଷେତ୍ରରେ ଦେଖାଯାଉଥିବା ବହୁ ସମସ୍ୟାର ସମାଧାନ ହୋଇଯିବ ବୋଲି ଅନେକଙ୍କ ମତ ।

କିନ୍ତୁ ଏଭଳି ଗୋଟିଏ ଯୁଗାନ୍ତକାରୀ ମୌଳିକ ଘଟଣା ଯେ ଦିନେ ସବୁ ପ୍ରକାର ଆଲୋଚନାର ଅନ୍ତଃ କରିଦେଇ ପାରିବ, ବୋଧହୁଏ ତାହା ନୁହେଁ । କ୍ୱାଜାର, ପଲ୍‌ସାର ଭଳି ନକ୍ଷତ୍ର ଓ ନୂଆ ଧରଣର ଏମିତି ଅନେକ ଗାଲାକ୍‌ସୀର ସନ୍ଧାନ ଅନ୍ତରୀକ୍ଷରେ ମିଳିଛି ଯେଉଁ ଗୁଡ଼ିକଙ୍କ ବିଷୟରେ 'ବୁଝିବା' ପାଇଁ ହୁଏତ ଗୋଟିଏ ସମ୍ମିଳିତ ସିଦ୍ଧାନ୍ତର ସାହାଯ୍ୟ ମଧ୍ୟ ଯଥେଷ୍ଟ ନୁହେଁ । ପୃଥିବୀ କକ୍ଷରେ ରହି ହବଲ୍ ମହାକାଶ ଟେଲିସ୍‌କୋପ ଯେଉଁ ତଥ୍ୟ ୧୯୯୭ ମସିହା ବେଳକୁ ପଠାଇଲାଣି ସେଥିର ତର୍ଜମା କରିବା ଦ୍ୱାରା ସମଗ୍ର ବିଶ୍ୱରେ ବହୁ ବିଚିତ୍ର ଘଟଣା ଘଟୁଥିବା କଥା ପ୍ରାଥମିକ ଭାବେ ଜଣାପଡୁଛି । ଏଭଳିକି ଆମ ବିଶ୍ୱରେ ଥିବା କେତେଗୁଡ଼ିଏ ନକ୍ଷତ୍ର ଅପେକ୍ଷା ତା ନିଜର ବୟସ ହୁଏତ କମ୍ ବୋଲି କେତେକ ଜ୍ୟୋତିର୍ବିଜ୍ଞାନୀ କହିବାକୁ ଆରମ୍ଭ କଲେଣି । ଯେଉଁ ପଲ୍‌ସାର ଗୁଡ଼ିକରେ ଗ୍ରାଭିଟୀୟ ବଳ ନିଉକ୍ଲିଅର ବଳକୁ ସମୟ କ୍ରମେ କାବୁ କରିଦେଇ ପାରୁଛି, ସେଠି ଶେଷରେ ଏଭଳି ଗୋଟିଏ ପରିସ୍ଥିତି ସୃଷ୍ଟି ହୋଇଯାଉଛି ଯେ ସେ ଅଞ୍ଚଳରୁ ଆଲୋକ ମଧ୍ୟ ଖସିକରି ଆସି ପାରୁନାହିଁ । ଆମ ଛାୟାପଥରେ ଏଭଳି କେତେକ 'ବ୍ଲାକହୋଲ' ଅଞ୍ଚଳର ନିର୍ଦ୍ଦିଷ୍ଟ ସନ୍ଧାନ ମିଳିଥିଲେ ମଧ୍ୟ ସେସବୁ ବିଷୟରେ ଆହୁରି ବହୁ ଅଧିକ କଥା ଜାଣିବାକୁ ବାକି ଅଛି । ପ୍ରାୟ ଅଶୀବର୍ଷ ତଳେ ସ୍ରଷ୍ଟା ଆଇନଷ୍ଟାଇନ ଗ୍ରାଭିଟୀର ଯେଉଁ ଅନୁପମ ଗାଣିତିକ ସିଦ୍ଧାନ୍ତ ବାହାର କରିଥିଲେ ସେଇଟି ସପକ୍ଷରେ ଯଥେଷ୍ଟ ପ୍ରମାଣ ମିଳିସାରିଥିଲେ ମଧ୍ୟ ତାହା ଉପରେ ଆହୁରି ଅଧିକ କାମର ଆବଶ୍ୟକତା ଦେଖାଦେଲାଣି ବୋଲି ଆଜି ଆଲୋଚନା ହେଉଛି । ବୋଷ-ଆଇନଷ୍ଟାଇନ କଣ୍ଡେନସେଟ୍ ଭଳି ପଦାର୍ଥ ବା

ପଦାର୍ଥ ଅବସ୍ଥା ସ୍ତର, ଉଦ୍‌ଜାନର ଧାତବ ଅବସ୍ଥା ଓ ବିଜ୍ଞାନ ଦୃଷ୍ଟିରୁ କେତେ ପରିମାଣର ଆଣ୍ଟିମାଟର ୧୯୯୭ ମସିହା ଆରମ୍ଭ ବେଳକୁ ପୃଥିବୀର ଗବେଷଣାଗାର ଗୁଡ଼ିକରେ ସୃଷ୍ଟି ହୋଇଯିବାକୁ ଲାଗିଲାଣି । କିନ୍ତୁ ଏସବୁ ସତ୍ତ୍ୱେ ମଧ୍ୟ ଆହୁରି ଅନେକ ପରିଘଟଣକୁ ପୂର୍ଣ୍ଣମାତ୍ରାରେ 'ବୁଝିବା' ପାଇଁ ବାକି ଅଛି ବୋଲି ସମସ୍ତେ ସହମତ ।

ଏସବୁ କଥାରୁ ସେଇଥିପାଇଁ ଏତକ ସ୍ପଷ୍ଟ ହୋଇଯାଉଛି ଯେ ଭୌତିକବିଜ୍ଞାନ ଯେତେ ଅଗ୍ରଗତି କଲେ ମଧ୍ୟ ପ୍ରକୃତିର 'ଚିନ୍ତା'କୁ ଟପିବା ହୁଏତ ଏହା ପକ୍ଷରେ ଆଦୌ ସମ୍ଭବ ନୁହେଁ । ▫

# ଧରିତ୍ରୀ

ଧରିତ୍ରୀ ଗୋଟିଏ ଏଭଳି 'ପଦାର୍ଥ'— ଯାହା ବିଷୟରେ କି ଆମ ସମସ୍ତଙ୍କର କିଛି ନା କିଛି ଧାରଣା ଅଛି ବୋଲି ନିଶ୍ଚୟ କୁହାଯାଇ ପାରିବ । ଧରିତ୍ରୀ ବା ପୃଥିବୀର 'ଦୃଶ୍ୟ' ସମସ୍ତଙ୍କ ପାଇଁ ମନୋମୁଗ୍ଧକର, ସମସ୍ତଙ୍କ ପାଇଁ ରୋଚକ ବା ଉପାଦେୟ । ଆହୁରି ମଧ୍ୟ ପୃଥିବୀ ବିଷୟରେ ମଣିଷ ଅଧିକରୁ ଅଧିକ ଜାଣିବା ଫଳରେ ପ୍ରକୃତି ବିଷୟରେ ବହୁ କଥା ଜାଣିବାକୁ ସକ୍ଷମ ହୋଇଛି ବୋଲି କୁହାଯାଇପାରେ । ଅନ୍ୟ ଅର୍ଥରେ କହିବାକୁ ଗଲେ ଏଭଳି ଜାଣିବା ଦ୍ୱାରା ସେ 'ଭଗବାନ'ଙ୍କର ଅଧିକ ନିକଟତର ହୋଇପାରିଛି, ଜ୍ଞାନାତୀତ ଶକ୍ତି କଥା ବୁଝିପାରିଛି; ନିଜେ ସେଭଳି ଶକ୍ତି ଆହରଣ କରିବାକୁ ଉଦ୍ୟମ କରିଛି । ପ୍ରକୃତି ସହିତ 'କଥାବାର୍ତ୍ତା' କରିବା ଦ୍ୱାରା ମଣିଷ 'ଶାନ୍ତି'ର ସନ୍ଧାନ ଲାଭ କରିବାକୁ ଚେଷ୍ଟା କରିଛି, ଯଦିଓ ଧରିତ୍ରୀ କେବେହେଲେ ଗୋଟିଏ ଶାନ୍ତ ଏକକ ନୁହେଁ ବୋଲି ସେ ମୂଳରୁ ଜାଣିଛି—ପାର୍ଥିବ ଜଗତରେ ପ୍ରକୃତି ତାର ଭୟଙ୍କର ଧ୍ୱଂସଲୀଳା ଚଳାଇ ରଖିଥିବା କଥା ଜାଣି ମଧ୍ୟ ମଣିଷ ଏଭଳି ଚେଷ୍ଟା କରିଛି । ମଣିଷ ସେହି ଶାନ୍ତିର ସନ୍ଧାନ କରୁ କରୁ ବର୍ଷା, ବନ୍ୟା, ବାତ୍ୟା, ଭୂମିକମ୍ପ, ଆଗ୍ନେୟ ଉଦ୍‌ଗୀରଣ ଭଳି ଧରିତ୍ରୀର ସଂହାରକାରୀ କ୍ରିୟାସମୂହ ବିଷୟରେ ଅଧିକରୁ ଅଧିକ ଜାଣିବା ପାଇଁ ଚେଷ୍ଟା କରିଛି ।

ଧରିତ୍ରୀ ଓ ମଣିଷ ଭିତରେ ଥିବା ନିବିଡ଼ ସଂପର୍କର ଆରମ୍ଭ ହୋଇଛି ଏହା ସହିତ ଥିବା ତା'ର ଶାରୀରିକ ମିଳନକ୍ରିୟାରୁ । ଏହି ଇନ୍ଦ୍ରିୟଲବ୍ଧ ଅଭିଜ୍ଞତା ମଣିଷ ମନରେ ଆକାଙ୍କ୍ଷାର ସୃଷ୍ଟି କରିଛି ପୃଥିବୀର ବିଶ୍ୱରେ ସ୍ଥିତି ବିଷୟରେ ଜାଣିବା ପାଇଁ; ଏଥିରେ ଥିବା ଜୀବନ, ବିଷୟରେ ଜାଣିବା ପାଇଁ । ଏ କଥା ସତ ଯେ ଆମ ପାଇଁ ପୃଥିବୀ ଗୋଟିଏ ଅତିକାୟ ବସ୍ତୁ ହେଲେ ମଧ୍ୟ ବିଶ୍ୱରେ ଥିବା ଅନ୍ୟାନ୍ୟ ପିଣ୍ଡ ତୁଳନାରେ ଏହାର ସାଇଜ କିନ୍ତୁ ନଗଣ୍ୟ ବୋଲି କୁହାଯାଇପାରେ । ପ୍ରତିଦିନ ଏହା ତା'ର ନିଜ ଅକ୍ଷ ଚାରିପଟେ ଘୁରିବା ସଙ୍ଗେ ସଙ୍ଗେ କଳ୍ପନାତୀତ ବେଗରେ ସୌର ପରିବାରର ମୁରବୀ ସୂର୍ଯ୍ୟ ଚାରିପଟେ ମଧ୍ୟ ଗତି କରୁଛି । ଏଥିପାଇଁ ତାକୁ ଲାଗିଯାଉଛି ମଣିଷ ଭାଷାରେ ଗୋଟିଏ ବର୍ଷ । ଇନ୍ଦ୍ରିୟଜାତ ଜ୍ଞାନ ବଳରେ ଜାଣିପାରୁ ନ ଥିଲେ ମଧ୍ୟ ପୃଥିବୀର ଏହି ଦୁଇ ଗତି ଅବସ୍ଥା ସହିତ ଆମେ ଗତିଜ ଭାବେ ସଂପୃକ୍ତ; କିନ୍ତୁ ଆମ ପାଦତଳେ ଥିବା ବିଶାଳ ଶିଳାପଙ୍‌କ୍ତିର ଗ୍ରାଭିଟୀୟ ଆକର୍ଷଣହିଁ ଆମକୁ ପୃଥିବୀପୃଷ୍ଠରେ ସ୍ଥିର ରଖିପାରିଛି ।

ନିଉକ୍ଲିଅର ଦହନଶୀଳ ଗ୍ୟାସ୍‌ର ଗୋଟିଏ ଅତିକାୟ ପିଣ୍ଡ ହେଲା ସୂର୍ଯ୍ୟ । ଏହା ପୃଥିବୀର ପୃଷ୍ଠଦେଶରେ ଘଟୁଥିବା କ୍ରିୟା ସମୂହ ପାଇଁ ଉର୍ଜା ଯୋଗାଇଦେଉଛି । ଏଠି ପୃଷ୍ଠଦେଶ କହିଲେ ବୁଝାଯାଉଛି ପୃଥିବୀ ଅଭ୍ୟନ୍ତରର ଶିଳାସ୍ତର ଠାରୁ ଆରମ୍ଭ କରି ମହାକାଶ ସୀମା ପର୍ଯ୍ୟନ୍ତ ବ୍ୟାପୀ ରହିଥିବା ପତଳା ବାୟୁମଣ୍ଡଳକୁ । ଜଳମଣ୍ଡଳ ମଧ୍ୟ ଏହି ପରିସୀମା ଭିତରେ ରହିଛି । ବାୟୁ ଓ ଜଳ ମିଳିତ ଭାବେ ଧରିତ୍ରୀରେ ଜୀବନର ସୃଷ୍ଟି ତଥା ପୋଷଣ କରିବା ସଙ୍ଗେ ସଙ୍ଗେ ସେଠି ଜୀବମଣ୍ଡଳର ସତ୍ତା ରକ୍ଷା କରିଛନ୍ତି ବୋଲି କହିବାକୁ ହେବ । କାରଣ ସୌରଜଗତ ତଥା ବିଶ୍ୱର ଅନ୍ୟ ଅଂଶରୁ ଆସୁଥିବା କ୍ଷତିକାରକ ବିକିରଣ ଓ ଅନ୍ୟାନ୍ୟ ପିଣ୍ଡ କବଳରୁ ସେମାନେ ଏହାକୁ ରକ୍ଷା କରିଥା'ନ୍ତି ।

ଆମେ ଆମର ସଂକୁଚିତ ପରିବେଶରୁ ପୃଥିବୀକୁ ଯେଭଳି ଭାବରେ ଦେଖିପାରୁଛୁ, ଅନନ୍ତ ମହାକାଶରୁ ସେଭଳି ଦୃଶ୍ୟ ଦେଖାଯାଏ ନାହିଁ । ପୃଥିବୀ ପୃଷ୍ଠରୁ ଅନାଇଲେ ସୂର୍ଯ୍ୟ, ଚନ୍ଦ୍ର, ଗ୍ରହ, ନକ୍ଷତ୍ର—ଏସବୁ ପୃଥିବୀ ଚାରିପଟେ ବୁଲିଲା ଭଳି ଦେଖାଯାଇଥା'ନ୍ତି । ତେଣୁ ଏକ ସମୟରେ ଏକଥାକୁ ପଣ୍ଡିତମାନେ ଗ୍ରହଣ ମଧ୍ୟ କରି ଯାଇଥିଲେ ଯେ ମଣିଷ ବିଶ୍ୱର କେନ୍ଦ୍ରରେ ହିଁ ରହିଛି । ଆଜି କିନ୍ତୁ ଏକଥା ସ୍ପଷ୍ଟ ଯେ ପୃଥିବୀପୃଷ୍ଠରୁ ଏଭଳି ଦେଖାଯିବାଟା ହେଉଛି ସଂପୂର୍ଣ୍ଣ ଭାବେ ଆପେକ୍ଷିକ । ପୃଥିବୀ-ଚନ୍ଦ୍ର ବ୍ୟବସ୍ଥା ସୂର୍ଯ୍ୟ ଚାରିପଟେ ବୁଲୁଥିଲାବେଳେ ସୂର୍ଯ୍ୟ ଛାୟାପଥର କେନ୍ଦ୍ର ଚାରିପଟେ ଘୁରି ବୁଲୁଛି ଓ ଛାୟାପଥ ବିଶ୍ୱର ଅନ୍ୟସବୁ ସମଜାତୀୟ ଏକକ ସହ ପ୍ରଚଣ୍ଡ ବେଗରେ ଅନନ୍ତ ମହାକାଶରେ ପ୍ରଦକ୍ଷିଣ କରୁଛି ।

ଏକଥା ସତ୍ୟ ଯେ ଧରିତ୍ରୀ ଯୋଗୁଁ ହିଁ ମଣିଷ ଜାତିର ସତ୍ତା ଏ ବିଶ୍ୱରେ ରହିଛି । ସେଇଥିପାଇଁ ତାକୁ 'ଧରିତ୍ରୀ ମାତା' ବୋଲି କୁହାଯାଇଥାଏ । ମଣିଷ, ଜୀବ, ଉଦ୍‌ଭିଦ ତଥା ସକଳ ପ୍ରକାର ଜୀବନ ପାଇଁ ନିଶ୍ଚିତ ଭାବେ ଏହା ହେଲା ଏକମାତ୍ର ସଂଭରକ, ଏକମାତ୍ର ବ୍ୟବସ୍ଥାପକ । ଧରିତ୍ରୀ ମଣିଷର ସମସ୍ତ ପ୍ରକାରର ପାର୍ଥିବ ଆବଶ୍ୟକତାକୁ ମେଣ୍ଟାଇବା ସଙ୍ଗେ ସଙ୍ଗେ ତା'ର ଆଧ୍ୟାତ୍ମିକ ଆବଶ୍ୟକତାକୁ ମଧ୍ୟ ତୁଳନୀୟ ଭାବେ ମେଣ୍ଟାଇବାକୁ ସମର୍ଥ ହୋଇଛି ବୋଲି କୁହାଯାଇପାରେ । ଅରଣ୍ୟ ଭିତରେ, ପର୍ବତ ନିକଟରେ, ସମୁଦ୍ର କିମ୍ବା ନଦୀ କୂଳରେ ବସିପଡ଼ିଲେ ଜଣେ ଭଗବତ୍ ସତ୍ତା ଉପଲବ୍ଧି କରିଥାଏ ବୋଲି ସେଇଥିପାଇଁ କୁହାଯାଇଥାଏ । ସେହିପରି ଅନନ୍ତ ଆକାଶ, ନଦୀ, ସମୁଦ୍ର, ବନାନୀ, ପ୍ରାନ୍ତର—ଏସବୁ

ହେଲେ ମଣିଷର ରକ୍ଷାକର୍ତ୍ତା ବୋଲି ଭାବୁକମାନେ, ପଣ୍ଡିତମାନେ, ଧର୍ମଗୁରୁମାନେ ସବୁବେଳେ ପ୍ରକାଶ କରିଯାଇଛନ୍ତି ।

ଧରିତ୍ରୀରେ ପାଦଦେବାର ପ୍ରଥମ ଦିନଠାରୁ ମଣିଷ ତୁଳନାତ୍ମକ ଭାବେ ଏହାର ଅପରୂପ ସୌନ୍ଦର୍ଯ୍ୟରେ ଅଭିଭୂତ ହୋଇପଡ଼ିଛି, ମୋହିତ ହୋଇ ପଡ଼ିଛି । ଧରିତ୍ରୀର ଦୁର୍ଗମନୀୟ ଶକ୍ତି ଦେଖି ସେ କେତେବେଳେ କେମିତି ଥରି ଉଠିଛି, ତା ଶରୀରରେ ଶିହରଣ ଖେଳିଯାଇଛି । ବନ୍ୟା, ବାତ୍ୟା, ଝଡ଼, ଭୂମିକମ୍ପ ଭଳି ପ୍ରକୃତିର ଭୌତିକ ଅନୁଭବ ଗୁଡ଼ିକ ସେଥିପାଇଁ ମଣିଷର ଆଦି ଧର୍ମ ସବୁର ବିକାଶରେ ପ୍ରମୁଖ ଭୂମିକା ଗ୍ରହଣ କରିଯାଇଛନ୍ତି । ତେଣୁ ପ୍ରାକୃତିକ ଘଟଣାବଳୀକୁ ରହସ୍ୟମୟ ତଥା ଧାର୍ମିକ ଉପାଦାନ ଭାବେ ଧରାଯାଇ ସେସବୁକୁ ଶାନ୍ତ କରିବା ନିମନ୍ତେ ମଣିଷ ସବୁବେଳେ ଚେଷ୍ଟା କରି ଆସିଛି । ଅବଶ୍ୟ ଆଜିର ମନୁଷ୍ୟ ଗୋଟାଏ ଦୃଷ୍ଟିରୁ ଏ ସଂକ୍ରାନ୍ତରେ କ୍ରମେ ପ୍ରକୃତି ଠାରୁ ଦୂରେଇ ଯାଉଛି; ତାହାର କାରଣ ହେଲା ଟେକ୍‌ନୋଲଜୀୟ ସମାଜ ତଥା ବିଜ୍ଞାନର କ୍ରମବିକାଶ । ଏହା ସହିତ, ବହୁ ପ୍ରାକୃତିକ ଘଟଣା ବିଷୟରେ ବିଜ୍ଞାନ ମନୁଷ୍ୟର ଜ୍ଞାନଭିତ୍ତିକୁ କାରଣ ଦୃଷ୍ଟିରୁ ପକ୍‌କା କରିଦେବାପାଇଁ ମଧ୍ୟ ସମର୍ଥ ହୋଇଗଲାଣି । ବହୁ କଥାର ସମାଧାନ ବାକି ଥିଲେ ମଧ୍ୟ ବିଜ୍ଞାନ ଅନ୍ୟ ବହୁ କଥାର ବିବେକ ସଂଗତ ସମାଧାନ କରିଦେଲାଣି; ତେଣୁ ଆକାଶ, ପର୍ବତ, ବାୟୁ, ଜଳ ଇତ୍ୟାଦିକୁ ଆଉ 'ଦେବତା' ବୋଲି ଭାବିବାର ଆବଶ୍ୟକତା ମଣିଷ ପାଇଁ ରହିନାହିଁ । ଏସବୁ ସତ୍ତ୍ୱେ ଆମେ ନିଶ୍ଚିତ ଭାବେ ଧରିତ୍ରୀର ଇନ୍ଦ୍ରିୟଲବ୍ଧ ଶୋଭା ଉପଭୋଗ କରିବା ସଙ୍ଗେ ସଙ୍ଗେ ଏହାର ଆଧ୍ୟାତ୍ମିକ ମୂଲ୍ୟାଙ୍କନ କରିବାକୁ ଆଜି ମଧ୍ୟ ଆଗ୍ରହୀ ହେଉଛୁ—ଠିକ୍ ଆମ ପୂର୍ବ ପୁରୁଷଙ୍କ ଭଳି, ପୂର୍ବ ପୁରୁଷଙ୍କ ପରି ।

ପୃଥିବୀ ବିଷୟରେ ଯେତେବେଳେ ଆଲୋଚନା କରାଯାଏ ସେତେବେଳେ ଗୋଟିଏ କଥା ଲକ୍ଷ୍ୟ କରାଯାଇଥାଏ । ତାହାହେଲା ଜଣେ ଆଗ୍ରହୀ ଲୋକ ପୃଥିବୀର ଯେ କୌଣସି ଅଂଶ ବା ସ୍ଥଳକୁ ଯାଉ ନା କାହିଁକି, ସେଠି ତା ମନଲାଖି କିଛି ପଦାର୍ଥ ତାକୁ ନିଶ୍ଚୟ ମିଳିଯିବ: ଦେଖିବା ପାଇଁ, ଅନୁଭବ କରିବା ପାଇଁ, ପର୍ଯ୍ୟାଲୋଚନା କରିବା ପାଇଁ ବା ପରୀକ୍ଷା କରିବା ପାଇଁ କିଛି ପଦାର୍ଥ ବା ବସ୍ତୁ ସେ ନିଶ୍ଚୟ ସେଠି ପାଇଯିବ । ତେଣୁ ଯେଉଁ ପଣ୍ଡିତମାନେ ପୃଥିବୀ ବିଷୟରେ ଅନୁଧ୍ୟାନ କରୁଛନ୍ତି, ଗବେଷଣା କରୁଛନ୍ତି ବା ଅଧିକ ଜାଣିବା ପାଇଁ ଖୋଜୁଛନ୍ତି ସେମାନଙ୍କର କାମ ଏତେ ପରିମାଣରେ ସହଜ ହୋଇଯାଉଛି । ମନୁଷ୍ୟ ସ୍ୱଭାବତଃ ଅନୁସନ୍ଧିତ୍ସୁ ହୋଇଥିବାରୁ କ'ଣ, କିଭଳି ଓ କାହିଁକି ବିଷୟରେ ସେ ସବୁବେଳେ ଆଗ୍ରହୀ ହୋଇ ଉଠିଛି । ତେଣୁ ପ୍ରକୃତିର ସବୁ ରୂପ ସହିତ ପରିଚିତ ହେବା ପରେ ମଧ୍ୟ ଅଧିକରୁ ଅଧିକ ଜାଣିବା ପାଇଁ ସେ ଉଦ୍ୟମୀ ହୋଇଛି । ଏଥିରେ ଯେ ବହୁ ଦୂରକୁ ସଫଳତା ମିଳିନାହିଁ, ସେକଥା ନୁହେଁ—ପ୍ରାକୃତିକ ଇତିହାସ ବିଷୟରେ ଜ୍ଞାନ ମଣିଷକୁ ଏଭଳି ସଫଳତା ଆଣି ଦେଇଛି । ପର୍ବତ ଶୃଙ୍ଗଟିଏ ଦେଖିକରି ପର୍ବତ କିଭଳି ସୃଷ୍ଟି ହୁଏ ସେକଥା ମଣିଷ ପାଖରେ ଜଣାପଡ଼ିଯାଇଛି । ବର୍ଷାକୁ ଜାଣିବା ପାଇଁ ବାୟୁମଣ୍ଡଳ, ସମୁଦ୍ର ଓ ଅନ୍ୟ ବହୁକଥା ବିଷୟରେ ତାକୁ ଜାଣିବାକୁ ହୋଇଛି । ପୃଥିବୀ ବିଷୟରେ ବିଜ୍ଞାନ ସମ୍ମତ ତର୍ଜମା ହେବାଦ୍ୱାରା ସାଧାରଣ ଲୋକେ ମଧ୍ୟ ବହୁକଥା ଜାଣିଯିବା ପାଇଁ ସମର୍ଥ ହୋଇଛନ୍ତି ।

ଧରିତ୍ରୀ ସଂକ୍ରାନ୍ତରେ ଆଲୋଚନା କରୁଥିବା ବିଦ୍ୟା ଭୂବିଜ୍ଞାନକୁ ଅନ୍ୟ ସବୁ ବିଦ୍ୟାଠାରୁ ଯେଉଁ ଦୁଇଟି କାରଣ ସ୍ୱତନ୍ତ୍ର କରିଦେଉଛି ତାହାହେଲା 'ସମୟ' ଓ 'ଆକୃତି' । ପୃଥିବୀ ଯେ ପ୍ରାୟ ୪୬୦୦-୦୦୦୦୦୦ ବର୍ଷତଳେ ସୃଷ୍ଟି ହୋଇଥିଲା ଏକଥା ସହଜରେ ଜଣେ ଅନୁମାନ କରିଦେବା ସମ୍ଭବ ହେଉନାହିଁ । ସେମିତି ସାଗର-ମହାସାଗର ବକ୍ଷରେ କେତେ ଜଳ ଭରି ରହିଛି ବା ପୃଥିବୀରେ ଥିବା ଶିଳାର ପରିମାଣ କେତେ—ସେ କଥା ମଧ୍ୟ ସହଜରେ ଅନୁମେୟ ନୁହେଁ । ଏ କଥା ମନେ ରଖିବାକୁ ହେବ ଯେ, ଆମ ଚାରିପଟେ ଦେଖାଯାଉଥିବା ପୃଥିବୀର ଦୃଶ୍ୟ କେବଳ ଏହାର ବର୍ତ୍ତମାନ ଅବସ୍ଥା କଥାହିଁ ଜଣାଉଛି ଏବଂ ଭୂବୈଜ୍ଞାନିକ ବୟସକ୍ରମରେ ଏହା କେବଳ ଗୋଟିଏ ଅନିତ୍ୟ ବା ଅସ୍ଥାୟୀ ଅବସ୍ଥା ବ୍ୟତୀତ ଅନ୍ୟ କିଛି ନୁହେଁ । ମାନବଜ୍ଞାନ ବିକାଶର ପ୍ରଥମ ଅବସ୍ଥାରେ ପଣ୍ଡିତମାନେ ଭାବୁଥିଲେ ଯେ ପୃଥିବୀର ବୟସ ଖୁବ୍‌ହେଲେ ହୁଏତ ଅଳ୍ପ କେତେ ହଜାର ବର୍ଷ ହୋଇଥିବ । ଏଭଳି ଧାରଣା ସତ୍ତ୍ୱେ ମଧ୍ୟ ଜ୍ଞାନ ଜଗତରେ ଏ ବିଷୟରେ ଅଧିକ ଆଲୋଚନା ସବୁବେଳେ ଲାଗି ରହିଥାଏ । ସେଥିପାଇଁ ପୃଥିବୀ କେବେ ସୃଷ୍ଟିହେଲା; କିପରି ସୃଷ୍ଟି ହେଲା; ପୃଥିବୀରେ ମଣିଷ କେବେ ପ୍ରଥମ ବିଚରଣ କଲା ଭଳି କଥା ସବୁ ବହୁଭାବେ ମଣିଷର ଚିନ୍ତାଧାରାକୁ, ଧର୍ମମତକୁ ଯୁଗେ ଯୁଗେ ପ୍ରଭାବିତ କରି ଆସିଛି ।

ଊନବିଂଶ ଶତାବ୍ଦୀର ପ୍ରାରମ୍ଭରେ ଯେତେବେଳେ ଶିଳାସ୍ତର ଗୁଡ଼ିକ ବିଷୟରେ ଅଧିକରୁ ଅଧିକ କଥା ଜଣାପଡ଼ିଗଲା ସେତେବେଳେ ଯାଇ ପ୍ରକୃତ ଅର୍ଥରେ ପୃଥିବୀ ବୟସ ଅନୁମାନରେ ପରିବର୍ତ୍ତନ ଆସିଗଲା । ଧରିତ୍ରୀ ଅଳ୍ପ କେତେ ହଜାର ବର୍ଷ ତଳେ ସୃଷ୍ଟି ହୋଇଥିବା ଗୋଟିଏ ପିଣ୍ଡ ନୁହେଁ ବୋଲି ସ୍ଥିର-ନିଶ୍ଚିତ ଭାବେ ବିଜ୍ଞାନୀମାନେ, ପଣ୍ଡିତମାନେ କହିଦେଲେ । ପୃଥିବୀବ୍ୟାପୀ ଶିଳାସ୍ତର ଦେହରେ ସାଇତି ହୋଇ ରହିଥିବା ଫସିଲ ବା ଜୀବାଶ୍ମ ରେକର୍ଡକୁ ଅନୁଧ୍ୟାନ କରିବା ଦ୍ୱାରା କ୍ରମେ ପୃଥିବୀର ବୟସ କଥା ଜାଣିବା ଦିଗରେ ବିଜ୍ଞାନସମ୍ମତ ଭାବେ ଆଲୋଚନା

କରିହେଲା ଓ ଜୀବନ ସୃଷ୍ଟି ପ୍ରକ୍ରିୟାର ରହସ୍ୟ ମଧ୍ୟ ବହୁଦୂରକୁ ଭେଦକରି ଦିଆଯାଇ ପାରିଲା । ଖଣ୍ଡେ ପଥର ଦେହରେ ସାଇତି ହୋଇ ରହିଥିବା ଜୀବଜନ୍ତୁଙ୍କ ଫସିଲ ବା ଖଣ୍ଡେ କୋଇଲା ଦେହରେ ଥିବା ଆଦିମ ଉଦ୍‌ଭିଦ ଅଂଶର ପ୍ରତିଛବି ପଣ୍ଡିତମାନଙ୍କୁ, ଭୂବୈଜ୍ଞାନିକ ମାନଙ୍କୁ ସେ ସମୟର ଜୀବବର୍ଗ, ଉଦ୍‌ଭିଦବର୍ଗ ବିଷୟରେ ବହୁ କଥା ଜଣାଇଦେବାକୁ ସମର୍ଥ ହେଲା । ସେଇଥିରୁ ସେମାନେ ଧରିତ୍ରୀପୃଷ୍ଠରେ କୋଟି କୋଟି ବର୍ଷ ତଳେ ଘଟିଥିବା ଘଟଣାର ପ୍ରମାଣ ପାଇଗଲେ । ନୂଆଜୀବନ ସୃଷ୍ଟି ହେବା ସହିତ ଅସଂଖ୍ୟ ଜାତିର ପ୍ରାଣୀ, ଉଦ୍‌ଭିଦ ଯେ କାଳକ୍ରମେ ପୃଥିବୀପୃଷ୍ଠରୁ ଲୋପ ମଧ୍ୟ ପାଇଯାଇଛନ୍ତି ସେକଥା ଜଣା ପଡ଼ିଯିବାରେ ଆଉ ଅସୁବିଧା ରହିଲା ନାହିଁ । ଇଭୋଲୁସନ କଥା ଚିନ୍ତା କରିବା ପାଇଁ ଏହା ଜୀବନ-ବିଜ୍ଞାନୀ ମାନଙ୍କ ହାତରେ ଉପଯୁକ୍ତ ଆୟୁଧ ଧରାଇ ଦେଲା । ପ୍ରକୃତିର ବିଜ୍ଞାନସମ୍ମତ ଅନୁଶୀଳନରୁ ଜଣାପଡ଼ିଗଲା ଯେ ପୃଥିବୀର ଅତୀତର ଇତିହାସ ପ୍ରଧାନତଃ ଶିଳାସ୍ତର ଦେହରେ ହିଁ 'ଲେଖି' ହୋଇ ରହିଛି । ଏହି ଶିଳାସ୍ତର କିଭଳି ସୃଷ୍ଟିହେଲା ଓ ସେଥିପାଇଁ ଯେଉଁ ପ୍ରମୁଖ ଭୂବୈଜ୍ଞାନିକ ଚକ୍ର ସବୁ ଦାୟୀ ସେ କଥା ମଧ୍ୟ ଜଣାପଡ଼ିଗଲା । ଜଳବିଜ୍ଞାନ ଓ ପର୍ବତ ସୃଷ୍ଟି ଚକ୍ର ଦୁଇଟି ହେଲା ଏସବୁ ଚକ୍ର ଭିତରୁ ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ ବୋଲି ମଧ୍ୟ ବିଜ୍ଞାନୀମାନେ ଧାରଣା କରିନେଇ ପାରିଲେ ।

ଜଳବିଜ୍ଞାନ ଚକ୍ରର ଗୋଟିଏ ପ୍ରଧାନ ଅଂଶ ବା ଉପାଦାନ ହେଲା ସାଗର-ମହାସାଗର । ସୌରଶକ୍ତି ଓ ପୃଥିବୀର ସ୍ୱ-ଘୂର୍ଣ୍ଣନଜାତ ଶକ୍ତି ଦ୍ୱାରା ଆମ ବାୟୁମଣ୍ଡଳ ଓ ସାଗର-ମହାସାଗର ସବୁବେଳେ ଗତିଶୀଳ ଅବସ୍ଥାରେ ଅଛନ୍ତି ବୋଲି କୁହାଯାଇ ପାରିବ । ପ୍ରଖର ରୌଦ୍ରତାପ ଦ୍ୱାରା ମହାସାଗର ବକ୍ଷରୁ ଉଠିପାଇ ବାୟୁମଣ୍ଡଳରେ ମିଶିଯାଇଥିବା ଜଳକଣା ଯେତେବେଳେ କେତେକ ଦୃଷ୍ଟିରୁ ଶୀତଳ ହୋଇଯାଉଛି, ସେତେବେଳେ ତାହା ବର୍ଷା କିମ୍ବା ତୁଷାର ଭାବେ ଆସି ଭୂପୃଷ୍ଠରେ ପଡୁଛି । ଏହି ବର୍ଷାଜଳ ଓ ତୁଷାର ପୁଣି ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ମହାସାଗରରେ ଯାଇ ମିଶିଯାଉଛି । ଗତିଶୀଳ 'ବାୟୁପିଣ୍ଡ' ତଥା ସାମୁଦ୍ରିକ ସ୍ରୋତର ଗୁରୁତ୍ୱ ମଧ୍ୟ ଖୁବ୍ ବେଶୀ । ଏହାଦ୍ୱାରା ମହାଦେଶ ସବୁରେ ଜୀବନ ରକ୍ଷା ସମ୍ଭବ ହୋଇପାରୁଛି; ଜଳବାୟୁ ଦୃଷ୍ଟିରୁ ସେଠି ବର୍ଷସାରା କିଭଳି ଅବସ୍ଥା ଦେଖାଦେବ ସେ କଥା ପ୍ରାକୃତିକ ଭାବେ ସ୍ଥିରୀକୃତ ହୋଇଯାଉଛି; କୃଷି, ବାଣିଜ୍ୟ, ଅର୍ଥନୀତିର ଭାଗ୍ୟ କ'ଣ ହେବ ସେକଥା ମଧ୍ୟ ପରୋକ୍ଷରେ ସ୍ଥିର ହୋଇଯାଉଛି । ବାୟୁମଣ୍ଡଳୀୟ ଚକ୍ରରେ ସାମାନ୍ୟତମ ପରିବର୍ତ୍ତନ ଧରିତ୍ରୀ ବକ୍ଷରେ ଥିବା ଶସ୍ୟଶ୍ୟାମଳା ସବୁଜ କ୍ଷେତ୍ରକୁ ମରୁଭୂମିରେ ପରିଣତ କରିଦେଇପାରେ । ପୁରାତନ ସଭ୍ୟତା ସବୁକୁ ଲୋପ କରିଦେବାକୁ ମଧ୍ୟ ଏହି କାରଣ ସକ୍ଷମ ହୋଇଥିବା କଥାର ପ୍ରମାଣ ଇତିହାସ ଆମକୁ ଦେଇଥାଏ ।

ଧରିତ୍ରୀରେ ମଣିଷର ନିକଟ ପରିବେଶର ସୃଷ୍ଟି ସମ୍ଭବ ହୋଇଛି ଜଳମଣ୍ଡଳ ଯୋଗୁଁ । ପ୍ରାକୃତିକ ଦୃଶ୍ୟ ବା ଶୋଭା ବୋଲି କହିଲେ ଆମ ଚିନ୍ତା ଅନୁଯାୟୀ ସାଧାରଣତଃ ଯାହା ବୁଝାଯାଉଛି, ତାହା ସମ୍ଭବ ହୋଇପାରିଛି ଅବାରିତ ଗତିଶୀଳ ଜଳଧାରା ଦ୍ୱାରା । ବରଫ, ବାୟୁ ଓ ସୌରଶକ୍ତି ମଧ୍ୟ ଏପରି କରିବାରେ ତାକୁ ସାହାଯ୍ୟ କରିଛନ୍ତି । ସ୍ଥଳବିଶେଷରେ, ଗ୍ରାଭିଟୀୟ ବଳ ଓ ପୃଥିବୀ ପୃଷ୍ଠର ନଦୀ ବ୍ୟବସ୍ଥା ଜଳବାୟୁ ସୃଷ୍ଟ ପଦାର୍ଥ ସମୂହକୁ ନେଇ ପୁଣି ମହାସାଗର ବକ୍ଷରେ ପହଞ୍ଚାଇ ଦେଉଛନ୍ତି । ହିସାବ ପ୍ରକାଶ ପାଇଛି ଯେ ପ୍ରତି ୧୦୦୦ ବର୍ଷରେ ଭୂପୃଷ୍ଠର ପ୍ରାୟ ୪୦ ମିଲିମିଟର ମୋଟେଇର ଉପର ଅଂଶ ଏହି ପ୍ରକ୍ରିୟାରେ ଧୋଇହୋଇ ସମୁଦ୍ରରେ ଯାଇ ମିଶିଯାଉଛି । ଉପରକୁ ନ ଜଣା ପଡୁଥିଲେ ହେଁ ଭୂବୈଜ୍ଞାନିକ ସମୟ ସୀମା ଦୃଷ୍ଟିରୁ କିନ୍ତୁ ଏହାର ଗୁରୁତ୍ୱ କିଛି କମ୍ ନୁହେଁ । କାରଣ ଏଭଳି ହେବାର ମାତ୍ରା ନଗଣ୍ୟ ବୋଲି ଜଣାପଡୁଥିଲେ ମଧ୍ୟ, ଏହି କ୍ରିୟା ଫଳରେ ପୃଥିବୀ ସୃଷ୍ଟିର ଇତିହାସରେ ପ୍ରାୟ ୨୦୦ ଥର ସବୁ ମହାଦେଶ ଧୋଇଯାଇ ହୁଏତ ସମୁଦ୍ରରେ ମିଶିଯାଇ ପାରିଥା'ନ୍ତି ଓ ସ୍ଥଳଭାଗ ସମୁଦ୍ର ପତନ ସଙ୍ଗେ ସମାନ ହୋଇଯାଇ ପାରିଥାଏ । କିନ୍ତୁ ଆଜିର ଭୂପୃଷ୍ଠକୁ ଦେଖିଲେ ବାରମ୍ବାର ଏଭଳି ହୋଇଥିବା କଥାର କଳ୍ପନା ମଧ୍ୟ କରିହେଉନାହିଁ; ସେ କଥା ଚିନ୍ତା କରିବାକୁ ମଣିଷ ମନ ସାହସ ବାନ୍ଧି ପାରୁନାହିଁ ।

ଜଳବିଜ୍ଞାନ ଚକ୍ର ଓ ପର୍ବତ ସୃଷ୍ଟି ଚକ୍ର ପରସ୍ପର ଦ୍ୱାରା ପ୍ରଭାବିତ ହୋଇଥା'ନ୍ତି । ପଣ୍ଡିତମାନଙ୍କ କହିବା ଅନୁଯାୟୀ ପୃଥିବୀ ଅଭ୍ୟନ୍ତର ଜନିତ ସୃଷ୍ଟ ବଳ ଦ୍ୱାରା ଭୂପୃଷ୍ଠ ପ୍ଲେଟ୍ ସବୁ ଚଳମାନ ଅବସ୍ଥାରେ ରହିଛନ୍ତି । ଅବଶ୍ୟ ଏଭଳି ଚଳନ କଥାର ପ୍ରମାଣ କୌଣସି ମାନବ-ଇନ୍ଦ୍ରିୟ ଦ୍ୱାରା ମିଳିବାର ସମ୍ଭାବନା ନାହିଁ । କିନ୍ତୁ ଭୂମିକମ୍ପ କିମ୍ବା ଆଗ୍ନେୟଗିରିର ଉଦ୍‌ଗୀରଣ ସେଭଳି କଥାର ଭୌତିକ ପ୍ରମାଣ ଦେଇ ଦେଉଛି ଓ ପର୍ବତ ସୃଷ୍ଟି ପ୍ରକ୍ରିୟା ବିଷୟରେ ବିଜ୍ଞାନୀମାନଙ୍କୁ ଜଣାଇଦେଉଛି । ଆହୁରି ମଧ୍ୟ, ଭୂପୃଷ୍ଠର ଗୋଟିଏ ଅଂଶ 'ଦବିଗଲା' ବେଳେ ଆଉ ଗୋଟିଏ ଅଂଶ 'ଉଠିଯାଇଥାଏ' ବୋଲି ଭୂବୈଜ୍ଞାନିକ ମାନେ ଆମକୁ କହିଦେଇଥା'ନ୍ତି । ଭୂଅଭ୍ୟନ୍ତର ବିଷୟରେ ଆଜି ପର୍ଯ୍ୟନ୍ତ ସଂପୂର୍ଣ୍ଣ ଭାବେ ଜଣାପଡ଼ି ନ ଥିଲେ ମଧ୍ୟ ସମସ୍ତେ ସ୍ୱୀକାର କରୁଛନ୍ତି ଯେ ସେଠି ସୃଷ୍ଟି ହେଉଥିବା ବଳର ପ୍ରତିକ୍ରିୟା ଦ୍ୱାରା ହିଁ ଆମେ ଦେଖୁଥିବା ଭୂପୃଷ୍ଠ 'ଗଠିତ ହୋଇଛି ବା ହୋଇଥାଏ । ମହାଦେଶ ମହାଦେଶ ଭିତରେ ଥିବା ସୀମାଠାରୁ ଆରମ୍ଭ କରି ସାଗର-ମହାସାଗର ବକ୍ଷରେ ଥିବା ବିଶାଳ ପର୍ବତଶ୍ରେଣୀ ପର୍ଯ୍ୟନ୍ତ ସବୁକିଛି ଏହିଭଳି ଭାବେ ଗଠିତ ହୋଇଛି ।

ପୃଥିବୀ ଅଭ୍ୟନ୍ତରଜନିତ ସୃଷ୍ଟ ବଳ ଯେ କେବଳ ଭୂପୃଷ୍ଠ ପ୍ଲେଟ୍ ସବୁକୁ ଉଠାଉଛି ବା ପକାଉଛି ତାହା ନୁହେଁ, ସେ ସବୁର 'ପାର୍ଶ୍ୱଗତି' ମଧ୍ୟ ଏହାଦ୍ୱାରା ନିୟନ୍ତ୍ରିତ ହୋଇଥାଏ । ପଣ୍ଡିତମାନଙ୍କ ଭାଷାରେ ଏଭଳି ହେବାଟାର ନାମ ହେଲା ମହାଦେଶୀୟ ବା କଣ୍ଟିନେଣ୍ଟାଲ ଡ୍ରିଫ୍ଟ୍ । ଧରିତ୍ରୀରେ ଥିବା ପ୍ରାୟ ୧୦୦ କିଲୋମିଟର ମୋଟେଇ ବିଶିଷ୍ଟ ଏହି ଅଳ୍ପ କେତୋଟି ଭୂପୃଷ୍ଠ ପ୍ଲେଟ୍ ଭୂଅଭ୍ୟନ୍ତରସ୍ଥ ତରଳ ଶିଳା ଉପରେ ଭାସିଲା ଭଳି ରହିଛନ୍ତି । ସେଗୁଡ଼ିକ ହିଁ ପ୍ରକୃତ ପକ୍ଷରେ ଏସିଆ, ଆଫ୍ରିକା ଓ ଅନ୍ୟ ସବୁ ମହାଦେଶକୁ ନିଜ ବକ୍ଷରେ ଧରି ରଖିଥିବାରୁ ଏହି ନାମକରଣ କରାଯାଇଛି । ଡ୍ରିଫ୍ଟ୍-ଦ୍ୱାରା ଏହିସବୁ ପ୍ଲେଟ୍ ଯେଉଁଠି ପରସ୍ପର ଦେହରେ ଯାଇ 'ବାଡ଼େଇ' ହୋଇଯାଉଛନ୍ତି, ସେଠି ଭୂବୈଜ୍ଞାନିକ କ୍ରିୟାଶୀଳତାର ମାତ୍ରା ଅପେକ୍ଷାକୃତ ଅଧିକ । ହିମାଳୟ ଭଳି ପର୍ବତଶ୍ରେଣୀ ସୃଷ୍ଟିର ମୂଳରେ ସେହି କ୍ରିୟାଶୀଳତା ହିଁ ରହିଛି । ଆଜିର ମହାଦେଶ ସବୁ ପରସ୍ପର ଠାରୁ ବର୍ଷକୁ ପ୍ରାୟ ୨୫-୫୦ ମିଲିମିଟର ମାତ୍ରାରେ ଦୂରେଇ ଯାଉଥିବା କଥା ନିକଟରେ ଜଣାପଡ଼ିଛି । ସେଥିପାଇଁ ଭୂ-ଗୋଲକରେ ପରିବର୍ତ୍ତନ ଘଟି ଆଟ୍‌ଲାଣ୍ଟିକ ମହାସାଗରର ସାଇଜ ବୃଦ୍ଧି ହେଉଥିବାବେଳେ ପ୍ରଶାନ୍ତ ମହାସାଗରର ସାଇଜ ଛୋଟ ହୋଇଯାଉଛି ବୋଲି କୁହାଯାଉଛି । ପୃଥିବୀର ଗୋଟିଏ ପ୍ରମୁଖ ଭୂପୃଷ୍ଠ ପ୍ଲେଟ୍ ଭାଙ୍ଗିଯାଇ ଦୁଇଟି ସ୍ୱତନ୍ତ୍ର ପ୍ଲେଟ୍ ସୃଷ୍ଟି ହୋଇଯିବା କଥା ମଧ୍ୟ ୧୯୯୬ ମସିହା ବେଳକୁ ପ୍ରକାଶ ପାଇଛି ଓ ସେହି କଥାର ପ୍ରମାଣ ମିଳିଛି ଆମ ଭାରତବର୍ଷକୁ ବହନ କରୁଥିବା ଭୂପୃଷ୍ଠ ପ୍ଲେଟ୍ କ୍ଷେତ୍ରରେ ।

ଧରିତ୍ରୀରେ ଏସବୁ ଘଟଣା କିଭଳି ଘଟୁଛି ସେ ସଂକ୍ରାନ୍ତରେ ମଣିଷ ସବୁବେଳେ ଅଧିକ ଭାବରେ ଜାଣିବାକୁ ଚେଷ୍ଟା କରୁଛି । ଗୋଟିଏ ଗୋଟିଏ ଛୋଟ ଭୂମିକମ୍ପ ଦ୍ୱାରା ଯେତିକି ପରିମାଣର ଭୂ-ଉର୍ଜା କ୍ଷୟ ହୋଇଥାଏ, ତାହା କେତେଗୁଡ଼ିଏ ଉଦ୍‌ଜାନ ବୋମାର ବିସ୍ଫୋରଣରୁ ଜାତ ଉର୍ଜା ସଙ୍ଗେ ସମାନ । ଆଧୁନିକ ମାନବ ଭଳି ଗୋଟିଏ 'ଶକ୍ତିଶାଳୀ' ଜୀବ ମଧ୍ୟ ଏହି ପ୍ରାକୃତିକ ଉର୍ଜାର ଉତ୍ସ ବିଷୟରେ ଭାବିଲେ ସ୍ୱତଃ ଶିହରି ଉଠୁଛି । ପ୍ରକୃତି ବା ଧରିତ୍ରୀରେ ହେଉଥିବା ଏହି ଅତି ସାମାନ୍ୟ ଉର୍ଜାକ୍ଷୟ କିଭଳି ତା ପରିବେଶ, ତା ଜୀବନ, ତା ସମାଜକୁ ଧ୍ୱଂସସ୍ତୁପରେ ପରିଣତ କରି ଦେଇପାରୁଛି ଓ ସେ ଅବସ୍ଥାରେ ମଣିଷ ତା ନିଜ ଉପରୁ ସମସ୍ତ ନିୟନ୍ତ୍ରଣ ହରାଇ ବସୁଛି ସେ କଥା ଭାବି ବିସ୍ମିତ ହୋଇଯାଉଛି । କାରଣ ଯେତେ ଦୃଷ୍ଟିରୁ ପ୍ରସ୍ତୁତ ହେଲେ ମଧ୍ୟ ପ୍ରାକୃତିକ ବିପର୍ଯ୍ୟୟବେଳେ ଆଜିର ମାନବ ତା ପରିବେଶ ସହିତ ଆଦୌ ଖାପ ଖାଇ ରହିଯାଇ ପାରୁନାହିଁ ।

ଧରିତ୍ରୀରେ ନିଜ ସତ୍ତା ରଖିବାକୁ ହେଲେ କିନ୍ତୁ ମଣିଷକୁ ଏଭଳି ପରିସ୍ଥିତିର ମୁକାବିଲା କରିବାକୁ ପଡ଼ିବ ବା ଅନ୍ୟ ଅର୍ଥରେ କହିବାକୁ ଗଲେ ପୃଥିବୀ ବା ଧରିତ୍ରୀ ମାତା ସହିତ ତାକୁ ଗୋଟାଏ ସନ୍ଧି କରିଦେବାକୁ ହେବ । କିନ୍ତୁ ଆଜିର ମନଇଚ୍ଛା ଆଚରଣ କୌଣସି ଦୃଷ୍ଟିରୁ ମଣିଷକୁ ଏ ଦିଗରେ ସାହାଯ୍ୟ କରିବା ଯେ ସମ୍ଭବ ନୁହେଁ, ସେ କଥା ସ୍ୱୀକାର କରିବାକୁ ପଡ଼ିବ । ପୃଥିବୀ ବା ଧରିତ୍ରୀ ବିଷୟରେ କେବଳ ଯଥେଷ୍ଟ ଜ୍ଞାନହିଁ ସମଗ୍ର ମାନବ ସମାଜକୁ 'ପ୍ରାକୃତିକ ହିତ' ବିଷୟରେ ସଚେତନ କରିଦେଇ ପାରିବ—ଫଳରେ ଧରିତ୍ରୀ ବକ୍ଷରୁ ତା ସତ୍ତା ଲୋପ ହେବା ମାତ୍ରାର ସମ୍ଭାବନା ନିଶ୍ଚିତ ଭାବେ କମି ଆସିବ । □

# ଧରିତ୍ରୀରେ ଜୀବନ

ଧରିତ୍ରୀରେ ଥିବା ଜୀବନର ସତ୍ତାକୁ ଆମେ ସମସ୍ତେ ଅତି ସାଧାରଣ ଘଟଣା ଭାବରେ ଧରି ନେଉଥିଲେ ମଧ୍ୟ ସମଗ୍ର ବିଶ୍ୱରେ ଏ ଜୀବନର ମହତ୍ତ୍ୱ କେତେ ସେ କଥା ନିଶ୍ଚିତ ଭାବେ ଆମକୁ ଉପଲବ୍ଧି କରିବାକୁ ହିଁ ପଡ଼ିବ । କାରଣ ଆଜିର ଜ୍ଞାନ ଅନୁସାରେ ଜୀବନ କହିଲେ ସବୁ ଦୃଷ୍ଟିରୁ ଯାହା ବୁଝାଏ ସେଭଳି ନିର୍ଦ୍ଦିଷ୍ଟ 'ଉପାଦାନ' କେବଳ ପୃଥିବୀରେ ରହିଛି ବୋଲି କୁହାଯାଇପାରିବ । ଜୀବନର ରହସ୍ୟ ଭେଦ କରିବା ଏ ପର୍ଯ୍ୟନ୍ତ ମାନବଜ୍ଞାନ ସୀମାରେଖା ଦ୍ୱାରା ସମ୍ଭବ ହୋଇପାରିନାହିଁ ଓ ନିକଟରେ ସେଭଳି ସମ୍ଭବ ହେବ ବୋଲି ମଧ୍ୟ ଆଶା କରାଯାଇ ପାରୁନାହିଁ । ଆମ ଗ୍ରହରେ ଯଦି ଜୀବନ ନ ଥା'ନ୍ତା ତେବେ ଏ ଗ୍ରହଟିର ସାମଗ୍ରିକ ଚରିତ୍ର ଓ ଆଚରଣ କିଭଳି ନୀରସ ହୋଇଯାଇଥା'ନ୍ତା ସେକଥା ଚିନ୍ତା କରିବା ପାଇଁ କୌଣସି ବିଦ୍ୱମତ୍ତାର ଆବଶ୍ୟକତା ନାହିଁ । ତେଣୁ ଜଣେ ପଣ୍ଡିତ ଯଥାର୍ଥ ଭାବରେ କହିଛନ୍ତି ଯେ "ଧରିତ୍ରୀ ରୂପକ ମଞ୍ଚରେ ଚାଲିଥିବା ଦୃଶ୍ୟପଟ୍ଟରେ ଜୀବନ ହେଲା ସ୍ରଷ୍ଟା ତଥା ପ୍ରଯୋଜକ ଓ ଆମେ ସମସ୍ତେ ହେଲୁ ଏକାଧାରରେ ଅଭିନେତା ଓ ଦର୍ଶକ ।"

ପୃଥିବୀ ବକ୍ଷରେ ବେଳେ ବେଳେ ଘଟୁଥିବା ମହାପ୍ରଳୟ ସବୁ ଆମକୁ ଜଣାଇ ଦେଇଥା'ନ୍ତି ଜୀବନ ନ ଥିବା ଧରିତ୍ରୀର ରୂପ କ'ଣ ଓ କିଭଳି ହୋଇପାରେ ବୋଲି । ୧୮୮୩ ମସିହାରେ ଇଣ୍ଡୋନେସିଆ ଅଞ୍ଚଳର କ୍ରାକାତୋଆ ଦ୍ୱୀପରେ ହୋଇଥିବା ଅଭୂତପୂର୍ବ ଆଗ୍ନେୟ ଉଦ୍‌ଗୀରଣ କଥାର ଉଦାହରଣ ଏ କ୍ଷେତ୍ରରେ ଦିଆଯାଇପାରେ । ଏହି ଉଦ୍‌ଗୀରଣ ଫଳରେ ସେ ଦ୍ୱୀପଟିର ଅଧିକାଂଶ ଅଂଶ ସାଗର ଗର୍ଭରେ ଲୀନ ହୋଇଯାଇଥିଲା ଓ ବାକୀ ଅଂଶରେ ଆଗ୍ନେୟ ଲାଭା ମାଡ଼ିଯାଇ ତାକୁ ସଂପୂର୍ଣ୍ଣ ଭାବେ ଗୋଟିଏ 'ଜୀବନଶୂନ୍ୟ' ଅଞ୍ଚଳରେ ପରିଣତ କରିଦେଲା । ଏଭଳି ଖଣ୍ଡପ୍ରଳୟରୁ ସୃଷ୍ଟ ଅତିକାୟ ସମୁଦ୍ର ଜୁଆର ମାଡ଼ିଯିବା ଦ୍ୱାରା କ୍ରାକାତୋଆ ଆଖପାଖରେ ଥିବା ଅନେକ ଦ୍ୱୀପରେ ମଧ୍ୟ ସମସ୍ତ ଜୀବନର ସତ୍ତା ଲୋପ ପାଇଗଲା । ଏହାପରେ ଗ୍ରୀଷ୍ମମଣ୍ଡଳୀୟ ସବୁଜ ଅରଣ୍ୟରେ ଭରା ପୃଥିବୀର ଏହି ଅଂଶଟି ଦେଖିବାକୁ କୌଣସି ଜୀବନଶୂନ୍ୟ ଗ୍ରହ-ଉପଗ୍ରହର ପୃଷ୍ଠଦେଶ ଭଳି ପ୍ରତୀୟମାନ ହେଲା । କ୍ରାକାତୋଆର ସେ ସମୟର ଦୃଶ୍ୟ ଗୋଟାଏ ଜୀବନହୀନ ପୃଥିବୀ ଅନନ୍ତ ମହାଶୂନ୍ୟରୁ କିଭଳି ତୁଚ୍ଛ ତଥା ନଗଣ୍ୟ ଖଗୋଳୀୟ ପିଣ୍ଡଟିଏ ଭଳି ଦେଖାଯାଆନ୍ତା, ସେକଥାର ସ୍ମାରକୀ ବହନ କରୁଥିଲା ବୋଲି ନିର୍ବିବାଦରେ କୁହାଯାଇପାରେ ।

କିନ୍ତୁ ଆମ ପୃଥିବୀଟି ସେଭଳି ନ ଦେଖାଯିବାର କାରଣ ହେଲା ଅନେକ—ଧରିତ୍ରୀରେ ରହିଛି ଅସଂଖ୍ୟ ଜାତିର ତଥା ଅସଂଖ୍ୟ ପ୍ରକାରର ଜୀବନ; ଏ କଥା ମଧ୍ୟ ଭୁଲିଗଲେ ଚଳିବ ନାହିଁ ଯେ ଜୀବନ-ସୃଷ୍ଟି ଭଳି ଗୋଟିଏ ଜୈବିକ ଘଟଣା ଯୋଗୁଁ ହିଁ ପୃଥିବୀରେ ବାୟୁମଣ୍ଡଳର ସୃଷ୍ଟି ହୋଇଗଲା; ଆଜିର ଭୂପୃଷ୍ଠ ମୃତ୍ତିକା ମଧ୍ୟ ସେହି ଜୀବନ ସୃଷ୍ଟି ପ୍ରକ୍ରିୟାର ଗୋଟିଏ ମହତ୍ତ୍ୱପୂର୍ଣ୍ଣ ଦାନ । ପୃଥିବୀର ପୃଷ୍ଠଦେଶର ଅପରୂପ ପ୍ରାଣବନ୍ତ ଶୋଭାରାଜି ତଥା ପ୍ରାକୃତିକ ଚାକଚକ୍ୟ ନିମନ୍ତେ ମଧ୍ୟ କେବଳ ଜୀବନ ହିଁ ଦାୟୀ ବୋଲି ଧରିନିଆଯାଇପାରେ । ଧରିତ୍ରୀରେ ଜୀବନ ସୃଷ୍ଟି ପ୍ରକ୍ରିୟାକୁ ପ୍ରକୃତି ଏଭଳି ଚମତ୍କାର ଭାବରେ ଚଳାଇ ରଖିଥାଏ ଯେ ତାହାର ଅନ୍ତଃ କିମ୍ବା ଆଞ୍ଚଳିକତା ନାହିଁ ବୋଲି କୁହାଯାଇ ପାରିବ । ସେଇଥିପାଇଁ ୧୧୪ ବର୍ଷ ତଳେ ଆଗ୍ନେୟ ଉଦ୍‌ଗୀରଣ ଦ୍ୱାରା ଜୀବନ ଶୂନ୍ୟ ହୋଇପଡ଼ିଥିବା କ୍ରାକାତୋଆ ଅଞ୍ଚଳ ଆଜି ପୁଣି ସବୁଜିମା ତଥା ଜୀବଜନ୍ତୁରେ ଭରପୂର ହୋଇ ଉଠିଛି । ସେଠି ସେଭଳି ମହାପ୍ରଳୟ ଦିନେ ଘଟିଥିଲା ବୋଲି ଥିବା ସମସ୍ତ ପ୍ରମାଣକୁ ପ୍ରକୃତିର ଜୀବନ ସୃଷ୍ଟିପ୍ରକ୍ରିୟା ଲୁଚାଇ ଦେବାକୁ ସଂପୂର୍ଣ୍ଣ ଭାବେ ସମର୍ଥ ହୋଇଯାଇଛି । ପୃଥିବୀ ବାୟୁମଣ୍ଡଳ ଓ ମହାସାଗରର ମିଳିତ ଉଦ୍ୟମରେ କ୍ରାକାତୋଆର ନିଷ୍କ୍ରିୟ ପୃଷ୍ଠଭୂମି ପୁଣି ସଜୀବ ହୋଇଉଠି ପାରିଛି ।

ଜୀବନ କଥା ଆଲୋଚନା କଲାବେଳେ ଯେଉଁ ଚମତ୍କାର ପ୍ରାକୃତିକ ସମୁତ୍ଥାନ କଥାର ଅବତାରଣା ପଣ୍ଡିତ ମାନଙ୍କ ଦ୍ୱାରା କରାଯାଇଥାଏ, ସେଥିରେ ଯେ ବିରୋଧାଭାସର ଆଦୌ ଆଭାସ ନାହିଁ ସେ କଥା ନୁହେଁ । ସବୁ ଦୃଷ୍ଟିରୁ ଦେଖିବାକୁ ଗଲେ ଜୀବନଟା ହେଲା ଗୋଟାଏ ଅତିମାତ୍ରାରେ କୋମଳ, ଜଟିଳ, ସମ୍ବେଦନଶୀଳ, ଭଙ୍ଗୁର ତଥା ସୁରକ୍ଷାହୀନ ଜୈବ ପ୍ରକ୍ରିୟା । କିନ୍ତୁ ଏହାସତ୍ତ୍ୱେ ମଧ୍ୟ ଏଭଳି ଗୋଟିଏ 'ଦୁର୍ବଳ' ବ୍ୟବସ୍ଥା ଗଲା କେତେ ଶହ କୋଟି ବର୍ଷ ଧରି ପୃଥିବୀରେ ସଫଳ ଭାବେ ତିଷ୍ଠି ରହିପାରିଛି । ଏଭଳି ତିଷ୍ଠି ରହିବାପାଇଁ କାଳକ୍ରମେ ବହୁ ପ୍ରକାର ଜୀବନ ସଂହାରକାରୀ ଘଟଣାକ୍ରମର ମୁକାବିଲା ତାକୁ ନିଶ୍ଚୟ କରିବାକୁ ପଡ଼ିଛି ଓ ସେହି ମୁକାବିଲାରେ ଜୀବନ ଅବଶେଷରେ ବିଜୟୀ ହୋଇଛି । ସେଭଳି ମୁକାବିଲା କରିବା ଅବସ୍ଥାରେ ଯେଉଁସବୁ ବିସ୍ତୃତ ତଥା ବିବିଧ ଇକୋସିଷ୍ଟମ ପୃଥିବୀରେ 'ଜୀବନ' ଦ୍ୱାରା ସୃଷ୍ଟି ହୋଇଯାଇ ପାରିଛି, ସେଗୁଡ଼ିକ ମଧ୍ୟ

ଅତି ବିରୋଧୀ ପରିସ୍ଥିତି ଭିତରେ ଗତିକରି ନିଜର ପ୍ରତିଷ୍ଠା ବଜାୟ ରଖିବା ପାଇଁ ସମର୍ଥ ହୋଇ ପାରିଛନ୍ତି । ପଣ୍ଡିତମାନେ କହୁଛନ୍ତି, ହୁଏତ ଅଜୈବ ପଦାର୍ଥରୁ ହିଁ ଜୀବନର ସୃଷ୍ଟି ହୋଇଛି । କିନ୍ତୁ ଜୀବନ ଆଜି ସେହି ଅଜୈବ ପଦାର୍ଥ ଠାରୁ ବହୁଭାବେ ଅଧିକ ଶକ୍ତିଶାଳୀ; ବହୁଭାବେ ଅଧିକ ମହତ୍ତ୍ୱପୂର୍ଣ୍ଣ । ଅନ୍ୟ ଭାବରେ କହିବାକୁ ଗଲେ ଧରିତ୍ରୀରେ ଆଜି ଜୈବ ପଦାର୍ଥର ଗୁରୁତ୍ୱ ଯେ ସବୁଠାରୁ ଅଧିକ, ସେ କଥାରେ ସନ୍ଦେହ ନାହିଁ ।

ପୃଥିବୀପୃଷ୍ଠର ସାମଗ୍ରିକ ଲକ୍ଷଣ କ'ଣ ହେବ ସେକଥା ସ୍ଥିର କରୁଥିବାରୁ ସମସ୍ତ ଜୈବ-କ୍ରିୟାକଳାପର ବାସ୍ତବ ଉପଯୋଗିତା କଥାର ଗୁରୁତ୍ୱ ମନୁଷ୍ୟ ପାଇଁ ଖୁବ୍‌ବେଶୀ । ବଞ୍ଚିବା ପାଇଁ ତା'ର ନିକଟ ପରିବେଶରେ ଥିବା ଜୀବନ୍ତ ପଦାର୍ଥର ମଧ୍ୟ ତା ପାଇଁ ଅତ୍ୟଧିକ ଗୁରୁତ୍ୱ ରହିଛି । ସେହି କାରଣରୁ ପୃଥିବୀର ଅର୍ଥନୀତିର ବିକାଶ ନିମନ୍ତେ, ପୃଥିବୀର ସାମାଜିକ ବିକାଶ ନିମନ୍ତେ ଓ ଅନେକ କ୍ଷେତ୍ରରେ ମଣିଷ ଜାତି ନିଜ ହିତ ଉଦ୍ଦେଶ୍ୟରେ ପ୍ରାକୃତିକ ଇକୋସିଷ୍ଟମରେ ପରିବର୍ତ୍ତନ ଆଣିବାକୁ ଉଦ୍ୟମ କରୁଛି; ସହରୀକରଣ ଓ ଉଦ୍ୟୋଗୀକରଣ ଦ୍ୱାରା କିଭଳି ମାନବ କଲ୍ୟାଣଭିତ୍ତିକ ପ୍ରାକୃତିକ ପରିବେଶର କ୍ଷତି ନ ହେବ ସେ ଦିଗରେ ମଧ୍ୟ ପରୀକ୍ଷା କରୁଛି ।

ଜୀବନ ସଂକ୍ରାନ୍ତରେ କିନ୍ତୁ ଅନ୍ୟ ଏଭଳି କେତେକ ପ୍ରଶ୍ନ ଅଛି ଯାହା ବିଜ୍ଞ ସାଧାରଣ ମଣିଷ ମନକୁ ବହୁଦିନୁ, ବହୁକାଳୁ ଆନ୍ଦୋଳିତ କରି ଆସିଛି । ପରେ ପଣ୍ଡିତମାନେ, ବିଜ୍ଞାନୀମାନେ ଏଭଳି ପ୍ରଶ୍ନ ସଂକ୍ରାନ୍ତୀୟ କଥାର ଶାସ୍ତ୍ରୀୟ ବା ବିଦ୍ୟାଗତ ତାତ୍ପର୍ଯ୍ୟ ନିର୍ଦ୍ଧାରଣ କରିବା ପାଇଁ ଉଦ୍ୟମ କରିଛନ୍ତି ଓ ସେଥିରେ କିଛି କିଛି ସଫଳତା ମଧ୍ୟ ଲାଭ କରୁଛନ୍ତି । କେତେକଙ୍କ ମତରେ ଏଭଳି ପ୍ରଶ୍ନ ଗୁଡ଼ିକର ବିଜ୍ଞାନ ଅପେକ୍ଷା ଦାର୍ଶନିକ ମହତ୍ତ୍ୱ ହେଲା ବେଶୀ । କିନ୍ତୁ ବୋଧହୁଏ ତାହା ନୁହେଁ । ସବୁ ଦୃଷ୍ଟିରୁ, ଏ ସବୁର ଗୁରୁତ୍ୱ କିଛି କମ୍ ବୋଲି କୁହାଯାଇପାରିବ ନାହିଁ । ସେଥିଭିତରୁ ଯେଉଁ ମୁଖ୍ୟ ପ୍ରଶ୍ନ ସବୁର ଉତ୍ତର ପାଇବା ଏ ପର୍ଯ୍ୟନ୍ତ ସମ୍ଭବ ହୋଇନାହିଁ, ତାହା ହେଲା : ଆମେ ଜାଣିଥିବା ସୃଷ୍ଟିରେ ବା ବିଶ୍ୱରେ ଜୀବନ ବଦଳରେ ଜୀବନହୀନତା କାହିଁକି ସାଧାରଣ ନିୟମ ହୋଇ ଉଠିଛି ? ପ୍ରକୃତିତ ଏହାର ବୀପରିତ କଥାଟା ଘଟାଇ ପାରିଥା'ନ୍ତା—କିନ୍ତୁ ସେଭଳି ନ ଘଟାଇବାର କାରଣ କ'ଣ ? ଜୈବ ଓ ଅଜୈବ ପଦାର୍ଥ ଭିତରେ ପ୍ରକୃତ ତାରତମ୍ୟ କ'ଣ ବା ପ୍ରକୃତ ଅସମାନତା କେଉଁଠି ରହିଛି ? ଜୈବ ପଦାର୍ଥ ସବୁ ଠିକ୍ କିଭଳି ସୃଷ୍ଟି ହେଲା ? ଧରିତ୍ରୀରେ ଆଉ କୌଣସି ପ୍ରକାରର ଜୀବନକୁ ନୂଆକରି ସୃଷ୍ଟି କରି ହେବ କି ? ଅନ୍ୟ ସବୁ ଜୀବନ ସତ୍ତା ଠାରୁ ମଣିଷ ଜୀବନ ସ୍ୱତନ୍ତ୍ର ନା ଏହା ହେଉଛି କେବଳ ଜୀବ ସୃଷ୍ଟିର ମୂର୍ତ୍ତିମାନ ଆଦର୍ଶ ବୋଲି ଧରାଯାଉଥିବା ଇଭୋଲୁସନୀୟ ମଡେଲର ସବା ଉପରେ ଥିବା ଗୋଟିଏ ପ୍ରାଣୀ ? ଇତ୍ୟାଦି ।

ଭୂବୈଜ୍ଞାନିକ ରେକର୍ଡରୁ ଜଣାଯାଉଛି ଯେ ପୃଥିବୀରେ ଅକଳନ୍ତି କାଳ ବା ସମୟ ଧରି ଜୀବନ ସୃଷ୍ଟି-ହୋଇ ଆସୁଛି । ମିଳୁଥିବା ଫସିଲ ରେକର୍ଡ ସୂଚାଇ ଦେଉଛି ଯେ ଆଜିର ସମସ୍ତ ପ୍ରକାରର ଜୀବ ଓ ଉଦ୍‌ଭିଦଙ୍କ ପୂର୍ବପୁରୁଷଙ୍କୁ ପ୍ରାୟ ୪୦ କୋଟି ବର୍ଷ ତଳୁ ପ୍ରକୃତି ସୃଷ୍ଟି କରିଦେଇଥିଲା । ଅନ୍ୟାନ୍ୟ ଅଣୁଜୈବିକ ପଦାର୍ଥଙ୍କ ବୟସ ତ ପ୍ରାୟ ୩୦୦ରୁ ୩୫୦ କୋଟି ବର୍ଷ ବୋଲି କୁହାଯାଉଛି । ୧୯୯୭ ମସିହା ଆରମ୍ଭରେ ପ୍ରକାଶିତ ତଥ୍ୟ ଅନୁଯାୟୀ ୩୮୫ କୋଟି ବର୍ଷ ତଳେ ମଧ୍ୟ ପୃଥିବୀରେ ଜୀବନ ଥିଲା ବୋଲି କୁହାଯାଇପାରେ । ଏହା ପୂର୍ବରୁ ପୃଥିବୀରେ ମୌଳିକ ଜୀବନ ଥିଲା କି ନାହିଁ ସେ ବିଷୟରେ ଅବଶ୍ୟ ପଣ୍ଡିତମାନେ ଆଜି ସଠିକ ଭାବରେ କିଛି କହିପାରୁ ନାହାନ୍ତି—ହୁଏତ ଥାଇପାରେ ବୋଲି ଅନେକଙ୍କ ମତ । କିନ୍ତୁ ପ୍ରକୃତରେ କେବେ ଧରିତ୍ରୀରେ ଜୀବନ ଦେଖାଦେଲା ସେ କଥା ନିର୍ଦ୍ଦିଷ୍ଟ ଭାବରେ କହିବା ଆଜି ସମ୍ଭବ ନ ହେବାର କାରଣ ହେଲା—ମୂଳଜୀବନ ସବୁ ଏଭଳି ସରଳ, କ୍ଷୁଦ୍ର ତଥା ସାଧାରଣ ଥିଲା ଯେ ସେ ସବୁର ପ୍ରମାଣ ପ୍ରକୃତି ହୁଏତ ରଖିବାକୁ ସମର୍ଥ ହୋଇନାହିଁ ।

'ଧରିତ୍ରୀରେ ଜୀବନର ସୃଷ୍ଟି' ବୋଲି କହିଦେଲେ ଭିନ୍ନ ଭିନ୍ନ 'ଲୋକ'ଙ୍କ ପାଇଁ ସେ କଥାର ଅର୍ଥ ଭିନ୍ନ ଭିନ୍ନ ତଥା ତୁଳନାତ୍ମକ ଭାବରେ ବ୍ୟାପକ ହୋଇଯାଉଛି । ଉଦାହରଣ ସ୍ୱରୂପ : ଜଣେ ଧାର୍ମିକ ଲୋକଙ୍କ ପାଇଁ ଜୀବନ ହେଲା ଭଗବଦ୍ ସୃଷ୍ଟି ଓ ସେଥିରେ କୌଣସି ପାର୍ଥିବ ପ୍ରକ୍ରିୟାର ସ୍ଥାନ ନାହିଁ; ପୃଥିବୀର ବହୁ ଆଢ଼େ ଏହା ହେଉଛି ଗୋଟିଏ ଅତ୍ୟନ୍ତ ଗଭୀର ତଥା ଗୁରୁତ୍ୱପୂର୍ଣ୍ଣ ଧାର୍ମିକ ବିଶ୍ୱାସ । ସେହିଭଳି ଜୀବନ କିଭଳି ସୃଷ୍ଟି ହେଲା ସେ କଥାର ବର୍ଣ୍ଣନା ପୃଥିବୀସାରା ପୁରାଣ, ଲୋକସାହିତ୍ୟ ଗୁଡ଼ିକରେ ଭିନ୍ନ ଭିନ୍ନ ଭାବେ ଉଲ୍ଲେଖ ରହିଛି ଓ ସେସବୁ କ୍ଷେତ୍ରରେ ମଣିଷର କଳ୍ପନାକୁ ଅତି ଚମତ୍କାର ଭାବରେ ବିସ୍ତାରିତ କରିଦିଆଯାଇ ପାରିଛି ବୋଲି ମଧ୍ୟ କୁହାଯାଇପାରେ । ଦାର୍ଶନିକ ମାନଙ୍କ ପାଇଁ ଜୀବନ ହେଲା ଗୋଟାଏ ସ୍ୱତନ୍ତ୍ର ତଥା ଅନ୍ୟ ଧରଣର ଦାର୍ଶନିକ ତତ୍ତ୍ୱ । କିନ୍ତୁ ଆଜିର ବିଜ୍ଞାନୀମାନଙ୍କ ପାଇଁ ଜୀବନର ସାଧାରଣ ସଂଜ୍ଞା ହେଲା :

*କୌଣସି ରାସାୟନିକ ପ୍ରତିକ୍ରିୟା ଦ୍ୱାରା ସୃଷ୍ଟ ଜଟିଳ ଜୈବ ଅଣୁସମୂହ ଯେତେବେଳେ ଏଭଳି ଏକ ନିର୍ଦ୍ଦିଷ୍ଟ ଢଙ୍ଗରେ ସଜାଇ ହୋଇଥାଆନ୍ତି ଯେ ସେଭଳି ସଂଯୋଜନରୁ ସେସବୁ ନିଜ ନିଜର ସମଗୁଣ-ସଂପନ୍ନ ପ୍ରତିରୂପ ସୃଷ୍ଟି କରିଦେବାକୁ ସମର୍ଥ ହୋଇ ଉଠନ୍ତି; ସେତେବେଳେ ସେହି ନିର୍ଦ୍ଦିଷ୍ଟ ଜୈବ ଅଣୁ ସମୂହ ଦ୍ୱାରା ସୃଷ୍ଟ ନିର୍ଜୀବ ପଦାର୍ଥପିଣ୍ଡିଟି ଗୋଟିଏ*

*'ଜୀବନ୍ତ ପଦାର୍ଥ'ରେ ପରିଣତ ହୋଇଯାଇଥାଏ ।*

ଏକଥା ମଧ୍ୟ ସତ୍ୟ ଯେ ହୁଏତ ନିର୍ଜୀବ ଭୌତିକ ପଦାର୍ଥରୁ ହିଁ ଦିନେ ପ୍ରଥମ କରି ଜୀବନ ସୃଷ୍ଟି ହୋଇଥିଲା ଏବଂ ସେବେଠାରୁ ପ୍ରକୃତି ସେହି ଅବାରିତ ସୃଷ୍ଟି ପ୍ରକ୍ରିୟାକୁ ପୃଥିବୀରେ ଚାଲୁ ରଖିଛି । କିନ୍ତୁ ପ୍ରକୃତ ଅର୍ଥରେ ଗୋଟିଏ ଭୌତିକ-ରାସାୟନିକ ଘଟଣା ହିଁ ଜୀବନ ସୃଷ୍ଟିର ରହସ୍ୟ କଥା ଆଜି ମଣିଷକୁ ଜଣାଇ ଦେବାକୁ ବହୁ ପରିମାଣରେ ସମର୍ଥ ହୋଇଛି । ଧରିତ୍ରୀରେ ଘଟୁଥିବା ସେହି ଭୌତିକ-ରାସାୟନିକ ଘଟଣାଟିର ଫଳସ୍ୱରୂପ ସବୁବେଳେ ଗୋଟିଏ ପିଢ଼ୀରୁ ଅନ୍ୟ ପିଢ଼ୀକୁ ଜୀବନ ଚାଲିଯାଇ ପାରୁଛି—ଜେନେଟିକ୍ ପ୍ରବାହ ଦ୍ୱାରା । ସେଭଳି ହେଉଥିବାରୁ ଆମେ ଜାଣିଥିବା ସମସ୍ତ ଜୀବନ୍ତ ପଦାର୍ଥ ସେମାନଙ୍କ ପ୍ରାକୃତିକ ବଂଶଗତ ଲକ୍ଷଣରାଜିକୁ ନିଉକ୍ଲିକ୍ ଏସିଡ୍ ବା ନିଉକ୍ଲିକ୍ ଅମ୍ଳ ନାମକ ଏକ ବିଚିତ୍ର ଜୈବ ଅଣୁ ଦ୍ୱାରା ଗୋଟିଏ ପୁରୁଷରୁ ଅନ୍ୟ ପୁରୁଷକୁ ଦେଇଦେଇଥା'ନ୍ତି । ଏହି ଅଣୁକୁ ଆମେ ଡିଏନ୍ଏ ବୋଲି କହୁଛୁ । ଜୀବର ଆକୃତି, ଜଟିଳତା ବା ଅନ୍ୟ କୌଣସି ପ୍ରକାର କାରଣ ଦ୍ୱାରା ବଂଶକ୍ରମର ଏହି ମୌଳିକ ନିୟମଟି ଆଦୌ ପ୍ରଭାବିତ ହୋଇ ନ ଥାଏ ଓ ଏହି ନିୟମଟି ଜୀବନର ସବୁ କ୍ଷେତ୍ରରେ ସତ୍ୟ ବୋଲି ଜଣାପଡ଼ିଛି । ଆହୁରି ମଧ୍ୟ ଜୀବନର ଜେନେଟିକ୍ ଗଠନ କ୍ରିୟାଟି ଏଭଳି ଶ୍ରେଷ୍ଠ, ନିପୁଣ, ପୂର୍ଣ୍ଣ ତଥା ପରିଶୁଦ୍ଧ ଯେ ଏହାକୁ ପ୍ରକୃତି ନିଶ୍ଚୟ ବୁଝି ବିଚାରି କରିଛି ବୋଲି ଧରିନେବାକୁ ହେବ ଏବଂ ଆକସ୍ମିକ ଭାବେ ଏଭଳି ଘଟିବା ଆଦୌ ସମ୍ଭବ ନୁହେଁ ବୋଲି ଦୃଢ଼ତାର ସହିତ କୁହାଯାଇ ପାରିବ । ସେଥିପାଇଁ ଆଜି ଧରିତ୍ରୀ ଧାରଣ କରିଥିବା ସମସ୍ତ ଜୀବନର ମୂଳ ଉତ୍ସ ଭୌତିକ-ରାସାୟନିକ ଲକ୍ଷଣ ଦୃଷ୍ଟିରୁ ଗୋଟିଏ ବୋଲି କହିବାରେ ପ୍ରମାଦ ଥିବା କଥା ଜଣା ଯାଉନାହିଁ ।

ମୂଳତଃ ଅଜୈବ ପଦାର୍ଥ କ୍ଷେତ୍ରରେ ଦେଖାଯାଉଥିବା ଭୌତିକ-ରାସାୟନିକ ପ୍ରତିକ୍ରିୟାରୁ ସମସ୍ତ ଜୈବ ବା ଜୀବନ୍ତ ପରିଘଟଣର ସୃଷ୍ଟି ହେଉଥିବାନ୍, ପୃଥିବୀରେ ଜୀବନର ଉତ୍ପତ୍ତି ଓ ପରେ ତା'ର ଇଭୋଲୁସନ କଥାକୁ, ତତ୍ତ୍ୱଜ୍ଞାନ ଦୃଷ୍ଟିରୁ, ଅନେକ ପଣ୍ଡିତ ତୁଳନାତ୍ମକ ଭାବେ ସହଜ ତଥା ସରଳ ଭାବରେ ଗ୍ରହଣ କରି ନେଇଛନ୍ତି । ସେମାନଙ୍କ ଭିତରୁ କେତେକଙ୍କ ମତରେ—ଅଜୈବ ପଦାର୍ଥରୁ ଜୈବ ଅଣୁ ବାହାରି ପଡ଼ିବାଟା ପ୍ରକୃତିରେ ସେମିତି କିଛି ଗୋଟାଏ ଅସାଧାରଣ ଘଟଣା ନୁହେଁ—ପ୍ରତି ମୁହୂର୍ତ୍ତରେ ପୃଥିବୀରେ ଜୀବନ ସୃଷ୍ଟି ହୋଇ ଚାଲିଛି ଓ ସାରା ବିଶ୍ୱରେ କେଉଁଠି ନା କେଉଁଠି ଜୀବନ ସୃଷ୍ଟି ପ୍ରକ୍ରିୟା ନିଶ୍ଚୟ ଚାଲିଥିବ । ଆଜିର ଜେନେଟିକ୍ ଜୀବନ ହୁଏତ ଅନ୍ୟ କୌଣସି ଢଙ୍ଗର ଜେନେଟିକ୍ ଜୀବନଠାରୁ ଅଧିକ ନିଶ୍ଚିତ, ଅଧିକ ଦକ୍ଷ ବୋଲି କୁହାଯାଉଛି । ଏକଥା ମଧ୍ୟ କୁହାଯାଉଛି ଯେ ସେହି କାରଣରୁ ଏହାଠାରୁ ତୁଳନାତ୍ମକ ଭାବେ ଅଦକ୍ଷ ତଥା ନୂଆ ଧରଣର ଆଉ କୌଣସି ଭୌତିକ-ରାସାୟନିକ ପଦ୍ଧତି ସୃଷ୍ଟ ଜେନେଟିକ୍ ଜୀବନ ପୃଥିବୀରେ ତିଷ୍ଠି ରହିବା ସମ୍ଭବ ନୁହେଁ ।

କିନ୍ତୁ ବିଜ୍ଞାନୀମାନେ ସବୁବେଳେ ସବୁକଥାର ଭିନ୍ନ ଭିନ୍ନ ଦିଗ ଆଲୋଚନା କରିଥା'ନ୍ତି । ଆଉ କେତେକ ବିଜ୍ଞାନୀଙ୍କ ମତରେ—ଯଦିଓ ଜୀବନ୍ତ ଜୈବ-କ୍ରିୟାର ସୃଷ୍ଟି ଭୌତିକ-ରାସାୟନିକ ପ୍ରକ୍ରିୟାରୁ ହିଁ ହୋଇଥାଏ; ଏହା ଯେ ଜୀବନ ସୃଷ୍ଟିର ଉତ୍ପତ୍ତି ବିଷୟରେ ଅକାଟ୍ୟ ପ୍ରମାଣ ଦେଇଦେଇପାରୁଛି, ତାହା ଆଜି ମଧ୍ୟ କୁହାଯାଇ ପାରିବ ନାହିଁ ।

ତେଣୁ ଯେକୌଣସି ନିଷ୍କ୍ରିୟ ପଦାର୍ଥରୁ ଯଦି ଇଚ୍ଛାନୁଯାୟୀ ସମଗୁଣସଂପନ୍ନ ସ୍ୱ-ପୁନରୁତ୍ପାଦୀ ଜୈବ ଅଣୁ ତିଆରି କରିଦେଇ ହେବ ତେବେ ଜୀବନ ସୃଷ୍ଟି ସଂକ୍ରାନ୍ତରେ ମୌଳିକ କଥା ନିର୍ଦ୍ଦିଷ୍ଟ ଭାବେ ଜଣାପଡ଼ିଯିବାରେ ଆଉ ଅସୁବିଧା ରହିବ ନାହିଁ । ବିଂଶ ଶତାବ୍ଦୀର ଶେଷ କେତେବର୍ଷ ବେଳକୁ ଏ ଦିଗରେ ଉଦ୍ୟମ ଚାଲିଛି ଓ ସେଥିରୁ ପରୀକ୍ଷାମୂଳକ ଭାବେ ଆଂଶିକ ସଫଳତା ମଧ୍ୟ ମିଳିଲାଣି । ଥରେ ଏଭଳି ପରୀକ୍ଷା ନିମନ୍ତେ ଗୋଟିଏ ସଂପୂର୍ଣ୍ଣ ବିକଶିତ ଭୂତାଣୁ ବା ଭାଇରସକୁ ରାସାୟନିକ ପଦ୍ଧତିରେ ଭାଗ ଭାଗ କରି ଦିଆଯିବା ଦ୍ୱାରା ସେହି ବିଭାଜିତ ଭାଗ ଗୁଡ଼ିକରେ ଥିବା ଅଣୁସବୁ ନିଷ୍କ୍ରିୟ ବୋଲି ଜଣାପଡ଼ିଥିଲା । କିନ୍ତୁ ପରେ ଯେତେବେଳେ ସେହି ଭାଗ ଗୁଡ଼ିକୁ ଉପଯୁକ୍ତ ଜୈବ-ରାସାୟନିକ ପରିବେଶରେ ଯୋଡ଼ି ଦିଆଗଲା, ସେତେବେଳେ ସେସବୁ ପୁଣି ବିଜ୍ଞାନ ଦୃଷ୍ଟିରୁ ସଜୀବ ବା ଜୀବନ୍ତ ହୋଇ ଉଠିଲେ । ଏଥିରୁ କିନ୍ତୁ ସଂପୂର୍ଣ୍ଣ ନୂଆକରି ଜୀବନ ସୃଷ୍ଟି ହେବା କଥା ବିଷୟରେ ବିଜ୍ଞାନୀମାନେ ସନ୍ଦେହ ପ୍ରକାଶ କରୁଛନ୍ତି—କାରଣ ଏହି ଭୂତାଣୁଟି ଯେକୌଣସି ପରିସ୍ଥିତିରେ ସଜୀବ ହେବ କି ନିର୍ଜୀବ ହେବ, ସେ କଥା ପାଇଁ ପ୍ରକୃତିରେ ପୂର୍ବ ସତ୍ତାଥିବା ଜୀବନ ଉପରେ ହିଁ ନିର୍ଭର କରିଛି । ଆଉ ଗୋଟିଏ ପରୀକ୍ଷାରେ ପୃଥିବୀ ନୂଆକରି ତିଆରି ହେଲା ବେଳର ଅବସ୍ଥା ପରୀକ୍ଷାଗାରରେ ସୃଷ୍ଟି କରିଦେଇ ଅଜୈବ ପଦାର୍ଥରୁ ଜୈବ ଅଣୁ ତିଆରି କରିଦିଆଯାଇ ପାରିଛି । କିନ୍ତୁ ସେହି ଅଣୁ ଗୁଡ଼ିକ କୌଣସି ଅବସ୍ଥାରେ ସ୍ୱ-ପୁନରୁତ୍ପାଦୀ ହୋଇପାରୁ ନାହାନ୍ତି ବୋଲି ଜଣା ପଡ଼ିଛି । ଏଥିରୁ ସଂକେତ ମିଳୁଛି ଯେ 'ଜୀବନ୍ତ' ପଦାର୍ଥ ବୋଲି ଆଖ୍ୟା ପାଇବାକୁ ହେଲେ ନିଜର ବିକାଶ ନିମନ୍ତେ ଆବଶ୍ୟକ ହେଉଥିବା ସମସ୍ତ ନିର୍ଦ୍ଦେଶ-ତଥ୍ୟ ସେହି ପଦାର୍ଥ ଦେହରେ ରହିଥିବା ଏକାନ୍ତ ଜରୁରୀ ଓ ସେହି ତଥ୍ୟକୁ ନିଜର ସନ୍ତାନ-ସନ୍ତତିଙ୍କୁ ଦେଇପାରିବାର କ୍ଷମତାର ଅଧିକାରୀ ତାହା ହେବା ଆବଶ୍ୟକ । ତେଣୁ ଜଣାପଡ଼ିଯାଉଛି ଯେ ଅତି ସରଳ ଆବିର୍ଭାବରେ ମଧ୍ୟ ଜୀବନ

ହେଲା ମହତ୍ତ୍ୱପୂର୍ଣ୍ଣ : କାରଣ ଏଥିରେ ଅତୀତର ସତ୍ତା ଓ ଭବିଷ୍ୟତ ପାଇଁ ନିର୍ଦ୍ଦେଶ ଭରି ରହିଛି ।

ଏକଥା ସ୍ୱୀକାର୍ଯ୍ୟ ଯେ ସବୁ ପ୍ରକାରର ଜୀବନ୍ତ ପଦାର୍ଥ ନିଜର ସତ୍ତା ତଥା ବିକାଶ ନିମନ୍ତେ ଅନ୍ୟ ଜୀବନ୍ତ ପଦାର୍ଥ ଉପରେ ପୂର୍ଣ୍ଣମାତ୍ରାରେ ନିର୍ଭରଶୀଳ । ସେଇଥିପାଇଁ ଜଟିଳରୁ ଜଟିଳ ଇକୋସିଷ୍ଟମ ସବୁ ସୃଷ୍ଟି ହୋଇଯିବାର ବା କରିଦିଆଯିବାର ଆବଶ୍ୟକତା ଜୀବ ତଥା ଉଦ୍‌ଭିଦ କ୍ଷେତ୍ରରେ ଦେଖାଦେଇଛି । କାରଣ ଇଭୋଲୁସନୀୟ ବିକାଶ ସଙ୍ଗେ ସଙ୍ଗେ ଜଟିଳ ଜୀବନ ସବୁକୁ ରକ୍ଷା କରିବା ନିମନ୍ତେ ପ୍ରକୃତିକୁ କ୍ରମାନ୍ୱୟରେ ଯଥେଷ୍ଟ ସାବଧାନତା ଅବଲମ୍ବନ କରିବାକୁ ପଡ଼ିଛି । ପ୍ରକୃତି ଆଉ ଗୋଟିଏ କଥା ମଧ୍ୟ କରିଦେଇଛି । ତାହା ହେଲା, ମୂଳ ଇଭୋଲୁସନୀୟ ଇକୋସିଷ୍ଟମରେ ରହୁଥିବା ଜୀବମାନଙ୍କ ଅପେକ୍ଷା ପରବର୍ତ୍ତୀ ଜୀବମାନଙ୍କର ଇକୋ-ସ୍ୱାଧୀନତା ସେ କ୍ରମେ କ୍ରମେ ବଢ଼ାଇ ଦେଇଛି । ତେଣୁ ଇକୋ-ସ୍ୱାଧୀନତା ଦୃଷ୍ଟିରୁ ପ୍ରୋଟୋପ୍ଲାଜମ ଜେଲିର ଇକୋସିଷ୍ଟମ ଆଉ ମଣିଷର ଇକୋସିଷ୍ଟମ ଭିତରେ ଏତେ ପ୍ରଭେଦ—ମଣିଷ ତା ଇକୋସିଷ୍ଟମରେ ଅନେକ ସମୟରେ ଇଚ୍ଛାମୁତାବକ ପରିବର୍ତ୍ତନ ଆଣିପାରୁଥିଲା ବେଳେ ଜେଲି ପକ୍ଷରେ ସେଭଳି କରିବା କିନ୍ତୁ ଅସମ୍ଭବ ହୋଇପଡୁଛି ।

ଯେତେ ଯାହା ହେଉନା କାହିଁକି ଧରିତ୍ରୀରେ ଜୀବନ କଥା ଆଲୋଚନା କଲାବେଳେ ସବୁବେଳେ ବିଜ୍ଞାନସମ୍ମତ ଭାବେ ସେଭଳି ଚେଷ୍ଟା କରିବା ସମ୍ଭବ ନୁହେଁ । ଜୀବନ ଗୋଟାଏ ଏଭଳି ଉପାଦାନ ଯେ ତାକୁ ବୁଝିବା ପାଇଁ ବେଳେବେଳେ କେବଳ ଜଣଙ୍କର ବିଶ୍ୱାସ ହିଁ ସମର୍ଥ—ତା'ର ବୈଜ୍ଞାନିକ ଜ୍ଞାନ ବା ଚିନ୍ତାଧାରା ନୁହେଁ । ତେଣୁ ଯେତେବେଳେ ଅଜୈବ ପଦାର୍ଥରୁ ଜୀବନ ସୃଷ୍ଟି ହେଉଛି ବୋଲି କହିଦିଆଯାଉଛି, ସେତେବେଳେ କିନ୍ତୁ ମଣିଷ ଭିତରେ ଥିବା ବିକଶିତ ଚେତନଶୀଳତା କାରଣ ଭଳି କଥାକୁ ତା ସାଙ୍ଗରେ ବିଜ୍ଞାନସମ୍ମତ ଭାବେ ଖାପ ଖୁଆଇ ହେଉନାହିଁ । ଆହୁରି ମଧ୍ୟ, ଟିକିଏ ଭିତରକୁ ଗଲେ ଜଣେ ଜାଣିପାରିବ ଯେ ପାରିବେଶିକ ବଳ ଦ୍ୱାରା ସମସ୍ତ ପ୍ରକାର ଜୀବନ ପ୍ରଭାବିତ ହୋଇଥାଏ; କିନ୍ତୁ ସବୁ ପ୍ରକାର ପରିବେଶ ସମାନ ଥାଇ ମଧ୍ୟ ସମାନ ଜୀବଟିଏ ବା ଉଦ୍‌ଭିଦଟିଏ ସୃଷ୍ଟି ହେବାର କୌଣସି ପ୍ରାକୃତିକ ନିୟମ ଥିବା ବିଷୟରେ ଏ ପର୍ଯ୍ୟନ୍ତ ଜଣାପଡ଼ିନାହିଁ ।

ଧରିତ୍ରୀ ପୃଷ୍ଠରେ ଥିବା ଅସୁମାରୀ ଜୀବନ ସମ୍ଭାର ଗୋଟାଏ ନିର୍ଦ୍ଧାରିତ ଶୃଙ୍ଖଳା ପ୍ରବାହର ଅଂଶ ବୋଲି ଧରିନେବାକୁ ହେବ । ଏଭଳି ଶୃଙ୍ଖଳାର ପ୍ରମାଣ ଏ ପର୍ଯ୍ୟନ୍ତ ବିଶ୍ୱର ଅନ୍ୟ କୌଣସି କ୍ଷେତ୍ରରେ ମିଳିନାହିଁ । ଜୀବନ ସୃଷ୍ଟି ପ୍ରକ୍ରିୟାର ସବାଶେଷରେ ମଣିଷ ଯେତେବେଳେ ଧରିତ୍ରୀ ବକ୍ଷରେ ପାଦଦେଲା, ସେତେବେଳେ ତାହା ପଛରେ ରହିଯାଇଥିଲା ଗୋଟିଏ ଅତିମାତ୍ରାରେ ଶୃଙ୍ଖଳିତ ଜୈବ ବ୍ୟବସ୍ଥା । ମଣିଷ ଭଳି ଗୋଟାଏ ଅସାମାନ୍ୟ ଜୀବ ସୃଷ୍ଟି ପାଇଁ ପ୍ରକୃତି ଭଳି ଜଣେ ଦକ୍ଷ କାରିଗରକୁ ମଧ୍ୟ ଲାଗିଯାଇଥିଲା କୋଟି କୋଟି ବର୍ଷ ।

କିନ୍ତୁ ଗୋଟାଏ ସମୟ ଆସିଛି ଯେତେବେଳେ କି ସେହି ଅସାମାନ୍ୟ, ଶକ୍ତିଶାଳୀ ମାନବ ପ୍ରକୃତି ସୃଷ୍ଟ ଜୈବ ବ୍ୟବସ୍ଥାକୁ ପରିବର୍ତ୍ତନ କରିଦେବାକୁ, ଧ୍ୱଂସ କରିଦେବାକୁ ସକ୍ଷମ ହୋଇଉଠିଲାଣି । ତେଣୁ ତା'ର ବୁଦ୍ଧି ତଥା ବିଗ୍ୱର ଉପରେ ନିର୍ଭର କରୁଛି ଆମର ଏଇ ଗ୍ରହ ପୂର୍ବଭଳି ରହିପାରିବ କି ନାହିଁ । ଯେଉଁ 'ଜୀବନ'ର ଆରମ୍ଭ ଯୋଗୁଁ ଆମେ ଆଜି ଧରିତ୍ରୀମାତା କୋଳରେ ବସି ପାରିଛୁ, ସେହି ଜୀବନର ସତ୍ତା ଲୋପ କରିଦେବାର ସମସ୍ତ କ୍ଷମତା ମଣିଷ ହାତରେ ବିଂଶ ଶତାବ୍ଦୀର ଶେଷ କେତେବର୍ଷ ବେଳକୁ ଆସି ରହିଗଲାଣି । ସୌରଜଗତ ତଥା ଅନ୍ୟ ନକ୍ଷତ୍ରମଣ୍ଡଳରେ ଜୀବନର ସନ୍ଧାନରେ ଆମେ ଲାଗିପଡ଼ିଛୁ; ମଙ୍ଗଳ ଗ୍ରହରେ ଯେ ଦିନେ ଅତି ଆଦିମ ଜୀବନ ଥିଲା ସେ କଥାର ପ୍ରମାଣ ପୃଥିବୀରେ ଖୋଜି ପାଇଯିବାକୁ ଉଦ୍ୟମ କରୁଛୁ; କ୍ଲୋନିଙ୍ଗ କରି ଉନ୍ନତ ଜୀବ, ଉଦ୍‌ଭିଦର 'ଯାଆଁଳା' ତିଆରି କରିଦେଇ ପାରୁଛୁ; ହ୍ୟୁମାନ ଜେନୋମ ପ୍ରୋଜେକ୍ଟ୍ ଭଳି ମୂଳ ଜୀବନ ରହସ୍ୟ ଭେଦକାରୀ ଉଦ୍ୟମରେ ଆଉ ଅଳ୍ପ କେତେ ବର୍ଷ ଭିତରେ ସଫଳତା ପାଇଯିବାର ଆଶା ରଖିଛୁ । କିନ୍ତୁ ଏ ସବୁ ସତ୍ତ୍ୱେ ମଧ୍ୟ ଧରିତ୍ରୀରୁ ଅମୂଲ୍ୟ ଜୀବନ ଲୋପ ହୋଇଯିବା ନିମନ୍ତେ ଯେ ଆମେ ମଣିଷ ଜାତି ଦିନେ ଦାୟୀ ନ ହେବୁ, ସେ କଥା ଏ ପୁସ୍ତକ ସେଟ୍‌ଟି ଛାପାହେଲା ବେଳକୁ ନିର୍ଦ୍ଦିଷ୍ଟ ଭାବେ କହିହେଉନାହିଁ ।

ଧରିତ୍ରୀରେ ଜୀବନର ସତ୍ତା ସହିତ ଆଉ ଗୋଟିଏ କଥାର ଆଲୋଚନା ଅନେକ ସମୟରେ କରାଯାଇଥାଏ । ତାହା ହେଲା: ସମଗ୍ର ବିଶ୍ୱରେ କ'ଣ କେବଳ ଏହି ଗ୍ରହଟିରେ ହିଁ ପ୍ରକୃତି ତା'ର 'ଜୈବ-ଲୀଳାଖେଳା' ଚଳାଇ ରଖିଛି ? ଏକବିଂଶ ଶତାବ୍ଦୀର ଆରମ୍ଭ ବେଳକୁ ଏ ଦିଗରେ ମାନବଜ୍ଞାନର ବିକାଶ ଗୋଟାଏ ନିର୍ଦ୍ଦିଷ୍ଟ ରୂପ ନେଇଯିବାକୁ ବସିଲାଣି ବୋଲି ଅନେକ ପଣ୍ଡିତ ମତ ଦେଉଛନ୍ତି । ଆମ ସୌରଜଗତ ଭିତରୁ ଓ ଅନନ୍ତ ଅନ୍ତରୀକ୍ଷର ଅନ୍ୟ କେତେ ଅଞ୍ଚଳରୁ ସଂଗ୍ରହ କରାଯାଇଥିବା ସର୍ବଶେଷ ତଥ୍ୟ ଅନୁଯାୟୀ, ପୃଥିବୀ ବାହାରେ ମଧ୍ୟ 'ମୂଳଜୀବନ' ଥାଇପାରେ ବା ଥିଲା ବୋଲି ଜଣାପଡୁଛି । ଏ ପୁସ୍ତକ ସେଟ୍‌ଟିର ସଂପାଦକୀୟ ପ୍ରସ୍ତୁତି ବେଳକୁ ମଙ୍ଗଳ ସହିତ ବୃହସ୍ପତିର ଗୋଟିଏ ଦୁଇଟି ଉପଗ୍ରହରେ ଏଭଳି କଥାର ପ୍ରାଥମିକ ପ୍ରମାଣ ମିଳିସାରିଲାଣି । ସୌରଜଗତ ବାହାରେ କେତେକ ନକ୍ଷତ୍ର ଗ୍ୱରିପଟେ ଘୁରୁଥିବା ଗୋଟିଏ ଦୁଇଟି 'ଗ୍ରହ'ରେ ଜଳର ସମ୍ଭାବ୍ୟ

ସନ୍ଧାନ ଯୋଗୁଁ ସେଠି ମଧ୍ୟ ଧରିତ୍ରୀ ଅର୍ଥରେ ଜୀବନର ଉପସ୍ଥିତି ଥାଇପାରେ ବୋଲି କୁହାଯାଉଛି । ହୁଏତ ଧରିତ୍ରୀରେ ସୃଷ୍ଟି ହୋଇଥିବା ଜୀବନ କ୍ଷେତ୍ରରେ ଥିବା ଶୃଙ୍ଖଳାପ୍ରବାହର ପ୍ରମାଣ ଏହା ବାହାରେ ସହଜରେ ମିଳିବ ନାହିଁ କିମ୍ବା ଉନ୍ନତ ଜେନେଟିକ୍ ଜୀବନ କହିଲେ ଯାହା ବୁଝା ଯାଉଛି, ସେକଥାର ପ୍ରମାଣ ମିଳିବା ନିକଟରେ ସମ୍ଭବ ନ ହୋଇପାରେ; କିନ୍ତୁ ଆମେ ଯେ ଜୀବନ ଦୃଷ୍ଟିରୁ ସମଗ୍ର ବିଶ୍ୱବ୍ରହ୍ମାଣ୍ଡରେ ଏକୁଟିଆ, ତାହା ନୁହେଁ ବୋଲି କହିବାକୁ ସାହସ କରିବାର ପରିସ୍ଥିତି ଆସି ପହଞ୍ଚିଗଲାଣି ଓ ସେଭଳି କୁହାଯିବା ଆରମ୍ଭ ହେଲାଣି ମଧ୍ୟ । □

# ମାନବ ଜୀବନ

ଜୀବନର ପ୍ରାରମ୍ଭ ବୋଲି କୁହା-ଯାଉଥିବା ଅବସ୍ଥାରେ ଆମ ସମସ୍ତଙ୍କ କ୍ଷେତ୍ରରେ ଗୋଟାଏ ଗୋଟାଏ ବିଶେଷ ଲକ୍ଷଣ ଦେଖାଦେଇ ଥାଏ । ଜନ୍ମର କିଛି ବର୍ଷ ପରେ ଯେତେବେଳେ ଜଣକର 'ବୁଦ୍ଧି' ହେବାକୁ ଲାଗେ, ସେତେବେଳେ ଭିନ୍ନ ଭିନ୍ନ ରୂପରେ ଅନେକ ପ୍ରଶ୍ନ ଆମର ସେହି ଶିଶୁ ମନକୁ 'ଶୈଶବ ଅବସ୍ଥା'ରେ ଆନ୍ଦୋଳିତ କରିଥାଏ । ମଣିଷର ପ୍ରାକ୍-ଯୌବନ ଅବସ୍ଥା ପର୍ଯ୍ୟନ୍ତ ଏହି ଶୈଶବ କାଳ ବିସ୍ତାରିତ ହୋଇ ରହିଥାଏ ବୋଲି କହିଲେ କିଛି ଅତ୍ୟୁକ୍ତି ହେବ ନାହିଁ । ମୁଁ କିଏ ? ମୁଁ ଏ ଦୁନିଆରେ କାହିଁକି ଅଛି ? ମୋ ସତ୍ତାର ଲକ୍ଷଣ କ'ଣ ? ଜୀବନ ବିକାଶ କହିଲେ କ'ଣ ବୁଝାଏ ? ଦୁନିଆ ବା ପୃଥିବୀ କ'ଣ ? ମୁଁ କେତେଦିନ ସଂସାରରେ ବଞ୍ଚିବି ? ମୋ'ର ଲକ୍ଷ୍ୟସ୍ଥଳ କ'ଣ ? ଭଳି ଦାର୍ଶନିକ କଥାର ଉତ୍ତର ଅନେକ ସମୟରେ ହୁଏତ ଜୀବନର ଶେଷ ପର୍ଯ୍ୟନ୍ତ ଜଣକୁ ମିଳି ନ ଥାଏ । କିନ୍ତୁ ମଣିଷ ମନର ଗୋଟାଏ ବିଚିତ୍ର ଲକ୍ଷଣ ହେଲା ଉତ୍ତର ମିଳୁ ବା ନ ମିଳୁ ତାହା ପ୍ରଶ୍ନ ପଗ୍ରରି ଗ୍ରଲିଥିବ ।

ମୋ ମନରେ ମଧ୍ୟ ଦିନେ ଏମିତି ସବୁ ପ୍ରଶ୍ନ ଖେଳି ବୁଲିଥିଲା, ମୋ ମନକୁ ଆନ୍ଦୋଳିତ କରିଥିଲା ।

ମହାନଦୀ କୂଳରେ ଥିବା ଆମର ଛୋଟ ଗାଁଟିରେ ହେତୁ ହେବାର ଅଳ୍ପ କେତେବର୍ଷ ପର ପର୍ଯ୍ୟନ୍ତ ଆମେ ଭାଇ-ଭଉଣୀ ସବୁ ରହିଥିଲୁ । ଗୋଟାଏ ବୟସ ପରେ ସେହି ପୁଣ୍ୟତୋୟା ନଦୀର ଦିଗନ୍ତ-ବିସ୍ତାରୀ ରୂପ ମତେ କ୍ରମେ ଚମତ୍କୃତ କରିଦେବାକୁ ଆରମ୍ଭ କରିଥାଏ । ମହାନଦୀର ବିସ୍ତୀର୍ଣ୍ଣ ନିଦା ନଈ-ପଠା ହୋଇଯାଇଥିଲା ମୋ'ର, ଅନ୍ୟମାନଙ୍କର ଖେଳପଡ଼ିଆ— ସେ ସମୟର ଜୀବନକୁ ଉପଭୋଗ କରିବାରେ ତାହା ଥିଲା ଆମପାଇଁ ଏକମାତ୍ର ଉପଯୋଗୀ ମଞ୍ଚ । ପଠାର ଠିକ୍ ତଳକୁ ଥାଏ ନଈର ଗୋଟିଏ ଓସାରିଆ ଧାର । ସେଠି ପଠା ଉପର ଓ ପାଣି ଧାର ଭିତରେ ତିଖ ଦୂରତା ହେଲା ପାଞ୍ଚ ଛଅ ମିଟର ବା ସାମାନ୍ୟ ବେଶୀ ବୋଲି ମୋର ମନେପଡୁଛି । ମୁଁ ପଠା ଉପର ବରଗଛ ମୂଳରୁ ପାଣିକୁ ଅନାଇଲାବେଳେ ମୋର ମୁଣ୍ଡ ବୁଲାଇ ଦେବା କଥା ଆଜି ମଧ୍ୟ ମୋ'ର ମନେ ଅଛି । କେତେବେଳେ ଶାନ୍ତ, କେତେବେଳେ ଛୋଟଛୋଟ ଲହଡ଼ିଭରା ସେହି ମହାନଦୀର ଜଳ ଏତେ ଉପରୁ ମଧ୍ୟ ମୋ ମନରେ ଭୀତି ସଞ୍ଚାର କରିବାକୁ ସେତେବେଳେ ସକ୍ଷମ ହୋଇଯାଉଥିଲା ବୋଲି ସ୍ୱୀକାର କରିବାରେ ଆଜି ମୋର ଦ୍ୱିଧା ନାହିଁ । କିନ୍ତୁ ସେଭଳି ଅନାଇବା ଦ୍ୱାରା ବାରମ୍ବାର ବାରଣ କରାଯାଇଥିବା କଥାଟିଏ ହିଁ ମୁଁ କରୁଥିଲି ବୋଲି ଆଜି ପରିଣତ ଚିନ୍ତାରେ ଭାବିପାରୁଛି । ସେ ସମୟରେ ମୋ ବୟସର ଅନ୍ୟ ସମସ୍ତଙ୍କ କ୍ଷେତ୍ରରେ ମଧ୍ୟ ସେହି ବାରଣ ପ୍ରଯୁଜ୍ୟ ଥିଲା । ପଠା ଉପରୁ ଦୈବାତ୍ ଖସିପଡ଼ିଲେ ଆମଭଳି ପିଲାଙ୍କର ଅବସ୍ଥା କ'ଣ ହେବ ସେ କଥା ଚିନ୍ତା କରି ହୁଏତ ଏଭଳି ବାରଣ କରାଯାଇଥିଲା—କାରଣ ଅସାବଧାନତା ଯୋଗୁଁ ଖସିପଡ଼ିବା ଦ୍ୱାରା କିଛି ଗୋଟାଏ ଭୟାନକ ଘଟଣା ଘଟିପାରେ ବୋଲି ଅନୁଭବ କରାଯାଇଥିଲା । ସେଭଳି ଅନୁଭବ, ସେଇ ଭୟାନକ ଘଟଣାର ଅନ୍ୟ ନାମଟି ହେଲା 'ମୃତ୍ୟୁ' ବୋଲି ମୁଁ ପରେ ଜାଣିଲି ।

ନଈ ପଠାର ଆମେ ଖେଳୁଥିବା ଅଂଶଠାରୁ ଆଉ ଟିକିଏ ତଳକୁ ଥାଏ ଗୋଟିଏ ତୁଠ । ତୁଠ ଠାରୁ ଅଳ୍ପ କେତେ ମିଟର ଦୂରରେ ଗୋଟିଏ ଗଣ୍ଡ । ଦିନେ ଆମେ ଦେଖିଲା ବେଳକୁ କେତେ ଜଣ ଲୋକ ପାଣି ଭିତରକୁ ତେଣ୍ଟା ମାରି ମାରି ସେହି ଗଣ୍ଡରେ କ'ଣ ଖୋଜୁଛନ୍ତି । ସହଜାତ ଆଗ୍ରହରୁ ଆମେ କେତେଜଣ ଯାଇ ସେଠି ପହଞ୍ଚିଗଲା ବେଳକୁ ଆମ ଆଖି ଆଗରେ ହଠାତ୍ ପାଣି ଭିତରୁ ରକ୍ତାକ୍ତ ହୋଇଥିବା ଜୀବଟିଏ ଜଣେ ତେଣ୍ଟା ମାରୁଥିବା ଲୋକ କଡ଼ରେ ଭାସି ଉଠିଲା । ପିଲାଯାକ ଯାଇ ପାଖରୁ ଦେଖିବାକୁ ଚେଷ୍ଟା କଲୁ ସେହି ଜୀବଟି ମାଛ ବା ଅନ୍ୟ କ'ଣ ହୋଇପାରିଥାଏ ବୋଲି । ଦେଖିଲୁ—ସେଇ ଗଣ୍ଡରେ 'ପଲା' କରି ରହିଥିବା ଗୋଟିଏ କଇଁଛର ଏଇ ଦଶା । ପାଣି କୂଳରେ ଭାସୁଥିବା ଏହି ଆଦି ଜୀବଟି ଦେହରେ ମୁଁ କିନ୍ତୁ ଅନୁସନ୍ଧିତ୍ସାରୁ ହାତ ମାରିଦେଲି—'ଅନୁଭବ' କଲି ସେଇଟି ଦେହରେ ଆଉ ଜୀବନ ନାହିଁ ।

ବଞ୍ଚିବା-ମରିବା ଭିତରେ ଥିବା ପାର୍ଥକ୍ୟ କଥା ମୁଁ ସେତେବେଳକୁ ବୁଝିପାରୁଥାଏ । ସେଇ ମଲା କଇଁଛଟିକୁ ଦେଖି ମୋ'ର ବାପାଙ୍କ କଥା ମନେ ପଡ଼ିଗଲା । ଜୀବଟିଏ ସୃଷ୍ଟି କରିବାକୁ ପ୍ରକୃତିକୁ କେତେ ପରିଶ୍ରମ କରିବାକୁ ପଡ଼ିଛି ଓ ତାକୁ କେମିତି ମାଟି, ପାଣି, ପବନ, ଆଲୁଅର ସାହାଯ୍ୟ ନେବାକୁ ପଡ଼ିଛି, ସେ କଥା ସେ ଥରେ ଆମକୁ କହୁଥିଲେ । ମୁଁ ଆଉଥରେ କଇଁଛଟିକୁ ନେଉଟାଇ ଦେଖିଲି । ଯେଉଁ ଜୀବନକୁ କେବେହେଲେ ପୁନଃସ୍ଥାପନ କରିହେବ ନାହିଁ, ପୁଣିଥରେ ସୃଷ୍ଟି କରିହେବ ନାହିଁ, ସେଭଳି ଜୀବନକୁ ମଣିଷ କାହିଁକି ନଷ୍ଟ କରିଦେଉଛି ବୋଲି ଆଜିର ଭାଷାରେ ସେତେବେଳେ ମୋ ମନରେ ବାରମ୍ବାର ପ୍ରଶ୍ନ ଉଠି-

ଥିଲା—ମୋ ମନକୁ ଆନ୍ଦୋଳିତ କରିଦେଇଥିଲା । ଡେଙ୍ଗା ମାରୁଥିବା ଲୋକେ କିଛି ସମୟ ପରେ ସେହି କଇଁଛଟିକୁ ଧରି ପାଣିରୁ ଉପରକୁ ଉଠିଗଲେ; ଆମେ ସମସ୍ତେ ମଧ୍ୟ ତୁଠ ଦେଇ ନଈପଠା ଉପରକୁ ଉଠିଗଲୁ । ମୋ ମନରେ କିନ୍ତୁ ସେହି କଥା ଖେଳୁଥାଏ । ଏବେ ମୁଁ ଭାବୁଛି ସେତେବେଳକୁ ମୋ ମନ ହୁଏତ 'ପାକଳ' ହୋଇଗଲାଣି । ଆହୁରି ମଧ୍ୟ, ସେହି ମୁହୂର୍ତ୍ତରୁ ଗୋଟାଏ ଦୃଷ୍ଟିରୁ ମୋ'ର ବୁଦ୍ଧିର ବିକାଶ ପ୍ରକ୍ରିୟା ଆରମ୍ଭ ହୋଇଯାଇଥିଲା ବୋଲି ଆଜି ଧାରଣା କରିପାରୁଛି । ନଚେତ ମହାନଦୀର ସେହି ଅଖ୍ୟାତ ଗଣ୍ଡରୁ ମରା ହୋଇଥିବା ଅଚିହ୍ନା କଇଁଛଟି ବିଷୟରେ ଏତେ ପ୍ରଶ୍ନ ମୋ ମନକୁ ସେଦିନ କେବେହେଲେ ଆସି ନ ଥା'ନ୍ତା ।

ଏହାର କେତେଦିନ ପରେ ଥରେ ଘରକୁ ଆସିଥିଲା ବେଳେ ବାପାଙ୍କୁ ଏ କଥା କହିଲି । ତାଙ୍କ ଯୁଗରେ ସେ ବେଶୀ କିଛି 'ପାଠ' ପଢି ନ ଥିଲେ । ଭାରତମାତାକୁ ପରାଧୀନତାର ଶୃଙ୍ଖଳରୁ ମୁକ୍ତ କରିବା ନିମନ୍ତେ ଜଣେ 'ମହାତ୍ମା'ଙ୍କ ଆହ୍ୱାନରେ ପାଠ ଛାଡ଼ିଦେଇ ତାଙ୍କ ଜୀବନର ଗତିପଥ କିନ୍ତୁ ବଦଳି ଯାଇଥିଲା । ଅନ୍ୟମାନଙ୍କୁ ଅସମ୍ଭବ ବୋଲି ଜଣାପଡୁଥିବା ମାନବ-ଜୀବନର ମୌଳିକ ଲକ୍ଷ୍ୟ ତଥା ଆଦର୍ଶ ହାସଲ କରିଯିବାକୁ ସେ ସମର୍ଥ ହୋଇଯାଇଥିଲେ । ମୋ ମା' ମଧ୍ୟ ଏଥିରେ ତାଙ୍କର ସହଗାମିନୀ ହୋଇଥିଲା—ଦେଶ ମାତୃକା ପାଇଁ ଜେଲ ବରଣ କରିବାକୁ ପଛାଇ ନଥିଲା । ଉଭୟଙ୍କ କର୍ମଦକ୍ଷତା ଆମ ପିଲାମାନଙ୍କ ପାଇଁ ଗୋଟାଏ ଆଦର୍ଶ ହୋଇଯାଇଥିଲା । ସେଦିନ ସନ୍ଧ୍ୟାରେ ବାପା ମୋ କଥା ଶୁଣିଲେ । ଯେ କୌଣସି କଥାକୁ ବାସ୍ତବ ଭାବେ ବୁଝାଇ ଦେବାର ଅଦ୍ଭୁତ ଶକ୍ତି ସେ ହାସଲ କରିଯାଇଥିଲେ । ମୋ ପ୍ରଶ୍ନର ଉତ୍ତର ଦେବାକୁ ଯାଇ ବାପା ଆରମ୍ଭ କଲେ:

''ଏ ସଂସାରରେ ଗୋଟାଏ ସମୟରେ ଜଣେ ନିରାଶ୍ରୟ, ଜଣେ ଅନାଥ ଲୋକ ଥିଲା । ସେ ଲୋକଟିକୁ କିଛି ଶିଖାଇବା ପାଇଁ, ବାଟ ଦେଖାଇବା ପାଇଁ ବା ବୁଦ୍ଧି ବତାଇବା ପାଇଁ ସେତେବେଳେ କେହି ନ ଥିଲେ । କେତେବେଳେ ଜୀବଜନ୍ତୁ ତ ଆଉ କେତେବେଳେ 'ଅତି-ମାନବ' ଶକ୍ତି ଗୁଡ଼ିକ ଏଥିରେ ତାକୁ ସାହାଯ୍ୟ କରି ଦେଉଥିଲେ ବୋଲି ଆମେ ଧରିନେଲେ କିଛି ଅସୁବିଧା ନାହିଁ । କିନ୍ତୁ ଗୋଟିଏ କଥା ସ୍ପଷ୍ଟ ଭାବେ ଜଣା ପଡ଼ିଯାଉଥିଲା । ପୃଥିବୀର ଅନ୍ୟ ଜୀବଜନ୍ତୁଙ୍କ ତୁଳନାରେ ସେ ଥିଲା ନିଶ୍ଚିତ ଭାବେ ଅସହାୟ । ବଞ୍ଚିବା ପାଇଁ ଅନ୍ୟର ସାହାଯ୍ୟ ବହୁଭାବେ ତା'ର ଆବଶ୍ୟକତା ଥିଲା । ତା ନିଜର ସ୍ଥିତି ବିଷୟରେ ସେ ଅଜ୍ଞାନ ଥିଲା; ତେଣୁ ନିଜ ସ୍ଥିତିକୁ ତାକୁ ଖୋଜିବାକୁ ପଡୁଥିଲା । ଅନେକ ସମୟରେ ସେ ଏଭଳି ଉଗ୍ରତା ବା ଅହଂକାର ଭାବ ଦେଖାଉଥିଲା ଯେ ତାକୁ ନମ୍ରତା କଥା ଜଣାଇଦେବାକୁ ପଡୁଥିଲା । ଆଉ କେତେବେଳେ ସେ ଏଭଳି ଭୀରୁତା ଦେଖାଉଥିଲା ଯେ ତାକୁ ବୀରତ୍ୱ କଥା ବୁଝାଇ-ଦେବାକୁ ପଡୁଥିଲା । ଧରିତ୍ରୀମାତାର ଆଚରଣ କଥା ସଂପୂର୍ଣ୍ଣ ବୁଝି ନ ପାରିବା ଫଳରେ ନାନା ଅସୁବିଧାରେ ମଧ୍ୟ ସେହି ଅନାଥଟି ପଡୁଥିଲା ।

''ଏହି ଅନାଥ ଲୋକଟିର 'ପୂର୍ବ ପୁରୁଷ' ସବୁ ସେତେବେଳକୁ ମରି ହଜି ଗଲେଣି ବୋଲି ଆଜି କୁହା-ଯାଇପାରିବ । ତେଣୁ ଏ ସଂସାରରେ ସେ ଏକୁଟିଆ ହୋଇ ରହିଯାଇ-ଥାଏ । ତାକୁ ନିଜକୁ ନିଜେ ସବୁକାମ ଶିଖିବାକୁ ପଡୁଥାଏ । କିନ୍ତୁ ସେଭଳି କରିବାଟା ସେହି ଅନାଥଟି ପାଇଁ କିଛି ଗୋଟାଏ ସହଜ କଥା ନ ଥିଲା ।''

ମୁଁ ମନ୍ତ୍ରମୁଗ୍ଧ ଭଳି ଶୁଣୁଥାଏ । ବାପା ତାଙ୍କ ଛାତିରେ ଟିକିଏ ହାତମାରି ପୁଣି ଆରମ୍ଭ କରି କହିଲେ—''ଏଇଟି ହେଲା ଯନ୍ତ୍ରଣାର ଘର । ତତେ ମନେ ରଖିବାକୁ ହେବ ଯେ ମଣିଷ ମଣିଷକୁ ଯନ୍ତ୍ରଣା ଦିଏ; କାଳ ବା ସମୟ ମଧ୍ୟ ବେଳେବେଳେ ସେଭଳି କରିବାକୁ ସମର୍ଥ ହୋଇଥାଏ । ତେଣୁ ଆମକୁ ଏସବୁ କଥା ସହିବାକୁ ପଡ଼ିବ, ସହିବାର କଳା ହାସଲ କରିବାକୁ ପଡ଼ିବ । ଏଭଳି କରିବାରେ ଆମକୁ ସହଯୋଗ କରିବେ ଆମ ପରିବେଶ, ଆମ ଶିକ୍ଷା କିମ୍ବା ଆମେ କାଳକ୍ରମେ ହାସଲ କରୁଥିବା ପ୍ରଜ୍ଞା ବା ବିବେକ ଶକ୍ତି । ଉଭୟ କଇଁଛ ଓ ମଣିଷ ହେଲେ ଏ ସଂସାରରେ ଥିବା ଅନାଥ । ଏକୁଟିଆ ମଣିଷ, କଇଁଛ ବା ଉଭୟ ଯେ ଭୁଲ ନ କରିବେ ଏ କଥା କୁହାଯାଇ ପାରିବ ନାହିଁ । କିନ୍ତୁ ଏହି ଭୁଲ ଭିତରେ ହିଁ ତୁମମାନଙ୍କୁ ମଙ୍ଗଳ ଖୋଜିବାକୁ ପଡ଼ିବ, ଆଲୋକର ସନ୍ଧାନ କରି-ବାକୁ ପଡ଼ିବ ।''

ସେଦିନ ସନ୍ଧ୍ୟାରେ ବାପାଙ୍କର ଏଇ କେତେପଦ କଥା ମୋ'ର ମଣିଷ ବିଷୟରେ ଅଧିକ ଜାଣିବାର ଇଚ୍ଛାକୁ ଜନ୍ମ ଦେଇଥିଲା ବୋଲି ଆଜି ମୁଁ ଅନୁଭବ କରୁଛି । ଏହା-ପରେ କ୍ରମେ ମୁଁ ଜାଣିବାକୁ ଗ୍ରହିଲି ଇତିହାସ ପୂର୍ବର ମଣିଷର କଥା, ପଥର କାନ୍ଥରେ ଲେଖୁଥିବା ଇତି-ହାସ ମଣିଷ ପୂର୍ବର ମଣିଷ କଥା, ଏସବୁର ପୂର୍ବରୁ ଥିବା କାଳାତୀତ ମଣିଷର କଥା ।

ବାପା ଠିକ୍ କହୁଥିଲେ । ସେ କାଳର ସେହି ଅନାଥ ମଣିଷଟି ଥିଲା ଗୋଟାଏ ଶାଶ୍ୱତ, ନିରନ୍ତର ଅନ୍ୱେ-ଷକ—ଶାଶ୍ୱତ, ନିରନ୍ତର 'ଜିଜ୍ଞାସୁ' । ପ୍ରବୃତ୍ତିର ବିକାଶ ତା କ୍ଷେତ୍ରରେ ସେତେମାତ୍ରାରେ ହୋଇ ନ ଥିଲା । ବିଶ୍ୱର କାହିଁ କେଉଁ ଅଜଣା ଅମଡ଼ା ରାସ୍ତା ସେହି ଅନାଥ ମାନଙ୍କୁ ସମସ୍ତ ବାଧାବିଘ୍ନ ସତ୍ତ୍ୱେ ପାରିହେବାକୁ ପଡୁଥିଲା । ସେମାନଙ୍କ ଚଲାପଥ ନିଶ୍ଚୟ 'କଣ୍ଟକିତ' ଥିଲା ବୋଲି ଆଜି ନିଃସନ୍ଦେହରେ କୁହାଯାଇ-ପାରେ । ଯେହେତୁ ମଣିଷ ଥିଲା ଅନାଥ ଓ କୌଣସି ନିର୍ଦ୍ଦିଷ୍ଟ ଜୀବନ-ଯାପନ ପ୍ରଣାଳୀ ଅବଲମ୍ବନ କରିବା ତା ପକ୍ଷରେ ସମ୍ଭବ ହେଉ ନ ଥିଲା, ଏହି ଚଲାପଥକୁ ଅତିକ୍ରମ କରିବାର

କିଛି ସହଜଲଭ୍ୟ ଉପାୟ ମଧ୍ୟ ସେ ଖୋଜିକରି ପାଉ ନ ଥିଲା । ବହୁବିଷୟରେ ଅଜ୍ଞତା ତାକୁ ସେ ସମୟରେ ବନ୍ଦୀ କରି ରଖିଥିଲା ବୋଲି ମଧ୍ୟ କୁହାଯାଇପାରେ ।

କିନ୍ତୁ ସମୟର ଧାରା ବହିଯିବା ସଙ୍ଗେ ସଙ୍ଗେ ଜ୍ଞାନର ବିକାଶ ହେବା ଆରମ୍ଭ ହୋଇଯିବାରୁ ସେହି ଅନାଥ ମଣିଷ କ୍ଷେତ୍ରରେ କ୍ରମେ ପରିବର୍ତ୍ତନ ଦେଖାଦେଲା । ଫଳ ସ୍ୱରୂପ ସେ ସମୟର 'ପଣ୍ଡିତ'ମାନେ ତା'ର ଆଦି ଅନ୍ତ କଥା ଜାଣିବାକୁ ଚେଷ୍ଟା କଲେ; ଅନେକ ସମୟରେ ଭୁଲ ହେଲେ ମଧ୍ୟ ଅନାଥ ମଣିଷର ପ୍ରକୃତ ଭାଗ୍ୟ କେଉଁଠି, ତାକୁ ସେକଥା ଚେତାଇ ଦେବାପାଇଁ ଉଦ୍ୟମ କଲେ । ଏହି ଚେତାଇ ଦେବା ଜନିତ ବିଦ୍‌ମତ୍ତା ଗୋଟିଏ ପୁରୁଷରୁ ଆଉ ଗୋଟିଏ ପୁରୁଷକୁ ଗଡ଼ିଚାଲିଲା । ଅନାଥ ମଣିଷ ପାର୍ଥିବ ଦୃଷ୍ଟିରୁ 'ଆଗେଇବାକୁ' ଲାଗିଲା—ତାଳ ପତ୍ରରେ, ଭୂର୍ଜ ପତ୍ରରେ, ପ୍ରସ୍ତର ଗାତ୍ରରେ କ୍ରମେ ସେହି ଅନାଥ ମଣିଷର ଚିନ୍ତାର ସ୍ୱାକ୍ଷର ରହିଗଲା । ସୃଷ୍ଟିରେ ସେ ବିଶ୍ୱାସ କରିବାକୁ ଲାଗିଲା—ଭଗବାନ ବୋଲି କିଛି ଗୋଟାଏ ଥିବା କଥା ତା ମନରେ ଉଙ୍କି ମାରିଲା—ଦେବ-ଦେବୀଙ୍କ କଥା ଭାବିବାର କ୍ଷମତା ତା ମନ ଭିତରେ ଉତ୍ପତ୍ତି ହେଲା । ସେହି ଦେବ-ଦେବୀଙ୍କ ଦ୍ୱାରା ଯେ ମାତ୍ର 'ଅଳ୍ପ କେତେବର୍ଷ' ତଳେ ଏ ବିଶ୍ୱ, ଏ ଧରିତ୍ରୀ ତିଆରି ହୋଇଛି ସେ କଥା ବିଷୟରେ କ୍ରମେ ମଣିଷ ଆଲୋଚନା କଲା; ତାକୁ କେନ୍ଦ୍ର କରି ଏ ସୃଷ୍ଟି, ଏ ବ୍ରହ୍ମାଣ୍ଡ, ଏ ବିଶ୍ୱ, ଏ ଧରିତ୍ରୀ ରହିଛି ବୋଲି ତା ମନରେ ବଦ୍ଧମୂଳ ଧାରଣା ସୃଷ୍ଟି ହୋଇଗଲା ।

ପରେ କିନ୍ତୁ ଜଣାପଡ଼ିଗଲା ଯେ ସୃଷ୍ଟିର ଅନନ୍ତ କାଳ ଭିତରେ ପାର୍ଥିବ ସମୟର ସ୍ଥାନ ଅତି ନଗଣ୍ୟ । ଭାରତ, ଚୀନ, ଗ୍ରୀସ୍, ମିଶର ଆଦି ଅଞ୍ଚଳର ପଣ୍ଡିତମାନେ, ଦାର୍ଶନିକମାନେ ମାନବର ଜ୍ଞାନ ବା ତା'ର ଚେତନଶୀଳତା ଉପରେ ଅଧିକରୁ ଅଧିକ ପ୍ରମାଣ, ଅଧିକରୁ ଅଧିକ ତଥ୍ୟ ହାସଲ କରିବାକୁ ଲାଗିଲେ । ଅନାଥ ମଣିଷର ଜିଜ୍ଞାସା ଅଭୂତପୂର୍ବ ଭାବେ ବଢ଼ିବାକୁ ଲାଗିଲା । ସେ ପ୍ରକୃତିକୁ ଜାଣିବାକୁ ଚାହିଁଲା, ତା ନିଜର ଏଥିରେ ଥିବା ସ୍ଥାନ ବିଷୟରେ ଜାଣିବାକୁ ଚାହିଁଲା, ଆବିଷ୍କାର କରିବାକୁ ଚାହିଁଲା । ପରବର୍ତ୍ତୀ ବର୍ଷ ସବୁରେ ଯେତେବେଳେ ବିଜ୍ଞାନର ଅଧିକ ଅନୁଶୀଳନ ହେଲା, ପର୍ଯ୍ୟାଲୋଚନା ହେଲା, ସେତେବେଳେ ଉଭୟ ପ୍ରାଚ୍ୟ ଓ ପାଶ୍ଚାତ୍ୟ ଜ୍ଞାନ ଜଗତରେ ବିଶାଳ ପରିବର୍ତ୍ତନ ଆସିଗଲା ଓ ନିଜ ତଥା ନିଜ ଦୁନିଆ ବିଷୟରେ ମଣିଷର ଥିବା ଧାରଣାରେ ସ୍ଥାୟୀ ପରିବର୍ତ୍ତନ ଦେଖାଦେଲା । ଏହି ପରିବର୍ତ୍ତନ ଏଭଳି ସୁଦୂରପ୍ରସାରୀ ତଥା ଦିଗନ୍ତବିସ୍ତାରୀ ଥିଲା ଯେ, ଅନାଥ ମଣିଷ ଆଉ ପଛକୁ ଫେରି ଚାହିଁବାକୁ ସମର୍ଥ ହେଲାନାହିଁ—ଅତୀତର ସେଦିନର ନିଜର ଅସହାୟତା କଥା ମନେ ରଖିବା ପାଇଁ ସମର୍ଥ ହେଲାନାହିଁ । ଏ ଜଗତ, ଏ ଦୁନିଆକୁ ସେ ନୂଆ ଭାବରେ, ନୂଆ ରୂପରେ ଦେଖିବାକୁ ଲାଗିଲା, ଅନୁଭବ କରିବାକୁ ଲାଗିଲା । ଏହାପରେ ତା ପାଇଁ ଗୋଟାଏ ନୂଆ 'ପ୍ରକୃତି'ର ସୃଷ୍ଟି ହୋଇଗଲା ବୋଲି ଅନ୍ୟ ଭାବରେ କୁହାଯାଇପାରେ ।

ଧୀରେ ଧୀରେ କିନ୍ତୁ ଜ୍ଞାନର ପରିସୀମା ବଢ଼ି କ୍ରମେ ଏଭଳି ଗୋଟାଏ ଅବସ୍ଥାରେ ଆସି ପହଞ୍ଚିଗଲା ଯେଉଁଠିକି ମାନବ ଓ ପ୍ରକୃତି ଭିତରେ ଥିବା ମୌଳିକ ସଂପର୍କର ପରିବର୍ତ୍ତନ ହୋଇଯାଇପାରେ ବୋଲି ଆଶଙ୍କା ପ୍ରକାଶ ପାଇଲା । ମଣିଷ ମଧ୍ୟ ପ୍ରକୃତିକୁ ନିଜ ଇଚ୍ଛାମୁତାବକ ବଦଳାଇବା ପାଇଁ ପ୍ରକୃତ ଅର୍ଥରେ ଉଦ୍ୟମ ଆରମ୍ଭ କରିଦେଲା । ତାହା ସଙ୍ଗେ ସଙ୍ଗେ ଏ ବିଶ୍ୱରେ ନିଜର ସ୍ଥିତି କଥା ମଧ୍ୟ ସେ ଅଧିକରୁ ଅଧିକ ସ୍ପଷ୍ଟ ଭାବରେ ଜାଣିପାରିଲା । ତା ଅନ୍ଧକାର ଆକାଶରେ ଦେଖାଯାଉଥିବା ନକ୍ଷତ୍ର ସବୁ ଯେ ଗୋଟାଏ ଅନନ୍ତ ମହାକାଶର ଅଂଶବିଶେଷ ଏ କଥା ମଣିଷକୁ ଜଣାପଡ଼ିଗଲା । ପୁଣି ମଣିଷର ନିଜ ଘର ପୃଥିବୀ ଯେ ଗୋଟିଏ କ୍ଷୁଦ୍ର ନକ୍ଷତ୍ର ପରିବାରର ଅଂଶ ଆଉ ସେଇ ନକ୍ଷତ୍ରଟି କୋଟି କୋଟି ସୂର୍ଯ୍ୟକୁ ଧାରଣ କରିଥିବା ଗୋଟିଏ ଗାଲାକ୍ସୀର କେଉଁ କ'ଣରେ ଯାଇ ରହିଛି ସେ କଥା ମଧ୍ୟ ଜଣାପଡ଼ିଗଲା । ଶହ ଶହ କୋଟି ଆଲୋକ ବର୍ଷ ଦୂରତା ପର୍ଯ୍ୟନ୍ତ ଆହୁରି କୋଟି କୋଟି ଗାଲାକ୍ସୀ ଓ ଖଗୋଳୀୟ ପିଣ୍ଡ ରହିଥିବା କଥାର ପ୍ରମାଣ କ୍ରମେ ଅନାଥ ମଣିଷକୁ ଚମକାଇ ଦେବାକୁ ଲାଗିଲା । ଫଳରେ, ଏ ବିଶ୍ୱରେ ତା ସ୍ଥିତିର ଆପେକ୍ଷିକ ଅବସ୍ଥିତି କଥା ମଣିଷ ନିଃସନ୍ଦେହ ଭାବେ ଜାଣିପାରିଲା । ବିଶ୍ୱର ବିସ୍ତୃତ କାଳ ବା ସମୟ ତୁଳନାରେ ସମୁଦାୟ ମାନବ ଜାତିର ବୟସ କେତେ କମ୍ ସେ କଥା ଦିନେ ଜାଣି ସେ ବିସ୍ମିତ ହୋଇଉଠିଲା । ପୃଥିବୀ ବକ୍ଷରେ ରହିଥିବା ଜୈବ-ସୃଷ୍ଟିର ରେକର୍ଡରୁ ମଣିଷ ଜାଣିଲା ଯେ ଏ ଧରିତ୍ରୀକୁ ସେ ସବାଶେଷରେ ହିଁ ଆସିଛି ଏବଂ ତା ଆସିବାର କୋଟି କୋଟି ବର୍ଷ ପୂର୍ବରୁ ବହୁ ବିଚିତ୍ର ଜୀବଜନ୍ତୁ ତଥା ଉଦ୍ଭିଦ ସେମାନଙ୍କ ଲୀଳାଖେଳ ସାରି ପୁଣି ଧରିତ୍ରୀ ଗର୍ଭରେ ଲୀନ ହୋଇଯାଇଛନ୍ତି—ସେମାନଙ୍କ ମୂଳ ସତ୍ତା ଲୋପ ପାଇଯାଇଛି ।

ଏସବୁ କଥା ଜାଣିବା ପରେ ଅନାଥ ମଣିଷଟିର ମନ ପ୍ରକୃତି ନିକଟରେ ପ୍ରତିବାଦ କରି ଉଠିଲା, ତା ମନ ବିଦ୍ରୋହ କରି ଉଠିଲା; ମଣିଷ ଯେ ଧରିତ୍ରୀରେ ଗୋଟାଏ 'ସ୍ୱାତନ୍ତ୍ର୍ୟ' ନୁହେଁ ଏକଥା ସ୍ୱୀକାର କରିବାକୁ ତା ମନ ସାହସ କଲା ନାହିଁ । କିନ୍ତୁ ବିଜ୍ଞାନ ତାକୁ ଏହି ସମୟରେ ଚେତାଇ ଦେଲା ଯେ ଗୋଟାଏ ଜେନେଟିକ ଶୃଙ୍ଖଳ ଦ୍ୱାରା ସେ ଅନ୍ୟ ସବୁ ମେରୁଦଣ୍ଡୀ ପ୍ରାଣୀଙ୍କ ସହିତ ବନ୍ଧା ହୋଇଛି । ତା ଶରୀରରେ, ତା ମସ୍ତିଷ୍କରେ ଇଭୋଲ୍ୟୁସନ ପ୍ରକ୍ରିୟା ସୃଷ୍ଟ 'କ୍ଷତ' ଏ ପର୍ଯ୍ୟନ୍ତ ରହିଛି । ମାନବଶରୀରର

ସବୁ ଅଙ୍ଗପ୍ରତ୍ୟଙ୍ଗ ଯେ ଗୋଟାଏ ଜଣା ନ ପଡୁଥିବା ମୂଳଉତ୍ସରୁ ବିକଶିତ ସେ କଥା ବିଜ୍ଞାନ ତାକୁ ଜଣାଇ ଦେଲା । ଆହୁରି ମଧ୍ୟ ଜଣାଇ ଦେଲା ଯେ, ଆଜିଠାରୁ ୨୦ରୁ ୪୦ ଲକ୍ଷ ବର୍ଷ ତଳେ ତା ଚେହେରା ଆଜିର ମଣିଷ ଭଳି ନ ଥିଲା । ଛୋଟ ଶରୀରଟିରେ ଗୋଟିଏ କ୍ଷୁଦ୍ର ମସ୍ତିଷ୍କ ହିଁ ଥିଲା ସେ ସମୟର 'ମାନବ'ର ସଙ୍କେତ । ୭୦ରୁ ୮୦ ଲକ୍ଷ ବର୍ଷ ତଳେ ତାହାର ଆକୃତି ଥିଲା ଆହୁରି କ୍ଷୁଦ୍ର— ଗୋଟିଏ ପୋକଯୋକ ଖାଉଥିବା ମୂଷା ଭଳି । ସେହି ମାନବ କିନ୍ତୁ ଆଜି ଚନ୍ଦ୍ରକୁ ଜୟ କରିସାରିଲାଣି; ଆଉ ଅଳ୍ପ କେତେ ବର୍ଷ ଭିତରେ ମଙ୍ଗଳ ଜୟ କରିବାକୁ ଆଜିଠାରୁ ଉଦ୍ୟମ ଆରମ୍ଭ କଲାଣି । ବିଜ୍ଞାନର ଏହି ସ୍ପଷ୍ଟ ତଥା ଦୃଢ଼ ଚେତାବନୀ ଅନାଥ ମଣିଷକୁ ପରୀ ରାଇଜର କାହାଣୀ ଭଳି ଲାଗିଲା । ସେ ନିଜକୁ ନିଜେ ବିଶ୍ୱାସ କରିପାରିଲା ନାହିଁ ।

ବିଜ୍ଞାନ କିନ୍ତୁ ପୁଣି କହି ଉଠିଲା ଯେ ମଣିଷକୁ ସତ୍ୟର ସାମନା କରିବାକୁ ହିଁ ପଡ଼ିବ, ସତ୍ୟର ସମ୍ମୁଖୀନ ହେବାକୁ ହେବ । ତା' ଜୀବନଟା ହେଲା ଗୋଟାଏ ଅସ୍ପଷ୍ଟ ଅତୀତ । ସେଇଥିପାଇଁ ମଣିଷକୁ ଏ ଧରିତ୍ରୀରେ' ଅନାଥ ବୋଲି କୁହାଯାଉଛି । ଏ କଥା ମନେ ରଖିବାକୁ ହେବ ଯେ ସୃଷ୍ଟିରେ ଜୀବନ ଆଦୌ ସ୍ଥାୟୀ ନୁହେଁ—ସଂପୂର୍ଣ୍ଣ ଭାବେ ଅସ୍ଥାୟୀ । ସବୁ ଜୀବନ୍ତ ପଦାର୍ଥ ସେମାନଙ୍କ ସମୟ ହୋଇଗଲେ ଅନନ୍ତ କାଳ ଦେହରେ ଥିବା ଗର୍ତ୍ତ ବାଟ ଦେଇ, ସେଥିରେ ଥିବା ଫାଟ ବାଟ ଦେଇ ଗଳି ପଡ଼ିବାକୁ ବାଧ୍ୟ । ଏହି ଗଳିବା ଜନିତ ପ୍ରକ୍ରିୟା ସମୟରେ ଜୀବନକ୍ଷେତ୍ରରେ ପରିବର୍ତ୍ତନ ମଧ୍ୟ ଆସିଯାଇଥାଏ । ସେହି ଦୃଷ୍ଟିରୁ, ଗୋଟାଏ କୁକୁର ଯେ ଗୋଟାଏ କୁକୁର, ଗୋଟାଏ ଗାଈ ଯେ ଗୋଟାଏ ଗାଈ—ଏ କଥାରେ ମଧ୍ୟ ଭ୍ରମ ରହିଛି । ମଣିଷ ହିଁ ବିଶ୍ୱରେ ଏକମାତ୍ର ଜୀବ ଯିଏ ଜାଣିଛି, ଏ ବିଶ୍ୱ କିଭଳି ସୃଷ୍ଟି ହେଲା, କିଭଳି ବିକଶିତ ହେଲା । ତା କ୍ଷେତ୍ରରେ ମଧ୍ୟ ସବୁବେଳେ ପରିବର୍ତ୍ତନ ହୋଇଚାଲିଛି । ତାକୁ ସନ୍ତୁଷ୍ଟ କରିବା ପାଇଁ ଏ ପୃଥିବୀ କେବେହେଲେ ଯଥେଷ୍ଟ ନୁହେଁ । ତେଣୁ କ୍ରମେ ତାକୁ ନିଜର ପ୍ରକୃତ ସତ୍ତା କଥା ଆବିଷ୍କାର କରିବାକୁ ପଡ଼ିବ—ମାନବ ଜୀବନର ଇତିବୃତ୍ତି ମଣିଷକୁ ଜାଣିବାକୁ ପଡ଼ିବ ।

ସମୟ ସାଙ୍ଗରେ ତାଳ ଦେଇ ବିଜ୍ଞାନ ଅନାଥ ମଣିଷକୁ ଆହୁରି ବହୁତ କଥା ଜଣାଇଦେଲା । ତା ଶରୀର, ତା ଅଙ୍ଗପ୍ରତ୍ୟଙ୍ଗ, ତା ଶିରା-ସ୍ନାୟୁ—ଏସବୁ ଯେ ମଣିଷର ପୂର୍ବପୁରୁଷଙ୍କ ବଞ୍ଚିରହିବାର ଆବଶ୍ୟକତା ଯୋଗୁଁ ଦୀର୍ଘ ସମୟର ରୂପାନ୍ତରଣ ପରେ ଯାଇ ଆଜିର ରୂପ ପାଇଛି, ସେ ବିଷୟରେ ବିଜ୍ଞାନୀମାନେ ତାକୁ କହିଦେଲେ ।

ପ୍ରକୃତି ତା'ର ଆଉ ଗୋଟିଏ ଗୁପ୍ତ ଗନ୍ତାଘରର ଚାବି ଏ ଧରିତ୍ରୀରେ କେବଳ ମନୁଷ୍ୟକୁ ହିଁ ଧରାଇ ଦେଇଛି ବୋଲି ନିଶ୍ଚିତ ଭାବେ କୁହାଯାଇପାରେ । ତାହା ହେଲା ଭାଷା । ମଣିଷ ବ୍ୟତୀତ ଆଉ କୌଣସି ଜୀବଙ୍କର ଭାଷା ଉପରେ ମାଲିକାନା ନାହିଁ, କ୍ଷମତା ନାହିଁ । ଭାଷା ଭଳି ଜଟିଳ ସଙ୍କେତ-ରଚନା କ୍ଷମତାର ଅଧିକାରୀ ହେଲା କେବଳ ମଣିଷ । ତା ମସ୍ତିଷ୍କରେ ଏହି ଅଲୌକିକ ଗୁଣରାଜିକୁ ନିରାପଦରେ ସାଇତି ରଖିଦିଆଯାଇଛି ଓ ଏହି ଗୁଣକୁ ପୁରୁଷ ପରେ ପୁରୁଷ ଅକ୍ଲେଶରେ ପାଇଯାଇ ପାରୁଛନ୍ତି । ପୃଥିବୀର ପ୍ରତ୍ୟେକଟି ଜିନିଷକୁ ବୁଝାଇ ପାରୁଥିବା ସଙ୍କେତ ଗୁଡ଼ିକ ମଣିଷ-ମସ୍ତିଷ୍କରେ ସାଇତି ହୋଇ ରହିଛି ଓ କୌଣସି ବାଧାବିଘ୍ନ ନ ମାନି ସଂପୂର୍ଣ୍ଣ ମୁକ୍ତ ଭାବେ ଗୋଟିଏ ସୁସ୍ଥ ମସ୍ତିଷ୍କ ଭିତରେ ସେ ସବୁର ଉପଯୁକ୍ତ ଚଳନ ହୋଇପାରୁଛି । ସେହିସବୁ ସଙ୍କେତର ଉପଯୁକ୍ତ ଉପଯୋଗ କରିହିଁ ଜଣେ ଗୋଟିଏ ନୂଆ ଶବ୍ଦ, ନୂଆ ବାକ୍ୟ ତିଆରି କରିଦେଇ ପାରୁଛି, ତା'ର ପ୍ରତିଲିପି ଅନ୍ୟମାନଙ୍କୁ ଦେଇଦେଇ ପାରୁଛି । ତେଣୁ ଗୋଟିଏ ଶବ୍ଦ ବା ଅନ୍ୟ ଅର୍ଥରେ କହିବାକୁ ଗଲେ 'ମେଞ୍ଚାଏ ପବନ' ମଣିଷକୁ ଜୀବ ଜଗତରେ ଗୋଟାଏ ଅତି ବିଶିଷ୍ଟ ସ୍ଥାନର ଅଧିକାରୀ କରିଦେଇଛି । *ବାପା*ଙ୍କ ଭାଷାରେ କହିବାକୁ ଗଲେ ଜଗତରେ ମଣିଷ ହିଁ କେବଳ "ପବନ ଫୁଲରେ ଗଜରାମାଳ"ଟିଏ ତିଆରି କରିଦେଇ ପାରୁଛି ।

ଇଭୋଲୁସନ ଛାଡ଼ିଯାଇଥିବା କ୍ଷତ କଥା କିନ୍ତୁ ଭୁଲିଗଲେ ଚଳିବ ନାହିଁ ବୋଲି ବିଜ୍ଞାନ ଅନାଥ ମଣିଷକୁ ଆଗରୁ ସାବଧାନ କରିଦେଇଛି । ମଣିଷ ଦେହରେ ଥିବା ମସ୍ତିଷ୍କଟି ଶିଳା ସ୍ତର ଭଳି ସ୍ତରକୁ ସ୍ତର ହୋଇ କାଳକ୍ରମେ କ୍ରମବର୍ଦ୍ଧିଷ୍ଣୁ ଭାବେ ଗଢ଼ାଯାଇଛି । ଆଜିର ମାନବ-ମସ୍ତିଷ୍କର ଗୋଟିଏ ଅଂଶ ତେଣୁ ଅପେକ୍ଷାକୃତ ଭାବେ ଅତି ପୁରାତନ । ସେହି ପୁରାତନ ଅଂଶରେ ରହିଛି ଆମ ମନରେ ହିଂସା, ଦ୍ୱେଷ, ଆକ୍ରମଣ, ଆକ୍ରୋଶ, କ୍ରୋଧ ଆଦି ଭାବନାର, ଚିନ୍ତାର, ଅଭିବ୍ୟକ୍ତିର ସ୍ପନ୍ଦନ ସୃଷ୍ଟି କରୁଥିବା ତନ୍ତୁ-ସମୂହ । ଆଦିମାନବ ଅମଳରୁ ଏହା ସେହିଭଳି ଅପରିବର୍ତ୍ତିତ ଭାବେ ରହି ଆସିଛି । ଏବକାର ସଭ୍ୟ ସମାଜରେ ଦେଖାଯାଉଥିବା ସମସ୍ତ ପ୍ରକାର ପାଶବିକ ଚିନ୍ତାର ଉତ୍ପତ୍ତି ମଧ୍ୟ ମସ୍ତିଷ୍କର ଏହି ଅଞ୍ଚଳରେ ହୋଇଥାଏ । କିନ୍ତୁ ଆଦି ମସ୍ତିଷ୍କର ଏହି ଅଂଶଟି ଉପରେ ରହିଛି ପରବର୍ତ୍ତୀ ଅବସ୍ଥାରେ ସୃଷ୍ଟି ହୋଇଥିବା ନୂତନ ମସ୍ତିଷ୍କ । ଏହା ପୁରାତନ ଅଂଶଟି ଉପରେ ନିୟନ୍ତ୍ରଣ ଜାହିର କରିବାକୁ ସତତ ଉଦ୍ୟମ ଚଳାଇ ରଖିଛି । ଏଥିରେ ଥିବା ମସ୍ତିଷ୍କ ତନ୍ତୁଗୁଡ଼ିକ ହେଲେ ସମସ୍ତ ପ୍ରକାର ସଭ୍ୟ ଚିନ୍ତାର ସ୍ରଷ୍ଟା ତଥା ବାହକ । ଏଇଥିପାଇଁ ମନୁଷ୍ୟର ପ୍ରକୃତିରେ ଏତେ ପ୍ରଭେଦ । ମସ୍ତିଷ୍କରେ ଏହି ଦୁଇଟି ସ୍ତର ଥିବା ଯୋଗୁଁ ଏକାଧାରରେ ସେ ହୋଇ ଉଠୁଛି ହିଂସ୍ର ତଥା ନମ୍ର । ସେଇଥିପାଇଁ ଯେତେ-

ବେଳେ ବହୁଲୋକ ଏକତ୍ର ହୋଇଯା'ନ୍ତି, ସ୍ଥଳ ବିଶେଷରେ ଏଭଳି କେତେକ କାଣ୍ଡ କରିବସନ୍ତି ଯାହା ହୁଏତ ନିଜ ଘରେ ବସିଥିଲାବେଳେ ସ୍ଥିର ମସ୍ତିଷ୍କରେ ସେମାନଙ୍କୁ ଅସଙ୍ଗତ ବୋଲି ବୋଧହେବ, ନିଜ କ୍ଷେତ୍ରରେ ତାହା ବିପରୀତ ସଂବେଗ ବା ଆବେଗ ଜାତ ବୋଲି ବୋଧହେବ । ତେଣୁ ଯୁଗ ଯୁଗ ଧରି ଶାସକମାନେ, ରାଜନୀତିଜ୍ଞମାନେ ମଣିଷ ମସ୍ତିଷ୍କରେ ଥିବା ଏଇ ଆଦି ଦୁର୍ବଳତାକୁ ନିଜ ସପକ୍ଷରେ ନାନାଭାବେ ଲଗାଇ ଆସିଛନ୍ତି, ଜନତା ଭିତରେ ଥିବା ସହଜାତ ହିଂସ୍ରତାର 'ସ୍ୱସପକ୍ଷ ଉପଯୋଗ' କରିବା ନିମନ୍ତେ ସୁଯୋଗ ଖୋଜିଛନ୍ତି ।

ଏକଥା କିନ୍ତୁ ସ୍ୱୀକାର କରିବାକୁ ହେବ ଯେ ମଣିଷ ମଧ୍ୟ ମଣିଷକୁ ଚିହ୍ନିବା ପାଇଁ ସବୁବେଳେ ସମର୍ଥ ହୋଇନାହିଁ, ସେଭଳି ଉଦ୍ୟମରେ ସଫଳତା ଲାଭ କରିପାରିନାହିଁ । ତେଣୁ ରକ୍ତାକ୍ତ ଯୁଦ୍ଧଠାରୁ ଆରମ୍ଭ କରି ବୋଧିସତ୍ତ୍ୱ ପ୍ରାପ୍ତି ପର୍ଯ୍ୟନ୍ତ ସବୁକାମରେ, ସବୁଥିରେ ସେ ନିଜକୁ ହିଁ ଖୋଜି ବୁଲିଛି । ବିଜ୍ଞାନର ସାହାଯ୍ୟ ଏଥିପାଇଁ ସେ ନେଇଛି, ମାନବଜ୍ଞାନର ଅନ୍ୟ ସବୁ ବିଭାଗର ସାହାଯ୍ୟ ଏଥିପାଇଁ ସେ ଲୋଡ଼ିଛି । କେତେଜଣ ଦାର୍ଶନିକଙ୍କ ମତରେ ଫସିଲ ରେକର୍ଡର ଇତିହାସ ତାକୁ କହିଦେଉଛି ଯେ ନିଜକୁ 'ପ୍ରକୃତ ମଣିଷ' କହିବା ଲାଗି ଆଜିର ମାନବ ଉପଯୁକ୍ତ ନୁହେଁ । କାରଣ କେଉଁ ସମୟାତୀତ ଯୁଗରେ ଯେଉଁ ଅଧାମଣିଷଟି କେବଳ କେତୋଟି ଅସ୍ପଷ୍ଟ ଶବ୍ଦହିଁ ଉଚ୍ଚାରଣ କରିପାରୁଥିଲା, ସେ ମଧ୍ୟ ଥିଲା ମଣିଷ—ଆମେ କିନ୍ତୁ ତାକୁ 'ମଣିଷ' ବୋଲି ଆଖ୍ୟା ଦେବାକୁ ପ୍ରସ୍ତୁତ ହୋଇଯିବା ବୋଧହୁଏ ଠିକ୍ ହେବ ନାହିଁ ।

ଯେଉଁ 'ରାସାୟନିକ ବର୍ଣ୍ଣମାଳା' ହେଲା ସମସ୍ତ ଜୀବନର ମୂଳ ଆଧାର, ତା'ର ଗଠନ କଥା ବିଂଶ ଶତାବ୍ଦୀର ମଧ୍ୟଭାଗରେ ଜଣାପଡ଼ି ଗଲା । ଜୀବକୋଷ ଭିତରେ ଗୋଟିଏ 'ସିଡ଼ି' ରୂପରେ ଏହି ବର୍ଣ୍ଣମାଳାକୁ ପ୍ରକୃତି ରଖିଦେଇଛି । ଏହି ବର୍ଣ୍ଣମାଳା ଜୀବନକୁ ଗଢ଼ିବା ସଙ୍ଗେ ସଙ୍ଗେ କାଳକ୍ରମେ କିନ୍ତୁ ତାକୁ ଏଭଳି ପରିବର୍ତ୍ତନ କରିଦିଏ ଯେ ପୃଥିବୀ ପୃଷ୍ଠରେ ଆଉ ଗୋଟିଏ ଗୋଟିଏ ଜୀବଜାତିକୁ ଚିହ୍ନିବା ଆଦୌ ସମ୍ଭବ ହୁଏନାହିଁ । ସେହି ପ୍ରକ୍ରିୟାର ଫଳ ସ୍ୱରୂପ ମାନବ ହେଲା ଗଲା କାଲିର ବୃକ୍ଷବାସୀ ମୂଷା ଆଉ ଆଜିର ସର୍ବଶ୍ରେଷ୍ଠ ଦିଗ୍‌ବିଜୟୀ ଜୀବ । ଦିନେ କିନ୍ତୁ ମାନବଜାତି କହିଲେ ଆଜି ଯାହା ବୁଝାଯାଉଛି, ଏହି ରାସାୟନିକ ବର୍ଣ୍ଣମାଳା ନିଶ୍ଚୟ ସେହି ଜାତିଟିର ବିଲୋପ ଘଟାଇଦେବ । ତେଣୁ ଆଜି ଚେଷ୍ଟା ଚାଲିଲାଣି ସେହି ବର୍ଣ୍ଣମାଳାକୁ ଆୟତ୍ତ କରି ତା ଦେହରେ ପରିବର୍ତ୍ତନ ଆଣିବା ପାଇଁ, ବିଶ୍ୱରେ ମାନବ ଜାତିର ସ୍ଥାୟୀତ୍ୱ ଦିଗରେ ଉପକାର ଆଣିବା ପାଇଁ । ଏ ଧରିତ୍ରୀରେ ମୂଳରୁ ଦେଖାଯାଇଥିବା ଜୀବନ ଭିତରୁ ଶତକରା ୯୦ ଭାଗରୁ ଉର୍ଦ୍ଧ୍ୱ ଜୀବନର ସତ୍ତା ଦିନେ ନା ଦିନେ ଲୋପ ହୋଇଯାଇଛି—ସେସବୁ ମହାକାଳ ଗର୍ଭରେ ଆଜି ବିଲୁପ୍ତ । ତେଣୁ ଧରିତ୍ରୀରେ ଗୋଟାଏ ସ୍ଥାୟୀ ମାନବ ଜୀବନର ଏତେ ମହତ୍ତ୍ୱ ଥିବା କଥା ବିଚାର କରାଯାଉଛି ।

ଆମକୁ ଏକଥା ମଧ୍ୟ ମନେ ରଖିବାକୁ ହେବ ଯେ ପୃଥିବୀରେ ଗୋଟିଏ ଏମିତି ଅବସ୍ଥା ଆସି ପହଞ୍ଚିଲାଣି ଯେଉଁଠି କି 'ଜଣେ ଅନାଥ ମଣିଷ' ଚାହିଁଲେ ହୁଏତ ଏ ପୃଥିବୀକୁ ଧ୍ୱଂସ କରିଦେଇ ପାରିବ—ମଣିଷ ଜାତିକୁ କାଳଗର୍ଭରେ ଲୀନ କରିଦେଇ ପାରିବ । ତେଣୁ 'ଜୀବନ' ଓ 'ମୃତ୍ୟୁ'ର ଗୋଟାଏ ନୂତନ ସାମଗ୍ରିକ ସଂଜ୍ଞାର ଆବଶ୍ୟକତା ମଣିଷ ପାଇଁ ଦେଖାଦେଲାଣି । □

# ମାନବ ସମାଜ

ଆମେ ସମସ୍ତେ ହେଲୁ ଗୋଟାଏ ଗୋଟାଏ ସମାଜର ଅଂଶବିଶେଷ । ଏହି ସମାଜ ଗୁଡ଼ିକ ବହୁ କ୍ଷେତ୍ରରେ, ବହୁ ଦୃଷ୍ଟିରୁ ଗୋଟିଏ ଗୋଟିଏ ଜଟିଳ ବ୍ୟବସ୍ଥା ବୋଲି ନିଃସନ୍ଦେହରେ କୁହାଯାଇପାରେ । ଏଥିରେ ଯେଉଁ ଅବସ୍ଥା ସବୁ କାଳକ୍ରମେ ସୃଷ୍ଟି ହୋଇଆସିଛି ସେସବୁ ମଣିଷର ଉଚିତ ବୁଦ୍ଧି, ବିଦ୍ୟା ତଥା ବିବେକ-ପ୍ରସୂତ ବୋଲି ଆଜିର ସମାଜଶାସ୍ତ୍ରୀମାନେ କହୁଛନ୍ତି । ତେଣୁ ସମାଜରେ ନିଜ ନିଜ ଭିତରେ ଭଲ ଭାବରେ ଚଳିବା ପାଇଁ ବିସ୍ତୃତ ବ୍ୟବସ୍ଥା ରହିବା ସଙ୍ଗେ ସଙ୍ଗେ ମଣିଷର ନିକଟ ପରିବେଶର ସୁପରିଚାଳନା ନିମନ୍ତେ ମଧ୍ୟ ବ୍ୟବସ୍ଥା ରହିଯାଇଛି ବୋଲି କୁହାଯାଇପାରିବ । ପୃଥିବୀର ଯେଉଁଠି ସମାଜଟି କିନ୍ତୁ ଜଟିଳ ନୁହେଁ ତାହାକୁ ଗୋଟିଏ ସରଳ ଏକକ ବୋଲି ଧରିନେବାକୁ ହେବ । ଆଜି ଏହି ଧରଣର ସରଳ, ଆଦିମ ସମାଜ ସବୁ ପୃଥିବୀର ଅନେକ ପାର୍ବତ୍ୟାଞ୍ଚଳ, ସମୁଦ୍ରତଟ, ଅରଣ୍ୟାଞ୍ଚଳ ଓ ମରୁ ଅଞ୍ଚଳରେ ଦେଖିବାକୁ ମିଳିଥାଏ । ଅତି ଜଟିଳ ଟେକ୍‌ନୋଲଜୀୟ ସମାଜ ଗୁଡ଼ିକ ରହିଛି କିନ୍ତୁ ପୃଥିବୀର ବିଭିନ୍ନ ସହର ଓ ସେହି ଧରଣର ଅନ୍ୟାନ୍ୟ ଅଞ୍ଚଳରେ । ମଣିଷ ପାଇଁ ଏହି ଟେକ୍‌ନୋଲଜୀୟ ସମାଜ ହେଲା ସବୁଠାରୁ ଉନ୍ନତ ସାଂସାରିକ ସାମାଜିକ ବ୍ୟବସ୍ଥା ।

ସମାଜଟି ସରଳ ହେଉ ବା ଜଟିଳ ହେଉ, ଆଦିମ ହେଉ ବା ବିକଶିତ ହେଉ, ସହାବସ୍ଥାନ-ଜନିତ ଓ ମାନବ ପ୍ରକୃତିଜାତ ସମସ୍ୟାସବୁର ସମାଧାନ ସେଠାରେ କରାଯିବାର ନିଶ୍ଚିତ ଆବଶ୍ୟକତା ରହିଛି । ସାମାଜିକ ବନ୍ଧନ ଓ ବଂଶବୃଦ୍ଧିର ଶୃଙ୍ଖଳିତ ତଥା ଅନିବାର୍ଯ୍ୟ ବ୍ୟବସ୍ଥା ରହିବା ସହିତ ସ୍ୱାସ୍ଥ୍ୟ, ନିରାପତ୍ତା, ସୁଖଶାନ୍ତି ଓ ସଂପଦର ଉତ୍ପାଦନ ତଥା ବଣ୍ଟନ ଏବଂ ଅନ୍ୟାନ୍ୟ ସେବା କ୍ଷେତ୍ରରେ ମଧ୍ୟ ଉପଯୁକ୍ତ ବ୍ୟବସ୍ଥା ସବୁ ସେଠି କରାଯାଇଥାଏ । ସାମାଜିକ ବ୍ୟବସ୍ଥା, ଏକାଧାରରେ, ସମାଜର ଅଂଶ ବୋଲି ଗଣା ହେଉଥିବା ବ୍ୟକ୍ତିବିଶେଷ ମାନଙ୍କ ପ୍ରଚ୍ଛନ୍ନ ପ୍ରତିଭାର ବିକାଶ କରାଇ ପାରିଥାଏ ଓ ଭାବର ଆଦାନପ୍ରଦାନ, ସଂସ୍କୃତି, ପରିବେଶ ପରିଚାଳନା ଭଳି କ୍ଷେତ୍ରରେ ସେ ସବୁକୁ ଉପଯୋଗ କରିବାରେ ମଧ୍ୟ ସଫଳ ହୋଇଥାଏ । ଏହି ପ୍ରକ୍ରିୟାରୁ ଜାତ ଅନୁଷ୍ଠାନ ଗୁଡ଼ିକ ସମାଜକୁ ସବୁ ବିଷୟରେ ତଥ୍ୟାଭିଜ୍ଞ କରି ରଖିବାକୁ ସମର୍ଥ ହୋଇଥା'ନ୍ତି । ଆଉ କେତେକ ଧରଣର ସାମାଜିକ ଅନୁଷ୍ଠାନ ବ୍ୟକ୍ତିର କ'ଣ କରଣୀୟ ବା ଅକରଣୀୟ, ସେ ବିଷୟରେ ଅନ୍ୟମାନଙ୍କୁ ସବୁବେଳେ ଚେତାଇ ଦେଇଥା'ନ୍ତି; ଦାୟିତ୍ୱସଂପନ୍ନ ତଥା ଦାୟିତ୍ୱହୀନ ଆଚରଣ କ'ଣ ସେ କଥା ସମାଜର ସବୁ ବର୍ଗକୁ ଜଣାଇ ଦେଇଥା'ନ୍ତି । ସାମାଜିକ ବ୍ୟବସ୍ଥାରେ ଥିବା ଭିନ୍ନ ଭିନ୍ନ ଶ୍ରେଣୀ ଓ ସମୁଦାୟ ଭିତରେ ଉପୁଜୁଥିବା ସୁବିଧା ଅସୁବିଧାର ସମାଧାନର ଦାୟିତ୍ୱ ହେଲା କିନ୍ତୁ ସମାଜସୃଷ୍ଟ ସରକାର, ଆଇନ ତଥା ରାଜନୈତିକ ବ୍ୟବସ୍ଥାର ।

ଉପରୁ ଦେଖିଲେ ଜଣେ ପୃଥିବୀର ଭିନ୍ନ ଭିନ୍ନ ସମାଜ ଭିତରେ ଥିବା ସାଦୃଶ୍ୟ ଅପେକ୍ଷା ପାର୍ଥକ୍ୟ କଥା ହିଁ ବେଶୀ ଜାଣି ପାରିଥାଏ; କାରଣ ଏହିସବୁ ପାର୍ଥକ୍ୟ ହେଲା ଅତିମାତ୍ରାରେ ସ୍ପଷ୍ଟ । ସବୁବେଳେ କେବଳ ନିଜ ଖାଦ୍ୟ ଅନ୍ୱେଷଣରେ ଲାଗିଥିବା କୋରାପୁଟର କୌଣସି ଗଭୀର ଅଞ୍ଚଳର ଜଣେ ଯାଯାବର ଆଦିମ ମଣିଷ ଓ କଟକ ବା ଭୁବନେଶ୍ୱର ଭଳି ଗୋଟାଏ ବଡ଼ ସହରର ଜଣେ କାର୍ଯ୍ୟକ୍ଷମ ତଥା ସକ୍ରିୟ ଅଧିବାସୀର ଉଦାହରଣ ଏ କ୍ଷେତ୍ରରେ ଦିଆଯାଇପାରେ । କେବଳ ଆମ କୋରାପୁଟ, କଳାହାଣ୍ଡି ବା ଫୁଲବାଣୀ କାହିଁକି, ପୃଥିବୀର ଏମିତି ଅନେକ ଅଞ୍ଚଳ ଅଛି ଯେଉଁଠାରେ କି ଜଣଙ୍କର ସଂପତ୍ତି କହିଲେ ବୁଝାଏ ଆଶ୍ରା ପାଇଁ ଖଣ୍ଡେ ବାଡ଼ି, ଶିକାର ପାଇଁ ତା ପାଖରେ ଥିବା ଧନୁ-ତୀର ଆଉ ଅଣ୍ଟାରେ ଗୁଡ଼ା ହୋଇଥିବା ଖଣ୍ଡେ ଦି ଖଣ୍ଡ ଗଛ ଛେଲି । ଲୁଗା ପିନ୍ଧିବା କଥାଟା କ'ଣ—ସେ ସମାଜର ଲୋକେ ତାହା ଜାଣନ୍ତି ନାହିଁ । ଜନ୍ମ ହେଲା ଦିନଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଗଛ ଉପରେ ବା ପାହାଡ଼ ଖୋଲରେ ରହି ଜୀବନ କଟାଇ ଦିଅନ୍ତି । ଟେକ୍‌ନୋଲଜୀୟ କ୍ରମ-ବିକାଶର କୌଣସି ପ୍ରଭାବ ଏଭଳି ଜାତିର ଲୋକଙ୍କ ଉପରେ ପଡ଼ିନାହିଁ ବୋଲି ଆଜି ମଧ୍ୟ କୁହାଯାଇପାରିବ । ଗୋଟାଏ ସମୟ ଥିଲା ଯେତେବେଳେ କି ସହରବାସୀ ବା ସଭ୍ୟ ମାନବ ସେହି ସରଳ ମନୁଷ୍ୟ ମାନଙ୍କର ଅଳ୍ପବୁଦ୍ଧିକୁ ବା ଦୁର୍ବଳ-ମସ୍ତିଷ୍କକୁ ସେମାନଙ୍କର ଏହି ଅବସ୍ଥା ନିମନ୍ତେ ଦାୟୀ କରୁଥିଲେ । ବିଂଶ ଶତାବ୍ଦୀର ଶେଷ କେତେବର୍ଷ ବେଳକୁ ନୃତତ୍ତ୍ୱବିତ୍‌ମାନେ, ସମାଜଶାସ୍ତ୍ରୀମାନେ କିନ୍ତୁ ଏଭଳି ଚିନ୍ତାର ମୌଳିକତା ନେଇ ସନ୍ଦେହ ପ୍ରକାଶ କରୁଛନ୍ତି । ଅନୁଶୀଳନରୁ ସେମାନେ ଜାଣିପାରିଛନ୍ତି ଯେ ସେହି ଆଦିମ ସମାଜ ଗୁଡ଼ିକ ନିଜର ସମସ୍ୟା ସବୁକୁ ସମାଧାନ କରିବାରେ ଅତିମାତ୍ରାରେ ସଫଳ ହୋଇଛନ୍ତି, ଏ ଦିଗରେ ଖୁବ୍ ଦକ୍ଷତା ଦେଖାଇଛନ୍ତି । ସେହି ପଣ୍ଡିତ ମାନଙ୍କ ଭିତରୁ ଆଉ କେତେକ ତ

କହୁଛନ୍ତି ଯେ ଆମ ଟେକ୍‌ନୋଲଜୀୟ ସଭ୍ୟତା ଅପେକ୍ଷା ସେ ସବୁ ସଭ୍ୟତା ଏ ଦିଗରେ ଅଧିକ ପାରଦର୍ଶିତା ଲାଭ କରିଛନ୍ତି । ତେଣୁ ପୃଥିବୀର ଭିନ୍ନ ଭିନ୍ନ ସମାଜ ଭିତରେ ଦେଖାଯାଉଥିବା ପାର୍ଥକ୍ୟ ବୋଧହୁଏ ଯେତେ ପରିମାଣରେ ଆପେକ୍ଷିକ, ସେତେ ପରିମାଣରେ ବାସ୍ତବ ନୁହେଁ ।

କାମ କରିବାର ବିଶେଷତା ଦୃଷ୍ଟିରୁ ଅବଶ୍ୟ ସବୁ ସମାଜ ଭିତରେ ନିଶ୍ଚିତ ଭାବେ ତୁଳନାତ୍ମକ ପାର୍ଥକ୍ୟ ରହିଛି । ଗୋଟିଏ ଅତି ଆଦିମ ବା ସରଳ ସମାଜରେ ଲିଙ୍ଗ ଓ ବୟସକୁ ହିସାବକୁ ନେଇ କିମ୍ବା ଶାରୀରିକ କ୍ଷମତା ଅନୁଯାୟୀ ସମସ୍ତେ ପ୍ରାୟ ସବୁ କାମ କରିଥା'ନ୍ତି । କିନ୍ତୁ ଜଟିଳ ସମାଜର ଅଂଶବିଶେଷ ବୋଲି କୁହାଯାଉଥିବା ଆଉ କେତେକ ଜାତିରେ ସୈନିକ, ଚିକିତ୍ସକ, କୁମ୍ଭାର, କମାର, ତନ୍ତୀ, କଳାକାର, ଶିଳ୍ପୀ ଓ ଅନ୍ୟାନ୍ୟ ବହୁ ଧରଣର ବିଶେଷଜ୍ଞ-କର୍ମୀ ସମାଜରେ ଆବଶ୍ୟକ ହେଉଥିବା ଭିନ୍ନ ଭିନ୍ନ କାମ କରିଥା'ନ୍ତି ।

ଆଜି ଆମେ ଯାହାକୁ ସଭ୍ୟ ସମାଜ ବୋଲି କହୁଛୁ ସେଭଳି ସମାଜର ବିକାଶ ମଣିଷର ଲେଖି ଶିଖିଲା ପରେ ଆରମ୍ଭ ହୋଇଛି ବୋଲି କୁହାଯାଇପାରେ । କାରଣ ଲେଖି ଶିଖିଲା ପରେ ହିଁ ଯାଇ ମଣିଷକୁ ତଥ୍ୟ ସଂରକ୍ଷଣ ଓ ଆବଶ୍ୟକ ସ୍ଥଳେ ସେହି ତଥ୍ୟର ପୁନଃପ୍ରାପ୍ତି ବା ପୁନରୁଦ୍ଧାର ନିମନ୍ତେ ପ୍ରକୃତ ସୁଯୋଗ ମିଳିଲା । ଏଥିପାଇଁ ଆଉ ତାକୁ କେବଳ 'ବୟସ୍କ' ଲୋକଙ୍କ ସ୍ମୃତିଶକ୍ତି ଉପରେ ନିର୍ଭର କରିବାକୁ ପଡ଼ିଲା ନାହିଁ । ମଣିଷର ଶିକ୍ଷା ବହୁ ନୂଆ ଧରଣର, ନୂଆ ଶ୍ରେଣୀର 'ବିଶେଷଜ୍ଞ'ଙ୍କୁ ସମାଜରେ ସୃଷ୍ଟି କରିଦେବାକୁ, ତିଆରି କରିଦେବାକୁ ସମର୍ଥ ହୋଇଗଲା । ତେଣୁ କ୍ରମେ ଯେଉଁସବୁ ସହରୀ ସମାଜ ବା ସଭ୍ୟତା ଗଢ଼ି ଉଠିଲା ସେସବୁରେ ବହୁ ନୂଆ କଥା, ନୂଆ ପ୍ରଣାଳୀ ଦେଖାଦେଲା ଓ ନୂଆ ଆବିର୍ଭାବ ସବୁ ହେଲା । ସୀମାବଦ୍ଧ ରାଜ୍ୟ, ବୈଧାନିକ ସଭାଦ୍ୱାରା ପ୍ରଣୀତ ଆଇନ, ନିୟମିତ ଟିକସ ବ୍ୟବସ୍ଥା, ସାଧାରଣ ଓ ସାମରିକ ଅମଲାତନ୍ତ୍ର, ଅତି ମହତ୍ତ୍ୱପୂର୍ଣ୍ଣ କୋଠାବାଡ଼ି ଓ ଜନମଙ୍ଗଳଦାୟୀ ନିର୍ମାଣ ବ୍ୟବସ୍ଥା ତଥା ସରକାରୀ ରେକର୍ଡ ରଖିବା ପ୍ରଥା ଭଳି କଥା ସବୁ ହେଲା ଏହି ସହର-ସୃଷ୍ଟ ସଭ୍ୟତାର, ସମାଜର ମାନବ ଜାତିକୁ ମୌଳିକ ଦାନ ।

ଆଦିମ ହେଉ ବା ସଭ୍ୟ ହେଉ, ଏହି ଦୁଇଟି ଯାକ ସମାଜରେ ଦେଖାଯାଉଥିବା ଏକା ଧରଣର ଅନୁଷ୍ଠାନ ସବୁର କାର୍ଯ୍ୟ ଦୃଷ୍ଟିରୁ ପ୍ରାଥମିକତାକୁ ହିସାବକୁ ନେଇ ସେହିସବୁ ସମାଜରେ ଥିବା ମୌଳିକ ପ୍ରଭେଦ ବିଷୟରେ ମଧ୍ୟ ଜାଣିହେବ । ଏକଥା ନିଃସନ୍ଦେହରେ କୁହାଯାଇପାରେ ଯେ ସବୁ ସମାଜରେ ଖାଦ୍ୟର ଆବଶ୍ୟକତା ରହିଛି । କିନ୍ତୁ ଗୋଟିଏ ଆଦିମ ସମାଜରେ ଖାଦ୍ୟ ଅନ୍ୱେଷଣ ହିଁ ବ୍ୟକ୍ତିର ଏକମାତ୍ର କାର୍ଯ୍ୟ ହୋଇଥିଲାବେଳେ କେତେକ ଆଧୁନିକ ଟେକ୍‌ନୋଲଜୀୟ ସଭ୍ୟତା ଗୁଡ଼ିକ କ୍ଷେତ୍ରରେ ସେଭଳି ଘଟୁନାହିଁ । ତେଣୁ ଏଠି ବଞ୍ଚିବା ନିମନ୍ତେ ଆବଶ୍ୟକ ହେଉଥିବା କ୍ରିୟାଟା ସେତେ କଠିନ ନ ହୋଇଥିବାରୁ, ସମାଜର ସମସ୍ତେ ସଂପତ୍ତି ବା ସଂପଦର ସୃଷ୍ଟି ତଥା ଆହରଣ କରିବାରେ ଲାଗିଛନ୍ତି; ଏହା ସେମାନଙ୍କ ଜୀବନର, ଜୀବିକାର ମୂଳ ଲକ୍ଷ୍ୟ ହୋଇ ଉଠିଛି । ମୁମ୍ବାଇ, ଚେନ୍ନାଇ ବା ସେଭଳି ଅତିକାୟ ବାଣିଜ୍ୟିକ ସହର ଗୁଡ଼ିକର ଉଦାହରଣ ଏ କ୍ଷେତ୍ରରେ ନିଆଯାଇପାରେ । ଏ କଥା ମଧ୍ୟ ସତ ଯେ ସଂପଦ ଲାଭ ପ୍ରକ୍ରିୟା ଅନେକ ସମୟରେ ଏଭଳି କେତେକ ସମସ୍ୟା ସୃଷ୍ଟି କରିଦେଉଛି, ଯାହାର ସହଜ ସମାଧାନର ପଥ ମଣିଷ ଆଜି ଖୋଜି ପାଇବାକୁ ଚେଷ୍ଟା କରି ମଧ୍ୟ ସଫଳ ହୋଇପାରୁନାହିଁ । କେତେକ 'ବେପାରୀ ପ୍ରଜାତି' ମଧ୍ୟ ସଂପତ୍ତି ଆହରଣକୁ ଅନ୍ୟ ସବୁ ସାମାଜିକ କାର୍ଯ୍ୟଠାରୁ ଅଧିକ ଗୁରୁତ୍ୱ ଦେଇଥା'ନ୍ତି । କିନ୍ତୁ କେନ୍ଦ୍ର ଏସିଆ ଓ ପୃଥିବୀର ଆଉ କେତେକ ଅଞ୍ଚଳର ସମାଜ ଗୁଡ଼ିକ ଯୁଦ୍ଧ ବା ଯୁଦ୍ଧ ପ୍ରସ୍ତୁତିକୁ ପ୍ରାଥମିକତା ଦୃଷ୍ଟିରୁ ହଜାର ହଜାର ବର୍ଷ ଧରି ସବୁଠାରୁ ଅଧିକ ଗୁରୁତ୍ୱ ଦେଇ ଆସିଛନ୍ତି । ଅନ୍ୟ କେତେକ ସମାଜରେ କୃଷିର ବିକାଶ, ଧର୍ମ, ଜ୍ଞାନ ତଥା ପ୍ରଜ୍ଞାର ବିସ୍ତୃତି ଉପରେ ସବୁବେଳେ ଗୁରୁତ୍ୱ ଦିଆହୋଇ ଆସିଛି । ଭାରତର ବହୁ ଅଞ୍ଚଳର ଭିନ୍ନ ଭିନ୍ନ ସମାଜ ସବୁରେ ପ୍ରାଥମିକତା ଦୃଷ୍ଟିରୁ ପୂଜାଅର୍ଚ୍ଚନା ଓ ଜାତିପ୍ରଥା ଭଳି କଥାର ଗୁରୁତ୍ୱ ବହୁକାଳୁ ରହି ଆସିଛି । ତେଣୁ ସଂପଦ ସୃଷ୍ଟି ସହିତ ଏସବୁ କଥା ହେବା ସମ୍ଭବ ହୋଇପାରିଛି, ଯେତେବେଳେ ସମାଜରେ ମଣିଷକୁ ବଞ୍ଚିବା ପାଇଁ ଆଉ ଅବାରିତ ଖାଦ୍ୟ ସଂଗ୍ରହର ଆବଶ୍ୟକତା ଭଳି ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିନାହିଁ ।

ଏକଥା ମଧ୍ୟ ଦେଖାଯାଇଛି ଯେ ଗୋଟିଏ ଗୋଟିଏ ସମାଜରେ ଗୋଟାଏ ଅବସ୍ଥାରେ ଯାହାକୁ ପ୍ରାଥମିକତା ବୋଲି ଧରାଯାଉଥିଲା, କାଳକ୍ରମେ ସେଥିରେ ପରିବର୍ତ୍ତନ ଆସିଯାଉଛି । ଇଉରୋପର କେତେକ ଅଞ୍ଚଳରେ ଥିବା କେତେକ ଯୁଦ୍ଧପ୍ରିୟ ଜାତି ଆଜି ସେଠାରେ ଶାନ୍ତିର ବାର୍ତ୍ତା ବହନ କରୁଛନ୍ତି ଓ ଅତି ବିକଶିତ ସାମାଜିକ ମୂଲ୍ୟବୋଧର ଭିତ୍ତିଭୂମି ସେ ସବୁ ଅଞ୍ଚଳରେ ସ୍ଥାପିତ ହୋଇଯାଇଛି । ପୃଥିବୀର ଅଳ୍ପ କେତେକ ଅଂଶକୁ ବାଦ୍‌ଦେଲେ ଅନ୍ୟ ସବୁ ଅଞ୍ଚଳରେ ବିକାଶ ଓ ସାମଗ୍ରିକ ସ୍ୱାଧୀନତା ପ୍ରତି ସମାଜରେ ଯଥେଷ୍ଟ ଗୁରୁତ୍ୱ ଆରୋପ କରାଯାଉଛି । ଧାର୍ମିକ ସହନଶୀଳତା ତଥା ଧର୍ମ ନିରପେକ୍ଷତା ଭଳି କଥା ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି । ସେଥିପାଇଁ, ଆଜି ବିଂଶ ଶତାବ୍ଦୀର ଶେଷ କେତେବର୍ଷ ବେଳକୁ 'ବିକାଶ' କହିଲେ ସଂପୂର୍ଣ୍ଣ ଭାବେ ବୁଝାଯାଉଛି—ଗୋଟାଏ ସମାଜର ଅର୍ଥନୈତିକ ସମୃଦ୍ଧି ତଥା ଅଭିବୃଦ୍ଧି, ସେହି ସମାଜରେ ଦିଆଯାଉଥିବା

ବିଜ୍ଞାନସମ୍ମତ ଶିକ୍ଷା ଓ ଗବେଷଣା, ମୁକ୍ତ ବ୍ୟକ୍ତିଗତ ସ୍ୱାଧୀନତା ଏବଂ ସାମାଜିକ ନ୍ୟାୟ ଭଳି କଥାର ସମାହାରକୁ ।

ମାନବ ସମାଜରେ ନିର୍ଦ୍ଧାରିତ ହୋଇଥିବା ପ୍ରାଥମିକତା ଗୁଡ଼ିକ କଥା ଆଲୋଚନା କଲାବେଳେ ଏକଥା ନିଶ୍ଚୟ ମନେରଖିବାକୁ ହେବ ଯେ ଅନେକ ସମୟରେ ଗୋଟିଏ ଗୋଟିଏ ପ୍ରାଥମିକତା ଅନ୍ୟ ବହୁ କ୍ଷେତ୍ରରେ ସୁବିଧା କରିଦେଇପାରୁଛି । ଉଦାହରଣ ସ୍ୱରୂପ, ସଂପଦ ସୃଷ୍ଟି କରିବାକୁ ଗଲାବେଳେ ସ୍ୱତଃ କୃଷିର ଉନ୍ନତି ହୋଇଯାଉଛି, ନୂଆ ନୂଆ ରାସ୍ତା ଘାଟ ବା ଅନ୍ୟାନ୍ୟ ଜନମଙ୍ଗଳଧର୍ମୀ ଭିତ୍ତିଭୂମି ସୃଷ୍ଟି ହୋଇଯାଉଛି, ଶିକ୍ଷା-ଗବେଷଣା ଭଳି କଥାରେ ବହୁ ଅଧିକ ଲୋକଙ୍କର ଅଂଶୀଦାର ହୋଇଯିବାର ଆବଶ୍ୟକତା ଦେଖାଦେଉଛି ବା ସେମାନେ ସେଥିରେ ଅଂଶୀଦାର ହୋଇଯିବାର କ୍ଷମତା ହାସଲ କରିଯାଉଛନ୍ତି । ଏଭଳି ବିସ୍ତୃତ ବିକାଶ ପ୍ରକ୍ରିୟାର ଉପଯୋଗ ହେବା ଫଳରେ ସମାଜରେ ଭାତୃତ୍ୱ, ପ୍ରେମ, ପ୍ରୀତି ଓ ଅନ୍ୟାନ୍ୟ ସଂବେଗାତ୍ମକ ବା ଆବେଗ ସୃଷ୍ଟ କାରଣ ସବୁରଭିତ୍ତିଭୂମି ମଧ୍ୟ ଆପେ ଆପେ ଦୃଢ଼ ହୋଇଯାଉଛି; ମାନବ ମାନବ ଭିତରେ ଥିବା ସାମାଜିକ ସଂପର୍କ ବଢ଼ିଯାଉଛି ।ସମାଜରେ ବହୁ ଲୋକ ଲକ୍ଷ୍ୟ ହାସଲ ନିମନ୍ତେ ଦାୟିତ୍ୱପୂର୍ଣ୍ଣ ଆଚରଣ ଦେଖାଇବାରୁ ନୈତିକ ମୂଲ୍ୟବୋଧର ମଧ୍ୟ ବୃଦ୍ଧି ହୋଇଯାଉଛି ଓ ଏଥି ସହିତ ଆହୁରି ଅନେକ ଧରଣର ନୂତନ ମୂଲ୍ୟବୋଧର ସୂତ୍ରପାତ ହୋଇଯାଇ ପାରୁଛି । ଏଥିରୁ ଅବଶେଷରେ ସରକାର ଓ ସରକାରର ବିଭିନ୍ନ ଅଙ୍ଗର ସାମାଜିକ ମହତ୍ତ୍ୱ ବଢ଼ିଯାଉଛି। ଏସବୁ ସକାରାତ୍ମକ ତଥା ପ୍ରଭାବଶାଳୀ ଘଟଣାର ସୃଷ୍ଟି ହୋଇଯାଇପାରୁଛି କେବଳ ସଂପଦ ସୃଷ୍ଟି ଭଳି ଗୋଟିଏ ପ୍ରାଥମିକତାରୁ— ତେଣୁ ସାମାଜିକ କଲ୍ୟାଣର ଏହା ଗୋଟିଏ ମହତ୍ତ୍ୱପୂର୍ଣ୍ଣ ଦିଗ ହୋଇଯାଉଛି ।

ସଂପତ୍ତି, କ୍ଷମତା ଓ ଅନ୍ୟାନ୍ୟ ମୂଲ୍ୟବୋଧର ଉପଯୁକ୍ତ ବଣ୍ଟନ ବ୍ୟବସ୍ଥା ଆଜିର ଟେକ୍‌ନୋଲଜୀୟ ସମାଜସବୁରେ ରହିଛି । କିନ୍ତୁ ସବୁଠାରେ ବ୍ୟକ୍ତି-ବ୍ୟକ୍ତି ବା ଗୋଷ୍ଠୀ-ଗୋଷ୍ଠୀ ଭିତରେ ଏଥି ନିମନ୍ତେ ସବୁବେଳେ ସମାନତା ଥିବା କଥା ଲକ୍ଷ୍ୟ କରାଯାଇ ପାରୁନାହିଁ । କେତେକ ସମାଜରେ ସଂପତ୍ତି ଓ ରୋଜଗାରର ବହୁଲୋକଙ୍କ ଭିତରେ ସମବଣ୍ଟନ ହେଉଥିଲାବେଳେ ଆଉ କେତେକ ସମାଜରେ ଏହା ଅଳ୍ପ କେତେଜଣଙ୍କ ଭିତରେ ସୀମାବଦ୍ଧ ହୋଇ ରହିଯାଉଛି । ରାଜନୈତିକ କ୍ରିୟାକଳାପ କ୍ଷେତ୍ରରେ ମଧ୍ୟ ସେଭଳି କଥା କୁହାଯାଇପାରେ । ସ୍ୱାସ୍ଥ୍ୟ, ଶିକ୍ଷା, ତଥ୍ୟ— ଏସବୁର ସମବଣ୍ଟନ ଯେ ଆଜି ସବୁଆଡ଼େ ହୋଇପାରୁଛି, ସେକଥା ମଧ୍ୟ ନୁହେଁ । ଅନ୍ୟପ୍ରତି ଶ୍ରଦ୍ଧା, ସମ୍ମାନ ତଥା ଦାୟିତ୍ୱପୂର୍ଣ୍ଣ ଆଚରଣ କ୍ଷେତ୍ରରେ ମଧ୍ୟ ତୁଳନାତ୍ମକ ବଣ୍ଟନ ଅସୁବିଧା ଆଜିର ବହୁ ସମାଜରେ ରହିଯାଇଛି । ତେଣୁ ମାନବୀୟ ସଂପର୍କ ଏହାଦ୍ୱାରା ନକାରାତ୍ମକ ଭାବେ ପ୍ରଭାବିତ ହୋଇଗ୍ଲଲିଛି ବୋଲି କହିଲେ କିଛି ଅତ୍ୟୁକ୍ତି ହେବ ନାହିଁ ।

ଯେଉଁ ଅଳ୍ପ ବୟସର ଲୋକେ ସମାଜରେ ଅଛନ୍ତି, ସେମାନଙ୍କ ଚିନ୍ତାଧାରାର ସୁକ୍ଷମ ବିକାଶ ଓ ଗଠନ ଉପରେ ନିର୍ଭର କରୁଛି ସେହି ସମାଜର ଭବିଷ୍ୟତ କ'ଣ ହେବ । ଅବଶ୍ୟ ବେଶୀ ବୟସର ଲୋକଙ୍କର ଚିନ୍ତାଧାରାର ଯେ ଗୁରୁତ୍ୱ ବା ମହତ୍ତ୍ୱ କିଛି କମ୍ ସେକଥା ନୁହେଁ । ସମାଜରେ ଜଣେ *କ'ଣ କରୁଛି, କାହାପାଇଁ କରୁଛି* କିମ୍ବା *କାହିଁକି କରୁଛି* ଭଳି କଥାକୁ ସମସ୍ତେ ଭଲ ଭାବରେ ନ ବୁଝିଲେ ସାମାଜିକ ପ୍ରଗତି ଯେଭଳି ହେବା କଥା ତାହା ସମ୍ଭବ ନ ହୋଇପାରେ । ଚିନ୍ତାଧାରାର ସୁକ୍ଷମ ଗଠନ ନିମନ୍ତେ ପ୍ରକୃତ ଶିକ୍ଷା ହିଁ ଦାୟୀ । ସେଥିପାଇଁ ଏକବିଂଶ ଶତାବ୍ଦୀ ଆରମ୍ଭ ହେବାବେଳକୁ ଏଭଳି ଗୋଟିଏ ସମୟ ଆସିଲାଣି ଯେତେବେଳେ କି ପୃଥିବୀର ସବୁ ବିକାଶଶୀଳ ତଥା ବିକଶିତ ଦେଶରେ ପ୍ରକୃତ ଶିକ୍ଷା, ବିଶେଷ କରି ପ୍ରାଥମିକ ଶିକ୍ଷା ଉପରେ ଅତିମାତ୍ରାରେ ଗୁରୁତ୍ୱ ଦିଆଯାଉଛି । ଆହୁରି ମଧ୍ୟ ଶାସନର ସବୁ ବିଭାଗ ଚେଷ୍ଟା କରୁଛନ୍ତି କିଭଳି ନିଜ ନିଜ ଉଦ୍ୟମକୁ ଲୋକଙ୍କ ମଙ୍ଗଳରେ ଲଗାଇ ପାରିବେ, ନିଜ ନିଜ କଥାକୁ ଲୋକଙ୍କ ପାଖରେ ପହଞ୍ଚାଇ ଦେଇପାରିବେ । ପଞ୍ଚାୟତିରାଜ ବ୍ୟବସ୍ଥାକୁ ଦେଖିଲା ପରେ କ୍ଷମତାର ବିକେନ୍ଦ୍ରୀକରଣ ଦ୍ୱାରା ହିଁ ଭାରତ ଭଳି ଦେଶରେ ପ୍ରକୃତ ସାମାଜିକ ବିକାଶ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇପାରିବ ବୋଲି ଆଜି ସ୍ୱତଃ ଧାରଣା ସୃଷ୍ଟି ହୋଇଗଲାଣି । ମାନବ ଭିତରେ ଥିବା ଅନ୍ତର୍ନିହିତ ସ୍ୱାଧୀନତାର ଯଥାର୍ଥ ଉପଯୋଗ ନିମନ୍ତେ ସାମାଜିକ ଆବଶ୍ୟକତା ଦେଖାଦେଲାଣି । ଜ୍ଞାନ ଯେ ଶକ୍ତି ଏବଂ ଯାହା ପାଖରେ ଯେତେ ପରିମାଣରେ ଉପଯୋଗୀ ତଥା ଉପାଦେୟ 'ତଥ୍ୟ' ରହିଛି, ସେ ସମାଜରେ ସେତେ ଭଲରେ ଚଳିବ—ଏ କଥାର ପ୍ରମାଣ ମିଳିବା କ୍ରମେ ସହଜ ହୋଇଉଠିଲାଣି ।

ସମାଜବିଜ୍ଞାନୀମାନେ, ସମାଜଶାସ୍ତ୍ରୀମାନେ ମାନବ ସମାଜ ବିଷୟରେ ଖୁବ୍ ଭଲ ଭାବରେ ଅଧିକରୁ ଅଧିକ ଜାଣିବା ପାଇଁ ଆଜି ସମର୍ଥ ହୋଇଉଠିଲେଣି । ସେମାନେ ଗୋଟିଏ ଗୋଟିଏ ସମାଜର ଅତୀତ, ବର୍ତ୍ତମାନ ତଥା ଭବିଷ୍ୟତର ମଡେଲ ପ୍ରସ୍ତୁତ କରିଦେଇ କହିଦେଇ ପାରୁଛନ୍ତି ଦିନେ ତା'ର ଦଶା କ'ଣ ହେବ କିମ୍ବା କେଉଁ ବାଟରେ ଗଲେ ସେହି ସମାଜର ଉତ୍ତରୋତ୍ତର ଉନ୍ନତି ସାଧିତ ହୋଇପାରିବ । ସେମାନଙ୍କ ପକ୍ଷରେ ଏହା କରିଦେବା ସମ୍ଭବ ହୋଇପାରିଛି ଟେକ୍‌ନୋଲଜୀୟ ସମାଜରେ ଉପଲବ୍ଧ ହେଉଥିବା ଗବେଷଣାତ୍ମକ ପରିବେଶ ଓ ଯନ୍ତ୍ରପାତି ଯୋଗୁଁ । ଆହୁରି ମଧ୍ୟ କଂପିଉଟର

ଭଳି ଟେକ୍‌ନୋଲଜୀୟ ଉପ୍ତତି ସବୁ ଗୋଟାଏ ଗୋଟାଏ ସମାଜର ଚଳଣିରେ, କାରବାରରେ ବିପ୍ଳବାତ୍ମକ ପରିବର୍ତ୍ତନ ଆଣିଦେଇ ପାରିଛି । ଏହାଦ୍ୱାରା ତଥ୍ୟର ଯେଉଁ ସାମ୍ୟବାଦ ପ୍ରତିଷ୍ଠା ହୋଇଯାଇ ପାରୁଛି ତାହା ଫଳରେ ସମାଜର ସବୁଠାରୁ ନିମ୍ନ ସୋପାନରେ ଥିବା ବ୍ୟକ୍ତି ଠାରୁ ଆରମ୍ଭ କରି ସବୁଠାରୁ ଉଚ୍ଚ ସୋପାନରେ ଥିବା ବ୍ୟକ୍ତି ପର୍ଯ୍ୟନ୍ତ ସମସ୍ତେ ନିଜ ଦୁନିଆ ବିଷୟରେ ଜାଣିବାର, ନିଜ ସ୍ୱାର୍ଥ ବିଷୟରେ ଜାଣିବାର ସମାନ ସୁବିଧା, ସମାନ ସୁଯୋଗ ପାଇଯାଉଛନ୍ତି । ତଥ୍ୟ-ଦାରିଦ୍ର୍ୟ ନ ରହିଲା ଫଳରେ ସମାଜର ସବୁ ବର୍ଗର ଲୋକ ନିଜର ମଙ୍ଗଳ ପାଇଁ ସମାନ ଭାବେ ଉଦ୍ୟମ କରିପାରୁଛନ୍ତି । ଫଳରେ ଅପ୍ରତ୍ୟକ୍ଷ ଓ ଅନେକ ସମୟରେ ପ୍ରତ୍ୟକ୍ଷ ଭାବେ ଏମାନେ ନିଜ ମଙ୍ଗଳ ସହିତ ସମାଜର ମଙ୍ଗଳ ପାଇଁ ମଧ୍ୟ ଲାଗି-ପଡ଼ିଛନ୍ତି ବୋଲି କହିବାରେ କିଛି ଅତ୍ୟୁକ୍ତି ନାହିଁ । ଆମ ଦେଶ ଭଳି ଗୋଟିଏ ବିଶାଳ, ପୁରାତନ, ଜନବହୁଳ ରାଜ୍ୟରେ ମଧ୍ୟ ଉପଯୁକ୍ତ, ଆବଶ୍ୟକୀୟ ତଥ୍ୟଲଭ୍ୟତା କ୍ଷେତ୍ରରେ ଆଉ ଅସୁବିଧା ନାହିଁ ବୋଲି କୁହାଗଲାଣି ।

ଏସବୁ ସତ୍ତ୍ୱେ ମଧ୍ୟ ସବୁ ପ୍ରକାରର ସାମାଜିକ ଅସୁବିଧା ଦୂର ହୋଇଯାଇଛି ବୋଲି କେବେହେଲେ କୁହାଯାଇ ପାରିବ ନାହିଁ । ସଭ୍ୟତା ସୋପାନର ଶୀର୍ଷରେ ପହଞ୍ଚିଗଲା ପରେ ମଧ୍ୟ ଜଣେ ସେଠି ଥିବା ସୁଯୋଗ ଓ ବିପଦ—ଏ ଉଭୟ କଥାର ଅନୁଭବ କରିପାରୁଛି । କାରଣ ସାମାଜିକ ବିକାଶ ପ୍ରକ୍ରିୟାର ଏ ଦୁଇଟି ହେଲେ ସାମାଲୁପ୍ତ ଅବିଚ୍ଛେଦ୍ୟ ଦିଗ, ସେହି ପ୍ରକ୍ରିୟାର ଅବିଚ୍ଛେଦ୍ୟ ଅଙ୍ଗ । ତେଣୁ ସମାଜଶାସ୍ତ୍ରୀମାନେ ଚିନ୍ତା କରୁଛନ୍ତି, ଯଦି ଦିନେ ସୁଯୋଗ ବଦଳରେ ବିପଦ ଅଧିକ ବଳଶାଳୀ ହୋଇ ଦେଖା-ଦେଲା, ତେବେ ହୁଏତ ଏମିତି ଗୋଟାଏ ସମୟ ଆସିଯାଇପାରେ ଯେ ଆଜିର ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ଟେକ୍‌ନୋଲଜୀୟ ସଭ୍ୟତା ଗୁଡ଼ିକ କାଳକ୍ରମେ ପୁଣି ସେହି ଆଦିମ, ସରଳ ସଭ୍ୟତାରେ ପରିଣତ ହୋଇଯାଇପାରନ୍ତି । ପ୍ରାକୃତିକ ଅସୁବିଧା ସହିତ ନିଜ ସମାଜସୃଷ୍ଟ କାରଣ ଗୁଡ଼ିକର ଏଭଳି ଘଟିବାରେ ହୁଏତ ଯଥେଷ୍ଟ ଭୂମିକା ରହି-ପାରିଥାଏ ।

ଆଉ ଗୋଟିଏ କଥା ବିଷୟରେ ମଧ୍ୟ ଏବେ ଆଲୋଚନା ହେଉଛି । ଭାରତୀୟ ସମାଜ ଭଳି ଅତି ପୁରାତନ ସାମାଜିକ ବ୍ୟବସ୍ଥା ସବୁ ଯେତେବେଳେ ଅତ୍ୟାଧୁନିକ ଟେକ୍‌ନୋଲଜୀୟ ସାମାଜିକ ବ୍ୟବସ୍ଥା ସହିତ ତାଳଦେଇ ଚାଲିବାକୁ ଆଗ୍ରହୀ ହୋଇ ଉଠିଲେଣି ଓ ଅନେକ କ୍ଷେତ୍ରରେ ତାଳଦେଇ ଚାଲିଲେଣି ମଧ୍ୟ, ସେତେବେଳେ ପୃଥିବୀର ଏହି ଅଂଶରେ କେତେକ ନୂଆ ଧରଣର ପରିସ୍ଥିତି ଦେଖାଦେଲାଣି । ଅତି ମାର୍ଜିତ, ପୁରାତନ, ଶାସ୍ତ୍ର-ସମ୍ମତ, ସଚ୍ଚା ସାମାଜିକ ନିୟମ ସବୁକୁ ଛାଡ଼ିଦେଇ ଆମ ସମାଜର ଲୋକେ ପାଶ୍ଚାତ୍ୟ ବା ସେହି ଧରଣର ସାମାଜିକ ଆଦର୍ଶ ଗୁଡ଼ିକୁ ଗ୍ରହଣ କରିନେଉଥିଲେହେଁ, ଏ ଉଭୟର ମଙ୍ଗଳକାରକ ଦିଗ-ଗୁଡ଼ିକୁ ଆହରଣ କରିବାକୁ ସମର୍ଥ ନ ହୋଇ ସ୍ଥଳବିଶେଷରେ ନୂଆ କ୍ଷତିକାରକ ଦିଗମାନ ସୃଷ୍ଟି କରି-ଦେଉଛନ୍ତି ଓ ନିଜ ସାମାଜିକ ସ୍ୱାଭି-ମାନର ମହତ୍ତ୍ୱକୁ ଗୁରୁତ୍ୱ ଦେବାପାଇଁ ସେମାନେ ଆଉ ଆଗଭର ହୋଇ-ପାରୁ ନାହାନ୍ତି । □

# କଳା

ସମ୍ଭବ ନ ହେଲେ ମଧ୍ୟ କଳାବିହୀନ ଗୋଟାଏ ଦୁନିଆ କଥା ଚିନ୍ତା କରାଯାଉ : ଯେଉଁଠି ନ ଥିବ କାହାଣୀ, ନ ଥିବ ଗପ, ନ ଥିବ ସାହିତ୍ୟ, ପ୍ରତିବିମ୍ବ, ପ୍ରତିଚ୍ଛବି ବା ଚିତ୍ରକଳା, ନ ଥିବ କୌଣସି ସୌଧ, ଅଟ୍ଟାଳିକା ବା କୌଣସି ପ୍ରକାର ଶବ୍ଦ ସେଠି ଶୁଣାଯାଉ ନ ଥିବ । ଏଭଳି ଗୋଟିଏ ଦୁନିଆ ଥିବା କଥାକୁ 'ଅସମ୍ଭବ' ବୋଲି କହିବାର କାରଣ ହେଲା ତାହା ହୋଇଥିବ ଆମ ଦୃଷ୍ଟିରୁ ଅଦୃଶ୍ୟ, ଅଶ୍ରବ୍ୟ, ଅଗୋଚର, ଅବର୍ଣ୍ଣନୀୟ—ଗୋଟାଏ ଅର୍ଥରେ ତାହାର ସ୍ଥିତି ସଂପୂର୍ଣ୍ଣ ଭାବେ ମଣିଷର ଇନ୍ଦ୍ରିୟ-ଅଭାବନୀୟ । ସେଭଳି ଦୁନିଆଟିକୁ ହୁଏତ ଜଣେ ଦେଖି ପାରୁଥିଲେ, ଅନୁଭବ କରିପାରୁଥିଲେ ବା ଶୁଣି ପାରୁଥିଲେ ମଧ୍ୟ ମାନବ ଦୃଷ୍ଟିକୋଣରୁ ସେପରି କରି ପାରୁଥିବା କଥା ଆମେ ଜାଣି ପାରିବୁ ନାହିଁ ।

ମାନବ ବିଦ୍‌ମତାର ସର୍ବପୁରାତନ ପରିପ୍ରକାଶ କଳା ଓ ଭାଷାକୁ ବାଦ୍ ଦେଇଦେଲେ, ଆମ ଆଖି ଆଗରେ କ'ଣ ସବୁ ଘଟିଯାଇଛି, ଧରିତ୍ରୀରେ ଜୀବନ ତଥା ସଭ୍ୟତାର କିଭଳି ବିକାଶ ହୋଇଛି ବା ଅନ୍ୟ ବହୁ କଥା ଜାଣିବାର ସନ୍ତୋଷ ଆମେ କେବେହେଲେ ଲାଭ କରିପାରିବୁ ନାହିଁ; ବହୁ ଅଘଟଣ ସଂକ୍ରାନ୍ତରେ ଅସନ୍ତୋଷ ମଧ୍ୟ ପ୍ରକାଶ କରିପାରିବୁ ନାହିଁ । କଥା କହିବା, ଶୁଣିବା, ଭାବିବା, ଗଣିବା, ମାପିବା ଭଳି ବୌଦ୍ଧିକ ବା ପ୍ରଜ୍ଞାତ୍ମକ କଳା ନ ଥିଲେ ମଣିଷ ଜାତି ଯେଉଁ ଅଭିଜ୍ଞତା ହାସଲ କରିଛି, ଯେଉଁ ଅନୁଭବ ଲାଭ କରିଛି ସେ ସବୁର ସତ୍ତା ଆଜି ଆମ ଆଗରେ ନ ଥା'ନ୍ତା କିମ୍ବା ସେ ସବୁର ବିସ୍ତୀର୍ଣ୍ଣ ବ୍ୟାଖ୍ୟା କରିବା ଆଜି ଆମ ପକ୍ଷରେ ଆଦୌ ସମ୍ଭବ ହେଉ ନ ଥା'ନ୍ତା । ଉପଯୋଗୀ କଳାର ସାହାଯ୍ୟ ବିନା ମଣିଷ ହୁଏତ କିଛି ଗୋଟାଏ ଗଢ଼ିବାକୁ ବା କୌଣସି ଗୋଟାଏ ପଦାର୍ଥ ତିଆରି କରିଦେବା ପାଇଁ ସମର୍ଥ ହୋଇପାରୁ ନ ଥା'ନ୍ତା; ନିଜର ଶରୀର ରକ୍ଷା ନିମନ୍ତେ, ଆଶ୍ରୟ ନିମନ୍ତେ ଘରଟିଏ କରିବା ଭଳି କଥା ତା ପକ୍ଷରେ ଗୋଟାଏ ଦୁରୂହ ସମସ୍ୟା ହୋଇ ଛିଡ଼ା ହୋଇ ଯାଇଥା'ନ୍ତା । ସୂକ୍ଷ୍ମ କଳା ବା ଲଳିତ କଳା ନ ଥିଲେ ତାକୁ ଦେଖି ମଣିଷ ଯେଉଁ ଆନନ୍ଦ ଅନୁଭବ କରିଥାଏ, ମାନସିକ ସ୍ତରରେ ଶାନ୍ତି ଲାଭ କରିଥାଏ ତାହା ଆଦୌ ସମ୍ଭବ ହେଉ ନ ଥା'ନ୍ତା । ଏହା ବ୍ୟତୀତ ଏ ପୃଥିବୀ ପୃଷ୍ଠରେ ଥିବା ବୈଭବ, ଅପରୂପ ବର୍ଣ୍ଣସମ୍ଭାରର ଶୋଭା ତଥା ସୌନ୍ଦର୍ଯ୍ୟ କଥା ସେ ଜାଣିପାରୁ ନ ଥା'ନ୍ତା । ଅନ୍ୟ ଭାବରେ କହିବାକୁ ଗଲେ—ମଣିଷର ମାନସିକ ଗଭୀରତା ନିଶ୍ଚିତ ଭାବେ ଏ ସବୁର ସାହାଯ୍ୟ ବ୍ୟତୀତ ଏତେ ଅଧିକ ହୋଇପାରି ନ ଥା'ନ୍ତା । ତେଣୁ ମଣିଷ ଆଗରେ ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ଭଳି କଥାର ଗୋଟାଏ ଭିନ୍ନ ଅର୍ଥ ଲଳିତ କଳା ଆଣି ରଖିଦେଇପାରୁଛି ବୋଲି ମଧ୍ୟ କୁହାଯାଇ ପାରିବ ।

କାହାଣୀ ବା ଗପ ହେଲା ଆମ ସମସ୍ତଙ୍କ ପାଖରେ ଅନ୍ୟ ସବୁ କଳାଠାରୁ ଅଧିକ ଅନ୍ତରଙ୍ଗ, ଅଧିକ ନିକଟର । ଏକଥା ମଧ୍ୟ କୁହାଯାଇପାରେ ଯେ ସାହିତ୍ୟ-କଳା ହିଁ ହେଲା କାହାଣୀର କଳା । କବିତା, ପ୍ରବନ୍ଧ, ଇତିହାସ, ଜୀବନୀ, ଉପଦେଶ, ଆଲୋଚନା ଭଳି ଅନ୍ୟ ବହୁ ବିଭାଗ ସାହିତ୍ୟରେ ରହିଥିଲେ ମଧ୍ୟ କାହାଣୀ ହିଁ ହେଲା ଆମ ସମସ୍ତଙ୍କର ପ୍ରଥମ ଓ ଶେଷ ସାଥୀ । ମଣିଷର ଅତି ଶୈଶବ ଅବସ୍ଥା ବା ପିଲାବେଳଠାରୁ ଆରମ୍ଭ କରି ଅତି ବାର୍ଦ୍ଧକ୍ୟ ଅବସ୍ଥା ପର୍ଯ୍ୟନ୍ତ ତା' ପକ୍ଷରେ କାହାଣୀର ମହତ୍ତ୍ୱ ରହିଛି; ବାର୍ଦ୍ଧକ୍ୟ ଅବସ୍ଥାରେ ଅତୀତର କାହାଣୀ ବା ସ୍ମୃତିଚାରଣ ହିଁ ତାକୁ ବଞ୍ଚିବାକୁ ଖୋରାକ ଯୋଗାଉଛି । ସେଇଥିପାଇଁ ଜଣେ ଜୀବନର ପଛକଥା ଗପୁଥିଲାବେଳେ, ବର୍ଣ୍ଣନା କରୁଥିବା ଘଟଣାକ୍ରମର ଲକ୍ଷଣକୁ ନେଇ ତା ମୁଖମଣ୍ଡଳରେ ଫୁଟି ଉଠୁଛି ପ୍ରସନ୍ନତା ବା ଦେଖାଦେଉଛି ବିଷାଦର ଚିହ୍ନ; ତା କ୍ଷେତ୍ରରେ ସୃଷ୍ଟି ହୋଇଯାଉଛି ଗଭୀର ଆବେଗ । ଜଣଙ୍କ ଜୀବନ ଉପରେ କାଳର ପ୍ରଭାବ କଥା ସେଥିରୁ ସ୍ପଷ୍ଟ ଜଣା ପଡ଼ିଯାଉଛି । କେତେଧାଡ଼ିର କ୍ଷୁଦ୍ରଗଳ୍ପଟିଏ ଠାରୁ ଆରମ୍ଭ କରି ଅତିକାୟ ଉପନ୍ୟାସ, ବିଶାଳ ଜୀବନୀ ବା ଆତ୍ମଜୀବନୀ, ଦୀର୍ଘ ନାଟକ—ଏସବୁ ହେଲେ କାହାଣୀର ଗୋଟିଏ ଗୋଟିଏ ରୂପ, ଗୋଟିଏ ଗୋଟିଏ ଅବତାର । ମଞ୍ଚସ୍ଥ ନାଟକ, ରୂପେଲୀ ପରଦାର ସିନେମା, ଗାଁ ଦାଣ୍ଡରେ ହେଉଥିବା ଗୋଟିପିଲା ଅଭିନୟ ଓ ଅନ୍ୟ ବହୁ ପ୍ରକାରର କଳାସମ୍ଭାର କେବଳ କାହାଣୀର ଉପଯୋଗ ଯୋଗୁଁ ହିଁ ସମ୍ଭବ ହୋଇପାରୁଛି—ନିଶ୍ଚିତ ଭାବେ ଅନ୍ୟ କୌଣସି କାରଣରୁ ନୁହେଁ ।

ଏକଥା କିନ୍ତୁ ମନେ ରଖିବାକୁ ହେବ ଯେ ପ୍ରକୃତି ଗପ କୁହେନାହିଁ—କେବଳ କଳାକାରମାନେ ହିଁ ସେଭଳି କରିଥା'ନ୍ତି । ଏହା କରିବା ଦ୍ୱାରା ଜଡ଼ ପଦାର୍ଥ ଓ ମାନବୀୟ ଚିନ୍ତା ଭିତରେ ଥିବା ପାର୍ଥକ୍ୟକୁ କମାଇଦେବା ପାଇଁ ସେମାନେ ସମର୍ଥ ହୋଇଥା'ନ୍ତି ବୋଲି ଧରିନିଆଯାଇପାରେ । ମଣିଷ ବ୍ୟତୀତ ପୃଥିବୀର ଅନ୍ୟ କୌଣସି ଜୀବନ୍ତ ପଦାର୍ଥ କାହାଣୀଟିଏ ସୃଷ୍ଟି କଳାଭଳି

ମାନସିକ ସମ୍ଭାର ହାସଲ କରିପାରିବା କଥା ଆଜି ପର୍ଯ୍ୟନ୍ତ ଜଣାପଡ଼ିନାହିଁ—ହୁଏତ ଜୀବଜନ୍ତୁ ବା ବୃକ୍ଷଲତାଙ୍କ ପକ୍ଷରେ ଏଭଳି କରିବା ଆଦୌ ସମ୍ଭବ ନୁହେଁ ।

ସାହିତ୍ୟ ଭଳି ଲଳିତକଳାର ସମସ୍ତ ବିଭାଗ ମଧ୍ୟ ଅତି ଛୋଟ ଠାରୁ ଆରମ୍ଭ କରି ଅତି ବଡ଼ ରୂପରେ ବିକଶିତ ହୋଇପାରିଥାଏ । ଛୋଟ ଲୋକକଥାଟି ପାଖରୁ ଆରମ୍ଭ କରି ବିଶାଳ ମହାଭାରତ ପର୍ଯ୍ୟନ୍ତ ସବୁ ରୂପରେ ଗପ କୁହାଯାଇ ପାରିଲା ଭଳି ଲଳିତ କଳାର ସ୍ରଷ୍ଟା ବା କଳାକାର ପାଖରେ ଉପଲବ୍ଧ ସୁଯୋଗ ସେଇ ରୂପକୁ ନିର୍ଦ୍ଧାରଣ କରିବାରେ ସାହାଯ୍ୟ କରିଛି । ସଂଗୀତ କ୍ଷେତ୍ରରେ ମଧ୍ୟ ସେହି କଥା କୁହାଯାଇପାରେ । ଗୁଣୁଗୁଣୁ ଶବ୍ଦଠାରୁ ଆରମ୍ଭ କରି ବିସ୍ତୃତ ମୂର୍ଚ୍ଛନାରୁ ମିଳୁଥିବା ଜଟିଳ ରାଗରାଗିଣୀ ପର୍ଯ୍ୟନ୍ତ ସଂଗୀତର ସବୁ ରୂପ ମଣିଷକୁ ସବୁବେଳେ ପ୍ରଭାବିତ କରି ପାରିଛି, ତା'ର ମନକୁ ଗୋଟାଏ 'ନୂଆଦୁନିଆ'ରେ ନେଇ ପହଞ୍ଚାଇ ଦେଇ ପାରିଛି । ବେଳେବେଳେ ଏମିତି ମଧ୍ୟ ହୋଇଛି ଯେ ବିସ୍ତୃତ ମୂର୍ଚ୍ଛନା ଅପେକ୍ଷା ଛୋଟ ଗୀତଟିଏ ଜଣଙ୍କ କ୍ଷେତ୍ରରେ ଅଧିକ ପ୍ରଭାବଶାଳୀ ହୋଇଯାଇଛି, ଅଧିକ ସ୍ଥାୟୀ ହୋଇଯାଇଛି । ଗୋଟାଏ ସଫଳ ତଥା ମହତ୍ତ୍ୱପୂର୍ଣ୍ଣ ସଂଗୀତର ଲକ୍ଷଣ କ'ଣ ସେ କଥା ବିଷୟରେ ଅବଶ୍ୟ ପୃଥିବୀର ଭିନ୍ନ ଭିନ୍ନ ଅଂଶରେ ଭିନ୍ନ ଭିନ୍ନ ଭାବରେ ପ୍ରକାଶ କରାଯାଉଛି । ସୀତାର, ତବଲା, ବୀଣା କିମ୍ବା ମୃଦଙ୍ଗର ଲାଳିତ୍ୟକୁ ଜଣେ ପାଶ୍ଚାତ୍ୟବାସୀ ହୁଏତ ଠିକ୍ ଭାବରେ ଅନୁଭବ କରିପାରୁନାହିଁ । ସେମିତି ସେମାନଙ୍କର ଅତି ସୁନ୍ଦର ଅର୍କେଷ୍ଟ୍ରାର ନୋଟ୍ ଗୁଡ଼ିକ ବେଳେବେଳେ ଆମକୁ ନିହାତି ଶୁଷ୍କ ବା ଅର୍ଥହୀନ ବୋଲି ଲାଗୁଛି; ସେଭଳି ଲାଗିବାରେ ଆଶ୍ଚର୍ଯ୍ୟ ହେବାର ମଧ୍ୟ କିଛି ନାହିଁ ।

ରେଖାଙ୍କନ, ଚିତ୍ରକଳା, ଖୋଦେଇ ତଥା ଅନ୍ୟ ବହୁ ଧରଣର କଳା କାଗଜ, କନା, କାନ୍‌ଭାସ, ତାଳପତ୍ର, ଭୂର୍ଜପତ୍ର, ପ୍ରସ୍ତର, ମାଟି ଇତ୍ୟାଦି ଉପରେ ଅଙ୍କିତ ହୋଇଥାଏ ଓ ଯୁଗ ଯୁଗ ଧରି ସେହି ରୀତିରେ ଅଙ୍କିତ ହୋଇଆସିଛି । କିନ୍ତୁ ଦୂର ଅତୀତର ସେହି ଆଦିମ ମୂଳ ଶିଳ୍ପୀର ହାତର ସ୍ୱାକ୍ଷର ବହନ କରୁଥିବା ଅନେକ ପଦାର୍ଥ ଆଜି ଆଉ ମଣିଷ ପାଖରେ ନାହିଁ ବୋଲି କହିଲେ ଚଳେ । ମାର୍ବଲ, ତମ୍ବା, କାଠ, ବ୍ରୋଞ୍ଜ, ଲୌହ—ଏସବୁଥିରେ ଯେତିକି ପରିମାଣର କଳା-ସ୍ଥାପତ୍ୟ ମଣିଷର ହାତ ସୃଷ୍ଟି କରିଥିଲା ବା ନିର୍ମିତ ହୋଇଥିଲା, ତା'ର ବହୁଭାଗ ଆଜି ନାହିଁ । ଆଫ୍ରିକା ଓ ଇଉରୋପରେ ଭିନ୍ନ ଭିନ୍ନ ସମୟରେ ଆବିଷ୍କୃତ ହୋଇଥିବା ଓ ଇତିହାସରେ ପ୍ରଥମ ଗୁମ୍ଫାଚିତ୍ର ବୋଲି କୁହାଯାଉଥିବା ଅପରୂପ ଚିତ୍ରକଳା ସମ୍ଭାର ଗୁଡ଼ିକ କ୍ରମେ ମଣିଷ ଆଖି ଆଗରୁ ଉଭେଇ ଯିବାକୁ ବସିଲାଣି । ସେ କାଳରେ ଜନତାକୁ ମନ୍ତ୍ରମୁଗ୍ଧ କରି ରଖି ପାରୁଥିବା ପୁରାତନ ଗ୍ରୀକ୍ ସଙ୍ଗୀତର ପ୍ରମାଣ ମଧ୍ୟ ଏ ପୃଥିବୀରେ ଆଉ ମିଳିବା ସମ୍ଭବ ନୁହେଁ । ଇଉରୋପ ମହାଦେଶରେ ଲଳିତ କଳା ବିଶେଷ କରି ଚିତ୍ରକଳାର ବିକାଶ ହେବାର ବହୁ ପୂର୍ବରୁ ଭାରତ, ଚୀନ, ଜାପାନ, କୋରିଆ ତଥା ସମଗ୍ର ଆମେରିକା ଭଳି ଦେଶର ଶିଳ୍ପୀମାନେ ସେଥିରେ ଯେଉଁ ଅନୁପମ ପାରଦର୍ଶିତା ଲାଭ କରିଥିଲେ, ତା'ର ବହୁ ପ୍ରମାଣ ଆଜି ଲୁପ୍ତପ୍ରାୟ । ଇଜିପ୍ସୀୟ ସଭ୍ୟତା ଅବଶେଷରୁ ସେସମୟର କଳାର ଯେଉଁ ନିଦର୍ଶନ ମିଳିଛି ତାହା ମାନବ ହାତର ଉତ୍କର୍ଷତାର ସଫଳ ମାତ୍ରା ବିଷୟରେ ଯଥେଷ୍ଟ ପ୍ରମାଣ ଦେଇଦେଇ ପାରୁଛି । ଭାରତବର୍ଷର ଅଜନ୍ତା, ଏଲୋରା ଓ ବିଭିନ୍ନ ମନ୍ଦିର ଗାତ୍ରରେ ଥିବା କଳା ସବୁ ବିଷୟରେ ମଧ୍ୟ ସେହିକଥା କୁହାଯାଇପାରେ । ଲୋପ ପାଇଯାଇଥିବା କଳାକୃତି ବା କଳା ସମ୍ଭାରର ସଂପୂର୍ଣ୍ଣ ପରିଚୟ ନ ମିଳୁଥିଲେ ମଧ୍ୟ ମାନବ ଇତିହାସ ଦୃଷ୍ଟିରୁ ତଥା ମାନବ ଚିନ୍ତାର ଇଭୋଲୁସନୀୟ ବିକାଶରେ ଏହାର ଗୁରୁତ୍ୱ କେତେ ସେ ବିଷୟରେ ସହଜରେ ଅନୁମାନ କରି ଦିଆଯାଇପାରିବ ।

ସାହିତ୍ୟ, ସଂଗୀତ ଓ ବହୁ ଧରଣର ଲଳିତ କଳା ସାଙ୍ଗକୁ ସ୍ଥାପତ୍ୟ, ଭାସ୍କର୍ଯ୍ୟ, ନିର୍ମାଣ ତଥା ଅନ୍ୟାନ୍ୟ କଳାକୃତି ମାନବ ଇତିହାସକୁ ଅଧିକ ରସମୟ, ଅଧିକ ପ୍ରାଣବନ୍ତ କରି ଗଢ଼ି ତୋଳିବାରେ ଯେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି, ସେ ବିଷୟରେ ପ୍ରାୟ ସମସ୍ତେ ଏକମତ । ପରେ ଯେତେବେଳେ ବିଜ୍ଞାନ ଓ ଟେକ୍‌ନୋଲଜି ମଣିଷ ସମାଜର ବିକାଶରେ ଗୋଟାଏ ପ୍ରଧାନ ଭୂମିକା ଗ୍ରହଣ କରିଗଲା, ସେତେବେଳେ ବିଜ୍ଞାନୀମାନେ, ଟେକ୍‌ନୋଲଜିବିତ୍‌ମାନେ ପୁରାତନ କଳାକୃତି ସବୁରୁ, ସେମାନଙ୍କ ଦୃଷ୍ଟିରୁ ଆବଶ୍ୟକୀୟ ଚିନ୍ତାଧାରା ଗୁଡ଼ିକୁ ଗ୍ରହଣ କରିଯିବାରେ ଯଥେଷ୍ଟ ଆଗ୍ରହ ପ୍ରକାଶ କରିଛନ୍ତି ବୋଲି ମଧ୍ୟ କୁହାଯାଇପାରିବ । ଇତିହାସବିତ୍ ମାନଙ୍କ କ୍ଷେତ୍ରରେ ମଧ୍ୟ ସେହିକଥା କୁହାଯାଇପାରେ ।

ଔଦ୍ୟୋଗିକ ବିକାଶ ଫଳରେ ଯେଉଁ ଟେକ୍‌ନୋଲଜୀୟ ସମାଜ ସବୁ ସୃଷ୍ଟି ହେଲା, ସେଥିରେ ସାମଗ୍ରିକ ଦୃଷ୍ଟିରୁ କଳା ଗୋଟାଏ ପ୍ରଧାନ ମାନସିକ ଉପଗ୍ରହର ଭୂମିକା ଗ୍ରହଣ କରିଯାଇଛି ବୋଲି ଧରିନିଆଯାଇପାରେ । କିନ୍ତୁ ଯୁଗ ଯୁଗ ଧରି ପାରମ୍ପାରିକ ଭାବେ ସବୁ ପ୍ରକାର କଳା ଯେଉଁଭଳି ସ୍ୱୀକୃତ ହୋଇ ଆସିଥିଲା କ୍ରମେ ସେଥିରେ ପରିବର୍ତ୍ତନ ଦେଖାଦେଲା । ସାହିତ୍ୟ, ନୃତ୍ୟ, ସଙ୍ଗୀତ, ସ୍ଥାପତ୍ୟ, ଭାସ୍କର୍ଯ୍ୟ, ଚିତ୍ରକଳା, ରେଖାଙ୍କନ ଓ ଅନ୍ୟ କଳାବିଭାଗ ଗୁଡ଼ିକ ଗୋଟାଏ ଧରଣର ନବ୍ୟ ଚେତନା ଦ୍ୱାରା ପ୍ରଭାବିତ ହେବାକୁ ଲାଗିଲେ । ସିନେମା, ଫଟୋଗ୍ରାଫି ଭଳି ଟେକ୍‌ନୋଲଜି ପ୍ରସୂତ ନୂଆ ବିଭାଗ ସବୁ କଳା ଭିତରକୁ ପଶି ଆସିଲା । ମୁଦ୍ରଣ ବିଦ୍ୟାରେ ଅଭୂତପୂର୍ବ ଅଗ୍ରଗତି କେତେକ ଧରଣର କଳାକୁ ସହଜରେ ସମାଜର ବହୁ ଲୋକଙ୍କ ପାଖରେ ନେଇ ପହଞ୍ଚାଇ ଦେଇ ପାରିବାକୁ

ସମର୍ଥ ହୋଇଗଲା । ବିଭିନ୍ନ ଗଣ-ମାଧ୍ୟମ, ବିଶେଷ କରି ରେଡିଓ, ଟେଲିଭିଜନ, ସିନେମା ଓ ସମ୍ବାଦ-ପତ୍ର ଜଣେ ସାଧାରଣ ଲୋକର କଳା ମୂଲ୍ୟାଙ୍କନ କ୍ଷମତା ତଥା ଚିନ୍ତା-ଧାରାକୁ ବହୁ ପରିମାଣରେ ବଢ଼ାଇ ଦେବା ସଙ୍ଗେସଙ୍ଗେ ମାର୍ଜିତ କରିଦେଇ ପାରିଲା । ଏହିଭଳି ହୋଇଆସୁଥିବା ବେଳେ କଳାର ସବୁ ବିଭାଗରେ ତେଣୁ ନୂତନତ୍ୱ ଭରିଗଲାଣି ବୋଲି ନିଃସନ୍ଦେହରେ କୁହାଯାଇପାରେ । ପୃଥିବୀବ୍ୟାପୀ ଘଟୁଥିବା ସାମାଜିକ ପରିବର୍ତ୍ତନ ହେଲା ଏହାର ମୂଳ କାରଣ ଗୁଡ଼ିକ ଭିତରୁ ଗୋଟିଏ । ଆଜିର ସମାଜରେ ସହଜରେ ଉପଲବ୍ଧ ହେଉଥିବା ଟେକ୍‌ନୋଲଜି କଥା ମଧ୍ୟ ଏ କ୍ଷେତ୍ରରେ ଉଲ୍ଲେଖ କଲେ କିଛି ଅପ୍ରାସଙ୍ଗିକ ହେବନାହିଁ ।

ମଣିଷର 'ସ୍ମୃତି' ଓ ମଣିଷ ସୃଷ୍ଟ 'କଳା' ବହୁ ଦିଗରୁ ଅଙ୍ଗାଙ୍ଗୀ ଭାବେ ଜଡ଼ିତ । ଉଭୟର ବୟସସୀମାରେ ମଧ୍ୟ ବିଶେଷ ପାର୍ଥକ୍ୟ ନ ଥାଇ-ପାରେ ବୋଲି ଅନେକ ପଣ୍ଡିତଙ୍କ ମତ । ଆମ ସ୍ମୃତି ବହୁ ଦୃଷ୍ଟିରୁ ଏ ପୃଥିବୀରେ, ଏ ଜୀବଜଗତରେ ଅଦ୍ୱିତୀୟ ସ୍ଥାନ ଲାଭ କରିପାରିଛି । ସେହି ଅଦ୍ୱିତୀୟତା ଭିତରୁ ଗୋଟିଏ ହେଲା—ସ୍ମୃତିର ଅତୀତକୁ ମନେ ପକାଇବା କ୍ଷମତା । ବର୍ତ୍ତମାନ ଅବସ୍ଥାରେ ଅତୀତକୁ ପ୍ରୟୋଗ କରିବା ତା'ର ପୁନଃନିୟୋଜନ କରି, ସେହି ବର୍ତ୍ତମାନକୁ ଅଧିକ ଅନୁପମ, ଅଧିକ ରୋଚକ କରିଦେବାରେ ମଧ୍ୟ ସ୍ମୃତିର ଦକ୍ଷତା ରହିଛି । ସେଥି-ପାଇଁ ସବୁବେଳେ ଏହି ପ୍ରକ୍ରିୟାରୁ ଜନ୍ମ ନେଇଛି ମାନବ ମନରେ ଥିବା କଳା ସୃଷ୍ଟିର ଆକାଙ୍‌କ୍ଷା । ଅତି ମହତ୍ତ୍ୱପୂର୍ଣ୍ଣ, ସୌନ୍ଦର୍ଯ୍ୟମୟ ପଦାର୍ଥକୁ ମନେ ରଖିବାର ଆନନ୍ଦ ଓ ସେହି ଆନନ୍ଦକୁ ଅନ୍ୟ ଜଣଙ୍କ ସହିତ ଭାଗ କରିବାର ସନ୍ତୋଷ କଥା କଳା ଯୋଗୁଁ ହିଁ ମଣିଷ ପାଇପାରିଛି; କଳାତ୍ମକ ଚିନ୍ତା ଯୋଗୁଁ ଯୋଜନ ଯୋଜନ ଦୂରରେ ଥିବା ବସ୍ତୁ ତା'ର ଭାବନା ଭିତରକୁ ପଶିଆସି ତାକୁ 'ନିକଟ'ରୁ ଉଲ୍ଲସିତ କରିଦେଇ ପାରୁଛି । ◻

# ଟେକ୍‌ନୋଲଜି

'ମଣିଷ' ଯେ 'ଗୋଟିଏ ସାମାଜିକ ପ୍ରାଣୀ' ଏକଥା ବହୁକାଳୁ କୁହାହୋଇ ଆସିଛି । କିନ୍ତୁ ଅଷ୍ଟାଦଶ ଶତାବ୍ଦୀରେ ମନୀଷୀ ବେଞ୍ଜାମିନ ଫ୍ରାଙ୍କ୍‌ଲିନ୍ ମଣିଷର ପ୍ରାଣୀତ୍ୱ ସହିତ ଅନ୍ୟ ଗୋଟିଏ କଥା ବା ବିଶେଷଣକୁ ଯୋଡ଼ିଦେଲେ । ସେ କହିଦେଲେ ଯେ "ମଣିଷ ହେଲା ଗୋଟିଏ *ଯନ୍ତ୍ର ତିଆରି କରୁଥିବା ପ୍ରାଣୀ* ।" ଫ୍ରାଙ୍କ୍‌ଲିନ୍‌ଙ୍କର ଏଇ କଥା ପଦକରୁ ମଣିଷ ଓ ଟେକ୍‌ନୋଲଜି ଭିତରେ ଥିବା ନିବିଡ଼ ସଂପର୍କର ପରିଚୟ ଜଣେ ସାମାନ୍ୟ ଉଦ୍ୟମ କରି ନିଶ୍ଚୟ ପାଇଯାଇ ପାରିବ ।

ନୂଆ ନୂଆ କଥା, ନୂଆ ନୂଆ ପଦାର୍ଥ, ନୂଆ ନୂଆ ଯନ୍ତ୍ର ସୃଷ୍ଟି କରିବା, ଆବିଷ୍କାର କରିବା ବା ଉଦ୍‌ଭାବନ କରିବାର ଆବଶ୍ୟକତା ବିଷୟରେ ଏବେ ଆଉ ଆଲୋଚନାର ଅବକାଶ ନାହିଁ । କାରଣ ସେଭଳି କରିବାଟା ହୋଇଉଠିଛି ମଣିଷ ଜାତିର ସତ୍ତାରକ୍ଷା ନିମନ୍ତେ ଏକାନ୍ତ ପ୍ରୟୋଜନୀୟ । ତାହା ନ କରିପାରିଥିଲେ ଧରିତ୍ରୀ ପୃଷ୍ଠରୁ ଆଜିର ସର୍ବଶ୍ରେଷ୍ଠ ଜୀବଟି ବୋଧହୁଏ ବହୁକାଳୁ ଲୋପ ପାଇଯାଆନ୍ତାଣି । ବିଭିନ୍ନ ପ୍ରାକୃତିକ ବଳ କବଳରୁ ରକ୍ଷା ପାଇବା ନିମନ୍ତେ 'ଉଲଗ୍ନ' ମଣିଷ ଶରୀରଟିରେ ପ୍ରକୃତି କାହିଁକି କେଜାଣି କାତି, କେଶ, ପକ୍ଷ, କିମ୍ବା ପୃଷ୍ଠବର୍ମ ଖଞ୍ଜି ଦେଇ ନ ଥିଲା । ଆହୁରି ମଧ୍ୟ ଜନ୍ତୁ ଜାନୁଆରଙ୍କ ସହିତ ଲଢ଼ିବା ପାଇଁ ତା ଦେହରେ ଖଞ୍ଜି ନ ଥିଲା ଦାନ୍ତ, ବିଷଦାନ୍ତ କିମ୍ବା ଗୋଟିଏ ଶୁଣ୍ଢ । ଦୌଡ଼ି ପଳାଇଯିବାର କ୍ଷମତାରେ ସେ ଥିଲା ଅନ୍ୟ ବହୁ ଜୀବଙ୍କ ଠାରୁ ଗୌଣ । ଶତ୍ରୁ ହାତରୁ ଉଦ୍ଧାର ପାଇବା ନିମନ୍ତେ, ଜୀବନରକ୍ଷା ନିମନ୍ତେ ସଫଳତାର ସହିତ ଗଛ ଚଢ଼ିଯିବା, ପରିବେଶ ସହିତ ନିଜକୁ ହଜାଇଦେବା ବା ଛଳନା କରି ପଡ଼ି ରହିବାର ଆବଶ୍ୟକୀୟ କଳା ମଧ୍ୟ ପ୍ରକୃତି ମଣିଷକୁ ଦେଇ ନ ଥିଲା । ତେଣୁ ମଣିଷ ଥିଲା ଶାରୀରିକ ଭାବେ ଜୀବଜଗତର ଅନ୍ୟ ବହୁ ଜୀବଙ୍କ ତୁଳନାରେ ନିରାଶ୍ରୟ, ବହୁ ଜୀବଙ୍କ ଠାରୁ ଗୌଣ । କିନ୍ତୁ ଗୋଟିଏ କଥା ସେ କରିଦେଇଥିଲା । ଏଭଳି ଅସୁବିଧାର ସମ୍ମୁଖୀନ ହେବାପାଇଁ ଯେଉଁ 'ସ୍ୱତନ୍ତ୍ର କ୍ଷମତା' ଆବଶ୍ୟକ, ତାହା ପ୍ରକୃତି ତାକୁ ଦେଇଦେଇଥିଲା । ସେହି କ୍ଷମତାଟି ହେଲା—ମସ୍ତିଷ୍କ ଭଳି ସଂବେଦୀ ଇନ୍ଦ୍ରିୟ ଗୁଡ଼ିକର ଉପଯୋଗ କରିବାର ମଣିଷ ପାଖରେ ଥିବା କ୍ଷମତା । 'କଳ୍ପନା' କରିବାର ଶକ୍ତି ଓ 'ଅଙ୍ଗୁଳି ଚାଳନ କ୍ଷମତା' ସହିତ ଯେତେବେଳେ ଏହି ଇନ୍ଦ୍ରିୟ ଗୁଡ଼ିକର ଉପଯୁକ୍ତ ସଙ୍ଗମ ହୋଇଗଲା ସେତେବେଳେ ଜୀବଜଗତରେ ମଣିଷ ଗୋଟାଏ ଅପ୍ରତିଦ୍ୱନ୍ଦୀ ସ୍ଥାନ ହାସଲ କରିଗଲା ବୋଲି ଆଜି ନିଶ୍ଚିତ ଭାବେ କୁହାଯାଇପାରିବ ।

ମଣିଷ ଭବିଷ୍ୟତ କଥା କଳ୍ପନା କରିପାରୁଥିବାରୁ ସମୟକ୍ରମେ ତା'ର ବଞ୍ଚିବା ପାଇଁ କ'ଣ କ'ଣ ଆବଶ୍ୟକତା ରହିଛି, ସେ କଥା ସେ ସହଜରେ ଅନୁମାନ କରିଦେଇ ପାରିଲା । ତେଣୁ ଜୀବଜନ୍ତୁଙ୍କୁ ଡରାଇବା ପାଇଁ ବା ସେମାନଙ୍କ ହାବୁଡ଼ରୁ ରକ୍ଷା ପାଇବାପାଇଁ ସବୁବେଳେ ଗଛରୁ ଡାଳ ଖଣ୍ଡେ ନ ଭାଙ୍ଗି ପାଖରେ ସ୍ଥାୟୀ ଭାବେ ଠେଙ୍ଗାଟିଏ ରଖିବା ଭଳି କଥା ତା ଚିନ୍ତା ଭିତରକୁ ଆସିଗଲା । ଅନ୍ୟ ବହୁଜୀବଙ୍କ ପାଖରେ ଥିବା ପ୍ରକୃତିଦତ୍ତ କ୍ଷମତାର ପ୍ରତିରୂପ ଗୁଡ଼ିକୁ ମଧ୍ୟ ସେ ନିଜ ମସ୍ତିଷ୍କକୁ ବ୍ୟବହାର କରି କାଳକ୍ରମେ ତିଆରି କରିଦେଇପାରିଲା । ସେଥିରୁ ସେ ପ୍ରକୃତିକୁ ନିଜ ପାଇଁ କାମରେ ଲଗାଇବା ବା ଉପଯୋଗ କରିବାର କ୍ଷମତା ହାସଲ କରିଗଲା । ଏହାପରେ ପ୍ରକୃତିସୃଷ୍ଟ ପରିବେଶ ଭିତରେ ସଂକୁଚିତ ଅବସ୍ଥାରେ ରହିବାର ଆବଶ୍ୟକତା ଆଉ ତା ପାଇଁ ରହିଲା ନାହିଁ । ମଣିଷ ଉପଯୁକ୍ତ ପୋଷାକ ପିନ୍ଧି 'ଦୁର୍ଗମ' ଜଳବାୟୁକୁ ଜୟ କରିଯାଇ ପାରିଲା; ଅଗ୍ନିକୁ ଆୟତ୍ତ କରିବାର ସାହସ ତା କ୍ଷେତ୍ରରେ ଦେଖାଦେଲା; ସେ ଚାଷ କରି ଶିଖିଲା, ଜୀବଜନ୍ତୁ ପାଳିଲା ଓ ଏସବୁ ଅଭିଜ୍ଞତାରୁ ନିଜ ପରିଶ୍ରମର ବିକାଶ ନିମନ୍ତେ ଭିନ୍ନ ଭିନ୍ନ ପ୍ରକାର ଯନ୍ତ୍ର ତିଆରି କରିଦେଇ ଟେକ୍‌ନୋଲଜିର ମୂଳଦୁଆ ପକାଇ ଦେଲା ।

ପ୍ରତ୍ୟକ୍ଷ ଓ ପ୍ରତ୍ୟୟ—ଏ ଉଭୟ ଦିଗ ବିଷୟରେ ମଣିଷ ସବୁବେଳେ ସଚେତନ ଥିବାରୁ ନୂଆ ସୃଷ୍ଟି ବା ଉଦ୍‌ଭାବନ କରିବା କ୍ରିୟାଟି ତା ପାଇଁ ସବୁବେଳେ ଗୋଟାଏ ଦୃଷ୍ଟିରୁ ସହଜ ତଥା ସରଳ ହୋଇଯାଇଛି ବୋଲି କୁହାଯାଇପାରିବ । ମସ୍ତିଷ୍କର ଥିବା ସ୍ମୃତି କ୍ଷମତା ତାକୁ ଏଥିରେ ସାହାଯ୍ୟ କରିଛି । ଏକଥା ମଧ୍ୟ ସତ ଯେ କୌଣସି ଗୋଟାଏ ପଦାର୍ଥକୁ ତିଆରି କରିପାରିବାର ଆନୁସଙ୍ଗିକ ବ୍ୟବସ୍ଥା ନିଜ ସମୟରେ ଉପଲବ୍ଧ ହେଉ ନ ଥିଲେ ମଧ୍ୟ ସେହି ବସ୍ତୁଟି ବିଷୟରେ ମଣିଷ କିନ୍ତୁ ଭାବି ପାରିଛି, ତା ବିଷୟରେ କଳ୍ପନା କରିପାରିଛି । ଉଦାହରଣ ସ୍ୱରୂପ ଗଲା ଶହେ ବର୍ଷ ଭିତରେ ମଣିଷ ଜାତି ଯେଉଁସବୁ ପ୍ରମୁଖ ଉଦ୍‌ଭାବନ ପାଇଁ ଗର୍ବ କରିଆସିଛି, ସେ ସବୁ ଉଦ୍‌ଭାବନର କଳ୍ପନା କିନ୍ତୁ ବହୁ ଶହ ବର୍ଷ ତଳେ କରାଯାଇଥିବା ବା ବହୁ ଶହ ବର୍ଷର ପୁରୁଣା ଚିନ୍ତା ବୋଲି କହିଲେ କିଛି ଅତ୍ୟୁକ୍ତି ହେବ ନାହିଁ । ସବୁ ପ୍ରକାର ଇଞ୍ଜିନଚାଳିତ ଯାନ, ସର୍ଭୋମୋଟର, ଉଡ଼ାଜାହାଜ ଓ

ଆଜିର ଜଳଜାହାଜ ଠାରୁ ଆରମ୍ଭ କରି ଅଥଳ ମହାସାଗର ଶଯ୍ୟାରେ ପହଞ୍ଚି ପାରୁଥିବା ସବ୍‌ମାରିନ୍ କିମ୍ବା ବାଥିଷ୍କିଅର ଭଳି ଯନ୍ତ୍ର ଗୁଡ଼ିକର କଳ୍ପନା ମଣିଷ ମନରେ ପ୍ରାୟ ଛ'-ସାତ ଶହ ବର୍ଷ ତଳୁ ଉଙ୍କି ମାରିଛି । କିନ୍ତୁ ସେ ସମୟରେ ନିର୍ଦ୍ଦିଷ୍ଟ ଔଦ୍ୟୋଗିକ ବ୍ୟବସ୍ଥା ତଥା ବୈଜ୍ଞାନିକ ପ୍ରଣାଳୀର ଅଭାବ ମଣିଷର ଏଭଳି ଦୂରଦୃଷ୍ଟି, ଏଭଳି ଚିନ୍ତାକୁ ସାକାର କରିବାକୁ ସୁଯୋଗ ଦେଇ ନ ଥିଲା । ଏକଥା ମନେ ରଖିବାକୁ ହେବ ଯେ ଏହି ବୈଜ୍ଞାନିକ ପ୍ରଣାଳୀ ବା ପ୍ରକ୍ରିୟା ଦ୍ୱାରା ହିଁ ସେ ନିର୍ଦ୍ଦିଷ୍ଟ ଭାବେ ଗୋଟିଏ ବିଷୟରେ ଚିନ୍ତା କରିପାରିବା ସଙ୍ଗେ ସଙ୍ଗେ ତାତ୍ତ୍ୱିକ ନିୟମର ଉପଯୋଗ କରି ଏଭଳି ପରୀକ୍ଷା ସବୁ କରିଦିଏ, ଯାହାକୁ କି ଅନ୍ୟମାନେ ଗ୍ରହିଲେ ସଠିକ ଭାବେ ଆଉଥରେ କରିଦେଇ ପାରନ୍ତି ।

କଥା ଦ୍ୱାରା, ଭାଷା ଦ୍ୱାରା ମଣିଷ ନିଜ ଅଭିଜ୍ଞତାକୁ ବଂଶାନୁକ୍ରମେ ଅନ୍ୟମାନଙ୍କୁ ଦାନ କରିଦେଇପାରିଥାଏ । ସେଥିପାଇଁ ଗୁରୁଙ୍କ ଠାରୁ ଶିଷ୍ୟ ଗୋଟାଏ କଥା ଶିଖିଯାଇ ପାରୁଛି, ବାପା ଠାରୁ ପୁଅ ଗୋଟାଏ ଗୋଟାଏ ଦିଗରେ ସମାନ ଦକ୍ଷତା ହାସଲ କରିଯାଇ ପାରୁଛି । ଅନେକ ସମୟରେ ପୋଥି, ପାଣ୍ଡୁଲିପି, ଛାପା ଯାଇଥିବା ବହି ସବୁ ବା ଅନ୍ୟାନ୍ୟ ପଠନଯୋଗ୍ୟ ପ୍ରଣାଳୀ ତାକୁ ଏ ଦିଗରେ ସାହାଯ୍ୟ କରୁଛନ୍ତି । ଫଳରେ ନୂଆ ନୂଆ କଥା ଉଦ୍‌ଭାବନ କରିବାପାଇଁ, ନୂଆ ନୂଆ ଯନ୍ତ୍ର ତିଆରି କରିବାପାଇଁ ପୃଥିବୀର ସ୍ୱରିଆଡ଼େ ଆଉ ସମସ୍ତେ ସବୁବେଳେ ଏକା ରକମର ଉଦ୍ୟମ କରିବାର ଆବଶ୍ୟକତା ରହୁନାହିଁ । ତେଣୁ ଏହିସବୁ କଥାର ଗୋଟିଏ ନିୟମିତ ତଥା ସୁନିୟନ୍ତ୍ରିତ ବ୍ୟବହାର ହେଲା, 'ଟେକ୍‌ନୋଲଜି' ଭଳି ପରିପ୍ରକାଶର ଗୋଟିଏ ସବୁଠାରୁ ସରଳ ଅର୍ଥ ବୋଲି ଧରିନିଆଯାଇପାରେ ।

ଦୁଇଟି ଗ୍ରୀକ୍ ମୂଳ ଶବ୍ଦରୁ ଏହି ଇଂରାଜୀ ଶବ୍ଦଟି ଆସିଛି । ସେ ଭାଷାରେ 'ଟେକ୍‌ନେ'ର ଅର୍ଥ ହେଲା କଳା ଓ 'ଲଜିଆ'ର ଅର୍ଥ ହେଲା ଭାଷା । ପୁରାତନ ଗ୍ରୀକ୍‌ରେ କିନ୍ତୁ ଏ ଦୁଇଟି ଶବ୍ଦକୁ ମିଶାଇ ଗୋଟିଏ ଶବ୍ଦ ସୃଷ୍ଟି କରିବା ନିମନ୍ତେ କେହି ଉଦ୍ୟମ ନ କରିବାର କାରଣ ହେଲା ସେ ସମୟରେ ଗ୍ରୀକ୍ ପଣ୍ଡିତମାନଙ୍କ ଭିତରେ ଶରୀର ଶ୍ରମର ଉପଯୋଗ କରି କରାଯାଉଥିବା କାର୍ଯ୍ୟ ପ୍ରତି ଥିବା 'ବିରାଗ' ଭାବ । ଶ୍ରମ ବିନା ଟେକ୍‌ନୋଲଜିର କୌଣସି ଦିଗ ହାସଲ କରିବା ସମ୍ଭବ ହେଉ ନ ଥିବାରୁ ଓ ଜଣେ ବିଦ୍ୱାନ ଏଭଳି ଶ୍ରମ କରିବାଟା ବୌଦ୍ଧିକ ଅନୁଶୀଳନର ପରିପନ୍ଥୀ ବୋଲି ଅଧିକାଂଶ ଗ୍ରୀକ୍ ପଣ୍ଡିତ ଦୃଢଭାବେ ବିଶ୍ୱାସ କରିଯାଇଥିବାରୁ, ଟେକ୍‌ନୋଲଜିକୁ ସେମାନେ ସବୁବେଳେ ଟିକିଏ ହୀନ ଦୃଷ୍ଟିରେ ଦେଖୁଥିଲେ ।

ଗ୍ରୀକ୍ ପଣ୍ଡିତ ବା ଦାର୍ଶନିକ ମାନଙ୍କ ସମୟରେ ଟେକ୍‌ନୋଲଜି କ୍ଷେତ୍ରରେ ଥିବା ଏହି ବୌଦ୍ଧିକ କୃପାଳୁତା ଆଜି ମଧ୍ୟ ଅଛି ବୋଲି କୁହାଯାଇପାରେ । ସେଥିପାଇଁ ସବୁବେଳେ 'ବିଜ୍ଞାନ ଓ ଟେକ୍‌ନୋଲଜି' ବୋଲି କୁହାଯାଇଥାଏ—ଯଦିଓ ବହୁ ଉତ୍କର୍ଷ ଟେକ୍‌ନୋଲଜି ଆଜି ଶୁଦ୍ଧବିଜ୍ଞାନ ଭାବେ ପଣ୍ଡିତମାନଙ୍କ ଦ୍ୱାରା ସଂପୂର୍ଣ୍ଣ ଭାବେ ସ୍ୱୀକୃତ ହୋଇଗଲାଣି । ଉଭୟ ବିଜ୍ଞାନ ଓ ଟେକ୍‌ନୋଲଜି ନିଜ ନିଜ କ୍ଷେତ୍ରରେ ବିଜ୍ଞାନସମ୍ମତ ନିୟମ ବା ପ୍ରଣାଳୀ ଗୁଡ଼ିକୁ ଅବଶ୍ୟ ଅବଲମ୍ବନ କରିଥା'ନ୍ତି । ଜ୍ଞାନର ଏହି ଦୁଇ ବିଭାଗ ଭିତରେ ଥିବା ପାର୍ଥକ୍ୟ ସଂକ୍ରାନ୍ତୀୟ ବୌଦ୍ଧିକ ସମସ୍ୟା କଥା ଆଲୋଚନା କଲାବେଳେ ଅନେକେ ଇତାଲୀୟ ଚିତ୍ରଶିଳ୍ପୀ ଲିଓନାର୍ଦୋ ଦା-ଭିନ୍‌ଚିଙ୍କ ଉଦାହରଣ ଦେଇଥା'ନ୍ତି । ତାଙ୍କ ସମୟରେ ଶୁଦ୍ଧବିଜ୍ଞାନ କ୍ଷେତ୍ରରେ ସେ ଯେଉଁ ଅବଦାନ ଦେଇଯାଇଥିଲେ ସେଥିପାଇଁ ଭିନ୍‌ଚି ପ୍ରସିଦ୍ଧ । କିନ୍ତୁ ଅସୁମାରୀ ହାତ ହତିଆର, ଯନ୍ତ୍ରପାତିର ଟେକ୍‌ନୋଲଜୀୟ ଉଦ୍‌ଭାବନ, କଳ୍ପନା ତଥା ଡିଜାଇନ ପାଇଁ ମଧ୍ୟ ତାଙ୍କୁ ସ୍ୱୀକାର କରାଯାଇଥାଏ । ତେଣୁ ପ୍ରକୃତରେ ଦା-ଭିନ୍‌ଚି ଥିଲେ କ'ଣ—ଜଣେ ବିଜ୍ଞାନୀ ନାଁ ଜଣେ ଟେକ୍‌ନୋଲଜିବିତ୍ ? ବୋଲି ସେମାନେ ପ୍ରଶ୍ନ କରିଥା'ନ୍ତି । ଆମେରିକୀୟ ଟମାସ ଆଲ୍‌ଭା ଏଡିସନଙ୍କ କ୍ଷେତ୍ରରେ ମଧ୍ୟ ଏହି ଧରଣର କଥା କୁହାଯାଇପାରେ । ତାଙ୍କ ଚିନ୍ତା ପ୍ରସୂତ ସିଦ୍ଧାନ୍ତ 'ଏଡିସନ୍ ପ୍ରଭାବ' ଶୁଦ୍ଧବିଜ୍ଞାନର ପରିସୀମା ଭିତରେ ରହୁଥିଲାବେଳେ ତାଙ୍କୁ ଦୁନିଆ କିନ୍ତୁ ମନେ ରଖିଛି ସେ କରିଥିବା ଶହ ଶହ ଛୋଟ ବଡ଼ ଟେକ୍‌ନୋଲଜୀୟ ସୃଷ୍ଟି ନିମନ୍ତେ । ବିଂଶ ଶତାବ୍ଦୀ ଶେଷ ହୋଇ ଆସିଲା ବେଳକୁ ଯେଉଁ 'କ୍ୱାଣ୍ଟମ କଂପିଉଟର' ତିଆରି ହୋଇଯିବାର ସମ୍ଭାବନା ଦେଖାଦେଲାଣି, ସେଥିରେ ଲାଗିଥିବା ବିଜ୍ଞାନୀମାନଙ୍କ କଥା ମଧ୍ୟ ଏ କ୍ଷେତ୍ରରେ ନିଆଯାଇପାରେ । ଶୁଦ୍ଧ ବିଜ୍ଞାନର ନିୟମ ଅନୁସରଣ କରି ସେମାନେ ଯେଉଁ କଂପିଉଟର ତିଆରି କରିଦେବାର ସାମର୍ଥ୍ୟ ହାସଲ କରିଛନ୍ତି, ସେହି କଂପିଉଟର ତିଆରି କରିବା ନିମନ୍ତେ ଉପଯୋଗ କରାଯାଉଥିବା ଇଞ୍ଜିନିଅରିଙ୍ଗ୍ ବା ଟେକ୍‌ନୋଲଜୀୟ ପ୍ରଣାଳୀର ପ୍ରୟୋଗାତ୍ମକ ଫଳ ସ୍ୱରୂପ ବିଜ୍ଞାନର ଅନେକ ନୂଆ ତତ୍ତ୍ୱ ବାହାରି ପଡ଼ିବାର ସମ୍ଭାବନା ଦେଖାଦେଲାଣି ବୋଲି ୧୯୯୭ ମସିହା ଆରମ୍ଭ ବେଳକୁ ପ୍ରକାଶ ପାଇଛି । ତେଣୁ ସେହି ବିଜ୍ଞାନୀମାନେ କ'ଣ ? କେବଳ ଶୁଦ୍ଧ ବିଜ୍ଞାନୀ ନା ଟେକ୍‌ନୋଲଜିବିତ୍ ? ଏ ପ୍ରଶ୍ନର ଉତ୍ତର ଖୋଜି ପାଇବା କିନ୍ତୁ ସହଜ ହେଉନାହିଁ । ଆଜିର ପୃଥିବୀର ବହୁ ପ୍ରମୁଖ ଟେକ୍‌ନୋଲଜି ଯେ ଶୁଦ୍ଧ ବିଜ୍ଞାନ ଠାରୁ ଭିନ୍ନ, ଏକଥା କହିବା ଲୋକଙ୍କ ସଂଖ୍ୟା କିନ୍ତୁ ନିଶ୍ଚିତ ଭାବେ କମି ଆସୁଛି ବୋଲି ଧରିନିଆଯାଇପାରେ ।

ପରମ୍ପରାଗତ ଭାବେ ବିଜ୍ଞାନ ବା ବୈଜ୍ଞାନିକ ଗବେଷଣା ସୋପାନକୁ ସାଧାରଣତଃ ସ୍ୱରୋଟି ଭାଗରେ ବିଭକ୍ତ କରି ଦିଆଯାଇଥାଏ : ସଂପୂର୍ଣ୍ଣ ଭାବେ ବିଦ୍ୟାନୁସନ୍ଧାନ ଦୃଷ୍ଟିରୁ ଯେଉଁ ଶୁଦ୍ଧ ଗବେଷଣା ହୁଏ ତାହା ମାନବ-

ଜ୍ଞାନର ପରିସୀମା ବୃଦ୍ଧି କରିବା ପାଇଁ ସବୁବେଳେ ଉଦ୍ଦିଷ୍ଟ । ଏଭଳି କରୁଥିବା ପଣ୍ଡିତଙ୍କ କାମଟି ଉପଯୋଗକ୍ଷମ କି ନୁହେଁ ସେକଥା ବିଷୟରେ ଚିନ୍ତା କରା ନ ଯାଇ ସେହି ମୁକ୍ତ କାମର 'ସତ୍ୟନିଷ୍ଠା' ଦିଗ ବିଷୟରେ ଅଧିକ ଆଲୋଚନା କରାଯାଇଥାଏ । ଆଉ ଗୋଟିଏ ଧରଣର ଶୁଦ୍ଧ ଗବେଷଣା ହେଲା ନିର୍ଦ୍ଦିଷ୍ଟ ଭାବେ କରିବାକୁ କୁହାଯାଉଥିବା କୌଣସି ଅନୁସନ୍ଧାନ । ଏଭଳି ଗବେଷଣା କରିବାପାଇଁ ପଣ୍ଡିତ ମାନଙ୍କୁ ସାଧାରଣତଃ ଯଥେଷ୍ଟ ସୁବିଧା ସୁଯୋଗ ଯୋଗାଇ ଦିଆଯାଇଥାଏ । ବ୍ୟାବହାରିକ ଗବେଷଣା ହେଲା ସଂପୂର୍ଣ୍ଣ ଭାବେ ଗୋଟିଏ ନିୟନ୍ତ୍ରିତ କାମ—ଏଥିରେ ଗବେଷକ କ'ଣ କରିବା ଉଚିତ ସେ କଥା ତାଙ୍କୁ ସ୍ପଷ୍ଟ ଭାବେ ଜଣାଇ ଦିଆଯାଇଥାଏ ଓ ସେଭଳି କାମରେ ତାଙ୍କଠାରୁ ଆବଶ୍ୟକୀୟ ସଫଳତା ଆଶା କରାଯାଏ । ଗବେଷଣା ସୋପାନର ଶେଷ ଭାଗଟି କିନ୍ତୁ ହେଲା ଗବେଷଣାଲବ୍ଧ ଜ୍ଞାନର ବିକାଶ ବା ପ୍ରକୃତ ଟେକ୍ନୋଲଜି । ଏଥିରେ ପ୍ରଥମ ତିନୋଟି ଭାଗରୁ ମିଳୁଥିବା ଗବେଷଣାଲବ୍ଧ ଜ୍ଞାନର ଫଳକୁ ସାଧାରଣ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ଉଦ୍ୟମ କରାଯାଇଥାଏ । ସେଥିପାଇଁ 'ଗବେଷଣା ଓ ବିକାଶ' ବିଜ୍ଞାନୀ ସବୁ ରହିଥା'ନ୍ତି । ଗବେଷଣା ସୋପାନର ଏହି ଭାଗଟିକୁ କାର୍ଯ୍ୟକ୍ଷମ କରିବା ନିମନ୍ତେ ବେଳେବେଳେ ଅଜସ୍ର ଅର୍ଥ ବ୍ୟୟ କରିବାକୁ ପଡ଼ିଥାଏ ।

'ଗବେଷଣା ଓ ବିକାଶ' ପ୍ରକ୍ରିୟା ହିଁ ଆଜି ପୃଥିବୀରେ ଦେଖା ଦେଇଥିବା ଔଦ୍ୟୋଗିକ ବିକାଶ ନିମନ୍ତେ ଦାୟୀ । ଏହି ପ୍ରକ୍ରିୟା ଦ୍ୱାରା ଟେକ୍ନୋଲଜୀୟ ମାନବ ସମାଜର ସାମଗ୍ରିକ ସଂସ୍କୃତି କିଭଳି ହେବ ତାହା ସ୍ଥିରୀକୃତ ହୋଇଯାଇଥାଏ; ବାଣିଜ୍ୟିକ ବିକାଶର ଧାରା ଏହାଦ୍ୱାରା ନିର୍ଦ୍ଧାରିତ ହୋଇଯାଇଥାଏ ।

ଶୁଦ୍ଧବିଜ୍ଞାନ ଓ ଟେକ୍ନୋଲଜି ଭିତରେ ଥିବା ସଂପର୍କର ଗୋଟାଏ ମୌଳିକ ସାମଞ୍ଜସ୍ୟ ହେଲା ଉଭୟେ ସବୁବେଳେ ଉଭୟଙ୍କର ପରିପୂରକ । ତେଣୁ ଗୋଟାଏ ନୂଆ ବୈଜ୍ଞାନିକ ତତ୍ତ୍ୱ ବାହାରି ପଡ଼ିଲେ ଟେକ୍ନୋଲଜିବିତ୍‌ମାନେ ଲାଗିପଡ଼ନ୍ତି କିଭଳି ସେମାନଙ୍କ ଦୃଷ୍ଟିରୁ ସେହି ତତ୍ତ୍ୱର ଉପଯୋଗ କରିହେବ । ସେହିପରି ଟେକ୍ନୋଲଜି ସୃଷ୍ଟ ଜଟିଳ ତଥା ଅତିସୂକ୍ଷ୍ମ ଯନ୍ତ୍ରପାତି ସବୁ ବ୍ୟବହାର କରି ଅନେକ ସମୟରେ ଶୁଦ୍ଧ-ବିଜ୍ଞାନର ବହୁ ନୂଆ ତତ୍ତ୍ୱ କଥା ମଧ୍ୟ ଜଣାପଡ଼ିଯାଇଛି । *ସାଇବର୍‌ନେଟିକସ୍* ବିଜ୍ଞାନର ଉଦାହରଣ ଏଠି ଦିଆଯାଇପାରେ । ମାନବଜ୍ଞାନର ଏହି ବିଭାଗଟିରେ ତାତ୍ତ୍ୱିକ ବିକାଶ ଯୋଗୁଁ ହିଁ ଆଜିର କଂପିଉଟର ସମ୍ଭବ ହୋଇପାରିଛି । କିନ୍ତୁ ଗାଣିତିକ ବିଜ୍ଞାନୀମାନେ, ଗଣିତଜ୍ଞମାନେ କଂପିଉଟରର ମୂଳତତ୍ତ୍ୱ କଥା ବହୁଦିନୁ ଜାଣିଥିଲେ ମଧ୍ୟ ତାକୁ ଉପଯୋଗୀ ବ୍ୟବସ୍ଥାରେ ରୂପାନ୍ତରିତ କରିବାପାଇଁ ଆବଶ୍ୟକ ହେଉଥିବା ଯନ୍ତ୍ରବ୍ୟବସ୍ଥା ବା ହାର୍ଡଓଆର ଗୁଡ଼ିକ ଇଲେକ୍‌ଟ୍ରୋନିକ ଇଞ୍ଜିନିଅର ମାନଙ୍କ ଦ୍ୱାରା ତିଆରି ହେବା ପର୍ଯ୍ୟନ୍ତ, ସେହି ତତ୍ତ୍ୱର ସଫଳ ପ୍ରୟୋଗ କଥା ଦେଖିବା ପାଇଁ ସେମାନଙ୍କୁ ଅପେକ୍ଷା କରିବାକୁ ପଡ଼ିଥିଲା । କଂପିଉଟର କିଭଳି ମାନବବିକାଶ ପ୍ରକ୍ରିୟାକୁ ଗୋଟାଏ ଭିନ୍ନ ମୋଡ଼ ଦେଇଦେଉଛି ସେ କଥାର ବିସ୍ତୃତ ବର୍ଣ୍ଣନା କରିବାର ଆବଶ୍ୟକତା ଏଠାରେ ନାହିଁ । ଯଦି ଟେକ୍ନୋଲଜି ଦ୍ୱାରା କଂପିଉଟର ହାର୍ଡଓଆର ତିଆରି ନ ହୋଇପାରିଥା'ନ୍ତା, ତେବେ ଶୁଦ୍ଧ ବିଜ୍ଞାନର ଅଧିକାଂଶ ବିଭାଗରେ ଗବେଷଣା କରିବା ଆଜି ସମ୍ଭବପର ହୁଅନ୍ତା ନାହିଁ ବୋଲି ସ୍ୱୀକାର କରିଯିବାରେ କିଛି ଅସୁବିଧା ନାହିଁ ।

କେତେକଙ୍କ ମତରେ ଟେକ୍ନୋଲଜିକୁ ମୋଟାମୋଟି ଗୋଟାଏ ଧରଣର ଇଞ୍ଜିନିଅରିଙ୍ଗ୍ ଅନୁଭବ ଭିତରେ ସୀମାବଦ୍ଧ କରି ରଖିଦେବାଟା ଠିକ୍ ନୁହେଁ । କାରଣ ଏହି 'ପ୍ରୟୋଗାତ୍ମକ କଳା'ଟିର ଯେତେଗୁଡ଼ିଏ ବିଭାଗ ରହିଛି, ସେସବୁ ତୁଳନାତ୍ମକ ଭାବେ, କ୍ରମାନ୍ୱୟରେ ମଣିଷ କ୍ଷେତ୍ରରେ ସାଂସ୍କୃତିକ ତଥା ସାମାଜିକ ପରିବର୍ତ୍ତନ ଆଣି ପହଞ୍ଚାଇ ଦେଇଛନ୍ତି । ବଣ ଜଙ୍ଗଲରୁ ଖାଦ୍ୟ ସଂଗ୍ରହ କରିବା ବିଦ୍ୟା ଠାରୁ ଆରମ୍ଭ କରି କାଳକ୍ରମେ କୃଷି, ପଶୁପାଳନ, ଖଣି ଖାଦାନର ଉପଯୋଗ, ବିଭିନ୍ନ ପ୍ରକାର ନିର୍ମାଣ ବିଦ୍ୟା, ପରିବହନ, ଉର୍ଜା ଉତ୍ପାଦନ, ବିଦ୍ୟୁତିକରଣ, ଖାଦ୍ୟପ୍ରକ୍ରିୟାକରଣ, ଯୋଗାଯୋଗ, ସାମରିକ ଇଞ୍ଜିନିଅରିଙ୍ଗ୍ ଓ ଚିକିତ୍ସାବିଜ୍ଞାନ ଇତ୍ୟାଦି ହୋଇଯାଇଛନ୍ତି ସେହି ପ୍ରୟୋଗାତ୍ମକ କଳାର ଅନ୍ତର୍ଗତ । ଏକଥା ନିଶ୍ଚିତ ଯେ ପୃଥିବୀର ସବୁ ଅଞ୍ଚଳରେ ଆଗପଛ ହୋଇ ଟେକ୍ନୋଲଜି ଦ୍ୱାରା ଆନୀତ, ଟେକ୍ନୋଲଜି ସୃଷ୍ଟ ପରିବର୍ତ୍ତନ ମାତ୍ରାନୁଯାୟୀ ଅନୁଭୂତ ହୋଇଆସିଛି । ତେଣୁ ଇଉରୋପୀୟମାନେ ଆଜି ତୁଳନାରେ ଯେତେବେଳେ ଅସଭ୍ୟ ଥିଲେ ବା ସେଠି ଅନ୍ଧକାର ଯୁଗ ରାଜତ୍ୱ କରୁଥିଲା ବୋଲି କୁହାଯାଏ, ସେତେବେଳେ ଭାରତ, ଚୀନ, ଜାପାନ, ଇଜିପ୍ଟ ଭଳି ଦେଶ ଗୁଡ଼ିକରେ ବିଜ୍ଞାନ-ଟେକ୍ନୋଲଜି ବା ଅନ୍ୟ ଅର୍ଥରେ କହିବାକୁ ଗଲେ ସେହି ପ୍ରୟୋଗାତ୍ମକ କଳାର ବିଭାଗ ଗୁଡ଼ିକ ଅତିମାତ୍ରାରେ ବିକଶିତ ହୋଇଯାଇଥିଲା । ପ୍ରାକ୍-କଲମ୍ବସ୍ ଯୁଗର ଆମେରିକା କଥା ମଧ୍ୟ ଏ କ୍ଷେତ୍ରରେ ଉଲ୍ଲେଖ କରାଯାଇପାରେ ।

ଆଧୁନିକ ଯୁଗରେ ଟେକ୍ନୋଲଜିକୁ ସମାଜର ନକାରାତ୍ମକ ଦିଗ ସହିତ ଯୋଡ଼ି ଦେବାପାଇଁ କେତେକ କ୍ଷେତ୍ରରେ ଉଦ୍ୟମ ହେଉଛି । ସେଥିଭିତରୁ କେତୋଟିର ଉଦାହରଣ ଏଠି ଦିଆଗଲେ ଅପ୍ରାସଙ୍ଗିକ ହେବ ନାହିଁ । ପୃଥିବୀବ୍ୟାପୀ କ୍ରମେ ସବୁକାମରେ ମଣିଷ ବଦଳରେ ମେସିନର ବ୍ୟବହାର ହେଲାଣି । କାରଣ ସେଭଳି ନ କଲେ ନ ଚଳେ ବୋଲି ବର୍ତ୍ତମାନ ଜଣାପଡ଼ିଲାଣି । ପରମାଣୁ ବିଭାଜନ, ମହାକାଶ ଅଭିଯାନ, ଚନ୍ଦ୍ର

ଅଭିଯାନ ଭଳି ମାନବ ଇତିହାସର ଯୁଗାନ୍ତକାରୀ ଘଟଣା ସବୁ ସମ୍ଭବ ହୋଇପାରି ନ ଥା'ନ୍ତା ଯଦି ସେଥିପାଇଁ ମେସିନ ମଣିଷକୁ ଉପଯୁକ୍ତ ସହାୟତା ଦେଇପାରି ନ ଥା'ନ୍ତା । ଆଜିର ଜ୍ଞାନ ଦୃଶ୍ୟପଟ୍ଟରେ ଅତି ଅଧିକ ପରିମାଣରେ ମହତ୍ତ୍ୱପୂର୍ଣ୍ଣ ଗୋଟିଏ ବିଜ୍ଞାନ ହେଲା *ବାଇଓ-ଇଞ୍ଜିନିଅରିଙ୍ଗ୍* । ଏକବିଂଶ ଶତାବ୍ଦୀରେ ଏହା ବିଜ୍ଞାନର ସବୁଠାରୁ ଅଧିକ ବିକଶିତ ଦିଗ ଭାବରେ ଗଣା ହେବାର ଯେ ନିର୍ଦ୍ଦିଷ୍ଟ ସମ୍ଭାବନା ଦେଖାଯାଉଛି, ତା ପଛରେ ରହିଛି ମଣିଷର ଉଦ୍ୟମ ସହିତ ତାଳ-ଦେଇ ଚାଲିଥିବା ଟେକ୍‌ନୋଲଜି ଓ ମେସିନର ଉଦ୍ୟମ । ଏକଥା ନିଶ୍ଚୟ ଯେ ଭାରତ ଭଳି ଜନବହୁଳ ଦେଶରେ ସମାଜର ନୈତିକ ଦାୟିତ୍ୱ ହେଲା କିପରି ବହୁ ଅଧିକ ଲୋକ କାମ କରି ଭଲରେ ରହିପାରିବେ, ସେ ବିଷୟରେ ଉଦ୍ୟମ କରିବା । ରାଷ୍ଟ୍ରର ମଧ୍ୟ ଏ ଦିଗରେ ଗୁରୁ ଦାୟିତ୍ୱ ରହିଛି । କିନ୍ତୁ ତା ସତ୍ତ୍ୱେ ଏକବିଂଶ ଶତାବ୍ଦୀରେ ମେସିନର ଉପଯୋଗକୁ ଯେ ଏଠି ଅବହେଳା କରିହେବ, ସେ କଥାର ଆଉ ସମ୍ଭାବନା ନାହିଁ । କାରଣ ସେହି ଶତାବ୍ଦୀଟି ହୋଇ ଉଠୁଛି ତା ପୂର୍ବର ଅନ୍ୟ କୋଡ଼ିଏଟି ଶତାବ୍ଦୀଠାରୁ ସଂପୂର୍ଣ୍ଣ ଭିନ୍ନ, ସଂପୂର୍ଣ୍ଣ ନୂତନ ।

ଟେକ୍‌ନୋଲଜି ଦ୍ୱାରା ସୃଷ୍ଟ ଔଦ୍ୟୋଗିକ ବ୍ୟବସ୍ଥାଜାତ ପ୍ରକ୍ରିୟା ଆଜି ଧରିତ୍ରୀ ମାତା ବକ୍ଷରେ ସବୁଠାରୁ ଅଧିକ ପ୍ରଦୂଷଣ ସୃଷ୍ଟି କରୁଛି ବୋଲି ମଧ୍ୟ କୁହାଯାଉଛି । ଏହି ପ୍ରଦୂଷଣ ପୃଥିବୀର ପରିବେଶକୁ ଦିନେ ସ୍ଥାୟୀ ଭାବେ ବଦଳାଇ ଦେଇପାରେ ବୋଲି କେତେକ କହିବାକୁ ଆରମ୍ଭ କଲେଣି । କିନ୍ତୁ ଆମକୁ ଏକଥା ମନେ ରଖିବାକୁ ହେବ ଯେ, ପ୍ରଦୂଷଣ ବା ପଲ୍ୟୁସନ ଏ ପୃଥିବୀରେ ନୂଆ କରି ସୃଷ୍ଟି ହୋଇନାହିଁ— ପାଞ୍ଚହଜାର ବର୍ଷ ତଳେ ଥିଲା, ଆଜି ଅଛି, ଭବିଷ୍ୟତରେ ମଧ୍ୟ ରହିବ । ମଣିଷର ବଞ୍ଚିବା ଉଦ୍ୟମ ସହିତ ଏହା ଅଙ୍ଗାଙ୍ଗୀ ଭାବେ ଜଡ଼ିତ । କାରଣ ମୂଳରୁ ପରିବେଶକୁ ନିଜ ଅକ୍ତିଆରକୁ ଆଣିବା ଦ୍ୱାରା ହିଁ ମଣିଷ ଜାତି ଆଜି ପୃଥିବୀ ପୃଷ୍ଠରେ ସଫଳ ଭାବେ ବିଚରଣ କରିପାରିଛି; ପରିବେଶକୁ ଆୟତ୍ତ କରିବାର କଳାହିଁ ତାକୁ ଅନ୍ୟ ଜୀବଜନ୍ତୁଙ୍କ ଠାରୁ ସ୍ୱତନ୍ତ୍ର କରି ରଖିଦେଇ ପାରିଛି । ତେଣୁ ଏକଥା ଚିନ୍ତା କଲେ କ୍ଷତି ନାହିଁ ଯେ, ଦିନେ ଟେକ୍‌ନୋଲଜି ହିଁ ମାନବ ଜାତିର ସତ୍ତାକୁ ଧ୍ୱଂସ କରିବା ପରିବର୍ତ୍ତେ ତାକୁ ରକ୍ଷା କରିବାରେ ହୁଏତ ସଫଳ ହେବ—ଏଇଟି ବ୍ୟତୀତ ପୃଥିବୀର ଅନ୍ୟ କୌଣସି କାରଣ ତା'ର ସତ୍ତା ରକ୍ଷା କରିପାରିବ ନାହିଁ ।

ଏକବିଂଶ ଶତାବ୍ଦୀର ଆରମ୍ଭ ବେଳକୁ ମଣିଷ ଜାତି ଆଗରେ ସବୁଠାରୁ ବଡ଼ ସମସ୍ୟା ହେଲା ଟେକ୍‌ନୋଲଜିକୁ କିଭଳି ଯଥାର୍ଥ ଭାବେ ଉପଯୋଗ କରି ସମଗ୍ର ମାନବ ଜାତିର, ଜୈବମଣ୍ଡଳର ବା ଜୀବ ତଥା ଉଦ୍‌ଭିଦ ଜଗତର ସାର୍ବଜନୀନ ମଙ୍ଗଳ ସାଧନ କରିହେବ । ଦେଶ, ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ମାନବ ସମାଜର ପ୍ରତ୍ୟେକଟି 'ମଣିଷ' ଯେଭଳି ଭଲରେ ରହିପାରିବେ, ସେକଥା ଆଜିର ଉପଲବ୍‌ଧ ଟେକ୍‌ନୋଲଜୀୟ ବଳ ଦ୍ୱାରା କିଭଳି ସାକାର କରିହେବ ସେ କଥା ଦେଖିବାକୁ ପଡ଼ିବ । ଏଥିପାଇଁ ଗୋଟାଏ ଉପଯୁକ୍ତ ଭାବେ ଜ୍ଞାନଦୀପ୍ତ, ତଥ୍ୟଦୀପ୍ତ ସମାଜର ଆବଶ୍ୟକତା ରହିଛି । କାରଣ ନିଜ ପାଇଁ କ'ଣ ଭଲ ବା କ'ଣ ମନ୍ଦ ସେକଥାର ବିଚାର କେବଳ ସେହି ଧରଣର ସମାଜଟିଏ ଯେ କରିପାରିବ, ଏ ବିଷୟରେ ଆଜି ସମସ୍ତେ ସହମତ । □

# ଧର୍ମ

ମାନବ ଜୀବନ ବିଚିତ୍ର । ଉପରକୁ ଆମକୁ ଯେତିକି ବୋଲି ଜଣାପଡୁଛି, ପ୍ରକୃତରେ ତାହା ସେତିକି ନୁହେଁ—ଏହା ବହୁ 'ଅଧିକ' ଭାବେ ରହିଛି । ଟିକିଏ ଗଭୀରକୁ ଯାଇ ଚିନ୍ତା କଲେ ଆମେ ଦେଖିବା ଯେ ଜଣେ ନିଜେ, ଜଣଙ୍କ ପ୍ରତିବେଶୀ, ଜଣଙ୍କ ପାରିପାର୍ଶ୍ୱିକ ପରିବେଶ ବା ସାମଗ୍ରିକ ଭାବେ ଜଣଙ୍କ ଦୁନିଆ—ଏସବୁ ବିଷୟରେ ବହୁ ଅଧିକ କଥା ଆମ ମନ ଭିତରେ ସବୁବେଳେ ଖେଳୁଥାଏ, ଆମ ସ୍ମୃତି ଭିତରେ ବାରମ୍ବାର ଜାଗରିତ ହେଉଥାଏ । ଜୀବନଧାରଣ ଭଳି ସାଧାରଣ କର୍ମରେ ଏଗୁଡ଼ିକ ବିଷୟରେ ଯେତେ ଜଣାପଡ଼ିଯାଉଥାଏ, ତାହା ଅପେକ୍ଷା ବହୁତ ଅଧିକ କଥା ଜାଣିବା ହୁଏତ ସମ୍ଭବ ବୋଲି ଥିବା ଚିନ୍ତା ସବୁବେଳେ ମନ ଭିତରେ ଉଙ୍କି ମାରୁଥାଏ । ତେଣୁ ବେଳେବେଳେ ଆମ ଅତୀତ, ଆମ ବର୍ତ୍ତମାନ ତଥା ଆମ ଭବିଷ୍ୟତ ବିଷୟରେ ଜାଣିବାରେ କିଛି ଗୋଟାଏ ଅଭାବ ରହିଗଲା ବୋଲି ଅନୁଭୂତ ହୁଏ । ଏହିଭଳି ଚିନ୍ତାଧାରାରୁ ଜନ୍ମ ନେଇଛି ମାନବର ଧର୍ମ । ଶତ ଉଦ୍ୟମ ସତ୍ତ୍ୱେ ମଧ୍ୟ ବାସ୍ତବ ଜୀବନ ମଣିଷକୁ ନେଇ ଯେଉଁ ଅନୁଭବାତୀତ, ଜ୍ଞାନାତୀତ ଅବସ୍ଥାରେ ପହଞ୍ଚାଇ ପାରେନାହିଁ, ଧର୍ମ ଅନେକ ଦୃଷ୍ଟିରୁ ଅଧିକାଂଶ ସମୟରେ ସଫଳତାର ସହିତ ତାହା କରିଦେବାକୁ ସମର୍ଥ ହୋଇଥାଏ । ପାର୍ଥିବ ମଣିଷର ବ୍ୟକ୍ତିଗତ, ସାମାଜିକ ତଥା ସାଂସ୍କୃତିକ ଜୀବନରେ ସେଇଥିପାଇଁ ନିରୋଳା ଧର୍ମର ଏତେ ମହତ୍ତ୍ୱ, ଏତେ ଗୁରୁତ୍ୱ । ସବୁଠାରୁ ବିସ୍ମୟକର କଥା ହେଲା—ଧର୍ମ ଭଳି ଗୋଟିଏ ଧାରଣାର ଅସ୍ତିତ୍ୱ ଜଣେ ଅନୁଭବ ନ କରି ପାରୁଥିଲେ ମଧ୍ୟ ତା ବିଷୟରେ ମାନସିକ ସ୍ତରରେ ଧାରଣା କରିଦେଇପାରୁଛି ଓ ସେହି ଧାରଣାକୁ ନିଜ ବାସ୍ତବ ଜୀବନ ସହିତ ଅଙ୍ଗାଙ୍ଗୀ ଭାବେ ଯୋଡ଼ିଦେଇ ପାରୁଛି । ପୁଣି କେତେବେଳେ ଏମିତି ମଧ୍ୟ ହୋଇଛି ଯେ ଧର୍ମ ସେହି ଅନୁଭବାତୀତ, ଜ୍ଞାନାତୀତ ଅବସ୍ଥାରେ ନେଇ ପହଞ୍ଚାଇବାରେ ହୁଏତ ବିଫଳ ହୋଇଛି ବୋଲି ଅନୁଭବ କରି 'ମଣିଷ' ନିଜକୁ ଅସହାୟ ମନେ କରିଛି ।

ଅନେକ ସମୟରେ ମନରେ ପ୍ରଶ୍ନ ଉଠେ ଯେ ଜଣେ ଯାହାକୁ ନିଜ ଆଖିରେ ଦେଖିପାରୁନାହିଁ, ସେ ବିଷୟରେ ତେବେ କିପରି କଳ୍ପନା କରିପାରୁଛି ? ଅନନ୍ତ ଦୂରତା ଭେଦ କରି ତାହା ନିକଟରେ ନିମିଷେକ ମଧ୍ୟରେ ଯାଇ ପହଞ୍ଚିପାଇ ପାରୁଛି ? ନିଜର ମନ ବା ସ୍ମୃତି ବାହାରେ ତା ବିଷୟରେ ଚିନ୍ତା କରିପାରୁଛି ? ଆଦୌ ସ୍ପର୍ଶ ନ କରି ପାରୁଥିଲେ ମଧ୍ୟ ତା'ର ସତ୍ତା ଅନୁଭବ କରି ପାରୁଛି ? ସେହି ପ୍ରଶ୍ନଟିର ଉତ୍ତର ହେଲା—ମଣିଷର ଏହିସବୁ ଧାର୍ମିକ ଅନୁଭବ ନିମନ୍ତେ, ଏଭଳି ଘଟଣା ପ୍ରବାହର ସମ୍ମୁଖୀନ ହେବାର କ୍ଷମତା ପ୍ରାପ୍ତି ନିମନ୍ତେ, ତା ଠାରେ ପ୍ରକୃତି ଦତ୍ତ ସହଜାତ ଅନ୍ତର୍ନିହିତ ଶକ୍ତି ରହିଛି ଏବଂ ସେ ସବୁ ଶକ୍ତି ମଣିଷ ଓ ତା ସୃଷ୍ଟ ଅନେକ ପ୍ରତୀକସତ୍ତା ତଥା ଧର୍ମସାର ଭିତରେ ଥିବା ସଂପର୍କ ଦ୍ୱାରା ପ୍ରକାଶିତ ହୋଇଯାଉଛି । ଧର୍ମସାର ଓ ମଣିଷ ଭିତରେ ଥିବା ସଂପର୍କ ଅତି ପୁରାତନ, ଅତି ସ୍ୱତନ୍ତ୍ର ତଥା ଅତି ମହତ୍ତ୍ୱପୂର୍ଣ୍ଣ ବୋଲି କୁହାଯାଇପାରିବ । କାରଣ ଶତାବ୍ଦୀ ଶତାବ୍ଦୀ ଧରି ଏଭଳି ନିବିଡ଼ ସଂପର୍କର ପ୍ରମାଣ ମିଳିଆସିଛି ଓ ଭବିଷ୍ୟତରେ ଆସୁଥିବ ମଧ୍ୟ । ଏହିସବୁ ଧର୍ମସାର ବା ପ୍ରତୀକ ଭିତରେ ଭରି ରହିଛି ମଣିଷର ଚେତନ ତଥା ଅବଚେତନ ମନକୁ ନିୟନ୍ତ୍ରଣ କରିବାର ସଂପୂର୍ଣ୍ଣ କ୍ଷମତା, ଧରିତ୍ରୀରେ ତା'ର ସତ୍ତା ବିଷୟରେ ଚେତାଇଦେବା ନିମନ୍ତେ ପ୍ରତୀକଧର୍ମୀ ଉପଦେଶାବଳୀ ଏବଂ ସାମଗ୍ରିକ କ୍ରିୟାଶୀଳତାର ଅନ୍ୟ ବହୁବିଧ ଉପଗ୍ରହ । ଏସବୁ ପ୍ରତୀକସତ୍ତା ତଥା ଧର୍ମସାର ନ ଥିଲେ ବୋଧହୁଏ ମଣିଷ ଅନେକ ଦୃଷ୍ଟିରୁ ମଣିଷ ପଦବାଚ୍ୟ ହେବାର ଯୋଗ୍ୟତା ଅର୍ଜନ କରିପାରି ନ ଥା'ନ୍ତା; ମଣିଷ କହିଲେ ଆଜି ଯାହା ବୁଝାଯାଉଛି, ସେଭଳି ଅର୍ଥ 'ମାନବ' ଶବ୍ଦ ଭିତରୁ ବାହାରୁ ନ ଥା'ନ୍ତା ।

ମାନବ ସମାଜରେ ଭିନ୍ନ ଭିନ୍ନ ସମୟରେ ଭିନ୍ନ ଭିନ୍ନ ପ୍ରତୀକ ବା ଧର୍ମସାରର ସୃଷ୍ଟି ହୋଇଛି । ଆମ ଗାଁ ଦାଣ୍ଡରେ ମା, ଖୁଡ଼ୀ କରୁଥିବା ବାଟମଙ୍ଗଳା ପୂଜାଠାରୁ ଆରମ୍ଭ କରି ଆକାଶ, ଉଦ୍‌ଭିଦ, ଜୀବ, ନିସ୍ତବ୍ଧତା, ଶୃଙ୍ଗାର-ଧର୍ମୀ ପ୍ରେମ, ନିରୋଳା-ସନ୍ନ୍ୟାସ—ଏସବୁ ସେହିଭଳି ଗୋଟିଏ ଗୋଟିଏ ପ୍ରତୀକ ବୋଲି ଧରାଯାଇପାରେ । ବେଦ, ଉପନିଷଦ, ତ୍ରିପିଟକ, କୋରାନ, ବାଇବଲ୍ ଭଳି ଗ୍ରନ୍ଥ, କୌଣସି କୌଣସି ଐତିହାସିକ ବ୍ୟକ୍ତିତ୍ୱ କିମ୍ବା କୌଣସି କୌଣସି ଧର୍ମଗୁରୁଙ୍କ କଥା ମଧ୍ୟ ଏ କ୍ଷେତ୍ରରେ ଉଲ୍ଲେଖ କଲେ ଅପ୍ରାସଙ୍ଗିକ ହେବ ନାହିଁ । ମାନବ ଇତିହାସରେ ଧର୍ମ-ପ୍ରତୀକ ତଥା ଧର୍ମସାରର ସଂଖ୍ୟା ଏତେ ବେଶୀ ଯେ ପଣ୍ଡିତମାନେ ବେଳେବେଳେ ସେ କଥା ଚିନ୍ତାକରି ବିସ୍ମିତ ହୋଇଯାଇଛନ୍ତି । ଏତେ ଅଧିକ ସଂଖ୍ୟାରେ ଥିଲେ ମଧ୍ୟ ଏସବୁ ଭିତରୁ ଅଳ୍ପ କେତୋଟିରହିଁ କିନ୍ତୁ ବିଶ୍ୱମୟ ପ୍ରଭାବ ରହିଛି । ଅନ୍ୟସବୁ ଗୁଡ଼ିକ ସେହି ଅଳ୍ପ କେତୋଟି ତୁଳନାରେ ନିଷ୍ପ୍ରଭ ବା ଗୌଣ ବୋଲି ଧରିନିଆଯାଇପାରେ । ପରେ ସେହି ବିଶ୍ୱମୟ ପ୍ରତୀକ ସବୁକୁ ପାର୍ଥିବ

ରୂପ ଦେବାପାଇଁ ଯେତେବେଳେ ଉଦ୍ୟମ ହେଲା, ସେଥିରୁ ସୃଷ୍ଟି ହୋଇଗଲା ମନ୍ଦିର ବା ଉପାସନା-ପୀଠ ଭଳି କଥା । ସେସବୁ ସ୍ଥଳକୁ ଗଲେ ଜଣେ ଗୋଟାଏ ଜ୍ଞାନାତୀତ, ଭାବାତୀତ ଶକ୍ତିର ବଶ ହୋଇ-ଯାଉଛି ବୋଲି ଅନୁଭବ କଲା; ଦୈନନ୍ଦିନ ସଂସାରର ସୁଖ, ଦୁଃଖ ଓ ଅନ୍ୟାନ୍ୟ ସମସ୍ୟାକୁ କାହିଁ କେତେ ପଛରେ ଛାଡ଼ି ଆସିବା ଜନିତ ସୁଖ, ଶାନ୍ତି ଲାଭ କଲା; ନିଜ ମନ ଭିତରେ ଯେଉଁ 'ପ୍ରତୀକ'ର କଳ୍ପନା ରହିଛି ତା'ର ସତ୍ତାକୁ ସେ ସେଠି ଖୋଜି ପାଇଗଲା । ନିଜେ ଯାଇ ଅନ୍ୟ ଗୋଟିଏ ମାନସିକ ପରିସରରେ ପହଞ୍ଚିଯିବା ଭଳି ମନସ୍ତାତ୍ତ୍ୱିକ ଅବସ୍ଥା ସେସବୁ ଉପାସନା ପୀଠକୁ ଯିବା ଲୋକର ମସ୍ତିଷ୍କରେ ବେଳେବେଳେ ସୃଷ୍ଟି ହୋଇଗଲା । ତେଣୁ କ୍ରମେ କ୍ରମେ ସେସବୁ ସ୍ଥଳକୁ ଯିବାପାଇଁ ସାମାଜିକ ମନୁଷ୍ୟ ସ୍ୱତନ୍ତ୍ର ସମୟର ବ୍ୟବସ୍ଥା କଲା । ଅନ୍ୟ ସମସ୍ତ ସାଂସାରିକ କାର୍ଯ୍ୟ ପାଇଁ ଦେଉଥିବା ସମୟ ଅପେକ୍ଷା ଏହି ସମୟତକର ମୂଲ୍ୟ ତା ପାଇଁ ତୁଳନାତ୍ମକ ଭାବେ ଅଧିକ ମହତ୍ତ୍ୱପୂର୍ଣ୍ଣ ବୋଲି ମଧ୍ୟ ସେ ଅନୁଭବ କଲା ।

ସୁଖ, ଶାନ୍ତିର କାମନା କରିବାଟା ମଣିଷର ସହଜାତ ପ୍ରବୃତ୍ତି ହୋଇ-ଥିବାରୁ ନିଜ ଅପେକ୍ଷା କିଏ ଭଲରେ ଅଛି, ନିଜ ଅପେକ୍ଷା କିଏ ଅଧିକ ମାନସିକ ଶାନ୍ତିଲାଭ କରୁଛି ବା ଅନ୍ୟ କେଉଁ ଅଞ୍ଚଳର ଲୋକେ ତା ନିଜ ଅପେକ୍ଷା ଭଲରେ ଅଛନ୍ତି, ଏକଥା ସ୍ୱାଭାବିକ ଭାବେ ମଣିଷ ଚିନ୍ତା କରି-ଥାଏ । ପୃଥିବୀ ପୃଷ୍ଠରେ ଗୋଟାଏ ଗୋଟାଏ ଶାସନ ସମୟକୁ ସେଇଥି-ପାଇଁ ସୁବର୍ଣ୍ଣଯୁଗ ବୋଲି କୁହା-ଯାଇଥାଏ—କାରଣ ଲୋକଙ୍କ ସୁଖ-ସ୍ୱାଚ୍ଛନ୍ଦ୍ୟର ମାତ୍ରା ସେଠି ତୁଳନାତ୍ମକ ଭାବେ ବେଶୀ ପରିମାଣରେ ଥାଏ । ସୁଖ, ଶାନ୍ତିର କାମନା ସହିତ ନିରୋଳା ପ୍ରତୀକର କଳ୍ପନା ମଣିଷର ଧର୍ମଧାରଣା ଭିତରେ ମଧ୍ୟ ରହିଛି । ସ୍ୱର୍ଗ, ନର୍କ ଭଳି କଥାର ଏହିଥିରୁ ଜନ୍ମ; ମଣିଷର ଜ୍ଞାନାତୀତ ଅନୁ-ଭବର ଏଗୁଡ଼ିକ ହେଲେ ଗୋଟିଏ ଦୃଷ୍ଟିରୁ ସୃଷ୍ଟିକର୍ତ୍ତା । ତେଣୁ ମାନବ ଜୀବନର ଯେ ଗୋଟାଏ ଆଧ୍ୟାତ୍ମିକ ଦିଗ ରହିଛି ସେ ବିଷୟରେ ଦ୍ୱିମତ ହେବାର କିଛି ନାହିଁ । ସେହିଭଳି ଆଧ୍ୟାତ୍ମିକ ଭାବନାରୁ ଭଲ-ମନ୍ଦ କଥା ସେ ଜାଣିପାରୁଛି, କରଣୀୟ-ଅକରଣୀୟ ବିଷୟରେ ସଚେତନ ହୋଇଯାଇ ପାରୁଛି । କେତେକ କାମ ଭଲ ଓ ଆଉ କେତେକ କାମ ଖରାପ ବୋଲି ଜାଣିବା ମଣିଷ ପକ୍ଷରେ ଯେ ନିହାତି ଆବଶ୍ୟକ, ଆଧ୍ୟାତ୍ମିକତା ପ୍ରଭାବରୁ ସେ ସବୁ ବିଷୟରେ ସେ ସାବଧାନ ହୋଇ-ଉଠିଛି । ଏକଥା ମଧ୍ୟ ସତ; କୌଣସି ଗୋଟାଏ ଶକ୍ତି ଯେ ତା'ର ସମସ୍ତ କ୍ରିୟାକଳାପକୁ ନିୟନ୍ତ୍ରଣ କରୁଛି, ସେଭଳି କଥା ଆଧ୍ୟାତ୍ମିକ ଭାବନା ଦ୍ୱାରା ହିଁ ପ୍ରଥମେ ମଣିଷ ମନ ଭିତରକୁ ଆସିପାଇ ପାରିଛି । ତେଣୁ ମଣିଷର ଧର୍ମ ସହିତ କାଳକ୍ରମେ ଆଧ୍ୟାତ୍ମିକତା ବା ସେହି ରୂପର ଅନ୍ୟ କିଛି ଅନୁଭବ ଆସି ଅଙ୍ଗାଙ୍ଗୀ ଭାବେ ଯୋଡ଼ି ହୋଇଯାଇଛି ।

ମାନବ ଇତିହାସର ସମଗ୍ର ଧାର୍ମିକ ଦୃଶ୍ୟପଟ୍ଟ ବିଷୟରେ ଆଲୋଚନା କଲାବେଳେ ଗୋଟିଏ କଥାର ସୂଚନା ମିଳିଥାଏ ବୋଲି କୁହାଯାଇ ପାରିବ । ତାହା ହେଲା—ହାଲୁକା ଭାବେ ଧର୍ମର ସବୁ ଭଲମନ୍ଦ ଦିଗ କଥା ବିଗ୍ରହ କରିଦେବାରେ ବିପଦ ଅଛି । ତେଣୁ ମାନବ କଲ୍ୟାଣ କ୍ଷେତ୍ରରେ, ମାନବ ଚିନ୍ତାର ବିକାଶ କ୍ଷେତ୍ରରେ ବା ସାମଗ୍ରିକ ଭାବେ କହିବାକୁ ଗଲେ ମାନବ ଜୀବନ କ୍ଷେତ୍ରରେ ଧର୍ମ ଯେଉଁ କଲ୍ୟାଣକର କାମ କରିଛି, ଏଥିପାଇଁ ସେ ସବୁର ହିସାବ କରିବାକୁ ହେବ । ଆହୁରି ମଧ୍ୟ ସେଥିପାଇଁ ଧର୍ମ ବିଷୟରେ ଅଧିକ ଗଭୀର ଭାବେ ଅନୁଶୀଳନ କରିବାକୁ ପଡ଼ିବ, ଧର୍ମର କେତେକ ଦିଗ ବିଷୟରେ ବହୁ ଅଧିକ ଭିତରକୁ ଯିବାକୁ ପଡ଼ିବ । ମାନବ-ଜାତିର ଇତିହାସରେ ଦେଖା ଦେଇ-ଥିବା ଦୁଇଜଣ ଶ୍ରେଷ୍ଠ ଧାର୍ମିକ ପୁରୁଷଙ୍କ ଉଦାହରଣ ଏ କ୍ଷେତ୍ରରେ ନିଆଯାଇପାରେ—ଜଣେ ହେଲେ ବୁଦ୍ଧ, ଆଉ ଜଣେ ଗାନ୍ଧୀ । ଏ ଦୁହେଁ ସଂପୂର୍ଣ୍ଣ ଭାବେ ଧର୍ମ ଭିତରେ ରହି ମଧ୍ୟ ମାନବର କଲ୍ୟାଣ ନିମନ୍ତେ ଥିବା କର୍ମକ୍ଷେତ୍ରରେ ଶୀର୍ଷସ୍ଥାନ ଅଧିକାର କରିଯାଇ ପାରିଛନ୍ତି ।

ସେହି କଲ୍ୟାଣ-ଦିଗ ଦୃଷ୍ଟିରୁ 'ଅଭୟ-ମୁଦ୍ରା'ରେ ଥିବା ବୁଦ୍ଧଙ୍କ ପ୍ରସା-ରିତ ହାତ ପାପୁଲିଟି ସତ୍ତା, ପ୍ରଭାବ, ଶକ୍ତି, ପ୍ରେମ, ଆଶିଷ ଭଳି ବ୍ୟାପକ ମାନବୀୟ ଚିନ୍ତାଧାରା ସବୁର ବୌଦ୍ଧ ଧର୍ମରେ ପରିପ୍ରକାଶ ବ୍ୟତୀତ ଅନ୍ୟ କିଛି ନୁହେଁ । ଏହି ଅଭୟମୁଦ୍ରା ଭଙ୍ଗୀ ସହିତ ବୁଦ୍ଧଙ୍କ ଜୀବନର ଗୋଟିଏ ଘଟଣା ଜଡ଼ିତ ବୋଲି କୁହାଯାଏ । ତାହାହେଲା—ଗୋଟାଏ 'ବଣୁଆ' ହାତୀ ଥରେ କୁଆଡ଼େ ତାଙ୍କୁ ଆକ୍ର-ମଣ କରିବାକୁ ମାଡ଼ି ଆସିବା ବେଳେ ବୁଦ୍ଧଙ୍କ ଅଭୟ ମୁଦ୍ରାରେ ପ୍ରସାରିତ ହସ୍ତ ଦେଖି ତାଙ୍କ ପାଖରେ ସଂପୂର୍ଣ୍ଣ ବଶୀଭୂତ ହୋଇଯାଇଥିଲା । ଫଳରେ ସେହି ମରଣାନ୍ତକ ବିପଦ ବେଳେ ନିଜ ସହିତ ଶିଷ୍ୟମାନଙ୍କ ଜୀବନରକ୍ଷା କରିବା ବୁଦ୍ଧଦେବଙ୍କ ପକ୍ଷରେ ସମ୍ଭବ ହୋଇଯାଇଥିଲା । ତେଣୁ ଭୟଙ୍କର ବିପଦ ଆଗରେ ସାତ୍ତ୍ୱିକ ନିର୍ଭୟତା ଭଳି ଗୁଣ ଯେ ବୁଦ୍ଧଙ୍କ ପାଖରେ ଥିଲା ଓ ତାହା ସେ ନିଜ ଅନୁଗାମୀ ମାନଙ୍କ ଭିତରେ ପ୍ରସାର କରାଇ ପାରିଥିଲେ, ତା'ର ଗୋଟିଏ ପ୍ରତୀକଧର୍ମୀ ଉଦା-ହରଣ ପ୍ରସାରିତ ହସ୍ତ ଭଙ୍ଗୀରେ ଥିବା ବୁଦ୍ଧଙ୍କର ଏହି କଳାତ୍ମକ ଅଭିବ୍ୟକ୍ତିଟି ଦେଉଛି ବୋଲି କୁହାଯାଇପାରେ । ସେମିତି, ଗାନ୍ଧୀ ତାଙ୍କ ଜୀବନକାଳ ଭିତରେ ଗୋଟିଏ କଥା ଦେଖାଇ-ଦେଲେ । ସନାତନ ବା ହିନ୍ଦୁଧର୍ମର ମୌଳିକ ନୀତି ଗୁଡ଼ିକୁ ଯେ ଦେଶ ମାତୃକାର ସେବାରେ ଅତି ଶକ୍ତିଶାଳୀ ରାଜନୈତିକ ଅସ୍ତ୍ର ଭାବରେ ବ୍ୟବ-ହାର କରାଯାଇ ପାରିବ, ସେ କଥା ନିଜର କୋଟି କୋଟି ଦେଶବାସୀଙ୍କ ସହ ମିଶି ସେ ପ୍ରମାଣ କରିଦେଇ-ପାରିଲେ । ଧାର୍ମିକ ଦର୍ଶନର ଅତି ଗହନ ତତ୍ତ୍ୱରାଜିର ଏଭଳି କଲ୍ୟାଣ-

କର, ପ୍ରୟୋଗାତ୍ମକ, ସାମାଜିକ ଦିଗ ଥିବା ବିଷୟରେ ସାରା ପୃଥିବୀରେ ତାଙ୍କ ଆଗରୁ କେହି ପ୍ରତ୍ୟକ୍ଷ ପ୍ରମାଣ ଦେଇପାରି ନ ଥିଲେ ବୋଲି ଆଜି ସମସ୍ତେ ସ୍ୱୀକାର କରୁଛନ୍ତି । ବୁଦ୍ଧ, ଗାନ୍ଧୀ ବା ବିଶ୍ୱର ଅନ୍ୟ ଅଞ୍ଚଳର କେତେକ ସେହିଭଳି ଅବତାର ପୁରୁଷଙ୍କ କାର୍ଯ୍ୟରୁ ଧର୍ମ ଯେ ମୌଳିକ ଭାବେ ମାନବ କଲ୍ୟାଣ ଲାଗି ଉଦ୍ଦିଷ୍ଟ, ଏ କଥାର ପ୍ରମାଣ ମିଳିଯାଉଛି । ଏହି ପ୍ରମାଣର, ଏହି ସାରତତ୍ତ୍ୱର ଆଜିର ଦୁନିଆ ପାଇଁ ଖୁବ୍ ବେଶୀ ଆବଶ୍ୟକତା ରହିଛି ବୋଲି ନିଶ୍ଚିତ ଭାବେ କୁହାଯାଇପାରେ ।

ମାନବ ଇତିହାସରେ ଯେଉଁ ସବୁଠାରୁ ଅଧିକ ଶକ୍ତିଶାଳୀ ଧର୍ମସାର ବା ଧର୍ମପ୍ରତୀକର ଧାରଣା ରହିଛି ତାହାହେଲା *ଭଗବାନ* । ଏହି କଥାଟିର ଅର୍ଥ ବିଭିନ୍ନ ଧର୍ମ ଓ ବିଭିନ୍ନ ଲୋକଙ୍କ ପାଇଁ ସବୁବେଳେ ଭିନ୍ନ ଭିନ୍ନ । ଭଗବାନ ବୋଲି କହିଦେଲେ ଆଶା, ଆକାଂକ୍ଷା, ଶୃଙ୍ଖଳା, ସୌନ୍ଦର୍ଯ୍ୟ, ସଂପଦ, ଭୟ, ପୁଣ୍ୟ, ଦାୟିତ୍ୱ, ସଂହତି, ସତ୍ତା ଭଳି ବହୁକଥା, ବହୁ ଅନୁଭବର କଥା ଜଣଙ୍କ ନିକଟରେ ସହଜରେ ବୁଝାପଡ଼ିଯାଉଛି । କାରଣ ସେ ହିଁ ଏ ସବୁର ଆଧାର ବୋଲି ମୂଳରୁ ଧରିନିଆଯାଇଛି । ପୃଥିବୀରେ ଯେଉଁ ହଜାର ହଜାର ଜାତି, ପ୍ରଜାତି, ସାମାଜିକ ସଂସ୍ଥିତି ସବୁ ରହିଛନ୍ତି, ସେ ଗୁଡ଼ିକ ଏକୀକୃତ ହୋଇ ରହିବା ମୂଳରେ ମଣିଷ ମନର ଏହି ଧାରଣାଟି ରହିଛି ବୋଲି ନିଃସନ୍ଦେହରେ ଧରିନିଆଯାଇପାରେ । ସମାଜରେ ଜଣେ ଯାହା କରୁଛି ସେ ସବୁର ସମସ୍ତ ଦିଗର ସମଷ୍ଟି ଏଇ ଗୋଟିଏ ଧାରଣା ବୋଲି ମଧ୍ୟ କୁହାଯାଇପାରେ । କେତେକ ଦାର୍ଶନିକଙ୍କ ମତରେ "*ଭଗବାନ* ମଣିଷ ମନରେ ଆସ୍ଥାନ ଜମାଇବା ପାଇଁ ନିଜେ ଭଗବାନ ବୋଲି ଗୋଟିଏ ଧାରଣା ସୃଷ୍ଟି କରିଦେଇଛନ୍ତି ।"

କାଳକ୍ରମେ ଏହି 'ଭଗବାନ'ଙ୍କ ସତ୍ତା ଉପଲବ୍ଧି କରିବା ନିମନ୍ତେ ଧର୍ମ ମଣିଷ ପାଇଁ ଗୋଟିଏ ବାହନ ହୋଇଯିବାକୁ ଲାଗିଲା । ଧର୍ମ ପ୍ରକ୍ରିୟା ଯୋଗୁଁ ସେ ଆଉ ଗୋଟିଏ ଧାରଣା ଭାବରେ କେବଳ ନ ରହି ମୂର୍ତ୍ତିମନ୍ତ ଅବତାର ଭାବରେ ଆସି ମଣିଷ ଆଗରେ ରହିଗଲେ । ତାଙ୍କୁ ପୂଜା ଅର୍ଚ୍ଚନା କରିବା ଭଳି କାମ ସବୁ ଆରମ୍ଭ ହୋଇଗଲା । ଏହି ପ୍ରକ୍ରିୟାରୁ ବିଭିନ୍ନ ପ୍ରଥା, ପ୍ରଣାଳୀର ସୃଷ୍ଟି ହେବାକୁ ଆଉ ବେଶୀ ବିଳମ୍ବ ହେଲାନାହିଁ । କ୍ରମେ ବିଭିନ୍ନ ପାରମ୍ପାରିକ, ଆଦର୍ଶଗତ ତଥା ସାମାଜିକ ପ୍ରଥା ସବୁ ସୃଷ୍ଟି ହୋଇଯିବାକୁ ବସିଲା ଓ ପ୍ରତୀକସତ୍ତା ବା ଧର୍ମସାରର ମୌଳିକ ଅର୍ଥରେ ଗୋଟାଏ ପ୍ରକାରର ପରିବର୍ତ୍ତନ ଆସିଗଲା । ପୃଥିବୀର କେତେକ ଧର୍ମ କ୍ଷେତ୍ରରେ ସୃଷ୍ଟି ହୋଇଥିବା ପ୍ରଥା, ପ୍ରଣାଳୀ ଗୁଡ଼ିକ ଅନେକ ସମୟରେ କ୍ଷତିକାରୀ ପ୍ରଭାବ ପକାଇଥିଲେ ମଧ୍ୟ, ହିନ୍ଦୁ ଧର୍ମ ଭଳି ଧର୍ମ କ୍ଷେତ୍ରରେ ଏସବୁ ଅନେକ ଗୁଢ଼ ଦାର୍ଶନିକ ତତ୍ତ୍ୱର ଅବତାରଣା କରିବାରେ ସଫଳ ହୋଇଛନ୍ତି; ମାନବବାଦ, ମାନବିକତା ଭଳି କଥାର ମହତ୍ତ୍ୱ କଥା ସନାତନ ଧର୍ମ ଦୃଷ୍ଟିରୁ ସୂଚାଇ ଦେଇପାରିଛନ୍ତି । ସଂସାରରେ ଜୀବନ ଧାରଣ କରି ରହିବା ଓ ଅବଶେଷରେ ନିଶ୍ଚୟ ମୃତ୍ୟୁ ଲାଭ କରିବା—ଏ ଉଭୟ କଥାରେ ଯେ ମହତ୍ତ୍ୱ ତଥା ସୌନ୍ଦର୍ଯ୍ୟ ଭରି ରହିଛି; ଉପଯୁକ୍ତ ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପାଇଁ ଜଣେ ସବୁମନ୍ତେ ଉଦ୍ୟମ କରିବା ଆବଶ୍ୟକ; ବର୍ତ୍ତମାନର ଭବିଷ୍ୟତ ସହିତ ନିବିଡ଼ ସଂପର୍କ ରହିଛି ଭଳି ମହତ୍ତ୍ୱପୂର୍ଣ୍ଣ ଚିନ୍ତାଧାରା ଗୁଡ଼ିକ ହିନ୍ଦୁଧର୍ମରେ ଥିବା ଶୁଦ୍ଧ ଆଧ୍ୟାତ୍ମିକ ମାର୍ଗ କଥାସବୁ ବିଷୟରେ ସୂଚାଇ ଦେଇଥାଏ । ଯେ କୌଣସି ସଂପଦ ଅପେକ୍ଷା ଜ୍ଞାନର ଗୁରୁତ୍ୱ ଯେ ବେଶି ଓ ଜ୍ଞାନ ଅପେକ୍ଷା ପ୍ରଜ୍ଞା ହେଉଛି ଅଧିକ ମହନୀୟ ବୋଲି ବୌଦ୍ଧ ଧର୍ମରେ ଥିବା ଚିନ୍ତାଧାରାର ବା ସେଭଳି ଧାରଣା କଥାର ଉଦାହରଣ ମଧ୍ୟ ଏ କ୍ଷେତ୍ରରେ ଦିଆଯାଇପାରେ ।

'ଜଣେ ମଣିଷର ବିଶ୍ୱାସ ହିଁ ତା'ର ପ୍ରକୃତ ଧର୍ମ' ବୋଲି ଅନେକଙ୍କର ମତ । ଏଥିରେ ଯେ ସତ୍ୟତା ନାହିଁ ସେକଥା ନୁହେଁ । କାରଣ ଜଣେ ଜୀବନ ଧାରଣ କରି ଏ ବିଶ୍ୱ ବ୍ରହ୍ମାଣ୍ଡର ଅଂଶବିଶେଷ ଭାବେ ଯେ ରହିପାରିଛି, ତାହା ସମ୍ଭବ ହୋଇଛି ତା ଭିତରେ ଥିବା 'ପ୍ରକୃତି ସୃଷ୍ଟ ବିଶ୍ୱାସ' ଯୋଗୁଁ । ଅନ୍ୟ ଭାବରେ କହିବାକୁ ଗଲେ ସେହି ବିଶ୍ୱାସର ପାର୍ଥିବ ପରିପ୍ରକାଶ ହିଁ ହେଲା ମାନବର ଧର୍ମ, ଆଧ୍ୟାତ୍ମିକତା ବା ସେହିଭଳି ଅନ୍ୟ କିଛି । ଜଣେ ହୁଏତ କୌଣସି ନିର୍ଦ୍ଦିଷ୍ଟ ଧର୍ମର ଅଧୀନ ନ ହୋଇପାରେ—କିନ୍ତୁ ତା ମନରେ ଯେ କୌଣସି ଧର୍ମ ପ୍ରତୀକର ଚିତ୍ର ନାହିଁ, ପ୍ରତିବିମ୍ବ ନାହିଁ ସେ କଥା କୁହାଯାଇ ପାରିବ ନାହିଁ । ଏକଥା ମଧ୍ୟ ସ୍ୱୀକାର କରିବାକୁ ହେବ ଯେ ମାନବବାଦ ବା ମାନବିକତା ଭଳି ସର୍ବମୟ ତତ୍ତ୍ୱର ଅର୍ଥ ଭିନ୍ନ ଭିନ୍ନ ଧର୍ମରେ ଭିନ୍ନ ଭିନ୍ନ ଭାବେ କରାଯାଇଥିଲେହେଁ ସେ କଥାର ମୌଳିକ ଆବଶ୍ୟକତା ତଥା ଦିଗ ବିଷୟରେ କେଉଁଠି ଭିନ୍ନ ମତ ପ୍ରକାଶ ପାଇନାହିଁ । ତେଣୁ ଗୋଟାଏ ଚିରନ୍ତନ ତଥା ଐହିକ 'ଧର୍ମନିରପେକ୍ଷ' ମଣିଷ ଉପରେ ଧର୍ମକୁ ଲଦିଦିଆ ଯାଇଛି ବୋଲି କହିବାଟା ବୋଧହୁଏ ଠିକ୍ ହେବନାହିଁ । କାରଣ ଆଜିର ଧର୍ମ ସବୁକୁ ତ କେବଳ ମାନବ-କଲ୍ୟାଣ ଲକ୍ଷ୍ୟ ନେଇହିଁ ସୃଷ୍ଟି କରାଯାଇଛି ଏବଂ କାଳ ତଥା ସ୍ଥଳବିଶେଷରେ ଏହି କଲ୍ୟାଣ କାମନା କରୁଥିବା, ଖୋଜୁଥିବା ଗୋଟିଏ ଗୋଟିଏ ମାନବ ସତ୍ତା-ପଂକ୍ତି ଦ୍ୱାରା କ୍ରମେ ତାହା ଗ୍ରହଣୀୟ ହୋଇ ଉଠିଛି । '*ଜଗବନ୍ଧୁ ପରି ଜଣେ ସାମନ୍ତ ନାହିଁ ନାହିଁତ, ଚଉଦ ଭୁବନ ବାରତା ଜାଣନ୍ତି.....*' ଭଳି ପରିପ୍ରକାଶରେ ତେଣୁ କେବଳ ସମଗ୍ର ମାନବ ଜାତିର କଲ୍ୟାଣ ନିମନ୍ତେହିଁ ସାର୍ବଜନୀନ କାମନା କରାଯାଇଛି । □

# ମାନବ ଜାତି ଓ ଇତିହାସ

ମଣିଷର ସହଜାତ ପ୍ରବୃତ୍ତି ହେଲା—ତା' ମନରେ ଉଙ୍କି ମାରୁଥିବା, ଉଠୁଥିବା କଥାଟିକୁ ଦିନେ ନା ଦିନେ ସେ ନିଶ୍ଚୟ ପ୍ରକାଶ କରିବ, ନିଜ ଭାବନାକୁ ସାକାର କରିବା ପାଇଁ ଉଦ୍ୟମ କରିବ । ଆଦିମାନବ ଠାରୁ ଆରମ୍ଭ କରି ଆଜି ପର୍ଯ୍ୟନ୍ତ ଏହି ପ୍ରବୃତ୍ତି କ୍ଷେତ୍ରରେ କିଛି ପରିବର୍ତ୍ତନ ହୋଇନାହିଁ ବୋଲି ନିଃସନ୍ଦେହରେ କୁହାଯାଇପାରେ । ଫଳରେ ଏହି ପ୍ରବୃତ୍ତିରୁ ହିଁ ଜନ୍ମ ନେଇଛି ସମସ୍ତ ପ୍ରକାରର ମାନବିକୀ ବିଦ୍ୟା ଓ କଳା । ସେଇଥିପାଇଁ ଜଣେ ଯେତେବେଳେ କୌଣସି ଲାଇବ୍ରେରୀରେ ବସି ପଢୁଛି, ଗୋଟିଏ ଅଡିଟୋରିଅମ୍‌ରେ ସଂଗୀତ ଶୁଣୁଛି ବା ମିଉଜିଅମ୍‌ଟିରେ ଯାଇ ଚିତ୍ରକଳାକୃତି ଦେଖୁଛି, ସେ ସେଠାକୁ ଯାଇନାହିଁ ଯେହେତୁ ସେ ସବୁ ଅନୁଷ୍ଠାନ ଛିଡ଼ା ହୋଇଛନ୍ତି ବୋଲି—ଯାଇଛି ନିଜର ପଢିବା, ଆଙ୍କିବା ବା ଗୀତ ଗାଇବାର ସହଜାତ, ଅନ୍ତର୍ନିହିତ ଆଗ୍ରହ ଯୋଗୁଁ ।

କିନ୍ତୁ ଭାବନା ପ୍ରକାଶ ସଂକ୍ରାନ୍ତରେ ଯେତେ ମାନବିକୀ ବିଦ୍ୟା ରହିଛି ଇତିହାସ ସେଥିଭିତରେ ଗୋଟାଏ ସ୍ୱତନ୍ତ୍ର ସ୍ଥାନ ହାସଲ କରିଯାଇଛି । କାରଣ ଏହି ବିଦ୍ୟାର ଆରମ୍ଭ ସହିତ ମାନବ-ଆବେଗଶୀଳତାର କୌଣସି ସଂପର୍କ ନାହିଁ । ହୁଏତ ବହି ପଢିବାର ଇଚ୍ଛା ବା ଗୀତ ଗାଇବାର ଇଚ୍ଛା ଜଣଙ୍କ ମନରେ ଜାଗ୍ରତ ହେଉନାହିଁ; କିନ୍ତୁ 'ମୁଁ ସେଠି ଥିଲି' 'ମୁଁ ତାହା ଦେଖିଛି' କିମ୍ବା 'ମୋ'ର ସେକଥା ମନେଅଛି'—ଏଭଳି କହିବାର ଆବଶ୍ୟକତା ତା କ୍ଷେତ୍ରରେ ନିଶ୍ଚୟ ଦେଖାଦେଇଛି । ଏହିସବୁ କଥା କହୁଥିବାରୁ ବା ଭାବୁଥିବାରୁ ସମାଜର ପ୍ରତ୍ୟେକଟି ବ୍ୟକ୍ତି ଯେ ଗୋଟାଏ ଅର୍ଥରେ ଜଣେ ଜଣେ ଇତିହାସବିତ୍, ଇତିହାସକାର ସେ କଥା ନିଶ୍ଚିତ ରୂପରେ କୁହାଯାଇପାରିବ । ତେଣୁ ଇତିହାସ ଯେ ସର୍ବୋପରି ମାନବ ଚେତନଶୀଳତାର ଗୋଟାଏ ଅପରିହାର୍ଯ୍ୟ ଅଙ୍ଗ, ଏଥିରେ ସନ୍ଦେହ କରିବାର କିଛି ନାହିଁ ।

ସ୍ମୃତିଶକ୍ତିର ଥିବା ବିଭିନ୍ନ ଦିଗ କଥା ଆଦୌ ଆଲୋଚନା ନ କରି ମଧ୍ୟ ଆମେ ଜାଣିପାରୁଛୁ ଯେ ଆମ ଚିନ୍ତା, ଆମ ଭାବନା ତଥା ଆମ ଅନୁଭବର ବେଶୀଭାଗ ହିଁ ହେଲା ଅତୀତ । ବର୍ତ୍ତମାନ କଥା ଚିନ୍ତା କଲାବେଳେ ପ୍ରଥମେ ଅତୀତକୁ ହିଁ ମନଭିତରକୁ ଯେ ଆଣିବାକୁ ପଡ଼ିଥାଏ, ଏକଥା ସମସ୍ତେ ନିଜ ଅନୁଭୂତିରୁ କହିପାରିବେ । ଜଣେ ଯେତେ ଦୂରଦୃଷ୍ଟି ସଂପନ୍ନ ଭାବେ ଭବିଷ୍ୟତ କଥା ଚିନ୍ତା କଲେ ମଧ୍ୟ ତାହା କେବଳ କଳ୍ପନାରେ ହିଁ ସୀମାବଦ୍ଧ ରହିବାକୁ ବାଧ୍ୟ, କାରଣ କାଳର ନିୟମ ସେହିପରି । ତେଣୁ ଆମ ନିଜ ସତ୍ତା, ମାନବଜାତିର ଏ ଧରିତ୍ରୀରେ ସତ୍ତା କଥା ଚିନ୍ତା କଲାବେଳେ ଅତୀତର ହିଁ ସାହାଯ୍ୟ ନେବାକୁ ପଡ଼ିଥାଏ; ସେଭଳି ଆଶ୍ରୟ ନ ନେଲେ ନ ଚଳେ ବୋଲି ମଧ୍ୟ କୁହାଯାଇପାରିବ । ଅତୀତର ଗୋଟିଏ ସଠିକ ଓ ସଫଳ ବର୍ଣ୍ଣନା ଯେ ସବୁବେଳେ ସାଧାରଣ ବିଦ୍ୟାର ସାହାଯ୍ୟ ନେଇ କରିବା ସମ୍ଭବ ନୁହେଁ, ତାହା କେତେ ହଜାର ବର୍ଷ ତଳେ ମଣିଷ ପ୍ରଥମେ ଚିନ୍ତା କରିବାକୁ ଆରମ୍ଭ କଲା । ସେଇ ଚିନ୍ତାରୁ ଜନ୍ମନେଲା ଗୋଟାଏ ସ୍ୱତନ୍ତ୍ର ଇତିହାସ ବିଦ୍ୟା । ଇତିହାସଟି ହେଲା ସମଗ୍ର ମାନବ ଅତୀତର ଗୋଟିଏ ସଂଗଠିତ କାହାଣୀ । ଅନେକ ଦୃଷ୍ଟିରୁ ଏହା ମଣିଷକୁ ଆନନ୍ଦ ଦେବା ସଙ୍ଗେ ସଙ୍ଗେ ତା'ର ଚିନ୍ତାଧାରାକୁ, ତା'ର ଭାବଧାରାକୁ ବହୁଭାବେ ଆଲୋକିତ କରିଦେବା ପାଇଁ ମଧ୍ୟ ଯୁଗେ ଯୁଗେ ସମର୍ଥ ହୋଇଆସିଛି ।

ପ୍ରକୃତିର ନିୟମ ଏଭଳି ବିଚିତ୍ର ଯେ ଜଣେ କେବଳ 'ନିଜର ଅତୀତ' କଥା ଚିନ୍ତାକରି ବଞ୍ଚିରହିବା ସମ୍ଭବ ନୁହେଁ । କାରଣ ପ୍ରତ୍ୟେକ ବ୍ୟକ୍ତିର ଅନ୍ୟ ଜଣେ ବ୍ୟକ୍ତି ସଙ୍ଗେ ସଂପର୍କ ଥିବାରୁ ସେ ଅନ୍ୟ କଥା ଜାଣୁଛି, ଅନ୍ୟର ଅତୀତ କଥା ଜାଣୁଛି । ଏହା ସାଙ୍ଗକୁ ନିଜ ଗାଁ, ସହର, ରାସ୍ତା, ବଜାର, ଡାକ୍ତରଖାନା, ଥାନା, ପୋଷ୍ଟଅଫିସ, ନିଜ କର୍ମକ୍ଷେତ୍ର ବିଷୟରେ ମଧ୍ୟ ତାକୁ ନିଶ୍ଚୟ ଜାଣିବାକୁ ପଡୁଛି । ଏହା ବ୍ୟତୀତ ତା ସମୟର ବହୁ ଘଟଣା ତା ସ୍ମୃତିପଟରେ, ତା ମାନସପଟରେ ସଞ୍ଚିତ ହୋଇ ରହିଯିବା କଥାଟା ମଧ୍ୟ ଏକାନ୍ତ ସତ୍ୟ । ଦୈନନ୍ଦିନ ଜୀବନର ଏସବୁ ବିଷୟରେ ଜଣଙ୍କ ସ୍ମୃତିରେ ଥିବା ସଠିକ ତଥ୍ୟ ହିଁ ପ୍ରକୃତ ଇତିହାସ ଜ୍ଞାନ ବୋଲି ତେଣୁ ସଂକ୍ଷେପରେ କୁହାଯାଇ ପାରିବ । ଗୁଣାତ୍ମକ ଦୃଷ୍ଟିରୁ, ଏଭଳି ଜ୍ଞାନ ଅଧିକ ଆଲୋଚିତ ହୋଇଥିବା 'ମୋଗଲ ସାମ୍ରାଜ୍ୟର ଉତ୍‌ଥାନ ପତନ' ବା 'ହିଟ୍‌ଲରଙ୍କ ଅଭ୍ୟୁଦୟର କାହାଣୀ' ଭଳି ବିଷୟର ଯେ ସମକକ୍ଷ, ଏଥିରେ ସନ୍ଦେହ ନାହିଁ—କେବଳ ଆଲୋଚନାର ବିସ୍ତୃତିରେ ଯାହା ପାର୍ଥକ୍ୟ ରହିଛି । ଜ୍ଞାତି ପରିଜନଙ୍କ ଇତିହାସ ଯେଭଳି ଆମକୁ ବାସ୍ତବ ଅନୁଭୂତି ଯୋଗାଇଥାଏ, ସାମଗ୍ରିକ ଇତିହାସ ଅଧ୍ୟୟନ ମଧ୍ୟ ସେହିଭଳି ଆମ କ୍ଷେତ୍ରରେ ପ୍ରତ୍ୟାୟୁକ୍ତ ଅନୁଭବ, ଚେତନାୟୁକ୍ତ ଅନୁଭବର ସୃଷ୍ଟି କରିଥାଏ ।

ଜଣେ ଯେତେବେଳେ ଅବଚେତନ ଭାବେ, ସ୍ୱାଭାବିକ ଭାବେ ନିଜର ତଥା ତା'ର ଆଞ୍ଚଳିକ ଇତିହାସ କଥା ନିଜ ମସ୍ତିଷ୍କ ଭିତରେ ସାଇତି ରଖିଦେଉଛି ବା ପ୍ରତିଦିନର

ଖବର ମାଧ୍ୟମ ସବୁରୁ ସମସାମୟିକ ଇତିହାସ ବିଷୟରେ ଜାଣିଯାଉଛି, ସେତେବେଳେ ଗୋଟିଏ କଥାର ହିଁ ପ୍ରମାଣ ମିଳିଯାଉଛି । ଟିକିଏ ଗଭୀର ଭାବରେ ଚିନ୍ତା କଲେ ଜଣାପଡ଼ିବ ଯେ ଏଭଳି କରିବା ଦ୍ୱାରା ଆଜିର ଅଭିବ୍ୟକ୍ତିଶୀଳ ସାମାଜିକ ପ୍ରାଣୀ ମଣିଷଟି ଜଣେ 'ସଚେତନ ଇତିହାସକାର' ହୋଇଯିବାପାଇଁ ବାଧ୍ୟ ହେଉଛି । ଅନ୍ୟ ଅର୍ଥରେ, ନିଜଠାରୁ ଆରମ୍ଭ ହୋଇଥିବା ତା'ର ଉପଯୁକ୍ତ ଆଗ୍ରହ କ୍ରମେ ଅନ୍ୟାନ୍ୟ 'ଇତିହାସ ଅଞ୍ଚଳ'ରେ ଯାଇ ପହଞ୍ଚି ଯାଉଛି ବୋଲି କୁହାଯାଇପାରେ । ହୁଏତ ସେଭଳି ପହଞ୍ଚିଯିବା ନିମନ୍ତେ ଶାସ୍ତ୍ର ଦୃଷ୍ଟିରେ ଥିବା ସୁଗମ, ଶୃଙ୍ଖଳିତ ପଥ ଦେଇ ସେ ଆଗେଇ ପାରୁନାହିଁ; କିନ୍ତୁ ଇତିହାସ ଯେ ସବୁବେଳେ ଗୋଟାଏ ବୌଦ୍ଧିକ ଅଭିବ୍ୟକ୍ତି ବା ପରିପ୍ରକାଶ ନୁହେଁ, ସେ କଥା ମଧ୍ୟ ସ୍ୱୀକାର କରିବାକୁ ପଡ଼ିବ ।

ଏକଥା ସତ ଯେ ଜଣେ ଇତିହାସରେ ଆଗ୍ରହୀ ବୋଲି କହିଲେ ଆମେ ସାଧାରଣତଃ ବୁଝିଥାଉ ଯେ ପୃଥିବୀ ପୃଷ୍ଠରେ ଦେଖାଦେଇଥିବା ନିର୍ଦ୍ଦିଷ୍ଟ କେତେକ ସଭ୍ୟତା ସବୁର ରାଜନୈତିକ, ସାମାଜିକ ତଥା ସାଂସ୍କୃତିକ ଇତିହାସ କଥାରେ ହିଁ ସେ ଆଗ୍ରହୀ ବୋଲି । ତେଣୁ ବହୁକାଳ ପର୍ଯ୍ୟନ୍ତ ସେହି ଅଳ୍ପ କେତୋଟି ପ୍ରାଚ୍ୟ-ପାଶ୍ଚାତ୍ୟ ସଭ୍ୟତାର ଇତିହାସକୁ ଇତିହାସକାରମାନେ ବାରମ୍ବାର ଦୋହରାଉଥିଲେ । କିନ୍ତୁ ବିଂଶ ଶତାବ୍ଦୀର ଶେଷ କେତେବର୍ଷ ବେଳକୁ ଇତିହାସର ଦୃଶ୍ୟପଟ୍ଟରେ ଆଉ ସେଭଳି ପରିସ୍ଥିତି ନାହିଁ । ବିଶାଳ ପୃଥିବୀପୃଷ୍ଠରେ ଥିବା ଅଳ୍ପ କେତୋଟି ସଭ୍ୟତାର ବା ସଭ୍ୟତା ଅଞ୍ଚଳର ଇତିହାସକୁ, ସମଗ୍ର ପୃଥିବୀବକ୍ଷର ସଭ୍ୟତାର ଇତିହାସ ବୋଲି ଆଜି ଧରାଯାଉନାହିଁ । ଆଫ୍ରିକାର ଅରଣ୍ୟଠାରୁ ଆରମ୍ଭ କରି ଆର୍କଟିକ୍ ତୁନ୍ଦ୍ରା ପର୍ଯ୍ୟନ୍ତ ଅଞ୍ଚଳରେ କାଳ କାଳ ଧରି ସଂଯୋଜିତ ହୋଇଥିବା ହଜାର ହଜାର 'ସଭ୍ୟତା'ର ଗାଥା ଆଜି ଇତିହାସ ଗାଇବାକୁ ଲାଗିଲାଣି । ପୃଥିବୀର ସବୁ ଅଞ୍ଚଳର ଜାତି, ଧର୍ମ, ପରମ୍ପରା ଓ ପ୍ରଥା କଥା ଇତିହାସକାରମାନେ ମାନବଜାତି ଆଗରେ ଆଣି ରଖିଦେବା ପାଇଁ ଚେଷ୍ଟା କଲେଣି ।

ବେଳେବେଳେ ପ୍ରଶ୍ନ ଉଠିଥାଏ : କ'ଣ ଜଣେ ଅଣଇତିହାସବିତ୍ ସାଧାରଣ ଜିଜ୍ଞାସୁ ପାଠକ ଇତିହାସରେ ଉଲ୍ଲେଖ କରାଯାଉଥିବା ବିଶାଳ ପରିମାଣର ତଥ୍ୟ, ନାମ, ତାରିଖ ଓ ସେଭଳି ଅନ୍ୟାନ୍ୟ ଘଟଣା ଭିତରେ ହଜି ନ ଯାଇ ନିଜ ବାଟ ଖୋଜି ପାଇପାରିବ ? ଯଦିବା ସେ ସେଥିପାଇଁ ସମର୍ଥ ହେବ, ସେଭଳି ଉଦ୍ୟମ କରିବାର ଆବଶ୍ୟକତା ତା ପାଖରେ କାହିଁକି ଅନୁଭୂତ ହେବ ? ଇତ୍ୟାଦି, ଇତ୍ୟାଦି । ପ୍ରଥମ ପ୍ରଶ୍ନଟିର ଉତ୍ତରରେ କୁହାଯାଇପାରେ ଯେ ଜଣକର ଯଦି ଉପଯୁକ୍ତ ଆଗ୍ରହ ତଥା ଅଭିପ୍ରାୟ ରହିଲା, ତେବେ ପୃଥିବୀର ଯେ କୌଣସି ଅଞ୍ଚଳର ଇତିହାସ ଅଧ୍ୟୟନ କରିବାରେ ସେ ଆଦୌ ଅସୁବିଧାର ସମ୍ମୁଖୀନ ହେବନାହିଁ । ନିରୋଳା ଇତିହାସ ବର୍ଣ୍ଣନା ବ୍ୟତୀତ *ଶିଶୁ ଜ୍ଞାନମଣ୍ଡଳ*, *କିଶୋର ଜ୍ଞାନମଣ୍ଡଳ* କିମ୍ବା *ଜ୍ଞାନମଣ୍ଡଳ* ଗ୍ରନ୍ଥ ଭଳି ପୃଥିବୀବ୍ୟାପୀ ଭିନ୍ନ ଭିନ୍ନ ଭାଷାରେ ପ୍ରସ୍ତୁତ କରାଯାଉଥିବା ଏନ୍‌ସାଇକ୍ଲୋପିଡିଆ ଗୁଡ଼ିକରେ ରହୁଥିବା ସୁପାଠ୍ୟ ବା ଡାଇଜେଷ୍ଟ ଢଙ୍ଗର ବର୍ଣ୍ଣନା ତାକୁ ଏଥିରେ ଯଥେଷ୍ଟ ସାହାଯ୍ୟ ଯୋଗାଇଦେଇପାରିବ । ବିଶେଷଜ୍ଞ ମାନଙ୍କ ଭଳି 'ସବୁକଥା ମନେରଖିବା' ପାଇଁ ଉଦ୍ୟମକ୍ରିୟାର ବାଧ୍ୟବାଧକତା ମଧ୍ୟ ସାଧାରଣ ଜିଜ୍ଞାସୁ ପାଠକ କ୍ଷେତ୍ରରେ ନାହିଁ । ଏଥିରେ ଗୋଟିଏ ଦୃଷ୍ଟିରୁ ଉପକାରର ବୀଜ ନିହିତ ରହିଛି ବୋଲି ଧରିବାକୁ ହେବ । ତାହାହେଲା—ପାଠକଙ୍କୁ ଆଉ ବିଶେଷଜ୍ଞ ମାନଙ୍କ ଭଳି ସବୁ ଘଟଣାର ସବୁ ଦିଗ ବିଷୟରେ ଆଲୋଚନା-ସମାଲୋଚନା କରିବାକୁ ପଡ଼ିବ ନାହିଁ କିମ୍ବା ଭିନ୍ନ ମତ ପ୍ରକାଶ କରିବାକୁ ପଡ଼ିବ ନାହିଁ । କାରଣ ଜଣେ ବିଶେଷଜ୍ଞ ଅଧିକାଂଶ ସମୟରେ ଗୋଟିଏ 'ସଂପୂର୍ଣ୍ଣ' କଥାର କେବଳ ଛୋଟ ଦିଗଟିଏ ବିଷୟରେହିଁ ମୁଣ୍ଡ ଖେଳାଇଥା'ନ୍ତି ବା ଚିନ୍ତା କରିଥା'ନ୍ତି ବୋଲି ଦେଖାଯାଇଛି । ପୁଣି, ଇତିହାସରେ ଆଗ୍ରହୀ ଜଣେ ପାଠକଙ୍କର ସରଳ ତଥା ବୋଧଗମ୍ୟ ଭାଷାରେ ସେ ବିଦ୍ୟାର ଯେକୌଣସି ଦିଗ ବିଷୟରେ ଜାଣିବାର ସ୍ୱାଧୀନତା ରହିଛି । କାରଣ ଅନ୍ୟ ବହୁ ବିଦ୍ୟା ଭଳି ଏହାର ଗୋଟାଏ ସ୍ୱତନ୍ତ୍ର ଭାଷା ନାହିଁ—ଇତିହାସର ଭାଷା ହେଲା ସାଧାରଣ ଓ ସେଥିର ଅଧିକାଂଶ ସ୍ଥଳରେ ମଣିଷ ମଣିଷ ଭିତରେ ଥିବା ସଂପର୍କର ହିଁ ଉଲ୍ଲେଖ ରହିଥାଏ ।

ଦ୍ୱିତୀୟ ପ୍ରଶ୍ନଟିର ଉତ୍ତର କିନ୍ତୁ ପ୍ରକୃତରେ ଜଟିଳ । ଜଣେ ଇତିହାସ ପଢିବାର ଆବଶ୍ୟକତା କାହିଁକି ଅନୁଭବ କରିବ ସେ କଥାର ଉତ୍ତର ବହୁଭାବେ ଦିଆଯାଇପାରେ । ସେଥି ଭିତରୁ ବୋଧହୁଏ ସବୁଠାରୁ ଅଧିକ ଗ୍ରହଣୀୟଟି ହେଲା—ମଣିଷ ନିଜ ଅତୀତର ଘଟଣାକ୍ରମକୁ ଯୋଡ଼ିଲାବେଳେ ଯେଉଁ ଅଂଶ ଗୁଡ଼ିକୁ ଠିକ୍ ଭାବେ ଯୋଡ଼ିପାରେ ନାହିଁ ବା ତା ପାଖରେ ହୁଏତ ସେସବୁ ଅଂଶ ଉପଲବ୍ଧ ନୁହେଁ; ସେତିକିବେଳେ ଇତିହାସ ତାକୁ ସାହାଯ୍ୟ କରିଦିଏ ସେହିସବୁ ହଜିଲା ଅଂଶ କଥା ଜଣାଇ ଦେଇ । ତାହା ତା'ର ଅନୁସନ୍ଧିତ୍ସା ପ୍ରବୃତ୍ତିକୁ ପ୍ରଶମିତ କରିଦେବାକୁ ଏହାଦ୍ୱାରା ଉଦ୍ୟମ କରିଥାଏ । କାଳକ୍ରମେ 'କିପରି ଘଟିଲା', 'କାହିଁକି ଘଟିଲା' ଭଳି କଥାର ଉତ୍ତର ସେ ଏଥିରୁ ବହୁଦୂରକୁ ପାଇଯିବାକୁ ସମର୍ଥ ହୋଇଯାଏ ।

ଇତିହାସ କ୍ଷେତ୍ରରେ ମାନବଜାତି ବିଭିନ୍ନ ସମୟରେ ଆଦରି ନେଇଥିବା ଲକ୍ଷ୍ୟର ପ୍ରବାହ ଓ ଅପବାହ— ଏ ଉଭୟ ଦିଗର ମିଶ୍ରଣ ମଧ୍ୟ ହୋଇଛି । ପୁରାତନ ପଣ୍ଡିତମାନଙ୍କ କାମ ବିଷୟରେ ଆଲୋଚନା କଲାବେଳେ ଇତିହାସର ଏହି ଦିଗଟି ବିଷୟରେ ପ୍ରାଞ୍ଜଳ ଭାବରେ ଜଣା-

ପଢ଼ିଯାଇଥାଏ । ଉଦାହରଣ ସ୍ୱରୂପ, ଇତିହାସ କହୁଛି ଜ୍ୟୋତିଷଶାସ୍ତ୍ରର ବିକାଶ ହୋଇ ଆଜିର ବିଜ୍ଞାନସମ୍ମତ ଜ୍ୟୋତିର୍ବିଜ୍ଞାନର ସୃଷ୍ଟି ହୋଇଗଲା । ଆହୁରି ମଧ୍ୟ ବିଜ୍ଞାନ ଯେ ଅନ୍ଧବିଶ୍ୱାସକୁ ଦୂରକରିଦିଏ ଏ ବିଷୟରେ କାହାରି ସନ୍ଦେହ ନାହିଁ । କିନ୍ତୁ ଆଜି ଜ୍ୟୋତିଷଶାସ୍ତ୍ର ରହିଛି—ଆଦୌ ବିଜ୍ଞାନସମ୍ମତ ନ ହେଲେ ମଧ୍ୟ ପୃଥିବୀର ବହୁଆଡ଼େ ବହୁଲୋକ ନିଜ 'ଭାଗ୍ୟ' ବିଷୟରେ ଜାଣିବା ପାଇଁ ଏହାର ସାହାଯ୍ୟ ନେଉଛନ୍ତି । ଏ ଦିଗରେ ସେହି ପୁରାତନ ପଣ୍ଡିତମାନଙ୍କ କାମ ଆଜି ମଧ୍ୟ ସ୍ୱୀକୃତ ହେଉଥିଲାବେଳେ ହୁଏତ ସେମାନଙ୍କର ସେଭଳି ଚିନ୍ତା ଜନ୍ମ ନେଇଥିଲା ସେ ସମୟରେ ପ୍ରଚଳିତ ଥିବା ଅତି ବିଚିତ୍ର ତଥା ଅର୍ବାଚୀନ ଚିନ୍ତାଧାରା ସବୁରୁ । ଏହି ପ୍ରବାହ-ଅପବାହର ବର୍ଣ୍ଣନା ଇତିହାସକାର ମାନେ ନିଜ ଦୃଷ୍ଟିରୁ କିଭଳି କରିଛନ୍ତି ସେ କଥା ସାଧାରଣ ପାଠକ ଜାଣିବାକୁ ଚାହିଁବା ସ୍ୱାଭାବିକ । ତେଣୁ ତାଙ୍କୁ ଇତିହାସ ପଢ଼ିବାକୁ ହେବ । ସେହିପରି ବିଂଶ ଶତାବ୍ଦୀର ତୃତୀୟ-ଚତୁର୍ଥ ଦଶକରେ, ଷଷ୍ଠ ଦଶକରେ ବିପ୍ଳବର ଦ୍ୱାହି ଦେଇ, ଯୁଦ୍ଧର ଦ୍ୱାହି ଦେଇ ପୃଥିବୀବ୍ୟାପୀ ଲକ୍ଷ ଲକ୍ଷ ନିରୀହ ଲୋକଙ୍କୁ ମାରିଦିଆଗଲା । ସେ ବିଷୟରେ ଶାସ୍ତ୍ରସମ୍ମତ ଐତିହାସିକ ଅନୁଶୀଳନ ଆଜି ହେବାରେ ଲାଗିଲାଣି । ସେଭଳି ଅନୁଶୀଳନ କରୁଥିବା ଇତିହାସକାରମାନେ ଏଥିରୁ ଏଭଳି କେତେକ ଘଟଣାର, ମନୋଭାବର ସନ୍ଧାନ ପାଇଛନ୍ତି, ଯାହା ବିଷୟରେ ସଂପୂର୍ଣ୍ଣ ଭାବେ ନ ଜାଣିଲେ ଗୋଟାଏ ଶାନ୍ତ, ସୁନ୍ଦର ପୃଥିବୀ ଗଠନ ନିମନ୍ତେ ମଣିଷ ଜାତି ଉଦ୍ୟମ କରିବା ଅସମ୍ଭବ ହୋଇପଡ଼ିବ । ତେଣୁ ଇତିହାସ ପଢ଼ିବାର, ଇତିହାସକୁ ଜାଣିବାର ଆବଶ୍ୟକତା ନିଶ୍ଚୟ ସୃଷ୍ଟି ହୋଇଯାଉଛି ସେହିସବୁ ଘଟଣାକୁ ଜାଣିବା ପାଇଁ, କ୍ଷେତ୍ରବିଶେଷରେ ଅନ୍ୟକୁ ଜଣାଇବା ପାଇଁ । ପରୋକ୍ଷରେ ଇତିହାସ ଜଣଙ୍କ ଆତ୍ମଜ୍ଞାନ ବୃଦ୍ଧିରେ ସାହାଯ୍ୟ କରୁଛି; ସମାଜରେ ଘଟୁଥିବା ଘଟଣଅଘଟଣ ବିଷୟରେ ଜାଣିବାକୁ ଜଣକୁ ସକ୍ଷମ କରିଦେଉଛି ।

ଗୋଟାଏ ଦୃଷ୍ଟିରୁ ଦେଖିବାକୁ ଗଲେ ପ୍ରକୃତ ଇତିହାସ ପଢ଼ିବା ଦ୍ୱାରା ଜଣେ ଜିଜ୍ଞାସୁ ପାଠକର ମନରୁ ଭ୍ରମ ଦୂର ହୋଇ ଯାଇଥାଏ । ଭାରତର ମହାନ୍ ପ୍ରଥମ ସ୍ୱାଧୀନତା ଆନ୍ଦୋଳନ ଯେ କେବଳ *"କେତେକ ସିପାହୀଙ୍କ ଦ୍ୱାରା ଆୟୋଜିତ ବିଦ୍ରୋହଟିଏ ଥିଲା"*—ଏଭଳି କଳଙ୍କିତ ଉଦ୍ଦେଶ୍ୟମୂଳକ ବର୍ଣ୍ଣନା ବିଷୟରେ ଜାଣିହୋଇଯାଇଥାଏ । ପୁଣି କେତେକ ରାଜନୈତିକ ବାଦ ବା ମତବାଦ ବିଷୟରେ ବିଂଶ ଶତାବ୍ଦୀର ଶେଷ ଦଶକର ଶେଷଭାଗରେ ଇତିହାସକାରମାନେ ଯେଉଁ ନୂଆ ତଥ୍ୟ ଆଣି ସମସ୍ତଙ୍କ ଆଗରେ ରଖିଦେଇପାରିଛନ୍ତି ତାହା ପଢ଼ି, ଜାଣି ସାଧାରଣ ଲୋକେ ସାବଧାନ ହୋଇଯାଇ ପାରୁଛନ୍ତି । ସେଭଳି ବାଦ ବା ମତବାଦକୁ ସହଜରେ ଗ୍ରହଣ କରିଯିବା ଦ୍ୱାରା ଗୋଟାଏ ଗୋଟାଏ ସମାଜର, ଦେଶର କିଭଳି ଅପୂରଣୀୟ କ୍ଷତି ହୋଇଯାଇଛି ସେ କଥା ଜାଣିଯାଉଛନ୍ତି । ଇତିହାସ ନ ଥିଲେ ଏସବୁ କଥା ଜାଣିବା ଆମ ସାଧାରଣ ଲୋକଙ୍କ ପକ୍ଷରେ ହୁଏତ ଏତେ ଶୀଘ୍ର ସମ୍ଭବ ହୋଇ ନଥା'ନ୍ତା । ତେଣୁ ମାନବ ସମାଜର, ପୃଥିବୀର ନିକଟ ଇତିହାସ ପଢ଼ିବାର ଆବଶ୍ୟକତା ମଧ୍ୟ ସମସ୍ତଙ୍କ ପାଇଁ ଅତିମାତ୍ରାରେ ରହିଛି । □

# ଜ୍ଞାନବୃକ୍ଷର ଶାଖା-ପ୍ରଶାଖା

ବିଶ୍ୱ ଓ ଏନ୍‌ସାଇକ୍ଲୋପିଡିଆ— ଏ ଶବ୍ଦ ଦୁଇଟି ଭିତରେ ସ୍ୱାଭାବିକ ସାମଞ୍ଜସ୍ୟ ରହିଛି ବୋଲି କୁହାଯାଇପାରେ । ବିଶ୍ୱ ସସୀମ ହେଉ ବା ଅସୀମ ହେଉ, ଏହା ଯେଉଭଳି ଭାବରେ ସୃଷ୍ଟି ହୋଇଥାଉ ନା କାହିଁକି, ଏହାର ସଂଯୋଜନ କଥା ନିର୍ଦ୍ଦିଷ୍ଟ ଭାବେ ଜଣା ଥାଉ ବା ନ ଥାଉ—ଏକଥା କିନ୍ତୁ ସ୍ୱୀକାର କରିବାକୁ ପଡ଼ିବ ଯେ ବିଶ୍ୱ ହିଁ ହେଲା *'ସବୁକିଛି'*ର ଘର, ସବୁକିଛିକୁ ଏହା ଧାରଣ କରୁଛି । ବିଶ୍ୱ ବାହାରେ କିଛି ଗୋଟାଏ ଅଛି ବୋଲି ଆମ ଦୃଷ୍ଟିରୁ ଆଦୌ କୁହାଯାଇ ପାରିବ ନାହିଁ । ତେଣୁ ଏଥିରୁ କ'ଣ ଜଣେ ଧାରଣା କରିନେବା ଉଚିତ ହେବ ଯେ ଗୋଟିଏ ସେଟ୍ ଏନ୍‌ସାଇକ୍ଲୋପିଡିଆ ଭିତରେ 'ଜ୍ଞାନବିଶ୍ୱର' ସବୁକିଛି ରହିଯାଇପାରିବ ? ତା'ର ଉତ୍ତର ହେଲା: କୌଣସି ପାର୍ଥିବ ଏନ୍‌ସାଇକ୍ଲୋପିଡିଆ ପୁସ୍ତକରେ ତାହା ସମ୍ଭବ ନୁହେଁ । କିନ୍ତୁ ଏନ୍‌ସାଇକ୍ଲୋପିଡିଆର ଲେଖକ, ସଂପାଦକ ବା ପ୍ରଣୟନକର୍ତ୍ତା ମାନେ ମନ ଭିତରେ ବିଶ୍ୱର 'ସଂପୂର୍ଣ୍ଣତା'କୁ ଗୋଟାଏ ଆଦର୍ଶ ଭାବରେ ଗ୍ରହଣ କରିଯାଇଥା'ନ୍ତି ନିଜ ନିଜ କାର୍ଯ୍ୟ ସଂପାଦନ କଲାବେଳେ । ବିଶ୍ୱରେ ଯାହାକିଛି ଅଛି ସେ ସବୁ ବିଷୟରେ ଜଣାଇବା ଲାଗି ଉଦ୍ୟମ କରୁଥିବା ଯୋଗୁଁ ଏନ୍‌ସାଇକ୍ଲୋପିଡିଆ ଆଉ ବିଶ୍ୱ ଭିତରେ ଗୋଟାଏ ସଂପର୍କ ରହିଛି ବୋଲି ମଧ୍ୟ କୁହାଯାଇଥାଏ ।

ଏନ୍‌ସାଇକ୍ଲୋପିଡିଆ ରଚନାର ଇତିହାସ ଖୁବ୍ ପୁରୁଣା । ସେବେଠାରୁ ଆରମ୍ଭ କରି ଆଜି ପର୍ଯ୍ୟନ୍ତ ଏହି ଧରଣର ପୁସ୍ତକସବୁରେ ଦିଆଯାଉଥିବା ଜ୍ଞାନର ସଂଗଠନ ବା ବ୍ୟବସ୍ଥାପନା ରୀତିରେ ଯୁଗୋପଯୋଗୀ ବହୁ ପ୍ରକାରର ପରିବର୍ତ୍ତନ ହୋଇଥିବା କଥା ପରିଲକ୍ଷିତ ହୋଇଛି । ସମୟକୁ ଗ୍ରହି ସେଭଳି ପରିବର୍ତ୍ତନର ନିଶ୍ଚିତ ଆବଶ୍ୟକତା ମଧ୍ୟ ରହିଛି । ଏହା ପୂର୍ବରୁ ଯେଉଁ ନ'ଟି ପ୍ରବନ୍ଧ ଆପଣଙ୍କ ଦୃଷ୍ଟି ଆକର୍ଷଣ କରିଛି ବୋଲି ଆମର ଆଶା, ତାହା ଏକବିଂଶ ଶତାବ୍ଦୀର ଆରମ୍ଭ ବେଳକୁ ପ୍ରଣୟନ କରାଯାଉଥିବା ଗୋଟିଏ ଏନ୍‌ସାଇକ୍ଲୋପିଡିଆ ସେଟ୍‌ରେ ଜ୍ଞାନ-ବ୍ୟବସ୍ଥାପନା ଉଦ୍ୟମରୁ ପ୍ରସୂତ ଫଳ ବୋଲି କୁହାଯାଇପାରିବ । ଅବଶ୍ୟ ମାନବଜ୍ଞାନର ଯେଉଁସବୁ ଗୁରୁତ୍ୱପୂର୍ଣ୍ଣ ବିଭାଗ କଥା ସେସବୁରେ ଉଲ୍ଲେଖ କରାଯାଇଛି ତାହା ବ୍ୟତୀତ ମଧ୍ୟ ସମାନ ଗୁରୁତ୍ୱ ଥିବା ଆହୁରି ଅନେକ ବିଷୟ ଯେ ଆଲୋଚିତ ଏନ୍‌ସାଇକ୍ଲୋପିଡିଆରୁ ନ ମିଳିବ ତାହା ନୁହେଁ । *ତର୍କଶାସ୍ତ୍ର, ଶୁଦ୍ଧ ଗଣିତ, ବିଜ୍ଞାନ, ଇତିହାସର ଦର୍ଶନ, ଶୁଦ୍ଧ ଦର୍ଶନ* ଭଳି ଜ୍ଞାନବୃକ୍ଷର ଅନେକ ହୃଷ୍ଟପୁଷ୍ଟ ଶାଖା କଥା ମଧ୍ୟ ସେଥିରେ ଉପଯୁକ୍ତ ଭାବେ ନିଶ୍ଚୟ ସ୍ଥାନ ପାଇବ । ସମଗ୍ର ମାନବଜ୍ଞାନକୁ ଗୋଟିଏ ମଣ୍ଡଳ ବା ବୃତ୍ତ ଭାବରେ ଧରିନେଲେ, ଜଣେ ଜାଣିପାରିବ ସେହି ବୃତ୍ତର ପ୍ରତ୍ୟେକଟି ଜ୍ଞାନ-ପଏଣ୍ଟର କେତେମାତ୍ରାରେ ଗୁରୁତ୍ୱ ରହିଛି । କାରଣ ଯେ କୌଣସି ଗୋଟିଏ ପଏଣ୍ଟର ଅଭାବ ସେ କ୍ଷେତ୍ରରେ ସେହି ଜ୍ଞାନମଣ୍ଡଳୀୟ ବୃତ୍ତଟିକୁ ଅସଂପୂର୍ଣ୍ଣ କରିଦେବାର ନିଶ୍ଚିତ ସମ୍ଭାବନା ରହିଛି ।

ଏକଥା ମନେ ରଖିବାକୁ ହେବ ଯେ ଜ୍ଞାନ-ଆହରଣ ବା ବିତରଣ ନିମନ୍ତେ ଏଭଳି କୌଣସି ବାଧା ବା ପ୍ରତିବନ୍ଧକ ନାହିଁ ଯାହାକୁ କି ଜୟ କରିବା କଷ୍ଟ । କାରଣ ସମଗ୍ର ଜ୍ଞାନ-ଜଗତ ଗୋଟିଏ ବିଶ୍ୱାସ ଉପରେ ପ୍ରତିଷ୍ଠିତ । ସେଇଟି ହେଲା—ଜ୍ଞାନବିଶ୍ୱ-ପ୍ରବଚନ । ତେଣୁ ଏଭଳି ପ୍ରବଚନ ଦେବାର ଓ ଶୁଣିବାର ଅଧିକାରର ପବିତ୍ରତା ରକ୍ଷା କରିବା ହେଲା ରାଷ୍ଟ୍ରର, ସମାଜର ନୈତିକ ଦାୟିତ୍ୱ ତଥା କର୍ତ୍ତବ୍ୟ । ତାହାହେଲେ ଯାଇ ଜ୍ଞାନବୃକ୍ଷର ଶାଖା-ପ୍ରଶାଖାରୁ ଲବ୍ଧ ସାମଗ୍ରିକ ଉପକାର ସମସ୍ତଙ୍କ ପାଇଁ କଲ୍ୟାଣକର ତଥା ମଙ୍ଗଳମୟ ହୋଇପାରିବ । □

ଜ୍ଞାନଭିତ୍ତି ସହାୟତାରେ ଆଲୋଚିତ ହୋଇଥିବା ବିଷୟ ଗୁଡ଼ିକ ସମ୍ବନ୍ଧରେ ଅଧିକ ଅଧ୍ୟୟନ ନିମନ୍ତେ ଥିବା ଶାସ୍ତ୍ରୀୟ ବିଭାଗ ଓ ଉପବିଭାଗ

### *ପଦାର୍ଥ ଓ ଉର୍ଜା*

**ପରମାଣୁ ନାଭିକ ଓ ମୌଳିକ କଣ**

୧. *ପରମାଣୁର ଗୁଣଧର୍ମ ଓ ସଂରଚନା*
୨. *ପରମାଣୁ ନାଭିକ ଓ ମୌଳିକ କଣ*

**ଉର୍ଜା, ବିକିରଣ, ପଦାର୍ଥର ଅବସ୍ଥା ଓ ପରିବର୍ତ୍ତନ-ଶୀଳତା**

୧. *ରାସାୟନିକ ମୌଳିକ ଉପାଦାନ*
୨. *ରାସାୟନିକ ଯୌଗିକ ଉପାଦାନ*
୩. *ରାସାୟନିକ ପ୍ରକ୍ରିୟା*
୪. *ତାପ, ଉଷ୍ମାଗତିକ ଓ ପଦାର୍ଥର ଅଘନ ଅବସ୍ଥା*
୫. *ପଦାର୍ଥର ଘନ ଅବସ୍ଥା*
୬. *କଣ, ଦୃଢପିଣ୍ଡ ଓ ବିରୂପ୍ୟପିଣ୍ଡ : କମ୍ପନ, ପ୍ରତ୍ୟାଶ୍ରୁତା ଓ ପ୍ରବାହ*
୭. *ବିଦ୍ୟୁତ୍ ଓ ଚୁମ୍ବକ*
୮. *ତରଙ୍ଗ ଓ ତରଙ୍ଗ ଗତି*

**ବିଶ୍ୱ-ବ୍ରହ୍ମାଣ୍ଡ**

୧. *ବିଶ୍ୱ*
୨. *ଗାଲାକ୍‌ସୀ ଓ ନକ୍ଷତ୍ର*
୩. *ସୌରଜଗତ*

### *ଧରିତ୍ରୀ*

**ପୃଥିବୀର ଗୁଣଧର୍ମ, ସଂରଚନା ଓ ସଂଯୋଜନ**

୧. *ପୃଥିବୀ*
୨. *ପୃଥିବୀର ଭୌତିକ ଗୁଣଧର୍ମ*
୩. *ପୃଥିବୀ ଅଭ୍ୟନ୍ତରର ସଂରଚନା ଓ ସଂଯୋଜନ*
୪. *ପୃଥିବୀବକ୍ଷରେ ଥିବା ଧାତବ ପଦାର୍ଥ ଓ ଶିଳା*

**ପୃଥିବୀର ଆବରଣଃ ବାୟୁମଣ୍ଡଳ ଓ ଜଳମଣ୍ଡଳ**

୧. *ବାୟୁମଣ୍ଡଳ*
୨. *ଜଳମଣ୍ଡଳ (ମହାସାଗର, ମଧୁର ଜଳସମଷ୍ଟି ଓ ବରଫ)*
୩. *ପାଗ ଓ ଜଳବାୟୁ*

**ପୃଥିବୀର ପୃଷ୍ଠଦେଶ**

୧. *ପୃଥିବୀପୃଷ୍ଠର ଭୌତିକ ଲକ୍ଷଣ*
୨. *ପୃଥିବୀପୃଷ୍ଠରେ ଭୂ-ଆକୃତିକ ପ୍ରକ୍ରିୟା ଦ୍ୱାରା ସୃଷ୍ଟି ହେଉଥିବା ଲକ୍ଷଣରାଜି*

**ଭୂ-ଇତିହାସ**

୧. *ପୃଥିବୀ ଓ ଏହାର ଆବରଣ ସବୁର ଉତ୍ପତ୍ତି ଏବଂ କ୍ରମବିକାଶ*
୨. *ଭୂବୈଜ୍ଞାନିକ ଅଭିଲେଖର ବ୍ୟାଖ୍ୟା*
୩. *ଭୂବୈଜ୍ଞାନିକ ସମୟର ବିଭାଗ ଓ ଧାରା*

### *ଧରିତ୍ରୀରେ ଜୀବନ*

**ଜୈବ ପଦାର୍ଥର ପ୍ରକୃତି ଓ ବିସ୍ତାର୍ଣ୍ଣତା**

୧. *ଜୈବ ପଦାର୍ଥର ଅଭିଲକ୍ଷଣ*
୨. *ଜୀବନର ସୃଷ୍ଟି ଓ ଜୈବ ପଦାର୍ଥର ଇଭୋଲୁସନ ବା ବିବର୍ତ୍ତନ*
୩. *ଜୈବ ପଦାର୍ଥର ବର୍ଗୀକରଣ*

**ଜୀବନ ପ୍ରକ୍ରିୟାର ଅଣୁଜୈବିକ ଭିତ୍ତି**

୧. *ରାସାୟନିକ ପଦାର୍ଥ ଓ ଜୀବନ ପ୍ରକ୍ରିୟା*
୨. *ଜୈବ ଉର୍ଜା ଓ ଜୈବ ସଂଶ୍ଳେଷଣଃ ଉପପାକେ ପ୍ରକ୍ରିୟା*
୩. *ଅତି-ସୂକ୍ଷ୍ମ ସ୍ତରରେ ଜୀବନ ପ୍ରକ୍ରିୟା*

**ଜୀବର ସଂରଚନା ଓ କାର୍ଯ୍ୟ**

୧. *ଜୀବକୋଷର ଆକୃତି ଓ କାର୍ଯ୍ୟ*
୨. *ଜୀବ-ଆକୃତି ଓ କାର୍ଯ୍ୟ ଭିତରେ ରହୁଥିବା ସଂପର୍କ*
୩. *ଜୀବନ ପ୍ରକ୍ରିୟାର ବିଭିନ୍ନ ବିଭାଗ ଭିତରେ ରହୁଥିବା ସମନ୍ୱୟ*

୪. *ଜୀବ ସଂରଚନା*
୫. *ପୋଷଣ ଓ ପୋଷକ ସଂଗ୍ରହ ତଥା ଏହାର ସଂଶୋଧନ ପ୍ରକ୍ରିୟା*
୬. *ଗ୍ୟାସ୍ ବିନିମୟ, ଆଭ୍ୟନ୍ତରୀଣ ପରିବହନ ଓ ନିରାକରଣ ପ୍ରକ୍ରିୟା*
୭. *ପ୍ରଜନନ ଓ ଯୌନ କ୍ରିୟା*
୮. *ବିକାଶଃ ବୃଦ୍ଧି, ବିଭେଦନ ଓ ସଂରଚନା*
୯. *ଆନୁବଂଶିକତା ନିମନ୍ତେ ବିଶେଷକ ପାରଗମନ*

**ଜୀବର ବ୍ୟାବହାରିକ ଅନୁକ୍ରିୟା**

୧. *ବ୍ୟାବହାରିକ ଅନୁକ୍ରିୟାର ପ୍ରକୃତି ଓ ଧାରା*
୨. *ବ୍ୟାବହାରିକ ଦକ୍ଷତାର ବିକାଶ ଓ ସୀମା*

**ଜୀବମଣ୍ଡଳ**

୧. *ଜୀବମଣ୍ଡଳର ମୌଳିକ ଲକ୍ଷଣରାଜି*
୨. *ଜୀବ : ସମଷ୍ଟି ଓ ଜାତି*
୩. *ଜୀବମଣ୍ଡଳରେ ଥିବା ଜୀବନ ପ୍ରତି ବିପଦ*
୪. *ଜୀବ-ଭୌଗୋଳିକ ବିତରଣ ଓ ପାରିସ୍ଥିତିକ ତନ୍ତ୍ର ବା ଇକୋସିଷ୍ଟମ*
୫. *ଜୀବମଣ୍ଡଳରେ ମାନବ ସ୍ଥିତି*

## *ମାନବଜୀବନ*

**ପୃଥିବୀରେ ମାନବ-ଜୀବନ ବିକାଶର ବିଭିନ୍ନ ସ୍ତର**

୧. *ମାନବୀୟ ଇଭୋଲୁସନ*
୨. *ଆନୁବଂଶିକତା ଓ ମାନବ ପ୍ରଜାତି ସମୂହ*

**ମାନବ ଜୀବନ**

୧. *ମାନବଶରୀରର ସଂରଚନା ଓ କାର୍ଯ୍ୟ*
୨. *ମାନବସ୍ୱାସ୍ଥ୍ୟ*
୩. *ରୋଗ*
୪. *ଆୟୁର୍ବିଜ୍ଞାନ ଓ ସ୍ୱାସ୍ଥ୍ୟରକ୍ଷା*

**ମାନବୀୟ ବ୍ୟବହାର ଓ ଅଭିଜ୍ଞତା**

୧. *ମାନବପ୍ରକୃତି ଓ ଅଭିଜ୍ଞତା*
୨. *ବ୍ୟକ୍ତି ଉପରେ ପାରିପାର୍ଶ୍ୱିକ ପ୍ରଭାବ ଏବଂ ଅବଗମ, ସମ୍ବେଦନ ଓ ଏକାଗ୍ରତାର ବିକାଶ*
୩. *ବ୍ୟକ୍ତିର ବ୍ୟବହାର ଓ ଚେତନଶୀଳତା ଉପରେ ପଡୁଥିବା ଅନ୍ତର୍ନିହିତ ବର୍ତ୍ତମାନର ପ୍ରଭାବ*
୪. *ମାନବୀୟ ବ୍ୟବହାର ତଥା ଚେତନଶୀଳତାକୁ ପ୍ରଭାବିତ କରୁଥିବା ଅଧ୍ୟବସାୟ ଓ ପ୍ରବୃତ୍ତି*
୫. *ବ୍ୟକ୍ତି ସମ୍ଭାବନାର ବିକାଶ—ପାଣ୍ଡିତ୍ୟ ଓ ବିଘ୍ନରଣଶୀଳତା*
୬. *ବ୍ୟକ୍ତିତ୍ୱ ଏବଂ ବ୍ୟକ୍ତିର ସଂପୂର୍ଣ୍ଣ ସଂହତି*

## *ମାନବ ସମାଜ*

**ସାମାଜିକ ବିଭାଗ, ଜାତି ଏବଂ ସଂସ୍କୃତି**

୧. *ବିଭିନ୍ନ ଜାତି ଓ ସଂସ୍କୃତି*
୨. *ମାନବସଂସ୍କୃତିର ବିକାଶ*
୩. *ମାନବସମାଜର ପ୍ରଧାନ ପ୍ରଧାନ ସାଂସ୍କୃତିକ ଭାବଧାରା ଓ ଅନୁଷ୍ଠାନ ସମୂହ*
୪. *ଭାଷା ଓ ଭାବର ଆଦାନପ୍ରଦାନ*

**ସାମାଜିକ ବ୍ୟବସ୍ଥା ଓ ସାମାଜିକ ପରିବର୍ତ୍ତନ**

୧. *ସାମାଜିକ ଗଠନ ଓ ପରିବର୍ତ୍ତନ*
୨. *ସମାଜର ଦଳଗତ ଗଠନ*
୩. *ସାମାଜିକ ସ୍ଥିତି*
୪. *ସହର ଓ ଗ୍ରାମ୍ୟ ସମାଜ ସମୁଦାୟ*

**ସଂପଦର ସୃଷ୍ଟି, ବିତରଣ ଓ ଉପଯୋଗ**

୧. *ଅର୍ଥନୈତିକ ବ୍ୟବସ୍ଥା ଓ ଚିନ୍ତାଧାରା*
୨. *ବଜାର ଓ ଖାଉଟି : ମୂଲ୍ୟ ତଥା ଦ୍ରବ୍ୟ ବିତରଣ ବ୍ୟବସ୍ଥା*
୩. *ଉତ୍ପାଦନ ଓ ବିତରଣର ସାଂଗଠନିକ ବ୍ୟବସ୍ଥା*

୪. ରୋଜଗାର ଓ ସଂପଦର ବିତରଣ
୫. ସମଷ୍ଟିଗତ ଅର୍ଥନୀତି
୬. ଅର୍ଥନୈତିକ ଯୋଜନା ଓ ବିକାଶ

**ରାଜନୀତି ଓ ଶାସନ**

୧. ରାଜନୈତିକ ସିଦ୍ଧାନ୍ତ ସମୂହ
୨. ଶାସନର ଶାଖା ସମୂହ
୩. ଶାସନ କାର୍ଯ୍ୟ ଓ ରାଜନୈତିକ ପ୍ରକ୍ରିୟାର ଗତିଶୀଳତା
୪ ଯୁଦ୍ଧ, ଶାନ୍ତି ତଥା ଆନ୍ତର୍ଜାତୀୟ ସଂପର୍କ

**ଆଇନ**

୧. ଆଇନ ବ୍ୟବସ୍ଥା
୨. ସାଧାରଣ ଆଇନର ଶାଖା ସମୂହ
୩. ବ୍ୟକ୍ତିଗତ ଅଧିକାର ଓ ଆଇନ

**ଶିକ୍ଷା**

୧. ଶିକ୍ଷାର ଲକ୍ଷ୍ୟ ତଥା ଆୟୋଜନ
୨. ପୃଥିବୀବ୍ୟାପୀ ଶିକ୍ଷା

## *କଳା*

**ସାର୍ବଜନୀନ କଳା**

୧. କଳାର ବର୍ଗୀକରଣ
୨. କଳାର ଆଲୋଚନା ଓ ଅନୁଭବ
୩. ନିର୍ଦ୍ଦିଷ୍ଟ ସଂସ୍କୃତିସବୁରେ କଳାର ଲକ୍ଷଣ

**ନିର୍ଦ୍ଦିଷ୍ଟ କଳା**

୧. ସାହିତ୍ୟ
୨. ନାଟକ
୩. ସିନେମା ଓ ଭିଡିଓ
୪. ସଙ୍ଗୀତ
୫. ନୃତ୍ୟ
୬. ସ୍ଥାପତ୍ୟ
୭. ମୂର୍ତ୍ତିକଳା
୮. ଚିତ୍ରକଳା ଓ ଫଟୋଗ୍ରାଫି
୯. ସାଜସଜ୍ଜା

## *ଟେକ୍‌ନୋଲଜି*

**ଟେକ୍‌ନୋଲଜିର ପ୍ରକୃତି ଓ କ୍ରମବିକାଶ**

୧. ଟେକ୍‌ନୋଲଜିର ଇତିହାସ ଓ ବିସ୍ତାର
୨. ଶାରୀରିକ ଶ୍ରମର ବ୍ୟବସ୍ଥାପନା

**ଟେକ୍‌ନୋଲଜିର ଅଂଶବିଶେଷ**

୧. ଉର୍ଜା ରୂପାନ୍ତରଣ ଓ ତା'ର ବ୍ୟବହାର
୨ କଳକବ୍‌ଜା
୩. ମାପ, ପ୍ରେକ୍ଷଣ ଓ ନିୟନ୍ତ୍ରଣ
୪. ଔଦ୍ୟୋଗିକ କଞ୍ଚାମାଲ
୫. ଔଦ୍ୟୋଗିକ ଉତ୍ପାଦନ ପ୍ରଣାଳୀ

**ଟେକ୍‌ନୋଲଜିର କେତେକ ପ୍ରମୁଖ କ୍ଷେତ୍ର**

୧. କୃଷି ଓ ଖାଦ୍ୟ ଉତ୍ପାଦନ ଟେକ୍‌ନୋଲଜି
୨. ବୃହତ୍ ତଥା ପ୍ରମୁଖ ଶିଳ୍ପ ଟେକ୍‌ନୋଲଜି
୩. ନିର୍ମାଣ ଟେକ୍‌ନୋଲଜି
୪. ପରିବହନ ଟେକ୍‌ନୋଲଜି
୫. ତଥ୍ୟ, ସୂଚନା ଓ ସଂଗ୍ରହଣ ଟେକ୍‌ନୋଲଜି
୬. ସାମରିକ ଟେକ୍‌ନୋଲଜି
୭. ନଗର ଉନ୍ନୟନ ଟେକ୍‌ନୋଲଜି
୮. ଭୂ ଓ ମହାକାଶ ଅନ୍ୱେଷଣ ଟେକ୍‌ନୋଲଜି
୯. ଚିକିତ୍ସା ଓ ସ୍ୱାସ୍ଥ୍ୟ ଟେକ୍‌ନୋଲଜି

## *ଧର୍ମ*

**ସାଧାରଣ ଧର୍ମ**

୧. ଧର୍ମ ସଂକ୍ରାନ୍ତୀୟ ମୌଳିକ ଜ୍ଞାନ ଓ ଚିନ୍ତା

୨. ଧାର୍ମିକ ଅନୁଷ୍ଠାନ ଓ ପ୍ରଥା

**ନିର୍ଦ୍ଦିଷ୍ଟ ଧର୍ମ**

୧. ପ୍ରାଗ୍-ଐତିହାସିକ ଓ ଆଦିମ ଧର୍ମ
୨. ଆଦିମ ଅଧିବାସୀଙ୍କ ଧର୍ମ
୩. ହିନ୍ଦୁଧର୍ମ
୪. ଜୈନ ଓ ଅନ୍ୟାନ୍ୟ ଭାରତୀୟ ଧର୍ମ
୫. ବୌଦ୍ଧଧର୍ମ
୬. ପୂର୍ବ ଏସିଆ, ଚୀନ, କୋରିଆ ଓ ଜାପାନର ସ୍ଥାନୀୟ ଧର୍ମ ସମୂହ
୭. ଇହୁଦୀ ଓ ଖ୍ରୀଷ୍ଟଧର୍ମ
୮. ଇସ୍‌ଲାମଧର୍ମ
୯. ଆଧୁନିକ ଧାର୍ମିକ ଆନ୍ଦୋଳନ ଓ ଅନ୍ୟାନ୍ୟ ଧର୍ମ

## ମାନବଜାତି ଓ ଇତିହାସ

**ପୁରାତନ ଦକ୍ଷିଣ-ପୂର୍ବ ଏସିଆ, ଉତ୍ତର ଆଫ୍ରିକା ଏବଂ ଇଉରୋପର ଜାତି ଓ ସଭ୍ୟତା ସମୂହ**

୧. ଏସିଆ, ଇଜିପ୍ଟ, ଇଜିଆନ ଏବଂ ଉତ୍ତର ଆଫ୍ରିକାର ମୂଳ ଜାତି ଓ ସଭ୍ୟତା
୨. ପୁରାତନ ଇଉରୋପ ଓ ପୁରାତନ ଭୂମଧ୍ୟ ସାଗରୀୟ ଅଞ୍ଚଳର ପାରମ୍ପରିକ ଜାତି ଓ ସଭ୍ୟତା

**ମଧ୍ୟଯୁଗୀୟ ଦକ୍ଷିଣପୂର୍ବ ଏସିଆ, ଇଉରୋପ ଏବଂ ଉତ୍ତର ଆଫ୍ରିକାର ଜାତି ଓ ସଭ୍ୟତା**

୧. ପଶ୍ଚିମ ଇଉରୋପ, ବାଇଜାଣ୍ଟାଇନ ସାମ୍ରାଜ୍ୟ ଓ ପୂର୍ବ ଇଉରୋପୀୟ ଦେଶ ସମୂହ
୨. ଖଲିଫା ସାମ୍ରାଜ୍ୟ ଓ ଏହାର ଉତ୍ତରାଧିକାରୀ ରାଜ୍ୟ ସମୂହ
୩. ମଧ୍ୟଯୁଗୀୟ ପାଶ୍ଚାତ୍ୟ ଖ୍ରୀଷ୍ଟଧର୍ମ
୪. ଧର୍ମଯୁଦ୍ଧ କାଳ; ଦକ୍ଷିଣ ପଶ୍ଚିମ ଏସିଆ, ଇଉରୋପ ଓ ଉତ୍ତର ଆଫ୍ରିକାର ଇସ୍‌ଲାମୀୟ ସମୂହ ତଥା ପୂର୍ବ ଇଉରୋପୀୟ ଖ୍ରୀୟ ସମୁଦାୟ

**ଏସିଆର ଜାତି ଓ ପାରମ୍ପାରିକ ଧର୍ମ ସମୂହ**

୧. ଚୀନ
୨. କେନ୍ଦ୍ର ଏସିଆ
୩. ଜାପାନ ଓ କୋରିଆ
୪. ଭାରତୀୟ ଉପମହାଦେଶ
୫. ଦକ୍ଷିଣ-ପୂର୍ବ ଏସିଆ

**ଆଫ୍ରିକାର ଜାତି ଓ ଧର୍ମ**

୧. ପଶ୍ଚିମ ଆଫ୍ରିକା
୨. ସୁଦାନ ଓ ଇଥିଓପିଆ
୩. ପୂର୍ବ ଆଫ୍ରିକା ଓ ମାଡାଗାସ୍କାର
୪. କେନ୍ଦ୍ର ଆଫ୍ରିକା
୫. ଦକ୍ଷିଣ ଆଫ୍ରିକା

**ପ୍ରାକ୍-କଲମ୍ବସ୍ ଆମେରିକୀୟ ଜାତି ଓ ସଭ୍ୟତା**

୧. ଆଣ୍ଡିଆନ ସଭ୍ୟତା
୨. ମେସୋ-ଆମେରିକୀୟ ସଭ୍ୟତା

**ଆଧୁନିକ ଦୁନିଆ**

୧. ପଶ୍ଚିମ ଇଉରୋପ
୨. ଦକ୍ଷିଣ-ପଶ୍ଚିମ ଏସିଆ, ପୂର୍ବ ଇଉରୋପ ଓ ଉତ୍ତର ଆଫ୍ରିକା
୩. ଇଉରୋପ
୪. ଆମେରିକାରେ ଥିବା ଇଉରୋପୀୟ ଉପନିବେଶ
୫. ଯୁକ୍ତରାଷ୍ଟ୍ର ଆମେରିକା ଓ ଉତ୍ତର ଆମେରିକା
୬. ଦକ୍ଷିଣ ଆମେରିକା ଓ କାରିବୀୟ ରାଷ୍ଟ୍ର ସମୂହ
୭. ଅଷ୍ଟ୍ରେଲିଆ ଓ ପ୍ରଶାନ୍ତ ମହାସାଗରୀୟ ଦ୍ୱୀପପୁଞ୍ଜ
୮. ଭାରତ, ଦକ୍ଷିଣ ଓ ଦକ୍ଷିଣ-ପୂର୍ବ ଏସିଆ

୯. ଚୀନ ଓ ଜାପାନ
୧୦. ଦକ୍ଷିଣ-ପଶ୍ଚିମ ଏସିଆ ଓ ଉତ୍ତର ଆଫ୍ରିକା

**ବିଂଶ ଓ ଏକବିଂଶ ଶତାବ୍ଦୀର ପୃଥିବୀ**

୧. ଆନ୍ତର୍ଜାତୀୟ ଆନ୍ଦୋଳନ, କୂଟନୀତି ଓ ଯୁଦ୍ଧ
୨. ଇଉରୋପ, ପ୍ରାକ୍-ସୋଭିଏତ ଇଉନିଅନ୍, ସୋଭିଏତ ଇଉନିଅନ୍ ଲୋପହେବାର ପରବର୍ତ୍ତୀ ଅବସ୍ଥା
୩. ଯୁକ୍ତରାଷ୍ଟ୍ର ଆମେରିକା
୪. ଦକ୍ଷିଣ ଆମେରିକା ଓ କାରିବୀୟ ରାଷ୍ଟ୍ର
୫. ପୂର୍ବ ଏସିଆ
୬. ଭାରତୀୟ ଉପମହାଦେଶ
୭. ଦକ୍ଷିଣ ଓ ଦକ୍ଷିଣ ପୂର୍ବ ଏସିଆ
୮. ଅଷ୍ଟ୍ରେଲିଆ ଓ ପ୍ରଶାନ୍ତ ମହାସାଗରୀୟ ଦ୍ୱୀପପୁଞ୍ଜ
୯. ଦକ୍ଷିଣ-ପଶ୍ଚିମ ଏସିଆ ଓ ଆଫ୍ରିକା

## ଜ୍ଞାନ ବୃକ୍ଷର ଶାଖା-ପ୍ରଶାଖା

**ତର୍କଶାସ୍ତ୍ର**

୧. ତର୍କଶାସ୍ତ୍ରର ଇତିହାସ ଓ ଦର୍ଶନ
୨. ସାଧାରଣ ତର୍କଶାସ୍ତ୍ର, ତତ୍ତ୍ୱତର୍କଶାସ୍ତ୍ର ଓ ବ୍ୟାବହାରିକ ତର୍କଶାସ୍ତ୍ର

**ଗଣିତ**

୧. ଗଣିତଶାସ୍ତ୍ରର ଇତିହାସ ଓ ଭିତ୍ତି
୨. ଗଣିତର ଶ୍ରେଣୀ ବିଭାଗ
୩. ଗାଣିତିକ ପ୍ରୟୋଗ

**ବିଜ୍ଞାନ**

୧. ବିଜ୍ଞାନର ଦର୍ଶନ ତଥା ଇତିହାସ
୨. ଜଡ଼ ବିଜ୍ଞାନ
୩. ଭୂବିଜ୍ଞାନ
୪. ଜୀବବିଜ୍ଞାନ
୫. ଆୟୁର୍ବିଜ୍ଞାନ
୬. ସମାଜବିଜ୍ଞାନ ଓ ମନସ୍ତତ୍ତ୍ୱ
୭. ଟେକ୍‌ନୋଲଜି-ବିଜ୍ଞାନ

**କଳା ଓ ଇତିହାସ**

୧. ଇତିହାସ ଲେଖନ ଓ ଇତିହାସ ଅନୁଶୀଳନ
୨. କଳା ଓ କଳା-ପାଣ୍ଡିତ୍ୟ

**ଦର୍ଶନ**

୧. ଦର୍ଶନର ଇତିହାସ
୨. ଦର୍ଶନର ପ୍ରକୃତି ଓ ବର୍ଗୀକରଣ
୩. ବିଭିନ୍ନ ଦାର୍ଶନିକ ମତବାଦ ◻

# ଥ

ଅ

କଥାରେ କୁହନ୍ତି ''ଯିଏ 'ଅ'କୁ ଚିହ୍ନିଛି ସିଏ ଦୁନିଆକୁ ଜାଣିଛି ।'' ଏଭଳି କୁହାଯିବାର ନିଶ୍ଚୟ କାରଣ ଅଛି ।

ଆମେ ବାହାରର ପବନକୁ ଦେହ ଭିତରେ ପୂରାଉଛୁ ନାକ ବାଟେ । ସେହି ପବନରେ ଅମ୍ଳଜାନ ମିଶିକରି ରହିଛି । ଦେହର ଚାରିଆଡ଼େ ଏହି ଅମ୍ଳଜାନ ନ ପହଞ୍ଚିଲେ ଆମ ଦେହଟା ଭଲଭାବରେ କାମ କରି ପାରିବ ନାହିଁ, ଚଳିବ ନାହିଁ । ଦେହର ସବୁ ଅଂଶକୁ ଏହି ଅମ୍ଳଜାନକୁ ବହି ନେଇଯାଉଛି ରକ୍ତ । ନାକର ଦୁଇଟି ଯାକ ପୁଡ଼ା ବନ୍ଦ କରିଦେଲେ ଅମ୍ଳଜାନ ନ ମିଳିବାରୁ କିଛି ସମୟ ପରେ କେମିତି କେମିତି ଲାଗୁଛି— ନାକ ପୁଡ଼ାକୁ ଖୋଲିଦେଲେ ଯାଇ ସମ୍ଭାଳି ହୋଇଯାଉଛି ।

ଆଉ ଗୋଟିଏ କଥା କରାଯାଇପାରେ । ଦି' ପୁଡ଼ାକୁ ଭାଗ ଭାଗ କରିବାପାଇଁ ଯେଉଁ ଛୋଟ ଦଣ୍ଡାଟି ଅଛି ତାହାରି ପାଖରେ ଆଙ୍ଗୁଠିକୁ ସିଧାକରି ରଖିଲେ ଜଣାଯିବ ମଝିରେ ମଝିରେ ଦେହ ଭିତରୁ କିଛି କିଛି ପବନ ବରାବର ବାହାରକୁ ଆସୁଛି । ସେମିତି କାହିଁକି ହେଉଛି ? ଦେହ ଭିତରକୁ ଯେଉଁ ଅମ୍ଳଜାନ ମିଶା ପବନ ଯାଇଥିଲା ତାହାର କାମ ସରିଗଲା । ଅମ୍ଳଜାନ ତକ୍ କାମରେ ଲାଗିଗଲା । ପବନରେ କିଛି ଅଦରକାରୀ ପଦାର୍ଥ ମିଶିଗଲା । ସେତକ ଦେହ ଭିତରୁ ବାହାରକୁ ବାହାର କରି ନ ଦେଲେ କ୍ଷତି । ତେଣୁ ବରାବର ତାକୁ ବାହାର କରି ଅଣାହେଉଛି । ଏହି ଅମ୍ଳଜାନ ମିଶା ପବନକୁ ଶରୀର ଭିତରକୁ ପୂରାଇବା ଓ ଅଳିଆ ବା ଅଦରକାରୀ ମିଶା ପବନକୁ ବାହାର କରି ଦେବା-ଟାକୁ କୁହାଯାଏ ଶ୍ୱାସକ୍ରିୟା ବା ''ନିଶ୍ୱାସ ପ୍ରଶ୍ୱାସ ଚଳାଚଳ କାମ ।'' ପିଲାଟି ଜନ୍ମ ହେଲାବେଳୁ ଦେହ ଭିତରେ ଏହି କାମ ଆରମ୍ଭ ହୋଇଛି ଓ ଯେତେବେଳେ ଏହା ବନ୍ଦ ହୋଇଯିବ ଲୋକଟି ମରିଗଲା ବୋଲି କୁହାଯିବ ।

ମଣିଷ, ଗାଈ, ଛେଳି, କୁକୁର, ଘୋଡ଼ା ଇତ୍ୟାଦିଙ୍କ ଦେହରେ ଏହି କାମ ବରାବର ଚାଲିଛି । କୁକୁର ଭୁକେ, ଗାଈ ହମ୍ବାରଡ଼ି କରେ, ଘୋଡ଼ା ହ୍ରେସାରବ କରେ । ଏହି ସବୁକୁ କୁହାଯାଏ ଗୋଟିଏ ଗୋଟିଏ ପ୍ରକାରର ଧ୍ୱନି । ପବନ ଦେହ ଭିତରକୁ ପଶିଲା ବେଳେ କେହି ଧ୍ୱନି କରିପାରିବ ନାହିଁ । ଅଦରକାରୀ ହୋଇଯାଇଥିବା ପବନ ଦେହ ଭିତରୁ ବାହାରିଲା ବେଳେ ଯାଇ ଧ୍ୱନି ବା ଶବ୍ଦ କରାଯାଇପାରିବ । ଭିତରକୁ ନିଶ୍ୱାସ ଯାଉଥିଲା ବେଳେ କଥା କହିବାକୁ ଚେଷ୍ଟାକଲେ ହେଉନାହିଁ— ବାହାରକୁ ପବନ ଆସୁଥିଲା ବେଳେହିଁ କଥା କହି ହେଉଛି ।

ଯିଏ ଏ ସଂସାରର ସବୁ ଜୀବଜନ୍ତୁ ତିଆରି କରିଛନ୍ତି ସିଏ ଶେଷରେ ମଣିଷ ତିଆରି କଲେ । ସେ ଧରିନେଲେ ଯେ ମଣିଷହିଁ ଏହି ଦୁନିଆରେ ବହୁତ କିଛି କରିପାରିବ—ଦୁନିଆର ରୂପ ବଦଳାଇ ପାରିବ । ସେଇ ଉଦ୍ଦେଶ୍ୟରେ ଗୋଟିଏ ନୂଆ ଧରଣର ''ଜୀଅନ୍ତାକଳ'' ତିଆରି କରିଦେଲେ । ତା' ନାଁ ରଖିଲେ ମସ୍ତିଷ୍କ । ତାହାରି ଭିତରେ ବହୁତ କିଛି ବୁଦ୍ଧି ସାଇତି ଦେଲେ । ସେହି ବୁଦ୍ଧି ବଳରେ ମଣିଷ ବହୁତ କିଛି ନୂଆ ନୂଆ କଥା କରିଗଲା । ଗଳାରେ ଜୀଅନ୍ତା ତାର ଖଞ୍ଜି ଦିଆଗଲା । ଛାତି ଭିତରୁ ପବନ ପଦାକୁ ଆସିଲା ବେଳେ ସେହି ତାର ଧ୍ୱନିକୁ ଟିକିଏ ବାଗେଇ ଦେଲା । ତେଣିକି ଜିଭ, ତାଲୁ, ଦାନ୍ତ, ଓଠ ଏବଂ ନାକ ଲାଗିପଡିଲେ ଶବ୍ଦ ବା ଧ୍ୱନିକୁ ଗୋଟାଏ ଗୋଟାଏ ନୂଆ ରୂପ ଦେବାପାଇଁ । ଦେଖିଲା ବେଳକୁ ନୂଆ ପ୍ରକାରେ ଶୁଣାଯାଉଛି । ସେହି ଧ୍ୱନି ଅ, ଆ, କ, ଖ ହେଉଛନ୍ତି ଶବ୍ଦ ବା ଧ୍ୱନିର ଗୋଟିଏ ଗୋଟିଏ ନୂଆ ରୂପ । ତେଣିକି ମଣିଷ ଚେଷ୍ଟାକଲା ଯେତେ ଅଧିକ ପାରେ ନୂଆ ଧ୍ୱନି ସୃଷ୍ଟି କରିବା ପାଇଁ । ଆମ ଲୋକେ ଚାଳିଶରୁ ଅଧିକ ପ୍ରକାରର ସଜାଡ଼ି ଦେଲେ ଛାତି ଭିତରୁ ବାହାରି ଆସୁଥିବା ଅଳିଆ ମିଶା ପବନକୁ । ଇଂରେଜମାନେ କିନ୍ତୁ ଛବିଶରେ ଅଟକି ଗଲେ । ଏ ଠାରୁ ଜେଦ୍ ହେଲା ସେହି ଛବିଶଟି ।

ଏହି ପ୍ରତ୍ୟେକ ଧ୍ୱନିକୁ ଗୋଟିଏ ବର୍ଣ୍ଣ ବୋଲି କୁହାଯାଏ । ଅକ୍ଷର ବୋଲି ମଧ୍ୟ କୁହାଯାଇଥାଏ । ଏହି ଗୁଡ଼ିକ ସାହାଯ୍ୟରେ ମଣିଷ କହିଲା 'କଥା' । ଯାହା ଶୁଣିଲା, ଯାହା ଦେଖିଲା, ଯାହା ଅଙ୍ଗେ ଲିଭାଇଲା, ଯେଉଁ ବିଷୟରେ ଯେମିତି ଭାବିଲା— ସବୁକିଛି ଅନ୍ୟକୁ କହିଦେଲା ଏହି ବର୍ଣ୍ଣମାଳା ସାହାଯ୍ୟରେ । ସେମିତି କହିପାରୁଥିବାରୁ ମଣିଷକୁ କୁହାଯାଏ 'କଥାକୁହା ପ୍ରାଣୀ' ।

ଯେଉଁମାନେ ପାଠୁଆ ବା ପଣ୍ଡିତ ସେମାନଙ୍କୁ ପଚାରିଲେ ସେମାନେ ଉତ୍ତର ଦେବେ—ପ୍ରତ୍ୟେକ ବର୍ଣ୍ଣ ବା ଅକ୍ଷର ହେଲା ଗୋଟିଏ "ପବନ ଫୁଲର ଗଜରାମାଳ" । ଯେତେ ଗୀତ, ଯେତେ କଥା ସବୁତକ ମୂଳରେ ଅଛି ଏହି ଅ, ଆ, କ, ଖ ଭଳି ବର୍ଣ୍ଣ ବା ଅକ୍ଷର । କଥା କହି ପାରୁଥିବାରୁ ହିଁ ମଣିଷ ଅନ୍ୟସବୁ ଜୀବଙ୍କଠାରୁ ଉପରେ ଅଛି ବା ଉନ୍ନତ ହୋଇଛି ବୋଲି କୁହାଯାଏ ।

ଏହିଭଳି ହୋଇଥିବାରୁ ଆରମ୍ଭରେ କୁହାଯାଇଛି—ଯିଏ 'ଅ'କୁ ଚିହ୍ନିଛି ସେ ଦୁନିଆକୁ ଜାଣିଛି । ବର୍ଣ୍ଣମାଳା ବା ଅକ୍ଷର ହଜାର ହଜାର ବା ଲକ୍ଷ ଲକ୍ଷ ବର୍ଷର ପ୍ରାୟ ସବୁ କଥାକୁ ନାନା ଭାବରେ ସାଇତି ଦେଇଛନ୍ତି । ସେସବୁକୁ ପଢ଼ିଲେ ମଣିଷର ଜ୍ଞାନ ବଢ଼େ—ସେ ଦୁନିଆଟାକୁ ପ୍ରକୃତ ଅର୍ଥରେ ଜାଣିପାରେ । 'ଅ' ହେଲା ଓଡ଼ିଆ ବର୍ଣ୍ଣମାଳାର ପ୍ରଥମ ଅକ୍ଷର । ଏହାର ଉଚ୍ଚାରଣ ସ୍ଥାନ ହେଲା କଣ୍ଠ ।

***ସମ୍ବନ୍ଧୀୟ ବିଷୟ***
*ଭାଷା, ବ୍ୟାକରଣ, ଭାଷାତତ୍ତ୍ୱ, ଓଡ଼ିଆ ଭାଷା*

▷▷

## ଅଁଳା

ଏ ସଂସାରରେ ହଜାର ହଜାର ଲକ୍ଷ ଲକ୍ଷ ପ୍ରକାରର ଗଛ ଲତା ଅଛନ୍ତି । ସେଥି ଭିତରୁ ଅଧିକାଂଶଙ୍କ ଭିତରେ କିଛି ନା କିଛି ଔଷଧ ଗୁଣ ଭରି ରହିଛି । ଅଁଳା ସେମିତିକା ଗୋଟିଏ ଗଛ । ସେହି ଗଛରେ ଯେଉଁ ଫଳ ହୁଏ ତାକୁ ଖାଇଲେ ବହୁ ପ୍ରକାରର ରୋଗ ଦୂର ହୋଇଯାଏ । ହଜାର ହଜାର ବର୍ଷ ପୂର୍ବେ ଆମ ଦେଶର କବିରାଜମାନେ ଲକ୍ଷ୍ୟ କରି ଦେଖିଲେ ଅଁଳା ରସ ଖାଇଲେ କେଉଁ କେଉଁ ରୋଗ ଭଲ ହୋଇଯାଉଛି । ଯକ୍ଷ୍ମା ବା ରାଜକାଶକୁ ଭଲ କରିବା ପାଇଁ ସେମାନେ ଅଁଳାକୁ ବ୍ୟବହାର କଲେ । ତାହା ଭିତରେ ଏହି ରୋଗ-ନାଶକ ଗୁଣ କିଭଳି ଭାବରେ ରହିଛି ତାହା ବିଜ୍ଞାନୀମାନେ ମାତ୍ର ଶହେବର୍ଷ ପୂର୍ବେ ଜାଣି ପାରିଲେ । ଅଁଳା ଭିତରେ 'ସି' ବା 'ଗ' ଭିଟାମିନ୍ ଭରି ରହିଛି । କମଳା ରସରେ ତ ଏହା ଅଛି । ସମାନ ପରିମାଣର କମଳା ଓ ଅଁଳା ରସ ଯଦି ଏକାଠି ରଖାଯିବ ଡାକ୍ତର କହିବେ, କମଳା ରସ ତୁଳନାରେ ୨୦ ଗୁଣ ଅଧିକ 'ସି' ଭିଟାମିନ୍ ଅଁଳା ରସରେ ଅଛି । ଏହି ଗୁଣ ଥିବାରୁ ଆମ ଦେଶର ବୈଦ୍ୟମାନେ ଏହାକୁ ଏତେ ପ୍ରଶଂସା କରିଛନ୍ତି । ଅଁଳାକୁ ଆଚାର, ମୋରବା କରି ରଖାଯାଏ । ଶୁଖାଇ ରଖି ତାହାର ଗୁଣ୍ଡ ବା ସିଝା ପାଣି ମଧ୍ୟ ପିଆଯାଏ ।

ଏହାର ଏତେ ଗୁଣ ଥିବାରୁ ଆମ ଦେଶରେ



ଭିନ୍ନ ଭିନ୍ନ ସାଇଜ ଓ ସ୍ୱାଦର ଅଁଳା ରହିଛି । ମହାରାଷ୍ଟ୍ରର ନାଗପୁର ଅଞ୍ଚଳରେ ହେଉଥିବା ଏହି ଜାତିର ଅଁଳା ସାଇଜରେ ଖୁବ୍ ବଡ଼ ବଡ଼ ହୋଇଥାଏ ।

ଅଁଳା ଗଛକୁ ପୂଜା କରନ୍ତି । କାର୍ତ୍ତିକ ମାସର ଶୁକ୍ଳ ପକ୍ଷ ନବମୀ ତିଥିରେ ଅଁଳା ନବମୀ ପଡ଼େ । ଓଡ଼ିଆ ବଣିକମାନେ କାର୍ତ୍ତିକ ପୂର୍ଣ୍ଣିମା ଦିନ ବୋଇତ ମେଲାଇ ଜାଭା; ସୁମାତ୍ରା ଆଦି ଦୂର ଦେଶକୁ ଗଲାବେଳେ ସେମାନଙ୍କୁ ମାଆ ଭଳି ରକ୍ଷା କରିବ ବୋଲି ସାଙ୍ଗରେ ଅଁଳା ଦିଆଯାଉଥିଲା । ବୋଇତ ବନ୍ଦାଇଲା ବେଳେ ଅଁଳା ପାଣି ଛିଞ୍ଚି ଦିଆଯାଉଥିଲା ଓ ତା ପତ୍ରରେ ଯାତ୍ରୀମାନଙ୍କୁ ଝାଡ଼ି ଦିଆଯାଉଥିଲା ।

***ସମ୍ବନ୍ଧୀୟ ବିଷୟ***
*ଉଦ୍‌ଭିଦବିଜ୍ଞାନ, ଆୟୁର୍ବେଦ, ଭିଟାମିନ୍*

▷▷

## ଅଏଣ୍ଟମେଣ୍ଟ

ମଲମକୁ ସାଧାରଣତଃ ଅଏଣ୍ଟମେଣ୍ଟ ବୋଲି କୁହାଯାଏ । ଶରୀରରେ କେଉଁଠି ଆଞ୍ଚୁଡ଼ି ହୋଇଗଲେ, ସାମାନ୍ୟ କଟିଗଲେ, ଶରୀର ଜଖମ ହୋଇଗଲେ ବା ସେହିଭଳି କିଛି ହେଲେ ସେହି ସ୍ଥାନରେ ମଲମ ଲଗାଇ ଦିଆଯାଏ ବା ମାଲିସ କରାଯାଏ ଉପଶମ ନିମନ୍ତେ । ଇଂରାଜୀରେ ଆନଏଣ୍ଟ **(anoint)** ବୋଲି ଯେଉଁ ଶବ୍ଦ ଅଛି ତା'ର ଅର୍ଥ ହେଲା 'ଅଭିଷିକ୍ତ କରିବା' । କୌଣସି ତୈଳାକ୍ତ ପଦାର୍ଥରେ ବୁଡ଼ାଇଲା ଭଳି କରିବା ବା ବୋଲି ଦେବାଟାକୁ ମଧ୍ୟ 'ଆନଏଣ୍ଟ' କରିବା ବୋଲି କୁହାଯାଏ । ସେଇଥିରୁ 'ଅଏଣ୍ଟମେଣ୍ଟ' ଶବ୍ଦ ଆସିଛି । ମଲମ ବ୍ୟବହାରରେ ଏତିକି ସୁବିଧା ଯେ କ୍ଷତ ଉପରେ ବା ଦେହର କୌଣସି ଅଙ୍ଗରେ ସେଇଟି ଲାଗି ରହେ—ଖସି ବା ଝଡ଼ିପଡ଼େ ନାହିଁ । ଉଦାହରଣ ସ୍ୱରୂପ ସଲ୍‌ଫା ଅଏଣ୍ଟମେଣ୍ଟ କଥା ଧରାଯାଇପାରେ । ସଲ୍‌ଫା ପାଉଡରକୁ କ୍ଷତ ଉପରେ ପକାଇଦେଲେ କିଛି ରହିବ ତ କିଛି ଖସି ପଡ଼ିବ । ଫଳରେ ସେଥିରୁ କିଛି ଅଂଶ ନଷ୍ଟ ତ ହେବ, କ୍ଷତ ଉପରେ ଓ ପାଖରେ ଯେତିକି ସଲ୍‌ଫା ପାଉଡର ପଡ଼ି ରହିବା ଆବଶ୍ୟକ ସେତିକି ରହିବ ନାହିଁ । କିନ୍ତୁ ସେହି ପାଉଡରକୁ ଯେତେବେଳେ ଅଏଣ୍ଟମେଣ୍ଟ ହିସାବରେ ବ୍ୟବହାର କରାଯାଉଛି ସେତେବେଳେ ସେଇଟିକୁ ଅତି ସହଜରେ ଲଗାଯାଇ ପାରୁଛି ଓ ଟିକିଏ ହେଲେ ନଷ୍ଟ ହେଉନାହିଁ ।

କୌଣସି ଗୋଟାଏ ଉପଯୁକ୍ତ ତୈଳାକ୍ତ ଦ୍ରବ୍ୟ କିମ୍ବା ତେଲ, ଘିଅ, ପେଟ୍ରୋଲିୟମ ଜେଲି, ଗ୍ଲିସ୍‌ରିନ୍, ପାରାଫିନ ପ୍ରଭୃତିରେ ଗୋଟାଏ 'ରୋଗମୁକ୍ତକାରୀ' ଦ୍ରବ୍ୟ ବା ଗୁଣ୍ଡକୁ ପକାଇ ଭଲକରି ଫେଣ୍ଟି ବା ଗୋଳାଇଦେଲେ ସାଧାରଣତଃ ମଲମ ତିଆରି ହୋଇଯାଏ । ଅଏଣ୍ଟମେଣ୍ଟ ତିଆରି କରିବାକୁ ଦୁଇଟି ଉପାଦାନ ନିହାତି ଆବଶ୍ୟକ । ଗୋଟିଏ ହେଲା ଯେଉଁଥିରେ ରୋଗମୁକ୍ତକାରୀ ପଦାର୍ଥଟିକୁ ଫେଣ୍ଟିବାକୁ ହେବ ବା ଅନ୍ୟ ଅର୍ଥରେ କହିବାକୁ ଗଲେ ଅଏଣ୍ଟମେଣ୍ଟର ବେସ୍; ଅନ୍ୟଟି ହେଲା 'ରୋଗମୁକ୍ତକାରୀ' ପଦାର୍ଥ । ଅଏଣ୍ଟମେଣ୍ଟଟିର ବ୍ୟବହାର ଓ କାର୍ଯ୍ୟକାରିତାକୁ ଆଖିରେ ରଖି ଏହି ବେସ୍ କିଭଳି ହେବ ସେ କଥା ସ୍ଥିର କରାଯାଇଥାଏ । ଯଦି ଚମଡ଼ା ଭିତର ଦେଇ ସେଇଟି ଶରୀର ଭିତରକୁ ଭେଦିବା ଦରକାର, ତେବେ ସେ କ୍ଷେତ୍ରରେ ମୁକ୍ତ ବା ଖୋଲା କ୍ଷତରେ ଲାଗୁଥିବା ଅଏଣ୍ଟମେଣ୍ଟର ବେସ୍ ଠାରୁ ଭିନ୍ନ ବେସ୍‌ର ଆବଶ୍ୟକତା ରହିଛି । ନିର୍ଜଳ ବା ଆନ୍‌ହାଇଡ୍ରସ୍ ଲାନୋଲିନ୍‌ର ବ୍ୟବହାର ହୋଇଥାଏ ଯେଉଁ କ୍ଷେତ୍ରରେ ଅଏଣ୍ଟମେଣ୍ଟ ତିଆରି ପାଇଁ ଅତ୍ୟଧିକ ପରିମାଣର ଜଳ ଆବଶ୍ୟକ । ଅନ୍ୟାନ୍ୟ ବେସ୍ ହିସାବରେ ନଡ଼ିଆ ତେଲ, ରାଶି ତେଲ, ଘିଅ, ଅଲିଭ୍ ତେଲ, ଆଲମଣ୍ଡ ତେଲ, ମହମ, ବେଞ୍ଜିନ୍ ପ୍ରଭୃତିର ମଧ୍ୟ ବ୍ୟବହାର କରାଯାଏ । ଘୁଷୁରି ଚର୍ବି ଓ ଗୋରୁ ଚର୍ବିର ମଧ୍ୟ ଖୁବ୍ ଅଳ୍ପ କେତେକ କ୍ଷେତ୍ରରେ ଏହି ଉଦ୍ଦେଶ୍ୟରେ ଆବଶ୍ୟକତା ହୋଇଥାଏ । ପୂର୍ବରୁ ଅବଶ୍ୟ ଏ ଦୁଇଟି ବହୁ ପରିମାଣରେ ଦରକାର ହେଉଥିଲା ।

ଯେତେବେଳେ ରୋଗମୁକ୍ତକାରୀ ପଦାର୍ଥଟି ଟାଣ ବା ଘନ, ସେ କ୍ଷେତ୍ରରେ ସେଇଟିକୁ ଯେତେଦୂର ସମ୍ଭବ ଚିକ୍କଣ କରି ଗୁଣ୍ଡ କରିଦିଆଯାଏ ବେସ୍‌ରେ ମିଶାଇବା ପାଇଁ । ଅଧିକାଂଶ କ୍ଷେତ୍ରରେ ଅଏଣ୍ଟମେଣ୍ଟର ବେସ୍ ତିଆରି ପାଇଁ ଆବଶ୍ୟକ ହେଉଥିବା ପଦାର୍ଥଗୁଡ଼ିକୁ ଜଳରେ ଫେଣ୍ଟି ନିର୍ଦ୍ଦିଷ୍ଟ ପ୍ରକାରରେ ପରିଣତ କରାଯାଇଥାଏ ଓ ଏହି ପ୍ରକ୍ରିୟା ଚାଲିଥିବା ବେଳେ ରୋଗମୁକ୍ତକାରୀ ଗୁଣ୍ଡଟିକୁ ଯଥାସମୟରେ ଅନୁପାତ ଅନୁସାରେ

ସେଥିରେ ମିଶାଇ ଦିଆଯାଏ । କାଲସିୟମ୍ କାର୍ବୋନେଟ୍, ଟାଲକମ୍ ବା ଜିଙ୍କ୍ ଅକ୍ସାଇଡ୍ ପାଉଡରକୁ 'ଘାଣ୍ଟି' କରି ମଧ୍ୟ ଅଏଣ୍ଟମେଣ୍ଟର ପେଷ୍ଟ ହିସାବରେ ଅନେକ ସମୟରେ ବ୍ୟବହାର କରାଯାଇଥାଏ । କେତେକ ଜେଲିର ମଧ୍ୟ ଏହି ଉଦ୍ଦେଶ୍ୟରେ ବ୍ୟବହାର ହୁଏ । ଅନେକ କ୍ଷେତ୍ରରେ ବେସ୍‌ର ପାୟସୀକରଣ ବା ଏମଲ୍‌ସିଫିକେସନ୍‌ର ଆବଶ୍ୟକତା ହୋଇଥାଏ—ଯେପରି ତାହା ସବୁବେଳେ ଟାଣ ନ ହୋଇଯାଇ ମେଞ୍ଚା ମେଞ୍ଚା ଅବସ୍ଥାରେ ରହିବ । ଏଗୁଡ଼ିକ ଠିକ୍ ଉପାୟରେ ମିଶାଇବା ପାଇଁ ଯେଉଁ ଫିଜିକାଲ୍ ବା ଭୌତିକ ଉପାଦାନର ଆବଶ୍ୟକତା ଅଛି ସେଗୁଡ଼ିକ ହେଲେ ତାପ, ବିକିରଣ ଓ ଅତିସୂକ୍ଷ୍ମ ତଥା ବିଶୁଦ୍ଧ ଛାଣିବା ବ୍ୟବସ୍ଥା । ଭାରତୀୟ, ବ୍ରିଟିଶ ଓ ଯୁକ୍ତରାଷ୍ଟ୍ର ଆମେରିକା ଫର୍ମାକୋପିଆ ସବୁରେ ବହୁ ପ୍ରକାର ଅଏଣ୍ଟମେଣ୍ଟ ତିଆରି ପ୍ରଣାଳୀର ଉଲ୍ଲେଖ ରହିଛି ।

*ସମ୍ବନ୍ଧୀୟ ବିଷୟ*
*ଚିକିତ୍ସାବିଜ୍ଞାନ, ଔଷଧ, କ୍ଷତ, ଆୟୁର୍ବେଦ, ଫର୍ମାକୋଲଜି, ଛେଲି*

▷ ▷

## ଅଏଲ ପାମ୍

ଭାରତର କେତେକ ଅଞ୍ଚଳ, କେନ୍ଦ୍ର ଓ ପଶ୍ଚିମ ଆଫ୍ରିକା, ମାଲୟସିଆ, ଇଣ୍ଡୋନେସିଆ ଏବଂ କେନ୍ଦ୍ର ଓ ଦକ୍ଷିଣ ଆମେରିକାରେ ଚାଷ କରାଯାଉଥିବା ଏହି ଗଛଟିର ଫଳରୁ ଯେଉଁ ତେଲ ମିଳେ ତାକୁ ପାମ୍ ଅଏଲ କୁହାଯାଏ । ଆଫ୍ରିକୀୟ ଅଏଲ ପାମ୍ ଗଛର ଫଳରୁ ସବୁଠାରୁ ବେଶୀ ପରିମାଣର ତେଲ



ଅଏଲ୍ ପାମ୍

ବାହାର କରାଯାଇଥାଏ । ଅଏଲ ପାମ୍ ଡାଳରେ ଖୁବ୍ ଘଞ୍ଚ ଭାବେ ଯେଉଁ ଛୋଟ ଛୋଟ ଫୁଲ ହୁଏ, ସେଗୁଡ଼ିକ କ୍ରମେ ଏକାଠି ହୋଇ ପ୍ରାୟ ଚାରି ସେଣ୍ଟିମିଟର ଲମ୍ବର ଅଣ୍ଡାକାର ଫଳରେ ପରିଣତ ହୋଇଯାଇଥା'ନ୍ତି । ପାଚି ଗଲେ ଏଗୁଡ଼ିକର ରଙ୍ଗ କଳା ହୋଇଯାଏ, କିନ୍ତୁ ଫଳର ମୂଳଟି ସାଧାରଣତଃ ନାଲିଆସିଆ ଥାଏ । ତେଲ କାଢ଼ିବା ପାଇଁ ଏଗୁଡ଼ିକୁ ଜମା କରି ପ୍ରଥମେ 'ବାମ୍ଫେଇ' ଦେଇ ପରେ ପେଷି ଦିଆଯାଇଥାଏ । ତେଲର ରଙ୍ଗ ଖୁବ୍ ତାଜା । ସାବୁନ୍, ମହମବତୀ, କେତେକ ପ୍ରକାର ମେସିନ୍ ତେଲ ଓ ଗ୍ରିଜ୍ ତିଆରିରେ ପାମ୍ ତେଲ ବ୍ୟବହୃତ ହୁଏ । ପାମ୍ ଫଳର ମଞ୍ଜିକୁ ପେଷି ଯେଉଁ ତେଲ ବାହାର କରାଯାଏ ତାହା ଚକୋଲେଟ୍, ମୁରବ୍ବା, ମାର୍ଜାରିନ ଓ ଔଷଧ ପ୍ରସ୍ତୁତିରେ ଲାଗେ । ମଞ୍ଜି-ପିଡ଼ିଆଟି ଗୋଟିଏ ଉତ୍କୃଷ୍ଟ ଗୋଖାଦ୍ୟ ।

*ସମ୍ବନ୍ଧୀୟ ବିଷୟ*
*ଖାଦ୍ୟତେଲ, ଔଦ୍ୟୋଗିକ ବ୍ୟବସ୍ଥା, କୃଷି, ଉଦ୍‌ଭିଦ ଓ ଉଦ୍‌ଭିଦ ବିଦ୍ୟା*

▷ ▷

## ଅଏଲପେଣ୍ଟିଙ୍ଗ

ଅଏଲକଲର ବ୍ୟବହାର କରି କରାଯାଉଥିବା ଚିତ୍ରକୁ ଅଏଲପେଣ୍ଟିଙ୍ଗ ବୋଲି କୁହାଯାଏ । ଅନ୍ୟାନ୍ୟ ପ୍ରକାରର ରଙ୍ଗ ବ୍ୟବହାର କରି ଅଙ୍କାଯାଉଥିବା ଚିତ୍ର ଠାରୁ ଏହି ଚିତ୍ର ଗୁଡ଼ିକ ଅଧିକ ଚିତ୍ତାକର୍ଷକ ବୋଲି ଅନେକ ମତ ଦିଅନ୍ତି । ଲିନ୍‌ସିଡ୍ ତେଲରେ ଅତି ଉଚ୍ଚ ମାନର ରଙ୍ଗ ପାଉଡର ମିଶାଇ ଅଏଲକଲର ତିଆରି କରାଯାଉଥିବାରୁ ଅଏଲପେଣ୍ଟିଙ୍ଗ ସବୁ ବହୁକାଳ ପର୍ଯ୍ୟନ୍ତ ସତେଜ ଥାଏ ଓ ଏହାର ରଙ୍ଗ ପ୍ରାୟ ମଳିନ ପଡ଼େ ନାହିଁ । ଏକାଦଶ ଶତାବ୍ଦୀ ସମୟରୁ ଅଏଲପେଣ୍ଟିଙ୍ଗ ହୋଇ ଆସୁଛି ବୋଲି ଜଣାଯାଇଛି ।

*ସମ୍ବନ୍ଧୀୟ ବିଷୟ*
*ଚିତ୍ରକଳା, ରଙ୍ଗ, ରସାୟନବିଜ୍ଞାନ*

▷ ▷

## ଅଏଲ ସ୍ପିଲ୍

ସାମୁଦ୍ରିକ ପରିବେଶକୁ ଯଦି କେଉଁ ଦିଗରୁ ସବୁଠାରୁ ଅଧିକ ବିପଦ ଆଜି ଆସୁଛି ତେବେ ସେଇଟି ହେଲା ସାଗର-ମହାସାଗରକୁ ଛାଡ଼ି ଦିଆଯାଉଥିବା ପେଟ୍ରୋଲିଅମ ତେଲ । ଅତିକାୟ ଟାଙ୍କର ସବୁ ଯେତେବେଳେ ବ୍ୟବହାର ହେଲା ତେଲ ବୋହିବା ପାଇଁ, ସେଗୁଡ଼ିକ ଯେ ସବୁବେଳେ ନିରାପଦରେ ଯିବା ଆସିବା କରିବ—ସେକଥା ନିଶ୍ଚିତ ହୋଇ ରହିଲା ନାହିଁ । ତେଣୁ ଗୋଟିଏ ଗୋଟିଏ ଟାଙ୍କର ଦୁର୍ଘଟଣାରେ ବହୁ ହଜାର ମେଟ୍ରିକ୍ ଟନ୍ ତେଲ ଆସି ସମୁଦ୍ର ପାଣିରେ ଜମିଗଲା । ଯେଉଁସବୁ ସ୍ଥାନରେ ତେଲ ଓ ପ୍ରାକୃତିକ ବାଷ୍ପର ସନ୍ଧାନ ଚାଲିଛି, ସେଠୁ ମଧ୍ୟ ବହୁ ପରିମାଣର କ୍ରୁଡ୍ ପେଟ୍ରୋଲିଅମ ଆସି ସମୁଦ୍ର ପାଣିରେ ଭାସିବା ଗୋଟାଏ ସାଧାରଣ ଘଟଣା ହୋଇଗଲା । ମାଟି ତଳେ କିମ୍ବା ଉପରେ ଯାଇଥିବା ଖୁବ୍ ବଡ଼ ବଡ଼ ପାଇପ୍‌ଲାଇନ୍ ଫାଟିଯିବା ଯୋଗୁଁ ମଧ୍ୟ ତେଲ ବୋହିଯାଇ ପାଣିରେ ମିଶୁଛି । ଏହା ବ୍ୟତୀତ ଅନ୍ୟ ବହୁ କାରଣରୁ ତେଲ ଲିକ୍ ଲାଗି ରହିଛି । ଏହି ତେଲ-ପ୍ରଦୂଷଣକୁ ହିଁ କୁହାଯାଉଛି ଅଏଲ ସ୍ପିଲ୍ ବା ସଂକ୍ଷେପରେ ସ୍ପିଲ୍ । ୧୯୯୬ ମସିହା ବେଳକୁ ହିସାବ କରି ଦେଖାଯାଇଛି ଯେ ପ୍ରତିବର୍ଷ ପ୍ରାୟ ଦଶ ଲକ୍ଷ ମେଟ୍ରିକ୍ ଟନ୍‌ରୁ ଊର୍ଦ୍ଧ୍ୱ ପେଟ୍ରୋଲିଅମ ପଦାର୍ଥ ସାଗର, ମହାସାଗର ଭିତରକୁ ବିଭିନ୍ନ କାରଣରୁ ଚାଲିଆସୁଛି ।

ଏକବିଂଶ ଶତାବ୍ଦୀର ଆରମ୍ଭ ବେଳକୁ ସମୁଦ୍ର ପୃଷ୍ଠରେ ଏହି ତେଲ ଆସ୍ତରଣ ସାମୁଦ୍ରିକ ଜୀବନ ପ୍ରତି ଭୟଙ୍କର ବିପଦ ସୃଷ୍ଟି କଲାଣି । ବହଳ ତେଲ ପରସ୍ତଟି ସାଗର ପୃଷ୍ଠରେ ରହିଲା ଫଳରେ ପାଣି ଭିତରକୁ ଯେତିକି ସୂର୍ଯ୍ୟାଲୋକ ଯିବା କଥା ଆଉ ସେତିକି ଯାଇପାରୁନାହିଁ । ଏହା ଫଳରେ ପାଣିରେ ଗୋଳିହୋଇ ରହିଥିବା ଅକ୍ସିଜେନ ବା ଅମ୍ଳଜାନର ପରିମାଣ ମଧ୍ୟ କମିଯାଉଛି । ବହୁ ପ୍ରକାର ସାମୁଦ୍ରିକ ଜୀବ, ପକ୍ଷୀ ଓ ମାଛଙ୍କ ଶରୀରରେ ତେଲ ଲାଗିଯିବା ଫଳରେ କେତେ ସଂଖ୍ୟାରେ ଯେ ସେଗୁଡ଼ିକ ମୃତ୍ୟୁମୁଖରେ ପଡ଼ୁଛନ୍ତି ତା'ର ଠିକଣା ନାହିଁ । ୧୯୯୧ ମସିହା ଗଲ୍‌ଫ ଯୁଦ୍ଧ ସମୟରେ ଓ ତା' ପୂର୍ବରୁ ଆଲାସ୍କାରେ ଯେଉଁ ଅଏଲ ସ୍ପିଲ୍ ହୋଇଥିଲା, ସେଥିଯୋଗୁଁ ହୋଇଥିବା କ୍ଷତିର ଚିତ୍ର ଟେଲିଭିଜନରେ ପ୍ରସାରଣ ହେବା ପରେ ପୃଥିବୀ ଜନମତ ସ୍ତମ୍ଭୀଭୂତ ହୋଇଯାଇଥିଲା । ଅଏଲ ସ୍ପିଲ୍ ସଫା କରିବାପାଇଁ ନାନା ଉପାୟ ବାହାରିଥିଲେ ମଧ୍ୟ କୌଣସିଟି ସଂପୂର୍ଣ୍ଣ ଫଳପ୍ରଦ ନୁହେଁ । ଏଭଳି କରିବା ମଧ୍ୟ ଅତିମାତ୍ରାରେ ବ୍ୟୟ ବହୁଳ । ୧୯୮୯ ମସିହାରେ ଆଲାସ୍କାରେ *'ଏକ୍‌ସନ୍ ଭାଲଡେଜ୍'* ଜାହାଜ ଜନିତ ଅଏଲ ସ୍ପିଲ୍‌କୁ ସଫା କରିବାପାଇଁ ୧୯୯୭ ମସିହା ବେଳକୁ ଖର୍ଚ୍ଚ ହୋଇଗଲାଣି ପ୍ରାୟ ୭୨,୦୦୦ କୋଟି ଟଙ୍କା ।

*ସମ୍ବନ୍ଧୀୟ ବିଷୟ*
*ପରିବେଶ, ଦୁର୍ଘଟଣା, ସାମୁଦ୍ରିକ ଜୀବନ, ଇକୋସିଷ୍ଟମ*

▷ ▷

## ଅଂଶଧନ

ଯେତେବେଳେ ବ୍ୟବସାୟ ବା ଶିଳ୍ପର ଖୁବ୍ ବିକାଶ ହୋଇନଥିଲା ସେତେବେଳେ ସେଥିରେ ବହୁ ପରିମାଣରେ ପୁଞ୍ଜି ଲଗାଇବାର ଆବଶ୍ୟକତା ନଥିଲା । କ୍ରମେ କିନ୍ତୁ ପରିସ୍ଥିତି ବଦଳିଗଲା ଓ ଔଦ୍ୟୋଗିକ ବିକାଶ ନିମନ୍ତେ ପୁଞ୍ଜିର ଆବଶ୍ୟକତା ବଢ଼ିଗଲା । ସବୁତକ ପୁଞ୍ଜି ଯୋଗାଡ଼ କରିବା ଆଉ ଜଣଙ୍କ ବା ଅଳ୍ପ କେତେ ଜଣଙ୍କ ପକ୍ଷରେ ସମ୍ଭବ ହେଲାନାହିଁ । ତେଣୁ ବହୁଲୋକ ମିଳିତଭାବେ ଟଙ୍କା ବା ପୁଞ୍ଜି ଖଟାଇବାର ଆବଶ୍ୟକତା ଦେଖାଦେଲା ଓ କଂପାନୀ ବା କର୍ପୋରେସନ ସବୁରେ

ଲୋକେ ଟଙ୍କା ଖଟାଇବା ଆରମ୍ଭ କଲେ । ଯେଉଁମାନେ ଏଭଳି କଲେ ସେମାନେ ହୋଇଗଲେ କଂପାନୀର ସଭ୍ୟ ବା ସେଆରହୋଲଡର୍ । ଅନ୍ୟ ଅର୍ଥରେ କଂପାନୀର ପ୍ରକୃତ ମାଲିକ— କାରଣ ସେହିମାନେହିଁ ମୂଳଧନ ସୃଷ୍ଟି କଲେ । ଏହି ମୂଳଧନ କିଣିବା ବା ବିକିବା କାମକୁ ସେଆର ବା ଅଂଶଧନ କିଣିବା ବା ବିକିବା ବୋଲି କୁହାଯାଏ ।

ସବୁ କଂପାନୀର ଅଂଶଧନ ଆନୁପାତିକ ଭାବେ ନିର୍ଦ୍ଧାରିତ ହୋଇଥାଏ ଓ ପ୍ରତ୍ୟେକ ଅଂଶଧନ ଇଉନିଟ୍‌ର ମୂଲ୍ୟ ମଧ୍ୟ ନିର୍ଦ୍ଦିଷ୍ଟ ହୋଇଥାଏ । ଯିଏ ଯେତୋଟି ଅଂଶଧନ ବା ସେଆର କିଣିଥା'ନ୍ତି ସେହି ଅନୁସାରେ କଂପାନୀ ଲାଭ ବା କ୍ଷତିର ସେ ଅଂଶୀଦାର ହୋଇଥା'ନ୍ତି । ସେଆର ବିଭିନ୍ନ ଶ୍ରେଣୀର ଅଛି । ପ୍ରିଫରେନ୍‌ସ ଅଂଶ ବା ସେଆର୍‌କୁ ସବା ଆଗ ଲାଭାଂଶ ଚାଲିଯାଇଥାଏ । କିନ୍ତୁ ବିଳମ୍ବିତ ଅଂଶ ବା ଡେଫର୍ଡ ସେଆର କ୍ଷେତ୍ରରେ କିଛି ନିର୍ଦ୍ଦିଷ୍ଟତା ନ ଥାଏ । ବର୍ଷରେ ଅତି କମ୍‌ରେ ଥରେ ପ୍ରତି ଅଂଶ ପିଛା ମିଳୁଥିବା ଲାଭର ଘୋଷଣା କରାଯାଇଥାଏ । ଏହାକୁ ଡିଭିଡେଣ୍ଡ ବୋଲି କୁହାଯାଏ । ସାରା ପୃଥିବୀରେ କୋଟି କୋଟି ଲୋକ ସେଆର କିଣୁଥିବାରୁ ସେ ସବୁର ନିୟମ ମୁତାବକ କାରବାର ପାଇଁ ଅଂଶବଜାର ବା ଷ୍ଟକ୍ ଏକ୍‌ସ୍‌ଚେଞ୍ଜ ସବୁ ଗଢ଼ି ଉଠିଛି । କେତେକ ପ୍ରକାର ସେଆର ବା ଅଂଶର ସମଷ୍ଟିକୁ ମଧ୍ୟ 'ଷ୍ଟକ୍' ବୋଲି କୁହାଯାଇଥାଏ ।

***ସମ୍ବନ୍ଧୀୟ ବିଷୟ***

*ଅର୍ଥନୀତି, ବାଣିଜ୍ୟ, ଷ୍ଟକ୍‌ଏକ୍‌ସ୍‌ଚେଞ୍ଜ, କଂପାନୀ, ଆଇନ, ମୁଦ୍ରାସ୍ଫୀତି, ବ୍ୟାଙ୍କିଙ୍ଗ*

▷▷

## ଅଂଶୁପା

କଟକ ଜିଲାର ଗୋଟିଏ ବଡ଼ ଜଳଭଣ୍ଡାରକୁ ଅଂଶୁପା ହ୍ରଦ ବୋଲି କୁହାଯାଏ । ସେଇଟି ଏମିତି ଗୋଟିଏ ସ୍ଥାନରେ ଅଛି ଯେ ତା କୂଳରେ ବୁଲିଲେ ଚାରିଆଡେ ସୁନ୍ଦର ଦେଖାଯିବ, ଜଣକର ମନ ଖୁସି ହୋଇଯିବ । ପ୍ରାୟ ୪୩୦ ଏକର ଜମିରେ ପାଣି ଭରି ରହିଛି । ବର୍ଷାଦିନେ ମହାନଦୀର ପାଣି ଏହା ଭିତରକୁ ପଶି ଆସିଲାରୁ ଏଇଟି ଟିକିଏ ବଡ଼ ହୋଇଯାଏ । ଆଠଗଡ଼ ବାଟେ ଏଠାକୁ ସବୁଦିନିଆ ରାସ୍ତା ରହିଛି । ସରଣ୍ଡା ପାହାଡ଼ ଓ ବୁଢ଼ା ସରଣ୍ଡା ଅଂଶୁପାକୁ ଗୋଟିଏ ଅଂଶରେ ଘେରି ରହି ଏହାର ଶୋଭା ବଢ଼ାଉଛନ୍ତି ।

ଅଂଶୁପା ହ୍ରଦ କିନ୍ତୁ କ୍ରମେ କ୍ରମେ ପୋତି ହୋଇ ପଡୁଛି । ଏହାର ହାରାହାରି ଗଭୀରତା କମି କମି ୨-୨.୫ ମିଟରରେ ଆସି ପହଞ୍ଚିଗଲାଣି । ଏକ ସମୟରେ ସମଗ୍ର ଏସିଆ ମହାଦେଶରେ ଗୋଟିଏ ପ୍ରସିଦ୍ଧ ମଧୁର ଜଳଭଣ୍ଡାର ଭାବେ ଖ୍ୟାତି ଥିବା ଏହି ହ୍ରଦଟିର ସଂରକ୍ଷଣ ନିମନ୍ତେ ଯଥେଷ୍ଟ ଉଦ୍ୟମର ଆବଶ୍ୟକତା ଦେଖାଦେଲାଣି ।

***ସମ୍ବନ୍ଧୀୟ ବିଷୟ***

*ଓଡ଼ିଶା, ହ୍ରଦ*

▷▷

## ଅକ୍

ସବୁ ପକ୍ଷୀଙ୍କର ଡେଣା ଅଛି । କିନ୍ତୁ ସମସ୍ତେ ସେହି ଡେଣା ସାହାଯ୍ୟରେ ବେଶୀ ବାଟ ଉଡ଼ି ପାରନ୍ତି ନାହିଁ । ସମୁଦ୍ର ଭିତରେ ଅକ୍ ବୋଲି ଯେଉଁ ପକ୍ଷୀ ଦିନେ ବହୁସଂଖ୍ୟାରେ ଥିଲେ ସେଗୁଡ଼ିକ ପାଣିରେ ହିଁ ଡେଣାକୁ ଆହୁଲା ଭଳି କରି ବହୁ ଦୂରକୁ ଚାଲିଯା'ନ୍ତି । ସେମାନଙ୍କ ଗୋଡ଼ ହଂସ ଗୋଡ଼ ଭଳି । ପାହାଡ଼ରେ ଯେଉଁଠି ଖାଲ ବା ଫାଙ୍କ ଅଛି ସେଇଠି ଅଣ୍ଡା ଦିଅନ୍ତି । ଅଣ୍ଡିରା ଓ ମାଈ ଉଭୟ ପାଳିକରି ଅଣ୍ଡା ଉଷୁମାନ୍ତି । ଯେତେବେଳେ ବହୁ ଲୋକ ଜାହାଜରେ ସମୁଦ୍ରରେ ବୁଲିଲେ ସେମାନେ ତଟକା ମାଂସ ପାଇଁ ଅକ୍ ପକ୍ଷୀକୁ ଶିକାର କଲେ । ତାଙ୍କ ଚମଡ଼ାରେ ପୋଷାକ ତିଆରି କଲେ । ତେଣୁ ଏମାନଙ୍କୁ ଆଉ ବେଶୀ ସଂଖ୍ୟାରେ ଦେଖିବାକୁ ମିଳୁନାହିଁ । ଗୋଟାଏ ଗୋଟାଏ ଜାତିର ଅକ୍ ସଂପୂର୍ଣ୍ଣ ଲୋପ ମଧ୍ୟ ପାଇଯାଇଛନ୍ତି ।



ବହୁ ଜାତିର ଅକ୍ ଅଛନ୍ତି । ଉପର ଚିତ୍ରରେ 'ବ୍ଲାକ ଗୁଲେମଟ୍' ଜାତିର ଅକ୍‌ର ଖରାଦିନେ ଉଡ଼ିବା ଓ ଶୀତଦିନେ ବସିବା ଢଙ୍ଗ ଦେଖାଇ ଦିଆଯାଇଛି । ତଳେ 'ପଫିନ' ଜାତିର ଅକ୍ ।

***ସମ୍ବନ୍ଧୀୟ ବିଷୟ***

*ପକ୍ଷୀ, ସାମୁଦ୍ରିକ ଜୀବନ, ଜୀବବିଜ୍ଞାନ, ଆବିଷ୍କାର, ସଂରକ୍ଷଣ*

▷▷

## ଅକ୍‌କାଡ

ପ୍ରାଚୀନ ଇରାକୀ ପ୍ରଦେଶ । ବର୍ତ୍ତମାନ ଯାହାକୁ ମଧ୍ୟ-ଇରାକ ବୋଲି କୁହାଯାଉଛି, ପୂର୍ବେ ତା' ଭିତରେ ଏହି ଅଞ୍ଚଳଟି ଥିଲା । ବାବିଲୋନୀୟ ସଭ୍ୟତାର ବିଲୋପ ହେବା ପରେ ଆଉ ଏହି ନାମ ଥିବା କୌଣସି ଅଞ୍ଚଳର ଉଲ୍ଲେଖ ଦେଖିବାକୁ ମିଳେନାହିଁ । ପୁରାତତ୍ତ୍ୱବିତ୍ ମାନଙ୍କ ମତରେ ଟାଇଗ୍ରିସ୍ ଓ ଇଉଫ୍ରେଟିସ୍ ନଦୀ ଦୁଇଟି ଯେଉଁ ସ୍ଥାନରେ ସବୁଠାରୁ ପାଖାପାଖି ପ୍ରବାହିତ ହେଉଛନ୍ତି ସେହି ଅଞ୍ଚଳକୁ ଅକ୍‌କାଡ ବୋଲି କୁହାଯାଉଥିଲା । ଖ୍ରୀଷ୍ଟପୂର୍ବ ୨୦୦୦ ମସିହା ବେଳକୁ ମଧ୍ୟ-ଇରାକ ଅଞ୍ଚଳର ରାଜା ବା ଶାସକ ମାନେ ନିଜକୁ "ସୁମେର ଓ ଅକ୍‌କାଡର ରାଜା" ବୋଲି ବର୍ଣ୍ଣନା କଲେଣି । ଖ୍ରୀଷ୍ଟପୂର୍ବ ୩୦୦୦ ରୁ ୧୦୦୦ ମସିହା ପର୍ଯ୍ୟନ୍ତ ଗୋଟିଏ 'ଅକ୍‌କାଡୀୟ' ଭାଷାର ମଧ୍ୟ ବ୍ୟବହାର ଥିଲା ବୋଲି ପଣ୍ଡିତମାନେ କହୁଛନ୍ତି ।

***ସମ୍ବନ୍ଧୀୟ ବିଷୟ***

*ପୁରାତତ୍ତ୍ୱ, ଇରାକ, ମାନବ ସଭ୍ୟତା*

▷▷

## ଅକ୍‌ଟେନ ନମ୍ବର

କାର, ମଟର ସାଇକେଲ ବା ସ୍କୁଟର ଚଳାଇବା ପାଇଁ ଇନ୍ଧନ ଭାବେ ଯେଉଁ ପେଟ୍ରୋଲର ବ୍ୟବହାର ହେଉଛି ତା'ର ତିନୋଟି ଗୁଣ ଥିବା ଏକାନ୍ତ ଆବଶ୍ୟକ । ପ୍ରଥମ ଗୁଣଟି ହେଲା ଇଞ୍ଜିନରେ ସେହି ପେଟ୍ରୋଲର ଦହନ ଠିକ୍ ଭାବେ ହେଉଥିବ, ଅର୍ଥାତ୍ ବିସ୍ଫୋରିତ ନ ହୋଇଯାଇ ଜଳିପାରୁଥିବ । ଦ୍ୱିତୀୟରେ ଗାଡ଼ିଟି ଅକ୍ଲେଶରେ ଷ୍ଟାର୍ଟ ହୋଇ ପାରୁଥିବ ଓ ତୃତୀୟରେ ଇଞ୍ଜିନ ଅଭ୍ୟନ୍ତରରେ ସୃଷ୍ଟି ହେଉଥିବା ଅତ୍ୟଧିକ ଉତ୍ତାପରେ ମଧ୍ୟ ତାହା ଯେଭଳି ଶୀଘ୍ର ଶୀଘ୍ର ବାଷ୍ପୀଭୂତ ହୋଇଯାଉ ନଥିବ ।

ଅକ୍‌ଟେନ ନମ୍ବରଟି ହେଲା ଏହି ତିନୋଟି ଗୁଣ ଭିତରୁ ପ୍ରଥମ ଗୁଣଟିର ନିୟମାଙ୍କ ବା ଇଞ୍ଜିନରେ ପେଟ୍ରୋଲର କିଭଳି ଦହନ ହେବ ତା'ର ମାପ । ଏହି ମାପ ଅନୁସାରେ ଇଞ୍ଜିନ ଅଦାହ୍ୟ ଅତି ସାଧାରଣ ପେଟ୍ରୋଲ ବା ହେପ୍‌ଟନର ଅକ୍‌ଟେନ ନମ୍ବର ହେଲା '୦' ଓ ଅତି ବିଶୁଦ୍ଧ ପେଟ୍ରୋଲ ବା ଆଇସୋକ୍‌ଟେନର ନମ୍ବର ହେଲା '୧୦୦' । ପେଟ୍ରୋଲ ପମ୍ପରୁ ସାଧାରଣତଃ ୭୦ରୁ ଆରମ୍ଭ କରି ୯୦ ପର୍ଯ୍ୟନ୍ତ ଅକ୍‌ଟେନ ନମ୍ବରର ପେଟ୍ରୋଲ ମିଳିବାର କାରଣ ହେଲା ଇଞ୍ଜିନ ଡିଜାଇନ୍‌ର ଆବଶ୍ୟକତା । ୯୦ ଅକ୍‌ଟେନର ପେଟ୍ରୋଲ ବୋଲି କହିବା ଅର୍ଥ ହେଲା ୯୦ ଭାଗ ଆଇ-

ସୋକ୍ଟେନ ଓ ୧୦ ଭାଗ ହେପ୍ଟେନର ମିଶ୍ରଣରୁ ତିଆରି ଇନ୍ଧନ । କାରଣ ଆଇସୋକ୍ଟେନର ମାତ୍ରା ବା ପରିମାଣକୁ ନେଇ ସାଧାରଣତଃ ଅକ୍ଟେନ ନମ୍ବର ନିର୍ଦ୍ଧାରଣ କରାଯାଇଥାଏ ।

ଗୋଟିଏ ନିର୍ଦ୍ଦିଷ୍ଟ ଅକ୍ଟେନ ନମ୍ବରର ପେଟ୍ରୋଲ ନ ହେଲେ ଇଞ୍ଜିନରେ ତାହାର ବ୍ୟବହାର ହୋଇପାରିବ ନାହିଁ । ପେଟ୍ରୋଲ ଭଳି କେରୋସିନ ଓ ଜେଟ୍ ଇନ୍ଧନର ମଧ୍ୟ ଅକ୍ଟେନ ନମ୍ବର ଅଛି । ଆବଶ୍ୟକତା ଠାରୁ ଅଧିକ ଅକ୍ଟେନ ନମ୍ବରର ଇନ୍ଧନ ବ୍ୟବହାର କଲେ କିଛି ଅଧିକ ଲାଭ ମିଳିବାର ସମ୍ଭାବନା ନାହିଁ ।

***ସମ୍ବନ୍ଧୀୟ ବିଷୟ***
*ପେଟ୍ରୋଲ, ଡିଜେଲ, କେରୋସିନ, ମାନ, ଅନ୍ତର୍ଦହନ ଇଞ୍ଜିନ*

▷▷

## ଅକ୍ଟୋପସ୍

ସମୁଦ୍ର ଭିତରେ ତିମି ଭଳି ବଡ଼ବଡ଼ ଜୀବ ତ ଅଛନ୍ତି, ନାନା ପ୍ରକାର ଏମିତିକା ଅନ୍ୟ ଜୀବ ଅଛନ୍ତି ଯେ ସେମାନଙ୍କ କଥା ଶୁଣିଲେ ସହଜରେ ସତ ମଣିବାକୁ ସାହସ ହେବନାହିଁ ।



ଚିତ୍ରରେ ମେକ୍ସିକୋ ଉପକୂଳରେ ମିଳୁଥିବା ଗୋଟିଏ ଜାତିର ଅକ୍ଟୋପସ୍ ତା'ର ବାହୁରେ ଥିବା ସକ୍ସନ କପ୍‌କୁ ଦେଖାଉଛି । ଏହି କପ୍‌ଗୁଡ଼ିକ ସାହାଯ୍ୟରେ ଅକ୍ଟୋପସ୍ ଶିକାରକୁ ଧରିବା ସଙ୍ଗେ ସଙ୍ଗେ ସମୁଦ୍ର ଶଯ୍ୟାକୁ କାମୁଡ଼ି ଧରିପାରେ ଓ ଅନେକ ସମୟରେ ବସାପାଇଁ ବାଲିଗରଡ଼ା ମଧ୍ୟ ସଂଗ୍ରହ କରିଥାଏ ।

ବହୁଦିନ ତଳେ ଜଣାପଡ଼ିଲା ଗଭୀର ସମୁଦ୍ରରେ ଗୋଟିଏ ଜୀବ ଅଛି ଯାହାର ମୁଣ୍ଡଟି ଛୋଟ, କିନ୍ତୁ ଆଠଟି ବଡ଼ବଡ଼ ଗୋଡ଼ ରହିଛି । ସେହି ଜୀବଟି ବେଳେ ବେଳେ ପାଞ୍ଚ ମିଟରରୁ ଅଧିକ ଲମ୍ବ । ତା ଗୋଡ଼ ଗୁଡ଼ାକର ଲମ୍ବ ହେଲା ପ୍ରାୟ ୯ ମିଟର ବା ଅଧିକ । ସମୁଦ୍ରର ତଳ ଅଂଶରେ ରହେ । ସେଇଟି ଯଦି ଡରିଯିବ ପାଣି ପିଚିକାରୀ ଏମିତି ଭାବରେ ମାରିବ ଯେ ଫଳରେ ପଛକୁ ପଳାଇ ଯାଇପାରିବ । ଯଦି ଦେଖିଲା ବିପଦ ମାଡ଼ିଆସୁଛି ଦେହ ଭିତରୁ ଗୋଟାଏ କାଳିଆସିଆ ପଦାର୍ଥ ବାହାର କରିଦେବ ଓ ଶତ୍ରୁ ତାକୁ ଦେଖି ପାରିବ ନାହିଁ । ଏମିତି ବି ହୋଇଥାଏ, ସେହି ପଦାର୍ଥ ଶତ୍ରୁର ଆଖି, କାନ, ନାକକୁ ବିଗାଡ଼ିଦିଏ । ଦରକାର ପଡ଼ିଲେ ଏହି ଜୀବ ଅତି ଶୀଘ୍ର ଶୀଘ୍ର ନିଜ ରଙ୍ଗକୁ ମଧ୍ୟ ବଦଳାଇ ଦେଇପାରେ ।

ଏହାର ନାଁ ହେଉଛି ଅକ୍ଟୋପସ୍ ବା ଅଷ୍ଟପଦୀ । ଗ୍ରୀକ୍ ଭାଷାରେ 'ଅକ୍ଟେ' କହିଲେ ଆଠକୁ ବୁଝାଏ । ଆଠଟି ଗୋଡ଼ ଥିବାରୁ ଏଭଳି ନାମ ଦିଆଯାଇଛି । କଙ୍କଡ଼ା ଓ ଚିଙ୍ଗୁଡ଼ି ପ୍ରଭୃତି ହେଲା ଏହାର ପ୍ରଧାନ ଖାଦ୍ୟ । ପୃଥିବୀର କେତେକ ଅଞ୍ଚଳର ଲୋକେ ଏହାକୁ ଖାଆନ୍ତି । ସେମାନେ କୁହନ୍ତି ଏହାର ମାଂସ ଖୁବ୍ ସୁଆଦିଆ । ଅଷ୍ଟପଦୀର ଆଖି ଡିମା ଡିମା—ମଣିଷ ଅନାଇଲା ଭଳି ଅନାଏ । ବେଳେବେଳେ ଚେହେରାଟା ଭୟଙ୍କର ଦେଖାଯାଏ । ଅନେକ ଜାତିର ଅକ୍ଟୋପସ୍ ଅଛନ୍ତି । ସବୁଠାରୁ ଛୋଟ ଗୁଡ଼ିକର ଲମ୍ବ ପ୍ରାୟ ପାଞ୍ଚ ସେଣ୍ଟିମିଟର । ସେଇଠୁ ଆରମ୍ଭ କରି ଖୁବ୍ ବଡ଼ବଡ଼ ଅଛନ୍ତି । ଥରେ ଗୋଟିଏ ତିମି ପେଟ ଚିରିଲାବେଳେ ଦେଖାଗଲା ଯେ ତା' ଭିତରେ ରହିଛି ୧୫ ମିଟର ଲମ୍ବର ଗୋଟିଏ ଅକ୍ଟୋପସ୍ ଗୋଡ଼ ।

***ସମ୍ବନ୍ଧୀୟ ବିଷୟ***
*ସାମୁଦ୍ରିକ ଜୀବନ, ସମୁଦ୍ର, ଅଥଳ, ସାମୁଦ୍ରିକ ଖାଦ୍ୟ*

▷▷

## ଅକ୍ଟୋବର

ଅକ୍ଟୋବରଟି ହେଲା ବର୍ଷର ଦଶମ ମାସ । କିନ୍ତୁ ଏକ ସମୟରେ ରୋମ ରାଜ୍ୟର ଲୋକେ ବର୍ଷଟିକୁ ଯେଉଁ କେତୋଟି ମାସରେ ଭାଗ କରିଥିଲେ ସେହି ଅନୁସାରେ ଅକ୍ଟୋବରର ସ୍ଥାନ ଥିଲା ଅଷ୍ଟମ ।

ଏହି ମାସରେ ପୃଥିବୀର ଓ ମାନବ ଜାତିର ଇତିହାସକୁ ବଦଳାଇ ଦେଲାଭଳି ଚାରୋଟି ଘଟଣା ଘଟିଯାଇଛି । କଲମ୍ବସ୍ ୧୪୯୨ ମସିହା ଅକ୍ଟୋବର ୧୨ ତାରିଖରେ 'ଆମେରିକା' ଆବିଷ୍କାର କରିଥିଲେ । ତା' ପୂର୍ବରୁ 'ପୁରୁଣା ଦୁନିଆ'ର ଲୋକେ ଜାଣି ନଥିଲେ ଆଉ ଦୁଇଟା ମହାଦେଶ ଏତେ ଦୂରରେ ରହିଛି ବୋଲି । ମହାତ୍ମା ଗାନ୍ଧୀଙ୍କ ଜନ୍ମତିଥି ଅକ୍ଟୋବର ଦୁଇ ତାରିଖରେ । ମନୁଷ୍ୟ ଜାତିକୁ ତାଙ୍କ ଦାନ ବିଷୟରେ କହିବା ବୋଧହୁଏ ନିଷ୍ପ୍ରୟୋଜନ । ପୃଥିବୀର ଏମିତି ଗୋଟାଏ ସମୟ ଆସିଥିଲା ଯେ ଇଉରୋପୀୟ ଜାତିମାନେ ହିଁ ସବୁଠାରୁ ଶକ୍ତିଶାଳୀ ବୋଲି ପରିଚିତ ହୋଇ ଯାଇଥିଲେ ଓ ସେହିମାନେ ପୃଥିବୀର ଚାରିଆଡ଼କୁ ଯାଇ ରାଜ୍ୟ ଜୟ କରିବାରେ ଲାଗିଥିଲେ । ସେତେବେଳର ଗୋଟିଏ ଛୋଟିଆ ଦେଶ 'ଜାପାନ' ପ୍ରଥମେ ଗୋଟିଏ ଅତି ପରାକ୍ରମଶାଳୀ ଇଉରୋପୀୟ ଦେଶ 'ରୁଷ' ସହିତ ଯୁଦ୍ଧକଲା ଓ ସେ ଯୁଦ୍ଧରେ ଜାପାନୀମାନେ ଏଭଳି ବୀରତ୍ୱ ଦେଖାଇଲେ ଯେ ରୁଷର ଜାର୍ ୧୯୦୫ ମସିହା ଅକ୍ଟୋବର ମାସରେ ଜାପାନ ସହିତ ବାଧ୍ୟ ହୋଇ ସନ୍ଧି କଲେ; ଏସିଆରେ କୋଟି କୋଟି ଲୋକଙ୍କ ମନରେ ସେହି ଦିନଠାରୁ ଆଶା ଓ ଶକ୍ତିର ସଞ୍ଚାର ହେଲା । ୧୯୧୭ ମସିହା ଅକ୍ଟୋବରରେ 'ରୁଷ-ବିପ୍ଳବ' । ରୁଷ-ବିପ୍ଳବର ପରିଣାମ ବା ପ୍ରଭାବ ବିଷୟରେ ବିଂଶ ଶତାବ୍ଦୀର ଶେଷ ଦଶକରେ ସେଭଳି କିଛି ଗୁରୁତ୍ୱର ସହିତ ବିଚାର କରା ନ ଯାଉଥିଲେ ମଧ୍ୟ ସେ ସମୟର ଦୁନିଆ ଉପରେ ତା'ର ଖୁବ୍ ପ୍ରଭାବ ପଡ଼ିଥିଲା । ଏହି ଚାରୋଟି ଘଟଣାକୁ ମନେ ପକାଇବା ପାଇଁ ବିଭିନ୍ନ ଦେଶରେ ଜାତୀୟ-ଉତ୍ସବ ସବୁ ପାଳନ କରାଯାଏ ।

***ସମ୍ବନ୍ଧୀୟ ବିଷୟ***
*ମାସ, ବର୍ଷ*

▷▷

## ଅକ୍ଟୋବର ବିପ୍ଳବ

ରୁଷ ଦେଶର କମିଉନିଷ୍ଟ ବିପ୍ଳବ । ସେହି ଦେଶର ଲୋକେ ଦିନେ ବଡ଼ ଦୁଃଖରେ ଥିଲେ । ସେ ଦେଶରେ ରାଜାଙ୍କୁ ଜାର୍ ବୋଲି କୁହାଯାଉଥିଲା ।

ଯେଉଁମାନେ ଜାର୍ ବିରୋଧୀ ବୁଝିବା ଶୁଝିବା ସାହସୀ ଲୋକ ଥିଲେ ସେମାନେ ଠିକ୍ କଲେ ଜାର୍‌ଙ୍କୁ ରାଜଗାଦିରୁ ହଟାଇ ଦେବେ । ଜୀବନକୁ ପାଣି ଛଡ଼ାଇ ଜାର୍ ବିରୋଧୀ କାମ କଲେ । ଲେନିନ୍ ବୋଲି ଜଣେ ନେତା ବାହାରି ପଡ଼ିଲେ । ସେ ଲୋକଙ୍କୁ ସାହସ ଦେଲେ । ତାଙ୍କରି କଥାରେ ମାତିଯାଇ ହଜାର ହଜାର ଲୋକ ଅସ୍ତ୍ରଶସ୍ତ୍ର ଧରି 'ଜାର୍ ହଟିଯାଅ' ବୋଲି ଚିତ୍କାର କଲେ । ତାକୁହିଁ କୁହାଗଲା ବିପ୍ଳବ । ୧୯୧୭ ମସିହା ଅକ୍ଟୋବର ୨୪-୨୫ ତାରିଖରେ ସେହି ବିପ୍ଳବର ଜୟ ହେଲା । ଜାର୍ ଗାଦିରୁ ଗଲେ ଓ ଶେଷ ଜାର୍‌ଙ୍କୁ ତାଙ୍କ ପରିବାରବର୍ଗଙ୍କ ସହିତ ନିଷ୍ଠୁର ଭାବେ ମାରିଦିଆଗଲା । ବହୁ କ୍ଷମତା ଚାଲି ଆସିଲା ଲୋକଙ୍କ ହାତକୁ । ଅକ୍ଟୋବର ମାସରେ ହୋଇଥିବାରୁ ସମସ୍ତେ ଏହାର ନାମ ଦେଲେ "ଅକ୍ଟୋବର ବିପ୍ଳବ" । ଯେଉଁ ନୀତି ନିୟମରେ ଶାସନ ଚାଲିଲା ତାକୁ କୁହାଗଲା 'କମିଉନିଷ୍ଟ' ଶାସନ—ପୃଥିବୀରେ ପ୍ରଥମେ ରୁଷରେ ହିଁ ଏଭଳି ଶାସନ ହେଲା ।

***ସମ୍ବନ୍ଧୀୟ ବିଷୟ***

*କମିଉନିଜମ୍, ଲେନିନ୍, କାର୍ଲମାର୍କସ, ରୁଷ, ଜାର୍, ଅତ୍ୟାଚାର*

## ଅକ୍ସଫୋର୍ଡ ଅଭିଧାନ

୧୯୩୩ ମସିହାରେ ପ୍ରଥମେ ପ୍ରକାଶିତ ହୋଇଥିବା (୧୨ ଭଲିଉମ୍‌ର) ଅକ୍ସଫୋର୍ଡ ଅଭିଧାନଟି ହେଲା ଇଂରାଜୀ ଭାଷାର ଶ୍ରେଷ୍ଠ ସ୍ୱୀକୃତ ପ୍ରାମାଣିକ ଅଭିଧାନ । ସମଗ୍ର ଇଂରାଜୀ ଭାଷାର ସମସ୍ତ ଶବ୍ଦକୁ ଏଇଟି କୋଳରେ ଧରିଛି । ୧୮୮୪ରୁ ୧୯୨୮ ମସିହା ଭିତରେ ସମ୍ପାଦିତ ହୋଇଥିବା ୧୦ ଭଲିଉମ୍ ବିଶିଷ୍ଟ 'ଏ ନିଉ ଇଂଲିଶ ଡିକ୍ସନାରୀ ଅଫ୍ ହିଷ୍ଟୋରିକାଲ୍ ପ୍ରିନ୍‌ସିପଲ୍'କୁ ମୂଳ ଉତ୍ସ ଭାବେ ଗ୍ରହଣ କରି ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟ ଏହି ବିଶାଳ ଡିକ୍ସନାରୀକୁ ପ୍ରସ୍ତୁତ କରିଥିଲେ । ଦ୍ୱାଦଶ ଶତାବ୍ଦୀ ପରଠାରୁ ଯେତେ ଯେତେ ଶବ୍ଦ ଇଂରାଜୀ ଭାଷାରେ ବ୍ୟବହୃତ ହୋଇଛି, ସେ ସବୁର ପରିଚୟ ମିଳିଯାଉଥିଲା ଏହି ଅଭିଧାନରୁ । ପ୍ରାୟ ୫୦ ଲକ୍ଷ ଉଦାହରଣ, କୋଟେସନ୍ ତଥା ଉଦ୍ଧୃତି ଏଥିରେ ଦିଆଯାଇଥିଲା । ମୂଳ ୧୨ ଭଲିଉମ୍ ସାଙ୍ଗକୁ ଆଉ ଗୋଟିଏ ସପ୍ଲିମେଣ୍ଟ ଭଲିଉମ୍ ମଧ୍ୟ ଏକସଙ୍ଗେ ପ୍ରକାଶିତ ହୋଇଥିଲା ।

ଡିକ୍ସନାରୀ ଓ ଏନ୍‌ସାଇକ୍ଲୋପିଡ଼ିଆଗୁଡ଼ିକ 'ଜୀବନ୍ତ' ପ୍ରକାଶନ ହୋଇଥିବାରୁ ସେଗୁଡ଼ିକର ସମ୍ପାଦକୀୟ କାର୍ଯ୍ୟ କେବେ ବନ୍ଦ ହୁଏନାହିଁ । ଅକ୍ସଫୋର୍ଡ ଅଭିଧାନକୁ ସବୁବେଳେ 'ନୂତନ' ରଖିବା ପାଇଁ ତେଣୁ ଗୋଟିଏ ଖୁବ୍ ବଡ଼ ସମ୍ପାଦକୀୟ ବିଭାଗ କାମ କରୁଛି । ୧୯୭୧ ମସିହାରେ ଏହାର ସପ୍ଲିମେଣ୍ଟ ସହ ୧୩ ଭଲିଉମ୍‌କୁ ମାଇକ୍ରୋଗ୍ରାଫ୍ କରି 'ଦି କଂପାକ୍ଟ ଏଡିସନ୍ ଅଫ୍ ଅକ୍ସଫୋର୍ଡ ଇଂଲିଶ ଡିକ୍ସନାରୀ' ନାମରେ ଗୋଟିଏ ଦୁଇ ଭଲିଉମ୍ ବିଶିଷ୍ଟ ସେଟ୍ ବାହାରି ପଡ଼ିଥିଲା । ୧୯୫୫ ମସିହାରେ କାମ ଆରମ୍ଭ ହୋଇଥିବା ଚାରି ଭଲିଉମ୍‌ର ଆଉ ଗୋଟିଏ ସପ୍ଲିମେଣ୍ଟ ୧୯୭୨ରୁ ୧୯୮୬ ମସିହା ଭିତରେ ମଧ୍ୟ ପ୍ରକାଶ ପାଇଗଲା । ଏଥିରେ ଅକ୍ସଫୋର୍ଡର ପ୍ରଥମ ଏଡିସନ୍ ବା ସଂସ୍କରଣ ପରେ ଇଂରାଜୀ ଭାଷା ଭିତରକୁ ଯେତେ ଶବ୍ଦ ଆସିଛନ୍ତି ସେସବୁ ସ୍ଥାନ ପାଇଗଲେ ।

କିନ୍ତୁ ଭାଷାକୁ ନୂତନ ରଖିବାର ସମସ୍ୟାର ସମାଧାନ ଏଥିରେ ସଂପୂର୍ଣ୍ଣ ଭାବେ ହୋଇ ପାରିବ ନାହିଁ ବୋଲି ସମ୍ପାଦକମାନେ ଜାଣିଥିଲେ । ତେଣୁ ଗୋଟିଏ ନୂଆ ଅକ୍ସଫୋର୍ଡ ଅଭିଧାନ ପାଇଁ ମଧ୍ୟ କାମ ଚାଲିଥାଏ । ଶେଷରେ ୧୯୮୯ ମସିହାରେ ଅକ୍ସଫୋର୍ଡ ଅଭିଧାନର ସଂପୂର୍ଣ୍ଣ ନୂତନ ଦ୍ୱିତୀୟ ସଂସ୍କରଣଟିଏ ପ୍ରକାଶ ପାଇଲା । ସେଇଟି ହୋଇଗଲା ୨୦ ଭଲିଉମ୍ ବିଶିଷ୍ଟ । ସବୁଯାକ ଭଲିଉମ୍‌କୁ ଓଜନ କରିଦେଲେ ହେବ ପ୍ରାୟ ୬୨ କିଲୋଗ୍ରାମ । ୪ ଫୁଟ ଲମ୍ବର ଥାକଟିଏ ନ ହେଲେ ଭଲିଉମ୍‌ଗୁଡ଼ିକ ଧାଡ଼ିକରି ରଖିହେବ ନାହିଁ । ମୂଲ୍ୟ ମଧ୍ୟ କିଛି କମ୍ ନୁହେଁ । ସେବକାର ଟଙ୍କାରେ ତା'ର ଦାମ୍ ରଖାଯାଇଥିଲା ପ୍ରାୟ ୮୦ ହଜାର ଟଙ୍କା । ଯେଉଁମାନେ ବହି ନ ରଖିବେ, ସେମାନଙ୍କ ପାଇଁ କଂପିଉଟର 'ଭାଷା'ରେ ଏହି ଡିକ୍ସନାରୀଟି ସ୍ୱତନ୍ତ୍ର ଭାବେ ପ୍ରକାଶିତ ହୋଇଛି । ପ୍ରକାଶ ବେଳେ କଂପିଉଟର ଡିସ୍କ ସଂସ୍କରଣଟିର ମୂଲ୍ୟ ଥିଲା ପ୍ରାୟ ୮୭,୦୦୦ ଟଙ୍କା । ୧୯୯୨ ମସିହାରେ ଏହି ଡିସ୍କର ଆଉ ଗୋଟିଏ ନୂଆ ସଂସ୍କରଣ ଅକ୍ସଫୋର୍ଡ ଇଉନିଭରସିଟୀ ପ୍ରେସ୍ ବାହାର କରିଛନ୍ତି । ଏଥିରେ ରହିଛି ସମୁଦାୟ ପ୍ରାୟ ଛ' କୋଟି ଶବ୍ଦ । ପୂର୍ବ ଡିସ୍କ ତୁଳନାରେ ଅତି ଅଳ୍ପ ସମୟରେ କଂପିଉଟର ଏଥିରେ ଥିବା ପ୍ରାୟ ସାତ ଲକ୍ଷ ମୂଳ ଶବ୍ଦର ଅର୍ଥ ଖୋଜି ପାଇଯାଉଛି । ଅକ୍ସଫୋର୍ଡ ଭଳି ବିରାଟ ଅଭିଧାନରେ ଯେଉଁ ବିଶାଳ ତଥା ଜଟିଳ ଶବ୍ଦଭଣ୍ଡାର ରହିଛି, ତାହାର ପୂର୍ଣ୍ଣ ଉପଯୋଗ କେବଳ କଂପିଉଟର ଦ୍ୱାରା କରାଯାଇ ପାରିବ ବୋଲି ଆଜି ପଣ୍ଡିତମାନେ କହୁଛନ୍ତି ।

***ସମ୍ବନ୍ଧୀୟ ବିଷୟ***

*ଅଭିଧାନ, ଭାଷା, ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟ, ଇଂରାଜୀ, ପ୍ରକାଶନ, ସଂପାଦନା*

## ଅକାଳୀ

ଶିଖ ଧର୍ମର ଏଇଟି ଗୋଟିଏ ମୁଭ୍‌ମେଣ୍ଟ ବା ଆନ୍ଦୋଳନ ବୋଲି କହିଲେ ଠିକ୍ ହେବ । 'ଅକାଳୀ' ଶବ୍ଦର ଅର୍ଥ ହେଲା କାଳଜୟୀ ବା କାଳରହିତ । ସେମାନଙ୍କର ଭୂତ, ଭବିଷ୍ୟତ ଓ ବର୍ତ୍ତମାନ—ଏହି ତିନି ଅବସ୍ଥା ଉପରେ ନିୟନ୍ତ୍ରଣ ଥିବା କଥା ଶିଖ ଶାସ୍ତ୍ରମାନଙ୍କରେ ଉଲ୍ଲେଖ ଅଛି ।

ଯେତେବେଳେ ମୋଗଲମାନେ ଶିଖଧର୍ମକୁ ଲୋପ କରିଦେବା ଉଦ୍ଦେଶ୍ୟରେ ଭୟଙ୍କର ଅତ୍ୟାଚାର ଚଳାଇବାକୁ ଲାଗିଲେ, ସେତେବେଳେ ଶିଖମାନେ ନିଜ ଧର୍ମରକ୍ଷା କରିବା ପାଇଁ ଲଢ଼ାଇ କରିବାକୁ ପ୍ରସ୍ତୁତ ହୋଇଗଲେ । ସପ୍ତଦଶ ଶତାବ୍ଦୀର ଶେଷ ଦଶକର ଆରମ୍ଭ ବେଳକୁ ଶିଖମାନଙ୍କ ଅଷ୍ଟମ ଓ ନବମ ଗୁରୁଙ୍କୁ ହତ୍ୟା କରିଦିଆଗଲାଣି । ଏହି ସମୟରେ ଗୁରୁ ଗୋବିନ୍ଦ ସିଂହ ଔରଙ୍ଗଜେବ୍‌ଙ୍କ ଅତ୍ୟାଚାରର ପ୍ରତିରୋଧ କରିବା ପାଇଁ 'ଖାଲସା ପନ୍ଥ'ର ସ୍ଥାପନା କଲେ ଓ ସେହି ସମୟରୁ ଅକାଳୀ ସ୍ୱେଚ୍ଛାସେବକ ବାହିନୀର ସୃଷ୍ଟି ହେଲା । ସେମାନେ ନୀଳ ରଙ୍ଗର ପୋଷାକ ପିନ୍ଧି ମୋଗଲ ସେନାଙ୍କ ପ୍ରତିରୋଧ କରିବାକୁ ଲାଗିଲେ । କଚ୍ଛା, କଡ଼ା, କୃପାଣ, କେଶ ତଥା କଙ୍ଘ ଧାରଣ କରିବା ଅକାଳୀମାନଙ୍କ ପାଇଁ ବାଧ୍ୟତାମୂଳକ ନିୟମ ହୋଇଗଲା । ଏହିମାନଙ୍କର ଗୋଟିଏ ଦଳକୁ 'ନିହାଙ୍ଗ' ବୋଲି ମଧ୍ୟ କୁହାଗଲା । ଅକାଳୀ ମାନଙ୍କ ଅପେକ୍ଷା ନିହାଙ୍ଗ ମାନଙ୍କ ପାଇଁ ଅଧିକ କଠୋର ନିୟମ ସବୁ ଲାଗୁହେଲା । ପରେ ଅକାଳୀମାନେ ନାନା ଉତ୍‌ଥାନ ପତନ ଦେଇ ଗତି କରିଛନ୍ତି । ଭାରତୀୟ ସ୍ୱାଧୀନତା ଆନ୍ଦୋଳନରେ ସେମାନେ ପୂର୍ଣ୍ଣପ୍ରାଣରେ ଯୋଗ ଦେଇଥିଲେ ଓ ମହାତ୍ମା ଗାନ୍ଧୀଙ୍କ ଡାକରାରେ ଅହିଂସା ଆନ୍ଦୋଳନ ଚଳାଇଥିଲେ ।

କ୍ରମେ ଶିରୋମଣି ଅକାଳୀ ଦଳ ଗୋଟିଏ ରାଜନୈତିକ ଦଳଭାବେ ମୁଣ୍ଡଟେକି ଛିଡ଼ାହେଲା । ପଞ୍ଜାବ ରାଜ୍ୟରେ ଅନେକ ଥର ସରକାର ମଧ୍ୟ ଗଢ଼ିଛି । ଏବେ ଅବିଭକ୍ତ ଅକାଳୀ ଦଳ ଆଉ ନାହିଁ । ବହୁ ଛୋଟ ବଡ଼ ଗୋଷ୍ଠୀଙ୍କୁ ଭିନ୍ନ ଭିନ୍ନ ସ୍ୱତନ୍ତ୍ର ଅକାଳୀ ରାଜନୈତିକ ଦଳଭାବେ ଗଣାଯାଉଛି । ୧୯୯୭ ମସିହା ଆରମ୍ଭ ବେଳକୁ ଅତି କମ୍‌ରେ ପାଞ୍ଚଟି ଏହିଭଳି ଦଳ ରହିଛନ୍ତି ଓ ତା ଭିତରୁ ଗୋଟିଏ ପଞ୍ଜାବ ପ୍ରଦେଶରେ ଶାସନ ମଧ୍ୟ କରୁଛି ।

***ସମ୍ବନ୍ଧୀୟ ବିଷୟ***

*ଶିଖଧର୍ମ, ପଞ୍ଜାବ, ମୋଗଲ ଶାସନ, ଖଲିସ୍ତାନ ଆନ୍ଦୋଳନ, ଭାରତୀୟ ସ୍ୱାଧୀନତା ଆନ୍ଦୋଳନ, ମହାତ୍ମା ଗାନ୍ଧୀ*

## ଅକ୍ରିୟାବାଦ

ବୁଦ୍ଧଙ୍କ ସମୟର ଗୋଟିଏ ଦାର୍ଶନିକ ମତବାଦ । ଏହି ମତବାଦ ଅନୁସାରେ କର୍ମ, କ୍ରିୟା ବା ପ୍ରଯତ୍ନ ବୋଲି କିଛି ନାହିଁ । କିନ୍ତୁ ଗୋଟାଏ ସମୟରେ ଜୈନ ଓ ବୌଦ୍ଧ ଧର୍ମରେ ଏହି ବାଦର ବିରୋଧ ଦେଖାଦେଲା । ଯେଉଁମାନେ ଅକ୍ରିୟାବାଦ ପ୍ରଚାର କରୁଥିଲେ ସେମାନଙ୍କୁ ନାସ୍ତିକ ଓ ସ୍ୱେଚ୍ଛାଚାରୀ ବୋଲି ମଧ୍ୟ ଅଭିହିତ କରାଗଲା । ପୁରାଣ କାଶ୍ୟପ, ଗୋଶାଳା ମସ୍କରିପୁତ୍ର, ଅଜିତ କେଶ-କମ୍ବଳୀ ଓ କାତ୍ୟାୟନ ପ୍ରଭୃତି ଛଅ ଜଣ ହେଲେ ଏହି ଘୋର ଉଚ୍ଛେଦବାଦର ପ୍ରଧାନ ଧର୍ମାଚାର୍ଯ୍ୟ । ଜୈନ ଓ ବୌଦ୍ଧ ସାହିତ୍ୟରେ ମଧ୍ୟ ଏମାନଙ୍କ ମତର ବିରୋଧ ଉଲ୍ଲେଖ ରହିଛି ।

*ସମ୍ବନ୍ଧୀୟ ବିଷୟ*

*ଦର୍ଶନ, ବୌଦ୍ଧଧର୍ମ, ଅଜିତ କେଶକମ୍ବଳୀ*

## ଅଖ୍ମାଟୋଫା, ଆନା
(୧୮୮୯-୧୯୬୬)

ରୁଷୀୟ ସାହିତ୍ୟର ଜଣେ ଶ୍ରେଷ୍ଠ ନାରୀ କବି । ତାଙ୍କ ଲେଖାର ସାବଲୀଳତା, ଛନ୍ଦ ଓ ଶୈଳୀ ଯୋଗୁଁ ସେ ପ୍ରସିଦ୍ଧ । ଏହି କବିଙ୍କ କବିତାରେ ପ୍ରେମ ମୁଖ୍ୟ ସ୍ଥାନ ଅଧିକାର କରିଛି । ତାଙ୍କ ବ୍ୟକ୍ତିଗତ ଜୀବନର ଅନେକ ଘଟଣାକୁ ନେଇ ସେ ଚମତ୍କାର କାବ୍ୟ ସଂକଳନ ସବୁ ସୃଷ୍ଟି କରିଯାଇଛନ୍ତି । ଅଧିକାଂଶ କ୍ଷେତ୍ରରେ ଅଖ୍ମାଟୋଫାଙ୍କ 'ପ୍ରେମ' ନିରାଶ ଓ



ଆନା ଅଖ୍ମାଟୋଫା

କରୁଣ । ନାରୀର ଅନୁଭବ ସେହି ବର୍ଣ୍ଣନା ସବୁକୁ ଆହୁରି ହୃଦୟସ୍ପର୍ଶୀ କରିଦେଇଛି । ସେ ମଧ୍ୟ ଥିଲେ ଜଣେ ଦକ୍ଷ ଅନୁବାଦିକା । ରବୀନ୍ଦ୍ରନାଥଙ୍କ ଅନେକ କବିତା ରୁଷୀୟ ଭାଷାକୁ ତାଙ୍କ ଦ୍ୱାରା ଅନୁଦିତ । 'ଅଖ୍ମାଟୋଫା'ଟି ହେଲା ତାଙ୍କର ସାହିତ୍ୟିକ ଛଦ୍ମନାମ—ପ୍ରକୃତ ନାମ ହେଲା ଆନା ଆନ୍ଦ୍ରିଏଭ୍ନା ଗୋରେଙ୍କୋ ।

*ସମ୍ବନ୍ଧୀୟ ବିଷୟ*

*ରୁଷୀୟ ସାହିତ୍ୟ, ରବୀନ୍ଦ୍ରନାଥ ଠାକୁର*

## ଅଖରୋଟ

ଏହି ଗଛଟି ସାଧାରଣତଃ 'ୱାଲନଟ୍' ଭାବେ ପରିଚିତ । ଦୁଇଟି କାରଣରୁ ଏହାର ଗୁରୁତ୍ୱ ରହିଛି—ୱାଲନଟ୍ କାଠ ଅତି ଚମତ୍କାର ଓ ସୁଗନ୍ଧ-ଯୁକ୍ତ; ଫଳଟି ମଧ୍ୟ ଖୁବ୍ ସୁଆଦିଆ । ଗଛଟି ସାଧାରଣତଃ ୨୦ରୁ ୩୦ ମିଟର ପର୍ଯ୍ୟନ୍ତ ଉଚ୍ଚ ଓ ଗଛର ଗଣ୍ଡିର ଗୋଲେଇ ପ୍ରାୟ ୬୦ରୁ ୯୦ ସେଣ୍ଟିମିଟର ପର୍ଯ୍ୟନ୍ତ ହୋଇଥାଏ । ଅଖରୋଟ



ଅଖରୋଟ

ଫଳର ଉପରଟି ଖୁବ୍ ଟାଣ । ସେହି ଟାଣ ଫଳ ଭିତରେ ଶସ ବା ମଞ୍ଜି ଥାଏ । ମଞ୍ଜିଟି ମିଠା ଓ ତେଲିଆ ହୋଇଥିବାରୁ ଶୁଖିଲା ଫଳ ହିସାବରେ ଏହାର ମହତ୍ତ୍ୱ ରହିଛି । ଇରାନୀୟ ଅଖରୋଟ ଫଳର ଚାହିଦା ପୃଥିବୀ ବଜାରରେ ଖୁବ୍ ବେଶୀ । ଟାଣ ଖୋଳପାଟିକୁ ଛଡ଼ାଇ ଦେଇ ବା ଭାଙ୍ଗିଦେଇ ମଞ୍ଜିକୁ କାଢ଼ି ନିଆଯାଇଥାଏ । ଆମ ଦେଶରେ ମଧ୍ୟ ଅଖରୋଟର ଖୁବ୍ ଚାହିଦା ରହିଛି । ଆୟୁର୍ବେଦ ଶାସ୍ତ୍ର ଅନୁସାରେ ଏହି ଫଳ ସେବନ କଲେ ପିତ୍ତଅମ୍ଳ ଓ ଉଦରଶୂଳର ଉପଶମ ଘଟି-ଥାଏ । ଏହା କାମୋଦ୍ଦୀପକ ବୋଲି ମଧ୍ୟ ସେହି ଶାସ୍ତ୍ରରେ ବର୍ଣ୍ଣନା ଅଛି । କଳା ଅଖରୋଟ ବା ୱାଲନଟ୍ ଗଛର କାଠ ବହୁ ପ୍ରକାର କାର୍ଯ୍ୟରେ ଲାଗେ । ସୌଖୀନ୍ ଘର ତଥା ଅଫିସମାନଙ୍କରେ ଏହି କାଠର ପଟା ପାନେଲିଙ୍ଗ୍ ଭାବେ ବ୍ୟବହୃତ ହୁଏ । ଦୁଇ ଆମେରିକା, ଇଉରୋପ, ଏସିଆ ଓ ପଶ୍ଚିମ ଭାରତୀୟ ଦ୍ୱୀପପୁଞ୍ଜ ଅଞ୍ଚଳରେ ଏହି ଗଛ ବଢ଼ିଥାଏ । ଭାରତରେ ହିମାଳୟ ନିକଟବର୍ତ୍ତୀ ଇଲାକା ସବୁରେ ସମୁଦ୍ର ପତ୍ତନ ଠାରୁ ୨୦୦୦ରୁ ୩୦୦୦ ମିଟର ଉଚ୍ଚତାରେ ବହୁ ସଂଖ୍ୟକ ଅଖରୋଟ ଗଛ ଦେଖାଯାଏ ।

*ସମ୍ବନ୍ଧୀୟ ବିଷୟ*

*ଉଦ୍ଭିଦ ଓ ଉଦ୍ଭିଦ ବିଦ୍ୟା, ଖାଦ୍ୟ*

## ଅଖା

ବିଭିନ୍ନ ଜିନିଷ ଥରକେ ବେଶୀ ପରିମାଣରେ ନେବା ଆଣିବା କରିବା ପାଇଁ ଅଖାର ବ୍ୟବହାର ହୁଏ । ଏହାକୁ ବସ୍ତା ବୋଲି ମଧ୍ୟ କୁହାଯାଏ । ଝୋଟରୁ ତିଆରି ଏହି ବ୍ୟାଗଗୁଡ଼ିକ ଖୁବ୍ ବଡ଼ ଓ ଅନେକ କ୍ଷେତ୍ରରେ ୧୦୦ କିଲୋଗ୍ରାମ ପର୍ଯ୍ୟନ୍ତ ଜିନିଷ ଗୋଟିଏ ଗୋଟିଏ ଅଖାରେ ରହିଯାଇଥାଏ । ବିଭିନ୍ନ ପଦାର୍ଥ ପାଇଁ ଭିନ ଭିନ ସାଇଜ୍ ଓ ମାନର ଅଖା ତିଆରି ହୁଏ । ଚିନି ଓ ଅଟା ଅଖା ପାଇଁ ଝୋଟକୁ ଅତି ଭଲଭାବରେ ବୁଣାଯାଉଥିଲା ବେଳେ ଗୁଆ, ଗୁଡ଼, ସାବୁନ ପାଇଁ ସେଭଳି ବୁଣିବା ଆବଶ୍ୟକ ହୁଏ ନାହିଁ । ସାର, ସିମେଣ୍ଟ, ନାନା ପ୍ରକାରର ରଙ୍ଗ, ଖଣିଜ ପଦାର୍ଥ ଓ ପଥର ମଧ୍ୟ ଅଖାରେ ଭର୍ତ୍ତି ହୋଇ ମିଳେ । ଏବେ କିନ୍ତୁ 'ପ୍ଲାଷ୍ଟିକ୍ ଅଖା'ର ବହୁଳ ବ୍ୟବହାର ଫଳରେ ଝୋଟ ଅଖା ବା ବସ୍ତାର ଉପଯୋଗ କମିଆସୁଛି । ଝୋଟରେ ତିଆରି ହେଉଥିବା ଅନ୍ୟ ସବୁ ପଦାର୍ଥକୁ ମଧ୍ୟ 'ଅଖା' ବୋଲି କୁହାଯାଏ ।

*ସମ୍ବନ୍ଧୀୟ ବିଷୟ*

*ଝୋଟ, ପରିବହନ, ପାକିଙ୍ଗ ସାମଗ୍ରୀ*

## ଅଗର ଅଗର

ସମୁଦ୍ର ଭିତରେ ଶହ ଶହ ପ୍ରକାରର ଛୋଟ ବଡ଼ ଦଳ ରହିଛି । ଗୋଟିଏ ପ୍ରକାରର ଦଳକୁ ସିଝାଇ ତା ଦେହରୁ ବାହାରୁଥିବା ଅଠାଳିଆ ରସକୁ ଲୋକେ ଖାଆନ୍ତି । ପେଟ ଭରିଗଲା ଭଳି ଲାଗେ । ଇଉରୋପର ଲୋକେ ଯେତେବେଳେ ସମୁଦ୍ର ବାଟେ ଆସି ଭାରତର ପଶ୍ଚିମ ଉପକୂଳରେ ପହଞ୍ଚିଲେ, ଲୋକେ ଏପରି କରୁଥିବାର ଦେଖିଲେ । ପଚାରିବାରୁ ସେମାନେ ତା'ର ନାମ ଅଗର ବୋଲି କହିଲେ । ଇଉରୋପୀୟମାନେ ତାକୁ ନାନା ଭାବରେ ବ୍ୟବହାର କଲେ । ମାଛ, ମାଂସକୁ କିଛି କାଳ ସାଇତି ରଖିବା ପାଇଁ ଯେତେବେଳେ ଚେଷ୍ଟା କରାଯାଏ ଏହି ଅଠାଳିଆ ଅଗର ଅଗର ଖୋଜାପଡ଼େ । ଦେହରେ ଲଗାଇବା ପାଇଁ ନାନା ପ୍ରକାରର ବାସ୍ନା ବା ସୁଗନ୍ଧ ପଦାର୍ଥ, ମଦ, ଆଇସକ୍ରିମ୍, ସାଲାଦ ପ୍ରଭୃତି ତିଆରି କଲାବେଳେ ଏହା ଲୋଡ଼ା ହୁଏ । ସୁପ୍ ବା ରସାରେ ଏଥିରୁ ଟିକିଏ ମିଶାଇ ଦେଲେ ତାହା ବହଳିଆ ହୋଇଯାଏ । ଦାନା ଭଳି ବା ଖଣ୍ଡ ଖଣ୍ଡ ହୋଇ ବିକ୍ରୀ ହୁଏ । ଜାପାନ, ନିଉଜିଲାଣ୍ଡ, ଅଷ୍ଟ୍ରେଲିଆ, ଯୁକ୍ତରାଷ୍ଟ୍ର ଆମେରିକା ଓ ରୁଷରେ ବହୁ ପରିମାଣରେ ଅଗର ଅଗର ତିଆରି ହେଉଛି ।

ନିଜର-ଯେତିକି ଓଜନ ତାହାର ୨୦ ଗୁଣ ଓଜନର ପାଣିକୁ ଅଗର ନିଜ ଦେହରେ ଭେଦେଇ ଦେଇପାରେ । ଏହି ଅଗରକୁ ପରେ ଅଗର ଅଗର ବୋଲି କୁହାଗଲା । ରୋଗ ଜୀବାଣୁକୁ କଲ୍‌ଚର କରି ବା ବଢ଼େଇ କୁଢ଼େଇ ପରୀକ୍ଷା କରିବା ପାଇଁ ଏହାକୁ ବ୍ୟବହାର କରାଯାଉଛି । ଚିଲିକାରେ ଏଥିରୁ ଦୁଇ ଜାତିର ଦଳ ଅଛି । ଡକ୍ଟର ପ୍ରାଣକୃଷ୍ଣ ପରିଜା ଓ ଡକ୍ଟର ବଂଶୀଧର ପରିଜା ୧୯୩୮ ମସିହାରେ ଚିଲିକାରେ ପ୍ରଥମେ ଏହାର ସନ୍ଧାନ ପାଇଥିଲେ । ଭାଲେରୀ, ସୋଲରୀ ପାହାଡ଼ର ତଳ ଦେଶରେ ଏହା ମିଳେ ।

***ସମ୍ବନ୍ଧୀୟ ବିଷୟ***
*ସାମୁଦ୍ରିକ ଉଦ୍‌ଭିଦ, ଚିଲିକା, ଖାଦ୍ୟ*

▷▷

## ଅଗଷ୍ଟ

ଆଧୁନିକ ଯୁଗରେ ଯେଉଁ କାଲେଣ୍ଡର ଚଳୁଛି ତା ଅନୁସାରେ ଅଗଷ୍ଟ ହେଲା ଅଷ୍ଟମ ମାସ । କିନ୍ତୁ ଏହି ମାସର ପୂର୍ବ ନାମ ଥିଲା 'ଶେକ୍‌ସଟିଲିସ୍' **(Sextillis)** । ଏହି ଶବ୍ଦର ଅର୍ଥ ଷଷ୍ଠ ମାସ ଥିବାରୁ ଏଭଳି ନାମ ପାଇଗଲା । ଆଜି ଅଗଷ୍ଟ ମାସଟି ୩୧ ଦିନିଆ—କିନ୍ତୁ ପୂର୍ବେ ଥିଲା ୩୦ ଦିନିଆ । ପୃଥିବୀର ଜଳବାୟୁ ଭେଦରେ ଅଗଷ୍ଟ ମାସ କେଉଁ ଅଞ୍ଚଳରେ ଖୁବ୍ ଗରମ ମାସ ଓ କେଉଁ ଅଞ୍ଚଳରେ ବର୍ଷା ମାସ । ରୋମାନ୍ କାଥଲିକ୍ ଓ ଗ୍ରୀକ୍ ଗୀର୍ଜା ମାନଙ୍କ ନିର୍ଦ୍ଦେଶ ଅନୁସାରେ ଅଗଷ୍ଟ ପନ୍ଦର ତାରିଖ ଦିନଟି ଉତ୍ସବ ଦିନ । ଭାରତୀୟ ମାନଙ୍କ ପକ୍ଷରେ ଏଇଟି ଅତି ସ୍ମରଣୀୟ ମାସ । କାରଣ ଅଗଷ୍ଟ ପନ୍ଦର ତାରିଖ, ୧୯୪୭ ମସିହାରେ ଆମେ ସ୍ୱାଧୀନତା ପାଇଥିଲେ ଓ ସ୍ୱାଧୀନତା ପାଇବା ନିମନ୍ତେ ଶେଷ ମହତ୍ତ୍ୱପୂର୍ଣ୍ଣ ଆନ୍ଦୋଳନ ପର୍ଯ୍ୟାୟ ଏହି ମାସରେ ଆରମ୍ଭ ହୋଇଥିଲା ।

***ସମ୍ବନ୍ଧୀୟ ବିଷୟ***
*ମାସ, ବର୍ଷ*

▷▷

## ଅଗଷ୍ଟ ବିପ୍ଳବ

ବିଦେଶୀ ଶାସନକୁ ଏ ଦେଶରୁ ଲୋପ କରିବାକୁ ମହାତ୍ମା ଗାନ୍ଧୀ ଅହିଂସା ଲଢାଇ ଚଳାଇଥିଲେ । ଶେଷରେ ୧୯୪୨ ମସିହା ଅଗଷ୍ଟ ମାସରେ ସେ ଇଂରେଜମାନଙ୍କୁ କହିଦେଲେ—ତୁମେ ଭାରତ ଛାଡ । ଭାରତର ଲୋକଙ୍କୁ କହିଲେ—ଦେଶକୁ ସ୍ୱାଧୀନ କରିବା ପାଇଁ କିଛି 'କର ବା ମର' । ଭାରତର ଲୋକେ ମାତି ଉଠିଲେ ଓ ଅହିଂସା ଲଢ଼ାଇ ଜୋରସୋରରେ ଲାଗିବାରୁ ବ୍ରିଟିଶ ସରକାର ବହୁ ଲୋକଙ୍କୁ ଗୁଳିରେ ମାରିଦେଲେ, ଫାଶୀ ଦେଲେ ବା ଜେଲ ଭିତରେ ନେଇ ବନ୍ଦୀ କରି ରଖିଲେ । ଏହି ଲଢ଼ାଇକୁ କୁହାଯାଏ 'ଅଗଷ୍ଟ ବିପ୍ଳବ' ।

***ସମ୍ବନ୍ଧୀୟ ବିଷୟ***
*ଭାରତ, ଭାରତୀୟ ସ୍ୱାଧୀନତା ଆନ୍ଦୋଳନ, ମହାତ୍ମା ଗାନ୍ଧୀ, ଓଡ଼ିଶା, ଓଡ଼ିଶାରେ ସ୍ୱାଧୀନତା ଆନ୍ଦୋଳନ, ଅଗଷ୍ଟ, ଭାରତ-ଛାଡ଼ ଆନ୍ଦୋଳନ*

▷▷

## ଅଗିଆବାତ

ଏଇଟି ଗୋଟିଏ ଚର୍ମରୋଗ । ହଠାତ୍ ଦେଖାଯାଏ ଯେ ଦେହରେ ଲାଲ ଲାଲ ମନ୍ଦା ଭଳି ହୋଇ ଫୁଲି ଯାଇଛି । କିନ୍ତୁ ତାହା କ୍ରମେ ମଉଳିଯାଏ—ସେମିତି କିଛି କ୍ଷତି କରେ ନାହିଁ । କେତେ ଘଣ୍ଟା ଭିତରେ ଭଲ ହୋଇଯାଏ । କେତେକଙ୍କ ଦେହରେ ବେଶୀ ଦିନ ପର୍ଯ୍ୟନ୍ତ ରହେ । କେତେ ଜାତିର ଖାଦ୍ୟ ବା ଔଷଧ ଜଣ ଜଣଙ୍କ ଦେହରେ ଯାଏ ନାହିଁ । ଏହି ଅବସ୍ଥାକୁ ଆଲର୍ଜୀ ବୋଲି କୁହନ୍ତି । ଟିକିଏ ଲକ୍ଷ୍ୟ କଲେ ଜଣାଯାଏ କେଉଁ ଜିନିଷଟା ଖାଇଲେ ଏମିତି ହେଉଛି । ସେହି ଖାଦ୍ୟଠାରୁ ଦୂରରେ ରହିବା ନିରାପଦ । ହଠାତ୍ ଦେହରେ ବେଶୀ ଥଣ୍ଡା ଲାଗିଲେ ଅତିମାତ୍ରାରେ ଅଗିଆବାତ ହେବାର ଦେଖାଯାଇଛି ।

କେତେକ ପ୍ରକାରର ତେଲ, ସାବୁନ ପାଉଡର, କ୍ରିମ୍ ବା ରଙ୍ଗ ଲଗାଇଲେ ଅଗିଆବାତ ଭଳି ଫଳି ଯାଇପାରେ । ପେଟରେ କୃମି ହେଲେ ଅଗିଆବାତ ହୋଇପାରେ ।

***ସମ୍ବନ୍ଧୀୟ ବିଷୟ***
*ମାନବଶରୀର, ଚିକିତ୍ସାବିଜ୍ଞାନ, ରୋଗ, ଔଷଧ*

▷▷

## ଅଗ୍ନି

ମଣିଷ ଦି ଗୋଡ଼ରେ ଚାଲୁଥିବାରୁ ଓ ତାହାକୁ କାମରେ ଲଗାଇବାରୁ ଅନ୍ୟ ଜୀବଜନ୍ତୁଙ୍କଠାରୁ ଏକାବେଳକେ ନୂଆ ରୂପ ଧରିଗଲା; ଯାହା କୌଣସି ଜୀବଜନ୍ତୁ କରିପାରୁ ନଥିଲେ ସେ କଲା । କିନ୍ତୁ ଗୋଟିଏ କଥା ବେଳକୁ ସେ ହଟିଗଲା । ନିଆଁ କେମିତି ତିଆରି କରିବ, ତାକୁ କିପରି ସାଇତି ରଖିପାରିବ ଓ କାମରେ ଲଗାଇବ ଏକଥା ତାକୁ ଜଣା ନଥିଲା । ଯେତେବେଳେ ନିଆଁ ନଥିଲା ମଣିଷର କି ଅସୁବିଧା ହେଉଥିଲା ସେ କଥା ସହଜରେ ଅନୁମାନ କରାଯାଇପାରେ । କୌଣସି ଜିନିଷ ସେ ରାନ୍ଧି ପାରୁ ନଥିଲା । ଶିକାରଟିଏ କରିଆଣିଲେ କଞ୍ଚା ମାଂସ ଖାଉଥିଲା । ବଣରୁ ଧାନ, ଗହମ, ମୁଗ, ବିରି ଆଣିଲେ ତାକୁ ଚୋବାଇ ଖାଇବାରେ ତାର ବହୁତ ସମୟ ଯାଉଥିଲା । ସନ୍ଧ୍ୟା ହୋଇଗଲା ମାତ୍ରେ ସେ ପାହାଡ଼ ପର୍ବତ ଗୁମ୍ଫାରେ ଯାଇ ରହିଯାଉଥିଲା ଓ ସେହି ଗୁମ୍ଫା ମୁହଁରେ ପଥର ଆଉଜାଇ ଦେଉଥିଲା । ତାହା ନ ହେଲେ ବାଘ ସିଂହ ତାକୁ ଖାଇଯା'ନ୍ତେ । ଅନ୍ଧାର ରାତିରେ ବାହାରେ ବୁଲିବା ତା' ପକ୍ଷରେ ସମ୍ଭବ ହେଉ ନଥିଲା । ଶୀତଦିନେ ସେ ଗୁମ୍ଫା ଭିତରେ ରହି ଶୀତରେ ଥରୁଥିଲା । ସୂର୍ଯ୍ୟ ଉଦୟଠାରୁ ଅସ୍ତ ପର୍ଯ୍ୟନ୍ତ ସେ ଯାହା କିଛି କାମ କରୁଥିଲା-ରାତିରେ କିଛି କରିପାରୁ ନଥିଲା ।

କିନ୍ତୁ ଦିନେ ସେ ନିଆଁ ବାହାର କରିବା କୌଶଳ ଶିଖିଗଲା । ତେଣିକି ତା ମୁହଁରେ ହସ ଫୁଟିଉଠିଲା । କ୍ରମେ ମାଂସ, ଫଳ, ମୂଳ, ଚାଉଳ,



ଅଗ୍ନିର ପ୍ରକୃତ ନିୟନ୍ତ୍ରିତ ବ୍ୟବହାର ପ୍ରାୟ ୨୦୦୦୦୦ ବର୍ଷତଳୁ ଆରମ୍ଭ ହେଲା- ବୋଲି ସାଧାରଣତଃ କୁହାଯାଇଥାଏ । କିନ୍ତୁ ନିକଟରେ ସ୍ପେନ ଦେଶରେ ଏହି ଯେଉଁ ସ୍ଥାନଟିର ସନ୍ଧାନ ମିଳିଛି, ତାହା ପ୍ରାୟ ୪୬୫୦୦୦ ବର୍ଷ ତଳର ଗୋଟିଏ ମନୁଷ୍ୟକୃତ 'ଅଗ୍ନିଶଯ୍ୟା' ବୋଲି ଜଣାଯାଇଛି ।



ମଣିଷ ନିଆଁକୁ ଆୟତ୍ତ କଲା ଫଳରେ ମାଂସ ଭଳି ଖାଦ୍ୟକୁ ଅଧିକ ଉପାୟରେ ସୁଆଦିଆ କରିପାରିବା ସଙ୍ଗେ ସଙ୍ଗେ ପୃଥିବୀର ଥଣ୍ଡା ଅଞ୍ଚଳ ସବୁରେ ମଧ୍ୟ ରହିପାରିଲା । 'କଞ୍ଚା' ଖାଇବା ପାଇଁ ଲୋଡ଼ା ବିଶାଳ ମାଢ଼ି ଓ ମୁନିଆଁ ଦାନ୍ତର ଆଉ ତା' ପାଇଁ ଆବଶ୍ୟକତା ରହିଲା ନାହିଁ ।

ଗହମ, ବିରି, ମୁଗକୁ ସେ ସିଝାଇ ଖାଇଲା । ସେଗୁଡ଼ିକର ସୁଆଦତ ପାଇଲା—ସହଜରେ ହଜମ ମଧ୍ୟ କରିପାରିଲା । ଗୁମ୍ଫା ବାହାରେ ପଦାରେ କାଠ ଜାଳିଦେଲା ଫଳରେ ବଣଜନ୍ତୁ ଆଉ ସାହସ କରି ସେଠାକୁ ଆସିଲେ ନାହିଁ । ସେ ନିଶ୍ଚିନ୍ତରେ ଶୋଇଲା । ଶୀତ ରାତିରେ ନିଆଁ ପୁଇଁଲା । ଦୁନିଆର ଯେଉଁ ଅଞ୍ଚଳରେ ଖୁବ୍ ଶୀତ ହୁଏ, ବରଫ ପଡ଼େ, ସେ ଅଞ୍ଚଳକୁ ମଣିଷ ବସବାସ କରିବାକୁ ଯାଇପାରୁ ନଥିଲା । ଏଣିକି ସେ ଠିକି ଗଲା । ରାତିରେ ନିଆଁହୁଳା ଧରି ଏ ଗାଁରୁ ସେ ଗାଁକୁ ଯାଇପାରିଲା । ଗୁମ୍ଫା ଭିତରେ ଆଲୁଅ ଜାଳିଦେବାରୁ ଅନେକ ରାତି ପର୍ଯ୍ୟନ୍ତ ସେ ଚେଇଁ ରହି ପାରିଲା । ଗୁମ୍ଫା କାନ୍ଥରେ ଚିତ୍ରସବୁ ଆଙ୍କିଲା । ଗୀତ ଗାଇ ନାଚିଲା । କଞ୍ଚା ମାଟିରେ ଇଟା ତିଆରି କରି ତାକୁ ପୋଡ଼ିଦେଲା । ସେହି ଟାଣ ଇଟାରେ ଘର ତିଆରି କଲା । ଏଭଳି କେତେ ଯେ କ'ଣ କରିଗଲା ତାହାର ଠିକଣା ନାହିଁ । ସେତେବେଳେ ଯାଇ ସେ ଦମ୍ଭର ସହିତ କହିଲା ଯେ—ମୁଁ ମଣିଷ; ଜୀବଜନ୍ତୁଙ୍କଠାରୁ ମୁଁ ଢେର ଉପରେ ରହୁଛି ।

ମଣିଷ ହାତରେ ଏହି ଯେଉଁ ନୂଆ କୌଶଳ ପଡ଼ିଗଲା ତାହା କେମିତି ସମ୍ଭବ ହେଲା ସେ ବିଷୟରେ ପରେ ବହୁତ କିଛି ଅନୁମାନ କରା ହୋଇଛି, ଲେଖା ଯାଇଛି—ଏବେ ମଧ୍ୟ ଲେଖା ଯାଉଛି । ଖଣ୍ଡେ ଟାଣ ପଥରରେ ଆଉ ଖଣ୍ଡେ ଟାଣ ପଥର ଘସିଦେଲେ ଚକ୍ କରି ନିଆଁ ବାହାରି ପଡ଼ିଲା । ତଳୁ ଶୁଖିଲା ପତ୍ର ରଖିଦେଲେ ତାହା ଜଳି ଉଠିଲା । ତାହା ଦେହରୁ ଶୁଖିଲା କାଠିକୁ ଜଳାଇ ଦିଆଯାଇ ପାରିଲା । ଖୁବ୍ ମଜବୁତ ଶୁଖିଲା କାଠରେ ଗୋଟିଏ କଣା କରି ତା ଭିତରେ ଆଉ ଖଣ୍ଡେ ଲମ୍ବାଳିଆ କାଠକୁ ଖୁବ୍ ଜୋରରେ ଘଷିଲେ ସେଥିରୁ ମଧ୍ୟ ନିଆଁ ବାହାରି ପଡ଼ିଲା । ପରେ ଯେତେବେଳେ ଲୁହା ଚିହ୍ନାଗଲା, ସେତେବେଳେ ବାଁ ହାତରେ ଗୋଟିଏ ଟାଣ ପଥର ଧରି



ଗ୍ରୀକ୍ ପୁରାଣର ବୀର ପ୍ରମିଥିଅସଙ୍କୁ କିଭଳି ଶାଗୁଣା ଖାଉଛି ଚିତ୍ରଶିଳ୍ପୀଙ୍କ କଳ୍ପନାରେ ତା'ର ରେଖାଚିତ୍ର । ମଣିଷଙ୍କ ପାଇଁ ଅଗ୍ନିକୁ ଚୋରାଇନେଇ ଆସିଥିବାରୁ ଦେବତାମାନଙ୍କ ଦ୍ୱାରା ତାଙ୍କୁ ଏଭଳି ଦଣ୍ଡ ମିଳିଥିଲା ।

ଡାହାଣ ହାତରେ ଲୁହା ଖଣ୍ଡେ ଜୋରରେ ଘଷିଦେଲେ ନିଆଁ ବାହାରି ପଡ଼ିଲା । ତାକୁହିଁ ଝଗମକି ବୋଲି କୁହାଯାଏ । ଏବେ ମଧ୍ୟ ବହୁ ଲୋକ ନିଜ ପାଖରେ ଝଗମକି ରଖିଛନ୍ତି । ଖଣ୍ଡେ ଲୁହା, ଖଣ୍ଡେ ପଥର, ଖଣ୍ଡେ ସୋଲ ଅଣ୍ଟାରେ ମାରି ସେମାନେ କୁହନ୍ତି—ଦିଆସିଲି ସିନା ଜକେଇ ଯିବ, ଝଗମକି ତ ଜକେଇ ଯିବ ନାହିଁ ।

ନିଆଁ ସିନା ବାହାରିଲା, ତାକୁ ଯତ୍ନରେ ସାଇତି ନ ରଖିଲେ ତାହାତ ଲିଭିଯିବ । ତେଣୁ କେମିତି ଲିଭି ନଯିବ ତାହାର ନାନା ଉପାୟ ବାହାର କରାଗଲା । କାଠନିଆଁ ଉପରେ ଘର ତିଆରି କରି ଦିଆଗଲା—ଯେମିତି ବର୍ଷା ପାଣି ନ ପଡିବ । 'ଅଖଣ୍ଡ ଅଗ୍ନି' ଭଳି କଥା କୁହାଗଲା । ଯେଉଁ ଅଗ୍ନି ମଣିଷକୁ ପ୍ରକୃତ ଅର୍ଥରେ ମଣିଷ କରିଦେଲା ତାକୁ ପୂଜା କରିବାକୁ ଲୋକଙ୍କର ମନହେଲା । ଅଗ୍ନି ପାଇଗଲା ଦେବତା ନାମ । ଏହି ଦେବତାଙ୍କ ନାମରେ ପୃଥିବୀର ସବୁଆଡ଼େ, ଶାସ୍ତ୍ର ପୁରାଣରେ ବହୁ କାହାଣୀ ଲେଖାଯାଇଛି । ଅଗ୍ନିଙ୍କୁ ପୂଜା କରିବା ପାଇଁ ସଂସ୍କୃତ ଭାଷାରେ ବହୁତ ଶ୍ଳୋକ ରହିଛି ।

ନିଆଁର ବ୍ୟବହାର ନ ଶିଖିଥିଲେ ମନୁଷ୍ୟ ବହୁ ଲକ୍ଷ ବର୍ଷ ପର୍ଯ୍ୟନ୍ତ ପଶୁଙ୍କ ଭଳି ରହିଯାଇଥା'ନ୍ତା । ଉନ୍ନତି ପଥରେ ଆଗେଇପାରି ନଥା'ନ୍ତା । ପଣ୍ଡିତମାନେ କହୁଛନ୍ତି, ତିନୋଟି ଘଟଣା ମଣିଷର ବହୁତ କିଛି ଉପକାର କରିଦେଲା : ଗୋଟିଏ ହେଲା ନିଆଁ, ଦ୍ୱିତୀୟଟି ବିଜୁଳି ଶକ୍ତି ଓ ତୃତୀୟଟି ପରମାଣୁ ଶକ୍ତି ।

***ସମ୍ବନ୍ଧୀୟ ବିଷୟ***

*ମାନବ ସଭ୍ୟତା, ରସାୟନବିଜ୍ଞାନ, ଖାଦ୍ୟ, ରନ୍ଧନ, ଅମ୍ଳଜାନ, ଦୁର୍ଘଟଣା, ସମାଜ, ଶାସ୍ତ୍ର-ପୁରାଣ, ଉର୍ଜା, ଅଗ୍ନି-ପ୍ରତିରୋଧ ଓ ନିୟନ୍ତ୍ରଣ*

▷▷

## ଅଗ୍ନିପରୀକ୍ଷା

ଗୋଟିଏ ଖୁବ୍ ଜଟିଳ ସମସ୍ୟାର ସମ୍ମୁଖୀନ ହୋଇ ସେଥିରୁ ସଫଳତାର ସହିତ ଉଧୁରି ଯିବାଟାକୁ ଅଗ୍ନିପରୀକ୍ଷା ବୋଲି ସାଧାରଣତଃ କୁହାଯାଇଥାଏ । ଏହାର ମୂଳ କିନ୍ତୁ ରହିଛି ରାମାୟଣରେ । ସୀତାଙ୍କ ସତୀତ୍ୱ ସମ୍ବନ୍ଧରେ 'ଜନ-ସନ୍ଦେହ' ହେବାରୁ ରାମଚନ୍ଦ୍ରଙ୍କ ଆଦେଶରେ ମାତୃରୂପିଣୀ ସୀତା ଅଗ୍ନିପରୀକ୍ଷା ଦେଇ ଜଗତ ଆଗରେ ଆଦର୍ଶ ରଖିଯାଇଛନ୍ତି । ଏହିଭଳି ଅନେକ ଘଟଣାର ବର୍ଣ୍ଣନା ରାମାୟଣର ସାମାଜିକ ଗୁରୁତ୍ୱକୁ ଖୁବ୍ ବଢାଇ ଦେଇଛି ବୋଲି ପଣ୍ଡିତମାନେ କୁହନ୍ତି ।

***ସମ୍ବନ୍ଧୀୟ ବିଷୟ***

*ରାମାୟଣ, ସମାଜ, ମାନବୀୟ ଉତ୍କର୍ଷତା*

▷▷

## ଅଗ୍ନି-ପ୍ରତିରୋଧ ଓ ନିୟନ୍ତ୍ରଣ

ଅଗ୍ନିକାଣ୍ଡ ଜନିତ ଦୁର୍ଘଟଣାରୁ ପ୍ରତିବର୍ଷ ସାରା ପୃଥିବୀରେ ଶହ ଶହ ଲୋକ ମୃତ୍ୟୁମୁଖରେ ପଡୁଛନ୍ତି ଓ ହଜାର ହଜାର କୋଟି ଟଙ୍କାର ସମ୍ପତ୍ତି ନଷ୍ଟ ହେଉଛି । ଏହାର ପ୍ରତିରୋଧ ତଥା ନିୟନ୍ତ୍ରଣ ପାଇଁ ତେଣୁ ବହୁଳ ଭାବେ ଉଦ୍ୟମ କରାଯାଉଛି ଓ ସେ କ୍ଷେତ୍ରରେ ସଫଳତା ମଧ୍ୟ ମିଳୁଛି ।

ବିଂଶ ଶତାବ୍ଦୀର ପ୍ରଥମ ଦୁଇ ଦଶକ ପର୍ଯ୍ୟନ୍ତ ଏ ଦିଗରେ ବିଶେଷ ଦୃଷ୍ଟି ଦିଆଯାଉନଥିଲା । କିନ୍ତୁ କ୍ରମେ ବିରାଟ ବିରାଟ ଅଟ୍ଟାଳିକା ମାନ ଗଢି ଉଠିଲା, ଖୁବ୍ ଉନ୍ନତ ଶିଳ୍ପ ସବୁ ପ୍ରତିଷ୍ଠା ହେଲା, ଓ ବାଣିଜ୍ୟର ଉନ୍ନତି ଯୋଗୁଁ ମୂଲ୍ୟବାନ ପଦାର୍ଥର ବ୍ୟବହାର ବହୁ ପରିମାଣରେ ବଢିଗଲା । ଯେତେବେଳେ ଏଗୁଡ଼ିକ ଭୟଙ୍କର ଅଗ୍ନିକାଣ୍ଡ ଦ୍ୱାରା

କ୍ଷତିଗ୍ରସ୍ତ ହେଲା, ସମସ୍ତେ ଚିନ୍ତା କଲେ କିଭଳି ଏହି ବିପଦର ମାତ୍ରା କମାଇ ଦିଆଯାଇପାରିବ । ତେଣୁ କୋଠାବାଡି ଓ କଳକାରଖାନାରେ ଅଗ୍ନି-ନିରୋଧକ ବ୍ୟବସ୍ଥା ସବୁ ବସାଇବା ସହ ଜନଶିକ୍ଷା କାର୍ଯ୍ୟକ୍ରମ ଉପରେ ମଧ୍ୟ ଗୁରୁତ୍ୱ ଆରୋପ କରାଗଲା । ଅଗ୍ନିକାଣ୍ଡ କାହିଁକି ଘଟେ, କିଭଳି ଉପାୟ ସବୁ ଅବଲମ୍ବନ କଲେ ଏହି ସଙ୍କଟରୁ ଉଦ୍ଧାର ମିଳିବ, ହଠାତ୍ ଅଗ୍ନିକାଣ୍ଡ ଘଟିଲେ କ'ଣ କ'ଣ କରିବାକୁ ପଡ଼ିବ ଇତ୍ୟାଦି ବିଷୟରେ ଜନଚେତନା ସୃଷ୍ଟି କରାଗଲା । ଏଭଳି ସଚେତନତାର ଅଭାବରୁ କିଭଳି ଭୟଙ୍କର ଦୁର୍ଘଟଣା ଘଟିପାରେ ସେ କଥାର ପ୍ରମାଣ ନିକଟରେ ହରିଆଣା ଓ ଓଡ଼ିଶାରୁ ମିଳି-ଯାଇଛି । କ୍ରମେ ବଡ଼ ବଡ଼ ବିଲ୍‌ଡିଙ୍ଗରେ ଫାୟାର ବା ଅଗ୍ନି ଆଲାର୍ମ, ପାଣିପକା ପାଇପ ବା ସ୍ପ୍ରିଙ୍କଲର୍ ଓ ଆହୁରି ଅନେକ ପ୍ରକାର ଅଗ୍ନି-ନିରୋଧୀ ବ୍ୟବସ୍ଥା ଲଗାଯିବା ପାଇଁ ଆଇନ ହୋଇଗଲା । ବିଲ୍-ଡିଙ୍ଗ କିମ୍ବା କାରଖାନାଟିର ନକ୍ସା ତିଆରି ବେଳୁ ନିର୍ଦ୍ଦିଷ୍ଟ 'ଅଗ୍ନିକାଣ୍ଡ ମୁକ୍ତ' ଅଞ୍ଚଳ ସବୁ ସେଥିରେ



ଆଧୁନିକ 'ଦମକଳ' ବା ଫାୟାର ଇଞ୍ଜିନଟି ହେଲା ଗୋଟିଏ ଜଟିଳ ବ୍ୟବସ୍ଥା । ଆଜିକାଲି ଏଥିରେ କମ୍ପିଉଟର ଲଗାଯିବା ଫଳରେ ଦମକଳର ଉପଯୋଗିତା ବଢ଼ିଯାଉଛି ।

ରଖିଦିଆଗଲା—ନଚେତ୍ ସେଇଟି ପାସ୍ ହୋଇ-ପାରିବ ନାହିଁ ବୋଲି ନିୟମ ହେଲା । ଅଗ୍ନି-ପ୍ରତିରୋଧୀ ନିର୍ମାଣ ସାମଗ୍ରୀ ବ୍ୟବହାର କରାଯାଉଛି ବଡ଼ ବଡ଼ ଉଚ୍ଚ କୋଠାଘର ତିଆରିରେ । ନିଆଁ ଲାଗିଗଲେ ସାଙ୍ଗେ ସାଙ୍ଗେ କୋଠାଟିକୁ 'ଜନଶୂନ୍ୟ କରିଦେବା' ଓ ଅଗ୍ନିଶମ ସଂସ୍ଥାକୁ ଆପେ ଆପେ ଖବର ପହଞ୍ଚାଇବାର ଇଲେକ୍‌ଟ୍ରୋନିକସ୍ ଯନ୍ତ୍ର ସବୁ ଏବେ ବାହାରି ପଡ଼ିଲାଣି । କଳକାରଖାନା ଓ ବଡ଼ ବଡ଼ ଅଫିସ ମାନଙ୍କରେ କେଉଁ ଅଂଶରେ ନିଆଁ ଲାଗିଯାଇଛି ତା'ର ସୂଚନା ତତ୍‌କ୍ଷଣାତ୍ ଦେଇଦେଇ ପାରିବାର ସେନ୍‌ସର ସବୁ ବାହାରି ଗଲାଣି ଓ ବହୁ ସଂଖ୍ୟାରେ ଖଞ୍ଜାଯାଉଛି ମଧ୍ୟ ।

ହିସାବରୁ ଜଣାଯାଇଛି ଯେ ପୃଥିବୀରେ ବିଦ୍ୟୁତ୍ ଜନିତ ଅଗ୍ନିକାଣ୍ଡର ପରିମାଣ ହେଲା ସବୁଠାରୁ ବେଶୀ । ତେଣୁ ବିଦ୍ୟୁତ୍ ଉପକରଣ ଗୁଡ଼ିକୁ ଅଧିକ ଫଳପ୍ରଦ ଭାବେ ଡିଜାଇନ କରାଯାଉଛି ଯେଭଳି ସର୍ଟସର୍କିଟ ନ ହେବ । ଘରୋଇ କାମରେ ଲାଗୁଥିବା ରୋଷାଇ ଗ୍ୟାସ୍ ଇତ୍ୟାଦିର ବ୍ୟବହାର କିଭଳି କଲେ ସେଗୁଡ଼ିକ ଆଉ ସହଜରେ ନିଆଁ ଲାଗିଯିବାର କାରଣ ହେବନାହିଁ, ସେ ବିଷୟରେ ମଧ୍ୟ ଚିନ୍ତା କରାଯାଉଛି ।

ଥରେ ନିଆଁ ଲାଗିଗଲେ ତାକୁ ନିୟନ୍ତ୍ରଣ କରିବାର ଦାୟିତ୍ୱ ଆସିଗଲା ଅଗ୍ନିଶମ ସେବାର । ଏଥିପାଇଁ ସେହି ସଂସ୍ଥାର ଲୋକମାନଙ୍କୁ ଉପଯୁକ୍ତ ତାଲିମ ଦେବାର ବ୍ୟବସ୍ଥା ଚାରିଆଡ଼େ ହେଲାଣି । ଅଗ୍ନିକାଣ୍ଡର ପ୍ରକାର ଭେଦରେ କିଭଳି ସେମାନେ ସଫଳତାର ସହିତ ନିଆଁ ଲିଭାଇ ପାରିବେ କିମ୍ବା ଧନଜୀବନ ରକ୍ଷା କରିପାରିବେ ସେଥିପାଇଁ ଗବେଷଣା ଚାଲୁରହିଛି ଓ ତା'ର ସୁଫଳ ମିଳୁଛି । ବହୁ ପ୍ରକାର ନୂଆ ଧରଣର ଦମକଳ ସବୁ ଅଗ୍ନିଶମ ସେବା ସଂସ୍ଥା ହାତକୁ ଚାଲିଆସିଲାଣି । ଖୁବ୍ ଉଚ୍ଚ ଉଚ୍ଚ ଯନ୍ତ୍ରଚାଳିତ ସିଡ଼ିଠାରୁ ଆରମ୍ଭ କରି ଦମକଳ ହେଲିକପ୍‌ଟର୍ ପର୍ଯ୍ୟନ୍ତ ବହୁ ଦରକାରୀ 'ଅସ୍ତ୍ର' ସେମାନେ ପାଇଗଲେଣି । ସେହିଭଳି ପାଣି ବ୍ୟତୀତ ଆହୁରି ଅନେକ ବିଶେଷ ଧରଣର ରାସାୟନିକ ପଦାର୍ଥର ଆବିଷ୍କାର ହେଲାଣି ଖାସ୍ ନିଆଁ ଲିଭାଇବା ପାଇଁ । ପ୍ରକୃତ ଅର୍ଥରେ ଅଗ୍ନି ବିରୁଦ୍ଧରେ ସଂଗ୍ରାମ କେବଳ ସମୟ ବିପକ୍ଷରେ ହିଁ ସଂଗ୍ରାମ ହୋଇଥିବାରୁ ଅଗ୍ନିଶମ ସେବାର ଲୋକଙ୍କୁ ତାଲିମ ଦିଆଯାଉଛି କେତେ ଶୀଘ୍ର ସେମାନେ ଠିକଣା ଉପାୟ ଅବଲମ୍ବନ କରି ନିଆଁ ଲିଭାଇ ପାରିବେ । ସେହି ବିଚାର ସେମାନେ କିଭଳି ତତ୍‌କ୍ଷଣାତ୍ କରିପାରିବେ ସେଥିପାଇଁ ମନସ୍ତତ୍ତ୍ୱ-ବିତ୍‌ମାନଙ୍କ ସାହାଯ୍ୟ ଅନେକ ଏହି ଧରଣର ସଂସ୍ଥା ନେବା ଆରମ୍ଭ କଲେଣି ।

ଏକବିଂଶ ଶତାବ୍ଦୀର ଆରମ୍ଭରେ ଅଗ୍ନି ନିୟନ୍ତ୍ରଣ ଓ ପ୍ରତିରୋଧ ଆହୁରି ଜରୁରୀ ହୋଇ-ଉଠିଛି ପରିବେଶ ଦୃଷ୍ଟିରୁ । ଆମ ଚାରିପଟର ବଣଜଙ୍ଗଲ ଏତେ କମିଗଲାଣି ଯେ ତା'ର ଆଉ କ୍ଷତି କରିବାକୁ ଦେବା ଅର୍ଥ ମାନବଜାତିକୁ ବିପଦ ଭିତରକୁ ଟାଣିନେବା । ପୂର୍ବେ ଯେତେବେଳେ ବଣଜଙ୍ଗଲରେ ନିଆଁ ଲାଗିଯାଉଥିଲା କେହି ଏତେ ବ୍ୟସ୍ତ ହେଉ ନଥିଲେ । ଏବେ କିନ୍ତୁ ତାହା ଚଳିବ ନାହିଁ । ତେଣୁ ଯେତେବେଳେ କିଲୋ-ମିଟର, କିଲୋମିଟର ବ୍ୟାପୀ ବଣ ନିଆଁ ବ୍ୟାପୁଛି, ସେତେବେଳେ ଦମକଳ ଉଡ଼ାଜାହାଜ ସବୁକୁ କାମରେ ଲଗାଯାଉଛି ସେହି ନିଆଁକୁ ଲିଭାଇବା ପାଇଁ ଓ ସେଥିପାଇଁ ଖର୍ଚ୍ଚରେ କୌଣସି ପ୍ରକାର କାର୍ପଣ୍ୟ କରାଯାଉନାହିଁ । ମହାକାଶଯାନ, ସବ୍‌ମାରିନ୍ ଓ ଉଡ଼ାଜାହାଜ ଭଳି ଉଚ୍ଚଚାପ ରହୁ-ଥିବା ଯାନ ଗୁଡ଼ିକରେ ବିଶେଷ ବ୍ୟବସ୍ଥା ସବୁ ରହୁଛି ଅଗ୍ନି ପ୍ରତିରୋଧ ଓ ନିୟନ୍ତ୍ରଣ ପାଇଁ । ସେଭଳି ସଫଳ ବ୍ୟବସ୍ଥା ନ ଥିଲେ କେତେ ଯେ ଦୁର୍ଘଟଣା ଘଟୁଥା'ନ୍ତା ତାହା କହିହେବ ନାହିଁ । ତେଲ ଖଣି ଗୁଡ଼ିକରେ ଯେତେବେଳେ ନିଆଁ ଲାଗିଯାଉଛି, ସେତେବେଳେ ଅତି ସ୍ୱତନ୍ତ୍ର ତାଲିମ ପାଇଥିବା ନିଆଁଲିଭାଳୀ ଡକା ହେଉଛନ୍ତି ଓ ବିଶେଷ ଉପକରଣ ମାନ ଦରକାର ହେଉଛି ସେହି ନିଆଁକୁ 'ଅଣନିଶ୍ୱାସୀ' କରିଦେଇ ଲିଭାଇବା ପାଇଁ । ଏଥିରେ ହେଉଥିବା ଖର୍ଚ୍ଚର ହିସାବକୁ ଜଣେ ସାଧାରଣ ଲୋକ ବିଶ୍ୱାସ କରିବାକୁ ସାହସ ମଧ୍ୟ କରିବ ନାହିଁ ।

ଏକଥା ଅବଶ୍ୟ ସତ ଯେ ଅଗ୍ନି ସର୍ବଗ୍ରାସୀ । କିନ୍ତୁ ତା ରୋଷ ବିରୁଦ୍ଧରେ ମଣିଷର ଅହରହ ସଂଗ୍ରାମ ନିଶ୍ଚୟ ତାକୁ ଆମଠାରୁ ବହୁପରିମାଣରେ ଦୂରରେ ରଖିପାରିବ ।

***ସମ୍ବନ୍ଧୀୟ ବିଷୟ***

*ଅଗ୍ନି, ଅଗ୍ନିଶମ ସେବା, ଟେକ୍‌ନୋଲଜି, ସ୍କାଇସ୍କ୍ରାପର୍‌ସ୍, ଶିଳ୍ପ, ଔଦ୍ୟୋଗିକ ବ୍ୟବସ୍ଥା, ଜନସମାବେଶ, ବନାଗ୍ନି, ପ୍ରଦୂଷଣ, ଦୁର୍ଘଟଣା*

▷▷

## ଅଗ୍ନିମାନ୍ଦ୍ୟ

ଅନ୍ୟସବୁ ଜୀବଜନ୍ତୁଙ୍କ ଭଳି ମଣିଷ ମଧ୍ୟ ଖାଏ । ନଖାଇଲେ ତାହାର ଦେହ ଦୁର୍ବଳ ହୋଇଯିବ—ସେ କିଛି କାମ କରିପାରିବ ନାହିଁ ବା ଶରୀର ରକ୍ଷା ସମ୍ଭବ ହେବ ନାହିଁ ।

ଯେତିକି ଦରକାର ତାଠାରୁ ଅଧିକ ଗୁଡ଼ାଏ ବହୁଦିନ ଧରି ଖାଇଲେ ପେଟ ବିଗିଡ଼ିଯାଏ । ଖାଇବାର ଗୋଟାଏ ସମୟ ଅଛି । ଆଜି ଗୋଟାଏ ସମୟ ତ କାଲି ଗୋଟାଏ ସମୟରେ ଖାଇଲେ ହଜମରସ ଝରିବାରେ ଅସୁବିଧା ହୁଏ ଓ ଅଗ୍ନି-ମାନ୍ଦ୍ୟ ରୋଗ ହୁଏ । ଯେଉଁମାନେ ଅନେକ ଦିନ ଧରି ଖରାପ ପାଣି ପିଅନ୍ତି ବା ଅପରିଷ୍କାର ଖାଦ୍ୟ

ଖାଆନ୍ତି ସେମାନଙ୍କର ମଧ୍ୟ ଅଗ୍ନିମାନ୍ଦ୍ୟ ହୁଏ । ଗୋଟାଏ ଗୋଟାଏ ପ୍ରକାରର ଖାଦ୍ୟ ଜଣଜଣଙ୍କ ଦେହରେ ଯାଏନାହିଁ । ଭୁଲ୍‌ରେ ସେଥିରୁ ଖାଇ-ଦେଲେ ଅସୁବିଧା ହୁଏ । ଅଗ୍ନିମାନ୍ଦ୍ୟ ରୋଗ ଥିଲେ ବେଳେବେଳେ ପତଳା ଝାଡ଼ା ହୋଇଯାଏ । କାହାରି କାହାରି ଝାଡ଼ା କଠିନ ହୋଇଯାଏ, ଛାତି ପୋଡ଼େ । ପେଟରେ କୃମି, ଜିଆ ପ୍ରଭୃତି ହେଲେ ପେଟ ଗୋଳମାଳ ହୁଏ । ଅଗ୍ନିମାନ୍ଦ୍ୟ ଓ ଅଜୀର୍ଣ୍ଣ ରୋଗ—ଏହାକୁ ଏକା ଅର୍ଥରେ ବ୍ୟବହାର କରାଯାଏ ।

***ସମ୍ବନ୍ଧୀୟ ବିଷୟ***

*ମାନବଶରୀର, ଚିକିତ୍ସାବିଜ୍ଞାନ, ରୋଗ, ଔଷଧ*

▷ ▷

## ଅଗ୍ନିଶମ ସେବା

ସ୍ୱତନ୍ତ୍ର ଭାବେ ତାଲିମପ୍ରାପ୍ତ କର୍ମୀ ଓ ଅଫିସରଙ୍କୁ ନେଇ ଏହି ସେବା ଗଠିତ । ଦମକଳ ବାହିନୀ ବା ଫାୟାର ସର୍ଭିସ ବୋଲି ମଧ୍ୟ ଏହାକୁ କୁହାଯାଏ । ନିଆଁ ଲାଗିଥିବା ସ୍ଥାନରେ ଯଥାଶୀଘ୍ର ପହଞ୍ଚି ନିଆଁ ଲିଭାଇବାକୁ ଉଦ୍ୟମ କରିବା ହେଉଛି ଏହି ସେବାର ମୁଖ୍ୟ କାମ । ଆମ ଦେଶର ପ୍ରାୟ ଅଧି-କାଂଶ ସହରରେ ଅଗ୍ନିଶମ ସେବା ଷ୍ଟେସନ ସବୁ ରହିଛି । ବଡ଼ ବଡ଼ ସହରରେ ଥିବା ଅଗ୍ନିଶମ ସେବା ସଂସ୍ଥାରେ ହଜାର ହଜାର ଲୋକ କାମ କରନ୍ତି ଓ ଶହ ଶହ ଅତ୍ୟାଧୁନିକ ଫାୟାର ଇଞ୍ଜିନ ଥାଏ । ନିଆଁ ଲିଭାଇବା ବ୍ୟତୀତ ଆହୁରି ଅନେକ ଜରୁରୀ ବିପଦ ବେଳେ ମଧ୍ୟ ଅଗ୍ନିଶମ ସେବାକୁ ଡକାଯାଇଥାଏ ।

***ସମ୍ବନ୍ଧୀୟ ବିଷୟ***

*ସମାଜ, ବିପଦ, ଟେକ୍‌ନୋଲଜି, ପୁଲିସ, ଦୁର୍ଘଟଣା*

▷ ▷

## ଅଗ୍ନ୍ୟାଶୟ

ଆମେ ଭିନ୍ନ ଭିନ୍ନ ପ୍ରକାରର ଖାଦ୍ୟ ଖାଉଛୁ । ସେଗୁଡ଼ିକୁ ମୋଟାମୋଟି ତିନି ଶ୍ରେଣୀରେ ରଖା-ଯାଇଛି—ଶର୍କରା, ପ୍ରୋଟିନ ଓ ସ୍ନେହ ବା ବସା । ଏଗୁଡ଼ିକୁ ହଜମ କରିବା ପାଇଁ ଆମ ଦେହର ହଜମ ପଥରେ ଭିନ୍ନ ଭିନ୍ନ ପ୍ରକାରର ହଜମ ରସ ଝରିଥାଏ । ସେହି ରସ ସାହାଯ୍ୟରେ ହଜମ ହେଲାପରେ ସାରତଜ ଯାଇ ରକ୍ତସ୍ରୋତରେ ମିଶେ ଓ ଦେହର ଗ୍ରିଆଡ଼କୁ ଗ୍ରଲିଯାଏ ଅସଂଖ୍ୟ ଜୀବକୋଷକୁ ଅତି ସୂକ୍ଷ୍ମ ପ୍ରକାରର ଖାଦ୍ୟ ଯୋଗାଇବା ପାଇଁ ।

ଆଉ ଗୋଟିଏ ଚମତ୍କାର ବ୍ୟବସ୍ଥା ରହିଛି । ଶରୀର ଭିତରେ କେତେଗୁଡ଼ିଏ ଗ୍ରନ୍ଥି ରହିଛି । ସେଗୁଡ଼ିକୁ ଗ୍ଲାଣ୍ଡ ବୋଲି ମଧ୍ୟ କୁହାଯାଏ ।




ଅଗ୍ନ୍ୟାଶୟଟି ରହିଛି ପାକସ୍ଥଳୀ ତଳକୁ ଗ୍ରହଣୀ ଓ ପିତାଶୟ ବା ପିତକୋଷ ପାଖରେ । ଏହାର 'ପୁଚ୍ଛ'ଟି କିଭଳି ଲମ୍ବିଯାଇଛି ତାହା ଏଠି ଦେଖାଇ ଦିଆଯାଇଛି । ସବା ବାମପଟେ ଗ୍ରହଣୀର ଅଭ୍ୟନ୍ତର ମଧ୍ୟ ଆଂଶିକ ଭାବେ ଦେଖାଯାଉଛି ।

ସେଥିରୁ ଝରୁଥିବା ରସକୁ ହର୍‌ମୋନ ବା ଜୀବ-ରସ ବୋଲି କୁହନ୍ତି । ସେଗୁଡ଼ିକର କାମ ହେଲା ରକ୍ତରେ ଯେଉଁ ଖାଦ୍ୟସାର ମିଶିଛି ଜୀବକୋଷ-ମାନେ ତାହାକୁ କିଭଳି ବ୍ୟବହାର କରିପାରିବେ ସେଥିରେ ସାହାଯ୍ୟ କରିବା ।

ଅଗ୍ନ୍ୟାଶୟ ବୋଲି ଗୋଟିଏ ବଡ଼ ଗ୍ରନ୍ଥି ଆମ ପେଟ ଭିତରେ ପାକସ୍ଥଳୀ ତଳକୁ ମଝି ମେରୁ-ଦଣ୍ଡର ଠିକ୍ ସାମନାରେ ରହିଛି । ଏହାର ଲମ୍ବ ପ୍ରାୟ ୧୨ ରୁ ୧୫ ସେଣ୍ଟିମିଟର । ଏଇଟି କିନ୍ତୁ ଗୋଟିଏ ସ୍ୱତନ୍ତ୍ର ପ୍ରକାରର ଗ୍ରନ୍ଥି । ଏଥିରୁ ହଜମ ରସ ବାହାରେ ଓ ହର୍‌ମୋନ ବା ଜୀବରସ ମଧ୍ୟ ବାହାରେ । ହଜମ ରସ ଅନ୍ତ୍ର ଭିତରକୁ ଯାଇ ଖାଦ୍ୟ, ବିଶେଷକରି ଶର୍କରା ଜାତୀୟ ଖାଦ୍ୟକୁ ହଜମ କରିବାରେ ସାହାଯ୍ୟ କରେ । କିନ୍ତୁ ଅଗ୍ନ୍ୟାଶୟ ଭିତରେ ମଝିରେ ମଝିରେ କେତେ ଗୁଡ଼ିଏ ତନ୍ତୁରୁ ଜୀବରସ ଝରେ ଓ ତାହା ଯାଇ ରକ୍ତରେ ମିଶିଯାଏ । ସେହିସବୁ ତନ୍ତୁ ଯେଉଁ ଦୁଇ ପ୍ରକାର ରସ ବାହାର କରନ୍ତି ସେଥିରୁ ଗୋଟିକର ନାମ ଇନ୍‌ସୁଲିନ ଓ ଆଉ ଗୋଟିଏ ହେଲା ଗ୍ଲୁକାଗନ୍ । ରକ୍ତରେ ଯେଉଁ ଶର୍କରା ରହିଛି ତାକୁ ଜୀବକୋଷମାନେ ନିଜ କାମରେ ଲଗାଇ ପାରିବେ ଯଦି ଇନ୍‌ସୁଲିନ ରକ୍ତ ଭିତରେ ଆବ-ଶ୍ୟକ ମୁତାବକ ଥିବ । ତାହା ଯଦି ନଥିବ ରକ୍ତରେ ଶର୍କରା ଭରି ରହିଥିଲେ ମଧ୍ୟ ଜୀବକୋଷ ତାକୁ କାମରେ ଲଗାଇ ପାରୁ ନଥିବ ।

ଗ୍ଲୁକାଗନ୍ ରସର କାମ ହେଲା ରକ୍ତରେ ଥିବା ଶର୍କରାକୁ ନିୟନ୍ତ୍ରଣ କରିବା । କୌଣସି କାରଣରୁ ଯଦି ଇନ୍‌ସୁଲିନ ପରିମାଣ ଅଧିକ ହୋଇଗଲା, ଗ୍ଲୁକାଗନ୍ ତାକୁ ସଜାଡ଼ି ଦିଏ । ହଜମରେ ସାହାଯ୍ୟ କରିବା ସଙ୍ଗେ ସଙ୍ଗେ ଇନ୍‌ସୁଲିନ ଝରାଉଥିବାରୁ ଏହାକୁ ଅଗ୍ନ୍ୟା-ଶୟ ନାମ ଦିଆଯାଇଛି । ଅନ୍ୟ ଅର୍ଥରେ ଅଗ୍ନ୍ୟାଶୟ ହେଲା ଅଗ୍ନିର 'ଘର' ।

***ସମ୍ବନ୍ଧୀୟ ବିଷୟ***

*ଗ୍ରନ୍ଥି, ମାନବଶରୀର, ହଜମ ବ୍ୟବସ୍ଥା, ଇନ୍‌ସୁଲିନ, ହର୍‌ମୋନ, ଜୀବରସାୟନବିଜ୍ଞାନ, ଗ୍ଲୁକାଗନ୍, ଏଣ୍ଡୋକ୍ରାଇନ ବ୍ୟବସ୍ଥା*

▷ ▷

## ଅଙ୍କ

ମଣିଷ ଯେତେବେଳେ ନିଜ ମନର କଥା କହିବାକୁ ଯାଉଛି ବା ନିଜେ କଅଣ ଦରକାର କରୁଛି ତାହା ଅନ୍ୟକୁ ଜଣାଉଛି, ସେତେବେଳେ ଦୁଇଟି କଥାର ଆଶ୍ରୟ ନେଉଛି । ଗୋଟିଏ ହେଲା ଅକ୍ଷର—ଅନ୍ୟଟି ସଂଖ୍ୟା । ପଣ୍ଡିତମାନେ କୁହନ୍ତି, ଅକ୍ଷର ଲେଖିବା ନିତାନ୍ତ ଜରୁରୀ । ଏକଥା ଅନୁଭବ କରିବାର ବା ଭାବିବାର ବହୁ ପୂର୍ବରୁ କିନ୍ତୁ ସଂଖ୍ୟା କେମିତି ଲେଖାଯିବ ସେ ବିଷୟରେ ମଣିଷ ମୁଣ୍ଡ ଖେଳାଇଥିଲା । କ୍ରମେକ୍ରମେ ତ ଗୋଟିଏ ଗୋଟିଏ ସ୍ଥାନରେ ବହୁ ଲୋକ ରହିଗଲେ । ବଣକୁ ଯାଇ ଦି ଜଣ ଗୁଡ଼ାଏ ଆମ୍ବ ନେଇଁ ଆସିଛନ୍ତି । ସମସ୍ତଙ୍କ ଭିତରେ ସମାନ ହୋଇ ବଣ୍ଟାହେବ । ମୋଟରେ କେତେଜଣ ଅଛନ୍ତି ଓ କାହା ଘରେ କେତେଜଣ ଲୋକ ତାହା ନ ଜାଣିଲେ ବଣ୍ଟାକୁଣ୍ଟା ହେବ କେମିତି ? ଗୋଟିଏ ହରିଣକୁ ମାରି ଆଣିଛନ୍ତି । ତା' ମାଂସ ପୁଣି ଜଣ ପିଛା ବାଣ୍ଟିବାକୁ ହେବ । ସେଭଳି କରିବା କିନ୍ତୁ ସହଜ କଥା ନୁହେଁ, କାହିଁକିନା ଗଣିବା ବିଦ୍ୟା ସେତେବେଳେ ଜଣା ନଥିଲା । ଲୋକେ ଗୋରୁ, ମେଣ୍ଢା, ଛେଳି, ଘୁଷୁରି ପାଳିଲେ । ସେଗୁଡ଼ିକ ବଣ ପାଖକୁ ବା ଭିତରକୁ ଚରାଇବାକୁ ନେଲେ । ସନ୍ଧ୍ୟାବେଳକୁ ଫେରାଇ ଆଣିଲା ବେଳକୁ କେତେଟା ଯାଇଥିଲେ—ସବୁ ଫେରିଛନ୍ତି କି ନାହିଁ ସହଜରେ ଜାଣିହେଉନାହିଁ । ତେଣୁ ଜଣେ ବୁଦ୍ଧି ବାହାର କଲା । ଚରାଇବାକୁ

ନେଲାବେଳେ ଗୋଟିଏ ଗାଈ ପାଇଁ ଖଣ୍ଡିଏ ଛୋଟ ପଥର ରଖିଦେଲା । ୨୦ଟି ଯାଇଥିଲେ—୨୦ଟି ପଥର ଧାଡ଼ି କରି ରଖିଦେଲା । ଫେରିଲାବେଳେ ସେଥିରୁ ଗୋଟିଏ ଗୋଟିଏ ବାଦ୍‌ଦେଇ ଦେଖିଲା ସବୁତକ ଫେରିଛନ୍ତି କି ନାହିଁ । ଏସବୁ କଥା ଶୁଣିଲେ ଆଜି ହୁଏତ କେମିତି ଲାଗୁଛି, କିନ୍ତୁ ଦିନେ ନିଶ୍ଚୟ ଏମିତି ହୋଇଥିବ ।

ମଣିଷ ବୁଦ୍ଧିତ ସହଜରେ ହାର ମାନିଯାଏ ନାହିଁ । ଜଣେ ଗୋଟିଏ ଉପାୟ ବାହାର କରିଦେଲେ । ନିଜ ହାତକୁ ଅନାଇଲେ । ଗୋଟିଏ ଆଙ୍ଗୁଠି ଦେଖାଇଲେ । ସେଇଟାକୁ ସେ ଆମେ ଯାହାକୁ ଆଜିକାଲି ୧ ବୋଲି କହୁଛୁ ସେଇଆ ବୋଲି ଧରିନେଲେ । ତେଣିକି ଆହୁରି ବୁଦ୍ଧି ଦେଖାଦେଲା । ଜଣକ ପିଛା କେତେଟା ଆମ୍ବ ପଡ଼ିବ ତାହା ଜଣାଇବା ପାଇଁ ୨, ୩ ବା ୪ଟା ଆଙ୍ଗୁଠି ଦେଖାଇଲେ । ଶେଷକୁ ବୁଢ଼ା ଆଙ୍ଗୁଠି ହେବାରୁ ଆଜି ଯାହାକୁ ୫ ବୋଲି କହୁଛୁ ତାହା ହୋଇଗଲା । ଦୁଇ ହାତରେ ୧୦ଟି ଆଙ୍ଗୁଠି । ବହୁତ କିଛି ହିସାବ ହୋଇଗଲା । ହାତର ଗୋଟିଏ ଆଙ୍ଗୁଠିହିଁ ମଣିଷକୁ ପ୍ରଥମେ ସଂଖ୍ୟା ବିଷୟରେ ଧାରଣା ଦେଲା ।

ପରେ ବହୁଲୋକ ଏ ଦିଗରେ ମୁଣ୍ଡ ଖେଳାଇଲେ । ଜଣେ କହିଲା, ବୁଢା ଆଙ୍ଗୁଠି ଆଗରୁ ଗାର ଟାଣି ପାପୁଲି ପର୍ଯ୍ୟନ୍ତ ଆଣି ସେଇଠୁ କାଣି ଆଙ୍ଗୁଠିର ଶେଷ ମୁଣ୍ଡକୁ ନେଇଗଲେ ଏମିତିତ ଦେଖାଯାଉଛି । ସବୁଯାକ ଆଙ୍ଗୁଠି ନ ଦେଖାଇ ଏତିକି ଦେଖାଇଦେଲେ ବି ଗୋଟାଏ କଥା ବୁଝାଇ ଦେଇହେଉଛି । ପରେ ଯେତେବେଳେ ୫ ସଂଖ୍ୟାଟି ଜଣାଇବା ଦରକାର ପଡ଼ିଲା ଏହି ଚିହ୍ନ କାମ ଦେଲା । ଇଂରାଜୀରେ ଯେଉଁ **V** ଅକ୍ଷର ଅଛି ତାହାତ ଏହିଭଳି । ଆଉଜଣେ କହିଲା **V** ବାଁପଟେ ଯଦି ଗୋଟାଏ ଆଙ୍ଗୁଠି ଗାର ଟାଣିଦେବା, ଜଣାପଡିବ ପାଞ୍ଚରୁ ଗୋଟିଏ କମ୍—ଅର୍ଥାତ୍ ଚାରି । ତାହାର ଡାହାଣରେ ସେମିତିକା ଗୋଟିଏ ଚିହ୍ନ ଦେଲେ ୬ ର କାମ ଦେଲା, **V** ଡାହାଣରେ ତିନିଟା ଗାର ଦେଲାରୁ ୮ ହୋଇଗଲା । ବହୁ ଭାବିଚିନ୍ତି ଆଉଜଣେ କହିଲେ, ଗୋଟାଏ **V** ଚିହ୍ନ ତଳେ ଆଉ ଗୋଟାଏ **V** ଚିହ୍ନକୁ ଓଲଟାଇ ଦେଇଦେଲେ ତ ଦଶ ଆଙ୍ଗୁଠି ବୁଝାଇଲା, ତାହାରି ପଟେ ଗାରଟିଏ ଦେଲେ ୯ ବୋଲି ବୁଝାଉଛି । ଲାଟିନ୍ ଭାଷାରେ ଆଙ୍ଗୁଠିକୁ କୁହନ୍ତି 'ଡିଜିଟସ୍' । ସେଇଥିରୁ 'ଡିଜିଟ୍' ଶବ୍ଦ ଆସିଛି । ଏମିତି ଲେଖିବାଟାକୁ ରୋମାନ ଅକ୍ଷର ବୋଲି କୁହାଯାଏ । ଭିନ୍ନ ଭିନ୍ନ ଦେଶରେ ନାନା ଉପାୟ ବାହାରିଲା ଏହି ୧ ଠାରୁ ୧୦ ପର୍ଯ୍ୟନ୍ତ ସଂଖ୍ୟା ଲେଖିବା ପାଇଁ । ବେବିଲୋନୀୟ, ରୋମାନ, ଚୀନା, ମୟା, ଇଉରୋପୀୟ, ଆରବୀ, ଭାରତୀୟ ବା ଦେବନାଗରୀ ତଥା ଓଡ଼ିଆ ଭଳି ଭାଷାରେ ସଂଖ୍ୟା ସବୁକୁ କିଭଳି ଶୃଙ୍ଖଳିତ ଭାବେ ସଜାଯାଇଛି ତାହା ସେ ସବୁ ଭାଷାର ବର୍ଣ୍ଣମାଳା ଦେଖିଲେ ଜଣାପଡ଼ିଯିବ ।

ଏହିଭଳି ହଜାର ହଜାର ବର୍ଷ ଚାଲିଗଲା । କିନ୍ତୁ ବଡ଼ ବଡ଼ ସଂଖ୍ୟା ଲେଖିବା ସହଜ ହେଉ ନଥାଏ । ଇଉରୋପରେ ୧୦ ପାଇଁ **X**, ୫୦ ପାଇଁ **L**, ୧୦୦ ପାଇଁ **C**, ୧୦୦୦ ପାଇଁ **M** ଲେଖାଗଲା । ସମୟ ଗଡ଼ିଯାଉଥାଏ । ମଣିଷର ବୁଦ୍ଧି ବଢୁଥାଏ । ସେ ବହୁ କଥା ଜଣାଇବା ପାଇଁ ଇଚ୍ଛା କରୁଥାଏ । ବଡ଼ ବଡ଼ ସଂଖ୍ୟା କେତେ ବା ଲେଖିବ ? ସହଜରେ କିଏ ବା ହିସାବ କରିବ ! ସେତେବେଳକୁ ଜଣା ନଥିଲା ଯେ ଭାରତର ଲୋକେ ଏ ଦିଗରେ ବହୁତ ଆଗେଇ ଗଲେଣି । ହିନ୍ଦୁମାନେ ମନ୍ଦିର ଭିତରେ ଯେଉଁସବୁ ସଂଖ୍ୟା ଲେଖିଲେ ସେଥିରେ ଗୋଟିଏ ଶୂନ୍ନ ବା '୦' ଯୋଗ କରିଦେଲେ ଏହି ଶୂନ୍ନ ସଂଖ୍ୟା ବା ଅଙ୍କର ଗୋଟାଏ ସଂପୂର୍ଣ୍ଣ ରୂପ ଦେଇଦେଲା । ଗୋଟିଏ ୧ ଲେଖି ତା' ଡାହାଣରେ ଦିଓଟି ଶୂନ୍ନ ଦେଇଦେଲେ ୧୦୦ ବୋଲି ବୁଝାଇଲା, ତିନୋଟି ଦେଲେ ୧୦୦୦ ହେଲା । କେବଳ ସେତିକି କରିଥିଲେ ଗଣିତ ପଣ୍ଡିତମାନଙ୍କ ଭିତରେ ସେମିତି ଗୋଟାଏ ଚମକ ଖେଳିଯାଇ ନଥାନ୍ତା—ଭାରତର ଲୋକେ ଆଉ ଗୋଟିଏ ବାଟ ବତାଇଦେଲେ । ସେମାନେ କହିଲେ—ସ୍ଥାନର ଗୋଟାଏ ମର୍ଯ୍ୟାଦା ଅଛି । ସଂଖ୍ୟା ଗୁଡ଼ିକୁ ସ୍ଥାନ ବାଛି ଲେଖିଦେଲେ ସେଥିରୁ ନୂଆ-କରି ଅର୍ଥ ବା ସଙ୍କେତ ବାହାରି ପଡୁଛି । ୧ ପାଖରେ ୧ ଲେଖିଲେ ୧୧ ବୋଲି ବୁଝାଉଛି । ଡାହାଣ ପାଖ ୧ର ମୂଲ୍ୟ କେବଳ ୧, କିନ୍ତୁ ବାମପଟେ ଯେଉଁ ୧ଟି ଲେଖାହେଲା ତାହାର ମୂଲ୍ୟ ୧୦ । ୧୧ କହିଲେ ୧୦ ସାଙ୍ଗରେ ଆଉ ଗୋଟିଏ ୧ ମିଶିଛି । ଯଦି ତିନୋଟି ୧ ପାଖକୁ ପାଖ ଲେଖି ଦିଆଗଲା ସବା ବାଁ ପଟର ୧ଟିର ମୂଲ୍ୟ ୧୦୦ ବୋଲି ଧରିନିଆଗଲା । ସେଇଥିପାଇଁତ ପଢ଼ାଯାଉଛି '୧୧୧' । ବାଁ ପଟକୁ ସଂଖ୍ୟାଗୁଡ଼ିକ ଯେତେ ଯେତେ ଯାଉଥିବେ ସେମାନଙ୍କର ମୂଲ୍ୟ ସେହି ଅନୁସାରେ ବଢ଼ି ଯାଉଥିବ । ମନେ ହେଲା ଏଇଟାତ ଗୋଟିଏ ଅଦ୍‌ଭୁତ ଘଟଣା । ଶିକ୍ଷକମାନେ ବୁଝାଇ କହିଲେ—'ଅଙ୍କରେ ଦେଇଦେଲେ ଶୂନ୍ନ, ବେଳକୁ ବେଳ ଦଶ ଗୁଣ' ।

ଏଇଠି ଗୋଟିଏ କଥା କହି ଦିଆଯାଉ । ଆଜି ଆମେ ଯେଉଁ ଶୂନ୍ନ (୦) ଦେଖୁଛୁ, ସେଇଟି ଯେତିକି ବଡ଼ ତାର ପିଲାବେଳେ ବା ଆରମ୍ଭରେ ତାହା ସେମିତି ନଥିଲା । ସେଇଟି ଥିଲା ଆଜିର ଦଶମିକ (.) ଚିହ୍ନ ଭଳି । ପରେ ଯେତେବେଳେ ଦଶମିକ ପଦ୍ଧତି ବାହାରିଲା ସେତେବେଳେ ଶୂନ୍ୟ ତା'ର ଏବର ରୂପ ଧରିଲା ଓ ତାର ପୂର୍ବ ରୂପ

ଖ୍ରୀଷ୍ଟ ସମ୍ଭବତଃ ବେବିଲୋନୀୟମାନେ ପ୍ରଥମ ଗଣନା ଯନ୍ତ୍ର ଆବାକସ୍‌ର ଉଦ୍‌ଭାବନ କରିଥିଲେ । ଚିତ୍ରରେ ଦେଖାଯାଉଥିବା ଏହି ଚୀନା ଆବାକସ୍‌ଟି ଏବେ ମଧ୍ୟ ପିଲାଙ୍କୁ ଅଙ୍କ ଶିଖାଇବାକୁ ସେ ଦେଶରେ ପ୍ରଚଳିତ ।

ବୁଝାଇଲା ଦଶମିକ ଚିହ୍ନ । ଆଜି ଇଂରାଜୀରେ ଯେଉଁ **1, 2, 3, 4** ଲେଖାଯାଉଛି ତାହା ମଧ୍ୟ ରୂପ ପାଇଥିଲା ଏହି ଭାରତରୁ । ଆରବର ଲେଖକ ଓ ବଣିକମାନେସେହି ଅଙ୍କକୁ ନେଇ ଇଉରୋପରେ ଦେଖାଇଲେ ଓ ସେମାନେ ତାକୁ ଗ୍ରହଣ କରିଗଲେ । ଇଉରୋପର ଗୋଟାଏ ଅଂଶରେ ଲୋକ କିନ୍ତୁ ପ୍ରଥମେ ତାକୁ ଗ୍ରହଣ କରୁ ନଥିଲେ ।

ଶୂନ୍ନଟିକୁ ମଣିଷ ସମାଜକୁ ଦାନ କରିଥିବାରୁ ଏବେ ମଧ୍ୟ ଇଉରୋପର ଲୋକେ ଭାରତକୁ ପ୍ରଶଂସା କରନ୍ତି । ଶୂନ୍ନ ଯଦି ନ ବାହାରିଥାନ୍ତା ଗଣିତ ବିଦ୍ୟା ଏତେ ଆଗେଇ ପାରି ନଥା'ନ୍ତା । ଶୂନ୍ୟ ଏବଂ 'ସ୍ଥାନ ଗୁଣେ ମୂଲ୍ୟ' କଥାର ପ୍ରଚଳନ ହୋଇଗଲା ପରେ ମିଶାଣ, ଫେଡ଼ାଣ, ଗୁଣନ, ହରଣ କରିବା ସହଜ ହୋଇଗଲା । ସମସ୍ତେ ଜାଣିଛନ୍ତି, ଫେଡ଼ାଣ ହେଉଛି ଗୋଟିଏ ରକମର ଓଲଟା ମିଶାଣ । ଗୁଣନଟା ମଧ୍ୟ ଠିକ୍ ସେହି ଧରଣର । ୮କୁ ୭ ଥର ଲେଖିଲେ ଯାହା ହୁଅନ୍ତା, ୮ରେ ୭ ଗୁଣିଦେଲେ ସେଇଆ ହେଉଛି । ସାଧାରଣ ଲୋକଙ୍କ ପାଇଁ ମିଶାଣ, ଫେଡ଼ାଣ, ଗୁଣନ, ହରଣ ଥିଲା କାମ ଚଳାଇବା ପାଇଁ ଯଥେଷ୍ଟ । ଏବେବି ସେମିତି ଅଛି । ସେଇଥିପାଇଁ କଥାରେ କୁହନ୍ତି : ହର, ଗୁଣ, ଫେଡ଼, ମିଶା—ଆଉ ସବୁ ପାଠ ଫସର ଫସା । ଏଠାରେ ପାଠ କହିଲେ ଅଙ୍କକୁ ବୁଝାଉଛି । ଅଙ୍କ ବା ସଂଖ୍ୟା ବିଷୟରେ ଟିକିଏ ଅଧିକ ଜାଣିବା ପାଇଁ ଗଣିତ, ବୀଜଗଣିତ ଓ ଅନ୍ୟାନ୍ୟ ବହୁ ବିଷୟରେ ଜାଣିବା ଦରକାର ।

ମାନବ ସଭ୍ୟତାର ବିକାଶ ସହିତ ଅଙ୍କ

ସଂକ୍ରାନ୍ତୀୟ କଥା ଓତପ୍ରୋତ ଭାବେ ଜଡ଼ିତ ହୋଇ ରହିଥିବାରୁ କ୍ରମେ ଅଙ୍କ ହିସାବର ଯାଦୁକାରୀ ଶକ୍ତି ବିଷୟରେ ମଧ୍ୟ ପଣ୍ଡିତମାନେ ଚିନ୍ତା କରିବାକୁ ଲାଗିଲେ । ଫଳରେ ଜୀବନରେ ଘଟୁଥିବା ଗୋଟିଏ ଗୋଟିଏ ଅତି ସାଧାରଣ ଘଟଣାକୁ ଆଧାର କରି ଅଙ୍କ ହିସାବ ଗଳ୍ପ ସବୁ ସୃଷ୍ଟି ହୋଇଗଲା ଓ ସେ ସବୁକୁ ପଢ଼ି, ଶୁଣି ବହୁଲୋକ ଆନନ୍ଦ ଲାଭ କରିବା ସଙ୍ଗେ ସଙ୍ଗେ ଅଙ୍କ କିଭଳି ନିରାଟ 'ସତ୍ୟ', ସେ କଥା ମଧ୍ୟ ହୃଦୟଙ୍ଗମ କରିବାକୁ ସମର୍ଥ ହେଲେ ।

***ସମ୍ବନ୍ଧୀୟ ବିଷୟ***
*ଶିକ୍ଷା, ଗଣିତ, ବିଜ୍ଞାନ, କମ୍ପିଉଟର, ମାନବବିଜ୍ଞାନ, ଭାରତ, ଗ୍ରୀସ୍, ଆରବ, ଦର୍ଶନ ଓ ଆହୁରି ଅନେକ ବିଷୟ*

▷▷

## ଅଙ୍କୁରୋଦ୍‌ଗମ

ଗୋଟିଏ ଉଦ୍‌ଭିଦ ସୃଷ୍ଟି ନିମନ୍ତେ ପ୍ରକୃତି ଯେଉଁ ତିନୋଟି ମୂଳ ଥାକ ବା ସ୍ତର ରଖିଛି, ଅଙ୍କୁରୋଦ୍‌ଗମ ହେଲା ସେଥିର ଶେଷ ସ୍ତର । ପ୍ରଥମଟି ହେଲା ପରାଗସଙ୍ଗମ ବା ପଲିନେସନ ଓ ଦ୍ୱିତୀୟଟି ହେଲା ଉର୍ବରଣ ବା ଫର୍ଟିଲାଇଜେସନ ।

ଅଙ୍କୁରୋଦ୍‌ଗମ ବା ଜର୍ମିନେସନ ନିମନ୍ତେ ତାପ ବା ଉଷ୍ଣତା, ଜଳ ତଥା ଅମ୍ଳଜାନର ଏକାନ୍ତ ଆବଶ୍ୟକତା ରହିଛି । ଏହା ବ୍ୟତୀତ ଆଲୋକ, ଆର୍ଦ୍ରତା, ଥଣ୍ଡା ଓ ଗରମ ଅବସ୍ଥା ମଧ୍ୟ କ୍ଷେତ୍ର ବିଶେଷରେ ପ୍ରୟୋଜନୀୟ । ବିଭିନ୍ନ ଉଦ୍‌ଭିଦର ମଞ୍ଜିରୁ ବିଭିନ୍ନ ପରିବେଶ ଓ ପରିସ୍ଥିତିରେ ଗଜା ବାହାରିଥାଏ । ତେଣୁ ସବୁବେଳେ ଉପରୋକ୍ତ କାରଣ ସବୁ ସମାନ ଭାବେ ଲୋଡ଼ା ହୁଅନ୍ତି ନାହିଁ । ଗୋଟିଏ ପାକଳ ମଞ୍ଜି କିନ୍ତୁ ଅଙ୍କୁରୋଦ୍‌ଗମ ପୂର୍ବରୁ କିଛି କାଳ ପାଇଁ 'ଶିଥିଳ' ବା ଜୈବିକ ପ୍ରତିକ୍ରିୟାହୀନ ଅବସ୍ଥାରେ ଥାଏ । ଉପଯୁକ୍ତ ପରିବେଶରେ ଏହା ଭିତରେ ଥିବା ଉଦ୍‌ଭିଦ ବୀଜାଣୁ ବା ସ୍ପୋରୋଫାଇଟ ଓ ଯୁଗ୍ମଜ ଉଦ୍‌ଭିଦ ବା ଗାମେଟୋଫାଇଟ ଗୁଡ଼ିକ ଯଥାକ୍ରମେ ରେଣୁ ଓ ଜନନ କୋଷ ସୃଷ୍ଟି କରିଥା'ନ୍ତି । ଏଗୁଡ଼ିକ ହେଲେ ଅଙ୍କୁରୋଦ୍‌ଗମର ମୂଳ ଉପାଦାନ—ଭବିଷ୍ୟତ ଉଦ୍‌ଭିଦଟିର ପ୍ରଥମ ପ୍ରକାଶ । ଏହି ସମୟରେ ଅନେକ ପ୍ରକାରର ଉଦ୍‌ଭିଦ ହର୍‌ମୋନର ମଧ୍ୟ ଆବଶ୍ୟକତା ପଡ଼ିଥାଏ ।

ମଞ୍ଜିଟି ଏଭଳି ଗୋଟିଏ ଜୀବନ୍ତ ପଦାର୍ଥ ଯେ ତା ଭିତରେ ଜୀବନ ସୃଷ୍ଟିର ସମସ୍ତ ଉପାଦାନ ପ୍ରକୃତି ଭରିଦେଇଛି । ଶ୍ୱେତସାର, ସ୍ନେହସାର, ପୁଷ୍ଟିସାର ଭଳି ସବୁଜାତିର 'ଅଙ୍କୁର-ଖାଦ୍ୟ' ମଞ୍ଜି ଭିତରେ ରହିଛି । ଏହି ସାଇତା ଖାଦ୍ୟ ଓ ପାରିପାର୍ଶ୍ୱିକ ପରିସ୍ଥିତିର ଉପଯୋଗ କରି ଅଙ୍କୁର କ୍ରମେ କାଣ୍ଡରେ ପରିଣତ ହୋଇଯାଏ । କେତେକ ମଞ୍ଜିରୁ ଖୁବ୍ ଅଳ୍ପ ଦିନେ ଗଛ ହେଉଥିଲା ବେଳେ ଅନ୍ୟ କେତେକକୁ ଜନନକ୍ଷମ ହେବାପାଇଁ ବହୁବର୍ଷ ଲାଗିଯାଇଥାଏ । କେତେଶହ ବା କେତେହଜାର ବର୍ଷର ପୁରୁଣା ମଞ୍ଜିରୁ ଉଦ୍‌ଭିଦବିତ୍‌ମାନେ ଅଙ୍କୁରୋଦ୍‌ଗମ ସଂଘଟିତ କରାଇବାରେ ସଫଳ ହୋଇଛନ୍ତି । ମଞ୍ଜିରେ ଯେଉଁ 'ଶିଥିଳ' କାଳ ବ୍ୟବସ୍ଥା ରହିଛି ସେଭଳି ହେବାର ମହତ୍ତ୍ୱ ସେଇଥି ପାଇଁ କିଛି କମ୍ ନୁହେଁ ।

ମନୁଷ୍ୟ ଚାଷକରି ଶିଖିବା ଦିନଠାରୁ ଚେଷ୍ଟା କରିଆସିଛି କିଭଳି ବେଶୀ ଫସଲ ଆମଦାନୀ କରିପାରିବ । ଶସ୍ୟଟିର ଗଜାହେବା ଉପରେ ନିର୍ଭର କରୁଛି ଗଛଟି ହୃଷ୍ଟପୁଷ୍ଟ ହେବକି ନାହିଁ । ଯଦି ଗଜା ବା ଅଙ୍କୁରୋଦ୍‌ଗମ ଠିକ୍ ନ ହେଲା ତେବେ ଚାଷୀ ଭଲ ଫସଲ ଅମଳ କରିପାରିବ ନାହିଁ । ତେଣୁ କୃଷି ପଣ୍ଡିତମାନେ ସବୁବେଳେ ଏ ଦିଗରେ ଗବେଷଣା ଚଳାଇ ଆସିଛନ୍ତି । ବୁଣିବା ଆଗରୁ ବିହନ ଦେହରେ ନାନା ପ୍ରକାର ରାସାୟନିକ ଓ ଜୈବିକ ଉପାଦାନ ସବୁ ମିଶାଇ ଦିଆଯାଉଛି, ଯେପରି ବୁଣିଦେଲା ପର ପରିବେଶ ସହିତ ବିହନର ରେଣୁ ଓ ଜନନକୋଷ ଖାପ ଖାଇପାରିବେ । ମାଟିକୁ ମଧ୍ୟ ପାଗେଇ ଦିଆଯାଉଛି ।



ଭିନ୍ନ ଭିନ୍ନ ପ୍ରକାରର ମଞ୍ଜିରୁ କିଭଳି ଅଙ୍କୁରୋଦ୍‌ଗମ ହୁଏ ତାହା ଏଠାରେ ଦେଖାଇ ଦିଆଯାଇଛି । ବାମପଟରେ ଏପିଜିଆଲ ବା ଅଧିଭୂମିକ ଅଙ୍କୁରୋଦ୍‌ଗମ ଓ ଡାହାଣ ପଟରେ ଅଧୋଭୂମିକ ବା ହାଇପୋଜିଆଲ ଅଙ୍କୁରୋଦ୍‌ଗମ ।

***ସମ୍ବନ୍ଧୀୟ ବିଷୟ***
*ଉଦ୍‌ଭିଦ ବିଦ୍ୟା, ଆଲୋକ, ଜଳ, ପରିବେଶ, କୃଷି, ପରାଗସଙ୍ଗମ, ବିହନ, ଅରଣ୍ୟ, ଜୀବଜଗତ, ଉଦ୍‌ଭିଦ ଖାଦ୍ୟ, ମୃତ୍ତିକା, ପାଗ, ରସାୟନବିଜ୍ଞାନ*

▷▷

## ଅଙ୍ଗ୍‌ସାନ-ସୁ-ଚି
(୧୯୪୫-)

ବର୍ମା ବା ମ୍ୟାନ୍‌ମାର୍‌ର ଏହି ମହିଳାଙ୍କୁ ୧୯୯୧ର ନୋବେଲ ଶାନ୍ତି ପୁରସ୍କାର ମିଳିଛି । ସେ ଦେଶରେ ଗଣତନ୍ତ୍ର ଓ ବ୍ୟକ୍ତିସ୍ୱାଧୀନତାର ପୁନଃପ୍ରତିଷ୍ଠା ନିମନ୍ତେ ସୁ-ଚି ଲଢାଇ କରି ଆସୁଛନ୍ତି । ତାଙ୍କ ଦ୍ୱାରା ପ୍ରତିଷ୍ଠିତ ଜାତୀୟ ଗଣତାନ୍ତ୍ରିକ ଲିଗ୍‌ର ଅନ୍ୟ ବହୁ ସଂଗ୍ରାମୀଙ୍କ ସହ ତାଙ୍କୁ ୧୯୮୯ ମସିହାରୁ ଗୃହବନ୍ଦୀ ଭାବେ ମ୍ୟାନ୍‌ମାର୍‌ର ସାମରିକ କୁଣ୍ଟା ରଖିଥିଲେ । ୧୯୯୫ ମସିହା ଜୁଲାଇ ମାସରେ କିନ୍ତୁ କୁଣ୍ଟା ତାଙ୍କୁ ମୁକ୍ତ କରିଦେଇଛନ୍ତି । ଏହି ମହିଳା ହେଉଛନ୍ତି ବର୍ମା ସ୍ୱାଧୀନତା ଆନ୍ଦୋଳନର କର୍ଣ୍ଣଧାର √ଜେନେରାଲ ଅଙ୍ଗ୍-ସାନ୍‌ଙ୍କର କନ୍ୟା ।

ଅଙ୍ଗ୍-ସାନ୍-ସୁ-ଚି

***ସମ୍ବନ୍ଧୀୟ ବିଷୟ***
*ମ୍ୟାନ୍‌ମାର୍, ନୋବେଲ ପୁରସ୍କାର, ବିଶ୍ୱଶାନ୍ତି*

▷▷

## ଅଙ୍ଗ ଓ ଅଙ୍ଗଗଠନ

ଦେହର ଭିନ୍ନ ଭିନ୍ନ ଅଂଶକୁ ଗୋଟାଏ ଗୋଟାଏ ଅଙ୍ଗ ବୋଲି କୁହାଯାଏ । ଅବଶ୍ୟ ମନୁଷ୍ୟକୁ ଛାଡ଼ିଦେଲେ ଅନ୍ୟ ପ୍ରାଣୀଙ୍କ ଠାରେ ଅଙ୍ଗ କହିଲେ ପ୍ରକୃତ ଅର୍ଥରେ ଯାହା ବୁଝାଯାଏ, ସେଭଳି କେତେକ 'ଉନ୍ନତ' ଅଂଶ ମଧ୍ୟ ରହିଛି । ଉଦ୍‌ଭିଦର ମଧ୍ୟ ଏହି ଅର୍ଥରେ ଅଙ୍ଗ-ପ୍ରତ୍ୟଙ୍ଗ ଅଛି ବୋଲି ପଣ୍ଡିତ ମାନଙ୍କ ମତ ।

ସମସ୍ତ ମାନବ ଅଙ୍ଗ ବିଭିନ୍ନ ପ୍ରକାର ତନ୍ତୁ ବା ଟିସୁରେ ଗଢା । ପ୍ରକୃତି ଏଭଳି କୌଣସି

ଗୋଟିଏ ଅଙ୍ଗ ସୃଷ୍ଟି କରିନାହିଁ ଯାହାର କି ଆବଶ୍ୟକତା ନାହିଁ । ଶରୀରତତ୍ତ୍ୱବିତ୍‌ମାନେ ମାନବ ଅଙ୍ଗ ସମୂହକୁ କେତେ ଗୁଡ଼ିଏ ନିର୍ଦ୍ଦିଷ୍ଟ ତଥା ପ୍ରଧାନ ବିଭାଗ ବା ଗୋଷ୍ଠୀରେ ବିଭକ୍ତ କରିଦେଇଛନ୍ତି । ସେହି ବିଭାଗ ଗୁଡ଼ିକ ହେଲା ଆଚ୍ଛାଦନ ବା ଇଣ୍ଟରଗମେଣ୍ଟାମ, ଅସ୍ଥି ବା ସ୍କେଲିଟାଲ, ମାଂସପେଶୀ ବା ମସ୍‌କୁଲାର, ସ୍ନାୟୁ ବା ନର୍ଭସ, ଅନ୍ତଃସ୍ରାବୀ ବା ଏଣ୍ଡୋକ୍ରାଇନ, ହଜମ ବା ଡାଇଜେଷ୍ଟିଭ୍, ଶ୍ୱାସ ବା ରେସ୍ପାଇରେଟରି, ସଞ୍ଚାଳନ ବା ସାର୍କୁଲେସନ, ଉତ୍‌ସର୍ଜନ ବା ଏକ୍‌ସିକ୍ରେଟୋରି ଓ ପ୍ରଜନନ ବା ରିପ୍ରଡକ୍‌ଟିଭ୍ । ଏହି ଦଶଟି ମୁଖ୍ୟ ବିଭାଗ ବ୍ୟତୀତ ଶରୀରରେ ଥିବା ଆଉ କେତେକ ଧରଣର ଅଙ୍ଗର ମଧ୍ୟ ଗୁରୁତ୍ୱ ରହିଛି ।

ଶରୀରରେ ଏତେ ସଂଖ୍ୟକ ଅଙ୍ଗ ଥିଲେ ମଧ୍ୟ ସମସ୍ତେ ଗୋଟାଏ ନିର୍ଦ୍ଦିଷ୍ଟ ନିୟମରେ ଶୃଙ୍ଖଳିତ ଭାବରେ କାମ କରୁଛନ୍ତି । ଗୋଟିଏ ଅତି ଉନ୍ନତ ତଥା ଚମତ୍କାର ନିୟନ୍ତ୍ରଣ ବ୍ୟବସ୍ଥା ଏଥିନିମନ୍ତେ ଦାୟୀ । ସେହି ନିୟନ୍ତ୍ରଣ ବ୍ୟବସ୍ଥାକୁ ରାସାୟନିକ ଓ ସ୍ନାୟବିକ, ଏହିଭଳି ଦୁଇଭାଗରେ ବିଭକ୍ତ କରିଦିଆଯାଇଛି । ରକ୍ତ ସଞ୍ଚାଳନ ବ୍ୟବସ୍ଥା ଦେଇ ରାସାୟନିକ ନିୟନ୍ତ୍ରଣ ବ୍ୟବସ୍ଥା ଅଧିକାଂଶ ସମୟରେ କାମ କରିଥାଏ । ଶରୀରର ଜୀବକୋଷରୁ ତିଆରି ହେଉଥିବା ହର୍‌ମୋନ ବା ଜୀବରସ ଓ କେତେଗୁଡ଼ିଏ ଅତି ବିଶେଷ ଧରଣର ତନ୍ତୁ ଏଥିରେ ସାହାଯ୍ୟ କରିଥା'ନ୍ତି । ହଜମ, ଉପାପଚୟ ପ୍ରକ୍ରିୟା, ରାସାୟନିକ ପଦାର୍ଥର ସଂଶ୍ଳେଷଣ ଭଳି ବିଳମ୍ବିତ ଧରଣର କାର୍ଯ୍ୟ କ୍ଷେତ୍ରରେ ରାସାୟନିକ ନିୟନ୍ତ୍ରଣ ବ୍ୟବସ୍ଥାର ଉପଯୋଗ ହୋଇଥାଏ । କିନ୍ତୁ ଯେତେବେଳେ ଅଙ୍ଗ ଅଙ୍ଗ ଭିତରେ ଅତି ଶୀଘ୍ର ଯୋଗାଯୋଗ କିମ୍ବା ସାମଞ୍ଜସ୍ୟ ରକ୍ଷାର ଆବଶ୍ୟକତା ପଡ଼ିଥାଏ, ସେତେବେଳେ ଶରୀରରେ ସ୍ନାୟବିକ ନିୟନ୍ତ୍ରଣ ବ୍ୟବସ୍ଥାର ଉପଯୋଗ ହୋଇଥାଏ । ଏହି ବ୍ୟବସ୍ଥାର ଆଧାର ତଥା ମାଧ୍ୟମ ହେଲା ସ୍ନାୟୁ ଆବେଗ ବା ନର୍ଭ ଇଂପଲ୍‌ସ୍ ସବୁ । ଶରୀର ଭିତରେ ଏମାନେ ପ୍ରତି ସେକେଣ୍ଡରେ ବହୁ ଶହ ମିଟର ବେଗରେ ଗତି କରିଥା'ନ୍ତି ଓ ତଥ୍ୟ ଯୋଗାଇଦେଇ ସ୍ନାୟୁ-କେନ୍ଦ୍ର ମସ୍ତିଷ୍କକୁ ଉପଯୁକ୍ତ 'ନିର୍ଣ୍ଣୟ' କରିବାରେ ସାହାଯ୍ୟ କରିଥା'ନ୍ତି । ବାହାରୁ ତଥ୍ୟ ଆହରଣକ୍ଷମ ଅଙ୍ଗଗୁଡ଼ିକ ମଧ୍ୟ ଏହି ବ୍ୟବସ୍ଥାର ଅଧୀନ ।



ଅଙ୍ଗଗଠନ ପ୍ରକ୍ରିୟାର ଆରମ୍ଭ ହୁଏ ଯେତେବେଳେ ପୁରୁଷ ଶୁକ୍ରାଣୁ ଯାଇ ନାରୀ ଗର୍ଭାଶୟରେ ଥିବା ଡିମ୍ବ ସହିତ ମିଳିତ ହୋଇ ନିଜେ ବହନ କରୁଥିବା ଜେନେଟିକ୍ ତଥ୍ୟ ତା ଦେହରେ ଦେଇଦେଲା । ଚିତ୍ରରେ ପୁରୁଷ ଶୁକ୍ରକୀଟ ନାରୀ ଡିମ୍ବରେ ପ୍ରବେଶ କରୁଥିବା ବେଳର ଇଲେକ୍‌ଟ୍ରନ୍ ମାଇକ୍ରୋଗ୍ରାଫ୍ ।

ମାନବଜ୍ଞାନର ବିକାଶ ହେବା ସଙ୍ଗେ ସଙ୍ଗେ ପଣ୍ଡିତମାନେ ଅଙ୍ଗ କିଭଳି ସୃଷ୍ଟି ହେଉଛି ତାହାର ରହସ୍ୟ ପ୍ରାୟ ଭେଦ କରିଗଲେଣି । ପୁରୁଷ ଶୁକ୍ର ବା ସ୍ପର୍ମ ଯେତେବେଳେ ଯାଇ ନାରୀ ଗର୍ଭରେ ଥିବା ଓଭମ ବା ଅଣ୍ଡ ସହିତ ମିଳିତ ହୋଇଯାଏ, ସେ ଦୁହେଁ ମିଶି ଗୋଟିଏ ଭ୍ରୂଣକୋଷରେ ପରିଣତ ହୋଇଯା'ନ୍ତି ଓ ସେଇଠୁ ମଣିଷ-ଜୀବନ ସୃଷ୍ଟି ପ୍ରକ୍ରିୟା ଆରମ୍ଭ ହୋଇଯାଏ । ପ୍ରକୃତିର ବିଚିତ୍ର ନିୟମ ଯୋଗୁଁ ସେହି କୋଷଟି ଭାଗଭାଗ ହେବାରେ ଲାଗେ ଓ କାଳକ୍ରମେ ସେହି ବିଭାଜିତ କୋଷ ସବୁରେ ଆମ ଶରୀର ଗଢ଼ା । ହାଡ଼, ମାଂସ, ସ୍ନାୟୁ, ଚର୍ମ, ଚର୍ବି—ଏସବୁ ସେହି ବିଭାଜିତ କୋଷ ବା ସେଲ୍‌ର ଭିନ୍ନ ରୂପ ବୋଲି କହିଲେ କିଛି ଭୁଲ୍ ହେବନାହିଁ ।

ଭ୍ରୂଣ-କୋଷରେ ଥିବା ସେଲ୍‌ଗୁଡ଼ିକରେ ଏକ୍‌ଟୋଡର୍ମ ବା ବାହ୍ୟଚର୍ମ, ଏଣ୍ଡୋଡର୍ମ ବା ଅନ୍ତଃଚର୍ମ ଓ ମେସୋଡର୍ମ ବା ମଧ୍ୟଚର୍ମ ବୋଲି ତିନୋଟି ସ୍ତର ଥାଏ । ସେତେବେଳେ ଏଗୁଡ଼ିକର କୌଣସି ନିର୍ଦ୍ଦିଷ୍ଟ ଆକାର ବା ଧର୍ମ ନ ଥିଲେ ମଧ୍ୟ ପରେ ଭ୍ରୂଣର ବୃଦ୍ଧି ସଙ୍ଗେ ସଙ୍ଗେ ଆବଶ୍ୟକୀୟ ଅଙ୍ଗ-ତନ୍ତୁର ବିକାଶରେ ଏହି ସ୍ତର ଗୁଡ଼ିକ ଲାଗିଯାଇଥା'ନ୍ତି । ଏହି ପ୍ରକ୍ରିୟାଟି ସ୍ତରକୁସ୍ତର ହୋଇ ହେଉଥାଏ ଓ ଶରୀରତତ୍ତ୍ୱବିତ୍ ମାନେ ତାକୁ ଭ୍ରୂଣ ଗଠନରେ ଅଭିବୃଦ୍ଧି ବୋଲି କହିଥା'ନ୍ତି । ଏକ୍‌ଟୋଡର୍ମରୁ ଚମଡ଼ା, ବାଳ ବା କେଶ, ନଖ, ଦାନ୍ତ, ମୁଖମଣ୍ଡଳର କେତେକ ଗ୍ରନ୍ଥି, ପିଟୁଇଟାରୀ ଗ୍ଲାଣ୍ଡ ବା ଗ୍ରନ୍ଥିର କେତେକ ଅଂଶ, ଜିଭ ଓ ଓଠର ଉପରିଭାଗ, ସ୍ନାୟୁ ବ୍ୟବସ୍ଥା, ମେରୁଦଣ୍ଡ, ମସ୍ତିଷ୍କ-ଚକ୍ଷୁ ଭଳି ସଂବେଦକ ଅଙ୍ଗ ସମୂହ ଓ ଇନ୍‌ଫଣ୍ଡିବୁଲମ୍ ସୃଷ୍ଟି ହୋଇଥାଏ । ଏଣ୍ଡୋଡର୍ମରୁ ଆହାର ପଥ, ଏସୋଫାଗସ୍, ଅନ୍ତ୍ର, ପାକସ୍ଥଳୀ, ଯକୃତ, ଅଗ୍ନ୍ୟାଶୟ, ଲାରିଙ୍କ୍‌ସ୍, ଶ୍ୱାସନଳୀ, ଫୁସ୍‌ଫୁସ୍, ଟନ୍‌ସିଲ, ଥାଇରଏଡ୍, ଥାଇମସ୍, ମୂତ୍ରକୋଷ ଓ ଇଉରେଥ୍ରା ଆଦି ସୃଷ୍ଟି ହୋଇଥାଏ । ପ୍ରାୟ ସବୁ ପ୍ରକାର ମାଂସପେଶୀ, କାର୍ଟିଲେଜ୍ ବା ଉପାସ୍ଥି, ଅସ୍ଥି ଓ ଅସ୍ଥି ସଂକ୍ରାନ୍ତୀୟ ତନ୍ତୁସମୂହ, ବୃକକ୍ ଭଳି ଉତ୍‌ସର୍ଜନ ଅଙ୍ଗ, ପ୍ରଜନନ ସହ ସଂପୃକ୍ତ ଅଙ୍ଗସମୂହ, ହୃତପିଣ୍ଡ, ରକ୍ତନାଳୀ, ରକ୍ତ, ପ୍ଲୀହା, ଦାନ୍ତର କେତେକ ଅଂଶ, ଆଖିର କେତେକ ଅଂଶ ଓ ଶରୀରରେ ଥିବା କାଭିଟୀ ବା ଗର୍ତ୍ତ ଗୁଡ଼ିକର ଆବରଣ ସବୁର ମୂଳ ହେଲା ମେସୋଡର୍ମ ।

ଅଙ୍ଗଗୁଡ଼ିକ ପୂର୍ଣ୍ଣାବୟବ ପ୍ରାପ୍ତି ହେଲାପରେ କିଭଳି କାର୍ଯ୍ୟ କରିବ ସେ କଥାକୁ ଦୃଷ୍ଟିରେ ରଖି ପ୍ରକୃତି ସେଗୁଡ଼ିକର ଗଠନକୁ ସେହି ଉଦ୍ଦେଶ୍ୟରେ ନିୟନ୍ତ୍ରିତ କରିଛି । ଅନେକ ସମୟରେ ଏହି ନିୟନ୍ତ୍ରଣ ବ୍ୟବସ୍ଥାରେ ଅସୁବିଧା ଯୋଗୁଁ ପରେ ଜଣ ଜଣଙ୍କର ନିର୍ଦ୍ଦିଷ୍ଟ ଅଙ୍ଗ ସଫଳତାର ସହିତ କାମ କରିପାରିବାରେ ଅସୁବିଧା ଦେଖାଯାଏ ବା ଯେଭଳି ହେବା କଥା ସେଭଳି ନ ହୋଇ ଅଙ୍ଗଟି ଗୋଟାଏ ଭିନ୍ନ ରୂପ ଧାରଣ କରିଯାଏ ।

ଭାଷା ଓ ସାହିତ୍ୟରେ ମଧ୍ୟ ଅଙ୍ଗ ଶବ୍ଦର ବିଭିନ୍ନ ବ୍ୟବହାର ରହିଛି । କେତେକ ସାମାଜିକ ସଂପର୍କ କ୍ଷେତ୍ରରେ ଜଣେ ଅନ୍ୟ ଜଣଙ୍କର ଅଙ୍ଗ ବୋଲି ଅନେକ ସମୟରେ କହିଦିଆଯାଇଥାଏ ।

***ସମ୍ବନ୍ଧୀୟ ବିଷୟ***

*ମାନବଶରୀର, ଚିକିତ୍ସାବିଜ୍ଞାନ, ପ୍ରଜନନ, ତନ୍ତୁ, ଜୀବକୋଷ, ଶୁକ୍ରାଣୁ, ଗର୍ଭଧାରଣ, ରସାୟନ-ବିଜ୍ଞାନ, ଜୀବରସାୟନବିଜ୍ଞାନ, ବୃଦ୍ଧି, ଅଣ୍ଡା, ମଲିକୁଲାର ବାଇଓଲଜି, ଜୀବବିଜ୍ଞାନ, ସମାଜ, ଶାସ୍ତ୍ର-ପୁରାଣ, ଖାଦ୍ୟ, ଅଙ୍ଗରୋପଣ, କୃତ୍ରିମ ଅଙ୍ଗ, ଔଷଧ, ରୋଗ, ଭ୍ରୂଣବିଜ୍ଞାନ, ଜିନ୍, ଆନୁବଂଶିକତା, ସାହିତ୍ୟ, ଉର୍ବରଣ*

▷ ▷

## ଅଙ୍ଗ (କୃତ୍ରିମ)

ଅଙ୍ଗରୋପଣ କାର୍ଯ୍ୟଟି ଆଜି ସହଜ ହୋଇଯିବାର ଗୋଟାଏ ମୁଖ୍ୟ କାରଣ ହେଲା କୃତ୍ରିମ ଅଙ୍ଗ ତିଆରି କରିବାରେ ମିଳୁଥିବା ସଫଳତା । ଅତି ଆଧୁନିକ ତଥା ବିକଶିତ ଟେକ୍‌ନୋଲଜିର



ମଣିଷର କେଉଁ
କେଉଁ ଅଙ୍ଗ ପାଇଁ
କୃତ୍ରିମ ଅଙ୍ଗ ସବୁ
ତିଆରି ହୋଇପାରି
ପାରିବ ସେ କଥା
ଆଜି ସ୍ପଷ୍ଟ ଭାବେ
ଚିନ୍ତା କରାଯାଇ
ପାରିଲାଣି ।
ମାନବଶରୀର ଭଳି
ଜଟିଳ ଯନ୍ତ୍ରଟିକୁ
ଏହାଫଳରେ
ସହଜରେ ସଜାଡ଼ି
ଦେଇହେବ ।
ଶରୀରର ଯେଉଁ
ଅଙ୍ଗ ସବୁକୁ
'ବଦଳ ଅଙ୍ଗ'
ଦ୍ୱାରା ବଦଳାଇ ଦେଇହେବ,
ସେ କଥା ଚିତ୍ରଶିଳ୍ପୀଙ୍କ
କଳ୍ପନାରେ ଏଠି ଦେଖାଇ
ଦିଆଯାଇଛି ।

ଉପଯୋଗ କରି ଚିକିତ୍ସାଶାସ୍ତ୍ରୀ ଓ ବାଇଓ-ଇଞ୍ଜିନିଅରମାନେ ମାନବଶରୀରର ଭିନ୍ନ ଭିନ୍ନ ବଦଳ ଅଙ୍ଗ ସବୁ ତିଆରି କରିଦେଇ ପାରୁଛନ୍ତି । ଅବଶ୍ୟ ଏ କଥା ସତ ଯେ ଆଜିର ଏହି ବଦଳ ଅଙ୍ଗସବୁ କେବଳ କାମଚଳା—କେବେହେଲେ ପ୍ରକୃତି ସୃଷ୍ଟ ଅଙ୍ଗ ସହ ସମାନ ନୁହେଁ ।

୧୯୯୭ ମସିହା ବେଳକୁ ସାରା ପୃଥିବୀରେ ପ୍ରାୟ ୪୦ରୁ ୫୦ ଲକ୍ଷ ଲୋକଙ୍କ ଦେହରେ କୌଣସି ନା କୌଣସି ପ୍ରକାରର କୃତ୍ରିମ ଅଙ୍ଗ ଖଞ୍ଜାଯାଇଛି ବୋଲି ହିସାବ ପ୍ରକାଶ ପାଇଛି । ହୃତ-ପିଣ୍ଡରେ ଲାଗୁଥିବା ପେସ୍‌ମେକର; ଅଣ୍ଟା, ଆଣ୍ଠୁ, ହାତ କିମ୍ବା ଗୋଡ଼ର ଆଙ୍ଗୁଠି ତଥା ଗଣ୍ଠି ବା ଜଏଣ୍ଟ ଭଳି କୃତ୍ରିମ ଅଙ୍ଗସବୁ ଲଗାଯିବା ଅତି ସାଧାରଣ କଥା ହୋଇଗଲାଣି । ବାଇଓଇଞ୍ଜିନିଅରମାନେ କହୁଛନ୍ତି ଯେ ଏକବିଂଶ ଶତାବ୍ଦୀର ଆରମ୍ଭ ବେଳକୁ ରୋପଣକ୍ଷମ କୃତ୍ରିମ ହୃତପିଣ୍ଡ ଓ ଫୁସ୍‌ଫୁସ୍ ତିଆରି ହୋଇ ସାରିଥିବ; ଯେଉଁ ପ୍ରୋସ୍‌ଥେଟିକ ଗଣ୍ଠି ସବୁ ଲାଗୁଥିବ ହୁଏତ ସେଗୁଡ଼ିକ ମୂଳ ଅଙ୍ଗଠାରୁ ଆହୁରି ଭଲ ଭାବରେ କାମ କରୁଥିବ !

ପ୍ରଥମ କରି କେବେ ମଣିଷ କୃତ୍ରିମ ଅଙ୍ଗ ତିଆରି କଲା ଓ କାହା ଶରୀରରେ ତାହା ଲାଗିଲା ସେ ବିଷୟରେ ସେଭଳି କିଛି ନିର୍ଦ୍ଦିଷ୍ଟ ତଥ୍ୟ ନାହିଁ । କିନ୍ତୁ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ବହୁ-ସଂଖ୍ୟକ ଲୋକ ବିକଳାଙ୍ଗ ହୋଇପଡ଼ିଲାରୁ ଏ ଦିଗରେ ଜୋରସୋରରେ ଗବେଷଣା ଆରମ୍ଭ ହୋଇଗଲା । ଟେକ୍‌ନୋଲଜିର ବିକାଶ ମଧ୍ୟ ଏ ଉଦ୍ୟମକୁ ସହାୟକ ହେଲା । ଆମ ଦେଶରେ ଔଦ୍ୟୋଗିକ ବିକାଶ ଫଳରେ ଯେଉଁ ନୂଆ ଧରଣର ପ୍ରସିଦ୍ଧ 'ଜୟପୁର ଫୁଟ୍' ତିଆରି କରାଯାଉଛି ତାହା ବହୁ ବିକଳାଙ୍ଗ ଲୋକଙ୍କୁ ପୁଣି ସତେଜ ତଥା କାର୍ଯ୍ୟକ୍ଷମ କରିଦେଇପାରୁଛି ।

ଅତି ସ୍ୱତନ୍ତ୍ର ଧରଣର ପ୍ଲାଷ୍ଟିକ, ସେରାମିକ, ଇସ୍‌ପାତ ଓ ସିଲିକନର ଉପଯୋଗ କରାଯାଉଛି କୃତ୍ରିମ ଅଙ୍ଗ ତିଆରି ନିମନ୍ତେ । କଂପିଉଟର ଓ ଇଲେକ୍‌ଟ୍ରୋନିକସ୍‌ର ଉନ୍ନତି ଫଳରେ ଏହି ଅଙ୍ଗସବୁ ଖୁବ୍ ଭଲଭାବରେ ଶରୀରର ସ୍ନାୟୁ ବ୍ୟବସ୍ଥା ସହିତ ଜଡ଼ିତ ହୋଇଯିବା ପାଇଁ ସକ୍ଷମ ହେଉଛନ୍ତି । ସ୍ୱତନ୍ତ୍ର କୃତ୍ରିମ ଟିସୁ ବା ତନ୍ତୁ ଓ କାଟିଲେଜ୍ ବା ଉପାସ୍ଥି ତିଆରି ହୋଇଗଲାଣି ଏବଂ ଶରୀର ଭିତରେ ଠିକ୍ ମୂଳ ପଦାର୍ଥ ଭଳି ସେଗୁଡ଼ିକ 'ବଢ଼ି' ପାରୁଛନ୍ତି । ଗୋଟିଏ ଯନ୍ତ୍ର ଅଙ୍ଗ କିଭଳି ସିଧାସଳଖ ମସ୍ତିଷ୍କରୁ ନିର୍ଦ୍ଦେଶ ଗ୍ରହଣ କରିପାରିବ ସେ ଦିଗରେ ମଧ୍ୟ ଉଦ୍ୟମ ହେଉଛି । ଇଲେକ୍‌ଟ୍ରୋନିକ ହାତ, ସିଲିକନ ଆଙ୍ଗୁଠି ଗଣ୍ଠି, କଣ୍ଟାକ୍ଟ ଲେନ୍‌ସ ଭଳି ଚକ୍ଷୁପଟଳ, ଅତି ଉନ୍ନତ ନାଇଲନରୁ ତିଆରି କୃତ୍ରିମ ଟେଣ୍ଡନ, ଷ୍ଟେନ୍‌ଲେସ୍ ଷ୍ଟିଲ୍‌ର କହୁଣି, ସିଲିକନ କାନ, ଭିନ୍ନ ଭିନ୍ନ ଜନ୍ତୁମାନଙ୍କରୁ ସ୍ୱତନ୍ତ୍ର ଭାବେ ତିଆରି ହୃତକପାଟିକା, ସିଲିକନ ନାକ, କାର୍ବନଫାଇବର୍‌ର ଦାନ୍ତ ଇତ୍ୟାଦି ତିଆରି ହୋଇ ରୀତିମତ ବ୍ୟବହାର ହେଲାଣି ।

ଏଭଳି ଗୋଟିଏ ସମୟ ଆସିବ—ହୁଏତ ଆଉ ବିଶେଷ ଡେରି ନାହିଁ—ଯେତେବେଳେ କି ମନୁଷ୍ୟ ଶରୀରର କେବଳ ଗୋଟିଏ ଅଙ୍ଗକୁ ବାଦ୍‌ଦେଲେ ଅନ୍ୟ ସବୁ ଅଙ୍ଗର କୃତ୍ରିମ ପ୍ରତିଲିପି ମିଳିଯାଉଥିବ । ମସ୍ତିଷ୍କ କ୍ଷେତ୍ରରେ ଏହା ସମ୍ଭବ ନ ହେବାର କାରଣ ହେଲା, ଯେଉଁ କ୍ଷେତ୍ରରେ ମସ୍ତିଷ୍କ ରୋପଣର ଆବଶ୍ୟକତା ପଡ଼ିବ ସେତେ-ବେଳକୁ 'ଗ୍ରହୀତା'ର ଶରୀରରେ ଆଉ ପ୍ରକୃତିଦତ୍ତ ଜୀବନ ନଥିବ ।

***ସମ୍ବନ୍ଧୀୟ ବିଷୟ***

*ମାନବଶରୀର, ଚିକିତ୍ସାବିଜ୍ଞାନ, ଅଙ୍ଗ ଓ ଅଙ୍ଗଗଠନ, ଟେକ୍‌ନୋଲଜି, ଅଙ୍ଗରୋପଣ, ଔଷଧ, ସମାଜ, ଯୁଦ୍ଧ, ଦୁର୍ଘଟଣା, ରୋଗ, ଜେନେଟିକ୍ସ*

▷▷

**ଅଙ୍ଗରୋପଣ**

ଶରୀରଟି ଗୋଟିଏ 'ଜୀବନ୍ତ ମେସିନ' ହୋଇ-ଥିବାରୁ ଅନ୍ୟ ମେସିନ ସବୁ ଭଳି କାହିଁକି ଏହାର ପାର୍ଟ ବା ଅଙ୍ଗ ଅଦଳବଦଳ କରାଯାଇ ନ ପାରିବ ସେ ବିଷୟରେ ବହୁଦିନୁ ଶରୀରଶାସ୍ତ୍ରୀମାନେ ଚିନ୍ତା କରିଆସିଛନ୍ତି ଓ କ୍ରମାନ୍ୱୟରେ କିଛି କିଛି ସଫଳତା ମଧ୍ୟ ଲାଭ କରିଛନ୍ତି । ଏଥିରେ କିନ୍ତୁ ବିଫଳତାର ହାର ଅଧିକ ଥିଲା । କାରଣ ପ୍ରକୃତି ଆମ ଶରୀରରେ ଏଭଳି ଗୋଟିଏ ପ୍ରତିକ୍ରିୟା ବା ଇମୁନିଟି ବ୍ୟବସ୍ଥା ଖଞ୍ଜିଦେଇଛି ଯେ ବାହାରର କୌଣସି ପ୍ରୋଟିନ ଯଦି ଶରୀର ଭିତରକୁ ପଶି




ପଶୁଙ୍କ ଦେହରୁ ମଧ୍ୟ ଅଙ୍ଗ ନେଇ ଦିନେ ମଣିଷ ଦେହରେ ଖଞ୍ଜି ଦିଆଯାଇପାରିବ ବୋଲି ଥିବା କଥା ଆଜି ସଫଳ ହେଲାଣି । ବାବୁନ ଓ ଘୁଷୁରୀ ଭଳି ଜୀବଙ୍କ ତନ୍ତୁ ଆମ ଶରୀରର କେଉଁ କେଉଁ ଅଙ୍ଗ ବଦଳରେ ଲାଗିପାରିବ ତାହା ଚିକିତ୍ସାଶାସ୍ତ୍ରୀମାନେ ସ୍ଥିର କରିଦେବାକୁ ସମର୍ଥ ହେଲେଣି । ଜେନେଟିକ୍ ବିଦ୍ୟାରେ ଉନ୍ନତି ସଙ୍ଗେ ସଙ୍ଗେ ପଶୁ-ମନୁଷ୍ୟ ଅଙ୍ଗ ବଦଳ କ୍ରିୟା କ୍ରମେ ସହଜ ହୋଇ ଉଠୁଛି ।

ଆସିଲା, ତାହା ତାକୁ ବାହାର କରିଦେବ । ଶରୀରକୁ ରକ୍ଷା କରିବା ପାଇଁ ଏ ଯେଉଁ ଚମତ୍କାର ବ୍ୟବସ୍ଥା ରହିଛି ତାହାରି ଭିତରେ କିନ୍ତୁ ମନୁଷ୍ୟ ଦେହରେ ଅଙ୍ଗରୋପଣ ପାଇଁ ସମସ୍ତ ପ୍ରକାର ଅସୁବିଧାହିଁ ଭରି ଦେଇଛି । ଆଜି ବିଂଶ ଶତାବ୍ଦୀର ଶେଷ ଦଶକର ଶେଷଭାଗ ବେଳକୁ ଅବଶ୍ୟ ସେହି ଅବସ୍ଥାରେ କିଛି ପରିବର୍ତ୍ତନ ଘଟିଲାଣି । ଚିକିତ୍ସାଶାସ୍ତ୍ରୀମାନେ ସେଭଳି ଅସୁବିଧା ଦୂର କରିବାକୁ ବହୁ ପରିମାଣରେ ସଫଳ ହେଲେଣି ଓ ଅଙ୍ଗରୋପଣ ବା ଟ୍ରାନ୍ସ୍‌ପ୍ଲାଣ୍ଟ କଥାଟି ଚିକିତ୍ସାବିଜ୍ଞାନରେ ଗୋଟାଏ ସାଧାରଣ ଘଟଣା ହୋଇଗଲାଣି । ତନ୍ତୁ ବା ଟିସୁରୋପଣକୁ ମଧ୍ୟ ଅଙ୍ଗରୋପଣ ବୋଲି ଧରାଯାଇଥାଏ ।

ଅଙ୍ଗରୋପଣ ଉଦ୍ୟମର ଇତିହାସ ଖୁବ୍ ପୁରୁଣା । ପୃଥିବୀର ବହୁ ଅଞ୍ଚଳର ପୁରାଣ ସବୁରେ ଏହାର ଉଲ୍ଲେଖ ରହିଛି । କିନ୍ତୁ ଭାରତୀୟ ଚିକିତ୍ସାଶାସ୍ତ୍ରୀମାନେ ଏ ଦିଗରେ ପଥପ୍ରଦର୍ଶକ ଭାବେ ଗଣା ହୁଅନ୍ତି । ଖ୍ରୀଷ୍ଟପୂର୍ବ ପ୍ରାୟ ଷଷ୍ଠ ଶତାବ୍ଦୀ ବେଳକୁ ଏହି ଭାରତୀୟ 'ସର୍ଜନ'ମାନେ ନାକ ଓ ମୁହଁରେ ଶରୀରର ଅନ୍ୟ ଅଂଶରୁ ଚମଡ଼ା ଆଣି ସଫଳତାର ସହିତ ପକାଇ ପାରୁଥିଲେ । ପରେ ଜଣେ ଇଟାଲୀୟ ସର୍ଜନ ଭାରତୀୟ ମାନଙ୍କର ଏହି କାମକୁ ପାଶ୍ଚାତ୍ୟ ଚିକିତ୍ସାଶାସ୍ତ୍ର ଭିତରକୁ ନେଇ ଆସିଲେ । ପ୍ରକୃତ ଅର୍ଥରେ ଅଙ୍ଗରୋପଣ ପଦ୍ଧତି ତଥା ବିଦ୍ୟାର ଅଗ୍ରଗତି ହେଲା କିନ୍ତୁ ବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧର ଆରମ୍ଭ ପରେ । ବୃକକ୍, ହୃତପିଣ୍ଡ, ଫୁସ୍‌ଫୁସ୍, ଯକୃତ ଓ ଆଖି ଭଳି ଜଟିଳ ଅଙ୍ଗ ସହିତ ହାତ, ଗୋଡ଼, କାନ, ନାକ ଇତ୍ୟାଦିକୁ ଏବେ ରୋପଣ କରାଯାଇ ପାରୁଛି । ସ୍ନାୟୁ ବା ନର୍ଭ ରୋପଣ ମଧ୍ୟ ସମ୍ଭବ ହେଲାଣି । ବାବୁନ, ଘୁଷୁରୀ ବା ଅନ୍ୟ ଜୀବଙ୍କ ଅଙ୍ଗ ଆଣି ମଣିଷ ଦେହରେ ଖଞ୍ଜିଦିଆଯିବା କଥାର ପରୀକ୍ଷାମୂଳକ ସଫଳତା ମିଳିଲାଣି ।

ପୃଥିବୀର ଚାରିଆଡ଼େ ବହୁ ସଂଖ୍ୟାରେ ଏହିଭଳି ଅପରେସନ ହେଉଥିବାରୁ 'ଅଙ୍ଗବ୍ୟାଙ୍କ' ସବୁ ମଧ୍ୟ ସ୍ଥାପିତ ହେଲାଣି । କିନ୍ତୁ ଗୋଟିଏ ଅଙ୍ଗକୁ ରୋପଣ ଉଦ୍ଦେଶ୍ୟରେ ବେଶୀ କାଳ ନିମନ୍ତେ ସାଇତି ରଖିବାରେ ଅସୁବିଧା ରହିଛି । କାରଣ ରକ୍ତ ଅଭାବରେ କୌଣସି ଅଙ୍ଗ ବେଶୀ ସମୟ ପାଇଁ ଭଲ ରହି ପାରିବ ନାହିଁ । ତେଣୁ ସ୍ୱତନ୍ତ୍ର ଧରଣର କୃତ୍ରିମ ରକ୍ତ ସଞ୍ଚାଳନ ବ୍ୟବସ୍ଥା ଭିତରେ ମଧ୍ୟ ଅନେକ ସମୟରେ ରୋପିତ ହେବାକୁ ଥିବା ଅଙ୍ଗଗୁଡ଼ିକୁ ରଖିଦିଆଯାଉଛି । ଆହୁରି ମଧ୍ୟ 'ଅତିଶୀତଳ' ବା କ୍ରାୟୋଜେନିକ ଅବସ୍ଥାରେ ଅଙ୍ଗବ୍ୟାଙ୍କରେ ଅଙ୍ଗ ସବୁକୁ ତାଜା ରଖିବା ପାଇଁ ଉଦ୍ୟମ ହୋଇଥାଏ ।

ଅଙ୍ଗରୋପଣ ସହିତ ଆଉ କେତେକ ସମସ୍ୟା ଆଜି ଜଡ଼ିତ ହୋଇପଡ଼ିଛି ଓ ଏଭଳି କରିବା—ଉଭୟ ନୈତିକତା ଓ ଆଇନ ଦୃଷ୍ଟିରୁ ଠିକ୍ କି ନୁହେଁ ସେ ବିଷୟରେ ଚାରିଆଡ଼େ ଆଲୋଚନା ହେଉଛି ।

**ସମ୍ବନ୍ଧୀୟ ବିଷୟ**

*ଅଙ୍ଗ ଓ ଅଙ୍ଗଗଠନ, କୃତ୍ରିମ ଅଙ୍ଗ, ଚିକିତ୍ସାବିଜ୍ଞାନ, ଅପରେସନ, ଅସଂକ୍ରାମ୍ୟତା ଓ ଶରୀର ପ୍ରତିରୋଧ ବ୍ୟବସ୍ଥା, ଟେକ୍ନୋଲଜି, ଜୀବଜଗତ, ରସାୟନବିଜ୍ଞାନ, ଔଷଧ, ରୋଗ, ଅଙ୍ଗବ୍ୟାଙ୍କ, ଚିକିତ୍ସାବିଜ୍ଞାନର ଇତିହାସ, ଜେନେଟିକ୍ସ*

▷▷

## ଅଙ୍ଗାର

କଥାରେ ଅଛି, "ଏଇଟି ଅତି ସହଜ, କିନ୍ତୁ ବୁଝିବାକୁ ଖୁବ୍ କଷ୍ଟ ।" ଅଙ୍ଗାର ବୋଲି ଯେଉଁ ପଦାର୍ଥକୁ ଆମେ ଦେଖୁଛୁ ତାହା ବିଷୟରେ ଠିକ୍ ଏମିତି କୁହାଯାଇପାରେ: ଚୁଲୀରେ କାଠ ଜଳୁଛି, ଆଉ ଜଳିବା ଦରକାର ନାହିଁ ବୋଲି ସେଥିରେ ପାଣି ପକାଇ ଦିଆଯାଏ, ଦେଖିଲା ବେଳକୁ କଳାକଳା ଖଣ୍ଡେ ଖଣ୍ଡେ ରହିଯାଇଛି, ତାକୁ କମାର ନେଇ ତାଙ୍କ ଶାଳରେ ପୁଣି ଜାଳୁଛନ୍ତି; ଦୀପରେ ବତୀଟି ଜଳୁଛି, ଖଣ୍ଡିଏ ମୋଟା ପତ୍ରରେ ତେଲ ଟିକିଏ ମାରିଦେଇ ତା ଉପରେ କେହି କେହି ଦେଖାଇ ଦିଅନ୍ତି, କିଛି କଳା ଜମିଯାଏ, ତାକୁ ଆଖିରେ ଲଗାନ୍ତି; ପେନ୍‌ସିଲ ଖଣ୍ଡିଏ ରଖାହୋଇଛି, ତା ଦେହରେ ଗାର ପକାଇଲେ କାଳିଆ ଗାର ପଡ଼ିଯାଉଛି, ପୂର୍ବେ ଲୋକେ ଭାବୁଥିଲେ ଯେ ପେନ୍‌ସିଲ ମୁନ ସୀସାରେ ତିଆରି ହୋଇଛି, ତେଣୁ ତା'ନାମ ଥିଲା ଲେଡ୍ ପେନ୍‌ସିଲ, କିନ୍ତୁ ପରେ ଜଣାଗଲା ଯେ ସେଇଟି ତିଆରି ହୋଇଛି ଗ୍ରାଫାଇଟ୍‌ରେ; ଜଣେ ଧନୀ ଲୋକ ଆସିଗଲେ, ତାଙ୍କ ହାତରେ ଗୋଟିଏ ମୁଦି, ସେ କହୁଛନ୍ତି ଏଇଟି ହୀରା ମୁଦି, ହୀରା ଏତେ ଟାଣ ଯେ ମୋଟା କାଚକୁ ସହଜରେ କାଟିଦିଏ; ତରତର ହୋଇ ଜଣେ ଧାଇଁଛି କିଛି ପଥର କୋଇଲା ଆଣିବ ବୋଲି, ତାକୁ ଚୁଲୀରେ ଜାଳିଲେ ଟିକିଏ ସହଜରେ ଭାତ ରାନ୍ଧି ହୋଇଯାଏ, କାରଣ ତା' ଭିତରେ ବେଶୀ ତାପ ଅଛି । ଆଖି କଜଳ, କାଳି, କାଠ କୋଇଲା, ପେନ୍‌ସିଲ ଗ୍ରାଫାଇଟ୍, ମୁଦିରେ ଥିବା ହୀରା, ପଥର କୋଇଲା—ଏସବୁ ଗୁଡ଼ିକର ଗୋଟିଏ ସାଧାରଣ ନାମ ରହିଛି; ତାହା ହେଉଛି 'ଅଙ୍ଗାର' । ବୁଝିବା କଷ୍ଟ ବୋଲି ଏଇଥିପାଇଁ କୁହାଯାଏ ଯେ ବିଜ୍ଞାନୀମାନେ ତାହା ବିଷୟରେ କହୁ କହୁ ମୌଳିକ ଉପାଦାନ ବୋଲି ଗୋଟିଏ କଥା ଉଠାନ୍ତି । ସେଇଆକୁ ଏଲିମେଣ୍ଟ ବୋଲି ମଧ୍ୟ ଆଉ ଗୋଟିଏ ନାମ ଦିଅନ୍ତି । ସେମାନଙ୍କ ଭାଷାରେ ଅଙ୍ଗାରଟି ଗୋଟିଏ ରାସାୟନିକ ମୌଳିକ ଉପାଦାନ ।

ଦୁଇଟି ଉପାଦାନକୁ ଗୋଟାଏ ଉପାୟରେ ଯୋଗ କରିଦେଲେ ବା ମିଶାଇଦେଲେ ଯେଉଁ ପଦାର୍ଥଟି ହୋଇଯାଏ ତାକୁ କୁହାଯାଏ ଯୌଗିକ ବା କମ୍ପାଉଣ୍ଡ । ସବୁଠାରୁ ଅଧିକ ସଂଖ୍ୟକ କମ୍ପାଉଣ୍ଡ ହେଉଛି ଅଙ୍ଗାରକୁ ମୂଳକରି । ଏଥିରୁ ପ୍ରାୟ ଦଶ ଲକ୍ଷ ଚିହ୍ନା ପଡ଼ିଲାଣି । ଆହୁରି ଅନେକ ବାକି ଅଛନ୍ତି ଚିହ୍ନା ପଡ଼ିବାକୁ । ଅନ୍ୟ ସବୁତକ ମୂଳ ଉପାଦାନ ମିଶି ଯେତିକି ଯୌଗିକ ବା 'ଯୋଗ' ସୃଷ୍ଟି କରିଛନ୍ତି, ଏହି ଦଶଲକ୍ଷର ସଂଖ୍ୟା ତା'ଠାରୁ ବେଶୀ ।

ବିଜ୍ଞାନୀମାନେ କହୁଛନ୍ତି ଯେତେ ସଂଖ୍ୟାରେ ଇଚ୍ଛା ସେତେ ସଂଖ୍ୟାରେ ଅଙ୍ଗାର ଯୌଗିକ ତିଆରି ହୋଇଯାଇ ପାରିବ । ଜୀବନ ଏହି ଅଙ୍ଗାର ଯୌଗିକରେ ତିଆରି ହୋଇଛି । ଯେତେ ଗଛଲତା ଅଛି, ସେ ସବୁକୁ ପ୍ରକୃତି ତିଆରି କଲାବେଳେ ଏହାକୁହିଁ କାମରେ ଲଗାଇଛି । ମନୁଷ୍ୟ ଦେହରେ



ଜୀବନ ସୃଷ୍ଟି କରିବା ସଙ୍ଗେ ସଙ୍ଗେ ମାନବ ସଭ୍ୟତାର ବିକାଶ ନିମନ୍ତେ ଆବଶ୍ୟକ ହେଉଥିବା ବହୁ ପଦାର୍ଥର ଉତ୍ସ ହେଲା ଅଙ୍ଗାର । ଅଙ୍ଗାରର ତିନୋଟି ରୂପ: (ବାମରୁ) ହୀରା, ଗ୍ରାଫାଇଟ ଓ ଫୁଲରେନ୍‌ସେସ୍ । ପ୍ରଥମ ଦୁଇଟି ବିଷୟରେ ବହୁକାଳୁ ଜଣାଥିଲେ ମଧ୍ୟ ଶେଷ ରୂପଟିର ନମୁନା ବିଜ୍ଞାନୀ ମାନଙ୍କୁ ମିଳିଥିଲା ଏଇମାତ୍ର ୧୯୯୦ ମସିହାରେ ।

ଯେତିକି ପାଣି ଅଛି ତାକୁ ଯଦି ଆମେ ହିସାବରୁ ବାଦ୍ ଦେଇଦେବା ଓ ଯେତକ ନିଦା ପଦାର୍ଥ ରହିଗଲା କେବଳ ତାରି ହିସାବ ଖୋଜିବା ତେବେ ଦେଖିବା ଯେ ଶହକେ ଅଠଚାଳିଶ ଭାଗ ହେଉଛି ଅଙ୍ଗାର, ତେଇଶିରୁ ଚବିଶ ଭାଗ ଅମ୍ଳଜାନ, ପ୍ରାୟ ତେରଭାଗ ଯବକ୍ଷାରଯାନ ଓ ପ୍ରାୟ ସାତ ଭାଗ ଉଦ୍‌ଜାନ । ଏହି ହିସାବହିଁ ଅଙ୍ଗାରର ଗୁରୁତ୍ୱ ବିଷୟରେ ଅନେକ କଥା ବୁଝାଇ ଦେଉଛି ।ଏତେ ପରିମାଣରେ କାର୍ବନ ବା ଅଙ୍ଗାର ଯୌଗିକ ଯେ ତିଆରି ହୋଇଯାଇପାରୁଛି ତା'ର କାରଣ ହେଲା ଅନ୍ୟ ଅଣୁ ସହିତ ଏହାର ଅଣୁସବୁ ଅତି ସହଜରେ ଯୋଡ଼ି ହୋଇଯାଇ ପାରନ୍ତି । କେବଳ ଅଙ୍ଗାର ଯୌଗିକ ବିଷୟରେ ଆଲୋଚନା କରୁଥିବା ବିଦ୍ୟାର ସାଧାରଣ ନାମ ହେଲା *ଅର୍ଗାନିକ କେମିଷ୍ଟ୍ରି* ।

ଅନେକ ପଦାର୍ଥ ତିନୋଟି ରୂପରେ ସଂସାରରେ ରହୁଛନ୍ତି—ଘନ, ତରଳ ଓ ବାଷ୍ପ ।କୋଇଲାରେ ଅଙ୍ଗାର ଅଛି ନିଦା ରୂପରେ, ତରଳ ରୂପ ଧରିଲା ବେଳକୁ ଆମେ କହୁଛୁ ଏଇଟା ପେଟ୍ରୋଲ ବା ତେଲ. ବାଷ୍ପ ରୂପରେ ରହିଛି ଆକାଶରେ । ସେଠାରେ ଏହା ସବୁବେଳେ ଅମ୍ଳଜାନ ସହିତ ଯୋଡ଼ିହୋଇ ରହିଯାଇଛି ।

| | |
|---|---|
| *ପାରମାଣବିକ ନମ୍ବର* | *୬* |
| *ପାରମାଣବିକ ଓଜନ* | *୧୨.୦୧୧* |
| *ଗଳନାଙ୍କ* | *୩,୫୫୦°ସେ* |
| *ସ୍ଫୁଟନାଙ୍କ* | *୪,୮୨୭°ସେ* |

***ସମ୍ବନ୍ଧୀୟ ବିଷୟ***

*ମୌଳିକ ଉପାଦାନ, ରସାୟନବିଜ୍ଞାନ, ହୀରା, ଭୂବିଜ୍ଞାନ, ଜୀବନ, ପୃଥିବୀରେ ଜୀବନ, ଉର୍ଜା, ମାନବ ସଭ୍ୟତା, ଅଙ୍ଗାର ଚକ୍ର, ଅଙ୍ଗାରକାମ୍ଳ, ଔଦ୍ୟୋଗିକ ବ୍ୟବସ୍ଥା ଓ ଆହୁରି ଅନେକ ବିଷୟ*

## ଅଙ୍ଗାର କଜଳ

ଅତିମାତ୍ରାରେ କଳା, ମସୃଣ ତଥା ଚିକ୍କଣ ଅକ୍ରିଷ୍ଟଲୀୟ ଅଙ୍ଗାର ଉପାଦାନ । ବିଭିନ୍ନ ହାଇଡ୍ରୋକାର୍ବନର ଆଂଶିକ ଦହନରୁ ମଇଳା ଆକାରରେ ଏହା ସାଧାରଣତଃ ମିଳିଥାଏ ।ଏହାର ନାନାବିଧ ଔଦ୍ୟୋଗିକ ପ୍ରୟୋଗ ରହିଛି ।ଅଟୋମୋବାଇଲ ଟାୟାର, ବାଟେରୀ, କାର୍ବନ ପେପର, ନାନା ପ୍ରକାରର ଛାପାକାଳି ଓ କେତେକ ଜାତିର ରବର-ଉପାଦନକୁ ତିଆରି କରିବା ନିମନ୍ତେ ଏହି ଅଙ୍ଗାର କଳାର ଆବଶ୍ୟକତା ପଡ଼ିଥାଏ ।ପ୍ଲାଷ୍ଟିକ୍, ବିଭିନ୍ନ ଧରଣର ସଂରକ୍ଷାତ୍ମକ ଆବରଣ ଓ ଇଲେକ୍ଟ୍ରୋନିକ ସର୍କିଟରେ ଲାଗୁଥିବା ରେଜିଷ୍ଟର ତିଆରିରେ ମଧ୍ୟ ଏହା ଲାଗେ । ଘର୍ଷଣଜନିତ କ୍ଷୟ ପ୍ରତିରୋଧ କରିବାର ଯେଉଁଠି ଆବଶ୍ୟକତା ରହିଛି, ସେ କ୍ଷେତ୍ରରେ ତିଆରି କରାଯାଉଥିବା ଉପାଦାନ ସହିତ ଅଙ୍ଗାର କଜଳକୁ ଏହାର ବିଶେଷ ଗୁଣ ଯୋଗୁଁ ମିଶାଇ ଦିଆଯାଇଥାଏ ।

ପ୍ରାୟ ୩୦୦୦° ସେଲ୍‌ସିଅସ୍ ଉତ୍ତାପରେ ଦୀର୍ଘସମୟ ନିମନ୍ତେ ଗରମ କଲେ ଅଙ୍ଗାର କଜଳ ଗ୍ରାଫାଇଟ୍‌ରେ ପରିଣତ ହୋଇଯାଏ ।ପୃଥିବୀରେ ମିଳୁଥିବା ଅଳ୍ପ କେତୋଟି ସର୍ବୋତ୍କୃଷ୍ଟ ସୂକ୍ଷ୍ମ ତଥା ଚିକ୍କଣ ପଦାର୍ଥଗୁଡ଼ିକ ଭିତରୁ ଅଙ୍ଗାର କଜଳ ବା କାର୍ବନ ବ୍ଲାକ୍ ହେଲା ଗୋଟିଏ ।

***ସମ୍ବନ୍ଧୀୟ ବିଷୟ***

*ଅଙ୍ଗାର, ଟେକ୍‌ନୋଲଜି, ଔଦ୍ୟୋଗିକ ବ୍ୟବସ୍ଥା, ଗ୍ରାଫାଇଟ୍*

## ଅଙ୍ଗାରକାମ୍ଳ

ଅଙ୍ଗାରର ତିନି ରୂପ ଭିତରୁ ବାଷ୍ପ ରୂପରେ ତାହା ରହିଛି ଆକାଶରେ ପବନ ଭିତରେ । ସେଇଟି କିନ୍ତୁ ସେଠାରେ ନିଜେ ଏକା ଏକା ନରହି ଅମ୍ଳଜାନ ସହିତ ଯୋଡ଼ି ହୋଇ ରହିଛି ।ଗୋଟିଏ ଅଙ୍ଗାର ପରମାଣୁ ସହିତ ଯୋଡ଼ିଏ ଅମ୍ଳଜାନ ପରମାଣୁ ଯୋଡ଼ି ହୋଇ ରହିଥିବାରୁ ଏହାକୁ କୁହାଯାଏ ଅଙ୍ଗାରକାମ୍ଳ । ଅଙ୍ଗାରକୁ କୁହାଯାଏ କାର୍ବନ ଓ ଅମ୍ଳଜାନର ଆଉ ଗୋଟିଏ ନାମ ହେଲା ଅକ୍‌ସିଜେନ । ତେଣୁ ବିଜ୍ଞାନ ବହିରେ ଏହାକୁ ଲେଖାଯାଉଛି $CO_2$ । ଅଙ୍ଗାର ବହୁ ମୌଳିକ ଉପାଦାନ ସହିତ ମିଶିଯାଇ ଗୋଟିଏ ଗୋଟିଏ ଯୌଗିକ ବା କମ୍ପାଉଣ୍ଡ ତିଆରି କରି ଦେଇଥାଏ । ଅମ୍ଳଜାନ ସହିତ ଏହା ସହଜରେ ଯୋଗ ହୋଇଯାଏ ।'ଡାଇ' ଶବ୍ଦର ଅର୍ଥ ଦୁଇ ।ଗୋଟିଏ ଅଙ୍ଗାର ପରମାଣୁ ଓ ଦୁଇଟି ଅମ୍ଳଜାନ ପରମାଣୁ ଏକାଠି ହୋଇଥିବାରୁ ଅଙ୍ଗାରକାମ୍ଳକୁ କାର୍ବନ ଡାଇଅକ୍‌ସାଇଡ୍ ବୋଲି କୁହାଯାଏ ।

ଅଙ୍ଗାରକାମ୍ଳର ତ ଜୀବନ ନାହିଁ—ଗଛର ପତ୍ର ତା ଭିତରେ ଜୀବନ ଭରିଦିଅନ୍ତି । ଗଛର ଯେଉଁ ଶାଗୁଆ ପତ୍ର ଅଛି ତା ଭିତରୁ ପ୍ରତ୍ୟେକଟି ହେଉଛି ଗୋଟିଏ ଗୋଟିଏ 'ଜୀବନ ତିଆରି କାରଖାନା' । ସେହି ପତ୍ରରେ ବର୍ଣ୍ଣହରିତ ବା କ୍ଲୋରଫିଲ୍ ବୋଲି ଗୋଟିଏ ପଦାର୍ଥ ଅଛି । ଗ୍ରୀକ୍ ଭାଷାରେ 'କ୍ଲୋରୋସ୍'ର ଅର୍ଥ ସାମାନ୍ୟ ଶାଗୁଆ । 'ଫାଇଲାଲ'ର ଅର୍ଥ ପତ୍ର । ସେଥିରୁ ହୋଇଛି 'କ୍ଲୋରୋଫିଲ୍' । ସୂର୍ଯ୍ୟଙ୍କ ଆଲୁଅ ଓ ଏହି କ୍ଲୋରୋଫିଲ୍ ସାହାଯ୍ୟରେ ପତ୍ରଗୁଡ଼ିକ ଅଙ୍ଗାରକାମ୍ଳ ବାଷ୍ପରୁ ଅଙ୍ଗାର ତକ କାଢ଼ି ନିଅନ୍ତି ଓ ତାକୁ କଳା ବା କାଠ ରୂପରେ ଗଛ ଦେହରେ ସାଇତି ଦିଅନ୍ତି ।ଅଙ୍ଗାରତକ ନେଇଗଲା ପରେ ଅମ୍ଳଜାନ ତକ ରହିଗଲା ।ସେତକ ପୁଣି ପବନରେ ମିଶିଯାଏ । ଆଲୁଅ ସାହାଯ୍ୟରେ ଅଙ୍ଗାରକୁ ଆଣି ଗଛ ଦେହରେ ସାଇତିବା କାମକୁ କୁହାଯାଏ 'ଆଲୋକ ସଂଶ୍ଳେଷଣ' ବା ଫଟୋ ସିନ୍ଥେସିସ୍ ।

***ସମ୍ବନ୍ଧୀୟ ବିଷୟ***

*ମୌଳିକ ଉପାଦାନ, ରସାୟନବିଜ୍ଞାନ, ବାଷ୍ପ, ଆଲୋକ ସଂଶ୍ଳେଷଣ, ବାୟୁମଣ୍ଡଳ, ଉଦ୍‌ଭିଦ ଜଗତ, ଜୀବଜଗତ, ଅଙ୍ଗାର, ଅମ୍ଳଜାନ*

## ଅଙ୍ଗାର ଚକ୍ର

ଆମ ଦେହ ଭିତରେ ଅଙ୍ଗାରକାମ୍ଳ ଗୋଟିଏ କାମ କରୁଛି । ଯେଉଁ ଅଙ୍ଗାରତକ ଗଛ ଦେହରେ ରହିଥିଲା ଧାନ, ଗହମ ବା ଫଳମୂଳ ଆକାରରେ, ତାକୁ ଆମେ ଖାଦ୍ୟ ଭାବରେ ଖାଇଲୁ । ଖାଦ୍ୟ ତା କାମ କରି ଚାଲିଲା ।ଏଣେ ନାକ ବାଟେ ଯେଉଁ ପବନ ଆମ ଦେହ ଭିତରକୁ ଯାଇଥିଲା ସେଥିରେ ଥିଲା ଅମ୍ଳଜାନ । ଅଙ୍ଗାର ଓ ଅମ୍ଳଜାନ ଦେହ ଭିତରେ ନିଜ ନିଜର କାମ କଲା ଫଳରେ ସେହି ଦୁଇଟିର ମିଶ୍ରଣରେ ପୁଣି ଅଙ୍ଗାରକାମ୍ଳ ତିଆରି ହୋଇଗଲା । ଦେହ ଭିତରୁ ଏହି ବାଷ୍ପକୁ ବାହାର କରି ନ ପକାଇଲେ ଅସୁବିଧା । ତେଣୁ ବରାବର ଆମ ଦେହ ଭିତରୁ ନିଶ୍ୱାସ ଛାଡ଼ିଲାବେଳେ ତାହା ସହିତ ମଧ୍ୟ ଗୁଡ଼ାଏ ଅଙ୍ଗାରକାମ୍ଳ ବାଷ୍ପ ପଦାକୁ ବାହାରି ଆସୁଛି ଓ ପବନରେ ମିଶି ଯାଉଛି । ତେଣେ ଦେହ ବାହାରେ ଆମେ କାଠ, କୋଇଲା ଭଳି ଅଙ୍ଗାର ଜାଳୁଛୁ ।ଜଳିଲା ବେଳେ ଅଙ୍ଗାର ତକ ପବନରେ ଥିବା ଅମ୍ଳଜାନ ସହିତ ଯୋଗହୋଇ ଅଙ୍ଗାରକାମ୍ଳ ପାଲଟି ଯାଉଛି ଓ ପୁଣି ପବନରେ ମିଶିଯାଉଛି । କୋଇଲା ଜଳିଲେ ମଧ୍ୟ ସେଇଆ ହେଉଛି । ଏହାକୁ କୁହନ୍ତି 'ଅଙ୍ଗାର ଚକ୍ର' । ପବନରୁ ଆସୁଛି, ପୁଣି ଯାଇ ପବନରେ ମିଶୁଛି ।

ଏଥିରୁ ଗୋଟିଏ କଥା ସହଜରେ ଜଣାପଡ଼ି ଯାଉଛି । ଗୋଟିଏ ନିବୁଜ ଘରେ ଯଦି ଆମେ ଶୋଇବା, କିଛି ସମୟ ପରେ ସେହି ଘରେ ଥିବା ପବନରେ ଗୁଡ଼ାଏ ଅଙ୍ଗାରକାମ୍ଳ ମିଶିଯିବ । ଅମ୍ଳଜାନର ମାତ୍ରା କମିଯିବ ।ତେଣିକି ଅମ୍ଳଜାନ ଅଭାବରେ ଲୋକ ମରିଯିବ । ସେହି ଅସୁବିଧା ଦୂର କରିବାପାଇଁ ଆମ ଛାତି ଭିତରେ ଅତି ଛୋଟ ଛୋଟ ଓ ପତଳା ବେଲୁନ ଭଳି ଯେଉଁସବୁ ଗୋଲାକିଆ ଜୀବନ୍ତ ପଦାର୍ଥ ରହିଛି ସେ ଗୁଡ଼ିକୁ ଫିଟାଇ ଯଦି ପାଖକୁ ପାଖ ଖେଳାଇ ଦିଆଯିବ ତାହାର ଏରିଆ ହୋଇଯିବ ୫୦ ବର୍ଗମିଟର । ପ୍ରତି ଚବିଶ ଘଣ୍ଟାରେ ଜଣେ ଲୋକ ଛାତି ଭିତରୁ ପ୍ରାୟ ୧୩୦୦ ଗ୍ରାମ୍ ଅଙ୍ଗାରକାମ୍ଳ ଛାଡୁଛି । ଆଜିର ପୃଥିବୀରେ ଥିବା ସବୁ ମଣିଷ ବର୍ଷକୁ ପ୍ରାୟ ୧୦୦ କୋଟି ଟନ୍ ଅଙ୍ଗାରକାମ୍ଳ ବାୟୁମଣ୍ଡଳକୁ ଛାଡୁଛନ୍ତି ।

ମାତ୍ର ଦୁଇଶହରୁ ସାମାନ୍ୟ ଅଧିକ ବର୍ଷ

ପୂର୍ବେ—୧୭୮୩ ମସିହାରେ ଏ ବିଷୟରେ ଅଧିକ ଜାଣିବା ଆରମ୍ଭ ହେଲା ।

ଯେମିତି ଭାବରେ କୁହାଯାଉଛି ସେଥିରୁ କେବେହେଲେ ବିଗ୍ରିବା ଠିକ୍ ନୁହେଁ ଯେ ପବନରେ କେବଳ ଅଙ୍ଗାରକାମ୍ଳ ଭର୍ତ୍ତି ହୋଇ ରହିଛି । ଦଶ ହଜାର ଭାଗ ପବନରେ ମୋଟ ତିନିଭାଗ ରହିଛି ଅଙ୍ଗାରକାମ୍ଳ । ବିଜ୍ଞାନୀମାନେ କହୁଛନ୍ତି, ଏତିକି କମ୍ ପରିମାଣର ଥିଲେ ମଧ୍ୟ ପୃଥିବୀର ବାୟୁମଣ୍ଡଳରେ ଯେତେକ ଅଛି, ସେତକ ଓଜନ କରିଦେଲେ ହେବ ପ୍ରାୟ ଦୁଇ ଲକ୍ଷ କୋଡ଼ିଏ ହଜାର କୋଟି ମେଟ୍ରିକ ଟନ୍ ।

ଏହି ଯେଉଁ ଅଙ୍ଗାରଚକ୍ର ବା ଅଙ୍ଗାରକାମ୍ଳ ଚକ୍ର ଘୁରୁଛି ତାହା ଯଦି ଘୁରୁ ନଥାନ୍ତା ତେବେ ଜୀବଜନ୍ତୁ, ମଣିଷ ସମସ୍ତଙ୍କର କେତେ ଯେ କ୍ଷତି ହୁଅନ୍ତା ତାହାର ସୀମା ନାହିଁ । ଏହି ଚକ୍ରକୁ ଘୁରାଉଛନ୍ତି ଗଛ ପତ୍ର । ସେଥିପାଇଁ କୁହାଯାଏ, ଆଖି ବୁଜି ଗଛ ଗୁଡ଼ିକୁ କାଟି ପକାଇଲେ ଏହି ଚକ୍ର ଠିକ୍ ଠିକ୍ ଭାବରେ ଘୁରିପାରିବ ନାହିଁ ଓ ସମସ୍ତଙ୍କର ଅପୂରଣୀୟ କ୍ଷତି ହେବ ।

***ସମ୍ବନ୍ଧୀୟ ବିଷୟ***

*ଓଜୋନ, ସମୁଦ୍ର, ଅଙ୍ଗାର, ଜୀବଜଗତ, ଉଦ୍ଭିଦ ଜଗତ, ସୂର୍ଯ୍ୟ, ଆଲୋକ, ଇକୋଲଜି, ଅଙ୍ଗାରକାମ୍ଳ, ଇକୋସିଷ୍ଟମ*

▷▷

## ଅଙ୍ଗୁର

ଦେହକୁ ସୁସ୍ଥ ରଖିବାକୁ ହେଲେ ନାନା ପ୍ରକାରର ଖାଦ୍ୟ ଦରକାର । କାରଣ ଭିନ୍ନ ଭିନ୍ନ ପ୍ରକାର ଖାଦ୍ୟରେ ନାନା ପ୍ରକାରର ଉପକାରୀ ରସ, ଭିଟାମିନ୍, ଲୁହା, କାଲ୍‌ସିଅମ୍ ପ୍ରଭୃତି ରହିଛି । ସବୁ ଫଳରେ କିଛି କିଛି ଉପକାରୀ ଜିନିଷ ଥିବାରୁ ପ୍ରତିଦିନ ଗୋଟାଏ ନା ଗୋଟାଏ ଫଳ ଖାଇବା ଭଲ । ଅଙ୍ଗୁର, କମଳା ଓ ଆମ୍ବ ହେଲେ ସେହିଭଳି ଉପକାରୀ ଫଳ । ଅଙ୍ଗୁରର ଗୁଣ ଜଣାପଡ଼ିଲା ପରେ କେହି କେହି ତାକୁ 'ସଭ୍ୟତାର ଫଳ' ବୋଲି କହିଲେ । ଏହି ଲତାଫଳ ନାନା ରଙ୍ଗରେ ଦେଖିବାକୁ ମିଳେ—ଶାଗୁଆ, ହଳଦିଆ, ଲାଲ, ନେଳିଆସିଆ, କାଳିଆ ଓ ଛଉଛଉକା । ଖୁବ୍ ଛୋଟ ଛୋଟ ଫଳ ହୁଏ । ବଡ଼ ବଡ଼ ଫଳ ମଧ୍ୟ ଦେଖାଯାଏ । ଭିତରେ ଛୋଟ ଛୋଟ ମଞ୍ଜି, କିନ୍ତୁ ମଞ୍ଜି ନଥିବା ଅଙ୍ଗୁର ମଧ୍ୟ ଉତରା ଗଲାଣି । ଶହ ଶହ ଜାତିର ଏହି ଫଳ ରହିଛି । ମାଟି ଓ ଜଳବାୟୁ ଭେଦରେ ଏହାର ସୁଆଦ ଭିନ୍ନ ଭିନ୍ନ ପ୍ରକାରର । ମୂଳ ଲତାଟି ପ୍ରାୟ ୫୦ ବର୍ଷ ପର୍ଯ୍ୟନ୍ତ ବଞ୍ଚେ । ଏହି ଫଳକୁ ଶୁଖାଇ ଖିସ୍‌ମିସ୍ କରି ଖିଆଯାଏ । ଖାଇବା ଅଙ୍ଗୁର, ଖିସ୍‌ମିସ୍ ଅଙ୍ଗୁର, ମିଠା ରସଖିଆ ଅଙ୍ଗୁର, ମଦ ଅଙ୍ଗୁର—ଏହିଭଳି ଭିନ୍ନ ଭିନ୍ନ ଜାତିର ଅଛି । ଅନ୍ୟ ଫଳ ତୁଳନାରେ ଅପେକ୍ଷାକୃତ ଭାବେ ଏଥିରେ ବେଶୀ କାଲୋରୀ ବା ଉର୍ଜା ରହିଛି । ଆମ ଦେଶରେ ପଞ୍ଜାବ, କାଶ୍ମୀର, ହିମାଚଳ ପ୍ରଦେଶ, ଆନ୍ଧ୍ର ପ୍ରଦେଶ, କର୍ଣ୍ଣାଟକ ଓ ଅନ୍ୟ କେତେକ ଅଞ୍ଚଳରେ ବହୁଲୋକ ଅଙ୍ଗୁର ଚାଷ କରନ୍ତି । ଅଳ୍ପ ହେଲେ ମଧ୍ୟ ଓଡ଼ିଶାରେ ଏହି ଚାଷ ହେଲାଣି । ଏଇଟି ଅତି ଆଦରର ଫଳ ହୋଇଥିବାରୁ ସଂସ୍କୃତ ଭାଷାରେ ଅଙ୍ଗୁରର ବହୁ ନାମ ରହିଛି ।

***ସମ୍ବନ୍ଧୀୟ ବିଷୟ***

*ଫଳ, ମଦ, ଉଦ୍ଭିଦବିଜ୍ଞାନ, କୃଷି, ଔଷଧ, ମସଲା*

▷▷

## ଅଙ୍ଗୁଳି

ମନୁଷ୍ୟକୁ ଛାଡ଼ିଦେଲେ ଏ ଜଗତରେ ଯେତେପ୍ରାଣୀ ଅଛନ୍ତି ସେମାନେ ତା ଭଳି କେତେ ଗୁଡ଼ିଏ ଚମତ୍କାର ଅଙ୍ଗ ପାଇବାକୁ ସମର୍ଥ ହୋଇନାହାନ୍ତି । ଖାଇବା, ପିଇବା, ନିଶ୍ୱାସ ନେବା, ଛୁଆ ଜନ୍ମ କରିବା ଇତ୍ୟାଦିରେ ମନୁଷ୍ୟର ଅନେକ ପଶୁଙ୍କ ସହିତ ସାମଞ୍ଜସ୍ୟ ଥିଲେ ମଧ୍ୟ ମସ୍ତିଷ୍କ, ହାତ, ଗୋଡ଼ ଭଳି ଉନ୍ନତ ଅଙ୍ଗ ଯୋଗୁଁ ତାକୁ ସ୍ୱତନ୍ତ୍ର ଭାବେ ଗଣାଯାଉଛି ।



ମାନବ ଅସ୍ଥିବିଭାଗରେ ଯେତେ ଅସ୍ଥି ଓ ଜଏଣ୍ଟ ଅଛି ସେଥି ଭିତରୁ ଅତି ଜଟିଳ ଗୁଡ଼ିକର ଉପଯୋଗ ଅଙ୍ଗୁଳି କ୍ଷେତ୍ରରେ କରାଯାଇଛି । (ବାମ) ଗୋଡ଼ ଅଙ୍ଗୁଳିପର୍ବ ଓ (ଡାହାଣ) ହାତ ଅଙ୍ଗୁଳିପର୍ବର ଖଞ୍ଜା ପ୍ରଣାଳୀ ।

ମନୁଷ୍ୟର ହାତ ସହଜରେ ଗୋଟାଏ 'ଦୃଢ଼ମୁଷ୍ଟି' ତିଆରି କରିଦେଇ ପାରୁଛି । ସେହି ହାତ ପାପୁଲିର ଗଠନ ଏଭଳି କରାଯାଇଛି ଯେ ସେଥିରେ ଥିବା ପାଞ୍ଚଟି ଅଙ୍ଗୁଳି ବା ଆଙ୍ଗୁଠି ଅତି ଅଦ୍ଭୁତ କାର୍ଯ୍ୟ ହାସଲ କରିପାରୁଛନ୍ତି । ଅନ୍ୟ କେତେକ ଜୀବଙ୍କର ପାଞ୍ଚଟି ଆଙ୍ଗୁଠି ଥିଲେ ମଧ୍ୟ ମନୁଷ୍ୟ ପାଇଥିବା ବୁଢା ଆଙ୍ଗୁଠିର ସମକକ୍ଷ ହେଲାଭଳି କୌଣସି ଅଙ୍ଗ ସେମାନଙ୍କ ପାଖରେ ନାହିଁ । ହାତ ପାପୁଲି, ହାତ ଓ ଗୋଡ ଆଙ୍ଗୁଠିର ସୃଷ୍ଟି କରିବା ପାଇଁ ପ୍ରକୃତିକୁ ଲକ୍ଷ ଲକ୍ଷ, କୋଟି କୋଟି ବର୍ଷ ପରୀକ୍ଷା ଚଳାଇବାକୁ ପଡ଼ିଛି । ମଣିବନ୍ଧ ବା କଚଟି ପାଖରୁ ଅଙ୍ଗୁଳିର ଶେଷମୁଣ୍ଡ ପର୍ଯ୍ୟନ୍ତ ୧୨ ରୁ ୧୫ ସେଣ୍ଟିମିଟର ଲମ୍ବର ଯେଉଁ ଅଂଶଟିକୁ ହାତ ପାପୁଲି ବୋଲି କୁହାଯାଏ ସେଥିରେ



ମଦ କିମ୍ବା ଅନ୍ୟାନ୍ୟ ଖାଦ୍ୟପଦାର୍ଥ ପ୍ରସ୍ତୁତ କରିବାପାଇଁ ନିର୍ଦ୍ଦିଷ୍ଟ ଜାତିର ଅଙ୍ଗୁରଲତା ପଡ଼ିଥାଏ । ଫ୍ରାନ୍ସର ଗୋଟିଏ ଅଞ୍ଚଳରେ ହେଉଥିବା ଏହି ଜାତିର ଅଙ୍ଗୁରରୁ ତିଆରି ମଦର ଦାମ୍ ପୃଥିବୀ ବଜାରରେ ଖୁବ୍ ବେଶୀ ।



ମୁଠା କରିବାର କିମ୍ବା ଧରିବାର ଆବଶ୍ୟକତାକୁ ମଧ୍ୟ ପ୍ରକୃତି ଆଖିରେ ରଖିଛି ମଣିଷ ହାତ ଅଙ୍ଗୁଳିକୁ ତିଆରି କଲାବେଳେ । କଲମ ଧରି ଲେଖିବା (ବାମ) ଛୁରୀ ଧରି କାଟିବା (ଡାହାଣ)ବା ଔଷଧ ଡବାଟିକୁ ଖୋଲିବା (ମଝି) ଭଳି ଭିନ୍ନ ଭିନ୍ନ ଧରଣର କାମ ହେଲା ଏହାର ଉଦାହରଣ ।

ଲାଗିଛି ୨୭ ଖଣ୍ଡ ଅସ୍ଥି । କେବଳ କଚଟିରେ ରହିଛି ଛୋଟବଡ଼ ଆଠ ଖଣ୍ଡ ଅସ୍ଥି । ଅତି ଜଟିଳ ତଥା ସୂକ୍ଷ୍ମ କାମ କରିବାର ଆବଶ୍ୟକତା ଦୃଷ୍ଟିରୁ ଏଭଳି ଅସ୍ଥି ବ୍ୟବସ୍ଥା କରାଯାଇଛି । ଏହିସବୁ ଅସ୍ଥିକୁ ଚଳାଇବା ପାଇଁ ବହୁପ୍ରକାର ମାଂସପେଶୀ ଖଞ୍ଜାଯାଇଛନ୍ତି ।

ଯାହାକୁ ପାଦ ବୋଲି କୁହାଯାଉଛି, ସେଇଟି ଗୋଟିଏ ପ୍ରକାରର ପାପୁଲି ବୋଲି କହିଲେ କିଛି ଭୁଲ୍ ହେବନାହିଁ । କିନ୍ତୁ ସେଇଟିର ବିଶେଷତ୍ୱ ହେଲା ଯେ ତାହା ଶରୀରର ଭାର ବହନ କରିବ— ଜଣେ ଛିଡ଼ାହେଲାବେଳେ ଯେପରି ପଡ଼ି ନ ଯିବ । ହାତର ମଣିବନ୍ଧଠାରୁ ଅଙ୍ଗୁଳି ଗୁଡ଼ିକର ଶେଷମୁଣ୍ଡ ପର୍ଯ୍ୟନ୍ତ ଗୁଡ଼ିଏ ଅସ୍ଥିକୁ ଯେଭଳି ଖଞ୍ଜାଯାଇଛି, ଗୋଡ଼ର ବଳାଗଣ୍ଠିତଳୁ ଗୋଇଠି ପାଖରୁ ଅଙ୍ଗୁଳି ଶେଷ ପର୍ଯ୍ୟନ୍ତ କେତେଖଣ୍ଡ ଅସ୍ଥି ପ୍ରାୟ ସେମିତି ଖଞ୍ଜା ଯାଇଛି । ଗୋଡ଼ର ପାଞ୍ଚ ଆଙ୍ଗୁଠିରେ ମଧ୍ୟ ସେତିକି ଖଣ୍ଡ ଅସ୍ଥି ବା ହାଡ଼ ରହିଛି । କିନ୍ତୁ କଚଟିର କାମ କରୁଥିବା ପାଦମୂଳଟିକୁ ଗଢାଯାଇଛି ସାତଖଣ୍ଡ ହାଡ଼ରେ । ହାତ ପାପୁଲିର ଅସ୍ଥିଗୁଡ଼ିକୁ ସିଧା ବା ଶୋଇଲା ଭଳି ଖଞ୍ଜା ଯାଇଥିବା ବେଳେ ପାଦ ହାଡ଼ଗୁଡ଼ିକୁ ଖିଲାଣ ଭଳି ଖଞ୍ଜାଯାଇଛି । ଦେହର ଓଜନ ଓ ଦେହ ବହୁଥିବା ଅନ୍ୟ ଓଜନକୁ ସମ୍ଭାଳିବାକୁ ସୁବିଧା ହେବ ବୋଲି ଏଭଳି କରାଯାଇଛି । କାରଣ ପାଦ ହାଡ଼ଗୁଡ଼ିକ ସ୍ପ୍ରିଙ୍ଗ ଭଳି କାମ ନ କଲେ ଅସୁବିଧା ।

କୌଣସି ଅଦରକାରୀ କଥା କରିବା ପ୍ରକୃତିର ନିୟମ ବିରୁଦ୍ଧ ହୋଇଥିବାରୁ ଗୋଡ଼ ଆଙ୍ଗୁଠି ଗୁଡ଼ିକୁ ଛୋଟ କରିଦିଆଯାଇଛି ଓ ଗୋଡ଼ ବୁଢ଼ା ଆଙ୍ଗୁଠିର ଗଠନକୁ ମଧ୍ୟ ସରଳ କରିଦିଆଯାଇଛି । କାରଣ ହାତ ଭଳି ଗୋଡର ଆଙ୍ଗୁଠି ଗୁଡ଼ିକ ସେତେପରିମାଣର ସୂକ୍ଷ୍ମ କାମ କରି ନଥା'ନ୍ତି । ଅଙ୍ଗୁଳି ଗୁଡ଼ିକରେ ଅନେକ ଗୁଡ଼ିଏ ଗଣ୍ଠି ବା ଜଏଣ୍ଟ ରହିଛି । ଏହି ଗଣ୍ଠିଗୁଡ଼ିକର ଗଠନ ଉତ୍ତଳ ଓ ଅବତଳ ଧରଣର ହୋଇଥିବାରୁ ଅଙ୍ଗୁଳି ଚାଳନାରେ ଏତେ ସୁବିଧା ହୋଇଥାଏ ।

ପାଞ୍ଚ ଅଙ୍ଗୁଳିକୁ ଗୋଟାଏ ଗୋଟାଏ ସ୍ୱତନ୍ତ୍ର ନାମ ଦିଆଯାଇଛି । ସେଗୁଡ଼ିକ ହେଲା—ଅଙ୍ଗୁଷ୍ଠ ବା ବୃଦ୍ଧା (ବୁଢା), ତର୍ଜନୀ (ବିଶି), ମଧ୍ୟମା (ମଝି), ଅନାମିକା (ପରି) ଓ କନିଷ୍ଠ (କାଣି) ।

*ସମ୍ବନ୍ଧୀୟ ବିଷୟ*

*ମାନବଶରୀର, ଇଭୋଲୁସନ, ହାତ, ଗୋଡ, ଅସ୍ଥି ଓ ଅସ୍ଥିବିଭାଗ, ଜୀବଜଗତ*

▷▷

## ଅଚିନ୍ତ୍ୟ ଭେଦାଭେଦ

ମହତ୍ତ୍ୱପୂର୍ଣ୍ଣ ଗୌଡ଼ୀୟ ମତବାଦ ଓ ଦର୍ଶନ । ଶ୍ରୀଚୈତନ୍ୟ ହେଉଛନ୍ତି ଏହି ମତର ପ୍ରବର୍ତ୍ତକ ବୋଲି ଅନେକ କହିଥା'ନ୍ତି । ଭେଦାଭେଦବାଦର ମୂଳସ୍ରଷ୍ଟା ଭାସ୍କରାଚାର୍ଯ୍ୟଙ୍କ ମତବାଦକୁ ପାଥେୟ କରି ଏହା ପ୍ରଚଳନ କରାଯାଇଥିଲା ଓ ବିଶେଷ କରି ବଙ୍ଗୀୟ ବୈଷ୍ଣବମାନେ ଏହି ଦର୍ଶନର ଅନୁଗାମୀ ଥିଲେ ।

*ସମ୍ବନ୍ଧୀୟ ବିଷୟ*

*ଶ୍ରୀଚୈତନ୍ୟ, ବୈଷ୍ଣବବାଦ, ଭାରତୀୟ ଦର୍ଶନ*

▷▷

## ଅଚ୍ୟୁତ(ସୀତାରାମ)ପଟ୍ଟବର୍ଦ୍ଧନ
(୧୯୦୫-୯୨)

ସ୍ୱାଧୀନତା ସଂଗ୍ରାମର ଯୋଦ୍ଧା ତଥା ପ୍ରଖ୍ୟାତ ସମାଜବାଦୀ ନେତା । ମହାତ୍ମା ଗାନ୍ଧୀଙ୍କ ସାଙ୍ଗରେ ରହି କାମ କରିବାର ସୁଯୋଗ ତାଙ୍କୁ ମିଳିଥିଲା । ମହାରାଷ୍ଟ୍ର ରାଜ୍ୟର ସତାରା ଅଞ୍ଚଳର ଲୋକଙ୍କ ପାଖରେ ସେ 'ସତାରାର ସିଂହ' ଭାବରେ



ଅଚ୍ୟୁତ ପଟ୍ଟବର୍ଦ୍ଧନ

ଗୋଟାଏ ସମୟରେ ପରିଚିତ ଥିଲେ । ଭାରତ ସ୍ୱାଧୀନ ହେବାର ଅଳ୍ପ କେତେବର୍ଷ ପୂର୍ବରୁ ପଟ୍ଟବର୍ଦ୍ଧନ ସତାରାଠାରେ ଗୋଟିଏ ସମାନ୍ତରାଳ ସରକାର ଗଠନ କରି ବ୍ରିଟିଶ ଶାସନକୁ ଦୋହଲାଇ ଦେଇଥିଲେ । ଅବଶ୍ୟ ଏହି 'ସରକାର' ସଂପୂର୍ଣ୍ଣ ଅହିଂସ ଉପାୟରେ ଚାଲିପାରି ନଥିଲା ।

*ସମ୍ବନ୍ଧୀୟ ବିଷୟ*

*ଭାରତୀୟ ସ୍ୱାଧୀନତା ଆନ୍ଦୋଳନ, ସମାଜବାଦ*

▷▷

## ଅଚ୍ୟୁତାନନ୍ଦ
(୧୫ଶ ? ୧୬ଶ ? ଶତାବ୍ଦୀ)

ଏଭଳି ଜଣେ ଜଣେ ଲୋକ ଜନ୍ମ ହୁଅନ୍ତି ଯେ ଆରମ୍ଭରୁ ଜଣାପଡୁଥାଏ ସେ ସେଭଳି କିଛି ବଡ଼ ହେବେ ନାହିଁ । କିନ୍ତୁ ଦିନେ ଦେଖିଲା ବେଳକୁ ଲକ୍ଷ ଲକ୍ଷ ଲୋକ ତାଙ୍କୁ ମହାପୁରୁଷ ବୋଲି କୁହନ୍ତି । ଅବିଭକ୍ତ କଟକ ଜିଲାର ନେମାଳର ଅଚ୍ୟୁତାନନ୍ଦ ସେହିଭଳି ଜଣେ । ନିଜ ସାଧନାବଳରେ ସେ ଧର୍ମ, ପୁରାଣର ବହୁ ସାରକଥା ଜାଣିଗଲେ ଓ ଅନେକ ଗୁଡ଼ାଏ ବହି ଲେଖିଗଲେ । ସେଗୁଡ଼ିକ ଓଡ଼ିଆ ଭାଷା ଓ ସାହିତ୍ୟର ଅମୂଲ୍ୟ ସଂପଦ ହୋଇ ରହିଛି । ପ୍ରାୟ ପାଞ୍ଚଶହ ବର୍ଷ ପୂର୍ବେ ସେ ବହି ଲେଖୁଥିଲେ । ଏମିତି ହେଲା ଯେ ତାଙ୍କ ସାଙ୍ଗକୁ ଆଉ ଚାରିଜଣ ବାହାରିପଡ଼ିଲେ । ସେମାନଙ୍କୁ କୁହାଗଲା 'ପଞ୍ଚସଖା' । ସେମାନଙ୍କର ନାମ ହେଲା—ବଳରାମ, ଜଗନ୍ନାଥ, ଯଶୋବନ୍ତ ଓ ଅନନ୍ତ । ଏବେବି ପ୍ରତିବର୍ଷ ଜ୍ୟେଷ୍ଠ ପୂର୍ଣ୍ଣିମା ଦିନ ନେମାଳଠାରେ ହଜାର ହଜାର ଲୋକ ରୁଣ୍ଡ ହୁଅନ୍ତି ଓ ତାଙ୍କର ଗୁଣଗାନ କରନ୍ତି । ସେ 'ମାଳିକା' ବୋଲି ଯାହା ଲେଖି ଯାଇଥିଲେ, ତାହା ଓଡ଼ିଶାର ସବୁ ଅଞ୍ଚଳର ଲୋକେ ପଢ଼ନ୍ତି ।

*ସମ୍ବନ୍ଧୀୟ ବିଷୟ*

*ପଞ୍ଚସଖା, ନେମାଳ, ଓଡ଼ିଆ ସାହିତ୍ୟ, ଓଡିଶା*

▷▷

## ଅଜଗର

ଦୁନିଆର ଚାରିଆଡ଼େ ବୁଲି ଆସିଲେ ଦେଖାଯିବ ଯେ ହଜାର ହଜାର ଜାତିର ସାପ ଅଛନ୍ତି । ସବୁ ସାପଙ୍କର ବିଷ ଅଛି ବୋଲି ଧାରଣା ହୋଇଯାଇଥିବାରୁ ଏଗୁଡ଼ିଙ୍କ ନାଁ ଶୁଣିଲେ ପ୍ରାୟ ସମସ୍ତେ ଡରିଯା'ନ୍ତି । କିନ୍ତୁ ଏକଥା ସତଯେ ଶହକେ ନବେ ବା ଅଧିକ ଜାତିର ସାପଙ୍କର ଆଦୌ ବିଷ ନାହିଁ । ସେମାନେ ମୂଷା, ବେଙ୍ଗ, ଠେକୁଆ, ଛୋଟ ଛୋଟ ଜୀବଜନ୍ତୁ ଖାଇ ରହିଥା'ନ୍ତି । ମୂଷା ଇତ୍ୟାଦି ଖାଇଯିବାରୁ ଲୋକଙ୍କର ଉପକାର ମଧ୍ୟ କରନ୍ତି । ଅଜଗର ବୋଲି ଯେଉଁ ସାପ ଅଛି ତା'ର ବିଷ ନାହିଁ । କିନ୍ତୁ ତା' ଦେହରେ ଏତେ ବଳ ଯେ





(ବାମ) ଅଜଗରର 'ଧୃତରାଷ୍ଟ୍ରୀ ଆଲିଙ୍ଗନ'ରୁ ରକ୍ଷା ପାଇବା ସହଜ ନୁହେଁ । ଗଛ ଦେହରେ ଗୁଡ଼ାଇ ହୋଇ ରହିଥିବା ଏହି ଭାରତୀୟ ଅଜଗରଟିକୁ ଆସାମ ପ୍ରଦେଶର ଜଙ୍ଗଲରେ ଠାବ କରାଯାଇଥିଲା । (ଡାହାଣ) ଅଷ୍ଟ୍ରେଲିଆ ତଥା ଅନ୍ୟ କେତେକ ଦେଶର ଗ୍ରୀଷ୍ମମଣ୍ଡଳୀୟ ଅରଣ୍ୟରେ ଦେଖାଯାଉଥିବା ଏହି ଜାତିର ଅତି ବିରଳ ଅଜଗରଙ୍କ ଶରୀରର ରଙ୍ଗ ସଂପୂର୍ଣ୍ଣ ସବୁଜ ।

ସେ ଯଦି ଗୋଟିଏ ଜୀବ ଦେହରେ ଗୁଡ଼ାଇ ହୋଇଯାଇ ଭିଡ଼ିଦେବ ସେ ଜୀବର ହାଡ଼ସବୁ ଭାଙ୍ଗି ତାହା ପିଣ୍ଡୁଳା ଭଳି ହୋଇଯିବ ଓ ପରେ ତାକୁ ଅଜଗର ଗିଳିଦେବ । ଗୋଟାଏ ଗୋଟାଏ ହରିଣ, ବାଘ ବା ଘୋଡ଼ାଙ୍କର ମଧ୍ୟ ଏହି ଦଶା ହୋଇପାରେ । ବଡ଼ ବଡ଼ ଗଛ ଦେହରେ ନିଜ ଲମ୍ବା ଦେହଟାକୁ ଗୁଡ଼ାଇ ସେ ରହିଯାଇଥାଏ । ଗୋଟିଏ ଜୀବ ତା' ତଳେ ଗଲେ ସେ ତାକୁ ମୁଣ୍ଡିଆଟାଏ ପକାଇ ତଳେ ପକାଇଦିଏ ଓ ଗୁଡ଼ାଇ ହୋଇଯାଏ । ଏହାର ଚମଡ଼ାଟି ଦେଖିବାକୁ ଖୁବ୍ ସୁନ୍ଦର । ଥରକେ ପନ୍ଦରରୁ କୋଡ଼ିଏଟା ଅଣ୍ଡା ଦିଏ । ଗୋଟାଏ ଗୋଟାଏ ଜାତିର ଅଜଗରଙ୍କର ଲମ୍ବ ଦଶ ମିଟର ବା ବତିଶରୁ ତେତିଶ ଫୁଟ ପର୍ଯ୍ୟନ୍ତ ହୋଇଥାଏ । ଅଳ୍ପ ଲମ୍ବର ଅଜଗର ମଧ୍ୟ ଅଛନ୍ତି । ଆଫ୍ରିକା ମହାଦେଶରେ ଦେଖାଯାଉଥିବା ଅଜଗର ଗୁଡ଼ିକ କିନ୍ତୁ ଆକୃତିରେ ଛୋଟ । କେତେକ ଜାତିର ଏହି ସାପ କେବଳ ପଥର ଖୋଲରେ ଥା'ନ୍ତି ଓ ସାଧାରଣତଃ ଏଗୁଡ଼ିକ ଗଛ ଚଢ଼ିପାରନ୍ତି ନାହିଁ । ଆମ ଦେଶରେ ଲୋକଙ୍କ ଧାରଣା ଥିଲା ଯେ ଅଜଗର ଛେଳିକୁ ଖାଇଦିଏ । ସଂସ୍କୃତରେ ଅଜ ଅର୍ଥ ଛେଳି । ତେଣୁ ଏହାକୁ 'ଅଜଗର' ବୋଲି କୁହାଗଲା । ଅଜଗର ମଣିଷ ଖାଇଯିବା କଥା କୁହାଯାଉଥିଲେ ମଧ୍ୟ ସେପରି ଘଟିବା ଖୁବ୍ ବିରଳ । ୧୯୯୫ ମସିହା ଅକ୍ଟୋବର ମାସରେ ଦକ୍ଷିଣ ମାଲୟେସିଆରେ ଥିବା ଗୋଟିଏ ରବର ବଗିଚାରେ ଜଣେ ଶ୍ରମିକ ଦେହରେ ଗୁଡ଼ାଇ ହୋଇଯାଇ ତାକୁ ମୁଣ୍ଡଆଡୁ ଗିଳୁଥିବା ଅବସ୍ଥାରେ ଗୋଟିଏ ଅଜଗରକୁ କିନ୍ତୁ ମରାଯାଇଥିଲା ।

***ସମ୍ବନ୍ଧୀୟ ବିଷୟ***

*ସାପ, ଅରଣ୍ୟ, ଜୀବଜଗତ, ଇକୋଲଜି, ଲୋକସଂସ୍କୃତି, ଇଭୋଲୁସନ, ମହାଭାରତ*

▷ ▷

## ଅଜନ୍ତା

ମହାରାଷ୍ଟ୍ରର ଔରଙ୍ଗାବାଦ ଜିଲାର ଅଜନ୍ତା ଗ୍ରାମ ନିକଟରେ ଥିବା ବୌଦ୍ଧ ଗୁହାମନ୍ଦିର ଓ ବିହାର । ଇନ୍ଦ୍ରାଦ୍ରି ପର୍ବତରେ ଏହିସବୁ ଗୁମ୍ଫା ରହିଛି । ଆଜିକୁ ୨,୨୦୦ ପୂର୍ବେ ଏହି ଗୁମ୍ଫା ଗୁଡ଼ିକର କାନ୍ଥରେ ଚିତ୍ର ଆଙ୍କିବା କ୍ରିୟା ପ୍ରଥମେ ଆରମ୍ଭ ହୋଇଥିଲା ଓ ପ୍ରାୟ ୯୦୦ ବର୍ଷ ପର୍ଯ୍ୟନ୍ତ ସେହି ପ୍ରକ୍ରିୟା ଚାଲିଥିଲା ବୋଲି ଜଣା ପଡ଼ିଛି । ବୌଦ୍ଧ ଜାତକର ଘଟଣାବଳୀ ଓ ବୁଦ୍ଧଙ୍କ ଜୀବନର ଅନ୍ୟାନ୍ୟ ଘଟଣା ସହ ବିଭିନ୍ନ କିସମର ଫୁଲ, ଫଳ, ଲାବଣ୍ୟମୟୀ ନାରୀ ତଥା ଇତିହାସର କଥା ଏହିସବୁ ଚିତ୍ରରେ ରହିଛି ।

ଇନ୍ଦ୍ରାଦ୍ରି ପର୍ବତରେ ଗୋଟିଏ ଅଞ୍ଚଳରେ ଥିବା ଏହି ୩୦ଟି ଯାକ ଗୁମ୍ଫା ଗୁଡ଼ିକ ହେଲା ଦୁଇ ଶ୍ରେଣୀର—ଚୈତ୍ୟ ବା ପ୍ରାର୍ଥନା ମନ୍ଦିର ଓ ବିହାର ବା ମଠ । ଚୈତ୍ୟ ଗୁମ୍ଫା ଖମ୍ବ ଗୁଡ଼ିକରେ ଖୁବ୍ ଉନ୍ନତମାନର ମୂର୍ତ୍ତି ଓ ଚିତ୍ରକଳାର ସନ୍ଧାନ ମିଳୁଥିଲେ ମଧ୍ୟ ପ୍ରକୃତ ବିଶେଷତ୍ୱ ରହିଛି ଗୁହା କାନ୍ଥରେ ଥିବା ଭିତ୍ତିଚିତ୍ର ଗୁଡ଼ିକରେ । ଏସବୁ ଭିତ୍ତିଚିତ୍ରର ସତେଜତା ତଥା କଳା-ଉତ୍କର୍ଷତାର ସମକକ୍ଷ ଅନ୍ୟ କୌଣସି କାମ ସମଗ୍ର ପୃଥିବୀରେ ଦେଖାଯାଏ ନାହିଁ । ମାତ୍ର ପର୍ବତ ଓ ଅରଣ୍ୟ ଭିତରେ ଏହି ଅମୂଲ୍ୟ କୀର୍ତ୍ତି ବହୁଶହ ବର୍ଷ ଧରି ଲୁଚି ରହିଯାଇଥିଲା ବୋଲି କୁହାଯାଇପାରେ । ପରେ ଊନବିଂଶ ଶତାବ୍ଦୀର ମଧ୍ୟଭାଗ ବେଳକୁ ଦଳେ ଇଂରେଜ ସୈନ୍ୟ ଶିକାର କରିବାକୁ ଯାଇଥିବା ବେଳେ ଏହାର ସନ୍ଧାନ ପାଇଲେ ଓ ଆଧୁନିକ ଦୁନିଆର ଦୃଷ୍ଟିକୁ ଆଣିଲେ ।

ଭାରତର ଜଳବାୟୁ ଓ ଉତ୍ତାପ ସତ୍ତ୍ୱେ ଅଜନ୍ତାର ରଙ୍ଗୀନ ଚିତ୍ରସବୁ କିଭଳି ନିଖୁଣ ରହି ପାରିଛି ସେକଥା ଲକ୍ଷ୍ୟକରି ଚିତ୍ରକଳା ବିଶାରଦ ମାନେ ଆଜି ମଧ୍ୟ ଆଶ୍ଚର୍ଯ୍ୟାନ୍ୱିତ ହୋଇଯାଉଛନ୍ତି । ଚିତ୍ର ଗୁଡ଼ିକ କୌଣସି ଭାବରେ ନିଜର ସୌନ୍ଦର୍ଯ୍ୟ ତଥା ବିଶେଷତ୍ୱ ହରାଇ ନାହାନ୍ତି ବୋଲି ନିଶ୍ଚିତ ରୂପରେ କୁହାଯାଇ ପାରିବ । ଅଜନ୍ତାରେ ଯେଉଁସବୁ ଗୁମ୍ଫା ଖୋଳା ଯାଇଛି, ଯେଉଁସବୁ ଚିତ୍ର ଅଙ୍କାଯାଇଛି, ଯେଉଁସବୁ ମୂର୍ତ୍ତି ତିଆରି କରାଯାଇଛି ବା ଯେଉଁସବୁ କାରୁକାର୍ଯ୍ୟ କରାଯାଇଛି; ସେଗୁଡ଼ିକ ଅଳ୍ପ କେତେବର୍ଷ ଭିତରେ ଅଳ୍ପ କେତେଜଣଙ୍କ କୃତିତ୍ୱ ନ ହୋଇଥିଲେ ମଧ୍ୟ ସାମଗ୍ରିକ ଭାବେ ଭାରତବର୍ଷର ନ'ଶହ ବର୍ଷର ସଂସ୍କୃତିର ଇତିହାସକୁ ସେଥିରେ ଶୃଙ୍ଖଳିତ ଢଙ୍ଗରେ ସାଇତି ଦିଆଯାଇପାରିଛି । ଅଜନ୍ତାର ଚିତ୍ରକଳା ଶୈଳୀ ଚୀନ, ଜାପାନ ଓ ଏସିଆର ଅନ୍ୟ ବହୁ ଅଂଶକୁ ବ୍ୟାପୀଥିଲା । ଚୀନର ପୁରୁଣା ଚିତ୍ରକଳା ସହିତ ଏହାର ବହୁଭାବେ ସାମଞ୍ଜସ୍ୟ ରହିଛି । ଚୀନା ପରିବ୍ରାଜକ ହୁଏନ୍-ସାଂ ଓ ଫା-ହିୟେନ ସେମାନଙ୍କ ଭ୍ରମଣ ବୃତ୍ତାନ୍ତରେ ଅଜନ୍ତାର ଉଲ୍ଲେଖ କରିଛନ୍ତି ।

ଯେଉଁସବୁ ଭିତ୍ତିଚିତ୍ର ଏହି ଗୁମ୍ଫା ଗୁଡ଼ିକରେ



ଅଜନ୍ତାର ଗୁମ୍ଫାଚିତ୍ର ଗୁଡ଼ିକୁ କାଳଜୟୀ ବୋଲି କଳା ସମାଲୋଚକମାନେ ଆଖ୍ୟା ଦେଇଛନ୍ତି । ସେପରେ ଥିବା 'ରାଜକୀୟ ଶୋଭାଯାତ୍ରା'ର ଚିତ୍ର ।

ଅଙ୍କନ କରାଯାଇଛି ତାହାର ଅଙ୍କନ କଳା-କୌଶଳ ଅତି ସାଧାରଣ ହେଲେ ମଧ୍ୟ କିଭଳି ଦୀର୍ଘସ୍ଥାୟୀ ସେ କଥାର ପ୍ରମାଣ ମିଳିଯାଉଛି । ଅସମାନ ପ୍ରସ୍ତର-ପୃଷ୍ଠରେ ପ୍ରଥମେ ମାଟି, ଗୋବର ଓ କୁଣ୍ଡା ମିଶାଇ ଗୋଟାଏ ଲେପ ଦେଇଦିଆଯାଉଥିଲା । ଆବଶ୍ୟକ ସ୍ଥଳେ 'ଇଟା'ଗୁଣ୍ଡ ଏବଂ ଝୋଟ ବା ଛଣପଟ ଭଳି ରେଶାଯୁକ୍ତ ପଦାର୍ଥ ସେଥିରେ ମିଶାଇ ଦିଆ-ଯାଉଥିଲା । ସେହି ଲେପ ଉପରେ ଚୂନର ଧଳା



ଅଜନ୍ତା କାନ୍ଥରେ ଯଶୋଧାରା

ପଲସ୍ତରା କରିଦିଆଯାଉଥିଲା ଓ ଓଦା ଥାଉ ଥାଉ ତା ଉପରେ ରଙ୍ଗର ରେଖା ଟଣାଯାଉଥିଲା । ନୀଳ ବ୍ୟତୀତ ଅନ୍ୟାନ୍ୟ ସମସ୍ତ ରଙ୍ଗ ବା ରଙ୍ଗ-ପଥରଚୂର୍ଣ୍ଣକୁ ଆଖପାଖ ଅଞ୍ଚଳରୁ ସଂଗ୍ରହ କରା-ଯାଇପାରୁଥିଲା ବୋଲି ଜଣାପଡ଼ିଛି । ଖୁବ୍ ଅଳ୍ପ ସଂଖ୍ୟକ ମୂଳ ରଙ୍ଗରେହିଁ ଏହିସବୁ ଚିତ୍ର ଆଙ୍କିବାରେ ଉପଯୋଗ କରାଯାଉଥିଲା ବୋଲି ବିଶାରଦ ମାନେ କହୁଛନ୍ତି । ୧୯୯୭ ମସିହା ଆରମ୍ଭରେ ଜଣେ ପ୍ରସିଦ୍ଧ ଜାପାନୀ ଚିତ୍ରକାର କହିଛନ୍ତି ଯେ ଅଜନ୍ତା ଶିଳ୍ପୀ ମାନଙ୍କର ଏହି କୌଶଳକୁ ସପ୍ତମ ଶତାବ୍ଦୀରେ ବୌଦ୍ଧ ଧର୍ମ ପ୍ରଚାରକ ମାନେ ନେଇ ଜାପାନରେ ପହଞ୍ଚାଇଥିଲେ ଓ ଆଜି ପର୍ଯ୍ୟନ୍ତ ସେହି ଶୈଳୀର ବିକଶିତ ବ୍ୟବହାର ସେ ଦେଶରେ କରାଯାଉଛି ।

ଅଜନ୍ତାର ଗୋଟିଏ ଅର୍ଥ ହେଲା ଅଜଣା ସ୍ଥାନ । ମରାଠୀ ଭାଷାରେ ଏହାକୁ 'ଅଜଣ୍ଠା' ବୋଲି କୁହନ୍ତି । ମୁମ୍ବାଇ ସହର ଠାରୁ ପ୍ରାୟ ୪୬୦ କିଲୋମିଟର ଦୂରରେ ଅଜନ୍ତା ରହିଛି । ଲକ୍ଷ ଲକ୍ଷ ସଂଖ୍ୟାରେ ପର୍ଯ୍ୟଟକ ଏଠାକୁ ଆସିଥା'ନ୍ତି । ଜାପାନ ସରକାରଙ୍କ ସାହାଯ୍ୟ ଫଳରେ ଅଜନ୍ତା ଅଞ୍ଚଳର ଉନ୍ନତି କରିବା ସଙ୍ଗେ ସଙ୍ଗେ ଚିତ୍ରକଳା ଗୁଡ଼ିକୁ ପରିଷ୍କାର କରିବା କାମ ୧୯୯୦ ଦଶକର ଆରମ୍ଭରୁ ହାତକୁ ନିଆଯାଇଛି ।

***ସମ୍ବନ୍ଧୀୟ ବିଷୟ***

*ଚିତ୍ରକଳା, ଗୁମ୍ଫା, ବୌଦ୍ଧ ଧର୍ମ, ମହାରାଷ୍ଟ୍ର, ଏସିଆର କଳାସମ୍ଭାର, ଗୁପ୍ତ ସାମ୍ରାଜ୍ୟ, ଟେକ୍‌ନୋଲଜି, ପ୍ରତ୍ନତତ୍ତ୍ୱ, ସ୍ଥାପତ୍ୟ, ବୁଦ୍ଧ*

▷▷

## ଅଜମଲ ଖାଁ
(୧୮୬୩-୧୯୨୭)

ବିଖ୍ୟାତ ଜାତୀୟବାଦୀ ନେତା । ସେ ଭାରତୀୟ ଜାତୀୟ କଂଗ୍ରେସରେ ଯୋଗଦେଇ ଅସହଯୋଗ ଆନ୍ଦୋଳନର ପ୍ରଥମ ବର୍ଷ, ୧୯୨୧ ମସିହାରେ, ଅହମ୍ମଦାବାଦଠାରେ ବସିଥିବା କଂଗ୍ରେସ ଅଧି-ବେଶନରେ ସଭାପତିତ୍ୱ ମଧ୍ୟ କରିଥିଲେ । ୟୁନାନୀ ଚିକିତ୍ସାଶାସ୍ତ୍ରରେ ତାଙ୍କର ଯେଉଁ ପାରଦର୍ଶିତା ଥିଲା ତାହାର ଦୃଷ୍ଟାନ୍ତ ବିରଳ । ତେଣୁ ଜଣେ ସିଦ୍ଧହସ୍ତ ହାକିମ୍ ଭାବରେ ମଧ୍ୟ ଅଜମଲ ଖାଁ ପ୍ରସିଦ୍ଧ ।

***ସମ୍ବନ୍ଧୀୟ ବିଷୟ***

*ଭାରତୀୟ ଜାତୀୟ କଂଗ୍ରେସ, ୟୁନାନୀ ଚିକିତ୍ସା*

▷▷

## ଅଜରବୈଜାନ

ସରକାରୀ ନାମ **ଅଜରବୈଜାନ ରେସପବ୍ଲିକାସି (ଅଜରବୈଜାନୀ ସାଧାରଣତନ୍ତ୍ର)** ଶାସନ ବ୍ୟବସ୍ଥା **ସଂଘୀୟ ବହୁଦଳୀୟ ସାଧାରଣ ତନ୍ତ୍ର-ଗୋଟିଏ ବିଧାନ ପରିଷଦ** ରାଷ୍ଟ୍ରମୁଖ୍ୟ **ପ୍ରେସିଡେଣ୍ଟ** ଶାସନ ମୁଖ୍ୟ **ପ୍ରଧାନମନ୍ତ୍ରୀ** ରାଜଧାନୀ **ବାକୁ** ସରକାରୀ ଭାଷା **ଅଜରବୈଜାନୀ** ରାଷ୍ଟ୍ରୀୟ ଧର୍ମ **ନାହିଁ** କ୍ଷେତ୍ରଫଳ **୮୬,୬୦୦ ବର୍ଗକିଲୋମିଟର** ଜନସଂଖ୍ୟା **୭୩,୯୮,୦୦୦** ମୁଖ୍ୟ ସହର **ବାକୁ, ଗ୍ୟାନ୍‌ଝା, ସମଗେଟ, ମିଙ୍ଗେଚର, ନାଖିସେଭାନ** ମୁଦ୍ରା **ମାନାଟ** ପତାକା **ନୀଳ, ଲୋହିତ ସବୁଜ ବର୍ଣ୍ଣର ତିନୋଟି ହୋରାଇଜୋଣ୍ଟାଲ ଷ୍ଟ୍ରାଇପ୍-ଲୋହିତଟିର ମଝିରେ ଶ୍ୱେତ ଅର୍ଦ୍ଧଚନ୍ଦ୍ର ଓ ଆଠ ପଏଣ୍ଟ ବିଶିଷ୍ଟ ତାରକା ।**

ଇଉରୋପ ମହାଦେଶର ଏହି ଦେଶଟି ରୁଷର ଦକ୍ଷିଣରେ ଅବସ୍ଥିତ । ଏହାର ପଶ୍ଚିମକୁ ଲାଗିକରି ରହିଛନ୍ତି ଆର୍ମେନିଆ ଓ ଜର୍ଜିଆ ଦେଶ । କାସ୍ପିଆନ ସାଗର ହେଲା ପୂର୍ବ ଉପକୂଳ । ଦକ୍ଷିଣରେ ରହିଛି ଇରାନୀ ଅଜରବୈଜାନ ଓ ଉତ୍ତରରେ କକେସସ ପର୍ବତମାଳା । ଅଜରବୈଜାନର ଇତିହାସ ଖୁବ୍ ପୁରୁଣା । ୧୯୯୧ ମସିହା ଶେଷ ପର୍ଯ୍ୟନ୍ତ କମିଉନିଷ୍ଟ ସୋଭିଏତ ଇଉନିଅନ୍‌ର ଏହିଟି ଗୋଟିଏ ଅଂଶ ଥିଲା । ଏଇଟି ଗୋଟିଏ ସୁନ୍ଦର ଦେଶ ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ । ପ୍ରାକୃତିକ ସୌନ୍ଦର୍ଯ୍ୟ ତଥା ପ୍ରାକୃତିକ ସମ୍ପଦ ଭରି ରହିଛି । ଅଳ୍ପ କେତେକ ଅଞ୍ଚଳକୁ ଛାଡ଼ିଦେଲେ ଜଳବାୟୁ ପ୍ରାୟ ଶୁଷ୍କ । ଅଜରବୈଜାନ ଶିଳ୍ପ ଓ କୃଷି ଉଭୟ ଦିଗରୁ ଉନ୍ନତ । ପ୍ରଚୁର ପରିମାଣରେ ଖଣିଜ ତୈଳ ରହିଛି । ତୁଳା, ଗହମ, ଧାନ, ଘି, ଫଳ, ସିଲ୍‌କ ଓ ଧୂଆଁପତ୍ର ହେଲା ପ୍ରଧାନ କୃଷିଜାତ ପଦାର୍ଥ । ଅଜେରୀ ଭାଷା ଓ ସଂସ୍କୃତି ବହୁକାଳରୁ ଅତି ଉନ୍ନତ ।

***ସମ୍ବନ୍ଧୀୟ ବିଷୟ***

*ରୁଷ, ପୃଥିବୀ, ତୈଳ, ଇଉରୋପ*

▷▷

## ଅଜରବୈଜାନ (ଇରାନୀ)

ଇରାନର ଉତ୍ତର ପଶ୍ଚିମ ପ୍ରାନ୍ତ । ମୂଳ ଅଜେରୀ ଅଞ୍ଚଳ, କାସ୍ପିଆନସାଗର ତଥା ରୁଷ ଓ ତୁର୍କୀ ଦେଶ ଏହି ଅଞ୍ଚଳର ସୀମାକୁ ଲାଗିଛନ୍ତି । କ୍ଷେତ୍ରଫଳ ହେଲା ପ୍ରାୟ ୬୭,୧୦୦ ବର୍ଗକିଲୋମିଟର । ଆଲେକ୍‌ଜାଣ୍ଡାର ଯେତେବେଳେ ପାରସ୍ୟକୁ ଦଖଲ କରିବାକୁ ଆସିଥିଲେ ସେତେବେଳେ ଏହି ଅଞ୍ଚଳକୁ ଅଧିକାର କରିଯାଇଥିଲେ । ଏହାପର ଠାରୁ ଦ୍ୱିତୀୟ ମହାଯୁଦ୍ଧର ଶେଷ ପର୍ଯ୍ୟନ୍ତ ଏ ଅଞ୍ଚଳ ବହୁ ଶକ୍ତିଙ୍କ ଦ୍ୱାରା ଶାସିତ ହୋଇଥିଲା ଓ ୧୯୪୬ ମସିହାରେ ଯାଇ ପୁଣି ଇରାନ ହାତକୁ ଆସିଲା ।

***ସମ୍ବନ୍ଧୀୟ ବିଷୟ***

*ଇରାନ, ଅଜରବୈଜାନ*

▷▷

## ଅଜାତଶତ୍ରୁ
(ଜୀବିତ ଖ୍ରୀଷ୍ଟପୂର୍ବ ୬ଷ୍ଠ-୫ମ ଶତାବ୍ଦୀ)

ମଗଧର ରାଜା । ଆଜିର ପାଟଣା, ଗୟା ଓ ସାହାବାଦ ଅଞ୍ଚଳକୁ ନେଇ ସେତେବେଳେ ମଗଧ ରାଜ୍ୟ ଗଠିତ ହୋଇଥିଲା । ଏହାଙ୍କ ପିତା ବିମ୍ବିସାର ଶିଶୁନାଗ ବଂଶର ପ୍ରଥମ ରାଜା ଥିଲେ ଓ ତାଙ୍କରି ରାଜତ୍ୱ କାଳରେ ମହାବୀର ଜୈନ ଏବଂ ଗୌତମ ବୁଦ୍ଧ, ଉଭୟ ମଗଧରେ ଜନ୍ମ-ଗ୍ରହଣ କରିଥିଲେ । ଅଜାତଶତ୍ରୁ ଖୁବ୍ ପ୍ରତାପୀ ଓ ଦୁର୍ଦ୍ଦାନ୍ତ ଥିଲେ ବୋଲି କୁହାଯାଏ । ବିମ୍ବିସାରଙ୍କୁ ହତ୍ୟାକରି ସେ ରାଜା ହୋଇଥିଲେ । ପାଲି ଗ୍ରନ୍ଥ-ମାନଙ୍କରେ ଅଜାତଶତ୍ରୁଙ୍କ ନାମ ବହୁସ୍ଥାନରେ ଉଲ୍ଲେଖ କରାଯାଇଛି; କାରଣ ବୌଦ୍ଧ ଧର୍ମ ବିଷୟରେ ଅଜାତଶତ୍ରୁ କ୍ରମେ ଖୁବ୍ ଆଗ୍ରହୀ ହୋଇଉଠିଥିଲେ ଓ ବୁଦ୍ଧଦେବଙ୍କୁ ନାନା ଭାବରେ ସାହାଯ୍ୟ କରିଥିଲେ । 'ପାଟଳିପୁତ୍ର' ସହରକୁ ମଧ୍ୟ ସେ ପ୍ରଥମେ ବସାଇଥିଲେ । ତାଙ୍କ ରାଜତ୍ୱର କିନ୍ତୁ ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ ଘଟଣା ହେଉଛି ବୁଦ୍ଧଙ୍କ 'ମହାପରିନିର୍ବାଣ' ବା ତିରୋଧାନ ।

***ସମ୍ବନ୍ଧୀୟ ବିଷୟ***

*ବୁଦ୍ଧଦେବ, ମହାବୀର ଜୈନ, ଭାରତ ଇତିହାସ*

▷▷

## ଅଜିତ 'କେଶକମ୍ବଳୀ'

ବୌଦ୍ଧ ସାହିତ୍ୟରେ ଭଗବାନ ବୁଦ୍ଧଙ୍କ ସମସାମୟିକ ଯେଉଁ ଛ'ଜଣ ଧର୍ମାଗ୍ରଯ୍ୟଙ୍କ ନାମ ବିଶେଷ ଭାବରେ ଉଲ୍ଲେଖ କରାଯାଇଛି ସେମାନଙ୍କ ଭିତରୁ ଜଣେ । ଏହାଙ୍କର ପ୍ରକୃତ ନାମ ହେଲା ଅଜିତ; କିନ୍ତୁ ଅଧିକାଂଶ ସମୟରେ କେଶରେ ତିଆରି ହୋଇଥିବା ଗୋଟିଏ କମ୍ବଳ ଘୋଡ଼ାଇ ହୋଇ ବୁଲୁଥିବାରୁ ତାଙ୍କୁ ଏଭଳି ନାମ ଦିଆଯାଇଥିଲା । ସେ ଘୋର ଉଚ୍ଛେଦବାଦରେ ବିଶ୍ୱାସ କରୁଥିଲେ ଓ ସେହି ସିଦ୍ଧାନ୍ତର ପ୍ରଗ୍ରର ମଧ୍ୟ କରୁଥିଲେ । ତାଙ୍କ ମତ ଅନୁଯାୟୀ କୌଣସିଟି କର୍ମ ପୁଣ୍ୟ ନୁହେଁ କି ପାପ ନୁହେଁ । "ଏ ଜଗତ ବାହାରେ ଅନ୍ୟ କୌଣସି ଜଗତ ଅଛି ବୋଲି ବିଶ୍ୱାସ କରିବାର କୌଣସି କାରଣ ନାହିଁ; ବିଜ୍ଞ ଓ ଅଜ୍ଞ—ଏ ଉଭୟଙ୍କର ମୃତ୍ୟୁ ହିଁ ହୁଏ ଓ ମୃତ୍ୟୁପରେ ଅନ୍ୟ କୌଣସି ଜନ୍ମନାହିଁ; ଭସ୍ମୀଭୂତ ଶରୀର ସହିତ ଗ୍ରରି ମହାଭୂତ ନିଜ ନିଜ ତତ୍ତ୍ୱରେ ମିଳିଯା'ନ୍ତି ଓ ସେଗୁଡ଼ିକର ଅନ୍ତ ହୋଇଯାଏ" ବୋଲି ସେ କହିଯାଇଛନ୍ତି ।

*ସମ୍ବନ୍ଧୀୟ ବିଷୟ*
*ବୌଦ୍ଧ ଧର୍ମ, ଭାରତୀୟ ଦର୍ଶନ, ଗ୍ରର୍ବାକ୍, ଅକ୍ରିୟାବାଦ*

▷▷

## ଅଜ୍ଞାତବାସ

ମହାଭାରତରେ ଥିବା ଗୋଟିଏ ଆଖ୍ୟାୟିକା । ପଶାଖେଳରେ ଶେଷଥର ଲାଗି ବାଜି ହାରିଗଲା ପରେ ପାଣ୍ଡବ ମାନଙ୍କୁ ବର୍ଷକ ଲାଗି 'ଅଜ୍ଞାତବାସ'ରେ ରହିବାକୁ ପଡ଼ିଥିଲା । ସର୍ତ୍ତ ଥିଲା ଯେ ଯଦି ସେମାନଙ୍କର ସନ୍ଧାନ କେହି ପାଇଯିବେ, ତେବେ ସର୍ତ୍ତଭଙ୍ଗ ହେଲା ବୋଲି ଧରାଯିବ ଓ ପୁଣି ବାରବର୍ଷ ସେହିଭଳି କଟାଇବାକୁ ପଡ଼ିବ । ମତ୍ସ୍ୟଦେଶରେ ରାଜା ବିରାଟଙ୍କ ପାଖରେ ଏହି ସମୟରେ ପାଣ୍ଡବମାନେ ସେବାକାରୀ ହୋଇ ରହିଥିଲେ । ଯୁଧିଷ୍ଠିରଙ୍କୁ 'କଙ୍କ', ଭୀମଙ୍କୁ 'ବଲ୍ଲଭ', ଅର୍ଜୁନଙ୍କୁ 'ବୃହନ୍ନଳା', ନକୁଳଙ୍କୁ 'ଗ୍ରନ୍ଥିକ' ଓ ସହଦେବଙ୍କୁ 'ତନ୍ତ୍ରିପାଳ' ଭାବରେ ସେହି ସମୟରେ ସମସ୍ତେ ଜାଣିଥିଲେ । ଦ୍ରୌପଦୀଙ୍କ ନାମ ଥିଲା 'ସୈରିନ୍ଧ୍ରୀ' ।

ଆଧୁନିକ ଯୁଗରେ ପୃଥିବୀର ବହୁ ଅଞ୍ଚଳରେ ସ୍ୱାଧୀନତା ସଂଗ୍ରାମ ମାନ ହେଲା ଓ ସେଥିରେ କେତେକ ସୈନିକ ବନ୍ଦୀ ନ ହୋଇ ଗୋଟାଏ ଦୃଷ୍ଟିରୁ 'ଅଜ୍ଞାତବାସ' କରି ସଂଗ୍ରାମ ଚଳାଇଥିଲେ । 'ଭାରତ ଛାଡ଼' ଆନ୍ଦୋଳନ ବେଳେ ଭାରତରେ ବହୁ ଦେଶପ୍ରେମୀ ଅଜ୍ଞାତବାସରେ ରହିଯାଇଥିଲେ ।

*ସମ୍ବନ୍ଧୀୟ ବିଷୟ*
*ମହାଭାରତ, ସ୍ୱାଧୀନତା ସଂଗ୍ରାମ, ବିପ୍ଳବ*

▷▷

## ଅଟ୍‌ଠ କଥା

ପାଲି ଭାଷାରେ ଲିଖିତ ଗ୍ରନ୍ଥ ଗୁଡ଼ିକ ଉପରେ ରଚିତ ହୋଇଥିବା ଭାଷ୍ୟ । ମୂଳ ଲେଖାର ସ୍ପଷ୍ଟ ବ୍ୟାଖ୍ୟା କରିବାପାଇଁ ଏହାର ଆବଶ୍ୟକତା ପଡ଼େ । ପ୍ରତ୍ୟେକ ତ୍ରିପିଟକ ଗ୍ରନ୍ଥରେ ଅଟ୍‌ଠ କଥା ଭାଷ୍ୟ ରହିଛି । ଏଭଳି ଭାଷ୍ୟ ଲେଖିବାର ଉଦ୍ୟମ ପ୍ରଥମେ ଶ୍ରୀଲଙ୍କା ବା ସିଂହଳରେ ହୋଇଥିଲା ବୋଲି ଜଣାଯାଏ ।

*ସମ୍ବନ୍ଧୀୟ ବିଷୟ*
*ବୌଦ୍ଧ ଧର୍ମ, ପାଲି ଭାଷା*

▷▷

## ଅଟ୍‌ଲି, କ୍ଲିମେଣ୍ଟ ରିଗ୍ରର୍ଡ
## (୧୮୮୩-୧୯୬୭)

ଅଟ୍‌ଲି ଇଂଲଣ୍ଡର ପ୍ରଧାନମନ୍ତ୍ରୀ ଥିବାବେଳେହିଁ ଭାରତ ଇଂରେଜ ଶାସନରୁ ମୁକ୍ତହେଲା । ଓଡ଼ିଶା ଲୋକେ ଆଉ ଗୋଟିଏ କାରଣରୁ ଏହାଙ୍କୁ ମନେ



କ୍ଲିମେଣ୍ଟ ରିଗ୍ରର୍ଡ ଅଟ୍‌ଲି

ରଖିବେ । ଓଡ଼ିଶା ଯେ ୧୯୩୬ ମସିହାରେ ଗୋଟିଏ ସ୍ୱତନ୍ତ୍ର ପ୍ରଦେଶ ହେଲା ସେଥିପାଇଁ ଅଟ୍‌ଲିଙ୍କ ଅବଦାନ ମଧ୍ୟ ରହିଛି । ତାଙ୍କରି ନେତୃତ୍ୱରେ ଯେଉଁ ସବ୍-କମିଟି ଗଠିତ ହୋଇଥିଲା ତାହାର ସୁପାରିଶ ଅନୁସାରେ ଇଂରେଜ ସରକାର ଓଡ଼ିଶାକୁ ବିହାରରୁ ଅଲଗା କରି ଗୋଟିଏ ସ୍ୱତନ୍ତ୍ର ପ୍ରଦେଶ କରିଥିଲେ ।

*ସମ୍ବନ୍ଧୀୟ ବିଷୟ*
*ଇଂଲଣ୍ଡ, ଭାରତୀୟ ସ୍ୱାଧୀନତା ଆନ୍ଦୋଳନ, ଶ୍ରମିକ ଦଳ*

▷▷

## ଅଟର

ଆମ ଦେଶରେ ଯାହାକୁ ଓଧ ବୋଲି କୁହନ୍ତି ତାକୁ ଇଂରାଜୀରେ ଅଟର ବୋଲି କୁହାଯାଏ । କିନ୍ତୁ ସମୁଦ୍ରରେ ମାଆଠାରୁ କ୍ଷୀର ଖାଉଥିବା ଯେଉଁ ଜୀବଟି ବରାବର ରହିଛି ଓ ଭୂଇଁ ଉପରକୁ ଆସୁନାହିଁ, ତାକୁ ସାମୁଦ୍ରିକ ଅଟର ବୋଲି କୁହାଯାଏ । ଥଣ୍ଡା ଧରିବ ନାହିଁ ବୋଲି ତା' ଦେହରେ ବହଳିଆ ଲୋମ ରହିଛି । ସେହି ଲୋମ ଦେଖିବାକୁ ଖୁବ୍ ସୁନ୍ଦର । ପ୍ରଶାନ୍ତ ମହାସାଗରରେ ଯେତେବେଳେ ଏହି ଜୀବଟିର ସନ୍ଧାନ ମିଳିଲା ସେତେବେଳେ ଏହାକୁ ମାରି ଲୋକେ ମାଂସ ତ ଖାଇଲେ, ଲୋମ ଓ ଚମଡ଼ାକୁ ମଧ୍ୟ ବିକିଲେ । ଗୋଟିଏ ଗୋଟିଏ ଚମଡ଼ା ବହୁ ମୂଲ୍ୟରେ ବିକ୍ରୀ ହେଲା । ତେଣୁ ୧୯୧୦ ମସିହାରେ ବ୍ରିଟେନ୍, ଆମେରିକା, ରୁଷ ଓ ଜାପାନ ଗୋଟିଏ ନିୟମ କରିଦେଲେ ଯେ ଏହାକୁ କେହି ମାରି ପାରିବେ ନାହିଁ । ଏହି ନିୟମ ହେଲାରୁ ଏମାନଙ୍କ ବଂଶ ଲୋପ ପାଇଯାଇନାହିଁ । ଏହାର ଦେହଟି କୁନ୍ଦିଲା ବା ପିଟିଲା ଭଳି ହୋଇଛି । ଲମ୍ବ ଏକ ମିଟରରୁ ଅଧିକ । ଲାଙ୍ଗୁଳଟି ମୋଟାଳିଆ ଓ ମୁଣ୍ଡାଳିଆ, ପଛଗୋଡ଼ ଦୁଇଟି ବଡ଼ ଓ ହଂସପାଦ ଭଳି ଆଙ୍ଗୁଠି ଗୁଡ଼ିକ ଛନ୍ଦା ହୋଇଛି । ପହଁରିବାରେ ଧୂରନ୍ଧର । ଗୋଡ଼ ଦୁଇଟିକୁ ଆହୁଲା ଭଳି ବ୍ୟବହାର କରେ । ଲାଙ୍ଗୁଳ ମଧ୍ୟ ଆହୁଲା କାମ ଦିଏ । ପହଁରୁ ପହଁରୁ ହୁଏତ ଶୋଇଯାଏ । ଥରକରେ ଗୋଟିଏ ଛୁଆ ଦିଏ । ସାମୁଦ୍ରିକ ଅଟର



ସମୁଦ୍ରରେ ପହଁରିଲାବେଳେ ସାମୁଦ୍ରିକ ଅଟର ତା ଛାତିକୁ ଖାଇବା ଟେବଲ ଓ ଆଗ ଗୋଡ଼ ଦୁଇଟିକୁ 'ହାତ' ଭଳି ବ୍ୟବହାର କରି ବଡ଼ ବଡ଼ ଶାମୁକାର ଖୋଳ ଛଡ଼ାଇ ଭିତର ଶସ ଖାଇଦେଇଥାଏ ।



ଆମ ଦେଶରେ ଖିଆଯାଉଥିବା ଅଟା ରୁଟିରେ ଖାଦ୍ୟଗୁଣ ଭରି ରହିଛି । ଭାରତର ବିଭିନ୍ନ ଅଞ୍ଚଳରେ ବହୁ ପ୍ରକାରର ରୁଟି ପ୍ରସ୍ତୁତ କରାଯାଇଥାଏ—ଜଣେ ଗୁଜୁରାଟୀ ଗୃହିଣୀ ରୁଟି କରୁଥିବାର ଦୃଶ୍ୟ ।

ଛୁଆର ସ୍ୱର ମଣିଷ ଛୁଆଙ୍କ ସ୍ୱର ଭଳି ।

ନଈ, ଝରଣା କୂଳରେ ସାଧାରଣ ଅଟର ରହିଥାଏ । ଅବଶ୍ୟ ସାମୁଦ୍ରିକ ଅଟର ଭଳି ପହଁରିବା ଦକ୍ଷତା ଏହାର ନାହିଁ—କିନ୍ତୁ ଖୁବ୍ ବେଗରେ ଚାଲିପାରେ । ପୃଥିବୀର ପ୍ରାୟ ସବୁ ମହାଦେଶରେ ଏମାନେ ଦେଖାଯାʼନ୍ତି । ଅଟରଙ୍କ ସଂଖ୍ୟା କ୍ରମେ କମି ଯାଉଥିବାରୁ ଏଗୁଡିକଙ୍କର ସଂରକ୍ଷଣ ଦିଗରେ ଉଦ୍ୟମ କରାଯାଉଛି ।

*ସମ୍ବନ୍ଧୀୟ ବିଷୟ*

*ସାମୁଦ୍ରିକ ଜୀବନ, ଚମଡା, ସୌଖୀନ ପଦାର୍ଥ*

▷▷

### ଅଟରଶ୍ରୁ

ଆଫ୍ରିକା ମହାଦେଶରେ ଦେଖାଯାଉଥିବା ଓଧଜାତୀୟ ମାଂସାଶୀ ସ୍ତନ୍ୟପାୟୀ ପ୍ରାଣୀ । ସାଧାରଣତଃ ପାଣିଝର ବା ଜୋର ଗୁଡିକରେ



ଅଟରଶ୍ରୁ

ରହିଥାଏ; ଉପରେ ମଧ୍ୟ ରୁହେ । ଏଗୁଡ଼ିକ ତିନି ଜାତିରେ ମିଳିଥାʼନ୍ତି । ସବୁଠାରୁ ବଡ଼ ଜାତିଟି ପ୍ରାୟ ୬୫ ସେଣ୍ଟିମିଟର ପର୍ଯ୍ୟନ୍ତ ଲମ୍ବ ହୋଇଥାଏ—ଏଥିରୁ ଲାଙ୍ଗୁର ଲମ୍ବ ହେଲା ପ୍ରାୟ ୩୦ ସେଣ୍ଟିମିଟର । ପାଣିତଳେ ସହଜରେ ଶିକାର କରିପାରିବା ନିମନ୍ତେ ଏହି ଲାଙ୍ଗୁଟିକୁ ପ୍ରକୃତି ଓସାରିଆ-ଚଟକା କରିଦେଇଛି ।

*ସମ୍ବନ୍ଧୀୟ ବିଷୟ*

*ଜୀବଜଗତ, ଆଫ୍ରିକା*

▷▷

### ଅଟା

ମଣିଷ ସଭ୍ୟ ହେବା ସଙ୍ଗେ ସଙ୍ଗେ କୃଷିର ମଧ୍ୟ ଉନ୍ନତି ହେଲା ଓ କ୍ରମେ କ୍ରମେ ସେ ଧାନ, ଗହମ, ଯଅ, ମାଣ୍ଡିଆ ଭଳି ପଦାର୍ଥ ସବୁ ଉତ୍ପାଦନ କଲା । ସେଗୁଡିକୁ 'ଶସ୍ୟ' ବୋଲି କୁହାଗଲା । ପ୍ରଥମେ ପ୍ରଥମେ ହୁଏତ ଏଗୁଡ଼ିକୁ ସେ ଚୋପାସହ କଞ୍ଚା ଖାଇବାକୁ ଉଦ୍ୟମ କରିଥିବ । କିନ୍ତୁ ପରେ ଶିଖିଯାଇଥିବ କିଭଳି ଶସ୍ୟ ସବୁକୁ ଶୁଖାଇ, ଚୋପା ଛଡାଇ ଫାଳ ଫାଳ କରି ବା ପେଷିଦେଇ ଭଲ ଭାବରେ ଖିଆଯାଇ ପାରିବ । କ୍ରମେ ସେଭଳି କରିବାଟାକୁ 'ଅଟା' କରିବା ବୋଲି କୁହାଗଲା । ଯେ କୌଣସି ଶସ୍ୟକୁ ଅଟା କରି ଖିଆଯାଇପାରେ । ଏଠି କିନ୍ତୁ ଅଟା କହିଲେ ଗହମ ଚୂର୍ଣ୍ଣକୁ ହିଁ ବୁଝାଯାଇଛି । ଗହମରୁ ଅଟା କରି ରୁଟି, ପାଉଁରୁଟି କରିବା ବିଦ୍ୟା ମନୁଷ୍ୟକୁ ବହୁଦିନରୁ ଜଣା ବୋଲି ସମସ୍ତେ ସ୍ୱୀକାର କରୁଛନ୍ତି । ହଜାର ହଜାର ବର୍ଷ ତଳର ଇଜିପ୍ସୀୟ 'ସମାଧି ଚିତ୍ର' ସବୁରେ ଯେ କେବଳ ଗହମ ଚାଷର ଚିତ୍ର ରହିଛି ତା ନୁହେଁ, ଅଟା ପେଷିବା, ରୁଟି କରିବା ଓ ପାଉଁରୁଟି ସେକିବାର ଚିତ୍ର ମଧ୍ୟ ରହିଛି ।

ମନୁଷ୍ୟ ଦେହକୁ ସୁସ୍ଥ ସବଳ ଓ କାର୍ଯ୍ୟକ୍ଷମ ରଖିବା ପାଇଁ ଶ୍ୱେତସାର ବା କାର୍ବୋହାଇଡ୍ରେଟ୍, ପ୍ରୋଟିନ, ଫ୍ୟାଟ୍ ବା ସ୍ନେହ ଓ ଖଣିଜ ଲବଣର ଏକାନ୍ତ ଆବଶ୍ୟକତା ରହିଛି । ଚାଉଳ ତୁଳନାରେ ଗହମରେ ଏ ସବୁର ପରିମାଣ ଅଧିକ ଥିବାରୁ ଭାତ ଅପେକ୍ଷା ରୁଟି ଅଧିକ ସାରବାନ । ଆହୁରି ମଧ୍ୟ ଅଟାକୁ ଚାଉଳ ଭଳି ରାନ୍ଧିବା ଆବଶ୍ୟକତା ନଥିବାରୁ ବହୁ ଅଧିକ ପରିମାଣର ସାର ପଦାର୍ଥ ନଷ୍ଟ ନ ହୋଇ ଆମ ଶରୀର ଭିତରକୁ ଚାଲିଯାଇଥାଏ ।

ଅଟାଟା ସରସା କିମ୍ବା ନୀରସା ସେ କଥା ଜଣାପଡ଼ିଯିବ ତା ଭିତରେ କେତେ ପରିମାଣର ଗହମ-ସାର ଅଛି ସେଇଥିରୁ । ଗହମସାର ବା ଗ୍ଲୁଟନ ହେଉଛି ଅଟାରେ ଥିବା ପ୍ରୋଟିନ । ଗହମର ପ୍ରତ୍ୟେକ ଅଂଶ ବା ସମଗ୍ର ଗହମଟା ଯେ ମନୁଷ୍ୟର ଖାଦ୍ୟ ଉପଯୋଗୀ ନୁହେଁ, ଏ କଥା ବିଚାରିବାର କାରଣ ନାହିଁ । ଗହମକୁ ତିନି ଭାଗରେ ଭାଗ କରିଦିଆଯାଇପାରେ—ଚୋପା, ଭ୍ରୂଣ ଓ ଭ୍ରୂଣପୋଷ । ଗହମକୁ ପେଷି କୌଣସି ଅଂଶକୁ ବାଦ୍ ନଦେଇ ଆମେ ଯଦି ଅଟା କରିବା ତାହେଲେ ସେଥିରେ ଏହି ତିନୋଟିଯାକ ପଦାର୍ଥ ପୂରାପୂରି ରହିଯିବ । ଏଭଳି ଅଟା ନିଶ୍ଚୟ ଶରୀର ପକ୍ଷେ ଅଧିକ ଉପାଦେୟ । କିନ୍ତୁ ସାଧାରଣତଃ ଏପରି କରା ନଯାଇ ଚୋପାକୁ ଚୋକଡ଼ ଭାବରେ ବାହାର କରି ନିଆଯାଇ ଅନ୍ୟ ଦୁଇ ଅଂଶକୁ ସଂପୂର୍ଣ୍ଣ ଭାବେ ପେଷି ଦିଆଯାଇଥାଏ । କେତେକ କ୍ଷେତ୍ରରେ ଭ୍ରୂଣକୁ ମଧ୍ୟ ବାଦ୍ ଦିଆଯାଇଥାଏ । ଯେତେବେଳେ ମଇଦା କରାଯାଏ ସେତେବେଳେ ଭ୍ରୂଣପୋଷର ବାହ୍ୟ ଅଂଶକୁ ମଧ୍ୟ ବାଦ୍ ଦିଆଯାଏ । ଏବେ ଅଟା ମିଲ୍ ସବୁ କିନ୍ତୁ ପେଷିବା କାରଣ ଯୋଗୁଁ କ୍ଷତି ହେଉଥିବା ସାର ପଦାର୍ଥ ଗୁଡ଼ିକୁ କୃତ୍ରିମ ଉପାୟରେ ଅଟା ଦେହରେ ଭରି ଦେଇ ସେହି କ୍ଷତିକୁ ଭରଣା କରିଦେଉଛନ୍ତି । ରୁଟି, ପାଉଁରୁଟି, କେକ୍, ପାସ୍ଟ୍ରି ଭଳି ଭିନ୍ନ ଭିନ୍ନ ପ୍ରକାର ଖାଦ୍ୟ ପଦାର୍ଥ ପାଇଁ ସ୍ୱତନ୍ତ୍ର ଧରଣର ଅଟାସବୁ ମିଳିଲାଣି । ସରସା ଅଟାର ରଙ୍ଗ ସାଧାରଣତଃ ଈଷତ୍ ବାଦାମୀ ହୋଇଥିବାରୁ ଉତ୍ପାଦନକାରୀମାନେ କୃତ୍ରିମ ରଙ୍ଗ ବ୍ୟବହାର କରି ନୀରସା ଧଳା ଅଟାକୁ ମଧ୍ୟ ସରସା ବୋଲି ଜଣାଇ ବେଳେବେଳେ ଗ୍ରାହକଙ୍କ ପାଖରେ ପହଞ୍ଚାଇ ଦେଇଥାʼନ୍ତି ।

*ସମ୍ବନ୍ଧୀୟ ବିଷୟ*

*ଗହମ, ଶସ୍ୟ, ଖାଦ୍ୟ, ଜୀବସାର, ବେକରୀ, ଅର୍ଥନୀତି, କୃଷି, କାର୍ବୋହାଇଡ୍ରେଟ, ଖାଦ୍ୟ ପ୍ରକ୍ରିୟାକରଣ, ପିଠାପଣା*

## ଅଟେଇ

ଗୁହାଳ ଭିତରେ ଛୋଟ ଛୋଟ ବାଛୁରୀଙ୍କୁ 'ଅଟକ' ରଖାଯାଉଥିବା ଅଂଶ । ଏଗୁଡ଼ିକୁ ବନ୍ଧାଯାଇ ନଥାଏ । କିନ୍ତୁ ଗୁହାଳସାରା ଖୋଲା ବୁଲିଲେ ମା ଠାରୁ କ୍ଷୀର ଖାଇଯିବେ ବୋଲି ଅଟେଇର ବ୍ୟବସ୍ଥା କରାଯାଇଛି । କେତେକ ଅଞ୍ଚଳରେ ଗୁହାଳ ବାହାରେ ଚଉଖୁଣ୍ଟିଆ ବାଡ଼ଘେର ଭିତରେ ବଡ଼ ବଡ଼ ଗୋରୁଙ୍କୁ ବାନ୍ଧିବା ସ୍ଥାନକୁ ମଧ୍ୟ ଅଟେଇ ବୋଲି କୁହାଯାଏ । ଏହି ଦେଶଜ ଶବ୍ଦଟିର ଆଉ କେତେକ ବ୍ୟବହାର ମଧ୍ୟ ରହିଛି । ଧାନ ରଖିବା ପାଇଁ ବାଡ଼ବନ୍ଦୀ କରି ସେହି ବାଡ଼ ବା ଘେର ଭିତରେ ପାଳକୁଟା ଦେଇଦିଆଯାଏ ଓ ତାହାର ନାମ ହେଲା ଅଟେଇ ।

***ସମ୍ବନ୍ଧୀୟ ବିଷୟ***
*ଓଡ଼ିଆ ସଂସ୍କୃତି, ଗୋପାଳନ, କୃଷି, ଓଡ଼ିଆ ଭାଷା*

## ଅଟୋକ୍ଲେଭ୍

ଅତ୍ୟଧିକ ଉତ୍ତାପ ଓ ଗ୍ୟାସ ସମ୍ଭାଳି ପାରୁଥିବା ପାତ୍ର । ସାଧାରଣତଃ ଉଚ୍ଚମାନର ଇସ୍‌ପାତରେ ଏଗୁଡ଼ିକ ତିଆରି ହୋଇଥାଏ । ରାସାୟନିକ ଶିଳ୍ପରେ ବହୁ ପ୍ରକାରର ଅଟୋକ୍ଲେଭ୍ ପାତ୍ର ବ୍ୟବହୃତ ହୁଏ । ଚିକିତ୍ସା କ୍ଷେତ୍ରରେ ମଧ୍ୟ ନାନା ପ୍ରକାର ଉପକରଣ ଓ ଯନ୍ତ୍ରପାତିକୁ ବିଶୋଧିତ କରିବା ନିମନ୍ତେ ଅଟୋକ୍ଲେଭ୍‌ର ଆବଶ୍ୟକତା ପଡ଼ିଥାଏ । ୧୬୭୯ ମସିହାରେ ଜଣେ ଉଦ୍‌ଭାବକ ଯେଉଁ ବାଷ୍ପୀୟ ଅଟୋକ୍ଲେଭ୍ ପାତ୍ରଟି ଉଦ୍‌ଭାବନ କରିଥିଲେ ତା'ର ବ୍ୟବହାର ରନ୍ଧନ ନିମନ୍ତେ ଆଜି ମଧ୍ୟ ଘରେ ଘରେ ହେଉଛି—ସେଇଟି ହେଲା 'ପ୍ରେସର କୁକର' ।

***ସମ୍ବନ୍ଧୀୟ ବିଷୟ***
*ପ୍ରେସର କୁକର, ରାସାୟନିକ ଶିଳ୍ପ, ଚିକିତ୍ସା-ବିଜ୍ଞାନ, ବିଶୋଧନ*

## ଅଟୋଗାମୀ

ସ୍ୱସଂଗମ ବା ସ୍ୱୟଂବିବାହ । ସୃଷ୍ଟିର ନିମ୍ନସ୍ତରରେ ଯେଉଁସବୁ ଜୀବ ଅଛନ୍ତି ସେମାନଙ୍କ ଭିତରୁ କେତେକଙ୍କ ଭିତରେ ଅଣ୍ଡିରା-ମାଈ ଭେଦ ନାହିଁ । ଫଳରେ ସ୍ୱୟଂ ଗର୍ଭାଧାନ ବା ସ୍ୱୟଂ ଉର୍ବରଣ ଦ୍ୱାରା ସେମାନେ ବଂଶବୃଦ୍ଧି କରିଥା'ନ୍ତି । ଉଦ୍‌ଭିଦ ଜଗତରେ ମଧ୍ୟ ସ୍ୱୟଂ ପରାଗଣ ଦ୍ୱାରା କେତେକ ଜାତିର ଉଦ୍‌ଭିଦ ନିଜର ବଂଶବୃଦ୍ଧି କରନ୍ତି ।

***ସମ୍ବନ୍ଧୀୟ ବିଷୟ***
*ଜୀବଜଗତ, ଉଦ୍‌ଭିଦ ଜଗତ, ପ୍ରଜନନ*

## ଅଟୋମାନ ସାମ୍ରାଜ୍ୟ

ଚତୁର୍ଦ୍ଦଶ ଶତାବ୍ଦୀର ଆରମ୍ଭରୁ ବିଂଶ ଶତାବ୍ଦୀର ଆରମ୍ଭ ବା ୧୩୦୦ରୁ ୧୯୨୨ ମସିହା ପର୍ଯ୍ୟନ୍ତ ତିଷ୍ଠିଥିବା ପ୍ରସିଦ୍ଧ ତୁର୍କୀ ସାମ୍ରାଜ୍ୟ । ସେ ଦେଶରେ ସାଧାରଣତନ୍ତ୍ର ଶାସନ ପ୍ରବର୍ତ୍ତିତ ହୋଇଯିବାରୁ ଏହି ସାମ୍ରାଜ୍ୟର ଅନ୍ତଃ ହୋଇଗଲା । ବହୁ ଉତ୍‌ଥାନ ପତନ ଭିତର ଦେଇ ଗତି କରିଥିବା ଅଟୋମାନ ଶାସନ ଗୋଟାଏ ସମୟରେ ଆନାଟୋଲିଆକୁ କେନ୍ଦ୍ରକରି ବିସ୍ତୃତ ଅଞ୍ଚଳରେ ବ୍ୟାପିଥିଲା ।

***ସମ୍ବନ୍ଧୀୟ ବିଷୟ***
*ତୁର୍କୀ, ପ୍ରଥମ ମହାଯୁଦ୍ଧ, 'ଆତାତୁର୍କ', ଏସିଆ ମାଇନର*

## ଅଟୋମେଶନ

ପୂର୍ବରୁ ମଣିଷ ହାତ କରୁଥିବା କାମ କିମ୍ବା ମଣିଷ ହାତ ଦ୍ୱାରା ଅସମ୍ଭବ ବୋଲି ପ୍ରତୀୟମାନ ହେଉଥିବା କାର୍ଯ୍ୟ ସମୂହ କ୍ଷେତ୍ରରେ ଯନ୍ତ୍ରର ଉପଯୁକ୍ତ ଉପଯୋଗ ହେଲା ଅଟୋମେଶନ ବା ସ୍ୱୟଂଚଳନ । ଯନ୍ତ୍ର ଉପଯୋଗ ହେଉଥିବା ଅବସ୍ଥାରେ ଯଦିଓ ଯାନ୍ତ୍ରିକୀକରଣ ଭଳି କଥା ସାଧାରଣ ଭାବରେ କହିଦିଆ ଯାଇଥାଏ, ଅଟୋମେଶନଟି ହେଲା କିନ୍ତୁ ତାହାଠାରୁ ସଂପୂର୍ଣ୍ଣ ସ୍ୱତନ୍ତ୍ର ତଥା ବିକଶିତ ଉପଯୋଗ; କାରଣ ଏଠି ନିୟୋଜିତ ହୋଇଥିବା ସବୁଯାକ ଯାନ୍ତ୍ରିକ ଇଉନିଟ୍ ନିଜକୁ ନିଜେ ଚଳାଇ ଗୋଟାଏ ସୁନିୟନ୍ତ୍ରିତ ତଥା ମଣିଷର ସାହାଯ୍ୟ ଆବଶ୍ୟକ କରୁ ନ ଥିବା ଟେକ୍‌ନୋଲଜୀୟ ବ୍ୟବସ୍ଥାରେ ପରିଣତ ହୋଇଯାଇଥା'ନ୍ତି । ଅଟୋମେଶନ ପ୍ରବର୍ତ୍ତନ ଦ୍ୱାରା ସବୁ କ୍ଷେତ୍ରରେ ଆଜି ବୈପ୍ଲବିକ ପରିବର୍ତ୍ତନ ଦେଖାଦେଇଛି । ଏକବିଂଶ ଶତାବ୍ଦୀର ଆରମ୍ଭ ବେଳକୁ ମାନବଜୀବନର ଏଭଳି କୌଣସି ଗୋଟିଏ ଦିଗ ନାହିଁ ଯାହା ଏହାଦ୍ୱାରା ପ୍ରଭାବିତ ହୋଇନାହିଁ ବୋଲି କୁହାଯାଇପାରିବ । ଗୋଟାଏ 'ଯାନ୍ତ୍ରିକ' ସମାଜ ଆଜି ଯେ ଆସି ଗୋଟିଏ ଅଟୋମେଶନୀୟ ବା ସ୍ୱୟଂଚଳନାତ୍ମକ ସମାଜରେ ଶେଷରେ ପରିଣତ ହୋଇଗଲାଣି, ସେ ବିଷୟରେ ଆଉ ସନ୍ଦେହ ନାହିଁ ।

ମାନବ ସଭ୍ୟତାର ଆରମ୍ଭ ଦିନରୁ ମଣିଷ ଚେଷ୍ଟା କରି ଆସିଛି କିଭଳି ଯନ୍ତ୍ରବଳ ପ୍ରୟୋଗ କରି ତା'ର ନିଜ ଶରୀରକୁ ବିଶ୍ରାମ ଦେଇ ପାରିବ କିମ୍ବା ଶରୀର ଦ୍ୱାରା ଅସମ୍ଭବ ବୋଲି ପ୍ରତୀୟମାନ ହେଉଥିବା କୌଣସି କାର୍ଯ୍ୟ କରି ଦେଇପାରିବ । ପୁରାତନ ରୋମ୍, ଇଜିପ୍ଟ ଓ ଭାରତର କେତେକ ଅଂଶରେ ଖ୍ରୀଷ୍ଟପୂର୍ବ ୩୦୦୦ ମସିହା ବେଳକୁ 'ଯନ୍ତ୍ର' ପ୍ରୟୋଗ କରି କାମ କରାଯାଉଥିବା କଥାର ପ୍ରମାଣ ମିଳିଛି । କିନ୍ତୁ ପ୍ରକୃତ ଅର୍ଥରେ ଯାନ୍ତ୍ରିକୀକରଣ କଥାର ଆରମ୍ଭ ହେଲା ଅଷ୍ଟାଦଶ ଶତାବ୍ଦୀରେ, ଶିଳ୍ପ ବିପ୍ଳବ ବେଳଠାରୁ । ନୂଆ ନୂଆ କଳକାରଖାନା ବସିବା ଦ୍ୱାରା ଜଣେ ଜଣେ ବା ଦଳେ ଦଳେ ଶ୍ରମିକ କରୁଥିବା ଗୋଟିଏ ଗୋଟିଏ ନିର୍ଦ୍ଦିଷ୍ଟ କାମକୁ ସେମାନଙ୍କ ବଦଳରେ ଯନ୍ତ୍ରଦ୍ୱାରା କରିବା ପଦ୍ଧତି ଏହି ସମୟରୁ ଆରମ୍ଭ ହୋଇଗଲା । କ୍ରମେ ନୂଆକରି ବାହାରିଥିବା ବାଷ୍ପୀୟ ଇଞ୍ଜିନ ଓ ବିଦ୍ୟୁତ୍‌ଶକ୍ତି ଏହି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଦେବାକୁ ଲାଗିଲା । ଏହା ଫଳରେ ପରେ ଯେଉଁସବୁ 'ଆସେମ୍ବ୍ଲିଲାଇନ' ତିଆରି ହୋଇଗଲା ସେଗୁଡ଼ିକ ହିଁ ଭବିଷ୍ୟତର ଅଟୋମେଶନ ବ୍ୟବସ୍ଥାର ମୂଳଦୁଆ ପକାଇଦେଲା । ଦୁଇଟିଯାକ ମହାଯୁଦ୍ଧରେ ଯେଉଁ ଟେକ୍‌ନୋଲଜୀୟ ପ୍ରଗତି ସାଧିତ ହେଲା, ସେଗୁଡ଼ିକର ମଧ୍ୟ ଏହି ମୂଳଦୁଆ ପକାଇବାରେ ଅବଦାନ ରହିଛି ।

ପ୍ରକୃତ ଅଟୋମେଶନ ବ୍ୟବସ୍ଥା ସୃଷ୍ଟି କରିବା ସମ୍ଭବ ହେଲା କିନ୍ତୁ ଯେତେବେଳେ ଫିଡ୍‌ବ୍ୟାକ୍ ବା ପୁନର୍ଭରଣ ଭଳି କାର୍ଯ୍ୟ ପ୍ରଣାଳୀ ବିଜ୍ଞାନୀ ଓ ଟେକ୍‌ନୋଲଜିବିତ୍‌ମାନେ ସୃଷ୍ଟି କରିଦେଇ ପାରିଲେ । ଏହା ଫଳରେ ଯେ କୌଣସି ଯନ୍ତ୍ର ମଣିଷର ସାହାଯ୍ୟ ନ ନେଇ ନିଜକୁ ନିଜେ ଅଧିକାଂଶ ଦୃଷ୍ଟିରୁ ଚଳାଇ ପାରିଲା ଓ ଆଗରୁ ସ୍ଥିରକରି ଦିଆଯାଇଥିବା ନିୟନ୍ତ୍ରଣ ପ୍ରୋଗ୍ରାମ ଅନୁସାରେ କାମ କରି ଚାଲିଲା ।

ଅଟୋମେଶନ କ୍ଷେତ୍ରରେ ଥିବା ଯେ କୌଣସି ମେସିନ ବା ଯନ୍ତ୍ର ପାଇଁ ଚାରୋଟି ବ୍ୟବସ୍ଥାର ଏକାନ୍ତ ଆବଶ୍ୟକତା ରହିଛି । ସେଗୁଡ଼ିକ ହେଲା ଉର୍ଜା ବା ଶକ୍ତି ଉତ୍ସ, ସୁଗ୍ରାହୀ ବା ସଂବେଦନ କ୍ଷମତା, ନିର୍ଣ୍ଣୟ କ୍ଷମତା ଓ ନିୟନ୍ତ୍ରଣ କ୍ଷମତା । ଏହି ଚାରୋଟିଯାକ କାରଣ ମିଶିଲେ ଯାଇ ଗୋଟିଏ ଯନ୍ତ୍ର ସ୍ୱୟଂଚଳନକ୍ଷମ ହୋଇପାରିବ । ବ୍ୟାଟେରୀ କିମ୍ବା ବିଦ୍ୟୁତ୍ ଶକ୍ତି ଦ୍ୱାରା ଉର୍ଜା ଦୃଷ୍ଟିରୁ ଯନ୍ତ୍ରଟି ଧାର୍ଯ୍ୟ ଲକ୍ଷ୍ୟ ପୂରଣ ଦିଗରେ କାମ କରିପାରେ । ସଂବେଦନ କ୍ଷମତା ଦ୍ୱାରା ବୈଦ୍ୟୁତିକ ଅବସ୍ଥା, ରଙ୍ଗ, ଓଜନ, ଉତ୍ତାପ, ଚାପ ଓ ଆହୁରି ଅନେକ ବିଷୟରେ ଯନ୍ତ୍ରଟି ଜାଣିପାରିଥାଏ । ଯେ କୌଣସି ବିଦ୍ୟୁତ୍ ମିଟର ବା ଫଟୋଇଲେକ୍‌ଟ୍ରିକ କୋଷ ହେଲେ ଅତି ସାଧାରଣ ସଂବେଦକ ବା ସୁଗ୍ରାହୀ ଯନ୍ତ୍ର । ନିର୍ଣ୍ଣୟ କ୍ଷମତାର ଉପଯୋଗ କରି ଯନ୍ତ୍ର ଜାଣିପାରେ ତାକୁ ଦିଆ ଯାଇଥିବା ନିର୍ଦ୍ଦେଶ ଠିକ୍ ଭାବେ ତାଦ୍ୱାରା ପାଳିତ ହେଉଛି କି ନାହିଁ; ଏହା କରିପାରିବା ସମ୍ଭବ ହୁଏ ସେଥିରେ ଲାଗିଥିବା କଂପିଉଟର ଯୋଗୁଁ । ଯଦି କୌଣସି କ୍ଷେତ୍ରରେ ଅସୁବିଧା ଦେଖାଦେଲା ତେବେ ତାକୁ ସଜାଡ଼ି ଦେବା ପାଇଁ ବା ଅତି ଆବଶ୍ୟକ ସ୍ଥଳେ ମେସିନକୁ ବନ୍ଦ କରିଦେବା ପାଇଁ ନିୟନ୍ତ୍ରଣ ପାନେଲକୁ ନିର୍ଣ୍ଣୟ କ୍ଷମତା ନିର୍ଦ୍ଦେଶ ଦେଇଥାଏ । ପରିଶେଷରେ ନାନା

ପ୍ରକାରର ସ୍ୱିଚ୍ ଓ ଭଲ୍‌ଭ ହେଲେ ନିୟନ୍ତ୍ରଣ କ୍ଷମତାର ମୁଖ୍ୟ ଅଂଶ । ଗ୍ଭଲୁଥିବା ଅବସ୍ଥାରେ ଏହି କ୍ଷମତା ଗୁଡ଼ିକର ଉପଯୋଗ କରି ମେସିନଟି ବହୁ ଅଧିକ କ୍ଷେତ୍ରରେ ଉପୁଜୁଥିବା ସମସ୍ୟାର ସମାଧାନ ମଧ୍ୟ କରି ଦେଇପାରିଥାଏ ।

ଭିଡିଓ କାସେଟ ରେକର୍ଡର, ମାଇକ୍ରୋୱେଭ ଚୁଲା ଓ ପ୍ରୋଗ୍ରାମ କରାଯାଇ ପାରୁଥିବା ଲୁଗାସଫା ଯନ୍ତ୍ର ଭଳି ଘରୋଇ ଉପକରଣ ଠାରୁ ଆରମ୍ଭ କାର୍ଯ୍ୟରେ ଅଟୋମେଶନର ଉପଯୋଗ ଏକବିଂଶ ଶତାବ୍ଦୀର ଆରମ୍ଭ ବେଳକୁ ପୃଥିବୀସାରା ଅସଂଖ୍ୟ ମୂଲ୍ୟବାନ ଜୀବନ ବଞ୍ଚାଇ ଦେଇ ପାରୁଛି ଓ ସଂପତ୍ତିର ସୁରକ୍ଷା କରୁଛି ।

ଭାରତ ଭଳି ଅନେକ ଦେଶରେ ଅଟୋମେଶନ ବେକାରୀ ସୃଷ୍ଟି କରିପାରେ ବୋଲି ପ୍ରଥମ ଅବସ୍ଥାରେ ଯେଉଁ ଧାରଣା ଥିଲା କ୍ରମେ ତାହା ଦୂର ହୋଇଯିବାକୁ ଲାଗିଲାଣି । ଶାରୀରିକ ଶ୍ରମ କରିବା ନିମନ୍ତେ ଏହା ଲୋକଶକ୍ତିର ଆବଶ୍ୟକତାକୁ କମାଇ



ଅଟୋମେଶନ ଫଳରେ କାର୍ ତଆରି କରିବା ନିମନ୍ତେ ଆସେମ୍ବ୍ଲିଲାଇନରେ ଆଉ ଜଣେ ମଧ୍ୟ ଶ୍ରମିକଙ୍କର ଆବଶ୍ୟକତା ପଡୁନାହିଁ ।

କରି ସଂଗ୍ଭର ବ୍ୟବସ୍ଥା, ମହାକାଶ ଅଭିଯାନ, ଅତଳ ଅଭିଯାନ, ବୈଜ୍ଞାନିକ ଗବେଷଣା ତଥା ଅନ୍ୟ ସବୁ ପ୍ରକାରର ଉଦ୍ୟୋଗ ତଥା ଶିଳ୍ପରେ ଅଟୋମେଶନର ପ୍ରୟୋଗ କରାଗଲାଣି । କଂପିଉଟର ସାହାଯ୍ୟରେ ଡିଜାଇନ କରିବା ଓ ପରିଶେଷରେ ସେହି ଡିଜାଇନକୁ କଂପିଉଟର ନିୟନ୍ତ୍ରିତ ଯନ୍ତ୍ର ଦ୍ୱାରା ତିଆରି କରିଦେବା ଭଳି କଥା ସମ୍ଭବ ହୋଇଗଲାରୁ ଅଟୋମେଶନ ପ୍ରକ୍ରିୟାରେ ମଧ୍ୟ ଆଜି ବିପ୍ଳବ ଦେଖାଦେଲାଣି ।

କଳ କାରଖାନା ମାନଙ୍କରେ ଅଟୋମେଶନର ଉପଯୋଗ ଯୋଗୁଁ ଅନ୍ୟ କେତେକ କ୍ଷେତ୍ରରେ ମଧ୍ୟ ଲାଭ ହୋଇଯାଇ ପାରିଛି ବୋଲି କୁହାଯାଇପାରେ । ଏହାଦ୍ୱାରା ଉତ୍ପାଦନ କ୍ଷମତାରେ ବୃଦ୍ଧି ଘଟିବା ସଙ୍ଗେ ସଙ୍ଗେ ଏହା ଶ୍ରମିକ ମାନଙ୍କର ନିରାପତ୍ତା ମଧ୍ୟ ବଢାଇ ଦେଇପାରିଛି । ତେଣୁ, ବିଘଟନାଭିକ ଓ ବିଷାକ୍ତ ରାସାୟନିକ ପଦାର୍ଥ ସବୁକୁ କାରବାର କରିବା ନିମନ୍ତେ ଆଉ କୌଣସି କ୍ଷେତ୍ରରେ ମଣିଷ-ଶ୍ରମର ଆବଶ୍ୟକତା ଦେଖାଦେଉନାହିଁ । ଖଣି-ଖାଦାନ ଓ ରିଲିଫ ତଥା ଉଦ୍ଧାର ଦେଉଥିଲେ ମଧ୍ୟ ଏଥି ସହିତ ଯୋଡ଼ା ଯାଇଥିବା ଅନ୍ୟାନ୍ୟ ମାନସିକ ଧରଣର କାର୍ଯ୍ୟପାଇଁ ବହୁସଂଖ୍ୟକ ଲୋକ ଲୋଡ଼ା ହେଉଛନ୍ତି । ଉଦାହରଣସ୍ୱରୂପ କଂପିଉଟର ପ୍ରୋଗ୍ରାମରଙ୍କ କଥାର ଉଲ୍ଲେଖ ଏଠି କରାଯାଇପାରେ । ଏକଥା ସତ ଯେ ପ୍ରତ୍ୟକ୍ଷ ନ ହେଲେ ମଧ୍ୟ ପରୋକ୍ଷ ଭାବେ ସାମାଜିକ ପରିବର୍ତ୍ତନ ଆଣିଦେବା ଭଳି ଅବସ୍ଥା ଅଟୋମେଶନ ଦ୍ୱାରା ଆସିଯାଉଛି । ଏହାର ପ୍ରୟୋଗ ଫଳରେ ଯେଉଁସବୁ ବିଶାଳ ତଥା ଅତି ଜଟିଳ ଉଦ୍ୟୋଗର ସୃଷ୍ଟି ହୋଇଯାଉଛି ସେସବୁକୁ ଚଳାଇବା ନିମନ୍ତେ ସ୍ୱତନ୍ତ୍ର ଧରଣର ପରିଗ୍ଭଳନାଗତ ପଦ୍ଧାର ଆବଶ୍ୟକତା ଦେଖାଦେଇ ସେଥିନିମନ୍ତେ ନୂଆପିଢୀର ମାନେଜର ଆଜି ତିଆରି ହୋଇଯାଉଛନ୍ତି ।

***ସମ୍ବନ୍ଧୀୟ ବିଷୟ***

*ଟେକ୍‌ନୋଲଜି, ସମାଜ, ଆଇନ, ବିଜ୍ଞାନ, ମାନବ ସଭ୍ୟତା, ଶିଳ୍ପ ବିପ୍ଳବ, କଂପିଉଟର, ଔଦ୍ୟୋଗିକ ବ୍ୟବସ୍ଥା, କାଢ଼-କାମ, ମାନେଜ୍‌ମେଣ୍ଟ, ଶ୍ରମ, ମାନବୀୟ ଉତ୍କର୍ଷତା ଓ ଆହୁରି ଅନେକ ବିଷୟ*

▷▷

## ଅଟୋମୋବାଇଲ

'ଅଟୋମୋବାଇଲ' ଶବ୍ଦକୁ ମଟରକାର ବା ଅନ୍ୟାନ୍ୟ ମଟରଯାନ ଅର୍ଥରେ ବ୍ୟବହାର କରାଯାଏ । ଗ୍ରୀକ୍‌ର 'ଅଟୋ' (ସ୍ୱୟଂ) ଓ ଲାଟିନ ଭାଷାର 'ମୋବିଲସ' (ଚଳିବା ବା ଘୁଞ୍ଚିବା) ନାମକ ଦୁଇଟି ଶବ୍ଦକୁ ମିଳାଇ ଏହାକୁ ସୃଷ୍ଟି କରାଯାଇଛି ।

ପଞ୍ଚଦଶ ଶତାବ୍ଦୀର ମଧ୍ୟଭାଗ ବେଳକୁ ଗୋଟାଏ ନିଜେ ଗ୍ଭଲୁଥିବା ବା ସ୍ୱୟଂଗ୍ଭଳିତ ଯାନ ତିଆରି କରିବା ପରୀକ୍ଷାମୂଳକ ଭାବେ ସଫଳ ହୋଇଗଲାଣି । ସ୍ପ୍ରିଙ୍ଗ୍, ସମୟ ବା ଘଡ଼ିଯନ୍ତ୍ର ତଥା ପବନକୁ ବ୍ୟବହାର କରି ସେ ସମୟରେ ଏଭଳି କରାଯାଇପାରିଥାଏ । କିନ୍ତୁ ୧୭୬୯ ମସିହାରେ ଯାଇ ଜଣେ ଫରାସୀ ନାଗରିକ ପ୍ରକୃତ ଅର୍ଥରେ ଗୋଟିଏ ଅଟୋମୋବାଇଲ ଯାନ ତିଆରି କରିବାକୁ ସମର୍ଥ ହେଲେ । ଏହି ଯାନଟି ଘଣ୍ଟାକୁ ପ୍ରାୟ ସାଢ଼େ ତିନି କିଲୋମିଟର ବେଗରେ ଗ୍ଭରିଜଣ ଲୋକଙ୍କୁ ବସାଇ ଏକାଥରକେ ୨୦ ମିନିଟ ପର୍ଯ୍ୟନ୍ତ ଗ୍ଭଲି ପାରୁଥିଲା । ଏଥିରେ ଗୋଟିଏ ବାଷ୍ପଗ୍ଭଳିତ 'ଇଞ୍ଜିନ' ଲାଗିଥିଲା । ପରେ ୧୮୭୬ ମସିହାରେ କିନ୍ତୁ ଜଣେ ଜର୍ମାନ ଇଞ୍ଜିନିଅର ଗ୍ଭରିଷ୍ଟ୍ରୋକ ବିଶିଷ୍ଟ ଅନ୍ତର୍ଦାହୀ ଇଞ୍ଜିନ ଆବିଷ୍କାର କରିଦେବାରୁ, ବିଂଶ ଶତାବ୍ଦୀର ଆରମ୍ଭରୁ ଆଜି ପର୍ଯ୍ୟନ୍ତ ତାହା ପ୍ରଧାନ ଅଟୋମୋବାଇଲ ଇଞ୍ଜିନର ସ୍ଥାନ ଗ୍ରହଣ କରିଯାଇଛି ।

ଊନବିଂଶ ଶତାବ୍ଦୀର ଅଶୀଦଶକ ବେଳକୁ ଇଉରୋପ ଓ ଯୁକ୍ତରାଷ୍ଟ୍ର ଆମେରିକାରେ ବହୁ କଂପାନୀ ବା ନିର୍ମାତା ଅଟୋମୋବାଇଲ ତିଆରି କରିବା ଆରମ୍ଭ କରିଦେଲେଣି । ୧୯୦୮ ମସିହାରେ କିନ୍ତୁ ହେନ୍‌ରୀ ଫୋର୍ଡ ନାମକ ଜଣେ ଆମେରିକୀୟ ଏହି ଶିଳ୍ପ କ୍ଷେତ୍ରରେ ଗୋଟିଏ ବିପ୍ଳବାତ୍ମକ ପରିବର୍ତ୍ତନ ଆଣିଦେବାରେ ସମର୍ଥ ହେଲେ । ଆସେମ୍ବ୍ଲିଲାଇନ ନିର୍ମାଣ ପ୍ରଣାଳୀରେ ସେ ଯେଉଁ 'ଶସ୍ତା' ଟି-ମଡେଲ ଫୋର୍ଡ କାର ତିଆରି କଲେ ତାହା ଗ୍ରାହକମାନଙ୍କୁ ଖୁବ୍ ପ୍ରଭାବିତ କରିପାରିଲା ଓ ଅଟୋମୋବାଇଲ ଯେ କେବଳ ଧନାଢ୍ୟ ବ୍ୟକ୍ତିମାନଙ୍କର ଗୋଟାଏ ସଉକ, ସେକଥାକୁ ଅପ୍ରମାଣ କରିଦେଲା । ଫଳରେ ବହୁସଂଖ୍ୟକ ଟି-ମଡେଲ ଫୋର୍ଡ କାର ପୃଥିବୀବ୍ୟାପୀ ବିକ୍ରୀ ହେବାକୁ ଲାଗିଲା ।

ପରେ ଟେକ୍‌ନୋଲଜିର ବିକାଶ ସଙ୍ଗେ ସଙ୍ଗେ ଅଟୋମୋବାଇଲ ଉଦ୍ୟୋଗ କ୍ଷେତ୍ରରେ କ୍ରମାଗତ ବିକାଶ ସାଧନ ହେବାରେ ଲାଗିଛି । ଗୋଟାଏ ସାଧାରଣ ଅଟୋମୋବାଇଲରେ ସ୍ଥଳବିଶେଷରେ ହାରାହାରି ୧୪,୦୦୦ ରୁ ୨୦,୦୦୦ ପର୍ଯ୍ୟନ୍ତ ଯନ୍ତ୍ରାଂଶ ରହିଥାଏ । ଆଜିର ଅଧିକାଂଶ ଏହି





ଜର୍ମାନ ଇଞ୍ଜିନିଅର କାର୍ଲବେଞ୍ଜଙ୍କ ଦ୍ୱାରା ନିର୍ମିତ ପ୍ରଥମ ବାସ୍ତବ ଅଟୋମୋବାଇଲ । ପୂର୍ବରୁ ତିଆରି କରିଥିବା ଇଞ୍ଜିନକୁ ଲଗାଇ ସେ ଏହାକୁ ଘଣ୍ଟାକୁ ୧୫ କିଲୋମିଟର ଗତିରେ ଚଳାଇ ପାରିଥିଲେ । ପ୍ରଥମ ତିଆରି ହେବା ଦିନଠାରୁ କାରର ଡିଜାଇନ୍ କରିବାଟାକୁ କେବଳ ଇଞ୍ଜିନିଅରିଙ୍ଗ୍ ବିଦ୍ୟାର ଗୋଟାଏ ଦିଗ ଭାବରେ ନ ନେଇ ସେଥିରେ ଯୁଗୋପଯୋଗୀ କଳାତ୍ମକ ଉତ୍କର୍ଷତା ଦେଖାଇବା ପାଇଁ ମଧ୍ୟ ଉଦ୍ୟମ ହୋଇଛି । ବିଂଶ ଶତାବ୍ଦୀର ଶେଷ ଦଶକର 'ଲାମ୍ବୋରିନୀ ଡାଏବ୍ଲୋ' ଭଳି କାରସବୁ ହେଲେ ଏହାର ଉଦାହରଣ (ତଳ) ।

ଧରଣର ଉନ୍ନତ ଯାନରେ କଂପିଉଟର ଚିପ୍ ସବୁ ଲଗେଇ ଦିଆଯାଉଛି । ଫଳରେ ବହୁ ଜଟିଳ ଯାନ୍ତ୍ରିକ ତଥା ବୈଦ୍ୟୁତିକ କ୍ରିୟାକୁ ଖୁବ୍ ଭଲ ଭାବରେ ଚାଳକ ଉପଯୋଗ କରିପାରୁଛନ୍ତି । ଯାନର ନିରାପତ୍ତା ଗୁଣ ମଧ୍ୟ ଏହାଦ୍ୱାରା ବୃଦ୍ଧି ପାଉଛି ।

ଭାରତରେ ପ୍ରଥମେ ଜେନେରାଲ ମୋଟର୍ସ ୧୯୨୮ ମସିହାରେ ବମ୍ବେ ଠାରେ ଗୋଟିଏ କାର ଓ ଟ୍ରକ୍ କାରଖାନା ବସାଇଲା । ସେତେବେଳେ ବିଦେଶରୁ ସମସ୍ତ ଯନ୍ତ୍ରାଂଶ ଆସି ଏଠି କେବଳ ଖଞ୍ଜା ଯାଉଥିଲା । ପରେ ହିନ୍ଦୁସ୍ତାନ ମୋଟର୍ସ ଓ ପ୍ରିମିଅର ଅଟୋମୋବାଇଲ ନାମକ ଦୁଇଟି କଂପାନୀ ପ୍ରତିଷ୍ଠା ହେଲା ଓ ପ୍ରଥମ ଭାରତୀୟ କାର ହିନ୍ଦୁସ୍ତାନ-୧୦ ୧୯୪୮ ମସିହାରେ ରାସ୍ତାକୁ ଆସିଗଲା । ୧୯୯୭ ମସିହା ବେଳକୁ ବହୁ ବିଦେଶୀ ନିର୍ମାତା ଆସି ଭାରତରେ ଅଟୋମୋବାଇଲ ତିଆରି କରିବା ଆରମ୍ଭ କରିଦେଲେଣି ।

***ସମ୍ବନ୍ଧୀୟ ବିଷୟ***

*ମଟରକାର, ପରିବହନ, ଟେକ୍ନୋଲଜି, ଆନ୍ତର୍ଜାତୀୟ ବାଣିଜ୍ୟ, ଇନ୍ଧନ, ପେଟ୍ରୋଲ, ଡିଜେଲ, ଅନ୍ତର୍ଦହନ ଇଞ୍ଜିନ, ଧାତୁ, ଇଞ୍ଜିନିଅରିଙ୍ଗ୍, ବିଳାସ, କ୍ରୀଡ଼ା, ମଟର ସାଇକେଲ, ସମାଜ, କଂପିଉଟର, ଔଦ୍ୟୋଗିକ ବ୍ୟବସ୍ଥା, ବିକାଶ, ରାସ୍ତା, ପର୍ଯ୍ୟଟନ, ଅର୍ଥନୀତି, ବାଣିଜ୍ୟ, ଅଟୋମେଶନ*

▷▷

## ଅତ୍ରି

ଖୋର୍ଦ୍ଧା ଜିଲାରେ ଥିବା ଅତ୍ରି ଉଷ୍ଣ-ପ୍ରସ୍ରବଣ ଗୋଟିଏ ଦର୍ଶନୀୟ ସ୍ଥାନ । ଏଠାରୁ ଯେଉଁ ଗନ୍ଧକ ଜଳ ବାହାରେ ତାହା ରୋଗ ଭଲ କରେ ବୋଲି ଲୋକଙ୍କର ବିଶ୍ୱାସ ।

***ସମ୍ବନ୍ଧୀୟ ବିଷୟ***

*ଉଷ୍ଣପ୍ରସ୍ରବଣ, ଓଡ଼ିଶା, ଭୂବିଜ୍ଞାନ*

▷▷

## ଅଠା

ଅନେକ ସମୟରେ ଦୁଇଟା ଜିନିଷକୁ ଯୋଡ଼ିଦେବା ଆବଶ୍ୟକ ହୋଇଥାଏ । ସେତିକି ବେଳକୁ 'ଅଠା' ଦରକାର ପଡ଼େ । କଞ୍ଚା କେନ୍ଦୁରୁ ଯେଉଁ ଅଠାଳିଆ ଅଂଶ ବାହାରେ ସେଥିରେ ପିଲାମାନେ ଦୁଇଖଣ୍ଡ କାଗଜକୁ ଯୋଡ଼ି ଦିଅନ୍ତି । ନାନା ଜାତିର ଗଛର ରସ ଏହିଭଳି କାମଦିଏ । ଏମିତିକା ଟାଣ ଅଠା ଅଛି ଯେ ଥରେ ଯୋଡ଼ିଦେଲେ ଯୋଡ଼ା ହୋଇଥିବା ପଦାର୍ଥ ଆଦୌ ଖସିବ ନାହିଁ । ଖାଲି କାଗଜ କାହିଁକି, କାଠଭଳି ଟାଣ ଜିନିଷକୁ ମଧ୍ୟ ଅଠାରେ ଯୋଡ଼ି ଦିଆଯାଏ । କ୍ରମେ ଗଛଲତା ରସକୁ ବାଦ୍‌ଦେଇ ଅନ୍ୟ ରାସାୟନିକ ପଦାର୍ଥରୁ ଅଠା ତିଆରି କରାଗଲାଣି । ଡାକଟିକଟ ପଛରେ ଅତି ପତଳା ଅଠା ଲଗାଯାଇଥାଏ । ତା ଦେହରେ ପାଣି ଲଗାଇ ଦେଲେ ତାହା କାଗଜରେ ଲାଗିଯାଏ । ଅଠାଟା ଏଭଳି ଗୋଟିଏ ପଦାର୍ଥ ଯେ ଏହାର ସ୍ଫଟୀକକରଣ ସମ୍ଭବ ନୁହେଁ । କେତେକ ଅଠା ପାଣିରେ ମିଳାଇ ଯାଉଥିବା ବେଳେ ଆଉ କେତେକ ସେଭଳି ହୁଅନ୍ତି ନାହିଁ । ଟେକ୍ନୋଲଜିର ବିକାଶ ଫଳରେ କୃତ୍ରିମ ଉପାୟରେ ଅତି ଉନ୍ନତ ଧରଣର ଅଠା ତିଆରି କରାଯାଇ ପାରୁଛି । ଦେହ ଟିକେ ଖଣ୍ଡିଆ ହୋଇଗଲେ ସେଠି ଔଷଧ ଲଗାଇଦେଲେ ତା'ଉପରେ ଖଣ୍ଡେ କପଡ଼ା ଭଳି ପଦାର୍ଥ ଲଗାଇ ଦିଆଯାଏ । ତା' ଦେହରେ ସ୍ୱତନ୍ତ୍ର ଧରଣର ଅଠା ଥାଏ । ତେଣୁ ଘା'ଟା ସେପ୍‌ଟିକ୍ ବା ବିଷିରିପି ଯାଏ ନାହିଁ । ଭାଷାରେ ମଧ୍ୟ ଏହାର ବ୍ୟବହାର ରହିଛି । କଥାରେ କହନ୍ତି—ସେ ଜାଣିଶୁଣି ତା ଦେହରେ *ଅଠା* ଲଗାଇଛି—ଛଡ଼ାଇବ କେମିତି ।

***ସମ୍ବନ୍ଧୀୟ ବିଷୟ***

*ମୁଦ୍ରଣ, ଔଦ୍ୟୋଗିକ ଉପାଦାନ, ରସାୟନବିଜ୍ଞାନ*

▷▷

## ଅଡିଟ୍

ଯେ କୌଣସି ସରକାରୀ ବେସରକାରୀ ବିଭାଗ, ଅନୁଷ୍ଠାନ ବା ଉଦ୍ୟୋଗର ହିସାବପତ୍ର ତଥା ଅନ୍ୟାନ୍ୟ ରେକର୍ଡକୁ ଯାଞ୍ଚ କରିବାର ବ୍ୟବସ୍ଥା । ଏଭଳି କରିବା ନିମନ୍ତେ ସେହିସବୁ ହିସାବର ବା ରେକର୍ଡର ପ୍ରସ୍ତୁତକାରୀ ମାନଙ୍କୁ ସାମିଲ କରା ନଯାଇ ଅନ୍ୟ ହିସାବ ବିଶେଷଜ୍ଞ ଓ ସ୍ୱତନ୍ତ୍ର ଅଡିଟ କର୍ମଚାରୀ ମାନଙ୍କୁ ନିୟୋଜିତ କରାହୁଏ । ଅଡିଟ ବା ହିସାବ ସମୀକ୍ଷା କରିବା ପାଇଁ ସ୍ୱାଧୀନ ଏକାଉଣ୍ଟାଣ୍ଟ ମାନେ ମଧ୍ୟ ଅଛନ୍ତି ଓ ସେଥିପାଇଁ ସେମାନଙ୍କୁ ଆଇନଗତ ସ୍ୱୀକୃତି ମିଳିଥାଏ । ଅଡିଟ୍‌ର ଗୁରୁତ୍ୱ ଖୁବ୍ ବେଶୀ ହୋଇଥିବାରୁ ଅଧିକାଂଶ ଉନ୍ନତ ଦେଶରେ ଏଥି ନିମନ୍ତେ ସାମ୍ବିଧାନିକ ବ୍ୟବସ୍ଥା କରାଯାଇଛି । ଭାରତରେ 'କଂପ୍ଟ୍ରୋଲର ଓ ଅଡିଟର ଜେନେରାଲ' ପଦବୀଟିର ସୃଷ୍ଟି ଏଭଳି ସାମ୍ବିଧାନିକ ଆବଶ୍ୟକତାରୁ ଜନ୍ମ ନେଇଛି । ସେ ହେଉଛନ୍ତି ଭାରତ ସରକାରଙ୍କର ମୁଖ୍ୟ ହିସାବ ସମୀକ୍ଷକ ।

***ସମ୍ବନ୍ଧୀୟ ବିଷୟ***

*ହିସାବ, ବଜେଟ, ଶାସନ-ବ୍ୟବସ୍ଥା, ଆର୍ଥିକ ଶୃଙ୍ଖଳା, ଚାର୍ଟାର୍ଡ ଏକାଉଣ୍ଟାଣ୍ଟ*

▷▷

## ଅଡୁବନ, ଜନ୍ ଜେମ୍ସ
(୧୭୮୫-୧୮୫୧)

ପ୍ରସିଦ୍ଧ ଅରିନ୍ଥୋଲଜିଷ୍ଟ ବା ପକ୍ଷୀ ବିଶେଷଜ୍ଞ । ପକ୍ଷୀଚିତ୍ର ଆଙ୍କିବାରେ ଦକ୍ଷତା ଯୋଗୁଁ ମଧ୍ୟ ସେ



ଜନ୍ ଜେମ୍ସ୍ ଅଡୁବନ

ଖ୍ୟାତିଲାଭ କରିଥିଲେ । ଯୁକ୍ତରାଷ୍ଟ୍ର ଆମେରିକାର ପ୍ରତ୍ୟେକ ଜାତିର ପକ୍ଷୀଙ୍କର ସଚିତ୍ର କାଟଲଗ୍ ବା ପଞ୍ଜିକା ପ୍ରସ୍ତୁତ କରିବାର ଲକ୍ଷ୍ୟ ନେଇ ସେ ଜୀବନର ବହୁବର୍ଷ କଟାଇ ଦେଇଥିଲେ । ୧୮୨୭ ରୁ ୧୮୩୮ ମସିହା ଭିତରେ ତାଙ୍କର ବିଶାଳ ଚିତ୍ର କୃତି "ଆମେରିକାର ପକ୍ଷୀ" ପ୍ରକାଶିତ ହୋଇଗଲା ପରେ ସାରା ପୃଥିବୀର ଦୃଷ୍ଟି ଅଡୁବନଙ୍କ ଉପରେ ଆସି ପଡ଼ିଲା । ପରେ ତାଙ୍କ ସମ୍ମାନରେ ୧୮୬୬ ମସିହାରେ ଯୁକ୍ତରାଷ୍ଟ୍ର ଆମେରିକାରେ 'ଜାତୀୟ ଅଡୁବନ ସୋସାଇଟୀ' ପ୍ରତିଷ୍ଠା କରାଗଲା ।

***ସମ୍ବନ୍ଧୀୟ ବିଷୟ***

*ଚିତ୍ରକଳା, ପକ୍ଷୀଜଗତ, ଆମେରିକା, ଅଡୁବନ ସୋସାଇଟୀ*

▷▷

## ଅଡ଼ୁ ଆଙ୍ଗୁଳି

ଏହାକୁ ନଖବ୍ରଣ ବୋଲି କୁହାଯାଏ । ସମୟେ ସମୟେ ଆଙ୍ଗୁଠିର ଅଗ୍ରଭାଗ ଫୁଲି ଭିତରେ ଭିତରେ ସେପ୍‌ଟିକ୍ ହୋଇଯାଏ । ସେତେବେଳେ କୁହନ୍ତି ଅଡ଼ୁଆଙ୍ଗୁଳି ହୋଇଛି । ନଖ ପ୍ରଥମେ ଫୁଲି ଦରଜ ହୁଏ । ଏତିକିବେଳେ ଯତ୍ନ ନେଲେ ଫୁଲା କମିଯାଏ । ଯଦି ତାହା ନହେଲା ଆଙ୍ଗୁଠି ହାଡ଼ର ଖୁବ୍ ନିକଟ ଅଂଶରେ ପୂଜ ହୁଏ । ଭୀଷଣ କଷ୍ଟ ହୁଏ । ଉପରକୁ ଆଙ୍ଗୁଠିର ଚମଡ଼ା ଫୁଲି ଉଠେ । ପୂଜ ମୁହାଁଇଥାଏ ଫୁଟି ଆସିବା ପାଇଁ । କିନ୍ତୁ ସେଠାରେ ଚମଡ଼ା ମୋଟା ହୋଇଥିବାରୁ ବାହାରି ପାରେନାହିଁ । ସେତେବେଳେ ତାକୁ କାଟି ପୂଜ ବାହାର କରିଦେଲେ ଭଲ । ହେଳା କଲେ ପୂଜ ଚମଡ଼ାକୁ ଖାଇ ପଦାକୁ ବାହାରିଲା ବେଳକୁ ଏଣେ ହାଡ଼କୁ ଖାଇଯାଇଥାଏ । ଛୋଟିଆ ଅପରେସନଟିଏ ହେଲେ ମଧ୍ୟ ଡାକ୍ତରଙ୍କୁ ଖୁବ୍ ଯତ୍ନର ସହିତ କାମ କରି ପୂଜ ଯେମିତି ଭଲ ଭାବରେ ବାହାରି ଆସିବ ତାହାର ବ୍ୟବସ୍ଥା କରିବାକୁ ପଡ଼େ । ଏମିତି ଦେଖାଯାଇଛି ଯେ ହେଳା କରୁ କରୁ ପୂଜ

ଆଙ୍ଗୁଠିର ଅନ୍ୟ ପବର ହାଡ଼କୁ ନଷ୍ଟ କରିବାକୁ ବସିଛି । ସେ କ୍ଷେତ୍ରରେ ଅଗ ପବଟିକୁ କାଟି ପକାଇ ଅଙ୍ଗୁଳିର ଅନ୍ୟ ଅଙ୍ଗକୁ ରକ୍ଷାକରି ନିଆଯାଏ । ଯେଉଁ ଯୁଗରେ ପେନ୍‌ସିଲିନ କିମ୍ବା ଅନ୍ୟ ପ୍ରକାରର ଜୀବାଣୁନାଶକ ବା ଆଣ୍ଟିବାୟୋଟିକ୍ ଔଷଧ ବାହାରି ନଥିଲା, ସେ ଯୁଗରେ ଅଢ଼ଆଙ୍ଗୁଳି ଗୋଟିଏ ବଡ଼ ବିପଦ ଥିଲା । ଏବେ ତାହା ଡାକ୍ତର ମାନଙ୍କର ଚିକିତ୍ସା ଅକ୍ତିଆରକୁ ଆସିଯାଇଛି ।

***ସମ୍ବନ୍ଧୀୟ ବିଷୟ***

*ଅଙ୍ଗୁଳି, ମାନବଶରୀର, ଚିକିତ୍ସାବିଜ୍ଞାନ*

▷ ▷

## ଅଣୁ

ଯଥେଷ୍ଟ ଦୃଢ଼ତାର ସହିତ ଗୋଟିଏ ଏକକ ଭାବେ ରହିଥିବା ପରମାଣୁ ସମଷ୍ଟିକୁ ଅଣୁ ବୋଲି କୁହାଯାଏ । ନିଜର ସଂଯୋଜନ ଓ ରାସାୟନିକ ଗଠନକୁ ଅକ୍ଷୁଣ୍ଣ ରଖିବା ନିମନ୍ତେ ଗୋଟାଏ ବିଶୁଦ୍ଧ ପଦାର୍ଥ କେବଳ ତା'ର ଅଣୁ ବା ଆଣବିକ ସ୍ତର ପର୍ଯ୍ୟନ୍ତ ସକ୍ଷମ ହୋଇଥାଏ । ଏହାପରେ ପଦାର୍ଥକୁ ବିଭାଜିତ କରିଦେଲେ ଯେଉଁ ପରମାଣୁ ତଥା ଅନ୍ୟାନ୍ୟ କଣ ମିଳିବେ ସେଗୁଡ଼ିକ ସହିତ ମୂଳ ପଦାର୍ଥର ଗୁଣଧର୍ମର ସାଧାରଣତଃ ସାମଞ୍ଜସ୍ୟ ନ ଥାଏ । ଏ କ୍ଷେତ୍ରରେ ଯେଉଁ ରାସାୟନିକ ବନ୍ଧନ ଦ୍ୱାରା ପରମାଣୁ ସବୁ ଅଣୁ ଭିତରେ ରହିପାରିଛନ୍ତି, ସେହି ବନ୍ଧନ ଆଉ ରହେ ନାହିଁ ।

ନିର୍ଦ୍ଦିଷ୍ଟ ପରମାଣୁ ଭିତରେ ଥିବା ଧନାତ୍ମକ ଚାର୍ଜ ବା ଆବେଶଯୁକ୍ତ ନାଭି ଚାରିପଟେ ଋଣାତ୍ମକ ଚାର୍ଜଯୁକ୍ତ ଇଲେକ୍‌ଟ୍ରନ୍‌ର ଗୋଟାଏ ପ୍ରକାରର ମେଘ ଘୁରି ବୁଲୁଥାଏ । ଯେତେବେଳେ ପରମାଣୁ ସବୁ ପରସ୍ପରର ଅତି ନିକଟକୁ ଚାଲି ଆସନ୍ତି ଓ ସେମାନଙ୍କ ଦେହରେ ଥିବା ଇଲେକ୍‌ଟ୍ରନ୍ ମେଘର ନିଜ ନିଜ ଭିତରେ ତଥା ଅନ୍ୟ ପରମାଣୁ ନାଭି ସହିତ ଅନ୍ୟୋନ୍ୟକ୍ରିୟା ସଂଘଟିତ ହୁଏ, ସେତେବେଳେ ଅଣୁ ସୃଷ୍ଟି ହୋଇଥାଏ । ଗୋଟିଏ ମୌଳିକ ପଦାର୍ଥର ଅଣୁରେ କେବଳ ଏକା ରକମର ପରମାଣୁ ଥା'ନ୍ତି । କିନ୍ତୁ ଯୌଗିକ ପଦାର୍ଥର ଅଣୁରେ ଦୁଇ ବା ଅଧିକ ପ୍ରକାର ତଥା ପରିମାଣର ପରମାଣୁ ରହିଥାଏ । ପଦାର୍ଥ ଭିତରେ ପ୍ରକୃତି ଅତି ସରଳ ଠାରୁ ଆରମ୍ଭ କରି ଅତି ଜଟିଳ ପର୍ଯ୍ୟନ୍ତ ଭିନ୍ନ ଭିନ୍ନ ପ୍ରକାର ଅଣୁ-ସଜ୍ଜାର ବ୍ୟବସ୍ଥା କରିଛି ।

ଆଣବିକ ଗଠନ ଦିଗରୁ ଗୋଟିଏ ମାତ୍ର ପରମାଣୁକୁ ନେଇ ମଧ୍ୟ ଅଣୁ ସୃଷ୍ଟି ହୋଇପାରିବ । ହିଲିଅମ ବା ଅନ୍ୟାନ୍ୟ ନିଷ୍କ୍ରିୟ ଗ୍ୟାସ୍ ହେଲେ ଏହାର ଉଦାହରଣ । ଅଣୁର ଭାର ବା ଆଣବିକ ଓଜନ ରହିଛି । ଗୋଟିଏ ଗ୍ରାମ୍ ଓଜନର ଅଣୁରେ



ସରଳ ଅଣୁ ସବୁ ବହୁ ପ୍ରକାରର ସରଳ-ଗଠନାକୃତି ଗ୍ରହଣ କରିଯାଇଥା'ନ୍ତି । ଚିତ୍ରରେ ଗୋଟାଏ ଜାତିର ସିଲିଣ୍ଡରୀୟ ଅଣୁ ପରସ୍ପର ସହ ଯୋଡ଼ିହୋଇ ରହିଛନ୍ତି ।

କେତେ ସଂଖ୍ୟକ ଅଣୁ ରହିପାରିବେ ତାହା ସବୁ ପଦାର୍ଥ କ୍ଷେତ୍ରରେ ସମାନ । ଏହାକୁ 'ଆଭୋଗାଡ୍ରୋଙ୍କ ସଂଖ୍ୟା' ବୋଲି କୁହାଯାଏ ଓ ତାହା ହେଲା— ପ୍ରତି ଗ୍ରାମ୍‌ରେ ଅଛି $୬.୦୨୩ \times ୧୦^{୨୩}$ଟି ଅଣୁ ।

***ସମ୍ବନ୍ଧୀୟ ବିଷୟ***

*ପରମାଣୁ, ପଦାର୍ଥ, ଆଣ୍ଟିମାଟର, ଅଣୁ-ପରମାଣୁ ଧାରଣା, ପଦାର୍ଥ ଅବସ୍ଥା ସ୍ତର, ବିଶ୍ୱ, ପୃଥିବୀ, ମୌଳିକ ଉପାଦାନ, ଯୌଗିକ ଉପାଦାନ, ରସାୟନବିଜ୍ଞାନ, କ୍ରାଇଷ୍ଟାଲ ଓ କ୍ରାଇଷ୍ଟାଲୀକରଣ, କାଚ, ଜୈବ ପଦାର୍ଥ, ମୌଳିକ କଣ, ଇଲେକ୍‌ଟ୍ରନ୍, ବିଶ୍ୱ*

▷ ▷

## ଅଣୁ-ପରମାଣୁ ଧାରଣା

"କେତେ ହଜାର ବର୍ଷ ହୋଇଗଲାଣି । ଭାରତର ଜଣେ ଋଷି ଗୋଟିଏ ବିଷୟରେ ବରାବର ଭାବୁଛନ୍ତି । ତାଙ୍କ ମନରେ ଯେଉଁ ପ୍ରଶ୍ନ ଉଠୁଛି, ସେ ନିଜେ ତା'ର ଉତ୍ତର ପାଉନାହାନ୍ତି । ସେହି ପ୍ରଶ୍ନର ଉତ୍ତର ଯଦି ସେ ନପାଉଛନ୍ତି ତେବେ ତାଙ୍କର ସବୁ ଜ୍ଞାନ ବୃଥା ହୋଇଗଲା ବୋଲି ଭାବୁଛନ୍ତି । ତାଙ୍କରି ନାମ କଣାଦ ।

"ଯେଉଁ ପ୍ରଶ୍ନଟି ତାଙ୍କ ମନରେ ଉଠିଛି ସେଇଟି ଅତି ସହଜ ପ୍ରଶ୍ନ ବୋଲି ହୁଏତ ଉପରକୁ ମନେହେବ । କିନ୍ତୁ ତାଙ୍କ ପାଇଁ ସେଇଟା ଖୁବ୍ ବଡ଼ । ସେ ନିଜର ଚାରିପଟେ ଆଖି ବୁଲାଉଛନ୍ତି । ଉପରକୁ ଆକାଶକୁ ଚାହୁଁଛନ୍ତି । ଦୂରରେ ବଡ଼ ବଡ଼ ପର୍ବତ । ସମୁଦ୍ର କିଭଳି ବ୍ୟାପୀ ରହିଛି ଜାଣୁଛନ୍ତି । ଶହ ଶହ ପ୍ରକାରର ଜୀବ ଜନ୍ତୁ ଗଛ ଲତା ଦେଖି ସେ ଆଶ୍ଚର୍ଯ୍ୟ ହୋଇଯାଉଛନ୍ତି । ଭାବୁଛନ୍ତି ଏ ସବୁକୁ କିଏ ତିଆରି କରିଛନ୍ତି । ଏତେ ପ୍ରକାରର ଯିଏ କରିଛନ୍ତି ସିଏ ନିଶ୍ଚୟ ପ୍ରଥମେ

ଡିମୋକ୍ରିଟସ୍ ପରମାଣୁଟିକୁ ଭିନ୍ନ ଭିନ୍ନ ମାତ୍ରା, ଆକୃତି ଓ ଓଜନ ବିଶିଷ୍ଟ ବୋଲି ଧରିନେଇଥିଲେ ।

ଅତି ଛୋଟ ଛୋଟ ପଦାର୍ଥ ଗୁଡ଼ିଏ ଗଢ଼ିଥିବେ । ସେହି ଗୁଡ଼ିକୁ ହଜାର ହଜାର ପ୍ରକାରେ ସଜାଇ, ଯୋଡ଼ି ଏ ସବୁକୁ ତିଆରି କରିଥିବେ । ମୋଟା ମୋଟା ପଦାର୍ଥରେ ଏତେ ପ୍ରକାରର ସଜାଇବା ହୋଇପାରନ୍ତା ନାହିଁ । ସୂକ୍ଷ୍ମରୁ ସୂକ୍ଷ୍ମ ଆହୁରି ସୂକ୍ଷ୍ମ ଯେଉଁ ମୂଳ ଉପାଦାନ ବା ବିଜ ସେ ପ୍ରଥମେ ତିଆରି କଲେ ତାକୁ ଆମେ ହୁଏତ ଆଖିରେ ଦେଖୁ ନାହୁଁ କି ସହଜରେ ଅନୁମାନ କରିପାରୁନାହୁଁ । କିନ୍ତୁ ତାହା ନିଶ୍ଚୟ ସତ ହୋଇଥିବ । ତେଣୁ ସେ ଯେଉଁ ଅତି ସୂକ୍ଷ୍ମ, ଅତି କ୍ଷୁଦ୍ର ପଦାର୍ଥ ତିଆରି କଲେ ତାକୁ 'ଅଣୁ' ବୋଲି କାହିଁକି ନ କୁହାଯିବ ? ସେହି ଅଣୁକୁ ଆମେ ଦେଖିପାରୁ ନାହୁଁ ସତ; କିନ୍ତୁ କୋଟି କୋଟି, ଅସଂଖ୍ୟ ଅଣୁକୁ ଯେତେବେଳେ ଆମେ ଏକାଠି ଦେଖୁଛୁ ସେତେବେଳେ କହୁଛୁ— ଏଇଟା ମାଟି, ଏଇଟା ପଥର, ଏହାରି ନାମ ପାଣି, ଏଇ ଯାହାକୁ ଦେଖୁଛ ତାହା ଗଛ, ଏଗୁଡ଼ିକ ଭିନ୍ନ ଭିନ୍ନ ଜୀବ ।"

ଏହି ବିଷୟରେ କଣାଦଙ୍କ ମନରେ ଆଉ କୌଣସି ସନ୍ଦେହ ରହିଲା ନାହିଁ । ସେ ଅନ୍ୟମାନଙ୍କୁ କହିଲେ । ଅନ୍ୟ ପଣ୍ଡିତମାନେ ମଧ୍ୟ ତାଙ୍କ କଥାକୁ ଟିକିଏ ଟିକିଏ ବିଶ୍ୱାସ କଲେ । ସେ ତ ଭାବିବାରେ ଲାଗିଛନ୍ତି । ଦିନେ ହଠାତ୍ ତାଙ୍କ ମୁଣ୍ଡରେ ଗୋଟାଏ କଥା ଖେଳିଲା । ସେ କହିଲେ—ଅଣୁଠାରୁ ସାନ ପଦାର୍ଥ ମଧ୍ୟ ଭଗବାନ ସୃଷ୍ଟି କରିଛନ୍ତି । ତାକୁ କୁହାଯାଇପାରେ 'ପରମ ଅଣୁ' । ଏଇଟା ନିଶ୍ଚୟ ଯେ, ଅଣୁ-ପରମାଣୁରେ ପୃଥିବୀ, ଆକାଶ, ପାହାଡ଼, ପର୍ବତ, ସମୁଦ୍ର, ଜୀବଜନ୍ତୁ, ମଣିଷ ସମସ୍ତେ ତିଆରି ହୋଇଛନ୍ତି ।

ତାହାପରେ ଚାଲିଗଲା କେତେ ହଜାର ବର୍ଷ । ପ୍ରାୟ ୨୪୦୦ ବର୍ଷ ପୂର୍ବେ ଖ୍ରୀଷ୍ଟପୂର୍ବ ୪୦୦ରେ ଗ୍ରୀସ୍ ଦେଶର ଜଣେ ଦାର୍ଶନିକ ଡିମୋକ୍ରିଟସ୍ କହିଲେ—ଯେତେ ପଦାର୍ଥ ଅଛି ସେଗୁଡ଼ିକ ଅତି କ୍ଷୁଦ୍ର କ୍ଷୁଦ୍ର କଣାରେ ତିଆରି କରାଯାଇଛି । ସେଗୁଡ଼ିକ ଏତେ ଛୋଟ ହୋଇଥିବେ ଯେ ଆମେ ଇଚ୍ଛା କଲେ ମଧ୍ୟ ତାକୁ ଆଉ ଦୁଇ

ଭାଗ କରିପାରିବା ନାହିଁ । ଏହାର ଏକମାତ୍ର କାରଣ ହେଲା ସେଗୁଡ଼ିକ ଅତି ସୂକ୍ଷ୍ମ ବା ଛୋଟ । ସେଗୁଡ଼ିକୁ ଆଟମ୍ ବୋଲି ନାମ ଦିଆଯାଇପାରେ । ଗ୍ରୀକ୍ ଭାଷାରେ 'ଆଟୋମସ୍' ବୋଲି ଯେଉଁ ଶବ୍ଦ ଅଛି ତାହାର ଅର୍ଥ 'ଏହାକୁ ଆଉ ଭାଗ କରି-ହେବ ନାହିଁ ।' ଖୁବ୍ ଛୋଟ ଛୋଟ ଦାନା ଏକାଠି ହୋଇଯିବାରୁ ଆମେ ଏ ବାଲିପଥର ଦେଖୁଛୁ । ଏମିତି ସହସ୍ର କୋଟି ଆଟମ୍ ଏକାଠି ହେବା ଫଳରେ ଯେକୌଣସି ପଦାର୍ଥ ତିଆରି ହୋଇଯାଉଛି ।

ପରେ ବିଜ୍ଞାନୀମାନେ ଏଥି ସହିତ ଏକମତ ହେଲେ । ସେଭଳି ହେବାକୁ ପ୍ରାୟ ଦୁଇ ହଜାର ବର୍ଷ ଲାଗିଗଲା । ଡାଲ୍‌ଟନ୍ ନାମକ ଜଣେ ଇଂରେଜ ବିଜ୍ଞାନୀ ଗଣିତ ବିଦ୍ୟାରେ ଧୂରନ୍ଧର ଥିଲେ । ଏହି ପରମାଣୁ ତତ୍ତ୍ୱ ବିଷୟରେ ସମସ୍ତଙ୍କ ହୃଦ୍‌ବୋଧ ହେଲାଭଳି ଭାଷାରେ ସେ ପ୍ରଥମ କରି କହିଲେ । ପରେ କୁହାଗଲା, ପରମାଣୁ ଗୁଡ଼ିକ ସୃଷ୍ଟି କରିଛନ୍ତି ଅଣୁ । ବିଜ୍ଞାନୀମାନଙ୍କୁ ଯଦି ପଚରାଯିବ ପରମାଣୁ କେତେ ଛୋଟ ହୋଇଥିବ ବୋଲି ଅନୁମାନ କରୁଛନ୍ତି, ସେମାନେ ଉତ୍ତର ଦେବେ—ଗୋଟିଏ ପିନ୍‌କଣ୍ଟାର ଯେଉଁ ଗୋଲାଳିଆ ଛୋଟ ମୁଣ୍ଡଟି ଅଛି ତାହା ଯେତିକି ସ୍ଥାନ ନେଇଛି, ସେତିକି ସ୍ଥାନରେ ରହିଯିବ ୩୦୦୦୦୦୦୦୦୦୦୦୦୦୦ ୦୦୦୦୦୦ଟି ପରମାଣୁ ।

ପ୍ରାୟ ଶହେ ବର୍ଷ ପୂର୍ବେ ଆଉ ଗୋଟାଏ ଚମକପ୍ରଦ ଖବର ପ୍ରକାଶ ପାଇଗଲା । ପରମାଣୁ ବୋଲି ଯେଉଁ ଅତି କ୍ଷୁଦ୍ର ଉପାଦାନ କଥା କଳ୍ପନା କରାଯାଉଛି, ତାହା ପୁଣି ତାହାଠାରୁ ଛୋଟ ଆଉ ତିନୋଟି ଉପାଦାନକୁ ନେଇ ତିଆରି ହୋଇଛି । ସେଥିରୁ ଗୋଟିକର ନାମ ଇଲେକ୍‌ଟ୍ରନ୍ । ଅନ୍ୟ ଦୁଇଟିର ନାମ ପ୍ରୋଟନ୍ ଓ ନିଉଟ୍ରନ୍ । ମଝିରେ ଯଦି କେତୋଟି ପ୍ରୋଟନ୍ ରହିଲା ଓ ତାହା ସାଙ୍ଗରେ କେତୋଟି ନିଉଟ୍ରନ୍ ବାନ୍ଧି ହୋଇଗଲା, ତାକୁହିଁ କୁହାଗଲା ନାଭି ବା ନିଉକ୍ଲିଅସ । ସେହି ନିଉକ୍ଲିଅସ ଚାରିପଟେ କେତୋଟି ଇଲେକ୍‌ଟ୍ରନ୍ ବୁଲୁଛନ୍ତି । ଏ ସମୁଦାୟଟି ଗୋଟିଏ ଆଟମ୍ ବା ପରମାଣୁ । ଭିନ୍ନ ଭିନ୍ନ ପ୍ରକାରର ପରମାଣୁ ଏକାଠି ମିଶି ଗୋଟିଏ ଗୋଟିଏ ଅଣୁ ତିଆରି କରିଛନ୍ତି ଓ ଅସଂଖ୍ୟ ଅଣୁକୁ ନେଇ ଗୋଟିଏ ଗୋଟିଏ ମୂଳ ବା ମୌଳିକ ଉପାଦାନ ତିଆରି କରାଯାଇଛି । ବିଜ୍ଞାନୀମାନେ ଯେତେବେଳେ ଅଣୁ, ପରମାଣୁ, ଇଲେକ୍‌ଟ୍ରନ୍, ପ୍ରୋଟନ୍, ନିଉଟ୍ରନ୍ କଥା ଜାଣିଗଲେ




ଇଲେକ୍‌ଟ୍ରନ୍, ପ୍ରୋଟନ୍ ଓ ନିଉଟ୍ରନ୍‌କୁ ନେଇ ପରମାଣୁର ସୃଷ୍ଟି ଓ ପରମାଣୁ ସବୁର ସମଷ୍ଟି ହେଲା ଅଣୁ । ଏହି ତିନୋଟି ମୌଳିକ କଣ ବ୍ୟତୀତ ଆହୁରି ଅନେକ ସୂକ୍ଷ୍ମ କଣ ମଧ୍ୟ ପରମାଣୁ ଦେହରେ ଥାଏ । ଚିତ୍ରରେ ଅମ୍ଳଜାନ ପରମାଣୁ ଓ ତା'ର ନାଭି ।

ସେତେବେଳେ ସବୁ ସୃଷ୍ଟିର ରହସ୍ୟ ଭେଦ କରି-ଗଲେ ବୋଲି କୁହାଗଲା । କିନ୍ତୁ ପରେ ଏମିତି ବହୁସଂଖ୍ୟକ ପଦାର୍ଥ ବା କଣର ସନ୍ଧାନ ମିଳିଛି ଯେଉଁଗୁଡ଼ିକ କି ଇଲେକ୍‌ଟ୍ରନ୍, ପ୍ରୋଟନ୍, ନିଉଟ୍ରନ୍ ଠାରୁ ଆହୁରି ସୂକ୍ଷ୍ମ, ଆହୁରି ଛୋଟ । ଏତେ ସୂକ୍ଷ୍ମ ବା କ୍ଷୁଦ୍ର ହେଲେ ମଧ୍ୟ ସାମଗ୍ରିକ ଭାବେ ପରମାଣୁ ଭିତରେ ଉର୍ଜା ବା ଶକ୍ତି ଭରି ରହିଛି ।

***ସମ୍ବନ୍ଧୀୟ ବିଷୟ***

*ପଦାର୍ଥବିଜ୍ଞାନ, ବିଶ୍ୱ, ଆଲୋକ, ଇଲେକ୍‌ଟ୍ରନ୍, ପ୍ରୋଟନ୍, ନିଉଟ୍ରନ୍, ପରମାଣୁ ବୋମା, କ୍ୱାଣ୍ଟମ ତତ୍ତ୍ୱ, ଆଇନଷ୍ଟାଇନ, ପଦାର୍ଥ, ପରମାଣୁ ରିଆକ୍ଟର, ବିଦ୍ୟୁତ୍, କଣାଦ, ବିଜ୍ଞାନର ଇତିହାସ, ଆଇସୋଟପ, ଅଣୁ, କ୍ୱାର୍କ*

▷▷

## ଅଣୁବୀକ୍ଷଣ

ଆମେତ ଆଖିରେ ଦେଖୁଛୁ । କିନ୍ତୁ ସେହି ଆଖିରେ ଦେଖିବାର ପୁଣି ଗୋଟାଏ ସୀମା ଅଛି । ବହୁ ଦୂରରେ ଥିବା ଗୋଟାଏ ପଦାର୍ଥକୁ ଆଖି ଭଲ ଭାବରେ ଦେଖିପାରେ ନାହିଁ । ଦୂରରେ ପାହାଡ଼ ଅଛି । ଆମକୁ ଦିଶୁଛି ସେଇଟି ଗୋଟିଏ ବିରାଟ ନେଳିଆ ବା ଶାଗୁଆ ପଥର ଗଦା । ତା' ଦେହରେ ଯେଉଁସବୁ ଗଛଲତା ଅଛନ୍ତି ସେଗୁଡ଼ିକ ଆମେ ଦେଖି ପାରୁନାହୁଁ । କିନ୍ତୁ ସେହି ଗଛଲତାହିଁ ତାକୁ ଏମିତି ରଙ୍ଗ ଦେଇଛନ୍ତି । ତାହାର ବିପରୀତଟା ହେଉଛି—ଅତି ଛୋଟ ଜିନିଷକୁ ମଧ୍ୟ ଆମେ ଦେଖିପାରୁ ନାହୁଁ । ପିଲାମାନେ ଛୋଟ ଛୋଟ ଅକ୍ଷରକୁ ମଧ୍ୟ ଦେଖି ପଢ଼ିଯାଉଛନ୍ତି । କିନ୍ତୁ ବୟସ୍କ ଲୋକେ ତାକୁ ସେମିତି ଭଲ ଭାବରେ ଦେଖି ନ ପାରୁଥିବାରୁ ଚଷମା ଦେଉଛନ୍ତି । ଉପଯୁକ୍ତ ଚଷମା ଦେଲେ ଛୋଟ ଛୋଟ ଅକ୍ଷର ବଡ଼ ଦେଖାଯାଉଛି । ଯେଉଁ ଛୋଟ ଛୋଟ ଅକ୍ଷର ଚଷମା ଦେଲେ ମଧ୍ୟ ଭଲଭାବରେ ପଢ଼ି ହେଉନାହିଁ ତାକୁ ଟିକିଏ ବଡ଼ ଆକାରରେ ଦେଖିବା ପାଇଁ ଗୋଟାଏ 'ପଢ଼ା-କାଚ' ବା ମାଗ୍ନିଫାଇଙ୍ଗ୍ ଗ୍ଲାସ୍ ରହିଛି । ତାହାରି ତଳେ ଦେଖିଲେ ଛୋଟ ଅକ୍ଷର ବଡ଼ ଦେଖାଯାଉଛି ।

ଗୋଟାଏ ସମୟ ଆସିଲା ଯେତେବେଳେ ମଣିଷ ଜାଣିଲା, ଏଭଳି ସବୁ କ୍ଷୁଦ୍ର କ୍ଷୁଦ୍ର ଜୀବ ଅଛନ୍ତି ଯେଉଁମାନେକି ମଣିଷ ଦେହରେ ନାନା ରୋଗ ସୃଷ୍ଟି କରି ଦେଉଛନ୍ତି । ସେମାନଙ୍କୁ କୁହା-ଗଲା 'ଜୀବାଣୁ' । ଏହି ଅଦେଖା ଜୀବାଣୁ ଲକ୍ଷ ଲକ୍ଷ ଲୋକଙ୍କୁ ମାରିଛନ୍ତି; କାରଣ ସେମାନେ ଯେଉଁ ରୋଗ ସୃଷ୍ଟି କରନ୍ତି ସେଥିରେ ଲୋକେ ବହୁ ସଂଖ୍ୟାରେ ମରି ପଡ଼ିଯା'ନ୍ତି । ସେହିଗୁଡ଼ିକୁ ଦେଖିବା ପାଇଁ, ଭଲ ଭାବରେ ଚିହ୍ନିବା ପାଇଁ ଦରକାର ପଡ଼ିଲା ଗୋଟାଏ ସ୍ୱତନ୍ତ୍ର ଯନ୍ତ୍ର । ସେହି ଯନ୍ତ୍ର ତଳେ ହଇଜା ରୋଗୀର ମଳକୁ ରଖିଦେଲେ ଦେଖାଯିବ ଯେ ହଜାର ହଜାର, ଲକ୍ଷ ଲକ୍ଷ ଜୀବାଣୁ ତା' ଭିତରେ ଖେଳୁଛନ୍ତି । ଚିହ୍ନିଲା ପରେ ସେଗୁଡ଼ିକୁ ଜବତ କରିବା ବା ମାରିବାପାଇଁ ଉପାୟ ବାହାର କରାଗଲା । ଅତି ଛୋଟକୁ ବଡ଼ କରି ଦେଖିବା ପାଇଁ ଏହି ଯେଉଁ ଯନ୍ତ୍ର ବାହାରିଲା ତାକୁ ନାମ ଦିଆଗଲା 'ଅଣୁବୀକ୍ଷଣ' ।

ଅଣୁ ବା ଅତି କ୍ଷୁଦ୍ରକୁ ବଡ଼ ଆକାରରେ ଦେଖିବା ହେଲା ଏହାର ବାହାଦୁରୀ । ଏଭଳି ଯନ୍ତ୍ରଟିଏ ୪୦୦ ବର୍ଷ ପୂର୍ବରୁ ନଥିଲା । ପ୍ରଥମେ ଯେଉଁଟି ତିଆରି ହେଲା ତାହା ଥିଲା ଅତି ସରଳ । କ୍ରମେ କ୍ରମେ ଉନ୍ନତରୁ ଉନ୍ନତ ଅଣୁବୀକ୍ଷଣ ସବୁ ବାହାରିଲା । ଗୋଟାଏ ଜୀବାଣୁର ଆକାରକୁ ହଜାର ହଜାର ଗୁଣ ବଡ଼ କରି ଦେଖିହେଲା । ଗୋଟାଏ ମାଛି ଗୋଡ଼ରେ ରୋଗ ଜୀବାଣୁ ଲାଗି ଯାଉଛନ୍ତି, କାରଣ ତାହା ମଳ ବା ମଇଳା ଉପରେ ବସିଥିଲା । ସେହି ମାଛି ଆସି ଅନ୍ୟ ଖାଦ୍ୟ ପଦାର୍ଥ ଉପରେ ବସିପାଇ ସେଥିରେ କିଛି ରୋଗଜୀବାଣୁ ଛାଡ଼ିଦେଲା । ସେହି ଖାଦ୍ୟକୁ ମଣିଷ ଖାଇଲେ ବେମାର ହେଲା । କିନ୍ତୁ ଅଣୁବୀକ୍ଷଣ ସାହାଯ୍ୟରେ ସେହି ମାଛିଗୋଡ଼ ଜୀବାଣୁକୁ ଚିହ୍ନି ହୋଇଗଲା । ଚିହ୍ନି ଯିବାରୁ ଉପାୟ ବାହାର କରାଗଲା ମନୁଷ୍ୟକୁ ସେହି ରୋଗରୁ କିଭଳି ରକ୍ଷା କରାହେବ । ଏମିତି



ଅପ୍‌ଟିକୀୟ ଯୌଗିକ ଅଣୁବୀକ୍ଷଣ ଯନ୍ତ୍ର (ବାମ) ଓ ଏଥିରେ ଖଞ୍ଜା ଯାଉଥିବା ଯୌଗିକ ଲେନ୍‌ସ ଏବଂ ପରୀକ୍ଷା ପାଇଁ ରହିଥିବା ସ୍ଲାଇଡ୍ (ଉପର ମଝି)। ସ୍କାନିଙ୍ଗ ଟନେଲିଙ୍ଗ ମାଇକ୍ରୋସ୍‌କୋପ ବାହାରିଗଲା ପରେ ବିଜ୍ଞାନୀମାନେ ଗୋଟିକିଆ ଅଣୁକୁ ଦେଖିବାକୁ ସମର୍ଥ ହେଲେଣି—ଇଲେକ୍‌ଟ୍ରନ୍ ମାଇକ୍ରୋସ୍‌କୋପର ଏହି ଟେକ୍‌ନୋଲଜୀୟ ପରପିଢ଼ୀର ବ୍ୟବହାର ହେବା ଆଗରୁ ବାହାରିଥିବା ଟ୍ରାନ୍‌ସମିଶନ୍ ଇଲେକ୍‌ଟ୍ରନ୍ ଅଣୁବୀକ୍ଷଣ ଯନ୍ତ୍ରର ଚିତ୍ର (ଡାହାଣ) ।

ହେଉ ହେଉ ଏବେ ବାହାରିଲାଣି ଇଲେକ୍‌ଟ୍ରନ୍ ଅଣୁବୀକ୍ଷଣ । ଏହାର ବାହାଦୁରୀ ହେଲା, ଅତି କ୍ଷୁଦ୍ର ପଦାର୍ଥକୁ ୨୦ ହଜାର ଗୁଣ ବା ଅଧିକ ବଡ଼ କରି ଏଥିରେ ଦେଖିହେବ ।

୧୫୯୦ ମସିହାରେ ପ୍ରଥମ ଯୌଗିକ ମାଇକ୍ରୋସ୍‌କୋପ ବା ଅଣୁବୀକ୍ଷଣ ତିଆରି ହେଲା । ଆଲୋକ ତରଙ୍ଗ ଦୈର୍ଘ୍ୟର ଆବଶ୍ୟକତା ଦୃଷ୍ଟିରୁ ଗୋଟାଏ ସୀମା ପରେ ଆଉ ବଡ଼ କରିବାର କ୍ଷମତା ସାଧାରଣ ଅପ୍‌ଟିକୀୟ ଅଣୁବୀକ୍ଷଣ ହରାଇଥାଏ । ତେଣୁ ଆନୁପାତିକ ଭାବେ ଛୋଟ ପଦାର୍ଥକୁ ଦେଖିବା ପାଇଁ ଇଲେକ୍‌ଟ୍ରନ୍ ମାଇକ୍ରୋସ୍‌କୋପର ଆବଶ୍ୟକ ହେଲା । ୧୯୯୭ ମସିହା ଆରମ୍ଭ ବେଳକୁ ଏହା ସାହାଯ୍ୟରେ ଗୋଟିଏ ଗୋଟିଏ ଅଣୁକୁ 'ଦେଖିବା' ମଧ୍ୟ ସମ୍ଭବ ହୋଇଗଲାଣି । ସଂଖ୍ୟାରେ ଗୁଣିତକ ଚିହ୍ନ ଦେଇ ଅଣୁବୀକ୍ଷଣ ଯନ୍ତ୍ରର ପ୍ରତିବିମ୍ବ ବଢାଇବା ଶକ୍ତି କଥା ଉଲ୍ଲେଖ କରାଯାଏ ।ଅର୍ଥାତ୍ ୧୦୦ x କହିଲେ ୧ ମି. ମି. ମୋଟେଇର ଗୋଟିଏ ପଦାର୍ଥ ୧୦୦ ମି.ମି. ମୋଟା ଭଳି ଆଖିକୁ ଦେଖାଯିବ ।

ଏହି ଯନ୍ତ୍ର ବିଜ୍ଞାନୀ ମାନଙ୍କୁ ଅନ୍ୟ ବହୁ ପ୍ରକାରରେ ସାହାଯ୍ୟ କରୁଛି । ସେମାନେ କହୁଛନ୍ତି ଏଇଟି "ଆମ ହାତରେ ଗୋଟିଏ ଅମୋଘ ଅସ୍ତ୍ର ।"

***ସମ୍ବନ୍ଧୀୟ ବିଷୟ***

*ରୋଗ, ଜୀବାଣୁ, ଅପ୍‌ଟିକ୍‌ସ, ଇଞ୍ଜିନିଅରିଙ୍ଗ୍, ଚିକିତ୍ସାବିଜ୍ଞାନ, ଇଲେକ୍‌ଟ୍ରୋନିକ୍‌ସ୍, କମ୍ପିଉଟର, ପରମାଣୁ, ଏକ୍‌ସ-ରେ ଅଣୁବୀକ୍ଷଣ, ବୈଜ୍ଞାନିକ ଗବେଷଣା*

▷ ▷

## ଅଣ୍ଡକୋଷ

ଜନନ କୋଷ ବା ପ୍ରାଣୀମାନଙ୍କ ଶରୀରରେ ଥିବା ବୀର୍ଯ୍ୟ ଉତ୍ପାଦନକାରୀ ଅଙ୍ଗ । ମାନବ ଶରୀରରେ ଥିବା ଏହି କୋଷ ହଳକରୁ ପ୍ରତ୍ୟେକଟି ବା ଯେ କୌଣସି ଗୋଟିଏ ବୀର୍ଯ୍ୟ, ତିଆରି କରିପାରିବା ସଙ୍ଗେ ସଙ୍ଗେ ମହତ୍ତ୍ୱପୂର୍ଣ୍ଣ ପୁଂ-ହର୍‌ମୋନ ଆଣ୍ଡ୍ରୋଜେନକୁ ମଧ୍ୟ ତିଆରି କରିଥାଏ । ପୁରୁଷ ଶରୀରରେ ଠିକ୍ ଲିଙ୍ଗ ପଛକୁ ଓ ମଳଦ୍ୱାର ଆଗରେ ବୃଷଣ କୋଷ ଭିତରେ ଅଣ୍ଡକୋଷ ରହିଛି । ସାଧାରଣତଃ ଏଗୁଡ଼ିକର ଲମ୍ବ ୪ରୁ ୫ ସେଣ୍ଟିମିଟର ଓ ଓଜନ ହେଲା ୨୫-୩୦ ଗ୍ରାମ୍ । ଶ୍ୱେତ କଞ୍ଚୁକ ବୋଲି କୁହାଯାଉଥିବା ଗୋଟାଏ ଧରଣର ରେଶାଯୁକ୍ତ କାପ୍‌ସୁଲ୍ ବା ସଂପୁଟ ଦ୍ୱାରା ପ୍ରତ୍ୟେକଟି ଆଚ୍ଛାଦିତ । ଶ୍ୱେତ କଞ୍ଚୁକ ତନ୍ତୁ ଦ୍ୱାରା ଏହା ୨୦୦ରୁ ୪୦୦ ପର୍ଯ୍ୟନ୍ତ ୱେଜରୂପୀ ବିଭାଗରେ ମଧ୍ୟ ବିଭକ୍ତ ହୋଇଯାଇଥାଏ । ଏହି ପ୍ରତ୍ୟେକଟି ବିଭାଗ ଭିତରେ ୩ଟିରୁ ୧୦ଟି ପର୍ଯ୍ୟନ୍ତ ମୋଡ଼ିମୋଡ଼ି ହୋଇ ରହିଥିବା ବୀଜବାହୀ ନାଳୀ ଭିତରେ ବୀର୍ଯ୍ୟ ବା ଶୁକ୍ରକୀଟ ତିଆରି ହୋଇଥାଏ ଓ ଗୋଟିଏ ଜଟିଳ ପ୍ରକ୍ରିୟା ଦେଇ ଶେଷରେ ବାହାରକୁ ବାହାରି ଆସିପାରେ ।

ମା ପେଟରେ ଥିବା ଭ୍ରୁଣରେ ପ୍ରଥମ ଅବସ୍ଥାରେ ବୃକକ୍ ନିକଟରେ ଅଣ୍ଡକୋଷ ସୃଷ୍ଟି ହୋଇଥାଏ ଓ ସାତ-ଆଠମାସ ବେଳକୁ ଯାଇ ଶରୀରରେ ତା'ର ନିର୍ଦ୍ଧାରିତ ସ୍ଥାନ ପାଖରେ ପହଞ୍ଚିଯାଏ । ଏହାର ପତନ ପ୍ରକ୍ରିୟାଟିକୁ ପୁଂ-ହର୍‌ମୋନ ଟେଷ୍ଟୋଷ୍ଟେରନ ନିୟନ୍ତ୍ରଣ କରିଥାଏ । କିନ୍ତୁ ଜନ୍ମର ଅଳ୍ପ କେତେ ସପ୍ତାହ ଭିତରେ ଏହି ହର୍‌ମୋନଟିର କ୍ଷରଣ ବନ୍ଦ ହୋଇଯାଉଥିବାରୁ ଆଦ୍ୟଶୈଶବ ଅବସ୍ଥାରେ ଅଣ୍ଡକୋଷ ଭିତରର ତନ୍ତୁସବୁ ପୋଖତ ହୋଇପାରନ୍ତି ନାହିଁ । ପରେ ତାରୁଣ୍ୟ ଅବସ୍ଥାରେ ଯାଇ ପିଟୁଇଟାରୀ ଗ୍ରନ୍ଥିରୁ ବାହାରୁଥିବା କେତେକ ନିର୍ଦ୍ଦିଷ୍ଟ କ୍ଷରଣ ସାହାଯ୍ୟରେ ଏଗୁଡ଼ିକ ପୂର୍ଣ୍ଣତାପ୍ରାପ୍ତ ହୋଇ ବୀର୍ଯ୍ୟ ଓ ଆଣ୍ଡ୍ରୋଜେନ୍ ଉତ୍ପାଦନ କରିବାକୁ ସକ୍ଷମ ହୋଇଉଠନ୍ତି ।



ଅଣ୍ଡକୋଷର ଅଭ୍ୟନ୍ତର

ମେଣ୍ଢା ଓ ଛେଳି ଭଳି କେତେକ ପ୍ରାଣୀଙ୍କ କ୍ଷେତ୍ରରେ କିନ୍ତୁ ପ୍ରଜନନ ସମୟକୁ ହିସାବକୁ ନେଇ ଅଣ୍ଡକୋଷର ପତନ-ମାତ୍ରା ତଥା ବୀର୍ଯ୍ୟ ଉତ୍ପାଦନ-ଶୀଳତା କଥା ନିର୍ଦ୍ଧାରିତ ହୋଇଥାଏ । ପୁରୁଷ ଯେ ପୁରୁଷର ଲକ୍ଷଣ ପାଉଛି—ତାହା ସମ୍ଭବ ହୋଇ-ଥାଏ ଅଣ୍ଡକୋଷରୁ କ୍ଷରଣ ହେଉଥିବା କେତେକ ହରମୋନ ବା ଜୀବରସ ରକ୍ତରେ ମିଶିବା ଦ୍ୱାରା । ସେଇଥିପାଇଁ ବାଛୁରୀକୁ 'ଖାସୁ' କରିଦେଲେ ତାହା ଆଉ ଷଣ୍ଢ ନ ହୋଇ ବଳଦ ହୋଇଯାଉଛି ।

***ସମ୍ବନ୍ଧୀୟ ବିଷୟ***

*ପ୍ରଜନନ, ପୁଂ-ଜନନେନ୍ଦ୍ରିୟ, ହରମୋନ, ପୁରୁଷତ୍ୱ, ଶୁକ୍ରକୋଷ, ମାନବଶରୀର, ଚିକିତ୍ସାବିଜ୍ଞାନ, ଉର୍ବରଣ, ଜୀବଜଗତ, ଆଣ୍ଡ୍ରୋଜେନ*

▷▷

## ଅଣ୍ଡା

ନାରୀ ଶରୀରରେ ଥିବା ଲିଙ୍ଗ-କୋଶିକା ବା ଯୁଗ୍ମକ । ଏହାକୁ ଡିମ୍ବ ବୋଲି ମଧ୍ୟ କୁହାଯାଇଥାଏ । ଉଦ୍‌ଭିଦ ବିଦ୍ୟା ଓ ପ୍ରାଣୀବିଦ୍ୟାରେ କିନ୍ତୁ ଅଣ୍ଡାକୁ ଏହି ଜୀବବିଦ୍ୟାଜଡ଼ିତ-ସଂଜ୍ଞା ବ୍ୟତୀତ ଅନ୍ୟ କେତେକ ଭାବରେ ମଧ୍ୟ ପ୍ରକାଶ କରାଯାଇଥାଏ । ନିର୍ଦ୍ଦିଷ୍ଟ ସମୟସୀମା ଭିତରେ ସତେଜ ଥିବା ପୋଖତ ଅଣ୍ଡାରେହିଁ ଉର୍ବରଣ କ୍ରିୟା ସଂଘଟିତ ହୋଇ-ପାରିବ । ଅଧିକାଂଶ ଅମେରୁଦଣ୍ଡୀ ପ୍ରାଣୀ, ମାଛ ଓ ଉଭୟଚର ଜୀବଙ୍କ ଅଣ୍ଡା କ୍ଷେତ୍ରରେ ଏହି ସୀମା ହେଲା ମାତ୍ର ଅଳ୍ପ କେତେ ମିନିଟ । ମଣିଷ ଓ ଅନ୍ୟାନ୍ୟ ପ୍ରାଣୀଙ୍କ କ୍ଷେତ୍ରରେ କିନ୍ତୁ ୧୨ରୁ ୧୪ ଘଣ୍ଟା ସମୟସୀମା ଭିତରେ ଅଣ୍ଡା ଉର୍ବରିତ ହୋଇପାରିବ ।

***ସମ୍ବନ୍ଧୀୟ ବିଷୟ***

*ଜୀବବିଜ୍ଞାନ, ପ୍ରାଣୀବିଜ୍ଞାନ, ଉଦ୍‌ଭିଦ ବିଦ୍ୟା, ଜୀବଜଗତ, ଉର୍ବରଣ, ଅଣ୍ଡା, ପ୍ରଜନନ, ଡିମ୍ବାଣୁ ଓ ଡିମ୍ବାଶୟ*

▷▷

## ଅଣ୍ଡା

ମନୁଷ୍ୟ ଓ ଜୀବଜନ୍ତୁଙ୍କର ବଂଶ ବଢୁଛି । ଛୁଆ ହେଉଛନ୍ତି । ବଡ଼ ହୋଇଗଲେ ସେମାନେ ପୁଣି ଛୁଆ କରୁଛନ୍ତି । ଏମିତି ନ ହେଉଥିଲେ ବହୁ ଜୀବଜନ୍ତୁଙ୍କର ବଂଶ ଲୋପ ହୋଇଯାଆନ୍ତା । ଏହି ବଂଶ ବଢ଼ାଇବା କାମ ଦୁଇ ପ୍ରକାରର ହେଉଛି । ପ୍ରଥମ ପ୍ରକାରରେ ମାଆ ଗର୍ଭରେ କିଛିକାଳ ରହିଲା ପରେ ଛୁଆଟି ପଦାକୁ ଆସୁଛି । ତାକୁ ଯତ୍ନରେ ବଢ଼ାଇଲେ ସେ ବଡ଼ ହୋଇଯାଉଛି । ଯେଉଁମାନେ ସ୍ତନ୍ୟପାୟୀ ସେମାନଙ୍କ ସଂପର୍କରେ ଏହିଭଳି କୁହା-ଯାଇପାରେ । କିନ୍ତୁ ପକ୍ଷୀ, ସରୀସୃପ ଓ ଆଉ କେତେକ ଜୀବ ଅଛନ୍ତି ଯେଉଁମାନେ ଅଣ୍ଡା ଦିଅନ୍ତି, ତାକୁ ଯତ୍ନରେ ଉଷୁମାନ୍ତି । ଉଷୁମାଇବାର ଭିନ୍ନ ଭିନ୍ନ ବାଟ ରହିଛି । କିଛିଦିନ ରହିଲାପରେ ସେହି ଅଣ୍ଡାରୁ ଛୁଆଟି ବାହାରେ । ଏଇଟି ହେଲା ଦ୍ୱିତୀୟ ପ୍ରକାରର ।

ଅଣ୍ଡା ବିଷୟରେ ଆମକୁ ଗୋଟିଏ କଥା କୁହାଯାଉଛି । ଖାଦ୍ୟ ପଦାର୍ଥ ଭିତରେ ଦୁଇଟିଙ୍କର ସ୍ଥାନ ଉଚ୍ଚରେ ବୋଲି କୁହାଯାଏ । ଗୋଟିଏ ହେଲା କ୍ଷୀର, ଆଉ ଗୋଟିଏ ହେଲା ଅଣ୍ଡା । ମାଆ ଗର୍ଭରୁ ଯେଉଁ ମଣିଷ ଛୁଆଟି ବାହାରୁଛି ଜନ୍ମବେଳେ ସାଧାରଣତଃ ତା'ର ଓଜନ ତିନି କିଲୋଗ୍ରାମ । ସେ ମାଆ ଠାରୁ କ୍ଷୀର ଖାଇଲା, ତା'ଓଜନ ବଢ଼ିଲା । ଅବଶ୍ୟ ପାଞ୍ଚମାସ ବେଳକୁ ତାକୁ ବାହାରର କ୍ଷୀର ବା ଫଳରସ ଇତ୍ୟାଦି ଦିଆଯାଉଛି । କିନ୍ତୁ ଏହି ପ୍ରାୟ ପାଞ୍ଚମାସ କାଳ ତ ସେ ଆଉ କିଛି ଖାଇ ନାହିଁ । ତାହାହେଲେ ତା'ର ଓଜନ ବଢ଼ିଲା କିପରି ? ଓଜନ ବଢ଼ିବାର ଅର୍ଥ ହେଲା—ସେ ଯେଉଁ ହାଡ଼ ମାଂସରେ ଗଢ଼ା ତାହା ଜନ୍ମବେଳେ ଯେତିକି ଥିଲା ତାହାଠାରୁ ଅଧିକ ହୋଇଛି । ଏଥିରୁତ ସଫା ସଫା ବୁଝାଯାଉଛି କ୍ଷୀର ଭିତରେ ହାଡ଼ ମାଂସ ଇତ୍ୟାଦି ତିଆରି କରିବାର ଉପାଦାନ ଥିଲା ।

କେତେବେଳେ କେମିତି ଟିକିଏ ବାହାରକୁ ଆସି ଅଳ୍ପ ଟିକିଏ ଖାଇଦେଇ ପୁଣି ଯାଇ ବସୁଛି । ମଝିରେ ମଝିରେ ନିଜ ଡେଣାରେ ସେଗୁଡ଼ିକୁ ଟିକିଏ ଏପାଖ ସେପାଖ କରିଦେଉଛି । ତାହା ନକଲେ ଅଣ୍ଡାର ସବୁ ଅଂଶ ଉଷୁମ ପାଇବ ନାହିଁ । କେତେଦିନ ପରେ ସେହି ଅଣ୍ଡା ଭିତରୁ ବାହାରିଲେ କୁକୁଡ଼ା ଛୁଆ । ସେହି ଛୁଆ ଦେହରେ ରହିଛି ହାଡ଼, ମାଂସ, ପକ୍ଷୀ, ନଖ, ଥଣ୍ଟ ଇତ୍ୟାଦି । ଏହିସବୁ ଗୁଡ଼ିକ ତିଆରି ହେଲା କିପରି ? ଏଥିରେ କୌଣସି ସନ୍ଦେହ ନାହିଁ ଯେ ଏହିସବୁକୁ ତିଆରି କଲାଭଳି ଉପାଦାନ ସେହି ଅଣ୍ଡାର ଲାଳ ତଥା କେଶର ଭିତରେ ଥିଲା । ତେଣୁ ଯେତେବେଳେ ଗୋଟାଏ ପୂରା ଜୀବ ତିଆରି କଲାଭଳି 'ମସଲା' ଅଣ୍ଡା ଭିତରେ ଅଛି ସେତେବେଳେ ତାକୁ ଗୋଟିଏ ଷୋଳପଣିଆ ବା ପୂର୍ଣ୍ଣ ଖାଦ୍ୟ ବୋଲି କୁହାଯିବ । କ୍ଷୀରରେ ପ୍ରୋଟିନ ଅଛି । ଗୋଟାଏ ପ୍ରକାର ଚିନି ଅଛି । ଭିନ୍ନ ଭିନ୍ନ ପ୍ରକାରର ଭିଟାମିନ୍ ଓ ଖଣିଜ ଲବଣ ରହିଛି । ସେ ସବୁ ନଥିଲେ ପିଲାଟା ବଢ଼ନ୍ତା ନାହିଁ । ସେମିତି, ଅଣ୍ଡା ଭିତରେ ମାଂସ ହାଡ ଇତ୍ୟାଦି କରିବାର ଉପାଦାନ ରହିଛି । ସେମିତି ନଥିଲେ ଗୋଟିଏ ଛୁଆ ତିଆରି ହୋଇ ଯାଆନ୍ତା ନାହିଁ ।



ବିଭିନ୍ନ ଜାତିର ପକ୍ଷୀଙ୍କ ଅଣ୍ଡାର ଆକୃତି, ରଙ୍ଗ ଓ ଚେହେରା ଭିନ୍ନ ଭିନ୍ନ । ଅଷ୍ଟ୍ରିଚ୍ ଭଳି କେତେକ ପକ୍ଷୀଙ୍କ ଅଣ୍ଡା ଖୁବ୍ ବଡ଼ ହୋଇଥିଲାବେଳେ ପେଷ୍ଟ ତଥା ଗୁଞ୍ଜନ ପକ୍ଷୀର ଅଣ୍ଡା ଖୁବ୍ ଛୋଟ ।

ଅଣ୍ଡା ବିଷୟରେ ମଧ୍ୟ ଏହିପରି କୁହାଯାଇ-ପାରେ । କୁକୁଡ଼ା ଦେହରୁ ଯେତେବେଳେ ଅଣ୍ଡାଟିଏ ବାହାରେ ତାକୁ ଭାଙ୍ଗିଦେଲେ ଦେଖାଯିବ କିଛି ଧଳାସିଆ ଲାଳ ଓ ହଳଦିଆ କେଶର ରହିଛି । ଆଉ ଅଧିକା କିଛି ନାହିଁ । ଅଣ୍ଡାଟି ଉପରେ ତା' ମାଆ ବସି ତାକୁ ଉଷୁମାଇଲା । ପାଞ୍ଚ ସାତଟା ଅଣ୍ଡା ଉପରେ ସେ ଦିନରାତି ବସିରହିଛି ।

ଆମେ ଯେଉଁ ଅଣ୍ଡା ଖୋଳ ଦେଖୁଛୁ ତାହା ହାତକୁ ଟାଣ ଲାଗୁଛି ସତ, କିନ୍ତୁ ସେଇଟା ଲୁହା ବା କାଠ ଭଳି ନୁହେଁ । ତାହା ଭିତରେ ଅତି ସୂକ୍ଷ୍ମ ସୂକ୍ଷ୍ମ 'ଗୁଲୁଣି କଣା' ଭଳି କଣା ଭରି ରହିଛି । ସେହିବାଟେ ତାହା ଭିତରକୁ ପବନ ଯାଏ । ଦରକାର ମୁତାବକ ଉଷୁମ ନପାଇଲେ ତାହା ଭିତରେ ଜୀବଟିଏ ତିଆରି ହୋଇପାରିବ ନାହିଁ ।




ପକ୍ଷୀଙ୍କ ଶରୀର ଭିତରେ ଅଣ୍ଡା କିଭଳି ତିଆରି ହୋଇଥାଏ: ପ୍ରଥମେ ଡିମ୍ବାଶୟ ଗୋଟିଏ ଧରଣର କେଶରଯୁକ୍ତ କୋଷ ଛାଡ଼ିଦିଏ ଓ ଏହା ଗୋଟିଏ ନାଳୀ ଭିତର ଦେଇ ବାହାରକୁ ଆସିବା ଅବସ୍ଥାରେ ସେଥିରେ ଅଣ୍ଡା ଲାଳ ବା ଆଲ୍‌ବୁମେନ ଯୋଗହୋଇଯିବା ସଙ୍ଗେ ସଙ୍ଗେ ଖୋଳ ତିଆରି ହୋଇଯିବାକୁ ଲାଗେ । ଖୋଳ ଭିତର ଦେଇ ପବନ ଯିବା ଆସିବା କରିବାର ବ୍ୟବସ୍ଥା ମଧ୍ୟ ରହିଥାଏ ।(ତଳ) ଅଣ୍ଡାର ଗଠନ ।

ତେଣୁ ମାଆ ତା' ଉପରେ ବସି ତାକୁ ଉଷୁମାଏ । ତାକୁ ଆଉ କିଛି କରିବାକୁ ପଡ଼େ ନାହିଁ । ଯେତେବେଳେ ଏହି ଉଷୁମା ସଂପର୍କରେ ସବୁକଥା ଜଣା ହୋଇଗଲା, ସେତେବେଳେ ମଣିଷ ଗୋଟିଏ ମେସିନ ତିଆରି କରିଦେଲା । ତାହାରି ଭିତରେ ଅଣ୍ଡାକୁ ରଖିଲେ ମାଆ ଯେତିକି ପରିମାଣରେ ଉଷୁମ ଛୁଆକୁ ଧୀରେ ଧୀରେ ଯୋଗାଇଥିଲା, ସେତିକି ପରିମାଣର ଉଷୁମ ମିଳିଗଲା । ଫଳରେ ଅଣ୍ଡାରୁ ଛୁଆ ବାହାରିଲା ।

ନିୟମ ଅନୁସାରେ ବଡ଼ ଚଢ଼େଇର ବଡ଼ ଅଣ୍ଡା,ସାନର ସାନ ଅଣ୍ଡା—ଏଭଳିତ ହେବାର କଥା । ଗୋଟିଏ ଛୋଟ ଚଢ଼େଇ ଅଛି । ତାକୁ କୁହନ୍ତି ଗୁଞ୍ଜନ ପକ୍ଷୀ । ତାହା ଯେଉଁ ଛୋଟ ଛୋଟ ଅଣ୍ଡା ଦିଏ ତାହା ଗୋଟିଏ ଗୋଟିଏ ମଟର ଦାନା ଭଳି । ସବୁଠାରୁ ବଡ଼ ଅଣ୍ଡା ହେଉଛି ଅସ୍‌ଟ୍ରିଚ୍ ପକ୍ଷୀର । ସେହି ଅଣ୍ଡାର ଲମ୍ବ ହେଉଛି ପ୍ରାୟ ୨୦ ସେଣ୍ଟିମିଟର ଏବଂ ଓଜନ ହେଉଛି ଦୁଇ କିଲୋଗ୍ରାମ ପାଖାପାଖି । କେତେ ଜାତିର ପକ୍ଷୀ ଅଣ୍ଡା ଉପରେ ବସି ତାକୁ ଉଷୁମାନ୍ତି ନାହିଁ । ଯେଉଁସବୁ ପତର, ଛେଲି ବା କାଠସବୁ ଗୋଟିଏ ଜାଗାରେ ଜମିଯାଇ ଟିକିଏ ଟିକିଏ ସଢୁଛି ତାହାରି ତଳେ ରଖିଦିଅନ୍ତି—କାରଣ ତା ଭିତରୁ ଗୋଟିଏ ରକମ ଉଷୁମ ବାହାରୁଛି । ଆଉ କେତେକ ଉଷୁମ ବାଲି ତଳେ ରଖିଦିଅନ୍ତି । କେତେକ ଜାତିର ସରୀସୃପ ଓ ସାପ ମଧ୍ୟ ଅଣ୍ଡା ଦିଅନ୍ତି । କଇଁଛ ଅଣ୍ଡାର ଖୋଳ ଟାଣ । ପ୍ଲାଟିପସ ଭଳି କେତେକ ସ୍ତନ୍ୟପାୟୀ ପ୍ରାଣୀ ମଧ୍ୟ ଅଣ୍ଡା ଦିଅନ୍ତି । ମାଛ ଓ କୀଟ ପତଙ୍ଗ ବହୁସଂଖ୍ୟାରେ ଅଣ୍ଡା ଦେବାର କାରଣ ହେଲା ସେଥିରୁ ବେଶୀ ଭାଗ ନଷ୍ଟ ହୋଇଯିବ ବା ଅନ୍ୟ ଜୀବଜନ୍ତୁ ଖାଇଦେବେ । କଡ୍ ମାଛ ବର୍ଷରେ ୬୦ ଲକ୍ଷ ପର୍ଯ୍ୟନ୍ତ ଅଣ୍ଡା ଦିଏ । ଆଉ ଗୋଟିଏ ଜାତିର ମାଛ ୨ କୋଟି ୫୦ ଲକ୍ଷ ଅଣ୍ଡା ଦିଅନ୍ତି । ସମୁଦ୍ରରେ ଷ୍ଟର୍ଜନ ବୋଲି ଯେଉଁ ମାଛ ଅଛି ତାକୁ କୁହାଯାଏ 'ଅଣ୍ଡା କାରଖାନା ମାଛ' । ଏହି ପାଞ୍ଚରୁ ଛ'ମିଟର ଲମ୍ବର ମାଛଟି ବର୍ଷକୁ ଚାଳିଶ ଲକ୍ଷ ଅଣ୍ଡା ଦେଇଥାଏ । ବେଙ୍ଗ ଭଳି ଉଭୟଚର ପ୍ରାଣୀଙ୍କ ଅଣ୍ଡା ଚାରିପଟେ ହାତ ଖସିଯାଉଥିବା ଜେଲିଭଳି ଲାଳୁଆ ପଦାର୍ଥ ଥାଏ ।

ସାଧାରଣତଃ ପ୍ରାୟ ୫୬ ଗ୍ରାମ୍ ଓଜନର ଗୋଟିଏ ଅଣ୍ଡାରେ ୬ ଗ୍ରାମ୍‌ରୁ ଅଧିକ ନିରୋଳା ପ୍ରୋଟିନ ଓ ପ୍ରାୟ ୧୨ ଗ୍ରାମ୍ ସ୍ନେହ ବା ବସା ରହିଛି । ଏହା ବ୍ୟତୀତ ଯଥେଷ୍ଟ ପରିମାଣର ଲୌହ, ଏ ଓ ଡି ଭିଟାମିନ, ଥାଇଆମିନ୍ ଓ ରିବୋଫ୍ଲାବିନ୍ ମଧ୍ୟ ରହିଛି । ବାକିତକ ପାଣି । କିନ୍ତୁ ଅଣ୍ଡାରେ ଏ ସବୁର ଆନୁପାତିକ ପରିମାଣ ଅଣ୍ଡା ଦେଉଥିବା ଜୀବର ଖାଦ୍ୟ ଉପରେ ଅନେକ ସମୟରେ ନିର୍ଭର କରିଥାଏ । ବହୁ ପ୍ରକାର ଖାଦ୍ୟ ପ୍ରସ୍ତୁତି ଓ ପ୍ରକ୍ରିୟାକରଣରେ ଅଣ୍ଡା ବ୍ୟବହୃତ ହୁଏ । ଜୀବବିଜ୍ଞାନୀମାନେ କୁହନ୍ତି ଯେ, ଯେ କୌଣସି ଜୀବର ସୃଷ୍ଟି ନିମନ୍ତେ ପ୍ରକୃତି ପ୍ରଥମେ 'ଅଣ୍ଡା'ଟିଏ ହିଁ ତିଆରି କରିଥାଏ ।

***ସମ୍ବନ୍ଧୀୟ ବିଷୟ***
*ଜୀବଜଗତ, ଜୀବକୋଷ, ପକ୍ଷୀ, ଖାଦ୍ୟ, ଭିଟାମିନ୍, ପ୍ରୋଟିନ୍, ଖାଦ୍ୟ ପ୍ରକ୍ରିୟାକରଣ, ଅଙ୍ଗ ଓ ଅଙ୍ଗଗଠନ, ଅଣ୍ଡା ଓ ଆହୁରି ଅନେକ ବିଷୟ*

## ଅତିକାୟ ସରୀସୃପ

ଆଜି ଯେତେ ଜୀବଜନ୍ତୁ ଦେଖାଯାଉଛନ୍ତି, ସବୁଗୁଡ଼ିକ ଏକ ସମୟରେ ପୃଥିବୀରେ ଦେଖାଦେଇ ନଥିଲେ । କୋଟି କୋଟି ବର୍ଷର ପରିଶ୍ରମ ପରେ ପ୍ରକୃତି ଏହିସବୁ ଜୀବ ତିଆରି କରିଛି । ଗୋଟି ଏ ଜାତିର ଜୀବ ତିଆରି କଲାପରେ ସେ ଦେଖେ ସେଇଟିରେ କ'ଣ ଗୁଣ, ଦୋଷ ରହିଗଲା । ଦୋଷକୁ ସୁଧାରିବା ପାଇଁ, ନୂଆ ଗୁଣ ଭରିବା ପାଇଁ ସେ ଆଉ ଗୋଟିଏ ଜୀବ ତିଆରି କରେ । ଗୋଟାଏ ସମୟରେ ଏମିତିକା ସବୁ ଜୀବ ତିଆରି ହେଲେ ଯେ ଏଗୁଡ଼ିକ ଅତି ବଡ଼ ବଡ ହୋଇଗଲେ । ଏତେ ବଡ଼ ବଡ଼ ଦେହଧରି ସେମାନେ ଶୀଘ୍ର ଶୀଘ୍ର ଚଲାବୁଲା କରିପାରିଲେ ନାହିଁ । ସମୟେ ସମୟେ ଖାଇବାକୁ ମଧ୍ୟ ପାଇଲେ ନାହିଁ । କ୍ରମେ ଯେତେବେଳେ ପୃଥିବୀର ଜଳବାୟୁ ବଦଳିଗଲା ଓ ଅନ୍ୟ କେତେକ କାରଣରୁ ସେମାନଙ୍କ ପ୍ରତି ବିପଦ ଆସିଲା, ସେଗୁଡ଼ିକ ଲୋପ ହୋଇଗଲେ । ଏମାନଙ୍କୁ କୁହାଗଲା ଅତିକାୟ ସରୀସୃପ ବା ଡାଇନୋସର ।

*ସମ୍ବନ୍ଧୀୟ ବିଷୟ*
*ପୃଥିବୀ, ଜୀବଜଗତ, ସାମୁଦ୍ରିକ ଜୀବନ, ପକ୍ଷୀ, ଧୂମକେତୁ, ଗ୍ରହାଣୁ, ଭୂ-ଇତିହାସ, ଫସିଲ, ଜୁରାସିକ କଳ୍ପ, ଡାଇନୋସର, ଡାଇନୋସର ଓ ଭାରତ*

▷▷

## ଅତିସାର

ଖାଦ୍ୟ ଯେତିକି ଗତିରେ ଅନ୍ନନାଳୀ ବା ଅନ୍ତ୍ର ବାଟେ ଯିବା କଥା ତାହାଠାରୁ ଯଦି ଅଧିକ ଗତିରେ ବହି ଗ୍ଲିଗଲା ତେବେ ଆମେ କହୁ ଅତିସାର ରୋଗ ହୋଇଛି । ଏହାର ଅର୍ଥ ହେଉଛି 'ଶୀଘ୍ର ଶୀଘ୍ର ଗ୍ଲିଯିବା ବା ବହିଯିବା' । ଇଂରାଜୀରେ କୁହାଯାଏ ଡାୟେରିଆ । ଗ୍ରୀକ୍ ଭାଷାରେ 'ଡାୟା' ଶବ୍ଦର ଅର୍ଥ ଭିତର ଦେଇ ବା 'ମଧ୍ୟ ଦେଇ' ଓ 'ରିନ୍' ଶବ୍ଦର ଅର୍ଥ 'ବହିଯିବା' । କୌଣସି ଗୋଟିଏ କାରଣରୁ ପେଟ ଭିତରେ ଥିବା ଖାଦ୍ୟ ପଦାର୍ଥରେ ଯଦି ଦୋଷ ଦେଖାଗଲା ତାକୁ ଶରୀର ଭିତରୁ ଶୀଘ୍ର ବାହାର କରିଦେବା ପାଇଁ ପ୍ରକୃତି ଉଦ୍ୟମ କରେ । ଏମିତି ବି ଅବସ୍ଥା ହୋଇଛି ଯେ ସେଥିରେ ଅଧିକା ପାଣି ଦେହ ଭିତରେ ମିଶିଯାଏ ଓ ମଳଟା ପତଳା ବା ପାଣିଆ ହୋଇଯାଏ । ବେଶୀ ଡାୟେରିଆ ହେଲେ ବିପଦ । ୧୯୯୭ ମସିହା ବେଳକୁ ଏ ରୋଗର ପ୍ରତିଷେଧକ ଟୀକା ପରୀକ୍ଷାମୂଳକ ଭାବେ ବାହାରି ପଡ଼ିଲାଣି ।

*ସମ୍ବନ୍ଧୀୟ ବିଷୟ*
*ହଜମ ବ୍ୟବସ୍ଥା, ଖାଦ୍ୟ, ବିଷକ୍ରିୟା, ଡିହାଇଡ୍ରେସନ, ଚିକିତ୍ସାବିଜ୍ଞାନ*

▷▷

## ଅତିସୂକ୍ଷ୍ମ ମେସିନ



ଅତିସୂକ୍ଷ୍ମ ମେସିନ ସବୁର ଭିନ୍ନ ଭିନ୍ନ ଆକୃତି ଓ ସାଇଜ ରହିଛି । ଯୁକ୍ତରାଷ୍ଟ୍ର ଆମେରିକାସ୍ଥିତ ଉଇସକନ୍‌ସିନ ବିଶ୍ୱବିଦ୍ୟାଳୟରେ ତିଆରି କରାଯାଇଥିବା ଏହି ଅତିସୂକ୍ଷ୍ମ ମଟରଟି ହେଲା ନିକେଲ ଧାତୁର । ୧୦୦ ମାଇକ୍ରନ ମୋଟେଇର ମଟରଟିର ଚଉଡ଼ା ଅପେକ୍ଷା ଗଭୀରତା ବେଶୀ ।

ଏଭଳି କେତେକ ଟେକ୍‌ନୋଲଜୀୟ ଘଟଣା ବିଂଶ ଶତାବ୍ଦୀର ଶେଷ ଭାଗରେ ଘଟିଛି ଯାହା କି ସମସ୍ତଙ୍କୁ ଚମତ୍କୃତ କରିଦେଇଛି । ଅତିସୂକ୍ଷ୍ମ ମେସିନ ତିଆରି ସମ୍ଭବ କରିବା ତା ଭିତରୁ ଗୋଟିଏ । ୧୯୮୮ ମସିହାରେ ଯୁକ୍ତରାଷ୍ଟ୍ର ଆମେରିକାର ଦଳେ ଗବେଷକ ପ୍ରଥମ କରି ଯେଉଁ ଅତିସୂକ୍ଷ୍ମ ମେସିନଟି ତିଆରି କଲେ ସେଥିରେ ଲାଗିଥିବା ମୋଟର ରୋଟରର ବ୍ୟାସ ଥିଲା କେବଳ ୬୦ ମାଇକ୍ରନ । ମାଇକ୍ରନଟି ହେଲା ଗୋଟାଏ ମିଟରର ଦଶଲକ୍ଷ ଭାଗରୁ ଭାଗେ । ସେହିଦିନଠାରୁ ଏ ବିଷୟରେ ଅଧିକ ଗବେଷଣା ଗ୍ଲିଛି ଓ ନୂଆ ନୂଆ ଅତିସୂକ୍ଷ୍ମ ମେସିନ ସବୁ ତିଆରି ହୋଇଗଲାଣି । ଅଟୋମୋବାଇଲ ଇଞ୍ଜିନିଅରିଙ୍ଗ୍, ସେମିକଣ୍ଡକ୍ଟର ଟେକ୍‌ନୋଲଜି ଓ ଚିକିତ୍ସାବିଜ୍ଞାନ ସହିତ ଅନ୍ୟ ବହୁ ଦିଗରେ ଏସବୁ ମେସିନର ବ୍ୟବହାର ହେଲାଣି । ବିଜ୍ଞାନ ଗବେଷଣା କ୍ଷେତ୍ରରେ ମଧ୍ୟ ଏହା ଖୁବ୍ ସାହାଯ୍ୟ କରୁଛି । ସ୍କାନିଙ୍ଗ ଟନେଲିଙ୍ଗ ମାଇକ୍ରୋସ୍କୋପ ବା ଅଣୁବୀକ୍ଷଣ ଯନ୍ତ୍ରର ଅଗରେ ଯେଉଁ ଅତିସୂକ୍ଷ୍ମ ଯନ୍ତ୍ରାଂଶ ରହିଛି ତାହା ଅଣୁ-ପରମାଣୁକୁ ଗୋଟି ଗୋଟି କରି ଚଳାଇ ଦେଇପାରୁଛି । ଅତି କ୍ଷୁଦ୍ର ବାକ୍‌ଟେରିଆ ଦେହରେ ଅତିସୂକ୍ଷ୍ମ ମେସିନ ସଦୃଶ ଜୈବ ଯନ୍ତ୍ରାଂଶ ରହିଥିବାରୁ ଭିନ୍ନ ଭିନ୍ନ ଧରଣର ବାକ୍‌ଟେରିଆର ଶରୀର ଗଠନକୁ ଜୀବପଦାର୍ଥବିତ୍ ମାନେ ଲକ୍ଷ୍ୟ କରୁଛନ୍ତି ଏସବୁ ମେସିନର ବିକାଶ ଦିଗରେ ଉଦ୍ୟମ କଲାବେଳେ ।

*ସମ୍ବନ୍ଧୀୟ ବିଷୟ*
*ଟେକ୍‌ନୋଲଜି, ମାପ, ଜୈବ ଇଞ୍ଜିନିଅରିଙ୍ଗ୍, ବାକ୍‌ଟେରିଆ, ପଦାର୍ଥବିଜ୍ଞାନ, ବୈଜ୍ଞାନିକ ଗବେଷଣା, ଅଣୁ, ପରମାଣୁ, ପଦାର୍ଥ, ଇଲେକ୍‌ଟ୍ରୋନିକସ୍, ଅଟୋମେଶନ*

▷▷

## ଅତୀତ

ଭାରତୀୟ ସାଧୁ ସନ୍ନ୍ୟାସୀ ମାନଙ୍କର ଗୋଟିଏ ସଂପ୍ରଦାୟ । ଏମାନେ ପାର୍ଥିବ ଭୋଗ ବାସନାର ଅତୀତ—ତେଣୁ ଏହି ଅର୍ଥରେ 'ଅତୀତ' ବୋଲି ଅଭିହିତ ହୁଅନ୍ତି । କେହି କେହି କୁହନ୍ତି ଯେ ଏମାନେ ହେଲେ 'ଅତିଥି' । ମଣିଷ ଏହି ଜଗତରେ ଅତିଥି ଭଳି ଅଳ୍ପକାଳ ନିମନ୍ତେ ରହି ଗ୍ଲିଯାଏ; ତେଣୁ ସେମାନେ ନିଜକୁ ଅତିଥି ନାମ ଦେଇଛନ୍ତି । ଅତୀତ ଓ ସନ୍ନ୍ୟାସୀ—ଏ ଦୁଇଟିକୁ ଏକାର୍ଥବାଚକ ଶବ୍ଦ ବୋଲି କୁହାଯାଏ । ଏହି ସଂପ୍ରଦାୟରେ କିନ୍ତୁ ଉଭୟ ଗୃହୀ ଓ ସନ୍ନ୍ୟାସୀ ଶ୍ରେଣୀର ଲୋକ ଥା'ନ୍ତି । ଅରଣ୍ୟ, ଆଶ୍ରମ, ଗିରି, ତୀର୍ଥ, ପର୍ବତ, ପୁରୀ, ବନ, ଭାରତୀ, ସରସ୍ୱତୀ ଓ ସାଗର ବୋଲି ଏମାନଙ୍କର ଦଶଟି ଶାଖା ରହିଛି । କିନ୍ତୁ ଏହି ଶାଖାଭୁକ୍ତ ସମସ୍ତେ ଯେ ହେଉଛନ୍ତି ଅତୀତ ସନ୍ନ୍ୟାସୀ, ସେ ବିଷୟରେ ଭିନ୍ନ ମତ ମଧ୍ୟ ରହିଛି ।

*ସମ୍ବନ୍ଧୀୟ ବିଷୟ*
*ଶଙ୍କରାଚାର୍ଯ୍ୟ, ଶୈବ ଧର୍ମ, ଭାରତ*

▷▷

## ଅତୀଶ
(୯୮୨-୧୦୫୪)

ବୌଦ୍ଧ ଧର୍ମର ଜଣେ ପ୍ରସିଦ୍ଧ ସଂସ୍କାରକ । ଏହାଙ୍କୁ 'ଦୀପଙ୍କର ଶ୍ରୀଜ୍ଞାନ' ବୋଲି ମଧ୍ୟ କୁହାଯାଇଥାଏ । ତିବ୍ବତରେ ବୌଦ୍ଧ ଧର୍ମର ପ୍ରସାର ଓ ପ୍ରଚ୍ଚାର ନିମନ୍ତେ ଅତୀଶଙ୍କର ମୂଲ୍ୟବାନ ଅବଦାନ ରହିଛି । ସେ ଦେଶରେ ବୌଦ୍ଧ ଧର୍ମର ଅସ୍ତିତ୍ୱ ରହିବ କି ନାହିଁ ବୋଲି ଯେତେବେଳେ ଆଶଙ୍କା ଦେଖାଦେଇଥିଲା, ସେତେବେଳେ ସେଠିକାର ଜଣେ ରାଜପୁତ୍ର ଏହାଙ୍କ ସାହାଯ୍ୟ ଭିକ୍ଷା କରିଥିଲେ । ଆଚ୍ଚାର୍ଯ୍ୟ ଅତୀଶ ନିଜ ଜୀବନର ଶେଷ ୧୩ ବର୍ଷ ତିବ୍ବତରେ ବୌଦ୍ଧ ଧର୍ମର ସଂସ୍କାର ଓ ବୌଦ୍ଧ ଗ୍ରନ୍ଥ ଅନୁବାଦ କରିବା କାର୍ଯ୍ୟରେ କଟାଇ ଦେଇଥିଲେ । ଏହା ପୂର୍ବରୁ ସେ ନାଳନ୍ଦାସ୍ଥିତ ବିକ୍ରମଶିଳା ମହାବିହାରରେ ବିଦ୍ୟାଦାନ କରୁଥିଲେ ।

*ସମ୍ବନ୍ଧୀୟ ବିଷୟ*
*ବୌଦ୍ଧ ଧର୍ମ, ତିବ୍ବତ, ଜ୍ଞାନପ୍ରଭ*

▷▷

## ଅତିଲା
(୪୦୬-୪୫୩)

ଇତିହାସ ପ୍ରସିଦ୍ଧ ହୁଣ ରାଜା । ଖୁଡୁତା ରୁଆଙ୍କ ମୃତ୍ୟୁ ପରେ ୪୩୩ ମସିହାରେ ହୁଣ ମାନଙ୍କର

ରାଜା ହୋଇଥିଲେ । ଅତିଲାଙ୍କ ଶାସନର ପ୍ରଥମ ଆଠବର୍ଷ କଟିଥିଲା ପ୍ରତିବେଶୀ ରାଜ୍ୟଗୁଡ଼ିକ ସହିତ ଯୁଦ୍ଧ କରିବାରେ । ତା'ପରେ ଦେଖାଗଲା ଯେ କେନ୍ଦ୍ର ଇଉରୋପର ସେ ଜଣେ ଶକ୍ତିଶାଳୀ ରାଜା ହୋଇଯାଇଛନ୍ତି । ଆଜିର ହଙ୍ଗେରୀ ଓ ଟ୍ରାନ୍ସିଲଭାନିଆ ଅଞ୍ଚଳ ଥିଲା ତାଙ୍କର ମୂଳ ରାଜ୍ୟ ଓ ବୁଦାପେଷ୍ଟ ସହର ଥିଲା ଏହାର ରାଜଧାନୀ । ଜଣେ ରାଜକୁମାରୀଙ୍କୁ ବିବାହ କରି ବିବାହ ଉତ୍ସବ ପାଳନ କରିବା ଦିନ ରାତିରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା ।

***ସମ୍ବନ୍ଧୀୟ ବିଷୟ***

*ଇଉରୋପ, ହୁଣ, ହଙ୍ଗେରୀ*

▷▷

## ଅଥର୍ବ ବେଦ

ବେଦକୁ ଯେଉଁ ଚାରିଭାଗରେ ବିଭକ୍ତ କରିଦିଆ ଯାଇଛି ଏହା ତା ଭିତରୁ ଗୋଟିଏ । ସାଧାରଣତଃ ସାମ, ଯଜୁଃ ଓ ଋଗ୍‌କୁ ଗୋଟିଏ ଶ୍ରେଣୀରେ ରଖାଗଲା ବେଳେ ଅଥର୍ବ ବେଦକୁ ସ୍ୱତନ୍ତ୍ର ଶ୍ରେଣୀରେ ରଖାଯାଇଥାଏ । କେହି କେହି ଏହାକୁ ଐହିକ ବେଦ ବୋଲି ମଧ୍ୟ କହିଛନ୍ତି ।

ଅଥର୍ବ ବେଦରେ ଜଣେ ନାଗରିକ ବା ସାଧାରଣ ମନୁଷ୍ୟ ପାଇଁ ଯଥେଷ୍ଟ ଉପାଦାନ ରହିଛି । ଅନ୍ୟ ତିନୋଟି ବେଦକୁ ରଚନା କରାଯାଇଛି ସାଧାରଣ ସ୍ତରରୁ ଯେଉଁଲୋକ ଉଚ୍ଚରେ ଅଛି ତା'ର ଜ୍ଞାନବୃଦ୍ଧି କରିବା ପାଇଁ, ତାକୁ ସାହାଯ୍ୟ କରିବା ପାଇଁ । ଅଥର୍ବ ବେଦକୁ କିନ୍ତୁ ରଚନା କରାଯାଇଛି ମାନବର ଆଶା ଆକାଂକ୍ଷା ପୂରଣ କରିବା ପାଇଁ । ମନୁଷ୍ୟର ଆଧ୍ୟାତ୍ମିକ ଉନ୍ନତି ସଙ୍ଗେ ସଙ୍ଗେ ସେ ଯେଭଳି ଜଣେ ସଫଳ ଗୃହସ୍ଥ ହୋଇପାରିବ ସେ ବିଷୟରେ ଅଥର୍ବ ବେଦରେ ଉପଯୁକ୍ତ ବର୍ଣ୍ଣନା ରହିଛି । ଅନ୍ୟଭାବରେ କହିବାକୁ ଗଲେ ଜଣେ ସଂସାରୀ ମନୁଷ୍ୟର କର୍ତ୍ତବ୍ୟ ବିଷୟରେ ଏହା ଯଥେଷ୍ଟ ନିର୍ଦ୍ଦେଶ ଦେଉଛି । ଅଥର୍ବ ବେଦର ବାଣୀରେ ଆଧ୍ୟାତ୍ମିକ ସାମ୍ୟବାଦ, ଅତି ଗହନ ଦାର୍ଶନିକ ତତ୍ତ୍ୱ ଓ ସୁଗଭୀର ଦେଶପ୍ରେମର ମଧ୍ୟ ଉଲ୍ଲେଖ ରହିଛି । ଭାରତବର୍ଷର ମାନବ ଜାତିର ସାମାଜିକ ଇତିହାସରେ ଏହି ବେଦର ଗୁରୁତ୍ୱ ସବୁଠାରୁ ଅଧିକ । ସଂସ୍କୃତି, ଧର୍ମ, ବିଶ୍ୱାସ, ରୋଗ, ଔଷଧ, କୃଷି ଓ ସମାଜଶାସ୍ତ୍ରର ଏହି ବେଦଟି ହେଉଛି ଅନେକ ଦୃଷ୍ଟିରୁ ଗୋଟିଏ ଜ୍ଞାନମଣ୍ଡଳ ବା ଏନ୍‌ସାଇକ୍ଲୋପିଡିଆ । ବୈଦିକ ଯୁଗରେ ହିନ୍ଦୁ ସମାଜ କିଭଳି ଥିଲା ତା'ର ସବୁ ବିଭାଗର ସଂପୂର୍ଣ୍ଣ ପରିଚୟ ଅଥର୍ବ ବେଦରୁ ମିଳିଯାଇଥାଏ ।

ଅଥର୍ବ ବେଦକୁ 'ଅଥର୍ବାଙ୍ଗିରସ' ବୋଲି ମଧ୍ୟ କୁହାଯାଏ । ଏହି ଶବ୍ଦରୁ ଜଣାପଡୁଛି ଯେ 'ଅଥର୍ବନ' ଓ 'ଅଙ୍ଗିରସ' ନାମକ ଦୁଇ ଋଷିକୁଳର ପଣ୍ଡିତମାନେ ଏହାକୁ ରଚନା କରିଥିଲେ । ପ୍ରଥମେ ପ୍ରଥମେ କିନ୍ତୁ ଅଥର୍ବକୁ ବେଦର ମାନ୍ୟତା ଦିଆଯାଉ ନ ଥିଲା । ଏହା କେବେ ରଚିତ ହୋଇଥିଲା ସେ ବିଷୟରେ ଏ ପର୍ଯ୍ୟନ୍ତ କେହି ସ୍ଥିର ସିଦ୍ଧାନ୍ତରେ ପହଞ୍ଚି ପାରିନାହାନ୍ତି । ଅନେକଙ୍କ ମତରେ ମହାଭାରତ ପରେ ଏହା ରଚିତ ହୋଇଛି । ଅତି କମ୍‌ରେ କିନ୍ତୁ ଏହା ତିନିହଜାର ବର୍ଷ ପୂର୍ବର ବୋଲି କୁହାଯାଇପାରେ ।

***ସମ୍ବନ୍ଧୀୟ ବିଷୟ***

*ବେଦ, ସନାତନ ଧର୍ମ, ଋଗ୍ ବେଦ, ଯଜୁର୍ବେଦ, ସାମ ବେଦ, ବୈଷ୍ଣବ ଧର୍ମ, ଉପନିଷଦ, ଭାରତୀୟ ସଭ୍ୟତା, ବୈଦିକ ସାହିତ୍ୟ*

▷▷

## ଅଥଳ

ମଣିଷ ସବୁବେଳେ ଉଦ୍ୟମ କରି ଆସିଛି ତା ଚାରିପଟେ କ'ଣ ଅଛି ସେ କଥା ଜାଣିବା ପାଇଁ । ସେହି ଉଦ୍ୟମର ଫଳ ସ୍ୱରୂପ ବିଜ୍ଞାନୀ, ଆବିଷ୍କାରକ ତଥା ଗବେଷକମାନେ ପୃଥିବୀ ଉପରର ବା ଭୂପୃଷ୍ଠର ସବୁ ଅଞ୍ଚଳ ସହିତ ଅନ୍ତରୀକ୍ଷ ବା ମହାକାଶକୁ ମଧ୍ୟ ଜୟ କରିବାକୁ ଚେଷ୍ଟା କରୁଛନ୍ତି ଓ ସମୁଦ୍ରର ଅତଳ ଗର୍ଭକୁ ଯାଇ ଅନୁସନ୍ଧାନ ଚଳାଉଛନ୍ତି । ସାଗର ଗର୍ଭକୁ ମାନବ ସଭ୍ୟତା ଆରମ୍ଭରୁ, ବହୁଦିନୁ 'ଅଥଳ' ବୋଲି କୁହାହୋଇ ଆସିଛି । କାରଣ ସେଠିକି ଯିବାକୁ ସେ ସହଜରେ 'ଥଳ' ପାଇନାହିଁ ।

ଅଥଳ ସମୁଦ୍ରକୁ ଜୟ କରିଗଲେ ମନୁଷ୍ୟର ବହୁ ସମସ୍ୟାର ସମାଧାନ ହୋଇଯିବ ବୋଲି ଆଜି ଏକବିଂଶ ଶତାବ୍ଦୀର ଆରମ୍ଭ ବେଳକୁ ପଣ୍ଡିତମାନେ ମତ ଦେଉଛନ୍ତି । ଆମ ଗ୍ରହର ପ୍ରାୟ ତିନି ଚତୁର୍ଥାଂଶ ଅଞ୍ଚଳ ହେଲା ସାଗର ମହାସାଗର । ଏଥିରେ ରହିଛି ପ୍ରାୟ ୧୪୦ କୋଟି ଘନକିଲୋମିଟର ପରିମାଣର ଜଳ ଓ ଏହି ଜଳରାଶିର ହାରାହାରି ଗଭୀରତା ହେଲା ପ୍ରାୟ ୩,୭୦୦ ମିଟର । ସାଗର ମହାସାଗର ସେମାନଙ୍କ ବକ୍ଷରେ ଭୂଭାଗ ଅପେକ୍ଷା ବହୁ ଅଧିକ ଜାତିର ପ୍ରାଣୀ ଓ ଉଦ୍‌ଭିଦଙ୍କୁ ଧାରଣ କରିଛନ୍ତି । ସମୁଦ୍ରର ଅର୍ଥନୈତିକ ଗୁରୁତ୍ୱ ମଧ୍ୟ କିଛି କମ୍ ନୁହେଁ । ଲୁହା, ନିକେଲ, ମାଙ୍ଗାନିଜ୍, ତମ୍ବା ଓ କୋବାଲ୍‌ଟ ଭଳି ଅତି ଦରକାରୀ ଓ ମୂଲ୍ୟବାନ ଧାତୁସବୁ ସାଗର ଗର୍ଭରେ ଏତେ ପରିମାଣରେ ଗଚ୍ଛିତ ଅଛି ଯେ ସେସବୁକୁ ଯଦି କାମରେ ଲଗାଯାଇ ପାରିବ ତେବେ ମାନବ ଜାତିର ଆସନ୍ତା ହଜାର ହଜାର କୋଟି ବର୍ଷର ଚାହିଦା ହୁଏତ ମେଣ୍ଟିଯିବ ।

ନୂଆ ତଥ୍ୟ ମିଳିଗଲା ପରେ ଭୂବିଜ୍ଞାନୀମାନେ ଏବେ କହୁଛନ୍ତି ଯେ ସାଗର ତଳର ପ୍ରାକୃତିକ ନକ୍‌ସା ଭୂପୃଷ୍ଠ ନକ୍‌ସାକୁ ମଳିନ ପକାଇଦେବ । ହିମାଳୟ ପର୍ବତ 'ଗଳି ପଡ଼ିଲା' ଭଳି ଗଭୀର ସ୍ଥାନ ଠାରୁ ଆରମ୍ଭ କରି ଗୁଡ଼ିଏ ଅତିକାୟ ଆଗ୍ନେୟଗିରି ସେଠି ରହିଛି । ଆହୁରି ମଧ୍ୟ ଗୋଟାଏ ୬୦,୦୦୦ କିଲୋମିଟର ଲମ୍ବର ପର୍ବତମାଳା ସବୁ ମହାସାଗର ଭିତର ଦେଇ ପୃଥିବୀର ଚାରିପଟେ ବୁଲିଯାଇଛି ବୋଲି ଏବେ ଜଣାପଡ଼ିଲାଣି । ତେଣୁ ଏଇଟି ପୃଥିବୀ ବକ୍ଷର ସବୁଠାରୁ ବଡ଼ ଭୂବୈଜ୍ଞାନିକ ଲକ୍ଷଣ ବୋଲି ପଣ୍ଡିତମାନେ କହୁଛନ୍ତି । ୬୦୦୦ ମିଟର ଗଭୀରତାରେ ସାମୁଦ୍ରିକ ବିଜ୍ଞାନୀମାନେ ଏଭଳି ଗୋଟିଏ ଜାତିର ବାକ୍‌ଟେରିଆର ସନ୍ଧାନପାଇଛନ୍ତି ଯାହା କେବଳ ହାଇଡ୍ରୋଜେନ ସଲ୍‌ଫାଇଡ୍ ଖାଇକରି ବଞ୍ଚୁଛି ଓ ରାସାୟନିକ ସଂଶ୍ଳେଷଣ ଦ୍ୱାରା ନିଜପାଇଁ ଉର୍ଜା ସଂଗ୍ରହ କରିନେଇପାରୁଛି । ତା ପାଇଁ ଆଲୋକ ବା ସୌରଶକ୍ତିର ଆଦୌ ଆବଶ୍ୟକତା ପଡୁନାହିଁ ।

କିନ୍ତୁ ମନୁଷ୍ୟ ମହାଶୂନ୍ୟକୁ ଯେତେ 'ସହଜ'ରେ ଜୟ କରିଯାଇପାରିଛି ନିଜ ଗ୍ରହରେ ଥିବା ସମୁଦ୍ରର ଅଥଳ ଅଭ୍ୟନ୍ତରକୁ ସେତେ ସହଜରେ ଜୟ କରିପାରୁନାହିଁ । ପୃଥିବୀର 'ଗୋଟିଏ'ଗଭୀରତମ ସ୍ଥାନ ବୋଲି କୁହାଯାଉଥିବା ମାରିଆନାସ ଟ୍ରେଞ୍ଚ (ସର୍ବଶେଷ ମାପ ୧୦,୯୧୧ ମିଟର)କୁ ଏପର୍ଯ୍ୟନ୍ତ ମାତ୍ର ଗୋଟିଏ ଥର ଲାଗି ସେ ଯାଇପାରିଛି । ଅବଶ୍ୟ ଫିଲିପାଇନ୍‌ସ୍ ନିକଟରେ ପ୍ରଶାନ୍ତ ମହାସାଗରରେ ଥିବା ଏହି ସ୍ଥାନକୁ ୧୯୯୫ ମସିହା ମାର୍ଚ୍ଚ ମାସରେ ଗୋଟିଏ ଜାପାନୀ ମଣିଷବିହୀନ ଯାନ ଆଉଥରେ ଯାଇ ଫେରିଆସିପାରିଛି । ସେହି ଜାପାନୀ ଯାନଟି ସମୁଦ୍ରର ୧୧,୦୩୦ ମିଟର ତଳେ ଗୋଟାଏ ପାଞ୍ଚ ସେ.ମି. ଲମ୍ବର ଚୁଙ୍ଗୁଡ଼ିର ସନ୍ଧାନ ପାଇଛି । ଆଲୋକର ଆଦୌ ସତ୍ତା ନଥିବା, ଅତ୍ୟଧିକ ଗଭୀର ତଥା ଘନ ଅନ୍ଧକାରାଚ୍ଛନ୍ନ ଓ କଳ୍ପନାତୀତ ଜଳଚାପ ଥିବା ଏହି ଅଥଳ ଅଞ୍ଚଳରେ ଆହୁରି ବହୁ ପ୍ରକାରର ଜୀବ ଓ ଉଦ୍‌ଭିଦଙ୍କର ମଧ୍ୟ କ୍ରମେ ସନ୍ଧାନ ମିଳୁଛି । ସମୁଦ୍ର ତଳ କଥା ଖୁବ୍ ଭଲଭାବରେ ନ ଜାଣିଲେ ଭୂପୃଷ୍ଠର ଗଠନ ସଂକ୍ରାନ୍ତରେ ସଂପୂର୍ଣ୍ଣ ଭାବେ ଜାଣିବା ଆଦୌ ସମ୍ଭବ ହେବ ନାହିଁ ବୋଲି ବିଜ୍ଞାନୀ ମାନଙ୍କ ମତ । ଅଥଳ ସମୁଦ୍ରରେ ଚାଲିଥିବା ଜଳସ୍ରୋତ ଦ୍ୱାରା ଭୂପୃଷ୍ଠର ଜଳବାୟୁ ତଥା ବାୟୁମଣ୍ଡଳ ପ୍ରଭାବିତ ହେଉଥିବାରୁ ସେ ସଂକ୍ରାନ୍ତରେ ମଧ୍ୟ ଅଧିକ ଗବେଷଣା ଚାଲୁ ରହିଛି ।

୧୯୯୭ ମସିହା ବେଳକୁ ମନୁଷ୍ୟ ନିଜେ ଅଥଳ ମହାସାଗରର ପୃଷ୍ଠ ପତନରୁ କେତେ ତଳକୁ କ୍ରମାନ୍ୱୟରେ ଯିବାକୁ କିମ୍ବା ଯାନ ପଠାଇବାକୁ ସମର୍ଥ ହୋଇଛି ଓ ପ୍ରକୃତି ସୃଷ୍ଟ ଜୀବନ ତଥା

ପଦାର୍ଥ ମହାସାଗର ଗର୍ଭରେ କେତେ ତଳଯାଏ ରହିଛି ତା'ର ଗୋଟିଏ ତୁଳନାତ୍ମକ ଚିତ୍ର ହେଲା ଏହିଭଳି :

ସ୍କୁବା ଡାଇଭର ୪୦ମି
ଜିମ୍ ସୁଟ ୪୪୦ମି
ବୁଡ଼ାଜାହାଜ ୧୦୦୦ମି ପରେ
ଡିପ୍ ରୋଭର ଯାନ ୧୦୦୦ମି
ଡିପ୍ ଫ୍ଲାଇଟ ଯାନ ୧୦୦୦-୧୦,୦୦୦ମି
'ଆଲ୍‌ଭିନ' ଗବେଷଣା
ସବ୍‌ମାରିନ୍ ୪,୫୦୦ମି
ନଟାଇଲ୍, ମିର୍ ଏବଂ
ସିକ୍ଲିଫ୍ ଯାନ ୬,୦୦୦ମି
ଯାସନ ରୋବଟ ଯାନ ୬,୦୦୦ମି
ସିଙ୍କାଇ-୬୫୦୦ ଯାନ ୬,୫୦୦ମି
ବାଥିସ୍କୋପ୍ ଟ୍ରିଏଷ୍ଟେ ୧୦,୯୧୨ମି
କାଇକୋ ରୋବଟ ଯାନ ୧୦,୯୧୧ମି

ପ୍ଲାଙ୍କଟନ୍ ୨୦୦ମି ପର୍ଯ୍ୟନ୍ତ
ବୃହତ ସ୍କୁଇଡ୍ ୧,୦୦୦ମି
କଡ୍ ମାଛ ୧,୪୦୦ମି ପର୍ଯ୍ୟନ୍ତ
ନଳୀ କୃମି ୨,୨୨୫ମି
ସ୍ପର୍ମ ତିମି ୨,୪୪୦ମି ପର୍ଯ୍ୟନ୍ତ
ମାଙ୍ଗାନିଜ ଧାତୁ ନୋଡୁଲ ୪,୩୦୦ମି-୫,୨୦୦ମି
ଉଷ୍ଣଜଳୀୟ ନିକାସଉତ୍ସ ୮୦ମି-୬,୦୦୦ମି
ଶାମୁକା ୬,୩୬୬ମି
ଆଂଫିପଡ୍ ଜାତିର ପ୍ରାଣୀ ୧୧,୦୩୦ମି

***ସମ୍ବନ୍ଧୀୟ ବିଷୟ***
*ସମୁଦ୍ର, ପୃଥିବୀ, ଭୂବିଜ୍ଞାନ, ଟେକ୍‌ନୋଲଜି, ସାମୁଦ୍ରିକବିଜ୍ଞାନ, ସାମୁଦ୍ରିକ ଜୀବନ, ଇକୋଲଜି, ଇଭୋଲୁସନ, ଜଳବାୟୁ, ପୃଥିବୀରେ ଜୀବନ, ଇକୋସିଷ୍ଟମ*

▷▷

## ଅଥାର

ସଂସ୍କୃତ ଆସ୍ତରଣ ଶବ୍ଦରୁ ଏହା ଆସିଛି । ଗୋଟିଏ ମାଟି ହାଣ୍ଡିର ମଧ୍ୟ ଅଂଶରେ ବାଉଁଶ କଣିରେ ତିଆରି ହୋଇଥିବା ମୋଡ଼ିଆଟିଏ ଖଞ୍ଜିଦିଆଯାଏ । ତା ଉପରେ ବାଉଁଶ କାଠି ବା ବତା ଖଞ୍ଜିଦେଇ ସେହି କାଠି ଉପରେ ନଡ଼ା ବା ଛଣକୁ କାଟି ବିଛାଇ ଦିଆଯାଏ, ଯେଭଳି ପିଠା ବା ରନ୍ଧନ ପଦାର୍ଥ ଗଳି ନ ପଡ଼ିବ । ଏହାପରେ ପାଣି ଢାଳି ଦିଆଯାଏ । ପାଣି ଗୋଲ ମୋଡ଼ିଆର ପତନଠାରୁ ତଳେ ଥାଏ । ଏହି 'ଅଥାର'କୁ ନେଇ ଚୁଲୀ ଉପରେ ବସାଇ ଦିଆଯାଏ । ଏଣ୍ଡୁରି, ମଣ୍ଡା, ଗଇଁଠା, ମୁଆଁ ବା ଗେଟେଇ ପ୍ରଭୃତି ପିଠା ସେହି ନଡ଼ା ବିଛଣା ଉପରେ ସଜାଇ ରଖି ଦିଆଯାଇ ହାଣ୍ଡି ମୁହଁରେ ଖଣ୍ଡେ ମୋଟା କନା ବାନ୍ଧି ଦିଆଯାଏ । ଏହି କନା ଉପରେ ମଧ୍ୟ ପିଠା ରଖାଯାଇ ହାଣ୍ଡି ଉପରେ ମୁହଁକୁ ଠିକ୍ ଲାଗିଲା ଭଳି ଗୋଟିଏ ପଲମ ରଖି ଦିଆଯାଏ । ପାଣି ଫୁଟିଲା ପରେ ସେଥିରୁ ଯେଉଁ ବାଷ୍ପ ବା ବାମ୍ଫ ବାହାରେ ସେହିଥିରେ ପିଠା ସିଝିଯାଏ । ମାଂସ କିମ୍ବା ମାଛ ମଧ୍ୟ ପିଠା ସିଝାଇଲା ଭଳି ଅଥାରରେ ସିଝାଯାଏ ।

ବିଂଶ ଶତାବ୍ଦୀ ଶେଷ ହୋଇ ଆସିଲାବେଳକୁ ଚଳଣିରେ ପରିବର୍ତ୍ତନଜନିତ କାରଣରୁ ଅଥାରର ବ୍ୟବହାର କମି ଆସିଥିଲେ ମଧ୍ୟ ଦିନେ ଏହା ଓଡ଼ିଆ ଗୃହିଣୀର ଗୋଟିଏ ଶ୍ରେଷ୍ଠ ରନ୍ଧନ-ଆୟୁଧ ଭାବେ ବିବେଚିତ ହେଉଥିଲା ।

***ସମ୍ବନ୍ଧୀୟ ବିଷୟ***
*ରନ୍ଧନ, ଓଡ଼ିଶାର ପିଠାପଣା, ଓଡ଼ିଆ ପର୍ବ-ପର୍ବାଣୀ*

▷▷

## ଅଦତ୍ତ

ଅନ୍ୟାୟରେ ଯାହା ଦିଆଯାଏ ବା ଅନ୍ୟାୟ ଦାନ । ଶାସ୍ତ୍ରକାରମାନେ ୧୬ ପ୍ରକାର ଦାନକୁ ଅଦତ୍ତ ବା ଅନ୍ୟାୟ ଦାନ ବୋଲି ମତପ୍ରକାଶ କରିଛନ୍ତି ଓ ସେଭଳି ଦାନ ଜଣେ ଗ୍ରହଣ କରିବା ଉଚିତ ନୁହେଁ ବୋଲି ନିର୍ଦ୍ଦେଶ ମଧ୍ୟ ଦେଇଛନ୍ତି । ଯେଉଁ ଲୋକ ଅନ୍ୟାୟ ଦାନ କରେ ଓ ଲୋଭର ବଶବର୍ତ୍ତୀ ହୋଇ ଯିଏ ସେହି ଅନ୍ୟାୟ ଦାନକୁ ଗ୍ରହଣ କରେ, ତେବେ ଉଭୟ ଦଣ୍ଡନୀୟ ହେବେ ବୋଲି ଶାସ୍ତ୍ରରେ ଉଲ୍ଲେଖ ରହିଛି । କେବଳ ଗୋଟିଏ ବିକଶିତ ସମାଜର ହିଁ ଦାନ ଓ ଦାନ ଗ୍ରହଣ ବିଷୟରେ ଏଭଳି ନିୟମ ବାନ୍ଧିଦେଇ ପାରିବାର କ୍ଷମତା ଥିବାରୁ, ହଜାର ହଜାର ବର୍ଷ ତଳର ଭାରତୀୟ ସମାଜ କିଭଳି ଉଚ୍ଚସ୍ତରକୁ ଉଠିଥିଲା ତା'ର ପ୍ରମାଣ ଏଥିରୁ ମିଳିଯାଉଛି । ଆଜିର ଆଇନରେ ଦାନ ବା ଦାନ ଗ୍ରହଣ ବିଷୟରେ ଯେଉଁସବୁ ନିର୍ଦ୍ଦେଶ ବା ବାରଣ ରହିଛି, ସେଗୁଡ଼ିକର ମୂଳ ଉତ୍ସ ହେଲା ଏହି ଶାସ୍ତ୍ରଗତ ଉପଦେଶ ।

***ସମ୍ବନ୍ଧୀୟ ବିଷୟ***
*ଆଇନ, ଦାନ, ସମାଜ, ଦଣ୍ଡ, ପୁରାଣ-ଶାସ୍ତ୍ର, ଲାଞ୍ଚ*

▷▷

## ଅଦଳ

ଗଛରେ ପତ୍ର ଥାଏ । ସେହି ପତ୍ରର ଅନ୍ୟ ଗୋଟିଏ ନାମ ହେଲା ଦଳ । ଯେଉଁ ଗଛରେ ସାଧାରଣ ଅର୍ଥରେ ପତ୍ର ନାହିଁ, ତାହାକୁ ଅଦଳ ବୋଲି କୁହାଯାଏ । ମରୁ ଅଞ୍ଚଳରେ ଦେଖାଯାଉଥିବା ଏହି ଜାତିର ଉଦ୍‌ଭିଦକୁ ଇଂରାଜୀ ଭାଷାରେ କାକ୍‌ଟସ୍ ନାମ ଦିଆଯାଇଛି ।

***ସମ୍ବନ୍ଧୀୟ ବିଷୟ***
*ଉଦ୍‌ଭିଦ ଓ ଉଦ୍‌ଭିଦ ବିଦ୍ୟା, ମରୁଭୂମି, କାକ୍‌ଟସ୍, ଲୋକସଂସ୍କୃତି*

▷▷

## ଅଦା

ଏ ସଂସାରରେ ମନୁଷ୍ୟ ଯେତେବେଳେ ପ୍ରଥମେ ବୁଲିଲା ସେତେବେଳେ ମନୁଷ୍ୟ ତିଆରି ଔଷଧ କିଛି ନଥିଲା । କିନ୍ତୁ ଲୋକେ ରୋଗରେ ପଡୁଥିଲେ । ପ୍ରକୃତି ଯେଉଁ ଚେର, ମୂଳ, ଛେଲି, ମଞ୍ଜି ତିଆରି କରିଛି ତାହାରି ଭିତରୁ କ୍ରମେ ସେ ଔଷଧ ଖୋଜି ବାହାର କରିଦେଲା । ଦେହ ଟିକିଏ ଖଣ୍ଡିଆ ହୋଇଗଲେ ଦୁବଘାସକୁ ଘେଚେଇ ବା ଛେଚି ସେଠାରେ ଲଗାଇ ଦେଉଥିଲା । ପେଟ ଟିକିଏ ଖରାପ ହେଲେ ଅଦା ଖଣ୍ଡେ ଘେଚାଇ



ପ୍ରକାର ଭେଦ ନେଇ ଅଦାର ସ୍ୱାଦ ଓ ଗନ୍ଧ ରହିଛି । ପୃଥିବୀର ଭିନ୍ନ ଭିନ୍ନ ଅଞ୍ଚଳର କେତେକ ଜାତିର ଅଦା ଗଛର ଉଚ୍ଚତା ପ୍ରାୟ ଏକମିଟର ପର୍ଯ୍ୟନ୍ତ ହୋଇଥିଲାବେଳେ ଅନ୍ୟ କେତେକର ଉଚ୍ଚତା ଏହାଠାରୁ କମ୍ । (ବାମ) ଅଦା 'ଫୁଲ' ।

ଦେଉଥିଲା । ସେ ଯୁଗରେ ସେ'ତ ରୋଷେଇ କ'ଣ ଜାଣିନଥିଲା । କାରଣ ନିଆଁ ବାହାର କରିବା, ସାଇତି ରଖିବା ବା ତାକୁ କାମରେ ଲଗାଇବା କଥା ତାକୁ ଜଣା ନଥିଲା । ପରେ ଯେତେବେଳେ ସେ ରୋଷେଇ କରି ଶିଖିଲା ସେତେବେଳେ ତରକାରୀକୁ ସୁଆଦ କରିବାପାଇଁ ସେ ବଣରୁ ସଂଗ୍ରହ କରିଥିବା କିଛି କିଛି ମସଲା ଛେଚି ତା ଦେହରେ ପକାଇଲା । ସେତେବେଳେ ସେ ଜାଣିଲା ଅଦାଟି ତରକାରୀକୁ ସୁଆଦ କରୁଛି ଓ ପେଟ ଭିତରକୁ ଯାଇ ଔଷଧଭଳି କାମ କରୁଛି । ଏଭଳି ମସଲା ପକାଇଦେଲେ ତରକାରୀରୁ ଯେଉଁ ବାସ୍ନା ବାହାରେ ସେଇଟା ଖାଇଲାବାଲାର ମନକୁତ ଖୁସି କରିଦିଏ, ତରକାରୀକୁ ଆହୁରି ରୋଚକ କରିଦିଏ । କାରଣ ନାକହିଁ ପ୍ରଥମେ ବାରି ଦେଉଛି ତରକାରୀଟା ଭଲ ଲାଗିବ କି ନାହିଁ ।

ପ୍ରାୟ ସବୁ ଗ୍ରୀଷ୍ମ ମଣ୍ଡଳୀୟ ଦେଶରେ ଅଦା ଚାଷ ହୁଏ । ଇଉରୋପ ଅଞ୍ଚଳରେ ଏହି ଅଦା ନଥିଲା । ଆରବ ଦେଶର ଲୋକେ ଆମ ଦେଶରୁ ନେଇ ସେଠାରେ ଏହାକୁ ବହୁ ମୂଲ୍ୟରେ ବିକୁଥିଲେ । ଇଉରୋପର ଲୋକେ ଯେତେବେଳେ ଭାରତକୁ ଆସିଲେ ସେତେବେଳେ କେରଳରେ ଏହାକୁ ପାଇଲେ । ଲୋକଙ୍କୁ ପଚାରିଲାରୁ ସେମାନେ କହିଲେ ଏହାର ନାମ ହେଉଛି 'ଇଞ୍ଜି' । ସେହି ଇଞ୍ଜି ଶବ୍ଦ ଗୋଟାଏ ଭାଷାରୁ ଭିନ୍ନ ଭିନ୍ନ ଭାବରେ ଉଚ୍ଚାରଣ କରୁ କରୁ ଇଂରାଜୀରେ ହୋଇଗଲା ଜିଞ୍ଜର । ଏହାର ବ୍ୟବହାର ନାନା ପ୍ରକାରେ ହେଉଛି । ସଂସ୍କୃତରେ ଏହାକୁ ଆର୍ଦ୍ରକ ବୋଲି କୁହନ୍ତି । ଏହାକୁ ବହୁଦିନ ରଖିବାପାଇଁ ଶୁଖାଇ ପାଗ କରି ଦିଆଯାଏ । ତାହାକୁ ଶୁଣ୍ଠି ବୋଲି କୁହାଯାଏ । କେତେକ ଦେଶରେ ଅଦାକୁ ଆଚାର କରି ଖିଆଯାଏ । ଛାଇ ଜାଗା ଓ ନୀରସା ମାଟିରେ ମଧ୍ୟ ଅଦା ହୋଇଥାଏ ।

***ସମ୍ବନ୍ଧୀୟ ବିଷୟ***

*ଉଦ୍‌ଭିଦବିଜ୍ଞାନ, ଖାଦ୍ୟ, କୃଷି, ମସଲା, ଔଷଧ, ଆୟୁର୍ବେଦ*

## ଅଦାଲତ

ନ୍ୟାୟର ଆଳୟ ବା ନ୍ୟାୟାଳୟ ଓ ଅଦାଲତ ହେଲା ଏକାର୍ଥବାଚକ ଶବ୍ଦ । ଆରବୀ ଭାଷାରେ ନ୍ୟାୟକୁ 'ଅଦଲ୍' ବୋଲି କୁହାଯାଇଥାଏ । ସେଥିରୁ ଅଦାଲତ ଶବ୍ଦର ଜନ୍ମ ହୋଇଛି । ମୁସଲମାନ ରାଜତ୍ୱ କାଳରୁ ଓଡ଼ିଆ ଭାଷାରେ ଅଦାଲତ ଶବ୍ଦ ସ୍ଥାନ ପାଇଆସିଛି । ସେବେଠାରୁ ନ୍ୟାୟାଳୟ ସ୍ଥାନରେ କଚେରୀ ବା 'କଚ୍‌ହରୀ' ସାଙ୍ଗକୁ ଆମ ଭାଷାରେ ଏହାର ବ୍ୟବହାର ହୋଇଆସୁଛି ।

ନ୍ୟାୟ ଶବ୍ଦର ସୃଷ୍ଟି ବହୁକାଳୁ ହୋଇଥିଲେ ମଧ୍ୟ ଏହାକୁ ଶବ୍ଦଟିଏ ବୋଲି ନ କହି ଗୋଟିଏ 'ଭାବନା' ବୋଲି କହିଲେ ଅଧିକ ସଙ୍ଗତ ହେବ । ମନୁଷ୍ୟ ସବୁଯୁଗରେ ଆଶା ରଖିଛି ସମାଜ ଠାରୁ, ରାଜାଙ୍କ ଠାରୁ ନ୍ୟାୟ ପାଇବ ବୋଲି । ତା ପ୍ରତି ଯେତେବେଳେ ଅନ୍ୟାୟ କରାଯାଇଛି ବା ତା ଅଧିକାରକୁ ଯେତେବେଳେ କ୍ଷୁଣ୍ଣ କରାଯାଇଛି, ପ୍ରତିକାର ନିମନ୍ତେ ସେ ସମାଜପତି ବା ରାଜାଙ୍କ ପାଖକୁ ଯାଇଛି । କାରଣ ଗୋଟାଏ ସମୟରେ ରାଜା ଥିଲେ ସମାଜରେ ସମସ୍ତ କ୍ଷମତାର ଅଧିକାରୀ ଓ ଅଦାଲତ କହିଲେ ତାଙ୍କୁ ହିଁ ବୁଝାଉଥିଲା । ଅବଶ୍ୟ ପୃଥିବୀର ଅଧିକାଂଶ ଅଞ୍ଚଳରେ ଆଜି ଆଉ ସେ ବ୍ୟବସ୍ଥା ନାହିଁ । ଅଦାଲତ ହୋଇଯାଇଛି ଗୋଟିଏ ସ୍ୱତନ୍ତ୍ର ଅନୁଷ୍ଠାନ । ସରକାର ସେ ଅନୁଷ୍ଠାନଟିର ସୃଷ୍ଟିକର୍ତ୍ତା ହେଲେ ମଧ୍ୟ ସେଠାରେ କାହାରି ମର୍ଜି ଉପରେ ବ୍ୟବସ୍ଥା ହୁଏନାହିଁ । ନିର୍ଦ୍ଦିଷ୍ଟ ନିୟମରେ ସେହି ଅନୁଷ୍ଠାନଟି ବନ୍ଧା । ସେସବୁ ନିୟମ କ'ଣ ଜନସାଧାରଣ ତାହା ଜାଣନ୍ତି । ତେଣୁ ଅଦାଲତ ଭଳି ଅନୁଷ୍ଠାନର ଏତେ ମହତ୍ତ୍ୱ । ନ୍ୟାୟ 'ଅନ୍ଧ' ହୋଇଥିବାରୁ ଅଦାଲତର କର୍ତ୍ତା ବା ବିଚାରପତିଙ୍କ ଦାୟିତ୍ୱ ସେଇଥିପାଇଁ ଖୁବ୍ ଅଧିକ ବୋଲି ସବୁବେଳେ କୁହାଯାଇଥାଏ ।

ଆଧୁନିକ ଗଣତାନ୍ତ୍ରିକ ରାଷ୍ଟ୍ରସବୁରେ ଚମତ୍କାର ବିଚାର ବା ଅଦାଲତ ବ୍ୟବସ୍ଥା ସୃଷ୍ଟି କରାଯାଇଛି । ଏଥିରେ ଯେ କୌଣସି ନାଗରିକର ଅଧିକାର ରହିଛି ଅଦାଲତର ଦ୍ୱାରସ୍ଥ ହୋଇ ନ୍ୟାୟଭିକ୍ଷା କରିବା ପାଇଁ । ରାଷ୍ଟ୍ର ପ୍ରଣୟନ କରୁଥିବା ସମସ୍ତ ପ୍ରକାର ଆଇନକୁ ପରୀକ୍ଷା କରିବାର ଅଧିକାର ଅଦାଲତର ରହିଛି । ଜଣେ ଯେତେ ଉଚ୍ଚପଦବୀରେ ଥାଉନା କାହିଁକି ତାଙ୍କ କାର୍ଯ୍ୟର ଆଇନ ଦୃଷ୍ଟିରୁ ସମୀକ୍ଷା କରିବା ଭାରତ ଭଳି ଗଣତାନ୍ତ୍ରିକ ରାଷ୍ଟ୍ରରେ ସମ୍ଭବ ହୋଇଉଠିଛି ।

ଆଜି ଆମ ଦେଶରେ ଯେଉଁ ଅଦାଲତି ପ୍ରଥା ଚାଲିଛି, ତାହା ଇଂରେଜମାନଙ୍କର ଏ ଦେଶକୁ ଦାନ । ଭାରତରେ ପୂର୍ବେ ନ୍ୟାୟାଳୟ ଥିଲେ ମଧ୍ୟ ଏଭଳି ବ୍ୟବସ୍ଥିତ ଢଙ୍ଗରେ ନ ଥିଲା । ସ୍ୱାଧୀନତା ପରେ ସମ୍ବିଧାନ ସ୍ଥିର କରିଦେଲା ଭାରତରେ ଅଦାଲତ ବା କୋର୍ଟସବୁ କେଉଁ କେଉଁ ସ୍ତରରେ ରହି କିଭଳି ନ୍ୟାୟ ପ୍ରଦାନ କରିବେ । ଅଦାଲତର ପରିସର କ୍ରମେ ବଢ଼ି ବଢ଼ି ଚାଲିଛି—ଗ୍ରାମ ଅଦାଲତରୁ ମଣିଷ ଆସି ପହଞ୍ଚିଗଲାଣି ଆନ୍ତର୍ଜାତୀୟ ଅଦାଲତରେ ।

***ସମ୍ବନ୍ଧୀୟ ବିଷୟ***

*ଗଣତନ୍ତ୍ର, ଜଜ୍, ବିଚାର ବ୍ୟବସ୍ଥା, ବ୍ୟକ୍ତି, ଆଇନ, ଭାଷା, ସମ୍ବିଧାନ, ମାନବାଧିକାର, ସମାଜ, ଅଦାଲତ ଅବମାନନା*

## ଅଦାଲତ ଅବମାନନା

ନ୍ୟାୟ ବିଚାର ବ୍ୟବସ୍ଥାରେ ଅଦାଲତ ଅବମାନନା ବା 'କଂଟେମ୍ପ୍ଟ ଅଫ୍ କୋର୍ଟ'ର ଗୁରୁତ୍ୱ ଖୁବ୍ ବେଶୀ । ବିଚାର ବିଭାଗ କିମ୍ବା ବିଚାରପତିଙ୍କ ପ୍ରତି ଅଯଥାର୍ଥ ଆକ୍ଷେପ ତଥା ସେମାନଙ୍କ କାର୍ଯ୍ୟରେ ବାଧା ସୃଷ୍ଟିକୁ ସାଧାରଣତଃ ଏଭଳି କ୍ରିୟା ବୋଲି ଧରାଯାଇଥାଏ । ପ୍ରକୃତରେ ଅଦାଲତ ଅବମାନନାର ସଂଜ୍ଞା କ'ଣ ସେ ବିଷୟରେ ପୃଥିବୀର ଭିନ୍ନ ଭିନ୍ନ ଅଂଶରେ ସବୁବେଳେ ବହୁ ଆଲୋଚନା ହୋଇଥାଏ । ନ୍ୟାୟର ଶାସନରେ ଅଦାଲତ ଜଣକୁ ଅଭୟ ଦେଉଥିବାରୁ ଓ ସେଠାକୁ ଗଲେ ଦୁଃଖର ପ୍ରତିକାର ହୋଇପାରିବ ବୋଲି ଭରସା ଥିବାରୁ ସେଇଟିକୁ ଅତି ପବିତ୍ର ଅନୁଷ୍ଠାନ ବୋଲି ଗ୍ରହଣ କରାଯାଇଛି ଓ ସେହି ଅଦାଲତଙ୍କ ପ୍ରତି ଅବମାନନା ପ୍ରଦର୍ଶନ କଲେ ଘୋର ଅପରାଧ ହେବ ବୋଲି ସ୍ୱୀକାର କରାଯାଇଛି । ଇଂଲଣ୍ଡରେ ଏହି ଧରଣର ଆଇନ ପ୍ରାୟ ଆଠଶହ ବର୍ଷ ତଳେ ପ୍ରଥମ କରି ପ୍ରଣୟନ କରାଯାଇଥିଲା ।

***ସମ୍ବନ୍ଧୀୟ ବିଷୟ***

*ଅଦାଲତ, ନ୍ୟାୟ*

## ଅଦ୍ୱୈତ

ବେଦାନ୍ତ 'ଦର୍ଶନ'ର ଏଇଟି ହେଲା ଗୋଟିଏ ଅତି ମହତ୍ତ୍ୱପୂର୍ଣ୍ଣ ଅଂଶ ବା ଦିଗ । ଉପନିଷଦରେ ଅଦ୍ୱୈତ ବା ଏକତ୍ୱବାଦର ବିଶେଷ ଆଲୋଚନା କରାଯାଇଥିଲେ ମଧ୍ୟ ଐତିହାସିକ ଦୃଷ୍ଟିରୁ ୭ମ ଶତାବ୍ଦୀରେ ଜଣେ ଚିନ୍ତାନାୟକ ଗୌଡ଼ପାଦ ହିଁ ପ୍ରଥମେ ଏହାର ଦାର୍ଶନିକ-ଆଲୋଚନା କରିଥିଲେ ବୋଲି କୁହାଯାଏ । ବୌଦ୍ଧଧର୍ମୀ ମହାଯାନ ସଂପ୍ରଦାୟର 'ଶୂନ୍ୟବାଦ' ଦର୍ଶନ ସିଦ୍ଧାନ୍ତକୁ ଆଧାର କରି ସେ ଏପରି କରିପାରିଥିଲେ । ତାଙ୍କ ମତ ଅନୁଯାୟୀ ପରିଦୃଶ୍ୟମାନ ଜଗତ ହେଲା ବାସ୍ତବସତ୍ତା ରହିତ; କିନ୍ତୁ ମାୟା ଯୋଗୁଁ ତାହା ବାସ୍ତବ ବୋଲି ପ୍ରତୀୟମାନ ହୋଇଥାଏ । ମାୟାଜନିତ ଅଜ୍ଞତାରୁ ଜଣେ ଏଭଳି ସତ୍ୟର ସନ୍ଧାନ ପାଇପାରୁନାହିଁ । ଜୀବ ବୋଲି କିଛି ଗୋଟାଏ ବସ୍ତୁ ଏ ସଂସାରରେ ନାହିଁ—କେବଳ ଆତ୍ମା ରହିଛି ବୋଲି ମଧ୍ୟ ସେ କହିଥିଲେ ।

ଅଷ୍ଟମ ଶତାବ୍ଦୀରେ ଗୌଡ଼ପାଦଙ୍କ ଏହି ଦାର୍ଶନିକ ଚିନ୍ତାଧାରାକୁ ଶଙ୍କର ଆହୁରି ଆଗେଇନେଇ ପାରିଥିଲେ । ଅଦ୍ୱୈତବାଦରେ ସେ ଗୋଟାଏ ବିଶୁଦ୍ଧ, ଆନନ୍ଦମୟ 'ବ୍ରହ୍ମ' କଥାର ଅବତାରଣା କରି ସେଇଟି ହିଁ କେବଳ ବାସ୍ତବ; ବ୍ରହ୍ମର

ଉପଲବ୍ଧି ହିଁ ମଣିଷକୁ ପରମ ଆନନ୍ଦ ଓ ସୁଖ ଦେଇଥାଏ ବୋଲି କହିଲେ ।ଜୀବ, ଜ୍ଞାନ ସାହାଯ୍ୟରେ ବ୍ରହ୍ମର ଅଦ୍ୱୈତ ଲକ୍ଷଣକୁ ବୁଝିପାରିଲେ ଏ ପାର୍ଥିବ ସଂସାରରୁ ମୁକ୍ତିଲାଭ କରିଥାଏ ।ଶଙ୍କରଙ୍କ ପରେ ତାଙ୍କର ଅନେକ ଶିଷ୍ୟ ଅଦ୍ୱୈତ ସିଦ୍ଧାନ୍ତ ଉପରେ କାମ କରିଥିଲେ । ୯ମ ଶତାବ୍ଦୀର ବାଚସ୍ପତି ମିଶ୍ର ସେମାନଙ୍କ ଭିତରେ ସବୁଠାରୁ ପ୍ରସିଦ୍ଧ ।ଅଦ୍ୱୈତ ସାହିତ୍ୟ ଅତିମାତ୍ରାରେ ବ୍ୟାପକ ହୋଇଥିବାରୁ ଆଜି ମଧ୍ୟ ହିନ୍ଦୁ ଦର୍ଶନ ତଥା ଚିନ୍ତାଧାରାରେ ତାହାର ଅନୁକୂଳ ପ୍ରଭାବ ରହିଛି ।

***ସମ୍ବନ୍ଧୀୟ ବିଷୟ***
*ହିନ୍ଦୁ ଧର୍ମ, ଶୈବବାଦ, ଗୌଡ଼ପାଦ, ଶଙ୍କର, ଭାରତୀୟ ଦର୍ଶନ, ବ୍ରହ୍ମ, ଆତ୍ମା, ଉପନିଷଦ*

## ଅଧିବର୍ଷ

ନାନା ଭାବରେ ହିସାବ ଓ ପରୀକ୍ଷା କଲାପରେ ମଣିଷ ଜାଣିଗଲା ଯେ ୩୬୫ ଦିନ ହେଲେ ଗୋଟିଏ ବର୍ଷ ହେଉଛି ।ପୃଥିବୀ ସୂର୍ଯ୍ୟଙ୍କ ଚାରିପଟେ ଥରେ ବୁଲି ଆସିବାକୁ ଏହି ୩୬୫ ଦିନ ଲାଗେ ।ପରେ ବାରମାସକୁ ୩୬୫ ଦିନ ଛାଞ୍ଚରେ ପକାଗଲା । ଏପ୍ରିଲ, ଜୁନ୍, ସେପ୍ଟେମ୍ବର ଓ ନଭେମ୍ବର ମାସ ବାଣ୍ଟରେ ପଡ଼ିଲା ୩୦ ଦିନ । ଫେବୃଆରୀ ୨୮ ଦିନ ବୋଲି କୁହାଗଲା ଓ ଆଉସବୁ ମାସ ୩୧ ଦିନ ଲେଖାଁ ।କିଛିଦିନ ପରେ ହିସାବ ବାହାରିଲା ଯେ ବର୍ଷଟା ଠିକ୍ ୩୬୫ଦିନ ନୁହେଁ—ପ୍ରାୟ ୩୬୫ଦିନ ୫ଘଣ୍ଟା ୪୮ ମିନିଟ ୪୬ ସେକେଣ୍ଡ ।ଏହି ଅଧିକା ସମୟତକ ଶେଷରେ ଫେବୃଆରୀ ମାସ ଭାଗରେ ରଖି ଦିଆଗଲା ।ତେଣୁ ପ୍ରତି ଚାରିବର୍ଷରେ ଫେବୃଆରୀ ମାସଟା ଗୋଟାଏ ଦିନ ବଢ଼ିଗଲା ।ତାକୁହିଁ କହନ୍ତି ଡିଆଁ ବର୍ଷ, ଅଧିବର୍ଷ ବା ଲିପ୍ ଇଅର ।ସେହିବର୍ଷ ଫେବୃଆରୀଟି ହୋଇଗଲା ୨୯ ଦିନ । କେଉଁବର୍ଷ ଏଭଳି ହେବ ଏଥିପାଇଁ ଗୋଟିଏ ନିୟମ ବାନ୍ଧି ଦିଆଯାଇଛି; ବର୍ଷର ଶେଷ ଦୁଇଅଙ୍କ ଯଦି ଚାରିରେ ଛିଣ୍ଡିଯାଉଥାଏ ତେବେ ସେ ବର୍ଷ ଏପରି ହେବ ।

***ସମ୍ବନ୍ଧୀୟ ବିଷୟ***
*ସମୟ, କାଳ, କାଲେଣ୍ଡର, ପୃଥିବୀ, ଜ୍ୟୋତିର୍ବିଜ୍ଞାନ, ଫେବୃଆରୀ*

## ଅନ୍-ଟୁ-ଦିସ୍-ଲାଷ୍ଟ

ଜନ୍ ରସ୍କିନଙ୍କ ରଚିତ ଏହି ପୁସ୍ତକଟି ଗୋଟାଏ ଅର୍ଥରେ ମୋହନ ଦାସ କରମଚାନ୍ଦ ଗାନ୍ଧୀଙ୍କୁ 'ମହାତ୍ମା ଗାନ୍ଧୀ'ରେ ପରିଣତ କରିଦେଇ ପାରିଲା ବୋଲି କୁହାଯାଇଥାଏ । ଦକ୍ଷିଣ ଆଫ୍ରିକାରେ ଥିଲାବେଳେ ଗୋଟିଏ ରେଳଯାତ୍ରା ସମୟରେ ସମୟ କଟାଇବାପାଇଁ ଗାନ୍ଧୀଙ୍କୁ ତାଙ୍କର ଜଣେ ବନ୍ଧୁ ପୋଲକ ଏହି ପୁସ୍ତକଟି ଉପହାର ଦେଇଥିଲେ ଓ ଟ୍ରେନ୍‌ରେ ସେହି ବହି ଖଣ୍ଡିକ ପଢ଼ିସାରିଲା ପରେ ତାଙ୍କ ଚିନ୍ତାଧାରାରେ ବିପ୍ଳବାତ୍ମକ ପରିବର୍ତ୍ତନ ଦେଖାଯାଇଥିଲା ।ଏହା ହେଲା ୧୯୦୩-୦୪ ମସିହାର ଘଟଣା । ପରେ ଗାନ୍ଧୀଜୀ ଏହି ବହିର ମର୍ମାନୁବାଦ କରିଥିଲେ ଓ ତା'ର ନାମ ରଖିଥିଲେ 'ସର୍ବୋଦୟ' ।

***ସମ୍ବନ୍ଧୀୟ ବିଷୟ***
*ଭାରତୀୟ ସ୍ୱାଧୀନତା ଆନ୍ଦୋଳନ, ମହାତ୍ମା ଗାନ୍ଧୀ, ଦକ୍ଷିଣ ଆଫ୍ରିକା, ଜନ୍ ରସ୍କିନ୍, ହେନ୍‌ରୀ ପୋଲକ*

## ଅନଙ୍ଗଭୀମ ଦେବ

ଓଡ଼ିଶାରେ ଗଙ୍ଗବଂଶ ଶାସନ ଚାଲୁଥିବାବେଳେ ତିନିଜଣ ଅନଙ୍ଗଭୀମ ଦେବ ଥିଲେ । ତୃତୀୟ ଅନଙ୍ଗଭୀମ ଦେବଙ୍କ ସମୟରେ ଓଡ଼ିଶାରେ କେତେ ଜମି ଅଛି ତାହାର ହିସାବ ବାହାର କରାଯାଇଥିଲା । ଜଣାପଡ଼ିଲା ଯେ ସେତେବେଳେ ଓଡ଼ିଶାରେ ୬୨ ଲକ୍ଷ ୨୮ ହଜାର ବାଟୀ ବା ପ୍ରାୟ ୫୦୦ ଲକ୍ଷ ହେକ୍ଟର ଜମିଥିଲା । ଯେଉଁମାନେ ଲୋକମାନଙ୍କ ପାଇଁ ଭଲକାମ କରନ୍ତି; ମନ୍ଦିର, ମୂର୍ତ୍ତି ପ୍ରଭୃତି ନିଜ ହାତରେ ଗଢ଼ନ୍ତି; ଭଲ ପଥର କାମ କରନ୍ତି; ଶାସ୍ତ୍ର ପୁରାଣ ପଢ଼ି ପଣ୍ଡିତ ହୁଅନ୍ତି ଓ ଲୋକଙ୍କ ଭିତରେ ଧର୍ମପ୍ରଚାର କରନ୍ତି ସେମାନଙ୍କୁ ସେ ଉପାଧି ଦେଉଥିଲେ ।ତାହାଦ୍ୱାରା ସେମାନଙ୍କ ଗୁଣକୁ ଅନ୍ୟମାନେ ଚିହ୍ନନ୍ତି । ଜଗନ୍ନାଥ ମନ୍ଦିର ଶେଷ କରିବାର ଦାୟିତ୍ୱ ତୃତୀୟ ଅନଙ୍ଗଭୀମ ଦେବଙ୍କ ଉପରେ ପଡ଼ିଥିଲା ।

***ସମ୍ବନ୍ଧୀୟ ବିଷୟ***
*ଓଡ଼ିଶା, ଜଗନ୍ନାଥ ମନ୍ଦିର*

## ଅନନ୍ତବାସୁଦେବ ମନ୍ଦିର

ଭୁବନେଶ୍ୱରକୁ କୁହାଯାଏ ମନ୍ଦିର ସହର ।କାରଣ ଛୋଟ ବଡ଼ ଶହ ଶହ ମନ୍ଦିର ସେଠାରେ ଅଛି । ମୂଳ ଲିଙ୍ଗରାଜ ମନ୍ଦିରକୁ ଛାଡ଼ିଦେଲେ ଆଉ କେତୋଟି ମନ୍ଦିର ବିଷୟରେ ମଧ୍ୟ ଆଲୋଚନା ହୁଏ । ସେଥିଭିତରୁ ଗୋଟିଏ ହେଲା ଅନନ୍ତବାସୁଦେବ ମନ୍ଦିର ।ଏଇଟି ବିନ୍ଦୁସାଗର କୂଳରେ ରହିଛି ।ବଳରାମ, ଜଗନ୍ନାଥ ଓ ସୁଭଦ୍ରାଙ୍କର ମୂର୍ତ୍ତି ଏଠାରେ ପୂଜା ପାଏ ।ପଥରରେ କାରିଗରମାନେ ଏମିତି ସୁନ୍ଦର ସୁନ୍ଦର ଛୋଟ ବଡ଼ ମୂର୍ତ୍ତି ଓ କାରୁକାର୍ଯ୍ୟ ଏହା ଦେହରେ କରିଛନ୍ତି ଯେ ଲୋକେ ବହୁ



ଅନନ୍ତବାସୁଦେବ ମନ୍ଦିରରୁ ମିଳିଥିବା ଶିଳାଲେଖର ଗୋଟିଏ ଅଂଶ ।ଅନଙ୍ଗଭୀମଦେବ ୩ୟଙ୍କ କନ୍ୟା ତଥା ଏହି ମନ୍ଦିରର ପ୍ରତିଷ୍ଠାତା ଚନ୍ଦ୍ରିକା ଦେବୀଙ୍କ ବିଷୟ ଏଥିରେ ଉଲ୍ଲେଖ ରହିଛି ।

ସମୟ ଧରି ତାକୁ ଦେଖିଲେ ମଧ୍ୟ ଭାବନ୍ତି ଆହୁରି ଦେଖନ୍ତେ କି ! ତୃତୀୟ ଅନଙ୍ଗଭୀମ ଦେବଙ୍କ ସମୟରେ ୧୨୭୮ ଖ୍ରୀଷ୍ଟାବ୍ଦରେ ଏହି ମନ୍ଦିର ତୋଳାଯାଇଥିଲା । ଭୁବନେଶ୍ୱରକୁ ଆସୁଥିବା ହଜାର ହଜାର ଯାତ୍ରୀ ଏଠାରେ ପ୍ରସାଦ ସେବନ କରିବାର ବ୍ୟବସ୍ଥା ରହିଛି ।

***ସମ୍ବନ୍ଧୀୟ ବିଷୟ***
*ଓଡ଼ିଶା, ଭୁବନେଶ୍ୱର, ପ୍ରତ୍ନତତ୍ତ୍ୱ, ମନ୍ଦିର, କଳା*

## ଅନାସ୍ଥା-ପ୍ରସ୍ତାବ

ଗଣତନ୍ତ୍ର ଶାସନ ପଦ୍ଧତିରେ ଅନାସ୍ଥା-ପ୍ରସ୍ତାବର ଗୁରୁତ୍ୱ ଖୁବ୍ ବେଶୀ ।ବିଧାନସଭା ବା ସଂସଦରେ ସରକାରଙ୍କ ବିରୋଧରେ ଏଭଳି ପ୍ରସ୍ତାବ ଆଣିବା ସପକ୍ଷରେ ସାଧାରଣତଃ ଦୁଇଟି ମୁଖ୍ୟ କାରଣ ରହିଛି : ଗୋଟିଏ ହେଲା ସରକାରଙ୍କୁ ଗାଦିଚ୍ୟୁତ କରିବା ଓ ଅନ୍ୟଟି ହେଲା ସରକାର ତଥା ଜନସାଧାରଣଙ୍କୁ ଜଣାଇ ଦେବା ଯେ ସରକାର କେଉଁ କ୍ଷେତ୍ରରେ ଘୋର ଅନ୍ୟାୟ କରୁଛନ୍ତି । ସେଭଳି ଜଣାଇ ନ ଦେଲେ ଜନସାଧାରଣ ବା ଭୋଟରମାନେ ବିରୋଧୀ ଦଳର ସଭ୍ୟମାନଙ୍କୁ ଦୋଷ ଦେବା କିମ୍ବା ସେମାନଙ୍କର ଆନ୍ତରିକତାକୁ ସନ୍ଦେହ କରିବାର ଅବକାଶ ରହିଛି ।ସେଥିପାଇଁ ପ୍ରସ୍ତାବ ଗୃହୀତ ହେବାର ଅଦୌ ସମ୍ଭାବନା ନଥିବା କ୍ଷେତ୍ରରେ ମଧ୍ୟ ଅନାସ୍ଥା-ପ୍ରସ୍ତାବ ଅଣାଯାଏ ।

କେଉଁ କେଉଁ କାରଣରୁ ବା କେଉଁ ଗୋଟିକ କାରଣରୁ ସରକାରଙ୍କ ବିରୁଦ୍ଧରେ ଅନାସ୍ଥା ପ୍ରସ୍ତାବ

ଆସୁଛି ତାହା ସାଧାରଣତଃ ବିରୋଧୀ ଦଳର ସଭ୍ୟମାନେ ଜଣାଇ ଦେଇଥା'ନ୍ତି । କୌଣସି କାରଣ ନ ଜଣାଇ ମଧ୍ୟ ସେଭଳି ପ୍ରସ୍ତାବ ଆଣିବାର ଅଧିକାର ସେମାନଙ୍କର ରହିଛି । ଅନାସ୍ଥା-ପ୍ରସ୍ତାବ ଗୃହୀତ ହୋଇଗଲେ ସରକାରଙ୍କୁ ଇସ୍ତଫା ଦେବାକୁ ପଡ଼ିଥାଏ ।

***ସମ୍ବନ୍ଧୀୟ ବିଷୟ***

*ଗଣତନ୍ତ୍ର, ନିର୍ବାଚନ, ସଂସଦୀୟ ବ୍ୟବସ୍ଥା, ସମ୍ବିଧାନ, ରାଜନୈତିକ ଦଳ*

▷ ▷

## ଅନିଦ୍ରା

ଆବଶ୍ୟକୀୟ ବା ଯଥେଷ୍ଟ ପରିମାଣରେ ଶୋଇବା ନିମନ୍ତେ ଅକ୍ଷମତା । ଅନିଦ୍ରାର ମାତ୍ରା ତଥା ଧାରା ବହୁ ପ୍ରକାରର । ଶାରୀରିକ ତଥା ମାନସିକ, ଏ ଉଭୟ କାରଣରୁ ଏହି ଅବସ୍ଥାର ସୃଷ୍ଟି ହୋଇଥାଏ । ଖରାପ ପବନ, ଖରାପ ବିଛଣା ବା ଶୋଇବା ସ୍ଥାନ, ଅତ୍ୟଧିକ ଆଲୋକ, ଗୋଳମାଳ, ଅତ୍ୟନ୍ତ ଗରମ ବା ଶୀତ, ଅନୁପଯୁକ୍ତ ଖାଦ୍ୟ ବା ପାନୀୟ, ଅଜୀର୍ଣ୍ଣ, କ୍ରମାଗତ କୋଷ୍ଠକାଠିଣ୍ୟ, ଶାରୀରିକ ଶ୍ରମ ତଥା ବ୍ୟାୟାମର ଅଭାବ, ଶରୀର ଭିତରେ ଯନ୍ତ୍ରଣା, ଜ୍ୱର ଓ ଅନ୍ୟ ବହୁ ପ୍ରକାରର ରୋଗ, ଅନିୟମିତ କାର୍ଯ୍ୟ ଆବର୍ତ୍ତନ ତଥା ସାଧାରଣ ଅସ୍ୱାସ୍ଥ୍ୟ ହେଲା ଅନିଦ୍ରାର ପ୍ରମୁଖ ଶାରୀରିକ କାରଣଗୁଡ଼ିକ ଭିତରୁ କେତେକ । ଦୁଃଖ, ଚିନ୍ତା, ଭୟ, ନୈରାଶ୍ୟ, ଅବସାଦ, ଉଦ୍‌ବେଗ, ମନସ୍ତାପ, ଅନୁତାପ, ଅତି ମାତ୍ରାରେ ଉତ୍ସୁକତା, ଅଶୁଭ ଆଶଙ୍କା, ଅତ୍ୟଧିକ ମାନସିକ ପରିଶ୍ରମ ଓ ଅସନ୍ତୋଷ ଆଦି ହେଲେ ଏହାର କେତେକ ପ୍ରମୁଖ ମାନସିକ କାରଣ ।

ଅନିଦ୍ରା ରୋଗର ପ୍ରତିକାର କରିବା ନିମନ୍ତେ ଉପାୟମାନ ଥିଲେ ମଧ୍ୟ ସ୍ଥଳ ବିଶେଷରେ ସେ ସବୁକୁ ସଫଳତା ମିଳି ନ ଥାଏ । ଔଷଧ ଖାଇବା ସହିତ ମନସ୍ତାତ୍ତ୍ୱିକ ପରାମର୍ଶ କେତେକ କ୍ଷେତ୍ରରେ ଅନିଦ୍ରାର ଉପଶମ କରାଇଦେଇପାରେ । ପୁରାତନ ଅନିଦ୍ରା ରୋଗୀମାନଙ୍କୁ ଚିକିତ୍ସା କରିବା ବେଳେ ଅନେକ ସମୟରେ ହାଲୁକା ନିଶାଯୁକ୍ତ ଔଷଧ ମଧ୍ୟ ଦିଆଯାଇଥାଏ । ଜଣେ କେତେ ସମୟ ଶୋଇବା ଉଚିତ ସେ ବିଷୟରେ କୌଣସି ଧରାବନ୍ଧା ନିୟମ ନ ଥିବାରୁ ଜଣେ ପ୍ରକୃତରେ ଅନିଦ୍ରା ରୋଗ ଭୋଗ କରୁଛି କି ନାହିଁ ସେ ବିଷୟରେ ଚିକିତ୍ସକ ମାନଙ୍କ ଭିତରେ ଭିନ୍ନ ମତ ରହିଛି ।

ଏକବିଂଶ ଶତାବ୍ଦୀର ଆରମ୍ଭ ବେଳକୁ ନିଦ୍ରା ସଂକ୍ରାନ୍ତୀୟ ଗବେଷଣା ଖୁବ୍ ବିକଶିତ ହୋଇଯାଇ ପାରିଥିବାରୁ ଅନିଦ୍ରା ବିଷୟରେ ମଧ୍ୟ ବହୁ କଥା ଜଣାପଡ଼ିଗଲାଣି । ଶରୀର ଭିତରେ ଥିବା ଅଙ୍ଗ ଗୁଡ଼ିକର ସମସ୍ତ ପ୍ରକାର କାର୍ଯ୍ୟକୁ ସମୟ ଦୃଷ୍ଟିରୁ ନିୟନ୍ତ୍ରଣ କରୁଥିବା ଜୈବ-ଘଡ଼ି ଓ ମେଲାଟୋନିନ୍ ଭଳି କେତେକ ହର୍‌ମୋନ କିଭଳି ଶରୀରର ନିଦ୍ରା-ଚକ୍ରକୁ ବ୍ୟବସ୍ଥିତ କରି ଚଳାଇଥା'ନ୍ତି, ତାହା ଉପରେ ଚାଲିଥିବା ଗବେଷଣା ନିକଟ ଭବିଷ୍ୟତରେ ଅନିଦ୍ରା ରୋଗୀମାନଙ୍କୁ ବହୁ ପରିମାଣରେ ଉପଶମ ଯୋଗାଇଦେବ ବୋଲି କୁହାଯାଉଛି ।

***ସମ୍ବନ୍ଧୀୟ ବିଷୟ***

*ନିଦ୍ରା, ମାନବଶରୀର, ମନସ୍ତତ୍ତ୍ୱ, ଚିକିତ୍ସା-ବିଜ୍ଞାନ, କାର୍ଯ୍ୟକୁଶଳତା, ମସ୍ତିଷ୍କ*

▷ ▷

## ଅନୁଗୁଳ

ଭାରତର ଅନ୍ୟ ସବୁ ଅଞ୍ଚଳକୁ ଦଖଲ କଲାପରେ ଇଂରେଜମାନେ ଓଡ଼ିଶାକୁ ଦଖଲ କରିବାକୁ ଆସିଲେ ଓ ଶେଷରେ ୧୮୦୩ ମସିହାରେ ଓଡ଼ିଶା ପରାଧୀନ ହୋଇଗଲା । କିନ୍ତୁ ଓଡ଼ିଶାର କେତେକ ଅଞ୍ଚଳର ଲୋକେ ବିଦେଶୀ ଶାସନକୁ ମାନିଲେ ନାହିଁ । ସେମାନେ ବହୁବର୍ଷ ପର୍ଯ୍ୟନ୍ତ ବିଦେଶୀ ସେନାଙ୍କ ବିରୁଦ୍ଧରେ ଲୁଚିଛପି ବା ଖୋଲାଖୋଲି ଲଢ଼ାଇ ଚଳାଇଲେ । ସେମାନଙ୍କୁ ଜବତ କରିବାପାଇଁ ଗୋରା ସୈନ୍ୟମାନେ ବହୁତ ଅତ୍ୟାଗ୍ରହ କରିଥିଲେ । ଅନୁଗୁଳ ସେହିଭଳି ଗୋଟିଏ ଅଞ୍ଚଳ । ସେହି ଅଞ୍ଚଳ ପାଇଁ ବ୍ରିଟିଶ ସରକାର ନୂଆ କଡ଼ା ଆଇନ ଜାରିକଲେ । ଅନୁଗୁଳର ଲୋକେ ଏଭଳି ବୀରତ୍ୱ ଦେଖାଇଥିବାରୁ ଆଜି ମଧ୍ୟ ସେମାନଙ୍କ କଥା ଆଲୋଚନା ହେଉଛି ।

କଟକ-ସମ୍ବଲପୁର ରାସ୍ତାରେ କଟକ ଠାରୁ ୧୩୨କିଲୋମିଟର ଦୂରରେ ଏହା ରହିଛି । ୧୯୯୧ ମସିହାର ଜନଗଣନା ଅନୁସାରେ ଲୋକସଂଖ୍ୟା ୯ ଲକ୍ଷ ୬୧ ହଜାର । କ୍ଷେତ୍ରଫଳ ପ୍ରାୟ ୬,୦୦୦ ବର୍ଗକିଲୋମିଟର । ଜିଲାଟିରେ ୪ଟି ସବ୍‌ଡିଭିଜନ୍, ୫ଟି ତହସିଲ, ୮ଟି ବ୍ଲକ୍, ୧୮୧ଟି ଗ୍ରାମପଞ୍ଚାୟତ ଓ ୧୯୨୨ଟି ଗ୍ରାମ ରହିଛି । ଅନେକ ଗୁଡ଼ିଏ ସ୍କୁଲ, କଲେଜ ଓ ଟ୍ରେନିଙ୍ଗ ଅନୁଷ୍ଠାନ ରହିଛି । 'ନାଲ୍‌କୋ' ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଶିଳ୍ପ କାରଖାନା ପ୍ରତିଷ୍ଠିତ ହେବାପରେ ଅନୁଗୁଳ ଜିଲାର ଗୁରୁତ୍ୱ ବଢ଼ିଯାଇଛି ।

***ସମ୍ବନ୍ଧୀୟ ବିଷୟ***

*ଓଡ଼ିଶା, ଭାରତୀୟ ସ୍ୱାଧୀନତା ଆନ୍ଦୋଳନ, ଆଲୁମିନିୟମ, ମହାତ୍ମା ଗାନ୍ଧୀ, ନବକୃଷ୍ଣ-ମାଳତୀ ଚୌଧୁରୀ*

▷ ▷

## ଅନୁତାପ

ମନୁଷ୍ୟର ଯେତେଯେତେ ସଦ୍‌ଗୁଣ ଅଛି, ତାହା ଭିତରେ ଏଇଟି ହେଲା ସବୁଠାରୁ ଦିବ୍ୟ, ମହତ୍ତ୍ୱପୂର୍ଣ୍ଣ ଓ ପବିତ୍ର ବୋଲି ପୃଥିବୀର ପ୍ରାୟ ସବୁ ଧର୍ମରେ ଉପଦେଷ୍ଟା ମାନେ କହିଯାଇଛନ୍ତି । ନିଜର ଭୁଲ୍ ବୁଝିପାରିବାଟି ହେଲା ଅନୁତାପର ପ୍ରଥମ ସୋପାନ । କିନ୍ତୁ ସେଭଳି ଭୁଲ୍ କାହିଁକି ହେଲା ଓ ଆଉ ସେଭଳି କରିବ ନାହିଁ ବୋଲି ଶପଥ ନେବା ଭଳି କଥା ମଧ୍ୟ ହେଲା ଅନୁତାପ କରିବା କ୍ଷେତ୍ରରେ ଥିବା ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ସୋପାନ । ଏଗୁଡ଼ିକ ପରେ ହିଁ ଜଣେ ଅନୁତପ୍ତ ଲୋକ ସତ୍‌ପଥରେ ଆଗେଇ ଯାଇ ପାରିବ ବୋଲି କୁହାଯାଇଥାଏ । କେହି କେହି ଅନୁତାପ କଲେ ମଧ୍ୟ ପ୍ରାୟଶ୍ଚିତ୍ତ କରିବା ପାଇଁ ଯଥେଷ୍ଟ ମନୋବଳର




ଅନୁଗୁଳ ଜିଲା

ଅଧିକାରୀ ହୋଇପାରନ୍ତି ନାହିଁ । କାରଣ ଅନୁତାପ କରିବାପାଇଁ କେବଳ ସଦ୍‌ଗୁଣ ଆବଶ୍ୟକ ହେଲାବେଳେ ପ୍ରାୟଶ୍ଚିତ୍ତ କରିବା ପାଇଁ ଶକ୍ତି ଲୋଡ଼ାପଡ଼େ । କିନ୍ତୁ ଏ ଦୁଇଟି ଭିତରୁ ଗୋଟିକର ଅଭାବରେ ଅନ୍ୟଟିର ମହତ୍ତ୍ୱ ଯଥେଷ୍ଟ ଫୁଟିପାରେ ନାହିଁ । ଅନୁତାପ କରିବାର ସଦ୍‌ଗୁଣ ବା ସାହସ ଯାହାଠାରେ ଅଛି ସେ ଧୀରେ ଧୀରେ ଦେବତ୍ୱ ଆଡ଼କୁ ଅଗ୍ରସର ହୋଇଯିବ ବୋଲି ବହୁ ମୁନିଋଷି ଉଲ୍ଲେଖ କରିଯାଇଛନ୍ତି ।

***ସମ୍ବନ୍ଧୀୟ ବିଷୟ***

*ଶାନ୍ତି, ପାପ, ଆଧ୍ୟାତ୍ମିକତା, ଆତ୍ମବିଶ୍ୱାସ, ଶାସ୍ତ୍ରପୁରାଣ, ଧର୍ମ, ସମାଜ, ଆଇନ*

▷▷

## ଅନୁବାଦ

ଗୋଟିଏ ଭାଷାରେ ଥିବା ଭାବକୁ ଅନ୍ୟ ଭାଷାରେ ପ୍ରକାଶ କରିବା କିମ୍ବା କୌଣସି ଜଟିଳ ଭାବନାକୁ ସରଳ ଭାବରେ ରଖିଦେବା ଭଳି କାର୍ଯ୍ୟକୁ ସାଧାରଣତଃ ଅନୁବାଦ ବୋଲି କୁହାଯାଇଥାଏ । ଇଂରାଜୀ ଭାଷାରେ ଏହାର ପ୍ରତିଶବ୍ଦ ହେଲା 'ଟ୍ରାନ୍ସଲେସନ', ଅର୍ଥାତ୍ ଅନ୍ୟପାରିକୁ ବା ଅନ୍ୟତ୍ର ବହିନେବା । ଭାରତୀୟ ଭାଷା ଗୁଡ଼ିକରେ ଅନୁବାଦ ଶବ୍ଦର ହେଉଥିବା ବ୍ୟବହାର ତୁଳନାରେ ଏହାର ବ୍ୟବହାର କିନ୍ତୁ ବ୍ୟାପକ ।

ପୃଥିବୀର ଅଧିକାଂଶ ଭାଷା ଶିଖି ସେସବୁ ଭାଷାର ସାହିତ୍ୟ ଓ ଅନ୍ୟାନ୍ୟ ବିଷୟରେ ଜାଣିବା ସମ୍ଭବ ହେଉ ନ ଥିବାରୁ ସବୁକାଳେ ପଣ୍ଡିତମାନେ ଅନୁବାଦ ଦିଗରେ ମନ ବଳାଇଛନ୍ତି ଓ ସେମାନଙ୍କର ସେହି ଉଦ୍ୟମ ଫଳରେ ମାନବଜ୍ଞାନର ପ୍ରସାର ହେବା ସମ୍ଭବ ହୋଇପାରିଛି । ସମାଜର ପରିସର ବଢିଗଲାରୁ 'ଭାବ-ବିନିମୟ'ର ସାମଗ୍ରିକ ଗୁରୁତ୍ୱ ଖୁବ୍ ବଢି ଯାଇଛି ଓ ସେ କଥାଟି ଆଉ ସୀମିତ ସଂଖ୍ୟକ ପଣ୍ଡିତଙ୍କ ଭିତରେ ଆବଦ୍ଧ ହୋଇ ରହିନାହିଁ । ତେଣୁ ମାନବଜ୍ଞାନର ସବୁ ବିଭାଗରେ ଅନୁବାଦର ଆବଶ୍ୟକତା ମଧ୍ୟ ବଢ଼ିଯାଇଛି ।

ଯେଉଁମାନେ ଅନୁବାଦ କାର୍ଯ୍ୟ କରନ୍ତି ସେମାନଙ୍କୁ ଅନୁବାଦକ ବୋଲି କୁହାଯାଏ । ଅନୁବାଦ ମାଧ୍ୟମରେ ଭାଷାକୁ ସମୃଦ୍ଧ କରିବା ସଙ୍ଗେ ସଙ୍ଗେ ଜନସାଧାରଣଙ୍କ ଭିତରେ ଜ୍ଞାନ ବିତରଣ କରାଯାଉଥିବାରୁ ଅନୁବାଦକଙ୍କର ଦାୟିତ୍ୱ ବଢ଼ିଯାଇଥାଏ । ଅନୁବାଦ କରିବାଟା ଗୋଟାଏ ମୌଳିକ କାମ ନ ହେଲେ ମଧ୍ୟ ଅନୁବାଦକଙ୍କ ମୌଳିକତା ଦ୍ୱାରା ତାହା ଯଥେଷ୍ଟ ପରିମାଣରେ ପ୍ରଭାବିତ ହୋଇଥାଏ ।

ସାହିତ୍ୟ , ବିଜ୍ଞାନ, ଶାସନ ତଥା ସମାଜର ଅନ୍ୟାନ୍ୟ ସବୁ କ୍ଷେତ୍ରରେ ଅନୁବାଦ କ୍ରିୟାର ଆବଶ୍ୟକତା ଥିବାରୁ ସବୁବେଳେ ଚେଷ୍ଟା କରାହୋଇ ଆସିଛି କିଭଳି ଟେକ୍‌ନୋଲଜିର ସାହାଯ୍ୟ ନେଇ ଯନ୍ତ୍ର-ଅନୁବାଦକ ତିଆରି କରିହୋଇପାରିବ । ଜାତିସଂଘ, ଜାତୀୟ ସଂସଦ କିମ୍ବା କୌଣସି ଗୁରୁତ୍ୱପୂର୍ଣ୍ଣ ଆନ୍ତର୍ଜାତୀୟ ସମ୍ମିଳନୀ ବା ଆଲୋଚନାସଭା ଭଳି କ୍ଷେତ୍ରରେ ଗୋଟିଏ ଭାଷାରୁ ଅନ୍ୟ ଭାଷାକୁ ସ୍ୱୟଂକ୍ରିୟ ଭାବେ ଅନୁବାଦ କରିଦେବା ଭଳି ମେସିନ ସବୁ ଖୋଜାହେବା ଆରମ୍ଭ ହୋଇଗଲାଣି । କଂପିଉଟରକୁ କିଭଳି ମଣିଷ ଭଳି ଅନୁବାଦ କାର୍ଯ୍ୟରେ ଲଗାଯାଇ ପାରିବ ସେ ଦିଗରେ ମଧ୍ୟ ଏକବିଂଶ ଶତାବ୍ଦୀର ଆରମ୍ଭ ବେଳକୁ ଉଦ୍ୟମ ହେଉଛି ।

***ସମ୍ବନ୍ଧୀୟ ବିଷୟ***

*ଭାଷା, ମାନବଜ୍ଞାନ, ବିଶ୍ୱ ସାହିତ୍ୟ, କଂପିଉଟର ଓ ଭାଷା, ଅନୁବାଦ ସାହିତ୍ୟ କଳା*

▷▷

## ଅନ୍ତର୍ମହାଦେଶୀୟ କ୍ଷେପଣାସ୍ତ୍ର

ଗୋଟିଏ ମହାଦେଶରୁ ଅନ୍ୟ ମହାଦେଶ ଉପରେ ପ୍ରୟୋଗ କରାଯାଇପାରିବାର କ୍ଷମତା ଥିବା ପରମାଣୁ ଅସ୍ତ୍ରବାହୀ କ୍ଷେପଣାସ୍ତ୍ର । ଭୂପୃଷ୍ଠରୁ କିମ୍ବା ମହାସାଗର ବକ୍ଷରୁ ଏଗୁଡ଼ିକୁ ବ୍ୟବହାର ବା ନିକ୍ଷେପ କରାଯାଇପାରିବ । ପୃଥିବୀର ମାତ୍ର ଅଳ୍ପ କେତୋଟି ଦେଶର ପ୍ରତିରକ୍ଷା ବ୍ୟବସ୍ଥାରେ ଅନ୍ତର୍ମହାଦେଶୀୟ କ୍ଷେପଣାସ୍ତ୍ର ଏପର୍ଯ୍ୟନ୍ତ ସାମିଲ ହୋଇପାରିଛି ।

ଦୂରରେ ରହି ଶତ୍ରୁ ଉପରକୁ ଯେତେବେଳେ ମରଣ ହତିଆର ଛଡ଼ାଯାଏ ତାକୁ କ୍ଷେପଣାସ୍ତ୍ର ବୋଲି କୁହନ୍ତି । ମନୁଷ୍ୟ ପ୍ରଥମେ ଯେତେବେଳେ ପଥର ବା ମାଟି ଫୋପାଡ଼ିଲା ଶତ୍ରୁକୁ ଅଟକାଇ ଦେବାପାଇଁ, ସେତେବେଳେ ଗୋଟାଏ ନୂଆକଥା ଘଟିଲା ବୋଲି ସେ ଯୁଗରେ ଧରି ନିଆଯାଇଥିଲା । ତାହାପରେ କେତେ କ'ଣ ଘଟିଯାଇଛି ଓ ମାନବସଭ୍ୟତା ତଥା ଟେକ୍‌ନୋଲଜିର ବିକାଶ ସଙ୍ଗେ ସଙ୍ଗେ ବଡ଼ ବଡ଼ ତୋପରୁ ମଧ୍ୟ ଗୁଳି ବର୍ଷା କରାଯାଇଛି । ଶେଷକୁ ଏମିତି ହେଲା ଯେ ଶହ ଶହ, ହଜାର ହଜାର କିଲୋମିଟର ଦୂରକୁ କ୍ଷେପଣାସ୍ତ୍ର ଛଡ଼ାଗଲା । ସେତେବେଳେ କେହି ଭାବି ନ ଥିଲେ ଯେ ଗୋଟାଏ ମହାଦେଶରୁ ବହୁଦୂରରେ ଥିବା ଅନ୍ୟ ମହାଦେଶ ଉପରେ ମଧ୍ୟ ପରମାଣୁ ଅସ୍ତ୍ର ପକାଯାଇପାରିବ ।

ଦ୍ୱିତୀୟ ମହାଯୁଦ୍ଧ ସମୟରେ ଜର୍ମାନୀ ଦ୍ୱାରା ତିଆରି କରାଯାଇଥିବା ଭି-୨ ରକେଟ ହେଲା ଏହି ଧରଣର କ୍ଷେପଣାସ୍ତ୍ରର ମୂଳ ଉତ୍ସ । ପରେ କିନ୍ତୁ ଭିନ୍ନ ଭିନ୍ନ ଧରଣର ପରମାଣୁ ବୋମା ତିଆରି ହୋଇଯିବାରୁ ଶୀତଳଯୁଦ୍ଧ ସମୟରେ ଅନ୍ତର୍ମହାଦେଶୀୟ କ୍ଷେପଣାସ୍ତ୍ର ତିଆରି ଟେକ୍‌ନୋଲଜି କ୍ଷେତ୍ରରେ ବିଶାଳ ପ୍ରଗତି ସାଧିତ ହୋଇଯାଇଥିଲା । ଟେକ୍‌ନୋଲଜିର ବିକାଶ ସହିତ ଏହି ଧରଣର କ୍ଷେପଣାସ୍ତ୍ରର ନିୟନ୍ତ୍ରଣ ତଥା ସଫଳ ପ୍ରୟୋଗ ନିମନ୍ତେ ଆବଶ୍ୟକ ହେଉଥିବା ଇନର୍ସୀୟ ନିୟନ୍ତ୍ରଣ ଯନ୍ତ୍ରାଂଶ ଗୁଡ଼ିକର ବିକାଶ ସାଧିତ ହୋଇଯିବାରୁ ଅନ୍ତର୍ମହାଦେଶୀୟ କ୍ଷେପଣାସ୍ତ୍ର ତିଆରି କରିବାରେ ଥିବା କେତେକ ମୌଳିକ ଅସୁବିଧା ଦୂର ହୋଇଗଲା । ଏହା ଫଳରେ ଏହି ମାରଣାସ୍ତ୍ର ଗୁଡ଼ିକ ୮୦୦୦ ରୁ ୧୦,୦୦୦ କିଲୋମିଟର ଦୂରତାରେ ମଧ୍ୟ ନିର୍ଭୁଲ୍ ଲକ୍ଷ୍ୟଭେଦ କରିପାରିଲା । ଉଭୟ ରୁଷ ଓ ଆମେରିକା, ପ୍ରାୟ ଏକ ସମୟରେ—ଅର୍ଥାତ୍ ୧୯୫୪ ମସିହା ଠାରୁ ଏହି ଧରଣର କ୍ଷେପଣାସ୍ତ୍ର ନିର୍ମାଣ କରିବାକୁ ଲାଗିପଡ଼ିଲେ ।

ଅଧିକାଂଶ ଅନ୍ତର୍ମହାଦେଶୀୟ କ୍ଷେପଣାସ୍ତ୍ରରେ ପ୍ରଥମେ ପ୍ରଥମେ ତରଳ ଇନ୍ଧନ ବା ଜାଳେଣି ବ୍ୟବହୃତ ହେଉଥିଲେ ମଧ୍ୟ ପରେ ଘନ ବା କଠିନ ଜାଳେଣି ବ୍ୟବହୃତ ହେବାକୁ ଲାଗିଲା । ଭୂପୃଷ୍ଠରେ ତିଆରି



ରୁଷର ଗୋଟିଏ ଅତିକାୟ ସବ୍‌ମାରିନର ୨୦ଟିଯାକ ଅନ୍ତର୍ମହାଦେଶୀୟ କ୍ଷେପଣାସ୍ତ୍ର 'ଟିଉବ୍'ର ଦୃଶ୍ୟ ।

କରାଯାଇଥିବା କଂକ୍ରିଟ ସାଇଲୋ, ରାସ୍ତା ବା ରେଳ ପରିବହନକ୍ଷମ ମୋବାଇଲ ଲଞ୍ଚର କିମ୍ବା ପରମାଣୁ ଶକ୍ତିଚାଳିତ ବୁଡ଼ାଜାହାଜ ଦେହରୁ ଏହି ଧରଣର ସବୁପ୍ରକାର କ୍ଷେପଣାସ୍ତ୍ରକୁ ଛଡ଼ାଯାଇଥାଏ ଓ ସେଗୁଡ଼ିକରେ ଏକ ବା ଏକାଧିକ ଓ୍ୱାରହେଡ୍ ଖଞ୍ଜା ଯାଇଥାଏ ।

***ସମ୍ବନ୍ଧୀୟ ବିଷୟ***

*ସମର ବିଜ୍ଞାନ, ରକେଟ୍, କ୍ଷେପଣାସ୍ତ୍ର, ପ୍ରତିରକ୍ଷା, ପରମାଣୁ ବୋମା, ନିରସ୍ତ୍ରୀକରଣ, ଇନ୍‌ରସାୟ ନିୟନ୍ତ୍ରଣ ବ୍ୟବସ୍ଥା, ଭି-୨ ରକେଟ*

▷ ▷

## ଅନ୍ତ୍ର

ଅନ୍ତ୍ର ହେଉଛି ହଜମ ବ୍ୟବସ୍ଥାର ଗୋଟିଏ ଅତି ଗୁରୁତ୍ୱପୂର୍ଣ୍ଣ ଅଂଶ । ଜଣେ ଯାହା ଖାଉଛି, ସେହି ଖାଦ୍ୟକୁ ସଂପୂର୍ଣ୍ଣ ଭାବରେ ଉପଯୋଗୀ କରି କାମରେ ଲଗାଇବା ପ୍ରକ୍ରିୟାର ଅଧିକାଂଶ ମୌଳିକ ଉତ୍କର୍ଷତା ଅନ୍ତ୍ର ଭିତରେ ହିଁ ସଂଘଟିତ ହୋଇଥାଏ । ଅନ୍ତ୍ରନାଳୀର ସମୁଦାୟ ଦୈର୍ଘ୍ୟ ହେଲା ପ୍ରାୟ ସାଢ଼େ ଆଠ ମିଟର । ଅତି କ୍ଷୁଦ୍ର ରକ୍ତନାଳୀଠାରୁ ଆରମ୍ଭ କରି ଶିରା ପ୍ରଶିରା ଓ ସ୍ନାୟୁ ସବୁ ଅନ୍ତ୍ର ଦେହରେ ଖୁବ୍ ଭଲ ଭାବରେ ବିଛାଇ ହୋଇ ରହିଛନ୍ତି ।

ଆମେ ଯାହା ଖାଉଛୁ ତାହା ପାଟିବାଟେ ଦେହ ଭିତରକୁ ଯାଇ ପ୍ରଥମେ ଗୋଟିଏ ଓସାରିଆ ଥଳୀ ଭିତରେ ପହଞ୍ଚୁଛି । ତା'କୁ ପାକସ୍ଥଳୀ ବା ହଜମ ଥଳୀ ବୋଲି କୁହାଯାଏ । ସେହିଠାରେ ପାକସ୍ଥଳୀର ମାଂସପେଶୀ ତାକୁ ଚକଟିଲା ଭଳି କରିଦିଅନ୍ତି । ସେତିକି ବେଳେ କିଛି ହଜମ ରସ ତାହା ସହିତ ମିଶେ । ତାହାପରେ ସେହି ଅଧା କାଠୁଆ, ଅଧା ପାଣିଆ ଖାଦ୍ୟ ତଳକୁ ଅନ୍ତ୍ର ଭିତରକୁ ଯାଏ । ଅନ୍ତ୍ର ଭିତରେ ଧୀରେ ଧୀରେ ଆଗକୁ ଯାଉଥିଲାବେଳେ ତାହା ଦେହରେ ହଜମ ରସ ମିଶୁଥାଏ । ମିଶିଲା ପରେ ଏଭଳି ଗୋଟିଏ ପାଗ ହୋଇଯାଏ ଯେ ଖାଦ୍ୟର ସାର ଅଂଶତକ ରକ୍ତରେ ମିଶିବା ପାଇଁ ବାଟ ଫିଟିଯାଏ । ଅନ୍ତ୍ର ଭିତରକୁ ଲାଗି ଯେଉଁସବୁ ରକ୍ତନାଳୀ ଅଛନ୍ତି ସେଗୁଡ଼ିକ ଏହି ରସକୁ ନେଇ ରକ୍ତ ସ୍ରୋତରେ ମିଶାଇ ଦିଅନ୍ତି ।

ଖାଦ୍ୟ ଧୀରେ ଧୀରେ ଯାଉଥିବ, ହଜମ ରସ ମିଶୁଥିବ । ହଜମ ହେଲାପରେ ସାରତକ ରକ୍ତରେ ମିଶୁଥିବ—ଏହି କାମ ହେବ ବୋଲି ଅନ୍ତ୍ରଟାକୁ ଖୁବ୍ ଲମ୍ବା କରିଦିଆଯାଇଛି । ତାକୁ ପୁଣି ସିଧା ନରଖି ଧୀରେ ଧୀରେ ମୋଡ଼ି ଗୋଲେଇ କଲାଭଳି କରାହୋଇଛି । ସେଭଳି ଯଦି କରା ନଯାଇଥା'ନ୍ତା ଖାଦ୍ୟତକ ଶୀଘ୍ର ଶୀଘ୍ର ଆଗକୁ ଚାଲିଯାଆନ୍ତା । ପାଟି ଭିତରୁ ପାକସ୍ଥଳୀକୁ ଖାଦ୍ୟ ଅଳ୍ପ ସମୟରେ ଚାଲିଯାଉଛି । କାରଣ ଯେଉଁ ନାଳୀବାଟେ ତାହା ଯାଉଛି ତାହା ଏକରକମ ସିଧା—ମୋଡ଼ିମୋଡ଼ିକା ନୁହେଁ । ହଜମ ପଥର ଏହି ଗୁରୁତ୍ୱପୂର୍ଣ୍ଣ ନାଳୀଟି ବିଷୟରେ ବୁଝାଇବାକୁ ସହଜ ହେବ ବୋଲି ଏହାକୁ ଦୁଇଭାଗ କରି କୁହାଯାଏ । ଗୋଟିଏ ଭାଗକୁ କ୍ଷୁଦ୍ରଅନ୍ତ୍ର, ଆଉ ଗୋଟିକୁ ବୃହତ୍ ଅନ୍ତ୍ର ବା ବୃହଦାନ୍ତ୍ର । କ୍ଷୁଦ୍ରଅନ୍ତ୍ର ଭିତରେ ଥିଲାବେଳେ ଖାଦ୍ୟର ବେଶୀଭାଗ ସାର ଅଂଶ ରକ୍ତରେ ମିଶି ସାରିଥାଏ । ଯେତକ ହଜମ ନହୁଏ ବା ଅଧା ବା ତିନି ଚତୁର୍ଥାଂଶ ହଜମ ହୋଇଥାଏ, ସେତକ ବୃହଦାନ୍ତ୍ରଭିତରକୁ ଚାଲିଯାଏ । ସେଠାରେ ଖାଦ୍ୟ ସହିତ ଥିବା ପାଣିଅଂଶ ଦେହ ଭିତରକୁ ଭେଦେ । ଏହି ମୋଟା ବୃହଦାନ୍ତ୍ର ନାଳୀ କିଛି ଦୂର ଉପରକୁ ଉଠି ପୁଣି ଉପର ବାଟ ଦେଇ ଯାଇ ତଳକୁ ଖସେ । ତଳକୁ ଖସିଲା ବେଳକୁ ତାହା ଭିତରେ ଯେଉଁ ଶେଷ ଖାଦ୍ୟଭାଗ ଥାଏ, ତାହା ମଳ ଆକାର ଧରିଯାଇଥାଏ ଓ ସେଠାରେ କିଛି ସମୟ ରହିଲାପରେ ପଦାକୁ ମଳଦ୍ୱାର ବାଟେ ବାହାରି ଆସେ । ସେଭଳି ଆସିବା ପୂର୍ବରୁ ତାହା ଯେଉଁ ଚାପ ପକାଏ ତାକୁ ଆମେ କହୁ 'ଝାଡ଼ା ମାଡ଼ିବା' ।






ମାନବଶରୀରରେ ହଜମ ବା ଆହାର ପଥର ଦୃଶ୍ୟ । ପାକସ୍ଥଳୀଠାରୁ ଆରମ୍ଭ ହୋଇ ଏହି ପଥରେ ସମୁଦାୟ ଅନ୍ତ୍ର କିଭଳି ରହିଛି ତାହା ଏଠାରେ ଦେଖାଇ ଦିଆଯାଇଛି (ଉପର) । ହଜମ ପଥର ଗୋଟିଏ ଅତି ଗୁରୁତ୍ୱପୂର୍ଣ୍ଣ ଅଂଶ ହେଲା ଅନ୍ତ୍ର । ମାନବ ବୃହଦାନ୍ତ୍ରର ଭିତର ପୃଷ୍ଠ ଅଣୁବୀକ୍ଷଣରେ କିଭଳି ଦେଖାଯାଇଥାଏ ତା'ର ମାଇକ୍ରୋଗ୍ରାଫ୍ (ତଳ) ।

***ସମ୍ବନ୍ଧୀୟ ବିଷୟ***

*ଖାଦ୍ୟ, ମାନବଶରୀର, ହଜମ ବ୍ୟବସ୍ଥା, ଜୀବ ରସାୟନ ବିଦ୍ୟା, ଚିକିତ୍ସାବିଜ୍ଞାନ, ରୋଗ, ଜୀବଜଗତ ଓ ଆହୁରି ଅନେକ ବିଷୟ*

▷ ▷

## ଅନ୍ଧକୂପ-ହତ୍ୟା

ନବାବ ସିରାଜଉଦ୍ଦୌଲାଙ୍କ ନିକଟରୁ ପରାସ୍ତ ହେବା ପରେ ଇଂଲଣ୍ଡର ଜନସାଧାରଣଙ୍କୁ ଉତ୍ତ୍ୟକ୍ତ କରି ଅଧିକ ଇଂରେଜ ସୈନ୍ୟ ପଠାଇବା ପାଇଁ ସେତେବେଳେ ଭାରତରେ ଥିବା ଇଂରେଜମାନେ ଯେଉଁ କୌଶଳ କରିଥିଲେ, ତା'ର ଫଳସ୍ୱରୂପ 'ଅନ୍ଧକୂପ ହତ୍ୟା' ଭଳି ଗୋଟିଏ କାଳ୍ପନିକ କାହାଣୀର ସୃଷ୍ଟି ହୋଇଯାଇଥିଲା । ୧୭୫୭ ମସିହା ଜୁନ୍ ମାସ ୨୦ ତାରିଖରେ ଏଭଳି ଘଟଣା ଆଦୌ ଘଟି ନ ଥିଲା କିମ୍ବା ୧୨୩ ଜଣ ଇଂରେଜ ମରି ନ ଥିଲେ । ଇଂରେଜ ଐତିହାସିକମାନେ ଏହି ମିଥ୍ୟା ଘଟଣାର ଉଲ୍ଲେଖ କରି ଭାରତୀୟ ଇତିହାସକୁ ଜାଣିଶୁଣି ବିକୃତ କରିଛନ୍ତି । ୧୯୦୨ ମସିହାରେ ଇଂରେଜ ଭାଇସରାୟ ଲର୍ଡ କର୍ଜନ 'ଅନ୍ଧକୂପ-ହତ୍ୟା ଘଟଣାର ସ୍ମାରକୀ' ରୂପେ ଯେଉଁ ସ୍ମୃତିସ୍ତମ୍ଭଟିକୁ ସ୍ଥାପନ କରିଥିଲେ, ପରେ ନେତାଜୀଙ୍କ ସତ୍ୟାଗ୍ରହ ଫଳରେ ସେଇଟିକୁ ଉଠାଇ ଦିଆଯାଇଥିଲା ।

***ସମ୍ବନ୍ଧୀୟ ବିଷୟ***

*ସିରାଜଉଦ୍ଦୌଲା, ଭାରତ ଇତିହାସ, ସୁଭାଷ ଚନ୍ଦ୍ର ବୋଷ, ବଙ୍ଗ*

▷ ▷

## ଅନ୍ଧତ୍ୱ

ଆଖି ଥିବାରୁ ଆମେ ଦେଖି ପାରୁଛୁ । ଦେଖି ପାରିଲା ଫଳରେ ବହୁତ କିଛି ସୁବିଧା ହେଉଛି । ଆଖି ଯାହାସବୁ ଦେଖୁଛି ସେ ଖବର ମସ୍ତିଷ୍କକୁ ପଠାଇ ଦେଉଛି । ତାହାରି ଭିତରେ ଠିକ୍ ହେଉଛି କେଉଁ କ୍ଷେତ୍ରରେ କ'ଣ କଲେ ଭଲ ହେବ । ଦୂରରେ ସାପଟିଏ ଦେଖିଲେ ସେ ଖବର ମସ୍ତିଷ୍କ ଭିତରେ

ପହଞ୍ଚି ଯାଉଛି । ସେଠାରୁ ଗୋଡ଼କୁ 'ଦଉଡ଼ି ପଳା' ବୋଲି କୁହାଯାଉଛି । ତାହା ନ ହେଲେ ହାତକୁ କୁହାଯାଉଛି 'ବାଡ଼ିଖଣ୍ଡେ ଧରି ତାକୁ ପିଟିଦେବା ଡରାଇ ଦେ' । କିନ୍ତୁ ଯଦି ସାପକୁ ଜଣେ ଦେଖି ନପାରିଲା କଥାଟା ଅସୁବିଧା ଆଡ଼କୁ ଗଲା । ଯିଏ ଚକ୍ଷୁହୀନ ବା ଯିଏ ଅନ୍ଧ ତାଙ୍କର ଏହିଭଳି ଅସୁବିଧା ହୁଏ । ଅନ୍ଧତ୍ୱ ବହୁ କାରଣ ଯୋଗୁଁ ହୋଇଥାଏ । ଜଣେ ଅନ୍ଧ ହୋଇଗଲା ପରେ ମଧ୍ୟ ପୁଣି କିଭଳି ଦେଖି ପାରିବେ ସେଥିପାଇଁ ଉଦ୍ୟମ ଗ୍ଭଲୁ ରହିଛି ।

ଗୋଟାଏ ସମୟ ଥିଲା ଯେତେବେଳେ ଜଣେ ଅନ୍ଧ ହୋଇଗଲେ ନିଜକୁ ବରାବର ଅସହାୟ ମଣୁଥିଲା । କିନ୍ତୁ ପରେ ଦେଖାଗଲା ଯେ ଭଲ ଭାବରେ ତାଲିମ ଦେଲେ ଜଣେ ଚକ୍ଷୁହୀନ ମଧ୍ୟ ବହୁତ କିଛି କାମ କରିପାରୁଛନ୍ତି । ମଣିଷର ତ କେତୋଟି ଇନ୍ଦ୍ରିୟ ଅଛି । ସେଥିରୁ ଗୋଟିଏ ନଥିଲେ ଅନ୍ୟ ଗୁଡ଼ିକ ଭିତରେ ଟିକିଏ ଅଧିକ ଶକ୍ତି ଭରିଯାଏ ବୋଲି ଦେଖାଯାଏ । ଜଣେ ଅନ୍ଧଙ୍କର ଅନୁଭବ କରିବା ବା ସ୍ପର୍ଶ ଶକ୍ତି ବଢ଼ିଯାଉଛି । ତେଣୁ ଗୋଟିଏ ପ୍ରକାର ଉଚ୍ଚା ଉଚ୍ଚା ଅକ୍ଷର ତିଆରି କରିଦିଆଗଲା । ହାତରେ ସେହି ଅକ୍ଷରକୁ ଉଣ୍ଡାଳି ଅନ୍ଧ ସବୁ ପାଠ ପଢିଗଲେ । ଲୁଇ ବ୍ରେଲୀ ବୋଲି ଜଣେ ଲୋକ ୧୮୪୯ ମସିହାରେ ଏହି ଅକ୍ଷର ବାହାର କରି-ଦେଲେ । ନାନା ଭାବରେ ତାଲିମ ପାଉଥିବାରୁ ଆଜି ଆମେ ଅନ୍ଧ ବାରିଷ୍ଟର, ଅନ୍ଧ ଅଧ୍ୟାପକ, ଅନ୍ଧ ସଂଗୀତକାର, ଅନ୍ଧ କବି, ଅନ୍ଧ ଖେଳାଳୀ ଓ ଅନ୍ଧ ଇଞ୍ଜିନିଅରଙ୍କ କଥା ଶୁଣୁଛୁ । ଉଣ୍ଡାଳି ଉଣ୍ଡାଳି ଭଲ ମୂର୍ତ୍ତି ତିଆରି କରିଦେଉଛନ୍ତି ଅନ୍ଧ କାରିଗର-ମାନେ । ବହୁ ସ୍ଥାନରେ ଅନ୍ଧମାନଙ୍କ ପାଇଁ ନୂଆ ଧରଣର ସ୍କୁଲ ସବୁ ବସିଛି ।

କେତେକ ଲୋକ ଜନ୍ମରୁ ଅନ୍ଧ । ସେମାନେ ସଂସାରର କିଛି ଦେଖିନାହାନ୍ତି । ତେଣୁ ଏହି ପୃଥିବୀରେ ଯାହାସବୁ ସୁନ୍ଦର ସେଥିପାଇଁ ସେମାନେ ଝୁରି ହୁଅନ୍ତି ନାହିଁ । କିନ୍ତୁ ଯେଉଁମାନେ କିଛିଦିନ ଚଳିଲା ପରେ ଆଖି ହରାଉଛନ୍ତି ସେମାନଙ୍କ ମନରେ ଦୁଃଖ ରହିଯାଉଛି । ସେମାନଙ୍କ ପାଇଁ ନୂଆ ନୂଆ ଯନ୍ତ୍ର ବାହାର କରାଯାଉଛି, ଯେମିତିକା ସେମାନେ ତାହା ସାହାଯ୍ୟରେ ବହୁତ କିଛି କାମ କରିଯିବେ । ଯେଉଁମାନେ ଚକ୍ଷୁହୀନ ବା ଅନ୍ଧ, ସେମାନଙ୍କ ପ୍ରତି ସମାଜର ନିଶ୍ଚୟ ସ୍ୱତନ୍ତ୍ର ଦାୟିତ୍ୱ ରହିଛି । ସେଥି-ପାଇଁ ପୃଥିବୀର ସବୁ ସଭ୍ୟ ଦେଶରେ ଆଇନ ହୋଇଛି ଯେଭଳି ସାଧାରଣ ଲୋକଙ୍କ ସହ ସମାନ ଭାବରେ ସେମାନେ କାମ କରିପାରିବେ; ଅନ୍ଧତ୍ୱ ବା ଚକ୍ଷୁହୀନତା ଯୋଗୁଁ ଜଣଙ୍କୁ କୌଣସି ପଦାରୁ ବଞ୍ଚିତ କରାଯାଇ ପାରିବ ନାହିଁ ।

***ସମ୍ବନ୍ଧୀୟ ବିଷୟ***

*ଅକ୍ଷମତା, ଆଖି, ମାନବଶରୀର, ବ୍ରେଲୀ, କୁକୁର, ସମାଜ, ମାନବୀୟ ଉତ୍କର୍ଷତା, ଆଲୋକ, ପୁରାଣ-ଶାସ୍ତ୍ର, ଆଖି ଓ ଦୃଷ୍ଟିକ୍ରିୟା*

▷ ▷

## ଅନ୍ଧାରକଣା

ଜଣ ଜଣଙ୍କର ଆଖିରେ ଏଭଳି ଦୋଷ ଦେଖାଯାଏ ଯେ ଅନ୍ଧାରରେ ସେମାନେ ଦେଖିପାରନ୍ତି ନାହିଁ । ସେମାନଙ୍କୁ ଅନ୍ଧାରକଣା ହୋଇଛି ବୋଲି କୁହା-ଯାଏ । ଘୋର ଅନ୍ଧାର ବା କିଟିମିଟି ଅନ୍ଧାରରେ ଆମେ ଦେଖିପାରୁନାହୁଁ ସତ, ଅଳ୍ପ ଅନ୍ଧାରରେ କିନ୍ତୁ ଅଳ୍ପ ଅଳ୍ପ ଦେଖିପାରୁଛୁ । ଆଲୁଅ ଓ ଘୋର ଅନ୍ଧାର ଭିତରେ ଅନ୍ଧାରୁଆ ବୋଲି ଗୋଟାଏ ଅବସ୍ଥା ସୃଷ୍ଟି ହୁଏ । ଏହି ମଟିମଟିକିଆ ଅବସ୍ଥା ହୋଇଥିଲେ ଆମେ କିଛି କିଛି ଦେଖିପାରୁ ।

କିନ୍ତୁ ଯାହାକୁ ଅନ୍ଧାରକଣା ସେ ଅନ୍ଧାରରେ କିଛି ଦେଖିପାରେ ନାହିଁ । ସୂର୍ଯ୍ୟ ଅସ୍ତ ହୋଇଗଲେ ତାହା ପକ୍ଷରେ ବୁଲାଚଲା କରିବା କଷ୍ଟକର ହୁଏ । ଆଖିଟି ଗୋଟିଏ ଫଟୋ କାମେରା ଭଳି କାମ କରୁଛି । ତାହା ଭିତରେ ଦୁଇ ପ୍ରକାରର ବ୍ୟବସ୍ଥା ରହିଛି । ସେହି ଚକ୍ଷୁ କାମେରା ଗୋଟିଏ ଅବସ୍ଥାରେ ଦିନବେଳେ ଫଟୋ ଉଠାଇପାରେ, ଆଉ ଗୋଟିଏ ଅବସ୍ଥାରେ ରାତିରେ ଫଟୋ ଉଠେ । ରାତିରେ ଉଠାଇବା ପାଇଁ ଆଖି କାମେରା ଭିତରେ ଯେଉଁ ବ୍ୟବସ୍ଥା ଅଛି ତାହା ଯଦି ବିଗିଡ଼ିଗଲା ତେବେ ରାତିରେ ଆଉ ଦେଖାଯିବ ନାହିଁ । ସେହି ଅବସ୍ଥାକୁ ଆମେ କହୁ 'ଅନ୍ଧାରକଣା' । ସେହି ଅବସ୍ଥାକୁ ସୁଧାରି ଦେଲେ ରାତିରେ ପୁଣି'ପୂର୍ବପରି ଦେଖା-ଯିବ । ଶରୀରରେ ସେହି ସୁଧାରିବା କାମ କରିଥାଏ ଏ ବା କ ଭିଟାମିନ୍ । କେତେ ପ୍ରକାର ଖାଦ୍ୟରୁ ଏହି ଭିଟାମିନ ପ୍ରଚୁର ପରିମାଣରେ ମିଳିଥାଏ ।

***ସମ୍ବନ୍ଧୀୟ ବିଷୟ***

*ଆଖି, ଭିଟାମିନ୍, ଅପ୍‌ଟିକସ୍*

▷ ▷

## ଅନ୍ନପୂର୍ଣ୍ଣା ପର୍ବତ

ହିମାଳୟ ପର୍ବତମାଳାର ଗୋଟିଏ ଅଂଶ ଭାବେ ଗଣା ଯାଉଥିବା ଏହି ପର୍ବତଶ୍ରେଣୀର ଲମ୍ବା ପ୍ରାୟ ୪୮ କିଲୋମିଟର । ପ୍ରସିଦ୍ଧ କାଳୀ-ଗଣ୍ଡକ ଓ ଅନ୍ୟ ଗୋଟିଏ ନଦୀ ବେସିନ ଭିତରେ ଏହା ବ୍ୟାପୀ ରହିଛି । ଏଥିରେ ଥିବା ୮,୦୯୧ ମିଟର ଉଚ୍ଚତା ବିଶିଷ୍ଟ ଅନ୍ନପୂର୍ଣ୍ଣା-୧ ହେଲା ପୃଥିବୀର ଉଚ୍ଚତମ ଶୃଙ୍ଗ ଗୁଡ଼ିକ ଭିତରୁ ଗୋଟିଏ । ଆହୁରି ତିନୋଟି ଖୁବ୍ ଉଚ୍ଚଶିଖର ମଧ୍ୟ ଏହାର ପଶ୍ଚିମରୁ ପୂର୍ବକୁ ବ୍ୟାପୀ ରହିଛନ୍ତି । ଦୂରରୁ ଏହି ଶୃଙ୍ଗର ଦୃଶ୍ୟ ଅତି ଚମତ୍କାର ।

***ସମ୍ବନ୍ଧୀୟ ବିଷୟ***

*ହିମାଳୟ, ଭାରତ, ଭୂବିଜ୍ଞାନ, ପର୍ବତାରୋହଣ*

▷ ▷

## ଅପ୍‌ଟିକାଲ ଫାଇବର

ଟେଲିକମ୍ୟୁନିକେସନ, ଚିକିତ୍ସାବିଜ୍ଞାନ, ଅଗ୍ନି ପ୍ରତିରୋଧ ବ୍ୟବସ୍ଥା, ବିଘଟନାଭିକ ବିକିରଣ ପରିବେଶ, ସମୁଦ୍ରରେ ବିଛା ଯାଉଥିବା କେବଲ୍, ଅତି ଉଚ୍ଚଶକ୍ତି ସଂପନ୍ନ ଲେଜର ଟ୍ରାନ୍ସମିଶନ ବ୍ୟବସ୍ଥା ସମୂହ ଓ ଅନ୍ୟାନ୍ୟ ବହୁ କାମରେ ଲାଗୁଥିବା ଏବଂ ତଥ୍ୟ, ଡାଟା, ସ୍ୱର ଓ ଭିଡିଓ ପ୍ରତିବିମ୍ବ ବହନ କରିପାରୁଥିବା ଗୋଟିଏ ସ୍ୱତନ୍ତ୍ର ଧରଣର କେବଲ୍ ହେଲା ଅପ୍‌ଟିକାଲ ଫାଇବ୍‌ର ।



ବ୍ୟାଣ୍ଡୱିଡ୍‌ଥ ବା ତଥ୍ୟ ବହନ କ୍ଷମତାକୁ ହିସାବକୁ ନେଲେ ଅପ୍‌ଟିକାଲ ଫାଇବର ଆଜି ଅନ୍ୟ ସବୁ ପ୍ରକାର କେବଲ୍ ତଥା ସାଟେଲାଇଟ୍ ସିଗ୍ନାଲ-ଠାରୁ ମଧ୍ୟ ସେଦୃଷ୍ଟିରୁ ଆଗୁଆ ।

ଏଥିରେ ସନ୍ଦେଶ ବହନକାରୀ ମାଧ୍ୟମ ହେଲା ଆଲୋକ । ଆଲୋକର ସଂଚରଣ ନିୟମକୁ ବ୍ୟବହାର କରି ଏହା ତିଆରି କରାଯାଇପାରିଛି । ପ୍ରଥମେ ୫ରୁ ୧୦୦ ମାଇକ୍ରନ ବ୍ୟାସର କାଚ କିମ୍ବା ପ୍ଲାଷ୍ଟିକ ଫିଲାମେଣ୍ଟର ସୂତାକୁ ଗୋଟାଏ ଗୋଟାଏ ବଣ୍ଡଲ ରୂପରେ ବହୁସଂଖ୍ୟାରେ ପରିଣତ କରି ଦିଆଯାଏ । ଏହିସବୁ ବଣ୍ଡଲକୁ ରଡ଼, ଫିତା ବା ଖଣ୍ଡ ଆକାରରେ କେବଲ୍ ତିଆରି ବେଳକୁ ବ୍ୟବହାର କରାଯାଏ । ପ୍ରତ୍ୟେକଟି ଫାଇବରର ଅପ୍‌ଟିକୀୟ ପୃଷ୍ଠକୁ ନିଖୁଣ ରଖିବା ପାଇଁ ସେସବୁ ଦେହରେ ଉପଯୁକ୍ତ ପଦାର୍ଥର ଖୁବ୍ ପତଳା କୋଟିଙ୍ଗ ମଧ୍ୟ ଦେଇଦିଆଯାଏ । ଫାଇବର ବଣ୍ଡଲଟିର ଦୁଇମୁଣ୍ଡ ଅପ୍‌ଟିକୀୟ ଭାବେ ଚିକ୍‌କଣ ହୋଇଥିବାରୁ ସନ୍ଦେଶ ବହନକାରୀ ଆଲୋକ ସୁରୁଖୁରୁରେ ଗୋଟିକରୁ ଆରଟିକୁ ସଞ୍ଚରିତ ହୋଇ ପାରିଥାଏ । ଏହି ଫାଇବର ବାହାରିପଡ଼ିବା ଫଳରେ, ପୂର୍ବରୁ ସମ୍ଭବ ହେଉ ନ ଥିବା, ବିଶାଳ ପରିମାଣର ତଥ୍ୟକୁ ଟେଲିକମ୍ୟୁନିକେସନ ଲାଇନରେ ପଠାଯାଇପାରୁଛି ।

ଅପ୍‌ଟିକାଲ ଫାଇବରରେ ପଠାଯାଉଥିବା ସନ୍ଦେଶ କିନ୍ତୁ କିଛି ବାଟ ଅତିକ୍ରମ କଲାପରେ

'ମଳିନ' ପଡ଼ିଯାଉଥିବାରୁ ବାଟରେ ଇଲେକ୍‌ଟ୍ରୋନିକ ଆଂପ୍ଲିଫାୟାର ସବୁ ବ୍ୟବହାର କରି ତାହାକୁ ତାଜା ରଖାଯାଇଥାଏ । ୧୯୯୭ ମସିହା ବେଳକୁ କେତେକ ଶସ୍ତା ବିରଳ ମୃତ୍ତିକା ଗ୍ରୁପ୍‌ର ଉପାଦାନ ସାହାଯ୍ୟରେ ସେଭଳି ଆଂପ୍ଲିଫିକେସନ୍ କାର୍ଯ୍ୟ କରିବାକୁ ଚେଷ୍ଟା କରାଯାଉଛି । ଫଳରେ ଏଥି ନିମନ୍ତେ ଆଉ ଖୁବ୍ ଦାମୀ ଇଲେକ୍‌ଟ୍ରୋନିକ ଆଂପ୍ଲିଫାୟାରର ଆବଶ୍ୟକତା ରହିବ ନାହିଁ ।

ଆଲୋକର କୌଣସି ମାସ୍ ବା ଭାର କିମ୍ବା ଚାର୍ଜ ବା ଆବେଶ ନ ଥିବା ଯୋଗୁଁ ଓ ଗତିଶୀଳତାରେ ଏହାର ସ୍ଥାନ ବିଶ୍ୱରେ ସବୁଠାରୁ ଉଚ୍ଚରେ ହୋଇଥିବାରୁ, ଅପ୍‌ଟିକାଲ ଫାଇବର ଏଭଳି ଚମତ୍କାର ସନ୍ଦେଶ ବହନକାରୀ କ୍ଷମତା ପାଇଛି । ଅନ୍ୟସବୁ ବ୍ୟବସ୍ଥାରେ କିନ୍ତୁ ଯେତେ ଉଦ୍ୟମ କଲେ ମଧ୍ୟ ଇଲେକ୍‌ଟ୍ରନୀୟ ପ୍ରତିବନ୍ଧ ରହିଯାଉଛି ଓ ସେଥିପାଇଁ ସେଗୁଡ଼ିକ ଏହା ସହ ସମକକ୍ଷ ହୋଇପାରୁ ନାହାନ୍ତି ।

***ସମ୍ବନ୍ଧୀୟ ବିଷୟ***

*ପଦାର୍ଥବିଜ୍ଞାନ, ଆଲୋକ, ଟେକ୍‌ନୋଲଜି, ଟେଲିକମ୍ୟୁନିକେସନ*

▷▷

### ଅପ୍‌ସରା

ପୃଥିବୀର ବହୁ ଅଂଶର ପୁରାଣ ତଥା ସାହିତ୍ୟରେ ବର୍ଣ୍ଣନା କରାଯାଇଥିବା କାଳ୍ପନିକ ଚରିତ୍ର । ଭାରତ ବର୍ଷରେ ଋକ୍ ବେଦରେ ଏମାନଙ୍କ ବିଷୟରେ ସାମାନ୍ୟ ଉଲ୍ଲେଖ ଥିଲେ ମଧ୍ୟ ଅଥର୍ବ ବେଦ ତଥା ପୁରାଣମାନଙ୍କରେ ବହୁ ସ୍ଥଳରେ ଅପ୍‌ସରାଙ୍କ ବର୍ଣ୍ଣନା ରହିଛି । ସ୍ୱର୍ଗରେ ଥିବା ଦେବତା ମାନଙ୍କର ଚିତ୍ତବିନୋଦନ ପାଇଁ ଏହି ଅତି ସୁନ୍ଦରୀ ଯୁବତୀ ସ୍ତ୍ରୀ ମାନେ ଚମତ୍କାର ନୃତ୍ୟକଳା ପ୍ରଦର୍ଶନ କରିଥା'ନ୍ତି ବୋଲି ସେସବୁରେ ଉଲ୍ଲେଖ ଅଛି । ଏମାନେ ମଝିରେ ମଝିରେ ପୃଥିବୀକୁ ମଧ୍ୟ ଓହ୍ଲାଇ ଆସନ୍ତି ।

ଅପ୍‌ସରାଙ୍କ ମଧ୍ୟରୁ କେତେକଙ୍କୁ ସର୍ବଶ୍ରେଷ୍ଠ ସୁନ୍ଦରୀ ନାରୀ ରୂପରେ ବର୍ଣ୍ଣନା କରି ଭାରତୀୟ କବିମାନେ ସେମାନଙ୍କ କାବ୍ୟ କବିତାର ସୌନ୍ଦର୍ଯ୍ୟ ବୃଦ୍ଧି କରିଛନ୍ତି । ଭାରତ ବ୍ୟତୀତ ପୂର୍ବରେ ସୁଦୂର କୋରିଆ ଠାରୁ ଆରମ୍ଭ କରି ପଶ୍ଚିମରେ ଗ୍ରୀସ୍, ରୋମ ପର୍ଯ୍ୟନ୍ତ ଅଞ୍ଚଳରେ ଅପ୍‌ସରା ମାନଙ୍କ ବିଷୟରେ ଭିନ୍ନ ଭିନ୍ନ ଭାବରେ ଆଲୋଚନା କରାଯାଏ । ସେମାନଙ୍କର ବହୁ ଚିତ୍ର ଓ ମୂର୍ତ୍ତି ପୃଥିବୀର ଏସବୁ ଅଂଶରେ ରହିଛି । ଇସ୍‌ଲାମ ଜଗତରେ ମଧ୍ୟ ମୋହିନୀ ଅପ୍‌ସରାର କଳ୍ପନା କରାଯାଇଛି ।

***ସମ୍ବନ୍ଧୀୟ ବିଷୟ***

*ପୁରାଣ-ଶାସ୍ତ୍ର, ସାହିତ୍ୟ, କଳ୍ପନା, ସ୍ୱର୍ଗ, ଦେବତା, କଳା*



ପୂର୍ବ ଏସିଆର ଅପ୍‌ସରା ମୂର୍ତ୍ତି ।

▷▷

### ଅପରାଧ

ମଣିଷମାନେ ଯଦି 'ଜଣ ଜଣକିଆ' ହୋଇ ରହିଥାଆନ୍ତେ ତା'ହେଲେ କେବଳ ଭିନ୍ନ କଥା ହୁଅନ୍ତା । କିନ୍ତୁ ତାହା ତ ସମ୍ଭବ ହେଲାନାହିଁ । "ବହୁତ ଲୋକ ଯହିଁ ମିଳି, ଅବଶ୍ୟ ଉପୁଜଇ କଳି" କଥା ହେଲା । ତେଣୁ ସମସ୍ତେ ଯେମିତି ଭଲରେ ରହିବେ, କେହି କାହାରି ଅନିଷ୍ଟ କରିବେ ନାହିଁ, ଜଣକ ଠାରୁ ଅନ୍ୟଜଣେ ଜିନିଷପତ୍ର ଛଡ଼ାଇ ନେବନାହିଁ—କ୍ରମେ ସେଥିପାଇଁ କେତେଗୁଡ଼ିଏ ନିୟମ ବାନ୍ଧି ଦିଆଗଲା । ଯିଏ ସେହି ନିୟମ ନ ମାନିଲା ତାକୁ ସମସ୍ତେ ଡାକି ସାବଧାନ କରିଦେଲେ । ତାହା ସତ୍ତ୍ୱେ ଯଦି ସେ ସେମିତିକା କାମ କରି ଚାଲିଲା ତେବେ ତାକୁ ଦଣ୍ଡ ଦିଆଗଲା । ଅବଶ୍ୟ ନିତାନ୍ତ ଯେତିକି ଦଣ୍ଡ ଦେଲେ ଚଳିବ ସେତିକି ଦଣ୍ଡ ଦିଆଗଲା । ସମାଜର ବା ଦେଶର ନିୟମ କାନୁନକୁ ଯିଏ ନମାନେ ସିଏ ଅପରାଧ କରେ ବୋଲି କୁହାଗଲା । ଜଣେ ଅପରାଧ କରିଛି କି ନାହିଁ ତାହା ସ୍ଥିର କରିଦେବା ପାଇଁ କାଳକ୍ରମେ ବିଚାରକ ସବୁ ନିଯୁକ୍ତ ହେଲେ । ଯେତେବେଳେ ଲୋକ ଅଧିକ ସଭ୍ୟ ହୋଇଗଲେ ସେତେବେଳେ କେବଳ ଚୋରି, ଡକାୟତି, ହତ୍ୟାକାଣ୍ଡ ଇତ୍ୟାଦିକୁ ଅପରାଧ ନକହି ଛୋଟ ଛୋଟ ଦୋଷକୁ ମଧ୍ୟ ଏହି ନାମ ଦିଆଗଲା । ମିଛ କହିବା, ନିଜ ନିଜ ଭିତରେ କଳି କରିବା, ଲୋକଙ୍କ ମନକୁ ବାଧିଲା-ଭଳି କଥା କହିବା, ପର ନିନ୍ଦା କରିବା, ଖରାପ ଭାଷାରେ କଥାବାର୍ତ୍ତା କରିବାକୁ ମଧ୍ୟ ଛୋଟ ଛୋଟ ଅପରାଧ ବୋଲି କୁହାଯାଏ—ଯଦିଓ ସେଥିପାଇଁ ସରକାର ଦଣ୍ଡ ଦେବାର ସେମିତି କିଛି ବ୍ୟବସ୍ଥା ନାହିଁ । ଯେଉଁ ସମାଜରେ ଅପରାଧ କରୁଥିବା ଲୋକଙ୍କ ସଂଖ୍ୟା ବେଶୀ ସେ ସମାଜର ଉନ୍ନତି ହୁଏ ନାହିଁ; ସେଠି କେହି ଟିକିଏ ଶାନ୍ତିରେ ରହିପାରନ୍ତି ନାହିଁ ।

***ସମ୍ବନ୍ଧୀୟ ବିଷୟ***

*ସମାଜ, ପୁଲିସ, ଆଇନ, ମନସ୍ତତ୍ତ୍ୱ, ଅପରାଧବିଜ୍ଞାନ, ଟେକ୍‌ନୋଲଜି, ସମାଜବିଜ୍ଞାନ, ଅର୍ଥନୀତି*

▷▷

### ଅପୋସମ୍

ଆମେରିକା ମହାଦେଶରେ ଅପୋସମ୍ ବୋଲି ଗୋଟିଏ ସ୍ତନ୍ୟପାୟୀ ଜୀବ ଅଛି । ତାହାର ଲମ୍ୱ ଏକ ମିଟରରୁ ଟିକିଏ କମ୍ । ଗୋଟାଏ ଲମ୍ବା ଲାଞ୍ଜ ରହିଛି । ସେହି ଲାଙ୍ଗୁଳଟି ଏମିତି ତିଆରି ହୋଇଛି ଯେ ଗଛ ଡାଳରେ ସହଜରେ ଗୁଡ଼ାଇ ହୋଇପାରିବ । ଦିନବେଳେ ଗଛ କୋରଡ଼ରେ ବା ବଡ଼ ବଡ଼ ଦୁଇଟା ଡାଳ ମଝିରେ ସେମାନେ ଶୋଇପଡ଼ନ୍ତି ଓ ରାତିହେଲେ ଚଞ୍ଚଳ ହୋଇଉଠନ୍ତି । ଅପୋସମ୍‌କୁ ଛଳନା କରିବା କୌଶଳ ପ୍ରକୃତି ଦେଇଛି । ଧରି ପକାଇଲେ ସେ ଏଭଳି ଛଳନା କରି ପଡ଼ିଯାଏ ଯେ ମନେହେବ ସେଇଟି ମରିଗଲାଣି । ଧରିଲାବାଲା ଟିକିଏ ଅସାବଧାନ



ଅପୋସମ୍

ହେଲେ ଡିଆଁ ମାରି ପଳାଏ । ପୂର୍ବେ ଏହାର ଲୋମରୁ ସୁନ୍ଦର ପୋଷାକ ତିଆରି ହେଉଥିଲା ଓ ମାଂସ ମଧ୍ୟ ଖିଆଯାଉଥିଲା ।

*ସମ୍ବନ୍ଧୀୟ ବିଷୟ*

*ଜୀବବିଜ୍ଞାନ, ଜୀବଜଗତ*

▷▷

## ଅଫ୍‌ସେଟ ଛାପା

ଗୋଟିଏ ସ୍ୱତନ୍ତ୍ର ପ୍ରଣାଳୀର ମୁଦ୍ରଣ ପଦ୍ଧତି ବା ଛାପାକାର୍ଯ୍ୟ । ଏହାକୁ ଅଫ୍‌ସେଟ ଲିଥୋଗ୍ରାଫି ବା ଲିଥୋ-ଅଫ୍‌ସେଟ ବୋଲି ମଧ୍ୟ କୁହାଯାଇଥାଏ । ଏହି ପ୍ରଣାଳୀରେ ଗୋଟିଏ ପ୍ଲେଟ୍ ଉପରେ ରାସାୟନିକ ଉପାୟରେ ସୃଷ୍ଟି ହୋଇଥିବା ପ୍ରତିବିମ୍ବ ଦେହରେ ପ୍ରଥମେ କାଳି ଲାଗିଥାଏ ଓ ପରବର୍ତ୍ତୀ ସୋପାନରେ ଉକ୍ତ ପ୍ରତିବିମ୍ବ ଅନ୍ୟ ଏକ ରବର ସିଲିଣ୍ଡର ଦେହକୁ ଉଠିଯାଇ ସେହି ସିଲିଣ୍ଡର ଦ୍ୱାରା କାଗଜ କିମ୍ବା ଅନ୍ୟ କୌଣସି ପଦାର୍ଥ ଉପରେ ଛାପି ହୋଇଯାଏ । ରବର ସିଲିଣ୍ଡରର ବ୍ୟବହାର ହେଉଥିବା ଯୋଗୁଁ କାଠ, କନା, ଧାତୁ, ଚମଡ଼ା ଓ ଖଦଖଦଡ଼ିଆ କାଗଜ ଧରଣର ପଦାର୍ଥଗୁଡ଼ିକ ଉପରେ ମଧ ଅଫ୍‌ସେଟ ପ୍ରଣାଳୀରେ ଛାପିଦେବା ସମ୍ଭବ ହୋଇଥାଏ । ୧୯୦୪ ମସିହାରେ ଜଣେ ଆମେରିକୀୟ ଛାପାଖାନା ମାଲିକ ଅପ୍ରତ୍ୟାଶିତ ଭାବେ ଏହି ପ୍ରଣାଳୀର ଆବିଷ୍କାର କରିପକାଇଥିଲେ ।

ଗ୍ରୀଜ୍ ଓ ଜଳ—ଏଗୁଡ଼ିକ ହେଲେ ଅଫ୍‌ସେଟ ଛାପାକାର୍ଯ୍ୟ ନିମନ୍ତେ ଆବଶ୍ୟକ ହେଉଥିବା ଦୁଇଟି ମୌଳିକ ଉପାଦାନ । ସାଧାରଣତଃ ଦସ୍ତା କିମ୍ବା ଆଲୁମିନିୟମରେ ଆଲୋକ ସମ୍ବେଦୀ ଅଫ୍‌ସେଟ ପ୍ଲେଟ୍ ତିଆରି ହୋଇଥାଏ । ଏହି ଧରଣର ଅତ୍ୟାଧୁନିକ ମୁଦ୍ରାଯନ୍ତ୍ର ଗୁଡ଼ିକରେ ଥିବା ପ୍ଲେଟ୍ ଧରୁଥିବା ସିଲିଣ୍ଡର, ରବର ଧରୁଥିବା ବ୍ଲାଙ୍କେଟ ସିଲିଣ୍ଡର ଓ କାଗଜକୁ ଏହା ଦେହରେ ଚାପି ଦେଉଥିବା ଇଂପ୍ରେସନ ସିଲିଣ୍ଡର ସହିତ ବହୁସଂଖ୍ୟକ କାଳି ରୋଲର ମଧ୍ୟ ଲାଗିଥାଏ ଓ ଏଗୁଡ଼ିକ ମାଇକ୍ରୋପ୍ରସେସର ସାହାଯ୍ୟରେ ନିୟନ୍ତ୍ରିତ ହୋଇଥା'ନ୍ତି । ଗୋଟିଏ ଠାରୁ ଆରମ୍ଭ କରି ବହୁ ରଙ୍ଗକୁ ଏକ ସମୟରେ ଛାପିପାରୁଥିବା ସ୍ୱୟଂକ୍ରିୟ ଅଫ୍‌ସେଟ ମେସିନ ରହିଛି ।

*ସମ୍ବନ୍ଧୀୟ ବିଷୟ*

*ଛାପାକାର୍ଯ୍ୟ, ମୁଦ୍ରଣ, ଟେକ୍‌ନୋଲଜି, କାଳି, କାଗଜ, ପ୍ରକାଶନ*

▷▷

## ଅଫିମ

ଅଫିମ 'ପପି' ଗଛର ଫଳରୁ ବାହାରୁଥିବା ନିଶା ଔଷଧୀୟ ଅଠା । ସନ୍ଧ୍ୟା ପୂର୍ବରୁ ଟିକିଏ ଦାଗ ଦେଇଆସିଲେ ସକାଳକୁ ସେଥିରୁ କ୍ଷୀରଭଳି ଧଳାଧଳା ରସ ବାହାରିଥାଏ ଓ ସେହି ରସକୁ ସଂଗ୍ରହ କରି କିଛିଦିନ ଶୁଖାଇ ଦେଲା ପରେ ତାହା ଅଫିମ ହୋଇଯାଏ । ଅଫିମ ହେଲାବେଳକୁ ରସର ରଙ୍ଗ କିନ୍ତୁ ଆଉ ଧଳା ନ ଥାଏ—ପବନ ବାଜି ତାହା ଢାଉ କିମ୍ବା କଳା ରଙ୍ଗର ହୋଇଯାଇଥାଏ । ପାଣି ଅଂଶ କମି ସେହି ରସ କାଠୁଆ ହୋଇଗଲେ ତାକୁ ଭିନ୍ନ ଭିନ୍ନ ସାଇଜ ତଥା ପ୍ରକାରରେ କାଟି ଦିଆଯାଏ । ସାଧାରଣତଃ ୨୨ରୁ ୫୦ଟି ପର୍ଯ୍ୟନ୍ତ ଫଳ କାଟିଲେ ବା ଦାଗିଲେ ଏକଗ୍ରାମ୍ ଅଫିମ ମିଳିଥାଏ । ପପି ଫଳ ଭିତରେ ଥିବା କ୍ଷୁଦ୍ର କ୍ଷୁଦ୍ର ମଞ୍ଜି ହେଲା 'ପୋସ୍ତକ ଦାନା' । ଏହାକୁ ମସଲା ଭାବରେ ବ୍ୟବହାର କରାଯାଇଥାଏ ।



ଅଫିମ ଫଳରେ 'ତୁର୍କୀ ଦାଗ' । ବିଭିନ୍ନ ଦେଶରେ ଏହି ଦାଗଦେବା ପ୍ରଣାଳୀ ସ୍ୱତନ୍ତ୍ର । ଭାରତରେ ସାଧାରଣତଃ ଲମ୍ବ ଭାବରେ ଦାଗ ଦିଆଯାଇଥାଏ ।

ଚିକିତ୍ସାବିଜ୍ଞାନ ତଥା ଔଷଧ ତିଆରିରେ ପ୍ରଧାନତଃ ଅଫିମର ଉପଯୋଗ ହେଉଥିଲାବେଳେ ନିଶା ଭାବରେ ମଧ୍ୟ ଏହାର ଗୁରୁତ୍ୱ ରହିଛି । ଔଷଧ ଭାବରେ ଅଫିମର ବ୍ୟବହାର ତୁର୍କୀ, ଇଜିପ୍ଟ ଓ ମଧ୍ୟପ୍ରାଚ୍ୟ ଦେଶ ମାନଙ୍କରେ ବହୁକାଳୁ ଚଳି ଆସିଛି । କିନ୍ତୁ ଭାରତରେ ଏହାର ବ୍ୟବହାର ବହୁ ପରେ ହେଲା । ଭାରତକୁ ଏହା କେବେ ପ୍ରଥମେ ଆସିଲା ତା'ର ନିର୍ଦ୍ଦିଷ୍ଟ ପ୍ରମାଣ ନାହିଁ । ମରଫିନ୍ ନାମକ ଗୋଟିଏ ଆଲ୍‌କାଲଏଡ୍‌ର ଉପସ୍ଥିତି ଯୋଗୁଁ ଅଫିମ ନିଶାଯୁକ୍ତ ହୋଇ ଉଠିଛି । ଏହାକୁ ନିୟମିତ ଭାବରେ ଖାଇଲେ ଶାରୀରିକ ତଥା ମାନସିକ ଅବକ୍ଷୟ ହେବା ସହିତ ଆୟୁଷ କମିଯାଇଥାଏ । ପୃଥିବୀ ବଜାରରେ ମିଳୁଥିବା ଗୋଟିଏ ଅତିମାତ୍ରାରେ କ୍ଷତିକାରକ ନିଶା ପଦାର୍ଥ ହେରଇନ୍ ଅଫିମରୁ ତିଆରି ହୁଏ । ଏସିଆ ମହାଦେଶରେ ସବୁଠାରୁ ଅଧିକ ପରିମାଣରେ ଅଫିମ ଚାଷ ହୋଇଥାଏ ଏବଂ ଭାରତ ଓ ତୁର୍କୀ ଭଳି ଦେଶ ଏ କ୍ଷେତ୍ରରେ ଅଗ୍ରଣୀ । ପୃଥିବୀ ଇତିହାସରେ ଅଫିମକୁ ନେଇ ଦେଶ ଦେଶ ଭିତରେ ଯୁଦ୍ଧ ହୋଇଯିବାର ମଧ୍ୟ ପ୍ରମାଣ ଅଛି ।

*ସମ୍ବନ୍ଧୀୟ ବିଷୟ*

*ଆଲ୍‌କାଲୀ, ମରଫିନ୍, ଅବକାରୀ ଆଇନ, ଔଷଧ, ଚିକିତ୍ସାବିଜ୍ଞାନ, ନିଶା, ସମାଜ, ଅଫିମ ଯୁଦ୍ଧ, ହେରଇନ୍*

▷▷

## ଅବତାର

ହିନ୍ଦୁ ଶାସ୍ତ୍ର ପୁରାଣରେ ବିଷ୍ଣୁ ଦେବତାଙ୍କର ଭିନ୍ନ ଭିନ୍ନ ସମୟରେ ବିଭିନ୍ନ ଜନ୍ମକୁ ସାଧାରଣତଃ ଅବତାର ବୋଲି କୁହାଯାଇଥାଏ । କଳ୍କି, କୂର୍ମ, ନୃସିଂହ, ପର୍ଶୁରାମ, ବରାହ, ବାମନ, ବୁଦ୍ଧ, ମତ୍ସ୍ୟ, ଶ୍ରୀକୃଷ୍ଣ ଓ ଶ୍ରୀରାମ ହେଲେ ସେ ସବୁ ଅବତାରର ପୁରାଣବର୍ଣ୍ଣିତ ନାମ । ବିଷ୍ଣୁଙ୍କର ଅସଂଖ୍ୟ ଅବତାର ରହିଛି ବୋଲି ଭାଗବତରେ ଉଲ୍ଲେଖ ରହିଥିଲେ ମଧ୍ୟ କେବଳ ୨୨ଟି ଅବତାରର କିନ୍ତୁ ପ୍ରକୃତ ବର୍ଣ୍ଣନା ରହିଛି ।

*ସମ୍ବନ୍ଧୀୟ ବିଷୟ*

*ହିନ୍ଦୁ ଧର୍ମ, ଧର୍ମଶାସ୍ତ୍ର, ପୁରାଣ, ଭାଗବତ, ବିଷ୍ଣୁ*

▷▷

## ଅବଦୁଲ୍ ଗଫର ଖାଁ

(୧୮୯୧-୧୯୮୮)

ବହୁଲୋକ କାଳି କଲମରେ ଇତିହାସ ଲେଖନ୍ତି । କିନ୍ତୁ ଜଣେ ଜଣେ ନିଜ ରକ୍ତରେହିଁ ତାହା ଲେଖିଯାଆନ୍ତି । ଭାରତର ଜଣେ ଶ୍ରେଷ୍ଠ ସନ୍ତାନ ଖାଁ ଅବଦୁଲ୍ ଗଫର ଖାଁ ସେହିମାନଙ୍କ ଭିତରୁ ଜଣେ । ଆଉ ଜଣେ ଥିଲେ ମହାତ୍ମା ଗାନ୍ଧୀ । ଭାରତ ଯେତେବେଳେ ପରାଧୀନ ଥିଲା ମହାତ୍ମା ଗାନ୍ଧୀ ଆସି ଲୋକଙ୍କୁ କହିଲେ, ଏ ଦେଶକୁ ବିଦେଶୀ ଶାସନରୁ ମୁକ୍ତ କରିବାକୁ ହେବ । ସେଥିପାଇଁ ଲଢ଼େଇ ହେବ । କିନ୍ତୁ ସେହି ଲଢ଼ାଇରେ କୌଣସି ପ୍ରକାର ଅସ୍ତ୍ରଶସ୍ତ୍ରର ସାମାନ୍ୟତମ ବ୍ୟବହାର ମଧ୍ୟ କରାଯିବ ନାହିଁ । ସେ ତା'ର ନାଁ ରଖିଲେ ଅହିଂସା ଲଢ଼େଇ । ସେହି କଥା ଶୁଣି ଅବଦୁଲ୍ ଗଫର ଖାଁ ତାଙ୍କ ନିଜ ଅଞ୍ଚଳର ଲୋକଙ୍କୁ ଯାଇ କହିଲେ ।

ସେ ଯେଉଁଠି ଜନ୍ମ ହୋଇଥିଲେ ଭାରତର ସେହି ଅଞ୍ଚଳର ଲୋକଙ୍କୁ ପଠାଣ ବୋଲି କୁହାଯାଏ । ସେମାନେ ନିଜ ସମ୍ମାନ ରକ୍ଷା ପାଇଁ କଥା କଥାକେ ବନ୍ଧୁକ ଚଳାନ୍ତି । ତେଣୁ କେହି କେବେ ବିଶ୍ୱାସ



ଜନତାର ମଙ୍ଗଳ ପାଇଁ ବାଦ୍‌ଶାହା ଖାଁ—ଖାଁ ଅବଦୁଲ୍ ଗଫର ଖାଁ ମଣିଷ, ଶାସନ, ଜେଲ, ଦାରିଦ୍ର୍ୟ କିମ୍ବା ମୃତ୍ୟୁକୁ କେବେହେଲେ ନିଜ ଜୀବଦ୍ଦଶାରେ ଭୟ କରିନାହାଁନ୍ତି । ଅନ୍ୟାୟ ବିରୁଦ୍ଧରେ ଲଢିବା ପାଇଁ ଯେ ଅହିଂସା ହିଁ ଏକମାତ୍ର ପନ୍ଥା, ସେକଥା ଏହି ଦୁର୍ଦ୍ଧର୍ଷ ପଠାଣ ବୀର ଯେଭଳି ବୁଝିଥିଲେ ତା'ର ପଟାନ୍ତର ନାହିଁ ।

କରିନଥିଲେ ଯେ ଏଭଳି ଲୋକେ ଅସ୍ତ୍ର ଛାଡିଦେଇ ଅହିଂସା ଲଢେଇ କରିବେ ଓ ଛାତି ଦେଖାଇ ଗୋରା ମାନଙ୍କଠାରୁ ଗୁଳିମାଡ ଖାଇବେ । କିନ୍ତୁ ତାହା ଦିନେ ସତ ହେଲା । ସେମାନେ ମାତି ଉଠିଲେ । ଇଂରେଜ ସରକାର ଅବଦୁଲ୍ ଗଫର ଖାଁଙ୍କୁ ଜେଲରେ ପୂରାଇ ବହୁତ କିଛି କଷ୍ଟ ଦେଲେ । ତାଙ୍କ ସାଙ୍ଗରେ ଆହୁରି ଅନେକ ଲୋକଙ୍କୁ ଗିରଫ କରିନେଲେ । ପରେ ୧୯୩୦ ମସିହା ଏପ୍ରିଲ ୨୩ ଦିନ ଗୋଟିଏ ସ୍ଥାନରେ ବିନା କାରଣରେ ଗୁଳି ଚଳାଇ ବହୁ ସଂଖ୍ୟକ ନୀରସ୍ତ୍ର ପଠାଣଙ୍କୁ ମାରିଦେଲେ । ସେଠି କିନ୍ତୁ ଦୁର୍ଦ୍ଧର୍ଷ ପଠାଣମାନେ ଗଫର ଖାଁଙ୍କ ଡାକରାରେ ଅସ୍ତ୍ରତ୍ୟାଗ କରିଦେଇଥିଲେ । ସେତିକିବେଳେ କୁହାଗଲା ସେ ହେଉଛନ୍ତି 'ସୀମାନ୍ତ ଗାନ୍ଧୀ' । କାରଣ ଭାରତର ପଶ୍ଚିମ ସୀମା ଅଞ୍ଚଳରେ ତାଙ୍କର ଘର । ତାଙ୍କୁ ବହୁବର୍ଷ ଜେଲ ଭିତରେ ରଖାଗଲା । ହେଲେ ପଠାଣମାନେ ଦବିଲେ ନାହିଁ ।

୧୯୪୭ ମସିହାରେ ଭାରତ ସ୍ୱାଧୀନ ହେଲା । ଗଫର ଖାଁ ଭାବିଥିଲେ ତାଙ୍କ ସ୍ୱପ୍ନ ସାର୍ଥକ ହେବ—ସେ ସ୍ୱାଧୀନ ଭାରତର ଲୋକ ହୋଇ ରହିବେ । କିନ୍ତୁ ତାହା ହେଲାନାହିଁ । ଭାରତ ଦୁଇଭାଗ ହୋଇଗଲା । ଯେଉଁ ଅଂଶଟିକୁ ପାକିସ୍ତାନ ବୋଲି କୁହାଗଲା ସେ ସେହି ଅଂଶରେ ରହିଗଲେ ।

ପାକିସ୍ତାନ ନ ହେଉ ବୋଲି ସେ କହୁଥିବାରୁ ସେଠାରେ ସରକାର ବର୍ଷ ବର୍ଷ ଧରି ତାଙ୍କୁ ଜେଲ ଭିତରେ ରଖି ନାନା କଷ୍ଟ ଦେଲେ । ସେ କିନ୍ତୁ ତାଙ୍କ ବିଶ୍ୱାସରେ ଅଟଳ ରହିଲେ । ଜେଲରେ ଯେତେ ଯନ୍ତ୍ରଣା ସହିଲେ ମଧ୍ୟ ତାଙ୍କର ଯାହା ମତ ସେ ବରାବର ପ୍ରକାଶ କଲେ । କଷ୍ଟ ଭୋଗି ବେମାର ହୋଇଗଲେ । କିଛିଦିନ ଯାଇ ଆଫ୍‌ଗାନିସ୍ତାନରେ ରହିଲେ । କିନ୍ତୁ ତାଙ୍କ ରୋଗ କ୍ରମେ ବଢିଲା । ଭାରତକୁ ତାଙ୍କୁ ଅଣାଗଲା ଚିକିତ୍ସା ପାଇଁ । ସେତିକିବେଳେ ତାଙ୍କୁ 'ଭାରତରତ୍ନ' ଉପାଧି ଦିଆଗଲା । ସେ ଆଉ ଭଲ ହେବେ ନାହିଁ ବୋଲି ଜଣାପଡ଼ିବାରୁ ତାଙ୍କୁ ପୁଣି ପାକିସ୍ତାନକୁ ନିଆଗଲା । ସେହିଠାରେ ସେ ଏ ସଂସାରରୁ ବିଦାୟ ନେଇଗଲେ । ତାଙ୍କ ଶବକୁ ନିଜ ଜନ୍ମସ୍ଥାନ ଆଫ୍‌ଗାନିସ୍ତାନର ଜଲାଲାବାଦଠାରେ କବର ଦିଆଗଲା । ତାଙ୍କ ମୃତ୍ୟୁ ସମୟରେ ଆଫ୍‌ଗାନିସ୍ତାନରେ ଘୋର ଗୃହଯୁଦ୍ଧ ଲାଗିଥାଏ ଓ ସୋଭିଏତ୍ ବାହିନୀକୁ ତଡିଦେବା ପାଇଁ ଆଫ୍‌ଗାନ ମୁଜାହିଦ୍‌ମାନେ ଭୟଙ୍କର ଯୁଦ୍ଧ ଚଳାଇଥା'ନ୍ତି । କିନ୍ତୁ ଅହିଂସାର ମୂର୍ତ୍ତିମନ୍ତ ପ୍ରତୀକ ଏହି ସଚ୍ଚା ପଠାଣଙ୍କ ଶବକୁ କବର ଦେବାପାଇଁ ନେବା ସମୟରେ ସେ ଅଞ୍ଚଳରେ ଅଳ୍ପ କେତେ ଦିନ ପାଇଁ ଯୁଦ୍ଧବନ୍ଦ ହୋଇଯାଇଥିଲା । ହଜାର ହଜାର ପାଖ୍ତୁନ୍ ଯୁବକ ଏହି ଶବ ଶୋଭାଯାତ୍ରାରେ ସାମିଲ ହୋଇ ତାଙ୍କୁ ଶେଷ ସମ୍ମାନ ଜଣାଇଥିଲେ । ଭାରତର ସ୍ୱାଧୀନତା ଆନ୍ଦୋଳନ ଇତିହାସରେ ଗଫର ଖାଁଙ୍କୁ ଅଭୂତପୂର୍ବ ଗୁରୁତ୍ୱ ଦିଆଯାଇଛି ।

୧୯୪୨ ମସିହାର ଭାରତ ଛାଡ ଆନ୍ଦୋଳନର ଯେତେବେଳେ ପରିସମାପ୍ତି ଘଟିଲା ଓ ଭାରତର ନେତୃବୃନ୍ଦ ଜେଲ ପାଚେରୀ ବାହାରକୁ ଆସିଲେ ସେତେବେଳେ ସୀମାନ୍ତ ଗାନ୍ଧୀ ଅବଦୁଲ୍ ଗଫର ଖାଁ ମହାତ୍ମା ଗାନ୍ଧୀଙ୍କୁ ଥରେ ପଚାରିଲେ— "ଆପଣ ଭାରତର ଯେଉଁ ଅଞ୍ଚଳରେ ବାରମ୍ବାର ଅହିଂସାର ବାଣୀ ଶୁଣାଇଛନ୍ତି ଓ ସେହି ବାର୍ତ୍ତାର ପ୍ରଚାର ବରାବର କରିଛନ୍ତି ସେ ଅଞ୍ଚଳର ଲୋକେ ଶେଷ ପର୍ଯ୍ୟନ୍ତ ଅହିଂସା ଉପରେ ଆସ୍ଥା ସ୍ଥାପନ କରିପାରିଲେ ନାହିଁ । ଅଥଚ ମୋ ଅଞ୍ଚଳକୁ ଆପଣ ଥରେ ମାତ୍ର ଯାଇ ଅହିଂସାର ବାଣୀ ଶୁଣାଇଥିଲେ, କିନ୍ତୁ ସେମାନେ ନାନା ଉତ୍ତେଜନା ସତ୍ତ୍ୱେ ଶେଷ ପର୍ଯ୍ୟନ୍ତ ଅହିଂସ ରହିଲେ । ଏହା କିପରି ସମ୍ଭବ ହେଲା ?" ମହାତ୍ମାଜୀ ଉତ୍ତର ଦେଇଥିଲେ— "ସେଥିରୁ କେବଳ ଏତିକି ପ୍ରମାଣିତ ହେଲା ଯେ ଅହିଂସାଟି ହେଉଛି ସାହସୀର ଅସ୍ତ୍ର—ଦୁର୍ବଳର ନୁହେଁ ।"

***ସମ୍ବନ୍ଧୀୟ ବିଷୟ***

*ଅହିଂସା, ଭାରତୀୟ ସ୍ୱାଧୀନତା ଆନ୍ଦୋଳନ, ପାଖ୍ତୁନିସ୍ତାନ, ଆଫ୍‌ଗାନିସ୍ତାନ, ପାକିସ୍ତାନ, ଭାରତରତ୍ନ, ମହାତ୍ମା ଗାନ୍ଧୀ, କଂଗ୍ରେସ, ଖୁଦା-ଇ-ଖିଦ୍‌ମତ୍‌ଗାର, ଭାରତ, ଉତ୍ତର-ପଶ୍ଚିମ ସୀମାନ୍ତ ପ୍ରଦେଶ*

▷▷

## ଅବନୀନ୍ଦ୍ରନାଥ ଠାକୁର
(୧୮୭୧-୧୯୫୧)

ବଙ୍ଗ ଦେଶର ଅବନୀନ୍ଦ୍ରନାଥ ଠାକୁର ଜଣେ ପ୍ରସିଦ୍ଧ ଚିତ୍ରଶିଳ୍ପୀ ଥିଲେ । ଲୋକେ ତାଙ୍କୁ ଶ୍ରଦ୍ଧାରେ ନାମ ଦେଇଥିଲେ 'ଛବିର ରାଜା ଅବିନ ଠାକୁର' । ସେ କେବଳ ତୁଳି ନୁହେଁ, କଲମକୁ ମଧ୍ୟ

ବ୍ୟବହାର କରୁଥିଲେ ପିଲାଙ୍କ ପାଇଁ, କିଶୋରମାନଙ୍କ ପାଇଁ ଭଲ ଭଲ ବହି ଲେଖିବାରେ । ଅନେକ ଲୋକ ଗୋଟିଏ ସୁନ୍ଦର ହାତକୁ କରପଲ୍ଲବ ବୋଲି କୁହନ୍ତି । ପଲ୍ଲବର ଅର୍ଥ ପତ୍ର । ଅବନୀନ୍ଦ୍ର ସ୍ୱତନ୍ତ୍ର କଳା-ଶୈଳୀରେ ଗୋଟିଏ ହାତ ଓ ଗୋଟିଏ ପତ୍ରର ଚିତ୍ର ପାଖକୁ ପାଖ ଆଙ୍କିଦେଇ ଦେଖାଇ ଦେଲେ କରପଲ୍ଲବ କହିଲେ କ'ଣ ବୁଝାଏ । ଜଣ ଜଣକର ନାକ ବେଶ୍ ତୀଖ । ତାକୁ ଶୁଆ ଥଣ୍ଟ ନାକ ବୋଲି ଯେଉଁ ନାମ ଦିଆଯାଇଛି ତାହା କେତେ ଦୂରକୁ ଠିକ୍ ସେକଥା ବୁଝାଇବା ପାଇଁ ସେ ଦୁଇଟି ଚିତ୍ର ଆଙ୍କି ଦେଇଛନ୍ତି । ଯେଉଁ ନାରୀର କଟି ସୁନ୍ଦର ଭାବରେ ଗଢା ହୋଇଛି ସେଇଟି ସିଂହ କଟି ବୋଲି କୁହାଯାଏ । କାହିଁକି ସେମିତି କୁହାଯାଏ ଅବନୀନ୍ଦ୍ର ଚିତ୍ରରେ ତାହା ବୁଝାଇ ଦେଲେ । ଏହିଭଳି ଶହ ଶହ ଚିତ୍ର ସେ ଆଙ୍କିଛନ୍ତି ବହୁ କଥାକୁ ବୁଝାଇବା ପାଇଁ । ସେ କୌଣସି ଚିତ୍ରକଳା ସ୍କୁଲର ଛାତ୍ର ନଥିଲେ । ଓଡ଼ିଶାର ଜଣେ ପ୍ରସିଦ୍ଧ ଚିତ୍ରଶିଳ୍ପୀଙ୍କୁ ଅବନୀନ୍ଦ୍ରନାଥ ଓଡ଼ିଶା ବାହାରେ ପରିଚିତ କରାଇଥିଲେ ।

***ସମ୍ବନ୍ଧୀୟ ବିଷୟ***

*ବଙ୍ଗଳା, ଚିତ୍ରକଳା, ଶାନ୍ତିନିକେତନ*

▷▷

## ଅବସାଦ

ଏଇଟି ହେଲା ଗୋଟିଏ ମନସ୍ତାତ୍ତ୍ୱିକ ଅବସ୍ଥା । ଅବସାଦ ବା ଡିପ୍ରେସନ ଗ୍ରସ୍ତ ଲୋକ କ୍ଷେତ୍ରରେ ସାଧାରଣତଃ ନୈରାଶ୍ୟ, ନିଷ୍କ୍ରିୟତା ଓ ଆତ୍ମଅବମୂଲ୍ୟନ ଭଳି ଲକ୍ଷଣ ସବୁ ପ୍ରକାଶ ପାଇଥାଏ । ଏହାକୁ ନିର୍ଦ୍ଦିଷ୍ଟ ଭାବରେ ଗୋଟିଏ ରୋଗ ବୋଲି କୁହା ନ ଯାଉଥିଲେ ମଧ୍ୟ ଅନେକ ମାନସିକ ଓ ଶାରୀରିକ ଅବ୍ୟବସ୍ଥା ସହ ଅବସାଦର ନିକଟ ସଂପର୍କ ରହିଛି । ଜଣାପଡ଼ିଛି ଯେ, ପୃଥିବୀସାରା ଏହା ହେଲା ସବୁଠାରୁ ସାଧାରଣ ମନୋବିକାରୀ ବା ସାଇକିଆଟ୍ରିକ ଚିକିତ୍ସା ଅଭିଯୋଗ । ଅବସାଦ ସେଭଳି ଗୋଟାଏ କିଛି ନିର୍ଦ୍ଦିଷ୍ଟ ନିୟମରେ ଆସେ ନାହିଁ ବା ଯାଏ ନାହିଁ— ଅନେକ ସମୟରେ ଅଳ୍ପକ୍ଷଣ ସ୍ଥାୟୀ ହୋଇଥିଲା ବେଳେ ଜଣ ଜଣଙ୍କ କ୍ଷେତ୍ରରେ ଏହା ଆଜୀବନ ରହିଯାଇଥାଏ ।

ବହୁ ଶତାବ୍ଦୀ ପୂର୍ବରୁ ଅବସାଦ ବିଷୟରେ ଚିକିତ୍ସା ବିଜ୍ଞାନୀମାନେ ନିର୍ଦ୍ଦିଷ୍ଟ ଭାବେ ଜାଣିଲେଣି । ପ୍ରଥମେ ଏହାକୁ 'ମେଲାନକଲିଆ' ବା ବିଷାଦରୋଗ ବୋଲି କୁହାଯାଉଥିଲା । ଅବସାଦ ରୋଗୀ ନିଜ ଚାରିପଟ ଦୁନିଆ ବିଷୟରେ ସଂପୂର୍ଣ୍ଣ ଭାବେ ଆଗ୍ରହ ହରାଇଥାଏ ଓ ଅନ୍ୟ ବହୁ ପ୍ରକାର ଲକ୍ଷଣ ସହିତ ଆତ୍ମହତ୍ୟା କରିବାକୁ ବାରମ୍ବାର ଉଦ୍ୟମ କରିବା ଭଳି ପରିସ୍ଥିତି ସୃଷ୍ଟି କରିବା ଲକ୍ଷଣ ମଧ୍ୟ ତା'ଠାରେ ପ୍ରକାଶ ପାଏ ।

ପିଲାଙ୍କ ଠାରେ ଏହା ଗୋଟାଏ ଭିନ୍ନ ରୂପରେ ଦେଖାଦିଏ । କିନ୍ତୁ କୈଶୋର ପରେ ହିଁ ଜଣଙ୍କ ଠାରେ ଅବସାଦର ସ୍ପଷ୍ଟ ଲକ୍ଷଣ ସବୁ ପ୍ରକାଶ ପାଇଥାଏ । ପୁରୁଷ ଓ ନାରୀଙ୍କ କ୍ଷେତ୍ରରେ ଏହାର ପ୍ରଭାବରେ ମାତ୍ରାଗତ ପାର୍ଥକ୍ୟ ରହିଛି । ଅନେକ ସମୟରେ ଜଣେ ଯେ ଅବସାଦଗ୍ରସ୍ତ, ସେକଥା ସହଜରେ ଜଣାଯାଏ ନାହିଁ । କେତେକ କ୍ଷେତ୍ରରେ ଜଣେ ଗୋଟାଏ ସମୟରେ ଅବସାଦଗ୍ରସ୍ତ ହୋଇ ମଧ୍ୟ ପୁଣି ସଂପୂର୍ଣ୍ଣ ସୁସ୍ଥ ହୋଇଯାଇପାରେ ଓ ସେ କ୍ଷେତ୍ରରେ ଏଭଳି ଘଟିଥିବାର କୌଣସି ଲକ୍ଷଣର ସତ୍ତା ରହେନାହିଁ । ବେଳେବେଳେ ମାତ୍ରାଧିକ୍ୟ ଅବସାଦ ଜଣ ଜଣଙ୍କୁ ଉନ୍ମାଦ କରିଦେଇଥାଏ ।

ଜଣେ କାହିଁକି ଅବସାଦର ଶିକାର ହୋଇଥାଏ ସେ ବିଷୟରେ ମନୋବିଜ୍ଞାନୀମାନେ ବହୁତ କାରଣ ଦର୍ଶାଇଥା'ନ୍ତି । କିନ୍ତୁ ଏକବିଂଶ ଶତାବ୍ଦୀର ଆରମ୍ଭ ବେଳକୁ ମଧ୍ୟ ଏହି ମାନସିକ ଅବ୍ୟବସ୍ଥା ବିଷୟରେ ଆହୁରି ବହୁତ କିଛି ଜାଣିବାକୁ ବାକି ଅଛି ବୋଲି ଗବେଷକମାନେ କହୁଛନ୍ତି । ୧୯୯୭ ମସିହା ପ୍ରଥମାର୍ଦ୍ଧର ଶେଷ ବେଳକୁ, ବଂଶଗତ ଅବସାଦଗ୍ରସ୍ତ ବ୍ୟକ୍ତିମାନଙ୍କୁ ନେଇ ଚାଲିଥିବା ଗବେଷଣାର ଗୋଟିଏ ଦିଗର ଫଳାଫଳରୁ ଜଣାପଡ଼ିଛି ଯେ ଅଧିକାଂଶ କ୍ଷେତ୍ରରେ ସେଭଳି ରୋଗୀଙ୍କ ମସ୍ତିଷ୍କର ଗୋଟିଏ ଅଂଶ ଅନ୍ୟ ଅଂଶ ଅପେକ୍ଷା ସଂକୁଚିତ ବା ଛୋଟ ଓ କାର୍ଯ୍ୟକ୍ଷମତା ଦୃଷ୍ଟିରୁ ତୁଳନାତ୍ମକ ଭାବରେ ଦୁର୍ବଳ । ମଣିଷ କ୍ଷେତ୍ରରେ ଆବେଗ ଓ ଅବସାଦ—ଏ ଉଭୟ ଅବସ୍ଥାକୁ ନିୟନ୍ତ୍ରଣ କରୁଥିବା 'ଅବଜାନୁକ ଅଗ୍ର-ଲଲାଟିକା କଟେକ୍ସ' ନାମକ ମସ୍ତିଷ୍କର ଗୋଟିଏ ଅଂଶ ବିଷୟରେ ଅଧିକ ଗବେଷଣା ମଧ୍ୟ ଅବସାଦ ରୋଗୀମାନଙ୍କ ଚିକିତ୍ସା ଦିଗରେ ସୁଫଳ ଆଣିଦେବ ବୋଲି କୁହାଯାଉଛି । ଆଜିର ସାମାଜିକ ପରିସ୍ଥିତିରେ ଅବସାଦଗ୍ରସ୍ତ ଲୋକଙ୍କ ସଂଖ୍ୟା ବଢ଼ି ଯାଉଥିବା କଥା ଜଣାପଡ଼ିଛି ।

***ସମ୍ବନ୍ଧୀୟ ବିଷୟ***

*ଚିକିତ୍ସାବିଜ୍ଞାନ, ମନସ୍ତତ୍ତ୍ୱ, ମନସ୍ତାତ୍ତ୍ୱିକ ବିଶ୍ଲେଷଣ, ପାଗଳାମି, ସମାଜ, ପରିବାର, ମାନବଶରୀର, ଜୀବରସାୟନବିଜ୍ଞାନ, ମସ୍ତିଷ୍କ, ଆବେଗ*

▷▷

## ଅବୁ ବକ୍‌କର
(ପ୍ରାୟ ୫୭୩-୬୩୪)

ପ୍ରଥମ ମୁସଲମାନ ଖଲିଫା । ଇସ୍‌ଲାମ ଧର୍ମ ଗ୍ରହଣ କରିଥିବା ମୂଳ କେତେଜଣଙ୍କ ଭିତରୁ ଇଏ ଜଣେ ବୋଲି କୁହାଯାଏ । ତାଙ୍କ କନ୍ୟା ଆଇସାଙ୍କୁ ପ୍ରଫେଟ ମହମ୍ମଦ ବିବାହ କରିଥିଲେ । ମହମ୍ମଦଙ୍କ ମୃତ୍ୟୁପରେ ଅବୁ ବକ୍‌କରଙ୍କୁ ସମଗ୍ର ଇସ୍‌ଲାମ୍ ସଂପ୍ରଦାୟର ମୁଖ୍ୟ ଭାବେ ଗଣାଗଲା । ତାଙ୍କର ସ୍ୱଳ୍ପକାଳର ଶାସନ ଭିତରେ ସେ ଦୁଇଟି ବିଦ୍ରୋହ ଦମନ କରିବା ସଙ୍ଗେ ସଙ୍ଗେ ପାରସ୍ୟ, ଇରାକ ତଥା ମଧ୍ୟପ୍ରାଚ୍ୟର ବହୁ ଅଞ୍ଚଳ ଉପରେ ଆରବ ଆଧିପତ୍ୟ ପ୍ରତିଷ୍ଠା କରିପାରିଥିଲେ ।

***ସମ୍ବନ୍ଧୀୟ ବିଷୟ***

*ଇସ୍‌ଲାମ ଧର୍ମ, ମହମ୍ମଦ, ଆରବ ଜଗତ*

▷▷

## ଅବୁଲ୍ କଲାମ ଆଜାଦ
(୧୮୮୮-୧୯୫୮)

ମହାତ୍ମା ଗାନ୍ଧୀ ଯେତେବେଳେ ଭାରତରେ ସ୍ୱାଧୀନତା ସଂଗ୍ରାମ ଚଳାଇଲେ ଦେଶର କେତେଜଣ ଅତି ଜଣାଶୁଣା ଲୋକ ତାଙ୍କ ଚାରିପଟେ ଆସି ଛିଡ଼ା ହୋଇଗଲେ ଓ ଗାନ୍ଧୀଙ୍କୁ ବଳ ଦେଇଦେଲେ । ସେହିମାନେ ହୋଇଗଲେ ମୁକ୍ତି ସଂଗ୍ରାମର ସେନାପତି । ମୌଲାନା ଅବୁଲ୍ କଲାମ ଆଜାଦ ଥିଲେ ସେହିମାନଙ୍କ ଭିତରୁ ଜଣେ ।

ତାଙ୍କ ବାପା ଖଇରୁଦ୍ଦିନ ଭାରତ ଛାଡ଼ି ଚାଲିଯାଇଥିଲେ; କାରଣ ୧୮୫୭ ମସିହାରେ ଭାରତରେ ଯେଉଁ ପ୍ରଥମ ସ୍ୱାଧୀନତା ସଂଗ୍ରାମ ହେଲା ସେଥିରେ ଭାରତୀୟମାନେ ହାରିଗଲେ । ଏଥିରେ ତାଙ୍କ ମନ ଏକାବେଳକେ ଭାଙ୍ଗିପଡ଼ିଲା ଓ ସେ ଆରବକୁ ଚାଲିଗଲେ । ସେହିଠାରେ ତାଙ୍କର ବିବାହ ହୋଇଥିଲା । ମୁସଲମାନ ମାନଙ୍କର ଅତି ପବିତ୍ର ସ୍ଥାନ ମକ୍କାରେ ପରେ ଅବୁଲ୍ କଲାମ ଆଜାଦଙ୍କର ଜନ୍ମ ହେଲା । ପରେ ତାଙ୍କ ବାପା କିନ୍ତୁ କଲିକତାକୁ ଚାଲି ଆସିଲେ । ବାପା ଥିଲେ ଆରବୀ ଓ ଫାରସୀ ଭାଷାରେ ଜଣେ ପଣ୍ଡିତ । ତାଙ୍କର ଇଚ୍ଛା ନଥିଲା ପୁଅ ଯାଇ କୌଣସି ଇଂରାଜୀ ସ୍କୁଲରେ ପଢୁ । ତେଣୁ ଘରେ ରହି ଅବୁଲ୍ କଲାମ ବହୁତ କିଛି ପଢ଼ାପଢ଼ି କଲେ । ମିଶର ଦେଶରେ ଯାଇ କିଛିଦିନ ପଢ଼ିଥିଲେ । ଫାରସୀ ଓ ଆରବୀ ଭାଷାରେ ତାଙ୍କର ଦଖଲ ଦେଖି ମିଶରର ପ୍ରଫେସରମାନେ ଚମତ୍କୃତ ହୋଇଗଲେ । ଫଳରେ ସେହି ପଣ୍ଡିତ ଯେତେବେଳେ ସ୍ୱାଧୀନତା ଆନ୍ଦୋଳନରେ ଯୋଗଦେଲେ ସେତେବେଳେ ସମସ୍ତଙ୍କର ଆନନ୍ଦର ସୀମା ରହିଲା ନାହିଁ ।

ଚମତ୍କାର ଭାଷଣ ଦେବାରେ ସେ ସମସ୍ତଙ୍କୁ ଟପି ଯାଇଥିଲେ । ପାଟଣାରେ ଗଙ୍ଗାକୂଳରେ ସେ ଯେତେବେଳେ ଇଂରେଜମାନଙ୍କ ଅତ୍ୟାଚାର ବିଷୟରେ ଭାଷଣ ଦେଲେ, ଶହ ଶହ କଲେଜରେ ପଢୁଥିବା ଯୁବକ ପାଠ ଛାଡ଼ିଦେଇ 'ଗାନ୍ଧୀ ପତାକା' ତଳେ ଆସି ଠିଆ ହୋଇଗଲେ । ସେହି ସଭାରେ ଥିବା ଜଣେ କଲେଜ ପଢ଼ା ଯୁବକ ପରେ



ଅବୁଲ୍ କଲାମ ଆଜାଦ

ଲେଖିଥିଲେ—''ମୌଲାନା ଆଜାଦ ଯେତେବେଳେ ଭାଷଣ ଦେଉଥିଲେ ସେତେବେଳେ ମନେ ହେଉଥିଲା ସତେ ଯେପରିକି ଗଙ୍ଗାଜଳ ହୁ ହୁ ହୋଇ ଜଳୁଛି ।'' ଏହି ନେତା ବହୁବାର କଂଗ୍ରେସର ସଭାପତି ହୋଇଥିଲେ । ଦେଶ ସ୍ୱାଧୀନ ହେବାପରେ ସେ ଶିକ୍ଷା ଦାୟିତ୍ୱରେ ରହିଲେ । ତାଙ୍କ ପୂରାନାମ ହେଲା ମୌଲାନା ଅବୁଲ୍ କଲାମ ଆଜାଦ ।

**ସମ୍ବନ୍ଧୀୟ ବିଷୟ**
*ଭାରତୀୟ ସ୍ୱାଧୀନତା ଆନ୍ଦୋଳନ, କଂଗ୍ରେସ, ଗାନ୍ଧୀ, ଶିକ୍ଷା*

▷▷

## ଅବୁଲ୍ ଫଜଲ୍
(୧୫୫୧-୧୬୦୨)

ପାରସ୍ୟ ଦେଶର ଏହି ପ୍ରସିଦ୍ଧ ପଣ୍ଡିତ ଓ ଲେଖକ ଆକବରଙ୍କ ରାଜଦରବାରରେ ବହୁକାଳ ବିତାଇଛନ୍ତି । 'ଅକ୍‌ବର୍ ନାମା', 'ଆଇନ୍-ଇ-ଅକ୍‌ବରି' ହେଲା ତାଙ୍କର ଦୁଇଟି ପ୍ରସିଦ୍ଧ ଗ୍ରନ୍ଥ । ତାଙ୍କ ବୟସ ମୋଟେ ପନ୍ଦର ବର୍ଷ ହେଲାବେଳକୁ ସେ ଯୁଗର ସମସ୍ତ ପରମ୍ପରାଗତ ଜ୍ଞାନ ସେ ଅର୍ଜନ କରି ସାରିଥିଲେ । ପରେ ସେ ଆକବରଙ୍କ ଦରବାରରେ ମନ୍ତ୍ରୀ ହୋଇଥିଲେ ।

**ସମ୍ବନ୍ଧୀୟ ବିଷୟ**
*ପାରସୀ କଳା ଓ ସାହିତ୍ୟ, ଆକବର, ଭାରତ*

▷▷

## ଅଭଦ୍ରତା

ବହୁକାଳ ପୂର୍ବେ ମନୁଷ୍ୟ ବୁଲା ଜୀବନ କଟାଉଥିଲା । ସେତେବେଳେ ଗୋଟାଏ ସ୍ଥାନରେ ବହୁ ସଂଖ୍ୟକ ଲୋକ ରହିବା ଦରକାର ପଡୁନଥିଲା । ପରେ ଗାଁସବୁ ଗଢ଼ି ଉଠିଲା । ଜଣେ ଅନ୍ୟଜଣକ ସହିତ କେମିତି ଚଳିବ, କେମିତିକା ବ୍ୟବହାର ଦେଖାଇବ ତାହା କ୍ରମେ ଊଣା ଅଧିକେ ସ୍ଥିର ହୋଇଗଲା । ଯେଉଁଠାରେ ଲୋକେ ସମାଜର ନୀତି-ନିୟମ ମାନି ଚଳିଲେ, ନିଜ ନିଜ ଭିତରେ ସ୍ନେହ ଆଦର ଦେଖାଇଲେ, ଯେଉଁମାନେ ବଡ଼ ବା ଗୁରୁଜନ ସେମାନଙ୍କୁ ମାନିଲେ, ତାକୁହିଁ କୁହାଗଲା ଭଦ୍ର ସମାଜ । ଯେମିତି ଚଳିବେ ବୋଲି ସମସ୍ତେ ସ୍ଥିର କରିନେଇଛନ୍ତି ସେମିତି ଚଳିବା, କାହାରି କ୍ଷତି ନ କରିବା ବା ମନରେ କଷ୍ଟ ନ ଦେବା ଭଳି କଥାବାର୍ତ୍ତା ବା କାମ ନ କରିବାକୁ ଭଦ୍ରତା ବୋଲି କୁହାଯାଏ । ଯେଉଁ ଲୋକ ଏହାର ବିପରୀତ ଆଚରଣ ଦେଖାଇଲା, ଅର୍ଥାତ୍ ନିଜର କାର୍ଯ୍ୟ ବା କଥା ଫଳରେ ଅନ୍ୟର ମନରେ କଷ୍ଟ ଦେଲା ସେ ଅଭଦ୍ରତା ଦେଖାଉଛି ବୋଲି କୁହାଗଲା । ଯେଉଁ ସମାଜର ଲୋକେ ଭଦ୍ର ସେହି ସମାଜର ଲୋକଙ୍କର ଅନ୍ୟମାନଙ୍କ ପାଖରେ ଖାତିର ଥାଏ । ମନୁଷ୍ୟର ଗୋଟିଏ ବଡ଼ ଗୁଣ ହେଲା ଭଦ୍ରତା ଓ ଗୋଟାଏ ବଡ଼ ଦୋଷ ହେଲା ଅଭଦ୍ରତା ।

**ସମ୍ବନ୍ଧୀୟ ବିଷୟ**
*ସମାଜ, ଚଳଣି*

▷▷

## ଅଭିଜ୍ଞାନ ଶାକୁନ୍ତଳମ୍

ପ୍ରସିଦ୍ଧ ନାଟକ । କାଳିଦାସଙ୍କ ରଚିତ ଏହି କୃତିଟି ସଂସ୍କୃତ ସାହିତ୍ୟକୁ ତଥା ବିଶ୍ୱସାହିତ୍ୟକୁ ସମୃଦ୍ଧ କରିଛି । ମହାଭାରତରେ ଥିବା 'ଶକୁନ୍ତଳା' ଉପାଖ୍ୟାନକୁ ନେଇ ଓ ସେଥିରେ କେତେକ ପରିବର୍ତ୍ତନ କରିଦେଇ କାଳିଦାସ ଏହି ବିଷୟବସ୍ତୁକୁ ସର୍ଜନା କରିଥିଲେ । ନାରୀ ସ୍ୱଭାବତଃ ଲଜ୍ଜାଶୀଳା ହୋଇଥିବାରୁ ଶକୁନ୍ତଳା ନିଜେ ଜଣେ ଅଜ୍ଞାତ ବ୍ୟକ୍ତିଙ୍କ ନିକଟରେ ନିଜର ଜନ୍ମବୃତ୍ତାନ୍ତ ବର୍ଣ୍ଣନା କରିବାରେ ଥିବା ଅସ୍ୱାଭାବିକତାକୁ ମଧ୍ୟ ମହାକବି ନାଟକର କଥାବସ୍ତୁରେ ଦୂର କରିଦେଇ ପାରିଛନ୍ତି ।

**ସମ୍ବନ୍ଧୀୟ ବିଷୟ**
*କାଳିଦାସ, ନାଟକ, ସଂସ୍କୃତ ସାହିତ୍ୟ, ବିଶ୍ୱ ସାହିତ୍ୟ*

▷▷

## ଅଭିଧମ୍ମ ପିଟକ

ବୌଦ୍ଧ ଗ୍ରନ୍ଥ । ବୌଦ୍ଧ ଧର୍ମର ସୂତ୍ର ବା ଧର୍ମୋପଦେଶକୁ ଯେଉଁ ତିନି ଭାଗରେ ବିଭକ୍ତ କରିଦିଆଯାଇଛି ଏହା ତାହା ମଧ୍ୟରୁ ଗୋଟିଏ । ଏଗୁଡ଼ିକୁ 'ତ୍ରିପିଟକ' ବୋଲି କୁହାଯାଏ । ଅନ୍ୟ ଦୁଇଟି ହେଲେ ବିନୟ ପିଟକ ଓ ସୂତ୍ର ପିଟକ । ବୁଦ୍ଧଙ୍କ ପ୍ରଦର୍ଶିତ ଧର୍ମପ୍ରଥା ସଂକ୍ରାନ୍ତରେ ବହୁ ମନସ୍ତାତ୍ତ୍ୱିକ ତଥା ଦାର୍ଶନିକ ତଥ୍ୟମାନ ଏଥିରେ ସନ୍ନିବେଶିତ ହୋଇଛି । ଅଭିଧମ୍ମ ପିଟକରେ ସାତୋଟି ଗ୍ରନ୍ଥ ସ୍ଥାନ ପାଇଛି । ଏହା କେବେ ରଚିତ ହୋଇଥିଲା ସେ ବିଷୟରେ ପଣ୍ଡିତମାନଙ୍କ ଭିତରେ ମତଭେଦ ରହିଛି । ପଣ୍ଡିତ ବୁଦ୍ଧଘୋଷ ଅଭିଧମ୍ମ ପିଟକ ଉପରେ ଗୋଟିଏ ଭାଷ୍ୟ ଲେଖିଥିଲେ । ବୌଦ୍ଧ ଧର୍ମର ପ୍ରଥମ ଭିକ୍ଷୁ ସଂଘରେ କିନ୍ତୁ ଅଭିଧମ୍ମ ପିଟକର ବିଷୟବସ୍ତୁ ପ୍ରକୃତରେ ବୁଦ୍ଧଙ୍କର ବଚନ କି ନୁହେଁ, ସେ ବିଷୟରେ ଗୋଟାଏ ସମୟରେ ମତଭେଦ ଦେଖାଦେଇଥିଲା ।

**ସମ୍ବନ୍ଧୀୟ ବିଷୟ**
*ବୌଦ୍ଧ ଗ୍ରନ୍ଥ, ତ୍ରିପିଟକ, ବିନୟ ପିଟକ, ସୂତ୍ର ପିଟକ, ଭାରତୀୟ ଦର୍ଶନ*

▷▷

## ଅଭିଧାନ

ଗୋଟିଏ କଥା ସମସ୍ତେ ଜାଣନ୍ତି । ତାହା ହେଲା ଆମେ ଯେଉଁସବୁ କଥା କହୁଛୁ ଓ ଯାହାକୁ ଭାଷା ବୋଲି କୁହାଯାଏ, ସେଥିରେ ଅନେକ ଗୁଡ଼ିଏ ଶବ୍ଦ ଅଛି । କିନ୍ତୁ ମନେରଖିବାକୁ ହେବ ଯେ ଏହିସବୁ ଶବ୍ଦ ବର୍ଷେ, ଦି ବର୍ଷ କିମ୍ବା ପାଞ୍ଚଶହ ବା ହଜାରେ ବର୍ଷ ଭିତରେ ତିଆରି ହୋଇ ନଥିଲା ।

ହଜାର ହଜାର, ଲକ୍ଷ ଲକ୍ଷ ବର୍ଷ ତଳେ ମଣିଷ ବୁଲୁଥିଲା । ସେ ତ ବେଶୀ ଦୂରକୁ ଯାଉ ନଥିଲା । ଯାହାସବୁ ଦେଖୁଥାଏ ସେଗୁଡ଼ିକୁ ଗୋଟିଏ ଗୋଟିଏ ନାଁ ଦେବାକୁ ଚେଷ୍ଟାକରେ । ଯାହା ପିଉଛି ତାକୁ ପାଣି ବୋଲି କହିଲା । ଯାହା ଉପରେ ଚାଲୁଛି ତାକୁ ମାଟି ବୋଲି କହିଲା । ଏମିତି କରୁ କରୁ ଗୋଟାଏ ଜିନିଷକୁ ପଥର ବୋଲି କହିଲାଣି । ଗୁଡ଼ାଏ ପଥର ଯେଉଁଠି ଜମା ହୋଇଛି ତା'କୁ ନାଁ ଦେଲାଣି ପାହାଡ଼ । ଦେହର ଭିନ୍ନ ଭିନ୍ନ ଅଙ୍ଗକୁ ଗୋଟିଏ ଗୋଟିଏ ନାଁ ଦେଇଦେଲା—ନାକ, କାନ, ଆଖି, ହାତ, ଗୋଡ଼ ଇତ୍ୟାଦି । ଗଛରୁ ଯେଉଁ ସୁଆଦିଆ ଜିନିଷଟି ଆଣି ଖାଇଲା ତାକୁ କହିଲା ଫଳ । ଯେଉଁଟିକୁ ଦେଖିଲେ ତା' ମନ ଖୁସି ହୋଇଯାଉଥିଲା ଓ ନାକକୁ ଆନନ୍ଦ ଦେଉଥିଲା ତାକୁ କହିଲା ଫୁଲ । ଦିଗୋଡ଼ ସାହାଯ୍ୟରେ ଆଗକୁ ଗଲାବେଳକୁ କହିଲା 'ଚାଲି' । ଯେଉଁସବୁ ଜୀବଙ୍କୁ ଦେଖୁଥିଲା ତାଙ୍କୁ ଗୋଟିଏ ଗୋଟିଏ ନାଁ ଦେଲା । ଏହି ଯେଉଁସବୁ ନାମ ଦିଆଗଲା ସମୟ କ୍ରମେ ତାକୁ ଗୋଟିଏ ଗୋଟିଏ 'ଶବ୍ଦ' ବୋଲି କୁହାଗଲା । ମନୁଷ୍ୟର ଆଖି ଖୋଲିଗଲା । ଦୂର ଦୂରାନ୍ତକୁ ଗଲା ଫଳରେ ନୂଆ ନୂଆ କଥା ଦେଖିଲା । ଅନ୍ୟମାନେ ତା'କୁ କ'ଣ କହୁଛନ୍ତି ବୋଲି ଶୁଣିଲା । ଏହାର ଅର୍ଥ ହେଉଛି ସେ ନୂଆ ନୂଆ ଶବ୍ଦ ଶିଖୁଛି । ଏକା କଥାକୁ, ଏକା ପଦାର୍ଥକୁ ଏକାଭଳି ନାମରେ ଯେଉଁମାନେ କହିଲେ ସେମାନେ ଗୋଟିଏ ଭାଷାର ଲୋକ ବୋଲି କ୍ରମେ କୁହାଗଲା । ଟିକିଏ ଅନ୍ୟ

ଭାବରେ କହିବାକୁ ଗଲେ ଏହି ଶବ୍ଦ ଗୁଡ଼ିକ ମିଶି ହିଁ ଭାଷା ସୃଷ୍ଟି କଲେ ।

ପ୍ରଥମ ଅବସ୍ଥାରେ ଅଳ୍ପ କେତେ ଶହ ଶବ୍ଦ ଜାଣି ରଖିଲେ ବା ମନେ ରଖିଲେ ଜଣଙ୍କର କାମ ଚଳିଯାଉଥିଲା । ବଣରେ ସେ ଯାହା ଦେଖିଲା ତା'କୁ ଆସି ହାତରେ ଠାରିକରି ହେଉ ବା ଅନ୍ୟ-ପ୍ରକାରେ ତା' ସାଙ୍ଗମାନଙ୍କୁ କହିଲା । ସେତେ-ବେଳକୁ ସେ ଯେଉଁ ଜିନିଷଟି ଦେଖୁଛି ତା'ର ନାଁ ମଧ୍ୟ ଜାଣିନାହିଁ । ସମସ୍ତେ ମିଶି ଗୋଟିଏ ନାଁ ଦେଇଦେଲେ । ତେଣିକି ଫୁଲ, ଫଳ, ପାହାଡ଼, ନଦୀ, ଝରଣା, ପାଣି ଇତ୍ୟାଦି କହିଲେ କ'ଣ ବୁଝାଉଛି ସମସ୍ତେ ଜାଣିଗଲେ । ସେହି ଅବସ୍ଥା କିନ୍ତୁ ବେଶୀ ଦିନ ରହିଲା ନାହିଁ । ମୁଣ୍ଡ ଉପରେ ବହୁଦୂରରେ ଗୋଟାଏ କ'ଣ ନେଳିଆ ହୋଇ ଦେଖାଯାଉଛି । ତାକୁ ଗୋଟାଏ ନାଁ ଦେବାକୁ ହେବ । ବହୁଶହ ବର୍ଷ ପରେ ତା'କୁ ଜଣେ 'ଆକାଶ' ବୋଲି କହିଲା । ସମସ୍ତେ ମାନିଗଲେ । ସେଥିରୁ ଯାହା ଥପ୍ ଥପ୍ ହୋଇ ଝରି ପଡ଼ିଲା ତାକୁ ବର୍ଷା ବୋଲି କହିଲେ । ଆଉ କେତେ ହଜାର ବର୍ଷ ପରେ ସୂର୍ଯ୍ୟ, ଚନ୍ଦ୍ର, ତାରା, ଝଡ଼, ବତାସ ଭଳି କଥା ସବୁ କୁହାଗଲା । ଭାଷା ଭିତରକୁ ଯେତେ ଅଧିକ ଶବ୍ଦ ଆସିଲା ଲୋକଙ୍କର ମନର କଥା ଜଣାଇବା ପାଇଁ, ସେତେ ସୁବିଧା ହେଲା । ଏମିତି କେତେ ହଜାର ବର୍ଷ ବିତିଗଲା । ଲୋକେ ସଭ୍ୟ ହୋଇଗଲେ । କ୍ରମେ ବହି ସବୁ ଲେଖାହେବା ଆରମ୍ଭ ହୋଇଗଲାଣି । ଲେଖିଲାବେଳକୁ ନୂଆ ନୂଆ ଶବ୍ଦ ସୃଷ୍ଟି କରିବା ଦରକାର ପଡ଼ିଲା ଓ ସେମିତି କରାଗଲା । ଦେଖିଲା ବେଳକୁ ଗୋଟିଏ ଭାଷାରେ ଯେଉଁ ଅଳ୍ପ କେତେ ଶହ ଶବ୍ଦ ଥିଲା ସେଥିରେ ଯୋଗ ହୋଇଗଲାଣି ଆଉ କେତେ ହଜାର ଶବ୍ଦ । ନିଜ ନିଜ ଭାଷା କିଭଳି ଶବ୍ଦ ସମୃଦ୍ଧ ବା ଧନୀ ସେ ବିଷୟରେ ଆଲୋଚନା ହେବା ଆରମ୍ଭ ହୋଇଗଲା । କେଉଁ ଭାଷାରେ କେତେ ସ୍ପଷ୍ଟ ଭାବେ ଭାବ ପ୍ରକାଶ କରାଯାଇପାରୁଛି ସେଥିପାଇଁ ସେ ଭାଷାର ଲୋକେ ଗର୍ବ କଲେ ।

ଏକ ସମୟରେ ଗୋଟିଏ ଭାଷାରେ ସବୁ ଶବ୍ଦର ଅର୍ଥ ସମସ୍ତେ ଯେ ଜାଣି ଯାଉଥିଲେ, ସେଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ । କିନ୍ତୁ କଥା କହୁ କହୁ ଗୋଟାଏ ପଦାର୍ଥର ଦୁଇ ତିନିଟା ନାମ ହୋଇଗଲାଣି । ଏକା ଜିନିଷକୁ ପାଣି, ଜଳ, ନୀର ବୋଲି କୁହାଯାଉଛି । ଯିଏ ଟିକିଏ ଅଳ୍ପ ଜାଣିଛି, ସେମିତି କିଛି ପାଠ ପଢିନାହିଁ, ତାକୁ ନୀର କହିଲା ବେଳକୁ ସେ ସହଜରେ ବୁଝି ପାରୁନାହିଁ । ବୁଝି ନ ପାରିଲାରୁ ବହିରେ ଯାହା ଲେଖାଯାଇଛି ତାକୁ ଜାଣିପାରୁ ନାହିଁ । ପଣ୍ଡିତମାନେ ବସିଲେ । କ'ଣ କଲେ ଗୋଟାଏ ଭାଷାରେ ସବୁ ଶବ୍ଦର ଅର୍ଥ ଜଣେ ଇଚ୍ଛା କଲେ ଜାଣି ପାରିବ ? ତା'ର ଉପାୟ ଚିନ୍ତା କଲେ । ଭାଷାର ସବୁତକ ଶବ୍ଦକୁ ଲେଖି ପକାଇଲେ । ତା' ମୂଳ ଅକ୍ଷର ଅନୁସାରେ ସଜାଇ ଦେଲେ । ସେଗୁଡ଼ିକୁ ତଳକୁ ତଳକୁ ଲେଖିଗଲେ । ନୀର ଶବ୍ଦ ଲେଖି ତା' ଡାହାଣରେ ଲେଖିଦେଲେ ପାଣି, ଜଳ । ପରେ ଏଥିରେ ବ୍ୟାକରଣ ନିୟମ, ଶବ୍ଦର ମୂଳ ଉତ୍ପତ୍ତି, ଅନ୍ୟ ଭାଷାରେ ତା'ର ପ୍ରତିଶବ୍ଦ ଭଳି କଥାର ଉଲ୍ଲେଖ କରିଦିଆଗଲା । ଏମିତି ଲେଖି ଯେଉଁ ବହି ଖଣ୍ଡିକ ବାହାର କଲେ ତାକୁ କୁହାଗଲା 'ଅଭିଧାନ' । ଅକ୍ଷର ଅନୁସାରେ ତଳକୁ ତଳକୁ ଲେଖାଯାଇ ଥିବାରୁ ଗୋଟାଏ ଶବ୍ଦକୁ ଖୋଜି ପାଇବା ସହଜ ହେଲା । ଅଭିଧାନ ବ୍ୟବହାର ଶିଖିବାଟା ଗୋଟାଏ ବିଦ୍ୟା । ସବୁ ଶିକ୍ଷାନୁଷ୍ଠାନରେ, ସବୁ ଶିକ୍ଷିତ ଲୋକଙ୍କ ଘରେ ଗୋଟାଏ ନା ଗୋଟାଏ ଛୋଟ ବଡ଼ ଅଭିଧାନ ରହିଛି । ଏମିତି ହୁଏ ଯେ ସବୁ ଶବ୍ଦର ଅର୍ଥ ସମସ୍ତେ ଜାଣିବା କିଛି ଦରକାର ପଡ଼େ ନାହିଁ । ବଡ଼ ଅଭିଧାନରେ ସିନା ଭାଷାର ସବୁ ଶବ୍ଦ ଥାଏ, ଛୋଟ ଛୋଟ ଅଭିଧାନରେ ସେତେ ସଂଖ୍ୟାରେ ନଥଲେ ମଧ୍ୟ ବହୁ ଲୋକଙ୍କର କାମ ଚଳିଯାଏ । ଉଦାହରଣ ସ୍ୱରୂପ ଓଡ଼ିଆ ବଡ଼ ଅଭିଧାନରେ ହୁଏତ ଏକଲକ୍ଷ ଶବ୍ଦ ଅଛି ! ସେଥିରୁ ବାଛି ବାଛି ପିଲାଙ୍କ ପାଇଁ ଗୋଟିଏ ଛୋଟ ଅଭିଧାନ କରାଯାଇଛି । ଯେଉଁସବୁ ବହି ପଢୁଛନ୍ତି ସେଥିରୁ ଗୋଟିଏ ଶବ୍ଦ ବୁଝି ନ ପାରିଲେ ଏହି ଅଭିଧାନ ଓଲଟାଇ ଦେଖୁଛନ୍ତି । ବିନା ଗୁରୁରେ ଜଣେ ବହୁତ କଥା ବୁଝିଯାଇ-ପାରୁଛନ୍ତି ।

ମଣିଷ ଜାତି ଆଗେଇ ଚାଲିଛି । ନୂଆ ନୂଆ କଥା ବାହାର କରୁଛି । ଦୁନିଆର ଚାରିଆଡ଼େ କ'ଣ ସବୁ ହେଉଛି ଜାଣୁଛି । ପ୍ରତିଦିନ ନୂଆ ନୂଆ ଶବ୍ଦ ଦରକାର ପଡୁଛି । ସେ ସବୁ ବିଷୟ ମନେ-ରଖିବା ପାଇଁ ଓ ଅନ୍ୟକୁ ଜଣାଇବା ପାଇଁ ସେଗୁଡ଼ିକୁ ଅଭିଧାନରେ ସ୍ଥାନ ନ ଦେଲେ ସମସ୍ତେ ଜାଣିବେ କିପରି ? ଯେଉଁ ଦେଶ ଯେତେ ଅଧିକ ଶିକ୍ଷିତ ହେଉଛି, ସଭ୍ୟ ହେଉଛି, ସେ ଦେଶ ତା କାମ ଚଳା-ଇବା ପାଇଁ ଅଧିକରୁ ଅଧିକ ଶବ୍ଦ ଦରକାର କରୁଛି । ଦିନେ ଆମ ଓଡ଼ିଆ ଅଭିଧାନରେ କଂପିଉଟର, ଟାୟାର, ଟିଉବ, ଭଲଟିଉବ, ଟେଲିଭିଜନ, ରେଡିଓ ଭଳି ଶବ୍ଦ ନଥିଲା । ଏବକାର ଅଭି-ଧାନରେ କିନ୍ତୁ ସେସବୁକୁ ରଖିବାକୁ ହେବ ।

**ଅଭିତଃ**; ଅ. (ଅଭି—ସମ୍ମୁଖ ବା ଉଭୟ-ତସ୍-ସପ୍ତମୀ ବିଭକ୍ତ୍ୟର୍ଥେ) ଅଭିମୁଖ ବା ସମ୍ମୁଖରେ; ଉଭୟତଃ, ଉଭୟ ଦିଗରେ; ସର୍ବଦିଗରେ; ନିକଟରେ; ଶୀଘ୍ର; ସମ୍ପୂର୍ଣ୍ଣରୂପେ ।

(ସମୀପୋଭୟତଃ ଶୀଘ୍ରସାକଲ୍ୟାଭିମୁଖେଽଭିତଃ ।)

**ଅଭିଧା**, ବି. ସ୍ତ୍ରୀ. ( ଅଭି-ଧା-ଅ-ଆ ) ନାମ, ସଂଜ୍ଞା; ଶବ୍ଦର ଶକ୍ତିବିଶେଷ, ଯେଉଁ ଶକ୍ତିଦ୍ୱାରା ଶବ୍ଦର ପ୍ରସିଦ୍ଧ ଅର୍ଥ ବୋଧ ହୁଏ ।

**ଅଭିଧାନ**, ବି. (ଅଭି-ଧା-ଅନ) କଥନ; ନାମ; ଶବ୍ଦାର୍ଥକୋଷ । ଯଥା—

ରୁଦ୍ର ଭଜନ ଯାହାର ବାଚ୍ୟ ଅଭିଧାନେ । ବୈ. ବ.

**ଅଭିଧ୍ୟା**, ବି. ସ୍ତ୍ରୀ. ( ଅଭି-ଧ୍ୟୈ-ଅ-ଆ ) ପର ଦ୍ରବ୍ୟରେ ସ୍ପୃହା, ପରଧନ-ଇଚ୍ଛା; ବିଷୟ ପ୍ରାର୍ଥନା; ଚିନ୍ତା; ଅଭିଲାଷ ।

(ଅଭିଧ୍ୟା ତୁ ପରସ୍ୱ ବିଷୟେ ସ୍ପୃହା ।)

( ଅଭିମୁଖେଣ ଧାନଂ ଅଭିଧା )

ପୂର୍ଣ୍ଣଚନ୍ଦ୍ର ଭାଷାକୋଷ ପ୍ରକାଶ ପାଇବାର ବହୁ ପୂର୍ବରୁ ପଣ୍ଡିତ ଗୋପୀନାଥ ନନ୍ଦଙ୍କ ପ୍ରଣୀତ ଓଡ଼ିଆ ଅଭିଧାନ ଓଡ଼ିଶାର ବିଦ୍ୱାନ ମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲା । ବିଂଶ ଶତାବ୍ଦୀର ଆରମ୍ଭ ବେଳେ ପ୍ରସ୍ତୁତ ହୋଇଥିବା ଏହି ଅଭିଧାନର ଶବ୍ଦ-ସଜ୍ଜା ପଦ୍ଧତି ଆଜି ମଧ୍ୟ ପ୍ରଚଳିତ ।

ପୃଥିବୀରେ ବହୁ ସଂଖ୍ୟକ ଭାଷା ତ ରହିଛି । ସେଥିରୁ ପ୍ରାୟ ୨୦୦ ହେଲେ ଖୁବ୍ ଭଲ ଭାଷା, ଉନ୍ନତ ଭାଷା । ସେ ସବୁ ଭାଷାରେ କେତେ ଶବ୍ଦ ଅଛି, ତାହା ଜାଣିଲେ ଭାଷା ପ୍ରତି ଆମର ସମ୍ମାନ ବଢ଼େ । ଇଂରାଜୀ ଭାଷା କଥା ନିଆଯାଉ । ସେ ଭାଷାର ଅଭିଧାନରେ ୧୯୯୭ ମସିହା ବେଳକୁ ପ୍ରାୟ ଛଅ ଲକ୍ଷ ଶବ୍ଦ ଅଛି । ଭାରତର କୌଣସି ଭାଷାରେ ଏତେ ଶବ୍ଦ ନାହିଁ । ଆରମ୍ଭରୁ ଯେ ଇଂରାଜୀରେ ଏତେ ଶବ୍ଦ ଥିଲା ତାହା ନୁହେଁ, ପୃଥିବୀର ବହୁ ଭାଷାରୁ ନୂଆ ନୂଆ ଶବ୍ଦ ଆଣି ସେମାନେ ମିଶାଇଲେ । ଓଡ଼ିଆ, ବଙ୍ଗଳା, ହିନ୍ଦୀ ଭାଷା ପାଇଁ ମଧ୍ୟ ସେମିତି କରାଯାଉଛି । ମୋଟ ଉପରେ ଗୋଟିଏ ଦେଶର ଅଭିଧାନକୁ ଦେଖିଲେ ଓ ସେଥିରେ ଅର୍ଥ ସବୁ କେମିତି ବୁଝାଇ ଦିଆଯାଉଛି ଜାଣିଲେ; କହିଦେଇ ହେବ ସେ ଭାଷା କେତେ ଦୂରକୁ ଉନ୍ନତ ।

ଅଭିଧାନ ତିଆରି କରିବାଟା ଗୋଟାଏ ସ୍ୱତନ୍ତ୍ର କଳା ତଥା ବିଜ୍ଞାନ । ବିଂଶ ଶତାବ୍ଦୀର ଶେଷ ବେଳକୁ କଂପିଉଟରର ସାହାଯ୍ୟ ଏ କ୍ଷେତ୍ରରେ ନିଆଗଲାଣି । ସବୁ ଭାଷା ଉଦ୍ୟମ କରୁଛନ୍ତି କେତେ ଅଧିକ ଶବ୍ଦ ଅନ୍ୟ ଭାଷାରୁ ଆଣି ତାକୁ 'ନିଜର' କରିନେଇପାରିବେ । ମାନବ ଜ୍ଞାନର ସାର୍ବଜନୀନ ଦ୍ରୁତ ବିକାଶ ଯୋଗୁଁ ପାରମ୍ପାରିକ ଅଭିଧାନ ସବୁର ଗୁରୁତ୍ୱ କ୍ରମେ ହ୍ରାସ ପାଇବାକୁ ଲାଗିଲାଣି । ଫଳରେ ସବୁ ଉନ୍ନତ ଭାଷାରେ ନୂଆ ନୂଆ ଅଭିଧାନ ତିଆରି ହୋଇଯାଇ ଡିଜିଟାଲ ବା କଂପିଉଟର ପଠନ ଯୋଗ୍ୟ ବ୍ୟବସ୍ଥାରେ ମିଳିବା ଆରମ୍ଭ ହୋଇଗଲାଣି । ମାନବ ଜ୍ଞାନର ସବୁ ବିଭାଗର ମଧ୍ୟ ସ୍ୱତନ୍ତ୍ର ଅଭିଧାନ ସବୁ ରହିଛି । ଏପରିକି ୧୯୯୫ ମସିହା ଶେଷ ବେଳକୁ ଯୁକ୍ତରାଷ୍ଟ୍ର ଆମେରିକାରେ ଇଂରାଜୀ ଭାଷାରେ ବ୍ୟବହୃତ ଅଶ୍ଳୀଳ ଶବ୍ଦ ଗୁଡ଼ିକର ଗୋଟିଏ ଅଭିଧାନ ପ୍ରକାଶ ପାଇଛି । ବିଭିନ୍ନ ଆବଶ୍ୟକତା ତଥା ଉପଯୋଗକୁ ଆଖିରେ ରଖି ବହୁ ଶ୍ରେଣୀର ଅଭିଧାନମାନ ପ୍ରକାଶିତ ହୋଇଥାଏ ।

***ସମ୍ବନ୍ଧୀୟ ବିଷୟ***

*ଭାଷା, ସାହିତ୍ୟ, ଶବ୍ଦ, ବ୍ୟାକରଣ, ନୃତତ୍ତ୍ୱ, ଏନ୍‌ସାଇକ୍ଲୋପିଡିଆ, ଭାଷାତତ୍ତ୍ୱ, କଂପିଉଟର, ପୂର୍ଣ୍ଣଚନ୍ଦ୍ର ଭାଷାକୋଷ, ଓଡ଼ିଆ ଭାଷା*

▷▷

## ଅଭିମନ୍ୟୁ ସାମନ୍ତସିଂହାର
(୧୭୫୭-୧୮୦୬)

ଓଡ଼ିଶାର ଜଣେ ପ୍ରସିଦ୍ଧ ସାଧକ ଓ କବି । ଅବିଭକ୍ତ କଟକ ଜିଲାର ଯାଜପୁର ନିକଟ ବାଲିଆ ଗ୍ରାମରେ ତାଙ୍କର ଜନ୍ମ । ତାଙ୍କ ରଚିତ 'ବିଦଗ୍ଧ ଚିନ୍ତାମଣି' ଓଡ଼ିଆ ସାହିତ୍ୟ ଜଗତର ଗୋଟିଏ ରତ୍ନ । ସେ ଅନେକ ଭାଷା ଜାଣିଥିଲେ ବୋଲି କୁହାଯାଏ । ତାଙ୍କ ରଚିତ ପିଲାଦିନର 'ବାଘ ଗୀତ' ଓ 'ଚଢ଼େଇ ଗୀତ' ଭଳି ସୁନ୍ଦର ସୁନ୍ଦର କବିତା ଆଜି ମଧ୍ୟ ଆଗ୍ରହର ସହିତ ପଢ଼ାଯାଏ ।

***ସମ୍ବନ୍ଧୀୟ ବିଷୟ***

*ଓଡ଼ିଆ ଭାଷା ଓ ସାହିତ୍ୟ*

▷▷

## ଅଭିଲେଖାଗାର

ପୁରୁଣା ଐତିହାସିକ ରେକର୍ଡ, ମୂଲ୍ୟବାନ ଚିଠିପତ୍ର ଓ ନଥିକୁ ଯେଉଁ ଘରେ ସାଇତି ରଖାହୋଇଛି ଓ ତାକୁ ଅତି ଯତ୍ନରେ ଜଗି ଦେଖାଯାଉଛି ଯେମିତି ଖରାପ ନହୋଇ ଯାଏ; ସେହି ଘରକୁ 'ଅଭିଲେଖାଗାର' ବୋଲି କୁହାଯାଏ । ବହୁ ଦୂରରୁ ପଣ୍ଡିତମାନେ ସେଠାକୁ ଆସନ୍ତି ଗୋଟାଏ ଗୋଟାଏ ଦରକାରୀ ଜିନିଷ ଖୋଜି ବାହାର କରିବା ପାଇଁ । ସେମାନେ ଅଭିଲେଖାଗାରକୁ ଯାଇ ଶହେ ବର୍ଷ ତଳେ ଯେଉଁ ବହି ଖଣ୍ଡିକ ଓଡ଼ିଆ ଭାଷାରେ ଲେଖାଯାଇଥିଲା ବୋଲି ଜଣାପଡୁଛି ସେ ବହିର ପାଣ୍ଡୁଲିପି ସେଠି ଖୋଜନ୍ତି । ପାଇଗଲେ ବହୁ ନୂଆ କଥା ଜଣା ପଡ଼ିଯାଏ ।

ମୋଟ ଉପରେ କହିବାକୁ ଗଲେ ଅଭିଲେଖାଗାରଟି ହେଉଛି ପଣ୍ଡିତମାନଙ୍କ ପାଇଁ, ଗବେଷକମାନଙ୍କ ପାଇଁ ଅମୂଲ୍ୟ ସଂପଦ । ଜଣେ ଜଣେ ପଣ୍ଡିତ, ଦକ୍ଷ, ବିଶିଷ୍ଟ ଲୋକ ଏହି ଅଭିଲେଖାଗାର ଦାୟିତ୍ୱରେ ଥା'ନ୍ତି । ଭୁବନେଶ୍ୱରରେ ଏହିଭଳି ଗୋଟିଏ ଅଭିଲେଖାଗାର ଅଛି । ତାହାର ଅନ୍ୟନାମ ହେଉଛି 'ଆର୍କାଇଭ୍‌ସ୍' । ପ୍ରଥମେ ଏହି ଶବ୍ଦରୁ ବୁଝାଉଥିଲା ମୂଲ୍ୟବାନ ରେକର୍ଡ ଓ ନଥିପତ୍ର । ପରେ ସେଗୁଡ଼ିକ ଯେଉଁ ଘରେ ରହିଲା ତାକୁ ହିଁ ଆର୍କାଇଭ୍‌ସ୍ ବୋଲି କୁହାଗଲା । ଭାରତ ସମେତ ପୃଥିବୀର ସବୁ ସଭ୍ୟ ଦେଶର ଜାତୀୟ ଅଭିଲେଖାଗାରରେ ସେ ଦେଶର ଇତିହାସ, କଳା, ସଂସ୍କୃତି, ବିଜ୍ଞାନ, ଶାସନ ଓ ଅନ୍ୟ ବହୁ ବିଷୟରେ ଅମୂଲ୍ୟ ତଥ୍ୟ ସାଇତି ରଖାଯାଇଛି ।

***ସମ୍ବନ୍ଧୀୟ ବିଷୟ***

*ପ୍ରାଚୀନ ରେକର୍ଡ, ଆର୍କାଇଭ୍‌ସ୍, ଇତିହାସ*

▷▷

## ଅଭିଷେକ

ମନ୍ତ୍ରପୂତ ବିବିଧ ଦ୍ରବ୍ୟଦ୍ୱାରା ଦେବତା କିମ୍ବା ମନୁଷ୍ୟଙ୍କୁ ସ୍ୱତନ୍ତ୍ର ଭାବେ ସ୍ନାନ କରାଇଦେବାର ଶାସ୍ତ୍ରଗତ ନାମ ହେଲା ଅଭିଷେକ । ଅଥର୍ବ ବେଦରେ ଏଭଳି କ୍ରିୟାର ଉଲ୍ଲେଖ ରହିଛି । ଐତରେୟ ବ୍ରାହ୍ମଣରେ ଏହା ବିଷୟରେ ସମ୍ୟକ ବର୍ଣ୍ଣନା ରହିଛି । 'ଅଭିଷେକ' ରୂପକ ଅନୁଷ୍ଠାନଟି ଅତି ପୁରାତନ ହୋଇଥିବାରୁ ଭାରତ ଭୂଖଣ୍ଡ ବ୍ୟତୀତ ଆଖପାଖ ଅନ୍ୟାନ୍ୟ ଅଞ୍ଚଳରେ ମଧ୍ୟ ଏହା ବିଷୟରେ ଆଲୋଚନା ହୋଇଛି । ଦେବତା ପ୍ରତିଷ୍ଠା ବା ଦେବତାମାନଙ୍କ ପୂଜା ଉପଲକ୍ଷେ ଅଭିଷେକର ବ୍ୟବସ୍ଥା ରହିଛି ।

***ସମ୍ବନ୍ଧୀୟ ବିଷୟ***

*ବେଦ, ଶାସ୍ତ୍ରପୁରାଣ, କର୍ମକାଣ୍ଡ, ରାଜଧର୍ମ*

▷▷

## ଅଭ୍ୟାସ

ପିଲାଟି ଯେତେବେଳେ ଜନ୍ମ ହୁଏ ସେତେବେଳେ ଦେଖାଯାଏ ଯେ ଅଳ୍ପ କେତୋଟି କଥା ସେ ଶିଖି ସାରିଛି । ଗ୍ଭଳିବ, ଗୋଡ଼ ହାତ ହଲାଇବ, ମାଆଠାରୁ କ୍ଷୀର ଖାଇବ—ଏହି ଗୁଡ଼ିକ ହେଲା ଜନ୍ମ ସାଙ୍ଗରେ ଶିଖିଥିବା ବିଷୟ । ତାହାପରେ ତାକୁ କେତୋଟି କଥା କ୍ରମେ ଶିଖାଇ ଦେବାର ଚେଷ୍ଟା କରାଯାଏ । ସେ କିଛି କିଛି ଶିଖିପାଏ—କିନ୍ତୁ ଭଲ ଭାବରେ ଶିଖିପାରେ ନାହିଁ । ଆଉ ଟିକିଏ ବଡ଼ ହୋଇଗଲେ ଗୋଟିଏ କଥାକୁ ବାରମ୍ବାର ଶିଖାଇ ଶିଶୁଟି ଯେମିତି ତାକୁ ଆଦରି ଯିବ ସେହି ଉଦ୍ୟମ ବାପ ମାଆ ବା ତା ଗ୍ଭରିପଟେ ଥିବା ଅନ୍ୟମାନେ କରନ୍ତି । ମୁଣ୍ଡକୁ କେମିତି ହଲାଇଲେ ସେ ହସିବ, କଅଣ କଲେ ସେ ହାତ ବଢ଼ାଇବ ଇତ୍ୟାଦି କଥା ତାକୁ ଶିଖାଯାଏ । ବାରମ୍ବାର ଏହିପରି ଶିଖାଇବାକୁ ଅଭ୍ୟାସ କରାଇବା ବୋଲି କୁହାଯାଏ । ଥରେ ଅଧେ ଶିଖାଇ ଦେଲେ ତାର ମନେ ରହିବ ନାହିଁ । ତାକୁ ବହୁବାର ଶିଖାଇଲେ ଯାଇ କଥାଟା ସେ ଧରିବ ଓ ମନେ ରଖିବ ।

ପିଲା ଯେତେବେଳେ ବଡ଼ ହୋଇଯାଏ ତାକୁ କେତେ ଗୁଡ଼ିଏ କଥା ଭଲ ଭାବରେ ଶିଖାଯାଏ । ତାକୁହିଁ ଶିକ୍ଷାଦାନ ବୋଲି କୁହାଯାଏ । ଅନେକ ଥର ବୋଲିଲେ ପିଲାର ଗୋଟିଏ ଗୀତ ମୁଖସ୍ଥ ହୋଇଯାଉଛି । ତାହା କେବଳ ଅଭ୍ୟାସର କଥା । ଭଲ ଅଭ୍ୟାସ ଛାଞ୍ଚରେ ପିଲାର ମନକୁ ପକାଇବା ହେଉଛି ପ୍ରକୃତ ଶିକ୍ଷା । କ୍ରମେ ଦେଖିଶିଖି କେତେଗୁଡ଼ିଏ କଥା ଅଭ୍ୟାସରେ ପଡ଼ିଯାଏ । ବାହାରର ଜଣେ ଲୋକ ଘରକୁ ଆସିଛନ୍ତି । ତାଙ୍କ ସହିତ ଭଦ୍ର ଭାବରେ କଥାବାର୍ତ୍ତା କଲେ ସେ ଜାଣିବେ ଏହି ଘରର ଲୋକଙ୍କର ଗ୍ଭଲିଚଳନ ଏମିତି ଯେ ପିଲାଟିର ଅଭ୍ୟାସ ହୋଇଯାଇଛି ଭଦ୍ର ବ୍ୟବହାର କରିବା । ତାହାର ବିପରୀତଟି ମଧ୍ୟ ହୋଇପାରେ । ମୋଟ ଉପରେ କହିବାକୁ ଗଲେ, ଗୋଟିଏ କଥାକୁ ଚିନ୍ତା ନ କରି ବାରମ୍ବାର କରିବା ହେଉଛି ଅଭ୍ୟାସ । ''ଅଭ୍ୟାସ ଯୋଗେ ସର୍ବସିଦ୍ଧି, ଜାଣିବ ଏହୁ ମହାବିଧି'' କଥାଟି ସେଇଥିପାଇଁ କୁହାଯାଏ । ''ଗୁଡ଼ିଏ ଭଲ ଅଭ୍ୟାସ ଯିଏ ଆୟତ୍ତ କରିଛି ସେହି ହିଁ ଭଲ ଲୋକ'' ବୋଲି ଅନେକ ସମୟରେ କୁହାଯାଇଥାଏ ।

*ସମ୍ବନ୍ଧୀୟ ବିଷୟ*
*ସମାଜ, ବ୍ୟକ୍ତି, ମାନବୀୟ ଉତ୍କର୍ଷତା*

## ଅଭ୍ର

ପଥରରୁ ମିଳୁଥିବା ଏହି ଖଣିଜ ଦ୍ରବ୍ୟଟିର ଗୋଟିଏ ବଡ଼ ଗୁଣ ହେଲା ତାହା ଭିତର ଦେଇ ବିଜୁଳି ଶକ୍ତି ଯାଇପାରେନାହିଁ । ତେଣୁ ବିଜୁଳି ଶକ୍ତି ପାଇଁ ଯେଉଁସବୁ ଯନ୍ତ୍ରପାତି ଇତ୍ୟାଦି ଅଛି ସେଗୁଡ଼ିକ ଦେହରେ କେତେକ କ୍ଷେତ୍ରରେ ଏହାର ବ୍ୟବହାର ଖୁବ୍ ଭଲ କାମ ଦିଏ । ଏହା ସହଜରେ ଭାଙ୍ଗି ଗୁଣ୍ଡ ହୋଇଯାଏ । ଗୁଣ୍ଡ ଅଭ୍ରକୁ ରଙ୍ଗ, କାଚ ବା ଛାତ ଦେହରେ ଖଞ୍ଜାଯାଇଥିବା କାଗଜରେ କାମରେ ଲଗାଯାଏ । ଦୁଇ ପ୍ରକାରର ଅଭ୍ର ଅଛି । ଏହାକୁ କାଟି ଖୁବ୍ ପତଳା ପତଳା କରି ଦିଆଯାଇପାରେ । ଅଭ୍ର ଅତି ଅଧିକ ତାପ ସହିପାରୁ ଥିବାରୁ ଓ ସ୍ୱଚ୍ଛ ହୋଇଥିବାରୁ କେତେଗୁଡ଼ିଏ ଖାସ୍ କାମରେ ଦରକାର ହୁଏ । ଭାରତରେ ଏହା ବହୁ ପରିମାଣରେ ମିଳେ । ଶ୍ରୀଲଙ୍କା, ବ୍ରାଜିଲ, ଆମେରିକା ଓ କାନାଡ଼ାରେ ମଧ୍ୟ ଅଭ୍ର ଖଣି ସବୁ ଅଛି ।

*ସମ୍ବନ୍ଧୀୟ ବିଷୟ*
*ଧାତୁ, ଔଦ୍ୟୋଗିକ ବିଦ୍ୟା, ପଥର, ବାଲି*

## ଅମରକଣ୍ଟକ

ମଧ୍ୟପ୍ରଦେଶର ବିନ୍ଧ୍ୟ ପର୍ବତମାଳାରେ ଥିବା ମୈକଳ ପର୍ବତର ଏଇଟି ହେଲା ପୂର୍ବଚୂଡ଼ା । ମହାନଦୀ, ନର୍ମଦା ଓ 'ସୋଣ' ନଦୀର ଉତ୍ପତ୍ତିସ୍ଥଳ ହୋଇଥିବାରୁ ଏହା ହିନ୍ଦୁମାନଙ୍କର ଗୋଟିଏ ପୁରାତନ ତୀର୍ଥସ୍ଥଳ ହୋଇ ରହିଛି । ମତ୍ସ୍ୟ ପୁରାଣରେ ଏହାର ଉଲ୍ଲେଖ ଅଛି । ପୂର୍ବେ ଏଠି ବହୁସଂଖ୍ୟକ ମନ୍ଦିର ଥିଲା । କେତୋଟି ମନ୍ଦିରର ଧ୍ୱଂସାବଶେଷରୁ ଭାରତୀୟ ସ୍ଥାପତ୍ୟ କଳାର ବିକାଶରେ ଅମରକଣ୍ଟକର ମହତ୍ତ୍ୱପୂର୍ଣ୍ଣ ଅବଦାନ ଥିବା କଥା ଜଣାପଡୁଛି ।

*ସମ୍ବନ୍ଧୀୟ ବିଷୟ*
*ମଧ୍ୟପ୍ରଦେଶ, ମହାନଦୀ, ଭାରତୀୟ କଳା ଓ ସ୍ଥାପତ୍ୟ, ଉତ୍ତର ଭାରତୀୟ ମନ୍ଦିର ନିର୍ମାଣ ଶୈଳୀ*

## ଅମରକୋଷ

ଅମର ସିଂହଙ୍କ ଦ୍ୱାରା ରଚିତ ପ୍ରସିଦ୍ଧ ସଂସ୍କୃତ କୋଷ-ଗ୍ରନ୍ଥ । ଅଠରଟି ବର୍ଗରେ ବିଭକ୍ତ କରି ଏହାକୁ ରଚନା କରାଯାଇଛି । ପୃଥିବୀର ପ୍ରସିଦ୍ଧତମ କୋଷଗ୍ରନ୍ଥ ଗୁଡ଼ିକ ଭିତରୁ ଅମରକୋଷ ହେଲା ଗୋଟିଏ । ଯେଉଁ ବର୍ଗଗୁଡ଼ିକରେ ଏହା ବିଭକ୍ତ, ସେଗୁଡ଼ିକ ହେଲେ : ସ୍ୱର୍ଗ, ପାତାଳ, ଭୂମି, ପୁର, ଶୈଳ, ବନୌଷଧି, ସିଂହାଦି, ମନୁଷ୍ୟ, ବ୍ରହ୍ମ, କ୍ଷତ୍ରିୟ, ବୈଶ୍ୟ, ଶୁଦ୍ର, ପ୍ରାଣୀ, ବିଶେଷ୍ୟ ନିଘ୍ନ, ସଂକୀର୍ଣ୍ଣ, ନାନାର୍ଥ, ଅବ୍ୟୟ ଓ ଲିଙ୍ଗାଦିସଂଗ୍ରହ ।

*ସମ୍ବନ୍ଧୀୟ ବିଷୟ*
*ସଂସ୍କୃତ, ଅଭିଧାନ, ଅମର ସିଂହ*

## ଅମରନାଥ

କାଶ୍ମୀର ରାଜ୍ୟର ପ୍ରସିଦ୍ଧ ହିନ୍ଦୁ ତୀର୍ଥ । ଶ୍ରାବଣ ମାସର ପୂର୍ଣ୍ଣମୀ ଦିନ ସାରା ଭାରତରୁ ଭକ୍ତମାନେ ଏଠାକୁ ଆସିଥା'ନ୍ତି । ଅମରନାଥ ପୀଠର ବିଶେଷତ୍ୱ ହେଲା ଯେ କୌଣସି ମନୁଷ୍ୟକୃତ ଦେବମୂର୍ତ୍ତି ଏଠାରେ ନାହିଁ; ପ୍ରକୃତି ଏଠି ଦେବମୂର୍ତ୍ତି ତିଆରି କରିଦେଇଛି । ଗୁହା ଭିତରେ ଜଳ ଝରି ସେହି ଜଳ ବରଫ ପାଲଟିଯାଇ ଶିବଲିଙ୍ଗ ତିଆରି ହୋଇଯାଆନ୍ତି । ଯେଉଁ ବିରାଟ ଗୁମ୍ଫାରେ ଏହି ତୁଷାର ଶିବଲିଙ୍ଗ ମୂର୍ତ୍ତି ଅଛନ୍ତି, ସେ ଗୁମ୍ଫାଟିକୁ ମଧ୍ୟ ପ୍ରକୃତି ସୃଷ୍ଟି କରିଦେଇଛି । ଗୁହାଟି ସମୁଦ୍ର ପତ୍ତନଠାରୁ ପ୍ରାୟ ୩,୯୧୫ ମିଟର ଉଚ୍ଚତାରେ ଅବସ୍ଥିତ । ଏହାର ଚାରିପଟେ ହିମାଳୟ ପର୍ବତମାଳାର ଅଂଶବିଶେଷ ହୋଇଥିବା ପର୍ବତସବୁ ଘେରି ରହିଛନ୍ତି । ବର୍ଷର ଗୋଟିଏ ନିର୍ଦ୍ଦିଷ୍ଟ ସମୟରେ ହିଁ ଅମରନାଥଙ୍କ ମନ୍ଦିର ଦର୍ଶନ ନିମନ୍ତେ ଖୋଲା ରୁହେ ।

*ସମ୍ବନ୍ଧୀୟ ବିଷୟ*
*ଜାମ୍ମୁ-କାଶ୍ମୀର, ପର୍ଯ୍ୟଟନ, ହିନ୍ଦୁ ଧର୍ମ*

## ଅମର ସିଂହ
(ସମ୍ଭବତଃ ୬ଷ୍ଠ ଶତାବ୍ଦୀ)

ପ୍ରସିଦ୍ଧ ସଂସ୍କୃତ ଅଭିଧାନବିତ୍ ଓ 'ଅମର-କୋଷର' ରଚୟିତା । ତାଙ୍କ ପାଣ୍ଡିତ୍ୟ ନିମନ୍ତେ ସେ ସମୟରେ ସେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିପାରିଥିଲେ ।

*ସମ୍ବନ୍ଧୀୟ ବିଷୟ*
*ସଂସ୍କୃତ ଅଭିଧାନ, ଅମରକୋଷ*

## ଅମଲାତନ୍ତ୍ର

ରାଜନୀତିବିଜ୍ଞାନର ଏହି ଶବ୍ଦଟିକୁ ଇଂରାଜୀ ଭାଷାରେ 'ବୁରୋକ୍ରେସି' ବୋଲି କୁହାଯାଏ । ଶାସନ କାର୍ଯ୍ୟରେ ନିର୍ବାଚିତ ପ୍ରତିନିଧି ମାନଙ୍କୁ ସାହାଯ୍ୟ କରୁଥିବା ସରକାରୀ କର୍ମଚାରୀମାନେ ହେଲେ ଅମଲା ଓ ସେମାନଙ୍କ ସାହାଯ୍ୟ ଦ୍ୱାରା ଚାଲୁଥିବା ଶାସନକ୍ରିୟା ବା ପଦ୍ଧତି ହେଲା ଅମଲାତନ୍ତ୍ର । ଆଧୁନିକ ଅର୍ଥରେ ଏହି ପଦ୍ଧତି ବିଷୟରେ ଭାରତରେ ଲୋକେ ପ୍ରଥମେ ଇଂରେଜ ଶାସନ ଆରମ୍ଭରେ ହିଁ ଜାଣିଲେ ବୋଲି କୁହାଯାଇପାରେ । ଲର୍ଡ କର୍ଜନ ଅମଲାତନ୍ତ୍ର ଶାସନର ମୂଳଦୁଆ ଏ ଦେଶରେ ପକାଇଥିଲେ । ଗୋଟିଏ ଜନମଙ୍ଗଳ ରାଷ୍ଟ୍ରରେ ଅମଲାତନ୍ତ୍ରର ଗୁରୁତ୍ୱ ରହିବାର କାରଣ ହେଲା, ସେଭଳି ରାଷ୍ଟ୍ରରେ ଜନସାଧାରଣଙ୍କର ମଙ୍ଗଳ ପାଇଁ ନିଆଯାଉଥିବା ସମସ୍ତ ପ୍ରକାର ରାଜନୈତିକ ସିଦ୍ଧାନ୍ତକୁ ଉପଯୁକ୍ତ ଭାବେ କାର୍ଯ୍ୟକାରୀ କରିବାର ଦାୟିତ୍ୱ ହେଲା ଅମଲା ବା ସିଭିଲ-ସର୍ଭାଣ୍ଟ ମାନଙ୍କର । କ୍ଷେତ୍ର ବିଶେଷରେ, ଯେଉଁ ସିଭିଲ ସର୍ଭାଣ୍ଟ ମାନଙ୍କର ନିଜ ଅଫିସ ବାହାରର ଦୁନିଆ ବିଷୟରେ କୌଣସି ପ୍ରତ୍ୟକ୍ଷ ଅଭିଜ୍ଞତା ନାହିଁ, ସେମାନେ ଜନମଙ୍ଗଳ ରାଷ୍ଟ୍ରର ଉପକାର କରିପାରନ୍ତି ନାହିଁ ବୋଲି କୁହାଯାଇଥାଏ ।

*ସମ୍ବନ୍ଧୀୟ ବିଷୟ*
*ଶାସନ ବ୍ୟବସ୍ଥା, ଗଣତନ୍ତ୍ର, ସମ୍ବିଧାନ, ଆଇ.ଏ.ଏସ୍.*

## ଅମାବାସ୍ୟା

କୃଷ୍ଣପକ୍ଷର ପଞ୍ଚଦଶ ତିଥି । ଏହି ଶବ୍ଦଟିର ବ୍ୟୁତ୍ପତ୍ତି-ଲଭ୍ୟ ଅର୍ଥ ହେଲା—ଯେଉଁଦିନ ଚନ୍ଦ୍ର ଓ ସୂର୍ଯ୍ୟ ଉଭୟ ସମରେଖାରେ ବାସ କରନ୍ତି । ପୁରାଣମତରେ, ଯେଉଁଦିନ ଚନ୍ଦ୍ରର ଦୁଇଟି ମାତ୍ର କଳା ବାକିଥାଏ ଓ ଚନ୍ଦ୍ର ଅମା ନାମକ ସୂର୍ଯ୍ୟ ରଶ୍ମିରେ ପ୍ରବେଶ କରିଥାଏ, ସେ ଦିନଟି ହେଲା ଅମାବାସ୍ୟା । ବର୍ଷକରେ ଯେଉଁ ୧୨ଟି ଅମାବାସ୍ୟା ପଡ଼େ, ଓଡ଼ିଶାରେ ସେଗୁଡ଼ିକର ନାମ ହେଲା : ଚିତାଲାଗି ବା ଚିତୋଉ, ଜାଗର, ତ୍ରିବେଣୀ, ଦୀପାବଳୀ, ପ୍ରଦୀପ ବା ପୟା, ବଉଳ, ବାରୁଣୀ, ବିଜୟା, ବୈଶାଖୀ, ମହାଳୟା ବା ମଉଳା, ସପ୍ତପୁରୀ ବା ସାତପୁରୀ ଓ ସାବିତ୍ରୀ ।

*ସମ୍ବନ୍ଧୀୟ ବିଷୟ*
*ଚନ୍ଦ୍ର, ପୂର୍ଣ୍ଣମୀ, ଓଡ଼ିଆ ପର୍ବପର୍ବାଣୀ, ଧର୍ମ, ଅନ୍ଧବିଶ୍ୱାସ, ପରାଗ ଓ ଗ୍ରହଣ*

## ଅମିନ, ଇଦି
(୧୯୨୫-)

୧୯୭୧ରୁ ୧୯୭୯ ମସିହା ପର୍ଯ୍ୟନ୍ତ ଆଫ୍ରିକା ମହାଦେଶର ଉଗାଣ୍ଡା ଦେଶର ଏକଚ୍ଛତ୍ର ଶାସକ ଭାବେ ଇଦି ଅମିନ (ଦାଦା) ଯେଉଁ ନାରକୀୟ କାଣ୍ଡ ଘଟାଇ ଯାଇଛନ୍ତି ପୃଥିବୀ ଇତିହାସରେ ତା'ର ପଟାନ୍ତର ନାହିଁ । ବହୁ ଲକ୍ଷ ସ୍ଥାୟୀ ଉଗାଣ୍ଡା-ଭାରତୀୟଙ୍କୁ ସେଠାରୁ ତଡ଼ି ଦେବା ସଙ୍ଗେ ଲକ୍ଷ ଲକ୍ଷ ଉଗାଣ୍ଡୀୟଙ୍କୁ ସେ ନିର୍ମମ ଭାବରେ ହତ୍ୟାକରି

ସମଗ୍ର ପୃଥିବୀର ଘୃଣାର ପାତ୍ର ହୋଇଗଲେ । ସୈନ୍ୟବାହିନୀର ତଳୁ ଉଠି ଅମିନ କର୍ଣ୍ଣେଲ ହୋଇଥିଲେ ଓ ସେ ସମୟର ପ୍ରଧାନମନ୍ତ୍ରୀଙ୍କ ନିକଟତମ ଲୋକ ହୋଇଥିବାରୁ ପରେ ଉଗାଣ୍ଡୀୟ ପ୍ରତିରକ୍ଷା ବାହିନୀର ମୁଖ୍ୟ ହୋଇଯାଇ, ୧୯୭୧ ମସିହାରେ ଗୋଟିଏ ସାମରିକ ବିଦ୍ରୋହ ଦ୍ୱାରା କ୍ଷମତା ଦଖଲ କରିଥିଲେ ।

*ସମ୍ବନ୍ଧୀୟ ବିଷୟ*
*ଉଗାଣ୍ଡା, ଅତ୍ୟାଚାର, ଗଣହତ୍ୟା, ଆଫ୍ରିକା*

▷▷

## ଅମୀର ଖୁସ୍ରୋ
(୧୨୫୩-୧୩୨୫)

ଭାରତରେ ହିନ୍ଦୁମାନେ ରହୁଥିଲେ, ପରେ ମୁସଲମାନ ଆସିଲେ । ଏ ଦେଶର ବହୁଲୋକ ସେହି ଧର୍ମ ଗ୍ରହଣ କରିଗଲେ । ପ୍ରଥମେ ପ୍ରଥମେ ଦୁଇ ଧର୍ମର ଲୋକଙ୍କ ଭିତରେ ସେତେ ଭଲ ସଂପର୍କ ରହିଲା ନାହିଁ, କାରଣ ଇସ୍‌ଲାମ ସଭ୍ୟତାରେ କଅଣ ସବୁ ଭଲ ଅଛି ସେକଥା ଭାରତର ଲୋକେ ଜାଣି ପାରୁନଥିଲେ ଓ ଭାରତୀୟ ସଭ୍ୟତାର ଯେଉଁଗୁଡ଼ିକ ଅସଲ ଅସଲ କଥା ତାକୁ ଇସ୍‌ଲାମ ଜଗତର ଲୋକେ ଜାଣି ପାରୁନଥିଲେ । କାଳକ୍ରମେ କେତେଜଣ ଫାରସୀ କବି ଏଭଳି ସବୁ ଗୀତ ଲେଖିଲେ ଯେ ଇସ୍‌ଲାମ ଧର୍ମ ବିଷୟରେ ଆମ ଦେଶର ଲୋକେ ଜାଣିପାରିଲେ ଓ ତାହାର ବିପରୀତ କଥା ମଧ୍ୟ ହେଲା । ଅମୀର ଖୁସ୍ରୋ ସେହିମାନଙ୍କ ଭିତରୁ ଜଣେ । ସେ ବହୁ ଭାଷା ଜାଣିଗଲେ । ନିଜେ କବିତା ରଚନା କଲେ । ସେଗୁଡ଼ିକୁ ସ୍ୱରଦେଇ ବୋଲିଲେ । ତାଙ୍କ କବିତାରୁ ଜଣାପଡ଼ିଗଲା ସେ କିଭଳି ବିଦ୍ୱାନ । ଅମୀର ଖୁସ୍ରୋ 'କେତେ ଲକ୍ଷ' କବିତା ଲେଖିଯାଇଛନ୍ତି । ସେଗୁଡ଼ିକ ୯୯ ଖଣ୍ଡ ପୁସ୍ତକରେ ପ୍ରକାଶିତ ହୋଇଛି । ଫାରସୀ, ଆରବୀ ଓ ତୁର୍କି ଭାଷାରେ ସେ ଥିଲେ ପଣ୍ଡିତ । ଉତ୍ତର ପ୍ରଦେଶର ଏଟା ଜିଲ୍ଲାରେ ତାଙ୍କର ଜନ୍ମ । ସେ ଏଭଳି କେତେକ କବିତା ଲେଖିଦେଲେ ଯାହାର କି ଗୋଟିଏ ଧାଡ଼ି ଫାରସୀ ଓ ଅନ୍ୟ ଧାଡ଼ିକ ହିନ୍ଦୀ । କେତେଗୁଡ଼ିଏ ସଂଗୀତର ରାଗ ମଧ୍ୟ ସେ ନୂଆକରି ସୃଷ୍ଟି କରିଦେଇଥିଲେ ।

*ସମ୍ବନ୍ଧୀୟ ବିଷୟ*
*ଭାରତୀୟ ସାହିତ୍ୟ, ମୋଗଲ ରାଜତ୍ୱ, ଫାରସୀ ଭାଷା-ସାହିତ୍ୟ, ଗଜଲ*

▷▷

## ଅମୃତଭଣ୍ଡା

ପ୍ରକୃତି ଏମିତି କେତେକ ଫଳ ତିଆରି କରିଛି ଯାହାକୁ କି କଞ୍ଚା ଓ ପାଚିଲା—ଉଭୟ ଅବସ୍ଥାରେ ଖାଇହୁଏ । ଅମୃତଭଣ୍ଡା ବା ପପୟା ସେହିଭଳି ଗୋଟିଏ ଉପକାରୀ ଫଳ । ଗୋଟିଏ ଗୋଟିଏ ଗଛ ୮ମିଟର ବା ୨୬ ଫୁଟ ପର୍ଯ୍ୟନ୍ତ ଉଚ୍ଚ ହେବାର ଦେଖାଯାଇଛି । ଆଜିକାଲି ଅବଶ୍ୟ ଛୋଟ ଛୋଟ ଗଛରେ ଫଳ ହେଉଛି । ଏହାର ଡାଳ ନଥିଲେ ମଧ୍ୟ ଡାଳ ଭଳି ପତ୍ର ରହିଛି । ଅଣ୍ଡିରା ଓ ମାଈ ଫୁଲ ଭିନ୍ନ ଭିନ୍ନ ଗଛରେ ହୁଏ । ଗୋଟିଏ ଗଛରେ ଏହି ଦୁଇ ଗୁଣକୁ ଭରିବା ପାଇଁ ହୋଇଥିବା ଚେଷ୍ଟାରେ ସଫଳତା ମିଳିଛି । ଫଳ, ଲମ୍ବା ଓ ଗୋଲ ଉଭୟ ରକମର ହୁଏ । ଗୋଟିଏ ଗୋଟିଏ ଜାତିର ଅମୃତଭଣ୍ଡା ୯ରୁ ୧୧ କିଲୋଗ୍ରାମ ଓଜନ ହେବାର ଦେଖାଯାଇଛି । ପାଚିଗଲେ ଭିତରଟା ବେଶ୍ ଗାଢ ହଳଦିଆ ବା କମଳା ରଙ୍ଗର ହୋଇଯାଏ । ଏହା ମଝିରେ ଗୋଟାଏ ଫାଙ୍କ ରହିଛି । ସେଥିରେ ମଞ୍ଜି ଥାଏ । କେଉଁ ଦେଶରେ ପ୍ରଥମେ ଏହି ଫଳ ଦେଖାଗଲା ସଠିକ ଭାବରେ କୁହାଯାଇ ପାରୁନାହିଁ । ତେବେ କେନ୍ଦ୍ର ଆମେରିକାରେ ଏହାର ଜନ୍ମ ବୋଲି ଅନୁମାନ କରାଯାଉଛି । ପାଚିଲା ଫଳଟି ମିଠା ଓ କଞ୍ଚା ଫଳ ତରକାରୀ ହେଉଥିବାରୁ ଆଜିକାଲି ଚାରିଆଡ଼େ ଏହା ଚାଷ କରାଯାଉଛି । ଏହା ଭିତରେ ଏମିତି ଗୋଟିଏ ରସ ଅଛି ଯେ ତା ସାହାଯ୍ୟରେ ପ୍ରୋଟିନକୁ ହଜମ କରିଦେଇ ହୁଏ । ତାକୁ କୁହନ୍ତି ପାପେନା । ଜୀବ ଦେହରେ ଯେଉଁ ପେପ୍‌ସିନ ଥାଏ ଏହାର ମେଳ ତାହା ସହିତ ରହିଛି । ତେଣୁ କଞ୍ଚା ପପୟାକୁ ମାଂସ ଦେହରେ ପକାଇଲେ ମାଂସ ଭଲ ଭାବରେ ସିଝିଯାଏ ଓ ହଜମ ହୁଏ । ଅଜୀର୍ଣ୍ଣ ରୋଗ ଭଲ କରିବା ପାଇଁ ଅମୃତଭଣ୍ଡା ବେଶ୍ ଉପକାରୀ । ଗୋଟିଏ ଗୋଟିଏ ଗଛ ପାଞ୍ଚବର୍ଷ ପର୍ଯ୍ୟନ୍ତ ବଞ୍ଚିଥାଏ ।

*ସମ୍ବନ୍ଧୀୟ ବିଷୟ*
*ଉଦ୍‌ଭିଦବିଜ୍ଞାନ, କୃଷି, ଖାଦ୍ୟ, ଭିଟାମିନ୍, ପେପ୍‌ସିନ, ହଜମ, ରନ୍ଧନ ବିଦ୍ୟା*

▷▷

## ଅମୃତସର

ପଞ୍ଜାବର ଏହି ସହରଟି ଭାରତର ସମସ୍ତଙ୍କ ପାଖରେ ପରିଚିତ । ଶିଖମାନଙ୍କର ଏଇଟି ହେଉଛି ପ୍ରସିଦ୍ଧ ତୀର୍ଥ ସ୍ଥାନ । ପବିତ୍ର ସ୍ୱର୍ଣ୍ଣମନ୍ଦିର ଭିତରେ ଶିଖ ଧର୍ମଗ୍ରନ୍ଥ ଗ୍ରନ୍ଥସାହେବ ପୂଜା ପାଆନ୍ତି । ସମଗ୍ର ଶିଖମାନେ ଯେଉଁଠି ଥାଆନ୍ତୁ ପଛକେ, ଅମୃତସର ପାଇଁ ଗର୍ବ ଅନୁଭବ କରନ୍ତି । ୧୯୯୧ ମସିହାରେ ଏହି ସହରର ଲୋକସଂଖ୍ୟା ହେଲା ୭,୦୯,୪୫୬ ।

*ସମ୍ବନ୍ଧୀୟ ବିଷୟ*
*ପଞ୍ଜାବ, ଶିଖ ଧର୍ମ, ସ୍ୱର୍ଣ୍ଣମନ୍ଦିର, ଭାରତୀୟ ସ୍ୱାଧୀନତା ଆନ୍ଦୋଳନ, ଜାଲିଆନାୱାଲାବାଗ*

▷▷

## ଅମେରୁଦଣ୍ଡୀ ପ୍ରାଣୀ

ପ୍ରାଣୀ ଜଗତରେ ଥିବା ମେରୁଦଣ୍ଡବିହୀନ ଜୀବବର୍ଗ । ମେରୁଦଣ୍ଡୀମାନଙ୍କ କ୍ଷେତ୍ରରେ ଦେଖାଯାଉଥିବା ଅସ୍ଥି ବା ଉପାସ୍ଥି ବିଶିଷ୍ଟ କଙ୍କାଳ ଭଳି କୌଣସି ଦୃଢ଼ ଶରୀର ଛାଞ୍ଚ ଏହି ଜାତିର ଜୀବ ମାନଙ୍କ ଠାରେ ଦେଖାଯାଏ ନାହିଁ । ଜୀବନ୍ତ ପ୍ରାଣୀ ମାନଙ୍କ ଭିତରୁ ଶତକରା ନବେ ଭାଗ ହେଲେ ଅମେରୁଦଣ୍ଡୀ । ଅତି କ୍ଷୁଦ୍ର ପ୍ରୋଟୋଜୋଆ ଠାରୁ ଆରମ୍ଭ କରି ଖୁବ୍ ବଡ଼ ବଡ଼ ସ୍କୁଇଡ୍ ଆକାରରେ ପୃଥିବୀସାରା ଏମାନେ ବ୍ୟାପୀ ରହିଛନ୍ତି । କେବଳ ମେରୁଦଣ୍ଡହୀନତା ଲକ୍ଷଣଟିକୁ ବାଦ୍‌ଦେଲେ




ମିଳୁଥିବା 'ଅସଂଖ୍ୟ' ଜାତିର ଅମେରୁଦଣ୍ଡୀ ପ୍ରାଣୀଙ୍କ ଭିତରୁ କେତେକ ।

ଅମେରୁଦଣ୍ଡୀ ଜାତିର ଜୀବମାନଙ୍କ ଭିତରେ ଅନ୍ୟ କୌଣସି ପ୍ରକାର ବିଶେଷ ସାଦୃଶ୍ୟ ନାହିଁ । ଏଗୁଡ଼ିକ ଭିତରୁ ଅଧିକାଂଶଙ୍କ କୋମଳ ବା ନରମ ଶରୀରରେ ହାଡ଼-ଛାଞ୍ଚ ନାହିଁ ସତ; କିନ୍ତୁ ମୋଲସ୍କ, କ୍ରଷ୍ଟାସିଆ ଓ କୀଟପତଙ୍ଗ ଜାତିର ଏହି ଧରଣର ପ୍ରାଣୀଙ୍କ ଦେହରେ ଟାଣ ଶରୀର ଖୋଳ ରହିଥାଏ ଓ ସେମାନଙ୍କ ଶରୀରକୁ ନିରାପତ୍ତା ଯୋଗାଇବା କାମରେ ସାହାଯ୍ୟ କରିଥାଏ । ପ୍ରାଣୀବିଜ୍ଞାନ୍‌ରେ କରାଯାଉଥିବା ଆଧୁନିକ ବର୍ଗୀକରଣ ପଦ୍ଧତିରେ କିନ୍ତୁ 'ଅମେରୁଦଣ୍ଡୀ' ଶବ୍ଦକୁ ମେରୁଦଣ୍ଡୀଙ୍କ ସହିତ ଗୋଟାଏ ତୁଳନାତ୍ମକ ଶବ୍ଦ ଭାବରେ ଗଣାଯାଉନାହିଁ ।

***ସମ୍ବନ୍ଧୀୟ ବିଷୟ***
*ଜୀବଜଗତ, ବର୍ଗୀକରଣ, ମେରୁଦଣ୍ଡୀ, ଅସ୍ଥି ଓ ଅସ୍ଥି ବିଭାଗ, ଶରୀର ଗଠନ, କ୍ରଷ୍ଟାସିଆ, କୀଟପତଙ୍ଗ*

▷▷

## ଅମ୍ବୁସମାନ

ଅମଲାତନ୍ତ୍ର ତଥା ସରକାର ବିରୋଧରେ ନାଗରିକଙ୍କ ଆପତ୍ତି ଅଭିଯୋଗର ବିଚାର କରିବା ନିମନ୍ତେ ବିଧାନସଭା ବା ପାର୍ଲାମେଣ୍ଟ ଦ୍ୱାରା ନିଯୁକ୍ତ ପଦାଧିକାରୀ । ପୃଥିବୀର ବହୁ ଗଣତାନ୍ତ୍ରିକ ଦେଶରେ ଅମ୍ବୁସମାନଙ୍କୁ ଅସାଧାରଣ କ୍ଷମତାର ଅଧିକାରୀ କରାଯାଇଛି । ଭାରତରେ 'ଲୋକପାଳ' ହେଲା ଏହାର ଗୋଟିଏ ଅନୁରୂପ ବ୍ୟବସ୍ଥା । ୧୮୦୯-୧୦ ମସିହାରେ ସ୍ୱିଡେନ ଦେଶରେ ପ୍ରଥମେ ଅମ୍ବୁସମାନ ପଦବୀର ସୃଷ୍ଟି ହୋଇଥିଲା । ଏହି ପଦପାଇଁ ଅତି ସତର୍କତାର ସହିତ ଲୋକ ବାଛିବାକୁ ପଡ଼ିଥାଏ । ସାଧାରଣ ଜୀବନରେ ଯେଉଁମାନେ ନିଷ୍କଳଙ୍କ, କେବଳ ସେହିମାନେ ହିଁ ଅମ୍ବୁସମାନ ହେବାପାଇଁ ଯୋଗ୍ୟ ବୋଲି ଧରାଯାଇଥାଏ । ଲୋକଙ୍କର ଦୁଃଖର ପ୍ରତିକାର ଏହି 'ଅଫିସର' ଅତିଶୀଘ୍ର କରି ଦେଇଥା'ନ୍ତି ଓ ନାଗରିକର ସମସ୍ତ ନ୍ୟାଯ୍ୟ ଅଧିକାର ଯେପରି ଅକ୍ଷୁଣ୍ଣ ରହେ ସେଥିପ୍ରତି ଦୃଷ୍ଟି ଦେଇଥା'ନ୍ତି ।

***ସମ୍ବନ୍ଧୀୟ ବିଷୟ***
*ଶାସନ, ଗଣତନ୍ତ୍ର, ଲୋକପାଳ ବ୍ୟବସ୍ଥା, ନାଗରିକ, ରାଷ୍ଟ୍ର, ବିଧାନ ପରିଷଦ*

▷▷

## ଅମ୍ଳଜାନ

ଜୀବଟିକୁ ତିଆରି କରିବା ପାଇଁ ଯେଉଁ ମୂଳ ଉପାଦାନ ଲୋଡ଼ା ହୁଏ ତାହାର ନାମ ଅଙ୍ଗାର । କିନ୍ତୁ ସେଇଟିକୁ ବଞ୍ଚାଇ ରଖିବା ପାଇଁ ଆଉ ଗୋଟିଏ ପଦାର୍ଥ ନିତାନ୍ତ ଆବଶ୍ୟକ ଓ ତାହାର ନାମ ହେଲା ଅମ୍ଳଜାନ । ଅମ୍ଳଜାନ ବିନା ଜୀବ ବଞ୍ଚିପାରିବ ନାହିଁ । ତାକୁ ଅନବରତ ନ ପାଇଲେ ଜୀବ ଦେହରୁ ପ୍ରାଣବାୟୁ ଉଡ଼ିଯିବ । ତେଣୁ ଅଳ୍ପ କେତେ ସମୟ ନିଶ୍ୱାସ ବନ୍ଦ କରିଦେଲେ ଜୀବନ ଛାଡ଼ିଯିବ । ବିଜ୍ଞାନୀ ମାନଙ୍କର ଯେତେବେଳେ ସବୁ ମୌଳିକ ଉପାଦାନ ବିଷୟରେ ଯଥେଷ୍ଟ ଉପଯୋଗୀ ଜ୍ଞାନ ହୋଇ ନଥିଲା, ସେତେବେଳେ ସେମାନେ ଧରିନେଇଥିଲେ ଯେ ପବନଟି ମଧ୍ୟ ହେଉଛି ଗୋଟିଏ ମୌଳିକ ଉପାଦାନ । କୌଣସି ଗୋଟାଏ ଜଳିବା କାମରେ ପବନ ଯେ ସାହାଯ୍ୟ କରେ ଏଇଟା ମଧ୍ୟ ଲକ୍ଷ୍ୟ କରିଥିଲେ । କିନ୍ତୁ ସନ୍ଦେହ ରହିଯାଉଥାଏ ।

ଆଜିକୁ ୧୨୦୦ ବର୍ଷ ତଳେ ଚୀନାମାନେ ପ୍ରଥମେ କହିଲେ ଯେ ପବନ ଭିତରେ ଆଉ ଗୋଟାଏ କିଛି ପଦାର୍ଥ ଅଛି ଯାହାକି ଏହି ଜଳାଇବା କାମ କରୁଛି । ସେହି ପଦାର୍ଥଟି କାଠ, କୋଇଲା ଇତ୍ୟାଦି



ପ୍ରଥମେ ପ୍ରଥମେ ପୃଥିବୀ ଥିଲା ଅନ୍ୟ ଗ୍ରହ ମାନଙ୍କ ପରି ଅନାବୃତ, ଜୀବନଧାରଣ ପାଇଁ ଅନୁପଯୋଗୀ ତଥା ଅମ୍ଳଜାନବିହୀନ । ମିଥେନ ଓ ଆମୋନିଆ ଭଳି ବିଷାକ୍ତ ବାଷ୍ପ ଏଠି ଭରି ରହିଥିଲା ।

ସହିତ ଯୋଗ ହୋଇଯିବାରୁ ଜଳିବା କାମଟା ହେଉଛି । ତାହାର ପ୍ରାୟ ୬୦୦ ବର୍ଷ ପରେ ଯାଇ ଇଉରୋପର ଜଣେ ବିଜ୍ଞାନୀ କହିଲେ— ଯାହା ଦେଖାଯାଉଛି ପବନଟି ବୋଧହୁଏ ଦୁଇଟି ବାଷ୍ପ ବା ଗ୍ୟାସ୍‌ରେ ତିଆରି । ପ୍ରାୟ ଦୁଇଶହ ବର୍ଷ ତଳେ କିନ୍ତୁ ଜଣାପଡ଼ିଲା ଯେ ଗୋଟାଏ ଅଲଗା ବାଷ୍ପ ପ୍ରକୃତରେ ଏହି ଜଳାଇବା କାମ କରୁଛି । ତାକୁ 'ଅଗ୍ନିବାୟୁ' ବା 'ଜୀବନବାୟୁ' ବୋଲି କୁହାଗଲା । ପରେ ଏହାର ନାମ ରଖାଗଲା ଅକ୍‌ସିଜେନ । ଗ୍ରୀକ ଭାଷାରେ 'ଅକ୍‌ସି' ଶବ୍ଦର ଅର୍ଥ ଅମ୍ଳ ଓ 'ଜେନ୍‌ସର' ଅର୍ଥ ଜାତକରିବା । ଅମ୍ଳ ସୃଷ୍ଟି କରୁଥିବାର ଧାରଣାରୁ ଆମ ଭାଷାରେ ତା'ର ନାମ ରହିଲା 'ଅମ୍ଳଜାନ' । ପରେ ଜଣାପଡ଼ିଲା ଅମ୍ଳ ସହିତ ଏହାର କିଛି ସଂପର୍କ ନାହିଁ, କିନ୍ତୁ ନାମଟାକୁ ସେମିତି ରଖିଦିଆଗଲା । ସେତେବେଳକୁ ଜଣାପଡ଼ିଗଲାଣି ଯେ ପବନ ଭିତରେ



ଆମେ ପୃଥିବୀରେ ଜୀବନ କହିଲେ ଯାହା ବୁଝୁ ତାହା ସମ୍ଭବ ହୋଇପାରିଛି ଗଲା କେତେ ଶହ କୋଟି ବର୍ଷ ଧରି ସୃଷ୍ଟି ହୋଇ ଆସୁଥିବା ଅଧିକରୁ ଅଧିକ ପରିମାଣର ଅମ୍ଳଜାନ ଯୋଗୁଁ ।

ବୁଡ଼ି ରହିଲେ ମଧ୍ୟ ଯଦି ତା ଭିତରେ ଅମ୍ଳଜାନ ନଥିବ, ତେବେ ଜଣେ ମରିଯିବ ।

ଜଣେ ହୁଏତ ବିଚାରିବ, ସବୁ ଜୀବଙ୍କ ପାଇଁ ଯଦି ଅମ୍ଳଜାନ ଲୋଡ଼ା, ଯେଉଁ ଜୀବ ପବନକୁ ନିଶ୍ୱାସରେ ନ ନେଉଛନ୍ତି ସେମାନେ ତ ଆଉ ଅମ୍ଳଜାନ ପାଉ ନଥିବେ । ମାଛ ଓ ଅନ୍ୟ ଅନେକ ଜଳଚର ପ୍ରାଣୀ ବଞ୍ଚିଛନ୍ତି କେମିତି ? ଅସଲ କଥା ହେଲା ପାଣିରେ ଅମ୍ଳଜାନ ଗୋଳିହୋଇ ରହିଛି । ମାଛ ସିନା ନିଶ୍ୱାସ ନିଏନାହିଁ, ତାହାର ଗାଲି ସାହାଯ୍ୟରେ ପାଣିରୁ ଅମ୍ଳଜାନ ସଂଗ୍ରହ କରିନିଏ । ତିମିର ଗାଲି ନାହିଁ ବୋଲି ଓ ସେ ପବନକୁ ନିଶ୍ୱାସରେ ନେଉଥିବାରୁ ସମୁଦ୍ରରେ ପାଣି ଭିତରୁ ମଝିରେ ମଝିରେ ଉଠି ଗୁଡ଼ାଏ ଅଙ୍ଗାରକାମ୍ଳ ପବନକୁ ଛାଡ଼ିଦିଏ ଓ ଗୁଡ଼ାଏ ଅମ୍ଳଜାନ ସଂଗ୍ରହ କରିନେଇଥାଏ ।

ପ୍ରକୃତି ଯେତେବେଳେ ପାଣି ବା ଜଳ ସୃଷ୍ଟି କଲା, ସେତେବେଳେ ଅମ୍ଳଜାନକୁ କାମରେ ଲଗାଇଲା । ଉଦ୍‌ଜାନ ଓ ଅମ୍ଳଜାନର ଗୋଟାଏ ପାଗ ହେଲା ପାଣି । ବାୟୁମଣ୍ଡଳରେ, ଅର୍ଥାତ୍ ପବନରେ ଶହେକେ ୨୧ ଭାଗ ହେଉଛି ଅମ୍ଳଜାନ । ସମୁଦ୍ର ପାଣିରେ କିନ୍ତୁ ୮୫ ଭାଗ ହେଉଛି ଏହି ଜଳନ ଉପାଦାନ । ପୃଥିବୀ ପୃଷ୍ଠରୁ ପ୍ରାୟ ୨୫ କିଲୋମିଟର ଗଭୀର ପର୍ଯ୍ୟନ୍ତ ମାଟିପଥରରେ ଶହେକେ ୪୬ ଭାଗ ହେଉଛି ଏହି ଉପାଦାନ । ଏତିକି ବେଶୀ ପରିମାଣରେ ଏହା ନଥିଲେ ସଂସାରରେ ଯେଉଁ ଲୀଳା ଚାଲିଛି ତାହା ଚାଲିପାରନ୍ତା ନାହିଁ ।

ଅମ୍ଳଜାନ ହେଲା ପୃଥିବୀରେ ସବୁଠାରୁ ଅଧିକ ପରିମାଣରେ ମିଳୁଥିବା ରାସାୟନିକ ମୌଳିକ ଉପାଦାନ । ବାଷ୍ପ ଅବସ୍ଥାରେ ଏହା ବର୍ଣ୍ଣହୀନ, ସ୍ୱାଦହୀନ ଓ ଗନ୍ଧହୀନ । ତରଳ ଅକ୍‌ସିଜେନ

ରକେଟ ଜାଳେଣୀ ଭାବରେ କାମରେ ଲାଗେ । ଉଦ୍ୟୋଗ ଏବଂ ଟେକ୍‌ନୋଲଜି ବା ପ୍ରଯୁକ୍ତି-ବିଦ୍ୟାରେ ଏହାର ବ୍ୟବହାର ଖୁବ୍ ବ୍ୟାପକ । ରୋଗ ଚିକିତ୍ସାରେ ମଧ୍ୟ ବ୍ୟବହାର ହୁଏ । ଅକ୍‌ସିଆସିଟିଲିନ ଭଳି ଅତି ଉତ୍ତପ୍ତ ଅଗ୍ନିଶିଖା ଅମ୍ଳଜାନ ଯୋଗୁଁ ସମ୍ଭବ ହେଉଛି । ଅମ୍ଳଜାନ ପ୍ରାୟ ଅନ୍ୟ ସବୁ ମୌଳିକ ଉପାଦାନ ସହ ମିଶି ଅକ୍‌ସାଇଡ୍ ସୃଷ୍ଟି କରିଥାଏ । ଏଭଳି କ୍ରିୟାକୁ ଅକ୍‌ସାଇଡେସନ ବା ଉପଚୟନ ବୋଲି କୁହାଯାଇଥାଏ ।

| | |
|---|---|
| *ପାରମାଣବିକ ନମ୍ବର* | ୮ |
| *ପାରମାଣବିକ ଓଜନ* | ୧୫.୯୯୯୪ |
| *ଗଳନାଙ୍କ* | –୨୧୮.୪° ସେ |
| *ସ୍ଫୁଟନାଙ୍କ* | –୧୮୩.୦° ସେ |
| *ଯୋଜ୍ୟତା* | ୨ |

***ସମ୍ବନ୍ଧୀୟ ବିଷୟ***

*ଅମ୍ଳଜାନ ଚକ୍ର, ମୌଳିକ ଉପାଦାନ, ରସାୟନ ବିଜ୍ଞାନ, ଅଗ୍ନି, ଜଳ, ବାୟୁମଣ୍ଡଳ, ଶ୍ୱାସକ୍ରିୟା, ବିଶ୍ୱ, ମାନବଶରୀର, ରକ୍ତ, ଓଜୋନ ସ୍ତର, ଉଦ୍‌ଭିଦ ଜଗତ, ସମୁଦ୍ର, ଉପଚୟନ*

▷▷

## ଅମ୍ଳଜାନ ଚକ୍ର

ପୃଥିବୀରେ ଗୋଟିଏ ଅମ୍ଳଜାନ ଚକ୍ର ଘୁରୁଛି—ଅଙ୍ଗାର ଚକ୍ର ଘୁରିଲା ଭଳି । ଉଦ୍‌ଭିଦ ଓ ଜୀବ ଏହାକୁ କାମରେ ଲଗାଉଛନ୍ତି । ପବନରେ ଥିବା ଅମ୍ଳଜାନତକ କାମରେ ଲାଗିଲା ପରେ ଅଙ୍ଗାର



ସୌରଜଗତର ଗ୍ରହମାନଙ୍କ ଭିତରୁ କେବଳ ପୃଥିବୀରେହିଁ ଅମ୍ଳଜାନ ସମୃଦ୍ଧ ବାୟୁମଣ୍ଡଳ ରହିଛି ।

ସାଙ୍ଗରେ ମିଶି ଅଙ୍ଗାରକାମ୍ଳ ରୂପରେ ପବନ ଓ ପାଣିକୁ ଚାଲିଯାଉଛି । ପାଣି ଭିତରେ ଥିବା ସୂକ୍ଷ୍ମ ସୂକ୍ଷ୍ମ ଦଳ ବା ଆଲ୍‌ଜି ଏହି ଅଙ୍ଗାରକାମ୍ଳକୁ ନିଜ କାମରେ ଲଗାଉଛନ୍ତି । ଏହି ପ୍ରକ୍ରିୟାରେ ପୁଣି ପାଣି ଭିତରକୁ ଅମ୍ଳଜାନ ଚାଲି ଆସୁଛି । ଏଇଥି ପାଇଁ କୁହାଯାଏ ଯେ ସମୁଦ୍ର ହେଉଛି ଗୋଟିଏ ଅମ୍ଳଜାନ ଭଣ୍ଡାର । ଏହି ଅମ୍ଳଜାନ ଚକ୍ର ଘୁରୁଥିବାରୁ ବାୟୁମଣ୍ଡଳରେ ଅମ୍ଳଜାନର ଭାଗ ମାପରେ କିଛି ଅନିଷ୍ଟକାରୀ ପରିବର୍ତ୍ତନ ହେଉନାହିଁ ।

***ସମ୍ବନ୍ଧୀୟ ବିଷୟ***

*ଅମ୍ଳଜାନ, ଓଜୋନ, ଇକୋସିଷ୍ଟମ, ଜୀବଜଗତ, ଉଦ୍‌ଭିଦ ଜଗତ, ପୃଥିବୀ, ଜୀବନ, ସମୁଦ୍ର, ଜଳମଣ୍ଡଳ*

▷▷

## ଅୟଷ୍ଟର

ସମୁଦ୍ର ଶାମୁକାକୁ ଅୟଷ୍ଟର ବୋଲି କୁହାଯାଏ । ପୃଥିବୀର କେତେକ ଅଞ୍ଚଳରେ ଏଇଟି ହେଲା ଗୋଟିଏ ଲୋକପ୍ରିୟ ଖାଦ୍ୟ । ଅୟଷ୍ଟରକୁ ସାଧାରଣତଃ କଞ୍ଚା ଖିଆଯାଏ । ଇଉରୋପ, ଉତ୍ତର ଆମେରିକା ଓ ଜାପାନରେ ଅୟଷ୍ଟରର ଚାହିଦା ଖୁବ୍ ବେଶୀ । ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ଜାତିର ଅୟଷ୍ଟର ଅଛନ୍ତି । ଅୟଷ୍ଟର ମାଂସ ଖାଦ୍ୟସାର ଦୃଷ୍ଟିରୁ ଖୁବ୍ ମୂଲ୍ୟବାନ । ମୁକ୍ତ ସମୁଦ୍ରରୁ ମିଳିବା ସଙ୍ଗେ ସଙ୍ଗେ ଅୟଷ୍ଟର ଚାଷ ମଧ୍ୟ କରାଯାଇଥାଏ । କେତେକ ଜାତିର ଅୟଷ୍ଟର ଭିତରୁ ମୁକ୍ତା ମିଳିଥାଏ ।

***ସମ୍ବନ୍ଧୀୟ ବିଷୟ***

*ସାମୁଦ୍ରିକ ଜୀବନ, ସାମୁଦ୍ରିକ ଖାଦ୍ୟ, ମୁକ୍ତା, ଜୀବଜଗତ*

▷▷

## ଅଯୋଧ୍ୟା

ଭାରତର ଉତ୍ତର ଅଂଶରେ ରହିଛି ଉତ୍ତର ପ୍ରଦେଶ । ସେଠାରେ ଫଏଜାବାଦ ଜିଲା । ସେହି ଜିଲାରେ ସରଯୁ (ଘାଘରା) ନଦୀ କୂଳରେ ଅଛି ଅଯୋଧ୍ୟା ସହର । ହିନ୍ଦୁ ମାନଙ୍କ ପାଇଁ ଏଇଟି ଗୋଟିଏ ଅତି ପବିତ୍ର ତୀର୍ଥ । କାରଣ ପୁରାଣ ମତରେ ରାମଚନ୍ଦ୍ର ଏଇଠି ଜନ୍ମ ହୋଇଥିଲେ । ବୁଦ୍ଧ ମଧ୍ୟ ଏଠାରେ କିଛିଦିନ ରହିଥିଲେ । ସେତେବେଳେ ଏହାର ନାମ ଥିଲା ସଙ୍କେତ । ସାଧାରଣ ଭାବରେ ଅଯୋଧ୍ୟା ବୋଲି ଏହି ନାମ ସହିତ ଉତ୍ତର ପ୍ରଦେଶର ଗୋଟିଏ ବଡ଼ ଅଞ୍ଚଳକୁ କୁହାଯାଏ । ଏହାର ଅନ୍ୟ ନାମ ଅବଧ ବା ଆଉଦ୍ । ଏହି ଅଞ୍ଚଳରେ ୧୮୫୭ ମସିହାରେ ପ୍ରଥମେ ସେ ଯୁଗର ସ୍ୱାଧୀନତା ସଂଗ୍ରାମ ଆରମ୍ଭ ହୋଇଥିଲା । ନିକଟରେ କିନ୍ତୁ ଅନ୍ୟ ଏକ କାରଣରୁ ଅଯୋଧ୍ୟା କଥାର ଆଲୋଚନା ହେଉଛି—ସେହି କାରଣଟି ହେଲା ବାବ୍‌ରୀ ମସ୍‌ଜିଦ ସଂକ୍ରାନ୍ତୀୟ । ୧୯୯୧ ମସିହାରେ ସହରର ଲୋକସଂଖ୍ୟା ହେଲା ୧,୨୫,୦୧୨ ।

***ସମ୍ବନ୍ଧୀୟ ବିଷୟ***

*ରାମାୟଣ, ଉତ୍ତର ପ୍ରଦେଶ, ବାବ୍‌ରୀ ମସ୍‌ଜିଦ୍, ହିନ୍ଦୁ ଧର୍ମ*

▷▷

## ଅରଟ

ମହାତ୍ମା ଗାନ୍ଧୀ ଯେତେବେଳେ ଭାରତରେ ମୁକ୍ତି ବା ସ୍ୱାଧୀନତାର ବାଣୀ ଶୁଣାଇଲେ ସେତେବେଳେ ଗୋଟିଏ ଅଭାବ ଅନୁଭବ କଲେ । କୋଟି କୋଟି ଲୋକ କେତେ ଶହ ବର୍ଷ ଧରି ବିଦେଶୀ ଶାସନ ଅଧୀନରେ ରହିଯାଇଥିବାରୁ ସେମାନଙ୍କ ଭିତରେ ପ୍ରକୃତ ଶିକ୍ଷାଦୀକ୍ଷା ନଥିଲା । ସ୍ୱାଧୀନତା ବା ମୁକ୍ତିର ଭାଷା ସେମାନେ ବୁଝିପାରୁ ନଥିଲେ । ଗାନ୍ଧୀ ଭାବିଲେ ଗୋଟାଏ କିଛି ସରଳ କଥା କହି ସେମାନଙ୍କ ଆଗରେ ଏମିତି ଛୋଟ ଜିନିଷଟିଏ ରଖିଦେବେ, ଯାହାକୁ ଦେଖିଲେ ଲୋକେ ଜାଣିବେ ଯେ ବିଦେଶୀ ସରକାର ଆମକୁ ଶୋଷଣ କରୁଛି ଓ ସେହି ଶୋଷଣରୁ ରକ୍ଷା ପାଇବାକୁ ହେଲେ ଏହାକୁହିଁ ଆଦର କରିବା ଦରକାର ।

ଆମ ଦେଶରେ ପୂର୍ବେ ଲୋକେ ଅରଟ ବା ଚରଖାରେ ସୂତା କାଟୁଥିଲେ । ସେହି ସୂତାରେ ଲୁଗା ବୁଣି ପିନ୍ଧୁଥିଲେ । ମହାତ୍ମା ବିଚାରିଲେ ଏଇ



ଅରଟଟି ଥିଲା ପରାଧୀନ ଭାରତରେ 'ମୁକ୍ତିର ରୂପ' । ମହାତ୍ମା ଗାନ୍ଧୀ ଏହି ସାଧାରଣ, ସରଳ ଯନ୍ତ୍ରଟିକୁ ଜାତୀୟ ଚେତନା ଭଳି ଗୋଟିଏ ଅତି ଜଟିଳ ଚିନ୍ତାଧାରାର ପରିପ୍ରକାଶ ଭାବେ ଭାରତବାସୀଙ୍କ ଆଗରେ ରଖିଦେଇ ପାରିଥିଲେ ।

ଗୋଟିକୁ ଲୋକଙ୍କ ଆଗରେ ରଖିବେ ଓ କହିବେ ଏଇଟି ହେଉଛି ''ମୁକ୍ତିର ରୂପ'' । ଇଂରେଜମାନେ ଏ ଦେଶକୁ ଆସିଲା ପରେ ଅରଟକୁ ଜବରଦସ୍ତ ଲୋପ କରିଦେବାକୁ ଚେଷ୍ଟାକରିଥିଲେ ।କାରଣ ଏ ଦେଶର ଲୋକେ ଯଦି ନିଜେ ନିଜେ ସୂତା କାଟି ଲୁଗା ବୁଣି ପିନ୍ଧିବେ ବିଲାତରୁ ଯେଉଁ ଲୁଗା ଆସୁଛି ତାହା ବିକ୍ରୀ ହେବ କିପରି ? ଭାରତର ଲକ୍ଷ ଲକ୍ଷ ଅରଟକୁ ନଷ୍ଟ କରିଦେଲେ ଯାଇ ବିଲାତର ଗୋଟିଏ ଗୋଟିଏ ଲୁଗାକଳ ବଂଚାଇ ହେବ । ଗାନ୍ଧୀଜୀ ଜୋରଦେଇ କହିଲେ—'ଯଦି ଅରଟ ଫେରି ଆସିବ ବିଦେଶୀ ଶାସନରୂପୀ ଯନ୍ତ୍ର ଦାନବ କବଳରୁ ଆମକୁ ରକ୍ଷା କରିହେବ । ଏ ଦେଶରେ କୋଟିଏ ଲୋକ ଯଦି ଏକାବେଳେକେ ସୂତା କାଟିବେ ଭାରତକୁ ସ୍ୱାଧୀନ କରିଦେବେ ।'

ଲୋକଙ୍କ ମନକୁ ତାଙ୍କ କଥା ପାଇଲା । 'ଘରେ ଘରେ ଚଳା ଅରଟ—ଅରଟଟି ଭାଇ ମୁକତି ବାଟ' ବୋଲି ଓଡ଼ିଶାର ଗାଁ ଗହଳରେ ଲୋକେ ସେତେବେଳେ ବୋଲି ଉଠିଲେ । ଲୋକଙ୍କ ଭିତରେ ଗୋଟିଏ ଆନନ୍ଦ ଖେଳିଗଲା । ଅରଟରେ ସୂତା କାଟି ଯେଉଁ ଲୁଗା ବୁଣା ହେଲା ତାକୁ ସେ ସମୟରେ ଯିଏ ପିନ୍ଧିଲା ସିଏ ବିଗ୍ରିଲା ଯେ ମୁକ୍ତିର ପୋଷାକ ପିନ୍ଧିଛି । ଲୋକଙ୍କ ଭିତରେ ସ୍ୱଦେଶୀ ଭାବନା ଖେଳିଗଲା । ଦେଶୀ କାରିଗରଙ୍କ ହାତର ଜିନିଷ କିଣିବା ପାଇଁ ଲୋକଙ୍କର ମନ ହେଲା ।

ପ୍ରଥମେ ପ୍ରଥମେ ପୁରୁଣାକାଳିଆ ଅରଟରେ ଲୋକେ ସୂତା କାଟିବା ଆରମ୍ଭ କଲେ । ଖଣ୍ଡେ ବାଉଁଶ, କେତେ 'ହାତ' ଲମ୍ବର ସୂତା ଓ ଖଣ୍ଡେ ଲୁହା ତାର ହେଲେ ଅରଟଟିଏ ତିଆରି ହୋଇଗଲା । ମଜବୁତ ହେବ ବୋଲି କ୍ରମେ କାଠ ଅରଟ ବାହାରିଲା ଓ ପରେ ଦୂରକୁ ବହି ନେବା ପାଇଁ ବାକ୍ସ ଚରଖା ବାହାରିଲା । ତା ପଛକୁ ଆସିଲା ଅମ୍ବର ଚରଖା । ଏ ଗୁଡ଼ିକ ହେଉଛି ଅରଟର ଭିନ୍ନ ଭିନ୍ନ 'ଟେକ୍‌ନୋଲଜୀୟ' ରୂପ ।

***ସମ୍ବନ୍ଧୀୟ ବିଷୟ***
*ଅର୍ଥନୀତି, ମହାତ୍ମା ଗାନ୍ଧୀ, ଖଦଡ଼, ଭାରତୀୟ ସ୍ୱାଧୀନତା ଆନ୍ଦୋଳନ, ଜାତୀୟ ଚେତନା, ବସ୍ତ୍ର, କୁଟୀର ଶିଳ୍ପ*

▷ ▷

## ଅରଣ୍ୟ

ପ୍ରକୃତି ଯେତେବେଳେ ମାଟି ତିଆରି କଲା ସେତେବେଳେ ଗୋଟିଏ କଥା ଲକ୍ଷ୍ୟକଲା । ବର୍ଷା, ପାଣି ଓ ପବନ ସେହି ମାଟିକୁ ସ୍ଥିର କରି ରଖି ଦେଉନାହାନ୍ତି । ପାଣି ତାକୁ ବୋହିନେଇ ଯାଉଛି । ଜୋର ପବନ ହେଲେ ମାଟିର ଉପର ଅଂଶକୁ ଉଡ଼େଇ ନେଉଛି । ଏହି ଦୁଇ ବିପଦରୁ ରକ୍ଷା କରିବା ପାଇଁ ତେଣୁ ମାଟି ଉପରେ ଛୋଟ ବଡ଼ ନାନା ପ୍ରକାରର ଗଛ ଲଗାଇଦେଲା । ସେଇଥିପାଇଁ, ଗୋଟାଏ ମାଟି ସଡ଼କ ତିଆରି କଲାବେଳେ ତାହାର ଦୁଇ ପାଖରେ ଘାସ ଚେକା ସବୁ ଛାଇ ଦିଆଯାଏ । ତାହେଲେ ବର୍ଷା ତାକୁ ଧୋଇନେଇପାରିବ ନାହିଁ । ବଡ଼ ବଡ଼ ପଡିଆ ଉପରେ ଘାସ ଛାଇ ହୋଇ ରହିଛି । କିନ୍ତୁ ଏତିକି କରି ପ୍ରକୃତିର ମନ ସନ୍ତୁଷ୍ଟ ହେଲାନାହିଁ । ଶେଷରେ ସେ ଏହି ଉଦ୍‌ଭିଦ ବା ଗଛ ସବୁ ସୃଷ୍ଟି କରିଦେଲା । ଗୋଟାଏ ଗୋଟାଏ ଅଞ୍ଚଳରେ କିଲୋମିଟର କିଲୋମିଟର ଧରି ବଡ଼ ବଡ଼ ଗଛ ରହିଗଲେ । ତାକୁ କୁହାଗଲା ଅରଣ୍ୟ । ବଡ଼ ଗଛର ଚେର ମାଟି ଭିତରକୁ ଏମିତି ଭାବରେ ପଶିଗଲା ଯେ ତାକୁ ମଜବୁତ କରି ବାନ୍ଧି ରଖିପାରିଲା । ଗଛ ଚେର ଯେଉଁବାଟେ ମାଟି ଭିତରକୁ ଯାଇଛି ସେହିବାଟେ ବର୍ଷା ପାଣି ଭୂଇଁ ତଳକୁ ଗଲା ଓ ଗୋଟାଏ ବଡ଼ ଅଞ୍ଚଳରେ ମାଟିତଳ ଜଳଭଣ୍ଡାର ସୃଷ୍ଟି ହୋଇଗଲା । ପରେ ସେହି ଜଳ କୌଣସି କୌଣସି ସ୍ଥାନରେ ଉପରକୁ ଉଠି ଝରଣା ସବୁ ତିଆରି କରିଦେଲା ।

ଅରଣ୍ୟରେ ଥିବା ଗଛର ପତ୍ର ଫୁଲ, ଫଳ ଇତ୍ୟାଦି ତଳେ ପଡ଼ିଲାରୁ ସେଗୁଡ଼ିକ କ୍ରମେ ଖତ ପାଲଟିଗଲା ଓ ଜଙ୍ଗଲ ମାଟି ଉର୍ବର ହୋଇଗଲା । ମାଟିରେ ଯେତେବେଳେ ମଞ୍ଜି ପଡ଼ିଲା ନୂଆ ନୂଆ ଗଛ ଭଲ ଭାବରେ ବଢିଲା । ପ୍ରକୃତି ବିଗ୍ରିଲା ଗଛ କେବଳ ଗୋଟିଏ କାମ କାହିଁକି କରିବ । ସେଥିରେ ଭଲ ଫଳ ସବୁ ହେବ—ଜୀବଙ୍କ ଖାଦ୍ୟ ହେବ । ଯେଉଁଠି ଘନ ଜଙ୍ଗଲ ଅଛି ସେଠୁ ଗଛକୁ କାଟି କାଠ ବାହାର କରାଯିବ, ଅବଶ୍ୟ ଯେଭଳି ମୂଳ ଜଙ୍ଗଲର କ୍ଷତି ନ ହୁଏ । ସେଥିରେ ଘରଦ୍ୱାର ତ ତିଆରି ହେବ, ଆହୁରି ଅନେକ କାମରେ କାଠ ଲାଗିବ । ଜଙ୍ଗଲର କାଠ, ଫୁଲ, ଫଳକୁ ଲୋକେ ନାନା ଭାବରେ ବ୍ୟବହାର କଲେ । ଆଉ ଗୋଟିଏ ଦାୟିତ୍ୱ ତ ଗଛକୁ ପ୍ରକୃତି ଦେଇଛି । ପବନରେ ଯେଉଁ ଅଙ୍ଗାରକାମ୍ଳ ଅଛି ତାକୁ ଗଛର ପତ୍ର ଗୋଟାଏ ବିଚିତ୍ର ପ୍ରକାରରେ ରାନ୍ଧି ଫଳ, ମୂଳ, କାଠ ଉପରେ ରଖିଦେଲା ଓ ତାହା ସହିତ ମିଶିକରି ଥିବା ଅମ୍ଳଜାନକୁ ପୁଣି ଆକାଶକୁ ଛାଡ଼ିଦେଲା । ଫଳରେ ଆକାଶର ଜୀବନ ସୃଷ୍ଟି ଶକ୍ତି ବଢ଼ିଗଲା । ପୃଥିବୀରେ ଜୀବନ ଉପଯୋଗୀ ପରିବେଶ ଏହାଦ୍ୱାରା ଠିକ୍ ରହିପାରିଲା । ଏତେ ଗୁଡ଼ାଏ କାମ ଅରଣ୍ୟ ଉପରେ ଦିଆଯାଇଥିବାରୁ ତାହା କେତେ ଉପକାରୀ ସେକଥା ସମସ୍ତେ ବୁଝିଗଲେ ।

କ୍ରମେ ନାନା ଜାତିର ଜୀବଜନ୍ତୁ ଅରଣ୍ୟ ଭିତରେ ରହିଗଲେ । ସେମାନେ ଅରଣ୍ୟ ତଳୁ ଆରମ୍ଭ କରି ଗଛ ଉପର ପର୍ଯ୍ୟନ୍ତ ସବୁଠାରେ ଆଶ୍ରୟ ସ୍ଥଳ ସୃଷ୍ଟି କରିଦେଲେ । ସେହିସବୁ ଜୀବଙ୍କ ଭିତରୁ କେତେକଙ୍କୁ ମାରି ମଣିଷ ତାହାର ଖାଦ୍ୟ ଅଭାବ ମେଣ୍ଟାଉଥିଲା । ସେଥିରୁ ଜଣାପଡ଼ିଯିବ ପୃଥିବୀର ବହୁ ଅଞ୍ଚଳରୁ ଯଦି ଅରଣ୍ୟ ଲୋପ ପାଇଯିବ ତେବେ ଇକୋଲଜି ନଷ୍ଟ ହୋଇଯାଇ କେତେ ପ୍ରକାରର କ୍ଷତି ହେବ । ପୂର୍ବେ ବହୁ ଅଞ୍ଚଳରେ ଘନ ଜଙ୍ଗଲ ଥିଲା । ଲୋକ ଚାଷ କରିବେ ବୋଲି ସେ ସବୁର ବହୁ ଅଂଶ ସଫା କରିଦେଲେ । ଏବେ ଦେଖାଯାଉଛି ଯେଉଁସବୁ ଅଞ୍ଚଳରେ ଉପର ମୁଣ୍ଡରେ ଅରଣ୍ୟ ନାହିଁ ସେହି ଅଞ୍ଚଳର ମାଟି ଆସି ବଡ଼ ବଡ଼ ଜଳଭଣ୍ଡାରକୁ ପୋତି ଦେଉଛି । ହୀରାକୁଦ ଜଳଭଣ୍ଡାରର କ୍ରମେ ସେହି ଅବସ୍ଥା ହେଉଛି ବୋଲି ନିକଟରେ ପ୍ରକାଶ ପାଇଛି । ପାଣି ସାଙ୍ଗରେ ଗୁଡ଼ାଏ ମାଟି ଆସି ନଈସବୁକୁ ମଧ୍ୟ କ୍ରମେ କ୍ରମେ ପୋତି ଦେଉଛି । ତେଣୁ ଅଳ୍ପ ବର୍ଷା ହେଲେ ବନ୍ୟା ହୋଇଯାଉଛି ।

ପୃଥିବୀର ଭିନ୍ନ ଭିନ୍ନ ଅଂଶରେ ଭିନ୍ନ ଭିନ୍ନ ପ୍ରକାରର ଜଙ୍ଗଲ ରହିଛି । ଜଳବାୟୁ, ମାଟି ଓ ସେହି ଅଞ୍ଚଳର ସମୁଦ୍ର ପତ୍ତନଠାରୁ ଉଚ୍ଚତା ଉପରେ ନିର୍ଭର କରୁଛି କେଉଁ ଅଞ୍ଚଳରେ କି ପ୍ରକାରର ଜଙ୍ଗଲ ହେବ । ଗ୍ରୀଷ୍ମମଣ୍ଡଳୀୟ ଇଲାକାରେ ଘନ ଜଙ୍ଗଲ ରହିଥାଏ । ଯେଉଁ ସ୍ଥାନରେ ଖରାଦିନେ ହାରାହାରି ୧୦°ସେଲ୍‌ସିଅସ୍ ଉତ୍ତାପ ହୁଏ ଓ ବର୍ଷକୁ ୨୦୦ ମିଲିମିଟରରୁ ଅଧିକ ବର୍ଷା ହୁଏ, ସେଠାରେ ସାଧାରଣତଃ ଅରଣ୍ୟ ସୃଷ୍ଟି ହୁଏ ।

ପ୍ରକୃତି ପାଣି, ପବନ, ଜଳବାୟୁ ମାଟି ଇତ୍ୟାଦିକୁ ସୁଚିନ୍ତିତ ଢ଼ଙ୍ଗରେ, ଚମତ୍କାର ଭାବରେ ସଜାଇ ରଖି ମନୁଷ୍ୟର, ଜୀବଜଗତର ଉପକାର ପାଇଁ ଯେଉଁ ବ୍ୟବସ୍ଥା କରିଛି ତାହା ବିଗିଡ଼ିଯିବ ଯଦି ପୃଥିବୀର ଅରଣ୍ୟ ଲୋପ ପାଇଲା ଅବସ୍ଥାକୁ ଆସିଯିବ । ପକ୍ଷୀ, ଜୀବଜନ୍ତୁ, କୀଟପତଙ୍ଗ ଅରଣ୍ୟ ସୃଷ୍ଟିରେ ବହୁତ କିଛି ସାହାଯ୍ୟ କରୁଛନ୍ତି । ବଡ଼ ଅଞ୍ଚଳରେ ବହୁ ସଂଖ୍ୟାରେ ବଡ଼ ଗଛ ଥିଲେ ତାକୁ ଅରଣ୍ୟ ବୋଲି କୁହାଗଲାବେଳେ ଯଦି ବୁଦା ବୁଦା ହୋଇ ଛୋଟ ଛୋଟ ଗଛ ଗୋଟିଏ ଅଞ୍ଚଳରେ ଅଛି ତାକୁ ବୁଦା ଜଙ୍ଗଲ ବୋଲି କୁହାଯାଏ ।

ବହୁ ଲୋକଙ୍କୁ ବହୁଭାବେ ଜୀବିକା ଯୋଗାଇବା ସଙ୍ଗେ ସଙ୍ଗେ ଅରଣ୍ୟ ବହୁ ଶିଳ୍ପ, କଳକାରଖାନା ସୃଷ୍ଟି କରିଛି । କାଠଚିରା କରତକଳରୁ ଆରମ୍ଭ କରି କାଠରୁ କାଗଜ ତିଆରି ପାଇଁ ବଡ଼ ବଡ଼ କାଗଜ କଳ ରହିଛି । ଭଲ କାଠରୁ ଭଲ କାଗଜ ବାହାରେ । କେବଳ ଖବରକାଗଜମାନେ ଯେତିକି କାଗଜ କାମରେ ଲଗାଉଛନ୍ତି ସେଇତକ ଅଭାବ ମେଣ୍ଟାଇବା ପାଇଁ ହଜାର ହଜାର ଏକର ଜମିରୁ ଗଛ କାଟିବାକୁ ପଡୁଛି । ପୃଥିବୀର କେତେକ ଦେଶର ଲୋକେ ସମ୍ପୂର୍ଣ୍ଣ ଭାବେ ଅରଣ୍ୟର ଦାନ ଉପରେ ନିର୍ଭର



ଜଳବାୟୁ ଓ ସୌର ବିକିରଣ ପ୍ରଭାବକୁ ନେଇ ପୃଥିବୀ ପୃଷ୍ଠରେ ଅରଣ୍ୟ ସବୁ ସୃଷ୍ଟି ହୋଇଛି । ବାମପଟେ ଟାଇଗା ଅରଣ୍ୟ, ମଝିରେ ଅସ୍ଥାୟୀ ବା ପତ୍ରମୋଚୀ ଅରଣ୍ୟ ଓ ଡାହାଣରେ ଗ୍ରୀଷ୍ମମଣ୍ଡଳୀୟ ବୃଷ୍ଟିଜ ଅରଣ୍ୟରେ ଦେଖାଯାଉଥିବା ଉଦ୍‌ଭିଦରାଜିର ତୁଳନାତ୍ମକ ଚିତ୍ର ।

କରି ଚାଲିଯାଉଛନ୍ତି । ପୃଥିବୀ ପୃଷ୍ଠରୁ ମଣିଷ ଯେଉଁଭଳି ଭାବରେ ଅରଣ୍ୟ ସମ୍ପଦ ଲୋପ କରିବାରେ ଲାଗିଛି, ସେଭଳି କରି ଚାଲିଲେ ଆଉ ଅଳ୍ପ କେତେ ଶତାବ୍ଦୀ ଭିତରେ ସମଗ୍ର ପୃଥିବୀର ପୃଷ୍ଠ ଅନାବୃତ୍ତ ହୋଇଯିବ ବୋଲି ଆଜି ସନ୍ଦେହ ପ୍ରକାଶ ପାଇଲାଣି ।

ଆଜି ଆମେ ପୃଥିବୀରେ ଯେଉଁ ଅରଣ୍ୟ ଦେଖୁଛୁ ଓ ସେହିସବୁ ଅରଣ୍ୟରେ ଯେଉଁ 'ବିଶାଳ' ବୃକ୍ଷସବୁ ରହିଛି, ତାହା ତୁଳନାରେ ବହୁ ବଡ଼ ବଡ଼ ଅରଣ୍ୟ ଓ ଖୁବ୍ ବଡ଼ ବଡ଼ ଗଛ ଦିନେ ପୃଥିବୀରେ ଥିଲା । କାଳକ୍ରମେ ସେଗୁଡ଼ିକ ଧ୍ୱଂସ ହୋଇ ଧରିତ୍ରୀ ଗର୍ଭରେ କୋଇଲା ରୂପରେ ସାଇତି ହୋଇଯାଇଛନ୍ତି । ଏଇ ଅଳ୍ପ କେତେହଜାର ବର୍ଷ ତଳେ ପୃଥିବୀରେ ଅରଣ୍ୟ-ସଂପଦର ମାତ୍ରା କେତେ ଥିଲା, ପୁରାଣ, ଶାସ୍ତ୍ର ବର୍ଣ୍ଣନାରୁ ତା'ର ପରିଚୟ ମିଳିଯାଉଛି । ଆଧୁନିକ ଯୁଗରେ ଯେଉଁ 'ଦଣ୍ଡକାରଣ୍ୟ'ର କଥା କୁହାଯାଉଛି ତାହା ଦିନେ ଗଙ୍ଗାନଦୀଠାରୁ ଗୋଦାବରୀ ନଦୀ ଭିତରେ ଥିବା ଗୋଟାଏ ବିସ୍ତୀର୍ଣ୍ଣ ଅଞ୍ଚଳରେ ବ୍ୟାପୀ ରହିଥିଲା । ଆଜି ମଧ୍ୟ ପୃଥିବୀର କେତେକ ଅଞ୍ଚଳରେ ସେଭଳି ବିଶାଳ ଅରଣ୍ୟ ରହିଛି; କିନ୍ତୁ ତା'ର ଭବିଷ୍ୟତ ବିଷୟରେ ସମସ୍ତେ ସନ୍ଦିହାନ ।

ଅରଣ୍ୟ ହିଁ ହେଲା କୃଷିର ମୂଳ ଆଧାର ତଥା ଉତ୍ସ । ସେଥିପାଇଁ ପଣ୍ଡିତମାନେ ଅରଣ୍ୟ ଓ କୃଷିର ତୁଳନା ବେଳେବେଳେ କରିଥା'ନ୍ତି ଉଭୟଙ୍କର ଅର୍ଥନୈତିକ ମୂଲ୍ୟ ବିଷୟରେ ଜାଣିବା ପାଇଁ । କୃଷିରେ ଗଛ ଲଗାଇବାକୁ ପଡ଼େ ଓ ଯୋଜନା ବାହାରେ ଗଛ ଉଠିଲେ ତାକୁ ଉପାଡ଼ି ଦେବାକୁ ହୁଏ । ଅରଣ୍ୟରେ କିନ୍ତୁ ଜଣକୁ ଗଛ ଲଗାଇବାକୁ ପଡୁନାହିଁ—ଆପେଆପେ ପ୍ରାକୃତିକ ଉପାୟରେ ସେଠି ଗଛ ଉଠିଯାଉଛି ଓ ସେହି ଗଛ ବଢ଼ିବା ନିମନ୍ତେ କୌଣସି ପ୍ରକାର ସାର, ପିଡ଼ିଆର ଆବଶ୍ୟକତା ଦେଖାଦେଉନାହିଁ । କୃଷିର ଯୋଜନା ଅଳ୍ପକାଳ ପାଇଁ କରାଯାଉଥିଲା ବେଳେ ଅରଣ୍ୟର ଯୋଜନା ଅତ୍ୟନ୍ତ ଦୀର୍ଘସ୍ଥାୟୀ । କୃଷି ପ୍ରତିବର୍ଷ ମୃତ୍ତିକାର ଉର୍ବରତା ହ୍ରାସ କରୁଥିଲା ବେଳେ ଅରଣ୍ୟ କିନ୍ତୁ ଉର୍ବରତା ବୃଦ୍ଧି କରେ । କୃଷି ପ୍ରାକୃତିକ ଉପଗ୍ରହ ଗୁଡ଼ିକୁ ସୁଯୋଗ ଦେଇଦିଏ ମୃତ୍ତିକା କ୍ଷୟ କରିବା ପାଇଁ—ଅରଣ୍ୟ କିନ୍ତୁ ଏହାର ବିପରୀତଟି ହିଁ କରୁଛି । ଏହିସବୁ କାରଣ ସହିତ ଅନ୍ୟ କେତେକ କାରଣର ଉଲ୍ଲେଖ କରି ତେଣୁ ପଣ୍ଡିତ ମାନେ କହୁଛନ୍ତି ଯେ ମାନବ ସମାଜ

ନିମନ୍ତେ ଦୀର୍ଘକାଳୀନ ଉପକାରର ପ୍ରକୃତ ଭିତ୍ତି ହେଲା ଅରଣ୍ୟ ।

ବଣ-ଜଙ୍ଗଲର ଯତ୍ନ ନିଆଯାଇ ପାରି ନ ଥିଲା ବୋଲି ପୃଥିବୀପୃଷ୍ଠରୁ କେତେ ସଭ୍ୟତା ଲୋପପାଇ ଯାଇଛି । ଇରାକ, ଇରାନ, ପାଲେଷ୍ଟାଇନ ଓ ସିରିଆ ଭଳି ମରୁ ଅଞ୍ଚଳରେ ଦିନେ ଅରଣ୍ୟ ଭରି ରହିଥିଲା । ଭାରତ ତଥା ପୃଥିବୀର ପ୍ରାୟ ଅନ୍ୟ ସବୁ ମହାଦେଶରେ ଥିବା ମରୁଭୂମି ଗୁଡ଼ିକ ଅରଣ୍ୟ ପ୍ରତି ମନୁଷ୍ୟର ଅବିଗ୍ରରର ସାକ୍ଷ୍ୟ ଦେଉଛନ୍ତି; ଅବଶ୍ୟ ଏଥି ନିମନ୍ତେ ଅନ୍ୟ କେତେକ ପ୍ରାକୃତିକ କାରଣ ମଧ୍ୟ ଦାୟୀ । ସେଇଥିପାଇଁ ବୃକ୍ଷରୋପଣ କରି ବୃକ୍ଷସଂପଦ ବଢ଼ାଇବା ଓ ନୂତନ ଅରଣ୍ୟ ସୃଷ୍ଟି କରିବା ପାଇଁ ପୃଥିବୀର ବିଭିନ୍ନ ଅଞ୍ଚଳରେ ଅନୁଷ୍ଠାନମାନ ଗଢ଼ି ଉଠୁଛି । ଆହୁରି ମଧ୍ୟ, ମନୁଷ୍ୟ ଯେ କେବଳ ବନକୁ ନଷ୍ଟ କରେ ତାହା ନୁହେଁ; ବନାଗ୍ନି ଭଳି ସଂପୂର୍ଣ୍ଣ ପ୍ରାକୃତିକ କାରଣ ମଧ୍ୟ ଏଥିପାଇଁ ଦାୟୀ ଓ ସେଭଳି କାରଣର ପ୍ରତିକାର ନିମନ୍ତେ ଆଜି ପୃଥିବୀବ୍ୟାପୀ ଉଦ୍ୟମ କରାଯାଉଛି ।

ଭୂପୃଷ୍ଠରେ ପ୍ରଥମେ କେବେ 'ଆଧୁନିକ' ଜଙ୍ଗଲ ସବୁ ସୃଷ୍ଟି ହେଲେ, ତାହା ସଠିକ ଭାବରେ 'ପଣ୍ଡିତମାନେ କହିପାରୁନାହାନ୍ତି । ବର୍ତ୍ତମାନର ପୃଥିବୀରେ ମାଲୟ ଦେଶରେ ଥିବା ବୃଷ୍ଟିଜ ବନ ସବୁଠାରୁ ପୁରୁଣା ବୋଲି କୁହାଯାଉଛି । ମାଲୟ ଜଙ୍ଗଲର ବୟସ ଏତେ ବେଶୀ ଯେ ତା ତୁଳନାରେ ଆଫ୍ରିକାର କଙ୍ଗୋ କିମ୍ବା ଦକ୍ଷିଣ ଆମେରିକାର ଆମାଜୋନ ଅରଣ୍ୟ ଗୁଡ଼ିକର ବୟସ ତୁଳନାତ୍ମକ ଭାବେ ଖୁବ୍ କମ୍ । କେତେକଙ୍କ ମତରେ ପୃଥିବୀର ଅନ୍ୟ କୌଣସି ଅଂଶରେ ଏକାଦିକ୍ରମେ କୋଟିଏ ବର୍ଷ ଲାଗି ଏକା ଅରଣ୍ୟ ବଞ୍ଚି ନଥିବା ସ୍ଥଳରେ ମାଲୟ ଜଙ୍ଗଲର ଆୟୁଷ ହେଉଛି ପ୍ରାୟ ୧୦ କୋଟି ବର୍ଷ ।

***ସମ୍ବନ୍ଧୀୟ ବିଷୟ***

*ଉଦ୍‌ଭିଦବିଜ୍ଞାନ, ପୃଥିବୀ, ଜୀବଜଗତ, ଆଲୋକ, ବାୟୁମଣ୍ଡଳ, ଋତୁ, ନଦୀ, କାଠ, ଔଦ୍ୟୋଗିକ ବ୍ୟବସ୍ଥା, ମାନବ ସଭ୍ୟତା, ଟେକ୍‌ନୋଲଜି, ଜଳବାୟୁ, ଇକୋଲଜି, ପରିବେଶ, ଇକୋସିଷ୍ଟମ, ମରୁଭୂମି, ସଭ୍ୟତା, ପୁରାଣ-ଶାସ୍ତ୍ର, ପରମ୍ପରା, ଉପନିଷଦ, ସଂରକ୍ଷଣ, କୃଷି, ସଭ୍ୟତା ଓ ଆହୁରି ଅନେକ ବିଷୟ*

▷ ▷

## ଅରବିନ୍ଦ ଘୋଷ
(୧୮୭୨-୧୯୫୦)

ଭାରତକୁ ବିଦେଶୀ ଶାସନ କବଳରୁ ମୁକ୍ତ କରିବା ପାଇଁ ପ୍ରଥମେ ପ୍ରଥମେ ଯେଉଁ ଅଳ୍ପ କେତେଜଣ ସାହସ ଦେଖାଇ ପଦାକୁ ବାହାରି ଆସିଥିଲେ



ଅରବିନ୍ଦ ଘୋଷ

ଅରବିନ୍ଦ ଘୋଷ ସେମାନଙ୍କ ଭିତରୁ ଜଣେ । ବହୁ ବର୍ଷ ପୂର୍ବେ ୧୯୦୮ରେ ତାଙ୍କୁ ବ୍ରିଟିଶ ସରକାର ନେଇ ଜେଲ ଭିତରେ ରଖିଦେଲେ । 'ବନ୍ଦେ ମାତରମ୍' ବୋଲି ଗୋଟିଏ କାଗଜର ସମ୍ପାଦକ ଥାଇ ସେ ଏଭଳି ଲେଖାସବୁ ଲେଖିଥିଲେ ଯେ ବହୁ ବିପ୍ଳବୀ ଯୁବକ ତାଙ୍କୁ ସେମାନଙ୍କର ନେତା ବୋଲି ସ୍ୱୀକାର କରିଗଲେ । ଜେଲ ଭିତରେ ଥିଲାବେଳେ ଅରବିନ୍ଦଙ୍କ ମନରେ କେତେଗୁଡ଼ିଏ ନୂଆ କଥା ଖେଳିଲା । ସେଥିରୁ କେତୋଟିକୁ ସେ ବୁଝି ମଧ୍ୟ ପାରିଲେ ନାହିଁ ବୋଲି କହିଛନ୍ତି । ତେଣୁ ଜେଲରୁ ଖଲାସ ହେଲାପରେ ଆଧ୍ୟାତ୍ମ-ଚର୍ଚ୍ଚା ଆଡ଼େ ମନ ଦେଲେ । ଇଂରେଜ ସରକାର ହୁଏତ ତାଙ୍କୁ ପୁଣି ନେଇ ଜେଲ ଭିତରେ ରଖିଦେବ, ସେକଥା ଆଶଙ୍କା କରି ସେ ଗ୍ଲଲିଗଲେ ପଣ୍ଡିଚେରୀକୁ । କାରଣ ସେତେବେଳେ ତାହା ଫରାସୀ ମାନଙ୍କ ଅଧୀନରେ ଥାଏ ।

ସେଇଠି ସେ ଗୋଟାଏ ଆଶ୍ରମ ପ୍ରତିଷ୍ଠା କରି ଯୋଗ ସାଧନା କଲେ । ବିପ୍ଳବୀ ଅରବିନ୍ଦ କ୍ରମେ ଦାର୍ଶନିକ ଅରବିନ୍ଦ ଭାବରେ ପରିଚିତ ହେଲେ ଓ ତାଙ୍କୁ ଶ୍ରୀଅରବିନ୍ଦ ବୋଲି କୁହାଗଲା । ପଣ୍ଡିଚେରୀ ଆଶ୍ରମ କଥା କ୍ରମେ ବିଦେଶରେ ମଧ୍ୟ ଲୋକେ ଜାଣିଲେ । ସେ ବହୁସଂଖ୍ୟାରେ ବହି ଲେଖିଛନ୍ତି । ସେଗୁଡ଼ିକ ପ୍ରଥମେ ଇଂରାଜୀରେ ଲେଖିଥିଲେ ଓ ପରେ ଅନ୍ୟ ଭାଷାକୁ ଅନୁବାଦ ହେଲା । ଭାରତରେ ଓ ଭାରତ ବାହାରେ ତାଙ୍କର ବହୁ ଶିଷ୍ୟ ଥିଲେ । ତାଙ୍କୁ ଯେତେବେଳେ ମାତ୍ର ସାତବର୍ଷ ବୟସ ସେତେବେଳେ ସେ ବିଲାତ ଯାଇଥିଲେ ଓ ସେଠାରେ ଗ୍ରୀକ, ଲାଟିନ ଭାଷା ଶିଖିଥିଲେ । ପରେ ବରୋଦା ରାଜ୍ୟରେ ଗ୍ଲକିରୀ କରିଥିଲେ; ୧୯୦୬ ମସିହାରେ ବଙ୍ଗଭଙ୍ଗ ଆନ୍ଦୋଳନ ବେଳେ କିନ୍ତୁ ବଙ୍ଗଳା ଗ୍ଲଲିଆସିଲେ ।

***ସମ୍ବନ୍ଧୀୟ ବିଷୟ***

*ବଙ୍ଗ-ଭଙ୍ଗ ଆନ୍ଦୋଳନ, ପଣ୍ଡିଚେରୀ ଆଶ୍ରମ, ଆଧ୍ୟାତ୍ମବାଦ, ଭାରତୀୟ ଦର୍ଶନ, ବିପ୍ଳବ*

▷ ▷

## ଅରିକ୍‌ସ

ମୃଗ ଜାତୀୟ ଜୀବ । ଆଫ୍ରିକାର ଉତ୍ତର ଅଂଶରେ ଓ ଆରବ ଦେଶର ମରୁଭୂମି ଅଞ୍ଚଳରେ ଏମାନେ ରୁହନ୍ତି । ଏହାର ଶିଙ୍ଗକୁ ଚୂରିଦେଇ ଖାଇଲେ ଲୋକର ବଳ ବଢ଼ିଯିବ ବୋଲି ଧାରଣା ଥିବାରୁ ଏଗୁଡ଼ିକୁ ମନଇଚ୍ଛା ଶିକାର କରାଗଲା । ଶେଷବେଳକୁ ଆରବ ଦେଶରେ ମୋଟେ ତିନୋଟି ରହିଥିଲେ । ସେମାନଙ୍କୁ ଧରି ଯତ୍ନରେ ଚିଡ଼ିଆଖାନାରେ ରଖାଗଲାରୁ ଗୋଟିଏ ଛୁଆ ଜନ୍ମ ହେଲା ଓ କ୍ରମେ ସେମାନଙ୍କ ସଂଖ୍ୟା ଧୀରେ ଧୀରେ ବଢ଼ୁଛି । ସର୍ବଶେଷ ତଥ୍ୟ ଅନୁସାରେ, ଏମାନଙ୍କ ସଂଖ୍ୟା ୨୦୦ରୁ କମ୍ ବୋଲି ଜଣାପଡ଼ିଛି ।



ଅରିକ୍‌ସ

ଅଣ୍ଟିରା, ମାଈ ଅରିକ୍‌ସଙ୍କର ଗୋଟିଏ ପ୍ରକାରର ଶିଙ୍ଗ ଅଛି । ଏହି ଖଡ୍‌ଗ-ଶିଙ୍ଗୀ ଜୀବଗୁଡ଼ିକ ପ୍ରାପ୍ତ ବୟସରେ କାନ୍ଧ ପାଖରେ ୧୦୦-୧୨୫ ସେଣ୍ଟିମିଟର ପର୍ଯ୍ୟନ୍ତ ଉଚ୍ଚା ହୋଇଥା'ନ୍ତି । ସେତେବେଳକୁ ଓଜନ ହୋଇଯାଇଥାଏ ୧୦୦-୨୦୦ କିଲୋଗ୍ରାମ ।

***ସମ୍ବନ୍ଧୀୟ ବିଷୟ***

*ଜୀବଜଗତ, ସଂରକ୍ଷଣ, ଆରବ*

▷ ▷

## ଅରିବି

ଆଫ୍ରିକାର ଦକ୍ଷିଣ ଅଂଶରେ ରହୁଥିବା ହରିଣ ଜାତିର ଗୋଟିଏ ଜୀବ । ଏଗୁଡ଼ିକ ଛୋଟ ଛୋଟ, କିନ୍ତୁ ଖୁବ୍ ଗ୍ଲଲାକ । ଏହାର ରଙ୍ଗ ଏମିତି ଯେ ଲୁଚିକେରି ଶୋଇଥିଲେ ଠାବ କରିବା ସହଜ ନୁହେଁ । ଖୁବ୍ ଜୋରରେ ଦଉଡ଼ିପାରେ । ଅତି ବେଗରେ ଦଉଡ଼ି ପାରୁଥିବାରୁ ଅନେକ ସମୟରେ ବେପରୁଆ ହୋଇ ଶୋଇଥାଏ—ଯଦି ବାଘ ଆସିଗଲା ସେ ଏଭଳି କୁଦାମାରି ଦୌଡ଼େ ଯେ ତାକୁ ଧରିବା ସହଜ ହୁଏ ନାହିଁ ।

***ସମ୍ବନ୍ଧୀୟ ବିଷୟ***

*ଜୀବଜଗତ*

## ଅରୁଣାଚଳ ପ୍ରଦେଶ

ଏଇଟି ହେଲା ଭାରତର ୨୪ ତମ ରାଜ୍ୟ । ୧୯୮୭ ମସିହାରେ ଏହା ପୂର୍ଣ୍ଣାଙ୍ଗ ରାଜ୍ୟ ଭାବରେ ସ୍ୱୀକୃତି ପାଇଲା । ଭାରତରେ ଯେଉଁ ପ୍ରଦେଶ ମାନଙ୍କରେ ଆଦିବାସୀମାନେ ବହୁ ସଂଖ୍ୟାରେ ରୁହନ୍ତି, ଅରୁଣାଚଳ ପ୍ରଦେଶ ସେଥି-ଭିତରୁ ଗୋଟିଏ—ଏଠି ଶହକେ ୭୯ ଜଣ ହେଉଛନ୍ତି ଆଦିବାସୀ ।




ଅରୁଣାଚଳ ପ୍ରଦେଶ

ଭାରତବର୍ଷରେ ଯେତେ ଆଦିବାସୀ ଲୋକ ବାସ କରୁଛନ୍ତି ସେଥିରୁ ବହୁଭାଗ ହେଉଛନ୍ତି ଏହି ରାଜ୍ୟର ଆଦିବାସୀ । ଅରୁଣାଚଳ ପ୍ରଦେଶରେ ପ୍ରାୟ ୨୦ ଜାତିର ଆଦିବାସୀ ଅଛନ୍ତି । ପ୍ରତ୍ୟେକ ନିଜ ନିଜ ଭାଷାରେ କଥା କୁହନ୍ତି । ଏହି ରାଜ୍ୟର କ୍ଷେତ୍ରଫଳ ୩୨, ୨୭୦ ବର୍ଗମାଇଲ ବା ୮୩, ୭୪୩ ବର୍ଗକିଲୋମିଟର । ୧୯୯୧ ମସିହାରେ ଲୋକସଂଖ୍ୟା ପ୍ରାୟ ୮ ଲକ୍ଷ ୫୮ ହଜାର । ରାଜ-ଧାନୀର ନାମ ଇଟାନଗର । ଏହାର ଉତ୍ତରରେ ଚୀନ, ପଶ୍ଚିମରେ ଭୁଟାନ, ପୂର୍ବରେ ମ୍ୟାନମାର ଓ ଦକ୍ଷିଣରେ ଆସାମ ରହିଛନ୍ତି । ଏଥିରେ ଏଗାରଟି ଜିଲା ଅଛି । ରାଜ୍ୟଟି ପାହାଡ଼ ପର୍ବତରେ ପୂର୍ଣ୍ଣ । ଦୁଇ ତୃତୀୟାଂଶ ଅଞ୍ଚଳରେ ଘଞ୍ଚ ଜଙ୍ଗଲ ରହିଛି । ଧାନ, ମକା, ଗହମ, ମାଣ୍ଡିଆ, ସୋରିଷ ପ୍ରଭୃତି ଚାଷ ହୁଏ । ରାଜଧାନୀ ଇଟାନଗର ପାଖରେ ଇଟା ଫୋର୍ଟ ଗୋଟିଏ ଦର୍ଶନୀୟ ସ୍ଥାନ । ବୁଦ୍ଧଙ୍କ ପ୍ରାଚୀନ ମନ୍ଦିର ଓ ଅଭୟାରଣ୍ୟକୁ ମଧ୍ୟ ବହୁଲୋକ ଆସନ୍ତି ।

***ସମ୍ବନ୍ଧୀୟ ବିଷୟ***

*ଭାରତ, ଚୀନ*

## ଅର୍ଥନୀତି

"ଯେତିକି ଚୂନା ସେତିକି ପିଠା" ଭଳି ଯେଉଁ କଥାଟି କୁହାଯାଏ ତାକୁହିଁ ମୋଟାମୋଟି ଭାବରେ ଅର୍ଥନୀତି ବୋଲି କହିଲେ କିଛି ଭୁଲ ହେବନାହିଁ । ଜମିରୁ କେତେ ଫସଲ ମିଳୁଛି, ଗାଈ ଗୋରୁ ରଖି ସେଥିରୁ ମଝିରେ ମଝିରେ ଗୋଟିଏ ବିକିଦେଲେ କେତେ ଟଙ୍କା ମିଳୁଛି ବା କ'ଣ କଲେ ନିଜର ଟଙ୍କା ପଇସା ଦୃଷ୍ଟିରୁ ଟିକିଏ ଅଧିକ ସୁବିଧା ହୋଇଯିବ ଇତ୍ୟାଦି ବିଷୟରେ ଯେତେବେଳେ ଆଲୋଚନା ଚାଲିଲା ସେତେବେଳେ ପଣ୍ଡିତମାନେ ଏ ସବୁକୁ ବିଚାର କରୁଥିବା ବିଦ୍ୟାର ଗୋଟାଏ ନାଁ ଦେଇଦେଲେ । ପରେ ତାକୁହିଁ ଅର୍ଥନୀତି ବୋଲି କୁହାଗଲା ।

ମଣିଷ ଯେତେବେଳେ ଗୋଟିଏ ଗୋଟିଏ ସ୍ଥାନରେ ବସିଗଲା ସେତେବେଳେ ଦେଖିଲା ଯେ ନିଜର ଯାହା ଲୋଡ଼ା ହେଉଛି ସବୁତକ କରିବାକୁ ଗଲେ ଅସୁବିଧା ହେଉଛି । ଯାହାକୁ ଯେଉଁଟା ଭଲ ଲାଗିଲା ବା ଯେଉଁଟା ଜଣେ ଭଲ କରି କରିପାରିଲା ସେ ସେହି କାମଟାକୁ ଆଦରି ରହିଲା । ଏହାଦ୍ୱାରା ବହୁତ ସୁବିଧା ହେଲା । ଜଣେ ଆଜି କାଠ କାମ କରୁଛି, ଆସନ୍ତାକାଲିକି ହାଣ୍ଡି ଗଢ଼ିଲେ ତାକୁ ପୁଣି ନୂଆକରି ସେ କାମ ଶିଖିବାକୁ ପଡ଼ିବ । ତେଣୁ ସ୍ଥାୟୀ ଭାବେ ବଢ଼େଇ ତା କାମ କଲା ଓ କୁମ୍ଭାର ତା କାମ କଲା । ସେମାନେ ନିଜ ନିଜ ଭିତରେ ଅଦଳ ବଦଳ କରି କିଛି ନେଲେ ବା ବଢ଼େଇ ଅନ୍ୟକୁ ଗୋଟାଏ କାଠ ଜିନିଷ ବିକିଦେଇ ସେହି ପଇସାରେ ହାଣ୍ଡି କିଣି ଆଣିଲା । କ୍ରମେ ଦେଖିଲାବେଳକୁ ଜିନିଷପତ୍ର କାରବାରର ଗୋଟାଏ ଅଦଳ ବଦଳ ବ୍ୟବସ୍ଥା କାମ କରୁଛି ।

ଯେତେବେଳେ ଲୋକେ ଆବଶ୍ୟକତାରୁ ଦୂର ଦୂରାନ୍ତକୁ ଗଲେ ଏହିସବୁ ଜିନିଷ ବିକିବା ପାଇଁ, ସେତେବେଳେ ହାଟ ବଜାର ଗଢ଼ି ଉଠିଲା । ଭିନ୍ନ ଭିନ୍ନ ଜିନିଷ ପାଇଁ ଦୋକାନ ବସିଗଲା । କେଉଁ ଅଞ୍ଚଳରେ କି ପ୍ରକାର ଜିନିଷ ମିଳୁଛି ସେଥିର ଖବର ରଖିବା ପାଇଁ ସମସ୍ତଙ୍କର ମନ ବଳିଲା । ଦୂର ଅଞ୍ଚଳର ଲୋକେ କ'ଣ କିଣିବାକୁ ଇଚ୍ଛା କରୁଛନ୍ତି ସେ ବିଷୟରେ ଖବର ସଂଗ୍ରହ କରାଗଲା । ଏ ସବୁ ଖବର ସଂଗ୍ରହ କଲାପରେ କ'ଣ ତିଆରି କରାଯିବ, କ'ଣ ବିକ୍ରୀ କରାଯିବ, ସେ ବିଷୟରେ ମନ ସ୍ଥିର କରିନେଲେ । ଖର୍ଚ୍ଚ କରିବା, ରୋଜଗାର କରିବା, ଧାର କରିବା, ସଞ୍ଚୟ କରିବା, ଜିନିଷ ତିଆରି କରିବା ଓ ଅଦଳ ବଦଳ କରି ଅଭାବ ମେଣ୍ଟାଇବା ବା ଜିନିଷର ମୂଲ୍ୟକୁ ଟଙ୍କାରେ ଠିକ୍ କରି ବିକିବା ଇତ୍ୟାଦି ବିଷୟରେ ଯେଉଁମାନେ ସ୍ୱତନ୍ତ୍ର ଖବର ରଖିଲେ; କ'ଣ କେମିତି କଲେ ଲାଭହେବ—କ୍ଷତି ହେବ-ନାହିଁ ବୋଲି ବତାଇଲେ, ସେମାନଙ୍କୁ କୁହାଗଲା ଅର୍ଥନୀତିଜ୍ଞ । କ'ଣ କଲେ ଜିନିଷପତ୍ର ଦାମ୍ ବଢ଼ିଯିବ ନାହିଁ; ଘରେ, ସମାଜରେ, ଦେଶରେ କିଭଳି ଭାବରେ କିଣାବିକା ଇତ୍ୟାଦି କଲେ କେହି ଅସୁବିଧାରେ ପଡ଼ିବେ ନାହିଁ ତାହା ମଧ୍ୟ ଏହି ଅର୍ଥନୀତିଜ୍ଞମାନେ କହିଲେ ।

ବିଂଶ ଶତାବ୍ଦୀର ଶେଷବେଳକୁ ଜ୍ଞାନ-ଜଗତରେ ଅର୍ଥନୀତିକୁ ଗୋଟାଏ ବିଜ୍ଞାନ ଭାବରେ ଗ୍ରହଣ କରାଗଲାଣି । ଜାତୀୟ ଓ ଆନ୍ତର୍ଜାତୀୟ ଅର୍ଥନୀତିର ସଫଳ ଆୟୋଜନ ଦ୍ୱାରାହିଁ ଗୋଟାଏ ଦେଶ ତଥା ସମାଜର ଉପଯୁକ୍ତ ବିକାଶ ହୋଇ ପାରିବା ଭଳି କଥା ବର୍ତ୍ତମାନ ଉଠିଲାଣି । ତେଣୁ ମାନବଜ୍ଞାନର ଏହି ବିଭାଗଟି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଉଠିଛି ।

***ସମ୍ବନ୍ଧୀୟ ବିଷୟ***

*ବାଣିଜ୍ୟ, ମୁଦ୍ରା, ଆର୍ଥିକ ବ୍ୟବସ୍ଥା, ଔଦ୍ୟୋଗିକ ବ୍ୟବସ୍ଥା, ବ୍ୟାଙ୍କ, ରାଜନୀତି, ଶାସନ, ଷ୍ଟକ୍ ଏକସ୍‌ଚେଞ୍ଜ, ଖାଉଟୀ, କୃଷି, ପ୍ରାକୃତିକ ବ୍ୟବସ୍ଥା, ଶିକ୍ଷା, ଆନ୍ତର୍ଜାତୀୟ ସଂପର୍କ, ସାମାଜିକ ଅବସ୍ଥା, ସମାଜ, ଗଣତନ୍ତ୍ର, ମାନବ ସଭ୍ୟତା, ଅଂଶଧନ ଓ ଆହୁରି ଅନେକ ବିଷୟ*

## ଅର୍ଦ୍ଧନାରୀଶ୍ୱର

ଶରୀରର ଅର୍ଦ୍ଧେକ ନାରୀ ରୂପ ପାଇଥିବା ଏହି ଦେବତା ହେଲେ ଶିବ ଓ ପାର୍ବତୀଙ୍କ ମିଳିତ ରୂପ । ଭାରତ ତଥା ଦକ୍ଷିଣପୂର୍ବ ଏସିଆର ଅନ୍ୟାନ୍ୟ ଅଞ୍ଚଳରୁ



'ଚୋଳ' ରାଜତ୍ୱ ସମୟର ଏହି ଅର୍ଦ୍ଧ-ନାରୀଶ୍ୱର ପ୍ରତିମାଟି କୁମ୍ଭକୋଣାମ ଠାରେ ରହିଛି ।

ଯେଉଁ ଅର୍ଦ୍ଧନାରୀଶ୍ୱର ମୂର୍ତ୍ତିସବୁ ମିଳିଛି ସେଗୁଡ଼ିକ ଦେଖିବାକୁ ଅତି ସୁନ୍ଦର ତଥା କମନୀୟ । ଏହିସବୁ ମୂର୍ତ୍ତିର ଦକ୍ଷିଣ ପାର୍ଶ୍ୱ ଶିବଙ୍କ ରୂପ ପାଇଥିଲା ବେଳେ ବାମ ପାର୍ଶ୍ୱ ପାର୍ବତୀଙ୍କ ରୂପ ପାଇଛି । କେଶବିନ୍ୟାସ ଠାରୁ ଆରମ୍ଭ କରି କପାଳରେ ଥିବା ତିଳକ ଟୋପା ଓ ଅନ୍ୟାନ୍ୟ ଅଙ୍ଗପ୍ରତ୍ୟଙ୍ଗକୁ ସମଭାଗ କରି ଏଥିରେ ଦେଖାଇ ଦିଆଯାଇଛି ।

ଅଧିକାଂଶ ପଣ୍ଡିତଙ୍କ ମତରେ ଏଭଳି ଗୋଟିଏ ସର୍ଜନା ଧରିତ୍ରୀରେ ନାରୀ ଓ ପୁରୁଷ ଭିତରେ ଥିବା ଅଭିନ୍ନତା କଥାର ସାଙ୍କେତିକ ସୂଚନା ଦେଉଛି । ଶିବପୁରାଣ ଓ ଅନ୍ୟାନ୍ୟ କେତେକ ଶାସ୍ତ୍ରରେ ମଧ୍ୟ ଅର୍ଦ୍ଧନାରୀଶ୍ୱରଙ୍କ ସୃଷ୍ଟି ବିଷୟରେ ନାନା କିମ୍ବଦନ୍ତୀ ରହିଛି ।

***ସମ୍ବନ୍ଧୀୟ ବିଷୟ***

*ଶିବପୁରାଣ, ଶିବ-ପାର୍ବତୀ, ପ୍ରତ୍ନତତ୍ତ୍ୱ*

▷▷

## ଅଲ୍-ଖ୍ୱାରିଜ୍ମି
(ସମ୍ଭବତଃ ୮୦୦-୮୫୦)

ଆରବ ଦେଶର ଏହି ପ୍ରସିଦ୍ଧ ଗଣିତଜ୍ଞଙ୍କ ପୂରା ନାମ ହେଲା ଆବୁ ଜାଫର ମହମ୍ମଦ ଇବ୍ନ ମୁସା ଅଲ୍-ଖ୍ୱାରିଜ୍ମି । ସେ ବାଗଦାଦରେ ରହୁଥିଲେ ଓ ଗଣିତ ବ୍ୟତୀତ ଭୂଗୋଳ ତଥା ଜ୍ୟୋତିର୍ବିଜ୍ଞାନରେ ମଧ୍ୟ ଅପୂର୍ବ ପାରଦର୍ଶିତା ଲାଭ କରିଥିଲେ । ପରେ ତାଙ୍କ କାମ ଯେତେବେଳେ ଲାଟିନ୍‌ରେ ଅନୁବାଦିତ ହେଲା, ସମଗ୍ର ମଧ୍ୟଯୁଗୀୟ ଇଉରୋପର ପଣ୍ଡିତମାନଙ୍କ ଭିତରେ ଚହଳ ପଡ଼ିଗଲା । ତାଙ୍କ ପ୍ରଣୀତ ଅଲ୍-ଜବ୍ର୍ ନାମକ ଗୋଟିଏ ପୁସ୍ତକର ଶୀର୍ଷକରୁ 'ଆଲ୍‌ଜେବ୍ରା' ଶବ୍ଦ ଆସିଛି ।

***ସମ୍ବନ୍ଧୀୟ ବିଷୟ***

*ଆରବଜଗତ, ଗଣିତଶାସ୍ତ୍ର, ବିଜ୍ଞାନର ଇତିହାସ*

▷▷

## ଅଲ୍‌ଟରନେଟିଙ୍ଗ କରେଣ୍ଟ

ସାଧାରଣତଃ 'ଏସି-କରେଣ୍ଟ' ଭାବେ ଜଣା ଏହି ବିଦ୍ୟୁତ୍ ଚାର୍ଜ ବା ଆବେଶ, ଏକ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ତଥା ଗୋଟାଏ ବ୍ୟବସ୍ଥିତ ଢଙ୍ଗରେ, ନିଜର ମୂଳ ଆବେଶ ଦିଗର ବିପରୀତ ଦିଗକୁ ପ୍ରବାହିତ ହୋଇଯାଇଥାଏ । ସାଧାରଣ ବିଦ୍ୟୁତ୍ ବଣ୍ଟନ ବ୍ୟବସ୍ଥା, ଟେଲିଭିଜନ, ରେଡାର ଓ ମାଇକ୍ରୋୱେଭ ସଞ୍ଚରଣ କ୍ଷେତ୍ରରେ ଏହାର ବ୍ୟାପକ ବ୍ୟବହାର ରହିଛି ।

***ସମ୍ବନ୍ଧୀୟ ବିଷୟ***

*ପଦାର୍ଥବିଜ୍ଞାନ, ବିଦ୍ୟୁତ୍, ଟେକ୍‌ନୋଲଜି*

▷▷

## ଅଲ୍‌ବିରୁନି
(୯୭୩-୧୦୪୮)

ଯେତେବେଳେ ମହମ୍ମଦ ଗଜ୍‌ନୀ ଉତ୍ତର ଭାରତ ଆକ୍ରମଣ କରିବାକୁ ଆସିଥିଲେ ସେତେବେଳେ ଏହି ମୁସଲମାନ ପଣ୍ଡିତଙ୍କୁ ସାଙ୍ଗରେ ନେଇଆସିଥିଲେ । ସେ ଭାରତୀୟ ବିଦ୍ୱାନମାନଙ୍କ ପାଦତଳେ ବସିପଡ଼ି ପରେ ମନପ୍ରାଣ ଦେଇ ସଂସ୍କୃତ ଭାଷା ଶିଖିଗଲେ । ହିନ୍ଦୁମାନଙ୍କର ପ୍ରାଚୀନ ସଭ୍ୟତା ଓ ସଂସ୍କୃତି ବିଷୟରେ ଅଲ୍‌ବିରୁନି ଏଭଳି ତନ୍ମୟ ହୋଇ ଉଠିଲେ ଯେ ଭାରତରେ ନିଜ ଜୀବନର ପ୍ରାୟ ଚାଳିଶ ବର୍ଷ କଟାଇଦେଲେ । ଭାରତୀୟ ସଂସ୍କୃତିର ଉଚ୍ଛ୍ୱସିତ ପ୍ରଶଂସାରେ ସେ ଆରବୀ ସାହିତ୍ୟକୁ ଭରି ଦେଇଥିଲେ । ମଧ୍ୟଏସିଆ ଅନ୍ତର୍ଗତ ତୁର୍କିସ୍ତାନର ଖୋୟାରିଜମ୍ ଅଞ୍ଚଳରେ ତାଙ୍କର ଜନ୍ମ ।

***ସମ୍ବନ୍ଧୀୟ ବିଷୟ***

*ଭାରତ, ସଂସ୍କୃତ ଭାଷା, ଆରବୀ ଭାଷା ଓ ସାହିତ୍ୟ*

▷▷

## ଅଲିଭ

ଜନ୍ମ ହେଲାପରେ ପିଲାଟିର ଚମଡାକୁ ଚିକ୍‌କଣ ଓ ସୁସ୍ଥ ରଖିବା ପାଇଁ ତେଲ ମାଲିସ୍ କରାଯାଏ । ତେଲ ନାନା ପ୍ରକାରର ଅଛି । କିନ୍ତୁ ଅଲିଭ ତେଲକୁ ଏଥିପାଇଁ ବେଶୀ ବ୍ୟବହାର କରାଯାଏ । ଏହି ଅଲିଭ ତେଲ ଗୋଟିଏ ଫଳରୁ ବାହାରେ । ଗଛଟିର ନାଁ ମଧ୍ୟ ଅଲିଭ । ମିଶର ବା ଇଜିପ୍ଟ ଦେଶରେ ହଜାର ହଜାର ବର୍ଷ ପୂର୍ବେ ବହୁତ ଅଲିଭ ଗଛ ଥିଲା । ତାହାପରେ ଭୂମଧ୍ୟ ସାଗର କୂଳରେ ବହୁ ଦେଶରେ ଏହି ଗଛ ଲଗାଗଲା ।

ଅଲିଭ ଗଛ (ବାମ),ଫୁଲ (ଉପର), ଅଲିଭ ଫଳ ଓ ପତ୍ର (ତଳ) ।

ଖୁବ୍ ଉର୍ବର ମାଟି ନହେଲେ ଏ ଗଛ ବଢ଼େ ନାହିଁ । ପାଞ୍ଚ ବର୍ଷ ହୋଇଗଲା ବେଳକୁ ଫଳ ଧରେ । କିନ୍ତୁ ପନ୍ଦର କୋଡ଼ିଏ ବର୍ଷ ହେଲେ ଯାଇ ବହୁ ପରିମାଣରେ ଫଳ ହୁଏ । ଅଲିଭରୁ ତେଲ ବାହାରିବା ସଙ୍ଗେ ସଙ୍ଗେ ସେହି ଫଳକୁ ମଧ୍ୟ ଲୋକେ ଖାଆନ୍ତି । ଏହି ତେଲରେ ରନ୍ଧା ହୁଏ ଏବଂ ଔଷଧ ତିଆରିରେ ମଧ୍ୟ ଲାଗେ । ଏଥିରୁ ଭଲ ସାବୁନ ହୁଏ । ଫଳକୁ ସିଧାସଳଖ ନ ଖାଇ ଲୁଣରେ ପକାଇ ଆଚାର ଭଳି କରି ଖାଇଲେ ଭଲଲାଗେ । ଗଛ ଗୁଡ଼ିକ ୩ରୁ ୧୨ ମିଟର ପର୍ଯ୍ୟନ୍ତ ଉଚ୍ଚ ହୋଇଥାଏ । ଗଣ୍ଡିରୁ ଗୁଡାଏ ଡାଳ ବାହାରେ । ଏହି ଗଛର ପତ୍ର ଦେଖିବାକୁ ଏଡ଼େ ସୁନ୍ଦର ଯେ ହଜାର ହଜାର ବର୍ଷ ହେଲା ସାହିତ୍ୟରେ, କବିତାରେ ତାହାର ସୌନ୍ଦର୍ଯ୍ୟ ବର୍ଣ୍ଣନା କରାଯାଇଛି ।

ଗୋଟିଏ ଅଲିଭ ଫଳର ଓଜନ ଯେତିକି ତାହାର ଶତକଡ଼ା କୋଡ଼ିଏରୁ ତିରିଶ ଭାଗ ହେଉଛି ତେଲ । ଏହି ଗଛ ପ୍ରାୟ ଏକ ହଜାର ବର୍ଷ ପର୍ଯ୍ୟନ୍ତ ବଞ୍ଚିକରି ରହିଥାଏ । ଭୂମଧ୍ୟସାଗରୀୟ ଅଞ୍ଚଳର କୃଷକମାନେ ପୁରୁଷ ପୁରୁଷ ଧରି ଅଲିଭ ଚାଷ କରି ଖୁବ୍ ଧନୀ ହୋଇପାରିଛନ୍ତି ।

***ସମ୍ବନ୍ଧୀୟ ବିଷୟ***

*ଉଦ୍‌ଭିଦବିଜ୍ଞାନ, ଔଷଧ, ତୈଳ, ଚମଡ଼ା, କୃଷି*

▷▷

## ଅଲିମ୍ପିକ କ୍ରୀଡ଼ା

ନିଜ ଦେହ ବିଷୟରେ ଯେଉଁ ଯୁଗରୁ ମଣିଷ ଚିନ୍ତା କରିବାକୁ ଆରମ୍ଭ କଲାଣି ସେହି କାଳରୁ ସେ ଗୋଟିଏ କଥା ଲକ୍ଷ୍ୟ କରି ଆସିଛି । ତାହା ହେଲା ମନଟାକୁ ଖାଲି ଭଲ ରଖିଲେ ହେବନାହିଁ, ଦେହଟାକୁ ମଧ୍ୟ ଭଲ ରଖିବାକୁ ପଡ଼ିବ । ଦେହକୁ ଭଲ ରଖିବାକୁ ହେଲେ ଶରୀର ଚର୍ଚ୍ଚା ବା ନାନା ରକମର ବ୍ୟାୟାମ କରିବାକୁ ହେବ । କେବଳ ଚାଲିବା, ଦଉଡ଼ିବା ବା ଡଣ୍ଡ ବୈଠକ କଲେ ଲୋକ ହୁଏତ ସବୁଦିନେ ସେହି କାମ କରିବାକୁ ମନ



ଅଲିମ୍ପିକ କ୍ରୀଡ଼ାର ଇତିହାସ ସହିତ ପୁରାତନ ଗ୍ରୀସ୍ ସଭ୍ୟତା ଅଙ୍ଗାଙ୍ଗୀ ଭାବେ ଜଡ଼ିତ । ପ୍ରାୟ ଖ୍ରୀଷ୍ଟପୂର୍ବ ପଞ୍ଚମ ଶତାବ୍ଦୀରେ ଗୋଟିଏ ସମାଧି ଉପରେ ଅଙ୍କିତ ହୋଇଥିବା ଏହି ଚିତ୍ରରେ ଜଣେ ଆଥ୍‌ଲେଟ୍ "ଏପାରିରୁ ଆରପାରି"କୁ ଡେଇଁ ପଡୁଥିବାର ସାଙ୍କେତିକ ଦୃଶ୍ୟ ।

ବଳାଇବ ନାହିଁ । ତେଣୁ ବ୍ୟାୟାମ କରିବା ପାଇଁ ନାନା ରକମର ଖେଳର ସୃଷ୍ଟି ହୋଇଛି । କିଏ ଭଲ ଖେଳୁଛି, ଶୀଘ୍ର ଶୀଘ୍ର ଦଉଡ଼ି ପାରୁଛି, କୁସ୍ତି କସରତ କରିପାରୁଛି ବୋଲି ଲକ୍ଷ୍ୟ କରି ଯଦି ଯିଏ ସବୁଠାରୁ ଭଲ କଲା ତାକୁ ପୁରସ୍କାର ଦିଆଯାଏ ତେବେ ତାହାର ଉତ୍ସାହ ବଢ଼େ ।

ଗ୍ରୀସ୍ ଦେଶରେ ଆଜିକୁ ପ୍ରାୟ ୨୭୦୦ ବର୍ଷ ପୂର୍ବେ ଖ୍ରୀଷ୍ଟପୂର୍ବ ୭୭୬ ଜୁଲାଇ ମାସରେ ଗୋଟାଏ ନୂଆ କଥା କରାଗଲା । ପୂର୍ବରୁ ଦିନ ଧାର୍ଯ୍ୟ କରି ବହୁ ଯୋଗ୍ୟ ଲୋକଙ୍କୁ ଅଲିମ୍ପିଆ ବୋଲି ଗୋଟିଏ ସ୍ଥାନକୁ ଡକାଗଲା । ଖେଳାଳୀ, ଲେଖକ, କବି, ଚିତ୍ରଶିଳ୍ପୀ, ମୂର୍ତ୍ତିଗଢ଼ା କାରିଗର ସବୁ ଏକାଠି ହୋଇ ଗୋଟାଏ ମେଳା ଭଳି କଲେ । ଲେଖକମାନେ ସେଠି ସେମାନଙ୍କ ନୂଆ ଲେଖା ପଢ଼ିଲେ । ଯେଉଁମାନେ ଭଲ ଚିତ୍ର କରିଛନ୍ତି ବା ମୂର୍ତ୍ତି ତିଆରି କରିଛନ୍ତି ସେଗୁଡ଼ିକ ଆଣି ଦେଖାଇଲେ । ଖେଳାଳୀମାନେ କେତେ ଶୀଘ୍ର ଦଉଡ଼ି ପାରୁଛନ୍ତି ତାହା ପ୍ରମାଣ କଲେ । ସେଇଠି ଠିକ୍ ହେଲା ଯେ ସବୁ ବର୍ଷତ ଏହା କରିହେବ ନାହିଁ, ପ୍ରତି ଚାରିବର୍ଷରେ ଏପରି ହେବ । ପ୍ରାୟ ହଜାର ବର୍ଷ କାଳ ଏହିଭଳି ଚାଲିଲା ପରେ ରୋମ୍‌ର ସମ୍ରାଟ କିନ୍ତୁ ଆଦେଶ ଦେଲେ ଯେ ଏଭଳି ହୋଇପାରିବ ନାହିଁ । ସେ ହୁଏତ ଭାବିଲେ, ବହୁ ପ୍ରକାରର ବହୁ ଲୋକ ଆସି ଗୋଟାଏ ସ୍ଥାନରେ ଏକତ୍ରିତ ହେଲେ ଶାସନ ପ୍ରତି ବିପଦ ଅଛି । କିଛି କାଳ ପରେ ଲୋକେ ଅଲିମ୍ପିକ ହେଉଥିବା କଥା ଭୁଲିଗଲେ ।

ପ୍ରାୟ ଶହେବର୍ଷ ତଳେ ଜଣେ ଫରାସୀ ଲୋକ କୋବରଟିନ୍ କହିଲେ ଯେ ପୁଣି ଅଲିମ୍ପିକ ଖେଳ ଆରମ୍ଭ ହେଉ । ଗ୍ରୀସ୍‌ରେତ ପ୍ରଥମେ ଏହା ଆରମ୍ଭ ହୋଇଥିଲା । ତେଣୁ ଗ୍ରୀସ୍‌ର ସେହି ସ୍ଥାନରେ ପ୍ରଥମ ଉତ୍ସବଟି ହେଉ । ୧୮୯୪ ମସିହାରେ ସେ ୯ଟି ଦେଶର ପ୍ରଧାନ ପ୍ରଧାନ ଲୋକଙ୍କୁ ଡାକି ଏ ପ୍ରସ୍ତାବ ଦେଲେ ଓ ସମସ୍ତେ ଏହାକୁ ଗ୍ରହଣ କରିଗଲେ । ଗ୍ରୀସ୍‌ର ଲୋକେ ଆନନ୍ଦରେ ଏଥିପାଇଁ ଗୋଟାଏ ମାର୍ବଲ ଷ୍ଟାଡିୟମ ତିଆରି କରିଦେଲେ । ୧୮୯୬ ମସିହାରେ ଆଧୁନିକ ଅଲିମ୍ପିକ ଆରମ୍ଭ ହେଲା । ତାହା ପରେ ପ୍ରତି ଚାରି ବର୍ଷରେ ଏଭଳି ହେଉଛି । କେବଳ ପ୍ରଥମ ବିଶ୍ୱଯୁଦ୍ଧ ଓ ଦ୍ୱିତୀୟ ବିଶ୍ୱଯୁଦ୍ଧ ବେଳେ ଦୁଇ ଥର ହୋଇ ନଥିଲା । ଅଲିମ୍ପିକ ଖେଳରେ ଯେଉଁମାନେ ସୁନା, ରୂପା, ବ୍ରୋଞ୍ଜ ପଦକ ବା ମେଡାଲ ପାଆନ୍ତି ସେମାନଙ୍କ ଉପରେ ପୃଥିବୀର ସବୁଆଡ଼ୁ ପ୍ରଶଂସା ଢାଳି ହୋଇଯାଏ । ଯେତେବେଳେ ପ୍ରଥମେ ଆରମ୍ଭ ହୋଇଥିଲା ସେତେବେଳେ ଖେଳାଳୀମାନଙ୍କୁ ବେଶ୍ ମୂଲ୍ୟବାନ ପୁରସ୍କାର ଦିଆଯାଉଥିଲା । ତାପରେ ଯେଉଁମାନେ ଜିତିଲେ ସେମାନଙ୍କୁ ଗୋଟିଏ ଗୋଟିଏ ଅଲିଭ ଡାଳ ଦିଆଗଲା । ତାହା ସୁନା ଦାଆରେ କଟାଯାଇଥାଏ ଓ କୁହାଯାଏ—ଜିତିବାଟା ହେଉଛି ଅସଲ ପୁରସ୍କାର; କାରଣ ଯିଏ ଜିତିବ ସିଏତ ବୀର ହୋଇଗଲା ।

ଦୁଇ ବିଶ୍ୱଯୁଦ୍ଧ ଯୋଗୁଁ କେତେଥରକୁ ବାଦ୍ ଦେଲେ ୧୮୯୬ ମସିହାରେ ଏଥେନ୍ସ, ୧୯୦୦ରେ ପାରିସ, ୧୯୦୪ରେ ସେଣ୍ଟଲୁଇ, ୧୯୦୮ରେ ଲଣ୍ଡନ, ୧୯୧୨ରେ ଷ୍ଟକ୍‌ହୋମ୍, ୧୯୨୦ରେ ଆଣ୍ଟୱର୍ପ, ୧୯୨୪ରେ ପାରିସ, ୧୯୨୮ରେ ଆମ୍‌ଷ୍ଟର୍‌ଡାମ୍, ୧୯୩୨ରେ ଲସ୍‌ଆଞ୍ଜେଲସ୍, ୧୯୩୬ରେ ବର୍ଲିନ, ୧୯୪୮ରେ ଲଣ୍ଡନ, ୧୯୫୨ରେ ହେଲସିଙ୍କି, ୧୯୫୬ରେମେଲ୍‌ବୋର୍ଣ୍ଣ, ୧୯୬୦ରେ ରୋମ୍, ୧୯୬୪ରେ ଟୋକିଓ, ୧୯୬୮ରେ ମେକ୍ସିକୋ ସିଟୀ, ୧୯୭୨ରେ ମ୍ୟୁନିକ, ୧୯୭୬ରେ ମଣ୍ଟ୍ରିଏଲ୍, ୧୯୮୦ରେ ମସ୍କୋ, ୧୯୮୪ରେ ଲସ୍‌ଆଞ୍ଜେଲସ, ୧୯୮୮ରେ ସେଓଲ, ୧୯୯୨ରେ ବାର୍ସେଲୋନା ଓ ୧୯୯୬ରେ ଆଟ୍‌ଲାଣ୍ଟା ସହରରେ ଅଲିମ୍ପିକ ଖେଳ ଅନୁଷ୍ଠିତ ହୋଇଯାଇଛି ।

୧୯୨୪ ମସିହାରୁ ପ୍ରତି ଚାରିବର୍ଷରେ ଥରେ ଶୀତକାଳୀନ ଅଲିମ୍ପିକ ଅନୁଷ୍ଠିତ ହୋଇଆସୁଛି । ଉଭୟ ଅଲିମ୍ପିକ କ୍ରୀଡ଼ା ଆନ୍ତର୍ଜାତୀୟ ଅଲିମ୍ପିକ କମିଟୀ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଥାଏ । ସମୟକୁ ସମୟ କ୍ରୀଡ଼ାର ନୂତନ ବିଭାଗ ସବୁ ଏଥିରେ ଭାଗ ନେବା ସଙ୍ଗେ ସଙ୍ଗେ ଅନେକ ବିଭାଗକୁ ବାଦ୍ ମଧ୍ୟ ଦେଇ ଦିଆଯାଇଥାଏ ।

***ସମ୍ବନ୍ଧୀୟ ବିଷୟ***

*କ୍ରୀଡ଼ା, ଗ୍ରୀସ୍, ମାନବ ସଭ୍ୟତା, ସମାଜ, ସଂସ୍କୃତି, ମାନବଶରୀର, ମାନବୀୟ ଉତ୍କର୍ଷତା, ଟେକ୍‌ନୋଲଜି, ଅର୍ଥନୀତି, ଆନ୍ତର୍ଜାତୀୟ ସଂପର୍କ*

▷▷

## ଅଲିସେସ ମହାକାଶ ପ୍ରୋବ୍

'ଆନ୍ତର୍ଜାତୀୟ ସୌରଧ୍ରୁବୀୟ ମିଶନ'ରେ ପଠାଯାଇଥିବା ମହାକାଶ ଯାନ । ଇଉରୋପୀୟ ମହାକାଶ ଏଜେନ୍‌ସୀ ଓ ଯୁକ୍ତରାଷ୍ଟ୍ର ଆମେରିକାର ମହାକାଶ ସଂସ୍ଥା 'ନାସା'ଙ୍କ ମିଳିତ ଉଦ୍ୟମରେ ଏହି ମହାକାଶ ପ୍ରୋବ୍‌ଟି ପଠାଯାଇଛି । ଏହା

ଶିଳ୍ପୀଙ୍କ ଦୃଷ୍ଟିରେ ସୂର୍ଯ୍ୟ 'ଆକାଶରେ' ଅଲିସେସ ଯାନଗତି କରୁଥିବାର ଦୃଶ୍ୟ ।



ପଠାଯିବା ପୂର୍ବରୁ ବିଜ୍ଞାନୀମାନେ ସୂର୍ଯ୍ୟ ବଳୟ ସଂକ୍ରାନ୍ତରେ କେବଳ ତା'ର କେତେକ ନିର୍ଦ୍ଦିଷ୍ଟ ଦିଗ ବିଷୟରେ ହିଁ ଜ୍ଞାନ ହାସଲ କରିପାରୁଥିଲେ । କିନ୍ତୁ ଅଲିସେସ ସୂର୍ଯ୍ୟର ମେରୁ ଅଞ୍ଚଳ ଓ ସୂର୍ଯ୍ୟ-ପୃଷ୍ଠର ଅନ୍ୟ କେତେକ ନିକଟବର୍ତ୍ତୀ ଅଞ୍ଚଳ ସଂକ୍ରାନ୍ତରେ ଯେଉଁ ତଥ୍ୟ ପଠାଇଛି ଯାହା ଆଗରୁ କେବେ ଜଣା ନଥିଲା । ଏଥିରେ ନ'ଟି ଗବେଷଣା ବିଭାଗର ଯନ୍ତ୍ରପାତି ଖଞ୍ଜାଯାଇଛି । ୧୯୯୪ ମସିହା ସେପ୍ଟେମ୍ବର ମାସରେ ଏହା ସୂର୍ଯ୍ୟ ଚାରିପଟେ ପ୍ରଦକ୍ଷିଣ କରିବାକୁ ଲାଗିଲା ଓ ତା'ର ଦକ୍ଷିଣ ମେରୁ ଅଞ୍ଚଳରେ ପହଞ୍ଚିଯିବା କଥା ଜଣାପଡ଼ିଲା । ପ୍ରଥମ ଥର ପାଇଁ ସୂର୍ଯ୍ୟ ଆକାଶର ସେହି ଅଞ୍ଚଳରେ ଅନ୍ତରାତାରକୀୟ ବା ଇଣ୍ଟରଷ୍ଟେଲାର ଧୂଳି-ପଟଳର ସନ୍ଧାନ ଏହି ମହାକାଶ ପ୍ରୋବ୍ ପାଇଛି । ସେହିସବୁ ଧୂଳିପଟଳପିଣ୍ଡ ସେକେଣ୍ଡକୁ ପ୍ରାୟ ୩୦ କିଲୋମିଟର ବେଗରେ ଗତି କରୁଛନ୍ତି ବୋଲି ଜଣାପଡ଼ିଛି ।

୧୯୯୦ ମସିହା ଅକ୍‌ଟୋବର ମାସ ୬ ତାରିଖ ଦିନ ମହାକାଶ ସଟଲ୍ 'ଡିସ୍‌କଭରୀ'ରୁ ଅଲିସେସ ଛଡ଼ାଗଲା ବେଳେ ତା'ର ପୃଥିବୀ ଏସ୍‌କେପ୍ ଭେଲୋସିଟୀ ବା ପଳାୟନ ବେଗ ଥିଲା ଘଣ୍ଟାକୁ ୫୪.୬୧୪ କିଲୋମିଟର । ଆଜି ପର୍ଯ୍ୟନ୍ତ ଏହି ବେଗ ଗୋଟିଏ ରେକର୍ଡ ହୋଇ ରହିଛି । ଗ୍ରାଭିଟୀୟ ସହାୟତା ଦ୍ୱାରା ବୃହସ୍ପତି ବାଟଦେଇ ଅଲିସେସ ସୂର୍ଯ୍ୟ କକ୍ଷରେ ଯାଇ ପହଞ୍ଚିପାରିଥିଲା । ୧୯୯୫ ମସିହା ଫେବୃଆରୀ ମାସରେ ସୂର୍ଯ୍ୟଙ୍କ ଉତ୍ତରମେରୁ ଉପର ଦେଇ ଏହା ଗତିକରି ଯାଇଛି ବୋଲି ଜଣାପଡ଼ିଛି ।

***ସମ୍ବନ୍ଧୀୟ ବିଷୟ***

*ମହାକାଶ ଅଭିଯାନ, ସୂର୍ଯ୍ୟ, ନାସା, ଅନ୍ତରୀକ୍ଷ, ଜ୍ୟୋତିର୍ପଦାର୍ଥବିଜ୍ଞାନ, ଜ୍ୟୋତିର୍ବିଜ୍ଞାନ, ଟେକ୍‌ନୋଲଜି, ମହାକାଶ ସଟଲ୍, ବେଗ*

▷▷

## ଅଲେଖ

ମହିମା ଗୋସାଇଁଙ୍କ ପ୍ରବର୍ତ୍ତିତ ଧର୍ମ । ଏକେଶ୍ୱରବାଦ, ନିରାକାର ଓ ଶୂନ୍ୟବାଦ ହେଲା ଅଲେଖ ଧର୍ମର ମୂଳମନ୍ତ୍ର । ଊନବିଂଶ ଶତାବ୍ଦୀରେ ଏହାର ଆବିର୍ଭାବ ଘଟିଥିଲା । ମହିମା ଗୋସାଇଁଙ୍କ ବିଷୟରେ ସେମିତି କିଛି ଜଣାନାହିଁ । ଅବିଭକ୍ତ ଢେଙ୍କାନାଳ ଜିଲାର ଜୋରନ୍ଦା ଠାରେ ପ୍ରଧାନ ଅଲେଖ ପୀଠ ରହିଛି ଓ ମାଘ ସପ୍ତମୀ ଦିନ ସେଠାରେ ଉତ୍ସବ ହୁଏ ।

ଏହି ସଂପ୍ରଦାୟର ସନ୍ନ୍ୟାସୀମାନେ ଯେଉଁଠି ରୁହନ୍ତି ତାହାକୁ ଅଲେଖ ଟୁଙ୍ଗୀ ବୋଲି କୁହାଯାଏ । ମହିମା ଧର୍ମୀମାନେ ଏହି ଅଲେଖ ଟୁଙ୍ଗୀକୁ ଗୁରୁଦ୍ୱାର ବୋଲି କହିଥା'ନ୍ତି । ମହିମା ଧର୍ମ ସଂକ୍ରାନ୍ତରେ ଗୋଟିଏ ପ୍ରସିଦ୍ଧ ଗ୍ରନ୍ଥ ହେଲା 'ଅଲେଖି ପରଂବ୍ରହ୍ମ ଦର୍ଶନ' । ଉତ୍କଳ ବିଶ୍ୱବିଦ୍ୟାଳୟଙ୍କ ଆନୁକୂଲ୍ୟରେ ପ୍ରଥମେ ପ୍ରକାଶିତ ହୋଇଥିବା ଏହି ଗ୍ରନ୍ଥର ପ୍ରଣେତା ହେଉଛନ୍ତି ସ୍ୱର୍ଗତ ଅବଧୂତ ବିଶ୍ୱନାଥ ବାବା । ମହିମାଧର୍ମର ସାର ସାର କଥା ସହିତ ଅନ୍ୟ ଧର୍ମମତ ବିଷୟରେ ମଧ୍ୟ ଏଥିରେ ଆଲୋଚନା କରାଯାଇଛି ।

କବି ଭୀମଭୋଇ ଏହି ଧର୍ମର ଉପାସକ ଥିଲେ ।

***ସମ୍ବନ୍ଧୀୟ ବିଷୟ***

*ଓଡ଼ିଶା, ଭୀମଭୋଇ, ଓଡ଼ିଆ ଭାଷା, ଧର୍ମ, ଦର୍ଶନ, ସନ୍ନ୍ୟାସ*

▷▷

## ଅଳକାଶ୍ରମ

ଅସହଯୋଗ ଆନ୍ଦୋଳନ ପରେ ଓଡ଼ିଶାରେ ଯେଉଁ ଅଳ୍ପ କେତୋଟି ସଂଗଠନ କେନ୍ଦ୍ର ଖୋଲିଥିଲା ସେଥିଭିତରୁ ଅଳକାଶ୍ରମ ଅନ୍ୟତମ । ଓଡ଼ିଶାରେ ସ୍ୱାଧୀନତା ସଂଗ୍ରାମର ଜଣେ ସାରଥୀ ୰ଗୋପବନ୍ଧୁ ଚୌଧୁରୀ ଏହି କର୍ମକେନ୍ଦ୍ର ସ୍ଥାପନ କରିଥିଲେ । ପରେ ଆଜିର ଜଗତ୍‌ସିଂହପୁର ଜିଲାରେ ଥିବା ଏହି କର୍ମକେନ୍ଦ୍ରରେ ଅନେକ କର୍ମୀ ରହି ସୂତାକଟା ଓ ଲୁଗାବୁଣା ଶିଖୁଥିଲେ । ୧୯୩୦ ମସିହାର ଲବଣ ସତ୍ୟାଗ୍ରହ ପରେ କିନ୍ତୁ ଅଳକାଶ୍ରମର କାର୍ଯ୍ୟ ଶିଥିଳ ହୋଇଯାଇଥିଲା ।

***ସମ୍ବନ୍ଧୀୟ ବିଷୟ***

*ଓଡ଼ିଶାରେ ସ୍ୱାଧୀନତା ଆନ୍ଦୋଳନ, ଅସହଯୋଗ ଆନ୍ଦୋଳନ, ଖଦୀକାର୍ଯ୍ୟ*

▷▷

## ଅଳଙ୍କାର

ମଣିଷର ବରାବର ଇଚ୍ଛା ହୁଏ ତା ଦେହଟି ଟିକିଏ ଅଧିକ ସୁନ୍ଦର ଦେଖାଯାନ୍ତା କି ! ବିଶେଷ କରି ଭାରତର ଝିଅବୋହୂମାନେ ଏଭଳି ଇଚ୍ଛା କରନ୍ତି । ସେଥିପାଇଁ ପ୍ରଥମେ ମୁଣ୍ଡରେ ଫୁଲ ଖୋସି, ହାତରେ ଫୁଲମାଳ ଗୁଡ଼ାଇ ବା ବେକରେ ଫୁଲହାର ଝୁଲାଇ ସେମାନେ ଆନନ୍ଦ ପାଉଥିଲେ । ଫୁଲ ଶୁଖିଯାଉଥିବାରୁ ବରାବର ତାକୁ ବଦଳାଇବାକୁ ପଡ଼ୁଥିଲା । ପରେ କିନ୍ତୁ ଯେତେବେଳେ ସୁନା, ରୂପା ଭଳି ଧାତୁ ବାହାରି ପଡ଼ିଲା ସେଥିରେ ଅଳଙ୍କାର ତିଆରି ହେଲା । ଏହାକୁ ତିଆରି କରିବାଟା ହାତର ବାହାଦୁରୀ । କିଏ କେତେ ସୁନ୍ଦର ସୁନ୍ଦର ଅଳଙ୍କାର କରୁଛି ତାହା ଜାଣିବାକୁ କ୍ରମେ ଲୋକେ ଇଚ୍ଛାକଲେ । ସମାଜର ଅଗ୍ରଗତି ସଙ୍ଗେ ସଙ୍ଗେ ଏହି ସୁନା ରୂପା ଅଳଙ୍କାର ଲୋକଙ୍କର ଆଉ ଗୋଟିଏ ସୁବିଧା କାମରେ ଆସିଲା । କିଛି ଟଙ୍କା ଖର୍ଚ୍ଚ କରି ଜଣେ ଗହଣା କରି ଦେଉଛି । କାନ, ନାକ, ବେକ, ହାତରେ ତାକୁ ପିନ୍ଧିଛି । ହଠାତ୍ ଦରକାର ପଡ଼ିଲେ ତାକୁ ବିକିଦେଇ ଗୋଟାଏ କିଛି ଜରୁରୀ ଖର୍ଚ୍ଚ ତୁଲାଇ ଦେଉଛି । ସେଥିଯୋଗୁଁ କୁହାଯାଏ ଯେ ସୁନା ରୂପା ଅଳଙ୍କାର ଥିଲା ଏ ସଂସାରର ପ୍ରଥମ ବ୍ୟାଙ୍କ ।

ଏକଥା ଅବଶ୍ୟ ସତ୍ୟ ଯେ ମଣିଷ ଜାତି ପୃଥିବୀରେ ବିଚରଣ କରିବା ଦିନଠାରୁ ଅଳଙ୍କାର ବିଷୟରେ ଆଗ୍ରହୀ ହୋଇଉଠିଛି—ହୁଏତ ଆଜି ଆମେ ଅଳଙ୍କାର କହିଲେ ଯାହା ବୁଝୁଛୁ ଠିକ୍ ସେମିତି ଅର୍ଥରେ ନୁହେଁ । ପ୍ରସ୍ତର ଯୁଗ, ଲୌହଯୁଗ ଓ ବ୍ରୋଞ୍ଜଯୁଗରେ ଉଭୟ ନାରୀ ଓ ପୁରୁଷ ବିଭିନ୍ନ ପ୍ରକାର ଅଳଙ୍କାର ପିନ୍ଧୁଥିଲେ । ଆଦିବାସୀମାନଙ୍କ ପାଇଁ ମଧ୍ୟ ଅଳଙ୍କାରର ଗୁରୁତ୍ୱ ରହିଛି । ସୁନା ରୂପା ବା ଅନ୍ୟ କୌଣସି ମୂଲ୍ୟବାନ ଧାତୁ ବ୍ୟତୀତ ଆହୁରି ବହୁ ଅଧିକ ପ୍ରକାରର ପଦାର୍ଥରେ ମଧ୍ୟ ଅଳଙ୍କାର ତିଆରି ହୋଇଥାଏ । ପୃଥିବୀର ବିଭିନ୍ନ ଅଞ୍ଚଳରେ ଅଳଙ୍କାରର ସଂଜ୍ଞା ଭିନ୍ନ ଭିନ୍ନ ବୋଲି କୁହାଯାଇପାରେ । ଅଳଙ୍କାର ପିନ୍ଧିବା ନେଇ ସାହିତ୍ୟରେ ଚମତ୍କାର ବର୍ଣ୍ଣନା ସବୁ ରହିଛି । ବ୍ୟାକରଣର ଗୋଟିଏ ଦିଗ 'ଅଳଙ୍କାର' କଥା ସମସ୍ତେ ଜାଣନ୍ତି ।

***ସମ୍ବନ୍ଧୀୟ ବିଷୟ***

*ସମାଜ, ଧାତୁ, ସୁନା, ରୂପା, ମାନବ ସଭ୍ୟତା, ନାରୀ, ସଂସ୍କୃତି, ନୃତତ୍ତ୍ୱ, ଆର୍ଥିକ ବ୍ୟବସ୍ଥା*

▷▷

## ଅଳାଇଚ ଓ ଗୁଜୁରାତି

ଅଳାଇଚ ବା ଗୁଜୁରାତି ଦାନା ପାଟିରେ ପକାଇ ଚୋବାଇଲେ ନିଜକୁ ତ ଭଲ ଲାଗେ, ପାଟିର



ଅଳଙ୍କାରର ବ୍ୟବହାର ବହୁ ପୁରାକାଳରୁ ହୋଇ ଆସୁଛି । ସୁନା ଓ ରୂପାର ଗୋଟାଏ ମିଶ୍ରଧାତୁ ଇଲେକ୍‌ଟ୍ରମ୍‌ର ଏହି ଗଳାହାରଟି ଲୌହଯୁଗ ଆରମ୍ଭରେ ତିଆରି ହୋଇଥିଲା ।

ଯଦି କୌଣସି ଦୋଷ ଥାଏ ଅନ୍ୟମାନେ ତାହା ଜାଣିପାରନ୍ତି ନାହିଁ । ଅଳାଇଚ-ଗୁଜୁରାତି ଭାରତର ଦକ୍ଷିଣ ଅଂଶରେ ଥିବା ମାଲବାର ଅଞ୍ଚଳରେ, ଶ୍ରୀଲଙ୍କାରେ ଓ ଜାଭା-ସୁମାତ୍ରା, ବାଲି ଦ୍ୱୀପ ଅଞ୍ଚଳରେ ଯଥେଷ୍ଟ ମିଳେ । ଅଳାଇଚ ମଞ୍ଜିର ଦାନା ବା ଗୋଟା ଅଳାଇଚକୁ ଗୁଣ୍ଡକରି ତରକାରୀରେ ତଥା ଅନ୍ୟ ବହୁ ଅଧିକ ପ୍ରକାର ଖାଦ୍ୟ ପ୍ରସ୍ତୁତିରେ ମସଲା ଭାବରେ ବ୍ୟବହାର କରାଯାଏ । ଏହାକୁ ଔଷଧରେ ମଧ୍ୟ କାମରେ ଲଗାଯାଏ । ପାନରେ ଏହି ମସଲା ବରାବର ଦିଆଯାଏ । ଗୋଟାଏ ଯୁଗରେ ଆରବର ବେପାରୀମାନେ ଭାରତରୁ ଅଳାଇଚ-ଗୁଜୁରାତି ନେଇ ଇଉରୋପରେ ବିକ୍ରୀକରି ଖୁବ୍ ଧନୀ ହୋଇ ଉଠିଥିଲେ । ଇଉରୋପର ଲୋକେ ଏହା କେଉଁଠି ମିଳେ ଖୋଜୁ ଖୋଜୁ ଭାରତରେ ଆସି ପହଞ୍ଚିଗଲେ । ୧୯୯୫ ମସିହାରେ ପ୍ରାୟ ୨,୧୦୦ ଟନ୍‌ରୁ ଅଧିକ ପରିମାଣର ଅଳାଇଚ-ଗୁଜୁରାତି ଭାରତରୁ ବିଦେଶକୁ ପଠାଯାଇଥିଲା ବୋଲି ହିସାବ ପ୍ରକାଶ ପାଇଛି ।

***ସମ୍ବନ୍ଧୀୟ ବିଷୟ***

*କୃଷି, ଖାଦ୍ୟ, ମସଲା, ଆୟୁର୍ବେଦ, ଉଦ୍‌ଭିଦ-ବିଜ୍ଞାନ*

▷▷

## ଅଶୋକ

(ରାଜତ୍ୱ ? ଖ୍ରୀ.ପୂ. ୨୭୩-୨୩୨)

ପ୍ରାୟ ୨,୨୦୦ ବର୍ଷ ପୂର୍ବେ ଏହି ମହାପ୍ରତାପୀ ସମ୍ରାଟ ମଗଧ ଦେଶରେ ଶାସନ କରୁଥିଲେ । ପରେ ସେ ଭାରତର ବହୁ ଅଂଶକୁ ନିଜ ସାମ୍ରାଜ୍ୟ ସହିତ ମିଶାଇ ଦେଇପାରିଥିଲେ । ସେ ସମୟରେ କିନ୍ତୁ କଳିଙ୍ଗ ରାଜ୍ୟ ସ୍ୱାଧୀନ ହୋଇ ରହିଥାଏ । ତାକୁ ଜୟ କରିବାପାଇଁ ଅଶୋକ ବହୁ ସଂଖ୍ୟାରେ ସୈନ୍ୟ ସାମନ୍ତ ଆଣି କଳିଙ୍ଗ ଉପରେ ଆକ୍ରମଣ ଚଳାଇଲେ । ଓଡ଼ିଆମାନେ ସ୍ଥିର କଲେ ଯେ ଯେତେ ସଂଖ୍ୟାରେ ମରନ୍ତୁ ପଛକେ ଅଶୋକଙ୍କ ଆକ୍ରମଣ ଆଗରେ ମୁଣ୍ଡ ନୁଆଁଇବେ ନାହିଁ । ଏହି ଯୁଦ୍ଧରେ ପ୍ରାୟ ଏକଲକ୍ଷ ଓଡ଼ିଆ ବୀର ମରିଥିଲେ, ଦେଢଲକ୍ଷଙ୍କୁ ଅଶୋକ ବନ୍ଦୀ କରିନେଇଥିଲେ ବୋଲି କୁହାଯାଏ । ଯୁଦ୍ଧରେ ରକ୍ତର ସୁଅ ଛୁଟିଲା । କିନ୍ତୁ ସେ ଭୀଷଣ ଦୃଶ୍ୟ ଦେଖି ସମ୍ରାଟ ଅଶୋକଙ୍କର ମନ ଦବିଗଲା ଓ ସେ ଜାଣିଲେ ଯେ ଓଡ଼ିଆ ଜାତି କେତେ ବୀର ତଥା ସାହସୀ । ତାଙ୍କ ମନ ବଦଳିଗଲା । ସେ ବୌଦ୍ଧ ଧର୍ମ ଗ୍ରହଣ କରିଗଲେ । ସେ ପର୍ଯ୍ୟନ୍ତ ଅଶୋକଙ୍କୁ କୁହାଯାଉଥିଲା 'ଚଣ୍ଡାଶୋକ' ବୋଲି । ଏଣିକି କୁହାଗଲା 'ଧର୍ମାଶୋକ' । ତାଙ୍କ ସାହାଯ୍ୟରେ ବୌଦ୍ଧ ଧର୍ମ ବହୁ ଦେଶକୁ ବ୍ୟାପିଲା ।

ପାହାଡ଼, ପର୍ବତ ଦେହରେ, ଗୁମ୍ଫା ଭିତରେ ପଥରର ବଡ଼ ବଡ଼ ଖମ୍ବ କରି ତା' ଦେହରେ ଅଶୋକ 'ଧର୍ମକଥା' ସବୁ ଲେଖାଇଲେ । ସେଗୁଡ଼ିକୁ 'ଅନୁଶାସନ' ବୋଲି କୁହାଯାଏ । ସେଥିରୁ ତିନୋଟି ହେଲା କଳିଙ୍ଗ ଅନୁଶାସନ । କଳିଙ୍ଗ ଯୁଦ୍ଧ ବିଷୟରେ ବହୁକଥା ସେ ପଥର ଦେହରେ ଲେଖାଇ ଦେଇଯାଇଛନ୍ତି । ମୌର୍ଯ୍ୟବଂଶର ଅଶୋକ ହେଲେ ଶେଷ ମହତ୍ତ୍ୱପୂର୍ଣ୍ଣ ଶାସକ ।

***ସମ୍ବନ୍ଧୀୟ ବିଷୟ***

*ଓଡ଼ିଶା, ଧଉଳି, ବୌଦ୍ଧ ଧର୍ମ, ବିହାର, ମୌର୍ଯ୍ୟବଂଶ, ଭାରତ ଇତିହାସ, ଅଶୋକ ସ୍ତମ୍ଭ, ଅଶୋକ ଚକ୍ର, କଳିଙ୍ଗଯୁଦ୍ଧ, ଦର୍ଶନ, ଅଶୋକ ଅନୁଶାସନ*

▷▷

## ଅଶୋକ

ଭାରତର ପ୍ରାୟ ସବୁ ଅଞ୍ଚଳରେ ଏହି ଗଛଟି ଦେଖାଯାଇଥାଏ । ଆୟୁର୍ବେଦ ସାଙ୍ଗକୁ ସାହିତ୍ୟ ଓ ଧର୍ମଶାସ୍ତ୍ରରେ ଅଶୋକ ଗୋଟିଏ ମହତ୍ତ୍ୱପୂର୍ଣ୍ଣ ସ୍ଥାନ ଦଖଲ କରିଛି । ଗଛଟି ଦେଖିବାକୁ ସୁନ୍ଦର । ଲକ୍ଷ୍ମୀ, ବିଷ୍ଣୁ ଓ ଦୁର୍ଗାଙ୍କ ପୂଜାରେ ଅଶୋକ ଫୁଲର ଆବଶ୍ୟକତା ପଡ଼ିଥାଏ । ବସନ୍ତ ଋତୁ ବା ମାର୍ଚ୍ଚ-ଏପ୍ରିଲ ମାସ ବେଳକୁ ଏଥିରେ ଫୁଲ ଫୁଟିଥାଏ । ଲମ୍ବା ଲମ୍ବା ପତ୍ର ଥିବା ଏହି ଗଛ ଗୁଡ଼ିକ ୮ରୁ ୧୦ ମିଟର ପର୍ଯ୍ୟନ୍ତ ଉଚ୍ଚ ହୋଇଥା'ନ୍ତି । ଅଶୋକ ଛେଲି ହେଲା କେତେଗୁଡ଼ିଏ ପ୍ରସିଦ୍ଧ ଆୟୁର୍ବେଦୀୟ ଔଷଧର ମୂଳ ଉପାଦାନ । ହନୁମାନ ଯେତେବେଳେ ସୀତାଙ୍କୁ ଖୋଜିବା ପାଇଁ ଲଙ୍କାରେ ଯାଇ ପହଞ୍ଚିଥିଲେ, ସେତେବେଳେ ଗୋଟିଏ ଅଶୋକ ବୃକ୍ଷ ଉପରୁ ତାଙ୍କୁ ଲକ୍ଷ୍ୟ କରିଥିଲେ ବୋଲି ରାମାୟଣରେ ଉଲ୍ଲେଖ ଅଛି ।

***ସମ୍ବନ୍ଧୀୟ ବିଷୟ***

*ସାହିତ୍ୟ, ଆୟୁର୍ବେଦ, ଧର୍ମଶାସ୍ତ୍ର*

▷▷

## ଅଶୋକ ଅନୁଶାସନ

ମୁଖ୍ୟତଃ ତଥାଗତ ବୁଦ୍ଧଙ୍କ ବାଣୀର ପ୍ରଚାର ନିମନ୍ତେ ସମ୍ରାଟ ଅଶୋକ ଏହି ଅନୁଶାସନ ଗୁଡ଼ିକୁ 'ରଚିତ' କରାଇଥିଲେ । ଭାରତର ଯେଉଁସବୁ ଅଞ୍ଚଳରୁ ଏଭଳି ଅନୁଶାସନର ସନ୍ଧାନ ମିଳିଛି, ତା'କୁ ହିସାବକୁ ନେଇ ସେ କାଳରେ ମୌର୍ଯ୍ୟ ସାମ୍ରାଜ୍ୟର କିଭଳି ବିଶାଳ ବ୍ୟାପ୍ତି ଥିଲା ସେ ବିଷୟରେ ମଧ୍ୟ ଧାରଣା କରିହେବ । ଅନୁଶାସନ ଗୁଡ଼ିକ ବ୍ରାହ୍ମୀ, ପ୍ରାକୃତ ଓ ଆରାମାଇକ ଭାଷାରେ ଲିଖିତ ହୋଇଥିଲା । ଓଡ଼ିଶାର ଧଉଳି ଓ ଜଉଗଡ଼ ଠାରେ ଏଥିରୁ ଦୁଇଟିର ସନ୍ଧାନ ମିଳିଛି । ଅଶୋକଙ୍କ ସିଂହାସନ ଆରୋହଣର ଦ୍ୱାଦଶ ବର୍ଷରେ ପ୍ରଥମ ଅନୁଶାସନଟି ଲିଖିତ ହୋଇଥିଲା ବୋଲି ଜଣା-

ନେପାଳର ତରାଇରୁ ମିଳିଥିବା ଲୁମ୍ବିନୀ ଅଶୋକ ଅନୁଶାସନ ।

ପଡ଼ିଛି । ଯେଉଁ ତିନୋଟି କଳିଙ୍ଗ ଅନୁଶାସନ ମିଳିଛି ସେଥିଭିତରୁ ଗୋଟିକରେ ଯୁଦ୍ଧର ବର୍ଣ୍ଣନା ଥିଲାବେଳେ ଅନ୍ୟ ଦୁଇଟି ତାଙ୍କ ରାଜ୍ୟଶାସନ ସମ୍ବନ୍ଧୀୟ ।

***ସମ୍ବନ୍ଧୀୟ ବିଷୟ***

*ଅଶୋକ, କଳିଙ୍ଗ, ଓଡ଼ିଶା, ମୌର୍ଯ୍ୟ ସାମ୍ରାଜ୍ୟ*

▷▷

## ଅଶୋକ ସ୍ତମ୍ଭ

ପ୍ରତ୍ୟେକ ସ୍ୱାଧୀନ ଦେଶ ନିଜର ମର୍ଯ୍ୟାଦା ପାଇଁ ତିନୋଟି ଚିହ୍ନ ବାଛି ନିଏ ଓ ସେହି ଚିହ୍ନ ପାଇଁ ତାହା ଗର୍ବ ଅନୁଭବ କରେ । ଗୋଟିଏ ହେଲା ଜାତୀୟ ପତାକା, ଦ୍ୱିତୀୟଟି ଜାତୀୟ ସଂଗୀତ ଓ ତୃତୀୟଟି ହେଲା ଜାତୀୟ ସଙ୍କେତ ବା ନିଶାଣ ।




ଅଶୋକ ସ୍ତମ୍ଭ

ଭାରତ ସ୍ୱାଧୀନ ହେଲା ପରେ ଆମର ତ୍ରିରଙ୍ଗ ଜାତୀୟ ପତାକା ରହିଲା । 'ଜନଗଣମନ ଅଧିନାୟକ ଜୟ'କୁ ଜାତୀୟ ସଂଗୀତ ଭାବେ ଗ୍ରହଣ କରାଗଲା । ଶେଷକୁ ବହୁ ଆଲୋଚନା ପରେ ସ୍ଥିର ହେଲା ଯେ ସାରନାଥ ଠାରେ ଅଶୋକଙ୍କ ଧର୍ମପ୍ରଚାରକୁ ମନେ ପକାଇବା ପାଇଁ ଯେଉଁ ସ୍ତମ୍ଭଟି ତିଆରି ହୋଇଥିଲା ତାକୁହିଁ ସ୍ୱାଧୀନ ଭାରତର ଜାତୀୟ ସଙ୍କେତ ଭାବେ ଗ୍ରହଣ କରାଯିବ । ତାହାରି ତଳେ ଲେଖାଯାଇଛି ''ସତ୍ୟମେବ ଜୟତେ'' । କାଳଜୟୀ ପୁରୁଷ ଗାନ୍ଧୀ ଓ ବୁଦ୍ଧଙ୍କ ସତ୍ୟ ଏବଂ ଅହିଂସା ମାର୍ଗକୁ ସମ୍ମାନ ଦେଖାଇବା ପାଇଁ ଏଭଳି ଗୋଟିଏ ଜାତୀୟ ସଙ୍କେତ ସ୍ଥିର କରାଯାଇଛି ।

*ସମ୍ବନ୍ଧୀୟ ବିଷୟ*
*ଅଶୋକ, ଭାରତ ଶାସନ, ଭାରତ ସମ୍ବିଧାନ, ପ୍ରତ୍ନତତ୍ତ୍ୱ*

▷▷

## ଅଶ୍ୱଘୋଷ
(ସମ୍ଭବତଃ ଖ୍ରୀଷ୍ଟାବ୍ଦ ୧୦୦)

ସଂସ୍କୃତ ହେଉଛି ଗୋଟିଏ ଅତି ଉନ୍ନତ ଭାଷା । ଭାରତରେ ଏହି ଭାଷା ଜନ୍ମ ନେଇଛି ଓ ମଣିଷ ମନର ଯେକୌଣସି ଭାବକୁ ପ୍ରକାଶ କରିବା ପାଇଁ ସେ ଯୁଗରେ ଏହି ଭାଷାର ଶକ୍ତି ଥିଲା । ଏହି ଭାଷାରେ ପୁସ୍ତକ ଲେଖି ଭାରତର କେତେଜଣ ପଣ୍ଡିତ ଖୁବ୍ ନାମ କରିଥିଲେ । ଅଶ୍ୱଘୋଷ ସେହିମାନଙ୍କ ଭିତରୁ ଜଣେ । ତାଙ୍କ କାବ୍ୟ, ନାଟକ ଓ ଦର୍ଶନ ଗ୍ରନ୍ଥ ଅତି ଉଚ୍ଚକୋଟୀର । ସେ ଖୁବ୍ ସମ୍ଭବ ଆଜିର ଅଯୋଧ୍ୟାରେ ଜନ୍ମ ହୋଇଥିଲେ । ତାଙ୍କ ରଚିତ 'ବୁଦ୍ଧ ଚରିତ'ର ପ୍ରଭାବ କାଳିଦାସଙ୍କ ଉପରେ ପଡ଼ିଥିଲା ବୋଲି କୁହାଯାଏ ।

*ସମ୍ବନ୍ଧୀୟ ବିଷୟ*
*ଭାରତ, ସଂସ୍କୃତ ସାହିତ୍ୟ, ବୌଦ୍ଧ ଧର୍ମ, କାଳିଦାସ*

▷▷

## ଅଶ୍ୱତ୍ଥ

ଉଭୟ ହିନ୍ଦୁ ଓ ବୌଦ୍ଧ ଧର୍ମ ଦୃଷ୍ଟିରୁ ମହତ୍ତ୍ୱପୂର୍ଣ୍ଣ ବୃକ୍ଷ । ଏହାକୁହିଁ 'ବୋଧିଦ୍ରୁମ' ବୋଲି ଅଭିହିତ କରାଯାଇଥାଏ । ବୌଦ୍ଧ ମାନଙ୍କ ନିକଟରେ ଏହା ଅତି ପବିତ୍ର ହେବାର କାରଣ ହେଲା, ଗୌତମ ବୁଦ୍ଧ ଅଶ୍ୱତ୍ଥ ଗଛ ମୂଳରେ ବସି 'ବୁଦ୍ଧତ୍ୱ' ଲାଭ କରିଥିଲେ । ବ୍ରାହ୍ମଣ୍ୟ ଧର୍ମରେ ମଧ୍ୟ ଅଶ୍ୱତ୍ଥର ଗୁରୁତ୍ୱ ରହିଛି । ଋଗ୍‌ବେଦରେ ଏହାର ଉଲ୍ଲେଖ ଦେଖାଯାଏ । ମୁନିଋଷିମାନେ ଅଶ୍ୱତ୍ଥ ମୂଳରେ ବସି ତପସ୍ୟା କରୁଥିଲେ ବୋଲି ପୁରାଣରେ ଉଲ୍ଲେଖ ରହିଛି । ଏହାର କାଠ ଶକ୍ତ । ଏହି ଗଛର ପତ୍ରକୁ ଚର୍ମରୋଗ ଓ କୋଷ୍ଠବଦ୍ଧତା ଉପଶମ ପାଇଁ ବ୍ୟବହାର କରାଯାଇଥାଏ ।

*ସମ୍ବନ୍ଧୀୟ ବିଷୟ*
*ହିନ୍ଦୁ ଧର୍ମ, ବୌଦ୍ଧ ଧର୍ମ, ଆୟୁର୍ବେଦ*

▷▷

## ଅଶ୍ୱଶକ୍ତି

ଗୋଟିଏ କିଛି ଜାଳିଲେ ବା ଅନ୍ୟ ଅର୍ଥରେ କହିବାକୁ ଗଲେ ଦହନ କ୍ରିୟାରୁ ତାପ ବାହାରେ । କ୍ରମେ ମଣିଷର ବୁଦ୍ଧି ସେହି ତାପରୁ ଫାଇଦା ଉଠାଇବା ପାଇଁ ଉଦ୍ୟମ କଲା । ଆମେ ଜାଳ ଜାଳି ଭାତ ରାନ୍ଧୁ । ଏ ରନ୍ଧା କାମଟା ଏହି ତାପ ଯୋଗୁହିଁ ହୁଏ । ପରେ ବିଜ୍ଞାନୀମାନେ ବାଷ୍ପ ଇଞ୍ଜିନ ବାହାର କରିଥିଲେ । ବାଷ୍ପକୁ କାମରେ ଲଗାଇ ସେମାନେ ବହୁତ କିଛି କଲେ । କୋଇଲା ରେଳ ଇଞ୍ଜିନଟା ଗୋଟାଏ ବାଷ୍ପ ଇଞ୍ଜିନ । ତେଣିକି ଗୋଟାଏ ହିସାବର ଆବଶ୍ୟକତା ପଡ଼ିଲା । କେତେ ପରିମାଣର ଜାଳେଣି ଦେଲେ ଗୋଟାଏ ଇଞ୍ଜିନ ଗ୍ଭଳିବ ଓ ତା' ସାଙ୍ଗେ ସାଙ୍ଗେ ସେହି ଇଞ୍ଜିନ କେତେ ପରିମାଣର କାମ କରୁଛି ତା'ର ମଧ୍ୟ ହିସାବ ଦରକାର ପଡ଼ିଲା ।

ବୈଜ୍ଞାନିକ ୱାଟ୍ ଲକ୍ଷ୍ୟ କଲେ ଗୋଟାଏ ଘୋଡ଼ା କେତେ ପରିମାଣରେ କାମ କରୁଛି । ତେଣୁ ତାକୁହିଁ ମୂଳ କରି ଧରିଲେ ଇଞ୍ଜିନ କେତେ କାମ କରୁଛି ଧରାପଡ଼ିଯିବ ବୋଲି ସେ ସ୍ଥିର କରିନେଲେ । ତାହାକୁ ସେ ବୁଝାଇ ଦେଲେ ଅଶ୍ୱଶକ୍ତି ବା ହର୍ସପାୱାର । ୩୩ ହଜାର ପାଉଣ୍ଡ ଓଜନର ଜିନିଷକୁ ଗୋଟିଏ ମିନିଟରେ ଗୋଟିଏ ଫୁଟ ଦୂରକୁ ନେଇଯିବା ପାଇଁ ଯେତିକି ପାୱାର ବା ଶକ୍ତି ଲୋଡ଼ା ହେଉଛି ତାକୁହିଁ ସେ ନାଁ ଦେଲେ ଅଶ୍ୱଶକ୍ତି ବା ଅଶ୍ୱ-କ୍ଷମତା ବୋଲି । ଇଂରାଜୀରେ ପାୱାର (**power**) ବୋଲି ଯେଉଁ ଶବ୍ଦ ଅଛି ତା ଅର୍ଥ ହେଉଛି କ୍ଷମତା । ଏହାର ଆଉ ଗୋଟିଏ ହିସାବ ହେଉଛି ୫୫୦ ପାଉଣ୍ଡ ଓଜନର କୌଣସି ପଦାର୍ଥକୁ ଗୋଟିଏ ସେକେଣ୍ଡରେ ଗୋଟିଏ ମିଟର ଦୂରକୁ ଉଠାଇନେବାକୁ ଯେତିକି କ୍ଷମତା ଲୋଡ଼ା ତାହାହିଁ ହେଉଛି ଅଶ୍ୱଶକ୍ତି ବା ଅଶ୍ୱ-କ୍ଷମତା । ପାଣି ଉଠାଇବାକୁ ଯେଉଁ ଟିଉବ୍‌ୱେଲ୍ ବସିଛି ତା'କୁ ଚଳାଇବାପାଇଁ ତିନି ଅଶ୍ୱକ୍ଷମତା ବା ପାଞ୍ଚ ଅଶ୍ୱକ୍ଷମତାର ବିଦ୍ୟୁତ୍ ମଟର ଦରକାର ବୋଲି ଯେତେବେଳେ କଥା ଉଠେ, ସେତେବେଳେ ମନରେ ଥିବା ଉଚିତ ଯେ ତିନିଟା ବା ପାଞ୍ଚଟା ଘୋଡ଼ାଙ୍କଦ୍ୱାରା ଯେତିକି କାମ ହୁଅନ୍ତା ଏହି ମଟର ସେତିକି କାମ କରି ଦେଉଛି । ମୋଟ ଉପରେ ଅଶ୍ୱ କ୍ଷମତା ହେଉଛି ଗୋଟିଏ ମାପ । ହର୍ସପାୱାରକୁ ସଂକ୍ଷେପରେ ଏଚ୍.ପି. ବୋଲି କୁହାଯାଏ । ଗୋଟାଏ ଏଚ୍.ପି. ପ୍ରାୟ ୭୪୬ ୱାଟ୍ ଉର୍ଜା ସଙ୍ଗେ ସମାନ ।

*ସମ୍ବନ୍ଧୀୟ ବିଷୟ*
*ପଦାର୍ଥ ବିଦ୍ୟା, ଇଞ୍ଜିନିଅରିଙ୍ଗ୍, ଉର୍ଜା, ବିଦ୍ୟୁତ୍, ମାପ, ଅଟୋମୋବାଇଲ, ଦହନ, ବ୍ରେକ୍ ହର୍ସପାୱାର*

▷▷

## ଅଷ୍ଟାଦଶ ପୁରାଣ

ଭାରତରେ ଉପନିଷଦ ଲେଖାହେଲା ପରେ ସାଧାରଣ ଲୋକଙ୍କ ନିମନ୍ତେ ଯେଉଁସବୁ ସାହିତ୍ୟକୃତି ରଚନା କରାଯାଇଥିଲା ସେଥିଭିତରୁ ଅଷ୍ଟାଦଶ ପୁରାଣସମୂହ ଅନ୍ୟତମ । ନାନା ପ୍ରକାରର ଲୋକପ୍ରିୟ କାହାଣୀ ସାହାଯ୍ୟରେ ଏହି ପୁରାଣ ଗୁଡ଼ିକ ଜଟିଳ ସନାତନ ଧର୍ମତତ୍ତ୍ୱକୁ ବୋଧଗମ୍ୟ ଭାଷାରେ ନେଇ ଲୋକଙ୍କ ପାଖରେ ପହଞ୍ଚାଇ ଦେଇପାରିଲେ । ଅଷ୍ଟାଦଶ ପୁରାଣ ସମୂହ ଯେଉଁ ୧୮ଟି ପୁରାଣକୁ ନେଇ ରଚିତ ହୋଇଛି ସେଗୁଡ଼ିକ ହେଲେ ଅଗ୍ନି ପୁରାଣ, କୂର୍ମ ପୁରାଣ, ଗରୁଡ଼ ପୁରାଣ, ନାରଦ ପୁରାଣ, ପଦ୍ମ ପୁରାଣ, ବ୍ରହ୍ମ ପୁରାଣ, ବ୍ରହ୍ମାଣ୍ଡ ପୁରାଣ, ବ୍ରହ୍ମ ବୈବର୍ତ୍ତ ପୁରାଣ, ବରାହ ପୁରାଣ, ବାମନ ପୁରାଣ, ବିଷ୍ଣୁ ପୁରାଣ, ଭବିଷ୍ୟ ପୁରାଣ, ଭାଗବତ ପୁରାଣ, ମତ୍ସ୍ୟ ପୁରାଣ, ମାର୍କଣ୍ଡେୟ ପୁରାଣ, ଲିଙ୍ଗ ପୁରାଣ, ଶିବ ପୁରାଣ ଓ ସ୍କନ୍ଦ ପୁରାଣ ।

*ସମ୍ବନ୍ଧୀୟ ବିଷୟ*
*ଭାରତୀୟ ସାହିତ୍ୟ, ଶାସ୍ତ୍ର-ପୁରାଣ*

▷▷

## ଅଷ୍ଟିଓମାଇଲାଇଟିସ୍

ଏଇଟି ହେଲା ଗୋଟିଏ ଅସ୍ଥି-ସଂକ୍ରମଣ ଜନିତ ଅସୁବିଧା । ସାଧାରଣତଃ ଶୈଶବରେ ହେଉଥିଲେ ମଧ୍ୟ ପ୍ରାପ୍ତବୟସ୍କ ମାନଙ୍କ କ୍ଷେତ୍ରରେ ବେଳେବେଳେ ଦେଖାଯାଇଥାଏ । ରକ୍ତସ୍ରୋତ ସାହାଯ୍ୟରେ ସଂକ୍ରମଣ ସୃଷ୍ଟିକାରୀ ଅଣୁଜୀବସବୁ ଯାଇ ଅସ୍ଥି ବା ହାଡ଼ ଦେହରେ ପହଞ୍ଚିଯାଇଥା'ନ୍ତି ଓ କ୍ରମେ ଅସ୍ଥି ସହିତ ଅସ୍ଥିମଜ୍ଜା ଏହା ଫଳରେ ନଷ୍ଟ ହେବାକୁ ଲାଗେ । ଅଷ୍ଟିଓମାଇଲାଇଟିସ୍ ସଂକ୍ରମଣକୁ ଶରୀର ଧୀରେ ଧୀରେ ପ୍ରତିହତ କରିଦେଇପାରୁଥିଲେ ମଧ୍ୟ ସମୟେ ସମୟେ ଏହା ବିପଦଜନକ ପରିସ୍ଥିତି ସୃଷ୍ଟି କରିଥାଏ । ଶକ୍ତିଶାଳୀ ଆଣ୍ଟିବାୟୋଟିକ୍ ଔଷଧ ବାହାରିଗଲା ପରେ ଏ ଧରଣର ସଂକ୍ରମଣର ଚିକିତ୍ସା କରିବା କିଛୁ ସହଜ ହୋଇଯାଇଛି । ଟାଇଫଏଡ୍, ସିଫିଲିସ୍, ଯକ୍ଷ୍ମା କିମ୍ବା ସିକ୍‌ଲସେଲ୍ ଆନିମିଆ ଭଳି ଅନ୍ୟ କେତେକ ରୋଗର ପ୍ରଭାବରେ ସ୍ଥଳ ବିଶେଷରେ ଅଷ୍ଟିଓମାଇଲାଇଟିସ୍ ହୋଇପାରେ । ମଧ୍ୟବୟସ୍କ ଲୋକମାନଙ୍କ କ୍ଷେତ୍ରରେ ଦେଖାଯାଉଥିବା ମେରୁଦଣ୍ଡୀୟ ଅଷ୍ଟିଓମାଇଲାଇଟିସ୍ ସହିତ ମୂତ୍ରାଶୟ ସଂକ୍ରମଣର ସଂପର୍କ ଥିବା କଥା ଜଣାପଡ଼ିଛି ।

*ସମ୍ବନ୍ଧୀୟ ବିଷୟ*
*ଚିକିତ୍ସାବିଜ୍ଞାନ, ଅସ୍ଥି ଓ ଅସ୍ଥିବିଭାଗ, ଅସ୍ଥିମଜ୍ଜା*

▷▷

## ଅଷ୍ଟ୍ରାଲଏଡ୍

ଭୌଗୋଳିକ ଜାତି । ସାଧାରଣତଃ ଅଷ୍ଟ୍ରେଲିଆ ଓ ଟାସ୍‌ମାନିଆ ଅଞ୍ଚଳ ଏମାନଙ୍କର ମୂଳ ବାସସ୍ଥାନ ହୋଇଥିଲେହେଁ ଦକ୍ଷିଣ ଓ ଦକ୍ଷିଣ-ପଶ୍ଚିମ ଏସିଆର କେତେକ ଅଞ୍ଚଳରେ ମଧ୍ୟ ଅଛନ୍ତି । ଓଡ଼ିଶା ତଥା ଭାରତର ଅନ୍ୟ ଅଞ୍ଚଳର କେତେ



ଅଷ୍ଟ୍ରାଲଏଡ୍

ଜାତିର ଆଦିବାସୀଙ୍କୁ ଅଷ୍ଟ୍ରାଲଏଡ୍ ଜାତି ଭିତରେ ଗଣାଯାଇଥାଏ ।

ଇଉରୋପୀୟ ମାନେ ପହଞ୍ଚିଗଲା ପରେ ଅଷ୍ଟ୍ରେଲିଆରେ ଏମାନଙ୍କ ସଂଖ୍ୟା କମିବାକୁ ଲାଗିଲା ଓ ୧୮୭୬ ମସିହା ବେଳକୁ ଟାସ୍‌ମାନିଆ ଅଞ୍ଚଳରୁ ଏମାନେ ସଂପୂର୍ଣ୍ଣ ଭାବେ ବିଲୁପ୍ତ ହୋଇଗଲେ । ଗାଢ଼ ରଙ୍ଗର ଚର୍ମ, କୁଞ୍ଚୁକୁଞ୍ଚିଆ ବାଳ, ପତଳାରୁ ମଧ୍ୟମ ଶରୀର ଗଠନ, ବଡ଼ ବଡ଼ ଦାନ୍ତ, ଉଚ୍ଚ ମାଡ଼ି ତଥା ଅସମ ପରିମାଣର ଶରୀର କେଶ ଇତ୍ୟାଦି ହେଲା ଅଷ୍ଟ୍ରାଲଏଡ୍ ମାନଙ୍କଠାରେ ଦେଖାଯାଉଥିବା କେତେକ ନୃତତ୍ତ୍ୱ-ଲକ୍ଷଣ ।

***ସମ୍ବନ୍ଧୀୟ ବିଷୟ***

*ନୃତତ୍ତ୍ୱ, ମାନବ ଜାତି, ଅଷ୍ଟ୍ରେଲିଆ, ଆଦିବାସୀ*

▷▷

## ଅଷ୍ଟ୍ରିଆ

ସରକାରୀ ନାମ **ରିପବ୍ଲିକ୍ ଅଷ୍ଟରରେଇକ୍ (ଅଷ୍ଟ୍ରିଆ ସାଧାରଣତନ୍ତ୍ର)** ଶାସନ ବ୍ୟବସ୍ଥା **ସଂଘୀୟ ବହୁଦଳୀୟ ସାଧାରଣତନ୍ତ୍ର-ଦୁଇଟି ବିଧାନପରିଷଦ ରାଷ୍ଟ୍ରମୁଖ୍ୟ ପ୍ରେସିଡେଣ୍ଟ** ଶାସନ ମୁଖ୍ୟ **ଚ୍ୟାନସେଲର** ରାଜଧାନୀ **ଭିଏନା** ସରକାରୀ ଭାଷା **ଜର୍ମାନ** ରାଷ୍ଟ୍ରୀୟ ଧର୍ମ **ନାହିଁ** କ୍ଷେତ୍ରଫଳ **୮୩,୮୫୯ ବର୍ଗକିଲୋମିଟର** ଜନସଂଖ୍ୟା **୭୯,୫୦,୦୦୦** ମୁଖ୍ୟସହର **ଭିଏନା, ଗ୍ରାଜ, ଲିଞ୍ଜ, ସାଲ୍‌ଜବର୍ଗ, ଇନସବ୍ରକ୍** ମୁଦ୍ରା **ସିଲିଙ୍ଗ** ପତାକା **ଲୋହିତ, ଶ୍ୱେତ, ଲୋହିତ ବର୍ଣ୍ଣର ତିନୋଟି ହୋରାଇଜୋଣ୍ଟାଲ ଷ୍ଟ୍ରାଇପ୍ ।**

ଇଉରୋପ ମହାଦେଶର ଏହି ଦେଶଟିର ପଶ୍ଚିମରେ ସ୍ୱିଜରଲାଣ୍ଡ, ଉତ୍ତର-ପଶ୍ଚିମରେ ଜର୍ମାନୀ, ଉତ୍ତରରେ ଚେକୋସ୍ଲୋଭାକିଆ ଓ ସ୍ଲୋଭାକିଆ, ପୂର୍ବ ଓ ଦକ୍ଷିଣ ପୂର୍ବରେ ହଙ୍ଗେରୀ ଓ ଅବିଭକ୍ତ ଯୁଗୋସ୍ଲାଭିଆ ତଥା ଦକ୍ଷିଣ-ପଶ୍ଚିମରେ ଇଟାଲୀ ଦେଶ ରହିଛନ୍ତି । ଅଷ୍ଟ୍ରିଆର ଇତିହାସ ଅତି ପୁରାତନ : ମାତ୍ର ଅଷ୍ଟାଦଶ ଶତାବ୍ଦୀର ଯୁଦ୍ଧସବୁ ପରେହିଁ ଆଧୁନିକ ଅଷ୍ଟ୍ରୀୟ ସାମ୍ରାଜ୍ୟର ସୃଷ୍ଟି ହେଲା । ୧୮୬୭ ମସିହାରେ ଅଷ୍ଟ୍ରିଆ—ହଙ୍ଗେରୀ ଦ୍ୱୈତ ସାମ୍ରାଜ୍ୟ ଗଢ଼ି ଉଠିଥିଲା । ୧୯୧୪ ମସିହାରେ ସାରିଏଭୋ ଠାରେ ଆର୍କଡ୍ୟୁକ ଫର୍ଡ଼ିନାଣ୍ଡଙ୍କ ହତ୍ୟା ଯୋଗୁଁ ପ୍ରଥମ ବିଶ୍ୱଯୁଦ୍ଧ ଆରମ୍ଭ ହୋଇ ଏହି ସାମ୍ରାଜ୍ୟର ପତନ ଘଟିଲା । ୧୯୩୮ ମସିହାରେ ହିଟ୍‌ଲର ଅଷ୍ଟ୍ରିଆ ଦଖଲ କରିଥିଲେ । ୧୯୪୫ ମସିହାରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଏଇଟିକୁ ଗୋଟିଏ ସାଧାରଣତନ୍ତ୍ର ବୋଲି ଘୋଷଣା କରାଗଲା । ଇଉରୋପ ମହାଦେଶର ସବୁଠାରୁ ପାହାଡ଼ିଆ ଅଞ୍ଚଳ ଭାବେ ଅଷ୍ଟ୍ରିଆ ଗଣାହୁଏ । ଗୋଟିଏ ଅଂଶରେ ଆଲ୍‌ପ୍ସ ପର୍ବତମାଳା ରହିଛି । ଜଳବାୟୁ ଦେଶର ଭିନ୍ନ ଭିନ୍ନ ଅଂଶରେ ଭିନ୍ନ ଭିନ୍ନ ପ୍ରକାରର । ଗହମ, ଯଅ, ବାଜରା, ଫଳ ପ୍ରଭୃତି ହେଲା ମୁଖ୍ୟ କୃଷିଜାତ ଦ୍ରବ୍ୟ । ଦୁଗ୍ଧଜାତ ପଦାର୍ଥରେ ଦେଶ ଭରପୂର । ଇଞ୍ଜିନିଅରିଙ୍ଗ୍ ଶିଳ୍ପ ହେଲା ଦେଶ ଅର୍ଥନୀତିର ମେରୁଦଣ୍ଡ । କୃଷି ଓ ଗୋପାଳନରେ ମଧ୍ୟ ବହୁଲୋକ ଲାଗିଛନ୍ତି । ଅଷ୍ଟ୍ରୀୟ ସଂସ୍କୃତି ବହୁ ଯୁଗରୁ ଖ୍ୟାତ ।

***ସମ୍ବନ୍ଧୀୟ ବିଷୟ***

*ଇଉରୋପ, ହିଟ୍‌ଲର, ପ୍ରଥମ ବିଶ୍ୱଯୁଦ୍ଧ, ବିଶ୍ୱଶାନ୍ତି*

▷▷

## ଅଷ୍ଟ୍ରେଲିଆ

ସରକାରୀ ନାମ **କମନ ୱେଲଥ୍ ଅଫ ଅଷ୍ଟ୍ରେଲିଆ** ଶାସନ ବ୍ୟବସ୍ଥା **ସଂଘୀୟ ସଂସଦୀୟ ରାଷ୍ଟ୍ର (ଔପଗ୍ରାରିକ ସାମ୍ବିଧାନିକ ରାଜତନ୍ତ୍ର) ଦୁଇଟି ବିଧାନ ପରିଷଦ** ରାଷ୍ଟ୍ରମୁଖ୍ୟ **ଗଭର୍ଣ୍ଣର ଜେନେରାଲ-ବ୍ରିଟିଶ ସାମ୍ରାଜ୍ଞୀଙ୍କ ପ୍ରତିନିଧି ଭାବେ** ଶାସନମୁଖ୍ୟ **ପ୍ରଧାନମନ୍ତ୍ରୀ** ରାଜଧାନୀ **କାନ୍‌ବେରା** ସରକାରୀ ଭାଷା **ଇଂରାଜୀ** ରାଷ୍ଟ୍ରୀୟ ଧର୍ମ **ନାହିଁ** କ୍ଷେତ୍ରଫଳ **୭୬,୮୨,୩୦୦ ବର୍ଗକିଲୋମିଟର** ଜନସଂଖ୍ୟା **୧,୭୭,୨୯,୦୦୦** ମୁଖ୍ୟ ସହର **ସିଡନି, ମେଲବୋର୍ଣ୍ଣ, ବ୍ରିସବେନ୍, ପର୍ଥ, ଆଡିଲେଡ** ମୁଦ୍ରା **ଅଷ୍ଟ୍ରେଲୀୟ ଡଲାର** ପତାକା **ଇଂଲଣ୍ଡ ପତାକାର ନୀଳ ଏନ୍‌ସାଇନ ତଳେ ସାତୋଟି ପଏଣ୍ଟଥିବା ଗୋଟିଏ ବଡ଼ ତାରକା, ପାର୍ଶ୍ୱରେ ଦକ୍ଷିଣ କ୍ରସ୍‌ର ପାଞ୍ଚଟି ଶ୍ୱେତ ତାରକା ।**

ଏବେ ସିନା ପୃଥିବୀଟା ଏତେ'ଛୋଟ' ହୋଇଗଲା; ଦୁଇଶହ ବର୍ଷ ପୂର୍ବେ ସେଇଟି ଥିଲା କିନ୍ତୁ ଗୋଟାଏ ଦୃଷ୍ଟିରୁ ଅତି ବଡ଼ । ଛୋଟ ହେବାର ଅର୍ଥ ହେଲା—ଦୂର ଅଞ୍ଚଳ ବୋଲି ଆଉ ଗୋଟାଏ କିଛି ରହିଲା ନାହିଁ । ଉଡ଼ାଜାହାଜ, ରେଳ, ମଟର ଆଦି ଦୂର ଜାଗାକୁ ନିକଟ କରିଦେଲା । ରେଡ଼ିଓ, ଟେଲିଭିଜନ ତ ଆଜିକାଲି ଏମିତି କରିଦେଲାଣି ଯେ ବେଳେ ବେଳେ ମନେ ହେଉଛି ସବୁ ଯେମିତି ହାତ ପାହାନ୍ତାରେ ।

ଇଉରୋପର ଲୋକେ ଯେତେବେଳେ ଠିକ୍ କଲେ ଯେ ଜାହାଜରେ ଯାଇ ସବୁ ମହାସାଗରରେ କେଉଁ କେଉଁ ଦେଶ ସବୁ ଅଛି ତାକୁ ଠାବ କରିବେ, ସେତେବେଳେ ବହୁ ନୂଆ ଅଞ୍ଚଳର ସନ୍ଧାନ ପାଇଲେ । ଶେଷକୁ ସେମାନେ ଗୋଟିଏ ସ୍ଥାନରେ ଯାଇ ପହଞ୍ଚି ଗଲେ । ସେ ସ୍ଥାନକୁ ପୂର୍ବରୁ କେହି ଦେଖିନଥିଲେ ବୋଲି କହିଲେ ଚଳେ । ତା' ବିଷୟରେ କିଛି ଜାଣି ମଧ୍ୟ ନଥିଲେ । ଦେଖିଲେ ଯେ ସେଇଟା ଗୋଟାଏ ଖୁବ୍ ବଡ଼ ଦ୍ୱୀପ । କିନ୍ତୁ ସେଇଟା ଏତେ ବଡ଼ ଯେ ତାକୁ ଗୋଟିଏ ଛୋଟ ମହାଦେଶ ବୋଲି କହିଲେ । ସେହିକାଳୁ କୁହାହୋଇ ଆସୁଛି ଅଷ୍ଟ୍ରେଲିଆ ହେଉଛି ପୃଥିବୀର ଗୋଟିଏ ସବୁଠାରୁ ବଡ଼ ଦ୍ୱୀପ ଓ ସବୁଠାରୁ ଛୋଟ ମହାଦେଶ । ୫୦ଟା ଓଡ଼ିଶା ଯେତିକି ଅଞ୍ଚଳରେ ରହନ୍ତା ପ୍ରାୟ ସେତିକି ଅଞ୍ଚଳ ରହିଛି ଅଷ୍ଟ୍ରେଲିଆ ଭିତରେ । ଇଉରୋପୀୟମାନେ ତା' ଭିତରେ ପଶି ଦେଖିଲେ ଯେ ପାଞ୍ଚ ଭାଗରୁ ଚାରି ଭାଗ ଅଞ୍ଚଳରେ କେହି ଲୋକ ନାହାନ୍ତି । ମଣିଷ ରହି ପାରନ୍ତି ନାହିଁ—କାହିଁକି ନା ସେଠି ଅତି ଗରମ, ବର୍ଷା ହୁଏ ନାହିଁ ଓ ଏତେ ବଡ଼ ଅଞ୍ଚଳଟା ଗୋଟାଏ ମରୁଭୂମି ।

ଯେଉଁ ମୂଳ ଅଧିବାସୀମାନେ ସେଠି ବସବାସ କରି ରହୁଥିଲେ ସେମାନଙ୍କର ରଙ୍ଗ ଗୋରା ନୁହେଁ । ସେମାନଙ୍କର ସଂଖ୍ୟା ଥିଲା ପ୍ରାୟ ତିନିଲକ୍ଷ । ଗୋରାଲୋକେ ସେମାନଙ୍କ ଭିତରୁ

ଅଷ୍ଟ୍ରେଲିଆର ଉତ୍ତର ଅଞ୍ଚଳରେ ଥିବା ଏହି ଶିଳାଭାଙ୍ଗ ପର୍ବତମାଳାଟିର ଲମ୍ବ ହେବ ପ୍ରାୟ ୨୪୦ କିଲୋମିଟର ।





ଅଷ୍ଟ୍ରାଲଏଡ୍

ଜାତିର ଆଦିବାସୀଙ୍କୁ ଅଷ୍ଟ୍ରାଲଏଡ୍ ଜାତି ଭିତରେ ଗଣାଯାଇଥାଏ ।

ଇଉରୋପୀୟ ମାନେ ପହଞ୍ଚିଗଲା ପରେ ଅଷ୍ଟ୍ରେଲିଆରେ ଏମାନଙ୍କ ସଂଖ୍ୟା କମିବାକୁ ଲାଗିଲା ଓ ୧୮୭୬ ମସିହା ବେଳକୁ ଟାସ୍‌ମାନିଆ ଅଞ୍ଚଳରୁ ଏମାନେ ସଂପୂର୍ଣ୍ଣ ଭାବେ ବିଲୁପ୍ତ ହୋଇଗଲେ । ଗାଢ଼ ରଙ୍ଗର ଚର୍ମ, କୁଞ୍ଚୁକୁଞ୍ଚିଆ ବାଳ, ପତଳାରୁ ମଧ୍ୟମ ଶରୀର ଗଠନ, ବଡ଼ ବଡ଼ ଦାନ୍ତ, ଉଚ୍ଚ ମାଢ଼ି ତଥା ଅସମ ପରିମାଣର ଶରୀର କେଶ ଇତ୍ୟାଦି ହେଲା ଅଷ୍ଟ୍ରାଲଏଡ୍ ମାନଙ୍କଠାରେ ଦେଖା-ଯାଉଥିବା କେତେକ ନୃତତ୍ତ୍ୱ-ଲକ୍ଷଣ ।

***ସମ୍ବନ୍ଧୀୟ ବିଷୟ***

*ନୃତତ୍ତ୍ୱ, ମାନବ ଜାତି, ଅଷ୍ଟ୍ରେଲିଆ, ଆଦିବାସୀ*

▷ ▷

## ଅଷ୍ଟ୍ରିଆ

ସରକାରୀ ନାମ **ରିପବ୍ଲିକ୍ ଅଷ୍ଟରରେଇକ୍ (ଅଷ୍ଟ୍ରିଆ ସାଧାରଣତନ୍ତ୍ର)** ଶାସନ ବ୍ୟବସ୍ଥା **ସଂଘୀୟ ବହୁଦଳୀୟ ସାଧାରଣତନ୍ତ୍ର-ଦୁଇଟି ବିଧାନପରିଷଦ** ରାଷ୍ଟ୍ରମୁଖ୍ୟ **ପ୍ରେସିଡେଣ୍ଟ** ଶାସନ ମୁଖ୍ୟ **ଗ୍ଯାନସେଲର** ରାଜଧାନୀ **ଭିଏନା** ସରକାରୀ ଭାଷା **ଜର୍ମାନ** ରାଷ୍ଟ୍ରୀୟ ଧର୍ମ **ନାହିଁ** କ୍ଷେତ୍ରଫଳ **୮୩,୮୫୯ ବର୍ଗକିଲୋମିଟର** ଜନସଂଖ୍ୟା **୭୯,୫୦,୦୦୦** ମୁଖ୍ୟସହର **ଭିଏନା, ଗ୍ରାଜ, ଲିଞ୍ଜ, ସାଲ୍‌ଜବର୍ଗ, ଇନସବ୍ରୁକ୍** ମୁଦ୍ରା **ସିଲିଙ୍ଗ** ପତାକା **ଲୋହିତ, ଶ୍ୱେତ, ଲୋହିତ ବର୍ଣ୍ଣର ତିନୋଟି ହୋରାଇଜୋଣ୍ଟାଲ ଷ୍ଟ୍ରାଇପ୍ ।**

ଇଉରୋପ ମହାଦେଶର ଏହି ଦେଶଟିର ପଶ୍ଚିମରେ ସ୍ୱିଜରଲାଣ୍ଡ, ଉତ୍ତର-ପଶ୍ଚିମରେ ଜର୍ମାନୀ, ଉତ୍ତରରେ ଚେକୋସ୍ଲୋଭାକିଆ ଓ ସ୍ଲୋଭାକିଆ, ପୂର୍ବ ଓ ଦକ୍ଷିଣ ପୂର୍ବରେ ହଙ୍ଗେରୀ ଓ ଅବିଭକ୍ତ ଯୁଗୋସ୍ଲାଭିଆ ତଥା ଦକ୍ଷିଣ-ପଶ୍ଚିମରେ ଇଟାଲୀ ଦେଶ ରହିଛନ୍ତି । ଅଷ୍ଟ୍ରିଆର ଇତିହାସ ଅତି ପୁରାତନ : ମାତ୍ର ଅଷ୍ଟାଦଶ ଶତାବ୍ଦୀର ଯୁଦ୍ଧ-ସବୁ ପରେହିଁ ଆଧୁନିକ ଅଷ୍ଟ୍ରୀୟ ସାମ୍ରାଜ୍ୟର ସୃଷ୍ଟି ହେଲା । ୧୮୬୭ ମସିହାରେ ଅଷ୍ଟ୍ରିଆ—ହଙ୍ଗେରୀ ଦ୍ୱୈତ ସାମ୍ରାଜ୍ୟ ଗଢ଼ି ଉଠିଥିଲା । ୧୯୧୪ ମସିହାରେ ସାରିଏଭୋ ଠାରେ ଆର୍କଡ୍ୟୁକ ଫର୍ଡିନାଣ୍ଡଙ୍କ ହତ୍ୟା ଯୋଗୁଁ ପ୍ରଥମ ବିଶ୍ୱଯୁଦ୍ଧ ଆରମ୍ଭ ହୋଇ ଏହି ସାମ୍ରାଜ୍ୟର ପତନ ଘଟିଲା । ୧୯୩୮ ମସିହାରେ ହିଟ୍‌ଲର ଅଷ୍ଟ୍ରିଆ ଦଖଲ କରିଥିଲେ । ୧୯୪୫ ମସିହାରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଏଇଟିକୁ ଗୋଟିଏ ସାଧାରଣତନ୍ତ୍ର ବୋଲି ଘୋଷଣା କରାଗଲା । ଇଉରୋପ ମହାଦେଶର ସବୁଠାରୁ ପାହାଡ଼ିଆ ଅଞ୍ଚଳ ଭାବେ ଅଷ୍ଟ୍ରିଆ ଗଣାହୁଏ । ଗୋଟିଏ ଅଂଶରେ ଆଲ୍‌ପ୍‌ସ ପର୍ବତମାଳା ରହିଛି । ଜଳବାୟୁ ଦେଶର ଭିନ୍ନ ଭିନ୍ନ ଅଂଶରେ ଭିନ୍ନ ଭିନ୍ନ ପ୍ରକାରର । ଗହମ, ଯଅ, ବାଜରା, ଫଳ ପ୍ରଭୃତି ହେଲା ମୁଖ୍ୟ କୃଷିଜାତ ଦ୍ରବ୍ୟ । ଦୁଗ୍ଧଜାତ ପଦାର୍ଥରେ ଦେଶ ଭରପୂର । ଇଞ୍ଜିନିଅରିଙ୍ଗ୍ ଶିଳ୍ପ ହେଲା ଦେଶ ଅର୍ଥନୀତିର ମେରୁଦଣ୍ଡ । କୃଷି ଓ ଗୋପାଳନରେ ମଧ୍ୟ ବହୁଲୋକ ଲାଗିଛନ୍ତି । ଅଷ୍ଟ୍ରୀୟ ସଂସ୍କୃତି ବହୁ ଯୁଗରୁ ଖ୍ୟାତ ।

***ସମ୍ବନ୍ଧୀୟ ବିଷୟ***

*ଇଉରୋପ, ହିଟ୍‌ଲର, ପ୍ରଥମ ବିଶ୍ୱଯୁଦ୍ଧ, ବିଶ୍ୱଶାନ୍ତି*

▷ ▷

## ଅଷ୍ଟ୍ରେଲିଆ

ସରକାରୀ ନାମ **କମନ ୱେଲଥ୍ ଅଫ ଅଷ୍ଟ୍ରେଲିଆ** ଶାସନ ବ୍ୟବସ୍ଥା **ସଂଘୀୟ ସଂସଦୀୟ ରାଷ୍ଟ୍ର (ଔପଗ୍ରିକ ସାମ୍ବିଧାନିକ ରାଜତନ୍ତ୍ର) ଦୁଇଟି ବିଧାନ ପରିଷଦ** ରାଷ୍ଟ୍ରମୁଖ୍ୟ **ଗଭର୍ଣ୍ଣର ଜେନେରାଲ-ବ୍ରିଟିଶ ସାମ୍ରାଜ୍ଞୀଙ୍କ ପ୍ରତିନିଧି ଭାବେ** ଶାସନମୁଖ୍ୟ **ପ୍ରଧାନମନ୍ତ୍ରୀ** ରାଜଧାନୀ **କାନ୍‌ବେରା** ସରକାରୀ ଭାଷା **ଇଂରାଜୀ** ରାଷ୍ଟ୍ରୀୟ ଧର୍ମ **ନାହିଁ** କ୍ଷେତ୍ରଫଳ **୭୬,୮୨,-୩୦୦ ବର୍ଗକିଲୋମିଟର** ଜନସଂଖ୍ୟା **୧,୭୭,୨୯,୦୦୦** ମୁଖ୍ୟ ସହର **ସିଡନି, ମେଲବୋର୍ଣ୍ଣ, ବ୍ରିସବେନ୍, ପର୍ଥ, ଆଡି-ଲେଡ** ମୁଦ୍ରା **ଅଷ୍ଟ୍ରେଲୀୟ ଡଲାର** ପତାକା **ଇଂଲଣ୍ଡ ପତାକାର ନୀଳ ଏନ୍‌ସାଇନ ତଳେ ସାତୋଟି ପଏଣ୍ଟଥିବା ଗୋଟିଏ ବଡ଼ ତାରକା, ପାର୍ଶ୍ୱରେ ଦକ୍ଷିଣ କ୍ରସ୍‌ର ପାଞ୍ଚଟି ଶ୍ୱେତ ତାରକା ।**

ଏବେ ସିନା ପୃଥିବୀଟା ଏଡ଼େ 'ଛୋଟ' ହୋଇ-ଗଲା; ଦୁଇଶହ ବର୍ଷ ପୂର୍ବେ ସେଇଟି ଥିଲା କିନ୍ତୁ ଗୋଟାଏ ଦୃଷ୍ଟିରୁ ଅତି ବଡ଼ । ଛୋଟ ହେବାର ଅର୍ଥ ହେଲା—ଦୂର ଅଞ୍ଚଳ ବୋଲି ଆଉ ଗୋଟାଏ କିଛି ରହିଲା ନାହିଁ । ଉଡ଼ାଜାହାଜ, ରେଳ, ମଟର ଆଦି ଦୂର ଜାଗାକୁ ନିକଟ କରିଦେଲା । ରେଡିଓ, ଟେଲିଭିଜନ ତ ଆଜିକାଲି ଏମିତି କରିଦେଲାଣି ଯେ ବେଳେ ବେଳେ ମନେ ହେଉଛି ସବୁ ଯେମିତି ହାତ ପାହାନ୍ତାରେ ।

ଇଉରୋପର ଲୋକେ ଯେତେବେଳେ ଠିକ୍ କଲେ ଯେ ଜାହାଜରେ ଯାଇ ସବୁ ମହାସାଗରରେ କେଉଁ କେଉଁ ଦେଶ ସବୁ ଅଛି ତାକୁ ଠାବ କରିବେ, ସେତେବେଳେ ବହୁ ନୂଆ ଅଞ୍ଚଳର ସନ୍ଧାନ ପାଇଲେ । ଶେଷକୁ ସେମାନେ ଗୋଟିଏ ସ୍ଥାନରେ ଯାଇ ପହଞ୍ଚି ଗଲେ । ସେ ସ୍ଥାନକୁ ପୂର୍ବରୁ କେହି ଦେଖିନଥିଲେ ବୋଲି କହିଲେ ଚଳେ । ତା' ବିଷୟରେ କିଛି ଜାଣି ମଧ୍ୟ ନଥିଲେ । ଦେଖିଲେ ଯେ ସେଇଟା ଗୋଟାଏ ଖୁବ୍ ବଡ଼ ଦ୍ୱୀପ । କିନ୍ତୁ ସେଇଟା ଏଡ଼େ ବଡ଼ ଯେ ତାକୁ ଗୋଟିଏ ଛୋଟ ମହାଦେଶ ବୋଲି କହିଲେ । ସେହିକାଳୁ କୁହା-ହୋଇ ଆସୁଛି ଅଷ୍ଟ୍ରେଲିଆ ହେଉଛି ପୃଥିବୀର ଗୋଟିଏ ସବୁଠାରୁ ବଡ଼ ଦ୍ୱୀପ ଓ ସବୁଠାରୁ ଛୋଟ ମହାଦେଶ । ୫୦ଟା ଓଡ଼ିଶା ଯେତିକି ଅଞ୍ଚଳରେ ରହନ୍ତା ପ୍ରାୟ ସେତିକି ଅଞ୍ଚଳ ରହିଛି ଅଷ୍ଟ୍ରେଲିଆ ଭିତରେ । ଇଉରୋପୀୟମାନେ ତା' ଭିତରେ ପଶି ଦେଖିଲେ ଯେ ପାଞ୍ଚ ଭାଗରୁ ଚାରି ଭାଗ ଅଞ୍ଚଳରେ କେହି ଲୋକ ନାହାନ୍ତି । ମଣିଷ ରହି ପାରନ୍ତି ନାହିଁ—କାହିଁକି ନା ସେଠି ଅତି ଗରମ, ବର୍ଷା ହୁଏ ନାହିଁ ଓ ଏତେ ବଡ଼ ଅଞ୍ଚଳଟା ଗୋଟାଏ ମରୁଭୂମି ।

ଯେଉଁ ମୂଳ ଅଧିବାସୀମାନେ ସେଠି ବସବାସ କରି ରହୁଥିଲେ ସେମାନଙ୍କର ରଙ୍ଗ ଗୋରା ନୁହେଁ । ସେମାନଙ୍କର ସଂଖ୍ୟା ଥିଲା ପ୍ରାୟ ତିନିଲକ୍ଷ । ଗୋରାଲୋକେ ସେମାନଙ୍କ ଭିତରୁ



ଅଷ୍ଟ୍ରେଲିଆର ଉତ୍ତର ଅଞ୍ଚଳରେ ଥିବା ଏହି ଶିଳାଭାଙ୍ଗ ପର୍ବତମାଳାଟିର ଲମ୍ବ ହେବ ପ୍ରାୟ ୨୪୦ କିଲୋମିଟର ।

ଅନେକଙ୍କୁ ମାରିଦେଲେ: ଉର୍ବର ଅଞ୍ଚଳରୁ ମରୁଭୂମି ଅଞ୍ଚଳକୁ ତଡ଼ିଦେଲେ । କ୍ରମେ ସେମାନଙ୍କ ସଂଖ୍ୟା କମି ଆସିଲା । ଶେଷକୁ ଅଳ୍ପ କେତେ ହଜାର ରହିଲେ । ଗୋରା ଲୋକେ ଯେଉଁସବୁ ନୂଆ ରୋଗ ନେଇଥିଲେ ସେହି ସବୁ ରୋଗ ବହୁ ଲୋକ ସମ୍ଭାଳି ନପାରି ମରିଗଲେ । ଏବେ ସେମାନଙ୍କ ସଂଖ୍ୟା ସାମାନ୍ୟ ବଢ଼ିଛି ଓ ସମଗ୍ର ଅଷ୍ଟ୍ରେଲିଆରେ ମାତ୍ର ଏକ ଲକ୍ଷ ଅଛନ୍ତି; ଯଦିଓ ଆଜି ସେ




ସେଲ୍: ଅନୁମାନିକ
'ଅଷ୍ଟ୍ରେଲିଆ ମହାଦେଶ'

ମହାଦେଶରେ ଲୋକସଂଖ୍ୟା ହେଉଛି ପ୍ରାୟ ୧ କୋଟି ୭୮ ଲକ୍ଷ ।

ପୃଥିବୀର ସବୁ ଅଞ୍ଚଳରୁ ବହୁ ଦୂରରେ ଥିବାରୁ ଅଷ୍ଟ୍ରେଲିଆରେ ଯେଉଁସବୁ ଜୀବ ରହୁଥିଲେ ସେଗୁଡ଼ିକ ଅନ୍ୟ ଅଞ୍ଚଳରେ ଦେଖାଯାଉନଥିଲେ । କଙ୍ଗାରୁ, ପ୍ଲାଟିପସ୍, କୋଆଲା, ନୂଆ ରକମର ମୂଷା ଓ ବାଦୁଡ଼ି ଏହିଭଳି ଗୋଟିଏ ଗୋଟିଏ ଜୀବ । ଡେଙ୍ଗୁ ବା ବଣୁଆ କୁକୁର ଅଛନ୍ତି । ଏମୁ ଓ କାଶୋୱାରୀ ପକ୍ଷୀ ଉଡ଼ିପାରନ୍ତି ନାହିଁ ସତ, କିନ୍ତୁ ସେମାନଙ୍କ ଠାରେ ନୂଆ ଗୁଣ ଅଛି । ଇଉରୋପ ମହାଦେଶରେ ଥିବା ସୁବର୍ଣ୍ଣ ଈଗଲ ସବୁଠାରୁ ବଡ଼ । ଏହି ନୂଆ ମହାଦେଶରେ କିନ୍ତୁ ତା' ଠାରୁ ବଡ଼ ଈଗଲ ଅଛନ୍ତି । ସେମିତି ଅନେକ ନୂଆ ଗଛ ମଧ୍ୟ ସେଠି ଦେଖିବାକୁ ମିଳିଲା । ଇଉକାଲିପ୍‌ଟସ୍ ସେଥିଭିତରୁ ଗୋଟିଏ । ଆକାଶିଆ ଗଛ ୭୫୮ ପ୍ରକାରର ରହିଛି । ଏହି ଦ୍ୱୀପ ମହାଦେଶର ଲୋକେ ପଶମ (ଉଲ୍), ମାଂସ ଓ ଗହମ ଅନ୍ୟ ଦେଶ ସବୁକୁ ପଠାଇ ଧନୀ ହୋଇପାରିଛନ୍ତି । ସେଠାରେ ମୂଳ ଅଧିବାସୀମାନେ ଏମିତିକା ଗୋଟିଏ ଅସ୍ତ୍ର ବାହାର କରିଥିଲେ ଯେ କାଠ ତିଆରି ସେହି ଅସ୍ତ୍ରଟିକୁ ଦୂରକୁ ଫିଙ୍ଗିଲେ କୌଣସି ଜୀବ ଦେହରେ ବା ମଣିଷ ଦେହରେ ବାଜି ପୁଣି ହାତକୁ ଫେରିଆସେ । ତାକୁ କୁହନ୍ତି 'ବୁମେରାଙ୍ଗ୍' । ଏ ମହାଦେଶରେ କେତେ ଗୁଡ଼ିଏ ହ୍ରଦ ଅଛି, କିନ୍ତୁ ସେଥିରେ ପାଣି ନଥାଏ । ସେଗୁଡ଼ିକ ଗୋଟିଏ ଗୋଟିଏ ଲବଣ କ୍ଷେତ୍ର । ନଦୀରେ ବନ୍ୟା ଆସିଲେ ସେଗୁଡ଼ିକରେ କିଛୁ ପାଣି ପଶିଯାଇଥାଏ । ୧୮୫୧ ମସିହାରେ ଅଷ୍ଟ୍ରେଲିଆରେ ସୁନାର ସନ୍ଧାନ ମିଳିଥିଲା ।

ଏହି ଦ୍ୱୀପ ମହାଦେଶଟି ପୂର୍ବରୁ ପଶ୍ଚିମକୁ ୩୮୪୦ କିଲୋମିଟର । ଉତ୍ତରରୁ ଦକ୍ଷିଣକୁ ୩୧୦୦ କିଲୋମିଟର । ସମୁଦ୍ର କୂଳେ କୂଳେ ମହାଦେଶର ଚାରିପଟେ ବୁଲି ଆସିଲେ ହେବ ୧୯୫୩୬ କିଲୋମିଟର ।

ପ୍ରାୟ ୨୫,୦୦୦ରୁ ୪୦,୦୦୦ ବର୍ଷ ତଳେ ଅଷ୍ଟ୍ରେଲିଆରେ ଆଦିମ ଲୋକେ ଆସି ପ୍ରଥମେ ବସତି ସ୍ଥାପନ କରିଥିଲେ ବୋଲି କୁହାଯାଉଛି । ଦକ୍ଷିଣ-ପୂର୍ବ ଏସିଆ ଭୂଖଣ୍ଡରୁ ଯାଇ ସେମାନେ ସେଠାରେ ପହଞ୍ଚିଯାଇଥିଲେ । ୧୪୩୨ ମସିହାରେ ଡାରଉଇନ ଠାରେ ଚୀନାମାନେ ଯାଇ ପହଞ୍ଚିଯାଇଥିବାର କିଛି କିଛି ପ୍ରମାଣ ମିଳିଛି । କିନ୍ତୁ ଦିନାମାର ମାନେ ୧୬୧୬ ମସିହାରେ ଏଠାରେ ପହଞ୍ଚିଗଲାପରେ ଯାଇ ଇଉରୋପୀୟ ମାନେ ଅଷ୍ଟ୍ରେଲିଆ ବିଷୟରେ ପ୍ରତ୍ୟକ୍ଷ ଜ୍ଞାନ ଅର୍ଜନ କରିବାକୁ ଲାଗିଲେ ।

***ସମ୍ବନ୍ଧୀୟ ବିଷୟ***

*ପ୍ରଶାନ୍ତ ମହାସାଗର, ଏସିଆ, ଇଉରୋପ, ଆନ୍ତର୍ଜାତୀୟ ବାଣିଜ୍ୟ, କୃଷି, କ୍ରିକେଟ, ଆବିଷ୍କାର, ଉଲ୍, ଜୀବଜଗତ, ବୁମେରାଙ୍ଗ*

▷▷

## ଅଷ୍ଟ୍ରେଲୀୟ ମରୁଭୂମି

ଅଷ୍ଟ୍ରେଲିଆର ଗୋଟାଏ ବଡ଼ ଅଞ୍ଚଳରେ ଏହା ରହିଛି । କ୍ଷେତ୍ରଫଳ ପ୍ରାୟ ୧୫,୫୪,୦୦୦ ବର୍ଗକିଲୋମିଟର । ଅନ୍ୟ ଯେଉଁ ଛୋଟ ମରୁଭୂମିଟି ରହିଛି ତା'ର କ୍ଷେତ୍ରଫଳ ହେଲା ପ୍ରାୟ ୩,୨୩,୮୦୦ ବର୍ଗକିଲୋମିଟର । ସେଇଟିକୁ ଗ୍ରେଟ୍ ଭିକ୍ଟୋରିଆ ମରୁଭୂମି ବୋଲି କୁହାଯାଏ । ଏଥିରେ ଥିବା ଶୁଷ୍କ ଲୁଣା ଅଞ୍ଚଳକୁ ଆବାଦ କରିବାପାଇଁ ନିକଟରେ ଉଦ୍ୟମ ଆରମ୍ଭ ହୋଇଛି ।

***ସମ୍ବନ୍ଧୀୟ ବିଷୟ***

*ଅଷ୍ଟ୍ରେଲିଆ, ମରୁଭୂମି, ଭୂବିଜ୍ଞାନ, ପୃଥିବୀ, ଜଳବାୟୁ*

▷▷

## ଅସଂକ୍ରମୀକରଣ

ଅସଂକ୍ରମୀକରଣ ବା ଇମୁନାଇଜେସନଟି ହେଲା ରୋଗ, ଶାରୀରିକ ଅକ୍ଷମତା ତଥା ମୃତ୍ୟୁ ସହିତ ଯୁଦ୍ଧ କରିବାରେ ମଣିଷ ହାତରେ ଥିବା ଗୋଟିଏ ଅତି ଶକ୍ତିଶାଳୀ ଅସ୍ତ୍ର । ଟୀକା ବା ଭାକ୍‌ସିନେସନ ତଥା ଅନ୍ୟ କେତେକ ଉପାୟରେ ଏଭଳି କରାଯାଇପାରେ । ଦଶମ ଶତାବ୍ଦୀ ବେଳକୁ ଚୀନ ଦେଶରେ ଅସଂକ୍ରମୀକରଣ କରିପାରିବାର କଥା ଜଣାଥିଲେ ମଧ୍ୟ ଏଡ୍‌ୱାର୍ଡ ଜେନରଙ୍କ ଉଦ୍‌ଭାବନ ପରେ ହିଁ ଏହାର ପ୍ରଥମ ନିର୍ଦ୍ଦିଷ୍ଟ ନିୟନ୍ତ୍ରଣକ୍ଷମ ଉପଯୋଗ କରାଯାଇପାରିଲା । ପ୍ରଥମେ ୧୭୯୬ ମସିହାରେ ତାଙ୍କ ଆବିଷ୍କୃତ ବସନ୍ତ-ପ୍ରତିରୋଧ ଟୀକାର ପ୍ରାୟ ଶହେବର୍ଷ ପରେ ଯାଇ ଲୁଇ ପାସ୍ତୁରଙ୍କ ଦ୍ୱାରା ଜଳାତଙ୍କ ରୋଗ ନିମନ୍ତେ ଆଉ ଗୋଟାଏ ଟୀକା ବାହାରିଲା । ବିଂଶ ଶତାବ୍ଦୀ ଶେଷ ହୋଇ ଆସିଲାବେଳକୁ ଅନ୍ୟ ବହୁରୋଗ ପାଇଁ ଟୀକା ବାହାରି ପଡ଼ିଥିଲେ ମଧ୍ୟ ଚିକିତ୍ସାଶାସ୍ତ୍ରୀମାନେ ଏ ଦିଗରେ ଅଧିକ ଉଦ୍ୟମ ଜାରି ରଖିଛନ୍ତି ।

ଟୀକା ତିନି ପ୍ରକାରର । ପ୍ରଥମ ପ୍ରକାରରେ କେତେକ ଭାଇରସ କିମ୍ବା ବ୍ୟାକ୍‌ଟେରିଆର ଜେନେଟିକ ବ୍ୟବସ୍ଥାକୁ ବଦଳାଇ ଦେଇ ଏଥିପାଇଁ ବ୍ୟବହାର କରାଯାଇଥାଏ । ଦ୍ୱିତୀୟ ପ୍ରକାରଟି ହେଲା ମାରିଦିଆଯାଇଥିବା କ୍ଷୟକାରୀ ସମଗ୍ର ଅଣୁଜୀବ ବା ସେମାନଙ୍କର ଅଂଶବିଶେଷକୁ ନେଇ ତିଆରି



ବସନ୍ତ ପାଇଁ ଗୋବୀଜ ଟୀକାର ଉଦ୍‌ଭାବକ ଏଡ଼ୱାର୍ଡ ଜେନରଙ୍କୁ ଅସଂକ୍ରମୀକରଣ ବିଦ୍ୟାର ଜନକଭାବେ ଧରାଯାଏ । ଚିତ୍ରରେ ୧୭୯୬ ମସିହା ମେ ମାସ ୧୪ ତାରିଖ ଦିନ ଜେନର ଗୋଟିଏ ଆଠ ବର୍ଷର ବାଳକକୁ ପ୍ରଥମ ବସନ୍ତ ଟୀକା ଦେଉଥିବାର ଦୃଶ୍ୟ ।

ହୋଇଥିବା ଟୀକା । ତୃତୀୟ ପ୍ରକାରଟି ହେଲା 'ଟକ୍‌ସଏଡ୍' ବା ଅଣୁଜୀବଙ୍କ ବିଷକୁ ନିଷ୍କ୍ରିୟ କରି ତା ସାହାଯ୍ୟରେ ପ୍ରସ୍ତୁତ କରାଯାଇଥିବା ଟୀକା । ବସନ୍ତ, ପୀତଜ୍ୱର, ଓରାଲ ପୋଲିଓ, ମିଳିମିଳା, ମମ୍ସ୍ ଓ ରୁବେଲା ଟୀକା ହେଲା ପ୍ରଥମ ପ୍ରକାରର । ହୁପିଙ୍ଗ କାଶ, କଲେରା, ପୋଲିଓ ଭାଇରସ, ଇନ୍‌ଫ୍ଲୁଏଞ୍ଜା, ହେପାଟାଇଟିସ-ଏ ଓ ହେପାଟାଇଟିସ୍-ବି ଟୀକା ହେଲା ଦ୍ୱିତୀୟ ପ୍ରକାରର । ଟିଟାନସ୍ ଓ ଡିପ୍‌ଥେରିଆ ଭଳି ରୋଗର ଟୀକା ହେଲା ତୃତୀୟ ପ୍ରକାରର ।

ଆଜି ବହୁପ୍ରକାର ରୋଗ ପ୍ରତିରୋଧ ପାଇଁ ଗୋଟିଏ ଗୋଟିଏ ଟୀକା କାମ ଚଳାଇ ଦେଉଛି । ବିଶେଷଜ୍ଞମାନେ କହୁଛନ୍ତି ଯେ ଏକବିଂଶ ଶତାବ୍ଦୀର ପ୍ରଥମ ଦଶକ ଶେଷ ହୋଇ ଆସିଲାବେଳକୁ ଏକାଥରକେ ପଚିଶ ତିରିଶଟି ରୋଗର ପ୍ରତିରୋଧ କରିପାରୁଥିବା ଟୀକା ବାହାରି ପଡ଼ିଥିବ ଓ ଏହା ସେ ସମୟର ଶିଶୁକୁ ସାରା ଜୀବନ ପାଇଁ ସୁରକ୍ଷିତ କରିଦେଇପାରିବ । ଏଡ଼ସ୍ ଭଳି ମାରାତ୍ମକ ରୋଗ ମଧ୍ୟ ଏଥିରୁ ବାଦ୍ ପଡ଼ି ନ ଥିବ ।

ଅସଂକ୍ରମୀକରଣ ପଦ୍ଧତିରେ ଖୁବ୍ ଅଳ୍ପ ପରିମାଣର ଆଣ୍ଟିଜେନ ଶରୀର ମଧ୍ୟକୁ ପ୍ରବେଶ କରାଇ ଦିଆଯାଇଥାଏ । ଫଳରେ ରୋଗଗ୍ରସ୍ତ ନ ହୋଇ ମଧ୍ୟ ଆଣ୍ଟିବଡ଼ି ତିଆରି କରିବା କାମ ଶରୀର ଆରମ୍ଭ କରିଦିଏ । ଅବଶ୍ୟ ସବୁ ଟୀକା ସମାନ ଧରଣର ପ୍ରତିରକ୍ଷା ଯୋଗାଇ ନ ଥା'ନ୍ତି । ଭିନ୍ନ ଭିନ୍ନ ପ୍ରକାରର ଟୀକା ଅଳ୍ପ କେତେଦିନଠାରୁ ଆରମ୍ଭ କରି ଦୀର୍ଘକାଳ ପର୍ଯ୍ୟନ୍ତ ସ୍ଥାୟୀ ଅସଂକ୍ରାମ୍ୟତା ସୃଷ୍ଟି କରିଥା'ନ୍ତି । ଭାରତ ଭଳି ବିକାଶଶୀଳ ରାଷ୍ଟ୍ର ସବୁରେ ଅସଂକ୍ରମୀକରଣ ଉପରେ ଖୁବ୍ ଗୁରୁତ୍ୱ ଦିଆଯାଉଛି । ସୁସ୍ଥ ତଥା ପାରିବାର ନାଗରିକଙ୍କ ଭବିଷ୍ୟତ ବିକାଶ ନିମନ୍ତେ ଏଭଳି କରିବାର ଆବଶ୍ୟକତା କଥା ବିଷୟରେ ସମସ୍ତେ ସହମତ ହୋଇଗଲେଣି ।

***ସମ୍ବନ୍ଧୀୟ ବିଷୟ***

*ମାନବଶରୀର, ଟୀକା, ରୋଗ, ଶିଶୁ, ଅସଂକ୍ରାମ୍ୟତା ଓ ଶରୀର ପ୍ରତିରକ୍ଷା ବ୍ୟବସ୍ଥା, ଚିକିତ୍ସା ବିଜ୍ଞାନ, ସମାଜ, ଟେକ୍‌ନୋଲଜି, ବାଇଓ-ଟେକ୍‌ନୋଲଜି, ଜନସ୍ୱାସ୍ଥ୍ୟ, ଜେନେଟିକ୍‌ସ*

▷▷

## ଅସଂକ୍ରାମ୍ୟତା ଓ ଶରୀର ପ୍ରତିରକ୍ଷା ବ୍ୟବସ୍ଥା

ଜୀବବିଜ୍ଞାନରେ, କୌଣସି ଜୀବନ୍ତ ପଦାର୍ଥ ଦେହରେ ଅହିତକାରୀ ବାକ୍‌ଟେରିଆ କିମ୍ବା ଜୀବାଣୁଙ୍କୁ ପ୍ରତିରୋଧ କରିବାପାଇଁ ପ୍ରକୃତି ସୃଷ୍ଟି କରିଥିବା ଶରୀର ପ୍ରତିରକ୍ଷା ବ୍ୟବସ୍ଥାର ଅସଂକ୍ରାମ୍ୟତା ବା ଇମ୍ୟୁନିଟି ହେଲା ଅଂଶବିଶେଷ । ଏଭଳି କରାଯାଇ ନ ଥିଲେ କୌଣସି ଜୀବ ବା ଉଦ୍‌ଭିଦ ସଫଳ ଭାବେ ବଞ୍ଚିବା ଆଦୌ ସମ୍ଭବ ହୁଅନ୍ତା ନାହିଁ । ମଣିଷ କ୍ଷେତ୍ରରେ ଏହି ବ୍ୟବସ୍ଥା କେତେ ଯେ ଗୁରୁତ୍ୱପୂର୍ଣ୍ଣ, ସେ ବିଷୟରେ ଚିକିତ୍ସାଶାସ୍ତ୍ରୀମାନେ ବହୁଭାବେ ଆଲୋଚନା କରିଆସିଛନ୍ତି ।

ମଣିଷ ଶରୀରଟି ବହୁ ପ୍ରକାରର ରୋଗ ସୃଷ୍ଟିକାରୀ ବାକ୍‌ଟେରିଆ, ଭୂତାଣୁ, ଫଙ୍ଗାଇ ଓ ଅନ୍ୟାନ୍ୟ ପରାଙ୍ଗପୁଷ୍ଟ ଅଣୁଜୀବଙ୍କର ଗୋଟାଏ ଚରାଭୂଇଁ ବୋଲି କହିଲେ କିଛି ଅତ୍ୟୁକ୍ତି ହେବ ନାହିଁ । ଯଦି ଶରୀରର ପ୍ରତିରକ୍ଷା ବ୍ୟବସ୍ଥା ନ ଥା'ନ୍ତା, ତେବେ ଏମାନଙ୍କ ଆକ୍ରମଣ ଫଳରେ ଅଳ୍ପ କେତେଘଣ୍ଟା ପାଇଁ ମଧ୍ୟ ଆମେ ବଞ୍ଚିବା କଷ୍ଟକର ହୋଇପଡ଼ନ୍ତା । ଶରୀରରେ ଥିବା ମୌଳିକ ପ୍ରତିରକ୍ଷା ବ୍ୟବସ୍ଥା, ସଂକ୍ରମଣ ସୃଷ୍ଟିକାରୀ ଜୀବ ଯେପରି ଶରୀର ଭିତରକୁ ପ୍ରବେଶ କରିପାରିବ ନାହିଁ ସେ ଦିଗରେ ପ୍ରାଥମିକ ଉଦ୍ୟମ କରିଥାଏ । ଯଦି ତାହା ଏଥିରେ ସଫଳ ନ ହେଲା, ତେବେ ଆଉ ଗୋଟିଏ ଅନୁଷଙ୍ଗୀ ବା ପରବର୍ତ୍ତୀ ଅବସ୍ଥା ଚେଷ୍ଟା କରେ ଯେଭଳି ସେହି ସଂକ୍ରମଣ ରକ୍ତସ୍ରୋତ ଭିତରକୁ ଗ୍ଭଲିଯାଇ ପାରିବ ନାହିଁ—କାରଣ ତା' ଭିତରକୁ ଥରେ ଗ୍ଭଲିଗଲେ ରକ୍ତସ୍ରୋତ ସାହାଯ୍ୟରେ ଯାଇ ଶରୀରର ପ୍ରତ୍ୟେକଟି ତନ୍ତୁରେ ପହଞ୍ଚିଯାଇପାରିବ । ଯେଉଁ ଅଳ୍ପ କେତୋଟି ସଂକ୍ରାମକ ଜୀବ କିନ୍ତୁ ଯେ କୌଣସି ପ୍ରକାରେ ଯାଇ ରକ୍ତସ୍ରୋତରେ ମିଶିଯାଆନ୍ତି, ସେଗୁଡ଼ିକୁ ନଷ୍ଟ କରିଦେବା ପାଇଁ ମଧ୍ୟ ପ୍ରକୃତି ବ୍ୟବସ୍ଥା ରଖିଛି । ଏହି ବ୍ୟବସ୍ଥା ଫଳରେ ପ୍ଲୀହା, ଯକୃତ ଓ ଅସ୍ଥିମଜ୍ଜା ବା ବୋନ୍‌ମାରୋ ଭିତର ଦେଇ ରକ୍ତ ପରିଷ୍କରଣ ହେଉଥିବା ସମୟରେ ଶରୀର ପ୍ରତିରକ୍ଷା ବ୍ୟବସ୍ଥା ସେସବୁ ଅଣୁଜୀବଙ୍କୁ କାବୁ କରିନେଇଥାଏ ।

ମାନବଶରୀରର ସବୁଠାରୁ ବଡ଼ ଅଙ୍ଗ ଚର୍ମ ଓ ଅନ୍ୟ କେତେକ ବ୍ୟବସ୍ଥା ହେଲା ସଂକ୍ରମଣ ପ୍ରତିରୋଧର ପ୍ରଥମ ସୋପାନ । ସଂପୂର୍ଣ୍ଣ ଶରୀରକୁ ଏହା ଆଚ୍ଛାଦିତ କରି ରଖିଛି । ଚର୍ମ ନ ଥିବା ବୋଲି ଧରାଯାଉଥିବା ଶରୀରର ଗର୍ତ୍ତ ବା ମୁଖ ସମୂହରେ କିନ୍ତୁ ପ୍ରକୃତରେ ଏହା ଲାଳ-ଝିଲ୍ଲୀରେ ପରିଣତ ହୋଇଯାଇଛି । ଏହିସବୁ ଝିଲ୍ଲୀ ଯେଉଁ ମୋଟା ଲାଳ ତିଆରି କରିଥା'ନ୍ତି ସେସବୁ ହେଲା ଅତି ଉନ୍ନତ ଧରଣର ବାକ୍‌ଟେରିଆ ରୋଧକ ଉପାଦାନ । ପୁଣି ଶ୍ୱାସନଳୀରେ ଥିବା କେତେକ ସ୍ୱତନ୍ତ୍ର ଧରଣର ଜୀବକୋଷ ଧୂଳିକଣା, ବାକ୍‌ଟେରିଆ ବା ଅନ୍ୟ କୌଣସି ସେହି ଜାତୀୟ ପଦାର୍ଥକୁ ଲାଳଦ୍ୱାରା ତଣ୍ଟିକୁ ନେଇ ଯାଇଥାଏ । ପରେ ଜଣେ କଫ ଆକାରରେ ତାହାକୁ ବାହାର କରିଦେଇଥାଏ କିମ୍ବା ଢୋକି ଦେଇଥାଏ । ଆଖିରେ ଝରୁଥିବା କେତେକ ରସ ମଧ୍ୟ ସେହିକାମ କରୁଛି । ପରିସ୍ରାର ଜୀବାଣୁନାଶକ ଗୁଣ କଥା ତ ବହୁ ଆଗରୁ ଜଣାଅଛି । ନାକ ଓ କାନ ଭିତରେ ଥିବା କେଶର ମଧ୍ୟ ଅନେକ ଅନିଷ୍ଟକାରୀ ପଦାର୍ଥକୁ ଶରୀର ଭିତରକୁ ପୂରାଇ ନ ଦେବାର କ୍ଷମତା ରହିଛି—ଏହି ସୂକ୍ଷ୍ମ କେଶରାଶି ସେସବୁକୁ ଧରି ନେଇଥାଏ ।

ଏସବୁ ବ୍ୟବସ୍ଥା ସତ୍ତ୍ୱେ ମଧ୍ୟ ଶରୀର ଭିତରକୁ ଜୀବାଣୁ ଗ୍ଭଲିଯାଇଥା'ନ୍ତି । ସେଠି ଶ୍ୱେତ ରକ୍ତ କଣିକା ବା ଶ୍ୱେତକୋଷର କାମ ହେଲା ଏଗୁଡ଼ିକୁ ନିଷ୍କ୍ରିୟ କରି ମାରିଦେବା । ଏହିସବୁ କୋଷ ରକ୍ତ ସଞ୍ଚାଳନ ବ୍ୟବସ୍ଥା ସାହାଯ୍ୟରେ ସମଗ୍ର ଶରୀରରେ ବିଚରଣ କରୁଛନ୍ତି । ଲସିକା ପର୍ବ, ପ୍ଲୀହା, ଯକୃତ, ଫୁସ୍‌ଫୁସ୍ ଓ ଅସ୍ଥିମଜ୍ଜାରେ ଥିବା ଅନ୍ୟାନ୍ୟ ଜାତିର ଶ୍ୱେତକୋଷ ସହିତ ମିଶି ଶ୍ୱେତ ରକ୍ତ କଣିକା ସବୁ ଶରୀରର ଜାଲିକା ଅନ୍ତଃସ୍ତର ତନ୍ତ୍ର ବା ରେଟିକ୍ୟୁଲୋ ଏଣ୍ଡୋଥିଲିଅଲ ବ୍ୟବସ୍ଥାକୁ ସୃଷ୍ଟି କରିଥା'ନ୍ତି । ଲସିକା ପର୍ବରେ ଥିବା ବହୁପରି-

ମାଣର ଶ୍ୱେତକୋଷ ସାଧାରଣତଃ ଅନିଷ୍ଟକାରୀ ଅଣୁଜୀବ ଓ ଧୂଳିକଣାକୁ ଅନ୍ତର୍ଗ୍ରହଣ କରି ନେଇପାରିଥା'ନ୍ତି । ଫଳରେ ସେସବୁ ପଦାର୍ଥ ଆଉ ଶରୀରରେ ସଞ୍ଚାଳିତ ହୋଇପାରନ୍ତି ନାହିଁ । ଯଦି ଲସିକା ପର୍ବ ଏଥିରେ ବିଫଳ ହୁଏ ତେବେ ଶରୀର ଆଉ ଗୋଟିଏ ବ୍ୟବସ୍ଥାର ସାହାଯ୍ୟ ନେଇଥାଏ ଓ ପ୍ଲୀହା, ଯକୃତ ତଥା ଅସ୍ଥିମଜ୍ଜା ହେଲା ଏହି ରକ୍ଷା ବ୍ୟବସ୍ଥାର ଉତ୍ସ । ଶରୀରରେ ରକ୍ତ ସଞ୍ଚାଳିତ ହେଲାବେଳେ ପ୍ଲୀହା ଭିତର ଦେଇ ଯାଇଥାଏ ଓ ସେଥିରେ ଥିବା ଶ୍ୱେତକୋଷ ଗୁଡ଼ିକ ରକ୍ତକୁ 'ଅଳିଆ-ମୁକ୍ତ' କରି ରଖିବା ପାଇଁ ସ୍ୱତନ୍ତ୍ର ଭାବେ ସୃଷ୍ଟି ହୋଇଛନ୍ତି । ହଜମ ପଥ ମଧ୍ୟ ଶରୀର ପ୍ରତିରକ୍ଷା ବ୍ୟବସ୍ଥାର ଗୋଟାଏ ଅଂଶ । ଏଥିରୁ ଝରୁଥିବା ପାକସ୍ଥଳୀୟ ଏସିଡ ବା ଅମ୍ଳ ଓ ହଜମ ଏନ୍‌ଜାଇମ ସବୁର ଜୀବାଣୁ କ୍ଷୟକାରୀ ଗୁଣ ରହିଛି । କିନ୍ତୁ ଯେଉଁ କେତେକ ଜୀବାଣୁ ବଞ୍ଚିଯାଆନ୍ତି, ସେମାନେ ହଜମ ହୋଇଥିବା ଖାଦ୍ୟ କଣିକା ସହିତ ମିଶି ପୋଟାଲ ବା ନିବାହିକା ଶିରା ଦେଇ ଚାଲିଯାଇ ଯକୃତରେ ପହଞ୍ଚି ଯାଇଥା'ନ୍ତି । ସେଠାରେ ଥିବା ଜାଲିକା-କୋଷ ସେସବୁ ଜୀବାଣୁଙ୍କୁ ଅନ୍ତର୍ଗ୍ରହୀତ କରିଦେଇଥା'ନ୍ତି । ଅସ୍ଥିମଜ୍ଜାରେ ଥିବା ସେହି ଧରଣର କୋଷ ସବୁ ମଧ୍ୟ ଶରୀରରେ ପଶୁଥିବା ବିଷାକ୍ତ ପଦାର୍ଥକୁ ନିଷ୍କ୍ରିୟ କରିଦେବାରେ ସାହାଯ୍ୟ କରିଥାଏ ।



ଅସଂକ୍ରାମ୍ୟତା ବ୍ୟବସ୍ଥାର ଗୋଟିଏ ଅତୀବ ମହତ୍ତ୍ୱପୂର୍ଣ୍ଣ ଉପାଦାନ ମାକ୍ରୋଫେଜେସର ଇଲେକ୍‌ଟ୍ରନ୍ ମାଇକ୍ରୋଗ୍ରାଫ୍ ।

ଶରୀର ପ୍ରତିରକ୍ଷା ବ୍ୟବସ୍ଥାରେ ଥିବା କେତେକ ଶ୍ୱେତକୋଷର ସମଷ୍ଟିଗତ ନାମ ହେଲା ମାକ୍ରୋଫେଜେସ୍ ବା 'ବୃହତ୍ ଭକ୍ଷକାଣୁ' । ମଣିଷ ଶରୀରକୁ ରକ୍ଷା କରିବାରେ ଏସବୁର ଗୁରୁତ୍ୱ ତଥା ମହତ୍ତ୍ୱ ଖୁବ୍ ବେଶୀ । ଶରୀରର ସମସ୍ତ ତନ୍ତୁରେ ଏହି ବୃହତ୍ ଭକ୍ଷକାଣୁ ଗୋଷ୍ଠୀର କେତେକ 'ସଭ୍ୟ' ନିଶ୍ଚୟ ରହିଛନ୍ତି ଓ ଆବଶ୍ୟକ ହେଲେ ରକ୍ତସ୍ରୋତରେ ଯାଇ ଶରୀରରେ ହେଉଥିବା ଶୋଥ ତଥା କ୍ଷତଜନିତ ଫୁଲା ଅଞ୍ଚଳରେ ପହଞ୍ଚିଯାଆନ୍ତି । ସେଠି ସଂକ୍ରମଣ ସୃଷ୍ଟିକାରୀ ଅଣୁଜୀବ ଓ ବିଷାକ୍ତ ପଦାର୍ଥ ସବୁକୁ ଠାବକରି ଏମାନେ ଧ୍ୱଂସ କରି ଦେଇଥା'ନ୍ତି । ଲସିକା ପର୍ବରେ ଥିବା ମନୋସାଇଟ୍ ଓ ଲିଂଫୋସାଇଟ ତଥା ଲୋହିତ ଅସ୍ଥିମଜ୍ଜାରେ ଥିବା ଗ୍ରାନୁଲୋସାଇଟ୍‌ସ କୋଷ ସବୁ ହେଲେ ମାକ୍ରୋଫେଜେସ୍ ଶ୍ରେଣୀର । ଶରୀର ତନ୍ତୁରେ ଥିବା ହିଷ୍ଟିଓସାଇଟ୍‌ସ୍ କୋଷ ମଧ୍ୟ ଏହି ଶ୍ରେଣୀର ଅନ୍ତର୍ଗତ ।

ଯେତେବେଳେ କୌଣସି ପ୍ରକାର ରାସାୟନିକ ପ୍ରତିକ୍ରିୟା କିମ୍ବା ବଳପ୍ରୟୋଗଜନିତ ଦୋଷରୁ ତନ୍ତୁ ସମୂହର କ୍ଷତି ଘଟିଥାଏ, ସେ କ୍ଷେତ୍ରରେ ଅନିଷ୍ଟକାରୀ ବାକ୍‌ଟେରିଆ ସହଜରେ ଶରୀରର କ୍ଷତି କରି ଦେଇଥା'ନ୍ତି । କାରଣ ଏହି ଦୁଇ ଦୋଷରୁ ଯଦି କ୍ଷତି ହୁଏ ତେବେ ତନ୍ତୁକୋଷ ସବୁ ହିଷ୍ଟାମାଇନ ନାମକ ଗୋଟିଏ ରାସାୟନିକ ପଦାର୍ଥ ଛାଡ଼ିଦେଇଥା'ନ୍ତି ଓ ଶରୀରର ସେହି ଅଂଶରେ ଥିବା ରକ୍ତର ପାରଗମ୍ୟତା ଏହାଫଳରେ ବୃଦ୍ଧି ପାଇଥାଏ । ଏଭଳି ହେବା ଦ୍ୱାରା ରକ୍ତପ୍ଲାଜ୍‌ମା ତଥା ରକ୍ତକୋଷ ସବୁ ସହଜରେ ଅନ୍ୟାନ୍ୟ ତନ୍ତୁ ଭିତରକୁ ଚାଲିଯାଇ ପାରୁଥିବାରୁ ବାକ୍‌ଟେରିଆ ସେହି ସୁଯୋଗରେ ତା ଭିତରକୁ ପଶିଯାଇଥା'ନ୍ତି । କିନ୍ତୁ ଏଭଳି ହେବାର ଅଳ୍ପ କେତେଘଣ୍ଟା ଭିତରେ ଶ୍ୱେତରକ୍ତକଣିକା ଗୁଡ଼ିକ ଆସି ନଷ୍ଟ ହୋଇଯାଇଥିବା ତନ୍ତୁ ଓ ଆକ୍ରମଣକାରୀ ବାକ୍‌ଟେରିଆକୁ ଘେରିଯାଇଥା'ନ୍ତି । ତା'ର ଅଳ୍ପ କେତେଘଣ୍ଟା ପରେ ମାକ୍ରୋଫେଜେସ୍ ସବୁ ଆସି ପହଞ୍ଚିଯାଆନ୍ତି ଓ ଶରୀରର ସେହି ସ୍ଥାନରେ ଗୋଟାଏ ସୁଦୃଢ଼ ପ୍ରତିରକ୍ଷା ବ୍ୟବସ୍ଥା ସୃଷ୍ଟି ହୋଇଯାଏ । ସେଠି ପହଞ୍ଚିଗଲା ପରେ ଅନିଷ୍ଟକାରୀ ବାକ୍‌ଟେରିଆ ସହିତ ନଷ୍ଟ ହୋଇ ଯାଇଥିବା ତନ୍ତୁକୋଷ ସବୁକୁ ଏମାନେ ଗୋଟାଏ ଅର୍ଥରେ 'ଭକ୍ଷଣ' କରିଦେଇଥା'ନ୍ତି । ଏହି ପ୍ରକ୍ରିୟାରେ ନିଜେ ମଧ୍ୟ ବହୁ ସଂଖ୍ୟାରେ ମରନ୍ତି । କେତେଦିନ ପରେ ଯେତେବେଳେ ଶରୀର ପ୍ରତିରକ୍ଷା ବ୍ୟବସ୍ଥା—ବାକ୍‌ଟେରିଆ ଯୁଦ୍ଧ ଶେଷ ହୋଇଯାଏ ଓ ଶେଷରେ ଶରୀରର ଜୟ ହୁଏ, ସେତେବେଳେ କ୍ଷତରୁ ଯେଉଁ 'ପୂଜ' ବାହାରେ, ତାହା ହେଲା ମୃତ ତନ୍ତୁକୋଷ, ରକ୍ତକୋଷ ଓ ମାକ୍ରୋଫେଜେସ୍ ସବୁର ସମାହାର ମାତ୍ର । ସମୟକ୍ରମେ କ୍ଷତ ତଥା ଶୋଥ ହୋଇଥିବା ଅଞ୍ଚଳର ତନ୍ତୁ ସଜାଡ଼ି ହୋଇଯାଇଥା'ନ୍ତି ଓ ଶେଷରେ ଜଣେ ସୁସ୍ଥ ହୋଇଗଲା ବୋଲି କୁହାଯାଏ ।

ଶରୀରର ରୋଗ ପ୍ରତିରକ୍ଷା କିନ୍ତୁ ଆଉ ଗୋଟିଏ ମୁଖ୍ୟ ଜଟିଳ ରାସାୟନିକ ବ୍ୟବସ୍ଥା ଉପରେ ମଧ୍ୟ ନିର୍ଭର କରୁଛି । ତାହା ହେଲା ଅସଂକ୍ରାମ୍ୟତା ବା ଇମୁନିଟି । ଏହି ବ୍ୟବସ୍ଥାରେ କେତେକ ଧରଣର ରାସାୟନିକ ଉପାଦାନ ରକ୍ତସ୍ରୋତରେ ମିଶିକରି ଶରୀରର ଚାରିଆଡ଼େ ସଞ୍ଚାଳିତ ହୋଇଥା'ନ୍ତି ଓ ସନ୍ଧାନ ପାଇଲେ, ଏହିସବୁ ଉପାଦାନ ଅନିଷ୍ଟକାରୀ ଅଣୁଜୀବଙ୍କ ଦେହରେ ପଶିଯାଇ ସେମାନଙ୍କ କୋଶିକା ଭିତ୍ତି ବା ଜୀବକୋଷ ଆସ୍ତରଣକୁ ଭାଙ୍ଗିଦେଇଥା'ନ୍ତି । ଫଳରେ ସଂକ୍ରମଣ ସୃଷ୍ଟିକାରୀ ପଦାର୍ଥର ବିଲୋପ ଘଟିଥାଏ । ତେଣୁ ଗୋଟାଏ ଅର୍ଥରେ କହିବାକୁ ଗଲେ ଇମୁନିଟି ରେସ୍‌ପନ୍‌ସ ବା 'ଅସଂକ୍ରାମ୍ୟତା ଅନୁକ୍ରିୟା'ହିଁ ହେଲା ଶରୀରର ମୁଖ୍ୟ ରାସାୟନିକ ବ୍ୟବସ୍ଥା । ଶ୍ୱେତ ରକ୍ତ କଣିକା ସହିତ ଲିଂଫୋସାଇଟ ବା ଲସିକାଣୁ ସବୁ ହେଲେ ଏହି ବ୍ୟବସ୍ଥାର ଅଂଶ ବିଶେଷ । ବାକ୍‌ଟେରିଆ, ଭୂତାଣୁ ତଥା ସେମାନଙ୍କ ସୃଷ୍ଟ ବିଷାକ୍ତ ପ୍ରକ୍ରିୟା ଦ୍ୱାରା ଲିଂଫୋସାଇଟ ଗୁଡ଼ିକ ସକ୍ରିୟ ହୋଇଯାଇ ସେହି ବାକ୍‌ଟେରିଆ, ଭୂତାଣୁଙ୍କୁ ଧ୍ୱଂସ କରିଦେବା ସହିତ ସେମାନଙ୍କ ବିଷାକ୍ତ ପ୍ରକ୍ରିୟାରୁ ସୃଷ୍ଟ ବିଷ ବା ଶରୀର କ୍ଷତିକାରକ ପ୍ରୋଟିନ ଓ ଜଟିଳ ଶର୍କରା ସବୁକୁ ମଧ୍ୟ ନଷ୍ଟ କରିଦେଇଥା'ନ୍ତି । ଯେଉଁ ଅନିଷ୍ଟକାରୀ ଉପାଦାନ ବା ଜୀବନ୍ତ ପଦାର୍ଥ ଶରୀରରେ ଅସଂକ୍ରାମ୍ୟତା ଅନୁକ୍ରିୟା ଉତ୍ପନ୍ନ କରିଥା'ନ୍ତି ସେସବୁକୁ 'ଆଣ୍ଟିଜେନ' ବା ପ୍ରତିଜନ ବୋଲି କୁହାଯାଇଥାଏ ।

ଲିଂଫୋସାଇଟ ଦୁଇ ରକମର ଅଛନ୍ତି : ଟି—ଓ ବି । ଦେଖିବାକୁ ଏକାଭଳି ହୋଇଥିଲେ ମଧ୍ୟ ଆଣ୍ଟିଜେନ ସଂସ୍ପର୍ଶ ଦୃଷ୍ଟିରୁ ସେମାନଙ୍କ କାମ ଅଲଗା । ଟି-ଲିଂଫୋସାଇଟ ଶରୀରର ଥାଇମସ୍ ଗ୍ରନ୍ଥିରେ ସୃଷ୍ଟି ହୋଇଥାଏ । ପିଲାଟି ମାତୃଗର୍ଭରେ ଥିବାବେଳଠାରୁ ଆଦ୍ୟ ଶୈଶବାବସ୍ଥା ପର୍ଯ୍ୟନ୍ତ ଏଭଳି ସୃଷ୍ଟି ପ୍ରକ୍ରିୟା ଚାଲୁରହେ । ପରେ ସେଗୁଡ଼ିକ ନିର୍ଦ୍ଦିଷ୍ଟ ନିୟମରେ ଶରୀର ରକ୍ତସ୍ରୋତରେ ମିଶିଯାଇ ନିଜକୁ ଲସିକାଭ ତନ୍ତୁରେ ସାମିଲ କରିଦିଅନ୍ତି ଓ ଆଣ୍ଟିଜେନର ସନ୍ଧାନ ପାଇଲା ମାତ୍ରେ ବହୁସଂଖ୍ୟାରେ ସୃଷ୍ଟି ହୋଇଯାଇ ଆକ୍ରମଣକାରୀ ଅଣୁଜୀବଙ୍କ ଦେହରେ ଗୋଟାଏ ଅର୍ଥରେ 'ଝୁଲି' ଯାଇଥା'ନ୍ତି । ସେଇଠି 'ଆଣ୍ଟିବଡି' ବା ପ୍ରତିରକ୍ଷୀ ବୋଲି ଗୋଟିଏ ନିର୍ଦ୍ଦିଷ୍ଟ ଉପାଦାନ ସୃଷ୍ଟି ହୋଇଯାଏ ଓ ଏହି ଆଣ୍ଟିବଡି ଅନିଷ୍ଟକାରୀ ଅଣୁଜୀବର ବାହ୍ୟ ଝିଲ୍ଲୀକୁ ନଷ୍ଟ କରିଦେଇଥାଏ । ଟି-ଲିଂଫୋସାଇଟରୁ ନିର୍ଗତ ହେଉଥିବା ଗୋଟାଏ ପ୍ରକାର ରାସାୟନିକ ପଦାର୍ଥ ମଧ୍ୟ ମାକ୍ରୋଫେଜେସ୍ ଗୁଡ଼ିକୁ ଆଣ୍ଟିଜେନର ଉପସ୍ଥିତି କଥା ଜଣାଇଦେଇଥା'ନ୍ତି ।

ଲସିକାଭ ତନ୍ତୁରେ ଆସ୍ଥାନ ଜମାଇବା ପୂର୍ବରୁ ବି-ଲିଂଫୋସାଇଟ କିନ୍ତୁ ଥାଇମସ ଗ୍ରନ୍ଥିଦେଇ ଆସି ନ ଥାଏ । ଜଠରାନ୍ତ୍ର ପଥ ବା ଗାଷ୍ଟ୍ରୋଇଣ୍ଟେଷ୍ଟିନାଲ




ସାଧାରଣତଃ ନିଶ୍ୱାସରେ, ଖାଦ୍ୟରେ ବା ଚର୍ମରେ କ୍ଷତ ଯୋଗୁଁ ବାକ୍‌ଟେରିଆ ଶରୀର ଭିତରେ ପଶିବାକୁ ସମର୍ଥ ହୋଇଥାଏ । ଯେତେବେଳେ କୌଣସି ତନ୍ତୁ ବାକ୍‌ଟେରିଆ ଦ୍ୱାରା ଆକ୍ରାନ୍ତ ହୋଇଯାଏ ସେତେବେଳେ ପ୍ରଥମେ ଶ୍ୱେତ ରକ୍ତ କଣିକା ସବୁ ଯାଇ ତାକୁ 'ଖାଇଦେବା'କୁ ଚେଷ୍ଟା କରନ୍ତି (ଉପର) । ଅନ୍ୟ କେତେକ ବାକ୍‌ଟେରିଆଙ୍କୁ ଏହି ଉପାୟରେ ଦମନ କରିବା ସମ୍ଭବ ନ ହେଉଥିବାରୁ ପରେ ଶରୀର ପ୍ରତିରକ୍ଷା ବ୍ୟବସ୍ଥାର କେତେକ ଆଣ୍ଟିବଡି ଯାଇ ସେସବୁ ବାକ୍‌ଟେରିଆର ଶରୀରରେ ଲାଗିଯିବା ଫଳରେ ଶ୍ୱେତ ରକ୍ତ କଣିକା ସେଗୁଡ଼ିକୁ 'ଖାଇଦେବା' ସମ୍ଭବ ହୁଏ (ମଝି) । କିନ୍ତୁ ଯଦି ବାକ୍‌ଟେରିଆ ସୃଷ୍ଟ ବିଷାକ୍ତ ପଦାର୍ଥ ସବୁକୁ ପ୍ରତିରକ୍ଷା ବ୍ୟବସ୍ଥା ପ୍ରତିହତ ନ କରିପାରିଲା, ତେବେ ଶରୀର ତନ୍ତୁକୁ କ୍ଷତି ପହଞ୍ଚେ(ମଝି ତଳ) । ସଂକ୍ରମଣ ପ୍ରତିହତ କରିବାପାଇଁ ଶ୍ୱେତ ରକ୍ତ କଣିକା କରୁଥିବା ଉଦ୍ୟମରେ ଅସଫଳ ହେଲେ ବାକ୍‌ଟେରିଆର ସଂଖ୍ୟା ବୃଦ୍ଧି ହୋଇ ସେଗୁଡ଼ିକ କ୍ରମେ ବିଖଣ୍ଡିତ ହେବାକୁ ଲାଗନ୍ତି ଓ ବାକ୍‌ଟେରିଆ ଅନ୍ତରାବିଷ ବା ଏଣ୍ଡୋଟକ୍‌ସିନ୍ ଭଳି ବିଷାକ୍ତ ରାସାୟନିକ ପଦାର୍ଥ ଶରୀରରେ ଛାଡ଼ି ଦିଅନ୍ତି; ଫଳରେ ସ୍ଥାନୀୟ ଟିସୁରେ କ୍ଷତି ପହଞ୍ଚିଥାଏ (ସବାତଳ) ।

ଟ୍ରାକ୍‌ରେ ଏହା ସୃଷ୍ଟି ହୋଇଥାଏ ବୋଲି ବିଶ୍ୱାସ କରାଯାଉଛି । ଲସିକାଭ ତନ୍ତୁରେ ଥିବା ମେଞ୍ଚା-ମେଞ୍ଚା ବି-ଲିଂଫୋସାଇଟ ଅନବରତ ବଂଶବୃଦ୍ଧି କରିଚାଲିଥା'ନ୍ତି ଓ ରକ୍ତସ୍ରୋତରେ ମିଶି ଶରୀରର ସବୁ ତନ୍ତୁରେ ଯାଇ ପହଞ୍ଚିଯା'ନ୍ତି । ସଞ୍ଚାଳିତ ଆଣ୍ଟି-ବଡି ବା ଇମୁନୋଗ୍ଲୋବୁଲିନ୍‌ସ୍‌ର ଉତ୍ସ ହେଲା ଏହି ବି-ଲିଂଫୋସାଇଟ । ଆଣ୍ଟିଜେନର ସଂସ୍ପର୍ଶରେ ଆସିଲେ ଏହା ବହୁବିଧ ପ୍ରତିକ୍ରିୟା ସୃଷ୍ଟିକରି ସେସବୁକୁ ନଷ୍ଟ ବା ଅକାମୀ କରି-ଦେଇଥାଏ । ଆଣ୍ଟିଜେନର ଶରୀରରେ 'ଝୁଲି' ଯିବା ଠାରୁ ଆରମ୍ଭ କରି ଆବଶ୍ୟକ ସ୍ଥଳେ ତା'ର ମୂଳ ଆଣବିକ ଗଠନକୁ ବିପର୍ଯ୍ୟସ୍ତ କରିଦେବା ଭଳି କାମ ଏହି ଲିଂଫୋସାଇଟ କରିଦେଇଥାଏ ଓ ସେସବୁକୁ ନଷ୍ଟ କରିବାରେ ମାକ୍ରୋଫେଜେସ୍‌ଙ୍କ ଉଦ୍ୟମରେ ସାହାଯ୍ୟ କରିଥାଏ ।

ବାକ୍‌ଟେରିଆ, ଭୂତାଣୁ ଓ ଅନ୍ୟାନ୍ୟ ଅଣୁ-ଜୀବଙ୍କୁ ଆଣ୍ଟିବଡି ନିଜେ ସିଧାସଳଖ ମଧ୍ୟ ନଷ୍ଟ କରିଦେଇପାରେ । ତାହା ଅଣୁଜୀବଙ୍କ ଝିଲ୍ଲୀକୁ ପାରଗମ୍ୟ କରିଦେବା ଦ୍ୱାରା ଶରୀରର ରକ୍ତ-ସ୍ରୋତରେ ଥିବା ଗୋଟାଏ ନିର୍ଦ୍ଦିଷ୍ଟ ଧରଣର ପ୍ରୋଟିନ ସେଗୁଡ଼ିକଙ୍କ ଜୀବକୋଷ ଭିତରକୁ






ଶରୀର ପ୍ରତିରକ୍ଷା ମେକାନିଜମ୍ ବା ବ୍ୟବସ୍ଥାକୁ ପ୍ରକୃତି ଚମତ୍କାର ଭାବେ ସୃଷ୍ଟି କରିଛି: ଆଲର୍ଜୀ ଭଳି ସଂକ୍ରମଣ କ୍ଷେତ୍ରରେ କେତେକ ବାହ୍ୟ ପ୍ରୋଟିନକୁ ଶରୀର ସଙ୍ଗେ ସଙ୍ଗେ ବାହାର କରିଦେବାକୁ ଚେଷ୍ଟା କରିଥାଏ । ଏଗୁଡ଼ିକୁ ଟାଇପ-୧ ରିଆକ୍ସନ ବୋଲି କୁହାଯାଇଥାଏ (ଉପର) । ରକ୍ତସ୍ରୋତରେ ଆଣ୍ଟିଜେନ ମିଶିଲାରୁ ଆଣ୍ଟିବଡି ତିଆରି ହୋଇଯାଇଥାଏ ଓ ତାହା ଆଣ୍ଟିଜେନକୁ ନଷ୍ଟ କରିଦିଏ । କିନ୍ତୁ ଏ କ୍ଷେତ୍ରରେ ରକ୍ତକୋଷ ସହିତ ବିନିମୟ ପ୍ରତିକ୍ରିୟା ଯୋଗୁଁ ଶରୀରର ଅନ୍ୟାନ୍ୟ ତନ୍ତୁ-କୋଷର ମଧ୍ୟ କ୍ଷତି ହୋଇଥାଏ । ଏହାକୁ ଟାଇପ-୨ ରିଆକ୍ସନ ବୋଲି କୁହାଯାଏ (ମଝି) । ପୂର୍ବରୁ ଆଣ୍ଟିଜେନ ସହିତ ସଂପର୍କ ଯୋଗୁଁ ତିଆରି ଆଣ୍ଟିବଡି-ସମୃଦ୍ଧ ରକ୍ତରେ ପୁଣି ଆଣ୍ଟିଜେନ ଦେଖାଦେଲେ କଂପ୍ଲେକ୍ସ ସଙ୍ଗରେ କଂପ୍ଲିମେଣ୍ଟ ବୋଲି ଗୋଟାଏ ଧରଣର ରକ୍ତ ପ୍ରୋଟିନ ତିଆରି ହୋଇ ଯାଇଥାଏ । କିନ୍ତୁ କଂପ୍ଲେକ୍ସ ଶରୀରର ଅନ୍ୟାନ୍ୟ ତନ୍ତୁକୁ ମଧ୍ୟ କ୍ଷତି ପହଞ୍ଚାଇପାରେ । ଏହାକୁ ଟାଇପ-୩ ରିଆକ୍ସନ ବୋଲି କୁହାଯାଉଛି (ମଝି ତଳ) । ଆଣ୍ଟିଜେନ ଶରୀରରେ ପ୍ରବେଶ କରିବାର ୨୪ ଘଣ୍ଟା ବା ପରେ ହେଉଥିବା ଇମ୍ୟୁନ ରେସପନ୍‌ସ । ଏଥିରେ ଟି-ଲିଂଫୋସାଇଟସ୍ ଦ୍ୱାରା ଆଣ୍ଟିବଡି ତିଆରି ହୋଇ ଅସଂକ୍ରାମ୍ୟତା ସୃଷ୍ଟି କରିଥାଏ । ଏହାକୁ ଟାଇପ-୪ ରିଆକ୍ସନ ବୋଲି କୁହାଯାଏ (ସବା ତଳ) ।

ଆଣ୍ଟିଜେନ ସବୁ ଯେତେବେଳେ ଶରୀର ଭିତରକୁ ପ୍ରବେଶ କରିଯା'ନ୍ତି, ସେମାନଙ୍କୁ ପ୍ରତିରୋଧ କରିବାକୁ କ୍ରମାନ୍ୱୟରେ ନିର୍ଦ୍ଦିଷ୍ଟ ଆଣ୍ଟିବଡି ସୃଷ୍ଟି ହେବା କାମ ଆରମ୍ଭ ହୋଇଯାଏ । ଅନେକ ସମୟରେ ଶରୀର ଏହି ପ୍ରକ୍ରିୟାକୁ "ମନେରଖି" ପରେ ସେହି ଧରଣର ସଂକ୍ରମଣକୁ ପ୍ରତିହତ କରିଥାଏ (ତଳ ଚିତ୍ର) ।





ପଶିଯାଇ ସେହି କୋଷ ସବୁକୁ ଫଟାଇ ଦେଇଥା'ନ୍ତି । ଏହି ପ୍ରୋଟିନ୍ ଏଭଳି କରିବାକୁ ସମୟେ ସମୟେ ସକ୍ଷମ ହେଉ ନ ଥିଲେ ମଧ୍ୟ, ଆଣ୍ଟିଜେନ ଦେହରେ ଏହାର ଉପସ୍ଥିତିର ରାସାୟନିକ ସଂକେତ ମାକ୍ରୋଫେଜେସ୍‌ଙ୍କୁ ଶରୀରର ସେହି ସ୍ଥଳକୁ ଟାଣି ଆଣିବାରେ ସାହାଯ୍ୟ କରିଥାଏ । ଫଳରେ ପ୍ରତିରକ୍ଷା ବ୍ୟବସ୍ଥାର ମୂଳ ଉଦ୍ଦେଶ୍ୟ ସାଧିତ ହୋଇଯାଏ ।

ଏସବୁ ସତ୍ତ୍ୱେ ମଧ୍ୟ ଲିଂଫୋସାଇଟଙ୍କୁ ମାରିଦେଲାଭଳି କ୍ଷମତା ଥିବା ଆଣ୍ଟିଜେନ ବା ଅନିଷ୍ଟକାରୀ ଅଣୁଜୀବ ଅଛନ୍ତି । ଏଭଳି ହେବାର ପରିଣତି ଶରୀର ପାଇଁ ଅନେକ ସମୟରେ ଭୟାବହ ହୋଇଥାଏ । କାରଣ ପ୍ରତ୍ୟେକ ଲିଂଫୋସାଇଟ କେବଳ ଗୋଟିଏ ନିର୍ଦ୍ଦିଷ୍ଟ ଆଣ୍ଟିଜେନକୁ ହିଁ ଚିହ୍ନିପାରେ । ତେଣୁ ଯଦି ସେହି ଧରଣର ସବୁ ଲିଂଫୋସାଇଟ ବିଲୁପ୍ତ ହୋଇଯାଆନ୍ତି ତେବେ ସେହି ନିର୍ଦ୍ଦିଷ୍ଟ ଆଣ୍ଟିଜେନକୁ ଚିହ୍ନିବା କ୍ଷମତା ଆଉ ଶରୀରର ରହେ ନାହିଁ ।

ଆଣ୍ଟିବଡି ସବୁର କାର୍ଯ୍ୟ ଅତ୍ୟନ୍ତ ସୁନିର୍ଦ୍ଦିଷ୍ଟ ହୋଇଥିବାରୁ ହାଡ଼ଫୁଟି ଭୂତାଣୁ ପାଇଁ ସୃଷ୍ଟ ଆଣ୍ଟିବଡି ମିଳିମିଳା ଭୂତାଣୁ କ୍ଷେତ୍ରରେ କାମ କରିବ ନାହିଁ । ଅନ୍ୟାନ୍ୟ ରୋଗ କ୍ଷେତ୍ରରେ ମଧ୍ୟ ଏହିଭଳି ହୋଇଥାଏ । ଅନେକ କ୍ଷେତ୍ରରେ ଥରେ ଆଣ୍ଟିବଡି ସୃଷ୍ଟି ହୋଇଗଲେ, ସାରାଜୀବନ ପାଇଁ ଶରୀରରେ ତାହା ରହିଯାଏ । ସେଇଥିପାଇଁ ଅନେକ ରୋଗ ଥରେ ହୋଇଗଲେ, କେବେହେଲେ ଆଉଥରେ ହେବା ଦେଖାଯାଏ ନାହିଁ । ଆଣ୍ଟିଜେନ ଆକ୍ରମଣରୁ ଉତ୍ପନ୍ନ ହେଉଥିବା ପ୍ରାକୃତିକ ଅସଂକ୍ରାମ୍ୟତାକୁ ଅସଂକ୍ରମୀକରଣ ବା ଟୀକାଦାନଦ୍ୱାରା ଅଧିକ ମାତ୍ରାରେ ଉପଯୋଗୀ କରିଦିଆଯାଇପାରେ । ଅସଂକ୍ରାମ୍ୟତା ବ୍ୟବସ୍ଥାର ସବୁଠାରୁ ବଡ଼ଗୁଣ ହେଲା ଶରୀରର ନିଜ ତନ୍ତୁସମୂହକୁ ଏହାର ଚିହ୍ନିପାରିବାର କ୍ଷମତା ଓ ଆଣ୍ଟିଜେନ ବୋଲି ଭାବି ସେମାନଙ୍କୁ ଆକ୍ରମଣ ନ କରିବା । ଏହି 'ପ୍ରତିରକ୍ଷାତ୍ମକ ସହନଶୀଳତା' କିଭଳି ସମ୍ଭବ ହେଉଛି ସେ ବିଷୟରେ ପୂର୍ଣ୍ଣଧାରଣା ଏ ପର୍ଯ୍ୟନ୍ତ ପଣ୍ଡିତମାନେ କରିବାକୁ ସକ୍ଷମ ହୋଇପାରି ନାହାନ୍ତି । ଅନେକ ସମୟରେ ଦେଖାଯାଇଛି ଇମ୍ୟୁନ ବ୍ୟବସ୍ଥା ଅତ୍ୟଧିକ ସମ୍ବେଦନଶୀଳ ହୋଇପଡ଼ିବା ଫଳରେ କେତେକ ସାଧାରଣ ପଦାର୍ଥକୁ ମଧ୍ୟ ସହ୍ୟ କରିପାରେ ନାହିଁ । ସେଭଳି ହେବାକୁ 'ଆଲର୍ଜୀ' ବୋଲି କୁହାଯାଏ ।

ନଷ୍ଟ ହୋଇଯାଇଥିବା ତନ୍ତୁକୁ ଖୁବ୍‌ଶୀଘ୍ର ସଜାଡ଼ିଦେବାର କ୍ଷମତା ଶରୀର ପ୍ରତିରକ୍ଷା ବ୍ୟବସ୍ଥାର ରହିଛି । ତେଣୁ ଅଳ୍ପ କେତେଘଣ୍ଟା ଭିତରେ ରକ୍ତକୋଷ, କେତେଦିନ ଭିତରେ ଚର୍ମ ଓ କେତେ ସପ୍ତାହ ଭିତରେ ଅସ୍ଥି ବା ହାଡ଼ ନିଜକୁ ପୁନଃକ୍ଷମ କରିଦେଇପାରିଥା'ନ୍ତି । ଅଙ୍ଗରୋପଣ କ୍ଷେତ୍ରରେ




ଆଧୁନିକ ଜଟିଳ ଅସଂକ୍ରାମ୍ୟତା ଓ ଶରୀର ପ୍ରତିରକ୍ଷା ବ୍ୟବସ୍ଥାର ମୂଳ ଉତ୍ସ ହେଲା ଦୂର ଅତୀତରୁ ରହିଆସୁଥିବା ପ୍ରାଣୀମାନଙ୍କ ଦେହର ଏଭଳି ବ୍ୟବସ୍ଥା । ଆଜି ମଧ୍ୟ ସାର୍କ ଓ ମଣିଷ ଭିତରେ ଏ ଦିଗରେ ଅନେକ ସାମଞ୍ଜସ୍ୟ ଦେଖାଯାଏ—ଉଭୟଙ୍କ ଦେହରେ ଥିବା ଥାଇମସ୍ ଓ ପ୍ଲୀହାର କାମ ଚିକିତ୍ସାବିଜ୍ଞାନ ଦୃଷ୍ଟିରୁ ସମାନ ।

କିନ୍ତୁ ଶରୀରର ଏହି ବ୍ୟବସ୍ଥାଟି ହେଲା ଗୋଟାଏ ପ୍ରଧାନ ଅନ୍ତରାୟ । କାରଣ ବାହ୍ୟ ତନ୍ତୁକୁ ଶରୀରର ଅସଂକ୍ରାମ୍ୟତା ବ୍ୟବସ୍ଥା ସହଜରେ ଗ୍ରହଣ କରିନିଏ ନାହିଁ । ସେଇଥିପାଇଁ ଅଙ୍ଗରୋପଣ ପାଇଁ ଶରୀର ପ୍ରତିରକ୍ଷା ବ୍ୟବସ୍ଥାକୁ ସାମୟିକ ଦବାଇ ଦେବାକ୍ଷମ ଔଷଧର ବ୍ୟବହାର କରାଯାଇଥାଏ ।

କିନ୍ତୁ ଶରୀର ପ୍ରତିରକ୍ଷା ବ୍ୟବସ୍ଥା କିଭଳି ମାତୃଗର୍ଭରେ ଥିବା ଭ୍ରୂଣକୁ 'ସହ୍ୟ' କରିପାରୁଛି ସେ ବିଷୟରେ ୧୯୯୭ ମସିହା ଆରମ୍ଭ ବେଳକୁ କିଛି କିଛି ଜଣାପଡ଼ିଗଲାଣି । ନିୟମ ଦୃଷ୍ଟିରୁ ଦେଖିବାକୁ ଗଲେ ଭ୍ରୂଣଟିରେ ଥିବା ଜିନ୍‌ର ଅର୍ଦ୍ଧେକ ତଥା ଏଥି ସହିତ ଥିବା ପ୍ରୋଟିନ ସବୁ ହେଲେ 'ପୈତୃକ'—ତେଣୁ ମା' ଶରୀରର ବାହାରର ତନ୍ତୁ । ଶରୀରବିଜ୍ଞାନୀ ମାନଙ୍କ ମତରେ, ଏ କ୍ଷେତ୍ରରେ କିନ୍ତୁ ପ୍ରତିରକ୍ଷା ବ୍ୟବସ୍ଥା ଭ୍ରୂଣକୁ ଅସୁବିଧାରେ ନ ପକାଇ ମା'କୁ ପକାଇଥାଏ—ସେଇଥିପାଇଁ ଗର୍ଭବତୀ ନାରୀମାନଙ୍କ କ୍ଷେତ୍ରରେ ଅଟୋଇମ୍ୟୁନ ରୋଗସବୁ ଦେଖାଦେଇଥାଏ ଗର୍ଭସ୍ଥ ଭ୍ରୂଣର ରକ୍ଷା ନିମନ୍ତେ ।

***ସମ୍ବନ୍ଧୀୟ ବିଷୟ***

*ଅସଂକ୍ରମୀକରଣ, ମାନବଶରୀର, ଜୀବବିଜ୍ଞାନ, ଔଷଧ, ତନ୍ତୁ, ରକ୍ତ, ଜୀବକୋଷ, ଜୀବରସାୟନବିଜ୍ଞାନ, ରୋଗ, ବାକ୍‌ଟେରିଆ, ଭୂତାଣୁ, ରସାୟନବିଜ୍ଞାନ, ଅଙ୍ଗରୋପଣ, ଚିକିତ୍ସାବିଜ୍ଞାନ, ଭ୍ରୂଣବିଜ୍ଞାନ, ଅଙ୍ଗ ଓ ଅଙ୍ଗଗଠନ, ଡିଏନ୍‌ଏ, ଆଲର୍ଜୀ, ଉଦ୍‌ଭିଦ ଜଗତ, କୃତ୍ରିମ ଅଙ୍ଗ*

▷▷

## ଅସ୍‌କାର

ସିନେମା ଜଗତର ଏଇଟି ଗୋଟିଏ ମହତ୍ତ୍ୱପୂର୍ଣ୍ଣ ବାର୍ଷିକ ପୁରସ୍କାର । ଯୁକ୍ତରାଷ୍ଟ୍ର ଆମେରିକାର ହଲିଉଡସ୍ଥିତ 'ଏକାଡେମୀ ଅଫ୍ ମୋସନ ପିକ୍‌ଚର ଆର୍ଟସ ଆଣ୍ଡ ସାଇନ୍‌ସେସ୍' ଦ୍ୱାରା ଚଳଚ୍ଚିତ୍ର ନିର୍ମାଣର ଅଧିକାଂଶ ଦିଗରେ ଶ୍ରେଷ୍ଠତା ଲାଭ କରିଥିବା ବ୍ୟକ୍ତି କିମ୍ବା ଚରିତ୍ରଙ୍କ ସହିତ ଶ୍ରେଷ୍ଠ ଫିଲ୍‌ମକୁ ଏହି ପୁରସ୍କାର ଦିଆଯାଇଥାଏ । ଏକାଡେମୀର ସଭ୍ୟମାନେ ହେଲେ ନିଜ ନିଜ ବିଭାଗର ଅସ୍‌କାର ପୁରସ୍କାରର ବିଗ୍ରହକ । ଯୁକ୍ତରାଷ୍ଟ୍ର ଆମେରିକା ବାହାରେ ତିଆରି ହୋଇଥିବା ଫିଲ୍‌ମ ମଧ୍ୟ 'ଅସ୍‌କାର' ପୁରସ୍କାର ପ୍ରତିଯୋଗିତା ନିମନ୍ତେ ମନୋନୀତ ହୋଇଥା'ନ୍ତି । ୧୯୨୯ ମସିହାରୁ ଏହି ପୁରସ୍କାର ଦିଆହୋଇ ଆସୁଛି ।

***ସମ୍ବନ୍ଧୀୟ ବିଷୟ***

*ସିନେମା, ମାନବୀୟ ଉତ୍କର୍ଷତା, କଳା*

▷▷

## ଅସ୍ଟ୍ରିଚ୍

ସମୁଦ୍ରର ତିମି ଓ ମାଟି ଉପରେ ବୁଲୁଥିବା ହାତୀକୁ ଦେଖିଲେ ପ୍ରକୃତି କେଡ଼େ ବଡ଼ ବଡ଼ ଜୀବ ତିଆରି କରିଛି ସେକଥା ଜଣାପଡ଼ିଯାଏ । ସେମିତି ଆଜିର ଦୁନିଆରେ ଯେତେ ପକ୍ଷୀ ଅଛନ୍ତି ତାଙ୍କ ଭିତରେ ଅସ୍ଟ୍ରିଚ୍ ହେଉଛି ସବୁଠାରୁ ବଡ଼ । ପ୍ରାୟ ନ' ଫୁଟ ବା ୨.୭୪ ମିଟର ଉଚ୍ଚର ଏହି ପକ୍ଷୀ ଅଛନ୍ତି । ଗୋଟା ଗୋଟାକର ଓଜନ ପ୍ରାୟ ୧୬୦ କିଲୋଗ୍ରାମ୍ ପର୍ଯ୍ୟନ୍ତ ହୋଇଥାଏ । ଆଫ୍ରିକା ମହାଦେଶରେ ଏହି ବଡ଼ ବଡ଼ ପକ୍ଷୀଙ୍କୁ ଦେଖି ସେଠାକାର ଲୋକେ କୁହନ୍ତି ଏଇଟା ହେଉଛି 'ଆଫ୍ରିକାର ଅସୁର' । ଏଇଟି କିନ୍ତୁ ଉଡ଼ିପାରେ ନାହିଁ । ସେଇଥିପାଇଁ କୁଦା ମାରିବାରେ ତାକୁ ଧୂରନ୍ଧର କରିଦିଆଯାଇଛି । ଗୋଟାଏ ଗୋଟାଏ କୁଦାରେ ସେ ଆଠ ମିଟର ଖ୍ରଲିଯାଏ । ଘଣ୍ଟାକୁ ପ୍ରାୟ ୫୦ରୁ ୮୦ କିଲୋମିଟର ପର୍ଯ୍ୟନ୍ତ ଖ୍ରଲିଯାଇପାରେ । ଖାଇବାରେ ସେମିତି କିଛି ବାଛବିଗ୍ରର ନାହିଁ । ତାଳପତ୍ର ଖାଉଥିଲେ ମଧ୍ୟ ହାଡ଼, ଗୋଡ଼ି, ପଥର ଗିଳିଦିଏ । ଏହାର ମାଂସ ସୁଆଦିଆ ନୁହେଁ । ଏହାର ବଡ଼ ବଡ଼ ଅଣ୍ଡା କିନ୍ତୁ ସୁଆଦିଆ । ଅଣ୍ଡା ଖୋଳ ଖୁବ୍ ଟାଣ । ତାକୁ ବାସନ ଭାବରେ କାମରେ ଲଗାଯାଏ, ଯେମିତିକି ଲାଉଥାଳକୁ



ଅସ୍ଟ୍ରିଚ୍ ହେଲା ଆଜିର ଦୁନିଆର ସବୁଠାରୁ ବଡ଼ ପକ୍ଷୀ । ଉଡ଼ି ନ ପାରୁଥିଲେ ମଧ୍ୟ ଏହାଦେହରେ ଥିବା ଛୋଟ ଛୋଟ ଡେଣା ଦଉଡ଼ିଲା ବେଳେ ଶରୀରର ଭାରସାମ୍ୟ ରକ୍ଷା କରିବାରେ 'ଧାବକ' ଅସ୍ଟ୍ରିଚ୍‌କୁ ସାହାଯ୍ୟ କରିଥାଏ ।

ଆମେ କାମରେ ଲଗାଉ । କୌଣସି କୌଣସି ଠାରେ ଏହାକୁ ପୋଷା ମନାଇ ଗାଡ଼ିରେ ମଧ୍ୟ ଯୋଗ୍ୟାଇଥାଏ ।

*ସମ୍ବନ୍ଧୀୟ ବିଷୟ*
*ପକ୍ଷୀ, ମରୁଭୂମି, ଅଣ୍ଡା, ବେଗ, ଜୀବଜଗତ*

▷ ▷

## ଅସ୍ପ୍ରେ

ଯେତେ ଶିକାରୀ ପକ୍ଷୀ ଅଛନ୍ତି ସେମାନଙ୍କ ଭିତରେ ଅସ୍ପ୍ରେ ହେଉଛି ସବୁଠାରୁ ଦକ୍ଷ ମାଛଧରାଳୀ । ଏହାର ଲମ୍ବ ପ୍ରାୟ ୬୦ ସେଣ୍ଟିମିଟର । ଦେଖିବାକୁ ଖୁବ୍ ସୁନ୍ଦର । ସମୁଦ୍ର ଉପରେ ଉଚ୍ଚରେ ଉଡୁ ଉଡୁ ମାଛ କେଉଁଠି ପାଣି ଶିରା କାଟି ଗ୍ୱଲିଛି



ପୃଥିବୀର ପ୍ରାୟ ସବୁ ଅଂଶରେ ଅସ୍ପ୍ରେ ପକ୍ଷୀ ଅଳ୍ପ ବହୁତେ ଦେଖାଯା'ନ୍ତି ।

ତାହା ଲକ୍ଷ୍ୟ କରୁଥାଏ । ହଠାତ୍ ଡେଣା ଜାକିଦେଇ ତୀର ଭଳି ପାଣିରେ ଯାଇ ପଡ଼େ । ମାଛ ମୁଣ୍ଡରେ ତା ନଖ ଗଳିଯାଏ ଓ ଶିକାରଟିକୁ ଧରି ଉପରକୁ ଉଠେ । ଅସ୍ପ୍ରେ ପକ୍ଷୀ ଖୁବ୍ ବଡ଼ ବଡ଼ ବସା ତିଆରି କରେ । ବେଳେବେଳେ ତିନି ଗ୍ୱରି ମିଟର ଲମ୍ବର ବସାରେ ରହେ ଓ ନାନା ରଙ୍ଗର ବିଚିତ୍ର ଅଣ୍ଡା ଦେଇଥାଏ । ପୃଥିବୀର ଉତ୍ତର ଅଂଶରେ ଏମାନେ ସାଧାରଣତଃ ବେଶୀ ଦେଖାଯା'ନ୍ତି ।

*ସମ୍ବନ୍ଧୀୟ ବିଷୟ*
*ପକ୍ଷୀ, ସାମୁଦ୍ରିକ ଜୀବନ*

▷ ▷

## ଅସ୍ମିଅମ୍

ଏଇଟି ଗୋଟିଏ ରାସାୟନିକ ମୌଳିକ ଉପାଦାନ । ପ୍ରକୃତିରେ ଯେତେ ପଦାର୍ଥ ଅଛି, ତା' ଭିତରୁ ସବୁଠାରୁ ଘନ ବା ନିଦା ହେଲା ଅସ୍ମିଅମ୍ । ଦେଖିବାକୁ ପାଉଁଶିଆ ଧଳା ଓ ଖୁବ୍ ଟାଣ । ବିଶୁଦ୍ଧ ଅସ୍ମିଅମ୍ ଧାତୁ ପ୍ରକୃତିରେ ମିଳେ ନାହିଁ— ସବୁବେଳେ ଅନ୍ୟ ପଦାର୍ଥ ସହ ମିଶିକରି ଥାଏ । ଜଣେ ଇଂରେଜ ରସାୟନବିତ୍ ୧୮୦୪ ମସିହାରେ ଏହାକୁ ପ୍ରଥମ କରି ପୃଥକ ଭାବେ ଆବିଷ୍କାର କଲେ ।

| | |
|---|---|
| *ପାରମାଣବିକ ନମ୍ବର ୭୬* | |
| *ପାରମାଣବିକ ଓଜନ ୧୯୦.୨* | |
| *ଗଳନାଙ୍କ* | *୩୦୦୦° ସେ* |
| *ସ୍ଫୁଟନାଙ୍କ* | *ପ୍ରାୟ ୫୦୦୦° ସେ* |
| *ଯୋଜ୍ୟତା* | *୨,୩,୪,୬,୮* |

*ସମ୍ବନ୍ଧୀୟ ବିଷୟ*
*ମୌଳିକ ଉପାଦାନ, ପଦାର୍ଥ ଘନତା, ଭୂପୃଷ୍ଠ, ରସାୟନବିଜ୍ଞାନ*

▷ ▷

## ଅସ୍ମୋସିସ

କୌଣସି ଆଂଶିକ-ପାରଗମ୍ୟ ଝିଲ୍ଲୀ ବା ବସ୍ତୁ ଭିତର ଦେଇ ଜଳ କିମ୍ବା ଅନ୍ୟ କୌଣସି ଦ୍ରବଣର ସ୍ୱତଃ ଗତିକରିଯିବା କ୍ରିୟା ବା ପ୍ରକ୍ରିୟା ହେଲା ଅସ୍‌ମୋସିସ ବା ପରାସରଣ । ଜଣେ ଜର୍ମାନ ଉଦ୍‌ଭିଦବିଦ୍ୟାବିତ୍ ୧୮୭୭ ମସିହାରେ ପ୍ରଥମେ ଏଭଳି ହେଉଥିବା କଥାର ନିର୍ଦ୍ଦିଷ୍ଟ ପ୍ରକାଶ କରିଥିଲେ । କିନ୍ତୁ 'ଅସ୍‌ମୋସିସ' ଶବ୍ଦଟିର ମୂଳ ରୂପରେ ପ୍ରଥମ ପ୍ରୟୋଗ ହୋଇଥିଲା ୧୮୫୪ ମସିହାରେ ଜଣେ ଇଂରେଜ ରସାୟନବିତ୍‌ଙ୍କ ଦ୍ୱାରା । ଅସ୍‌ମୋସିସ୍ ପ୍ରକ୍ରିୟାରେ ପରାସରଣୀୟ ଗ୍ୱପର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ।

*ସମ୍ବନ୍ଧୀୟ ବିଷୟ*
*ରସାୟନବିଜ୍ଞାନ, ଉଦ୍‌ଭିଦବିଜ୍ଞାନ, ଦ୍ରବଣ*

▷ ▷

## ଅସରପା

ଜୀବନଟା କେଡ଼େ ଟାଣ ସେହି କଥା ସମସ୍ତଙ୍କୁ ଜଣାଇଦେବା ପାଇଁ ସତେ ଯେପରିକି କୀଟ-ପତଙ୍ଗଙ୍କୁ ପ୍ରକୃତି ସୃଷ୍ଟିକରିଛି । ଇଭୋଲୁସନ ଯୋଗୁଁ ଅନ୍ୟ ଅନେକ ଜୀବଙ୍କ ଶରୀରରେ କୋଟି କୋଟି ବର୍ଷ ଭିତରେ କିଛି କିଛି ପରିବର୍ତ୍ତନ ହୁଏତ ହୋଇଛି । କିନ୍ତୁ ଅସରପା ଆଜିକୁ ୩୫ କୋଟି ବର୍ଷ ତଳେ ଯେମିତି ଥିଲା ଆଜି ମଧ୍ୟ ସେମିତି ରହିଛି । ଏହା ସମ୍ଭବ ହୋଇଛି ତାହାର କେତେ ଗୁଡ଼ାଏ ଅଭ୍ୟାସ ଅଛି ବୋଲି । ରହିବା ପାଇଁ କୌଣସି ଗୋଟାଏ ଖାସ୍ ସ୍ଥାନ ଲୋଡ଼ାନାହିଁ । ରୋଷେଇ ଘର, ବହି ଥାକ, ଯେଉଁଠି ଧାନ ଗ୍ୱଉଳ ରହୁଛି ସେ ସ୍ଥାନ, ନର୍ଦ୍ଦମା, ଆଲମାରୀର ଭିତର ଅଂଶ, ଏଭଳିକି ରେଡିଓ, ଟେଲିଭିଜନ ସେଟ ଭିତରେ ବି ସମୟେ ସମୟେ ଅସରପା ଆଶ୍ରୟ ନେଇଥାଏ । ସ୍ଥାନଟି ଟିକିଏ ଉଷୁମ ହୋଇଥିବ, ଟିକିଏ ଅନ୍ଧାରୁଆ ଥିବ ଏବଂ ଓଦାଳିଆ ହୋଇଥିବ— ଏତିକି ହୋଇଗଲେ ତାହାର ରହିବା ବିଷୟରେ ଚିନ୍ତା ନାହିଁ । କଅଣ ସେ ଖାଇବ ସେ ବିଷୟରେ ମଧ୍ୟ କିଛି ବାରଣ ନାହିଁ—ଯାହା ମିଳିଲା ଖାଇଲା । ଚମଡ଼ାଠାରୁ ଆରମ୍ଭ କରି ସାବୁନ, କାଳିଠାରୁ ଆରମ୍ଭ କରି କାଠ—ସବୁକିଛି ତାହାର ଆହାର । କିଛି ନ ଖାଇ, ପାଣି ନପିଇ ଗୋଟିଏ ମାସ ଅକ୍ଲେଶରେ ରହିଯିବ । ଖାଦ୍ୟ ନଥାଉ, କେବଳ ପାଣି ଟିକିଏ ମିଳିଗଲେ ଦୁଇମାସ ପର୍ଯ୍ୟନ୍ତ ବଞ୍ଚିବ । ପାଣି ନମିଳିଲା, ଖାଲି ଶୁଖିଲା ଖାଦ୍ୟ



କୋଟି କୋଟି ବର୍ଷ ପରେ ମଧ୍ୟ ପ୍ରକୃତିର ଇଭୋଲୁସନ ପ୍ରକ୍ରିୟା ଅସରପା ଦେହରେ କୌଣସି ପ୍ରକାର ପରିବର୍ତ୍ତନ ଆଣି-ପାରିନାହିଁ ।

ଖାଇ ପାଞ୍ଚ ମାସ ପର୍ଯ୍ୟନ୍ତ ଜୀବନ ଧରି ରହିଥିବ । ଏହାର ଛୋଟ ଛୋଟ ଡେଣା ଅଛି, କିନ୍ତୁ ଉଡ଼ିବାଟା ଏହାର ଅଭ୍ୟାସ ନୁହେଁ । ଖୁବ୍ ବେଗରେ ଦଉଡ଼ି-ପାରେ । ଭୟ ପାଇଗଲେ ଟିକିଏ ଉଡ଼ିଯାଏ । ଏଇଟି ଏଭଳି ଯେ, ବିପଦ ଆସୁଛି ବୋଲି ସାମାନ୍ୟ ସୂଚନା ପାଇଲେ ଲୁଚିଯିବ । ଅସରପା ଏତେ ରକମର କ୍ଷତି କରୁଛି ଯେ ତାକୁ ମାରିବା ପାଇଁ ନାନା ପ୍ରକାରର କୀଟମରା ଔଷଧ ବାହାରିଲାଣି; କିନ୍ତୁ ତାକୁ ଲୋପ କରିଦେଇ ହେଉନାହିଁ । କୌଣସି-ମତେ ତାହା ରହିଯାଉଛି । ଭୟଙ୍କର ପରମାଣୁ ବିଘଟନାଭିକତା ବା ତେଜସ୍କ୍ରିୟତା ମଧ୍ୟ ସହଜରେ ଅସରପାର କ୍ଷତି କରିପାରୁ ନାହିଁ ବୋଲି କେତେକ କ୍ଷେତ୍ରରେ ଜଣା ପଡ଼ିଛି ।

***ସମ୍ବନ୍ଧୀୟ ବିଷୟ***
*ଜୀବଜଗତ, କୀଟପତଙ୍ଗ, ତେଜସ୍କ୍ରିୟତା, ଇଭୋଲୁସନ*

▷▷

## ଅସହଯୋଗ ଆନ୍ଦୋଳନ

ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ଭାରତରେ ହୋଇ-ଥିବା ସ୍ୱାଧୀନତା ଆନ୍ଦୋଳନର ପ୍ରଥମ ତଥା ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ ପର୍ଯ୍ୟାୟ । ଏହା ପରର ପର୍ଯ୍ୟାୟ ଦୁଇଟି ହେଲା ଲବଣ ସତ୍ୟା-ଗ୍ରହ ଓ ଭାରତ ଛାଡ଼ ଆନ୍ଦୋଳନ । ଭାରତ ତଥା ପୃଥିବୀର ରାଜନୈତିକ ଇତିହାସର ଏହି ତିନୋଟି ଯୁଗାନ୍ତକାରୀ ଘଟଣାକ୍ରମ ପରସ୍ପର ସହ ଏକା-ବେଳକେ ସଂପୃକ୍ତ ବୋଲି ଧରାଯାଇଥାଏ । ଗାନ୍ଧୀ ଯେ ଥିଲେ ସମଗ୍ର ଭାରତବର୍ଷର ଇତିହାସରେ ଏକମାତ୍ର ସ୍ୱାଭାବିକ ଜନନେତା, ତାହା ସ୍ପଷ୍ଟ ଭାବେ ଏହି ଆନ୍ଦୋଳନ ପୃଥିବୀବାସୀଙ୍କୁ ଜଣାଇ ଦେଇ-ଥିଲା । ଜାଲିଆନାୱାଲାବାଗର ଗଣହତ୍ୟା ପରେ ଅସହଯୋଗ ଆନ୍ଦୋଳନ ଭଳି ଚିନ୍ତାଧାରାର ସୃଷ୍ଟି । ଏକଥା ସ୍ୱୀକାର କରିବାକୁ ହେବ ଯେ ପୃଥିବୀର ରାଜନୀତିବିଜ୍ଞାନକୁ 'ଅସହଯୋଗ' ହେଉଛି ଗାନ୍ଧୀଙ୍କର ତଥା ଭାରତର ଗୋଟିଏ ଶ୍ରେଷ୍ଠ ଓ ଅତ୍ୟନ୍ତ ମୌଳିକ, ଅଭିନବ ଅବଦାନ ।

ଅସହଯୋଗ କହିଲେ ତାଙ୍କ ମନରେ କ'ଣ ଅଛି, ସେ କଥା ପ୍ରକାଶ କରିବାକୁ ଯାଇ ସେସମୟରେ ଗାନ୍ଧୀଜୀ କହିଥିଲେ:

"ଯଦି ଦାବୀ ପୂରଣ ନ ହୁଏ, ତେବେ କ'ଣ କରାଯିବ ସେ ବିଷୟରେ ପଦେ କହିବି । ପ୍ରକାଶ୍ୟରେ ହେଉ ବା ଗୋପନରେ ହେଉ, ଯୁଦ୍ଧ କରିବାଟା ହେଉଛି ଗୋଟିଏ ବର୍ବରୋଚିତ ପନ୍ଥା । ଆଉ କୌଣସି କାରଣରୁ ନ ହେଉ ପଛକେ, ଏହା କାର୍ଯ୍ୟରେ କରାଯାଇ ପାରିବ ନାହିଁ; ଅନ୍ତତଃ ଏହି କାରଣରୁ ସେହି ପନ୍ଥା ଛାଡ଼ି ଦେବାକୁ ହେବ । ଏହା ସବୁବେଳେ ଖରାପ ଓ ଆମେ ଆହୁରି ଶୀଘ୍ର ଅନ୍ୟ ଉପାୟରେ ଆଇନସମ୍ମତ ଅଧିକାର ପାଇ-ପାରିବା ବୋଲି ମୁଁ ସମସ୍ତଙ୍କୁ, ପ୍ରତ୍ୟେକଙ୍କୁ ବୁଝାଇଦେଇ ପାରନ୍ତିକି! ଜଣେ ବ୍ୟକ୍ତିବିଶେଷ ବା ଗୋଟାଏ ଜାତି ଯଦି ହିଂସା ପରିତ୍ୟାଗ କରିଦେବ ତେବେ ତା'ରି ଭିତରୁ ଏଭଳି ଶକ୍ତିର ଉଦ୍‌ଭବ ହେବ ଯେ ସେହି ଶକ୍ତି ଆଗରେ କେହି ଠିଆହୋଇ ପାରିବ ନାହିଁ । କିନ୍ତୁ ମୁଁ ହିଂସା ବିରୁଦ୍ଧରେ ଯେଉଁ ଯୁକ୍ତି କରୁଛି, ସେ ଯୁକ୍ତି କେବଳ ତାତ୍କାଳିକ ଦୃଷ୍ଟିକୋଣରୁହିଁ କରୁଛି । ସେ ଯୁକ୍ତି ଅସାର । ତେଣୁ ଆମ ଆଗରେ ଯେଉଁ ଏକମାତ୍ର ପ୍ରତିକାର ରହିଛି, ତାହା ହେଉଛି *ଅସହଯୋଗ* । ଏହି ହେଉଛି ଅତି ସୁସ୍ପଷ୍ଟ ପ୍ରତିକାର; କାରଣ ଏହାକୁ ଆମେ ଯଦି ସମସ୍ତ ପ୍ରକାର ହିଂସାରୁ ମୁକ୍ତ କରିଦେଉ, ତେବେ ଏହା ସବୁଠାରୁ ଫଳପ୍ରଦ ହେବ xxx ।"

୧୯୨୦ ମସିହା ସେପ୍ଟେମ୍ବର ମାସ ୪ରୁ ୯ ତାରିଖ ପର୍ଯ୍ୟନ୍ତ କଲିକତା ଠାରେ କଂଗ୍ରେସର ସ୍ୱତନ୍ତ୍ର ଅଧିବେଶନ ବସିଲା । 'ପଞ୍ଜାବ ଅତ୍ୟାଚାର' ଓ ଲୋକମାନ୍ୟ ବାଳଗଙ୍ଗାଧର ତିଳକଙ୍କ ବିୟୋଗ ସଂପର୍କରେ ଦୁଇଟି ପ୍ରସ୍ତାବ ଗ୍ରହଣ କରାଯିବା ପରେ ଶେଷରେ ଗାନ୍ଧୀ ଅସହଯୋଗ ଆନ୍ଦୋଳନର ପ୍ରସ୍ତାବ ଆଣିଲେ । ସେହି ପ୍ରସ୍ତାବଟି ହେଉଛି:

"ଖିଲାଫତ୍ ପ୍ରଶ୍ନ ସଂପର୍କରେ ଭାରତ ତଥା ବ୍ରିଟିଶ ସରକାର ଭାରତର ମୁସଲମାନ ମାନଙ୍କ ପ୍ରତି ନିଜର କର୍ତ୍ତବ୍ୟ ସଂପାଦନରେ ସଂପୂର୍ଣ୍ଣ ରୂପେ ବ୍ୟର୍ଥତା ପ୍ରକାଶ କରିଛନ୍ତି ଓ ପ୍ରଧାନମନ୍ତ୍ରୀ ସେମାନଙ୍କୁ ଦେଇଥିବା ପ୍ରତିଶ୍ରୁତିକୁ ଜାଣିଶୁଣି ଭଙ୍ଗ କରିଛନ୍ତି । ମୁସଲମାନ ମାନଙ୍କୁ ଯେଉଁ ଧାର୍ମିକ ବିପଦ ଆସି ଗ୍ରାସିଛି, ସେ ବିପଦରୁ ଉଦ୍ଧାର ପାଇବାପାଇଁ ସେମାନେ ଯେଉଁ ଉଦ୍ୟମ କରୁଛନ୍ତି, ସେ ଉଦ୍ୟମରେ ତା'ର ମୁସଲମାନ ଭାଇକୁ ଆଇନସଂଗତ ପନ୍ଥାରେ ସବୁମତେ ସାହାଯ୍ୟ କରିବା ହେଉଛି ପ୍ରତ୍ୟେକ ଅଣ-ମୁସଲମାନ ଭାଇର କର୍ତ୍ତବ୍ୟ ।

"୧୯୧୯ ଏପ୍ରିଲରେ ଯେଉଁସବୁ ଘଟଣା ଘଟିଗଲା, ସେ ଘଟଣା ପ୍ରମାଣ କରିଛି ଯେ ପଞ୍ଜାବର ନିର୍ଦ୍ଦୋଷ ଲୋକଙ୍କୁ ରକ୍ଷା କରିବାରେ ସରକାର ଘୋର ଅବହେଳା ଓ ବ୍ୟର୍ଥତା ପ୍ରଦର୍ଶନ କରିଛନ୍ତି; ଯେଉଁ ଅଫିସରମାନେ ଲୋକଙ୍କ ପ୍ରତି ବର୍ବରୋଚିତ ବ୍ୟବହାରରେ ଦୋଷୀ, ସେମାନଙ୍କୁ ଶାସ୍ତି ଦେବାରେ ହେଳା କରିଛନ୍ତି; ଯେଉଁ ମାଇ-କେଲ୍ ଓଡାୟାର ତାଙ୍କ ଶାସନାଧୀନରେ ଥିବା ଲୋକଙ୍କ ଦୁର୍ଦ୍ଦଶା ପାଇଁ ଓ ସରକାର କରିଥିବା ଅପରାଧ ପାଇଁ ପ୍ରତ୍ୟକ୍ଷ ଭାବରେ ଦାୟୀ, ତାଙ୍କୁ ଦୋଷମୁକ୍ତ କରିଦେଇଛନ୍ତି; ଲର୍ଡ ସଭାରେ ଯେଉଁ ଆଲୋଚନା ହେଲା ସେଥିରୁ ଜଣାପଡ଼ିଲା ଯେ ଭାରତର ଲୋକଙ୍କ ପ୍ରତି ସେମାନଙ୍କର ତିଳେ-ହେଲେ ସହାନୁଭୂତି ନାହିଁ; ପଞ୍ଜାବରେ କ୍ରମାଗତ ଯେଉଁ ଆତଙ୍କ ସୃଷ୍ଟି କରାଗଲା ଓ ବୀଭତ୍ସ କାଣ୍ଡ କରାଗଲା ସେଥିରେ ଭାରତବାସୀଙ୍କ ପ୍ରତି ବ୍ରିଟିଶ ସରକାରଙ୍କର ତିଳେହେଲେ ସହାନୁଭୂତି ନାହିଁ ବୋଲି ଜଣାପଡୁଛି; ଶେଷରେ ଭାଇସରାୟ ଯେଉଁ ଘୋଷଣା କଲେ ସେଥିରୁ ପ୍ରମାଣିତ ହେଉଛି ଯେ ଖିଲାଫତ୍ ଓ ପଞ୍ଜାବ ବ୍ୟାପାରରେ ସରକାର ଆଦୌ ଅନୁତପ୍ତ ନୁହନ୍ତି ।

"ତେଣୁ କଂଗ୍ରେସ ମତ ପ୍ରକାଶ କରୁଛନ୍ତି ଯେ ପୂର୍ବଲିଖିତ ଦୁଇ ଅନ୍ୟାୟ ଘଟଣାର ପ୍ରତିକାର ନ କରାଗଲେ ଭାରତର ଲୋକେ ସନ୍ତୁଷ୍ଟ ହେବେ ନାହିଁ । ଜାତୀୟ ସମ୍ମାନ ରକ୍ଷା କରିବାର ଓ ଭବି-ଷ୍ୟତରେ ଏହିଭଳି ଅନ୍ୟାୟର ପୁନରାବୃତ୍ତିକୁ ରୋକିବାର ଏକମାତ୍ର ଫଳପ୍ରଦ ପନ୍ଥା ହେଉଛି ସ୍ୱରାଜ୍ୟ ସ୍ଥାପନ କରିବା ।

"କଂଗ୍ରେସ ଆହୁରି ମଧ୍ୟ ମତ ପ୍ରକାଶ କରୁ-ଛନ୍ତି ଯେ ଉକ୍ତ ଅନ୍ୟାୟ ଗୁଡ଼ିକ ଦୂର ନ ହେଲା ପର୍ଯ୍ୟନ୍ତ ଓ ସ୍ୱରାଜ୍ୟ ପ୍ରତିଷ୍ଠା ନ ହେଲା ପର୍ଯ୍ୟନ୍ତ କ୍ରମଶଃ ଅହିଂସ ଅସହଯୋଗ କରିବାର ଯେଉଁ ନୀତି [ମହାତ୍ମା] ଗାନ୍ଧୀ ଦେଶବାସୀଙ୍କ ଆଗରେ ରଖିଛନ୍ତି, ତାହାକୁ ଗ୍ରହଣ କରିବା ଓ ସମର୍ଥନ କରିବା ବ୍ୟତୀତ

କଂଗ୍ରେସ ପାଇଁ ଅନ୍ୟ କୌଣସି ପନ୍ଥା ନାହିଁ ।

"ଉପର ଶ୍ରେଣୀର ଯେଉଁ ଲୋକେ ଏ ପର୍ଯ୍ୟନ୍ତ ଜନମତକୁ ନିୟନ୍ତ୍ରଣ କରି ଆସିଛନ୍ତି ଓ ଜନମତର ପ୍ରତିନିଧିତ୍ୱ କରି ଆସୁଛନ୍ତି, ସେହିମାନେ ପ୍ରଥମେ ଆଗକୁ ବାହାରି କାର୍ଯ୍ୟ ଆରମ୍ଭ କରିବା ଉଚିତ । ଲୋକଙ୍କୁ ଉପାଧି ଓ ସମ୍ମାନ ଦେଇ ସରକାର ତାହାର କ୍ଷମତାକୁ ଘନୀଭୂତ କରିଛି । ନିଜର କର୍ତ୍ତୃତ୍ୱରେ ଶିକ୍ଷାନୁଷ୍ଠାନ, କୋର୍ଟ-କଚେରୀ ଓ ଲେଜିସ୍‌ଲେଟିଭ କାଉନ୍‌ସିଲ ଗୁଡ଼ିକୁ ରଖି କ୍ଷମତାକୁ ସେହିସବୁ ଜରିଆରେ କେନ୍ଦ୍ରୀଭୂତ କରୁଛି । ଲୋକେ ସବୁଠାରୁ କମ୍ ବିପଦ ବରଣ କରି ଆନ୍ଦୋଳନ ଚଳାନ୍ତୁ ଓ ଲକ୍ଷ୍ୟ ସାଧନ ତୁଳନାରେ ଯେତିକି ତ୍ୟାଗ ଲୋଡ଼ା, ସେତିକି ମାତ୍ର ତ୍ୟାଗ କରନ୍ତୁ ବୋଲି ଭବିବା ଠିକ୍ ହେବ । ଏହିସବୁ କଥା ବିଚାରକୁ ନେଇ କଂଗ୍ରେସ ଆନ୍ତରିକ ନିବେଦନ ଜଣାଉଛି ଯେ—

*(କ)* ଉପାଧି ଓ ଅବୈତନିକ ଅଫିସ ସବୁ ଫେରାଇ ଦିଆଯାଉ ଓ ସ୍ୱାୟତ୍ତଶାସନ ଅନୁଷ୍ଠାନ ମାନଙ୍କୁ ସରକାର ଯେଉଁମାନଙ୍କୁ ମନୋନୀତ କରିଛନ୍ତି, ସେମାନେ ଇସ୍ତଫା ଦେଇଦିଅନ୍ତୁ ।

*(ଖ)* ସରକାରଙ୍କ ଦରବାର, ସରକାରୀ ଓ ଅର୍ଦ୍ଧ-ସରକାରୀ ଉତ୍ସବ ଇତ୍ୟାଦିରେ କେହି ଯୋଗ ନ ଦିଅନ୍ତୁ ।

*(ଗ)* ସରକାରଙ୍କ ସାହାଯ୍ୟପ୍ରାପ୍ତ ବା ନିୟନ୍ତ୍ରିତ ସ୍କୁଲ-କଲେଜରୁ ପିଲାମାନଙ୍କୁ ଆସ୍ତେ ଆସ୍ତେ ଉଠାଇ ଆଣନ୍ତୁ ଓ ସେହିସବୁ ସ୍କୁଲ-କଲେଜ ସ୍ଥାନ ପୂରଣ କରିବାପାଇଁ ଭିନ୍ନ ଭିନ୍ନ ପ୍ରଦେଶରେ ଜାତୀୟ ସ୍କୁଲ କଲେଜର ପ୍ରତିଷ୍ଠା ହେଉ ।

*(ଘ)* ମକଦ୍ଦମା କରୁଥିବା ପକ୍ଷମାନେ ଓ ଓକିଲମାନେ କ୍ରମେ କ୍ରମେ ବ୍ରିଟିଶ କୋର୍ଟ-କଚେରୀ ବର୍ଜ୍ଜନ କରନ୍ତୁ ଓ ଓକିଲ ମାନଙ୍କ ସାହାଯ୍ୟରେ ଘରୋଇ ବିବାଦ ସବୁ ମଧ୍ୟସ୍ଥଙ୍କ ଜରିଆରେ ତୁଟାଇବା ପାଇଁ ପଞ୍ଚାୟତ ବସାନ୍ତୁ ।

*(ଙ)* ମେସୋପଟାମିଆରେ ଯାଇ ଯୁଦ୍ଧ କରିବାପାଇଁ, କିରାଣୀ ହେବାପାଇଁ ଓ ଶ୍ରମିକ ଭାବରେ କାମ କରିବା ପାଇଁ କେହି ଲୋକବଳ-ସଂଗ୍ରହ ତାଲିକାଭୁକ୍ତ ନ ହୁଅନ୍ତୁ ।

*(ଚ)* ନୂଆକରି ଗଢା ହୋଇଥିବା କାଉନ୍‌ସିଲ ପାଇଁ ଯେଉଁମାନେ ପ୍ରାର୍ଥୀ ହୋଇଛନ୍ତି, ସେମାନେ ନିଜର ପ୍ରାର୍ଥୀତ୍ୱ ଉଠାଇ ଆଣନ୍ତୁ ଓ କଂଗ୍ରେସର ପରାମର୍ଶକୁ ଉପେକ୍ଷା କରି ଯେଉଁମାନେ ନିର୍ବାଚନରେ ପ୍ରାର୍ଥୀ ହେଉଛନ୍ତି, ଭୋଟରମାନେ ସେମାନଙ୍କୁ ଭୋଟ ନ ଦିଅନ୍ତୁ ।

*(ଛ)* ବିଦେଶୀ ଦ୍ରବ୍ୟ ବର୍ଜ୍ଜନ କରନ୍ତୁ ।

"ଶୃଙ୍ଖଳାଜ୍ଞାନ ଓ ଆତ୍ମତ୍ୟାଗର ଭାବନା ଜାଗ୍ରତ କରିବାପାଇଁ ଅସହଯୋଗର କଳ୍ପନା କରାଯାଇଛି । ଏହି ଦୁଇଟି ଅଭାବରେ କୌଣସି ଜାତିର ପ୍ରକୃତ ଅଗ୍ରଗତି ହୋଇପାରିବ ନାହିଁ । ଅସହଯୋଗର ପ୍ରଥମ ଅବସ୍ଥାରେ ପ୍ରତ୍ୟେକ ପୁରୁଷ, ମହିଳା ଓ ବାଳକ-ବାଳିକାଙ୍କୁ ଶୃଙ୍ଖଳା ଓ ଆତ୍ମତ୍ୟାଗରେ ବ୍ରତୀ ହେବାପାଇଁ ସୁଯୋଗ ମିଳିବା ଉଚିତ । ତେଣୁ ଏହି କଂଗ୍ରେସ ଲୋକଙ୍କୁ ନିବେଦନ କରୁଛି ଯେ ବ୍ୟାପକ ଭାବରେ ସ୍ୱଦେଶୀ ବସ୍ତ୍ର ବ୍ୟବହାର କରନ୍ତୁ; କିନ୍ତୁ ଜାତିର ଯେତେ ବସ୍ତ୍ର ଆବଶ୍ୟକ, ଭାରତର ମୂଳଧନ ଓ ନିୟନ୍ତ୍ରଣରେ ଚାଳିତ ଭାରତୀୟ ମିଲ୍ ଗୁଡ଼ିକ ଉପସ୍ଥିତ କ୍ଷେତ୍ରରେ ସେହି ପରିମାଣରେ ବସ୍ତ୍ର ତିଆରି କରିପାରୁ ନାହାନ୍ତି; ଅନେକ ଦିନ ପର୍ଯ୍ୟନ୍ତ ସେଭଳି କରିପାରିବାର ସମ୍ଭାବନା ମଧ୍ୟ ନାହିଁ । ତେଣୁ ଏହି କଂଗ୍ରେସ ନିବେଦନ କରୁଛି ଯେ ବ୍ୟାପକ ଭାବରେ ହାତରେ ସୂତାକଟା ଓ ଲୁଗାବୁଣା ଚାଲୁ । ପ୍ରତ୍ୟେକ ଘରେ ଅରଟ ଚାଲୁ ଓ ଦେଶର ଲକ୍ଷ ଲକ୍ଷ ତନ୍ତୀ ସେହି ସୂତାକୁ ନେଇ ଲୁଗା ବୁଣି ଦିଅନ୍ତୁ । ବାହାରୁ ଉତ୍ସାହ ତଥା ସାହାଯ୍ୟ ନ ମିଳିବାରୁ ସେମାନଙ୍କର ପୂର୍ବ ବେଉସା ବନ୍ଦ ହୋଇଯାଇଛି । ତାହାର ପୁନରୁଦ୍ଧାର ହେଉ ।"

ଏହି ପ୍ରସ୍ତାବଟି ଯେ କଂଗ୍ରେସରେ ବିରୋଧର ସମ୍ମୁଖୀନ ହୋଇନଥିଲା ତାହା ନୁହେଁ—ଏହାର ଖୁବ୍ ବିରୋଧ କେତେଲୋକ କରିଥିଲେ ମଧ୍ୟ । ଶେଷରେ କିନ୍ତୁ ଏହା ସପକ୍ଷରେ ୧୮୮୬ଟି ଭୋଟ ମିଳି ପ୍ରସ୍ତାବଟି ଗୃହୀତ ହୋଇଗଲା ।

ଭାରତର ଲୋକେ ନାନା ଭାବରେ ଅସହଯୋଗ ଆନ୍ଦୋଳନକୁ ସମର୍ଥନ କରିଥିଲେ । ବ୍ରିଟିଶ ସରକାର ବହୁ ସଂଖ୍ୟାରେ ସ୍ୱାଧୀନତା ସଂଗ୍ରାମୀ ମାନଙ୍କୁ ଗିରଫ କରିବାକୁ ପଛାଇ ନଥିଲେ । ନିର୍ବାଚନରେ ଜନସାଧାରଣ ଭାଗ ନେଲେ ନାହିଁ । ଅନେକ ପ୍ରସିଦ୍ଧ ଓକିଲ ଓକିଲାତି ଛାଡ଼ିଦେବା ଫଳରେ ବ୍ରିଟିଶ କୋର୍ଟ କଚେରୀର ସମ୍ମାନ ଖୁବ୍ କମିଯାଇଥିଲା । ବହୁ ଛାତ୍ର ପାଠପଢା ଛାଡ଼ି ଅସହଯୋଗ ଆନ୍ଦୋଳନରେ ଆସି ଯୋଗ ଦେଇଦେଲେ । ସେ ସମୟର ଯୁକ୍ତ ପ୍ରଦେଶ, ପଞ୍ଜାବ, ବମ୍ବେ ଓ ବଙ୍ଗଳାରେ ଯଥେଷ୍ଟ ସଂଖ୍ୟକ ଶିକ୍ଷିତ ଲୋକ ଗାନ୍ଧୀଙ୍କ ଡାକ ଶୁଣିଥିଲେ । ଦେଶବନ୍ଧୁ ଚିତ୍ତରଂଜନ ଦାସଙ୍କ ଆହ୍ୱାନରେ ବଙ୍ଗଳାର ହଜାର ହଜାର ସ୍କୁଲ-କଲେଜ ଛାତ୍ର ପାଠପଢା ଛାଡ଼ିଦେଇଥିଲେ । ସମଗ୍ର ଭାରତବର୍ଷର ଅନ୍ୟାନ୍ୟ ଅଞ୍ଚଳରେ ମଧ୍ୟ ଏଭଳି ଘଟଣା ଘଟିଥିଲା । କଲିକତାର ଜାତୀୟ କଲେଜ, ବିହାର ବିଦ୍ୟାପୀଠ, ଗୁଜୁରାତ ବିଦ୍ୟାପୀଠ, କାଶୀ ବିଦ୍ୟାପୀଠ, ବଙ୍ଗ ଜାତୀୟ ବିଶ୍ୱବିଦ୍ୟାଳୟ, ତିଳକ ମହାରାଷ୍ଟ୍ର ବିଦ୍ୟାପୀଠ ଓ ଆଲିଗଡ଼ ଜାତୀୟ ମୁସ୍‌ଲିମ ବିଶ୍ୱବିଦ୍ୟାଳୟର ଅସହଯୋଗ ଯୁଗର ଯୁବକମାନଙ୍କୁ ଜାତୀୟତାବୋଧରେ ତାଲିମ ଦେବାରେ ଉଲ୍ଲେଖନୀୟ ଅବଦାନ ରହିଛି ।

ଏହି ସମୟରେ କିନ୍ତୁ ଗୋଟିଏ ଗୁରୁତର ଘଟଣା ଘଟିଥିଲା । ଯୁକ୍ତପ୍ରଦେଶର ଗୋରଖପୁର ନିକଟରେ ଚଉରୀଚଉରା ଠାରେ ଆନ୍ଦୋଳନକାରୀମାନେ କେତେଜଣ ପୁଲିସ କର୍ମଚାରୀଙ୍କୁ ପୋଡ଼ିକରି ହତ୍ୟା କରିଦେଲେ । ଏହା ଗାନ୍ଧୀ ତଥା କଂଗ୍ରେସର ଅନ୍ୟାନ୍ୟ ନେତାମାନଙ୍କ ବିଶ୍ୱାସକୁ ଦୋହଲାଇଦେଲା ଓ ସେମାନେ ସୂଚନା ପାଇଗଲେ ଯେ ଆବଶ୍ୟକ ପଡ଼ିଲେ ଲୋକେ ହିଂସା ଆଚରଣ କରିବେ । ତେଣୁ ପ୍ରକୃତ ଅହିଂସ ରାଜନୈତିକ ଚେତନା ଆଣିବା ଉଦ୍ଦେଶ୍ୟରେ କିଛିଦିନ ପାଇଁ ଅସହଯୋଗ ଆନ୍ଦୋଳନକୁ ବନ୍ଦ କରିଦିଆଯାଇଥିଲା । ଏହି ସମୟବେଳକୁ କିନ୍ତୁ ପ୍ରାୟ ୩୦,୦୦୦ ସତ୍ୟାଗ୍ରହୀଙ୍କୁ ଗିରଫ କରାଯାଇ ସାରିଥିଲା ।

***ସମ୍ବନ୍ଧୀୟ ବିଷୟ***

*ଭାରତ, ଭାରତୀୟ ସ୍ୱାଧୀନତା ଆନ୍ଦୋଳନ, କଂଗ୍ରେସ, ମହାତ୍ମା ଗାନ୍ଧୀ, ଓଡ଼ିଶାରେ ସ୍ୱାଧୀନତା ଆନ୍ଦୋଳନ, ଲବଣ ସତ୍ୟାଗ୍ରହ, ଚମ୍ପାରଣ ସତ୍ୟାଗ୍ରହ, ସନାତନଧର୍ମ, ଆତ୍ମବିଶ୍ୱାସ, ଅହିଂସା, ଇଂଲଣ୍ଡ, ଅରଟ, ଖିଲାଫତ୍ ଆନ୍ଦୋଳନ*

## ଅସ୍ତ୍ରଶସ୍ତ୍ର

ଯୁଦ୍ଧ ବା ଲଢାଇରେ ଶତ୍ରୁକୁ ଧ୍ୱଂସ କରିଦେବା, ବିଜିତ କରିବା କିମ୍ବା ଆଘାତ ପହଞ୍ଚାଇବା ଉଦ୍ଦେଶ୍ୟରେ ବ୍ୟବହୃତ ହେଉଥିବା ଯେ କୌଣସି ଧରଣର 'ଯନ୍ତ୍ର' । ଆଧୁନିକ ପ୍ରତିରକ୍ଷା ବାହିନୀ ସବୁ ସ୍ଥଳ, ନୌ ଓ ଆକାଶରେ ଯୁଦ୍ଧ କରିବା ନିମନ୍ତେ ବିଶାଳ ପରିମାଣର ଅତି ଜଟିଳ ତଥା ଭିନ୍ନ ଭିନ୍ନ ପ୍ରକାରର ଅସ୍ତ୍ରଶସ୍ତ୍ର ଦ୍ୱାରା ସଜ୍ଜିତ । ଆହୁରି ମଧ୍ୟ, ଜୀବଜଗତର ସୃଷ୍ଟି ହେବା ଠାରୁ ପ୍ରକୃତିଦତ୍ତ ଅସ୍ତ୍ର କ୍ଷେତ୍ର ବିଶେଷରେ ପ୍ରାଣୀମାନଙ୍କୁ ନିରାପତ୍ତା ଯୋଗାଇଆସିଛି ।

ସମସ୍ତେ ଗୋଟିଏ କଥା ନିଶ୍ଚୟ ଲକ୍ଷ୍ୟ କରିଛନ୍ତି । ଯେତେ ଯେତେ ଜୀବଜନ୍ତୁ ସୃଷ୍ଟି କରାଯାଇଛି ସମସ୍ତଙ୍କ ବିଷୟରେ ପ୍ରଥମେ ପ୍ରକୃତି ଟିକିଏ ଭାବିଛି । କାରଣ ଶତ୍ରୁ ଆକ୍ରମଣରୁ ଜୀବଟିଏ ରକ୍ଷା ପାଇଯିବ ବୋଲି ଯଦି ବ୍ୟବସ୍ଥା ନ ହୁଏ ସେଇଟି କ୍ରମେ ଲୋପ ପାଇଯିବ । ତେଣୁ ନିଜକୁ ରକ୍ଷା କରିବା ପାଇଁ ଓ ତାହା ସଙ୍ଗେ ସଙ୍ଗେ ଦରକାର ପଡ଼ିଲେ ଶତ୍ରୁକୁ ଆକ୍ରମଣ କରିବା ପାଇଁ ତାହା ଦେହରେ କିଛି କିଛି ଉପାୟ ଖଞ୍ଜି ଦିଆଯାଇଛି । ସେଇଥିପାଇଁ ଶିଙ୍ଗ, ନଖ, ଦାନ୍ତ ଓ ଖୁରାକୁ ଗୋରୁ, ମଇଁଷି, ଘୋଡ଼ା, ବାଘ, ଭାଲୁ

ଇତ୍ୟାଦିଙ୍କ ଦେହରେ ଖଞ୍ଜାଯାଇଛି । କଙ୍କଡ଼ାବିଛାଟି ଗୋଟିଏ ଛୋଟିଆ ଜୀବ ହେଲେ ମଧ୍ୟ ତା ଲାଙ୍ଗୁଳରେ ଏଭଳି ବିଷ ରଖିଦିଆଯାଇଛି ଯେ ତାକୁ ସହଜରେ ଧରି ପକାଇବାକୁ କାହାରି ସାହସ ହେବନାହିଁ । ଗୋଖର ସାପ 'ପାଟି'ରେ ଯଦି ବିଷ ନ ଥା'ନ୍ତା ସେଇଟି ଦେଖିବାକୁ ଯେମିତି ସୁନ୍ଦର, ଲୋକେ ତାକୁ ସହଜରେ ଧରିଆଣନ୍ତେ । କେତେକ ଜୀବଙ୍କ ଉପର ଅଂଶଟାକୁ ଖୁବ୍ ଟାଣ କରି ଦିଆଯାଇଛି । ବଜ୍ରକାପ୍ତା, କଇଁଛ ସେମିତିକା ଗୋଟିଏ ଗୋଟିଏ ଜୀବ । ଝିଙ୍କ ଦେହରେ ଲୋମକୁ ଏମିତି ମୁନିଆ କରି ଦିଆଯାଇଛି ଯେ ଦେହଟାକୁ ଝାଡ଼ିଦେଲେ ଝିଙ୍କ କାଠି ଯାଇ ଅନ୍ୟ ଦେହରେ ପଶିଯିବ । ହୁଏତ କୌଣସି ଜୀବଟିଏ ଦଉଡ଼ିବା କୌଶଳ ଏମିତି ହାସଲ କରିଦେଇଛି ଯେ ନିଜକୁ ରକ୍ଷା କରିବା ପାଇଁ ତାହା ଅତି ବେଗରେ ଦଉଡ଼ି ପଳାଇଯାଇ ପାରୁଛି । ଆଉ କେତେକଙ୍କର ଚମଡ଼ା ଖୁବ୍ ମୋଟା । ପକ୍ଷୀଙ୍କ ଦେହରେ ଡେଣା ଖଞ୍ଜି ଦିଆଗଲା—ଆବଶ୍ୟକ ସ୍ଥଳେ ଜୀବନ ବଞ୍ଚାଇବା ପାଇଁ ସେମାନେ ଉଡ଼ିଯାଇ ପାରିବେ ।

କିନ୍ତୁ ମନୁଷ୍ୟ ଦେହରେ ଏଭଳି କୌଣସି ବ୍ୟବସ୍ଥା ଖଞ୍ଜାଯାଇନାହିଁ । ତା'ର ଚମ ନରମ, ଦାନ୍ତ ଛୋଟ, ନଖ ସେମିତି କିଛି ମଜବୁତ ନୁହେଁ । ତାକୁ ଗୋଟାଏ ଚିତାବାଘ ଗୋଡ଼ାଇଲେ ସେ ଦଉଡ଼ି ପଳାଇ ପାରିବ ନାହିଁ । ତା ହେଲେ ମଣିଷଟି ବଞ୍ଚିବ କେମିତି ? ଶତ୍ରୁଙ୍କ ଆକ୍ରମଣରୁ ନିଜକୁ ରକ୍ଷା କରିବ କେମିତି ? ତାହାର ବ୍ୟବସ୍ଥା ପ୍ରକୃତି ନିଶ୍ଚୟ କରିଛି । ମନୁଷ୍ୟ ଖପୁରି ଭିତରେ ମଜ୍ଜା ବା ମସ୍ତିଷ୍କ ବୋଲି ଯେଉଁଟି ରହିଛି ତାହାରି ଭିତରେ ସବୁଠାରୁ ବେଶୀ ବୁଦ୍ଧି ଭରି ରହିଛି । ସେହି ବୁଦ୍ଧି ବଳରେ ସେ ଏଭଳି ସବୁ ଜିନିଷ ତିଆରି କରିଦେଇ ପାରିଲା ଯେ ଯେତେ ଜୀବ ଅଛନ୍ତି ସମସ୍ତଙ୍କଠାରୁ ସେ ବଳିଗଲା ନିଜକୁ ରକ୍ଷା କରିବା ପାଇଁ ଓ ତାହା ଉପରକୁ ଯିଏ ବିପଦ ଆଣିଲା ତାକୁ ଆକ୍ରମଣ କରିବା ପାଇଁ । ତେଣୁ ମଣିଷଟି ଗୋଟିଏ ଅସହାୟ ଜୀବ—ଏଭଳି କଥା ଆଉ ରହିଲା ନାହିଁ । କିନ୍ତୁ ଆଶ୍ଚର୍ଯ୍ୟର କଥା ଯେ ବହୁକାଳ ପର୍ଯ୍ୟନ୍ତ ମଣିଷ ଜାତି ଜାଣି ପାରୁନଥିଲା ତା ମସ୍ତିଷ୍କରେ ଏତିକି ବୁଦ୍ଧି ଅଛି ଓ ତାହାରି ବଳରେ ସେ ନାନା ପ୍ରକାରର ଅସ୍ତ୍ରଶସ୍ତ୍ର ତିଆରି କରି ପାରିବ । ଏଥିପାଇଁ ଅବଶ୍ୟ ତାକୁ ଦୋଷ ଦିଆଯାଇ ପାରିବ ନାହିଁ । କାରଣ ସେତେବେଳେ ନିଆଁ କେମିତି ଲଗାଇବାକୁ ଓ ସାଇତିବାକୁ ହୁଏ ସେକଥା ସେ ଜାଣି ନଥିଲା; ପଥର ମୁଣ୍ଡା ଭିତରେ ଯେ ଲୁହା ରହିପାରେ ଏହା ସେ ସ୍ୱପ୍ନରେ ସୁଦ୍ଧା ଭାବି ନଥିଲା ।

ମନୁଷ୍ୟ ପ୍ରଥମେ ନିଜ ହାତଗୋଡ଼କୁ ବ୍ୟବହାର କଲା ନିଜକୁ ରକ୍ଷା କରିବା ପାଇଁ କିମ୍ବା



ମଣିଷ ଯେଉଁସବୁ ଅସ୍ତ୍ରଶସ୍ତ୍ର ଆଦିମ ଅବସ୍ଥାରେ ଉପଯୋଗ କରୁଥିଲା ସେ ସବୁରୁ ମାନବୀୟ ଇଭୋଲୁସନ ବିଷୟରେ ଆଜି ଜାଣି ହେଉଛି । ଖଣ୍ଡିଏ ପଥରରେ ଆଉ ଖଣ୍ଡିଏ ପଥରକୁ ଘସି ଘସି ହୁଏତ ସେ ପ୍ରଥମ ଅସ୍ତ୍ର ତିଆରି କଲା (ଉପର) । କ୍ରମେ ହାଡ଼ ବା ଟାଣ କାଠ ଖଣ୍ଡ ଦ୍ୱାରା ପାଲିସ କରିକରି ସେ ପଥରରୁ ଆହୁରି ତୀକ୍ଷ୍ଣ ଅସ୍ତ୍ର ତିଆରି କରିବାରୁ ମଧ୍ୟ ସମର୍ଥ ହୋଇଗଲା (ତଳ) ।



ଦରକାର ପଡ଼ିଲେ ଅନ୍ୟକୁ ଆକ୍ରମଣ କରିବା ପାଇଁ । ମୁଥ, ବିଧା ବା ଗୋଇଠା ମରାମରି ଥିଲା ହୁଏତ ଏହାର ଅସ୍ତ୍ରଶସ୍ତ୍ର । ତାହା ପରେ କାହା ବୁଦ୍ଧିରୁ ବାହାରିଲା ଯେ ଖଣ୍ଡେ ପଥର ବା ମାଟି ଫୋପାଡ଼ି ସେ ନିଜକୁ ରକ୍ଷା କରିବ । ଆଉ ଜଣେ ଚିନ୍ତାକଲା, ଗଛର ଖଣ୍ଡେ ସରୁଆ ଡାଳ ବା ଖଣ୍ଡିଏ ମଜବୁତ ବାଉଁଶ ସାହାଯ୍ୟରେ ଅନ୍ୟକୁ ପିଟିଦେଇହେବ । ହୁଏତ ସେଇଟି ଥିଲା ମଣିଷର ଆଦି 'ଶସ୍ତ୍ର' । ପଥରର କଟୁରି, କୁରାଢ଼ୀ ମଧ୍ୟ ସେ ବ୍ୟବହାର କଲା ଏହି ଉଦ୍ଦେଶ୍ୟରେ । ଜଣେ କେହି ପଥର ତୀର ତିଆରି କରିଦେଲା ଓ ବାଉଁଶ, ଲତା ସାହାଯ୍ୟରେ ଧନୁ ତିଆରି କରିଦେଲା । ଧାତୁ ଯୁଗ ଆରମ୍ଭ ହୋଇଗଲା ପରେ ଯେତେବେଳେ ସେ ବ୍ରୋଞ୍ଜ ଭଳି ଧାତୁକୁ ଚିହ୍ନିଲା ସେତେବେଳକୁ ନାନା ରକମର ଅସ୍ତ୍ରଶସ୍ତ୍ର ପାଇଁ ବାଟ ଫିଟିଗଲା । ଲୁହା ମଧ୍ୟ ସେ ଦିଗରେ କାମଦେଲା । ବ୍ରୋଞ୍ଜର ଢାଲ ଗୋଟିଏ ହାତରେ ଧରି ମଣିଷ ନିଜକୁ ରକ୍ଷା କରୁଥାଏ ଓ ଆଉ ଗୋଟିଏ ହାତରେ ବଡ଼ ଛୁରୀ ବା ଖଣ୍ଡାଟାଏ ଧରି ସେ ଚାଲିଯାଉଥାଏ ଯୁଦ୍ଧ କରିବାକୁ । ଗୋଟାଏ ସମୟ ଥିଲା ଯେତେବେଳେ କି ଏକା ଜିନିଷକୁ ଅସ୍ତ୍ର ରୂପେ ବ୍ୟବହାର କରାଯାଉଥିଲା ଓ ଘରେ ଅନ୍ୟ କାମରେ ମଧ୍ୟ ଲଗାଯାଉଥିଲା । କଟୁରି, ବର୍ଚ୍ଛା, କୁରାଢ଼ୀ କେମିତି ଦୁଇ କାମରେ ଲାଗୁଛି ଆମେ ଦେଖୁଛୁ । ପୃଥିବୀର ଭିନ୍ନ ଭିନ୍ନ ଅଂଶରେ ଯେ ଭିନ୍ନ ଭିନ୍ନ ପ୍ରକାରର ଅସ୍ତ୍ରଶସ୍ତ୍ର ତିଆରି ହେଲା ସେଥିରୁ ଜଣା ପଡୁଛି ଗୋଟାଏ ଗୋଟାଏ ଜାତି ମାନବୀୟ ଇଭୋଲୁସନ ଯୋଗୁଁ କେତେ ଦୂରକୁ ବୁଦ୍ଧିବିଦ୍ୟାରେ ଉପରକୁ ଉଠିଯାଇଥିଲେ । କି ପ୍ରକାର ଉପାଦାନରେ ସେ ଅସ୍ତ୍ରଶସ୍ତ୍ର ତିଆରି କଲା ସେଥିରୁ କହିଦେଇ ହେଉଛି କେଉଁ ଜାତିଟା କେତେ ବିକଶିତ ଥିଲା । ପରେ ଅନ୍ୟ ଲୋକ ତୀର ମାରିଲେ ନିଜକୁ ରକ୍ଷା କରିବା ପାଇଁ ସେ ଧାତୁରେ ସାଞ୍ଜୁ ତିଆରି କରି ପିନ୍ଧିଲା । ଫଳରେ ନିର୍ଭୟରେ ଯୁଦ୍ଧ କରିବାକୁ ଯାଇପାରିଲା ।

ଦୂରକୁ ମାରଣ ଅସ୍ତ୍ର ଫୋପାଡ଼ିଲେ ତାକୁ 'ଅସ୍ତ୍ର' ବୋଲି କୁହାଗଲା ଓ ନିଜେ ଧରି ଲଢ଼ିଲେ ତାକୁ 'ଶସ୍ତ୍ର' ବୋଲି କୁହାଗଲା । ତେଣୁ ତରବାରୀ ବା ଖଣ୍ଡା ହେଉଛି ଗୋଟାଏ ଶସ୍ତ୍ର-ତୀର ହେଉଛି ଗୋଟାଏ ଅସ୍ତ୍ର ।

ବିଜ୍ଞାନ, ଟେକ୍‌ନୋଲଜିର ବିକାଶ ସଙ୍ଗେ ସଙ୍ଗେ ବନ୍ଧୁକ, ତୋପ ଭଳି ଅସ୍ତ୍ର ଯେତେବେଳେ ବାହାରିପଡ଼ିଲା ସେତେବେଳେ ମଣିଷ ବୁଝିଲା ସେସବୁ ଭିତରେ କେତେ ଶକ୍ତି ରହିଛି । ପରେ ତ ଆହୁରି କେତେ କ'ଣ ହୋଇଗଲା । ଯୁଦ୍ଧଜାହାଜ ସବୁକୁ କାମରେ ଲଗାଇଲା, ଉଡ଼ାଜାହାଜରୁ ବୋମା ପଡ଼ିଲା, କ୍ଷେପଣାସ୍ତ୍ର ସବୁ ବାହାରିଲା, ହଜାର ହଜାର କିଲୋମିଟର ଦୂରକୁ ପରମାଣୁ ବୋମା ଫୋପାଡ଼ିବା କୌଶଳ ମଣିଷ ଜାଣିଗଲା । ଆଜି ଲକ୍ଷ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ ହେଉଛି ଭିନ୍ନ ଭିନ୍ନ ଦେଶରେ କେବଳ ଅସ୍ତ୍ରଶସ୍ତ୍ର ତିଆରି କରିବାରେ ।

ମଣିଷ ଯୁଦ୍ଧବିଦ୍ୟାରେ ପାରଦର୍ଶିତା ହାସଲ କରିବା ସଙ୍ଗେ ସଙ୍ଗେ ଆଧୁନିକ ଅସ୍ତ୍ରଶସ୍ତ୍ରର ମାରଣ ଶକ୍ତିର ଉନ୍ନତି କରିଚାଲିଛି । ବନ୍ଧୁକ, ତୋପ, କମାଣ, ଯୁଦ୍ଧ ଉଡ଼ାଜାହାଜ ଓ ଜାହାଜ, ଅନ୍ତର୍ମହାଦେଶୀୟ କ୍ଷେପଣାସ୍ତ୍ର, ପରମାଣୁ ବୋମାଠାରୁ ଆରମ୍ଭ କରି ଅନ୍ୟ ଅସଂଖ୍ୟ ପ୍ରକାରର ମାରଣପଦାର୍ଥ ଆଜିର ସୈନ୍ୟବାହିନୀଙ୍କ ହାତରେ ରହିଯାଇଛି । ଏହା ସାଙ୍ଗକୁ ଅତି ଶକ୍ତିଶାଳୀ କଂପିଉଟର, ଲେଜର ରଶ୍ମି ଓ ଅନ୍ୟାନ୍ୟ ଇଲେକ୍‌ଟ୍ରନିକୀୟ ଯନ୍ତ୍ରପାତିକୁ ସେନାପତି ମାନଙ୍କ ହାତରେ ରହିଥିବା ଅସ୍ତ୍ରଶସ୍ତ୍ର ଭାବେ ଗଣାଯାଉଛି ।

ଆଘାତ ମାରଣ କ୍ଷମତା ନଥିବା ଅନ୍ୟ କେତେକ ଉପାୟ ବା ନୀତିକୁ ବିଂଶ ଶତାବ୍ଦୀର ଶେଷ ବେଳକୁ ଅସ୍ତ୍ରଶସ୍ତ୍ର ତାଲିକା ଭିତରକୁ ନେଇ ନିଆଯାଇଛି । ଏ କ୍ଷେତ୍ରରେ ଖାଦ୍ୟ, ଅର୍ଥନୀତି, ଗୁପ୍ତଚର ବ୍ୟବସ୍ଥା, ବିରୋଧୀ ଜନମତ ସୃଷ୍ଟି ଓ ବେସାମରିକ ପ୍ରତିରକ୍ଷା ଆଦି କଥାର ଉଲ୍ଲେଖ କରାଯାଇପାରେ ।

ରାଇଫଲ୍ ଗୁଡ଼ିକର ଲକ୍ଷ୍ୟଭେଦୀ କ୍ଷମତା ଓ ମାରଣ କ୍ଷମତାରେ ଖୁବ୍ ଅଗ୍ରଗତି ସାଧିତ ହୋଇ ପାରିଲା । ଏକାଥରକେ ବହୁସଂଖ୍ୟକ ଗୁଳି ଫୁଟାଇ ପାରୁଥିବା ସ୍ୱୟଂକ୍ରିୟ କିମ୍ବା ଅର୍ଦ୍ଧସ୍ୱୟଂକ୍ରିୟ ରାଇଫଲ୍ ପୃଥିବୀବ୍ୟାପୀ ଅଧିକାଂଶ ପ୍ରତିରକ୍ଷା ବାହିନୀରେ ସୈନ୍ୟମାନଙ୍କୁ ଯୋଗାଇ ଦିଆଗଲା । ଗ୍ରେନେଡ୍; ମାଇନ ଭଳି ଦୂରରୁ ନିୟନ୍ତ୍ରଣ କରାଯାଇପାରୁଥିବା ସାଂଘାତିକ ବିସ୍ଫୋରକ ଉପାଦାନ ଗୁଡ଼ିକ କ୍ରମେ

ଅସ୍ତ୍ର ଗୁଡ଼ିକରେ କମ୍ପିଉଟର ଓ ଇଲେକ୍ଟ୍ରୋନିକସ୍‌ର ବହୁଳ ଉପଯୋଗ କରାଗଲାଣି ।

ଯୁଦ୍ଧକ୍ଷେତ୍ରରେ ନେଇ ଅସ୍ତ୍ରଶସ୍ତ୍ରକୁ ପହଞ୍ଚାଇ ଦେବା ନିମନ୍ତେ ସ୍ୱତନ୍ତ୍ର ଧରଣର ଯାନର ଆବଶ୍ୟକତା ରହିଛି । ଅତି ପ୍ରତିକୂଳ ପରିସ୍ଥିତି ଭିତରେ ଏଗୁଡ଼ିକ ଯୁଦ୍ଧକ୍ଷେତ୍ରରେ ଗତି କରିବାର କ୍ଷମତା ସହିତ ମାରଣ କ୍ଷମତାର ମଧ୍ୟ ଅଧିକାରୀ ହୋଇଥା'ନ୍ତି । ଟ୍ୟାଙ୍କ୍‌ଟି ହେଲା ଆଧୁନିକ ଯୁଦ୍ଧ ଯୁଗର ଏହି ଧରଣର



ପ୍ରାଗ୍ ଐତିହାସିକ ଯୁଗରେ ବ୍ରୋଞ୍ଜ ଭଳି ମିଶ୍ରଧାତୁରୁ କିଭଳି ଅସ୍ତ୍ର ତିଆରି ହେଉଥିଲା : ତମ୍ବା ଓ ଟିଣକୁ କାଠ କୋଇଲା ସାହାଯ୍ୟରେ ତରଳାଇ (ବାମ) ତାକୁ ଗୋଟିଏ ପଥର ଛାଞ୍ଚରେ ଢାଳିଦିଆଯାଉଛି (ମଝି) । ଏହି ତରଳ ଧାତୁକୁ ଆଉଖଣ୍ଡେ ପଥରରେ ଘୋଡ଼ାଇ ଦେଇ ଶୀତଳ କରିଦେବା ପରେ ତାହା ଯେଉଁ କଠିନ ଆକୃତି ପାଇଯାଉଛି ତାକୁ 'ବାଡେଇ' ଧାତୁଆ ଅସ୍ତ୍ରରେ ପରିଣତ କରିଦିଆଯାଉଛି (ଡାହାଣ) ।

ଊନବିଂଶ ଶତାବ୍ଦୀର ମଧ୍ୟଭାଗ ସମୟକୁ ବିଜ୍ଞାନ ଓ ଟେକ୍‌ନୋଲଜି କ୍ଷେତ୍ରରେ ଦେଖା ଦେଇଥିବା ନୂଆ ଧରଣର ପ୍ରଗତି ଆଜିର ଅଧିକାଂଶ ଅସ୍ତ୍ରଶସ୍ତ୍ରକୁ ତିଆରି କରିବା ପଦ୍ଧତି ବା ପ୍ରଣାଳୀର ମୂଳଦୁଆ ପକାଇଦେଲା ବୋଲି ଧରାଯାଇଥାଏ । ବିଂଶ ଶତାବ୍ଦୀର ଦ୍ୱିତୀୟ ଦଶକରେ ପ୍ରଥମ ମହାଯୁଦ୍ଧ ଆରମ୍ଭ ହେଲା ବେଳକୁ କମାଣବିଦ୍ୟାର ବହୁବିଧ ଉନ୍ନତି ସାଧିତ ହୋଇ, ରାସାୟନିକ ଗୋଳା ଓ ଆହୁରି ଅନେକ ନୂଆ ଧରଣର ଗୋଳାକୁ ବହୁ ଦୂରରେ ଥିବା ଲକ୍ଷ୍ୟସ୍ଥଳ ଉପରେ ନିର୍ଭୁଲ ଭାବରେ ପକାଇ ଦିଆଯାଇ ପାରିଲାଣି । ମୋଟା ଇସ୍ପାତରେ ତିଆରି କରାଯାଇଥିବା ଶକ୍ତ ସାଞ୍ଜୁଆ ବ୍ୟବସ୍ଥା ତଥା କଂକ୍ରିଟକୁ ଭେଦ କରିଗଲା ଭଳି ଗୁଳିଗୋଳା ମଧ୍ୟ ଏହି ସମୟରେ ତିଆରି ହେବାକୁ ଲାଗିଲା । ଦ୍ୱିତୀୟ ମହାଯୁଦ୍ଧ ବେଳକୁ ଏହି କମାଣ ଟେକ୍‌ନୋଲଜିର ଆହୁରି ଉନ୍ନତି ସାଧିତ ହୋଇ ହାତରେ ଧରି ମରାଯାଇ ପାରୁଥିବା 'କମାଣ' ମଧ୍ୟ ବାହାରି ପଡିଲା ।

ଶହ ଶହ ବର୍ଷ ଧରି ବନ୍ଧୁକ ବା ରାଇଫଲ୍‌ର ସଫଳ ବ୍ୟବହାର କ୍ଷେତ୍ରରେ ଥିବା ଟେକ୍‌ନୋଲଜୀୟ ଅସୁବିଧା ମଧ୍ୟ କାଳକ୍ରମେ ଦୂରକରି ଦିଆଯାଇପାରିଲା । ଧାତବ କାର୍ଟ୍ରିଜ୍ ଓ ଧୂମହୀନ ବାରୁଦ ପାଉଡରର ଉପଯୋଗ ହେଲା ଫଳରେ କ୍ରମେ ସୈନ୍ୟମାନଙ୍କ ହାତରେ ପଡ଼ିଯିବାରୁ, ସେମାନଙ୍କର, ହାତାହାତି ଯୁଦ୍ଧ କରିବା ଓ ଶତ୍ରୁପକ୍ଷର କ୍ଷତିସାଧନ କରିବା କ୍ଷମତା କଳ୍ପନାତୀତ ଭାବରେ ବଢ଼ିଗଲା । ପ୍ରଥମ ମହାଯୁଦ୍ଧ ବେଳକୁ ବିଷାକ୍ତ ବାଷ୍ପର ପ୍ରୟୋଗ କରି ଶତ୍ରୁ ସୈନ୍ୟମାନଙ୍କୁ ଶାରୀରିକ ଭାବେ ଅକାମୀ କରିଦେବା ନିମନ୍ତେ ଯେଉଁ ଉଦ୍ୟମ ଆରମ୍ଭ ହୋଇଯାଇଥିଲା, ଦ୍ୱିତୀୟ ମହାଯୁଦ୍ଧରେ ସେଇଟି ଗୋଟିଏ ପ୍ରଧାନ 'ଅସ୍ତ୍ର' ଭାବେ ଉଭୟ ଅକ୍ଷଶକ୍ତି ଓ ମିତ୍ରଶକ୍ତିଙ୍କ ପକ୍ଷରୁ ଉପଯୋଗ କରାଯାଇଥିଲା । ରକେଟ ବିଦ୍ୟାର ପ୍ରଗତି ମଧ୍ୟ ଏହି ସମୟ ବେଳକୁ ହେବାକୁ ଲାଗିଲା ଓ ଜର୍ମାନ ଭି-୨ ଧରଣର ବିସ୍ଫୋରକବାହୀ ରକେଟ ଗୁଡିକୁ ଇଂଲଣ୍ଡ ଉପରେ ସଫଳ ଭାବେ ପକାଇ ଦିଆଯାଇ ପାରିଥିଲା । ଏହି ସମୟରେ ସ୍ଥଳ ଯୁଦ୍ଧରେ ବ୍ୟବହୃତ ଅସ୍ତ୍ରଶସ୍ତ୍ର ସାଙ୍ଗରେ ତାଳ ଦେଇ ନୌ-ଅସ୍ତ୍ରଶସ୍ତ୍ରର ମଧ୍ୟ ଟେକ୍‌ନୋଲଜୀୟ ପ୍ରଗତି ଖୁବ୍ ଦୂରକୁ ଅଗ୍ରଗତି କରିଯାଇଥିଲା । ସମୁଦ୍ର ଭିତରେ ବିଛାଯାଇପାରୁଥିବା ମାଇନ ଓ ବୁଡାଜାହାଜ ତଥା ଯୁଦ୍ଧଜାହାଜରୁ ପ୍ରୟୋଗ କରାଯାଇପାରୁଥିବା ଟର୍ପେଡୋ ଦ୍ୱିତୀୟ ମହାଯୁଦ୍ଧରେ ଲଢୁଥିବା ଉଭୟ ଗୋଷ୍ଠୀ ପାଇଁ ଭୟଙ୍କର ବିପଦର କାରଣ ହୋଇଉଠିଥିଲା । ଆଜି ଏକବିଂଶ ଶତାବ୍ଦୀର ଆରମ୍ଭ ବେଳକୁ ଏହି ଧରଣର ବିକଶିତ ନୌ-ସବୁଠାରୁ ପ୍ରସିଦ୍ଧ ଯାନ । ଯେ କୌଣସି ପ୍ରକାରର ଅସୁବିଧାଜନକ ଭୂପୃଷ୍ଠରେ ଗତି କରିବା ସଙ୍ଗେ ସଙ୍ଗେ ସାଂଘାତିକ ଧରଣର କମାଣ ଗୋଳା ବର୍ଷଣ କରିପାରିବା ନିମନ୍ତେ ଏଗୁଡ଼ିକୁ ଡିଜାଇନ କରାଯାଇଥାଏ । ଟ୍ୟାଙ୍କ୍ ସାଙ୍ଗକୁ ସ୍ୱୟଂଚଳନକ୍ଷମ ତୋପ ଓ ସାଞ୍ଜୁଆ ସୈନ୍ୟବାହୀ ଯାନଗୁଡ଼ିକ ମଧ୍ୟ ଯୁଦ୍ଧ କ୍ଷେତ୍ରରେ ଏ ଦିଗରେ ମହତ୍ତ୍ୱପୂର୍ଣ୍ଣ କାମ କରିଥା'ନ୍ତି । ଅତ୍ୟାଧୁନିକ ଟେକ୍‌ନୋଲଜି ଏସବୁ ଯାନର ଉପଯୋଗକ୍ଷମତାକୁ ବହୁଗୁଣ ବଢ଼ାଇଦେଇ ପାରିଛି ।

ନୌ-ଯୁଦ୍ଧ କ୍ଷେତ୍ରରେ ପାରମ୍ପାରିକ ଯୁଦ୍ଧଜାହାଜ କିନ୍ତୁ କ୍ରମେ ଅପସରି ଯିବାକୁ ଲାଗିଲାଣି । ଉଡାଜାହାଜବାହୀ ଜାହାଜ, ବୁଡାଜାହାଜ ଓ ସ୍ୱତନ୍ତ୍ର ଭାବେ ନିର୍ମିତ ତଥା ଇଲେକ୍ଟ୍ରୋନିକସ୍ ସଜ୍ଜିତ ଛୋଟ ଛୋଟ ଯୁଦ୍ଧପୋତ ଗୁଡ଼ିକ ଅଧିକାଂଶ ବିକଶିତ ନୌ-ବାହିନୀର ମୁଖ୍ୟ ଅସ୍ତ୍ର ବୋଲି ଆଜି ଗଣାଯାଉଛି । ପ୍ରଥମ ମହାଯୁଦ୍ଧ ସମୟରେ ଯେଉଁ ଆକାଶବାହିନୀ ସବୁ ସୃଷ୍ଟି ହେବାକୁ ଲାଗିଲେ ସେଗୁଡ଼ିକର କେତେମାତ୍ରାରେ ବିକାଶ ସମ୍ଭବ ହୋଇଗଲାଣି, ସେକଥା କଳ୍ପନା କରିବା ମଧ୍ୟ ଏକବିଂଶ ଶତାବ୍ଦୀର ଆରମ୍ଭ ବେଳକୁ ସମ୍ଭବ ହେଉନାହିଁ । ଅତି ଦ୍ରୁତଗାମୀ ଯୁଦ୍ଧବିମାନ ସାଙ୍ଗକୁ ହଜାର ହଜାର କିଲୋମିଟର ଦୂରରେ ନେଇ ପରମାଣୁ

ବୋମା ପକାଇଦେଇ ପାରିବାର କ୍ଷମତାଥିବା ଓ ଷ୍ଟିଲ୍‌ଥ ଟେକ୍‌ନୋଲଜିରେ ନିର୍ମିତ ହୋଇଥିବା ଉଡ଼ାଜାହାଜ ଗୁଡ଼ିକ ଆଜି ପୃଥିବୀ ଆକାଶରେ ଦେଖା ଦେଇଛନ୍ତି । ଏଗୁଡ଼ିକଙ୍କ ସାଙ୍ଗକୁ ହେଲିକପ୍‌ଟର ଓ ଆଉ କେତେକ ଧରଣର ବିମାନ ଗୁଡ଼ିକ ହେଲେ ପ୍ରକୃତ ଅର୍ଥରେ ଆକାଶମାର୍ଗରେ ଯାତାୟତ କରିପାରୁଥିବା ଅସ୍ତ୍ରଶସ୍ତ୍ରବାହୀ ଯାନ ।

୧୯୪୫ ମସିହାରେ ଜାପାନ ଉପରେ ଯୁକ୍ତରାଷ୍ଟ୍ର ଆମେରିକା ଦ୍ୱାରା ପରମାଣୁ ବୋମାର ପ୍ରୟୋଗ; ପୂର୍ବରୁ ଅସ୍ତ୍ରଶସ୍ତ୍ର କହିଲେ ଯାହା ବୁଝାଉଥିଲା, ସେହି ଭାବନା ବା ଚିନ୍ତାରେ ପରିବର୍ତ୍ତନ ଆଣିଦେଲା ବୋଲି କୁହାଯାଇପାରେ । ଏହିସବୁ ପରମାଣୁ ବୋମାର ଧ୍ୱଂସକାରୀ ଶକ୍ତି ତଥା ଏଥିରୁ ବାହାରୁଥିବା ସାଂଘାତିକ ବିକିରଣ ପ୍ରଭାବର ସ୍ଥାୟୀତ୍ୱ ଏହା ଫଳରେ ପୃଥିବୀ ଇତିହାସରେ ପ୍ରଥମ ଥର ପାଇଁ ସୃଷ୍ଟି ହୋଇଗଲା ଓ ମଣିଷ ଦ୍ୱାରା ଏପର୍ଯ୍ୟନ୍ତ ତିଆରି ହୋଇଥିବା ଅନ୍ୟ କୌଣସି ଯୁଦ୍ଧାସ୍ତ୍ର ଏହାର ସମକକ୍ଷ ନୁହନ୍ତି ବୋଲି ଜଣାପଡ଼ିଗଲା । ଆଜି ପୃଥିବୀର ମାତ୍ର ଅଳ୍ପ କେତୋଟି ଦେଶ ହାତରେ ଏହି ଧରଣର ଅସ୍ତ୍ର ରହିଛି ଓ ଭାରତ ସମେତ ଅନ୍ୟ 'କେତେକ' ଦେଶ ଏଭଳି ଅସ୍ତ୍ର ତିଆରି କରିବାର କାରିଗରୀ କୌଶଳ ହାସଲ କରିଯାଇଛନ୍ତି । ଦ୍ୱିତୀୟ ମହାଯୁଦ୍ଧ ସମୟର ରକେଟ ନିର୍ମାଣ ଟେକ୍‌ନୋଲଜିର ବିକାଶ ଘଟି ସେଗୁଡ଼ିକ ଆଜି ଅନ୍ତର୍ମହାଦେଶୀୟ କ୍ଷେପଣାସ୍ତ୍ର ଭାବେ ପରମାଣୁ ବୋମା ବହନ କରିନେଇ ଜଳ ଓ ସ୍ଥଳ—ଏ ଉଭୟ ପୃଷ୍ଠରୁ ଲକ୍ଷ୍ୟ ଭେଦ କରିପାରୁଛନ୍ତି । ଆହୁରି ଅନେକ ଧରଣର କ୍ଷେପଣାସ୍ତ୍ର ମଧ୍ୟ ପରମାଣୁ ଓ ପାରମ୍ପାରିକ ବିସ୍ଫୋରକ ପଦାର୍ଥ ବହନ କରି ଶତ୍ରୁପକ୍ଷ ଉପରେ ଯାଇ ପଡ଼ିପାରୁଛନ୍ତି ।

ବିଂଶ ଶତାବ୍ଦୀରେ ବିଷାକ୍ତ ରାସାୟନିକ ଅସ୍ତ୍ରଗୁଡ଼ିକୁ ବହୁ ପରିମାଣରେ ବିଭିନ୍ନ ଦେଶ ଦ୍ୱାରା ତିଆରି କରାଯାଇଛି । ଜୀବାଣୁ ଅସ୍ତ୍ର କଥା ମଧ୍ୟ ଏଠି ଉଲ୍ଲେଖ କରାଯାଇପାରେ । ଯେଉଁ ନିଉଟ୍ରନ ବୋମା ତିଆରି ହୋଇଛି, ତାହା ସଂପତ୍ତିବାଡ଼ିର ଆଦୌ କ୍ଷତି ନ କରି କେବଳ ମଣିଷ ଓ ଜୀବଜନ୍ତୁଙ୍କୁ ହିଁ ମାରି ଦେବ । ଏକବିଂଶ ଶତାବ୍ଦୀର ଆରମ୍ଭ ବେଳକୁ କିନ୍ତୁ ଏତେ ପରିମାଣର ମାରଣ ପଦାର୍ଥ ଥିଲେ ମଧ୍ୟ ପୃଥିବୀସାରା ଉଦ୍ୟମ କରାଯାଉଛି ସେଗୁଡ଼ିକର କିଭଳି ଆହୁରି ବିକାଶ ସାଧିତ ହୋଇପାରିବ । ତେଣୁ ଏଭଳି ଗୋଟିଏ ସମୟ ଆସି ପହଞ୍ଚିଗଲାଣି ଯେତେବେଳେ କି ଅସ୍ତ୍ରଶସ୍ତ୍ର ତିଆରି କରିବାର 'ନୈତିକତା' ସଂପର୍କରେ ସମଗ୍ର ମାନବ ଜାତି ଆଲୋଚନା କରିବାକୁ ଲାଗିଲାଣି ।

***ସମ୍ବନ୍ଧୀୟ ବିଷୟ***

*ସମରବିଜ୍ଞାନ, ମାନବ ସମାଜ, ପ୍ରତିରକ୍ଷା, ଯୁଦ୍ଧ, ବିଜ୍ଞାନ, ଟେକ୍‌ନୋଲଜି, ଧାତୁ, ଇଞ୍ଜିନିଅରିଙ୍ଗ୍, ଅର୍ଥନୀତି, ଆଗ୍ନେୟାସ୍ତ୍ର, ଆନ୍ତର୍ଜାତୀୟ ବାଣିଜ୍ୟ, ଆନ୍ତର୍ଜାତୀୟ ସଂପର୍କ, ଅନ୍ତର୍ମହାଦେଶୀୟ କ୍ଷେପଣାସ୍ତ୍ର, ଟ୍ୟାଙ୍କ୍, ପ୍ରାଗ୍-ଐତିହାସିକ ଯୁଗ, ଜୀବଜଗତ, ଇଲେକ୍‌ଟ୍ରୋନିକସ୍ ଓ ଆହୁରି ଅନେକ ବିଷୟ*

▷ ▷

## ଅସ୍ଥି ଓ ଅସ୍ଥିବିଭାଗ

ଜୀବ ଶରୀରକୁ ମଜବୁତ ତଥା ଚଳନକ୍ଷମ ରଖିବାକୁ ଓ ସେଥିରେ ଥିବା ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗକୁ ଆଶ୍ରୟ ଦେବାପାଇଁ ଅସ୍ଥିବିଭାଗର ସୃଷ୍ଟି ହୋଇଛି । ପ୍ରାୟ ୨୦୬ ଖଣ୍ଡି ଅସ୍ଥିକୁ ନେଇ ପ୍ରକୃତି ମନୁଷ୍ୟ କ୍ଷେତ୍ରରେ ଏହି ବିଭାଗକୁ ତିଆରି କରିଛି । ମନୁଷ୍ୟ ବ୍ୟତୀତ ଅନ୍ୟ ସବୁ ମେରୁଦଣ୍ଡୀ ପ୍ରାଣୀଙ୍କର ଶରୀରରେ ମଧ୍ୟ ଉନ୍ନତ ଅସ୍ଥି ଓ ଅସ୍ଥିବିଭାଗ ରହିଛି । ଗୋଟାଏ ଦୃଷ୍ଟିରୁ ଦେଖିବାକୁ ଗଲେ ଅସ୍ଥିବିଭାଗଟି ହେଲା ଶରୀର ଅଭ୍ୟନ୍ତରର 'ହାଡ଼ ଛାଞ୍ଚ' ।

ଅସ୍ଥି ସହିତ ଆଉ ଗୋଟିଏ ଯୋଡ଼ାଣ ପଦାର୍ଥ ଏହି ବିଭାଗକୁ ସୁଗଠିତ ରୂପ ଦେବାରେ ସାହାଯ୍ୟ କରିଥାଏ । ସେହି ପଦାର୍ଥଟି ହେଲା କନେକ୍‌ଟିଭ ଟିସୁ ବା ସଂଯୋଜୀ ତନ୍ତୁ । ଏହି ଟିସୁ ନ ଥିଲେ ଅନ୍ତ୍ର, ରକ୍ତନାଳୀ, ଯକୃତ ଓ ବୃକକ୍ ଭଳି ଶରୀରର ଅତି ଗୁରୁତ୍ୱପୂର୍ଣ୍ଣ ନରମ ଅଙ୍ଗସବୁ ସେମାନଙ୍କ ନିର୍ଦ୍ଧାରିତ ସ୍ଥାନରେ 'ବାନ୍ଧି' ହୋଇ ରହିପାରନ୍ତେ ନାହିଁ କିମ୍ବା ସେସବୁର ଆକୃତି ରକ୍ଷା କରିବା ସମ୍ଭବ ହୁଅନ୍ତା ନାହିଁ । ମାଂସପେଶୀ ମଧ୍ୟ ଅସ୍ଥି ଜଏଣ୍ଟ ବା ଗଣ୍ଠି ଓ ଖଞ୍ଜା ଚଳାଇବା ପାଇଁ ନମ୍ୟ କନେକ୍‌ଟିଭ ଟିସୁର ସାହାଯ୍ୟ ନେଇଥାଏ । ଅନେକ ପ୍ରକାରର କନେକ୍‌ଟିଭ ଟିସୁ ରହିଛି । ଭିନ୍ନ ଭିନ୍ନ ଉପଯୋଗକୁ ଆଖିରେ ରଖି ଏଭଳି ସୃଷ୍ଟି କରାଯାଇଛି । ଜଳ, କେତେକ ଜାତିର ଲବଣ, କାର୍ବୋହାଇଡ୍ରେଟ ଓ ପ୍ରୋଟିନର ଗୋଟିଏ ଜେଲି ଜାତୀୟ ମିଶ୍ରଣ ହେଲା କିନ୍ତୁ ସବୁ ପ୍ରକାର ସଂଯୋଜୀ ତନ୍ତୁର ମୂଳ ଉପାଦାନ । ଏହି ତନ୍ତୁରେ ଶ୍ୱେତକୋଷ, ପ୍ଲାଜ୍‌ମା କୋଷ, ସ୍ନେହକୋଷ ସହିତ ଫାଇବ୍ରୋବ୍ଲାଷ୍ଟ କୋଷ ମଧ୍ୟ ଥାଏ—ଶେଷ ଧରଣର କୋଷଟି ସଂଯୋଜୀ ତନ୍ତୁରେ ଫାଇବର ବା ରେଶା ସୃଷ୍ଟିରେ ସାହାଯ୍ୟ କରିଥାଏ । ଅସ୍ଥିବିଭାଗରେ ଥିବା ଦୁଇ ପ୍ରକାରର ଫାଇବର ହେଲେ କୋଲାଜେନ୍ ଓ ଇଲାଷ୍ଟିନ । ମାଂସପେଶୀ, ସ୍ନାୟୁ ଓ ରକ୍ତନାଳୀ ଚାରିପଟେ ଥିବା ଢିଲା ଏରିଓଲାର ବା କ୍ଷେତ୍ରୀୟ ତନ୍ତୁ ସବୁ ମଧ୍ୟ କନେକ୍‌ଟିଭ ଟିସୁ ଶ୍ରେଣୀର । ଦୁଇଟି ଯାକ ପ୍ରକାରର ଫାଇବର ଓ ଅନ୍ୟ କେତେକ ଜାତିର କୋଷକୁ ନେଇ ଏହା ଗଠିତ । ଶରୀରରେ ଅସ୍ଥି ବା ହାଡ଼କୁ ମାଂସପେଶୀ ସହିତ ସଂଯୁକ୍ତ କରୁଥିବା ଟେଣ୍ଡନ ସବୁ ଅତି ଶକ୍ତ ହେବାର କାରଣ ହେଲା ଏଗୁଡ଼ିକ ଖୁବ୍ ନିବିଡ଼ଭାବେ କୋଲାଜେନ୍ ଫାଇବରରେ ଗଢ଼ା । ଅସ୍ଥିକୁ ଅସ୍ଥି ସହିତ ଯୋଡୁଥିବା ଓ ଜଏଣ୍ଟ ବା ଖଞ୍ଜାକୁ ନିଜ ସ୍ଥାନରୁ ଖସି ନ ଯିବାରେ ସାହାଯ୍ୟ କରୁଥିବା ଲିଗାମେଣ୍ଟ ମଧ୍ୟ ଏହି ଫାଇବରରେ ଗଢ଼ା ।

ଶରୀରରେ ଥିବା କାର୍ଟିଲେଜ୍ ବା ଉପାସ୍ଥି ମଧ୍ୟ ହେଲା ଗୋଟାଏ ଧରଣର ସଂଯୋଜୀ ତନ୍ତୁ । ଶିଶୁଟି ଜନ୍ମ ହେବା ଆଗରୁ ଏହି ଉପାସ୍ଥି ହିଁ ତା ଶରୀରରେ ଗୋଟାଏ ଅସ୍ଥାୟୀ ଅସ୍ଥିବିଭାଗ ଭଳି କାମ କରିଥାଏ । ସେଇଥିପାଇଁ ପୂର୍ଣ୍ଣାଙ୍ଗ ଶରୀରର ଅଧିକାଂଶ ଅସ୍ଥିର ମୂଳ ହେଲା ଉପାସ୍ଥି । କ୍ରମେ ଏହାରି ଉପରେ ସ୍ତରକୁ ସ୍ତର ଉପଯୁକ୍ତ ଖଣିଜ ପଦାର୍ଥ ବସିଯିବା ଦ୍ୱାରା ଅସ୍ଥି ବିକାଶ ପ୍ରକ୍ରିୟା ସଂପୂର୍ଣ୍ଣ ହେବା ସମ୍ଭବ ହୁଏ । ଜଣେ ପ୍ରାପ୍ତବୟସ୍କ ମନୁଷ୍ୟ ଶରୀରରେ ତିନି ପ୍ରକାରର ଉପାସ୍ଥି ରହିଛି । ସେଗୁଡ଼ିକ ହେଲା ଇଲାଷ୍ଟିକ କାର୍ଟିଲେଜ୍, ଫାଇବ୍ରୋ କାର୍ଟିଲେଜ୍ ଓ ହାୟାଲାଇନ କାର୍ଟିଲେଜ୍ । ଶରୀରର ବିଭିନ୍ନ ଅଂଶରେ ଏଗୁଡ଼ିକର ଭିନ୍ନ ଭିନ୍ନ ଭାବେ ଉପଯୋଗ କରାଯାଇଛି । ଉପାସ୍ଥି ଯେତେବେଳେ କ୍ରମେ ଅସ୍ଥିରେ ପରିଣତ ହୋଇଯାଏ ସେତେବେଳେ ଏହା ଅଧିକ ଟାଣ ଓ ଦୃଢ଼ ହୋଇଯାଏ । କିନ୍ତୁ ମୂଳରୁ ଏଥିରେ ଥିବା ପ୍ରତିସ୍ପନ୍ଦନ ବା ରେଜିଲିଏନ୍‌ସ ଗୁଣ ବହୁଦୂରକୁ ଅକ୍ଷୁଣ୍ଣ ରହିଥାଏ । ଅସ୍ଥି ବିକାଶ ପ୍ରକ୍ରିୟାର ଅଗ୍ରଗତି ସଙ୍ଗେ ସଙ୍ଗେ କାଲ୍‌ସିଅମ୍ ଲବଣର ଅତି ସୂକ୍ଷ୍ମ ସ୍ଫଟିକ ସବୁ ନିର୍ଦ୍ଦିଷ୍ଟ ଢଙ୍ଗରେ ସ୍ତରକୁ ସ୍ତର ବସି ଅସ୍ଥି ଭିତରେ ଥିବା 'ଗୁହାପଥ' ଗୁଡ଼ିକୁ ସୃଷ୍ଟି କରିଥା'ନ୍ତି ଓ ଅଷ୍ଟିଓବ୍ଲାସ୍‌ଟ ନାମକ ଗୋଟିଏ କୋଷୀୟ ଧାତବ ପଦାର୍ଥକୁ ଉପାସ୍ଥି ଉପରେ ଖଞ୍ଜି ଚାଲିଥା'ନ୍ତି । ଏହିଭଳି ହେଉ ହେଉ ଅଷ୍ଟିଓବ୍ଲାସ୍‌ଟ ଗୁଡ଼ିକ କିନ୍ତୁ ସ୍ଥାୟୀ ନିଶ୍ଚଳ କୋଷରେ ପରିଣତ ହୋଇଯାଇ କ୍ରମେ ଅସ୍ଥି କାନ୍ଥରେ ଲାଗି ରହିଯାଆନ୍ତି ଓ ସେତେବେଳେ ସେଗୁଡ଼ିକୁ ଅଷ୍ଟିଓସାଇଟ୍‌ସ ବୋଲି କୁହାଯାଏ । ଅସ୍ଥି ଗୁହାପଥ ଭିତରେ ଦେଇ ରକ୍ତନାଳୀ ସବୁ ଯାଇଥାଏ । ଫଳରେ ଅସ୍ଥିକୋଷ ଗୁଡ଼ିକ ଆବଶ୍ୟକୀୟ ଅମ୍ଳଜାନ ଓ ଖାଦ୍ୟ ପଦାର୍ଥ ପାଇପାଇଥା'ନ୍ତି ଓ ଅସ୍ଥି ବଢ଼ିଚାଲେ । କିନ୍ତୁ ଏହି ବଢୁଥିବା ଅସ୍ଥିର ଅଗ୍ରଭାଗରେ ଉପାସ୍ଥିର ଗୋଟିଏ ଅଂଶବିଶେଷ ଲାଗି ରହିଥିବାରୁ ଜଏଣ୍ଟଚାଳନରେ ବାଧା ନ ପହଞ୍ଚାଇ ଅସ୍ଥିର ବୃଦ୍ଧି ବା ବିକାଶ କ୍ରିୟା ଚାଲିପାରେ । ଯୌବନର ପ୍ରାରମ୍ଭରେ ଯେତେବେଳେ ଅସ୍ଥି ବିକାଶ ପ୍ରକ୍ରିୟା ପ୍ରାୟ ଶେଷ ହୋଇଯାଏ, ସେତେବେଳେ ଯାଇ ତା ଅଗରେ ଥିବା ଉପାସ୍ଥିଟି ସଂପୂର୍ଣ୍ଣ ଅସ୍ଥିରେ ପରିଣତ ହୁଏ ।

ଦୁଇ ପ୍ରକାରର ଅସ୍ଥି ତନ୍ତୁ ରହିଛି । ଅସ୍ଥିର ବାହ୍ୟ ଓ ଭିତର ଅଂଶରେ ଏଗୁଡ଼ିକ ଥା'ନ୍ତି । ଏହି ଦୁଇ ସ୍ୱତନ୍ତ୍ର ତନ୍ତୁର ମିଶ୍ରଣ ଯୋଗୁ ହିଁ ଶରୀରର ଅଧିକାଂଶ ମୁଖ୍ୟ ଅସ୍ଥି ଦୃଢ଼ ହେବା ସଙ୍ଗେ ସଙ୍ଗେ

ଏତେ ହାଲୁକା ହୋଇପାରିଛନ୍ତି । ମଣିଷ ଶରୀରରେ ଯେତେ ତନ୍ତୁ ରହିଛି ତା ଭିତରେ ସବୁଠାରୁ ଟାଣ ବା ଶକ୍ତ ତନ୍ତୁ ହେଲା ଅସ୍ଥିବିଭାଗରେ ଥିବା ଦାନ୍ତ ଉପରର ଏନାମେଲ । ଏହା ହାଡ଼ ବା ଅସ୍ଥି ତୁଳନାରେ ବହୁଗୁଣ ମଜବୁତ । କାଲ୍‌ସିଅମ୍ ଫସ୍‌ଫେଟ୍ ଓ କାଲ୍‌ସିଅମ୍ ଫ୍ଲୁରାଇଡ୍ ଭଳି ଖଣିଜ ପଦାର୍ଥ ଓ ଅନ୍ୟାନ୍ୟ ଲବଣର ସମଷ୍ଟିର ଉପଯୁକ୍ତ ଭାଗମାପ ଦାନ୍ତ ଏନାମେଲକୁ ଏଭଳି ମଜବୁତ କରିଦେଇଛି ଯେ ଅମ୍ଳ ବା ଏସିଡ ମଧ୍ୟ ସହଜରେ ଏହାର କ୍ଷତି ପହଞ୍ଚାଇ ପାରେନାହିଁ ।

ଶରୀରର ଅଧିକାଂଶ ଅସ୍ଥି ଦୁଇ ପ୍ରକାରରେ ଗଢା—ଡାଇଆଫାଇଜେସ ବା ଅସ୍ଥିକାଣ୍ଡ ଓ

ଗ୍ରିଡଲ୍, ଶ୍ରୋଣୀ ମେଖଳା ବା ପେଲ୍‌ଭିକ ଗ୍ରିଡଲ୍ ଓ ହାତ ତଥା ଗୋଡ଼ ହେଲେ ଆପେଣ୍ଡିକୁଲାର ବା 'ଅନୁବନ୍ଧୀ କଙ୍କାଳ' । କଙ୍କାଳର ମୁଖ୍ୟ କାର୍ଯ୍ୟକୁ ସାଧାରଣତଃ ତିନି ଭାଗରେ ବିଭକ୍ତ କରି ଦିଆଯାଇପାରେ : ପ୍ରଥମଟି ହେଲା ଏହା ଶରୀରକୁ ସମ୍ଭାଳିଛି; ଦ୍ୱିତୀୟରେ ଶରୀର ଭିତରର ଅଙ୍ଗ ସବୁକୁ ରକ୍ଷା କରିଛି; ତୃତୀୟରେ ମାଂସପେଶୀ ସାହାଯ୍ୟରେ ଶରୀରକୁ ଚଳନକ୍ଷମ କରୁଛି ।

ଶରୀରକୁ ସମ୍ଭାଳିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଛି ମେରୁଦଣ୍ଡ । ଏଥିରେ ଯେଉଁ ୩୪ ଗୋଟି ନମ୍ୟ ଅସ୍ଥି ରହିଛି ସେଗୁଡ଼ିକୁ କଶେରୁକ ବୋଲି କୁହାଯାଏ । ବେକରେ ଥିବା ସାତଟି

ହୋଇଯାଇଛନ୍ତି । ମେରୁଦଣ୍ଡ ଶେଷରେ ଥିବା ସରୁ ଅନୁତ୍ରିକ ବା କୋକିକ୍‌ସରେ ରହିଛି ଆଉ ପାଞ୍ଚଟି କଶେରୁକ । ବକ୍ଷମେଖଳା ସାହାଯ୍ୟରେ ମେରୁଦଣ୍ଡ ହାତ ଦୁଇଟିର ଭାର ବହନ କରିପାରୁଥିବା ବେଳେ ଶ୍ରୋଣୀମେଖଳା ସାହାଯ୍ୟରେ ଶରୀରର ଭାରକୁ ଗୋଡ଼ ଦେହକୁ ପଠାଇଦେଇ ପାରୁଛି । କଶେରୁକ ସବୁ ନିଜ ନିଜ ଭିତରେ ସାମାନ୍ୟ ଚଳନକ୍ଷମ ହୋଇଥିବାରୁ ମେରୁଦଣ୍ଡ ବଙ୍କା ହୋଇପାରୁଛି ତଥା ଘୁରିପାରୁଛି । ମାଂସପେଶୀ ଓ ଲିଗାମେଣ୍ଟ ଗୁଡ଼ିକ ମେରୁହାଡ଼କୁ ଦୃଢ଼ ରଖିବାରେ ସାହାଯ୍ୟ କରୁଛନ୍ତି । କଶେରୁକ ଦେହରେ ଥିବା ଅସ୍ଥି ଖୋଲାଣ ଭିତର ଦେଇ ସ୍ପାଇନାଲ କର୍ଡ ବା ସୁଷୁମ୍ନା କାଣ୍ଡ ଯାଇଛି ଓ ଅତି ସୁରକ୍ଷିତ ଅବସ୍ଥାରେ ରହିଛି ।





ଆଡିପଜ୍



ଟେଣ୍ଡନ



ଏରିଓଲାର

କନେକ୍ଟିଭ ବା ସଂଯୋଜୀ ତନ୍ତୁ ହେଲା ଜୀବକୋଷ ଓ ରେଶା ସବୁର ସମଷ୍ଟି । ଯାହା ଶରୀରରେ ବିଛାଇ ହୋଇରହିଥିବା ଏହିତନ୍ତୁ ବିଭିନ୍ନ ଅଙ୍ଗକୁ ଧରି ରଖିବା ସଙ୍ଗେ ସଙ୍ଗେ ଗୋଟିଏ ପ୍ରକାରର ପ୍ୟାକିଙ୍ଗ ଭଳି କାମ କରିଥାଏ । ଆଡିପଜ୍ (ଡାହାଣ ଉପର) ଟେଣ୍ଡନ (ଡାହାଣ ତଳ) ଓ ଏରିଓଲାର (ତଳ) ଶ୍ରେଣୀର ସଂଯୋଜୀ ତନ୍ତୁର ଅଭ୍ୟନ୍ତରର ଚିତ୍ର । (ଉପର) କନେକ୍ଟିଭ ଟିସୁ ଭିତରେ ଥିବା ରକ୍ତନାଳୀ, ସ୍ନାୟୁ ଓ ଅନ୍ୟାନ୍ୟ ପ୍ରଣାଳୀ ।

ଏପିଫାଇଜେସ ବା ଅସ୍ଥିପ୍ରବର୍ଦ୍ଧ ହେଲା ଏହି ଦୁଇପ୍ରକାରର ଗଠନ । ଗୋଟିଏ ପ୍ରକାର ଅସ୍ଥିର ଓଜନ ଓ ଗ୍ରିପ ଅନ୍ୟ ପ୍ରକାର ଅସ୍ଥି ଓ ଜଏଣ୍ଟ କିଭଳି ସମ୍ଭାଳି ନେଇ ପାରିବେ ତାହାର ବ୍ୟବସ୍ଥା ଏହି ଗଠନ ମାଧ୍ୟମରେ କରାଯାଇଛି ।

ମଣିଷ କ୍ଷେତ୍ରରେ ଜଣକୁ ପ୍ରାୟ ୨୫ ବର୍ଷ ବୟସ ହେଲାବେଳକୁ ତା'ର ଅସ୍ଥିବିଭାଗଟି ସଂପୂର୍ଣ୍ଣ ଭାବେ ଗଠିତ ହୋଇଯାଇଥାଏ । ଶୈଶବରେ ଥିବା ପ୍ରାୟ ୩୫୦ ଖଣ୍ଡି ହାଡ଼ ଭିତରୁ ଅନେକ ଯୋଡ଼ି ହୋଇ ଗୋଟିଏ ହୋଇଯିବା ଫଳରେ ଶେଷକୁ ଶରୀରରେ ୨୦୬ ଖଣ୍ଡି ଅସ୍ଥି ବା ହାଡ଼ ରହିଯାଏ । କିନ୍ତୁ କେତେକ ବିରଳ ଅବସ୍ଥାରେ ଏହି ସଂଖ୍ୟାରେ ତାରତମ୍ୟ ରହିଥିବାର ପ୍ରମାଣ ମିଳିଛି ।

ମାନବଶରୀରରେ ଥିବା ଅସ୍ଥି ବା ହାଡ଼ 'ଛାଞ୍ଚ'କୁ ଦୁଇଭାଗରେ ବିଭକ୍ତ କରିଦିଆଯାଇପାରେ । ଅସ୍ଥିବିଭାଗର ଗୋଟିଏ ସାଧାରଣ ନାମ ହେଲା କଙ୍କାଳ । ଖପୁରୀ, ମେରୁଦଣ୍ଡ ଓ ପଞ୍ଜରା—ଏସବୁ ହେଲେ ଆକ୍‌ସିଆଲ ବା 'ଅକ୍ଷୀୟ କଙ୍କାଳ' ଏବଂ ବକ୍ଷମେଖଳା ବା ପେକ୍‌ଟୋରାଲ

ଗ୍ରୀବା କଶେରୁକ, ପିଠିରେ ଥିବା ବାରଟି ବକ୍ଷୀୟ କଶେରୁକ ଓ ପିଠିତଳକୁ ଥିବା ପାଞ୍ଚଟି କଟି କଶେରୁକ ସହିତ ପାଞ୍ଚଟି ତ୍ରିକାସ୍ଥୀୟ କଶେରୁକ ମିଶି ଗୋଟିଏ ଅସ୍ଥି ବ୍ଲକ୍ ବା ଖଣ୍ଡରେ ପରିଣତ



ତିନି ପ୍ରକାରର ଉପାସ୍ଥି ବା କାର୍ଟିଲେଜ୍ ରହିଛି । (ଉପର) ହାୟାଲାଇନ (ମଝି) ଫାଇବ୍ରୋକାର୍ଟିଲେଜ୍ ଓ (ତଳ) ଇଲାଷ୍ଟିକ କାର୍ଟିଲେଜ୍‌ର ଅଭ୍ୟନ୍ତର । ଏସବୁରେ ରକ୍ତନାଳୀ ନ ଥାଏ ।

ଖପୁରୀରେ ଥିବା ହାଡ଼ସବୁକୁ କିନ୍ତୁ ଚଳନକ୍ଷମ ହେବା ଉଦ୍ଦେଶ୍ୟରେ ତିଆରି କରାଯାଇ ନାହିଁ । କେବଳ ଅତିଶୈଶବ ଅବସ୍ଥାରେ ସେସବୁ କିଛି ପରିମାଣରେ ନମ୍ୟ ଥା'ନ୍ତି । ଶରୀରର ସବୁଠାରୁ ସଂବେଦନଶୀଳ ତଥା ଉତ୍କୃଷ୍ଟ ଅଙ୍ଗ ମସ୍ତିଷ୍କକୁ ଖପୁରୀ ଭିତରେ ରଖି ଦିଆଯାଇଛି । କପାଳ ବା ଖପୁରୀରେ ଥିବା ଅସ୍ଥି ସବୁ ପରସ୍ପର ଭିତରକୁ ପଶିକରି ରହିଛନ୍ତି । ସେଠି ହାଡ଼ର ଗଭୀର ଗର୍ତ୍ତ ବା କୋଟର ଭିତରେ ନିରାପଦରେ ରହିଛନ୍ତି ଆଖି ଓ କାନ । ଏଭଳି ରଖିଦିଆଯାଇଛି ଯେ, ସେହି ଅତି ସୂକ୍ଷ୍ମ ଅଙ୍ଗ ଗୁଡ଼ିକର କେବଳ ଗୋଟିଏ ଅଂଶମାତ୍ର ବାହାରକୁ ଜଣାଯାଉଛି । ନାସାସ୍ଥି ଭିତରେ ଘ୍ରାଣେନ୍ଦ୍ରିୟକୁ ମଧ୍ୟ ନିରାପଦରେ ରଖି ଦିଆଯାଇଛି । ଖପୁରୀର ଗୋଟାଏ ଅଂଶ ହେଲେ ମଧ୍ୟ ତଳମାଢ଼ିଟି କିନ୍ତୁ ଚଳନକ୍ଷମ । ସେଥିପାଇଁ ତାକୁ ଝୁଲାଇ କରି ରଖାଯାଇଛି । ଦାନ୍ତ ଖପୁରୀରେ ଥିଲେ ମଧ୍ୟ ଏହାର ଅନ୍ୟାନ୍ୟ ଅସ୍ଥି ସହିତ କିଛି ସଂପର୍କ ନାହିଁ । ୩୨ଟି ଯାକ ଦାନ୍ତକୁ ଗୋଟାଏ ଗୋଟାଏ ଅସ୍ଥି ଗର୍ତ୍ତ ଭିତରେ ଖଞ୍ଜି ଦିଆଯାଇଛି ଓ ସେ ସବୁର

ଏତେ ହାଲୁକା ହୋଇପାରିଛନ୍ତି । ମଣିଷ ଶରୀରରେ ଯେତେ ତନ୍ତୁ ରହିଛି ତା ଭିତରେ ସବୁଠାରୁ ଟାଣ ବା ଶକ୍ତ ତନ୍ତୁ ହେଲା ଅସ୍ଥିବିଭାଗରେ ଥିବା ଦାନ୍ତ ଉପରର ଏନାମେଲ । ଏହା ହାଡ଼ ବା ଅସ୍ଥି ତୁଳନାରେ ବହୁଗୁଣ ମଜବୁତ । କାଲ୍‌ସିଅମ୍ ଫସ୍‌ଫେଟ୍ ଓ କାଲ୍‌ସିଅମ୍ ଫ୍ଲୁରାଇଡ୍ ଭଳି ଖଣିଜ ପଦାର୍ଥ ଓ ଅନ୍ୟାନ୍ୟ ଲବଣର ସମଷ୍ଟିର ଉପଯୁକ୍ତ ଭାଗମାପ ଦାନ୍ତ ଏନାମେଲକୁ ଏଭଳି ମଜବୁତ କରିଦେଇଛି ଯେ ଅମ୍ଳ ବା ଏସିଡ ମଧ୍ୟ ସହଜରେ ଏହାର କ୍ଷତି ପହଞ୍ଚାଇ ପାରେନାହିଁ ।

ଶରୀରର ଅଧିକାଂଶ ଅସ୍ଥି ଦୁଇ ପ୍ରକାରରେ ଗଢା—ଡାଇଆଫାଇଜେସ ବା ଅସ୍ଥିକାଣ୍ଡ ଓ ଗ୍ରିଡଲ୍, ଶ୍ରୋଣୀ ମେଖଳା ବା ପେଲ୍‌ଭିକ ଗ୍ରିଡଲ୍ ଓ ହାତ ତଥା ଗୋଡ଼ ହେଲେ ଆପେଣ୍ଡିକୁଲାର ବା 'ଅନୁବନ୍ଧୀ କଙ୍କାଳ' । କଙ୍କାଳର ମୁଖ୍ୟ କାର୍ଯ୍ୟକୁ ସାଧାରଣତଃ ତିନି ଭାଗରେ ବିଭକ୍ତ କରି ଦିଆଯାଇପାରେ : ପ୍ରଥମଟି ହେଲା ଏହା ଶରୀରକୁ ସମ୍ଭାଳିଛି; ଦ୍ୱିତୀୟରେ ଶରୀର ଭିତରର ଅଙ୍ଗ ସବୁକୁ ରକ୍ଷା କରିଛି; ତୃତୀୟରେ ମାଂସ-ପେଶୀ ସାହାଯ୍ୟରେ ଶରୀରକୁ ଚଳନକ୍ଷମ କରୁଛି ।

ଶରୀରକୁ ସମ୍ଭାଳିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଛି ମେରୁଦଣ୍ଡ । ଏଥିରେ ଯେଉଁ ୩୪ ଗୋଟି ନମ୍ୟ ଅସ୍ଥି ରହିଛି ସେଗୁଡ଼ିକୁ କଶେରୁକ ବୋଲି କୁହାଯାଏ । ବେକରେ ଥିବା ସାତଟି ହୋଇଯାଇଛନ୍ତି । ମେରୁଦଣ୍ଡ ଶେଷରେ ଥିବା ସରୁ ଅନୁତ୍ରିକ ବା କୋକିକ୍‌ସରେ ରହିଛି ଆଉ ପାଞ୍ଚଟି କଶେରୁକ । ବକ୍ଷମେଖଳା ସାହାଯ୍ୟରେ ମେରୁଦଣ୍ଡ ହାତ ଦୁଇଟିର ଭାର ବହନ କରିପାରୁଥିବା ବେଳେ ଶ୍ରୋଣୀମେଖଳା ସାହାଯ୍ୟରେ ଶରୀରର ଭାରକୁ ଗୋଡ଼ ଦେହକୁ ପଠାଇଦେଇ ପାରୁଛି । କଶେରୁକ ସବୁ ନିଜ ନିଜ ଭିତରେ ସାମାନ୍ୟ ଚଳନକ୍ଷମ ହୋଇଥିବାରୁ ମେରୁଦଣ୍ଡ ବଙ୍କା ହୋଇପାରୁଛି ତଥା ଘୁରିପାରୁଛି । ମାଂସପେଶୀ ଓ ଲିଗାମେଣ୍ଟ ଗୁଡ଼ିକ ମେରୁହାଡ଼କୁ ଦୃଢ଼ ରଖିବାରେ ସାହାଯ୍ୟ କରୁଛନ୍ତି । କଶେରୁକ ଦେହରେ ଥିବା ଅସ୍ଥି ଖୋଲାଣ ଭିତର ଦେଇ ସ୍ପାଇନାଲ କର୍ଡ ବା ସୁଷୁମ୍ନା କାଣ୍ଡ ଯାଇଛି ଓ ଅତି ସୁରକ୍ଷିତ ଅବସ୍ଥାରେ ରହିଛି ।





ଆଡିପଜ୍



ଟେଣ୍ଡନ



ଏରିଓଲାର

କନେକ୍‌ଟିଭ ବା ସଂଯୋଜୀ ତନ୍ତୁ ହେଲା ଜୀବକୋଷ ଓ ରେଶା ସବୁର ସମଷ୍ଟି । ସାରା ଶରୀରରେ ବିଛାଇ ହୋଇ-ରହିଥିବା ଏହି ତନ୍ତୁ ବିଭିନ୍ନ ଅଙ୍ଗକୁ ଧରି ରଖିବା ସଙ୍ଗେ ସଙ୍ଗେ ଗୋଟିଏ ପ୍ରକାରର ପ୍ୟାକିଙ୍ଗ ଭଳି କାମ କରିଥାଏ । ଆଡିପଜ୍ (ଡାହାଣ ଉପର) ଟେଣ୍ଡନ (ଡାହାଣ ତଳ) ଓ ଏରିଓଲାର (ତଳ) ଶ୍ରେଣୀର ସଂଯୋଜୀ ତନ୍ତୁର ଅଭ୍ୟନ୍ତରର ଚିତ୍ର । (ଉପର) କନେକ୍‌ଟିଭ ଟିସୁ ଭିତରେ ଥିବା ରକ୍ତନାଳୀ, ସ୍ନାୟୁ ଓ ଅନ୍ୟାନ୍ୟ ପ୍ରଣାଳୀ ।

ଏପିଫାଇଜେସ ବା ଅସ୍ଥିପ୍ରବର୍ଦ୍ଧ ହେଲା ଏହି ଦୁଇପ୍ରକାରର ଗଠନ । ଗୋଟିଏ ପ୍ରକାର ଅସ୍ଥିର ଓଜନ ଓ ଗ୍ରପ ଅନ୍ୟ ପ୍ରକାର ଅସ୍ଥି ଓ ଜଏଣ୍ଟ କିଭଳି ସମ୍ଭାଳି ନେଇ ପାରିବେ ତାହାର ବ୍ୟବସ୍ଥା ଏହି ଗଠନ ମାଧ୍ୟମରେ କରାଯାଇଛି ।

ମଣିଷ କ୍ଷେତ୍ରରେ ଜଣକୁ ପ୍ରାୟ ୨୫ ବର୍ଷ ବୟସ ହେଲାବେଳକୁ ତା'ର ଅସ୍ଥିବିଭାଗଟି ସଂପୂର୍ଣ୍ଣ ଭାବେ ଗଠିତ ହୋଇଯାଇଥାଏ । ଶୈଶ-ବରେ ଥିବା ପ୍ରାୟ ୩୫୦ ଖଣ୍ଡି ହାଡ଼ ଭିତରୁ ଅନେକ ଯୋଡ଼ି ହୋଇ ଗୋଟିଏ ହୋଇଯିବା ଫଳରେ ଶେଷକୁ ଶରୀରରେ ୨୦୬ ଖଣ୍ଡି ଅସ୍ଥି ବା ହାଡ଼ ରହିଯାଏ । କିନ୍ତୁ କେତେକ ବିରଳ ଅବସ୍ଥାରେ ଏହି ସଂଖ୍ୟାରେ ତାରତମ୍ୟ ରହି-ଥିବାର ପ୍ରମାଣ ମିଳିଛି ।

ମାନବଶରୀରରେ ଥିବା ଅସ୍ଥି ବା ହାଡ଼ 'ଛାଞ୍ଚ'କୁ ଦୁଇଭାଗରେ ବିଭକ୍ତ କରିଦିଆଯାଇ-ପାରେ । ଅସ୍ଥିବିଭାଗର ଗୋଟିଏ ସାଧାରଣ ନାମ ହେଲା କଙ୍କାଳ । ଖପୁରୀ, ମେରୁଦଣ୍ଡ ଓ ପଞ୍ଜରା—ଏସବୁ ହେଲେ ଆକ୍‌ସିଆଲ ବା 'ଅକ୍ଷୀୟ କଙ୍କାଳ' ଏବଂ ବକ୍ଷମେଖଳା ବା ପେକ୍‌ଟୋରାଲ ଗ୍ରୀବା କଶେରୁକ, ପିଠିରେ ଥିବା ବାରଟି ବକ୍ଷୀୟ କଶେରୁକ ଓ ପିଠିତଳକୁ ଥିବା ପାଞ୍ଚଟି କଟି କଶେରୁକ ସହିତ ପାଞ୍ଚଟି ତ୍ରିକାସ୍ଥୀୟ କଶେରୁକ ମିଶି ଗୋଟିଏ ଅସ୍ଥି ବ୍ଲକ୍ ବା ଖଣ୍ଡରେ ପରିଣତ



ତିନି ପ୍ରକାରର ଉପାସ୍ଥି ବା କାର୍ଟିଲେଜ୍ ରହିଛି । (ଉପର) ହାୟାଲାଇନ (ମଝି) ଫାଇବ୍ରୋକାର୍ଟିଲେଜ୍ ଓ (ତଳ) ଇଲାଷ୍ଟିକ କାର୍ଟିଲେଜ୍‌ର ଅଭ୍ୟନ୍ତର । ଏସବୁରେ ରକ୍ତନାଳୀ ନ ଥାଏ ।

ଖପୁରୀରେ ଥିବା ହାଡ଼ସବୁକୁ କିନ୍ତୁ ଚଳନ-କ୍ଷମ ହେବା ଉଦ୍ଦେଶ୍ୟରେ ତିଆରି କରାଯାଇ ନାହିଁ । କେବଳ ଅତିଶୈଶବ ଅବସ୍ଥାରେ ସେସବୁ କିଛି ପରିମାଣରେ ନମ୍ୟ ଥା'ନ୍ତି । ଶରୀରର ସବୁ-ଠାରୁ ସଂବେଦନଶୀଳ ତଥା ଉତ୍କୃଷ୍ଟ ଅଙ୍ଗ ମସ୍ତିଷ୍କକୁ ଖପୁରୀ ଭିତରେ ରଖି ଦିଆଯାଇଛି । କପାଳ ବା ଖପୁରୀରେ ଥିବା ଅସ୍ଥି ସବୁ ପରସ୍ପର ଭିତରକୁ ପଶିକରି ରହିଛନ୍ତି । ସେଠି ହାଡ଼ର ଗଭୀର ଗର୍ତ୍ତ ବା କୋଟର ଭିତରେ ନିରାପଦରେ ରହିଛନ୍ତି ଆଖି ଓ କାନ । ଏଭଳି ରଖିଦିଆଯାଇଛି ଯେ, ସେହି ଅତି ସୂକ୍ଷ୍ମ ଅଙ୍ଗ ଗୁଡ଼ିକର କେବଳ ଗୋଟିଏ ଅଂଶମାତ୍ର ବାହାରକୁ ଜଣାଯାଉଛି । ନାସାସ୍ଥି ଭିତରେ ଘ୍ରାଣେନ୍ଦ୍ରିୟକୁ ମଧ୍ୟ ନିରାପଦରେ ରଖି ଦିଆଯାଇଛି । ଖପୁରୀର ଗୋଟାଏ ଅଂଶ ହେଲେ ମଧ୍ୟ ତଳମାଢ଼ିଟି କିନ୍ତୁ ଚଳନକ୍ଷମ । ସେଥିପାଇଁ ତାକୁ ଝୁଲାଇ କରି ରଖାଯାଇଛି । ଦାନ୍ତ ଖପୁରୀରେ ଥିଲେ ମଧ୍ୟ ଏହାର ଅନ୍ୟାନ୍ୟ ଅସ୍ଥି ସହିତ କିଛି ସଂପର୍କ ନାହିଁ । ୩୨ଟି ଯାକ ଦାନ୍ତକୁ ଗୋଟାଏ ଗୋଟାଏ ଅସ୍ଥି ଗର୍ତ୍ତ ଭିତରେ ଖଞ୍ଜି ଦିଆଯାଇଛି ଓ ସେ ସବୁର




୨୦୬ ଖଣ୍ଡ ଅସ୍ଥି ବା ହାଡ଼କୁ ନେଇ ମାନବ ଅସ୍ଥିବିଭାଗ ଗଢ଼ା ହୋଇଛି । ଏଥି ଭିତରୁ ଖପୁରୀରେ ୨୯ ଖଣ୍ଡ; ପଞ୍ଜରା ଓ ଷ୍ଟରନମ୍‌ରେ ୨୫ ଖଣ୍ଡ; ପେକ୍‌ଟୋରାଲ ଗ୍ରିଡ୍‌ଲ୍ ଓ ହାତରେ ୬୪ ଖଣ୍ଡ; ପେଲ୍‌ଭିକ୍ ଗ୍ରିଡ୍‌ଲ, ଗୋଡ଼ ଓ ପାଦରେ ୬୨ ଖଣ୍ଡ ଅସ୍ଥି ରହିଛି । ବାକୀତକ ଶରୀରରେ ଅନ୍ୟ ଅଂଶ ସହ ଯୋଡ଼ି ହୋଇ ରହିଛନ୍ତି ।

ଗ୍ରିପଟେ ନରମା ତନ୍ତୁର ମୋଟା ଆବରଣ ରଖି ଦିଆଯାଇଛି ।

ପଞ୍ଜରା କିନ୍ତୁ ହେଲା ଗୋଟିଏ ଚଳନକ୍ଷମ ଅସ୍ଥି ବ୍ୟବସ୍ଥା । ବକ୍ଷକୁ ଏହା ଘେରି ରହିଛି । ଶ୍ୱାସକ୍ରିୟା ବେଳେ ଏହି ଅସ୍ଥି ବ୍ୟବସ୍ଥାଟି ବିନା ବାଧାରେ ଚଳିପାରୁଛି ବା ଆବଶ୍ୟକ ମୁତାବକ ପ୍ରସାରିତ-ସଂକୁଚିତ ହୋଇଯାଇ ପାରୁଛି । ୨୪ ଖଣ୍ଡ ଯାକ ପଞ୍ଜରା ଅସ୍ଥି ବକ୍ଷୀୟ କଶେରୁକ ଦେଇ ଆସି ଉରଃ-ଫଳକ ବା ଷ୍ଟରନମରେ ଯୋଡ଼ି ହୋଇଯାଇଛନ୍ତି । ହୃତପିଣ୍ଡ, ଫୁସ୍‌ଫୁସ୍ ଓ ମୁଖ୍ୟ ରକ୍ତନାଳୀ ସବୁକୁ ନିରାପଦରେ ରଖିବା ସହିତ ଉଦରୀୟ ଭିତ୍ତିରେ ଥିବା ମାଂସପେଶୀ ଓ ସଂଯୋଜୀ ତନ୍ତୁ ସହ ଏହା ସଂପର୍କ ରକ୍ଷା କରୁଛି । ବକ୍ଷମେଖଳା ମଧ୍ୟ ପଞ୍ଜରା ଉପରେ ଢିଲାଭାବେ ରହିଛି ଓ ଉରଃଫଳକ ସହିତ ଆସି ଯୋଡ଼ି ହୋଇଯାଇଛି । ଯମଜ ଅକ୍ଷକ ଅସ୍ଥି ବା କ୍ଲାଭିକଲ ଓ ଦୁଇ ଅଂସ-ଫଳକ ବା କାନ୍ଧର ଖୁଆକୁ ନେଇ ବକ୍ଷମେଖଳା ଗଢ଼ା ହୋଇଛି । କହୁଣି ଉପରକୁ ଥିବା ପ୍ରଗଣ୍ଡାସ୍ଥି ବା ହିଉମେରସ ଯାଇ ଅଂସଫଳକ ଭିତରେ ଥିବା ଅଗଭୀର ସକେଟରେ ପଶିଥିବାରୁ କାନ୍ଧ ଜଏଣ୍ଟ ଚଳାଚଳରେ ଏତେ ସୁବିଧା ହେଉଛି ।

ଶ୍ରୋଣୀ ମେଖଳା କିନ୍ତୁ ହେଲା ଅଧିକ ଦୃଢ଼ ଓ ଶରୀରରେ ଥିବା ଅପେକ୍ଷାକୃତ ବଡ଼ ଅସ୍ଥି-ସଜ୍ଜା । ଏହାର ଉଭୟ ପାର୍ଶ୍ୱରେ ଥିବା ତିନୋଟି ଲେଖାଁ ଅସ୍ଥି ସଂଯୁକ୍ତ ହୋଇଯାଇ ମେରୁଦଣ୍ଡର ତ୍ରିକାସ୍ଥି ବା ସେକ୍ରମୀ ଅସ୍ଥି ସହ ମିଶି ଯାଇଛନ୍ତି । ଏସବୁର ମଝିରେ ଜଘନାସ୍ଥି ସବୁ ଆସି ମିଶିଛନ୍ତି ।



ଅସ୍ଥିର ଅଭ୍ୟନ୍ତର



ଶରୀରର କଠିନତମ ତନ୍ତୁ ହେଲା ଦାନ୍ତର ଏନାମେଲ ।




ବିଭିନ୍ନ ଉପଯୋଗକୁ ଆଖିରେ ରଖି ପ୍ରକୃତି ଅସ୍ଥି ଜଏଣ୍ଟ ସବୁକୁ ସୃଷ୍ଟି କରିଛି । ଶରୀରର ସବୁ ଅଂଶରେ ଥିବା ଅନେକ ପ୍ରକାର ଜଏଣ୍ଟ ଭିତରୁ ଏଗୁଡ଼ିକ ଗୋଟିଏ ଗୋଟିଏ ପ୍ରକାରର ।

ନିତମ୍ବାସ୍ଥି ଓ ଆସନାସ୍ଥି ମଧ୍ୟ ହେଲେ ଶ୍ରୋଣୀ ମେଖଳାର ଅଂଶବିଶେଷ । ଏହା ଦେଖିବାକୁ ଧନୁଭଳି ଓ ଶରୀରର ତଳିପେଟରେ ଥିବା ଅଙ୍ଗ ସବୁକୁ ଅସ୍ଥି ବିଭାଗର ଏହି ଅଂଶ ସମ୍ଭାଳିଛି । ଶ୍ରୋଣୀ ମେଖଳାର ଦୁଇ କଡ଼ରେ ଥିବା ଖଞ୍ଜା ବା ଜଏଣ୍ଟ ଶରୀରର ଉପର ଅଂଶର ଭାର ମଧ୍ୟ ବହନ କରୁଛି ।

ମଣିଷର ହାତ ଓ ଗୋଡ଼—ଏ ଉଭୟର ମୌଳିକ ଯୋଜନା ପ୍ରକୃତି ଦ୍ୱାରା ଗୋଟାଏ ରକମର କରାଯାଇଛି । ହାତର ପ୍ରଗଣ୍ଡାସ୍ଥି ଓ ଗୋଡ଼ର ଉର୍ବସ୍ଥି ଗୋଟିଏ ଗୋଟିଏ ମୁକ୍ତ ଚଳନକ୍ଷମ ଖଞ୍ଜାରେ ଯାଇ ଲାଗିଛନ୍ତି । ସେଠୁ ହାତର ବହିଃପ୍ରକୋଷ୍ଠାସ୍ଥି ଓ ଅନ୍ତଃପ୍ରକୋଷ୍ଠାସ୍ଥି ତଥା ଗୋଡ଼ର ଅନ୍ତଃଅନୁ-ଜଘାଂସ୍ଥି ଓ ଅନୁଜଘାଂସ୍ଥି ଲମ୍ବିଯାଇ ଯଥାକ୍ରମେ ମଣିବନ୍ଧ ଓ ବଳାଗଣ୍ଠି ପାଖରେ ପହଞ୍ଚିଯାଇଛନ୍ତି । ସେଠି ଥିବା ହାତର କରଭାସ୍ଥି ଓ ଗୋଡ଼ର ଅନୁଗଲ୍‌ଫିକାସ୍ଥି ଏହି ବ୍ୟବସ୍ଥାକୁ ପୂର୍ଣ୍ଣାଙ୍ଗ କରି ଦେଉଛନ୍ତି । ସେଇଠୁ ବାହାରି ଯାଇଛନ୍ତି ଅଙ୍ଗୁଳି ପର୍ବ । ହାତ ଓ ଗୋଡ଼ର ଅଭିନବ ଉପଯୋଗିତା ଦୃଷ୍ଟିରୁ ଏ ଦୁଇଟିରେ ଲାଗିଥିବା ଅସ୍ଥିର ଆକୃତି ନିର୍ଦ୍ଧାରିତ ହୋଇଛି । ଭାର ବହନ କରୁଥିବାରୁ ହାତ ତୁଳନାରେ ଗୋଡ଼ରେ ରହିଛି ମୋଟା ଓ ମଜବୁତ ଅସ୍ଥି । ହାତ ଆଙ୍ଗୁଠିକୁ କିନ୍ତୁ ଗୋଡ଼ ଆଙ୍ଗୁଠି ଠାରୁ ବଡ଼ କରି ଦିଆଯାଇଛି—ସେହି ଉପଯୋଗ କଥାକୁ ଆଖିରେ ରଖି ।

ଅସ୍ଥିବିଭାଗରେ ଏତେସଂଖ୍ୟକ ଅସ୍ଥି ରହୁଥିବାରୁ ଗୋଟି ଗୋଟିକିଆ ଅସ୍ଥି ଯେଉଁଠି ମିଳିତ ହେଉଛନ୍ତି, ସେଭଳି ସ୍ଥାନକୁ ଅସ୍ଥି ଜଏଣ୍ଟ ବା ଖଞ୍ଜା ବୋଲି କୁହାଯାଏ । ଏହି ମିଳିତ ହେବା ସ୍ଥଳର ଡିଜାଇନ ପ୍ରକୃତି ଅତି ଚତୁରତାର ସହିତ କରିଛି । ଅସ୍ଥିବିଭାଗରେ ବହୁ ଧରଣର ଜଏଣ୍ଟ ଦେଖିବାକୁ ମିଳେ । ଖପୁରୀର ଅସ୍ଥି ଜଏଣ୍ଟ ସବୁ ଆଦୌ ଚଳନକ୍ଷମ ନ ହୋଇଥିଲାବେଳେ ଅଣ୍ଟା ଓ କାନ୍ଧ ଭଳି କେତେକ ସ୍ଥାନରେ ଥିବା ଜଏଣ୍ଟ ଅତି ଉତ୍କର୍ଷ ଇଞ୍ଜିନିଅରିଙ୍ଗ୍ ବିଦ୍ୟାର ପରିଚୟ ଦେଉଛି ।

ଯେଉଁଠି ଦୁଇଟି ଅସ୍ଥି ମିଳିତ ହେଉଛନ୍ତି ସେଠି ଘର୍ଷଣ ସୃଷ୍ଟି ହେବା ସ୍ୱାଭାବିକ । ଆଣ୍ଠୁ ଭଳି କେତେକ କ୍ଷେତ୍ରରେ ଜଏଣ୍ଟ ଶରୀରର ଓଜନକୁ ବହନ କରୁଛି । ତେଣୁ ଚାଲିବା ବା ସିଡ଼ି ଚଢ଼ିବା ଭଳି ସାଧାରଣ କାର୍ଯ୍ୟ ମଧ୍ୟ ଅସ୍ଥି-ଜଏଣ୍ଟ ଉପରେ ବଳ ସୃଷ୍ଟ ପ୍ରଭାବ ପକାଇଥାଏ । ସେଇଥିପାଇଁ ପ୍ରତିଟି ଅସ୍ଥିର ଅଗ୍ରଭାଗରେ ଗୋଟାଏ ଉପାସ୍ଥିର ଖୋଳ ରହିଛି । ତେଣୁ ଏସବୁ ଅସୁବିଧାକୁ ଅସ୍ଥିବିଭାଗ ସହଜରେ ସମାଧାନ କରିଦେଇ ପାରୁଛି । ଗୋଟାଏ ପ୍ରକାର ଝିଲ୍ଲୀ ମଧ୍ୟ ଜଏଣ୍ଟ ସ୍ଥଳକୁ ନିର୍ଦ୍ଦିଷ୍ଟ ଧରଣର ତରଳ ପଦାର୍ଥ ଦ୍ୱାରା 'ଓଦା' ବା 'ତେଲିଆ' କରି ରଖିଥା'ନ୍ତି । ଲିଗାମେଣ୍ଟ ସବୁ ଜଏଣ୍ଟକୁ ଦୃଢ଼ ଭାବେ ବାନ୍ଧି ରଖିଥିବାରୁ ତାହା ସହଜରେ ଖସିଯାଏ ନାହିଁ । ଶରୀରର ସବୁଠାରୁ ବଡ଼ ଅସ୍ଥି ଜଏଣ୍ଟ ହେଲା ଆଣ୍ଠୁ ।

୧୯୯୭ ମସିହା ଆରମ୍ଭ ବେଳକୁ ପ୍ରକାଶ ପାଇଛି ଯେ ଦଳେ ବ୍ରିଟିଶ ଚିକିତ୍ସାଶାସ୍ତ୍ରୀ ପରୀକ୍ଷାମୂଳକ ଭାବେ ସଂଶ୍ଳେଷିତ ଅସ୍ଥି ତିଆରି କରିଦେବାରେ ସମର୍ଥ ହୋଇ ପାରିଛନ୍ତି ଓ ଏହା ପ୍ରକୃତି ସୃଷ୍ଟ ଅସ୍ଥି ଭଳି ଶରୀର ଭିତରେ ବଢ଼ି ପାରୁଛି । ଯଦି ଏହି ସଂଶ୍ଳେଷିତ ଉପାଦାନଟିକୁ ବ୍ୟବସାୟିକ ଦୃଷ୍ଟିରୁ ଅଳ୍ପ ଖର୍ଚ୍ଚରେ ତିଆରି କରାଯାଇପାରିବ, ତେବେ ପୃଥିବୀସାରା ଯେଉଁ ବହୁ ସଂଖ୍ୟକ ଲୋକଙ୍କ ନିମନ୍ତେ ଅସ୍ଥିଜନିତ ଚିକିତ୍ସାର ଆବଶ୍ୟକତା ରହିଛି ସେମାନେ କେତେକ ପରିମାଣରେ ଉପକୃତ ହେବେ ଓ ହାଡ଼ ନଷ୍ଟ ହୋଇଯିବା ଯୋଗୁଁ ଯେ ଜଣେ ଅକ୍ଷମ ହୋଇଯିବ—ଏଭଳି କଥାର ପ୍ରତିକାର ସହଜରେ କରାଯାଇ ପାରିବ ।

*ସମ୍ବନ୍ଧୀୟ ବିଷୟ*

*ମାନବଶରୀର, ଜୀବଜଗତ, ଜୀବବିଜ୍ଞାନ, ଚିକିତ୍ସାବିଜ୍ଞାନ, ଅଙ୍ଗ ଓ ଅଙ୍ଗଗଠନ, କୃତ୍ରିମ ଅଙ୍ଗ, ଅସ୍ଥିମଜ୍ଜା, ମାଂସପେଶୀ, ଇଭୋଲୁସନ୍, କାଲ୍‌ସିଅମ୍, ଅସ୍ଥିଶଲ୍ୟ ଚିକିତ୍ସା, ହାଡ଼, ଫୋରେନ୍‌ସିକବିଜ୍ଞାନ, ଅଙ୍ଗୁଳି, ଖପୁରୀ, ଜୀବକୋଷ, ଡିଏନ୍‌ଏ, ରକ୍ତ ଓ ଆହୁରି ଅନେକ ବିଷୟ*

▷ ▷

## ଅସ୍ଥିମଜ୍ଜା

ଅସ୍ଥିମଜ୍ଜା ବା ବୋନ୍‌ମାରୋ ଅସ୍ଥି ଭିତରେ ଭରି ରହିଛି । ଏହା ଗୋଟାଏ ପ୍ରକାରର ନରମ ତଥା ଶ୍ଳେଷୀ ତନ୍ତୁ । ଅସ୍ଥିମଜ୍ଜା ଦେଖିବାକୁ ସାଧାରଣତଃ ନାଲି ବା ହଳଦିଆ ରଙ୍ଗର । ମଣିଷ କ୍ଷେତ୍ରରେ, ନାଲି ଅସ୍ଥିମଜ୍ଜା କେବଳ ଲିଂଫୋସାଇଟସ୍‌କୁ ବାଦ୍ ଦେଇ ଅନ୍ୟ ସବୁ ପ୍ରକାର ରକ୍ତକୋଷ ତିଆରି କରିଥାଏ । ଯକୃତ ଓ ପ୍ଳୀହା ସହିତ ମିଶି ଏହା ପୁରୁଣା ରକ୍ତ-କୋଷକୁ ନଷ୍ଟ କରିବାରେ ମଧ୍ୟ ସାହାଯ୍ୟ କରିଥାଏ । ହଳଦିଆ ମଜ୍ଜାରେ ସାଧାରଣତଃ ସ୍ନେହ ବା ଫ୍ୟାଟ୍ ସଞ୍ଚିତ ହୋଇ ରହିଥାଏ; ଆବଶ୍ୟକ ସ୍ଥଳେ କିନ୍ତୁ ଏହା ନାଲି ଅସ୍ଥିମଜ୍ଜାରେ ପରିଣତ ହୋଇଯାଇପାରେ ।

ନାଲି ଅସ୍ଥିମଜ୍ଜା ଖୁବ୍ ଜଟିଳ ସଂବାହୀ ଶ୍ରେଣୀର ତନ୍ତୁକୁ ନେଇ ଗଠିତ । ଏହି ତନ୍ତୁରେ ଥିବା ଜାଲିକା କୋଷ ଗୁଡ଼ିକ ପରେ ବିଭିନ୍ନ ଧରଣର ରକ୍ତକୋଷରେ ପରିଣତ ହୋଇଥା'ନ୍ତି । ତେଣୁ ଅସ୍ଥିମଜ୍ଜାରେ ହିଁ ରକ୍ତ ତିଆରି ହେଉଛି ବୋଲି କୁହାଯାଇଥାଏ । ମଜ୍ଜାରେ ସୃଷ୍ଟି ହେଉଥିବା ଶ୍ୱେତ ରକ୍ତ କଣିକା ଗୁଡ଼ିକ ହେଲେ ଶରୀର ପ୍ରତିରକ୍ଷା ବ୍ୟବସ୍ଥାର ଗୁରୁତ୍ୱପୂର୍ଣ୍ଣ ଅଂଶ ।

*ସମ୍ବନ୍ଧୀୟ ବିଷୟ*

*ଅସ୍ଥି ଓ ଅସ୍ଥିବିଭାଗ, ରକ୍ତ, ଜୀବକୋଷ, ଚିକିତ୍ସାବିଜ୍ଞାନ, ଏରିଥ୍ରୋସାଇଟସ୍*

▷ ▷

## ଅହଂକାର

ସାଂଖ୍ୟ ଦର୍ଶନ ମତବାଦରେ ଏହି ଶବ୍ଦଟିର ଗୁରୁତ୍ୱ ରହିଛି । ସାଧାରଣ ଜୀବନରେ ମଧ୍ୟ ଅହଂକାର ରୂପୀ ଭାବନାକୁ ସବୁବେଳେ ବର୍ଜନୀୟ ବୋଲି ସ୍ୱୀକାର କରାଯାଇ ଆସିଛି । ଅହଂକାରୀ ବ୍ୟକ୍ତିଟି କେବେହେଲେ ସମାଜକୁ ଯଥେଷ୍ଟ ଅବଦାନ ଦେଇପାରିବ ନାହିଁ ବୋଲି ଯୁଗେ ଯୁଗେ ପଣ୍ଡିତ ମାନେ କହିଆସିଛନ୍ତି । ଅହଂକାରଟି ହେଲା ଜଣଙ୍କ ବ୍ୟକ୍ତିତ୍ୱରେ ଥିବା ଭ୍ରାନ୍ତି ବା ସେଇଟିର ସଂପୂର୍ଣ୍ଣ ଭୁଲ ରୂପରେ ପ୍ରକାଶିତ ରୂପ । 'ମୁଁ—କହୁଛି କିମ୍ବା 'ମୁଁ—କରୁଛି ବୋଲି ଜଣେ ଯେତେବେଳେ ଭାବିନିଏ, ସେତେବେଳେ ତା ମନ ଭିତରେ ଅହଂ ଉଦୟ ହୁଏ ଓ ସେ ଅହଂକାରୀ ବ୍ୟକ୍ତିତ୍ୱର ଅଧିକାରୀ ହୋଇଉଠେ । କିନ୍ତୁ କୌଣସି ଭଲ କାମ କରୁଥିବା ଲୋକ ମନରେ ସେହି କାମକୁ ଆଗେଇ ନେବା ପାଇଁ ଆବଶ୍ୟକ ହେଉଥିବା ପ୍ରେରଣା ତଥା ଉତ୍ସାହର ସୃଷ୍ଟି ନିମନ୍ତେ ଯେଉଁ ସାମାନ୍ୟ 'ଗର୍ବ'ର ଆବଶ୍ୟକତା ଦେଖାଦେଇଥାଏ, ସେଭଳି ଗର୍ବ ବା ଅହଂକାରକୁ କ୍ଷତିକାରକ ବୋଲି ଧରାଯାଏ ନାହିଁ । ଏହାକୁ ପଣ୍ଡିତମାନେ 'ସାତ୍ତ୍ୱିକ ଅହଂ' ବୋଲି ଅଭିହିତ କରିଥା'ନ୍ତି ।

*ସମ୍ବନ୍ଧୀୟ ବିଷୟ*

*ସମାଜ, ସାଂଖ୍ୟ ଦର୍ଶନ, ବ୍ୟକ୍ତିତ୍ୱ, ମାନବୀୟ ଉତ୍କର୍ଷତା, ନମ୍ରତା, ଆତ୍ମବିଶ୍ୱାସ*

▷ ▷

## ଅହମ୍ମଦ ଶାହା
(୧୭୨୫-୧୭୭୫)

ଏହି ମୋଗଲ ସମ୍ରାଟ ୧୭୪୮ରୁ ୫୪ ମସିହା ପର୍ଯ୍ୟନ୍ତ ଦିଲ୍ଲୀ ସିଂହାସନ ଆରୋହଣ କରିଥିଲେ । ତାଙ୍କଠାରେ କୌଣସି ପ୍ରକାରର ଦୃଢ଼ ବ୍ୟକ୍ତିତ୍ୱ କିମ୍ବା ନେତୃତ୍ୱ ଦେବାର ଗୁଣ ନଥିବାରୁ ଅନ୍ୟମାନଙ୍କ ଦ୍ୱାରା ସଂପୂର୍ଣ୍ଣ ଭାବେ ପ୍ରଭାବିତ ହୋଇ ସେ ଶାସନ କାର୍ଯ୍ୟ ଚଳାଉଥିଲେ । ସମୟକ୍ରମେ ଆଫ୍‌ଗାନ ଅହମ୍ମଦ ଶାହା ଦୁର୍‌ରାନୀ ତାଙ୍କୁ ଦୁଇଥର ଭୟଭୀତ କରାଇ ବହୁ ଅର୍ଥ ଓ ଉତ୍ତର ପଶ୍ଚିମ ପଞ୍ଜାବର କେତେକ ଅଞ୍ଚଳ ଛଡ଼ାଇ ନେଇ ଯାଇ ଥିଲେ । ମରାଠା ଶକ୍ତି ଆଗରେ ଅହମ୍ମଦ ଶାହା ଶେଷରେ ମୁଣ୍ଡ ନୁଆଁଇ ଦେଇଥିଲେ ଓ ମୃତ୍ୟୁ ପର୍ଯ୍ୟନ୍ତ ସେମାନଙ୍କ ହାତରେ ବନ୍ଦୀ ଜୀବନ କଟାଇଥିଲେ ।

*ସମ୍ବନ୍ଧୀୟ ବିଷୟ*

*ଭାରତ, ମୋଗଲ ଶାସନ, ମରାଠା ସାମ୍ରାଜ୍ୟ*

▷ ▷

## ଅହମ୍ମଦ ଶାହା ଦୁର୍‌ରାନୀ
(୧୭୨୪-୭୩)

ଆଫ୍‌ଗାନିସ୍ତାନର ପ୍ରତିଷ୍ଠାତା ଓ ପ୍ରଥମ ରାଜା । ପାରସ୍ୟ ସମ୍ରାଟ ନାଦିର ଶାହାଙ୍କ ଅଧୀନରେ ସେ ଜଣେ ସେନାପତି ଥିଲାବେଳେ ଆଫ୍‌ଗାନିସ୍ତାନର ରାଜା ଭାବେ ନିଯୁକ୍ତ ହୋଇଥିଲେ । କାନ୍ଦାହାରରେ ରାଜଧାନୀ ସ୍ଥାପନ କରି ଦୁର୍‌ରାନୀ ନଅ ଥର ପଞ୍ଜାବ ଆକ୍ରମଣ କରିଥିଲେ । ୧୭୬୧ ମସିହାରେ ପାନିପଥ ଯୁଦ୍ଧରେ ସେ ମରାଠା ମାନଙ୍କୁ ମଧ୍ୟ ପରାସ୍ତ କରିଥିଲେ । ପରେ କିନ୍ତୁ ତାଙ୍କୁ ପଞ୍ଜାବରେ ଶିଖ ଶକ୍ତିକୁ ସ୍ୱୀକାର କରିବାକୁ ହିଁ ପଡ଼ିଥିଲା ।

*ସମ୍ବନ୍ଧୀୟ ବିଷୟ*

*ଆଫ୍‌ଗାନିସ୍ତାନ, ଭାରତ, ପାନିପଥ ଯୁଦ୍ଧ, ଅହମ୍ମଦ ଶାହା*

▷ ▷

## ଅହମ୍ମଦାବାଦ

ଭାରତର ଲୋକେ ଯେତେବେଳେ ଇଂରେଜ ଶାସନ ବିରୁଦ୍ଧରେ ଆନ୍ଦୋଳନ ଚଳାଇଥିଲେ, ସେତେବେଳେ ଗୁଜୁରାଟର ଏହି ସହରଟି ସ୍ୱାଧୀନତା ସଂଗ୍ରାମର ଗୋଟିଏ ବଡ଼ କେନ୍ଦ୍ର ହୋଇଯାଇଥିଲା । ସାବରମତୀ ନଦୀ କୂଳରେ ଥିବା ପଶ୍ଚିମ ଭାରତରେ ଏହି ନଗରଟିକୁ ୧୪୧୧ ଖ୍ରୀଷ୍ଟାବ୍ଦରେ ବସାଯାଇଥିଲା । ବହୁଦିନ ଧରି ଏହା ଗୁଜୁରାଟ ରାଜ୍ୟର ରାଜଧାନୀ ମଧ୍ୟ ଥିଲା । ବସ୍ତ୍ର ତିଆରି ଶିଳ୍ପ ପାଇଁ ପ୍ରସିଦ୍ଧ । ଆଖପାଖ ଅଞ୍ଚଳ ସହିତ ଅହମ୍ମଦାବାଦ ସହରର ଲୋକସଂଖ୍ୟା ପ୍ରାୟ ୩୨ ଲକ୍ଷ ।

*ସମ୍ବନ୍ଧୀୟ ବିଷୟ*

*ଗୁଜୁରାଟ, ଟେକ୍‌ସ୍‌ଟାଇଲ, ମହାତ୍ମା ଗାନ୍ଧୀ*

▷ ▷

## ଅହମ୍ମଦିଆ

ଇସ୍‌ଲାମ ଜଗତର ଏହି ଆଧୁନିକ ସଂପ୍ରଦାୟଟି ମୂଳତଃ ସୁଫି ମତାବଲମ୍ବୀମାନଙ୍କ ଦ୍ୱାରା ସୃଷ୍ଟ । ଅବିଭକ୍ତ ପଞ୍ଜାବ ପ୍ରଦେଶର କ୍ୱାଦିଆଁ ଠାରେ ୧୮୮୯ ମସିହାରେ ମିର୍ଜା ଗୁଲାମ ଅହମ୍ମଦ ଓ ଅନ୍ୟ କେତେକ ଅହମ୍ମଦିଆ ସଂପ୍ରଦାୟକୁ ପ୍ରଥମେ ସ୍ଥାପନ କରିଥିଲେ । ସେ ନିଜକୁ ହିନ୍ଦୁ, ଖ୍ରୀଷ୍ଟିଆନ ଓ ଇସ୍‌ଲାମ ଧର୍ମର ମୁଖ୍ୟ ବ୍ୟକ୍ତିତ୍ୱ ମାନଙ୍କର ମିଳିତ ଅବତାର ରୂପରେ ଅଭିହିତ କରି ଏହି ସବୁ ଧର୍ମ ଦୃଷ୍ଟିରୁ ଶାସ୍ତ୍ର-ବିରୋଧୀ ଅନେକ ଗୁଡ଼ିଏ ସିଦ୍ଧାନ୍ତ ପ୍ରଗ୍ରହ କରିଥିଲେ । ଇଜିପ୍ଟ ଦେଶରେ ଏହି ସଂପ୍ରଦାୟ ଖୁବ୍ ଜନପ୍ରିୟ । ଭାରତ, ପାକିସ୍ତାନ, ପଶ୍ଚିମ ଆଫ୍ରିକା ତଥା ପୃଥିବୀର ଅନ୍ୟ ବହୁ ଇସ୍‌ଲାମୀୟ ଅଞ୍ଚଳରେ ଅହମ୍ମଦୀୟମାନେ ଅଛନ୍ତି । ଏହାର କେତେଗୁଡ଼ିଏ ଶାଖା ଓ ଉପଶାଖା ମଧ୍ୟ ବାହାରି ପଡ଼ିଛି ।

*ସମ୍ବନ୍ଧୀୟ ବିଷୟ*

*ଇସ୍‌ଲାମ, ଧର୍ମ, ସୁଫିବାଦ*

▷ ▷

## ଅହଲ୍ୟା

ପୁରାଣରେ ବର୍ଣ୍ଣିତ ଅଛି ଯେ ଗୌତମ ଋଷିଙ୍କର ପତ୍ନୀ ଅହଲ୍ୟା ଅପରୂପ ଲାବଣ୍ୟ ତଥା ସୌନ୍ଦର୍ଯ୍ୟର ଅଧିକାରିଣୀ ଥିଲେ । କିନ୍ତୁ ଇନ୍ଦ୍ରଙ୍କ ଦ୍ୱାରା ତାଙ୍କ ସତୀତ୍ୱ ଅପହରଣ କରାଯିବା ପରେ, ପତିଙ୍କ ଅଭିଶାପରେ ସେ ପାଷାଣ ରୂପରେ ଗୌତମଙ୍କ ଆଶ୍ରମରେ ପଡ଼ିରହିଥିଲେ ଓ ପରେ ଶ୍ରୀରାମଙ୍କ ପଦସ୍ପର୍ଶରେ ପୁଣି ଜୀବନଲାଭ କଲେ । ଏହାଙ୍କ ଚରିତ୍ରକୁ ନେଇ ବିଭିନ୍ନ ଭାରତୀୟ ଭାଷାରେ ସାହିତ୍ୟ ରଚନା କରାଯାଇଛି ।

*ସମ୍ବନ୍ଧୀୟ ବିଷୟ*
*ରାମାୟଣ, ଶାସ୍ତ୍ର-ପୁରାଣ, ନୈତିକତା*

▷▷

## ଅହଲ୍ୟା ବାଈ
(୧୭୨୫-୧୭୯୫)

ଶାସନ ଗାଦିରେ ବସି ଦେଶକୁ ଚଳାଇବା ଓ ତାହା ସଙ୍ଗେ ସଙ୍ଗେ ସୈନ୍ୟମାନଙ୍କୁ ଯୁଦ୍ଧ-କ୍ଷେତ୍ରରେ ଚଳାଇବା—ଏହି ଉଭୟ କାର୍ଯ୍ୟ ଖୁବ୍ ଭଲ ଭାବରେ ଭାରତର ଏହି ସାହସୀ ମହିଳା


ଅହଲ୍ୟା ବାଈ

କରିପାରିଥିଲେ । ସେଇଥି ଯୋଗୁଁ ଭାରତର ଇତିହାସରେ ଏହାଙ୍କ ବିଷୟରେ ନାନାଭାବରେ ଲେଖାଯାଇଛି । ସେ ମାଳବ ଦେଶକୁ ଶାସନ କରୁଥିଲେ । ତାଙ୍କୁ ଯେତେବେଳେ ମାତ୍ର ୧୯ ବର୍ଷ ବୟସ, ସେତେବେଳେ ତାଙ୍କ ସ୍ୱାମୀ ମରିଗଲେ । ପୁଅଙ୍କୁ ମଧ୍ୟ ସେ ହରାଇଲେ । କିନ୍ତୁ ସାହସ ନ ହରାଇ ଅହଲ୍ୟା ବାଈ ଅସୀମ ଧୈର୍ଯ୍ୟର ପରିଚୟ ଦେଲେ । ମାଳବ ଦେଶରେ ବହୁ ସଂଖ୍ୟକ ମନ୍ଦିର ଓ ଧର୍ମଶାଳା ତିଆରି କରାଇ ଦେଇଥିଲେ । ଗୋଟିଏ ସୁଦୀର୍ଘ ରାଜପଥ ତାଙ୍କ ରାଜୁତି କାଳରେ ତିଆରି କରାଯାଇଥିଲା ।

*ସମ୍ବନ୍ଧୀୟ ବିଷୟ*
*ଭାରତ ଇତିହାସ*

▷▷

## ଅହିଂସା

ଅହିଂସା ବା 'ଅନ୍ୟର କ୍ଷତି ନ କରିବା' ହେଲା ଜୈନ ନୀତିଶାସ୍ତ୍ରର ଗୋଟିଏ ମୌଳିକ ବିଶିଷ୍ଟତା ତଥା ଆବଶ୍ୟକତା । ସନାତନଧର୍ମରେ ମଧ୍ୟ ଏହି ନୀତିର ମହତ୍ତ୍ୱ ତଥା ଗୁରୁତ୍ୱ ସବୁକାଳେ ରହି ଆସିଛି । ପରେ ବୌଦ୍ଧଧର୍ମରେ ମଧ୍ୟ ଅହିଂସାକୁ ଗୋଟାଏ ମୂଳ ଆଧାର ଭାବରେ ଗ୍ରହଣ କରାଯାଇଥିଲା । ଅବଶ୍ୟ ଜୈନଧର୍ମରେ ଅହିଂସା ପାଳନ ଉପରେ ଯେଉଁଭଳି ସାମଗ୍ରିକ ଗୁରୁତ୍ୱ ଦିଆଯାଇଥାଏ, ଅନ୍ୟ ଦୁଇ ଧର୍ମରେ ସେଭଳି ଦିଆଯାଇ ନ ଥାଏ । ଅବଶ୍ୟ ଭାରତବର୍ଷରେ ସନାତନଧର୍ମ ସୃଷ୍ଟି ହେବା ଦିନଠାରୁ ନିରାମିଷ ଭୋଜନ ଓ ଅନ୍ୟ ସବୁ ଜୀବଙ୍କ ପ୍ରତି ନିଶ୍ଚୟ ସହନଶୀଳ ହେବା ଭଳି କଥାକୁ ସବୁବେଳେ ଗୁରୁତ୍ୱ ଦିଆହୋଇ ଆସିଛି । ଅଶୋକଙ୍କ ଶିଳାଲେଖ ଗୁଡ଼ିକରେ ପ୍ରାଣୀ ଜୀବନର ମହନୀୟତା କଥାର ଉଲ୍ଲେଖ ରହିଛି । 'ମହାଭାରତ'ରେ ମଧ୍ୟ ଅହିଂସା କଥାର ଭିନ୍ନ ଭାବରେ ଅବତାରଣା କରାଯାଇଛି ।

ଊନବିଂଶ ଶତାବ୍ଦୀର ଶେଷଭାଗ ପରେ କିନ୍ତୁ 'ଅହିଂସା'ର ଅର୍ଥରେ ଗୋଟାଏ ଗୁଣାତ୍ମକ ପରିବର୍ତ୍ତନ ଆସିଗଲା । ଏଭଳି ପରିବର୍ତ୍ତନ କରିଦେବାକୁ ସମର୍ଥ ହେଲେ ଜଣେ ମୋହନଦାସ କରମଚାନ୍ଦ ଗାନ୍ଧୀ । ଯୁଗ ଯୁଗ ଧରି ରହି ଆସିଥିବା ଏହି ମୌଳିକ ଧାର୍ମିକ ତତ୍ତ୍ୱରେ ଯେ କୋଟି କୋଟି ଲୋକଙ୍କୁ ପ୍ରକୃତ ଅର୍ଥରେ ମୁକ୍ତିର ବାଟ ଦେଖାଇ ପାରିବାର ଶକ୍ତି ଭରି ରହିଛି, ସେ କଥା ସେ ପ୍ରଥମ ଥର ପାଇଁ ପ୍ରମାଣ କରିଦେଲେ । ଗାନ୍ଧୀଙ୍କ 'ସତ୍ୟାଗ୍ରହ' ହେଲା ଅହିଂସାର ଅନ୍ୟ ଗୋଟିଏ ରୂପ । ରାଜନୈତିକ, ସାମାଜିକ ତଥା ଅର୍ଥନୈତିକ ଅବିଚାର ବିରୁଦ୍ଧରେ ଅହିଂସାକୁ ସଫଳତାର ସହିତ ଗୋଟାଏ ଅତି ଶକ୍ତିଶାଳୀ 'ମାରଣ ଅସ୍ତ୍ର' ଭାବେ ସେ ବ୍ୟବହାର କରିଦେବା ଫଳରେ ଅବତାର ପୁରୁଷର ଆଖ୍ୟା ପାଇବାକୁ ଯୋଗ୍ୟ ବିବେଚିତ ହୋଇଗଲେ ।

*ସମ୍ବନ୍ଧୀୟ ବିଷୟ*
*ଜୈନଧର୍ମ, ହିନ୍ଦୁଧର୍ମ, ସଭ୍ୟତା, ବୌଦ୍ଧଧର୍ମ, ମହାଭାରତ, ମହାତ୍ମା ଗାନ୍ଧୀ, ସତ୍ୟାଗ୍ରହ, ଭାରତୀୟ ସ୍ୱାଧୀନତା ଆନ୍ଦୋଳନ, ବେଦ, ଉପନିଷଦ, ଅଶୋକ ଅନୁଶାସନ, ଦର୍ଶନ*

▷▷

## ଅହିର

ଉତ୍ତର ତଥା ମଧ୍ୟ-ଭାରତର ବହୁ ଅଞ୍ଚଳରେ ଏହି ଗୋପାଳ ଜାତି ରହିଛନ୍ତି । ଅହିର ମାନଙ୍କର ପୌରାଣିକ ତଥା ଐତିହାସିକ ଗୁରୁତ୍ୱ ରହିବାର କାରଣ ହେଲା—ମହାଭାରତ ତଥା ଅନ୍ୟ କେତେକ ସଂସ୍କୃତ ସାହିତ୍ୟ କୃତିରେ ଏମାନଙ୍କ ପୂର୍ବପୁରୁଷଙ୍କୁ ଲକ୍ଷ୍ୟ କରି ବର୍ଣ୍ଣନାମାନ ରହିଛି ବୋଲି ପଣ୍ଡିତ ମାନଙ୍କ ମତ । ଆଜିର ଦକ୍ଷିଣ ରାଜସ୍ଥାନ ତଥା ପାକିସ୍ତାନୀ ସିନ୍ଧ୍ ପ୍ରଦେଶରେ ସେକାଳରେ ରହୁଥିବା ଅହିର୍‌ମାନେ ହେଲେ ଶ୍ରୀକୃଷ୍ଣଙ୍କୁ ନେଇ କାଳକ୍ରମେ କରାଯାଇଥିବା 'ଗୋପାଳ ବାଳକ'ର କଳ୍ପନା ବା ଧାରଣାର ବିକାଶର ମୂଳ ଉତ୍ସ ବୋଲି ମଧ୍ୟ କେତେକ କହିଥା'ନ୍ତି ।

*ସମ୍ବନ୍ଧୀୟ ବିଷୟ*
*ଭାରତ, କୃଷ୍ଣଲୀଳା ଓ କିମ୍ବଦନ୍ତୀ, ଗୋପାଳନ*

▷▷

## ଅହିରାଜ

ପୃଥିବୀରେ ଯେତେ ପ୍ରକାରର ବିଷାକ୍ତ ସାପ ଅଛନ୍ତି ସେମାନଙ୍କ ଭିତରେ ଅହିରାଜ ସବୁଠାରୁ ବଡ଼ ବୋଲି କୁହାଯାଏ । ଏହାର କାମୁଡ଼ା ଅତି ଭୀଷଣ । ଏକା କାମୁଡ଼ାକେ ଏତେ ବିଷ ଅଜାଡ଼ି ଦିଏ ଯେ ଯାହାକୁ କାମୁଡ଼େ ତା'ର ବଞ୍ଚିବାର ଆଶା ଖୁବ୍ କମ୍ । ଗୋଟିଏ ଗୋଖରଠାରେ ଯେତେ ବିଷ ଥାଏ ଅହିରାଜଠାରେ ତା'ର ସାତ ଆଠ ଗୁଣ ଅଧିକ ବିଷ ଥାଏ । ଅହିରାଜ ଅତିମାତ୍ରାରେ ବୁଦ୍ଧିଆ । ମୁହୂର୍ତ୍ତକେ ଗତି ବା ବେଗ ବଦଳାଇ ଆକ୍ରମଣ କରିପାରେ । କିନ୍ତୁ ବିନା କାରଣରେ ଏହା ମଣିଷକୁ ଗୋଡ଼ାଇ ଆକ୍ରମଣ କରେ ନାହିଁ । ଅହିରାଜ ଛ' ମିଟରରୁ ଅଧିକ ଲମ୍ବ ପର୍ଯ୍ୟନ୍ତ ହୋଇପାରେ । ତିନି ମିଟରର ସାପ ମଧ୍ୟ ଅଛନ୍ତି । ଏମାନଙ୍କୁ 'ସାପଖିଆ' ଜୀବ ବୋଲି କୁହାଯାଇଥାଏ । ଏଗୁଡ଼ିକ ଢମଣା ଓ ଗୋଖରକୁ ଗୋଟା ଗୋଟା ସହଜରେ ଗିଳି ଦିଅନ୍ତି । ମାସେ ଦେଢ଼ମାସ କିଛି ନ ଖାଇଲେ ମଧ୍ୟ ଏହାର କିଛି କ୍ଷତି ହୁଏନାହିଁ । ଚିଡ଼ିଆଖାନାରେ ଏହି ଜାତିର ଗୋଟାଏ ସାପ ପ୍ରାୟ ୧୩ ବର୍ଷ ବଞ୍ଚିବାର ପ୍ରମାଣ ରହିଛି । ପ୍ରକୃତିରେ ବା ଜଙ୍ଗଲରେ ଏମାନେ କେତେ ବର୍ଷ ବଞ୍ଚନ୍ତି ତାହା କହିହେବନାହିଁ । ଏହାର ରଙ୍ଗ ଗାଢ଼


ଅହିରାଜ (ଉପର) । ଏହାର ଆକୃତି ସହିତ ମନୁଷ୍ୟର ତୁଳନାତ୍ମକ ଚିତ୍ର(ଡାହାଣ) ।

ଫିକା ହଳଦିଆ ଓ ଗାଢ଼ ବାଦାମୀ । ସମଗ୍ର ଦକ୍ଷିଣ ଓ ଦକ୍ଷିଣ-ପୂର୍ବ ଏସିଆରେ ଏମାନେ ଦେଖାଯା'ନ୍ତି ।

***ସମ୍ବନ୍ଧୀୟ ବିଷୟ***

*ସାପ, ଜୀବଜଗତ, ବିଷ, ଅରଣ୍ୟ, ଚିଡ଼ିଆଖାନା*

## ଅକ୍ଷମତା

ଯେତେବେଳେ ଜଣଙ୍କ ଶରୀର କିମ୍ବା ମନ ଠିକ୍ ଭାବରେ କାମ କରିପାରେ ନାହିଁ ସେ କ୍ଷେତ୍ରରେ ତାଙ୍କ ଠାରେ ଅକ୍ଷମତା ଦେଖାଦେଇଛି ବୋଲି ଧରାଯାଇଥାଏ । ଶରୀରର କୌଣସି ଅଙ୍ଗ ନ ଥିଲେ ବା ସେଥିରେ କ୍ଷତି ପହଞ୍ଚିଥିଲେ ଶାରୀରିକ ଅକ୍ଷମତା ଦେଖାଦିଏ । ମସ୍ତିଷ୍କରୁ ସ୍ନାୟବିକ ଆଦେଶ ନପାଇବା ଫଳରେ ମଧ୍ୟ ଅଙ୍ଗସଞ୍ଚାଳନାରେ ଅସୁବିଧା ଦେଖା ଦେଇଥାଏ ଓ ସାଧାରଣତଃ ଆମେ ଏହାକୁ ପକ୍ଷାଘାତଜନିତ ଅକ୍ଷମତା ବୋଲି କହିଥାଉ । ଅନ୍ଧତ୍ୱ, ଶ୍ରବଣଶକ୍ତିହୀନତା ତଥା ପଞ୍ଚେନ୍ଦ୍ରିୟ ଭିତରୁ ଯେ କୌଣସି ଗୋଟିକର ଉପଯୋଗ ନ କରି ପାରିବା ହେଉଛି କେତେକ ଧରଣର ସଂବେଦୀ ଅକ୍ଷମତା । ଶିଶୁ ମାନଙ୍କ କ୍ଷେତ୍ରରେ ଅନେକ ସମୟରେ ଭାବିବା, ଚିନ୍ତା କରିବା, ବୁଝିବା କିମ୍ବା ମନେ ରଖିବାରେ ଅକ୍ଷମତା ଯୋଗୁଁ ପାଠ ପଢ଼ିବା ଭଳି କାମର ମାତ୍ରା ତୁଳନାତ୍ମକ ଭାବେ ଧୀର ହୋଇ ଯାଇଥାଏ ।

କେତେକ ଧରଣର ଅକ୍ଷମତା କିନ୍ତୁ ହେଲା ଜନ୍ମଗତ ଓ ମାତୃଗର୍ଭରେ ଥିଲାବେଳେ ଶିଶୁ ଠାରେ ବହୁ କାରଣରୁ ଏଭଳି ଅକ୍ଷମତା ପ୍ରକାଶ ପାଇଥାଏ । ସାଂଘାତିକ ଅସୁସ୍ଥତା କିମ୍ବା ଦୁର୍ଘଟଣାରୁ ମଧ୍ୟ ଜଣଙ୍କ କ୍ଷେତ୍ରରେ ଅକ୍ଷମତା ଦେଖା ଦେଇଥାଏ । ବାର୍ଦ୍ଧକ୍ୟ ଯୋଗୁଁ ବୟସ୍କ ଲୋକଙ୍କ ମନ ଓ ଶରୀର—ଏ ଉଭୟରେ କାଳକ୍ରମେ ବିଭିନ୍ନ ପ୍ରକାର ଅକ୍ଷମତା ସୃଷ୍ଟି ହୋଇଥାଏ । କେତେକ ସ୍ଥଳରେ ଅଜଣା କାରଣରୁ ମଧ୍ୟ ଜଣେ ଜଣେ ଅକ୍ଷମ ହୋଇ ଉଠିଥା'ନ୍ତି ।

ଅକ୍ଷମତାଗ୍ରସ୍ତ ଲୋକେ ଯେଭଳି ସାଧାରଣ ଭାବରେ ଚଳିପାରିବେ ସେକଥା ଦେଖିବା ହେଲା ସମାଜ ତଥା ରାଷ୍ଟ୍ରର କର୍ତ୍ତବ୍ୟ । ଭାରତ ସମେତ ପୃଥିବୀର ବହୁଦେଶରେ ଏଥିପାଇଁ ଆଇନ ପ୍ରଣୟନ କରାଯାଇଛି । ଅତ୍ୟାଧୁନିକ ଅଟ୍ଟାଳିକା, ପରିବହନ ବ୍ୟବସ୍ଥା ତଥା ଅନ୍ୟାନ୍ୟ ସାଧାରଣ ସ୍ଥାନଗୁଡ଼ିକୁ କିଭଳି ଅକ୍ଷମ ଲୋକେ କୌଣସି ଅସୁବିଧା ନ ଭୋଗି ବ୍ୟବହାର କରିପାରିବେ ସେଥିପାଇଁ ସେଗୁଡ଼ିକୁ 'ଅକ୍ଷମ ଉପଯୋଗୀ ଡିଜାଇନ' କରିବା ନିମନ୍ତେ ଅନେକ ଦେଶରେ ଆଇନଗତ ବାଧ୍ୟକତା ରହିଛି । ଟେକ୍ନୋଲଜି ଓ ଚିକିତ୍ସାଶାସ୍ତ୍ରର ବିକାଶ ଫଳରେ ଏ ଦୁଇଟି ବିଦ୍ୟା ମିଳିତ ଭାବେ ଉଦ୍ୟମ କରୁଛନ୍ତି ଅକ୍ଷମ ଲୋକଙ୍କ ଜୀବନଧାରଣ ପଦ୍ଧତିକୁ ସହଜ ତଥା ଉପଯୋଗୀ କରିଦେବା ପାଇଁ । ସେହି ଉଦ୍ୟମର ଫଳସ୍ୱରୂପ ଅନ୍ୟର ସାହାଯ୍ୟ ନ ନେଇ ସେମାନେ ବ୍ୟବହାର କରି ପାରୁଥିବା ଯନ୍ତ୍ରପାତି ସବୁ ବାହାରି ପଡ଼ୁଛି । ଆହୁରି ମଧ୍ୟ ପୃଥିବୀବ୍ୟାପୀ ଅକ୍ଷମ ଲୋକେ ଅନ୍ୟ ଉପରେ ନିର୍ଭରଶୀଳ ନ ହୋଇ କାମ କରି ଚଳିବା ନିମନ୍ତେ ଉଦ୍ୟମ କରୁଛନ୍ତି । ପ୍ରଥମେ ପ୍ରଥମେ ସମାଜରେ ଯେଉଁ ଧାରଣା ଥିଲା ଯେ 'ଅକ୍ଷମତା ହେଲା ଭଗବାନଙ୍କ ଅଭିଶାପ'—ସେଭଳି ଧାରଣାର କୌଣସି ଭିତ୍ତି ନାହିଁ ବୋଲି ଆଜି ସ୍ୱୀକୃତ ହୋଇଗଲାଣି । ସମାଜରେ ଜଣେ ସାଧାରଣ 'କ୍ଷମ' ଲୋକର ଯେତିକି ଗୁରୁତ୍ୱ ରହିଛି, ଜଣେ 'ଅକ୍ଷମ' ଲୋକର ମଧ୍ୟ ସେତିକି ଗୁରୁତ୍ୱ ରହିଛି ବୋଲି ସମାଜ ତଥା ଆଇନ ଏକବିଂଶ ଶତାବ୍ଦୀର ଆରମ୍ଭ ବେଳକୁ ସ୍ୱୀକାର କରିଗଲେଣି ।

ଇଂଲଣ୍ଡର ନୂତନ ଶିକ୍ଷା ଓ କର୍ମନିଯୁକ୍ତି ମନ୍ତ୍ରୀ ଭାବରେ ୧୯୯୭ ମସିହା ମେ ମାସରେ କାର୍ଯ୍ୟଭାର ଗ୍ରହଣ କରିଥିବା ଶ୍ରୀ ଡାଭିଡ୍ ବ୍ଲଙ୍କେଟ ହେଉଛନ୍ତି ଜନ୍ମାନ୍ଧ । ଏଥିରୁ ଜଣାପଡ଼ିଯାଉଛି ଯେ, କୌଣସି ପ୍ରକାର ଅକ୍ଷମତା ଦୋଷରୁ ଜଣେ ସଂପୂର୍ଣ୍ଣ ଉପଯୋଗୀ ଜୀବନ ବିତାଇବାରେ କିଛି ଅସୁବିଧା ନାହିଁ ।

***ସମ୍ବନ୍ଧୀୟ ବିଷୟ***

*ସମାଜ, ଚିକିତ୍ସାବିଜ୍ଞାନ, ଇନ୍ଦ୍ରିୟ, ଆଇନ, ଅଧିକାର, ଟେକ୍ନୋଲଜି, ମାନବଶରୀର, ମାନବୀୟ ଉତ୍କର୍ଷତା,ଅନ୍ଧତ୍ୱ ଓ ଆହୁରି ଅନେକ ବିଷୟ*

## ଅକ୍ଷୟ ତୃତୀୟା

ବୈଶାଖୀ ମାସର ଶୁକ୍ଳପକ୍ଷ ତୃତୀୟାକୁ ଅକ୍ଷୟ ତୃତୀୟା ବୋଲି କୁହାଯାଇଥାଏ । ଗୋଟିଏ ପୁଣ୍ୟ ଦିବସ ଭାବରେ ଏହା ସବୁବେଳେ ସ୍ୱୀକୃତ ହୋଇ ଆସିଛି । ଅକ୍ଷୟ ତୃତୀୟା ଦିନ 'ସତ୍ୟଯୁଗ' ଆରମ୍ଭ ହୋଇଥିଲା ବୋଲି କେତେକ ସ୍ଥଳରେ ଉଲ୍ଲେଖ ଅଛି । ଭଗବାନ ସେହିଦିନ ଯବ ବା ଶସ୍ୟ ସୃଷ୍ଟି କରିବା ସଙ୍ଗେ ସଙ୍ଗେ ଗଙ୍ଗାଙ୍କୁ ଦେବଲୋକରୁ ମର୍ତ୍ତ୍ୟଲୋକକୁ ଅବତରଣ କରାଇଥିଲେ ବୋଲି ମଧ୍ୟ କୁହାଯାଏ । ଓଡ଼ିଆ ସଂସ୍କୃତିରେ ଅକ୍ଷୟ ତୃତୀୟାର ମହତ୍ତ୍ୱ ସ୍ୱତନ୍ତ୍ର । ଏହିଦିନ ଧାନବୁଣା ଆରମ୍ଭ ହୁଏ ଓ ଜମି ବା ବିଲ ପାଗ ହୋଇଥାଉ ବା ନ ହୋଇଥାଉ, ସେଥିରେ କୃଷୀ ବିହନ ପକାଇଥାଏ । ମହାପ୍ରଭୁ ଜଗନ୍ନାଥଙ୍କ ଚନ୍ଦନଯାତ୍ରା ଏହି ତୃତୀୟା ଠାରୁ ଆରମ୍ଭ ହୁଏ । ଜଗନ୍ନାଥଙ୍କ ରଥଗଢ଼ା ମଧ୍ୟ ଏହିଦିନ ଆରମ୍ଭ ହୋଇଥାଏ ।

***ସମ୍ବନ୍ଧୀୟ ବିଷୟ***

*ଧର୍ମ, ଋତୁ, କୃଷି, ଓଡ଼ିଆ ସଂସ୍କୃତି, ଶ୍ରୀଜଗନ୍ନାଥ*

## ଅକ୍ଷର

ଗୋଟିଏ ଭାଷାରେ ଉଚ୍ଚାରିତ ହେଉଥିବା ଶବ୍ଦ ଗୁଡ଼ିକର ପ୍ରତିନିଧିତ୍ୱ କରୁଥିବା ପ୍ରତୀକ ସେଟ୍ ବା ଲିପିଚିହ୍ନ । ପୃଥିବୀର ପ୍ରାୟ ସବୁ ଉନ୍ନତ ଭାଷାର ପ୍ରକାଶ ନିମନ୍ତେ ଅକ୍ଷର ସୃଷ୍ଟି କରାଯାଇପାରିଛି ।

''କାହାଣୀ ବୋଲି ଜଣା ପଡୁଥିଲେ ମଧ୍ୟ ଦିନେ ଏଭଳି ନିଶ୍ଚୟ ଘଟିଥିବ । ଗୋଟିଏ ଯୁଗରେ ମଣିଷ ଜାତି ଏମିତି ଗୋଟାଏ ଅସୁବିଧାରେ ପଡ଼ିଥିଲା ଯେ ସମସ୍ତଙ୍କ ମନଟା ଏକାବେଳେକେ ଖରାପ ହୋଇଗଲା । କିଛି ଗୋଟାଏ ବାଟ ବାହାର କରିବା ପାଇଁ ତା' ମନ ଉଚ୍ଛନ୍ନ ହେଉଥାଏ, କିନ୍ତୁ ସହଜରେ କିଛି ବାଟ ଦେଖାଯାଉ ନଥାଏ । କିନ୍ତୁ ମଣିଷ ମନ କ'ଣ ସେତିକିରେ ମାନିଲା । ଗୋଟିଏ କଥା ଅନ୍ୟ ଜଣକୁ କହିଲା । ଦୂର ଜାଗାକୁ ଯାଇଥିଲା । ସେଠି କଅଣ ସବୁ ଦେଖିଥିଲା ତାହା ତା'ର ମନେଥିଲା । ସେ ଅନେକଙ୍କୁ ବସାଇ କ'ଣ ସବୁ ଦେଖିଛି କହିଗଲା । ସେମାନେ ହୁଏତ କିଛି କିଛି ମନେ ରଖି ଅନ୍ୟ କାହାକୁ କହିଥିବେ । ସେମାନେ ତ ଦେଖି ନାହାନ୍ତି—ଯେତିକି ମନେ ରହିଲା କହିଲେ । ସେଇଠି କଥାଟି ସରିଗଲା ।

''*ଅ, ଆ, କ, ଖ, ମ, ଯ, ଚ* ଭଳି ଯେଉଁ ବର୍ଣ୍ଣସବୁ ମନୁଷ୍ୟ ସୃଷ୍ଟି କରିଛି ଓ ଯାହାକୁ ପରେ ଅକ୍ଷର ବୋଲି କହିଲେ, ସେଗୁଡ଼ିକର ଗୋଟିଏ ଗୋଟିଏ ଚିତ୍ର ଯଦି ଆଙ୍କି ଦିଆଯାଆନ୍ତା, ତାହେଲେ ଜଣଙ୍କର କଥାକୁ ସାଇତି ଦିଆଯାଆନ୍ତା । ପରେ ଅନ୍ୟମାନେ ତାକୁ ଦେଖିଲେ କହିପାରନ୍ତେ ସେ କଅଣ କହିଛି ।

''ଏହି ଆଲୋଚନାରୁ କ୍ରମେ ବାହାରିଲା ଛାତିରୁ ବାହାରୁଥିବା ଧ୍ୱନିକୁ କେମିତି ରୂପ ଦିଆଯିବ । '*ଅ*' ବୋଲି ଯେଉଁ ଧ୍ୱନି ବାହାରୁଛି ତାକୁ ଅକ୍ଷରରେ ଏମିତି ଲେଖିଦିଆଗଲା—*ଅ* । ଆଉ ଗୋଟାଏ ଧ୍ୱନିକୁ ଏମିତି ଲେଖି ଦିଆଗଲା—*କ* । ପୁଣିଗୋଟାଏ ଧ୍ୱନିକୁ *ଳ*—ଏମିତି ଲେଖି ଦିଆଗଲା । *ଅ, କ, ଳ* ପାଖକୁ ପାଖକୁ ଲେଖିଦେଲାବେଳକୁ 'ଅକଳ' ବୋଲି ଶବ୍ଦଟିଏ ହୋଇଗଲା । ଏମିତି ବିଚାରି ବିଚାରି ଓଡ଼ିଆରେ ୪୯ ପ୍ରକାର ଧ୍ୱନି ଯାହାକୁ କି ବର୍ଣ୍ଣ ବୋଲି କୁହାଯାଏ ତା'ରି ପାଇଁ ଗୋଟିଏ ଗୋଟିଏ ଅକ୍ଷର ଲେଖି ଦିଆଗଲା । ଥରେ ଅକ୍ଷରରେ ଲେଖା ହୋଇଗଲେ ସେଇଟି ବହୁକାଳ ପର୍ଯ୍ୟନ୍ତ ରହିଲା । ଆଜିକାଲି ଆମେ ଯେ କହୁଛୁ 'ଅକ୍ଷର ଅମର' ତାରି ମୂଳ ଯାଇ ରହିଛି ସେଇଠି । କଥାଟା ପବନରେ ମିଶିଯାଉଛି । କିନ୍ତୁ ଅକ୍ଷରଟା ପଥର, କାଠ, କାଗଜରେ ରହି ଯାଉଛି । ତା'ର ମୃତ୍ୟୁ ନାହିଁ । ଯେଉଁ ଲୋକ କଥା କୁହାଗଲା




ପୃଥିବୀର କେତେକ ଭିନ୍ନ ଭାଷାର ଅକ୍ଷର । ବାମପଟେ (ଉପରୁ ତଳକୁ) ରହିଛି ଆଧୁନିକ ହିବ୍ରୁ, ଆମହାରିକ୍, ଆରବୀ, ପାରସୀ, ଉର୍ଦ୍ଦୁ, ଆଧୁନିକ ଗ୍ରୀକ୍, ଆର୍ମେନୀୟ, ଜର୍ଜିଆନ୍, ଆଇରିସ୍ ଓ ରୁଷୀୟ ଭାଷାର ଅକ୍ଷର । ଡାହାଣ ପଟେ (ଉପରୁ ତଳକୁ) ରହିଛି ଜର୍ମାନ୍, ହିନ୍ଦୀ, ଗୁଜରାଟୀ, ବଙ୍ଗଳା, ପଞ୍ଜାବୀ, ସିଂହଳୀ, କନ୍ନଡ଼, ତେଲୁଗୁ, ମାଲାୟାଲମ୍, ତାମିଲ, ବର୍ମୀ ଓ ଶ୍ୟାମଦେଶୀ ଅକ୍ଷରର ନମୁନା ।

ତା' ବେଳେ ଯଦି ଅକ୍ଷର ବାହାରି ଆଥାନ୍ତା ସେ ଯାହା ଦେଖିଥିଲା ସବୁତକ ହୁଏତ ଲେଖି ପକାଇ ଥାଆନ୍ତା । ତାକୁ ବହୁଲୋକ ପଢ଼ିଥାଆନ୍ତେ । ତା କଥାତ ଆଉ ପବନରେ ମିଶି ଯାଇ ନଥା'ନ୍ତା ।"

ଏଇ ଅକ୍ଷର ସବୁର ଗୋଟାଏ ପ୍ରକାରର ସ୍ୱତନ୍ତ୍ରତା ଦେଖାଯାଏ । ଆମ ଓଡ଼ିଆ ବର୍ଣ୍ଣମାଳାରେ *'କ'* ହେଉଛି ଗୋଟାଏ ସ୍ୱତନ୍ତ୍ର ଧ୍ୱନିର ଚିତ୍ର । ତାକୁ କେମିତି ଲେଖା ଯାଉଛି ତାକୁ ତ ସମସ୍ତେ ଜାଣୁଛନ୍ତି । କିନ୍ତୁ ଯେତେବେଳେ ବିହାରକୁ ଯିବା ଓ କହିବା ଏଇ *କ* ଧ୍ୱନିକୁ ସେମାନେ କେମିତି ରୂପ ଦେଇଛନ୍ତି ଟିକିଏ ଦେଖାଇ ଦିଅନ୍ତୁ, ସେମାନେ ଗୋଟିଏ ନୂଆ ଢଙ୍ଗରେ ଲେଖିବେ ଓ କହିବେ ଇଏ ହେଉଛି *କ* ଧ୍ୱନିର ଚିତ୍ର । ଭାରତବର୍ଷର ସ୍ୱରିଆଡ଼େ ବୁଲି ଆସିଲେ ଏହି ଏକ *'କ'* ଧ୍ୱନିର ୧୫।୧୬ ପ୍ରକାର ରୂପ ଦେଖାଯିବ । ସମସ୍ତେ କହୁଛନ୍ତି *କ*, କିନ୍ତୁ 'ଚିତ୍ର'ଗୁଡ଼ିକ ଭିନ୍ନ ଭିନ୍ନ । ସେହି ଭିନ୍ନ ଭିନ୍ନ ଚିତ୍ର ଭିନ୍ନ ଭିନ୍ନ ନାମ ପାଇଛନ୍ତି ଓ ଏଇଟା ବଙ୍ଗଳା ଅକ୍ଷର, ଏଇଟା ହିନ୍ଦୀ ଅକ୍ଷର, ସେଇଟା ତେଲୁଗୁ ଅକ୍ଷର ବୋଲି କହିଦିଆ-ଯାଉଛି । ଭିନ୍ନ ଭିନ୍ନ ପ୍ରକାରର *କ* ଲେଖାକୁ ଦେଖିଦେଇ ଆମେ *'କ'* କହିଲାବେଳେ ଯେମିତି ଧ୍ୱନି କରୁ, ଇଉରୋପୀୟମାନେ ମଧ୍ୟ ସେମିତି *କ* କୁହନ୍ତି । ଆମେ ସେହି ଧ୍ୱନିକୁ ଏମିତି *(କ)* ଲେଖିଲା ବେଳକୁ, ସେମାନେ ଲେଖୁଛନ୍ତି **K** । ସେମିତି ପୃଥିବୀ ବୁଲିଆସିଲା ବେଳକୁ ବହୁ ପ୍ରକାରର *'କ'* ଧ୍ୱନି ରୂପକୁ ବହୁ ପ୍ରକାରର ଲେଖାରେ ଦେଖାଯାଉଛି ।

ପୃଥିବୀରେ ଭିନ୍ନ ଭିନ୍ନ ଅଂଶରେ କେତେ ପ୍ରକାରର ଅକ୍ଷର ଅଛି ଓ ସେଗୁଡ଼ିକୁ କିଭଳି ଭାବରେ ଲେଖା ଯାଉଛି ସେ ବିଷୟରେ ଜଣେ ଜାଣିବା ଉଚିତ । କେତେକ ଅଞ୍ଚଳରେ ଅକ୍ଷର ଲେଖିବା ଗୋଟାଏ ପ୍ରକାର ଚିତ୍ର ଆଙ୍କିବା ପଦ୍ଧତିରୁ ଆରମ୍ଭ ହେଲା—ଭାବ ପ୍ରକାଶ ପାଇଁ । କଥାଟାକୁ ଅକ୍ଷର ରୂପ ଦେବାପାଇଁ ଚୀନ ଦେଶରେ ଯେଉଁ ଜଟିଳ ବାଟ ବଛାଗଲା, ଓଡ଼ିଆ ବା ଇଂରାଜୀ ଅକ୍ଷର ଲେଖିଲା ବେଳେ ସେମିତି କରାଯାଇନାହିଁ । ଗୋଟିଏ ଗାର ଓ ଗୋଟିଏ ଅର୍ଦ୍ଧଚନ୍ଦ୍ରକୁ ମୂଳ ବୋଲି ଧରାଗଲା । ଅର୍ଦ୍ଧଚନ୍ଦ୍ରକୁ ଏକାଠି ଯୋଡ଼ି-ଦେଲେ (୦) ଶୂନ ଭଳି ହୋଇଗଲା । ରୋମ୍‌ର ଲୋକେ ତ ମାତ୍ର ଛବିଶଟି ଅକ୍ଷର ବାହାର କଲେ । ସେଥିରୁ ସେମାନେ ୧୫ଟିକୁ କେବଳ ସିଧା ଗାର ପକାଇ ଲେଖିଦେଲେ । ସେହି ଗାରଗୁଡ଼ିକୁ ଟିକିଏ ସଜାଇ ଦେଲେ ।

ଭାରତର ଭିନ୍ନ ଭିନ୍ନ ଅଞ୍ଚଳରେ ଯେଉଁସବୁ ଅକ୍ଷର ରହିଛି ସେଗୁଡ଼ିକ ଏତେ ସରଳ ଭାବରେ ଲେଖା ନଯାଇଥିଲେ ମଧ୍ୟ ଅଧିକାଂଶ ସ୍ଥଳରେ ଲେଖିବାର ଢଙ୍ଗଟା ସମାନ ଥିବାରୁ କେବଳ ଅକ୍ଷର ଚିହ୍ନିଲେ ଯେ କୌଣସି ଭାଷା ପଢ଼ି ହୋଇଯାଉଛି । କିନ୍ତୁ କୁହାଯାଇଛି ଯେ ପୃଥିବୀର ଗୋଟାଏ ଅଂଶର ଲୋକେ ଆଉ ଏଇ ବର୍ଣ୍ଣମାଳା ବା ଅକ୍ଷର ସାହାଯ୍ୟରେ ଲେଖିଲେ ନାହିଁ । ସେମାନେ ଭାବିଲେ ଗୋଟିଏ ଗୋଟିଏ ଶବ୍ଦପାଇଁ ଗୋଟିଏ ଗୋଟିଏ ଚିତ୍ର ଆଙ୍କିଦେବେ । ଚିତ୍ରରୁ ଲୋକେ ବୁଝିଗଲେ କ'ଣ ଲେଖାଯାଉଛି । ଚୀନ, ଜାପାନ, କୋରିଆ ଆଦି ଦେଶରେ ସେମିତି କଲେ । ସେମାନେ ଯଦି ବଗିଗ୍ନ ବୋଲି ଲେଖିବାକୁ ଚାହିଁଲେ, ଦି'ଟା ମହୁମାଛିର ଚିତ୍ର ପାଖକୁ ପାଖକୁ ଲେଖିଦେଲେ । ଯିଏ 'ପଢୁଆ' ଲୋକ ସେ କହିଦେଲେ ଯେ ଏଇଟା ବଗିଗ୍ନ ବୋଲି ଲେଖା ହୋଇଛି । ଏହିଭଳି ଭାବରେ ହଜାର ହଜାର ଚିତ୍ର ଆଙ୍କି ଦିଆଗଲା । ସେଗୁଡ଼ିକୁ ସବୁତକ ଚିହ୍ନିଲେ ଯାଇ ଚୀନା ଭଳି ଭାଷାକୁ ଭଲ ଭାବରେ ପଢ଼ିପାରିବା ସମ୍ଭବ ।

ପୃଥିବୀରେ ପ୍ରାୟ ତିନିହଜାର ଭାଷା ରହିଛି । କିନ୍ତୁ ସବୁ ଭାଷାର ଅକ୍ଷର ନାହିଁ । କେବଳ ୩୦୦ରୁ କମ୍ ଭାଷାରେ ପ୍ରକୃତ ଅର୍ଥରେ ଲିପି ବା 'ଲେଖିବା ଅକ୍ଷର' ଅଛି । ଅନ୍ୟଗୁଡ଼ିକରେ ଯେଉଁସବୁ ଅକ୍ଷରର ଚଳନ ଅଛି ସେଥିଭିତରୁ ଗୋଟାଏ ନା ଗୋଟାକୁ ଆଦରି ଯାଇଛନ୍ତି ନିଜ ଭାଷାରେ ଲେଖିବା ପାଇଁ । ପ୍ରାୟ ୬,୦୦୦ ବର୍ଷ ପୂର୍ବେ ଚିତ୍ର-ଅକ୍ଷର ସବୁ ଲେଖାଯିବା ଆରମ୍ଭ ହୋଇଥିଲେ ମଧ୍ୟ ପ୍ରାୟ ୩,୫୦୦ ବର୍ଷ ତଳେ ଭୂମଧ୍ୟ ସାଗର କୂଳରୁ ପ୍ରକୃତ ଅର୍ଥରେ ଆଧୁନିକ ଅକ୍ଷର ଲେଖିବା ଆରମ୍ଭ ହେଲା ବୋଲି କୁହାଯାଉଛି ।

ଅବଶ୍ୟ ଏହା ସତ୍ତ୍ୱେ ମଧ୍ୟ ପ୍ରକୃତରେ କେଉଁ ଭାଷାରେ ପୃଥିବୀର କେଉଁଠି ଅକ୍ଷର ଲେଖିବା ପ୍ରଥମେ ଆରମ୍ଭ ହେଲା ସେ ବିଷୟରେ ସଠିକ୍ ଭାବରେ କିଛି କୁହାଯାଇ ପାରୁନାହିଁ । ଏକଥା କିନ୍ତୁ ସତ ଯେ ଖ୍ରୀଷ୍ଟପୂର୍ବ ଦ୍ୱିତୀୟ ସହସ୍ରାବ୍ଦ ଶେଷହୋଇ ଆସିଲାବେଳକୁ ଅକ୍ଷର ଲେଖିବା ପ୍ରକ୍ରିୟାରେ ବିଶାଳ ପ୍ରଗତି ସାଧିତ ହୋଇସାରିଥିଲା । ଇସ୍-ରାଏଲ, ଫୋଏନେସିଆ ଓ ଆରାମ ଅଞ୍ଚଳ ସହିତ ଦକ୍ଷିଣ ପଶ୍ଚିମ ଆରବରେ ଆଧୁନିକ ଅର୍ଥରେ ପ୍ରଥମ ଅକ୍ଷରର ସୃଷ୍ଟି ହୋଇଥିଲା ବୋଲି ଅନ୍ୟ କେତେକ ପଣ୍ଡିତମାନଙ୍କ ମତ । ଗ୍ରୀକ୍ ଦେଶର ମଧ୍ୟ ଏଥିରେ ଅବଦାନ ରହିଛି । ଗୋଟିଏ ଭାଷା ଅଞ୍ଚଳରୁ ଅନ୍ୟ ଗୋଟିଏ ଅଞ୍ଚଳରେ ଅକ୍ଷର ଯାଇ କେମିତି ପହଞ୍ଚି ପାରୁଥିଲା, ସେ ବିଷୟରେ ମଧ୍ୟ ବହୁମତ ରହିଛି । କିନ୍ତୁ ବିଜୟୀ ସୈନ୍ୟବାହିନୀ, ବାଣିଜ୍ୟିକ ସଂପର୍କ ଓ ଧର୍ମକୁ ସାଧାରଣତଃ ଅକ୍ଷରବିସ୍ତାର ନିମନ୍ତେ ପ୍ରମୁଖ ଧାରାଭାବରେ ସ୍ୱୀକାର କରାଯାଇଥାଏ ।

ଆଜିର ହିବ୍ରୁ ଅକ୍ଷରର ମୂଳ ଉତ୍ସ ହେଲା 'ବର୍ଗ ହିବ୍ରୁ' ନାମକ ଗୋଟିଏ ଲିପିଚିହ୍ନ ସେଟ୍ । ବାବିଲୋନୀୟ ସମୟର ଆରାମାଇକ ଅକ୍ଷରରୁ ଏହି 'ବର୍ଗହିବ୍ରୁ' ବାହାରି ପଡ଼ିଥିଲା ବୋଲି କୁହା-ଯାଏ । ଖ୍ରୀଷ୍ଟିଆନ ଯୁଗ ଆରମ୍ଭବେଳକୁ ଏହା ଆଜିର ରୂପ ଧରିଗଲାଣି ଓ ସେବେଠାରୁ ସେହି-ଭଳି ରହିଆସିଛି । ଏଥିରେ ସ୍ୱରବର୍ଣ୍ଣ ବୋଲି କହିଲେ ଆମ ଦୃଷ୍ଟିରୁ ଯାହା ବୁଝାଯାଏ, ସେଭଳି କୌଣସି ପ୍ରତୀକ ନାହିଁ । ଆରବୀ ଅକ୍ଷରଟି ମଧ୍ୟ ଆରାମାଇକ୍ ଅକ୍ଷର ସୃଷ୍ଟ । କୁଫିକ୍ ଓ ନାସ୍‌କି— ଏହି ଦୁଇ ରୂପରେ ଆରବୀ ଲେଖା ଯାଇଥାଏ; କିନ୍ତୁ ପ୍ରଥମ ରୂପଟିର ଆଉ ପ୍ରଚଳନ ନାହିଁ ବୋଲି କହିଲେ ଚଳେ । ପବିତ୍ର କୋରାନକୁ ଲେଖିବା, ପଥରରେ ଖୋଦେଇ କରିବା ଓ ମୁଦ୍ରା ଢଳେଇରେ 'ଲେଖିବା' ନିମନ୍ତେ କୁଫିକ୍ ଗୋଟାଏ ସମୟରେ ବ୍ୟବହୃତ ହେଉଥିଲା । ନାସ୍‌କି କିନ୍ତୁ ହେଲା ଆଧୁନିକ ଆରବୀ ଅକ୍ଷରର ମୂଳ ଉତ୍ସ । ହାତରେ ଲେଖିବା ନିମନ୍ତେ ଏହାର 'ଗଠନ' ଅତ୍ୟନ୍ତ ସୁବିଧା-ଜନକ । ହିବ୍ରୁ ଭଳି ଆରବୀରେ ମଧ୍ୟ ସ୍ୱରବର୍ଣ୍ଣ ନାହିଁ ବୋଲି କୁହାଯାଇପାରେ ।

ସବୁଯାକ ଭାରତୀୟ ଭାଷାର ଅକ୍ଷରର ମୂଳ ଉତ୍ସ ହେଲା କିନ୍ତୁ ବ୍ରାହ୍ମୀ । ଏହା କେଉଁଠୁ ଆସିଛି ସେ କଥା ନିର୍ଦ୍ଦିଷ୍ଟ ଭାବେ କୁହାଯାଇ ପାରୁନାହିଁ । ବ୍ରାହ୍ମୀ ବ୍ୟତୀତ ଆଉ ଗୋଟିଏ ମୂଳ ଭାରତୀୟ ଅକ୍ଷର 'ଖରୋଷ୍ଠୀ' ଆରାମାଇକରୁ ଆସିଛି ବୋଲି କୁହାଯାଇଥାଏ । ପରେ କାଳକ୍ରମେ କେତେଗୁଡ଼ିଏ ସ୍ତରଦେଇ ବ୍ରାହ୍ମୀ ଗତି କରିଗଲା ଓ ଶେଷରେ ସଂସ୍କୃତ ଭାଷାକୁ ପ୍ରତିନିଧିତ୍ୱ କରୁଥିବା ଦେବନାଗରୀ ଅକ୍ଷରର ସୃଷ୍ଟି ହୋଇଗଲା । ପ୍ରାୟ ୯ମ ଶତାବ୍ଦୀ ସମୟରୁ ଦେବନାଗରୀ ଅକ୍ଷରର ଚେହେରା ଅପରିବର୍ତ୍ତିତ ରହିଛି ବୋଲି ଭାଷାବିତ୍ ତଥା ପଣ୍ଡିତ ମାନଙ୍କ ମତ । ହିବ୍ରୁ ଓ ଆରବୀ ଠାରୁ ଅବଶ୍ୟ ଦେବନାଗରୀ ବହୁଭାବେ ସ୍ୱତନ୍ତ୍ର ।

ଖ୍ରୀଷ୍ଟପୂର୍ବ ପ୍ରାୟ ୧୦୦୦–୯୦୦ ମସିହା ବେଳକୁ ସମ୍ଭବତଃ ଫୋଏନିସୀୟ ଅକ୍ଷରରୁ ଗ୍ରୀକ୍ ଅକ୍ଷର ବାହାରି ପଡ଼ିଥିଲା । ଏହାର ଗୁଡ଼ିଏ ଶାଖା-ଉପଶାଖା ମଧ୍ୟ ପୂର୍ବ-ପଶ୍ଚିମ ଭେଦରେ ସୃଷ୍ଟି ହୋଇଗଲେ । ଏହାର ଗୋଟିଏ ପୂର୍ବଜ ଶାଖା 'ଆୟନିକ' ଶେଷରେ ଖ୍ରୀଷ୍ଟପୂର୍ବ ୪୦୩ ମସିହାରେ ଏଥେନ୍‌ସ ନଗରୀରେ ରାଜକୀୟ ଅକ୍ଷର ଭାବରେ ଗୃହୀତ ହୋଇଗଲା । ଗ୍ରୀକ୍ ଅକ୍ଷର ପରେ ସିରିଲିକ ଓ ଏଟ୍ରୁସ୍‌କାନ ଅକ୍ଷରର ମୂଳ ହୋଇ ଉଠିଲା । ପ୍ରଥମଟି ରୁଷ ଓ ପୂର୍ବ ଇଉରୋପୀୟ ଅଞ୍ଚଳର ଅକ୍ଷର ଗୁଡ଼ିକୁ ଜନ୍ମ ଦେଇଥିଲା ବେଳେ ଦ୍ୱିତୀୟଟି ଜନ୍ମ ଦେଇଦେଲା ଆଜିର ଲାଟିନ ଅକ୍ଷରକୁ । ପରେ ରୋମୀୟମାନେ ଏଟ୍ରୁସ୍‌କାନ ଅକ୍ଷରକୁ ଆଦରି ଯାଇ ରୋମାନ ଅକ୍ଷର ସୃଷ୍ଟି କରିଦେଲେ ।

***ସମ୍ବନ୍ଧୀୟ ବିଷୟ***

*ଭାଷା, ସାହିତ୍ୟ, ଭାଷାତତ୍ତ୍ୱ, ବ୍ୟାକରଣ.*

*ମୁଦ୍ରଣ, କଂପିଉଟର, ଚିତ୍ରକଳା, ଶିକ୍ଷା, ମାନବ ସଭ୍ୟତା, ନୃତତ୍ତ୍ୱ, ବ୍ରାହ୍ମୀ*

▷▷

## ଅକ୍ଷାଂଶ-ଦ୍ରାଘିମା

ମଣିଷ ଯେଉଁ ଯୁଗରେ ନିଜ ଘରଠାରୁ ବେଶୀ ଦୂରକୁ ଯାଉ ନଥିଲା ସେ ଯୁଗରେ ସେ ପୃଥିବୀର କେଉଁ ସ୍ଥାନରେ ରହିଛି ତାହା ଜାଣିବା ପାଇଁ ଇଚ୍ଛା କରୁ ନଥିଲା । ସେଭଳି ଜାଣିବା ମଧ୍ୟ ଆବଶ୍ୟକ ନଥିଲା । ପରେ କିନ୍ତୁ ଅବସ୍ଥା ବଦଳିଗଲା । ଜାହାଜଟିଏ ମହାସାଗର ଭିତରେ ଚାଲିଛି । ସବୁବେଳେ ଜାହାଜର କାପ୍‌ଟେନ୍ ଜାଣିବାକୁ ଚାହୁଁଛନ୍ତି ପୃଥିବୀର ସେ ଠିକ୍ କେଉଁ ସ୍ଥାନରେ ଅଛନ୍ତି । ତାହା ନହେଲେ 'ଦିଗବଣା' ବା ବାଟବଣା ହୋଇଯିବେ । ଉଡ଼ାଜାହାଜ ଆକାଶରେ ଯାଉଛି । କେତେବେଳେ କେଉଁଠି ଅଛି, ତାହା ଚାଳକ ଜାଣିବା ଓ ତଳକୁ ତଥା ଅନ୍ୟ ଉଡ଼ାଜାହାଜକୁ ଖବର ଦେବା ଆବଶ୍ୟକ । ଟିକିଏ ଭୁଲ ଖବର ହୋଇଗଲେ ଅସୁବିଧା ହୋଇପାରେ । ଏହିସବୁ ଅସୁବିଧା ଦୂର କରିବା ନିମନ୍ତେ ମଣିଷ ଉଦ୍ୟମ କଲା ସମଗ୍ର ପୃଥିବୀର ସବୁ ସ୍ଥାନକୁ ଚିହ୍ନଟ କରିବା ପାଇଁ । ତାହା କରିବା ପାଇଁ କ୍ରମେ ସେ ଗୋଟିଏ ସହଜ ବାଟ ମଧ୍ୟ ବାହାର କରିଦେଲା । ପୃଥିବୀଟାତ 'ଗୋଲାକାର' । ସେହି ଗୋଲକର ଯେଉଁଠି ସବୁଠାରୁ ବେଶୀ ପଦାକୁ ବାହାରି ପଡିଛି ବା ସେହିଠାରେ ଗୋଟାଏ କାଳ୍ପନିକ ବୃତ୍ତାକାର ଗାର ଟାଣିନେଲା । ତାକୁ କହିଲା ବିଷୁବ ରେଖା । ସମାନ ଦୂରତା ରଖି ଏହାର ଉପରକୁ ଉପରକୁ ମଧ୍ୟ ବୃତ୍ତାକାର ଗାର ଟାଣିଲା । ଏମିତି କରି କରି ଉତ୍ତର ମେରୁ ପାଖରେ ପହଞ୍ଚିଗଲା । ଏଣେ ତଳକୁ ମଧ୍ୟ ସେମିତି ଟାଣି ଟାଣି ଦକ୍ଷିଣ ମେରୁ ପାଖରେ ପହଞ୍ଚିଗଲା । ହିସାବ କରିବାକୁ ସୁବିଧା ହେବ ବୋଲି ସେଗୁଡ଼ିକୁ ଡିଗ୍ରୀ(°) ବୋଲି କୁହାଯାଏ । ବିଷୁବରେଖା ଗୋଲେଇକୁ ୦° ବୋଲି ଧରିବାରୁ ଉତ୍ତର ମେରୁ ପାଖରେ ହେଲା ୯୦° । ସେମିତି ଦକ୍ଷିଣ ମେରୁ ପାଖରେ ଆଉ ଗୋଟାଏ ୯୦° ଭାଗ । ତେଣିକି ସୁବିଧା ହୋଇଗଲା ଗୋଟାଏ ସ୍ଥାନ ପୃଥିବୀର କେତେ ଡିଗ୍ରୀ ଭାଗ ବା ଦେହରେ ରହିଛି ସେକଥା ଜାଣିବା ପାଇଁ ।




ଗୋଟାଏ ଅର୍ଥରେ ଅକ୍ଷାଂଶ ଓ ଦ୍ରାଘିମାର ଡିଗ୍ରୀ ହେଲା ପୃଥିବୀର କେନ୍ଦ୍ରରୁ ମପାଯାଉଥିବା କୋଣର ଡିଗ୍ରୀ ମାପ ।

କିନ୍ତୁ ଆଉ ଗୋଟାଏ ଅସୁବିଧା ରହିଗଲା । କଟକ, ଭୁବନେଶ୍ୱର ଭଳି ସହର ଯେଉଁ ୨୦° ଗୋଲେଇରେ ଅଛି ସେଠି ତ ପୃଥିବୀର ବହୁ ସ୍ଥାନ ରହିଛି । ତେବେ ଏହାକୁ ଠିକ୍ ଠାବ କରିହେବ କେମିତି ? ତାହାର ମଧ୍ୟ ଉପାୟ ବାହାର କରାଯାଇଛି । ଉତ୍ତର ମେରୁରୁ ଗୋଟିଏ କାଳ୍ପନିକ ଗାର ଆଣି ବିଷୁବ ରେଖାକୁ କାଟି ତଳେ ଦକ୍ଷିଣ ମେରୁ ପାଖରେ ଛିଣ୍ଡେଇ ଦିଆଯାଇଛି । ଏମିତି ଯେଉଁସବୁ ଗାର ଲମ୍ବାରେ କାଟି ଦିଆଯାଇଛି ସେଗୁଡ଼ିକ ଉତ୍ତରରୁ ଦକ୍ଷିଣକୁ ଆସିଛି । ଗୋଲେଇ ଗାର ଗୁଡ଼ିକ ପୂର୍ବରୁ ପଶ୍ଚିମକୁ ଟଣା ହୋଇଛି । ଏହି ଗୋଲେଇ ଗୁଡାକୁ ଅକ୍ଷାଂଶ ଓ ଉତ୍ତରରୁ ଦକ୍ଷିଣକୁ ଯେଉଁଗୁଡ଼ିକ ଆସିଛି ତାକୁ ଦ୍ରାଘିମା ବୋଲି ନାମ ଦିଆଗଲା । ଯେ କୌଣସି ମାନଚିତ୍ରକୁ ଦେଖିଲେ ଜଣାଯିବ ଏମିତିକା ଗାରସବୁ ରହିଛି । ସବୁ ବଡ ବଡ଼ ସହର କେଉଁ ଅକ୍ଷାଂଶରେ ବା କେଉଁ ଦ୍ରାଘିମାରେ ରହିଛି ତାହା ଆଟ୍‌ଲାସ୍ ଶେଷରେ ଲେଖି ଦିଆଯାଉଛି । କଟକ ରହିଛି ବିଷୁବ ରେଖାର ଉତ୍ତରକୁ ୨୦ ଡିଗ୍ରୀର ଟିକିଏ ଉପରେ । ଏକାବେଳକେ ଠିକ୍ ଭାବରେ କହିବାକୁ ଗଲେ ୨୦.୨୬° ଉତ୍ତର । ଦ୍ରାଘିମା ଗୁଡ଼ିକୁ ଚିହ୍ନଟ କରିବା ପାଇଁ ଗୋଟିଏ ସଂଖ୍ୟା ଦିଆଯାଇଛି । ପ୍ରଥମେ ଉତ୍ତରରୁ ଦକ୍ଷିଣକୁ ଯେଉଁ ଗାର ଟଣାଯାଇଥିଲା, ତାହା ଇଂଲଣ୍ଡର ଗ୍ରୀନ୍‌ଉଇଚ୍ ସହର ନିକଟ ଦେଇ ଯାଇଥିଲା ଓ ସେହି ଗାରକୁ ଶୂନ୍ୟ (୦) ବୋଲି କୁହାଗଲା । ସେଠାରୁ ପୂର୍ବକୁ ଓ ପଶ୍ଚିମକୁ ସମାନ ଦୂରତାରେ ଗାରସବୁ ରହିଛି । ତାହାର ପୂର୍ବକୁ ୮୫° ପାଖରେ କଟକ ନିକଟରେ ଅକ୍ଷାଂଶ ଓ ଦ୍ରାଘିମା କଟାକଟି ହୋଇଛନ୍ତି । (ପ୍ରକୃତରେ ୮୫.୫୩) । ତେଣୁ ମାନଚିତ୍ରରେ ଲେଖାଅଛି କଟକ, ୨୦.୨୬° ଉତ୍ତର ଓ ୮୫.୫୩° ପୂର୍ବ ।

ଖବର କଗଜରେ ବାହାରି ଯାଇଛି ଯେ କଟକରେ ଗୋଟାଏ ବଡ଼ ଘଟଣା ଘଟିଗଲା । ଆମେରିକାରେ ଯିଏ ଅଛନ୍ତି ସେ ତାଙ୍କ ପାଖରେ ଥିବା ଆଟ୍‌ଲାସ୍ ଖୋଲିଦେଲେ । ସେଥିରେ କଟକର ଏହି ଉପର ହିସାବଟା ରହିଯାଇଛି । ତେଣିକି ସେମାନେ ଠିକ୍ ଠାବ କରିଦେଲେ ଏଇଟି କେଉଁଠି । ପୃଥିବୀର ଯେ କୌଣସି ସହର ବା ସ୍ଥାନକୁ ଏମିତି ଚିହ୍ନଟ କରିଦେଇ ହେବ । ମହାକାଶରୁ ପୃଥିବୀପୃଷ୍ଠର ପ୍ରତ୍ୟେକଟି ପଏଣ୍ଟର ଏକଦମ୍ ସଠିକ ଅକ୍ଷାଂଶ ଓ ଦ୍ରାଘିମା ବାହାର କରିଦେବା ସମ୍ଭବ ହୋଇଯିବା ଫଳରେ ପରିବହନ, ଜୀବନରକ୍ଷା, ରିଲିଫ ଓ ଏଭଳି ଆହୁରି ଅନେକ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ କାମ କରିବା ସହଜ ହୋଇଯାଇଛି ।

***ସମ୍ବନ୍ଧୀୟ ବିଷୟ***

*ପୃଥିବୀ, ଭୂଗୋଳ, ଋତୁ, ଭୂବିଜ୍ଞାନ, ଗ୍ଲୋବାଲ ପୋଜିସନିଙ୍ଗ ସିଷ୍ଟମ, ଆଟ୍‌ଲାସ୍*

# ଆ

## ଆ

ଓଡ଼ିଆ ଅକ୍ଷର ଲେଖାଗଲା ବେଳେ ଅ ପରେ 'ଆ'ର ସ୍ଥାନ । ଏଇଟି କେବଳ ଅକ୍ଷର ନୁହେଁ । ଏହାର କିଛି କିଛି ଅର୍ଥ ମଧ୍ୟ ଅଛି । 'ଆସ' ବୋଲି ନକହି 'ଆ' କହିଦେଲେ କାମ ଚଳିଯାଉଛି । କଣ୍ଠରୁ ଏହାର ଉଚ୍ଚାରଣ ହୁଏ । ଆ ଉଚ୍ଚାରଣ କଲାବେଳେ ଓଠ, ଜିଭ ବା ତାଳୁକୁ କାମରେ ଲଗାଇବା ଆବଶ୍ୟକ ନାହିଁ ।

***ସମ୍ବନ୍ଧୀୟ ବିଷୟ***

*ଅକ୍ଷର, ଭାଷା, ଭାଷାତତ୍ତ୍ୱ, ବ୍ୟାକରଣ*

▷ ▷

## ଆଇ.ଏ.ଏସ୍

ଭାରତୀୟ ପ୍ରଶାସନିକ ସେବା ବା 'ଇଣ୍ଡିଆନ୍ ଆଡ୍‌ମିନିଷ୍ଟ୍ରେଟିଭ ସର୍ଭିସ'ର ସଂକ୍ଷିପ୍ତ ନାମ । ଜାତୀୟ ସ୍ତରରେ ଅଫିସର ମାନଙ୍କୁ ତାଲିମ କରି ସମଗ୍ର ଭାରତରେ ଗୋଟିଏ ପ୍ରକାର ବା ଗୋଟିଏ ରୀତିରେ ଶାସନ କାର୍ଯ୍ୟ ଚଳାଇବା ପାଇଁ ଯେଉଁମାନଙ୍କୁ ନିଯୁକ୍ତ କରାଯାଉଛି, ସେମାନେ ଏହି ଶ୍ରେଣୀର ଅନ୍ତର୍ଗତ । ବ୍ରିଟିଶ ଶାସନ ସମୟରେ ଥିବା ଇଣ୍ଡିଆନ ସିଭିଲ ସର୍ଭିସ ଢାଞ୍ଚାରେ ପରେ ଆଇ.ଏ.ଏସ୍ ମାନଙ୍କୁ ନିଯୁକ୍ତ କରାଗଲା । ଏହି ଧରଣର ଅଫିସର ମାନେ ସ୍ୱାଧୀନ ଭାବେ ନିଜ ମତ ଦେବା ନିମନ୍ତେ ଉପଯୁକ୍ତ ବୋଲି ଧାରଣା ରହିଛି । ଇଉନିଅନ୍ ପବ୍ଲିକ ସର୍ଭିସ କମିଶନଙ୍କ ଦ୍ୱାରା ଏମାନେ ବଛାଯାଇଥା'ନ୍ତି । ଭାରତରେ ଅନ୍ୟ ବହୁ ଗୁଡ଼ିଏ ପ୍ରଶାସନିକ ସେବା ଥିଲେ ମଧ୍ୟ ଆଇ.ଏ.ଏସ୍ ମାନେ ହିଁ ଦେଶର ପ୍ରକୃତ ଶାସନ ଚଳାଇଥାନ୍ତି ବୋଲି ଅନେକଙ୍କର ମତ । ରାଜ୍ୟ ପ୍ରଶାସନିକ ସେବାରୁ କେତେକ ବରିଷ୍ଠ ତଥା ଦକ୍ଷ ଅଫିସର ମଧ୍ୟ ଆଇ.ଏ.ଏସ୍ ପାଇବା ପାଇଁ ଗୋଟାଏ ନିର୍ଦ୍ଦିଷ୍ଟ ଚାକିରୀ ସମୟସୀମା ପରେ ଯୋଗ୍ୟ ବିବେଚିତ ହୋଇଥା'ନ୍ତି ।

***ସମ୍ବନ୍ଧୀୟ ବିଷୟ***

*ଭାରତ, ସମ୍ବିଧାନ, ଅମଲାତନ୍ତ୍ର*

▷ ▷

## ଆଇଖ୍‌ମାନ୍, କାର୍ଲ ଆଡଲ୍‌ଫ୍
(୧୯୦୬-୬୨)

ହିଟ୍‌ଲରଙ୍କ ନାଜୀ ଦଳର ଏହି ସଦସ୍ୟ ଜଣଙ୍କୁ ଦ୍ୱିତୀୟ ମହାଯୁଦ୍ଧ ସମୟରେ ହଜାର ହଜାର ନିରୀହ ଇହୁଦି ନରନାରୀଙ୍କ ମୃତ୍ୟୁ ନିମନ୍ତେ ଦାୟୀ କରାଯାଇଥାଏ । ଦ୍ୱିତୀୟ ମହାଯୁଦ୍ଧ ପରେ ପରେ ସେ ଯୁକ୍ତରାଷ୍ଟ୍ର ଆମେରିକା ହାତରେ ଧରାପଡ଼ିଥିଲେ ମଧ୍ୟ ନିଜ ନାମକୁ ଗୋପନ ରଖି ଆର୍ଜେଣ୍ଟିନା ଦେଶକୁ ଖସି ପଳାଇଯାଇଥିଲେ । କିନ୍ତୁ ଇସ୍ରାଏଲୀ ଗୁପ୍ତ ପୁଲିସ ତାଙ୍କୁ ଠାବ କରିବାକୁ ସକ୍ଷମ ହୋଇ, ୧୯୬୦ ମସିହାରେ ନିଜ ଦେଶକୁ 'ଅପହରଣ' କରି ନେଇଆସିଲେ ଓ ବିଚାର ପରେ ଇସ୍ରାଏଲରେ ଆଇଖ୍‌ମାନଙ୍କୁ ମୃତ୍ୟୁଦଣ୍ଡ ଦେଇଦିଆଗଲା ।

***ସମ୍ବନ୍ଧୀୟ ବିଷୟ***

*ଦ୍ୱିତୀୟ ମହାଯୁଦ୍ଧ, ଇହୁଦି, ହଲୋକଷ୍ଟ, ହିଟ୍‌ଲର, ଇସ୍ରାଏଲ*

▷ ▷

## ଆଇଜେନ୍‌ଷ୍ଟାଟ୍, ଆଲ୍‌ଫ୍ରେଡ୍
(୧୮୯୮-୧୯୯୫)

ବିଂଶ ଶତାବ୍ଦୀର ଜଣେ ଶ୍ରେଷ୍ଠ ତଥା ପ୍ରଭାବଶାଳୀ ଫଟୋଗ୍ରାଫର । ପ୍ରସିଦ୍ଧ 'ଲାଇଫ୍' ପତ୍ରିକା ନିମନ୍ତେ ଫଟୋ ସାମ୍ବାଦିକତା କରି ସେ ଆନ୍ତର୍ଜାତୀୟ ଖ୍ୟାତି ଲାଭ କରିଥିଲେ । ଫଟୋଗ୍ରାଫି ଉପରେ ଅନେକ ପୁସ୍ତକ ତାଙ୍କ ଦ୍ୱାରା ପ୍ରଣୀତ ହୋଇଛି । ଗୋଟିଏ ଗୋଟିଏ ନିର୍ଦ୍ଦିଷ୍ଟ ଘଟଣା ଉପରେ ଆଇଜେନ୍‌ଷ୍ଟାଟ୍ ଯେଉଁସବୁ 'ଫଟୋଏସେ' ସୃଷ୍ଟି କରିଦେଉଥିଲେ, ତାହା ସାରା ପୃଥିବୀର ଜନମତକୁ ସେ ଦିଗରେ ପ୍ରଭାବିତ କରିପାରୁଥିଲା ବୋଲି କୁହାଯାଏ ।

***ସମ୍ବନ୍ଧୀୟ ବିଷୟ***

*ଫଟୋଗ୍ରାଫି, ସାମ୍ବାଦିକତା, କଳା, ଲାଇଫ୍ ପତ୍ରିକା*

▷ ▷

## ଆଇଜେନ୍‌ହାୱାର, ଡ୍ୱାଇ.ଡାଭିଡ୍
(୧୮୯୦-୧୯୬୯)

ଏହି ଜେନେରାଲ ଯୁକ୍ତରାଷ୍ଟ୍ର ଆମେରିକାର ଦୁଇଥର ପ୍ରେସିଡେଣ୍ଟ ହୋଇଥିଲେ । କିନ୍ତୁ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ମିତ୍ରପକ୍ଷର ପ୍ରଧାନ ସେନାପତି ଭାବେ ଜର୍ମାନୀକୁ ପରାସ୍ତ କରି ସେ ପ୍ରଥମେ ପୃଥିବୀ ବାସୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଆଇଜେନ୍‌ହାୱାରଙ୍କ ଶାସନ ମୁଖ୍ୟତଃ ବୈଦେଶିକ ନୀତି ପ୍ରଧାନ ଓ କମିଉନିଜମ୍ ବିରୋଧୀ ଥିଲା ।



ଆଇଜେନ୍‌ହାୱାର

ସେ ସମୟର ଯୁକ୍ତରାଷ୍ଟ୍ରରେ କଳା-ଗୋରା ଭେଦ ବିରୋଧରେ ସେ ସବୁବେଳେ ସ୍ୱର ଉତ୍ତୋଳନ କରୁଥିଲେ ।

***ସମ୍ବନ୍ଧୀୟ ବିଷୟ***
*ଯୁକ୍ତରାଷ୍ଟ୍ର ଆମେରିକା, ଦ୍ୱିତୀୟ ମହାଯୁଦ୍ଧ*

▷▷

## ଆଇଟରବିଅମ୍

ଏଇଟି ଗୋଟିଏ ରାସାୟନିକ ମୌଳିକ ଉପାଦାନ । ୧୮୭୮ ମସିହାରେ ସ୍ୱିଡେନ ଦେଶରେ ଏହା ପ୍ରଥମ କରି ମିଳିଥିଲା । ଆଇଟରବିଅମ୍ ଧାତୁ ଦେଖିବାକୁ ରୂପା ଭଳି ଧଳା ଓ ନରମ ।

| | |
|---|---|
| *ପାରମାଣବିକ ନମ୍ବର* | *୭୦* |
| *ପାରମାଣବିକ ଓଜନ* | *୧୭୩.୦୪* |
| *ଗଳନାଙ୍କ* | *୮୨୪° ସେ* |
| *ସ୍ଫୁଟନାଙ୍କ* | *୧,୧୯୩° ସେ* |
| *ଯୋଜ୍ୟତା* | *୨,୩* |

***ସମ୍ବନ୍ଧୀୟ ବିଷୟ***
*ମୌଳିକ ଉପାଦାନ*

▷▷

## ଆଇଟ୍ରିଅମ୍

ଏଇଟି ଗୋଟିଏ ରାସାୟନିକ ମୌଳିକ ଉପାଦାନ । ୧୭୯୪ ମସିହାରେ ଆଇଟ୍ରିଅମ୍‌କୁ ପ୍ରଥମ କରି ପୃଥକ୍ କରାଯାଇପାରିଲା । ପ୍ରକୃତିରେ ମିଳିବା ସଙ୍ଗେ ସଙ୍ଗେ ନାଭିକୀୟ ବିଖଣ୍ଡନରୁ ମଧ୍ୟ ଏହା ମିଳିଥାଏ । ବିଭିନ୍ନ ପ୍ରକାରର ମିଶ୍ରଧାତୁ ପ୍ରସ୍ତୁତି ଓ ଅନ୍ୟାନ୍ୟ ଧାତବୀୟ କାର୍ଯ୍ୟରେ ଆଇଟ୍ରିଅମ୍‌ର ଉପଯୋଗିତା ରହିଛି ।

| | |
|---|---|
| *ପାରମାଣବିକ ନମ୍ବର* | *୩୯* |
| *ପାରମାଣବିକ ଓଜନ* | *୮୮.୯୦୫* |
| *ଗଳନାଙ୍କ* | *୧,୫୨୩° ସେ* |
| *ସ୍ଫୁଟନାଙ୍କ* | *୩,୩୩୭° ସେ* |
| *ଯୋଜ୍ୟତା* | *୩* |

***ସମ୍ବନ୍ଧୀୟ ବିଷୟ***
*ମୌଳିକ ଉପାଦାନ*

▷▷

## ଆଇନ

ଯେଉଁ ଯୁଗରୁ ଲୋକମାନେ ବହୁ ସଂଖ୍ୟାରେ ଗୋଟିଏ ଗୋଟିଏ ସ୍ଥାନରେ ଘରଦ୍ୱାର କରି ଏକାଠି ରହିଲେଣି ସେହି ଯୁଗରୁ ଆଇନ କଥାଟି ଜନ୍ମ ନେଲାଣି । ଲୋକେ ସମାଜରେ କେମିତି ଚଳିବେ, ନିଜ ନିଜ ଭିତରେ କେମିତି କାରବାର କରିବେ, କି କି କାମ ନିଶ୍ଚୟ କରିବେ ନାହିଁ—ପ୍ରଥମେ ଏଭଳି ଅଳ୍ପ କେତୋଟି ନିୟମ ସମସ୍ତେ ବସି କରିଦେଲେ ଓ ଠିକ୍ କଲେ ଯେ ସେହି ନିୟମକୁ କେହି ଭାଙ୍ଗିବେ ନାହିଁ । ନିୟମ ବା ଆଇନ ମାନି ଚଳିଲେ ସମାଜର ଲାଭ । ସମସ୍ତଙ୍କର ସୁବିଧା ହୁଏ । ନମାନିଲେ ନିଜର ତ କ୍ଷତି—ଅନ୍ୟମାନେ ମଧ୍ୟ ଅସୁବିଧାରେ ପଡ଼ନ୍ତି । ତେଣୁ ପରେ ଠିକ୍ କରିଦିଆଗଲା ଯେ ଯେଉଁ ଲୋକ ଆଇନ ନ ମାନିବ ତାକୁ ସମସ୍ତେ ମିଶି ଉପଯୁକ୍ତ ଆଇନସମ୍ମତ ଦଣ୍ଡ ଦେବେ । ଏଇଟା କାମ ଦେଲା । ଦଣ୍ଡ ଭୟରେ ଅନେକ ଲୋକ ଆଇନର ବିରୋଧ କଲେ ନାହିଁ ।

ମଣିଷ ଯେତେବେଳେ ସରଳ ଜୀବନ କଟାଉଥିଲା ସେତେବେଳେ ଅଳ୍ପ କେତୋଟି ନିୟମ ବାନ୍ଧିଦେଲେ କାମ ଚଳିଯାଉଥିଲା । ସୁବିଧା ହେବ ବୋଲି ସମାଜରେ ଜଣଙ୍କ ଉପରେ ଦାୟିତ୍ୱ ଦିଆଯାଉଥିଲା—କିଏ ଆଇନ ବାହାରକୁ ଯାଇ କିଛି ଗୋଟାଏ କରିଦେଉଛି ତାହା ଦେଖିବା ପାଇଁ । ପୃଥିବୀର ଭିନ୍ନ ଭିନ୍ନ ଅଞ୍ଚଳରେ ଲୋକେ ନିଜର ସୁବିଧା ପାଇଁ ଭିନ୍ନ ଭିନ୍ନ ଆଇନ କରୁଥିଲେ । ଅବସ୍ଥା କ୍ରମେ ବଦଳିଲା । ବେପାର, ବଣିଜ ବଢ଼ିଲା । ବହୁ ଲୋକଙ୍କ ସହିତ ଜଣେ ହୁଏତ ସଂପର୍କ ରଖିଲା । ଭିନ୍ନ ଭିନ୍ନ ଅଞ୍ଚଳର ପରିସ୍ଥିତି ଦୃଷ୍ଟିରୁ 'ଦେଶକେ ଫାଙ୍କ୍, ନଈକେ ବାଙ୍କ୍' ଭଳି କଥା ହେଲା । କିନ୍ତୁ ଯେଉଁ ଦେଶକୁ ଜଣେ ଗଲା ସେ ସେହି ଦେଶର ଆଇନ ମାନିଲା । ନ ମାନିଲେ ତା'ର ଅସୁବିଧା ହେଲା । ଦେଶରେ ସେ ଚଳି ପାରିଲା ନାହିଁ ।

ଏମିତି ହେଉ ହେଉ ବହୁସଂଖ୍ୟାରେ ଆଇନ ସବୁ ବାହାର କରାଗଲା । ବଡ଼ ବଡ଼ ଆଇନ ସଂହିତା ଆଜିକାଲି ତିଆରି ହେଉଛି । ନାନା ପ୍ରକାରର ଆଇନ ବହି ରହିଛି । ଜଣେ କିଏ ଯଦି ଆଇନ ଭାଙ୍ଗିଲା ତା ନାଁରେ ମକଦ୍ଦମା ହେଉଛି । ମକଦ୍ଦମା କରିବା ହେଲା ପୁଲିସ, ପ୍ରସିକ୍ୟୁଟର ବା ଓକିଲଙ୍କ କାମ । ଜଣେ ଦୋଷୀ କି ନୁହେଁ ତାହା ସ୍ଥିର କରିବା ପାଇଁ ବିଚାରପତିମାନେ ଅଛନ୍ତି । ଦଣ୍ଡ ଭୟ ଥାଉ ବା ନଥାଉ ନିଜର ଭଲ ପାଇଁ ସମସ୍ତେ ଆଇନକୁ ମାନି ଚଳିବା ଦରକାର । ଯେଉଁ ଦେଶର ଲୋକେ ଆଇନକୁ ଭଲ ଭାବରେ ମାନନ୍ତି, ସେ ଦେଶର ଲୋକେ ସୁଖ ଶାନ୍ତିରେ ତ ରୁହନ୍ତି, ନିଜର ଉନ୍ନତି ପାଇଁ କାମ କରିବାର ଖୁବ୍ ସୁଯୋଗ ପାଆନ୍ତି । ରାଜ୍ୟ ବା ଦେଶର ବିଧାନ ପରିଷଦ ଓ ସଂସଦର ଗୋଟାଏ ମୁଖ୍ୟ ତଥା ଅତି ଗୁରୁତ୍ୱପୂର୍ଣ୍ଣ କାମ ହେଲା ଆଇନ ତିଆରି ବା ପ୍ରଣୟନ କରିବା ।

***ସମ୍ବନ୍ଧୀୟ ବିଷୟ***
*ଶାସନ, ସମାଜ, ଅପରାଧ, ବିଚାରବ୍ୟବସ୍ଥା, ପୁଲିସ, ସମ୍ବିଧାନ, ବିଧାନ ପରିଷଦ, ଆଇନ କୋଡ୍*

▷▷

## ଆଇନ ଅମାନ୍ୟ ଆନ୍ଦୋଳନ

କଥାଟା ଶୁଣିଲାବେଳକୁ ଅସୁବିଧା ଲାଗୁଛି । ଆଇନ ତ ହେଉଛି ଲୋକଙ୍କର ମଙ୍ଗଳ ପାଇଁ, ସମସ୍ତେ ଭଲଭାବରେ ଚଳିବେ ବୋଲି; ଏଥିରେ ପୁଣି ଆଇନକୁ ଅମାନ୍ୟ କରିବା ପାଇଁ ମହାତ୍ମା ଗାନ୍ଧୀଙ୍କ ଭଳି ଲୋକେ ୧୯୩୦ ମସିହାରେ କହିଲେ କାହିଁକି ? ପ୍ରଥମେ କେବଳ ଭାରତ କାହିଁକି ପୃଥିବୀର ଅନେକ ବିଜ୍ଞ ଲୋକ ଟିକିଏ ଆଶ୍ଚର୍ଯ୍ୟ ହୋଇଗଲେ । କିନ୍ତୁ ପରେ ଯେତେବେଳେ କଥାଟା ପ୍ରକୃତରେ ବୁଝିଗଲେ ସେତେବେଳେ ଯାଇ କହିଲେ ଗାନ୍ଧୀ କେଡ଼େ ବଡ଼ କଥାଟା କହୁଛନ୍ତି ।

ଇଂରେଜମାନେ ଭାରତଟାକୁ ଦଖଲ କରି ଏଭଳି ସବୁ ଆଇନ କରିଦେଲେ ଯେଉଁଥିରେ ଭାରତର ଲୋକଙ୍କର କ୍ଷତି ହେବ, ବିଲାତର ଲୋକଙ୍କର ଲାଭ ହେବ । ଗାନ୍ଧୀ କହିଲେ ଆମେ ସଭ୍ୟ ଜାତି, ଆମ ଉପରେ ଯେଉଁ ଖରାପ ଆଇନ ସବୁ ଲଦି ଦିଆ ହୋଇଛି ଆମେ ତାକୁ ମାନିବୁ ନାହିଁ । ସେତେବେଳେ ଭାରତରେ ଥିବା ବ୍ରିଟିଶ ସରକାର ଗୋଟାଏ ଆଇନ କରିଥା'ନ୍ତି ଯେ ସମୁଦ୍ର ପାଣିରୁ କେହି ଲୁଣ ମାରିପାରିବେ ନାହିଁ, ମାରିବାକୁ ହେଲେ ଟିକସ ଦେବାକୁ ହେବ । ଗାନ୍ଧୀ କହିଲେ ଏକଥା ହୋଇ ପାରିବ ନାହିଁ । ଏଭଳି ଅନ୍ୟାୟ ଆଇନ ଆମେ ମାନିବୁ ନାହିଁ । ସରକାର କହିଲେ ନ ମାନିଲେ ଆମେ ତୁମକୁ ଜେଲ ଦେବୁ । ଗାନ୍ଧୀ କିନ୍ତୁ ତାଙ୍କ ସାଙ୍ଗରେ କେତେଜଣଙ୍କୁ ଧରି ସମୁଦ୍ର କୂଳକୁ ଗ୍ଲଲିଲେ ଓ ସେଠାରେ ଲୁଣ ଆଇନକୁ ଅମାନ୍ୟ କଲେ । ସରକାର ତାଙ୍କୁ ଗିରଫ କରି ଜେଲରେ ରଖିଲେ ସିନା—ଭାରତର ହଜାର ହଜାର ଲୋକ କିନ୍ତୁ ଲୁଣ ଆଇନକୁ ଅମାନ୍ୟ କଲେ । ଏହାକୁ କୁହାଯାଏ 'ଆଇନ ଅମାନ୍ୟ ଆନ୍ଦୋଳନ' । ଏହି ଆନ୍ଦୋଳନ ଲୋକଙ୍କର ସାହସ ବଢ଼ାଇଦେଲା । ସେମାନେ ମାତି ଉଠିଲେ । ଜେଲ ଦଣ୍ଡ, ଲାଠି, ଗୁଳିକୁ ଖାତିର କଲେନାହିଁ । ଏମିତି କିଛି ବର୍ଷ ଗ୍ଲଲିଲା ପରେ ଇଂରେଜ ସରକାର ଦେଖିଲେ ଗାନ୍ଧୀଙ୍କ କଥା ନ ଶୁଣି ସେମାନେ ଏ ଦେଶରେ ରାଜୁତି ଚଳାଇ ପାରିବେ ନାହିଁ ।



'ମୁଠାଏ ଲୁଣ ବଦଳରେ ଗୋଟାଏ ସାମ୍ରାଜ୍ୟ'କୁ ଭାରତରୁ ହଟାଇ ଦେବାର କଳ୍ପନା କେବଳ ଗାନ୍ଧୀହିଁ କରିପାରିଥିଲେ । ଚିତ୍ରରେ ଦାଣ୍ଡି ଅଭିମୁଖେ ମହାତ୍ମା । ପାଖିରେ ଅଛନ୍ତି ସରୋଜିନୀ ନାଇଡୁ ।

ସେମାନଙ୍କର ସଦ୍‌ବୁଦ୍ଧି ହେଲା । ଭାରତକୁ ସ୍ୱାଧୀନ କରି ଏ ଦେଶରୁ ବିଦାୟ ନେଇଗଲେ ।

୧୯୩୦ ମସିହା ମାର୍ଚ୍ଚ ମାସରେ ଗୁଜୁରାତର ଦାଣ୍ଡିଠାରେ ମହାତ୍ମା ଗାନ୍ଧୀ ଲୁଣ ମାରିବାକୁ ସ୍ଥିର କରିଥିଲେ । ଓଡ଼ିଶା ସମେତ ସାରା ଭାରତରେ ତାଙ୍କ ପଦାଙ୍କ ଅନୁସରଣ କରିବାକୁ ହଜାର ହଜାର ସଂଗ୍ରାମୀ ବାହାରି ପଡ଼ିଥିଲେ ଓ 'ଲବଣ ସତ୍ୟାଗ୍ରହ' କରି ଗିରଫ ହୋଇଥିଲେ ।

***ସମ୍ବନ୍ଧୀୟ ବିଷୟ***

*ଭାରତୀୟ ସ୍ୱାଧୀନତା ଆନ୍ଦୋଳନ, ମହାତ୍ମା ଗାନ୍ଧୀ, ଭାରତ, ଓଡ଼ିଶା, ଅସହଯୋଗ ଆନ୍ଦୋଳନ, ଅଗଷ୍ଟ ବିପ୍ଳବ, ବାନରସେନା, ଦାଣ୍ଡିଯାତ୍ରା, ଲବଣ ସତ୍ୟାଗ୍ରହ, ଅହିଂସା, ସନାତନ ଧର୍ମ, ସତ୍ୟାଗ୍ରହ*

▷▷

## ଆଇନ କୋଡ୍

ତୁଳନାତ୍ମକ ଭାବେ ଶୃଙ୍ଖଳିତ ଢଙ୍ଗରେ ଲେଖାଯାଇଥିବା ଆଇନ ସଂକ୍ରାନ୍ତୀୟ ଉଲ୍ଲେଖ ବା କଥନ । ବହୁ ପୁରାକାଳରୁ ପୃଥିବୀର ଭିନ୍ନ ଭିନ୍ନ ସମାଜରେ ଆଇନ କୋଡ୍ ମାନ ତିଆରି ହୋଇ ଆସିଛି । ଖ୍ରୀଷ୍ଟପୂର୍ବ ପ୍ରାୟ ୨୪୦୦ ମସିହାରେ ଏଭଳି କୋଡ୍ ରଚନା କରାଯାଇଥିବାର ପ୍ରମାଣ ସିରିଆ ଦେଶର ଏଲ୍‌ବା ନଗରୀରୁ ମିଳିଛି । ଖ୍ରୀଷ୍ଟପୂର୍ବ ଅଷ୍ଟାଦଶ ଶତାବ୍ଦୀରେ ବାବିଲୋନୀୟ ସମ୍ରାଟ ହାମୁରାବିଙ୍କ ଦ୍ୱାରା ରଚିତ ହୋଇଥିବା ଆଇନ କୋଡ୍ କିନ୍ତୁ ହେଲା ସେ କାଳର ସବୁଠାରୁ ପ୍ରସିଦ୍ଧ ଏହି ଧରଣର କାମ । ରୋମୀୟ ମାନେ ଖ୍ରୀଷ୍ଟପୂର୍ବ ୫ମ ଶତାବ୍ଦୀରେ ନିଜର ଆଇନ କୋଡ୍ ତିଆରି କରିବା ଆରମ୍ଭ କରିଥିଲେ ମଧ୍ୟ ପ୍ରାୟ ୧୧୦୦ ବର୍ଷ ପରେ ଯାଇ ତାହା ସ୍ୱୀକୃତ ହେଲା । ମଧ୍ୟଯୁଗୀୟ ଇଉରୋପରେ ମଧ୍ୟ ଏ ଦିଗରେ ଉଦ୍ୟମ କରାଯାଇଥିଲା ।

କିନ୍ତୁ ଆଧୁନିକ ଅର୍ଥରେ ଆଇନ କୋଡ୍ କହିଲେ ଯାହା ବୁଝାଏ, ସେଭଳି କାମର ସୂତ୍ରପାତ ପଞ୍ଚଦଶ ଶତାବ୍ଦୀରୁ ଅଷ୍ଟାଦଶ ଶତାବ୍ଦୀ ଭିତରେ ଇଉରୋପରେ ହିଁ ହେଲା । ନେପୋଲିଅନଙ୍କ ଶାସନ ସମୟରେ ଫ୍ରାନ୍ସରେ ପ୍ରଥମ କରି ଦେଓ୍ୱାନୀ, ଫୌଜଦାରୀ ଓ ଅନ୍ୟ କେତେକ ଧରଣର ଆଇନ ନିମନ୍ତେ କୋଡ୍ ପ୍ରସ୍ତୁତ ହୋଇଗଲା । ପରେ ପରେ ଅନ୍ୟାନ୍ୟ ଦେଶରେ ସେହି ଧରଣର ପ୍ରଣୟନ ଗୁଡ଼ିକ ନିମନ୍ତେ ସରକାରୀ ବ୍ୟବସ୍ଥା ହୋଇଗଲା । ଭାରତରେ ବ୍ରିଟିଶ ମାନେ ଦେଓ୍ୱାନୀ ଓ ଫୌଜଦାରୀ ଆଇନ କୋଡ୍ ପ୍ରଥମ କରି ପ୍ରଚଳନ କରାଇଥିଲେ । ଭିନ୍ନ ଭିନ୍ନ ରୂପରେ ସେଗୁଡ଼ିକ ଆଜି ମଧ୍ୟ ଏ ଦେଶରେ ପ୍ରଚଳିତ ।

ସବୁବେଳେ ଯେ ଆଇନ କୋଡ୍ ପ୍ରଣୟନ କରିଦିଆଯିବା ଦ୍ୱାରା ଆଇନଗତ ଅସୁବିଧା ଦୂର ହୋଇଯାଇଛି ତାହା ନୁହେଁ । ଧର୍ମ, ସମାଜ, ଆର୍ଥିକ ପରିସ୍ଥିତି ଭଳି କେତେକ କାରଣ ଯୋଗୁଁ ଭିନ୍ନ ଭିନ୍ନ ଦେଶରେ ଆଇନ କୋଡ୍ ଗୁଡ଼ିକ ସାମଗ୍ରିକ ଭାବେ ସେମାନଙ୍କ ଉଦ୍ଦେଶ୍ୟ ସାଧନ କରିପାରୁ ନାହାନ୍ତି ବୋଲି ଜଣାପଡ଼ିଛି ।

***ସମ୍ବନ୍ଧୀୟ ବିଷୟ***

*ଆଇନ, ସମ୍ବିଧାନ, ଶାସନ ବ୍ୟବସ୍ଥା, ଭାରତୀୟ ପିଙ୍ଗଳ କୋଡ୍, ଭାରତୀୟ ଦେଓ୍ୱାନୀ କାର୍ଯ୍ୟବିଧି ଆଇନ, ହାମୁରାବି, ବିଗ୍ଭର ବ୍ୟବସ୍ଥା*

▷▷

## ଆଇନ ରିପୋଟ

ଏଗୁଡ଼ିକୁ 'ଲ ରିପୋଟ' ବୋଲି ମଧ୍ୟ କୁହାଯାଏ । ଭିନ୍ନ ଭିନ୍ନ ଦେଶର ଉଚ୍ଚ ବିଗ୍ଭରାଳୟମାନେ ଦେଉଥିବା ଜଜ୍‌ମେଣ୍ଟ ତଥା ଆଇନଗତ ତର୍ଜମାର ଉଲ୍ଲେଖ, ନିୟମିତ ଭାବେ ପ୍ରକାଶ ପାଉଥିବା ଏହିସବୁ ଜର୍ଣ୍ଣାଲରେ ପ୍ରକାଶିତ ହୋଇଥାଏ । ପରେ ଜଜ୍ ତଥା ଓକିଲମାନେ ଏହି ଉଲ୍ଲେଖ ଗୁଡ଼ିକୁ ମକଦ୍ଦମା ବିଗ୍ଭରବେଳେ ନଜିର ବା ପ୍ରିସିଡେଣ୍ଟ ଭାବେ ଉଲ୍ଲେଖ କରିଥା'ନ୍ତି ।

***ସମ୍ବନ୍ଧୀୟ ବିଷୟ***

*ଆଇନ, ବିଗ୍ଭର ବ୍ୟବସ୍ଥା*

▷▷

## ଆଇନଷ୍ଟାଇନ, ଆଲବର୍ଟ
(୧୮୭୯-୧୯୫୫)

ବିଶେଷ ଆପେକ୍ଷିକ ତତ୍ତ୍ୱ ବା ସ୍ପେସିଆଲ ଥିଓରୀ ଅଫ୍ ରିଲେଟିଭିଟୀ, ସାଧାରଣ ଆପେକ୍ଷିକ ତତ୍ତ୍ୱ ବା ଜେନେରାଲ ଥିଓରୀ ଅଫ୍ ରିଲେଟିଭିଟୀ, ପଦାର୍ଥ ଓ ଉର୍ଜାର ତୁଲ୍ୟତା ବା ଇକୁଭାଲେନ୍‌ସ୍, ଆଲୋକର ଫୋଟନ ତତ୍ତ୍ୱ ଓ କ୍ୱାଣ୍ଟମ ତତ୍ତ୍ୱର କେତେକ ମୂଳ ନିୟମର ଆବିଷ୍କାର ତଥା ପଦାର୍ଥବିଜ୍ଞାନର ଅନ୍ୟ ବହୁ ବିଭାଗରେ ଅତ୍ୟନ୍ତ ମୌଳିକ କାମ ନିମନ୍ତେ ଆଇନଷ୍ଟାଇନଙ୍କୁ ସମଗ୍ର ମାନବ ଜାତିର ଇତିହାସରେ ମାନସିକ ସୃଜନଶୀଳତାର ଚରମ ସୋପାନରେ ପହଞ୍ଚି ପାରିଥିବା ଅଳ୍ପ କେତେ ଜଣଙ୍କ ଭିତରୁ ଜଣେ ଭାବରେ ସ୍ୱୀକାର କରାଯାଇଛି; ବିଂଶ ଶତାବ୍ଦୀର ସେ ହେଲେ ଶ୍ରେଷ୍ଠ ବିଜ୍ଞାନୀ ।



ଯୋଗଜନ୍ମା ଆଇନଷ୍ଟାଇନଙ୍କ ସିଦ୍ଧାନ୍ତ ସବୁ ମାନବଜ୍ଞାନରେ ବୈପ୍ଳବିକ ପରିବର୍ତ୍ତନ ଘଟାଇଦେଲା । ବିଶ୍ୱବ୍ରହ୍ମାଣ୍ଡ ବିଷୟରେ ଆଜି ଆମେ ଯାହା ଜାଣିଛୁ, ତାଙ୍କ କାମ ବିନା ତାହା ଜାଣିବା ଆଦୌ ସମ୍ଭବ ହୋଇ ନ ଥା'ନ୍ତା ବୋଲି ବହୁ ପଣ୍ଡିତଙ୍କ ମତ । ସେ ମଧ୍ୟ ଥିଲେ ଜଣେ ସଫଳ ଶିକ୍ଷକ, ଉଦ୍‌ଭାବକ ଓ ଜନପ୍ରିୟ ବିଜ୍ଞାନ କମ୍ୟୁନିକେଟର ।

ଆଇନଷ୍ଟାଇନ ଥିଲେ ଗୋଟାଏ ଅର୍ଥରେ ଜ୍ଞାନଜଗତରେ ଜଣେ ବିପ୍ଳବୀ ଓ ଅତ୍ୟନ୍ତ ଅନୁଭୂତିକ୍ଷମ ତଥା ମୌଳିକ ପଦାର୍ଥବିଦ୍ୟାବିତ୍ । ମାନବଜ୍ଞାନର ନୂଆ ଦିଗନ୍ତ ସନ୍ଧାନରେ ଆବଶ୍ୟକ ସ୍ଥଳେ ସେ ଅଦମ୍ୟ ସାହସର ସହିତ ଆଗେଇଯିବା ପାଇଁ କୁଣ୍ଠାବୋଧ କରୁ ନ ଥିଲେ । ବିଂଶ ଶତାବ୍ଦୀର ପ୍ରଥମ ଦଶକରେ ଜର୍ମାନ ପଦାର୍ଥବିଦ୍ୟା ପତ୍ରିକା 'ଆନାଲେନ ଦର୍ ଫିଜିକ'ରେ ତାଙ୍କର ଯେଉଁ ତିନୋଟି ପ୍ରବନ୍ଧ ପ୍ରକାଶ ପାଇଗଲା, ସେଥିଭିତରୁ ପ୍ରଥମ ଦୁଇଟି ଏଭଳି ବିପ୍ଳବାତ୍ମକ ଥିଲା ଯେ ତାହା ସମଗ୍ର ପଦାର୍ଥବିଜ୍ଞାନର ଗତିପଥକୁ ଗୋଟାଏ ସଂପୂର୍ଣ୍ଣ ନୂତନ ଦିଗରେ ପରିବର୍ତ୍ତନ କରିଦେଲା । ଆଜିର ପଦାର୍ଥବିଜ୍ଞାନ ସେହି ଗତିପଥର ବିସ୍ତାର ମାତ୍ର ବୋଲି କୁହାଯାଇପାରିବ ।ସେହି ପ୍ରବନ୍ଧ ଗୁଡ଼ିକ ହେଲା 'ସ୍ପେସିଆଲ-ଥିଓରୀ ଅଫ୍ ରିଲେଟିଭିଟୀ', 'ଫଟୋଇଲେକ୍ଟ୍ରିକ ଏଫେକ୍ଟ' ଓ 'ବ୍ରାଉନୀୟ ଗତି' ।

୧୯୧୬ ମସିହାରେ ଆଇନଷ୍ଟାଇନଙ୍କ ଗ୍ରାଭିଟୀୟ ସିଦ୍ଧାନ୍ତ 'ଜେନେରାଲ ଥିଓରୀ ଅଫ୍ ରିଲେଟିଭିଟୀ' ପ୍ରକାଶିତ ହେବା ପର୍ଯ୍ୟନ୍ତ କିନ୍ତୁ ତାଙ୍କୁ ଖୁବ୍ କମ୍ ସାଧାରଣ ଲୋକ ଜାଣିବାର ସୁଯୋଗ ପାଇଥିଲେ ।ପରେ ୧୯୧୯ ମସିହାରେ ଯେତେବେଳେ ଏହି ଯୁଗାନ୍ତକାରୀ ତତ୍ତ୍ୱର ଗୋଟିଏ ଦିଗର ପରୀକ୍ଷାମୂଳକ ପ୍ରମାଣ ଜଣେ ଇଂରେଜ ଜ୍ୟୋତିର୍ବିଜ୍ଞାନୀ ସେ ବର୍ଷ ଘଟିଥିବା ପୂର୍ଣ୍ଣ ସୂର୍ଯ୍ୟପରାଗରୁ ପାଇଯିବା କଥା ପ୍ରକାଶ ପାଇଗଲା, ସେ ପୃଥିବୀର ଘରେ ଘରେ ପରିଚିତ ହୋଇଗଲେ । ତାଙ୍କର ଏହି ସିଦ୍ଧାନ୍ତଟି ବିଶ୍ୱସୃଷ୍ଟିର ରହସ୍ୟ ଭେଦ କରିବାରେ ଆଜିର ବ୍ରହ୍ମାଣ୍ଡ ବିଜ୍ଞାନୀମାନଙ୍କ ହାତରେ ପ୍ରମୁଖ ଭୂମିକା ଗ୍ରହଣ କରିଛି । ପୂର୍ବରୁ ସେହି ସିଦ୍ଧାନ୍ତର ଯେଉଁସବୁ ଦିଗ ବିଷୟରେ ଯଥେଷ୍ଟ ପ୍ରମାଣ ସଂଗ୍ରହ କରିବା ସମ୍ଭବ ହେଉନଥିଲା, ଟେକ୍‌ନୋଲଜି ଓ ମହାକାଶବିଜ୍ଞାନର ଉନ୍ନତି ସଙ୍ଗେ ସଙ୍ଗେ ଅବଶ୍ୟ ତାହା ସମ୍ଭବ ହେବାକୁ ଲାଗିଲାଣି ।

କ୍ୱାଣ୍ଟମ ତତ୍ତ୍ୱର ଜଣେ ମୂଳସ୍ରଷ୍ଟା ଭାବେ ମଧ୍ୟ ଆଇନଷ୍ଟାଇନ ଗଣା ହୁଅନ୍ତି ।ପରେ କିନ୍ତୁ ସେ ଏହି ସିଦ୍ଧାନ୍ତର ଯୁକ୍ତିଯୁକ୍ତତା ବିଷୟରେ ଗଭୀର ଚିନ୍ତା ପ୍ରକଟ କରିଥିଲେ ।

ବିଶ୍ୱସୃଷ୍ଟିର ରହସ୍ୟ ଭେଦ କରିବା କଥା ଉଠିଲା ବେଳେ ସାଧାରଣ ଆପେକ୍ଷିକ ତତ୍ତ୍ୱର ପୂର୍ଣ୍ଣତା ସଂକ୍ରାନ୍ତରେ ମଝିରେ ମଝିରେ କେତେକ ପଣ୍ଡିତ ସନ୍ଦେହ ପ୍ରକାଶ କରୁଥିଲେ ମଧ୍ୟ ଆଇନଷ୍ଟାଇନଙ୍କ ଯୁକ୍ତି ସପକ୍ଷରେ ଅଧିକରୁ ଅଧିକ ପ୍ରମାଣ ମିଳିବାରେ ଲାଗିଛି ।ହବଲ ମହାକାଶ ଟେଲିସ୍କୋପ ୧୯୯୬ ମସିହାରେ ପୃଥିବୀରୁ ହଜାର ହଜାର କୋଟି ଆଲୋକବର୍ଷ ଦୂରରେ ଏଭଳି କେତେକ ଘଟଣାର ସନ୍ଧାନ ପାଇଛି ଯାହାକି ତାଙ୍କ ଭବିଷ୍ୟତ ବାଣୀକୁ ସ୍ୱୀକାର କରିଯାଉଛି । ଗ୍ରାଭିଟୀୟ ତରଙ୍ଗ, ବ୍ଲାକ୍‌ହୋଲ୍ ଓ ମହାଜାଗତିକ ଅପରିବର୍ତ୍ତୀ ବା କସ୍‌ମୋଲଜିକାଲ କନ୍‌ଷ୍ଟାଣ୍ଟ ଭଳି ଯେଉଁସବୁ କଥା ଆଇନଷ୍ଟାଇନ କହିଥିଲେ ସେସବୁ ବିଷୟରେ ସନ୍ଦେହ ପ୍ରକାଶ କରିବାର ଅବକାଶ ଆଉ ନାହିଁ ।

ମଣିଷ ଯେ ଆଜି ପରମାଣୁ ଉର୍ଜାକୁ କାମରେ ଲଗାଇ ପାରୁଛି ସେଥିପାଇଁ ଆଇନଷ୍ଟାଇନହିଁ ଦାୟୀ । ପଦାର୍ଥ ଓ ଉର୍ଜାର ତୁଲ୍ୟତା କଥା ସେ ପ୍ରଥମ କରି ଯେଉଁ ଇକୁଏସନ ବା ସମୀକରଣରେ ପ୍ରକାଶ କରିଦେଲେ, ସେହି ପ୍ରସିଦ୍ଧତମ ସମୀକରଣ $E = mc^2$ ଆଜି ମାନବଜ୍ଞାନର ଗୋଟିଏ ଶ୍ରେଷ୍ଠ ପାରିଭାଷିକ ପ୍ରତୀକ ହିସାବରେ ଗଣାହେଉଛି । ୧୯୨୧ ମସିହାରେ ଯେଉଁ 'ଫଟୋଇଲେକ୍ଟ୍ରିକ ଲ' ପାଇଁ ତାଙ୍କୁ ନୋବେଲ ପୁରସ୍କାର ମିଳିଥିଲା, ତାହା ଯୋଗୁଁ ଆଜିର ଟେଲିଭିଜନ, ରେଡାର, ଲେଜର ଓ ମେଜର ଭଳି ମହତ୍ତ୍ୱପୂର୍ଣ୍ଣ ଟେକ୍‌ନୋଲୋଜୀୟ ସୃଷ୍ଟି ସମ୍ଭବ ହୋଇପାରିଛି ।

ମାନବଜ୍ଞାନକୁ ବୁଦ୍ଧିମନ୍ତ କରିବାରେ କେବଳ ସେ ସନ୍ତୁଷ୍ଟ ନ ଥିଲେ । ମଣିଷ ଜାତିର ସାମଗ୍ରିକ ଉନ୍ନତି ତଥା ବିଶ୍ୱଶାନ୍ତି ପାଇଁ ଆଇନଷ୍ଟାଇନ ତାଙ୍କ ସାରା ଜୀବନ ଚେଷ୍ଟା ଚଳାଇ ଆସିଛନ୍ତି ।ପରମାଣୁ ବୋମା ତିଆରିର ରହସ୍ୟ ଯେଉଁଭଳି ହିଟ୍‌ଲର

384 *A. Einstein. Trägheit der Energie*

oder, indem man die Energie $E_0$ des Systems relativ zum System (ξ, η, ζ) einführt.

$$E = \frac{E_0}{V^2} \cdot V^2 \frac{1}{\sqrt{1-\left(\frac{v}{V}\right)^2}}.$$

Vergleicht man diesen Ausdruck mit dem für die Energie eines mit der Geschwindigkeit $v$ bewegten Massenpunktes

$$\varepsilon = \mu V^2 \frac{1}{\sqrt{1-\left(\frac{v}{V}\right)^2}},$$

so erhält man folgendes Resultat: In bezug auf die Abhängigkeit der Energie vom Bewegungszustand des Koordinatensystems, auf welches die Vorgänge bezogen werden, läßt sich ein System gleichförmig bewegter Massenpunkte ersetzen durch einen einzigen Massenpunkt von der Masse $\mu = E_0/V^2$.

Ein System bewegter Massenpunkte besitzt also — als Ganzes genommen — desto mehr Trägheit, je rascher die Massenpunkte relativ zueinander bewegt sind. Die Abhängigkeit ist wieder gegeben durch das in der Einleitung angegebene Gesetz.

Bern, Mai 1907.

(Eingegangen 14. Mai 1907.)

ଆଜି ପର୍ଯ୍ୟନ୍ତ ପ୍ରକାଶିତ ହୋଇଥିବା ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ବୈଜ୍ଞାନିକ ସିଦ୍ଧାନ୍ତର ଶେଷ ପୃଷ୍ଠା—'ଆନାଲେନ୍ ଦର୍ ଫିଜିକ୍' ପତ୍ରିକାର । ଆଇନଷ୍ଟାଇନ ଏଥିରେ ଦେଖାଇଦେଲେ ଯେ ଏକ ମିଟରରୁ କମ୍ ବ୍ୟାସବିଶିଷ୍ଟ ଗୋଟିଏ ଇଉରାନିୟମ୍ ପିଣ୍ଡ ଭିତରେ ଭରି ରହିଛି ଦଶଲକ୍ଷ ଟନ୍ ଟିଏନ୍‌ଟିର ଉର୍ଜା ।

ପ୍ରଥମେ ଭେଦକରିନଯାଇ ପାରିବେ, ସେଥିପାଇଁ ସେ ସ୍ୱର ଉଠାଇଥିଲେ ଓ ମହାତ୍ମା ଗାନ୍ଧୀଙ୍କୁ ବିଂଶ ଶତାବ୍ଦୀର ଶ୍ରେଷ୍ଠ ରାଜନୈତିକ ବ୍ୟକ୍ତିତ୍ୱ ଭାବେ ଗ୍ରହଣ କରିଯାଇଥିଲେ ।

ଜଣେ ପେଟେଣ୍ଟ ଅଫିସ କର୍ମଚାରୀ ଭାବେ ଆଇନଷ୍ଟାଇନ ଜୀବନ ଆରମ୍ଭ କରିଥିଲେ । ପରେ ଜର୍ମାନୀରେ ପ୍ରଫେସର ଭାବେ ରହିଲେ । ହିଟ୍‌ଲରଙ୍କ ଅଭ୍ୟୁଦୟ ଫଳରେ ଇହୁଦୀ ଆଇନଷ୍ଟାଇନ ସ୍ଥିର କରିଦେଲେ ଯେ ଜର୍ମାନୀ ଆଉ କେବେ ତାଙ୍କ ପାଇଁ ପୂର୍ବ ଭଳି ହୋଇ ରହିବ ନାହିଁ ! ତେଣୁ ୧୯୩୩ ମସିହାରେ ସେ ଯୁକ୍ତରାଷ୍ଟ୍ର ଆମେରିକାକୁ ପଳାଇଆସିଲେଓ ପ୍ରସିଦ୍ଧ 'ପ୍ରିନ୍‌ସଟନ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଆଡ୍‌ଭାନ୍‌ସ ଷ୍ଟଡି'ରେ ଯୋଗଦେଲେ । ପରେ ସେ ଦେଶର ନାଗରିକ ହୋଇଗଲେ । ମୃତ୍ୟୁ ପର୍ଯ୍ୟନ୍ତ ପଦାର୍ଥବିଜ୍ଞାନର ସବୁ ମୂଳତତ୍ତ୍ୱ ଭିତରେ ସଂପର୍କ ସ୍ଥାପନ କରିପାରୁଥିବା ଗୋଟିଏ ନିୟମ ବାହାର କରିବା ପାଇଁ ସେ ଉଦ୍ୟମୀ ଥିଲେ । କିନ୍ତୁ ସେଭଳି ଗୋଟାଏ 'ଇଉନିଫାଏଡ୍ ଫିଲ୍ଡ ଥିଓରୀ' ସିଦ୍ଧାନ୍ତ ସୃଷ୍ଟି କରିବା ତାଙ୍କ ଜୀବଦ୍ଦଶାରେ ସମ୍ଭବ ହେଲାନାହିଁ । ଆଜି ଏକବିଂଶ ଶତାବ୍ଦୀର ଆରମ୍ଭ ବେଳକୁ ମଧ୍ୟ ସେ ଦିଗରେ ଉଦ୍ୟମ ଅବ୍ୟାହତ ରହିଛି ଓ କିଛି ପରିମାଣର ସଫଳତା ମିଳିଲାଣି ।

ସ୍ପେସ୍-ଟାଇମ୍ ବା ଦିକ୍‌କାଳ ଓ ଗ୍ରାଭିଟୀୟ ନିୟମ ସଂକ୍ରାନ୍ତରେ ଗୋଟାଏ ସଂପୂର୍ଣ୍ଣ ନୂତନ ଚିନ୍ତାଧାରାର ଅବତାରଣା କରିପାରିଥିବାରୁ, ବିଶ୍ୱସୃଷ୍ଟିର ରହସ୍ୟ ଭେଦକରିବାରେ ସବୁଠାରୁ ଅଧିକ ମୌଳିକ ଅବଦାନ ଥିବା ଚିନ୍ତାନାୟକ ଭାବେ ଗାଲିଲିଓ ଓ ନିଉଟନଙ୍କ ସହ ଆଇନଷ୍ଟାଇନଙ୍କୁ ଗଣାଯାଇଥାଏ ।

ବେହେଲା ବଜାଇବା ଓ ନୌଚାଳନାରେ ଆଇନଷ୍ଟାଇନଙ୍କର ଦକ୍ଷତା ଥିଲା । ଅନେକଙ୍କ ମତରେ ସେ ମଧ୍ୟ ଥିଲେ ଜଣେ ଦାର୍ଶନିକ ।

***ସମ୍ବନ୍ଧୀୟ ବିଷୟ***

*ପଦାର୍ଥବିଜ୍ଞାନ, ରିଲେଟିଭିଟୀ ତତ୍ତ୍ୱ, ମହାତ୍ମା ଗାନ୍ଧୀ, ଦର୍ଶନ, ଫଟୋଇଲେକ୍ଟ୍ରିକ ଏଫେକ୍ଟ, ବିଶ୍ୱଶାନ୍ତି, ବିଜ୍ଞାନର ଇତିହାସ, ବିଶ୍ୱ ବ୍ରହ୍ମାଣ୍ଡ, ଜ୍ୟୋତିର୍ବିଜ୍ଞାନ, କ୍ୱାଣ୍ଟମ ତତ୍ତ୍ୱ, ଆଲୋକ ଗବେଷଣା କ୍ରମ ଓ ଆହୁରି ଅନେକ ବିଷୟ*

▷▷

## ଆଇନଷ୍ଟାଇନ-ବୋଷ କଣ୍ଡେନସେଟ୍

ପଦାର୍ଥର ଏହି ସଂପୂର୍ଣ୍ଣ ନୂତନ ଅବସ୍ଥାନ୍ତରଟିକୁ ବୋଷ-ଆଇନଷ୍ଟାଇନ କଣ୍ଡେନସେଟ୍ ବୋଲି ମଧ୍ୟ କୁହାଯାଇଥାଏ । ପ୍ରସିଦ୍ଧ ଭାରତୀୟ ପଦାର୍ଥବିଦ୍ୟାବିତ୍ ସତ୍ୟେନ୍ଦ୍ରନାଥ ବୋଷଙ୍କର କାମକୁ ବିକଶିତ କରି ଏଭଳି କଣ୍ଡେନସେଟ୍ ମିଳିବା କଥାର ଭବିଷ୍ୟତବାଣୀ ଆଇନଷ୍ଟାଇନ କରିଥିଲେ । ପ୍ରାୟ ସତୁରୀ ବର୍ଷତଳେ ବିଂଶ ଶତାବ୍ଦୀର ଦ୍ୱିତୀୟ ଦଶକରେ ସେ ଏହି ଭବିଷ୍ୟତବାଣୀ କରିଥିଲେ ମଧ୍ୟ ୧୯୯୫ ମସିହା ମଧ୍ୟ ଭାଗରେ ଯାଇ ପୃଥିବୀରେ ସେହି କଥାର ପରୀକ୍ଷାମୂଳକ ପ୍ରମାଣ ମିଳିବା ସମ୍ଭବ ହେଲା ।

ବୋଷ-ଆଇନଷ୍ଟାଇନ କଣ୍ଡେନସେଟ୍‌ଟି ହେଲା ଗୋଟିଏ 'ମହା-ପରମାଣୁ' । ବ୍ୟକ୍ତିଗତ ପରମାଣୁ ସବୁ ନିଜର ସ୍ୱାତନ୍ତ୍ର୍ୟ ଓ ସତ୍ତା ହରାଇ ଗୋଟିଏ ହୋଇଯିବା ଫଳରେ ଏହାର ସୃଷ୍ଟି ହୋଇଥାଏ । ଆଇନଷ୍ଟାଇନ କହିଥିଲେ ଯେ ପରମାଣୁ ସବୁ ଯେତେବେଳେ ଆବସଲ୍ୟୁଟ ବା ଚରମ ଶୂନ୍ୟ(−୨୭୩.୧୫ ଡିଗ୍ରୀ ସେଲ୍‌ସିଅସ୍) ତାପାଙ୍କର ଅତି ନିକଟବର୍ତ୍ତୀ ହୋଇଯାଆନ୍ତି, ସେତେବେଳେ ସେମାନଙ୍କ ତରଙ୍ଗାୟିତ ଅବସ୍ଥାର ବିସ୍ତୃତି ଘଟି ସେହି ତରଙ୍ଗସବୁ ପରସ୍ପର ଉପରକୁ ଚଢି ଯାଇଥା'ନ୍ତି । ଫଳରେ, ପରମାଣୁ ସବୁ ଗୋଟିଏ 'ଏକୀକୃତ କ୍ୱାଣ୍ଟମ ଅବସ୍ଥା'ରେ ଯାଇ ପହଞ୍ଚି ଯାଆନ୍ତି । କିନ୍ତୁ ଚରମ ଶୂନ୍ୟ ତାପାଙ୍କର ଠିକ୍ ପୂର୍ବରୁ ଗୋଟିଏ ଡିଗ୍ରୀର ଅଠର ହଜାର କୋଟି ଭାଗରୁ ଏକଭାଗ ଅଧିକ ଉତ୍ତାପ ସୀମାରେ ଏହା ଘଟିଥାଏ । ଯୁକ୍ତରାଷ୍ଟ୍ର ଆମେରିକାର ଦଳେ ବିଜ୍ଞାନୀ ସେହି ଅଭୂତପୂର୍ବ ଉତ୍ତାପ ସୀମା ସୃଷ୍ଟି କରିଦେଇପାରି ଏଭଳି କରିବା ପାଇଁ ପ୍ରଥମ କରି ସମର୍ଥ ହୋଇଛନ୍ତି । ଫଳରେ ସେମାନେ ଗୋଟିଏ ନୂଆଧରଣର 'ପଦାର୍ଥ' ବା ପଦାର୍ଥ



କେତେକ ରୁବିଡିଅମ ପରମାଣୁକୁ ନେଇ ସୃଷ୍ଟ ଅତିଶୀତଳ 'ମେଘ'ର (ବାମ) ନାଭି ଗୋଟିଏ 'ନିଦା କଣ' ବା ମହାପରମାଣୁରେ (ମଝି-ମଝି) ପରିଣତ ହୋଇଯାଇଛି । ପର ମୁହୂର୍ତ୍ତରେ ସେହି କଣଟି କଂପିଉଟର ମନିଟରରୁ ଉଭେଇ ଯାଉଛି (ଡାହାଣ-ମଝି) ।

ଅବସ୍ଥା ସ୍ତର ସୃଷ୍ଟି କରିଦେଇ ପାରିଛନ୍ତି ବୋଲି କୁହାଯାଉଛି ।

***ସମ୍ବନ୍ଧୀୟ ବିଷୟ***
*ପଦାର୍ଥବିଜ୍ଞାନ, ପଦାର୍ଥ, ପରମାଣୁ, ସତ୍ୟେନ୍ଦ୍ରନାଥ ବୋଷ, ଆଇନଷ୍ଟାଇନ, କ୍ୱାଣ୍ଟମତତ୍ତ୍ୱ, ପଦାର୍ଥ ଅବସ୍ଥା-ସ୍ତର, ବିଶ୍ୱ, ରସାୟନବିଜ୍ଞାନ, ଟେକ୍‌ନୋଲଜି*

▷ ▷

## ଆଇନଷ୍ଟିନିୟମ୍

ଏଇଟି ଗୋଟିଏ ସଂଶ୍ଳେଷିତ ରାସାୟନିକ ମୌଳିକ ଉପାଦାନ । ପ୍ରକୃତିରେ ମିଳେନାହିଁ । ୧୯୫୨ ମସିହାରେ ଏହି ଉପାଦାନଟିକୁ ପ୍ରଥମ କରି ଉଦ୍‌ଜାନ ବୋମା ବିସ୍ଫୋରଣ ପରୀକ୍ଷା ସ୍ଥଳରୁ ଅଣାଯାଇଥିବା ଅଳିଆ ବା ଅବଶେଷରୁ ଠାବ କରାଯାଇଥିଲା । ଆଇନଷ୍ଟିନିୟମ୍‌ର ଧାତୁ କିନ୍ତୁ ଏ ପର୍ଯ୍ୟନ୍ତ ପ୍ରସ୍ତୁତ କରାଯାଇ ପାରିନାହିଁ । ଏହାର ସବୁଯାକ ଆଇସୋଟପ୍ ହେଲେ ବିଘଟନାଭିକ ।

| | |
|---|---|
| *ପାରମାଣବିକ ନମ୍ବର* | ୯୯ |
| *ଯୋଜ୍ୟତା* | ୨,୩ |

***ସମ୍ବନ୍ଧୀୟ ବିଷୟ***
*ମୌଳିକ ଉପାଦାନ*

▷ ▷

## ଆଇଫେଲ୍ ଟାୱାର

ନିର୍ମାଣ, ସ୍ଥାପତ୍ୟ ତଥା ସିଭିଲ ଇଞ୍ଜିନିଅରିଙ୍ଗ୍‌ର ଇତିହାସରେ ଏଇଟି ହେଲା ଗୋଟିଏ ଶ୍ରେଷ୍ଠ କୃତୀ । ଫରାସୀ ବିପ୍ଲବର ସ୍ମାରକୀ ଭାବରେ ୧୮୮୯ ମସିହାରେ ଏହି ୩୦୦ ମିଟର ଉଚ୍ଚତା ବିଶିଷ୍ଟ 'ଲୌହ ସ୍ତମ୍ଭ'ଟିକୁ ତିଆରି କରାଯାଇଥିଲା । ପ୍ରସିଦ୍ଧ ପୋଲ ଡିଜାଇନର ଆଲେକ୍‌ଜାଣ୍ଡାର-ଗୁସ୍ତାଫ ଆଇଫେଲ୍ ହେଲେ ଏହାର ଡିଜାଇନର ଓ ସ୍ତମ୍ଭଟି ତାଙ୍କରି ନାମରେ ନାମିତ ହୋଇଛି । ପୃଥିବୀର ଶ୍ରେଷ୍ଠ ପର୍ଯ୍ୟଟନସ୍ଥଳ ଭିତରୁ ଆଇଫେଲ୍ ଟାୱାର ହେଲା ଗୋଟିଏ । ପ୍ରତିବର୍ଷ ଲକ୍ଷ ଲକ୍ଷ ପର୍ଯ୍ୟଟକ ଏହାକୁ ଦେଖିବାକୁ ଆସିଥା'ନ୍ତି । ତୃତୀୟ ସହସ୍ରାବ୍ଦକୁ ସ୍ୱାଗତ ଜଣାଇବା ପାଇଁ ଏହାର ଦ୍ୱିତୀୟ ମହଲାରେ ୧୯୯୭ ମସିହା ଏପ୍ରିଲ ମାସରେ ଗୋଟିଏ ବିଶାଳ ଡିଜିଟାଲ ସାଇନ୍‌ବୋର୍ଡ ଖଞ୍ଜିଦିଆଯାଇଛି ।

***ସମ୍ବନ୍ଧୀୟ ବିଷୟ***
*ପାରିସ, ପର୍ଯ୍ୟଟନ, ନିର୍ମାଣ ବିଦ୍ୟା, ସ୍ଥାପତ୍ୟ*

▷ ▷

## ଆଇସ୍‌କ୍ରିମ୍

ଲହୁଣି, କ୍ଷୀର, ଚିନି ଓ କେତେକ ଧରଣର ବାସନାଯୁକ୍ତ ସୁରୁଚିକାରୀ ପଦାର୍ଥର ମିଶ୍ରଣକୁ ଅତିମାତ୍ରାରେ ଥଣ୍ଡା ବା ହିମିକୃତ କରିଦେଇ ଆଇସ୍‌କ୍ରିମ୍ ତିଆରି କରାଯାଏ । ଏହି ଧରଣର କେତେକ ଖାଦ୍ୟରେ ଅଣ୍ଡା ଅଂଶ ମଧ୍ୟ ଥାଏ । ଯେଉଁ ଶହ ଶହ ପ୍ରକାର ତଥା ସୁଆଦର ଆଇସ୍‌କ୍ରିମ୍ ତିଆରି ହୋଇଥାଏ, ତା ଭିତରୁ ଭାନିଲା, ଚକୋଲେଟ୍ ଓ ଷ୍ଟ୍ରବେରୀ ଧରଣର ସୁଆଦର ଆଦର ପୃଥିବୀବ୍ୟାପୀ ସବୁଠାରୁ ବେଶୀ । ଏହି ଧରଣର ଖାଦ୍ୟ ପ୍ରସ୍ତୁତ ପ୍ରଣାଳୀର ମୂଳ ଉତ୍ସ ହେଲା ଚୀନ ଦେଶ ବୋଲି କୁହାଯାଏ । ପରେ ମାର୍କୋପୋଲୋଙ୍କ ଦ୍ୱାରା ତା'ର ବର୍ଣ୍ଣନା ଆସି ଇଉରୋପରେ ପହଞ୍ଚିଥିଲା । ଆଇସ୍‌କ୍ରିମ୍ ଶିଳ୍ପରେ ପୃଥିବୀସାରା ବହୁ ଲୋକ ନିଯୁକ୍ତ ଅଛନ୍ତି । ଘରେ ମଧ୍ୟ ଚମତ୍କାର ଆଇସ୍‌କ୍ରିମ୍ ପ୍ରସ୍ତୁତ କରାଯାଇପାରିବ ।

***ସମ୍ବନ୍ଧୀୟ ବିଷୟ***
*ଖାଦ୍ୟ, ଖାଦ୍ୟ ପ୍ରକ୍ରିୟାକରଣ*

▷ ▷

## ଆଇସ୍‌ବର୍ଗ

ପୃଥିବୀର ଉତ୍ତରତମ ଓ ଦକ୍ଷିଣତମ ଅଂଶର ସମୁଦ୍ରରେ ଭାସୁଥିବା ମଧୁର ଜଳ ସମଷ୍ଟି ବିଶିଷ୍ଟ 'ବରଫର ପାହାଡ଼' । ସାଧାରଣତଃ ଆର୍କଟିକ୍ ଅଞ୍ଚଳର ଗ୍ରୀନ୍‌ଲାଣ୍ଡ ଦ୍ୱୀପ ଓ ଆଣ୍ଟାର୍କଟିକା ଅଞ୍ଚଳରେ ଏଗୁଡ଼ିକ ଦେଖାଯା'ନ୍ତି । କୌଣସି ଗ୍ଲେସିଅର ବା ହିମନଦୀର ସମୁଦ୍ର ଭିତରକୁ ପଶିଆସିଥିବା ଅଂଶରୁ କିମ୍ବା ଅନ୍ୟ କୌଣସି ପ୍ରକାରର ବରଫ ସ୍ତରରୁ ଭାଙ୍ଗିଯାଇ ଖସି ଆସିଥିବା ଅଂଶ ଗୁଡ଼ିକ ହେଲା ଆଇସ୍‌ବର୍ଗ ବା ହିମଶୈଳ । ବାୟୁ ଓ ସାମୁଦ୍ରିକ ସ୍ରୋତ ଦ୍ୱାରା ଏଗୁଡ଼ିକ ମୁକ୍ତ ସାଗରବକ୍ଷକୁ ଭାସି ଆସିଥା'ନ୍ତି ଓ କାଳକ୍ରମେ ସମୁଦ୍ର ଜଳରେ ମିଳାଇ ଯାଆନ୍ତି ।

ବସନ୍ତ ତଥା ଗ୍ରୀଷ୍ମଋତୁରେ ଅଧିକ ସଂଖ୍ୟକ ଆଇସ୍‌ବର୍ଗ ସୃଷ୍ଟି ହୋଇଥାଏ । କେବଳ ଗ୍ରୀନ୍‌ଲାଣ୍ଡ ଦ୍ୱୀପର ହିମନଦୀ ଗୁଡ଼ିକରୁ ବର୍ଷକୁ ପ୍ରାୟ ୧୦,୦୦୦ଟି ଛୋଟବଡ଼ ଏହିଧରଣର ବରଫ ପାହାଡ଼ ତିଆରି ହୋଇଯାଆନ୍ତି । କାରଣ ହିମନଦୀଟି ସମୁଦ୍ର ଭିତରକୁ ପଶିଆସିଲେ, ଏଥିରେ ଥିବା ବିଶାଳ ପରିମାଣର ବରଫ କିଛି ସମୟ ପାଇଁ ସମୁଦ୍ର ଜଳରେ ଭାସିପାରିଥାଏ । କିନ୍ତୁ ଲହଡ଼ି, ସ୍ୱପ, ତାପ, ବାୟୁ, ସ୍ରୋତ ତଥା ଅନ୍ୟାନ୍ୟ କେତେକ କାରଣରୁ ଜଳ ଉପରେ ଥିବା ବରଫପିଣ୍ଡଟି ବେଶୀ ସମୟ ନିମନ୍ତେ ସେଭଳି ଭାସିରହି ନ ପାରି ମୂଳ ହିମନଦୀ ଧାରାରୁ ଭାଙ୍ଗିଯାଏ ଓ କ୍ରମେ ସ୍ୱତନ୍ତ୍ର ପିଣ୍ଡଟିଏ ବା ଆଇସ୍‌ବର୍ଗ ରୂପରେ ଭାସିବାକୁ ଲାଗେ । ବେଳେବେଳେ ହିମନଦୀର ଉପର ସ୍ତରର ବରଫ ତରଳି ଯିବା ଦ୍ୱାରା ମଧ୍ୟ ଆଇସ୍‌ବର୍ଗ ସୃଷ୍ଟି ହୋଇଯାଏ । ଆଣ୍ଟାର୍କଟିକା ଅଞ୍ଚଳରେ ଯେଉଁସବୁ ଏହି ଧରଣର ବରଫ ପାହାଡ଼ ଦେଖାଦିଏ, ସେଗୁଡ଼ିକ କିନ୍ତୁ ସାଧାରଣତଃ ସେହି ମହାଦେଶ ଉପରେ ଥିବା ବରଫ ଆସ୍ତରଣର ଭଗ୍ନାଂଶ । ଆଣ୍ଟାର୍କଟିକାର ଉପକୂଳ ଆଡ଼କୁ ଏହି ଆସ୍ତରଣ ସ୍ତର କ୍ରମେ ପତଳା ହୋଇଯାଇଥିବାରୁ, ଭୂବୈଜ୍ଞାନିକ କାରଣରୁ ତାହା ଭାଙ୍ଗିଯାଇଥାଏ ଓ ଶେଷରେ ଆଇସ୍‌ବର୍ଗରେ ପରିଣତ ହୋଇଯାଏ ।

ଆର୍କଟିକ୍ ଓ ଆଣ୍ଟାର୍କଟିକା ଅଞ୍ଚଳରେ ଯେତେ ପରିମାଣର ଆଇସ୍‌ବର୍ଗ ପ୍ରତିବର୍ଷ, 'ତିଆରି'

ଆଣ୍ଟାର୍କଟିକା ଉପକୂଳରେ ନୂଆକରି ବାହାରିଥବା ଆଇସ୍‌ବର୍ଗ ରାଜି ।



ହୋଇଯାଇଥାଏ, ହିସାବ କରାଯାଇଛି ଯେ ଘନତା ଦୃଷ୍ଟିରୁ ସେଗୁଡ଼ିକର ମିଳିତ ଆୟତନ ହେବ ଯଥାକ୍ରମେ ପ୍ରାୟ ୨୮୦ ଓ ୧୮୦୦ ଘନକିଲୋମିଟର । ଆର୍କଟିକ୍ ବା ଗ୍ରୀନ୍‌ଲାଣ୍ଡୀୟ ଆଇସ୍‌ବର୍ଗ ଗୁଡ଼ିକ ଆକୃତିରେ କେତେ ବର୍ଗମିଟର ଠାରୁ ଆରମ୍ଭ କରି ୧୦-୧୫ ମହଲା ବିଶିଷ୍ଟ କୋଠା ଭଳି ହୋଇଥା'ନ୍ତି । ଆଣ୍ଟାର୍କଟିକାରୁ ବାହାରୁଥିବା ଆଇସ୍‌ବର୍ଗ ଗୁଡ଼ିକ କିନ୍ତୁ ଖୁବ୍ ବଡ଼ ବଡ଼—୩୩୪ କିଲୋମିଟର ଲମ୍ବ ଓ ୫୬ କିଲୋମିଟର ଓସାରର ଗୋଟିଏ ଏହି ଧରଣର ବରଫ ପାହାଡ଼କୁ ଥରେ ଠାବ କରାଯାଇଥିଲା ।

ଆଇସ୍‌ବର୍ଗ ଗୁଡ଼ିକର ଗୋଟିଏ ବଡ଼ ବିଶେଷତ୍ୱ ହେଲା ଯେ ଉପରକୁ ଏହାର ଯେତିକି ଅଂଶ ଦେଖାଯାଉଥାଏ, ତାର ପ୍ରାୟ ସାତଗୁଣରୁ ଅଧିକ ପାଣି ଭିତରେ ବୁଡ଼ି ରହିଥାଏ । ତେଣୁ ସମୁଦ୍ର ସ୍ରୋତରେ ଏହି "ପାହାଡ଼" ଭାସିଆସୁଥିଲା ବେଳେ ତାହାର ଆକାର ବିଷୟରେ ହଠାତ୍ ଧାରଣା କରିବା ସହଜ ହୁଏନାହିଁ । ସେଥିପାଇଁ ପୁରାକାଳରୁ ଆଇସ୍‌ବର୍ଗ ଗୁଡ଼ିକ ସମୁଦ୍ର ପଥରେ ବିପଦ ସୃଷ୍ଟିକରି ଆସିଛନ୍ତି ଓ ବହୁ ସଂଖ୍ୟକ ଜାହାଜ ଏଗୁଡ଼ିକ ଦେହରେ ଧକ୍କା ଖାଇ ବୁଡ଼ିଯାଇଛନ୍ତି । ଏବେ କିନ୍ତୁ ଆଉ ସେ ପରିସ୍ଥିତି ନାହିଁ । ଆଧୁନିକ ଇଲେକ୍‌ଟ୍ରୋନିକସ୍ ଓ ରେଡାର ଖଞ୍ଜା ହୋଇଥିବା ଜାହାଜ ଗୁଡ଼ିକ ବହୁ ଦୂରରୁ ଏଗୁଡ଼ିକର ଉପସ୍ଥିତି କଥା ଜାଣିପାଇ ପାରୁଛନ୍ତି । ଅବଶ୍ୟ ସବୁବର୍ଷ ସମାନ ସଂଖ୍ୟକ ଆଇସ୍‌ବର୍ଗ ସମୁଦ୍ରରେ ଦେଖାଯାଏନାହିଁ ।

ଆଇସ୍‌ବର୍ଗ ଗୁଡ଼ିକ ନିଜ ସହିତ ସୃଷ୍ଟି ହେଉଥିବା ଅଞ୍ଚଳର ନାନା ପ୍ରକାରର ଅବସାଦୀ ପଦାର୍ଥ ନେଇଆସିଥା'ନ୍ତି । ଏଗୁଡ଼ିକ ଜନ୍ମୁଥିବା ଅଞ୍ଚଳ ନିକଟରୁ ନାନା ଜାତିର ଜୀବ ଓ ବୃକ୍ଷଲତା ମଧ୍ୟ ଏହା ସହିତ ଯାଇ ହଜାର ହଜାର କିଲୋମିଟର ଦୂରରେ ଥିବା ପୃଥିବୀର ଅନ୍ୟ ଅଂଶରେ ପହଞ୍ଚିପାଇ ପାରନ୍ତି । ଭୂ-ଅବସାଦୀ ପଦାର୍ଥ ଓ ପ୍ଲାଙ୍କଟନ୍‌ର ଉପସ୍ଥିତିଜନିତ କାରଣରୁ ଆଇସ୍‌ବର୍ଗ ଗୁଡ଼ିକ ଦୂରରୁ ଧୂସର, କଳା କିମ୍ବା ସବୁଜ ରଙ୍ଗର ଶୋଭା ବହନ କରିଥା'ନ୍ତି । ପଣ୍ଡିତମାନେ କଳ୍ପନା କରୁଛନ୍ତି ଯେ ଦିନେ ହୁଏତ କୌଣସି କୌଣସି ଅତିକାୟ ଆଇସ୍‌ବର୍ଗକୁ ସମୁଦ୍ରରେ ଟାଣି ଟାଣି ନେଇ ପୃଥିବୀର ମରୁଅଞ୍ଚଳ ଗୁଡ଼ିକ ନିକଟରେ ପହଞ୍ଚାଇଦେଇହେବ ଓ ଏଥିରେ ଥିବା ବରଫକୁ ମଧୁର ଜଳରେ ପରିଣତ କରି ସେସବୁ ଅଞ୍ଚଳକୁ ଶସ୍ୟଶ୍ୟାମଳା କରିଦିଆଯାଇପାରିବ । ସେଭଳି କରିବା କିନ୍ତୁ ବର୍ତ୍ତମାନର ଟେକ୍‌ନୋଲଜି ଦ୍ୱାରା ସମ୍ଭବ ନୁହେଁ—କାରଣ ସାଧାରଣତଃ ସମୁଦ୍ର ଅଞ୍ଚଳର କ୍ରମବର୍ଦ୍ଧିଷ୍ଣୁ ତାପକ୍ରମ ନେଇ ୨ରୁ ୪ ମିଟର ପର୍ଯ୍ୟନ୍ତ ଉଚ୍ଚତାର ଆଇସ୍‌ବର୍ଗ ପ୍ରତିଦିନ ତରଳିଯାଇ ଶେଷରେ ଏହାର ସତ୍ତା ଲୀନ ହୋଇଯାଇଥାଏ । ଏଭଳି ହେବାକୁ ରୋକିବା ନିମନ୍ତେ ଉପାୟ ଆଜିର ଜ୍ଞାନ ବା ଟେକ୍‌ନୋଲଜି ନିକଟରେ ନାହିଁ ।

***ସମ୍ବନ୍ଧୀୟ ବିଷୟ***

*ଆଣ୍ଟାର୍କଟିକା, ଭୂବିଜ୍ଞାନ, ଆର୍କଟିକ୍, ହିମନଦୀ, ବରଫ, ଜଳ, ସାଗର-ମହାସାଗର, ନୌଚଳାଚଳ, ଗ୍ରୀନ୍‌ଲାଣ୍ଡ, ସାହିତ୍ୟ, ଇକୋସିଷ୍ଟମ*

## ଆଇସ୍‌ଲାଣ୍ଡ

ସରକାରୀ ନାମ **ଲିଭ୍‌ଭେଲଡିଡ୍ ଆଇସ୍‌ଲାଣ୍ଡ (ଆଇସ୍‌ଲାଣ୍ଡ ସାଧାରଣତନ୍ତ୍ର)** ଶାସନ ବ୍ୟବସ୍ଥା **ଏକକେନ୍ଦ୍ରୀୟ ବହୁଦଳୀୟ ସାଧାରଣତନ୍ତ୍ର—ଗୋଟିଏ ବିଧାନ ପରିଷଦ** ରାଷ୍ଟ୍ରମୁଖ୍ୟ **ପ୍ରେସିଡେଣ୍ଟ** ଶାସନ ମୁଖ୍ୟ **ପ୍ରଧାନମନ୍ତ୍ରୀ** ରାଜଧାନୀ **ରେକାଭିକ୍** ସରକାରୀ ଭାଷା **ଆଇସ୍‌ଲାଣ୍ଡିକ୍** ରାଷ୍ଟ୍ରୀୟ ଧର୍ମ **ଇଭାନ୍‌ଜେଲିକାଲ ଲୁଥେରାନ୍** କ୍ଷେତ୍ରଫଳ **୧,୦୨,୮୧୯ ବର୍ଗକିଲୋମିଟର** ଜନସଂଖ୍ୟା **୨,୬୫,୦୦୦** ମୁଖ୍ୟ ସହର **ରେକାଭିକ୍, କୋପାଭୋଗୁର, ରକୋରଧର ଆକୁରେୟରି, କେଫ୍ଲାଭିକ୍** ମୁଦ୍ରା **କ୍ରନା** ପତାକା **ନୀଳ ବର୍ଣ୍ଣ ଉପରେ ଲୋହିତ-ଶ୍ୱେତ ଧଡ଼ି ଥିବା ସ୍କାଣ୍ଡିନେଭୀୟ କ୍ରସ୍** ।

ଉତ୍ତର ଆଟ୍‌ଲାଣ୍ଟିକ ମହାସାଗରରେ ଥିବା ଏହି ଦ୍ୱୀପ ଦେଶଟି ଗ୍ରୀନ୍‌ଲାଣ୍ଡ ଓ ନର୍‌ୱେ ରାଜ୍ୟର ପ୍ରାୟ ମଝିରେ ରହିଛି । ଏ ଦେଶର ଅଧିକାଂଶ ମୂଳ ଅଧିବାସୀ ନର୍‌ୱେ ଦେଶଜ ବୋଲି ଜଣାଯାଏ । ଜଳବାୟୁ ଓ ଉପକୂଳ ଅଞ୍ଚଳର ଲକ୍ଷଣକୁ ନେଇ ଆଇସ୍‌ଲାଣ୍ଡକୁ ସାଧାରଣତଃ ଗ୍ୟରୋଟି ଭୌଗୋଳିକ ଅଞ୍ଚଳରେ ବିଭକ୍ତ କରିଦିଆଯାଇଥାଏ । ଅଧିକାଂଶ ଅଞ୍ଚଳ ଥଣ୍ଡା ଓ ଶୁଷ୍କ ହୋଇଥିବା ବେଳେ କେତେକ ସ୍ଥାନରେ ଯଥେଷ୍ଟ ବୃଷ୍ଟିପାତ ମଧ୍ୟ ହୋଇଥାଏ ।

ସମଗ୍ର ଦେଶର ଜନସଂଖ୍ୟାର ଶତକରା ପ୍ରାୟ ୯୦ ଭାଗ ସହରରେ ରୁହନ୍ତି । କୃଷି ଓ ମାଛଧରା ହେଲା ପ୍ରଧାନ ଜୀବିକା । ଶିଳ୍ପ ଓ ଇଞ୍ଜିନିଅରିଙ୍ଗ୍‌ରେ ମଧ୍ୟ ଆଇସ୍‌ଲାଣ୍ଡର ବହୁଲୋକ ନିଯୁକ୍ତ ହୋଇଛନ୍ତି । ଏ ଦେଶର ସାହିତ୍ୟ, କଳା, ସଂସ୍କୃତି ଖୁବ୍ ଉନ୍ନତ । ବହୁ ପ୍ରସିଦ୍ଧ ଲେଖକ ଓ ଚିତ୍ରଶିଳ୍ପୀ ଆନ୍ତର୍ଜାତିକ ଖ୍ୟାତି ଲାଭ କରିଛନ୍ତି । ଏହି ଆର୍କଟିକ୍ ଦେଶଟିର ପ୍ରାକୃତିକ ସୌନ୍ଦର୍ଯ୍ୟ ଅତୀବ ମନୋରମ ହୋଇଥିବାରୁ ବହୁ ସଂଖ୍ୟକ ବିଦେଶୀ ପର୍ଯ୍ୟଟକ ଆସିଥାଆନ୍ତି ।

***ସମ୍ବନ୍ଧୀୟ ବିଷୟ***

*ଆର୍କଟିକ୍ ଅଞ୍ଚଳ, ଉତ୍ତରସାଗର, ପୃଥିବୀ*

## ଆଇସୋଟପ୍

ରାସାୟନିକ ମୌଳିକ ଉପାଦାନ ସବୁର ଏଭଳି କେତେକ ପରମାଣୁ ଅଛନ୍ତି, ଯେଉଁଗୁଡ଼ିକଙ୍କର ପିରିଅଡିକ ଟେବଲ ବା ଆବର୍ତ୍ତସାରଣୀରେ ଥିବା ପାରମାଣବିକ ନମ୍ବର ସମାନ ହୋଇଥିଲେ ମଧ୍ୟ ବସ୍ତୁତ୍ୱ ବା ମାସ୍ ସମାନ ନୁହେଁ । ଏଭଳି ପରମାଣୁ ଗୁଡ଼ିକୁ ଆଇସୋଟପ୍ ବା ସମସ୍ଥାନିକ ବୋଲି କୁହାଯାଏ । ଅନ୍ୟ ଭାବରେ କହିବାକୁ ଗଲେ, ସେହି ଗୋଟିଏ ମୌଳିକ ଉପାଦାନଟିର ଆଉ କେତେ ପ୍ରକାରର ରୂପ ବା ଆକୃତି ମଧ୍ୟ ରହିଛି । ପ୍ରତ୍ୟେକ ପରମାଣୁର ଆଇସୋଟପ୍‌ରେ ଥିବା ନିଉଟ୍ରନ୍‌ର ସଂଖ୍ୟା ଭିନ୍ନ ଭିନ୍ନ । ତେଣୁ ଯେତେବେଳେ ଫ୍ଲୋରାଇନ୍‌ର ଗୋଟିଏ ବା ଟିଣର ଦଶଟି ଆଇସୋଟପ୍ ରହିଛି ବୋଲି କୁହାଯାଉଛି, ସେତେବେଳେ ଏହିସବୁ ପଦାର୍ଥର ପରମାଣୁର ସଂପୂର୍ଣ୍ଣ ସାଧାରଣ ଅବସ୍ଥା ବ୍ୟତୀତ ଆଉ କେତୋଟି ଅନ୍ୟ ରୂପ ଅଛି, ସେଇକଥାହିଁ କୁହାଯାଇଥାଏ ।

ମୌଳିକ ଉପାଦାନ ଗୁଡ଼ିକର ସ୍ଥାୟୀ ଆଇସୋଟପ୍ ସବୁ କେବଳ ପ୍ରକୃତିରେ ମିଳିଥାଏ ଓ ଅସ୍ଥାୟୀ ବା ବିଘଟନାଭିକ ଆଇସୋଟପ୍ ଗୁଡ଼ିକ ଗୋଟାଏ ନିର୍ଦ୍ଦିଷ୍ଟ ଢଙ୍ଗରେ ସବୁବେଳେ ଅନ୍ୟ ଉପାଦାନରେ ପରିଣତ ହୋଇଯାଇଥା'ନ୍ତି । ବିସ୍‌ମଥ୍‌ଠାରୁ ଭାରୀ ଅନ୍ୟ ସବୁ ମୌଳିକ ଉପାଦାନର ଆଇସୋଟପ୍ ହେଲେ ବିଘଟନାଭିକ । ଗୋଟିଏ ଉପାଦାନର ଆଇସୋଟପ୍ ଅନ୍ୟ ମୌଳିକ ଉପାଦାନରେ ପରିଣତ ହୋଇଯିବା 'ଢଙ୍ଗ'ବା ପ୍ରକ୍ରିୟାକୁ ଆଇସୋଟପ୍‌ର 'ଅର୍ଦ୍ଧଆୟୁଷ' ବା ହାଫ୍‌ଲାଇଫ୍ ବୋଲି କୁହାଯାଇଥାଏ ।

୧୯୧୩ ମସିହାରେ ଜଣେ ଇଂରେଜ ରସାୟନବିତ୍ ପ୍ରଥମ କରି 'ଆଇସୋଟପ୍' ଶବ୍ଦର ବ୍ୟବହାର କରିଥିଲେ ।

***ସମ୍ବନ୍ଧୀୟ ବିଷୟ***

*ପରମାଣୁ, ପଦାର୍ଥବିଜ୍ଞାନ, ଚିକିତ୍ସାବିଜ୍ଞାନ, ମୌଳିକ ଉପାଦାନ, ଭୂବିଜ୍ଞାନ, ଭୂବୟସ ସୀମା, ଆବର୍ତ୍ତନିୟମ, ବିଘଟନାଭିକତା, ଅପରାଧବିଜ୍ଞାନ, ନୃତତ୍ତ୍ୱ, ରସାୟନବିଜ୍ଞାନ, ପଦାର୍ଥ*

## ଆକ୍‌ଟିନିୟମ୍

ଏଇଟି ଗୋଟିଏ ବିଘଟନାଭିକ ରାସାୟନିକ ମୌଳିକ ଉପାଦାନ । ୧୮୯୯ ଓ ୧୯୦୨ ମସିହାରେ ଅଲଗା ଅଲଗା ଭାବେ ଏହାକୁ ଆବିଷ୍କାର କରାଯାଇଥିଲା । ରୂପା ଭଳି ଧଳା ଦେଖାଯାଉଥିବା ଆକ୍‌ଟିନିୟମ୍ ଧାତୁ ଅତ୍ୟନ୍ତ ବିରଳ । ସଂପୂର୍ଣ୍ଣ ଅନ୍ଧାରରେ ଏହା ନୀଳ ରଙ୍ଗରେ ଚକ୍‌ଚକ୍ କରେ ।

| | |
|---|---|
| *ପାରମାଣବିକ ନମ୍ବର* | *୮୯* |
| *ଯୋଜ୍ୟତା* | *୩* |

***ସମ୍ବନ୍ଧୀୟ ବିଷୟ***

*ମୌଳିକ ଉପାଦାନ*

▷▷

## ଆକବର
## (୧୫୪୨-୧୬୦୫)

ପୃଥିବୀ ଇତିହାସରେ ଜଣେ ଶ୍ରେଷ୍ଠ ସମ୍ରାଟ । ସେ ଯେ ଜଣେ ଶ୍ରେଷ୍ଠ ବିଜେତା ଥିଲେ, ଏ ବିଷୟରେ କୌଣସି ସନ୍ଦେହ ନାହିଁ; କିନ୍ତୁ ତାଙ୍କର ବିଶେଷତ୍ୱ ହେଉଛି ସେ ଜଣେ ଅଗ୍ରଗାମୀ ଶାସକ ଥିଲେ । ଆକବର ଯେଉଁ ଶାସନ ପଦ୍ଧତି ପ୍ରଚଳନ କରିଥିଲେ, ଇଂରେଜ ମାନେ ଭାରତରେ ରାଜତ୍ୱ କଲାପରେ, ମୋଟାମୋଟି ଭାବରେ ସେହି ପଦ୍ଧତିକୁହିଁ ଅନୁସରଣ କରିଯାଇଥିଲେ । ଆକବର ଠିକ୍ କଲେ ଯେ ଏହି ଦେଶରେ ବାସିନ୍ଦା ହୋଇ ରହିବେ । ତେଣୁ ଭାରତର ଲୋକମାନଙ୍କ ସହିତ ଭଲ ସଂପର୍କ ରଖିଲେ ଓ ନିଜକୁ ସେ ଜଣେ ଭାରତୀୟ କରିଦେଲେ । ସେ କହିଲେ ଭାରତ ଗୋଟାଏ ସଭ୍ୟ ଦେଶ । ଭାରତୀୟମାନଙ୍କୁ ଚିରଦିନ ପାଇଁ ବିଦେଶୀ ଶାସନ ଅଧୀନରେ ରଖିହେବ ନାହିଁ । ଯଦି ଭାରତରେ ମୋଗଲମାନେ ରହିବାକୁ ଚାହାଁନ୍ତି, ତା'ହେଲେ ସେମାନଙ୍କୁ ଭୁଲିଯିବାକୁ ହେବ ଯେ ସେମାନେ ବିଦେଶୀ ଓ ଭାରତ ସେମାନଙ୍କର ମାତୃଭୂମି ନୁହେଁ ।

ଭାରତକୁ ନିଜର ମାତୃଭୂମି ବୋଲି ବିଚାରି ନେବାକୁ ହେବ, ଏହି କଥା ବୁଝିଯିବାରୁ ଏ ଦେଶର ମଙ୍ଗଳ ପାଇଁ ସେ ବହୁତ କିଛି କାମ କଲେ ।



ଭାରତକୁ ଯେତେ ବିଦେଶୀ ଶାସକ ଆସିଛନ୍ତି, ଆକବର ହେଲେ ସେମାନଙ୍କ ଭିତରେ ପ୍ରଥମ ଯିଏକି ଏ ଦେଶକୁ ନିଜର ମାତୃଭୂମି ବୋଲି ବିଚାରିଲେ ।

ମୁସଲମାନ ମାନଙ୍କ ସମୟରୁ ଆରମ୍ଭ କରି ବ୍ରିଟିଶ ରାଜତ୍ୱକାଳ ପର୍ଯ୍ୟନ୍ତ ଯେଉଁ ବିଦେଶୀମାନେ ଭାରତକୁ ଆସି ଭାରତର ଲୋକଙ୍କୁ ଶାସନକୁ ଆଣିଥିଲେ ସେମାନଙ୍କ ଭିତରେ ଗୋଟାଏ ରୀତି ବରାବର ସମାନ ରହିଥିଲା । ସେମାନେ ଭାରତକୁ ଆସନ୍ତି । କିଛିଦିନ ରାଜତ୍ୱ ଚଳାନ୍ତି । କିଛି ଧନ ସମ୍ପତ୍ତି ନେଇ ନିଜ ଦେଶକୁ ପୁଣି ଫେରିଯା'ନ୍ତି । ଏ ଦେଶରେ ରହିବେ ନାହିଁ ବୋଲି ସ୍ଥିର କରିଥିବାରୁ ଏଠା ଲୋକଙ୍କ ପ୍ରତି ସେମାନଙ୍କର କିଛି ଦୟାମାୟା ନଥାଏ । କିନ୍ତୁ ପ୍ରଥମ ଥର ପାଇଁ ସବୁ ଧର୍ମର ଲୋକଙ୍କୁ ସମାନ ଭାବରେ ଦେଖିଲେ ।

ସିନ୍ଧ ପ୍ରଦେଶର ଉମରକୋଟ ଠାରେ ଆକବର ଜନ୍ମ ହୋଇଥିଲେ । ପିତା ହୁମାୟୁନଙ୍କ ମୃତ୍ୟୁପରେ ୧୫୬୦ ମସିହାରେ ସେ ସିଂହାସନ ଆରୋହଣ କଲେ । ତାଙ୍କ ଶାସନର ପ୍ରଥମ ଅବସ୍ଥାରେ ମୋଗଲ ସାମ୍ରାଜ୍ୟରେ ଗଣ୍ଡଗୋଳ ଲାଗି ରହିଥିଲେ ମଧ୍ୟ ପରେ ଆକବର ନିଜ ପ୍ରତିଷ୍ଠା ଜାହିର୍ କରି ସମଗ୍ର ଉତ୍ତର ଓ ଉତ୍ତର-ପଶ୍ଚିମ ଭାରତକୁ ନିଜ ଅଧୀନକୁ ଆଣିପାରିଥିଲେ । ଏହାଙ୍କ ପୂରାନାମ ହେଲା *ଜଲାଲ-ଉଦ୍ଦିନ ମହମ୍ମଦ ଅକବର* ।

***ସମ୍ବନ୍ଧୀୟ ବିଷୟ***

*ଭାରତ, ଭାରତ ଇତିହାସ, ମୋଗଲ ଶାସନ, ଦିନ୍-ଇ-ଇଲାହୀ, ଭୂସଂସ୍କାର*

▷▷

## ଆକାଡେମୀ

ପୁରାତନ ଗ୍ରୀସ୍‌ରେ ଥିବା ପ୍ରସିଦ୍ଧ ବିଦ୍ୟାନୁଷ୍ଠାନ । ଖ୍ରୀଷ୍ଟପୂର୍ବ ଚତୁର୍ଥ ଶତାବ୍ଦୀରେ ଗ୍ରୀସ୍ ରାଜଧାନୀ ଏଥେନ୍‌ସ ନିକଟରେ ଥିବା ଗୋଟିଏ ଉଦ୍ୟାନରେ ଦାର୍ଶନିକ ପ୍ଲାଟୋ ତାଙ୍କ ଶିଷ୍ୟ ମାନଙ୍କୁ ଶିକ୍ଷା ଦେଉଥିଲେ ଓ ସେହି ଉଦ୍ୟାନଟିର ନାମ 'ଆକାଡେମୀ' ବୋଲି ସେକାଳରେ ସମସ୍ତେ ଜାଣିଥିଲେ । ପରେ ପୃଥିବୀର ଅନ୍ୟ ଅଞ୍ଚଳରେ ଯେତେବେଳେ ଉଚ୍ଚମାନର ସାଂସ୍କୃତିକ ତଥା ଉଚ୍ଚଶିକ୍ଷା କେନ୍ଦ୍ର ସବୁ ଖୋଲିଗଲା, ସେଗୁଡ଼ିକର ମହତ୍ତ୍ୱ ଦୃଷ୍ଟିରୁ ଗୁରୁତ୍ୱ ଦେବାପାଇଁ ସେଗୁଡ଼ିକୁ ଆକାଡେମୀ ନାମରେ ଅଭିହିତ କରାଗଲା । ଗ୍ରୀସ୍‌ରେ ଏହି ଯେଉଁ ଆକାଡେମୀ ଆରମ୍ଭ ହୋଇଥିଲା, ତାହା ପ୍ରାୟ ୯୦୦ ବର୍ଷ ପର୍ଯ୍ୟନ୍ତ ଶିକ୍ଷା-ସଂସ୍କୃତିର କେନ୍ଦ୍ର ହୋଇ ରହିଥିଲା; ୫୨୯ ଖ୍ରୀଷ୍ଟାବ୍ଦରେ ଜଣେ ଗ୍ରୀକ୍ ସମ୍ରାଟ କିନ୍ତୁ ତାକୁ ବନ୍ଦ କରିଦେଇଥିଲେ ।

ଆଧୁନିକ ଯୁଗରେ ଆକାଡେମୀ ବା ଆକାଦେମୀ ବୋଲି କହିଲେ ବୁଝାଯାଉଛି ଯେ କୌଣସି ସ୍ୱାର୍ଥ ନଥାଇ ସାହିତ୍ୟ, ବିଜ୍ଞାନ, କଳା ବା ମାନବଜ୍ଞାନର ଅନ୍ୟ କୌଣସି ବିଭାଗର ଉନ୍ନତି ପାଇଁ ଯେଉଁ ଅନୁଷ୍ଠାନରେ ଚର୍ଚ୍ଚା, ଗବେଷଣା ଇତ୍ୟାଦି ଚାଲେ । ଏହି ଆକାଡେମୀ ଗୁଡ଼ିକୁ ସରକାର ବା କୌଣସି ମୁଖ୍ୟ ସଂସ୍ଥା ଆର୍ଥିକ ସାହାଯ୍ୟ ବା ସ୍ୱୀକୃତି ଦେଇଥା'ନ୍ତି । ଏକବିଂଶ ଶତାବ୍ଦୀର ଆରମ୍ଭ ବେଳକୁ ସବୁ ଉନ୍ନତ ଦେଶରେ ସେହି ଦେଶର ସର୍ବଶ୍ରେଷ୍ଠ ସାଂସ୍କୃତିକ କେନ୍ଦ୍ର ଭାବେ ଆକାଡେମୀ ମାନ ପ୍ରତିଷ୍ଠା ହୋଇଛି । ଭାରତ ସ୍ୱାଧୀନତା ଲାଭ କଲାପରେ କେନ୍ଦ୍ରୀୟ ସ୍ତରରେ ଚାରୁକଳା, ସାହିତ୍ୟ, ନାଟକ ପ୍ରଭୃତି ପାଇଁ ଭିନ୍ନ ଭିନ୍ନ ଧରଣର ଆକାଡେମୀ ସବୁ ସ୍ଥାପନ କରାଯାଇଥିଲା । ରାଜ୍ୟ ଗୁଡ଼ିକରେ ମଧ୍ୟ ଏହି ଧରଣର ଅନୁଷ୍ଠାନ ସବୁ ଅଛନ୍ତି ।

***ସମ୍ବନ୍ଧୀୟ ବିଷୟ***

*ପ୍ଲାଟୋ, ମାନବଜ୍ଞାନ, ଗ୍ରୀକ୍ ସଭ୍ୟତା, ସଂସ୍କୃତି*

▷▷

## ଆକାଶ

ପୃଥିବୀ କହିଲେ ସାଧାରଣତଃ ବୁଝାଏ ଜଳ, ସ୍ଥଳ, ଆକାଶ । ପ୍ରଥମ ଅବସ୍ଥାରେ ମନେ ହେଉଥିଲା ଯେ ପୃଥିବୀଟି ପ୍ରକୃତରେ ଜଳ ଓ ସ୍ଥଳକୁ ନେଇ ଗଢ଼ା ହୋଇଛି—ବେଶୀ ଭାଗ ଜଳ ଓ କମ୍ ଭାଗ

ସ୍ଥଳ । ତା' ଉପରକୁ ଯେଉଁଟା ରହିଛି, ସେଇଟା ଶୂନ୍ୟସ୍ଥାନ—ସେଥିରେ କିଛି ନାହିଁ । ବହୁ ଉଚ୍ଚରେ ସୂର୍ଯ୍ୟ, ଚନ୍ଦ୍ର, ତାରା ସବୁ ଦେଖାଯା'ନ୍ତି ।

କିନ୍ତୁ ପରେ ଜଣାପଡ଼ିଲା ଯେ ପୃଥିବୀ ଚାରିପଟେ ପବନର ଗୋଟାଏ ଢାଙ୍କୁଣୀ ବା ଆବରଣ ରହିଛି । ଆକାଶ କହିଲେ ସାଧାରଣ ଭାବେ ଏହାକୁହିଁ ବୁଝାଉଛି । ଶୂନ୍ୟ ବୋଲି ଜଣାପଡୁଥିବା ଆକାଶଟା ପ୍ରକୃତରେ ଶୂନ୍ୟ ନୁହେଁ । ସେଠି କେତେ ପ୍ରକାରର ବାଷ୍ପ ରହିଛି । ବେଶୀ ଭାଗ ହେଲା ଯବକ୍ଷାରଜାନ ବା ନାଇଟ୍ରୋଜେନ ଏବଂ ଅମ୍ଳଜାନ ବା ଅକ୍ସିଜେନ । ଜଳୀୟ ବାଷ୍ପ ଏବଂ ଆଉ କେତେକ ତରଳ, କଠିନ ଓ ସୂକ୍ଷ୍ମ ପଦାର୍ଥ ମଧ୍ୟ ଆକାଶ ଭିତରେ ରହିଛି । ଏହି ଆକାଶକୁ ବାୟୁମଣ୍ଡଳ ନାମ ଦିଆଯାଇଛି । ପୃଥିବୀ ଚାରିପଟେ ଆଖିକୁ ଜଣାପଡୁ ନଥିବା ଏହି ଆବରଣ ପରସ୍ତ ପରସ୍ତ ହୋଇ ରହିଛି ବୋଲି ପରେ ବିଜ୍ଞାନୀମାନେ କହିଲେ । ଏହି ବାୟୁମଣ୍ଡଳଟି ପୃଥିବୀକୁ ଗୋଟାଏ ମୁଖ୍ୟ ବିପଦରୁ ରକ୍ଷା କରିଛି । ସୂର୍ଯ୍ୟଙ୍କର ତେଜ କିରଣ ଯଦି ସିଧାସଳଖ ଆସି ପୃଥିବୀ ଉପରେ ପଡ଼ନ୍ତା ତାହାହେଲେ ଜୀବଜନ୍ତୁ, ଗଛଲତା ତାହାକୁ ସମ୍ଭାଳି ପାରନ୍ତେ ନାହିଁ । ଆକାଶ ସେହି ତେଜ କିରଣକୁ ଅଟକାଇ ଅଟକାଇ ତା' ତେଜ କମାଇ କମାଇ ପୃଥିବୀ ଉପରକୁ ଏଭଳି ଭାବରେ ଛାଡୁଛି ଯେ ଆମର କିଛି କ୍ଷତି ହେଉନାହିଁ । ସୂର୍ଯ୍ୟ କିରଣରେ ଥିବା ଅନ୍ୟ ବହୁ କ୍ଷତିକାରକ ଇଲେକ୍‌ଟ୍ରୋମାଗ୍ନେଟିକ ବିକିରଣକୁ ମଧ୍ୟ ଏହା ଅଟକାଇ ଦେଉଛି । ଶୂନ୍ୟ ଆକାଶକୁ ବିଜ୍ଞାନୀମାନେ କେତେଟା ସ୍ତରରେ ଭାଗ କରିଦେଇ କୁହନ୍ତି କେଉଁ ସ୍ତରରେ କ'ଣ ସବୁ ଅଛି ।

ପୃଥିବୀକୁ ଲାଗିକରି ଯେଉଁ ପବନ ରହିଛି ସେଥିରେ ଶତକରା ଅଠସ୍ତରି ଭାଗ ହେଉଛି ଯବକ୍ଷାରଜାନ ବାଷ୍ପ, ଶତକରା ଏକୋଇଶ ଭାଗ ହେଉଛି ଅମ୍ଳଜାନ । ଖୁବ୍ ଅଳ୍ପ ପରିମାଣରେ ଅଙ୍ଗାରକାମ୍ଳ ରହିଛି । ଏହା ବ୍ୟତୀତ ଉଦ୍‌ଜାନ ଏବଂ ଓଜୋନ ଭଳି କେତୋଟି ବାଷ୍ପ ଅଳ୍ପ ପରିମାଣରେ ରହିଛି । ପବନର ଏହି ଯେଉଁ ଭାଗମାପ କଥା କୁହାଗଲା ପୃଥିବୀପୃଷ୍ଠରୁ ଅଧିକ ଉଚ୍ଚରେ ତାହା ବଦଳିଯାଉଛି । ଏହି ଭାଗମାପ ବଦଳିବା ଫଳରେ କ'ଣ ହେଉଛି ସେ କଥା ଜଣାପଡ଼ିଗଲାଣି ।

ବିଜ୍ଞାନୀମାନେ 'ପତଳା ପବନ' ବୋଲି ସମୟେ ସମୟେ କହିଦିଅନ୍ତି । ଏମିତି କହିବାର କାରଣ ମଧ୍ୟ ଅଛି । ପୃଥିବୀକୁ ଲାଗିକରି ଯେଉଁ ପବନ ଅଛି, ସେଥିରେ ଅମ୍ଳଜାନ ବେଶୀ ପରିମାଣରେ ଅଛି । ତେଣୁ ନିଶ୍ୱାସରେ ଯେଉଁ ପବନ ଯାଏ ତାହା ଶରୀର ଭିତରେ ଯେତିକି ଅମ୍ଳଜାନ ଆମର ଲୋଡ଼ା ସେତିକି ଯୋଗାଇ ଦିଏ । କିନ୍ତୁ ଯଦି ହିମାଳୟ ପର୍ବତ ଉପରକୁ ଜଣେ ଚଢ଼ିବ, ଅନୁଭବ କରିବ ଯେ ଅଣନିଶ୍ୱାସୀ ହୋଇ ଯାଉଛି । ସେଠା ପବନରେ ଅମ୍ଳଜାନ ଭାଗର ପରିମାଣ ଢେର କମ୍ । ସେଥିପାଇଁ ଯେଉଁମାନେ ଉଚ୍ଚ ପର୍ବତ ଚଢ଼ନ୍ତି, ସେମାନେ ସାଧାରଣତଃ ଅମ୍ଳଜାନ ମୁଖା ନେଇ ଯାଇଥାଆନ୍ତି ।

ଯାହାକୁ ଶୂନ୍ୟ ବୋଲି କୁହାଯାଇଥାଏ ତାହାରି ଦେହରେ ସମୟେ ସମୟେ ଜଳକଣା ଭରିଯାଏ । ଫଳରେ ଆକାଶରେ ବଉଦ ଦେଖାଯାଏ । ବଉଦ ଯେତେବେଳେ ଘନ ହୋଇଯାଏ, ସେହି ଜଳକଣା ବର୍ଷା ରୂପରେ ଆସି ପୃଥିବୀ ପୃଷ୍ଠରେ ପଡ଼େ । ସମୟେ ସମୟେ ବଉଦ ଜୋରରେ ଆକାଶରେ ଭାସୁଥାଏ । ଝଡ଼ ବା ବତାସ ବେଳେ ପବନ ଏତେ ଜୋରରେ ବହେ ଯେ ଘରଦ୍ୱାର ଗଛ ଇତ୍ୟାଦିକୁ ଭାଙ୍ଗି ପକାଏ । ସେତିକିବେଳେ ବିଜ୍ଞାନୀମାନେ କହନ୍ତି ଯେ ଯେଉଁ ପବନ ରହିଛି ତାହାର ଓଜନ ଅଛି ଓ ତାହାର ପୃଥିବୀ ଉପରେ ଗୋଟାଏ ଚାପ ଅଛି ।

***ସମ୍ବନ୍ଧୀୟ ବିଷୟ***

*ବିଶ୍ୱ, ପୃଥିବୀ, ଧୂଳିକଣା, ବାୟୁମଣ୍ଡଳ, ଆଲୋକ, ସାହିତ୍ୟ, ଜଳବାୟୁ, ପାଗ, ଗମନାଗମନ, ପରିବେଶ, ଇକୋସିଷ୍ଟମ ଓ ଆହୁରି ଅନେକ ବିଷୟ*

▷ ▷

## ଆକାଶବାଣୀ

ଭାରତ ସରକାରଙ୍କ ବେତାର ସଂସ୍ଥା ବା ଅଲ୍-ଇଣ୍ଡିଆ ରେଡ଼ିଓର ଏହା ହେଲା ସରକାରୀ ନାମ । ୧୯୫୮ ମସିହାରେ ସରକାରୀ ଭାବେ ଏହି ନାମ ପ୍ରଥମ କରି ବ୍ୟବହାର ହେଲା ।

ଅଲ୍ ଇଣ୍ଡିଆ ରେଡିଓ ଜୁନ୍ ୦୮, ୧୯୩୬ ମସିହା ପୂର୍ବରୁ 'ଇଣ୍ଡିଆ ଷ୍ଟେଟ୍ ବ୍ରଡ୍‌କାଷ୍ଟିଙ୍ଗ ସର୍ଭିସ' ଭାବରେ ଜଣାଥିଲା । ୧୯୨୭ ମସିହାରେ ଏଥିରୁ ପ୍ରଥମ ସମ୍ବାଦ ବୁଲେଟିନ ପ୍ରସାରିତ ହୋଇଥିଲା । ଆଜି ଫରାସୀ, ପର୍ତ୍ତୁଗୀଜ, ତିବ୍ବତୀୟ ଓ ଭୁଟାନି ସମେତ ୨୪ ଟି ଭାଷାରେ ୧୮୫ଟି ଷ୍ଟେସନରୁ ଆକାଶବାଣୀର ଘରୋଇ କାର୍ଯ୍ୟକ୍ରମ ପ୍ରସାରିତ ହୋଇଥାଏ । ୧୪୬ଟି ବୋଲି ବା ଉପଭାଷାରେ ମଧ୍ୟ କାର୍ଯ୍ୟକ୍ରମ ପ୍ରସ୍ତୁତ ହୁଏ । ୧୯୫୭ ମସିହା ଗାନ୍ଧୀ ଜୟନ୍ତୀ ଦିନଠାରୁ ମନୋରଞ୍ଜନ କାର୍ଯ୍ୟକ୍ରମ ଉପରେ ଆଧାରିତ 'ବିବିଧ-ଭାରତୀ'କୁ ସ୍ୱତନ୍ତ୍ର ଭାବେ ପ୍ରସାରଣ କରାଗଲା । ଆକାଶବାଣୀର ଲଦାଖରେ ଥିବା ଲେହ ଷ୍ଟେସନ ପୃଥିବୀର ସବୁଠାରୁ ଉଚ୍ଚ ବେତାର ପ୍ରସାରଣ କେନ୍ଦ୍ର ବୋଲି କୁହାଯାଇଥାଏ । ଦୂରଦର୍ଶନ ଆରମ୍ଭବେଳେ ଆକାଶବାଣୀ ଅଧୀନରେ ଥିଲା ଓ ୧୯୭୬ ମସିହାରେ ଯାଇ ଗୋଟିଏ ସ୍ୱତନ୍ତ୍ର ସେବାରେ ପରିଣତ ହେଲା । ଆକାଶବାଣୀ ବୈଦେଶିକ ପ୍ରସାରଣ ସେବାର ଖ୍ୟାତି ରହିଛି ।

ଆକାଶବାଣୀର ପ୍ରତୀକ

***ସମ୍ବନ୍ଧୀୟ ବିଷୟ***

*ଭାରତ, ଭାରତୀୟ ସଙ୍ଗୀତ, ଭାରତୀୟ ସିନେମା, ବ୍ରଡ୍‌କାଷ୍ଟିଙ୍ଗ, ଦୂରଦର୍ଶନ, ରେଡିଓ, ସମାଜ, କୃଷି, ତଥ୍ୟ, ଭାରତୀୟ ସ୍ୱାଧୀନତା ଆନ୍ଦୋଳନ, ବିକାଶ*

▷ ▷

## ଆକାଶମୁଖୀ

ଶୈବ-ସନ୍ନ୍ୟାସୀ ସଂପ୍ରଦାୟ । କୃଚ୍ଛ୍ର ସାଧନ କରି ସବୁବେଳେ ଉପରକୁ ମୁହଁ କରି ରହୁଥିବାରୁ ଏମାନଙ୍କୁ ଆକାଶମୁଖୀ ବା ଊର୍ଦ୍ଧ୍ୱମୁଖୀ ବୋଲି କୁହାଯାଏ । ଏଭଳି ମୁହଁ ଉପରକୁ କରି ରହିବା ଫଳରେ ସେହି ସାଧକମାନଙ୍କ ବେକର ପଛପଟ ମାଂସପେଶୀ ଗୁଡ଼ିକ କ୍ରମେ ସଂକୁଚିତ ହୋଇଯାଏ ଓ କିଛିଦିନପରେ ସେମାନଙ୍କ ପକ୍ଷରେ ଆଉ ଆଗକୁ ମୁଣ୍ଡ ଝୁଙ୍କାଇବା ସମ୍ଭବ ହୁଏନାହିଁ । ଆକାଶମୁଖୀ ସନ୍ନ୍ୟାସୀ ମାନେ ହେଲେ ଭିକ୍ଷାଜୀବୀ ।

***ସମ୍ବନ୍ଧୀୟ ବିଷୟ***

*ସନ୍ନ୍ୟାସ, ହିନ୍ଦୁ ଧର୍ମ, ଶୈବବାଦ*

▷ ▷

## ଆକିହିଟୋ
(୧୯୩୩-)

ପିତା ହିରୋହିଟୋଙ୍କ ମୃତ୍ୟୁପରେ ୧୯୮୯ ମସିହାରୁ ଆକିହିଟୋ ସମୃଦ୍ଧଶାଳୀ ଗଣତାନ୍ତ୍ରିକ



ଆକିହିଟୋ

ଦେଶ ଜାପାନର ସମ୍ରାଟ ଭାବେ ସିଂହାସନ ଆରୋହଣ କରିଛନ୍ତି । ସେ ଜଣେ ସୌଖୀନ ସାମୁଦ୍ରିକ ଜୀବବିଜ୍ଞାନୀ । ବେହେଲା ବାଦନରେ ମଧ୍ୟ ତାଙ୍କର ଦକ୍ଷତା ଅଛି ।

*ସମ୍ବନ୍ଧୀୟ ବିଷୟ*
*ଜାପାନ*

▷▷

## ଆକୁପଙ୍କଚର

ଶରୀରରେ ନିଶ୍ଚୟ ରୋଗ ରହିବ । ସେ ରୋଗକୁ ଭଲ କରିବା ପାଇଁ ଉପାୟ ବାହାର କରାଯାଏ । ସଭ୍ୟତାର ବିକାଶ ସଙ୍ଗେ ସଙ୍ଗେ ହଜାର ହଜାର ବର୍ଷର ପରୀକ୍ଷା ନିରୀକ୍ଷା ପରେ ରୋଗ ଭଲ କରିବାପାଇଁ ଗୋଟିଏ ଗୋଟିଏ ପନ୍ଥା ବାହାର କରାଗଲା । ସେଗୁଡ଼ିକୁ ଗୋଟିଏ ଗୋଟିଏ ନାମ



ମାନବଶରୀରର ବିଭିନ୍ନ ଆକୁପଙ୍କଚର ସ୍ଥଳ ଦର୍ଶାଉଥିବା ଏହି ରେଖାଚିତ୍ରଟି ପାରିସସ୍ଥିତ ଏକ ମିଉଜିଅମ୍‌ରେ ଥିବା ଗୋଟିଏ ପୁରାତନ ଚୀନା ପାଣ୍ଡୁଲିପିରେ ରହିଛି ।

ଦିଆଯାଇଛି । ଯେମିତି ଗୋଟିକର ନାମ ଆୟୁର୍ବେଦ, ଆଉ ଗୋଟିକର ନାମ ଏଲୋପାଥି; ଏହା ସାଙ୍ଗକୁ ହୋମିଓପାଥି ଓ ୟୁନାନୀ ମଧ୍ୟ ଅଛି । ଯେଉଁମାନେ ଆୟୁର୍ବେଦ ବାଟ ଧରିଛନ୍ତି ସେମାନଙ୍କୁ କବିରାଜ ଓ ଏଲୋପାଥି ଆଦରି ନେଇଥିବା ଲୋକଙ୍କୁ ଡାକ୍ତର ବୋଲି କୁହାଯାଏ । ସେମିତି ଚୀନ ଦେଶରେ କେତେକ ଲୋକ କେତେଗୁଡ଼ିଏ ରୋଗକୁ ଭଲ କରିବାପାଇଁ ଶରୀରରେ ଛୁଞ୍ଚିଫୋଡ଼ା-କୌଶଳ ବାହାର କଲେ । ସେହି ଚିକିତ୍ସାଶାସ୍ତ୍ରୀମାନେ ସେଭଳି କରିବାପାଇଁ ଦେହରେ ପ୍ରାୟ ସାତଶହଟି ସ୍ଥାନ ସ୍ଥିର କରିଦେଲେ । ସେହି ସେହି ସ୍ଥାନରେ ଭିନ୍ନ ଭିନ୍ନ ଧାତୁରେ ତିଆରି ଛୁଞ୍ଚି ଫୋଡ଼ି କେତେଗୁଡ଼ିଏ ପୁରାତନ ରୋଗ ଭଲ କରାଯାଇପାରୁଛି । କାଠର ମନୁଷ୍ୟ ମୂର୍ତ୍ତିଟିଏ ତିଆରି କରି କେଉଁଠି କେଉଁଠି ଛୁଞ୍ଚି ଫୋଡ଼ାଯିବ ସେ ବିଷୟରେ ଆକୁପଙ୍କଚର କରୁଥିବା ଲୋକଙ୍କୁ ଶିକ୍ଷା ଦିଆଯାଏ । ଏହି ପ୍ରକାର ଚିକିତ୍ସାକୁ ତେଣୁ ଆକୁପଙ୍କଚର ବୋଲି ନାମ ଦିଆଯାଇଛି । ତାହାରି ଅନ୍ୟ ନାମ ହେଉଛି 'ତୀକ୍ଷ୍ଣ-ସୂଚୀ-ଭେଦ' ଚିକିତ୍ସା । ଚୀନାମାନେ ଏହାକୁ କହନ୍ତି ଚେନ୍‌ଚିୟୁ । ଚୀନ ଦେଶରୁ ଜାପାନ ଲୋକେ ଏହାକୁ ଶିଖିଲେ । ଏବେ ପୃଥିବୀର ବହୁ ଅଞ୍ଚଳରେ ଏହାର ପରୀକ୍ଷା ଚାଲିଛି । ଆମ ଦେଶରେ ମଧ୍ୟ ଏହାର ଚଳଣି ଦେଖାଦେଲାଣି । ଆଧୁନିକ ଚିକିତ୍ସାଶାସ୍ତ୍ରର ଗୋଟାଏ ସ୍ୱୀକୃତ ବିଭାଗ ଭାବେ ଆକୁପଙ୍କଚରକୁ ବହୁ ଚିକିତ୍ସକ ଗ୍ରହଣ କରିଗଲେଣି ।

*ସମ୍ବନ୍ଧୀୟ ବିଷୟ*
*ଚିକିତ୍ସା ପଦ୍ଧତି, ଚୀନ, ମାନବଶରୀର, ଚିକିତ୍ସାଶାସ୍ତ୍ର*

▷▷

## ଆକୋଙ୍କାଗୁଆ

ଦକ୍ଷିଣ ଆମେରିକାର ଆର୍ଜେଣ୍ଟିନା ଦେଶରେ ଥିବା ଏହି ପ୍ରସିଦ୍ଧ ପର୍ବତ ଶୃଙ୍ଗର ଉଚ୍ଚତା ହେଲା ୬,୯୫୯ ମିଟର । ପଶ୍ଚିମ ଗୋଲାର୍ଦ୍ଧର ଏହା ହେଲା ଉଚ୍ଚତମ ଶୃଙ୍ଗ ଓ ଆଣ୍ଡିଜ ପର୍ବତମାଳାରେ ରହିଛି । ୧୮୯୭ ମସିହାରେ ମଣିଷ ଆକୋଙ୍କାଗୁଆ ଶୃଙ୍ଗ ଉପରେ ପ୍ରଥମେ ପାଦ ଦେଇଥିଲା ।

*ସମ୍ବନ୍ଧୀୟ ବିଷୟ*
*ପର୍ବତ, ଦକ୍ଷିଣ ଆମେରିକା, ଆଣ୍ଡିଜ ପର୍ବତମାଳା*

▷▷

## ଆକ୍ୱାବା ଉପସାଗର

ଲୋହିତସାଗରର ଏହି ଉତ୍ତରପୂର୍ବ ଅଂଶଟିର ସାମରିକ ତଥା ଅର୍ଥନୈତିକ ଗୁରୁତ୍ୱ ମଧ୍ୟପ୍ରାଚ୍ୟ ଅଞ୍ଚଳ ପାଇଁ ରହିଛି । ସାଉଦୀ ଆରବ ଓ ସାଇନାଇ ପ୍ରାୟଦ୍ୱୀପ ଭିତରକୁ ପଶିଯାଇଥିବା ଆକ୍ୱାବାର ଲମ୍ବ ହେଲା ପ୍ରାୟ ୧୬୨ କିଲୋମିଟର ଓ ଚଉଡ଼ା ସ୍ଥଳବିଶେଷରେ ୧୯ରୁ ୨୭ କିଲୋମିଟର ପର୍ଯ୍ୟନ୍ତ । ଇଜିପ୍ଟ, ଇସ୍ରାଏଲ, ଜୋର୍ଡାନ ଓ ସାଉଦୀ ଆରବ ରାଷ୍ଟ୍ର ଗୁଡ଼ିକର ସୀମାକୁ ଏହି ଉପସାଗରଟି ସ୍ପର୍ଶ କରୁଛି । ଭାରତ ମହାସାଗର ଓ ଲୋହିତ ସାଗରକୁ ଆକ୍ୱାବା ଦେଇ ନୌଚଳାଚଳ ହୋଇଥାଏ ।

*ସମ୍ବନ୍ଧୀୟ ବିଷୟ*
*ମଧ୍ୟପ୍ରାଚ୍ୟ, ଲୋହିତ ସାଗର, ଭୂବିଜ୍ଞାନ*

▷▷

## ଆକ୍ୱିନୋ, ମାରିଆ କୋରାଜନ (୧୯୩୩-)

ଫିଲିପାଇନ୍‌ସ୍‌ର ଏକଛତ୍ରବାଦୀ ତଥା ଅତ୍ୟାଗ୍ରହୀ ଶାସକ ଫର୍ଡିନାଣ୍ଡ ମାର୍କସ୍‌ଙ୍କ ପତନ ପରେ ୧୯୮୬ରୁ '୯୨ ମସିହା ପର୍ଯ୍ୟନ୍ତ ଆକ୍ୱିନୋ ସେ ଦେଶର ପ୍ରେସିଡେଣ୍ଟ ହୋଇଥିଲେ । ତାଙ୍କ ସ୍ୱାମୀଙ୍କୁ ୧୯୮୩ ମସିହାରେ ମାର୍କସ୍‌ଙ୍କ ଆଦେଶରେ



ମାରିଆ 'କରି' ଆକ୍ୱିନୋ

ହତ୍ୟା କରାଯାଇଥିଲା । ପରେ ଯେଉଁ ଅହିଂସ ଜନଜାଗରଣ ଫଳରେ ମାର୍କସ୍‌ଙ୍କ ପତନ ହେଲା ତା'ର ନେତୃତ୍ୱ ମଧ୍ୟ 'କରି' ଆକ୍ୱିନୋ ନେଇଥିଲେ ।

*ସମ୍ବନ୍ଧୀୟ ବିଷୟ*
*ଫିଲିପାଇନ୍‌ସ୍, ଫର୍ଡିନାଣ୍ଡ ମାର୍କସ୍, ଗଣତନ୍ତ୍ର*

▷▷

## ଆକ୍ରମଣ

ଆନ୍ତର୍ଜାତୀୟ ସଂପର୍କ କ୍ଷେତ୍ରରେ ଏକ ବା ଏକାଧିକ ରାଷ୍ଟ୍ର ଦ୍ୱାରା ଅନ୍ୟ ରାଷ୍ଟ୍ର ବା ରାଷ୍ଟ୍ର ସମୂହ ଉପରେ ସାମରିକ ଶକ୍ତି ପ୍ରୟୋଗ କରିବା କ୍ରିୟା । "ନିଜର ଆତ୍ମରକ୍ଷା ପାଇଁ ଆବଶ୍ୟକ ନ ହେଉଥିବା ବେଳେ, ଆନ୍ତର୍ଜାତୀୟ ଅଧିକାର ସାବ୍ୟସ୍ତ କରିବାର ଆବଶ୍ୟକତା ନଥିବା ସ୍ଥଳେ ବା ଯେଉଁ ରାଷ୍ଟ୍ର ଭିତରକୁ ସୈନ୍ୟ ପ୍ରେରଣ କରାଯାଇଛି, ସେହି ରାଷ୍ଟ୍ରର ସମ୍ମତି ନିଆ ନ ଯାଇଥିବା ସ୍ଥଳେ, ଯଦି ସାମରିକ ଶକ୍ତି ପ୍ରୟୋଗ କରାଯାଇଛି"—ହେଲା ଆକ୍ରମଣର ଗୋଟିଏ ଆଇନଗତ ସଂଜ୍ଞା । ଏହି ସଂଜ୍ଞା ବଳରେ ଯୁଦ୍ଧ-ଅପରାଧୀ ମାନଙ୍କର ବିଚାର କରାଯାଏ ଓ ଆକ୍ରମଣକାରୀ ରାଷ୍ଟ୍ରଠାରୁ କ୍ଷତିପୂରଣ ଆଦାୟ କରାଯାଏ ।

ଆଇନ ଦୃଷ୍ଟିରୁ ଗୋଟାଏ ଆନ୍ତର୍ଜାତୀୟ ସନ୍ଧି ବା ଆଇନକୁ ଭଙ୍ଗକରି ଅନ୍ୟ ଦେଶ ବିରୁଦ୍ଧରେ ସୈନ୍ୟ ପ୍ରେରଣ ମଧ୍ୟ ହେଉଛି ଆକ୍ରମଣ । ଜାତିସଂଘ ଭଳି ସଂସ୍ଥା ସ୍ଥିର କରିଥା'ନ୍ତି ଗୋଟିଏ ଦେଶକୁ

'ଆକ୍ରମଣକାରୀ' ଭାବେ ଧରାଯିବ କି ନାହିଁ । ଦେଖାଯାଇଛି ଯେ ଆନ୍ତର୍ଜାତୀୟ ସଂସ୍ଥା ଗୁଡ଼ିକ ଅନେକ କ୍ଷେତ୍ରରେ ଯୁଦ୍ଧ ବନ୍ଦ କରାଇ ଦେଇ-ପାରିଛନ୍ତି ବା କିଏ ଆକ୍ରମଣକାରୀ ବୋଲି ହୁଏତ କହିଦେଇଛନ୍ତି । ଏହା ସତ୍ତ୍ୱେ କିନ୍ତୁ ପ୍ରାୟ ସବୁ କ୍ଷେତ୍ରରେ ଆକ୍ରମଣକାରୀ ରାଷ୍ଟ୍ର ଯେତକ ଲାଭ ଉଠାଇ ଦେଇଥାଏ ସେଥିରୁ ତାଙ୍କୁ ବଞ୍ଚିତ କରିବା ସହଜ ହୋଇନାହିଁ । ୧୯୯୦-୯୧ ମସିହାରେ କୁଏଟ ଉପରେ ଆକ୍ରମଣ କରିବା ଘଟଣାରେ ଅବଶ୍ୟ ଆନ୍ତର୍ଜାତୀୟ ଉଦ୍ୟମ ଫଳରେ ଆକ୍ରମଣ-କାରୀ ଇରାକର ପ୍ରକୃତ କ୍ଷତି ହୋଇଯାଇଥିଲା । ଆଉ କେତେକ କ୍ଷେତ୍ରରେ କିନ୍ତୁ ପୃଥିବୀର ଗୋଟିଏ ଗୋଟିଏ ରାଷ୍ଟ୍ର ଆକ୍ରମଣାତ୍ମକ କାର୍ଯ୍ୟ ଚଳାଉଥିଲେ ମଧ୍ୟ ଆନ୍ତର୍ଜାତୀୟ ଆଇନ ସେମାନଙ୍କୁ ଧରିବା ସମ୍ଭବ ହେଉନାହିଁ ବା ସେଦିଗରେ କେହି ଉଦ୍ୟମ କରୁନାହାନ୍ତି ।

ମନସ୍ତାତ୍ତ୍ୱିକ, ରାଜନୈତିକ, ଆଇନଗତ ଓ ସାମରିକ ଦୃଷ୍ଟିରୁ ଯାହାକୁ ଆକ୍ରମଣାତ୍ମକ କ୍ରିୟା ବୋଲି କୁହାଯିବ, ତାହା ବ୍ୟତୀତ ଆଧୁନିକ ଯୁଗରେ ଅର୍ଥନୈତିକ ଓ ସାଂସ୍କୃତିକ ଆକ୍ରମଣର ସମସ୍ୟା କ୍ରମେ ଦେଖାଦେଲାଣି ।

ଜୀବଜଗତରେ ଅନେକ ପ୍ରାଣୀ ଆକ୍ରମଣାତ୍ମକ ବ୍ୟବହାର ଦେଖାଇଥା'ନ୍ତି । ଅନ୍ୟ ଗୋଟିଏ ଜନ୍ତୁକୁ କ୍ଷତି ପହଞ୍ଚାଇବା, ଖାଦ୍ୟ ଜୀବକୁ ଆଘାତ କରି ନିଷ୍କ୍ରିୟ କରିଦେବା କିମ୍ବା ଶତ୍ରୁକୁ ଘଉଡ଼ାଇଦେବା ନିମନ୍ତେ ଜନ୍ତୁମାନେ ଏଭଳି ବ୍ୟବହାର ଦେଖାଇ-ଥା'ନ୍ତି ଓ ସମୟକ୍ରମେ ସେମାନଙ୍କ କ୍ଷେତ୍ରରେ ଏହି ବ୍ୟାବହାରିକ କ୍ରିୟାଟିର ବିକାଶ ଘଟିଥାଏ ।

***ସମ୍ବନ୍ଧୀୟ ବିଷୟ***

*ଜାତିସଂଘ, ସମାଜ, ରାଷ୍ଟ୍ର, ଆନ୍ତର୍ଜାତୀୟ ଆଇନ, ଜୀବଜଗତ, ପ୍ରାଣୀ ବ୍ୟବହାର, ଅର୍ଥନୀତି, ସଂସ୍କୃତି, ଯୁଦ୍ଧ, କୂଟନୀତି*

▷▷

## ଆକ୍ରୋପଲିସ୍

ପୁରାତନ ଗ୍ରୀକ୍ ସହର ଗୁଡ଼ିକର କେନ୍ଦ୍ରରେ ଥିବା ଅଞ୍ଚଳ; ଏଗୁଡ଼ିକୁ ଖୁବ୍ ଉଚ୍ଚ ନିରାପଦ ସ୍ଥାନରେ ତିଆରି କରାଯାଉଥିଲା ଓ ଏହିଠାରେ ହିଁ ସେ କାଳର ଶାସନଗତ ତଥା ଧାର୍ମିକ ଅନୁଷ୍ଠାନ ଗୁଡ଼ିକ ନିମନ୍ତେ ବ୍ୟବସ୍ଥା ରହୁଥିଲା । ସେ ସମୟରେ କୌଣସି ସହର ବା ନଗର ବସାଇବାଟା ଥିଲା ଗୋଟିଏ ଧାର୍ମିକ ଅନୁଷ୍ଠାନ ।

ଏଥେନ୍ସ ନଗରୀର ଆକ୍ରୋପଲିସ୍ ହେଲା ପୃଥିବୀ ବିଖ୍ୟାତ । ସହର ଉପକଣ୍ଠରେ ଗୋଟିଏ ବୃକ୍ଷହୀନ ଲମ୍ବ ପାହାଡ଼ ଉପରେ ଏହା ରହିଛି । ଗ୍ରୀକ୍ ସ୍ଥାପତ୍ୟ କଳାର ଭଗ୍ନାବଶେଷ ଆଜି ମଧ୍ୟ ସେଠି ଦେଖିବାକୁ ମିଳେ । ପାର୍ଥିନନ୍, ଇରେକ୍-ଥିଅନ୍ ଓ ଡାଇଓନିସିଅ ରଙ୍ଗମଞ୍ଚ ପ୍ରଭୃତି ବିଶ୍ୱ-ପ୍ରସିଦ୍ଧ ଗ୍ରୀକ୍ ସ୍ଥାପତ୍ୟ ଦିନେ ଏହାର ଶୋଭାମଣ୍ଡନ କରୁଥିଲା ।

***ସମ୍ବନ୍ଧୀୟ ବିଷୟ***

*ଗ୍ରୀକ୍ ସ୍ଥାପତ୍ୟ, ଗ୍ରୀକ୍ ନଗରସଭ୍ୟତା, ଏଥେନ୍ସ*

▷▷

## ଆଖି

ଜୀବ ଶରୀରରେ ଯେଉଁସବୁ ଅତି ବିଶେଷ ବ୍ୟବସ୍ଥା ରହିଛି, ଆଖି ତା' ଭିତରୁ ଅନ୍ୟତମ । ଏଇଟି ହେଲା ଗୋଟିଏ ସ୍ୱତନ୍ତ୍ର ଧରଣର ସଂବେଦୀ-ଇନ୍ଦ୍ରିୟ । ମେରୁଦଣ୍ଡୀ ପ୍ରାଣୀମାନଙ୍କ କ୍ଷେତ୍ରରେ ଏହା ଦୃଶ୍ୟ ପ୍ରତିବିମ୍ବ ଗ୍ରହଣ କରି ସେ ସବୁକୁ ମସ୍ତିଷ୍କର ଦୃଶ୍ୟ କେନ୍ଦ୍ରକୁ ପଠାଇ ଦେଇପାରିଥାଏ । ଜୀବ-ବିଜ୍ଞାନ ଦୃଷ୍ଟିରୁ ଆଖି ରହିଛି ଦୁଇ ପ୍ରକାରର— ପ୍ରତିବିମ୍ବ ସୃଷ୍ଟିକାରୀ ଓ ପ୍ରତିବିମ୍ବ ସୃଷ୍ଟି କ୍ଷମତା-ହୀନ । ଜୀବଜଗତରେ ମନୁଷ୍ୟର ଆଖି ବା ଚକ୍ଷୁ ହେଲା ଅନ୍ୟ ତୁଳନାରେ ସେହି ଧରଣର ସବୁଠାରୁ ବିକଶିତ ଇନ୍ଦ୍ରିୟ ।

ପ୍ରାୟ ସବୁ ଜୀବ ଆଲୋକ ପ୍ରତି ସମ୍ବେ-ଦନଶୀଳ ହେଲେ ମଧ୍ୟ ମନୁଷ୍ୟ କ୍ଷେତ୍ରରେ ଗୋଟାଏ ଭିନ୍ନ ପରିସ୍ଥିତି ସୃଷ୍ଟି ହୋଇଛି । କାରଣ ଆଲୋକର 'ଦୃଶ୍ୟମାନ' ବିକିରଣ ସ୍ପେକ୍‌ଟ୍ରମକୁ କେବଳ ଦେଖିବା ବ୍ୟତୀତ ଆଖି ସାହାଯ୍ୟରେ ମଣିଷ ତା ଚାରିପଟେ କ'ଣ ଘଟୁଛି ସେ କଥା ମଧ୍ୟ ଜାଣିପାରୁଛି, ବିଭିନ୍ନ ରଙ୍ଗ କଥା ଅନୁ-ଭବ କରିପାରୁଛି କିମ୍ବା ଦୂରତା ଜାଣିବା ସଙ୍ଗେ ସଙ୍ଗେ ତ୍ରିପରିସରୀୟ ଅବସ୍ଥା କଥା ମଧ୍ୟ ଜାଣି-ପାରୁଛି ।

ମଣିଷ ଆଖିଟି ହେଲା ଗୋଟାଏ ବର୍ତ୍ତୁଳା-କାର ଜେଲି-ଭର୍ତ୍ତି ଅଙ୍ଗ । ଖପୁରୀର ଖୁବ୍ ଭିତରକୁ ଦୁଇଟି ନିରାପଦ ଗର୍ତ୍ତ ଭିତରେ ପ୍ରକୃତି ଏହାକୁ ରଖିଦେଇଛି । ସେହି ଗର୍ତ୍ତ ଦୁଇଟିକୁ ନେତ୍ରକୋଟର ବୋଲି କୁହାଯାଇଥାଏ ଓ ନେତ୍ର-କୋଟରୀୟ ମାଂସପେଶୀ ସାହାଯ୍ୟରେ ହିଁ ଆଖି ଡୋଳା ଚଳନକ୍ଷମ ହୋଇଥାଏ । ଏହି କୋଟର ଉପରକୁ ଆଖି ଡୋଳାର ସୁରକ୍ଷା ନିମନ୍ତେ ଆଖି-ପତା ବାହାରି ଆସିଛି ଓ ନିର୍ଦ୍ଦିଷ୍ଟ ଢଙ୍ଗରେ ଡୋଳା ଉପରେ ବା ତା ସମ୍ମୁଖରେ ରହିଛି । ପ୍ରତ୍ୟେକ ଆଖିର ପଛ ପଟରୁ ଗୋଟିଏ ଲେଖାଏ ମୋଟା ଅପ୍‌ଟିକ୍ ନର୍ଭ ବା ଦୃଷ୍ଟିସ୍ନାୟୁ ବାହାରି ପଡ଼ି ମସ୍ତିଷ୍କର ଗୋଟିଏ ଅଂଶ ଦୃକ୍ଷୁଷ ବା ଭିଜୁଆଲ କର୍ଟେ-କ୍ସ୍‌ରେ ଯାଇ ପହଞ୍ଚି ଯାଇଛି । ଆଖିର ବାହ୍ୟ




ଆଖି ଡୋଳାଟିରେ ତିନୋଟି ସ୍ତର ରହିଛି; ସେଗୁଡ଼ିକ ହେଲା ବାହ୍ୟ ପଟଳ, କରଏଡ୍ ଓ ରେଟିନା । ଏହି ଚିତ୍ରରେ କରଏଡ୍ ତଳେ ଥିବା ବିସ୍ତୃତ ରକ୍ତନାଳୀ ବ୍ୟବସ୍ଥାକୁ ଦେଖାଇ ଦିଆଯାଇଛି । ଏସବୁ ରକ୍ତନାଳୀ ରେଟିନା ଓ କରଏଡ୍ କ୍ଷେତ୍ରରେ ରକ୍ତସଞ୍ଚାଳନ କରିବା ସଙ୍ଗେ ସଙ୍ଗେ ସେଗୁଡ଼ିକୁ 'ସଫା' ରଖିବାରେ ସାହାଯ୍ୟ କରିଥାଏ । ଆଖିର ଫୋକସିଙ୍ଗ ବ୍ୟବସ୍ଥାଟି ସିଲିଆରୀ ବଡି, ଲିଗାମେଣ୍ଟ ଓ ଲେନ୍ସକୁ ନେଇ ଗଠିତ ।

ସ୍ତରଟି ହେଲା ଟାଣ ଓ ରେଶାଯୁକ୍ତ; ଏହା ସମ୍ମୁଖ-ଭାଗ ବ୍ୟତୀତ ଅନ୍ୟ ସବୁ ଅଞ୍ଚଳରେ ଆଲୋକ ଅପାରଦର୍ଶୀ ବା ଓପେକ । ଏହି ଅଂଶକୁ ଆଖିର 'ଶ୍ୱେତ' ଅଂଶ ବୋଲି କୁହାଯାଏ । ସମ୍ମୁଖଭାଗରେ କିନ୍ତୁ ରହିଛି ପାରଦର୍ଶୀ ବା ଟ୍ରାନ୍ସପାରେଣ୍ଟ ସ୍ୱଚ୍ଛପଟଳ—କର୍ଣ୍ଣିଆ । କର୍ଣ୍ଣିଆ ଉପରେ କଂଜ୍-କ୍ଟିଭା ନାମକ ଗୋଟିଏ ସୁରକ୍ଷା ଝିଲ୍ଲୀ ବା ପର୍ଦ୍ଦା ରହିଛି । ଗୋଟାଏ ପ୍ରକାରର ଲବଣାକ୍ତ ‐ବାକ୍-ଟେରିଆରୋଧକ ତରଳ ପଦାର୍ଥ ଏହି ଝିଲ୍ଲୀକୁ ସବୁବେଳେ ଓଦାଳିଆ ତଥା ପରିଷ୍କାର କରି ରଖିଥାଏ । ଲୁହଗ୍ରନ୍ଥି ଓ ଲୁହ ନଳୀକା ସବୁ ମଧ୍ୟ ଏହି ଅଂଶରେ ରହିଛନ୍ତି ।

ସ୍ୱଚ୍ଛପଟଳର ପଛକୁ ରହିଛି ଆଖିର ଅଗ୍ର-କକ୍ଷ । ଲେନ୍ସ, ଏହାକୁ ଚକ୍ଷୁ ପଶ୍ଚାତ-କକ୍ଷରୁ ଅଲଗା କରି ରଖିଛି । ନେତ୍ରୋଜ ବୋଲି ଗୋଟାଏ ଜଳୀୟ ତରଳ ପଦାର୍ଥ ଏହି ଅଗ୍ର-କକ୍ଷରେ ସବୁବେଳେ ସଞ୍ଚାଳିତ ହୋଇଥିଲାବେଳେ ପଶ୍ଚାତ-କକ୍ଷରେ ଭରି ରହିଛି ଗୋଟାଏ ପ୍ରକାରର କାଚ୍ଭ ଦ୍ରବ୍ୟ ବା ଜେଲି । ଆଖି ଭିତରେ ଏହି ପଦାର୍ଥ ଦୁଇଟି ସାମାନ୍ୟ ଚାପରେ ରହିଥିବାରୁହିଁ ଆଖି ଡୋଳାଟି ଏତେ 'ଦୃଢ' ରହିପାରିଛି । ଲେନ୍ସ ସମ୍ମୁଖରେ ରହିଛି ବୃତ୍ତାକାର ଆଇରିସ୍ । ମାଂସ-ପେଶୀରେ ଏଇଟି ଗଢା । ଜଣଙ୍କ ଆଖି ଡୋଳାର ରଙ୍ଗ କିଭଳି ହେବ ତାହା ଏହି ଆଇରିସ୍‌ର ଗଠନ ଉପରେ ନିର୍ଭର କରୁଛି । ଆଇରିସ୍‌ର କେନ୍ଦ୍ରରେ ଥିବା 'କନିନିକା' ବା ପିଉପିଲ କଣା ଦେଇ ଆଲୋକ ଆଖି ଭିତରକୁ ପ୍ରବେଶ କରିଥାଏ ଓ ସେହିଆଲୋକର ଘନତାକୁ ହିସାବକୁ ନେଇ କନିନିକାର ଆକୃତି ସ୍ୱୟଂକ୍ରିୟ ଭାବେ ନିର୍ଦ୍ଧାରିତ ହୋଇଥାଏ । ଅର୍ଥାତ୍, ଉଜ୍ଜ୍ୱଳ ଆଲୋକରେ କନିନିକାର ଆକୃତି ଛୋଟିଆ ହୋଇଯାଉଥିବାବେଳେ କମ୍ ଆଲୋକରେ ତାହା ବଢ଼ିଯାଇଥାଏ ।







ଆଖି ବା ଚକ୍ଷୁ ହେଲା ମାନବଶରୀରର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଗୁଡ଼ିକ ଭିତରୁ ଗୋଟିଏ । ସେଇଥିପାଇଁ ଖପୁରୀ ଦେହରେ ନିଦା ହାଡ଼ ଖୋଳ ଭିତରେ ଏହାକୁ ନିରାପଦରେ ରଖିଦିଆଯାଇଛି । ଚିତ୍ରରେ ଆଖିର ବିଭିନ୍ନ ଅଂଶ ଓ ସ୍ତରର ସୂଚନା ରହିଛି । ମାତୃଗର୍ଭରେ ଥିବାବେଳେ ଶିଶୁର ଆଖିର ଏକ ଅଂଶରେ ଯାଇଥିବା ଗୋଟାଏ ଧମନୀକୁ ବହନ କରୁଥିବା ଚ୍ୟାନେଲର ଅବଶେଷ ହେଲା କେନ୍ଦ୍ରୀୟ କେନାଲ । (ବାମ ) ରଡ୍ ଓ କୋନ୍‌ର ମାଇକ୍ରୋଗ୍ରାଫ୍ ।

ସ୍ତରଟି ହେଲା ଟାଣ ଓ ରେଶାଯୁକ୍ତ; ଏହା ସମ୍ମୁଖ-ଭାଗ ବ୍ୟତୀତ ଅନ୍ୟ ସବୁ ଅଞ୍ଚଳରେ ଆଲୋକ ଅପାରଦର୍ଶୀ ବା ଓପେକ । ଏହି ଅଂଶକୁ ଆଖିର 'ଶ୍ୱେତ' ଅଂଶ ବୋଲି କୁହାଯାଏ । ସମ୍ମୁଖଭାଗରେ କିନ୍ତୁ ରହିଛି ପାରଦର୍ଶୀ ବା ଟ୍ରାନ୍ସପାରେଣ୍ଟ ସ୍ୱଚ୍ଛପଟଳ—କର୍ଣ୍ଣିଆ । କର୍ଣ୍ଣିଆ ଉପରେ କଂଜ୍-କ୍ଟିଭା ନାମକ ଗୋଟିଏ ସୁରକ୍ଷା ଝିଲ୍ଲୀ ବା ପର୍ଦ୍ଦା ରହିଛି । ଗୋଟାଏ ପ୍ରକାରର ଲବଣାକ୍ତ ବାକ୍-ଟେରିଆରୋଧକ ତରଳ ପଦାର୍ଥ ଏହି ଝିଲ୍ଲୀକୁ ସବୁବେଳେ ଓଦାଳିଆ ତଥା ପରିଷ୍କାର କରି ରଖିଥାଏ । ଲୁହଗ୍ରନ୍ଥି ଓ ଲୁହ ନଳୀକା ସବୁ ମଧ୍ୟ ଏହି ଅଂଶରେ ରହିଛନ୍ତି ।

ସ୍ୱଚ୍ଛପଟଳର ପଛକୁ ରହିଛି ଆଖିର ଅଗ୍ର-କକ୍ଷ । ଲେନ୍ସ, ଏହାକୁ ଚକ୍ଷୁ ପଶ୍ଚାତ-କକ୍ଷରୁ ଅଲଗା କରି ରଖିଛି । ନେତ୍ରୋଜ ବୋଲି ଗୋଟାଏ ଜଳୀୟ ତରଳ ପଦାର୍ଥ ଏହି ଅଗ୍ର-କକ୍ଷରେ ସବୁ-ବେଳେ ସଞ୍ଚାଳିତ ହୋଇଥିଲାବେଳେ ପଶ୍ଚାତ-କକ୍ଷରେ ଭରି ରହିଛି ଗୋଟାଏ ପ୍ରକାରର କାଚ୍ଚଭ ଦ୍ରବ୍ୟ ବା ଜେଲି । ଆଖି ଭିତରେ ଏହି ପଦାର୍ଥ ଦୁଇଟି ସାମାନ୍ୟ ଚାପରେ ରହିଥିବାରୁ ହିଁ ଆଖି ଡୋଳାଟି ଏତେ 'ଦୃଢ' ରହିପାରିଛି । ଲେନ୍ସ ସମ୍ମୁଖରେ ରହିଛି ବୃତ୍ତାକାର ଆଇରିସ୍ । ମାଂସ-ପେଶୀରେ ଏଇଟି ଗଢା । ଜଣଙ୍କ ଆଖି ଡୋଳାର ରଙ୍ଗ କିଭଳି ହେବ ତାହା ଏହି ଆଇରିସ୍‌ର ଗଠନ ଉପରେ ନିର୍ଭର କରୁଛି । ଆଇରିସ୍‌ର କେନ୍ଦ୍ରରେ ଥିବା 'କନିନିକା' ବା ପିଉପିଲ ଦେଇ ଆଲୋକ ଆଖି ଭିତରକୁ ପ୍ରବେଶ କରିଥାଏ ଓ ସେହି ଆଲୋକର ଘନତାକୁ ହିସାବକୁ ନେଇ କନିନିକାର ଆକୃତି ସ୍ୱୟଂକ୍ରିୟ ଭାବେ ନିର୍ଦ୍ଧାରିତ ହୋଇଥାଏ । ଅର୍ଥାତ୍, ଉଜ୍ଜ୍ୱଳ ଆଲୋକରେ କନିନିକାର ଆକୃତି ଛୋଟିଆ ହୋଇଯାଉଥିବାବେଳେ କମ୍ ଆଲୋକରେ ତାହା ବଢ଼ିଯାଇଥାଏ ।







ଆଖି ବା ଚକ୍ଷୁ ହେଲା ମାନବଶରୀରର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଗୁଡ଼ିକ ଭିତରୁ ଗୋଟିଏ । ସେଇଥିପାଇଁ ଖପୁରୀ ଦେହରେ ନିଦା ହାଡ଼ ଖୋଳ ଭିତରେ ଏହାକୁ ନିରାପଦରେ ରଖିଦିଆଯାଇଛି । ଚିତ୍ରରେ ଆଖିର ବିଭିନ୍ନ ଅଂଶ ଓ ସ୍ତରର ସୂଚନା ରହିଛି । ମାତୃଗର୍ଭରେ ଥିବାବେଳେ ଶିଶୁର ଆଖିର ଏକ ଅଂଶରେ ଯାଇଥିବା ଗୋଟାଏ ଧମନୀକୁ ବହନ କରୁଥିବା ଗ୍ରନେଲର ଅବଶେଷ ହେଲା କେନ୍ଦ୍ରୀୟ କେନାଲ । (ବାମ ) ରଡ୍ ଓ କୋନ୍‌ର ମାଇକ୍ରୋଗ୍ରାଫ୍ ।

କନିନିକାର ଠିକ୍ ପଛପଟେ ରହିଛି ସଂପୂର୍ଣ୍ଣ ସ୍ୱଚ୍ଛ ଆଖି ଲେନ୍ସ । ସ୍ନାୟୁରଜ୍ଜୁ ଗୁଡ଼ିକ ଦ୍ୱାରା ସେଟ୍ ହୋଇ ଏହା ନିର୍ଦ୍ଦିଷ୍ଟ ସ୍ଥାନରେ ରହିଥାଏ । ଆବଶ୍ୟକ ସ୍ଥଳେ ଲେନ୍ସଟି ଫୁଲିଯାଇଥାଏ ବା ସ୍ଫୀତ ହୋଇଯାଇପାରେ । ଫଳରେ ଏହି ଲେନ୍ସର ଫୋକାଲ ଦୈର୍ଘ୍ୟ କମିଯାଇ ପାଖରେ ଥିବା ପଦାର୍ଥ ସ୍ପଷ୍ଟଭାବେ ଦେଖାଯାଏ । ଲେନ୍ସ ଚେପ୍ଟା ଥିବା ଅବସ୍ଥାରେ ଫୋକାଲ ଦୈର୍ଘ୍ୟ ବେଶୀଥାଏ ଓ ସେ ଅବସ୍ଥାରେ ଦୂର ପଦାର୍ଥ ଭଲ ଭାବରେ ଦେଖିହୁଏ । କିନ୍ତୁ ଆଖି ଭିତରକୁ ପ୍ରବେଶ କରୁଥିବା ଆଲୋକର ନିର୍ଦ୍ଦିଷ୍ଟ ଫୋକସିଙ୍ଗ ସ୍ୱଚ୍ଛପଟଳ ହିଁ କରିଥାଏ—କାରଣ ପାଖ, ଅଳ୍ପଦୂର ବା ଦୂରରେ ଥିବା ସମସ୍ତ ପଦାର୍ଥକୁ ଲେନ୍ସ ସବୁବେଳେ ଗୋଟାଏ ପ୍ରକାରର ସୂକ୍ଷ୍ମ-ଫୋକସ କରିଦେଉଥିବାରୁ, ସ୍ୱଚ୍ଛପଟଳର ଏଭଳି କରିବାର ଆବଶ୍ୟକତା ରହିଛି ।

ଆଖିର ଶ୍ୱେତ ଅଂଶରେ ଥିବା କରଏଡ୍ ବା ରକ୍ତପଟଳରେ ବହୁସଂଖ୍ୟକ ଭରପୂର ରକ୍ତନାଳୀ ବିଛାଇ ହୋଇରହିଛନ୍ତି । ଏହି ରକ୍ତପଟଳରେ ରହିଛି ବହୁସ୍ତର ବିଶିଷ୍ଟ ଆଲୋକ ସଂବେଦୀ ରେଟିନା ବା ଦୃଷ୍ଟିପଟଳ । ଲେନ୍ସ ଦ୍ୱାରା ସୃଷ୍ଟ ପ୍ରତିବିମ୍ବକୁ ପ୍ରଥମେ ରେଟିନା ଗ୍ରହଣ କରିଥାଏ ଓ ଏଥିରେ ଥିବା ସ୍ନାୟୁକୋଷ ସବୁ ସେହି ପ୍ରତିବିମ୍ବ ରୂପୀ ଆଲୋକ ତରଙ୍ଗର ଉଦ୍ଦୀପନାକୁ ମସ୍ତିଷ୍କ ବୁଝିବା ଭାଷା ବା ସ୍ନାୟୁଆବେଗରେ ପରିଣତ କରିଦେଇଥାଆନ୍ତି । ରେଟିନା କୋଷ ସମୂହର ପଛପଟେ ମେଲାନିନ ବୋଲି ଗୋଟିଏ ପ୍ରକାର ଗାଢ଼କଳା ବର୍ଣ୍ଣକ ବା ପିଗ୍‌ମେଣ୍ଟ ରହିଛି—ଫଳରେ ଆଖି ଭିତରେ ଆଲୋକ ପ୍ରକୀର୍ଣ୍ଣନ ବା ସ୍କାଟରିଙ୍ଗ ଜନିତ ଅସୁବିଧା ଉପୁଜୁ ନାହିଁ ଓ ଆଖି ପରିଷ୍କାର ଭାବେ ଦେଖି ପାରୁଛି ।

ଆଖିରେ ଥିବା ପ୍ରକୃତ ଆଲୋକ ସଂବେଦୀ କୋଷଗୁଡ଼ିକୁ 'ରଡ୍' ଓ 'କୋନ୍' ବୋଲି କୁହାଯାଇଥାଏ । ଆଖି ଭିତରେ ଏ ଉଭୟର ମିଳିତ ସଂଖ୍ୟା ପ୍ରାୟ ୧୩ କୋଟି ହେବ ବୋଲି ହିସାବ କରାଯାଇଛି । ଉଭୟ ରଡ୍ ଓ କୋନ୍ ଦେହରେ ଥିବା ସ୍ୱତନ୍ତ୍ର ବର୍ଣ୍ଣକ ଗୁଡ଼ିକ ସବୁବେଳେ ଆଲୋକ ସଂସ୍ପର୍ଶରେ ଆସିବା ମାତ୍ରେ 'ନଷ୍ଟ' ହୋଇଯାଉଥିଲେ ମଧ୍ୟ ପର ମୁହୂର୍ତ୍ତରେ ଶରୀରରେ ଥିବା ଏନ୍‌ଜାଇମ ଓ କ-ଭିଟାମିନ୍ ସାହାଯ୍ୟରେ ପୁଣି ନୂଆ କରି ସୃଷ୍ଟିହୋଇ ଯାଇଥା'ନ୍ତି । କୋନ୍ ଓ ରଡ୍ ଯଥାକ୍ରମେ ରଙ୍ଗ ନିର୍ଦ୍ଧାରଣ ତଥା ସ୍ୱଳ୍ପ ଆଲୋକରେ ଦେଖିବା ଭଳି କଥାରେ ଆଖିକୁ ସାହାଯ୍ୟ କରିଥାଆନ୍ତି । ଆଖିର ସଂପୂର୍ଣ୍ଣ ପଛପଟେ ଗୋଟାଏ ଅଂଶରେ ବହୁସଂଖ୍ୟାରେ କୋନ୍ ଥିବାରୁ ସେଇଥିପାଇଁ ସେଠି ସବୁଠାରୁ ସ୍ପଷ୍ଟ ଦୃଷ୍ଟି ଉପଲବ୍ଧି ହୋଇଥାଏ । ଆଖିର ଯେଉଁ ଅଂଶରେ ଆଦୌ ରଡ୍ ଓ କୋନ୍ ନାହିଁ ସେହି ସ୍ଥାନଟିକୁ 'ଅନ୍ଧକାର କକ୍ଷ' ବୋଲି କୁହାଯାଏ । ସେଠି ସ୍ନାୟୁ ତନ୍ତ୍ରିକା ସବୁ ମିଳିତ ହୋଇଯାଇ ଅପ୍‌ଟିକ୍ ନର୍ଭ ବା ଦୃଷ୍ଟିସ୍ନାୟୁରେ ପରିଣତ ହୋଇଯାଇଥା'ନ୍ତି ।

ଆଖିର 'ଦେଖିବା' କଥାଟି କ୍ଷେତ୍ର ବିଶେଷରେ ଠିକ୍ ନହେଉଥିବାରୁ ମାଓପିଆ, ହାଇପରମେଟ୍ରୋପିଆ ଓ ଆଷ୍ଟିଗ୍‌ମାଟିଜିମ୍ ଭଳି କେତେକ ଦୃଷ୍ଟି ସଂକ୍ରାନ୍ତୀୟ ଅସୁବିଧା ଦେଖାଯାଏ । ମାଓପିଆ ହେଲେ, ରେଟିନାରେ ଆଲୋକ ଯାଇ ପହଞ୍ଚିଲା ବେଳକୁ ତାହା ଆଉ ଫୋକସରେ ନ ଥାଏ । ହାଇପରମେଟ୍ରୋପିଆରେ, ଆଲୋକ ଫୋକସ ରେଟିନାରେ ନ ପଡ଼ିଯାଇ ତାହା ପଛରେ ପଡ଼ିଯାଇଥାଏ । ତେଣୁ ସାଧାରଣ ଭାଷାରେ ମାଓପିଆକୁ 'ନିକଟଦୃଷ୍ଟି' ଓ ହାଇପରମେଟ୍ରୋପିଆକୁ 'ଦୀର୍ଘଦୃଷ୍ଟି' ବୋଲି କୁହାଯାଇଥାଏ । କର୍ଣ୍ଣିଆ ବା ସ୍ୱଚ୍ଛପଟଳର ବକ୍ରତାରେ ଅସୁବିଧା ଯୋଗୁଁ ଆଷ୍ଟିଗ୍‌ମାଟିଜିମ୍ ବା 'ଅବିନ୍ଦୁକତା' ଦେଖାଯାଇଥାଏ । ଏହି ସବୁ କାରଣଜନିତ ଅସୁବିଧାକୁ ଚଷମା କିମ୍ବା କଣ୍ଟାକ୍ଟ ଲେନ୍ସ ବ୍ୟବହାର କରି ଅଧିକାଂଶ କ୍ଷେତ୍ରରେ ସଜାଡ଼ି ଦିଆଯାଇପାରିବ ।

***ସମ୍ବନ୍ଧୀୟ ବିଷୟ***

*ମାନବଶରୀର, ଅନ୍ଧତ୍ୱ, ଅନ୍ଧାରକଣା, ଚଷମା, ମସ୍ତିଷ୍କ, ଅପ୍‌ଟିକ୍ସ, ଆଲୋକ, ରଙ୍ଗ, ପଦାର୍ଥ-ବିଜ୍ଞାନ, ଜିନ୍, ଆଖି ଓ ଦୃଷ୍ଟିକ୍ରିୟା, ଚିକିତ୍ସାବିଜ୍ଞାନ, ଅଙ୍ଗ ଓ ଅଙ୍ଗଗଠନ, ଜୀବଜଗତ, ସମାଜ, ପରିବେଶ ଓ ଆହୁରି ଅନେକ ବିଷୟ*

## ଆଖି ଓ ଦୃଷ୍ଟିକ୍ରିୟା

ମାନବଶରୀରରେ ଥିବା ଦର୍ଶନେନ୍ଦ୍ରିୟର ଅତି ଅଧିକ ଗୁରୁତ୍ୱ ଦୃଷ୍ଟିରୁ ପ୍ରକୃତି ସବୁଠାରୁ ଅଧିକ ସଂଖ୍ୟକ ସ୍ନାୟୁକୋଷ ଏଥି ନିମନ୍ତେ ଉପଯୋଗ କରିଛି । ବିକଶିତ ଦୃଷ୍ଟିଶକ୍ତି ଭଳି ଗୋଟିଏ ଅସାଧାରଣ କ୍ଷମତାର ଅଧିକାରୀ ହୋଇଥିବାରୁ ତା ବଳରେ ଅତି ନିକଟରୁ ଆରମ୍ଭ କରି ଅତି ଦୂରରେ ଥିବା ପଦାର୍ଥ ସବୁ ବିଷୟରେ ମଧ୍ୟ ମଣିଷ ଧାରଣା କରିଦେଇପାରୁଛି ବା ଜାଣିପାରୁଛି ।

କେତେକ ଅର୍ଥରେ କହିବାକୁ ଗଲେ ମଣିଷ ଆଖିଟି ହେଲା ଗୋଟାଏ 'ଫଟୋ କାମେରା' । ଏଥିରେ ଥିବା ଲେନ୍ସ ଓ ସ୍ୱଚ୍ଛପଟଳ ମିଳିତଭାବେ ଆଲୋକ ସଂବେଦୀ ରେଟିନା ଉପରେ ପ୍ରତିବିମ୍ବ ପକାଇଥା'ନ୍ତି । ଏଠି ରେଟିନାଟି ଗୋଟିଏ ଫଟୋଗ୍ରାଫି ଜିଲେଟିନ ଫିଲ୍ମ ଭଳି କାମ କରୁଛି । ଆଖିର ଆଇରିସ୍ ଆଲୋକର ପରିମାଣକୁ ନିୟନ୍ତ୍ରଣ କରିବା ସଙ୍ଗେ ସଙ୍ଗେ ଠିକ୍ କାମେରାର ଡାଇଆଫ୍ରାଗ୍‌ମ ଭଳି ଗୋଟିଏ ତୀକ୍ଷ୍ଣ ତଥା ପୂର୍ଣ୍ଣାଙ୍ଗ ପ୍ରତିବିମ୍ବ ସୃଷ୍ଟି କରିବାରେ ଲେନ୍ସକୁ ସାହାଯ୍ୟ କରିଥାଏ । ଫଟୋଗ୍ରାଫି ପ୍ଲେଟ୍ ବା ଫିଲ୍ମରେ ଥିଲା ଭଳି ରେଟିନାରେ ମଧ୍ୟ ଏଭଳି କେତେକ ଜଟିଳ ରାସାୟନିକ ଦ୍ରବ୍ୟ ରହିଛି ଯାହାକି ଭିନ୍ନଭିନ୍ନ ପ୍ରକାରର ଆଲୋକ ତରଙ୍ଗର ସଂସ୍ପର୍ଶରେ ଆସିଲେ ନିଜେ ନିଜେ ପରିବର୍ତ୍ତିତ ହୋଇଯାଇଥା'ନ୍ତି । ଏଇଠି କିନ୍ତୁ କାମେରା ଓ ଆଖିର ସାମଞ୍ଜସ୍ୟର ଇତି ହୋଇଯାଇଛି ବୋଲି ଧରିନିଆଯାଇପାରେ ।

ରଡ୍ ଓ କୋନ୍ ଉପରେ ପଡୁଥିବା ଆଲୋକ ତରଙ୍ଗ ଗୋଟାଏ ପ୍ରକାରର ଫଟୋ-ରାସାୟନିକ ପଦ୍ଧତି ସାହାଯ୍ୟରେ ସ୍ନାୟୁ ଆବେଗ ସୃଷ୍ଟିକରିଥାଏ । ଫଳରେ ଅପ୍‌ଟିକ୍ ସ୍ନାୟୁ ଦ୍ୱାରା ମସ୍ତିଷ୍କ ନିକଟକୁ ଏହି ସ୍ନାୟୁ ଆବେଗରୂପୀ ସାଙ୍କେତିକ ସନ୍ଦେଶ ସବୁ ଯିବା ଆରମ୍ଭ ହୋଇଯାଏ ଓ ସେତିକିବେଳେ ଜଣକ ମସ୍ତିଷ୍କରେ 'ଦୃଷ୍ଟିଚିତ୍ର' ଆଙ୍କିବା କାମର ସୂତ୍ରପାତ ହୁଏ । କିନ୍ତୁ ପ୍ରକୃତରେ ଏହି ସ୍ନାୟୁ ଆବେଗ କିଭଳି ଏତେ ଚମତ୍କାର 'ଚିତ୍ର' ଜଣଙ୍କ ମୁଣ୍ଡରେ ଆଙ୍କିଦେଇ ପାରୁଛି ସେ କଥା ଏ ପର୍ଯ୍ୟନ୍ତ ସ୍ପଷ୍ଟ ଜଣାପଡ଼ି ନାହିଁ ।

ଦୁଇଟିଯାକ ଅପ୍‌ଟିକ୍ ସ୍ନାୟୁ ବା ଦୃଷ୍ଟିପଥ ଯାଇ ଆଖି ପଛରେ ଗୋଟାଏ 'ଛକ'ରେ ମିଳିତ ହୋଇଯାଇଛନ୍ତି । ପ୍ରତ୍ୟେକ ଆଖିରୁ ଆସିଥିବା ଏହି ସ୍ନାୟୁ ତନ୍ତ୍ରିକାର ପ୍ରାୟ ଅଧେ କିନ୍ତୁ ଏଠି ଦିଗ ପରିବର୍ତ୍ତନ କରିଦେଇଥା'ନ୍ତି । ଫଳରେ ଦକ୍ଷିଣ ଦୃଷ୍ଟିପଥ ବାମ ଦୃଷ୍ଟିକ୍ଷେତ୍ରର ଓ ବାମ ଦୃଷ୍ଟିପଥ ଦକ୍ଷିଣ ଦୃଷ୍ଟିକ୍ଷେତ୍ରର ସନ୍ଦେଶ ବହନ କରିଥାଏ । ଦିଗ ପରିବର୍ତ୍ତନ କରି ସେହି ଅପ୍‌ଟିକ୍ ଛକରୁ ଦୃଷ୍ଟିପଥ ଦୁଇଟି କଶେରୁକର ଦୁଇପଟେ ଯାଇ ମସ୍ତିଷ୍କରେ ପ୍ରବେଶ କରିଯାଆନ୍ତି । ଏଇଠି ସେମାନେ ପ୍ରତ୍ୟେକଟି ପ୍ରମସ୍ତିଷ୍କ ଗୋଲାର୍ଦ୍ଧ ବା ସେରିବ୍ରାଲ ହେମିସ୍ଫିଅରରେ ଯେଉଁ 'ରିଲେଷ୍ଟେସନ' ରହିଛି, ସେହି ଜାନୁନତ ବା ଜେନିକୁଲେଟ ଅଂଶ ସହିତ ପ୍ରଥମେ ସଂପର୍କ ସ୍ଥାପନ କରନ୍ତି । ଏଠାରୁ ପରେ ଦୃଷ୍ଟିପଥରେ ଆସୁଥିବା ଏହିସବୁ ଆବେଗ ଅପ୍‌ଟିକ୍ ରେଡିଏସନ ନାମକ ନିର୍ଦ୍ଦିଷ୍ଟ ପଥ ଗୁଡ଼ିକରେ ଯାଇ ମସ୍ତିଷ୍କର ଦୃଷ୍ଟିକେନ୍ଦ୍ରରେ ପହଞ୍ଚିଯିବାଦ୍ୱାରା ଜଣଙ୍କୁ 'ଦେଖାଯାଏ' ବା ଜଣେ ଦେଖିପାରେ । ପରୀକ୍ଷାରୁ ଜଣାପଡ଼ିଛି ଯେ ରେଟିନା ବା ଦୃଷ୍ଟିପଟଳର ଭିନ୍ନ ଭିନ୍ନ ଅଂଶରୁ ଆସୁଥିବା ନିର୍ଦ୍ଦିଷ୍ଟ ସନ୍ଦେଶକୁ ଗ୍ରହଣ କରିବାପାଇଁ ଦୃଷ୍ଟିକେନ୍ଦ୍ରର କେନ୍ଦ୍ରରେ ସ୍ୱତନ୍ତ୍ର ବା ନିର୍ଦ୍ଦିଷ୍ଟ ଅଞ୍ଚଳ ସବୁ ଯଥାକ୍ରମେ ସ୍ଥିରୀକୃତ ହୋଇ ରହିଛି ।

ଆକୃତି ଓ ଗତି ବ୍ୟତୀତ ରଙ୍ଗ ବା ବର୍ଣ୍ଣ ବିଷୟରେ ମଧ୍ୟ ଦୃଷ୍ଟିଶକ୍ତି ଯୋଗୁଁ ମଣିଷ ଧାରଣା କରିପାରୁଛି । ରେଟିନାରେ ଥିବା ବହୁସଂଖ୍ୟକ କୋନ୍ ଯୋଗୁଁ ଏହା ସମ୍ଭବ ହେଉଛି । ଯେତେବେଳେ ଗୋଟାଏ ନିର୍ଦ୍ଦିଷ୍ଟ ତରଙ୍ଗ ଦୈର୍ଘ୍ୟର

ଦୃଶ୍ୟମାନ ଆଲୋକ ଏହିସବୁ କୋନ୍ ଉପରେ ଆସି ପଡ଼େ, ସେତେବେଳେ କେତେକ ପ୍ରକାର ଆଲୋକ ସଂବେଦୀ ବର୍ଣ୍ଣକ ବା ପିଗ୍‌ମେଣ୍ଟରେ ହେଉଥିବା ପ୍ରତିକ୍ରିୟା ଫଳରେ ଏହା ସମ୍ଭବ ହୋଇପାରୁଛି। ନୀଳ, ଲୋହିତ ଓ ସବୁଜ ରଙ୍ଗର ତିନୋଟି ମାତ୍ର ବର୍ଣ୍ଣକର ଭିନ୍ନ ଭିନ୍ନ ଭାଗମାପର ଉପଯୋଗ କରି ଆଖି ଏତେ ସଂଖ୍ୟକ ରଙ୍ଗ ବା ବର୍ଣ୍ଣ ଦେଖିପାରୁଛି। ଧଳା ଆଲୋକଟି ହେଲା ସାମଗ୍ରିକ ଭାବେ ଅନ୍ୟ ସବୁ ତରଙ୍ଗ ଦୈର୍ଘ୍ୟ କିମ୍ବା କେବଳ ଲୋହିତ, ନୀଳ ଓ ସବୁଜ ଆଲୋକର ସମାହାର। କୋନ୍‌ରୁ ମିଳୁଥିବା ସନ୍ଦେଶକୁ ହିସାବକୁ ନେଇ ମସ୍ତିଷ୍କରେ ଥିବା ଦୃଷ୍ଟିକେନ୍ଦ୍ର ଜଣେ କି ରଙ୍ଗ ଦେଖୁଛି ତା ସ୍ଥିର କରିଦେଇଥାଏ। ତେଣୁ ଏକଥା ମନେ ରଖିବାକୁ ହେବ ଯେ, ମଣିଷ ଦେଖୁଥିବା ପଦାର୍ଥର ରଙ୍ଗଟି କୌଣସି ପ୍ରକାର ଭୌତିକ ଲକ୍ଷଣ ନୁହେଁ—ତା'ର ଦୃଷ୍ଟିକ୍ରିୟାରେ ସୃଷ୍ଟି ହେଉଥିବା ସ୍ନାୟୁ ଆବେଗର ପ୍ରକାଶ ମାତ୍ର। ଅତି ଅଳ୍ପ ଆଲୋକରେ ଆଖି କେବଳ କଳା ବା ଧଳା ଜାଣିପାରେ—ଅନ୍ୟ କୌଣସି ରଙ୍ଗକୁ ସହଜରେ ବାରିପାରେ ନାହିଁ।

ଆଖି ସାହାଯ୍ୟରେ କିପରି ଦେଖାଯାଇ ପାରୁଛି ବା ଜଣଙ୍କ ଠାରେ କିଭଳି ଦୃଷ୍ଟିଶକ୍ତିର ସୃଷ୍ଟି ହୋଇଯାଉଛି, ତା'ର ସଂପୂର୍ଣ୍ଣ ଶରୀରତନ୍ତ୍ରଗତ କାରଣ ବ୍ୟତୀତ ଅନ୍ୟ କେତେକ ଲକ୍ଷଣର ମଧ୍ୟ ଆଲୋଚନା କରାଯାଇପାରେ। ଉପରକୁ ମାନବ ଦୃଷ୍ଟିଶକ୍ତି ଅତିମାତ୍ରାରେ ବ୍ୟାପକ, ସହଜ ତଥା ତାତ୍କାଳିକ ବୋଲି ଜଣାପଡ଼ିଥାଏ ଏବଂ ଏଇଟିକୁ ମଧ୍ୟ ଅତି ବିଶୁଦ୍ଧ ସରଳତାର ପ୍ରତୀକ ବୋଲି ସହଜରେ ଗ୍ରହଣ କରିନିଆଯାଏ। ଏଠି କିନ୍ତୁ ମନେରଖିବାକୁ ହେବ ଯେ, ଏସବୁ ସତ୍ତ୍ୱେ ମଧ୍ୟ, ଦୃଷ୍ଟିକ୍ରିୟାଟି ଗୋଟିଏ ଅତି ଜଟିଳ ପ୍ରଣାଳୀ। ମଣିଷ ଭଳି ଗୋଟିଏ ଉନ୍ନତ ପ୍ରାଣୀର ମସ୍ତିଷ୍କର ତୁଳନାତ୍ମକ ଭାବେ ଖୁବ୍ ଅଧିକ ଅଂଶ ଲାଗିଥା'ନ୍ତି ଦୃଷ୍ଟିକ୍ରିୟାଜନିତ ଅବସ୍ଥାକୁ ସୃଷ୍ଟି କରିବାରେ। ଏତେ ଅଧିକ ପରିମାଣର ମସ୍ତିଷ୍କ-କ୍ଷମତା ଉପଯୋଗ କରୁଥିବାରୁ, ପ୍ରକୃତି ମାନବ ଆଖିର ଶକ୍ତି କ୍ଷେତ୍ରରେ ମଧ୍ୟ ପ୍ରତିବନ୍ଧକ ଲଗାଇଦେଇଛି—ନଚେତ୍ ଅନ୍ୟ କୌଣସି କାମ କରିବା ପାଇଁ ମସ୍ତିଷ୍କ ଆଉ ସମୟ ପାଉ ନଥା'ନ୍ତା।



ଆଖିର ଫୋକସିଙ୍ଗ ବ୍ୟବସ୍ଥାରେ ଥିବା ଲେନ୍ସକୁ ସିଲିଆରୀ ମାଂସପେଶୀ ସବୁ ଘେରି ରହିଛନ୍ତି। (ଉପର ଚିତ୍ରରେ) ଦୂରଦୃଷ୍ଟି ଓ (ତଳ ଚିତ୍ରରେ) ନିକଟଦୃଷ୍ଟି ବେଳେ ତାହା କେମିତି କାମ କରୁଛି ତାହା ଦେଖାଇ ଦିଆଯାଇଛି।

ଦୃଷ୍ଟିକ୍ରିୟାଟି କୌଣସି ଗୋଟିଏ ନିଷ୍କ୍ରିୟ ବା ନିର୍ଶ୍ଚେଷ୍ଟ କାର୍ଯ୍ୟ ନୁହେଁ ବୋଲି କୁହାଯାଇପାରେ। କାରଣ ଆଖି ଆମ 'ଅଜ୍ଞାତ'ରେ ସବୁବେଳେ କିଛି ଗୋଟାଏ ନିର୍ଦ୍ଦିଷ୍ଟତାକୁ ଖୋଜି ବୁଲୁଛି। ଜଣେ କୋଣାର୍କ ମନ୍ଦିର ଗାତ୍ରରେ ଥିବା ଲାସ୍ୟମୟ କଳାକୃତିକୁ ଦେଖୁଥାଉ ବା ନିଜ ଘର ବାରଣ୍ଡାରେ ବସି ଜହ୍ନ-ନୀଳ ଆକାଶରେ ଭାସିଯାଉଥିବା ବାଦଲ ଗୁଡ଼ିକୁ ନ ଦେଖିଲା ଭଳି ଅନାଇଥାଉ—ଏ ସବୁ କ୍ଷେତ୍ରରେ ଆଖି ଏହି ପ୍ରକ୍ରିୟା ଜାରୀ ରଖିଛି। ଆହୁରି ମଧ୍ୟ, ଦେଖିବା ଭଳି କଥାଟି ସଂପୂର୍ଣ୍ଣ ଭାବରେ ଆମର ନିୟନ୍ତ୍ରଣାଧୀନ ନୁହେଁ। ସାଧାରଣ ଭାଷାରେ କହିବାକୁ ଗଲେ, ଠିକ୍ ପର ମୁହୂର୍ତ୍ତରେ ଆମ ଆଖି ଯାଇଁ କେଉଁଠି 'ପଡ଼ିବ', ତାହା ନିର୍ଭର କରୁଛି ଆମ ପରିବେଶ ତଥା ଏହାର ପୂର୍ବ ମୁହୂର୍ତ୍ତରେ ଆଖି ଯାଇ କେଉଁଠି 'ପଡ଼ିଥିଲା', ତା ଉପରେ।

ପରିବେଶରେ ଥିବା ସବୁ ପ୍ରକାର ବସ୍ତୁ ବା ପଦାର୍ଥ ଯେ ସମାନ ଭାବରେ ଆମ ଆଖିର ଦୃଷ୍ଟି ଆକର୍ଷଣ କରିଥା'ନ୍ତି ତା ମଧ୍ୟ ନୁହେଁ। ଚିତ୍ତାକର୍ଷକ କିମ୍ବା ପ୍ରଭାବଶାଳୀ ମୌଳିକ ଆବଶ୍ୟକ ବସ୍ତୁ ଗୁଡ଼ିକ ସବୁବେଳେ ପ୍ରଥମେ ଆମ ଆଖି ଆଗରେ ଝଲସି ଉଠନ୍ତି; ସେଇଥିପାଇଁ ଚମତ୍କାର ରଙ୍ଗର କୌଣସି ଖାଦ୍ୟପଦାର୍ଥଟିକୁ ଅନ୍ୟ ବହୁ ଜିନିଷ ଭିତରୁ ଦେଖିବା ସହଜ ହୋଇଉଠେ। ସେହିଭଳି ଚଟାଣ ଉପରେ ପଡ଼ିଥିବା କଦଳୀ ଚୋପା ଭଳି ସମ୍ଭାବ୍ୟ କ୍ଷତିକାରୀ ବସ୍ତୁକୁ ମଧ୍ୟ ଆଖି ଆଗେ ନଜର କରିଥାଏ—ନଚେତ୍ ଜଣେ ତାକୁ ମାଡ଼ିପକାଇଲେ ହୁଏତ କଚଡ଼ି ହୋଇ ପଡ଼ିଯିବ। ମୁଦ୍ରା ବା ଟଙ୍କା ଭଳି ମନସ୍ତାତ୍ତ୍ୱିକ ଦୃଷ୍ଟିରୁ ଶକ୍ତିଶାଳୀ ପ୍ରତୀକ ଗୁଡ଼ିକ ମଧ୍ୟ ଜଣକ ଆଖି ଦ୍ୱାରା ଆଗ ଧରାପଡ଼ିଯାଇଥାଏ।

ଏହିସବୁ ଲକ୍ଷଣ ସହିତ ଦୃଷ୍ଟିକ୍ରିୟାର ସ୍ନାୟବିକ ଦିଗ ମଧ୍ୟ ଅଙ୍ଗାଙ୍ଗୀ ଭାବରେ ଜଡ଼ିତ। ତେଣୁ ପୂର୍ବରୁ ମସ୍ତିଷ୍କର ସ୍ମୃତିରେ ଥିବା ସନ୍ଦେଶ ଯେତେବେଳେ ଯାଇ ଦୃଷ୍ଟିକ୍ରିୟା ସୃଷ୍ଟି ପ୍ରଣାଳୀ ସହିତ ମିଳିତ ହୋଇଯାଇଛି, ସେତେବେଳେ ମାନବ ଆଖି ତା'ର ବିଶେଷତା ହାସଲ କରିଯାଇ ପାରୁଛି। କେତେକ ବସ୍ତୁକୁ ଆଖି ଦେଖୁଥିଲେ ମଧ୍ୟ ନ ଦେଖିଲାଭଳି ବ୍ୟବହାର ଦେଖାଇଥାଏ। ଏଭଳି ହେବାର କାରଣ ହେଲା—ଜଣଙ୍କ ଅଭ୍ୟାସ, ସଂସ୍କୃତି ତଥା ବିଶ୍ୱାସ ଉପରେ ନିର୍ଭର କରୁଛି ତାଙ୍କ ଆଖି କ'ଣ ସବୁକୁ ପ୍ରାଥମିକତା ଦେବ। ସୂର୍ଯ୍ୟ ଭଳି ଅତି ଉଜ୍ଜ୍ୱଳ ଭୌତିକ ପଦାର୍ଥ, ଯୌନାଙ୍ଗ ଭଳି ନକାରାତ୍ମକ ଶରୀର ଅଙ୍ଗ ଓ ମୃତ୍ୟୁ-ପ୍ରତିବିମ୍ବ ଭଳି ମନସ୍ତତ୍ତ୍ୱ ଦୃଷ୍ଟିରୁ ଭୟଙ୍କର ଘଟଣା ଗୁଡ଼ିକୁ ମଧ୍ୟ ଆଖି କେବଳ ଆଂଶିକ ଭାବରେ କିମ୍ବା ଅଳ୍ପକ୍ଷଣ ପାଇଁ ଦେଖିବା ନିମନ୍ତେ ଆପେ ଆପେ ଉଦ୍ୟମ କରିଥାଏ। ଏସବୁ କାରଣରୁ ପ୍ରକୃତିଦତ୍ତ ମାନବ ଦୃଷ୍ଟିଶକ୍ତି ସହିତ ଅନ୍ୟ କୌଣସି ପ୍ରକାର କୃତ୍ରିମ ଦର୍ଶନବ୍ୟବସ୍ଥା ତୁଳନୀୟ ନୁହେଁ।

ମାନବୀୟ ଇଭୋଲୁସନ ଦ୍ୱାରା ଦୃଷ୍ଟିକ୍ରିୟା ବିକାଶ ପ୍ରକ୍ରିୟା ମଧ୍ୟ ପ୍ରଭାବିତ ହୋଇଆସିଛି। ଏ ପୃଥିବୀରେ ବୁଲୁଥିବା ପ୍ରଥମ ମଣିଷଙ୍କ ଠାରେ ଯେଉଁ ଦୃଷ୍ଟିଶକ୍ତି-ମାତ୍ରା ପ୍ରକୃତି ଭରିଦେଇଥିଲା, ଆଜି ତା'ର ବହୁଗୁଣ ସେହି ଧରଣର ଶକ୍ତି ରହିଯାଇଛି ଆମ ମସ୍ତିଷ୍କ ପାଖରେ।

***ସମ୍ବନ୍ଧୀୟ ବିଷୟ***

*ଆଖି, କାମେରା, ଆଲୋକ, ମାନବଶରୀର, ଦୃଷ୍ଟିଶକ୍ତି, ମସ୍ତିଷ୍କ, ରଙ୍ଗ, ଭର୍ଚୁଆଲ ରିଆଲିଟୀ ଓ ଆହୁରି ଅନେକ ବିଷୟ*

▷▷

## ଆଖୁ

ମନୁଷ୍ୟର ସ୍ୱଭାବ ହେଲା ଗୋଟାଏ କିଛି ନୂଆ ଭଲ କଥା ଦେଖିଲେ ସେ ଆନନ୍ଦରେ ଅଭିଭୂତ ହୋଇଯାଏ। ବହୁ ହଜାର ବର୍ଷ ପୂର୍ବେ ଦିନେ ବଣ ଭିତରେ ଦଳେ ଲୋକ ଆନନ୍ଦରେ ସେଭଳି ହୋଇଥିଲେ। ତା'ର କାରଣ ହେଲା ସେମାନେ ଯାହା ପାଇବେ ବୋଲି କେବେହେଲେ ଆଶା କରିନଥିଲେ ସେମିତିକା ଗୋଟିଏ ନୂଆ ଜିନିଷ ପାଇଲେ। ବଣରେ ଯାଉଛନ୍ତି। ଚରିପଟେ ଘାସ।



ପାଶ୍ଚାତ୍ୟ ଦେଶ ଗୁଡ଼ିକରେ ଯଥେଷ୍ଟ ଆଖୁ ଚିନି ମିଳିବା ଆରମ୍ଭ ହେଲା, ଯେତେବେଳେ ଆମେରିକା ବା 'ନୂତନ ପୃଥିବୀ'ରେ ନିଗ୍ରୋ କ୍ରୀତଦାସଙ୍କୁ ଲଗାଇ ବହୁଳ ଭାବେ ଆଖୁଚାଷ କରାଗଲା ।

ଜାଗାଏ ଜାଗାଏ ଆଣ୍ଠୁଏ, ଅଣ୍ଟାଏ ଉଚ୍ଚର ବଢ଼ିଛି । ତା'ରି ଭିତରେ ବାଟ କାଟି ଯାଉଛନ୍ତି । ଟିକିଏ ଆଗକୁ ଗଲା ବେଳକୁ ଖୁବ୍ ଉଚ୍ଚକୁ ବଢ଼ିଥିବା ଘାସ । ତା' ମୂଳ ଡାଙ୍ଗ ଗୁଡ଼ାକ ମୋଟା ମୋଟା, ବାଟ କାଟି ଯିବାକୁ ଅସୁବିଧା ହେଉଛି । ଜଣେ ରାଗିଯାଇ ସେଥିରୁ ଖଣ୍ଡେ ଭାଙ୍ଗି ପକାଇଲା । ତା ଭିତରଟାକୁ ଦେଖି ମନ କ'ଣ ହେଲା କେଜାଣି ତା'କୁ ଟିକେ ଚୋବାଇ ଦେଲା ଓ ତା' ସାଙ୍ଗଙ୍କ ଆଡ଼କୁ କାବା ହୋଇ ଚାହିଁଲା । ଅନ୍ୟମାନେ ମଧ୍ୟ ଖଣ୍ଡେ ଖଣ୍ଡେ ଭାଙ୍ଗିଲେ । ଦେଖିଲେ ସୁଆଦ ଲାଗୁଛି । ଏମିତି ସୁଆଦ ସେମାନେ ଆଗରୁ କୌଣସି ଗଛ ଗଣ୍ଡିରୁ, ଡାଳରୁ, ଡାଙ୍ଗରୁ ଖାଇନଥିଲେ । ଆଉ ଆଗକୁ ଯିବେ କଣ—ସେଥିରୁ ବିଡ଼ାଏ ବିଡ଼ାଏ ଭାଙ୍ଗି ଘରକୁ ଫେରିଲେ । ପିଲାଠାରୁ ବଡ଼ ସମସ୍ତେ ତାକୁ ଚୋବେଇ ରସ ଢୋକିଲେ । ହୁଏତ ସେ ଦିନ ଆଉ କିଛି ଖାଇବା ଦରକାର ପଡ଼ିଲା ନାହିଁ । କାହାଣୀ ହେଲେ ମଧ୍ୟ ଏଭଳି ଘଟଣା ନିଶ୍ଚୟ କେବେ ଘଟିଥିବ ।

ସେହି ମୋଟା ଘାସର ନାମ ହେଉଛି ଆଖୁ । ଏବେ ମଧ୍ୟ ଉଦ୍‌ଭିଦବିଜ୍ଞାନୀ ମାନେ ଆଖୁ କଥା କହିଲା ବେଳେ ଉଚ୍ଚ ଉଚ୍ଚ, ମୋଟା ମୋଟା ତଥା ବହୁଦିନ ଧରି ରହୁଥିବା ଘାସ ବୋଲି ବୁଝନ୍ତି ।

ମଣିଷ ବଞ୍ଚି ରହିବାକୁ ହେଲେ ତା'ର ଶରୀର କାମ କରିବ । ଦେହରେ ମାଂସପେଶୀ ଖଞ୍ଜା-ଯାଇଛି କାମ କରିବାକୁ । ସେଭଳି କରିବାକୁ ହେଲେ କିଛି ଶକ୍ତି ଲୋଡ଼ା । ସେହି ଶକ୍ତି ତା'କୁ ମିଳିଯାଉଛି ରକ୍ତ ଭିତରେ ଥିବା ଶର୍କରା ବା ଚିନିରୁ । ଡାକ୍ତର-ମାନେ କୁହନ୍ତି ଅସ୍ଥି ବା ହାଡ଼କୁ ଲାଗି ଯେଉଁ ପ୍ରାୟ ଛ'ଶହ ମାଂସପେଶୀ ଅଛନ୍ତି, ସେଗୁଡ଼ିକ ପ୍ରତ୍ୟେକ ଗୋଟିଏ ଗୋଟିଏ 'ଜୀଅନ୍ତା ଇଞ୍ଜିନ' । ଇଞ୍ଜିନକୁ ଚଳାଇବା ପାଇଁ କୋଇଲା, ପେଟ୍ରୋଲ ବା ଅନ୍ୟ ଇନ୍ଧନ ଦରକାର । ଏହି ଜୀଅନ୍ତା ଇଞ୍ଜିନକୁ ଚଳାଇବା ପାଇଁ ସେମିତି 'ରକ୍ତ ଚିନି' ଦରକାର । ଆଖୁ ମଣିଷର ଦରକାର ହେଉଥିବା ବେଶୀ ଭାଗ ଚିନି ଯୋଗାଇ ଦେଉଛି । ଗୁଡ଼, ଚିନି ବା ମିଶ୍ରି ଭଳି ଶର୍କରା ହେଉଛନ୍ତି ମଣିଷ ପାଇଁ ଆଖୁର ଦାନ । ଆହୁରି ମଧ୍ୟ ଆଖୁ ନଥିଲେ ଏତେ ପ୍ରକାରର ମିଠାଇ, ପିଠାପଣାର ସୁଆଦ ଆମେ ପାଉନଥା'ନ୍ତୁ ।

ପୃଥିବୀର ଯେଉଁ ଅଞ୍ଚଳରେ ବର୍ଷା ଭଲ ଭାବରେ ହୁଏ ସେହି ଅଞ୍ଚଳରେ ଆଖୁ ହୁଏ । ଚିନି ପାଇବା ଦୃଷ୍ଟିରୁ ସବୁ ପ୍ରକାରର ଆଖୁ ସମାନ ନୁହେଁ । ମାଟିଗୁଣେ ଆଖୁ ଭିତରେ କମ୍ ବେଶୀ ରସ ଥାଏ । ଏହି ଗଛ ଗୁଡ଼ିକ ତିନିରୁ ଆଠ ମିଟର ପର୍ଯ୍ୟନ୍ତ ଉଚ୍ଚ ହୋଇଥାଏ । ଏଥିରୁ ରସ ବାହାର କରିବା ପାଇଁ କ୍ରମେ କୋହ୍ଲୁଆ ବା ଆଖୁପେଡ଼ା ଯନ୍ତ୍ର ବାହାରିଲା । ଫଳରେ ଭଲ ଭାବରେ ରସ ବାହାର କରିନେବା ସମ୍ଭବ ହେଲା । ତା'ପରେ ଔଦ୍ୟୋଗିକ ବିକାଶ ଫଳରେ ବଡ଼ ବଡ଼ ଚିନିକଳ ସବୁ ବସିଗଲା ।

ଆଖୁରୁ ଚିନି ମିଳିବା କଥା ବହୁଦିନରୁ ଜଣା-ଥିଲେ ମଧ୍ୟ ଶିଳ୍ପ ଦୃଷ୍ଟିରୁ ଯଥେଷ୍ଟ ପରିମାଣର ଚିନି ପାଇବା ଉପାୟ ଉନବିଂଶ ଶତାବ୍ଦୀରେହିଁ ବାହାରିଲା । ପ୍ରଥମେ ନିଉଗିନି ଦେଶରେ ଆଖୁ ଚାଷ ଆରମ୍ଭ ହୋଇଥିଲା ବୋଲି କୁହାଯାଏ । ମଣିଷର ଦେଶାନ୍ତର ଗମନ ସହିତ ଏହା କ୍ରମେ ପୃଥିବୀର ଅନ୍ୟ ଅଞ୍ଚଳକୁ ବ୍ୟାପି ଦକ୍ଷିଣପୂର୍ବ ଏସିଆ, ଭାରତ ଓ ପଲିନେସିଆ ଅଞ୍ଚଳରେ ଯାଇ ପହଞ୍ଚିଗଲା । ଆଖୁ ଚାଷୀ ଗଛର ଯଥେଷ୍ଟ ଯତ୍ନ ନ ନେଲେ ଫସଲ ଭଲ ହୋଇନଥାଏ । ପର୍ଯ୍ୟାପ୍ତ ପରି-ମାଣର ଜଳସେଚନ ବ୍ୟବସ୍ଥା ଓ ରାସାୟନିକ ତଥା ଜୈବିକ ସାରର ବ୍ୟବହାର କରିପାରିଲେ ଭଲ ।

*ସମ୍ବନ୍ଧୀୟ ବିଷୟ*

*ଚିନି, କୃଷି, ଗ୍ଲୁକୋଜ, ଘାସ, ଖାଦ୍ୟ, ଉଦ୍‌ଭିଦ-ବିଜ୍ଞାନ*

▷ ▷

## ଆଖ୍ୟାନ

କେତେକ ଦେବତା ଓ କେତେକ ସାମୂହିକ ଘଟଣାର ବର୍ଣ୍ଣନା ଥାଇ ଅଥର୍ବ ବେଦ ତଥା ଋଗ୍ ବେଦରେ ଥିବା *ଉଲ୍ଲେଖ । ଆଖ୍ୟାନର ଲକ୍ଷ୍ୟ ମାନବ ସମାଜର ସାମୂ*-ହିକ କଲ୍ୟାଣ ତଥା ବିଶ୍ୱର ମଙ୍ଗଳ ପାଇଁ ଉଦ୍ଦିଷ୍ଟ ଥିଲା ବୋଲି ବହୁ ପଣ୍ଡିତ ମତ ଦେଇଛନ୍ତି । ପ୍ରତ୍ୟେକଟି ଆଖ୍ୟାନର ଅନ୍ତଃସ୍ଥଳରେ ମାନବଶିକ୍ଷା ପାଇଁ ବହୁ ତଥ୍ୟ ସାଇତି ରଖିଦିଆଯାଇଛି । ଆଉ କୌଣସି କୌଣସିଟିରେ ବୈଦିକ ଯୁଗର ପୁରୋହିତଙ୍କ ମହତ୍ତ୍ୱ ତଥା ଗାରିମାର ପରିଚୟ ରହିବା ସଙ୍ଗେ ସଙ୍ଗେ ଋଷିମାନଙ୍କ ପ୍ରେମ କାହାଣୀ ମଧ୍ୟ ବର୍ଣ୍ଣିତ ହୋଇଛି ।

କେବଳ ଋଗ୍ ବେଦରେ ରହିଛି ୩୦ଟି ଆଖ୍ୟାନ । ପରବର୍ତ୍ତୀ ଯୁଗରେ କିନ୍ତୁ ଅନ୍ୟାନ୍ୟ ବିଷୟ ସବୁ ଏହା ଭିତରକୁ ପଶିଯିବାରୁ କେତେକ ସ୍ଥଳରେ ମୂଳ ଆଖ୍ୟାନ ଗୁଡ଼ିକ ବିକୃତ ରୂପ ଧରି ଯାଇଛନ୍ତି ।

*ସମ୍ବନ୍ଧୀୟ ବିଷୟ*

*ବେଦ, ବୈଦିକସାହିତ୍ୟ*

▷ ▷

## ଆଗମ

ମଧ୍ୟଯୁଗରେ ରଚିତ ହୋଇଥିବା ଏହି ତାନ୍ତ୍ରିକ ରଚନା ଗୁଡ଼ିକ ହେଲା ଶିବଭକ୍ତ ଶୈବ ମାନଙ୍କର ପୁଣ୍ୟ ଶ୍ଲୋକ । ଶିବ-ପାର୍ବତୀଙ୍କ ଭିତରେ କଥୋପ-କଥନ ଛଳରେ ଏଗୁଡ଼ିକୁ ରଚନା କରାଯାଇଛି । ବୈଷ୍ଣବ ସାହିତ୍ୟ ଓ ଶାକ୍ତ-ତନ୍ତ୍ର ଗୁଡ଼ିକ ସହିତ ଆଗମର କେତେକ କ୍ଷେତ୍ରରେ ମେଳ ରହିଛି । ପ୍ରାୟ ଅଷ୍ଟମ ଶତାବ୍ଦୀ ବେଳକୁ ଏଗୁଡ଼ିକ ରଚିତ ହେବାକୁ ଲାଗିଲା ବୋଲି ଜଣାଯାଉଛି । ବିଭିନ୍ନ ଧାର୍ମିକ ପ୍ରଥା ଓ ପ୍ରଣାଳୀ, ମନ୍ଦିର ନିର୍ମାଣ ତଥା ପ୍ରତିମା ନିର୍ମାଣ ସଂକ୍ରାନ୍ତରେ ଆଗମରୁ ବହୁ ତଥ୍ୟ ମିଳିଥାଏ ।

*ସମ୍ବନ୍ଧୀୟ ବିଷୟ*

*ହିନ୍ଦୁଧର୍ମ, ତନ୍ତ୍ର, ଶୈବଧର୍ମ*

▷ ▷

## ଆଗା ଖାଁ

*ଇସ୍‌ଲାମ ଧର୍ମର ନିଜାରୀ ଇସ୍‌ମାଇଲୀ ସଂପ୍ରଦାୟର* ଗୋଟିଏ ଗୋଷ୍ଠୀ ସି-ମୁସଲମାନ ମାନଙ୍କର ଇମାମ୍



ଆଗ୍ନେୟଗିରି ଉଦ୍‌ଗୀରଣ ବେଳ ଅବସ୍ଥାର ରେଖାଙ୍କନ । ଏହାର ଉପରେ ଥିବା ଶୃଙ୍ଗ ବା କୋନ୍‌ର ସାଇଜ କିଭଳି ଭିନ୍ନ ଭିନ୍ନ ସମୟର ଉଦ୍‌ଗୀରଣ କ୍ରିୟା ଦ୍ୱାରା ସ୍ଥିରୀକୃତ ହୋଇଛି ସେ କଥା ଏଥିରେ ସ୍ପଷ୍ଟ ହୋଇଥିବା ସ୍ତର ସବୁରୁ ଜଣାପଡୁଛି । ଭୂଅଭ୍ୟନ୍ତରରୁ ବାହାରୁଥିବା ବାଷ୍ପ ଓ ତରଳ ଶିଳା ନୂଆ କୋନ୍‌ଦେଇ ବାହାରିଲା ବେଳେ ପୁଣିଥରେ ତାକୁ ନଷ୍ଟ କରିଦେଇଛନ୍ତି । ଚିତ୍ରର ଡାହାଣ ପଟେ ଅଭ୍ୟନ୍ତରରୁ ନିର୍ଗତ ଲାଭା ବହି ଯାଉଥିବାର ଦୃଶ୍ୟ; ତା ଉପରେ ପାଉଁଶ ତଥା ଧୂଆଁର ଗୋଟାଏ ଘନ ଆସ୍ତରଣ ରହିଛି ।

ବା ଧର୍ମଗୁରୁ । ବଂଶ ପରଂପରାକ୍ରମେ ଏହି ଉପାଧି ଚଳିଆସିଛି । ଆଗା ଖାଁମାନେ ଖୁବ୍ ଧନୀ ହୋଇଥିବାରୁ ଇସ୍‌ଲାମ ଜଗତରେ ବହୁ ଜନହିତକର କାର୍ଯ୍ୟ କରିଆସୁଛନ୍ତି । ବିଂଶ ଶତାବ୍ଦୀର ଦ୍ୱିତୀୟ ଦଶକରେ ଆଲିଗଡ଼ ମୁସ୍‌ଲିମ୍ ବିଶ୍ୱବିଦ୍ୟାଳୟର ସ୍ଥାପନା ଓ ସଂଗଠନ ନିମନ୍ତେ ତୃତୀୟ ଆଗା ଖାଁ ଯଥେଷ୍ଟ ପରିମାଣର ଆର୍ଥିକ ସହାୟତା ସେ ସମୟରେ ଯୋଗାଇ ଦେଇଥିଲେ ।

*ସମ୍ବନ୍ଧୀୟ ବିଷୟ*

*ଇସ୍‌ଲାମ*

▷▷

## ଆଗୌଟି

ଠେକୁଆ ଯେତେ, ପ୍ରାୟ ସେତିକି ଶରୀରଟିଏ ବହିଥିବା ଏହି ମୂଷାଜାତୀୟ ଜୀବଟି ରାତିରେ ଚରି ବୁଲିବାକୁ ବାହାରେ । ତା' ଆଖି ବେଶ୍ ବଡ଼ ବଡ଼ । ଗୋଡ଼ ଗୁଡ଼ିକ ଏମିତି ସରୁ ଓ ଛୋଟ ଛୋଟ ଯେ ଦେଖିଲେ ମନେହୁଏ ଏତେବଡ଼ ଦେହଟାକୁ ଏ ସମ୍ଭାଳୁଛି କେମିତି ? ଦକ୍ଷିଣ ଆମେରିକା ମହାଦେଶର କେତେକ ଅଂଶରେ ଆଗୌଟି ଦେଖିବାକୁ ମିଳେ ।



ଆଗୌଟି

*ସମ୍ବନ୍ଧୀୟ ବିଷୟ*

*ଜୀବଜଗତ*

▷▷

## ଆଗ୍ନେୟଗିରି

"ମାଆର ମନ ଖୁସିଥିଲେ, ସେ ପିଲାଙ୍କୁ ହସାଏ । ବସୁଧା ମାତା ବା ପୃଥିବୀ ମଣିଷକୁ ସେମିତି ହସାଉଛି; ପୁଣି ବେଳେବେଳେ କନ୍ଦାଉଛି । ପ୍ରକୃତି ଏ ଜଗତକୁ କେଡ଼େ ସୁନ୍ଦର କରି ଗଢ଼ିଛି । ନଦୀସବୁ କଳ କଳ ନାଦ କରି ବହିଯାଉଛନ୍ତି । ଭୂଇଁ ଉପରେ ଫୁଲ ଫଳ ଭରି ରହିଛି । ଦୂରରୁ ଦେଖିଲେ ବି ପର୍ବତ କେଡ଼େ ସୁନ୍ଦର । ଉପରେ ନୀଳ ଆକାଶ । ମନୁଷ୍ୟ କହୁଛି ମୋ ଜୀବନ ଧନ୍ୟ । ମୁଁ ଏଭଳି ବସୁଧା ମାତା କୋଳରେ ଖେଳୁଛି । କିନ୍ତୁ ଯେତେବେଳେ ବସୁଧା ରାଗିଯାଉଛି ନଈରେ ବନ୍ୟା, ବଢ଼ିପାଣି ମାଡ଼ିଯାଇ କେତେ କଅଣ କ୍ଷତି କରିପକାଉଛି । କେତେବେଳେ ଭୂମିକମ୍ପ ହେଉଛି । ବହୁ ଲୋକ ମରିଯାଉଛନ୍ତି । ଏମିତିକା ଝଡ଼ ହେଉଛି ଯେ ଘରଦ୍ୱାର, ବଡ଼ ବଡ଼ ଗଛ ଭାଙ୍ଗି ତଳେ ଲୋଟି ଯାଉଛନ୍ତି । ଆଉ କେବେ କେବେ ଆଦୌ ବର୍ଷା ନହେବାରୁ ଭୂଇଁ ଫାଟି ଯାଉଛି । ଗଛସବୁ ମରି ଯାଉଛନ୍ତି । ମଣିଷ ପାଣି ଟୋପାଏ ପିଇବାକୁ ପାଉନାହିଁ । ଦୁର୍ଭିକ୍ଷ ପଡ଼ି ଯାଉଛି । ଏହିସବୁକୁ କୁହାଯାଏ ପ୍ରକୃତିର ମଣିଷକୁ ଦଣ୍ଡ ବା 'ବସୁଧା ମାତାର କୋପ' ।

କିନ୍ତୁ ବସୁଧା ତା'ର ସବୁଠାରୁ ଭୀଷଣ ରୂପ ଦେଖାଏ ଯେତେବେଳେ କି ପୃଥିବୀର ଭିତର ଅଂଶରୁ ଅତି ଗରମ ବାଷ୍ପ, ପାଉଁଶ, ଖଣ୍ଡ ଖଣ୍ଡ ନିଆଁ, ପଥର, ଅତି ଉତ୍ତପ୍ତ ତରଳ ପଦାର୍ଥ ଜୋର୍‌ରେ ଆଗ୍ନେୟଗିରି ଦେଇ ପାହାଡ଼ ଫଟାଇ ଉପର ବାଟେ ବାହାରି ପଡ଼ନ୍ତି ଓ ଗୋଟାଏ ଗୋଟାଏ ଅଞ୍ଚଳକୁ ଛାରଖାର କରିଦିଅନ୍ତି । କେତେକ କ୍ଷେତ୍ରରେ ଶହ ଶହ ହଜାର ହଜାର ଲୋକ ମରି ଶୋଇଯାଆନ୍ତି । ଗୋଟାଏ ଗୋଟାଏ ସହର ଓ ଗାଁ ଉପରେ ୧୦ରୁ ୧୫ ମିଟର ବହଳରେ ଗରମ ପାଉଁଶ, ଖଣ୍ଡ ଖଣ୍ଡ ପଥର ଓ ଅତି ଉତ୍ତପ୍ତ ତରଳ ପଦାର୍ଥ ଜମିଯାଏ । ସେ ସହର କିମ୍ବା ଗାଁର ଆଉ ହୁଏତ ଚିହ୍ନବର୍ଣ୍ଣ ରହେନାହିଁ ।"

ଉପରକୁ ସିନା ଥଣ୍ଡା ବୋଲି ଜଣା ପଡୁଛି, ପୃଥିବୀର ଅଭ୍ୟନ୍ତର ବା ଭିତରଟା କିନ୍ତୁ ଅତିମାତ୍ରାରେ ଗରମ ବା ଉତ୍ତପ୍ତ । ଭିତରର ତାପ ଓ ଚାପ ସେଠି ବହୁ ଜିନିଷକୁ ତରଳାଇ ଦେଇଥାଏ । ସେଗୁଡ଼ିକ ମଧ୍ୟ ଅତି ଗରମ ଅବସ୍ଥାରେ ଥାଆନ୍ତି । ପୃଥିବୀ ଉପରର ଚାପରେ ସେହି ସେହି ପଦାର୍ଥ ଗୋଟାଏ ଦୃଷ୍ଟିରୁ ସ୍ଥିର ଅବସ୍ଥାରେ ଥାଆନ୍ତି ବୋଲି କହିଲେ ଚଳେ । କିନ୍ତୁ ଭୂଚଳନ ଯୋଗୁଁ କୌଣସି ଠାରେ ଚାପ କମିଗଲେ ବା ସେହିଭଳି ଆଉକିଛି ହୋଇଗଲେ ସେହିସବୁ ଅତି ଉତ୍ତପ୍ତ ପଦାର୍ଥ ଅସ୍ଥିର ହୋଇ ଉଠନ୍ତି ଓ ପଦାକୁ ବାହାରି ଆସିବାକୁ ଚେଷ୍ଟା କରି ଆଗ୍ନେୟଗିରି ଦେହରେ ଯେଉଁଠି ଟିକିଏ ନରମ ଅଂଶ ଅଛି ସେହିବାଟେ ପଦାକୁ

ବାହାରି ଆସନ୍ତି । ଏହାକୁ ପ୍ରଥମ ଅବସ୍ଥାରେ ମାଗ୍‌ମା ଓ ପରେ ଲାଭା ବୋଲି କୁହାଯାଏ । ପ୍ରକୃତ ଅର୍ଥରେ ଏହାହେଲା ତରଳ ପଥର । ଲାଭାର ଉତ୍ତାପ ସାଧାରଣତଃ ୧୨୦୦ ଡିଗ୍ରୀ ସେଲ୍‌ସିଅସ୍ ବା ତାହାଠାରୁ ବେଶୀ ହୋଇଥାଏ । ଅନେକ ସମୟରେ ଏହି ତରଳ ପଥର ପାଣିଠାରୁ ମଧ୍ୟ ବହୁ ଅଧିକ ଗୁଣ 'ତରଳ' ହୋଇଯାଇଥାଏ ।

ସମଗ୍ର ପୃଥିବୀରେ ପ୍ରାୟ ଏକ ହଜାର ଆଗ୍ନେୟଗିରି ରହିଛି । ପରେ ଜଣା ପଡ଼ିଲା ଯେ ସେଥିରୁ ପ୍ରାୟ ୨୦୦ ଅଛନ୍ତି ସମୁଦ୍ର ଭିତରେ । ସବୁ ଆଗ୍ନେୟଗିରିରୁ ଯେ ସବୁ ସମୟରେ ଅଗ୍ନି ବରଷୁଥାଏ ବା ଉଦ୍‌ଗୀରଣ ହେଉଥାଏ ତା' ନୁହେଁ । କିଛିଦିନ ଏଭଳି କଳାପରେ ବନ୍ଦ ହୋଇଯାଏ । ଦେଖିଲା ବେଳକୁ ପୁଣି କେତେଶହ ବର୍ଷ ପରେ ଆଉଥରେ ସେହି ପାହାଡ଼ଟା ଜୀବନ୍ତ ହୋଇ ଉଠୁଛି ଓ ପୁଣି ଅଗ୍ନି ବର୍ଷା ହେଉଛି । ଆମ ଦେଶରେ ଆଗ୍ନେୟଗିରି ନଥିବାରୁ ତାହା କିଭଳି ଭୀଷଣ ଓ କେତେ କ୍ଷତି କରେ ତାହା ଅନୁମାନ କରିବା ସହଜ ନୁହେଁ ।

ଗୋଟିଏ ଗୋଟିଏ ଆଗ୍ନେୟଗିରି କେତେ କ୍ଷତି କରିଛି ତାହା ଶୁଣିଲେ ଲୋମ ଟାଙ୍କୁରି ଉଠିବ । ପ୍ରାୟ ୧୧୫ ବର୍ଷ ପୂର୍ବେ ଇଣ୍ଡୋନେସିଆର ଜାଭା, ସୁମାତ୍ରା ନିକଟରେ ଥିବା କ୍ରାକାତୋଆ ଦ୍ୱୀପରେ ୧୮୮୩ ମସିହାରେ ଯେଉଁ ଅଗ୍ନି ଉତ୍ପାତ ହେଲା ସେଥିରେ ୧୯-୨୦ ଘନକିଲୋମିଟର ପରିମାଣର ପଥର ଗରମ ହୋଇ ବାଷ୍ପ ରୂପରେ ଆକାଶକୁ ଉଠିଯାଇଥିଲା । ଗୋଟିଏ ୪୫ ବର୍ଗକିଲୋମିଟର ଦ୍ୱୀପର ତିନିଭାଗରୁ ଦୁଇଭାଗ ଧୂଳିହୋଇ ଆକାଶକୁ ଉଡ଼ିଗଲା । ଧୂଆଁ ଓ ପାଉଁଶ ଆକାଶରେ ୫୫ କିଲୋମିଟର ଉପରକୁ ଉଠିଯାଇ ସାରା ପୃଥିବୀରେ ଖେଳାଇ ହୋଇଯାଇଥିଲା । ତା ଉପରକୁ ଉଠିଯାଇଥିଲା ଗରମ ବାଷ୍ପ । ପାଉଁଶ ଯେତେବେଳେ ଉପରକୁ ଉପରକୁ ଉଠି ପୁଣି ତଳକୁ ଖସିଲା, ପାଖରେ ଥିବା ଘଞ୍ଚ ଜଙ୍ଗଲଗୁଡ଼ିକୁ ମରୁଭୂମି କରିଦେଲା । ଶହ ଶହ ଗାଁ ନିଶ୍ଚିହ୍ନ ହୋଇଗଲା । ଭୟଙ୍କର ସମୁଦ୍ର ଲହଡ଼ି ମାଡ଼ି ଆସିବାରୁ ୩୬,୩୮୦ ଲୋକ ମରିଥିଲେ । ଯେଉଁ କୋଟି କୋଟି ଟନ୍ ପାଉଁଶ ଆକାଶରେ ବହୁ ଉଚ୍ଚକୁ ଉଠିଗଲା ତାକୁ ପବନ ଘଣ୍ଟାକୁ ୧୨୦ କିଲୋମିଟର ବେଗରେ ପୂର୍ବରୁ ପଶ୍ଚିମ ଆଡ଼କୁ ଉଡ଼ାଇ ନେଲା । ସେଠାରୁ ୧୬୦ କିଲୋମିଟର ଦୂରରେ ଜାକର୍ତ୍ତା ସହର । ତା' ଉପର ଦେଇ ଯେତେବେଳେ ଏ ପାଉଁଶ ଉଡ଼ିଲା, ସେତେବେଳେ ଦିନଟାକୁ ରାତି କରିଦେଲା । ଦିନବେଳେ ମଧ୍ୟ ଏମିତି ଅନ୍ଧାର ହୋଇଗଲା ଯେ ଲୋକେ କିଛି ଦେଖି ପାରିଲେ ନାହିଁ । ପାଉଁଶ ଯୋଗୁଁ ସୂର୍ଯ୍ୟ ଅସ୍ତବେଳେ ଏଭଳି ଚମତ୍କାର ରଙ୍ଗ ସବୁ ଦେଖାଗଲା ଯେ ବହୁ ଦୂରରେ ଥିବା ଇଂଲଣ୍ଡର ଲୋକେ ମଧ୍ୟ ସେ ଦୃଶ୍ୟ ଦେଖିଥିଲେ । ୧୯୯୨ ମସିହାରେ ଫିଲିପାଇନ୍‌ସ୍‌ର ମାଉଣ୍ଟ ପିନାଟୋବେ ଆଗ୍ନେୟଗିରି ଉଦ୍‌ଗୀରଣ ମଧ୍ୟ ଭୀଷଣ କ୍ଷତି ଘଟାଇଥିଲା ।

ଆଗ୍ନେୟଗିରି କିଛି କିଛି ଉପକାର ମଧ୍ୟ କରେ । ବୃଷ୍ଟି ପାଣି ପଟୁ ପକାଇଲା ଭଳି ପୃଥିବୀ ଗର୍ଭରୁ ଆସିଥିବା ଗୋଟାଏ ପ୍ରକାର ଆଗ୍ନେୟ ପାଉଁଶ ମାଟିରେ ପଡ଼ିଗଲେ ଜମି ଉର୍ବର ହୋଇଯାଏ ।

ଆମ ଭାଷାରେ କହୁଛୁ ଆଗ୍ନେୟଗିରି, ଇଂରାଜୀରେ ଏହାକୁ କୁହନ୍ତି—ଭଲ୍‌କାନୋ । ଭଲ୍‌କାନ୍ ହେଉଛନ୍ତି ରୋମ ଦେଶର ଜଣେ ଦେବତା । ତାଙ୍କୁ କୁହାଯାଏ ଅଗ୍ନିଦେବତା । ପୁରାଣରେ ଅଛି ଯେ ସୂର୍ଯ୍ୟ ତାଙ୍କୁ ଅଧିକାର ଦେଇଛନ୍ତି ତାଙ୍କ ତେଜ ବିଷୟରେ ସେ ଅନ୍ୟମାନଙ୍କୁ ବୁଝାଇବେ । ତାଙ୍କରି ନାଁ ଅନୁସାରେ ହୋଇଛି ଭଲ୍‌କାନ୍ ।

***ସମ୍ବନ୍ଧୀୟ ବିଷୟ***

*ପୃଥିବୀ, ଭୂବିଜ୍ଞାନ, ଭୂଗଠନ, ଲାଭା, ଭୂମିକମ୍ପ, ସମୁଦ୍ର, ପର୍ବତ, ସୌରଜଗତ, ପଦାର୍ଥବିଜ୍ଞାନ, ବିଶ୍ୱ, କୃଷି, ଭୂଅଭ୍ୟନ୍ତର, ଭଲକାନିଜିମ୍*

▷ ▷

## ଆଗ୍ନେୟାସ୍ତ୍ର

ଯେଉଁସବୁ ଅସ୍ତ୍ରରେ ବିସ୍ଫୋରକ ପଦାର୍ଥ ଭର୍ତ୍ତି ହୋଇଥାଏ ଓ ଅଗ୍ନି ସଂଯୋଗ ହେଲେ ତାହା ସକ୍ରିୟ ହୋଇଉଠି କ୍ଷୁଦ୍ର କ୍ଷୁଦ୍ର ପ୍ରସ୍ତର ପିଣ୍ଡ ବା ଧାତବ ପିଣ୍ଡକୁ ପ୍ରଚଣ୍ଡ ବେଗରେ ଦୂରବର୍ତ୍ତୀ ଲକ୍ଷ୍ୟସ୍ଥଳ ଉପରେ ନିକ୍ଷେପ କରିପାରେ, ସେଗୁଡ଼ିକୁ ସାଧାରଣତଃ ଆଗ୍ନେୟାସ୍ତ୍ର ବୋଲି କୁହାଯାଇଥାଏ । ସବୁଧରଣର ବନ୍ଧୁକ, ରାଇଫଲ୍, ପିସ୍ତଲ ଓ ରିଭଲଭର ଇତ୍ୟାଦି ଏହି ଶ୍ରେଣୀର ଅନ୍ତର୍ଗତ । ତୋପ ଓ ମେସିନଗନ୍ ଗୁଡ଼ିକୁ ମଧ୍ୟ ଆଗ୍ନେୟାସ୍ତ୍ର ଭାବରେ ଗଣାଯାଇଥାଏ ।

ମଣିଷ କେବେ ବା କେଉଁ ଯୁଗରେ ସର୍ବପ୍ରଥମେ ଆଗ୍ନେୟାସ୍ତ୍ରର ବ୍ୟବହାର କଲା ସେକଥା ସଠିକ୍ ଭାବରେ କୁହାଯାଇ ପାରୁନାହିଁ । ରାମାୟଣ ଓ ମହାଭାରତରେ ଯେଉଁସବୁ ବର୍ଣ୍ଣନା ରହିଛି, ସେଥିରୁ ମନେ ହେବ ଯେ, ସେ ଯୁଗର ଯୁଦ୍ଧରେ ମଧ୍ୟ ଏହାର ବ୍ୟବହାର ହେଉଥିଲା । କିନ୍ତୁ ଆଧୁନିକ ଅର୍ଥରେ ପ୍ରଥମ ଆଗ୍ନେୟାସ୍ତ୍ରର ବ୍ୟବହାର ଖୁବ୍ ସମ୍ଭବତଃ ଦ୍ୱାଦଶ-ତ୍ରୟୋଦଶ ଶତାବ୍ଦୀ ବେଳକୁ ଚୀନ ଦେଶରେ ହିଁ ଆରମ୍ଭ ହୋଇଥିଲା । ପରେ ଏହି ଟେକ୍‌ନୋଲଜି ଇଉରୋପ ମହାଦେଶରେ ଯାଇ ପହଞ୍ଚିଗଲା ଓ ସେବେଠାରୁ ସେଗୁଡ଼ିକର ନାନାବିଧ ବିକାଶ ହେବାକୁ ଲାଗିଲା ।

***ସମ୍ବନ୍ଧୀୟ ବିଷୟ***

*ଅସ୍ତ୍ରଶସ୍ତ୍ର, ଚୀନ, ସମରବିଜ୍ଞାନ, ଟେକ୍‌ନୋଲଜି, ଧାତୁ*

▷ ▷

## ଆଗ୍ରା

ଉତ୍ତର ପ୍ରଦେଶରେ ଯମୁନା ନଦୀ କୂଳରେ ଏହି ସହର ଅବସ୍ଥିତ । ଏହା ବିଷୟରେ ସମସ୍ତେ ଊଣା ଅଧିକେ ଜାଣନ୍ତି । କାରଣ ଏହି ସହରରେ ପୃଥିବୀ ପ୍ରସିଦ୍ଧ ତାଜମହଲ ରହିଛି । ଏଥିପାଇଁ ପ୍ରାୟ ୪୦୦ ବର୍ଷ ତଳେ ଏହି ସହରର ସୁନାମ ହୋଇଗଲା । ତାଜମହଲ ବ୍ୟତୀତ ଆହୁରି ଅନେକ ପୁରୁଣା କୀର୍ତ୍ତି ମଧ୍ୟ ଏଠାରେ ଦେଖିବାକୁ ମିଳେ । ଆଗ୍ରା ସହରର ଲୋକସଂଖ୍ୟା ପ୍ରାୟ ୯,୦୦,୦୦୦ ।

***ସମ୍ବନ୍ଧୀୟ ବିଷୟ***

*ତାଜମହଲ, ଭାରତ, ମୋଗଲ ଶାସନ, ଉତ୍ତରପ୍ରଦେଶ, ପର୍ଯ୍ୟଟନ*

▷ ▷

## ଆଗ୍ରିଗେଟ୍

ଘର ତିଆରି ଓ ଅନ୍ୟାନ୍ୟ ନିର୍ମାଣ କାର୍ଯ୍ୟ ନିମନ୍ତେ ଯେଉଁ ମସଲା କିମ୍ବା କଂକ୍ରିଟ ତିଆରି କରିବାକୁ ପଡ଼େ, ସେଥିପାଇଁ ଉପଯୋଗ କରାଯାଉଥିବା ଚୂନ, ସିମେଣ୍ଟ, ବିଟୁମେନ, ଜିପ୍‌ସମ୍ କିମ୍ବା ଅନ୍ୟ କୌଣସି ପ୍ରକାରର ଅଠାଳିଆ ପଦାର୍ଥରେ ମିଶୁଥିବା ମୋଟ ପଦାର୍ଥ । ବାଲି, ଭଙ୍ଗା ବା ଚୂରା ପଥର, ବାଲିଗରଡ଼ା, ବ୍ଲାଷ୍ଟଫର୍ଣ୍ଣେସ୍ ସ୍ଲାଗ୍, ବଏଲର ପାଉଁଶ ଓ ପୋଡ଼ାମାଟି ହେଲେ ଅତି ସାଧାରଣ ଧରଣର ଆଗ୍ରିଗେଟ୍ । ସୂକ୍ଷ୍ମ ଓ ସ୍ଥୂଳ—ଏହି ଦୁଇ ଧରଣର ଆଗ୍ରିଗେଟ୍ ରହିଛି । ଅତି ପତଳା କଂକ୍ରିଟ୍ ସ୍ଲାବ୍ ତିଆରି କରିବା ଓ ଚିକ୍କଣ ପଲସ୍ତରା କରିବା କ୍ଷେତ୍ରରେ ସୂକ୍ଷ୍ମ ଆଗ୍ରିଗେଟ୍‌ର ଆବଶ୍ୟକତା ପଡ଼ିଥାଏ ।

***ସମ୍ବନ୍ଧୀୟ ବିଷୟ***

*ନିର୍ମାଣ, କଂକ୍ରିଟ, ଇଞ୍ଜିନିଅରିଙ୍ଗ୍*

▷ ▷

## ଆଙ୍କୋର

ଦକ୍ଷିଣପୂର୍ବ ଏସିଆରେ ଥିବା ଆଜିର କାମ୍ବୁଚିଆ ରାଜ୍ୟରେ ଦିନେ ଗୋଟାଏ ସମୃଦ୍ଧିଶାଳୀ ସହର ଓ ତା ନିକଟରେ ଗୋଟାଏ ବିଶାଳ ମନ୍ଦିର ଥିଲା । ଚତୁର୍ଦ୍ଦଶ ଶତାବ୍ଦୀର ଶେଷଭାଗରୁ ସେହି ନଗର ଓ ମନ୍ଦିରକୁ କିନ୍ତୁ ସେ ଯୁଗର ଲୋକମାନେ ଛାଡ଼ିଦେଇ ଚାଲି ଆସିଲେ । ସେମାନେ ଚାଲି ଆସିଲା ପରେ ପରେ ତା ଉପରେ ଜଙ୍ଗଲ ମାଡ଼ିଗଲା ଓ ସେହି ସମୃଦ୍ଧଶାଳୀ ସହର ତଥା କାରୁକାର୍ଯ୍ୟ ଖଚିତ ମନ୍ଦିର ଥିବା କଥା କ୍ରମେ ଲୋକେ ଭୁଲିଗଲେ ବୋଲି କୁହାଯାଇପାରେ । ଉନବିଂଶ ଶତାବ୍ଦୀର



ସମଗ୍ର ଦକ୍ଷିଣ-ପୂର୍ବ ଏସିଆରେ ଆଙ୍କୋରର ସ୍ଥାପତ୍ୟ ତଥା ଭାସ୍କର୍ଯ୍ୟ ସହିତ ତୁଳନୀୟ ଅନ୍ୟ କୌଣସି କୀର୍ତ୍ତି ଦେଖିବାକୁ ମିଳେ ନାହିଁ। ପ୍ରାୟ ଦ୍ୱାଦଶ ଶତାବ୍ଦୀ ବେଳେ ନିର୍ମିତ ହୋଇଥିବା ଏହି ଅପରୂପ ତୋରଣ ଦ୍ୱାରଟି ଆଙ୍କୋର-ଥାମରେ ରହିଛି।

ଶେଷ ଭାଗରେ ଯାଇ ଏହି ଅପରୂପ ସୌନ୍ଦର୍ଯ୍ୟର ଗନ୍ତାଘର ବିଷୟରେ ପୁଣି ଆଲୋଚନା ହେଲା ଓ ପ୍ରକୃତି ହାତରୁ ତାକୁ ଉଦ୍ଧାର କରିବାପାଇଁ ଉଦ୍ୟମ ଆରମ୍ଭ ହେଲା।

ଆଙ୍କୋର ହେଉଛି ଖ୍ମେର ସାମ୍ରାଜ୍ୟର ପୁରାତନ ରାଜଧାନୀ। ଗୋଟାଏ ସମୟରେ ଏହି ସାମ୍ରାଜ୍ୟର ଯଶ-କୀର୍ତ୍ତି ଗାନରେ ସମସ୍ତ ଦକ୍ଷିଣ-ପୂର୍ବ ଏସିଆର ସାହିତ୍ୟ, କିମ୍ବଦନ୍ତୀ ଓ ଲୋକକଥା ବହୁଭାବେ ସମୃଦ୍ଧ ହୋଇଥିଲା। ଦକ୍ଷିଣ ପୂର୍ବ ଏସିଆରେ ପ୍ରଚଳିତ ଥିବା ଅତି ଉନ୍ନତ ସଭ୍ୟତା ଏହି ସାମ୍ରାଜ୍ୟରେ ହିଁ ଗଢି ଉଠିଥିଲା। ପରେ ଭାରତୀୟମାନେ ପ୍ରଥମ ଶତାବ୍ଦୀର ଆରମ୍ଭରେ ଯାଇ ଆଙ୍କୋର ଅଞ୍ଚଳରେ ପହଞ୍ଚି ଯାଇଥିଲେ। ତେଣୁ ସେହି ସ୍ଥାନକୁ କେନ୍ଦ୍ର କରି ଏସିଆର ଏହି ଅଂଶରେ ହିନ୍ଦୁ ସଂସ୍କୃତିର ପ୍ରସାର ଓ ପ୍ରଚ୍ରର ହୋଇଗଲା। ତାହାପରେ ସେହିଠାରେ ଯେଉଁ ସମୃଦ୍ଧ କମ୍ବୁଜ ରାଜ୍ୟ ଗଢି ଉଠିଲା, ସେହି ପ୍ରାଚୀନ ବୈଭବର ଅବଶେଷର ଆଙ୍କୋର-ଥାମ ନଗର ଓ ଆଙ୍କୋର-ବଟ ମନ୍ଦିର ହେଲେ ସ୍ମାରକୀ। ଗୋଟାଏ ସମୟରେ ଖ୍ମେର ସାମ୍ରାଜ୍ୟ ଅତ୍ୟନ୍ତ ଶକ୍ତିଶାଳୀ ଥିଲେ ମଧ୍ୟ ଅତିମାତ୍ରାରେ ପ୍ରାଚୁର୍ଯ୍ୟ ତଥା ବିଳାସ ବ୍ୟସନ ସେହି ସାମ୍ରାଜ୍ୟର ପତନର କାରଣ ହୋଇ କ୍ରମେ ଛିଡ଼ା ହେଲା। ପଡ଼ୋଶୀ ରାଜ୍ୟର କଷ୍ଟସହିଷ୍ଣୁ ଶତ୍ରୁମାନଙ୍କୁ ପ୍ରତିରୋଧ କରିବା ବିଳାସୀ ଖ୍ମେର ସମ୍ରାଟ ମାନଙ୍କ ଦ୍ୱାରା ଆଉ ସମ୍ଭବ ହେଲା ନାହିଁ। ଆଙ୍କୋର ନଗର ଓ ମନ୍ଦିର ହେଲା ସେ ଯୁଗର ମନୁଷ୍ୟ ହସ୍ତର ଅକ୍ଷୟକୀର୍ତ୍ତି। ଆଙ୍କୋର-ବଟକୁ ରକ୍ଷା କରିବା ପାଇଁ ମନ୍ଦିର ଚ୍ରରିପଟେ ଗୋଟିଏ ଖାଇ ବା ପରିଖା ଖୋଳା ଯାଇଥିଲା ଓ ସେଥିରେ ପାରହେବା ନିମନ୍ତେ ଗୋଟିଏ ପୋଲ ତିଆରି କରାଯାଇଥିଲା। ଖାଇ ପାର ହୋଇ ମନ୍ଦିରରେ ପ୍ରବେଶ କରିବାପାଇଁ ପ୍ରାୟ ୩୦୦ ମିଟର ଚଉଡ଼ାର ଗୋଟାଏ ପ୍ରବେଶ ଦ୍ୱାର ଅଛି। ବିଶାଳ ମନ୍ଦିର ଗାତ୍ରରେ ରାମାୟଣର ମୂର୍ତ୍ତି ଗୁଡ଼ିକ ଖୋଦିତ ହୋଇଛି। ସେ ଯୁଗର କମ୍ବୁଜ ଦେଶରେ ବିଷ୍ଣୁ, ଶିବ, ଶକ୍ତି, ଗଣେଶ ଆଦି ଦେବଦେବୀଙ୍କର ପୂଜା ହେଉଥିଲା। ଭାରତୀୟ ଗୁପ୍ତକଳାର ପ୍ରଭାବ ମଧ୍ୟ ଏହି ମନ୍ଦିର ଉପରେ ପଡ଼ିଛି। ପରବର୍ତ୍ତୀ ଯୁଗରେ ବୌଦ୍ଧ ଭିକ୍ଷୁମାନେ ଆସି ଏହି ମନ୍ଦିରରେ ରହିଗଲେ।

ମୂର୍ତ୍ତିକଳା ପଣ୍ଡିତମାନେ କୁହନ୍ତି ଯେ ସେସବୁ ମନ୍ଦିର ବା ନଗରରେ ଯେଉଁସବୁ ମୂର୍ତ୍ତି ଅଛି ସେଗୁଡ଼ିକ ଭାରତୀୟ ମୂର୍ତ୍ତି। ଆଙ୍କୋର-ବଟ ବିଷ୍ଣୁ ମନ୍ଦିର ଭାବରେ ତିଆରି ହୋଇଥିଲା। ମେରୁ ପର୍ବତର କଳ୍ପନାକୁ ସେଠାରେ ରୂପ ଦିଆଯାଇଛି। ଏଥିରେ ରହିଛି ପ୍ରାୟ ୧୮ ରୁ ୨୦ ହଜାର ସଂଖ୍ୟକ ମୂର୍ତ୍ତି। ଏହା ପାଖରେ ଅନ୍ୟ ମନ୍ଦିର ଗୁଡ଼ିକ ମଧ୍ୟ ରହିଛି।

ସମଚତୁଷ୍କୋଣ ବିଶିଷ୍ଟ ଆଙ୍କୋର ନଗର ଭିତରେ ୩୦ ମିଟର ଓସାରର ପାଞ୍ଚଟି ରାଜପଥ ରହିଛି। ସୁନ୍ଦର ସୁନ୍ଦର ପ୍ରାସାଦ ଓ ମନ୍ଦିର ମଧ୍ୟ ରହିଛି। ସେଥିଭିତରୁ ବେୟନ ମନ୍ଦିରଟି କମ୍ବୁଜ ବାସ୍ତୁକଳାର ଗୋଟାଏ ଉତ୍କୃଷ୍ଟ ନିଦର୍ଶନ। ନଗରୀର ମଧ୍ୟ ଭାଗରେ ଗୋଟିଏ ଖୁବ୍ ବଡ଼ ଖୋଲାସ୍ଥାନ ରହିଛି। ତା ଚ୍ରରିପାଖିରେ ମଧ୍ୟ ବହୁ ମନ୍ଦିର। ସିଂହଦ୍ୱାର ବ୍ୟତୀତ ନଗରର ପ୍ରାଚୀରରେ କେତେ-ଗୁଡ଼ିଏ ବଡ଼ ବଡ଼ ମହାଦ୍ୱାର ରହିଛି। ପ୍ରାୟ ୩୦୦ ବର୍ଷ ଧରି ଏହି ନଗରୀର ନିର୍ମାଣ କାର୍ଯ୍ୟ ଚ୍ରଲି-ଥିବାରୁ ଏଥିରେ ଉଭୟ ହିନ୍ଦୁ ଓ ବୌଦ୍ଧ ସ୍ଥାପତ୍ୟ-କଳାର ନିଦର୍ଶନ ମିଳିଥାଏ।

୧୮୬୩ ମସିହାରେ ଏ ଅଞ୍ଚଳରେ ଫରାସୀ ଉପନିବେଶ ଶାସନ ପ୍ରତିଷ୍ଠା ହେଲାପରେ ଆଙ୍କୋର ନଗର ଓ ମନ୍ଦିରର ପୁନରୁଦ୍ଧାର ପାଇଁ ଜୋରସୋରରେ ଉଦ୍ୟମ ଆରମ୍ଭ ହେଲା। ପୁରାପ୍ରତ୍ନତତ୍ତ୍ୱବିତ୍‌ମାନେ ଅକ୍ଳାନ୍ତ ପରିଶ୍ରମ କରି ଅରଣ୍ୟ ବେଷ୍ଟିତ ଆଙ୍କୋର-ଥାମ ଓ ଆଙ୍କୋର-ବଟ କୀର୍ତ୍ତିକୁ ତା'ର ପ୍ରାୟ ପୂର୍ବ ଅବସ୍ଥାକୁ ନେଇ ଆସିବାକୁ ଆଜି ସମର୍ଥ ହୋଇପାରିଛନ୍ତି। ବିଂଶ ଶତାବ୍ଦୀର ୬୦ ଦଶକରୁ ୯୦ ଦଶକର ଆରମ୍ଭ ପର୍ଯ୍ୟନ୍ତ କାମ୍ବୁଚିଆରେ ଚ୍ରଲିଥିବା ଯୁଦ୍ଧ ଓ ଗୃହଯୁଦ୍ଧ ଯୋଗୁଁ ଏହି ଅକ୍ଷୟ କୀର୍ତ୍ତିର ରକ୍ଷଣାବେକ୍ଷଣ ବାଧା-ପ୍ରାପ୍ତ ହୋଇଥିଲେ ମଧ୍ୟ ଆଉ ସେ ପ୍ରକାର ଅସୁବିଧା ନାହିଁ। କିନ୍ତୁ ପରିବେଶ ଓ ଜନସଂଖ୍ୟା ବୃଦ୍ଧିଜନିତ ସମସ୍ୟା ସବୁ ଦେଖାଦେଲାଣି ଓ ଏହି ଅକ୍ଷୟ କୀର୍ତ୍ତି ଉପରେ ତା'ର କୁପ୍ରଭାବ କିଛି କିଛି ପଡୁଛି।

***ସମ୍ବନ୍ଧୀୟ ବିଷୟ***

*ଭାରତ, କାମ୍ବୁଚିଆ, ସ୍ଥାପତ୍ୟ, କଳା, ଖ୍ମେର ରାଜବଂଶ, ଦକ୍ଷିଣ-ପୂର୍ବ ଏସିଆର କଳା-ସ୍ଥାପତ୍ୟ, ପ୍ରତ୍ନତତ୍ତ୍ୱ, ସଂରକ୍ଷଣ, ବୌଦ୍ଧ ଧର୍ମ, ହିନ୍ଦୁ ଧର୍ମ, ଇଣ୍ଡୋଚୀନ*

▷▷

## ଆଙ୍ଗଷ୍ଟ୍ରମ୍, ଆଣ୍ଡର୍ସ୍ ଜୋନାସ

(୧୮୧୪-୭୪)

ସ୍ୱିଡେନ ଦେଶର ଏହି ପ୍ରସିଦ୍ଧ ପଦାର୍ଥବିଦ୍ୟାବିତ୍‌ଙ୍କ ନାମରେ ଆଲୋକ ତରଙ୍ଗ ଦୈର୍ଘ୍ୟ ମାପର ଇଉ-ନିଟ୍ 'ଆଙ୍ଗଷ୍ଟ୍ରମ୍' ନାମିତ ହୋଇଛି। ଉପ୍‌ସାଲା ସ୍ଥିତ ପର୍ଯ୍ୟବେକ୍ଷଣାଗାରର ସେ ବହୁ ଦିନ ଧରି ମୁଖ୍ୟ ଥିଲେ। ତାପ, ଚୁମ୍ବକତ୍ୱ ଓ ଅପ୍‌ଟିକ୍‌ସ ଉପରେ ମଧ୍ୟ ଆଙ୍ଗଷ୍ଟ୍ରମ୍ ବହୁଭାବେ ମୌଳିକ ଗବେଷଣା କରିଥିଲେ।

***ସମ୍ବନ୍ଧୀୟ ବିଷୟ***

*ପଦାର୍ଥବିଜ୍ଞାନ, ଆଲୋକ ଗବେଷଣା କ୍ରମ*

▷▷

## ଆଙ୍ଗୋଲା

**ସରକାରୀ ନାମ** ରିପବ୍ଲିକା ଡି ଆଙ୍ଗୋଲା (ଆଙ୍ଗୋଲା ସାଧାରଣତନ୍ତ୍ର) **ଶାସନବ୍ୟବସ୍ଥା** ବହୁ-ଦଳୀୟ ସାଧାରଣତନ୍ତ୍ର-ଗୋଟିଏ ବିଧାନ ପରିଷଦ **ରାଷ୍ଟ୍ରମୁଖ୍ୟ** ପ୍ରେସିଡେଣ୍ଟ **ଶାସନ ମୁଖ୍ୟ** ପ୍ରେସିଡେଣ୍ଟ **ରାଜଧାନୀ** ଲୁଆଣ୍ଡା **ସରକାରୀ ଭାଷା** ପର୍ତ୍ତୁଗୀଜ୍ **ରାଷ୍ଟ୍ରୀୟ ଧର୍ମ** ନାହିଁ **କ୍ଷେତ୍ରଫଳ** ୧୨,୪୬,୭୦୦ ବର୍ଗକିଲୋମିଟର **ଜନସଂଖ୍ୟା** ୧,୦୯,୧୬,୦୦୦ **ମୁଖ୍ୟ ସହର** ଲୁଆଣ୍ଡା, ହୁଆମ୍ବୋ, ବେଙ୍ଗୁଏଲା, ଲୋବିଟୋ, ଲୁବାଙ୍ଗୋ **ମୁଦ୍ରା** ନୂତନ କ୍ୱାଞ୍ଜା **ପତାକା** କୃଷ୍ଣ ବର୍ଣ୍ଣ ଉପରେ ଲୋହିତ-ହୋରାଇଜୋଣ୍ଟାଲ ଭାବେ। ଏହା ଉପରେ ପୀତ ବର୍ଣ୍ଣର ତାରକା, କଗ୍‌ହ୍ୱିଲ୍ ଓ ମାଚେଟର ଚିତ୍ର।

ଆଫ୍ରିକାର ଦକ୍ଷିଣ ପଶ୍ଚିମ ଅଂଶରେ ଅବସ୍ଥିତ ଏହି ଦେଶଟିର ଉତ୍ତରରେ ଓ ପୂର୍ବରେ ଜାଏର୍ ବା

'କଙ୍ଗୋ ଗଣରାଜ୍ୟ', ଦକ୍ଷିଣ ପୂର୍ବରେ ଜାମ୍ବିଆ ଓ ଦକ୍ଷିଣ ପଶ୍ଚିମରେ ନାମିବ୍ୟା ରାଜ୍ୟ ରହିଛନ୍ତି । ଆଟ୍‌ଲାଣ୍ଟିକ ମହାସାଗର ହେଲା ସଂପୂର୍ଣ୍ଣ ପଶ୍ଚିମ ଉପକୂଳ । ସାରା ଦେଶଟି ମାଳଭୂମିପୂର୍ଣ୍ଣ ଓ କ୍ଷେତ୍ରଫଳର ଶତକଡ଼ା ପ୍ରାୟ ୪୦ ଭାଗ ହେଲା ଜଙ୍ଗଲ । ମକା, ଆଖୁ, କପା, ଧୂଆଁପତ୍ର ଓ ଡାଲି ଜାତୀୟ ଅନ୍ୟାନ୍ୟ ଶସ୍ୟ ଚାଷ କରାଯାଏ । ସମଗ୍ର ଦେଶ ଅରଣ୍ୟସଂପଦରେ ପରିପୂର୍ଣ୍ଣ । ଆଙ୍ଗୋଲାରେ ବହୁ ପରିମାଣର ପେଟ୍ରୋଲିଅମ ଓ ପେଟ୍ରୋଲିୟମଜାତ ପଦାର୍ଥର ରିଜର୍ଭ ରହିଛି । ଯଥେଷ୍ଟ ହୀରା ଓ ଲୁହା, ମାଙ୍ଗାନିଜ, ତମ୍ବା ତଥା କୋବାଲ୍‌ଟ ଭଳି ଅନ୍ୟାନ୍ୟ ମୂଲ୍ୟବାନ ଖଣିଜ ପଦାର୍ଥ ମଧ୍ୟ ମିଳେ ।

୧୪୮୩ ମସିହାରେ ପର୍ତ୍ତୁଗୀଜ ଆବିଷ୍କାରକମାନେ ପ୍ରଥମ କରି ଆଙ୍ଗୋଲାରେ ପହଞ୍ଚିଥିଲେ ଏବଂ ସେଠାର ବାଣ୍ଟୁ ଜାତିର ରାଜ ପରିବାରକୁ ଖ୍ରୀଷ୍ଟ ଧର୍ମରେ ଦୀକ୍ଷିତ କରାଇ ଶିକ୍ଷା ବିସ୍ତାର କଲେ ଓ କାରିଗରୀ କୌଶଳ ଯୋଗାଇ ଦେଲେ । ତାହା ସହିତ ଦେଶଟିକୁ ମଧ୍ୟ ଦଖଲ କରିଗଲେ । ୧୯୭୫ ମସିହାରେ ଆଙ୍ଗୋଲା ସ୍ୱାଧୀନତା ଲାଭକଲା ।

***ସମ୍ବନ୍ଧୀୟ ବିଷୟ***

*ଆଫ୍ରିକା, କମିଉନିଜମ୍, ବିପ୍ଳବ, ଗୃହଯୁଦ୍ଧ*

▷▷

## ଆଙ୍ଗ୍ଲୋଇଣ୍ଡିଆନ୍

ଇଂରେଜମାନେ ଯେତେବେଳେ ଆସି ଭାରତରେ ଆସ୍ଥାନ ଜମାଇଦେଲେ ଓ କ୍ରମେ ଶାସନ କରିବାକୁ ଲାଗିଲେ, ସେତେବେଳେ କେତେକ ଇଂରେଜ ପୁରୁଷ ଏ ଦେଶର ମହିଳାଙ୍କୁ ବିବାହ କରିଯାଇଥିଲେ । ସେହିମାନଙ୍କର ସନ୍ତାନସନ୍ତତି ମାନଙ୍କୁ ପ୍ରଥମେ ଆଙ୍ଗ୍ଲୋଇଣ୍ଡିଆନ୍ ବୋଲି କୁହାଗଲା । କ୍ରମେ ଏଭଳି ବିବାହ କରିଥିବା ସମସ୍ତ ଇଉରୋପୀୟ ମାନଙ୍କ କ୍ଷେତ୍ରରେ ଏହି ଶବ୍ଦଟି ଲାଗୁ ହେଲା । ଭାରତର ସମ୍ବିଧାନରେ ଆଙ୍ଗ୍ଲୋଇଣ୍ଡିଆନ୍ ମାନଙ୍କ ନିମନ୍ତେ କେତେକ ସ୍ୱତନ୍ତ୍ର ସୁବିଧାର ଉଲ୍ଲେଖ ଅଛି ଓ ସେମାନଙ୍କର ଆଇନଗତ ସଂଜ୍ଞା ନିରୂପଣ କରିଦିଆଯାଇଛି ।

ଭାରତର ଇଂରେଜ ଶାସକମାନେ ଏମାନଙ୍କୁ ସବୁକ୍ଷେତ୍ରରେ ଖୁବ୍ ସୁବିଧା ସୁଯୋଗ ଯୋଗାଇ ଦେଉଥିଲେ । ଅଧିକାଂଶ ଆଙ୍ଗ୍ଲୋଇଣ୍ଡିଆନ୍ ସହରରେ ରୁହନ୍ତି ।

***ସମ୍ବନ୍ଧୀୟ ବିଷୟ***

*ଉପନିବେଶବାଦ, ସମ୍ବିଧାନ*

▷▷

## ଆଚାର

"ଜଣେ ତାଙ୍କ ବନ୍ଧୁଙ୍କୁ କହିଲେ—ମୋ ପିଲାଟି କେମିତି ଗୋଟିଏ ଭଲ ମଣିଷ ହେବ ? ବନ୍ଧୁ ଉତ୍ତର ଦେଲେ—'ସେ ଆଗ ମଣିଷଟିଏ ହେଉ, ଭଲ ମଣିଷ ହେବା ତ ପଛ କଥା' । ଏଭଳି ଉତ୍ତର ଶୁଣିବାକୁ କିନ୍ତୁ ସେ ଆଶା କରି ନ ଥିଲେ ।"

କଥାଟିର ମର୍ମ ହେଲା—ସମାଜରେ ଚଳିବାକୁ ହେଲେ ଅତି କମ୍‌ରେ କେତେଗୁଡ଼ିଏ ନିୟମ ମାନିବାକୁ ହେବ । ଚାଲିଚଳଣ ଏମିତି ହୋଇଥିବ ଯେ ସମସ୍ତଙ୍କର ପସନ୍ଦ ହେଉଥିବ । ଅନ୍ୟଲୋକ ଖୁସି ହେଉଥିବେ । ଯେଉଁମାନେ ବୟସରେ ବଡ଼ ସେମାନଙ୍କ ସହିତ କିଭଳି କଥାବାର୍ତ୍ତା କରାଯିବ, ସେଇଟା ଭଲ ଭାବରେ ଜାଣିବା ଦରକାର । ସଭା, ସମିତିରେ ବସିଲେ ଅନ୍ୟମାନଙ୍କର ଅସୁବିଧା ହେଲାଭଳି କିଛି କରାଯିବ ନାହିଁ । ଏମିତି କିଛି କରିବା ଉଚିତ ନୁହେଁ ଯେମିତି ଅନ୍ୟ ମନରେ କଷ୍ଟ ହେବ । ଦେହ, ଲୁଗାପଟା ସଫା ରଖିବାକୁ ହେବ । ଏମିତି ନକଲେ ଜଣେ ଯାଇ ଯାହାଙ୍କ ପାଖରେ ବସିବ ତାଙ୍କୁ ହୁଏତ ଅଡୁଆ ଲାଗିବ । ଜଣେ ନିଜର ଗୁଡ଼ାଏ ବାହାଦୁରୀ ଗପିବ ନାହିଁ । ଏହିସବୁ ହେଲା 'ଆଚାର' । ସତ୍ ଆଚାରକୁ ସଦାଚାର ବୋଲି କୁହାଯାଏ । ଜଣେ ମଣିଷ ହୋଇ ଜନ୍ମ ହୋଇଥିବାରୁ ସେ ଏହିଭଳି ଆଚରଣ ଦେଖାଇବା ଦରକାର । ଆହୁରି ଭଲ ମଣିଷ ହେବାକୁ ହେଲେ ଆଉ କେତେଗୁଣ ଆବଶ୍ୟକ । ପଣ୍ଡିତ ମାନେ କୁହନ୍ତି ପ୍ରଥମେ ଜଣେ ଆଚାର ଶୁଦ୍ଧି କରିବା ଆବଶ୍ୟକ । ତା' ପରେ ଯାଇ ପ୍ରକୃତ ଜ୍ଞାନୀଙ୍କ ଗହଣରେ, ସେମାନଙ୍କ ମେଳରେ ବସିବ ।

***ସମ୍ବନ୍ଧୀୟ ବିଷୟ***

*ସମାଜ, ଶିକ୍ଷା, ସଂସ୍କୃତି, ପରିବାର*

▷▷

## ଆଚାର

ଗୋଟିଏ ମୂଳ ସଂସ୍କୃତ ଶବ୍ଦର ଏଇଟି ହେଲା ସଂପୂର୍ଣ୍ଣ ଦେଶଜ ରୂପ । ଆମ୍ବ, ତେନ୍ତୁଳି, କରମଙ୍ଗା, କାଗିଜି ଲେମ୍ବୁ, ବରକୋଳି, ଓଉ ଓ ଅନ୍ୟ କେତେକ ଖଟାଫଳକୁ ଲୁଣଦେଇ ସାଇତି ରଖିଲେ ତାହାକୁ ଆଚାର ବୋଲି କୁହାଯାଏ । ଲୁଣ ସହିତ ଆବଶ୍ୟକ ମୁତାବକ ତେଲ ଓ ନିଜ ରୁଚି ଅନୁଯାୟୀ ଜିରା, ମେଥି, ଲଙ୍କା, ଗୁଡ଼ ବା ଚିନି ପ୍ରଭୃତି ଦେଇ ଆମ ଦେଶରେ ନାନା ପ୍ରକାରର ଆଚାର କରାଯାଇଥାଏ । ପ୍ରାୟ ସବୁ ଆଚାରରେ ତେଲର ବ୍ୟବହାର ହେଉଥିଲେ ହେଁ ଆଦୌ ତେଲ ନ ଦେଇ ମଧ୍ୟ ଏହାକୁ ପ୍ରସ୍ତୁତ କରାଯାଇପାରେ ।

***ସମ୍ବନ୍ଧୀୟ ବିଷୟ***

*ଓଡ଼ିଶା, ଖାଦ୍ୟ ପ୍ରକ୍ରିୟାକରଣ*

▷▷

## ଆଚାର୍ଯ୍ୟ

ଯେଉଁମାନେ ଆଚାର ଶୁଦ୍ଧି ପରେ ଅଧିକରୁ ଅଧିକ ଜ୍ଞାନ ଅର୍ଜନ କରୁଥିଲେ ସେମାନଙ୍କୁ ଆଚାର୍ଯ୍ୟ ବୋଲି କୁହାଯାଏ । ଏହି ଶବ୍ଦର ଅର୍ଥ ହେଲା ଯାହାଙ୍କର ଆଚରଣ ଶୁଦ୍ଧ, ଯାହାଙ୍କର ଚାଲିଚଳଣ ଦେଖିଲେ ଅନ୍ୟ ମନରେ ଭକ୍ତି ଜନ୍ମିବ, ଯାହାଙ୍କୁ ଦେଖିଲେ ଜଣେ ତାଙ୍କୁ ଅନୁକରଣ କରିବା ପାଇଁ ଆଗ୍ରହୀ ହେବ । ସେମାନେ ହିଁ ଆଚାର୍ଯ୍ୟ ପଦବାଚ୍ୟ । ହଜାର ହଜାର ବର୍ଷ ପୂର୍ବେ ମୁନି-ଋଷିମାନେ ବହୁଭାବେ ଏହି କଥା କହି ଯାଇଛନ୍ତି । ସେତିକିବେଳେ ସେମାନେ ଉପଦେଶ ଛଳରେ କହିଛନ୍ତି, ଆଚାର୍ଯ୍ୟଙ୍କ ନିକଟକୁ ନ ଗଲେ, ତାଙ୍କ ନିକଟରେ କିଛିକାଳ ନରହିଲେ ମଣିଷ ପ୍ରକୃତ ବିଦ୍ୟା ଅର୍ଜନ କରିପାରିବ ନାହିଁ । ସେହିମାନେ ବେଦ ପଢ଼ାଉଥିଲେ । ପୁର ବା ସମାଜର ହିତ କରୁଥିଲେ ବୋଲି ସେମାନେ ମଧ୍ୟ ହେଲେ ପୁରୋହିତ ।

***ସମ୍ବନ୍ଧୀୟ ବିଷୟ***

*ଶିକ୍ଷା, ହିନ୍ଦୁ ଧର୍ମ, ବେଦ, ପାଠଶାଳା*

▷▷

## 'ଆଚାର୍ଯ୍ୟ' କୃପାଳିନୀ
(୧୮୮୮-୧୯୮୨)

ଆମ ଦେଶର ମୁକ୍ତି ଯୁଦ୍ଧର ଜଣେ ପ୍ରଧାନ ଯୋଦ୍ଧା ଓ ଦେଶପ୍ରେମୀ । ପୂରା ନାମ ଜୀବତ୍‌ରାମ ଭଗବାନ ଦାସ କୃପାଳିନୀ । ଅଧ୍ୟାପକ ଥିଲାବେଳେ ଗାନ୍ଧୀଙ୍କ ଡାକରାରେ ସ୍ୱାଧୀନତା ଆନ୍ଦୋଳନରେ ଯୋଗ ଦେଇଥିଲେ ଓ ବହୁ ଦୁଃଖକଷ୍ଟ ସହିଥିଲେ । ସ୍ୱାଧୀନତା ପରେ ସେ ଭାରତୀୟ ଜାତୀୟ ଜୀବନରେ ମହତ୍ତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରିଥିଲେ । ମହାତ୍ମାଙ୍କ ସହିତ ଦୀର୍ଘଦିନର ନିବିଡ଼ ସଂପର୍କ କୃପାଳିନୀଙ୍କ ଚରିତ୍ରରେ ଯେଉଁ ବିଶେଷତା ଆଣି ଦେଇଥିଲା ତାହା ସମସ୍ତଙ୍କୁ ନୈତିକ ଭାବେ ପ୍ରଭାବିତ କରିପାରୁଥିଲା । ଜଣେ ଶ୍ରେଷ୍ଠ ପାର୍ଲାମେଣ୍ଟାରିଆନ ଭାବରେ ମଧ୍ୟ କୃପାଳିନୀଙ୍କୁ ସ୍ଥାନ ଦିଆଯାଇଥାଏ ।

***ସମ୍ବନ୍ଧୀୟ ବିଷୟ***

*ଭାରତୀୟ ସ୍ୱାଧୀନତା ଆନ୍ଦୋଳନ, ମହାତ୍ମା ଗାନ୍ଧୀ, ସମ୍ବିଧାନ, ଶିକ୍ଷା, ବିହାର*

▷▷

## 'ଆଚାର୍ଯ୍ୟ' ବିନୋବା ଭାବେ
(୧୮୯୫-୧୯୮୨)

ଭାରତୀୟ ସ୍ୱାଧୀନତା ସଂଗ୍ରାମର ଜଣେ ଶ୍ରେଷ୍ଠ ସୈନିକ, ଜ୍ଞାନଯୋଗୀ ତଥା ଭୂଦାନ ଯଜ୍ଞ ଆନ୍ଦୋଳନର ମୂଳ ଉତ୍ସ । ପୂରାନାମ ବିନାୟକ ନରହରି ଭାବେ । ମହାତ୍ମା ଗାନ୍ଧୀଙ୍କର ଅତି ନିକଟରେ ରହି କାମ କରିବାର ସୁଯୋଗ ଯେଉଁ ଅଳ୍ପ କେତେଜଣ ଭାରତୀୟ ପ୍ରକୃତ ଅର୍ଥରେ ପାଇଥିଲେ ବିନୋବା ହେଲେ ସେମାନଙ୍କ ଭିତରୁ ଜଣେ । ଜଣେ ସମାଜ ସଂସ୍କାରକ ଭାବରେ ତାଙ୍କର ମହତ୍ତ୍ୱପୂର୍ଣ୍ଣ ଅବଦାନ ରହିଛି ।



ଆଚାର୍ଯ୍ୟ ବିନୋବା ଭାବେ

୧୯୧୬ ମସିହାରେ ସ୍କୁଲ ପଢା ଛାଡି-ଦେଇ ସେ ଗାନ୍ଧୀଙ୍କ ସହିତ ଆଶ୍ରମ ଜୀବନ ବିତାଇବା ଆରମ୍ଭ କରିଦେଇଥିଲେ । ପରେ ଭାରତର ସ୍ୱାଧୀନତା ଆନ୍ଦୋଳନର ସବୁଯାକ ପର୍ଯ୍ୟାୟରେ ବିନୋବା କାରାବରଣ କରିଥିଲେ । ୧୯୫୧ ମସିହାରେ ତାଙ୍କ ଦ୍ୱାରା ଭୂଦାନ-ଯଜ୍ଞ ଆନ୍ଦୋଳନର ସୂତ୍ରପାତ ହୋଇଥିଲା ଏବଂ ସେ 'ଗ୍ରାମଦାନ' ଭଳି କଥା ମଧ୍ୟ କହିଥିଲେ । ନିଜ ଜୀବଦ୍ଦଶାରେ ବିନୋବା ଅଗାଧ ପାଣ୍ଡିତ୍ୟର ଅଧି-କାରୀ ହୋଇଯାଇଥିଲେ ବୋଲି କୁହାଯାଏ । ବହୁ ସଂଖ୍ୟକ ଭାଷା ଉପରେ ତାଙ୍କର ସଂପୂର୍ଣ୍ଣ ଦଖଲ ଥିଲା । ରାଜନୀତି, ଦର୍ଶନ ଓ ଧର୍ମ ଉପରେ ଅନେକ ଅତି ଉପାଦେୟ ପୁସ୍ତକ ସେ ରଚନା କରିଛନ୍ତି ।

*ସମ୍ବନ୍ଧୀୟ ବିଷୟ*

*ମହାତ୍ମା ଗାନ୍ଧୀ, ଭାରତ, ହିନ୍ଦୁ ଧର୍ମ, ଭୂଦାନ ଆନ୍ଦୋଳନ, ଜରୁରୀ ପରିସ୍ଥିତି*

▷▷

## 'ଆଚାର୍ଯ୍ୟ' ହରିହର ଦାଶ (୧୮୭୯-୧୯୭୧)

ଓଡ଼ିଶାର ଏହି ବରପୁତ୍ର ଅବିଭକ୍ତ ପୁରୀ ଜିଲାର ଶ୍ରୀରାମଚନ୍ଦ୍ରପୁରଠାରେ ଜନ୍ମଗ୍ରହଣ କରିଥିଲେ । ସେ ପ୍ରଥମେ ଜଣେ ଶିକ୍ଷକ ହିସାବରେ ଜୀବନ ଆରମ୍ଭ କରିଥିଲେ । ପରେ ଯେତେବେଳେ ଉତ୍କଳମଣି ଗୋପବନ୍ଧୁ ସାକ୍ଷୀଗୋପାଳ ଠାରେ ବନବିଦ୍ୟାଳୟ ଖୋଲିଲେ ଓ ଛାତ୍ରମାନଙ୍କୁ ପାଠ-ପଢ଼ାଇବା ସଙ୍ଗେ ସଙ୍ଗେ ଜାତୀୟତା ଓ ଦେଶ-ପ୍ରେମରେ ଦୀକ୍ଷିତ କରାଇଲେ, ସେତେବେଳେ ହରିହର ଦାଶ ସେଠାରେ ଯାଇ ଯୋଗଦେଲେ । ତାଙ୍କର ଆଦର୍ଶ ଆଚରଣ, ଛାତ୍ରମାନଙ୍କ ପ୍ରତି ଶ୍ରଦ୍ଧା ଓ ଆଦର ଦେଖି ସମସ୍ତେ ତାଙ୍କୁ ଆଚାର୍ଯ୍ୟ ହରିହର ବୋଲି କହିଲେ ।

ମହାତ୍ମା ଗାନ୍ଧୀଙ୍କର ଡାକରା ଶୁଣି ହରିହର ସ୍ୱାଧୀନତା ଆନ୍ଦୋଳନ ରେ ଯୋଗଦେଇଥିଲେ । ପରେ ୧୯୩୦ ଏପ୍ରିଲ ୧୩ ତାରିଖ ଦିନ



ଆଚାର୍ଯ୍ୟ ହରିହର ଦାଶ

ବାଲେଶ୍ୱରର ଇଂଚୁଡ଼ିଠାରେ ପ୍ରଥମେ ଲବଣ ଆଇନ ଅମାନ୍ୟ କରି ସେ ଓଡ଼ିଶାରେ ସେହି ସଂଗ୍ରାମର ଶୁଭ ଦେଲେ । ସେହି ଆନ୍ଦୋଳନକୁ ଲବଣ ସତ୍ୟା-ଗ୍ରହ ବୋଲି କୁହାଗଲା । ସେବେଠାରୁ ୧୯୪୫ ମସିହା ପର୍ଯ୍ୟନ୍ତ ଆଚାର୍ଯ୍ୟ ହରିହର ବହୁବାର ଜେଲ ଯାଇଛନ୍ତି । ସ୍ୱାଧୀନତା ପରେ ସେ ଭୂଦାନ ଆନ୍ଦୋଳନରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ । ତାଙ୍କଭଳି ଜଣେ ତ୍ୟାଗୀ ଲୋକଙ୍କ କଥା ଆଜି ମନେ ପକାଇ ସମସ୍ତେ ଭକ୍ତିରେ ମୁଣ୍ଡ ନୁଆଁନ୍ତି । ତାଙ୍କର ନିଜର ବୋଲି କିଛି ନଥିଲା ଓ ମୃତ୍ୟୁ ବେଳକୁ କିଛି ହେଲେ ସମ୍ପତ୍ତିର ମାଲିକ ସେ ନ ଥିଲେ ।

*ସମ୍ବନ୍ଧୀୟ ବିଷୟ*

*ଓଡ଼ିଶାରେ ସ୍ୱାଧୀନତା ଆନ୍ଦୋଳନ, ଉତ୍କଳମଣି ଗୋପବନ୍ଧୁ, ସତ୍ୟବାଦୀ ବନବିଦ୍ୟାଳୟ*

▷▷

## ଆଜ୍‌ଟେକ

ଆଜିର ମେକ୍ସିକୋ ଦେଶର କେନ୍ଦ୍ର ଓ ଦକ୍ଷିଣା-ଞ୍ଚଳରେ ୧୫ଶ-୧୬ଶ ଶତାବ୍ଦୀବେଳେ ଏହି ଜାତିର ଲୋକେ ବସବାସ କରୁଥିଲେ । ଏମାନେ ସେହି ଅଞ୍ଚଳରେ କିଭଳି ଓ କେଉଁଠୁ ଆସି ପହଞ୍ଚିଲେ ସେ ବିଷୟରେ ସଠିକ କିଛି ଜଣାନାହିଁ । କିନ୍ତୁ ବିସ୍ତୃତ ଭାବେ କୃଷିର ବିକାଶ କରିପାରିଥିବାରୁ ଆଜ୍‌ଟେକ ଜାତିର ଗୁରୁତ୍ୱ ବଢ଼ିଗଲା ଓ ଶେଷରେ ସେମାନେ ନିଜର ଗୋଟାଏ ସାମ୍ରାଜ୍ୟ ଗଢ଼ି ଦେବାରେ ସମର୍ଥ ହେଲେ । କୃଷିପାଇଁ ବିକଶିତ ଜଳସେଚନ ବ୍ୟବସ୍ଥା କରିବାରେ ଆଜ୍‌ଟେକମାନେ ଧୁରନ୍ଧର ଥିଲେ ଓ ଅଗମ୍ୟ ଜଳପାଟ ଗୁଡ଼ିକୁ ମଧ୍ୟ କୃଷି ନିମନ୍ତେ ଜଳ-ସେଚନ କାର୍ଯ୍ୟରେ ଲଗାଇ ପାରିଥିଲେ । ଆଜ୍‌ଟେକ ସାମ୍ରାଜ୍ୟରେ କେତେଗୁଡ଼ିଏ ବଡ଼ ସହର ଥିଲା । ପ୍ରତିରକ୍ଷା ବ୍ୟବସ୍ଥାକୁ ମଧ୍ୟ ଖୁବ୍ ଭଲଭାବରେ ସୃଷ୍ଟି କରାଯାଇଥିଲା । ସେ ସମୟରେ ଗୋଟାଏ ସ୍ୱତନ୍ତ୍ର ଆଜ୍‌ଟେକ ଧର୍ମ ସୃଷ୍ଟି ହୋଇଯାଇଥିଲା ।



ଆଜ୍‌ଟେକ ସମୟର 'ଖପୁରୀ-ମୁଖା' । ମେକ୍ସିକୋରୁ ଏହା ମିଳିଛି ।

କିନ୍ତୁ ୧୫୧୯ ଖ୍ରୀଷ୍ଟାବ୍ଦରେ ସେ ଅଞ୍ଚଳରେ ସ୍ପେନୀୟ ମାନେ ଆସି ପହଞ୍ଚିଗଲାରୁ ବିକାଶଶୀଳ ଆଜ୍‌ଟେକ ସାମ୍ରାଜ୍ୟର ବିଲୋପ କ୍ରିୟା ଆରମ୍ଭ ହୋଇଗଲା । ଅବଶେଷରେ ଆଜ୍‌ଟେକ ମାନଙ୍କର ଶେଷ ରାଜା ସ୍ପେନୀୟ ମାନଙ୍କ ହାତରେ ବନ୍ଦୀ ହୋଇ ମୃତ୍ୟୁବରଣ କଲେ ଓ ଅପେକ୍ଷାକୃତ ଉନ୍ନତ ଅସ୍ତ୍ର ସଜ୍ଜିତ ଇଉରୋପୀୟମାନେ ଅତିଶୀଘ୍ର ଆଜ୍‌ଟେକ ସାମ୍ରାଜ୍ୟକୁ ଦଖଲ କରିଯିବାକୁ ସମର୍ଥ ହୋଇଗଲେ ।

*ସମ୍ବନ୍ଧୀୟ ବିଷୟ*

*ମାନବସଭ୍ୟତା, କେନ୍ଦ୍ର ଆମେରିକା, ମେକ୍ସିକୋ, କୃଷି*

▷▷

## ଆଜ୍‌ବେଷ୍ଟସ

ବହୁବର୍ଷ ତଳେ ଜଣେ ଇଉରୋପୀୟ ବ୍ୟକ୍ତି ଚୀନ ଯାଇଥିଲେ । ସେଠାରୁ ସେ ଫେରିଲାପରେ ନିଜ ଦେଶର ଲୋକଙ୍କୁ କହିଲେ—ଚୀନା ଝିଅମାନେ ଗୋଟାଏ "ନିତ୍ୟଦୀପ" ଜାଳୁଛନ୍ତି । ସେହି ଦୀପର ସଳିତାକୁ ନିଆଁ କେବେହେଲେ ଖାଇ ପାରିବ ନାହିଁ । ଆଉ ଜଣେ ଚୀନରୁ ଫେରି କହିଲେ—ଚୀନ ଦେଶର ଲୋକେ ଏଭଳି ଗୋଟାଏ ପୋଷାକ ପିନ୍ଧୁଛନ୍ତି ଯେ ତାହା କେବେହେଲେ ମଇଳା ହେବନାହିଁ । ଏଭଳିକି ନିଆଁରେ ପକାଇ ଦେଲେ ତାହା କେବେ ପୋଡ଼ିବ ନାହିଁ ମଧ୍ୟ । ପରେ ଜଣା ପଡ଼ିଲା ଯେ ଆଜ୍‌ବେଷ୍ଟସ ବୋଲି ଗୋଟାଏ ଖଣିଜ ସୂତା ଦେହରେ ନିଆଁ ଲାଗିଲେ ସେଇଟି ପୋଡ଼ିଯିବ ନାହିଁ ଓ ଚୀନାମାନେ ସେତେବେଳକୁ ଏହା ଜାଣିସାରିଥିଲେ । ଖଣିଜ ପଥର ଭିତରେ ଆଜ୍‌ବେଷ୍ଟସ ରହିଥାଏ । ତାକୁ ସେଥିରୁ ବାହାର କରି କାମରେ ଲଗାଯାଉଥାଏ । ଯାହାକୁ ଅଗ୍ନି ଖାଇଯାଇ ପାରିବ ନାହିଁ, ସେହିଭଳି ଉପାଦାନ

ହେବା ସଙ୍ଗେ ସଙ୍ଗେ ଏଥିରେ ତୁଳା ବା ସିଲ୍‌କ୍‌ର ଗୁଣ ରହିଛି । ତୁଳା ବା ସିଲ୍‌କ୍‌ରୁ ସୂତା କରି ଯେଭଳି କପଡ଼ା ବୁଣାଯାଉଛି, ଆଜ୍‌ବେଷ୍ଟସରୁ ମଧ୍ୟ ସେମିତି ସୂତା ବାହାର କରାଯାଇପାରିବ । ଗୋଟାଏ ପ୍ରକାରର କଳା ପଥର ମାର୍ବଲ ବା ଗ୍ରାନାଇଟ୍ ଭଳି ଟାଣ—ଏହାରି ଭିତରେ ଧଳା, ନୀଳ ବା ବାଦାମୀ ଆଜ୍‌ବେଷ୍ଟସ ତନ୍ତୁ ବା ରେଶା ସବୁ ରହିଛି ।

୧୮୬୮ ମସିହା ବେଳକୁ ଆଜ୍‌ବେଷ୍ଟସର ଗୋଟାଏ ଶିଳ୍ପ ଖୋଲିଗଲା । ଏବେ ତାହାର ୩୦୦୦ରୁ ଅଧିକ ପ୍ରକାରର ବ୍ୟବହାର ରହିଛି । ଆଜ୍‌ବେଷ୍ଟସ ଛାତ ପକାଇ ଦେଲେ ସେଥିରେ ଆଉ ନିଆଁ ଲାଗିବାର ଭୟନାହିଁ । ବହୁ କଳକାରଖାନା, ଯନ୍ତ୍ରପାତିକୁ ନିଆଁରୁ ରକ୍ଷା କରିବା ପାଇଁ ଆଜ୍‌ବେଷ୍ଟସ ଲୋଡ଼ା ହେଉଛି । ଅସ୍ତ୍ରଶସ୍ତ୍ର ତିଆରି ବେଳକୁ ମଧ୍ୟ ଏହାକୁ ଖୋଜା ପଡୁଛି । ଯେଉଁ ଜେଟ୍ ଉଡ଼ାଜାହାଜ ଉଡୁଛି ତା'ର ଗୋଟିଏ ବଡ଼ ବଳ ହେଲା ଆଜ୍‌ବେଷ୍ଟସ । ଜେଟ୍ ଇଞ୍ଜିନ ଭିତରେ କେତେକ ଅଂଶ ଅତିମାତ୍ରାରେ ଗରମ ହୋଇଯାଏ । ଆଜ୍‌ବେଷ୍ଟସ ନଥିଲେ ସେ ଇଞ୍ଜିନକୁ ଉଡ଼ାଜାହାଜରେ ଖଞ୍ଜି ହୁଅନ୍ତା ନାହିଁ କିମ୍ବା ମନୁଷ୍ୟ ତା' ଭିତରେ ବସି ପାରନ୍ତା ନାହିଁ । ବିଜ୍ଞାନୀମାନେ କହିଲେଣି : ଦିନେ ତ ଚନ୍ଦ୍ରରେ ରହିବା ପାଇଁ ଘର ତିଆରି ହେବ ଓ ସେ ଘରର ବେଶୀ ଭାଗ ତିଆରି ହେବ ଏହି ଆଜ୍‌ବେଷ୍ଟସରେ । ଆଜ୍‌ବେଷ୍ଟସର ସୂତାର କପଡ଼ାରେ ତିଆରି ପୋଷାକ ପିନ୍ଧି ନିଆଁ ଲିଭାଳିମାନେ ନିଆଁ ଲିଭାଉଛନ୍ତି ।

***ସମ୍ବନ୍ଧୀୟ ବିଷୟ***
*ଧାତୁ, ନିର୍ମାଣ, ଅଗ୍ନି ପ୍ରତିରୋଧ ବ୍ୟବସ୍ଥା, ରୋଗ, ଇଞ୍ଜିନିଅରିଙ୍ଗ୍, ଔଦ୍ୟୋଗିକ ବ୍ୟବସ୍ଥା*

▷▷

## ଆଜ୍‌ମୀର

ଶହ ଶହ ବର୍ଷ ଧରି ହିନ୍ଦୁ ଓ ଇସ୍‌ଲାମ ସଭ୍ୟତା ତଥା ସଂସ୍କୃତିର ସଙ୍ଗମସ୍ଥଳ ହୋଇ ରହି ଆସିଥିବା ପ୍ରସିଦ୍ଧ ସହର । ରାଜସ୍ଥାନ ପ୍ରଦେଶରେ ଏହା ରହିଛି । ପବିତ୍ର 'ପୁଷ୍କର' କ୍ଷେତ୍ର ଏହି ସହର ଠାରୁ ମାତ୍ର ଅଳ୍ପ କେତେ କିଲୋମିଟର ଦୂର । ଅଜୟପାଳ ନାମକ ଚୌହାନ ବଂଶର ଜଣେ ରାଜା ଏକାଦଶ ଶତାବ୍ଦୀରେ ଆଜ୍‌ମୀରକୁ ସ୍ଥାପନା କରିଥିଲେ ଓ ଏହାର ନାମ ରଖିଥିଲେ 'ଅଜୟ ମେରୁ' । ପରେ ମୋଗଲ ରାଜତ୍ୱ କାଳରେ ଏହି ନାମଟି ପରିବର୍ତ୍ତିତ ରୂପ ପାଇଯାଇଥିଲା । ପ୍ରସିଦ୍ଧ ମୁସଲମାନ ସନ୍ଥ ଖ୍ୱାଜା-ମୁଇନ୍-ଉଦ୍ଦିନ-ଚିସ୍ତିଙ୍କର ଦରଘା ଏଠିରହିଛି । ସବୁ ଧର୍ମର ଲୋକେ ତାଙ୍କୁ ଭକ୍ତି କରିଥା'ନ୍ତି । ସହରଟିର ଲୋକସଂଖ୍ୟା ପ୍ରାୟ ୪,୦୨,୦୦୦ । ଏହି ନାମରେ ଗୋଟିଏ ଜିଲା ମଧ୍ୟ ଅଛି ।

***ସମ୍ବନ୍ଧୀୟ ବିଷୟ***
*ଖ୍ୱାଜା-ମୁଇନ୍-ଉଦ୍ଦିନ ଚିସ୍ତି, ଭ୍ରାତୃତ୍ୱ, ରାଜସ୍ଥାନ*

▷▷

## ଆଜଗର ପର୍ବ

ମହାଭାରତର ବନପର୍ବରେ ଥିବା ଗୋଟିଏ ଆଖ୍ୟାୟିକା । 'ଅଜଗର' ଶବ୍ଦର ବିଶ୍ଳେଷଣ ରୂପ ହେଉଛି ଆଜଗର । ଆଜଗର ପର୍ବରେ ଦେଖାଇ ଦିଆଯାଇଛି ଯେ ତେଜ, ଓଜ, ଶକ୍ତି ଓ ଦକ୍ଷତାର ଅଧିକାରୀ ହୋଇଥିବା ଲୋକ ନିଜକୁ ସଂଯମରେ ନ ରଖିଲେ କିଭଳି ଦର୍ପୀ ହୋଇଯା'ନ୍ତି । ଏହି କାରଣରୁ ଭୀମ ଓ ରାଜା ନହୁଷ, ଉଭୟ କିପରି ଦୁର୍ଦ୍ଦଶା ଭୋଗ କରିଥିଲେ ତା'ର ବର୍ଣ୍ଣନା ଆଜଗର ପର୍ବରେ ଦିଆଯାଇଛି । ସମାଜର ବିଭିନ୍ନ ଶ୍ରେଣୀରେ ଦର୍ପ କିପରି ସଂଯତ ହୋଇପାରିବ ତାହାର ସୂଚନା ମଧ୍ୟ ଏଥିରେ ରହିଛି ।

***ସମ୍ବନ୍ଧୀୟ ବିଷୟ***
*ମହାଭାରତ, ନୈତିକତା*

▷▷

## 'ଆଜାଦ୍ କାଶ୍ମୀର'

ଭାରତର ଉତ୍ତର-ପଶ୍ଚିମ ଭାଗରେ ଥିବା ଏହି ଭାରତୀୟ ଅଞ୍ଚଳଟି ହେଲା ଜାମ୍ମୁ କାଶ୍ମୀରର ଅଂଶବିଶେଷ । ୧୯୪୭ ମସିହାରୁ କିନ୍ତୁ ଏହା ପାକିସ୍ତାନ ଦଖଲରେ ରହିଛି । ଆନ୍ତର୍ଜାତୀୟ ଆଇନ ଦୃଷ୍ଟିରୁ ଏହା ଗୋଟିଏ 'ସ୍ୱତନ୍ତ୍ର ରାଷ୍ଟ୍ର' ବୋଲି ପାକିସ୍ତାନ ମୂଳରୁ ପ୍ରଚାର କରିଆସୁଥିଲେ ମଧ୍ୟ ପ୍ରକୃତ ପକ୍ଷରେ ଦେଖିବାକୁ ଗଲେ ଆଜାଦ କାଶ୍ମୀର ଉପରେ ପାକିସ୍ତାନରହିଁ ଅର୍ଥନୈତିକ, ଶାସନଗତ ତଥା ସାମରିକ କର୍ତ୍ତୃତ୍ୱ ରହିଆସିଛି । ଏହାର ପୂର୍ବ ହେଲା ଜାମ୍ମୁ କାଶ୍ମୀର ପ୍ରଦେଶ, ଦକ୍ଷିଣ ଓ ଦକ୍ଷିଣ-ପଶ୍ଚିମରେ ପାକିସ୍ତାନୀ ପଞ୍ଜାବ ପ୍ରଦେଶ, ପଶ୍ଚିମରେ ଉତ୍ତର-ପଶ୍ଚିମ ସୀମାନ୍ତ ପ୍ରଦେଶ ତଥା ଉତ୍ତରରେ ପାକିସ୍ତାନୀ ଗିଲ୍‌ଗିଟ ଏଜେନ୍‌ସୀ ରହିଛି । ସମଗ୍ର ଅଞ୍ଚଳଟିର କ୍ଷେତ୍ରଫଳ ହେଲା ପ୍ରାୟ ୧୬୮୦ ବର୍ଗକିଲୋମିଟର ଓ ପାକିସ୍ତାନ ଦ୍ୱାରା ଏହାକୁ କେତେଗୁଡ଼ିଏ ଜିଲାରେ ବିଭକ୍ତ କରିଦିଆଯାଇଛି ।

ଏହି ଅଞ୍ଚଳର ଉତ୍ତର ଅଂଶଟି ହେଲା ହିମାଳୟ ପର୍ବତମାଳାର ନିମ୍ନ ଅଂଶ । ଦକ୍ଷିଣରେ ରହିଛି ପୀର ପଞ୍ଜାଲ ପର୍ବତମାଳା । ଝେଲମ ଓ ପୁଞ୍ଚ ନଦୀ କାଶ୍ମୀରର ଏହି ଅଂଶ ଭିତର ଦେଇ ବହିଯାଇଛି । ଭୌଗୋଳିକ ଦୃଷ୍ଟିରୁ ସମତଳ ଭୂମି, ନିମ୍ନଭୂମି ଓ ପାହାଡ଼ିଆ ଅଞ୍ଚଳରେ ଆମ କାଶ୍ମୀରର ଏହି ଅଂଶକୁ ବିଭକ୍ତ କରିଦିଆଯାଇଥାଏ । ଗହମ, ବାର୍ଲି, ମକା ଓ ଅନ୍ୟ କେତେ ପ୍ରକାରର କୃଷିଜ ପଦାର୍ଥ ଏଠାରୁ ମିଳିଥାଏ । ଅନେକ ଲୋକ ପଶୁପାଳନ କରି ଜୀବିକା ଅର୍ଜନ କରିଥାନ୍ତି । ଜଙ୍ଗଲ ରହିଥିବାରୁ ଜଙ୍ଗଲଜାତ ଦ୍ରବ୍ୟ ଆମଦାନୀ କରିବାରେ ମଧ୍ୟ ଅନେକ ନିୟୋଜିତ । ଗ୍ରାଫାଇଟ, ମାର୍ବଲ, ବକ୍‌ସାଇଟ୍, ସିଲିକା ଓ ନିକୃଷ୍ଟ ଧରଣର କୋଇଲା ସାଙ୍ଗକୁ ଆଉ କେତେପ୍ରକାର ଖଣିଜ ସଂପଦ ରହିଛି । ଏହି ଅଞ୍ଚଳର ଦରି ଓ ଗାଲିଚ୍ଚର ମଧ୍ୟ ପ୍ରସିଦ୍ଧି ରହିଛି ।

***ସମ୍ବନ୍ଧୀୟ ବିଷୟ***
*ଭାରତ, ପାକିସ୍ତାନ, ଜାମ୍ମୁ କାଶ୍ମୀର, ଆନ୍ତର୍ଜାତୀୟ ସଂପର୍କ*

▷▷

## ଆଜାଦ୍‌ହିନ୍ଦ୍ ଫୌଜ

୧୯୩୯ ମସିହା ସେପ୍ଟେମ୍ବର ମାସ ତିନି ତାରିଖ ଦିନ ଇଉରୋପ ମହାଦେଶରେ ଦ୍ୱିତୀୟ ମହାଯୁଦ୍ଧ ଲାଗିଗଲା । ସେ ସମୟରେ ଭାରତରେ ଥାଏ ବ୍ରିଟିଶ ଶାସନ । ସେହି ଯୁଦ୍ଧ ସହିତ ଭାରତର କିଛି ସଂପର୍କ ନ ଥାଏ । କିନ୍ତୁ ଇଂରେଜ ସରକାର ଘୋଷଣା କରିଦେଲେ ଯେ ଭାରତ ଯୁଦ୍ଧରେ ମିଶିବ । ଭାରତୀୟ ନେତାମାନଙ୍କୁ ନ ପଚାରି ଇଂରେଜ ସରକାର ଏଭଳି କରିଦେବାରୁ କଂଗ୍ରେସ ତା'ର ପ୍ରତିବାଦ କଲା । ପରେ ଏ ଦେଶରୁ ହଜାର ହଜାର ଯୁବକଙ୍କୁ ଯୁଦ୍ଧଭୂଇଁରେ ମରିବାପାଇଁ ପଠାଇ ଦିଆଗଲା । ଯୁଦ୍ଧ ଖର୍ଚ୍ଚ ତୁଲାଇବା ପାଇଁ କୋଟି କୋଟି ଟଙ୍କାର ଖାଦ୍ୟଶସ୍ୟ ଓ ଅନ୍ୟ ସବୁ ପଦାର୍ଥ ଚାଲିଲା ଯୁଦ୍ଧଭୂଇଁକୁ । ଯେଉଁମାନେ ଏହା ବିରୁଦ୍ଧରେ କହିଲେ ସେମାନଙ୍କୁ ଜେଲରେ ଭର୍ତ୍ତି




ପରିଣତ ବୟସରେ ଆଜାଦ୍‌ହିନ୍ଦ୍ ଫୌଜର ଦୁଇଜଣ ପ୍ରସିଦ୍ଧ ଅଫିସର : କର୍ଣ୍ଣେଲ ଧିଲୋଁ ଓ କାପ୍ତେନ୍ ଶ୍ରୀମତୀ ଲକ୍ଷ୍ମୀ ସେହଗାଲ ।

କରିଦିଆଗଲା । ମହାତ୍ମା ଗାନ୍ଧୀ ଅହିଂସା ଲଢାଇର ଡାକରା ଦେଲେ ।

କିନ୍ତୁ ନେତାଜୀ ସୁଭାଷ ଚନ୍ଦ୍ର ବୋଷ କହିଲେ ଯେ ଆମେ ଜର୍ମାନୀ, ଜାପାନୀ ସୈନ୍ୟଙ୍କ ସାହାଯ୍ୟରେ ଏ ଦେଶରୁ ଇଂରେଜଙ୍କୁ ହଟାଇବା ।

ତାଙ୍କୁ ବ୍ରିଟିଶ ସରକାର ବନ୍ଦୀ କରି ରଖିଥିଲେ ମଧ୍ୟ ୧୯୪୧ ମସିହା ଜାନୁଆରୀ ୧୯ ତାରିଖ ଦିନ ସେ ଗୋପନରେ ଖସିଯାଇ ଜର୍ମାନୀ ପଳାଇଲେ ଓ ସେଠାରୁ ଯାଇ ଜାପାନରେ ପହଞ୍ଚିଗଲେ । ଜାପାନୀଙ୍କ ସାହାଯ୍ୟରେ ମାଳୟ ଓ ବର୍ମା ଯୁଦ୍ଧରେ ଜାପାନ ହାତରେ ଧରାପଡ଼ିଥିବା ବ୍ରିଟିଶ-ଭାରତୀୟ ଯୁଦ୍ଧବନ୍ଦୀ ମାନଙ୍କୁ ନେଇ ନେତାଜୀ ଗୋଟାଏ ସୈନ୍ୟବାହିନୀ ଗଢିଦେଲେ । ଏହାକୁ କୁହାଗଲା 'ଆଜାଦ୍‌ହିନ୍ଦ୍ ଫୌଜ' । ପରେ ଏମାନେ ବର୍ମା ପଟୁ ଭାରତର ଭିତରକୁ ବହୁଦୂର ପଶିଆସି ବ୍ରିଟିଶ ସେନାବାହିନୀ ଭିତରେ ଆତଙ୍କ ଖେଳାଇଦେବାକୁ ସମର୍ଥ ହୋଇଥିଲେ । କିନ୍ତୁ ଯୁଦ୍ଧରେ ଜାପାନର ପରାଜୟ ଜନିତ କାରଣରୁ ପରିସ୍ଥିତି ବଦଳିଗଲା ଓ ଆଜାଦ୍‌ହିନ୍ଦ୍ ଫୌଜ ଗୋଟାଏ ସମୟପରେ ଅଧିକ ଲଢି ନପାରି ଆତ୍ମସମର୍ପଣ କରିଦେଲା । ପରେ ଫୌଜର ଯେଉଁ କମାଣ୍ଡରମାନଙ୍କର କୋର୍ଟ ମାର୍ଶାଲ ହେଲା ତାହା ସମଗ୍ର ଭାରତରେ ଚହଳ ପକାଇଦେଇଥିଲା ଓ ବହୁ ଜାତୀୟ ନେତା ସେମାନଙ୍କୁ ସମର୍ଥନ କରିଯାଇଥିଲେ ।

ଏହି ଫୌଜ ଭାରତର ମୁକ୍ତିସଂଗ୍ରାମକୁ କିଭଳି ପ୍ରଭାବିତ କଲା ଓ ଦ୍ୱିତୀୟ ମହାଯୁଦ୍ଧରେ ବିଜୟୀ ହେଲେ ମଧ୍ୟ ଇଂରେଜମାନେ ଏ ଦେଶରେ ରହିବାଟା ଆଉ ବିଜ୍ଞତାର କାର୍ଯ୍ୟ ହେବ ନାହିଁ ବୋଲି କାହିଁକି ମନେ କଲେ, ତାହାର ପ୍ରକୃତ ଆଲୋଚନା ନେତାଜୀଙ୍କ ଜନ୍ମର ଶହେବର୍ଷ ପୂରିଲା ବେଳକୁ ମଧ୍ୟ ଆମ ଦେଶରେ ହୋଇନାହିଁ ବୋଲି କହିଲେ କିଛି ଭୁଲ୍ ହେବନାହିଁ । ଭାରତର ମୁକ୍ତିସଂଗ୍ରାମର ପ୍ରକୃତ ଇତିହାସ ଲେଖାଗଲା ବେଳେହିଁ ଅତ୍ୟନ୍ତ ପ୍ରତିକୂଳ ପରିସ୍ଥିତିର ସମ୍ମୁଖୀନ ହୋଇ ମଧ୍ୟ ଆଜାଦ୍‌ହିନ୍ଦ୍ ଫୌଜର 'ସୈନିକ'ମାନେ ଯେଉଁ ବୀରତ୍ୱ ଦେଖାଇଥିଲେ ତା'ର ଆଲୋଚନା କରାଯାଇ ପାରିବ ।

***ସମ୍ବନ୍ଧୀୟ ବିଷୟ***

*ଭାରତ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ, ଜାପାନ, ଦ୍ୱିତୀୟ ମହାଯୁଦ୍ଧ, ଜର୍ମାନୀ, ଉପନିବେଶବାଦ*

▷▷

## ଆଜୀବିକ

ଜୈନ ଓ ବୌଦ୍ଧ ଧର୍ମ ସମୟର ଏଇଟି ହେଲା ଗୋଟିଏ ସନ୍ନ୍ୟାସ ସଂପ୍ରଦାୟ । ମହାବୀରଙ୍କର ଜଣେ ବନ୍ଧୁ ଗୋଶାଳା ମସ୍କରିପୁତ୍ର ଏହି ସଂପ୍ରଦାୟକୁ ପ୍ରତିଷ୍ଠା କରିଥିଲେ ବୋଲି କୁହାଯାଏ । ଏହାଙ୍କ ବାଣୀ ବା ଉପଦେଶର କିନ୍ତୁ ସ୍ୱତନ୍ତ୍ର ସତ୍ତା ନାହିଁ; ବୌଦ୍ଧ ଓ ଜୈନ ଶାସ୍ତ୍ରରେ ସେ ବିଷୟରେ ଯାହା ଉଲ୍ଲେଖ ରହିଛି । ଆଜୀବିକ ସନ୍ନ୍ୟାସୀମାନେ 'ନିୟତି'ରେ ବିଶ୍ୱାସ କରୁଥିଲେ ଓ ସମଗ୍ର ବିଶ୍ୱର ସମସ୍ତ ଘଟଣା ସେହି ନିୟତିର ନିୟମରେ ଚାଲୁଛି ବୋଲି ଗ୍ରହଣ କରିଯାଇଥିଲେ । ମାନବର ଭାଗ୍ୟ ମଧ୍ୟ ସଂପୂର୍ଣ୍ଣ ଭାବେ ନିୟତି ଦ୍ୱାରା ନିୟନ୍ତ୍ରିତ ହେଉଥିବାରୁ ସେ ନିଜେ ନିଜର ଭାଗ୍ୟ ପରିବର୍ତ୍ତନ ପାଇଁ ଉଦ୍ୟମ କରି ସଫଳତା ଲାଭ କରିବା ସମ୍ଭବ ନୁହେଁ ବୋଲି ସେମାନଙ୍କ ଦର୍ଶନରେ ଥିଲା । ମୌର୍ଯ୍ୟ ବଂଶ ଶାସନକାଳ ପରେ ଆଜୀବିକ ସଂପ୍ରଦାୟ କ୍ରମେ ଗୌଣ ହୋଇ ଆସିଥିଲେ ମଧ୍ୟ ପ୍ରାୟ ଚତୁର୍ଦ୍ଦଶ ଶତାବ୍ଦୀ ପର୍ଯ୍ୟନ୍ତ ମହୀଶୂର ଅଞ୍ଚଳରେ କେତେକ ଆଜୀବିକ ସନ୍ନ୍ୟାସୀ ରହିଥିବା କଥାର ପ୍ରମାଣ ରହିଛି ।

***ସମ୍ବନ୍ଧୀୟ ବିଷୟ***

*ଜୈନ ଧର୍ମ, ବୌଦ୍ଧ ଧର୍ମ, ନିୟତିବାଦ, ମହୀଶୂର, ମୌର୍ଯ୍ୟବଂଶ*

▷▷

## ଆଞ୍ଜେଲ ଜଳପ୍ରପାତ

ଦକ୍ଷିଣ ଆମେରିକାର ଭେନିଜୁଏଲା ଦେଶରେ ଥିବା ଏହି ଜଳପ୍ରପାତଟି ହେଲା ପୃଥିବୀର ଉଚ୍ଚତମ ପ୍ରପାତ । ଏଠି ୯୭୯ ମିଟର ଉଚ୍ଚତାରୁ ଖସୁଥିବା ଗୋଟିଏ ଜଳଧାରା ଆସି ପ୍ରାୟ ୧୫୦ ମିଟର ଚଉଡ଼ାରେ ତଳେ ପଡୁଛି । ୧୯୩୫ ମସିହାରେ ଏହି ଜଳପ୍ରପାତଟି ପ୍ରଥମେ ଆବିଷ୍କୃତ ହେଲା । ପରେ ଜଣେ ଆମେରିକୀୟଙ୍କ ନାମରେ ଏହା ନାମିତ ହୋଇଛି । ଜଳପ୍ରପାତ ଥିବା ଅଞ୍ଚଳଟି ଘନ ଜଙ୍ଗଲରେ ପରିପୂର୍ଣ୍ଣ ।

***ସମ୍ବନ୍ଧୀୟ ବିଷୟ***

*ଭୂଗଠନ, ଭେନିଜୁଏଲା, ଭୂବିଜ୍ଞାନ, ଜଳପ୍ରପାତ*

▷▷

## ଆଟ୍‌ଲାଣ୍ଟିକ ମହାସାଗର

ପୃଥିବୀର ଜଳଭାଗକୁ ପାଞ୍ଚୋଟି ମହାସାଗରରେ ମୋଟା ମୋଟି ଭାବରେ ଭାଗ କରି ଦିଆଯାଇଛି । ସେହିସବୁ ମହାସାଗରର ଭିନ୍ନ ଭିନ୍ନ ଅଂଶକୁ ମଧ୍ୟ ଗୋଟିଏ ଗୋଟିଏ ନାଁ ଦିଆଯାଇଛି—ଯେମିତିକି ଭାରତ ମହାସାଗରର ଯେଉଁ ଅଂଶଟା ବଙ୍ଗ ଦେଶକୁ ଲାଗିଛି ତା' ନାଁ ବଙ୍ଗୋପ ସାଗର; ଯେଉଁ ଅଂଶଟା ଆରବ ଦେଶକୁ ଲାଗିଛି ତା ନାଁ ଆରବ ସାଗର ।

ପାଞ୍ଚ ମହାସାଗରର ନାମ ହେଲା—ପ୍ରଶାନ୍ତ, ଭାରତ, ଆଟ୍‌ଲାଣ୍ଟିକ, ଆର୍କଟିକ୍ ଓ ଆଣ୍ଟାର୍କଟିକା । ଆଟ୍‌ଲାଣ୍ଟିକ ମହାସାଗରର ପୂର୍ବପଟେ ଇଉରୋପ ମହାଦେଶ ଓ ଆଫ୍ରିକା ମହାଦେଶ ଏବଂ ପଶ୍ଚିମ

ପୃଥିବୀର ଦୁଇଟି ଶ୍ରେଷ୍ଠ ସମୃଦ୍ଧଶାଳୀ ଅଞ୍ଚଳ—ଇଉରୋପ ଓ ଉତ୍ତର ଆମେରିକା ଭିତରେ ରହିଥିବାରୁ ଆଟ୍‌ଲାଣ୍ଟିକ ମହାସାଗରର ସାମଗ୍ରିକ ଗୁରୁତ୍ୱ ଖୁବ୍ ବେଶୀ । ଆଫ୍ରିକା ଓ ଦକ୍ଷିଣ ଆମେରିକା ମହାଦେଶ ମଧ୍ୟ ଏହାରି କୂଳରେ ରହିଛନ୍ତି ।



ପଟେ ଦୁଇ ଆମେରିକା ମହାଦେଶ ରହିଛନ୍ତି । ଏଇଟି ଯେ ଏହି ଅବସ୍ଥାରେ ଅଛି, ଏକଥା ପ୍ରାୟ ୫୦୦ ବର୍ଷ ପୂର୍ବେ କେହି ଜାଣି ନଥିଲେ । ତା'ର କାରଣ ହେଲା ସେତେବେଳେ ଆମେରିକା ମହାଦେଶର ପରିଚୟ ଅନ୍ୟମାନେ ପାଇ ନଥିଲେ ।

ସମଗ୍ର ପୃଥିବୀର ଉପର ଅଂଶର ପାଞ୍ଚଭାଗରୁ ଭାଗେ ସ୍ଥାନରେ ଏହି ମହାସାଗର ବ୍ୟାପୀ ରହିଛି ଓ ଇଉରୋପ, ଆଫ୍ରିକା ମହାଦେଶକୁ ଦୁଇ ଆମେରିକା ମହାଦେଶରୁ ଅଲଗା କରିଦେଇଛି । ପ୍ରଶାନ୍ତ ମହାସାଗରକୁ ବାଦ୍‌ଦେଲେ ପୃଥିବୀରେ ଏହା ହେଉଛି ଦ୍ୱିତୀୟ ବୃହତ୍ତମ ମହାସାଗର । ବୃହତ୍ତର ଆଟ୍‌ଲାଣ୍ଟିକ ମହାସାଗରର ସମୁଦାୟ କ୍ଷେତ୍ରଫଳ ହେଉଛି ୪,୧୧,୦୦,୦୦୦ ବର୍ଗମାଇଲ ବା ୧୦,୬୪,୬୦,୦୦୦ ବର୍ଗକିଲୋମିଟର । କିନ୍ତୁ ଅନ୍ୟାନ୍ୟ ଅଂଶକୁ ବାଦ୍ ଦେଲେ ନିରୋଳା ଆଟ୍‌ଲାଣ୍ଟିକ ଅଞ୍ଚଳଟିର କ୍ଷେତ୍ରଫଳ ହେଲା ୩,୧୮, ୩୦,୦୦୦ ବର୍ଗମାଇଲ ବା ୮,୨୪,୩୯, ୭୦୦ ବର୍ଗକିଲୋମିଟର । ହାରାହାରି ଗଭୀରତା ୩,୩୩୦ ମିଟରରୁ ଅଧିକ । ଏରିଆରେ ଭାରତ ଠାରୁ ଏହା ପ୍ରାୟ ତିନିଗୁଣରୁ ଅଧିକ । ବଲ୍‌ଟିକ୍ ସାଗର, ଭୂମଧ୍ୟ ସାଗର, କାରିବିଆନ ସାଗର ଓ ମେକ୍ସିକୋ ଉପସାଗର ଗୁଡ଼ିକ ଏହାର ଶାଖା ଭଳି ରହିଛନ୍ତି ।

ଏହା ବିଷୟରେ ଆଉ ଗୋଟିଏ କଥା କୁହାଯାଇପାରେ । ଅନ୍ୟ ମହାସାଗର ଗୁଡ଼ିକ ତୁଳନାରେ ଏହା ଭିତରକୁ ସବୁଠାରୁ ବେଶୀ ନଦୀଜଳ ଆସେ । ଆଟ୍‌ଲାଣ୍ଟିକ ଦୁଇପଟେ ଥିବା ମହାଦେଶ ଗୁଡ଼ିକ ଏହାରି ଆଡ଼କୁ ଢଳିଲା ଭଳି ରହିଛନ୍ତି । ଫଳରେ ବର୍ଷା ପାଣି ବହୁ ପରିମାଣରେ ଆସି ପଡ଼ିଥାଏ । ପ୍ରଶାନ୍ତ ମହାସାଗରରେ ଯେତେ ପରିମାଣରେ ମଧୁର ଜଳ ମିଶୁଛି, ତା'ର ଚାରିଗୁଣ ଆସି ଆଟ୍‌ଲାଣ୍ଟିକରେ ମିଶୁଛି । ଭାରତ ମହାସାଗର ବିଷୟରେ ମଧ୍ୟ ସେମିତି କୁହାଯାଇପାରେ । ଏହାର ଉତ୍ତର ଅଂଶରେ ବହୁ ସଂଖ୍ୟକ ଦ୍ୱୀପ ରହିଛି । ଆଟ୍‌ଲାଣ୍ଟିକ ମହାସାଗର ତଳ ଦେଶରେ ଗୋଟିଏ ଦୀର୍ଘ ପର୍ବତମାଳା ରହିଛି । ସମଗ୍ର ପୃଥିବୀରେ ଯେଉଁ ୧୪ଟି ବଡ଼ ବଡ଼ ମାଛଧରା କେନ୍ଦ୍ର ରହିଛି ସେଥିରୁ ଛ'ଟା ହେଉଛି ଆଟ୍‌ଲାଣ୍ଟିକ ମହାସାଗରରେ । ଏହି ମହାସାଗରର ଉତ୍ତର ଭାଗରେ ଗୋଟିଏ ଜାତିର ମାଛ ଅଛନ୍ତି ଯେଉଁମାନଙ୍କର ଦେହ ଖୁବ୍ ନିଦା । ସମୁଦ୍ର ତଳେ ବହୁ ପରିମାଣରେ ଖଣିଜ ଦ୍ରବ୍ୟ ରହିଛି । ଅନ୍ୟ ମହାସାଗର ଗୁଡ଼ିକରେ ଯେତେ ସଂଖ୍ୟକ ବେସାମରିକ ଓ ସାମରିକ ଜାହାଜ ଚଳାଚଳ କରେ ଆଟ୍‌ଲାଣ୍ଟିକ ମହାସାଗରରେ ତାହା ତୁଳନାରେ ବହୁ ଅଧିକ ଜାହାଜ ଚଳାଚଳ କରେ; କାରଣ ଇଉରୋପ ଓ ଦୁଇ ଆମେରିକା ଭିତରେ ବହୁ ପରିମାଣର ବାଣିଜ୍ୟ ହୁଏ । ପୃଥିବୀର ସବୁଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ବିମାନପଥ ଗୁଡ଼ିକ ମଧ୍ୟ ଏହା ଉପରଦେଇ ଯାଇଛି ।

***ସମ୍ବନ୍ଧୀୟ ବିଷୟ***

*ପୃଥିବୀ, ସମୁଦ୍ର, ଜଳମଣ୍ଡଳ, ଭୂଗୋଳ, ମହାଦେଶ, ଆବିଷ୍କାର, ଭୂବିଜ୍ଞାନ, ବାଣିଜ୍ୟ, ଯୁଦ୍ଧ, ଆନ୍ତର୍ଜାତୀୟ ବାଣିଜ୍ୟ, କଣ୍ଟିନେଣ୍ଟାଲ ଡ୍ରିଫ୍ଟ, ପ୍ଲେଟ୍ ଟେକ୍‌ଟୋନିକ୍ସ, ଆନ୍ତର୍ଜାତୀୟ ସଂପର୍କ*

## ଆଟ୍‌ଲାଣ୍ଟିକ ସନନ୍ଦ

୧୯୪୧ ମସିହା ଅଗଷ୍ଟ ମାସରେ ଯୁକ୍ତରାଷ୍ଟ୍ର ଆମେରିକାର ପ୍ରେସିଡେଣ୍ଟ ରୁଜ୍‌ଭେଲ୍ଟ ଓ ଇଂଲଣ୍ଡର ପ୍ରଧାନମନ୍ତ୍ରୀ ଚର୍ଚ୍ଚିଲଙ୍କ ଦ୍ୱାରା ମିଳିତ ଭାବରେ ପ୍ରକାଶ ପାଇଥିବା ଘୋଷଣା । ଆଟ୍‌ଲାଣ୍ଟିକ ମହାସାଗରରେ ଗୋଟିଏ ଯୁଦ୍ଧତରୀ ଉପରୁ ସେମାନେ ଏହି ଘୋଷଣାନାମା ପ୍ରକାଶ କରିଥିଲେ । ସେପର୍ଯ୍ୟନ୍ତ ଯୁକ୍ତରାଷ୍ଟ୍ର ଆମେରିକା ଦ୍ୱିତୀୟ ମହାଯୁଦ୍ଧରେ ପକ୍ଷଭୁକ୍ତ ହୋଇ ନଥିଲା ।

ଯୁଦ୍ଧ ସମୟରେ ପୃଥିବୀର ଦୁଇଟି ଗୁରୁତ୍ୱପୂର୍ଣ୍ଣ ସାମରିକ ଶକ୍ତିଦ୍ୱାରା ଏଭଳି ଗୋଟାଏ ଘୋଷଣାନାମା ପ୍ରକାଶ ପାଇବା ଦ୍ୱାରା ପୃଥିବୀର ଜନମତ ବହୁଭାବେ ପ୍ରଭାବିତ ହୋଇଥିଲା । ସ୍ୱାଧୀନତା ପ୍ରଦାନ ନିମନ୍ତେ ଏଥିରେ ଉଲ୍ଲେଖ ଥିବାରୁ, ସେତେବେଳେ ପୃଥିବୀସାରା ଯେଉଁ କୋଟି କୋଟି ଲୋକ ସାମ୍ରାଜ୍ୟବାଦ ଅଧୀନରେ ରହିଯାଇଥିଲେ, ସେମାନଙ୍କ ଭିତରେ ଏହାଦ୍ୱାରା ଆଶା ସଞ୍ଚାର ହୋଇଥିଲା ବୋଲି ମଧ୍ୟ କେତେକ ଐତିହାସିକ ମତ ଦେଇଥା'ନ୍ତି । ଆଟ୍‌ଲାଣ୍ଟିକ ଚୁକ୍ତିର ବା ସନନ୍ଦରେ ଯେଉଁ ମୁଖ୍ୟ ପ୍ରଶ୍ନଗୁଡ଼ିକ ଉପରେ ଆଲୋଚନା ହୋଇଥିଲା, ସେଗୁଡ଼ିକର ଆଜିର ପରିସ୍ଥିତିରେ ମଧ୍ୟ ଗୁରୁତ୍ୱ ରହିଛି ।

***ସମ୍ବନ୍ଧୀୟ ବିଷୟ***

*ଦ୍ୱିତୀୟ ମହାଯୁଦ୍ଧ, ଆନ୍ତର୍ଜାତୀୟ ସଂପର୍କ, ଉପନିବେଶବାଦ, ଆନ୍ତର୍ଜାତୀୟ ରାଜନୀତି*

## ଆଟ୍‌ଲାସ୍

ଗୁଡ଼ିଏ ମାନଚିତ୍ରକୁ ଏକାଠି କରି 'ବହି' ଆକାରରେ ବାନ୍ଧିଦେଲେ ତାକୁ ଆଟ୍‌ଲାସ୍ ବୋଲି କୁହାଯାଏ । ୧୫୯୫ ମସିହାରେ ଏହି ଉଦ୍ଦେଶ୍ୟରେ ଗୁଡ଼ିଏ ମାନଚିତ୍ରକୁ ପ୍ରଥମ କରି ଏକାଠି ବାନ୍ଧି ଦିଆଯାଇଥିଲା । ତା'ର ପ୍ରଥମ ପୃଷ୍ଠାରେ ଆଟ୍‌ଲାସ୍ ଦେବତାଙ୍କର ଗୋଟିଏ ଚିତ୍ର ରହିଥିଲା । ସେହିଦିନୁ ମାନଚିତ୍ର ରହିଥିବା ବନ୍ଧା ବହିକୁ ଆଟ୍‌ଲାସ୍ ବୋଲି କୁହାହେଉଛି । ପ୍ରଥମେ ପ୍ରଥମେ କେବଳ ଗୁଡ଼ିଏ ମାନଚିତ୍ର ରହୁଥିଲା ଆଟ୍‌ଲାସରେ । ପରେ ଅନୁଭବ କରାଗଲା ଯେ ସେଥିରୁ ଗୋଟାଏ ସ୍ଥାନ ଖୋଜି ପାଇବାକୁ ଅସୁବିଧା ହେଉଛି । ତେଣୁ ଜଣାଶୁଣା ସ୍ଥାନମାନଙ୍କର ନାମ ଲେଖି ତା' ତାହାଣରେ ଅକ୍ଷାଂଶ ଦ୍ରାଘିମାର ହିସାବ ଦେଇ ଦିଆଗଲା । ଫଳରେ ସ୍ଥାନ ଠାବ କରିବା କାମ ସହଜ ହୋଇଗଲା ।

ଏଣିକି ଯେଉଁସବୁ ବଡ଼ ବଡ଼ ଆଟ୍‌ଲାସ ବାହାରୁଛି ସେଥିରେ ଅନ୍ୟାନ୍ୟ ବହୁତ କଥା ଦିଆଯାଉଛି । ମହାକାଶରେ ପୃଥିବୀର ସ୍ଥାନ, ଆକାଶରେ ଗ୍ରହ ନକ୍ଷତ୍ରଙ୍କ ସ୍ଥାନ, ଚନ୍ଦ୍ରର ମାନଚିତ୍ର, ପୃଥିବୀର ଗଠନ, ଭୂଇଁ ତଳେ କି କି ଖଣିଜ ସଂପଦ ରହିଛି, ପୃଥିବୀରେ ଜୀବଜନ୍ତୁ କେଉଁ ଯୁଗରେ ପ୍ରଥମେ ଦେଖାଦେଇଥିଲେ, ମହାସାଗର ଗୁଡ଼ିକର ପରିଚୟ, ଜଳବାୟୁ ସଂପର୍କରେ ତଥ୍ୟ, କୃଷି କିଭଳି ଭାବରେ କେଉଁଠି କି ଅବସ୍ଥାରେ ଅଛି, ପକ୍ଷୀଗୁଡ଼ିକ କିଭଳି ହଜାର ହଜାର କିଲୋମିଟର ଦୂରକୁ ଉଡ଼ିଯାଉଛନ୍ତି ଓ ନିଜ ସ୍ଥାନକୁ ପୁଣି ଫେରି ଆସୁଛନ୍ତି, ଘରିଆଡ଼େ କି କି ପ୍ରକାରର ଜୀବଜନ୍ତୁ ଅଛନ୍ତି, ମନୁଷ୍ୟ କେମିତି ପ୍ରଥମେ ପୃଥିବୀରେ ପାଦ ଦେଲା, ପରେ କେମିତି ସଭ୍ୟତା ପଥରେ ଆଗେଇଲା, କେଉଁ ଦେଶରେ କି କି ଧର୍ମ ଅଛି, ପୃଥିବୀର ସବୁ ଅଂଶର ପରିଚୟ ପାଇବା ପାଇଁ କିଭଳି ଉଦ୍ୟମ ହୋଇଥିଲା, ଲୋକସଂଖ୍ୟା କେମିତି ବଢୁଛି, କେଉଁ ଅଞ୍ଚଳର ଲୋକଙ୍କର ସ୍ୱାର୍ଥ କିଭଳି ଇତ୍ୟାଦି ବହୁ କଥା ଆଟ୍‌ଲାସ୍ ବା ମାନଚିତ୍ର ପୁସ୍ତକରେ ରହିଛି । କଂପିଉଟର ଭାଷାରେ ପ୍ରସ୍ତୁତ ମାନଚିତ୍ରକୁ ଡିଜିଟାଲ ମ୍ୟାପ୍ ବୋଲି କୁହାଯାଉଛି ଓ ସେଗୁଡ଼ିକର ଆଟ୍‌ଲାସ୍ ମଧ୍ୟ ପ୍ରକାଶିତ ହୋଇଗଲାଣି ।

***ସମ୍ବନ୍ଧୀୟ ବିଷୟ***

*ମାନଚିତ୍ର, ଭୂଗୋଳ, ପୃଥିବୀ, ମୁଦ୍ରଣବିଦ୍ୟା, ଇତିହାସ, କଂପିଉଟର, ଆବିଷ୍କାର, ମହାକାଶବିଜ୍ଞାନ, ଭୂବିଜ୍ଞାନ*

## ଆଟ୍‌ଲାସ୍ ଅସ୍ଥି

ଗ୍ରୀବା ବା ବେକ ଉପରେ ମୁଣ୍ଡଟି ରହିଛି । ଆମର ଯେଉଁ ମେରୁଦଣ୍ଡ ଅଛି, ତାହାର ଉପର ଅଂଶର ପ୍ରଥମ ହାଡ଼ଟିକୁ ଆଟ୍‌ଲାସ୍ ବୋଲି କୁହାଯାଏ । ତାହାରି ଉପରେ ଖପୁରୀ ଆଶ୍ରା କରି ରହିଛି । ମୁଣ୍ଡ ରୂପକ ଗ୍ଲୋବ୍‌କୁ ଏହି ହାଡ଼ ଖଣ୍ଡିକ ଆଶ୍ରା ଦେଇଥିବାରୁ ତାହାକୁ ଏପରି ନାମ ଦିଆଯାଇଛି—ଗ୍ରୀକ୍ ପୁରାଣର ସେହି ଆଟ୍‌ଲାସ୍ ଦେବତାଙ୍କ ନାମରେ ।

***ସମ୍ବନ୍ଧୀୟ ବିଷୟ***

*ମାନବଶରୀର, ଅସ୍ଥି ଓ ଅସ୍ଥିବିଭାଗ*

## ଆଟ୍‌ଲାସ୍ ଦେବତା

ଗ୍ରୀକ୍ ପୁରାଣର ଏ ହେଉଛନ୍ତି ଜଣେ ଦେବତା । ବର୍ଣ୍ଣନା ଅଛି ଯେ ଏହାଙ୍କୁ ପାତାଳ ଦୁଆରମୁହଁରେ ନେଇ ଠିଆ କରିଦିଆଗଲା ଓ ତାଙ୍କୁ କୁହାଗଲା ଯେ କାନ୍ଧରେ ଆକାଶ ବା ସ୍ୱର୍ଗକୁ ରଖି ଗୋଟିଏ ସ୍ଥାନରେ ସେ ସେମିତି ରହିଥିବେ । ସେହିକାଳୁ ପୃଥିବୀଟାକୁ ସେମିତି କାନ୍ଧେଇ ରହିଛନ୍ତି ବୋଲି କୁହାଯାଏ ।

*ସମ୍ବନ୍ଧୀୟ ବିଷୟ*
*ଗ୍ରୀକ୍ ପୁରାଣ*

## ଆଟ୍‌ଲାସ୍ ପର୍ବତମାଳା

ଆଫ୍ରିକା ମହାଦେଶର ଉତ୍ତର ପଶ୍ଚିମ ଅଂଶରେ ଏହି ପର୍ବତମାଳାଟି ଏମିତି ଭାବରେ ରହିଛି ଯେ ସମୁଦ୍ର କୂଳ ସହିତ ଯେମିତିକି ତାଳ ମିଳାଇ ଚାଲିଛି । ଏହି ପର୍ବତମାଳାର ଲମ୍ବ ପ୍ରାୟ ୨୪୦୦ କିଲୋମିଟର । ଉତ୍ତର ଦିଗରେ ଭୂମଧ୍ୟ ସାଗର । ଦକ୍ଷିଣ ପଟେ ସାହାରା ମରୁଭୂମି । ଇଉରୋପୀୟମାନେ କହିଲେ ଏହି ପର୍ବତରେ ଆଟ୍‌ଲାସ୍ ଦେବତା ରହୁଥିଲେ, ତେଣୁ ତାଙ୍କରି ନାମରେ ପର୍ବତର ନାମ ରହିବ । ଆଫ୍ରିକା ମହାଦେଶର ଲୋକେ କିନ୍ତୁ ଏକଥାକୁ ସ୍ୱୀକାର କରୁନାହାନ୍ତି । ପୃଥିବୀର ଉତ୍ତର ଦିଗରୁ ଆସୁଥିବା ମେରୁ-ଶୀତଳ ବାୟୁସ୍ରୋତ ଓ ଦକ୍ଷିଣ ଦିଗରୁ ଆସୁଥିବା ଗ୍ରୀଷ୍ମମଣ୍ଡଳୀୟ ବାୟୁସ୍ରୋତର ଆଟ୍‌ଲାସ ପର୍ବତମାଳାଟି ହେଉଛି ମିଳନ ସ୍ଥଳ । ଏହାର ସର୍ବୋଚ୍ଚ ଉଚ୍ଚତା ହେଲା ୪,୧୬୫ ମିଟର ।

*ସମ୍ବନ୍ଧୀୟ ବିଷୟ*
*ପୃଥିବୀ, ଭୂବିଜ୍ଞାନ, ଆଫ୍ରିକା*

## ଆଟର୍ଣ୍ଣି ଜେନେରାଲ

ଆଇନ ବିଷୟକ ପରାମର୍ଶ ଦେବାପାଇଁ ଆଟର୍ଣ୍ଣି ଜେନେରାଲ ହେଉଛନ୍ତି ଭାରତ ସରକାରଙ୍କ ପ୍ରଧାନ ପଦାଧିକାରୀ । ସମ୍ବିଧାନର ୭୬ ଧାରା ଅନୁସାରେ ରାଷ୍ଟ୍ରପତି ତାଙ୍କୁ ନିଯୁକ୍ତି ଦିଅନ୍ତି । ସୁପ୍ରିମକୋର୍ଟର ଜଜ୍ ହେବାପାଇଁ ସମସ୍ତ ଯୋଗ୍ୟତା ଥିବା ଜଣେ ବ୍ୟକ୍ତିଙ୍କୁ ଏଥିପାଇଁ ବଛାଯାଏ । ରାଷ୍ଟ୍ରପତି ତାଙ୍କୁ ଆଇନଗତ ପରାମର୍ଶ ମାଗିପାରନ୍ତି । କୌଣସି ଆଇନଗତ କାର୍ଯ୍ୟାନୁଷ୍ଠାନ କରିବା ପାଇଁ ମଧ୍ୟ ତାଙ୍କୁ ଦାୟିତ୍ୱ ଦିଆଯାଏ । ଭାରତର ଯେ କୌଣସି ବିଚାରାଳୟରେ ସେ ଯୁକ୍ତି ବାଢିପାରିବେ ଓ ହାଜର ହୋଇପାରିବେ ।

*ସମ୍ବନ୍ଧୀୟ ବିଷୟ*
*ସମ୍ବିଧାନ, ଆଇନ, ବିଚାରବ୍ୟବସ୍ଥା, ଭାରତ ଶାସନ*

## ଆଟେନବରୋ, ଡାଭିଡ ଫ୍ରେଡେରିକ୍ (୧୯୨୬-)

ପ୍ରସିଦ୍ଧ ଇଂରେଜ ପ୍ରକୃତିବିଦ୍ ଓ ବ୍ରଡକାଷ୍ଟର । ତାଙ୍କ ଦ୍ୱାରା ୧୯୭୯ ମସିହାରେ ନିର୍ମିତ ଡକୁମେଣ୍ଟାରୀ ଫିଲ୍ମ 'ଦି ଲାଇଫ ଅନ୍ ଆର୍ଥ' ବା ଧରିତ୍ରୀରେ ଜୀବନ ସାରା ପୃଥିବୀର ଟେଲିଭିଜନ ଚ୍ୟାନେଲସବୁରେ ଦେଖିବାକୁ ମିଳେ । ପ୍ରକୃତି ଉପରେ ଆହୁରି ଅନେକ ମହତ୍ତ୍ୱପୂର୍ଣ୍ଣ ଡକୁମେଣ୍ଟାରୀ ଫିଲ୍ମ ମଧ୍ୟ ସେ ନିର୍ମାଣ କରିଛନ୍ତି ।

*ସମ୍ବନ୍ଧୀୟ ବିଷୟ*
*ପ୍ରକୃତିବିଦ୍ୟା, ଟେଲିଭିଜନ ପ୍ରଡକ୍‌ସନ୍*

## ଆଟେନବରୋ, ରିଚାର୍ଡ ସାମୁଏଲ (୧୯୨୩-)

ଇଂଲଣ୍ଡର ଜଣେ ପ୍ରସିଦ୍ଧ ଅଭିନେତା ତଥା ଫିଲ୍ମ ନିର୍ଦ୍ଦେଶକ । ଦୀର୍ଘ ଦୁଇ ଦଶନ୍ଧିର ଉଦ୍ୟମ ପରେ ସେ ଯେତେବେଳେ ଏପିକ 'ଗାନ୍ଧୀ' ଫିଲ୍ମ ନିର୍ମାଣ କଲେ, ସାରା ପୃଥିବୀରେ ସେହି ଫିଲ୍ମ ଚହଳ ପକାଇ ଦେଲା । ଅବତାର ପୁରୁଷ ମହାତ୍ମା ଗାନ୍ଧୀଙ୍କ ଉପରେ ନିର୍ମିତ ଏହି ଚଳଚ୍ଚିତ୍ର ବହୁ ସଂଖ୍ୟକ ଅସ୍କାର ପୁରସ୍କାର ମଧ୍ୟ ଲାଭକଲା । ଏହା ବ୍ୟତୀତ ଆହୁରି ଅନେକ ସଫଳ ଫିଲ୍ମର ନିର୍ଦ୍ଦେଶନା ଆଟେନବରୋ ଦେଇଛନ୍ତି ।

*ସମ୍ବନ୍ଧୀୟ ବିଷୟ*
*ସିନେମା, ଗାନ୍ଧୀ ଚଳଚ୍ଚିତ୍ର*

## ଆଟ୍ରଫି

ଶରୀରର କୌଣସି ଅଙ୍ଗ, ଅଂଶ, ଜୀବକୋଷ କିମ୍ବା ତନ୍ତୁର ଆକୃତି ସମୟକ୍ରମେ କମିଯିବା ହେଲା ଆଟ୍ରଫି ବା ଅଙ୍ଗଶୋଷ । ଏହି ଅବସ୍ଥା ଆସିବା ପୂର୍ବରୁ କିନ୍ତୁ ସେଗୁଡ଼ିକ ଜଣଙ୍କ ବୟସ ତଥା ଅବସ୍ଥାକୁ ନେଇ ସାଧାରଣ ଆକୃତିର ଓ ଗଠନରେ ଥା'ନ୍ତି । ବୟସ ବଢିବା ସଙ୍ଗେ ସଙ୍ଗେ ଶରୀରର କେତେକ ଅଙ୍ଗ କ୍ଷେତ୍ରରେ ଆଟ୍ରଫି ଦେଖାଦିଏ । ସ୍ଥଳବିଶେଷରେ ସଂପୂର୍ଣ୍ଣ ଶରୀରଟି ଏହି ଅବସ୍ଥାର ଶିକାର ହୋଇଥିଲା ବେଳେ, ଅନ୍ୟ ବହୁ କ୍ଷେତ୍ରରେ ଶରୀରର ଗୋଟିଏ ଗୋଟିଏ ନିର୍ଦ୍ଦିଷ୍ଟ ଅଙ୍ଗ, ଅଂଶ, ଜୀବକୋଷ ବା ତନ୍ତୁ ଏହାର କୁଫଳ ଭୋଗ କରିଥା'ନ୍ତି । ପୁଷ୍ଟି ଅଭାବ ବା ପୋଷକହୀନତା, ରକ୍ତସଞ୍ଚାଳନର ଅଭାବ, ରାସାୟନିକ ସୃଷ୍ଟ କ୍ଷତ ଇତ୍ୟାଦି ହେଲା ଆଟ୍ରଫି ହେବାର ଅନ୍ୟ କେତେକ ପ୍ରମୁଖ କାରଣ । ନାରୀ ପ୍ରଜନନ ବ୍ୟବସ୍ଥା, ମାଂସପେଶୀ, ସ୍ନାୟୁ ତନ୍ତୁ, ସ୍ନେହ ତନ୍ତୁ, ଚର୍ମ ଓ ଗ୍ରନ୍ଥି ସମୂହରେ ବେଳେବେଳେ କିନ୍ତୁ ଏହି ସାଧାରଣ କାରଣ ଗୁଡ଼ିକ ବ୍ୟତୀତ ଭିନ୍ନ କାରଣରୁ ଆଟ୍ରଫି ଅବସ୍ଥା ସୃଷ୍ଟି ହୋଇଥାଏ ।

*ସମ୍ବନ୍ଧୀୟ ବିଷୟ*
*ମାନବଶରୀର, ଜୀବଜଗତ, ଚିକିତ୍ସାବିଜ୍ଞାନ, ରସାୟନବିଜ୍ଞାନ, ବାର୍ଦ୍ଧକ୍ୟ, ସମାଜ, ଖାଦ୍ୟ, ନିଉଟ୍ରିସନ, ରକ୍ତ ସଞ୍ଚାଳନ, ଜୀବକୋଷ*

## ଆଠଗଡ଼

କଟକ ଜିଲାର ଏହି ସବ୍‌ଡିଭିଜନଟି ମହାନଦୀ କୂଳରେ ରହିଛି । ମହାନଦୀ ଗର୍ଭରେ ଧବଳେଶ୍ୱର ମହାଦେବଙ୍କ ଆସ୍ଥାନ ରହିଛି । ଏଇଟି ଓଡ଼ିଶାର ଗୋଟିଏ ତୀର୍ଥ ସ୍ଥାନ ।

*ସମ୍ବନ୍ଧୀୟ ବିଷୟ*
*ଓଡ଼ିଶା, କଟକ ଜିଲା, ଅଂଶୁପା ହ୍ରଦ*

## ଆଠମଲ୍ଲିକ

ଅନୁଗୁଳ ଜିଲାର ଏହି ସବ୍‌ଡିଭିଜନର ଦକ୍ଷିଣ ଦିଗରେ ମହାନଦୀ ବହିଯାଉଛି । ଆଠମଲ୍ଲିକର ପଞ୍ଚଧାର ପର୍ବତ ଅଞ୍ଚଳର ଦୃଶ୍ୟ ଚମତ୍କାର ।

*ସମ୍ବନ୍ଧୀୟ ବିଷୟ*
*ଓଡ଼ିଶା, ଅନୁଗୁଳ ଜିଲା*

## ଆଢ୍‌ୱର୍

ପ୍ରାଚୀନ ତାମିଲ ସଂପ୍ରଦାୟ । ତାମିଲ ଭାଷାରେ ଥିବା ଏହି ପ୍ରସିଦ୍ଧ ଶବ୍ଦଟିର ଫଳିତ ଅର୍ଥ ହେଉଛି ଭଗବତ୍ ପ୍ରେମରେ ନିମଗ୍ନ ଥିବା ବ୍ୟକ୍ତି । ଆଢ୍‌ୱର୍ ମାନଙ୍କ ମଧ୍ୟରେ ଜ୍ଞାନ, ବୈରାଗ୍ୟ ଓ ଭକ୍ତିର ଅପୂର୍ବ ସମନ୍ୱୟ ଘଟିଥାଏ । ଏମାନେ ପ୍ରଭୁଙ୍କର ରୂପ, ଗୁଣ ଓ ଲୀଳାର ସାକ୍ଷାତ ଅନୁଭବ କରି ସବୁବେଳେ ଭଗବତ୍ ପ୍ରେମରେ ବିଭୋର ହୋଇ ରହିଥା'ନ୍ତି ବୋଲି କୁହାଯାଏ । ଗୋଟାଏ ସମୟରେ ତାମିଲ ଅଞ୍ଚଳର ସବୁ ଜାତି ଭିତରେ ଆଢ୍‌ୱର୍ ସଂପ୍ରଦାୟର ଲୋକ ଥିଲେ । ଅତି ପୁରାକାଳରେ ଏମାନଙ୍କ ଆବିର୍ଭାବ ତାମିଲ ଦେଶରେ ହୋଇଥିଲା ।

ଆଢ୍‌ୱର୍ ମାନଙ୍କ ଦିବ୍ୟ ଉକ୍ତି ଗୁଡ଼ିକ ସୁରକ୍ଷିତ ହୋଇ ରହିଛ ଓ ପ୍ରବନ୍ଧ ରୂପରେ ଏଗୁଡ଼ିକ ଦ୍ରାବିଡ ବେଦାନ୍ତ ନାମରେ ପ୍ରସିଦ୍ଧ । ଦ୍ରାବିଡ଼ ବେଦାନ୍ତରୁ ଏହି ସଂପ୍ରଦାୟର ବୈରାଗ୍ୟ, ତତ୍ତ୍ୱଜ୍ଞାନ, ଭଗବତ୍ ଅନୁଭବ, ପ୍ରେମଭକ୍ତି ଏବଂ ଭଜନ-

ଧାରାର ବିଶେଷ ପରିଚୟ ମିଳିଥାଏ । ଏହି ଐକାନ୍ତିକ ବୈଷ୍ଣବ ମାନଙ୍କର ଭଜନ-ଧାରାରେ ସଂକୀର୍ତ୍ତନ ହେଉଛି ପ୍ରଧାନ ଅଙ୍ଗ । ତାମିଲନାଡୁର ଶ୍ରୀରଙ୍ଗମ୍ ଠାରେ ପ୍ରତିବର୍ଷ ପୌଷମାସରେ ଅନୁଷ୍ଠିତ ହେଉଥିବା ଗୋଟିଏ ମହୋତ୍ସବରେ ଆଡ୍‌ଵର୍ ମାନଙ୍କର ଚାରି ହଜାର ଦିବ୍ୟଶ୍ଲୋକକୁ ଅଭିନୟ ସହିତ ବୋଲାଯାଇଥାଏ ।

***ସମ୍ବନ୍ଧୀୟ ବିଷୟ***

*ତାମିଲ ବେଦାନ୍ତ, ଭାରତୀୟ ଦର୍ଶନ, ବୈଷ୍ଣବବାଦ, ଭକ୍ତି ଆନ୍ଦୋଳନ, ଭଗବତ୍ ବିଶ୍ୱାସ*

▷ ▷

## ଆଡ୍‌ଭାର୍କ

ପୃଥିବୀ ପୃଷ୍ଠରେ ଯେତେଯେତେ ଜୀବ ବୁଲୁଛନ୍ତି ସେମାନଙ୍କୁ ଜୀବବିଜ୍ଞାନୀମାନେ ଗୋଟିଏ ଗୋଟିଏ ଶ୍ରେଣୀରେ ଭାଗ କରିଦେଇଛନ୍ତି । ଗୋଟିଏ ଜୀବ କଥା ପଡ଼ିଲେ ସେମାନେ କହିଦିଅନ୍ତି ଏଇଟିକୁ ଏହି ଶ୍ରେଣୀରେ ରଖାଯାଇଛି । କାରଣ ତା'ର ଏଇ ଏଇ ଲକ୍ଷଣ ଅଛି । କିନ୍ତୁ ଆଫ୍ରିକା ମହାଦେଶର ଜଙ୍ଗଲରେ ଏଭଳି ଗୋଟିଏ ସ୍ତନ୍ୟପାୟୀ ଜୀବ ଅଛି ଯେ ତା' ସାଙ୍ଗର ଅର୍ଥାତ୍ ତା' ଶ୍ରେଣୀର ଅନ୍ୟ କୌଣସି ଜୀବ ଏ ପୃଥିବୀରେ କେଉଁଠି ହେଲେ ନାହାନ୍ତି । ସେଇଟିର ନାଁ ଆଡ୍‌ଭାର୍କ ।



ଆଡ୍‌ଭାର୍କ

ପିଠିଟା କୁଜା, କାନ ଦୁଇଟା ଠେକୁଆ କାନଭଳି, ମୁହଁଟା ଗୋଜିଆ ହୋଇ ବାହାରି ଆସିଛି । ପିମ୍ପୁଡ଼ି ଓ ଉଇ ହେଉଛନ୍ତି ଏହାର ପ୍ରଧାନ ଖାଦ୍ୟ । ଆଗଗୋଡ଼ ଦୁଇଟା ଖୁବ୍ ମଜବୁତ, ସେଥିରେ ସେ ମାଟି ଖୋଳି ପକାଏ । ଗୋଟାଏ ଲମ୍ବ ଜିଭ ରହିଛି, ସେଇଟିକୁ ବଢ଼ାଇ ସେ ପିମ୍ପୁଡ଼ି ବା ଉଇ ଖାଇଯାଏ ।

***ସମ୍ବନ୍ଧୀୟ ବିଷୟ***

*ଜୀବଜଗତ*

▷ ▷

## ଆଡ୍‌ଭୋକେଟ

କୌଣସି ବିଚାରାଳୟରେ ଅନ୍ୟ ଜଣଙ୍କ ପାଇଁ ଲଢ଼ିପାରିବା ନିମନ୍ତେ ବୃତ୍ତିଗତ ଯୋଗ୍ୟତା ଥିବା ବ୍ୟକ୍ତି । ପୃଥିବୀର ଭିନ୍ନ ଭିନ୍ନ ଦେଶର ଆଇନରେ ଏମାନଙ୍କ କାର୍ଯ୍ୟାବଳୀ ସଂକ୍ରାନ୍ତରେ ସ୍ୱତନ୍ତ୍ର ଭାବରେ ଉଲ୍ଲେଖ ରହିଛି । ଭାରତ ତଥା ଅନ୍ୟ ବହୁ ରାଷ୍ଟ୍ରରେ ଆଡ୍‌ଭୋକେଟମାନେ ହେଲେ 'ବିଚାରାଳୟକୁ ସାହାଯ୍ୟ କରୁଥିବା ଜଣେ ଜଣେ ଅଫିସର' ।

***ସମ୍ବନ୍ଧୀୟ ବିଷୟ***

*ଆଇନ, ବିଚାରବ୍ୟବସ୍ଥା, ବାର୍*

▷ ▷

## ଆଡ୍‌ଭୋକେଟ ଜେନେରାଲ

ରାଜ୍ୟ ସରକାରଙ୍କୁ ଆଇନ ପରାମର୍ଶ ଦେବାପାଇଁ ଓ ତାଙ୍କ ପକ୍ଷରୁ ମକଦ୍ଦମା ଲଢ଼ିବା ପାଇଁ ନିଯୁକ୍ତ ଆଡ୍‌ଭୋକେଟ । ସମ୍ବିଧାନର ୧୬୫ ଧାରା ଅନୁସାରେ ପ୍ରତ୍ୟେକ ରାଜ୍ୟର ରାଜ୍ୟପାଳ ଆଡ୍‌ଭୋକେଟ ଜେନେରାଲ ନିଯୁକ୍ତ କରିଥା'ନ୍ତି । ଯାହାଙ୍କର ହାଇକୋର୍ଟ ଜଜ୍ ହେବାପାଇଁ ଯୋଗ୍ୟତା ଥିବ, କେବଳ ସେହିଭଳି ବ୍ୟକ୍ତି ହିଁ ଏହି ପଦରେ ନିଯୁକ୍ତି ପାଇପାରିବେ ବୋଲି ବ୍ୟବସ୍ଥା ରହିଛି ।

***ସମ୍ବନ୍ଧୀୟ ବିଷୟ***

*ରାଜ୍ୟଶାସନ, ଆଇନ, ବିଚାର ବ୍ୟବସ୍ଥା, ସମ୍ବିଧାନ*

▷ ▷

## ଆଡ଼ବାୟା

ନିର୍ଦ୍ଦିଷ୍ଟ ଧରଣର ମାନସିକ ସ୍ଥିତିରେ ଥିବା ବ୍ୟକ୍ତି । ଅର୍ଦ୍ଧପାଗଳ ବୋଲି ଏହି ଶବ୍ଦଟିର ଯେଉଁ ଅଭିଧାନଗତ ଅର୍ଥ ଅଛି, ତାହା କେତେ ଦୂରକୁ ସଂପୂର୍ଣ୍ଣ କିମ୍ବା ଠିକ୍ ସେ ବିଷୟରେ ଆଲୋଚନାର ଅବକାଶ ରହିଛି । 'ବାୟା' ଶବ୍ଦଟିକୁ ପାଗଳ ଅର୍ଥରେହିଁ ବ୍ୟବହାର କରାଯାଏ । ଯେଉଁ ଲୋକ ବ୍ୟବସ୍ଥିତ ଢଙ୍ଗରେ କାମ କରେ ନାହିଁ, ସାଧାରଣତଃ ଅନ୍ୟମନସ୍କ ହୋଇଯାଏ ବା ବେଳେ ବେଳେ ଅଡ଼ିବସି ନିଜ ଇଚ୍ଛାନୁସାରେ କାମ କରେ, ସେଭଳି ଲୋକକୁ ମଧ୍ୟ ଆଡ଼ବାୟା ବୋଲି କୁହାଯାଇଥାଏ । ପୃଥିବୀର ବହୁ ବିଜ୍ଞ, ଗୁଣୀ ଓ ଚିନ୍ତାଶୀଳ ଲୋକ ଅନ୍ୟମାନଙ୍କ ଦ୍ୱାରା 'ଆଡ଼ବାୟା' ବୋଲି ନାମ ପାଇଛନ୍ତି ।

***ସମ୍ବନ୍ଧୀୟ ବିଷୟ***

*ପାଗଳାମି, ମନସ୍ତତ୍ତ୍ୱ, ସମାଜ, ବ୍ୟକ୍ତି, ମାନବୀୟ ଉତ୍କର୍ଷତା*

▷ ▷

## 'ଆଡଲ୍‌ଟରୀ'

ନିୟମିତ ବିବାହ ବନ୍ଧନରେ ଆବଦ୍ଧ ଥିବା କୌଣସି ପୁରୁଷ ବା ନାରୀ ଯଦି ସ୍ୱଇଚ୍ଛାରେ ଅନ୍ୟ କୌଣସି ବ୍ୟକ୍ତି ସହ ବିବାହିତ ଜୀବନ ବାହାରେ ଯୌନ ସଂପର୍କ ସ୍ଥାପନ କରେ, ତେବେ ସେ କ୍ଷେତ୍ରରେ ଆଡଲ୍‌ଟରୀ ସଂଘଟିତ ହୋଇଛି ବୋଲି କୁହାଯାଏ । ଭାରତୀୟ ଭାଷା ଗୁଡ଼ିକରେ ଏହି ଶବ୍ଦଟିର ଭିନ୍ନ ଭିନ୍ନ ଅନୁବାଦ ରହିଛି । ପୃଥିବୀର ପ୍ରାୟ ସବୁ ପ୍ରକାର ସମାଜରେ ଏଭଳି କରିବା ନିମନ୍ତେ ପାରମ୍ପାରିକ ତଥା ଆଇନଗତ ବାରଣ ରହିଛି । କିନ୍ତୁ ଏକବିଂଶ ଶତାବ୍ଦୀର ଆରମ୍ଭ ବେଳକୁ ଭାରତ ଭଳି ଅନେକ ରକ୍ଷଣଶୀଳ ଦେଶରେ ମଧ୍ୟ ସେହି ବାରଣଜନିତ 'ବାଧା'କୁ ବହୁ ସ୍ଥଳରେ ଲୋକେ ଅତିକ୍ରମ କରିଯାଉଛନ୍ତି । ଅତି ବିକଶିତ ଦେଶ ଗୁଡ଼ିକରେ ଏଭଳି ସଂପର୍କ ବିବାହ ଭଳି ଗୋଟିଏ ପବିତ୍ର ଅନୁଷ୍ଠାନ ସହ ସମାନ ସ୍ଥାନ ଦଖଲ କରିଗଲାଣି ବୋଲି ସମାଜଶାସ୍ତ୍ରୀମାନେ କହୁଛନ୍ତି ।

ଖ୍ରୀଷ୍ଟପୂର୍ବ ୧୮ଶ ଶତାବ୍ଦୀରେ ରଚିତ ହୋଇଥିବା 'ହାମୁରାବିଙ୍କ ଆଇନ କୋଡ୍'ରେ ଆଡଲ୍‌ଟରୀ ନିମନ୍ତେ ମୃତ୍ୟୁଦଣ୍ଡର ବ୍ୟବସ୍ଥା ରହିଥିଲା । ଗ୍ରୀକ୍ ଓ ରୋମୀୟ ଆଇନରେ ପୁରୁଷଙ୍କ ତୁଳନାରେ ଏଭଳି ଅପରାଧରେ ସ୍ତ୍ରୀ ପ୍ରତି ଅଧିକ ଦଣ୍ଡବିଧାନ କରାଯାଉଥିଲା । ହିନ୍ଦୁ, ଇସ୍‌ଲାମ, ଖ୍ରୀଷ୍ଟିଆନ ଓ ଇହୁଦି ଧର୍ମରେ ମଧ୍ୟ ଆଡଲ୍‌ଟରୀ ନିମନ୍ତେ ଦଣ୍ଡବିଧାନ ରହିଛି । ପୃଥିବୀର ବିଭିନ୍ନ ଅଞ୍ଚଳର ସଂସ୍କୃତିରେ ଏହି ଅପରାଧକୁ ଭିନ୍ନ ଭିନ୍ନ ଦୃଷ୍ଟିରେ ଦେଖାଯାଇଥାଏ ଓ ସେଥିଭିତରୁ କେତେକ ଅଞ୍ଚଳରେ ଏଭଳି କରିବାଟା ଆଦୌ ଦୋଷାବହ ନୁହେଁ ବୋଲି ଧରାଯାଇଥାଏ । ହିନ୍ଦୁ ବା ସନାତନ ଧର୍ମରେ କିନ୍ତୁ ସବୁବେଳେ ବିବାହକୁ ଏକ ପବିତ୍ର ତଥା ଚିରସ୍ଥାୟୀ ବନ୍ଧନ ଭାବରେ ଦେଖାଯାଇଥିବାରୁ ବିବାହ ବାହାରେ ବ୍ୟଭିଚାର ଜନିତ ସଂପର୍କକୁ ମଧ୍ୟ କେତେକ ଦୃଷ୍ଟିରୁ ତୁଳନାତ୍ମକ ଭାବରେ ସହ୍ୟ କରିନିଆଯାଇଛି । ଅନିୟମିତ ଭାବେ ପରପୁରୁଷ ବା ପରସ୍ତ୍ରୀ ଗମନ ନିମନ୍ତେ ତେଣୁ ଜଣେ ଜଣକୁ ସହଜରେ ଛାଡ଼ପତ୍ର ଦେଇପାରିବ ନାହିଁ । କିନ୍ତୁ ଯଦି ସ୍ଥାୟୀ ଭାବେ କୌଣସି ବ୍ୟକ୍ତି ଆଉ ଜଣେ 'ବାହାର' ଲୋକ ସହ ଏଭଳି ଅବସ୍ଥାରେ ରହିଯାଏ, ତେବେ ବିବାହ ବିଚ୍ଛେଦ ପାଇଁ ଯଥେଷ୍ଟ କାରଣ ଅଛି ବୋଲି କୁହାଯାଏ । ଅନ୍ୟ ସବୁ ଦେଶର ଆଇନରେ ମଧ୍ୟ ଏଥିପାଇଁ ବ୍ୟବସ୍ଥା ରହିଛି ।

***ସମ୍ବନ୍ଧୀୟ ବିଷୟ***

*ବିବାହ, ସମାଜ, ଆଇନ, ବିବାହ ବିଚ୍ଛେଦ, ମାନବୀୟ ଯୌନ ବ୍ୟବହାର, ମନସ୍ତତ୍ତ୍ୱ*

▷ ▷

## ଆଡାକ୍ସ

ଆଫ୍ରିକା ମହାଦେଶରେ ଦେଖାଯାଉଥିବା ଏହି ଆଣ୍ଟିଲୋପ ଶ୍ରେଣୀର ଜୀବଟିର ଶିଙ୍ଗ ଖୁବ୍ ସୁନ୍ଦର । ଅଣ୍ଡିରା, ମାଈ ଉଭୟଙ୍କର ଶିଙ୍ଗ ଅଛି । ଦେହର ରଙ୍ଗ ଗୋଟାଏ ନୂଆ ପ୍ରକାରର । ଆଖି ତଳର ରଙ୍ଗଟି ଏମିତି ଯେ ମନେହେବ ଗୋଟାଏ ଚିତ୍ର ସେଠି ଆଙ୍କି ଦିଆଯାଇଛି । ଏମାନଙ୍କ ସଂଖ୍ୟା



ଆଡାକ୍ସ

କ୍ରମେ କମି ଆସିଲାଣି; ପୂର୍ବରୁ କିନ୍ତୁ ସମଗ୍ର ସାହାରା ଅଞ୍ଚଳରେ ମିଳୁଥିଲେ । ଏମାନେ ଦଳଦଳ ହୋଇ ରହିଥା'ନ୍ତି । ଗୋଟିଏ ପ୍ରାପ୍ତବୟସ୍କ ଆଡାକ୍ସ କାନ୍ଧ ପାଖରେ ପ୍ରାୟ ୧ ମିଟର ପର୍ଯ୍ୟନ୍ତ ଉଚ୍ଚ ହୋଇଥାଏ । ଗ୍ରୀଷ୍ମଋତୁରେ ଏହାର ରଙ୍ଗ ହାଲୁକା ଧୂସର ଥିଲାବେଳେ ଶୀତଋତୁରେ ତାହା ଗାଢ ଧୂସର ହୋଇଯାଇଥାଏ ।

***ସମ୍ବନ୍ଧୀୟ ବିଷୟ***
*ଜୀବଜଗତ, ଆଫ୍ରିକା*

▷▷

## ଆଡାମସ୍ ଶୃଙ୍ଗ

ଦକ୍ଷିଣ-ପଶ୍ଚିମ ଶ୍ରୀଲଙ୍କାରେ ଥିବା ୨,୨୪୩ ମିଟର ଉଚ୍ଚତାବିଶିଷ୍ଟ ଏହି ପର୍ବତ ଶୃଙ୍ଗଟିକୁ ବୌଦ୍ଧ, ମୁସଲମାନ ଓ ହିନ୍ଦୁ—ଏ ସମସ୍ତେ ପବିତ୍ର ସ୍ଥାନ ବୋଲି ବିଗ୍ରରିଥା'ନ୍ତି । ପ୍ରତିବର୍ଷ ବହୁସଂଖ୍ୟକ ଭକ୍ତ ଏହି ଶୃଙ୍ଗ ଦର୍ଶନ ନିମନ୍ତେ ଆସିଥା'ନ୍ତି । ମନୁଷ୍ୟ ପଦଚିହ୍ନ ଆକୃତିର ଗୋଟିଏ ସଂକେତ ଆଡାମସ୍ ଶୃଙ୍ଗ ଶିଖରରେ ରହିଛି । ବୁଦ୍ଧ, ଆଡାମ୍ ଓ ଶିବଙ୍କର ଏଇଟି ହେଲା ପଦଚିହ୍ନ ବୋଲି ସେହି-ସବୁ ଧର୍ମାବଲମ୍ବୀ ମାନଙ୍କର ଧାରଣା ରହିଛି ।

***ସମ୍ବନ୍ଧୀୟ ବିଷୟ***
*ହିନ୍ଦୁ ଧର୍ମ, ବୌଦ୍ଧ ଧର୍ମ, ଇସ୍‌ଲାମ, ଶ୍ରୀଲଙ୍କା*

▷▷

## ଆଡେନର, କନ୍‌ରାଡ
(୧୮୭୬-୧୯୬୭)

ଏହି ଜର୍ମାନ ରାଜନୀତିଜ୍ଞ ଓ ରାଷ୍ଟ୍ରନୀତିଜ୍ଞ ହେଲେ ଆଧୁନିକ ଜର୍ମାନୀର ନିର୍ମାତା । ହିଟ୍‌ଲରଙ୍କ ନାଜି ପାର୍ଟି ଦ୍ୱାରା ଦୁଇଥର ବନ୍ଦୀହୋଇ ଆଡେନର ବହୁ-କାଳ ଜେଲରେ କଟାଇଥିଲେ । ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ସେ କୋଲନ ସହରର ମେୟର ହେଲେ ଓ ସେହି ସମୟରେ ଖ୍ରୀଷ୍ଟିଆନ ଡେମୋକ୍ରେଟିକ ଇଉନିଅନ୍ ଦଳ ଗଠନ କରିଥିଲେ । ପରେ ୧୯୪୯ରୁ ୧୯୫୭ ମସିହା ପର୍ଯ୍ୟନ୍ତ ପଶ୍ଚିମ ଜର୍ମାନୀର ଚାନ୍‌ସେଲର ହୋଇ ଯୁଦ୍ଧ ବିଧ୍ୱସ୍ତ ଜର୍ମାନୀର ହୃତଗୌରବ ଫେରାଇ ଆଣିବାରେ ସକ୍ଷମ ହୋଇଥିଲେ । ଦୁଇ ଜର୍ମାନୀର ମିଶ୍ରଣ ନିମନ୍ତେ ସେ ଯେଉଁ ଉଦ୍ୟମ ଆରମ୍ଭ କରିଥିଲେ, ନିଜ ଜୀବଦ୍ଦଶାରେ ନ ହେଲେ ମଧ୍ୟ ତାଙ୍କର ସେହି କାର୍ଯ୍ୟ ବିଂଶ ଶତାବ୍ଦୀର ଶେଷ ଦଶକର ଆରମ୍ଭ ବେଳକୁ ଫଳବତୀ ହୋଇଉଠିଥିଲା ।

***ସମ୍ବନ୍ଧୀୟ ବିଷୟ***
*ଜର୍ମାନୀ, ଆନ୍ତର୍ଜାତୀୟ ସଂପର୍କ*

▷▷

## ଆଡ୍ରିନାଲିନ୍ ଓ ନରଆଡ୍ରିନାଲିନ୍

ଅଧିବୃକକ୍ ବା ଆଡ୍ରିନାଲ ଗ୍ରନ୍ଥି ଦ୍ୱାରା ସୃଷ୍ଟି ହେଉ-ଥିବା ଦୁଇଟି ମହତ୍ତ୍ୱପୂର୍ଣ୍ଣ ଶରୀରରସ । ରସାୟନ-ଶାସ୍ତ୍ର ଦୃଷ୍ଟିରୁ ଏହି ଦୁଇଟି ଯୌଗିକ ଭିତରେ ବିଶେଷ ପାର୍ଥକ୍ୟ ନାହିଁ । ଚିକିତ୍ସାବିଜ୍ଞାନରେ ଉପ-ଯୋଗ ନିମନ୍ତେ ଆଡ୍ରିନାଲିନ୍ ଓ ନରଆଡ୍ରିନାଲିନ୍‌କୁ ଗୃହପାଳିତ ପଶୁଙ୍କ ଠାରୁ ସଂଗ୍ରହ କରାଯାଏ ବା କୃତ୍ରିମ ସଂଶ୍ଳେଷଣ ଦ୍ୱାରା ପ୍ରସ୍ତୁତ କରାଯାଇଥାଏ । ରକ୍ତଚାପ ବୃଦ୍ଧିରେ ଏ ଦୁଇଟି ସାହାଯ୍ୟ କରୁଥିବାରୁ ବହୁପ୍ରକାର ରୋଗ ଚିକିତ୍ସା ନିମନ୍ତେ ଏଗୁଡ଼ିକୁ ବ୍ୟବହାର କରାଯାଇଥାଏ । ଔଷଧ-ପ୍ରତିକ୍ରିୟା ଭଳି କେତେକ ଆଲର୍ଜୀଜନିତ ଅସୁବିଧା ତଥା ହେ-ଜ୍ୱର କ୍ଷେତ୍ରରେ ଆଡ୍ରିନାଲିନ୍ ଦିଆଯାଉଥିବା ବେଳେ ସାଂଘାତିକ ଭାବରେ କମ୍ ରକ୍ତଚାପ ସୃଷ୍ଟି ହୋଇଯାଉଥିବା ପରିସ୍ଥିତିରେ ସ୍ୱାଭାବିକ ରକ୍ତଚାପ ଫେରାଇ ଆଣିବା ନିମନ୍ତେ ନରଆଡ୍ରିନାଲିନ୍‌ର ଉପଯୋଗ କରାଯାଇଥାଏ ।

***ସମ୍ବନ୍ଧୀୟ ବିଷୟ***
*ଚିକିତ୍ସାବିଜ୍ଞାନ, ରସାୟନବିଜ୍ଞାନ, ରୋଗ, ରକ୍ତଚାପ, ଅଧିବୃକକ୍ ଗ୍ରନ୍ଥି*

▷▷

## ଆଣ୍ଟନଭ୍, ଓଲେଗ କନ୍‌ଷ୍ଟାଣ୍ଟିନୋଭିଚ୍
(୧୯୦୬-୮୪)

ପ୍ରସିଦ୍ଧ ସୋଭିଏତ୍ ଉଡ଼ାଜାହାଜ ଡିଜାଇନର । ଅତି ଶକ୍ତିଶାଳୀ ତଥା ଭାରୀ ଓ ଓଜନ ବହନକ୍ଷମ ପରି-ବହନ ଉଡ଼ାଜାହାଜ ଡିଜାଇନ କରିବାରେ ତାଙ୍କର ଅପ୍ରତିଦ୍ୱନ୍ଦ୍ୱୀ ଦକ୍ଷତା ଥିଲା । ଭାରତୀୟ ବିମାନ-ବାହିନୀରେ ଆଣ୍ଟନଭ୍‌ଙ୍କ ନାମ ବହନ କରୁଥିବା (ପ୍ରତୀକ *AN*) ପରିବହନ ବିମାନସବୁ ବହୁଦିନୁ ସାମିଲ ହୋଇ ଦେଶରକ୍ଷାରେ ଗୁରୁତ୍ୱପୂର୍ଣ୍ଣ ଅଂଶ ଗ୍ରହଣ କରିଛନ୍ତି ।

***ସମ୍ବନ୍ଧୀୟ ବିଷୟ***
*ଟେକ୍‌ନୋଲଜି, ନିରାପତ୍ତା, ଉଡ଼ାଜାହାଜ, ସମରବିଜ୍ଞାନ, ପରିବହନ*

▷▷

## ଆଣ୍ଟାର୍କଟିକା

ଏଇଟି ହେଲା ପୃଥିବୀର ପଞ୍ଚମ ବୃହତ୍ତମ ମହା-ଦେଶ । ଦକ୍ଷିଣମେରୁ ଏହି ମହାଦେଶରେ ଅବସ୍ଥିତ । ସମଗ୍ର ଆଣ୍ଟାର୍କଟିକା ଅଞ୍ଚଳଟି ଗୋଟିଏ ବିଶାଳ ବରଫର ଆସ୍ତରଣ ବୋଲି କହିଲେ କିଛି ଅତ୍ୟୁକ୍ତି ହେବନାହିଁ । ଏହି ବରଫ ଆସ୍ତରଣ ସ୍ତରର ସାଧାରଣ ହାରାହାରି ମୋଟେଇ ହେଲା ପ୍ରାୟ ୨୦୦୦ ମିଟର । ମହାଦେଶଟିକୁ ଭୂଗୋଳ ପଣ୍ଡିତମାନେ ଦୁଇଟି ଅଞ୍ଚଳରେ ବିଭକ୍ତ କରି-ଦେଇଛନ୍ତି—ପୂର୍ବ ଓ ପଶ୍ଚିମ ଆଣ୍ଟାର୍କଟିକା । ଏହି ବିରାଟ ଅଞ୍ଚଳଟିର ସେମିତି କିଛି ଆର୍ଥିକ ଗୁରୁତ୍ୱ ନଥିଲେ ମଧ୍ୟ ଭୂବିଜ୍ଞାନ ଦୃଷ୍ଟିରୁ ଏହାର ଗୁରୁତ୍ୱ ଖୁବ୍ ବେଶୀ । ଆନ୍ତର୍ଜାତୀୟ ସହଯୋଗ ଯୋଗୁଁ ଆଣ୍ଟାର୍କଟିକାରେ ଭାରତ ସମେତ ବହୁ ଦେଶର ବିଜ୍ଞାନୀମାନେ ଗବେଷଣା ଚଳାଇ ପାରୁଛନ୍ତି ।

ଆଣ୍ଟାର୍କଟିକାର କ୍ଷେତ୍ରଫଳ ହେଲା ପ୍ରାୟ ୧,୪୨,୦୦,୦୦୦ ବର୍ଗକିଲୋମିଟର । କିନ୍ତୁ ଶୀତଦିନେ ଏହି କ୍ଷେତ୍ରଫଳର ମାତ୍ରା ବଢ଼ିଯାଇଥାଏ ବୋଲି କୁହାଯାଇପାରିବ—କାରଣ ନିକଟରେ ମହାକାଶରୁ କରାଯାଇଥିବା ପର୍ଯ୍ୟବେକ୍ଷଣରୁ ଜଣାପଡ଼ିଛି ଯେ ପ୍ରତିବର୍ଷ ଶୀତଋତୁରେ ସେଠି ସମୁଦ୍ର ଜଳ ଥଣ୍ଡା ହୋଇ ପ୍ରାୟ ୩୨,୦୦,୦୦୦ ହେକ୍ଟର ଆୟତନର ନୂଆ ବା ତାଜା ବରଫ ଆସ୍ତରଣ ସୃଷ୍ଟି ହୋଇଯାଏ ଓ ଗ୍ରୀଷ୍ମ ଋତୁରେ ତାହା ପୁଣି ତରଳି ଯାଇଥାଏ । ଭାରତ ମହାସାଗର, ଆଟ୍‌ଲାଣ୍ଟିକ ମହାସାଗର ଓ ପ୍ରଶାନ୍ତ ମହାସାଗରର ଦକ୍ଷିଣତମ ଅଂଶକୁ ନେଇ ଗଠିତ ଆଣ୍ଟାର୍କଟିକା ମହାସାଗର ଏହି ମହାଦେଶଟିକୁ ଘେରିକରି ରହିଛି । ଆଣ୍ଟାର୍କଟିକାରେ ବହୁସଂଖ୍ୟକ ଉପତ୍ୟକା, ମାଳଭୂମି, ପର୍ବତ ଓ ଆଗ୍ନେୟଗିରି ରହିଛନ୍ତି । ଭୌଗୋଳିକ ଦକ୍ଷିଣମେରୁ ଏହିଭଳି ଏକ ମାଳ-ଭୂମିରେ ଅବସ୍ଥିତ । ଏଠି ଏତେ ଥଣ୍ଡା ହୁଏ ଯେ, ସ୍ଥାୟୀଭାବେ ମନୁଷ୍ୟ ବା ଅନ୍ୟ କୌଣସି ସ୍ଥଳଜୀବ ବାସ କରିବା ସମ୍ଭବ ନୁହେଁ । ପୃଥିବୀର ଶୀତଳତମ ସ୍ଥାନ 'ପୋଲିଅସ ନେଡୋଷ୍ଟୁପ୍‌ନୋଷ୍ଟି' ଏହି ମହାଦେଶରେ ରହିଛି । ଅଳ୍ପ କେଇ ଜାତିର ଉଦ୍‌ଭିଦ ଦେଖାଯା'ନ୍ତି । ସିଲ୍, ପେଙ୍ଗୁଇନ୍, କେତେକ ଜାତିର ମାଛ ଓ କ୍ରିଲ୍ ଆଣ୍ଟାର୍କଟିକା ଉପକୂଳରେ ମିଳନ୍ତି ।

ନିକଟରେ ଜଣାପଡ଼ିଛି ଯେ, ଆଣ୍ଟାର୍କଟିକା ମହାଦେଶର ଅଭ୍ୟନ୍ତରରେ ବହୁ ମୂଲ୍ୟବାନ ଖଣିଜ ପଦାର୍ଥ ଭରି ରହିଛି । ତମ୍ବା, ସୁନା, ସୀସା, ଦସ୍ତା, କ୍ରୋମିଅମ୍, ଆଣ୍ଟିମନି ଓ ଇଉରାନିୟମ୍ ଭଳି ପଦାର୍ଥର ସନ୍ଧାନ ସେଠି ମିଳିଲାଣି । ବହୁ ପରିମାଣର କୋଇଲା ମଧ୍ୟ ଭୂମିତଳେ ଗଚ୍ଛିତ ଅଛି ବୋଲି ଜଣାପଡ଼ିଛି ।




ସାରା ପୃଥିବୀରେ ଥିବା ମଧୁର ଜଳର ୯୦ ଭାଗରୁ ଅଧିକ ଅଂଶ ଏହି ମହାଦେଶଟିର 'କବ୍‌ଜା'ରେ ରହିଛି ବୋଲି କୁହାଯାଇପାରେ । ଚିର ତୁଷାରାବୃତ ଆଣ୍ଟାର୍କଟିକାସ୍ଥିତ ବରଫସ୍ତର, ବରଫଥାକ ଓ ହିମନଦୀ ସବୁରେ ଏହା ରହିଛି ।

୧୮୨୦ ମସିହାରେ ପ୍ରଥମ କରି ଏହି ମହାଦେଶକୁ ଗୋଟିଏ ରୁଷୀୟ ଆବିଷ୍କାରକ ଦଳ ଦେଖିଲେ । ଯୁକ୍ତରାଷ୍ଟ୍ର ଆମେରିକାର ଆଉ ଦଳେ ଆବିଷ୍କାରକ ମଧ୍ୟ ସେହିବର୍ଷ ଆଣ୍ଟାର୍କଟିକା ମହାଦେଶ ଦେଖିଥିଲେ ବୋଲି ଦାବୀ କରିଥିଲେ । ପରେ ବହୁ ଦେଶର ବିଜ୍ଞାନୀମାନେ ଯାଇ ସେ ମହାଦେଶରେ ଦୀର୍ଘ ସମୟ ଧରି ଗବେଷଣା ଶିବିର ସବୁ ସ୍ଥାପନ କରିଆସୁଛନ୍ତି । ୧୯୬୧ ମସିହାରେ ସ୍ୱାକ୍ଷରିତ ହୋଇଥିବା 'ଆଣ୍ଟାର୍କଟିକା ସନ୍ଧି' ଅନୁଯାୟୀ ମାନବଜ୍ଞାନର ବିକାଶ ନିମନ୍ତେ ସେ ଅଞ୍ଚଳର ଉପଯୋଗକୁ ଉତ୍ସର୍ଗ କରାଯାଇଛି । ମହାଦେଶଟି ଉପରେ କୌଣସି ନିର୍ଦ୍ଦିଷ୍ଟ ଦେଶ କୌଣସି ପ୍ରକାର ରାଜନୈତିକ କିମ୍ବା ସାମରିକ ଅଧିକାର ସାବ୍ୟସ୍ତ କରିପାରିବେ ନାହିଁ ବୋଲି ମଧ୍ୟ ଏହି ସନ୍ଧିରେ ଉଲ୍ଲେଖ ରହିଛି ।

ଏତେ ବିଶାଳ ପରିମାଣର ବରଫାକୃତି ଜଳ ଭରି ରହିଥିଲେ ମଧ୍ୟ ଜଳବାୟୁ ଦୃଷ୍ଟିରୁ ଆଣ୍ଟାର୍କଟିକା ମହାଦେଶକୁ ଗୋଟିଏ ବିରାଟ ମରୁଭୂମି ବୋଲି କହିଲେ କିଛି ଅତ୍ୟୁକ୍ତି ହେବ ନାହିଁ । କାରଣ ଦକ୍ଷିଣ ମେରୁ ଯେଉଁ ମାଳଭୂମିରେ ଅବସ୍ଥିତ, ସେଠି ବର୍ଷକୁ ହାରାହାରି ମାତ୍ର ୫୦ ମିଲିମିଟରର ଜଳବର୍ଷା ହୋଇଥାଏ । ଅବଶ୍ୟ ମହାଦେଶର ଉପକୂଳରେ ଏହି ପରିମାଣ ଆନୁପାତିକ ଭାବେ ଯଥେଷ୍ଟ ବେଶୀ ।

ଆଣ୍ଟାର୍କଟିକାର ଗୋଟିଏ ଅଞ୍ଚଳରେ ଥିବା ବରଫସ୍ତରର ପ୍ରାୟ ୪ କିଲୋମିଟର ତଳେ ଗୋଟିଏ ୧୩୦୦୦ ବର୍ଗକିଲୋମିଟର ଏରିଆ ବିଶିଷ୍ଟ ହ୍ରଦର ସନ୍ଧାନ ମିଳିଛି ବୋଲି ୧୯୯୬ ମସିହାରେ ପ୍ରକାଶ ପାଇଛି । ଏହି ହ୍ରଦଟିର ହାରାହାରି ଗଭୀରତା ପ୍ରାୟ ୫୮୦ ମିଟର ବୋଲି କୁହାଯାଉଛି । ଉପରେ ଥିବା ହିମନଦୀ ହ୍ରଦଟିକୁ ଆଣ୍ଟାର୍କଟିକା ପୃଷ୍ଠଦେଶର ଶୀତଳ ଅବସ୍ଥାରୁ ରକ୍ଷା କରିପାରିଛି ଓ ଏହି କାରଣ ସହିତ ପୃଥିବୀ ଅଭ୍ୟନ୍ତରରୁ ଆସୁଥିବା ଭୂତାପୀୟ ତାପ ମିଶିଯିବା ଫଳରେ ସେଠି ଗୋଟିଏ ସ୍ଥାୟୀ ବରଫ ତରଳିବା ଚକ୍ରର ସୃଷ୍ଟି ହୋଇଯାଇଛି । ଏହି ହ୍ରଦଟିରେ କେତେକ ଧରଣର ଅଣୁଜୀବ ଆଇପାରନ୍ତି ବୋଲି କୁହାଯାଉଛି । ଗତ ୨୦ ଲକ୍ଷ ବର୍ଷଧରି ଏହି ହ୍ରଦଟିର ପୃଥିବୀ ପୃଷ୍ଠ ସହ କୌଣସି ପ୍ରକାର ସଂପର୍କ ନ ଥିବାରୁ, ସେସବୁ ଅଣୁଜୀବ କିଭଳି ହୋଇଥିବେ ସେ ବିଷୟରେ ଆଗ୍ରହ ପ୍ରକାଶ ପାଇଛି ।

***ସମ୍ବନ୍ଧୀୟ ବିଷୟ***

*ପୃଥିବୀ, ଜଳବାୟୁ, ଭୂବିଜ୍ଞାନ, ଦକ୍ଷିଣ ମେରୁ, ଆବିଷ୍କାର, ଆଇସ୍‌ବର୍ଗ, ଜଳ, ଭୂଗୋଳ, ଭୂପଦାର୍ଥ-ବିଜ୍ଞାନ, ପରିବହନ, ଭାରତ, ଭୂଅଭ୍ୟନ୍ତର, ଧାତୁ, ପର୍ଯ୍ୟଟନ*

▷▷

## ଆଣ୍ଟାର୍କଟିକା ମହାସାଗର

ଏହାକୁ ଦକ୍ଷିଣ ମହାସାଗର ବୋଲି ମଧ୍ୟ କୁହାଯାଇଥାଏ । ଆଣ୍ଟାର୍କଟିକା ମହାସାଗରଟି ପ୍ରକୃତ ଅର୍ଥରେ ଗୋଟିଏ ସ୍ୱତନ୍ତ୍ର ଜଳରାଶି ନୁହେଁ— ପ୍ରଶାନ୍ତ, ଆଟ୍‌ଲାଣ୍ଟିକ ଓ ଭାରତ ମହାସାଗରର ଦକ୍ଷିଣତମ ଅଂଶ ଗୁଡ଼ିକର ସମଷ୍ଟି ମାତ୍ର । ବହୁ ବିଶେଷ ଧରଣର ଉଦ୍‌ଭିଦ ଓ ସାମୁଦ୍ରିକ ଜୀବନ ପାଇଁ ଆଣ୍ଟାର୍କଟିକା ମହାସାଗର ପ୍ରସିଦ୍ଧ । ଅତିକାୟ ଆଇସ୍‌ବର୍ଗ ସବୁ ଏଥିରେ ଭାସୁଥା'ନ୍ତି । ବର୍ଷର ଅଧିକାଂଶ ସମୟରେ ଏଥିରେ ଜାହାଜ ଚଳାଚଳ ସାଧାରଣ ଭାବେ ହୋଇପାରେ ନାହିଁ ।

***ସମ୍ବନ୍ଧୀୟ ବିଷୟ***

*ଆଣ୍ଟାର୍କଟିକା, ପ୍ରଶାନ୍ତ ମହାସାଗର, ଭାରତ ମହାସାଗର, ଆଟ୍‌ଲାଣ୍ଟିକ ମହାସାଗର, ସାମୁଦ୍ରିକ ଜୀବନ*

▷▷

## ଆଣ୍ଟିଗୁଆ ଓ ବାର୍‌ବୁଡା

ସରକାରୀ ନାମ **ଆଣ୍ଟିଗୁଆ ଓ ବାର୍‌ବୁଡା** ଶାସନବ୍ୟବସ୍ଥା **ସାମ୍ବିଧାନିକ ରାଜତନ୍ତ୍ର— ଦୁଇଟି ବିଧାନ ପରିଷଦ** ରାଷ୍ଟ୍ରମୁଖ୍ୟ **ବ୍ରିଟିଶ ସାମ୍ରାଜ୍ଞୀଙ୍କ ପ୍ରତିନିଧି ଭାବେ ଗଭର୍ଣ୍ଣର-ଜେନେରାଲ** ଶାସନ ମୁଖ୍ୟ **ପ୍ରଧାନମନ୍ତ୍ରୀ** ରାଜଧାନୀ **ସେଣ୍ଟଜନ୍‌ସ୍** ସରକାରୀ ଭାଷା **ଇଂରାଜୀ** ରାଷ୍ଟ୍ରୀୟ ଧର୍ମ **ନାହିଁ** କ୍ଷେତ୍ରଫଳ **୪୪୨ ବର୍ଗକିଲୋମିଟର** ଜନସଂଖ୍ୟା **୬୬,୦୦୦** ମୁଖ୍ୟ ସହର **ସେଣ୍ଟଜନ୍‌ସ୍, ଜନ୍‌ରିଙ୍ଗଟନ** ମୁଦ୍ରା **ପୂର୍ବ କାରିବୀୟ ଡଲାର** ପତାକା **ଲୋହିତ ବର୍ଣ୍ଣ ଦେହରେ କୃଷ୍ଣ, ନୀଳ, ଶ୍ୱେତ ବର୍ଣ୍ଣର ହୋରାଇଜୋଣ୍ଟାଲ ଷ୍ଟ୍ରାଇପ୍ ଥିବା ଏକ ତ୍ରିଭୁଜର କୃଷ୍ଣ ଅଂଶରେ ଉଦୀୟମାନ ସୁବର୍ଣ୍ଣ ସୂର୍ଯ୍ୟ ।**

ତିନୋଟି ଦ୍ୱୀପକୁ ନେଇ କାରିବିଆନ ସାଗରର ଏହି ଦ୍ୱୀପଦେଶଟି ଗଠିତ । ବହୁ କାଳ ଧରି ବ୍ରିଟିଶ ଉପନିବେଶ ଭାବରେ ରହିଥିଲା । ୧୯୮୧ ମସିହାରେ ସ୍ୱାଧୀନତା ଲାଭ କଲା । ଗ୍ରୀଷ୍ମମଣ୍ଡଳୀୟ ଜଳବାୟୁ ଯୋଗୁଁ ଖୁବ୍ ଗରମ ହୁଏ । ଆଣ୍ଟିଗୁଆ ଓ ବାର୍‌ବୁଡାକୁ ଛାଡ଼ିଦେଲେ ଅନ୍ୟ ଦ୍ୱୀପଟି ଜନମାନବ ଶୂନ୍ୟ । ଆଫ୍ରିକୀୟ କ୍ରୀତଦାସମାନଙ୍କ ବଂଶଧରମାନେ ଆସି ଏହିସବୁ ଦ୍ୱୀପରେ ପ୍ରଥମେ ବସତି ସ୍ଥାପନ ଆରମ୍ଭ କଲେ । ଅଧିକାଂଶ ଲୋକ କୃଷିକାର୍ଯ୍ୟରେ ନିୟୋଜିତ । ପର୍ଯ୍ୟଟନ କ୍ଷେତ୍ରରେ ମଧ୍ୟ ଅନେକ ଲୋକ ଲାଗିଛନ୍ତି । ଆଖୁ, ତୁଳା ଓ ପନିପରିବା ବହୁଳ ଭାବେ ଚାଷ ହୁଏ ।

***ସମ୍ବନ୍ଧୀୟ ବିଷୟ***
*ପଶ୍ଚିମ ଭାରତୀୟ ଦ୍ୱୀପପୁଞ୍ଜ, ପ୍ରଶାନ୍ତ ମହାସାଗର*

▷▷

## ଆଣ୍ଟିବାୟୋଟିକ୍

ଏହି ମହତ୍ତ୍ୱପୂର୍ଣ୍ଣ ରାସାୟନିକ ଜୈବ ପଦାର୍ଥଟି ଯୋଗୁଁ କେତେଲୋକଙ୍କ ମୂଲ୍ୟବାନ ଜୀବନ ଯେ ରକ୍ଷା କରିବା ସମ୍ଭବ ହୋଇପାରିଛି ତା'ର ହିସାବ ରଖିବା କଷ୍ଟ । ଆଣ୍ଟିବାୟୋଟିକ୍ ଶବ୍ଦର ପ୍ରକୃତ ଅର୍ଥ 'ଜୀବନର ଶତ୍ରୁ' ହେଲେ ମଧ୍ୟ ଏହା ସବୁ ଜୀବନକୁ ନଷ୍ଟ କରିଦିଏ ନାହିଁ; ଭୟଙ୍କର ଜୀବ ସଂହାରକାରୀ ଅଣୁଜୀବ ବା ଜୀବାଣୁଙ୍କୁହିଁ କେବଳ ବିନାଶ କରିଥାଏ । ଅନ୍ୟ ଜୀବକୋଷର କୌଣସି କ୍ଷତି ନ କରି ଶରୀରରେ ରୋଗ ସୃଷ୍ଟି କରୁଥିବା ଜୀବାଣୁଙ୍କୁ ଆଣ୍ଟିବାୟୋଟିକ୍ ମାରିଦେଇଥାଏ ।

୧୯୨୮ ମସିହାରେ ଆଲେକ୍‌ଜାଣ୍ଡାର ଫ୍ଲେମିଙ୍ଗ ପ୍ରଥମେ ଆଣ୍ଟିବାୟୋଟିକ୍ ଆବିଷ୍କାର କଲେ । ତାକୁ ସେତେବେଳେ 'ପେନିସିଲିନ୍' ବୋଲି କୁହାଗଲା । ପ୍ରକୃତିରେ ବାକ୍‌ଟେରିଆ ଓ ଫଙ୍ଗାଇ କିନ୍ତୁ ମୃତ୍ତିକା ଦେହରେ ଏହି ପଦାର୍ଥ କ୍ଷାରଣ କରୁଥିବା କଥା ଏହା ପୂର୍ବରୁ ଅଳ୍ପ ଅଳ୍ପ ଜଣା ପଡ଼ିଥିଲା । ସେବେଠାରୁ ବହୁ ଧରଣର ଉନ୍ନତ ଆଣ୍ଟିବାୟୋଟିକ୍ ସବୁ ତିଆରି ହେଲାଣି । କିନ୍ତୁ ସବୁ ଧରଣର ଆଣ୍ଟିବାୟୋଟିକ୍ ସବୁବେଳେ ଶରୀର ପକ୍ଷେ ହିତକର ନୁହେଁ । ରୋଗ ଚିକିତ୍ସା କଲାବେଳେ ଡାକ୍ତରମାନେ ତେଣୁ ନିର୍ଦ୍ଦିଷ୍ଟ ରୋଗ ପାଇଁ ନିର୍ଦ୍ଦିଷ୍ଟ ଆଣ୍ଟିବାୟୋଟିକ୍‌ର ବ୍ୟବସ୍ଥା କରିଥା'ନ୍ତି । ଅନେକ ପ୍ରକାରର ଏହି ଔଷଧ ମିଳୁଥିଲେ ମଧ୍ୟ ପ୍ରାୟ ସାତ-ଆଠଟି ପ୍ରକାର ଆଣ୍ଟିବାୟୋଟିକ୍ ହିଁ ଚିକିତ୍ସା ଉଦ୍ଦେଶ୍ୟରେ ବହୁଳ ଉପଯୋଗ ହୋଇଥାଏ ।

***ସମ୍ବନ୍ଧୀୟ ବିଷୟ***
*ଚିକିତ୍ସାବିଜ୍ଞାନ, ଔଷଧ, ଟେକ୍‌ନୋଲଜି, ଜୀବ-ରସାୟନବିଜ୍ଞାନ, ପେନିସିଲିନ୍, ରୋଗ*

▷▷

## ଆଣ୍ଟିମନି

ଏଇଟି ଗୋଟିଏ ରାସାୟନିକ ମୌଳିକ ଉପାଦାନ । ଦେଖିବାକୁ ରୂପା ଭଳି ଧଳା ଓ ଉଜ୍ଜ୍ୱଳ । ଆଣ୍ଟିମନି ଧାତୁ ଖୁବ୍ ଟାଣ । ବିଶୁଦ୍ଧ ଅବସ୍ଥାରେ ଏହି ଧାତୁଟିର ସେଭଳି କିଛି ବ୍ୟବହାର ନ ଥିଲେ ମଧ୍ୟ ଅନ୍ୟ ପଦାର୍ଥ ସହିତ ମିଶିଗଲେ ଖୁବ୍ ଉପଯୋଗୀ ହୋଇଉଠେ । ସୀସାରେ ଆଣ୍ଟିମନି ମିଶାଇ ଛାପା ଅକ୍ଷର ତିଆରି କରାଯାଉଥିଲା । ମିଶ୍ର ଧାତୁ ଭାବେ ଭିନ୍ନ ଭିନ୍ନ ମେସିନ ଯନ୍ତ୍ରାଂଶ ନିର୍ମାଣରେ ମଧ୍ୟ ଏହା ଲାଗେ ।

| | |
|---|---|
| *ପାରମାଣବିକ ନମ୍ବର* | *୫୧* |
| *ପାରମାଣବିକ ଓଜନ* | *୧୨୧.୭୫* |
| *ଗଳନାଙ୍କ* | *୬୩୦.୫° ସେ* |
| *ସ୍ଫୁଟନାଙ୍କ* | *୧୩୮୦° ସେ* |

***ସମ୍ବନ୍ଧୀୟ ବିଷୟ***
*ଧାତୁ, ଯୌଗିକ ପଦାର୍ଥ, ମୁଦ୍ରଣ*

▷▷

## ଆଣ୍ଟିମାଟର

ଏହାକୁ 'ପ୍ରତିପଦାର୍ଥ' ବୋଲି ମଧ୍ୟ କୁହାଯାଇପାରେ । ପଦାର୍ଥ ଯେଉଁ ସୂକ୍ଷ୍ମ ପାରମାଣବିକ କଣ ସବୁକୁ ନେଇ ଗଢ଼ା ହୋଇଛି, ପ୍ରତିପଦାର୍ଥ ସେହିସବୁ କଣର ସମଷ୍ଟି ହେଲେ ମଧ୍ୟ ପଦାର୍ଥର ବିପରୀତ ଗ୍ରର୍ଜ ବା ଆବେଶ ବହନ କରିଥାଏ । ପଦାର୍ଥ ଓ ପ୍ରତିପଦାର୍ଥ ପାଖାପାଖି ବେଶୀ ସମୟ ପାଇଁ ରହିବା ଅସମ୍ଭବ—କାରଣ ସେମାନେ ହେଲେ ପ୍ରକୃତିରେ ପରସ୍ପର ବିନାଶୀ । ଏହି ବିନାଶ ପ୍ରକ୍ରିୟାରୁ ଯଥେଷ୍ଟ ପରିମାଣର ଉର୍ଜା ସୃଷ୍ଟି ହୋଇଥାଏ ।

ଫିଜିକ୍‌ସ୍ ଲାବୋରେଟରୀର ଗବେଷକମାନେ ସେକେଣ୍ଡକର ୪୦୦୦ କୋଟି ଭାଗରୁ ଭାଗେ ସମୟ ପର୍ଯ୍ୟନ୍ତ ସେହି ପରମାଣୁଟିକୁ ଧରି ରଖିପାରିଥିଲେ । ପ୍ରକୃତିରେ ଏଭଳି ବିପରୀତ 'ପଦାର୍ଥ' ସୃଷ୍ଟିହେବାର ଏହା ପ୍ରଥମ ସୂଚନା ବୋଲି କୁହାଯାଉଥିଲା । ସେହିବର୍ଷ ନଭେମ୍ବର ମାସରେ ଦଳେ ଆମେରିକୀୟ ପଦାର୍ଥବିଦ୍ୟାବିତ୍ ମଧ୍ୟ ଦାବୀ କରିଛନ୍ତି ଯେ ନିର୍ଦ୍ଦିଷ୍ଟ ପରିମାଣର ଆଣ୍ଟିମାଟର ତିଆରି କରିଦେବାକୁ ସେମାନେ ସମର୍ଥ ହୋଇଛନ୍ତି ।

୧୯୯୭ ମସିହା ଏପ୍ରିଲ ମାସରେ ଗୋଟିଏ ଗାମାରଶ୍ମି ମହାକାଶ ପ୍ରୋବ୍ ପଠାଇଥିବା ତଥ୍ୟକୁ ପର୍ଯ୍ୟାଲୋଚନା କରି କେତେକ ଜ୍ୟୋତିର୍ପଦାର୍ଥବିଜ୍ଞାନୀ କିନ୍ତୁ ପ୍ରକାଶ କରିଛନ୍ତି ଯେ ଛାୟାପଥ ଗାଲାକ୍‌ସୀର କେନ୍ଦ୍ରରୁ ବିଶାଳ ପରିମାଣର ଆଣ୍ଟିମାଟର କିରଣ-ଗୁଚ୍ଛ ବାହାରି ଶହ ଶହ କୋଟି କିଲୋମିଟର ଦୂରତାରେ ବ୍ୟାପି ଯିବା କଥା ଜଣାପଡୁଛି । ଏହା କିଭଳି ସମ୍ଭବ ହେଉଛି, ସେ ବିଷୟରେ କିନ୍ତୁ ନିର୍ଦ୍ଦିଷ୍ଟ ଭାବରେ କିଛି କୁହାଯାଇ




ପଦାର୍ଥ ଓ ଆଣ୍ଟିମାଟର କଣ ଯଦି ମିଳିତ ହୋଇଗଲେ ତେବେ ସେମାନେ ପରସ୍ପରକୁ 'ବିଲୋପନ' କରିଦେଇ ସଂପୂର୍ଣ୍ଣ ଉର୍ଜାରେ ପରିଣତ ହୋଇଯାଇଥା'ନ୍ତି । ତେଣୁ ପଦାର୍ଥ ଜଗତରେ ପ୍ରତିପଦାର୍ଥର କଣ ମିଳିବା ସହଜ ନୁହେଁ ।

ପ୍ରସିଦ୍ଧ ଇଂରେଜ ପଦାର୍ଥବିଦ୍ୟାବିତ୍ ପି.ଏ.ଏମ୍. ଡିରାକ ପ୍ରଥମ କରି ଆଣ୍ଟିମାଟର କଥା କହିଥିଲେ । ପରେ ଏହାର ଉପସ୍ଥିତି କଥା ପରୀକ୍ଷାଗାରରେ ପ୍ରମାଣିତ ହେଲା । ସାଧାରଣ ପଦାର୍ଥରେ ଥିବା ଇଲେକ୍‌ଟ୍ରନ୍ ଋଣାତ୍ମକ ଗ୍ରର୍ଜବିଶିଷ୍ଟ ହୋଇଥିଲାବେଳେ ଆଣ୍ଟିମାଟରର ଇଲେକ୍‌ଟ୍ରନ୍ ଧନାତ୍ମକ ଗ୍ରର୍ଜ ବିଶିଷ୍ଟ ହୋଇଥାଏ ଓ ଏହାକୁ 'ପଜିଟ୍ରନ୍' ବୋଲି କୁହାଯାଏ । ଆଣ୍ଟିମାଟରର ନିଉଟ୍ରନ୍ ଓ ପ୍ରୋଟନ୍‌କୁ ଯଥାକ୍ରମେ ଆଣ୍ଟିନିଉଟ୍ରନ୍ ଓ ଆଣ୍ଟିପ୍ରୋଟନ୍ ବୋଲି କୁହାଯାଇଥାଏ ।

୧୯୯୬ ମସିହା ଆରମ୍ଭରେ ପ୍ରକାଶ ପାଇଥିଲା ଯେ ଆଣ୍ଟିମାଟରର ଗୋଟିଏ ସଂପୂର୍ଣ୍ଣ ପରମାଣୁ ସୃଷ୍ଟି କରିଦେବା କଥା ପରୀକ୍ଷାଗାରରେ ସମ୍ଭବ ହୋଇଛି । ଇଉରୋପୀୟ ପାର୍ଟିକଲ୍

ପାରୁନାହିଁ—କାରଣ ପୂର୍ବରୁ ବିଶ୍ୱର କୌଣସି ଅଞ୍ଚଳରେ ଆଣ୍ଟିମାଟର ଥିବା କଥାର ପ୍ରମାଣ ମିଳିନଥିଲା; ପଣ୍ଡିତମାନେ କହୁଥିଲେ ଯେ ବିଶ୍ୱ ସୃଷ୍ଟି ସମୟରୁ ହିଁ ପଦାର୍ଥ ବା ମାଟର ସହିତ ସଂଘର୍ଷ ଫଳରେ ସବୁଯାକ ଆଣ୍ଟିମାଟରର ସତ୍ତା ଆମପାଇଁ ଲୋପ ହୋଇଯାଇଥିଲା ।

***ସମ୍ବନ୍ଧୀୟ ବିଷୟ***
*ପଦାର୍ଥ, ପଦାର୍ଥବିଜ୍ଞାନ, ଅଣୁ, ପରମାଣୁ, ଗ୍ରର୍ଜ, କ୍ୱାଣ୍ଟମ ତତ୍ତ୍ୱ, ବିଶ୍ୱ, ମୌଳିକ କଣ, ପଜିଟ୍ରନ୍, କସ୍‌ମୋଲଜି, ବ୍ଲାକ୍‌ହୋଲ୍*

▷▷

## ଆଣ୍ଟେନା

ଇଲେକ୍‌ଟ୍ରୋନିକ ବ୍ୟବସ୍ଥା ସମୂହରେ ବୈଦ୍ୟୁତିକ ଆବେଗରୁ ରେଡିଓ ତରଙ୍ଗ ସୃଷ୍ଟି ନିମନ୍ତେ

ଲାଗୁଥିବା ଯାନ୍ତ୍ରିକ ଅଂଶ । ଏଗୁଡ଼ିକୁ ସାଧାରଣ ଭାବେ ଟ୍ରାନ୍ସମିଟିଙ୍ଗ ଆଣ୍ଟେନା ବୋଲି ମଧ୍ୟ କୁହାଯାଏ । ଏହାର ବୀପରିତ କାର୍ଯ୍ୟ କରୁଥିବା, ଅର୍ଥାତ୍ ରେଡିଓ ତରଙ୍ଗକୁ ଧରି ତାହାକୁ ବିଦ୍ୟୁତ୍ ଆବେଗରେ ପରିଣତ କରିଦେଇ ପାରୁଥିବା ଆଣ୍ଟେନା ଯନ୍ତ୍ର ମଧ୍ୟ ରହିଛି । ସେଗୁଡ଼ିକୁ ରିସିଭିଙ୍ଗ ଆଣ୍ଟେନା ବୋଲି କୁହାଯାଏ । ସମସ୍ତ ପ୍ରକାର ଇଲେକ୍ଟ୍ରୋନିକ ଯୋଗାଯୋଗ ନେଟ୍‌ୱାର୍କର ଏହି ଯନ୍ତ୍ରାଂଶଟି ହେଲା ଗୋଟିଏ ଅବିଚ୍ଛେଦ୍ୟ ଅଙ୍ଗ ।

ଉପଯୋଗକୁ ବିଚାରକୁ ନେଇ ଆଣ୍ଟେନା ଗୁଡ଼ିକୁ ଭିନ୍ନ ଭିନ୍ନ ଆକୃତି ଓ ରୂପରେ ତିଆରି କରାଯାଇଥାଏ । ଟ୍ରାଞ୍ଜିଷ୍ଟର ରେଡିଓରେ ଲାଗୁଥିବା ଏକ 'ଛଡ଼' ବିଶିଷ୍ଟ ଏରିଏଲ୍ ଠାରୁ ଆରମ୍ଭ କରି ଅତିକାୟ ରେଡିଓ ଟେଲିସ୍କୋପରେ ଲାଗୁଥିବା ଶହ ଶହ ମିଟର ବ୍ୟାସ ବିଶିଷ୍ଟ ଡିସ୍—ଏସବୁ ହେଲେ ମୌଳିକ ଦୃଷ୍ଟିରୁ ଗୋଟିଏ ଗୋଟିଏ ଆଣ୍ଟେନା ।




କୀଟପତଙ୍ଗ ଜଗତରେ ମଧ୍ୟ ଆବଶ୍ୟକ ସ୍ଥଳେ ପ୍ରକୃତି 'ଆଣ୍ଟେନା' ବ୍ୟବସ୍ଥା ଖଞ୍ଜିଦେଇଛି କେତେକ ସ୍ୱତନ୍ତ୍ର ଧରଣର କାର୍ଯ୍ୟ କରିବା ନିମନ୍ତେ । ଚିତ୍ରରେ, ମଶାର କାନ ଉପରେ ଥିବା ଶବ୍ଦସ୍ପନ୍ଦିତ ସମ୍ବେଦନଶୀଳ ଆଣ୍ଟେନା ଦଣ୍ଡ ।

ବିଭିନ୍ନ ପ୍ରକାରର ଇଲେକ୍ଟ୍ରୋମାଗ୍ନେଟିକ ତରଙ୍ଗହିଁ ହେଲା ଆଣ୍ଟେନା ପଠାଉଥିବା ବା ଗ୍ରହଣ କରୁଥିବା ପୁଞ୍ଜ । ଜର୍ମାନ ପଦାର୍ଥବିଦ୍ୟାବିତ୍ ହର୍ଜ, ବୈଜ୍ଞାନିକ ଗବେଷଣା ନିମନ୍ତେ ପ୍ରଥମ କରି ଗୋଟିଏ ଅତି ସରଳ ଆଣ୍ଟେନା ତିଆରି କରିଥିଲେ । ପରେ ମାର୍କୋନି ଏହି ଧରଣର ଯନ୍ତ୍ରାଂଶରେ ବିକାଶ ଘଟାଇବାକୁ ସମର୍ଥ ହୋଇଥିଲେ । କିନ୍ତୁ ଇଲେକ୍ଟ୍ରୋନିକ ଅସିଲେଟର ବା ଦୋଳକ ବାହାରି ପଡ଼ିଲା ପରେ ଯାଇ ଆଣ୍ଟେନା ଡିଜାଇନ କ୍ଷେତ୍ରରେ ବୈପ୍ଲବିକ ପରିବର୍ତ୍ତନ ଆସିଗଲା । ପରେ ଇଲେକ୍ଟ୍ରୋମାଗ୍ନେଟିକ ସ୍ପେକ୍ଟ୍ରମର ବିଭିନ୍ନ ଅଂଶକୁ ସଫଳତାର ସହିତ ଯୋଗାଯୋଗ କାର୍ଯ୍ୟରେ ଲଗାଯାଇ ପାରିବାରୁ, ଟେକ୍ନୋଲଜି ଦୃଷ୍ଟିରୁ ନୂଆ ନୂଆ ଧରଣର ଆଣ୍ଟେନା ସବୁ ତିଆରି କରିବାକୁ ପଡ଼ିଲା ।

**ସମ୍ବନ୍ଧୀୟ ବିଷୟ**

*ଇଲେକ୍ଟ୍ରୋନିକସ୍, ଉପଗ୍ରହ ଯୋଗାଯୋଗ, ରେଡିଓ, ଟେଲିଭିଜନ, ରେଡିଓ ଟେଲିସ୍କୋପ, ଇଲେକ୍ଟ୍ରୋମାଗ୍ନେଟିକ ବିକିରଣ, ଟେକ୍ନୋଲଜି, ହେନେରିକ ହର୍ଜ, ଗୁଲିଏଲ୍ମୋ ମାର୍କୋନି, କୀଟପତଙ୍ଗ*

▷▷

## ଆଣ୍ଠୁ

ଦେହର ଯେଉଁଠି ଖଣ୍ଡେ ହାଡ଼ ସହିତ ଆଉ ଖଣ୍ଡେ ହାଡ଼ ଯୋଡ଼ି ଦିଆଯାଇଛି ସେଠାରେ ଗୋଟିଏ ଜଏଣ୍ଟ ବା ଗଣ୍ଠି ତିଆରି ହୋଇଯାଇଛି । ମଣିଷ ଦେହର ଗୋଟାଏ ଗଣ୍ଠି ଆଣ୍ଠୁକୁ ଯେତେବେଳେ ତିଆରି କରାଗଲା, ସେତେବେଳେ ବହୁତ କିଛି ବୁଦ୍ଧି ଖର୍ଚ୍ଚ କରାଗଲା । ସେମିତି କରିବାର ଗୋଟାଏ କାରଣ ଅଛି । ମଣିଷ ଦିନେ ଥିଲା 'ଚାରିଗୋଡ଼ିଆ' । ପରେ ପ୍ରକୃତି ତା'ର ଆଗ ଦୁଇ ଗୋଡ଼କୁ ହାତ କରିଦେଲା ଓ ତାକୁ ଦି'ଗୋଡ଼ିଆ କରି ସିଧା ଠିଆ କରାଇ ଦେଲା । ଯେତେବେଳେ ଏମିତି କଲା ସେତେବେଳେ ଗୋଡ଼ ଉପରେ ଦେହଟାର ବୋଝକୁ ସମ୍ଭାଳିବା ଦାୟିତ୍ୱ ପଡ଼ିଗଲା । ଦେହଟାର ବାଲାନ୍ସ ମଧ୍ୟ ଆଣ୍ଠୁ ରଖୁଛି । ତାହାରି ଉପରେ 'ଟଳଟଳିଆ' ଶରୀରଟି ରହିଛି । ତେଣୁ ଏହାକୁ ଅନ୍ୟ ସବୁ ଗଣ୍ଠି ଠାରୁ ମଜବୁତ କରାଯାଇଛି । ତାକୁ ରକ୍ଷା କରିବା ପାଇଁ ଗୋଟାଏ 'ହାଡ଼ଟୋପି' ତା' ଆଗରେ ଖଞ୍ଜିଦିଆଯାଇଛି ।



ଆଣ୍ଠୁ ହେଲା ମାନବ ଅସ୍ଥିବିଭାଗର ସବୁଠାରୁ ବଡ଼ ଜଏଣ୍ଟ । ଶରୀରର ଭାର ବା ବୋଝ ସମ୍ଭାଳିବା ସହିତ ବହୁ ଅଧିକ ପ୍ରକାର କାର୍ଯ୍ୟର ଦାୟିତ୍ୱ ପ୍ରକୃତି ଏହା ଉପରେ ଦେଇଦେଇଛି ।

**ସମ୍ବନ୍ଧୀୟ ବିଷୟ**

*ମାନବଶରୀର, ଅସ୍ଥି ଓ ଅସ୍ଥିବିଭାଗ, କ୍ରୀଡା, ମାନବୀୟ ଇଭୋଲୁସନ, ଦ୍ୱିପାଦିତା*

▷▷

## ଆଣ୍ଡରସନ୍, ହାନ୍ସ୍ କ୍ରିଷ୍ଟିଆନ (୧୮୦୫-୧୮୭୫)

ଇଉରୋପ ମହାଦେଶର ଡେନ୍ମାର୍କରେ ଜନ୍ମଲାଭ କରିଥିବା ଏହି ପ୍ରସିଦ୍ଧ ଲେଖକ ଜଣେ ଶିଶୁ ସାହିତ୍ୟ ରଚୟିତା ଭାବରେ ସମଗ୍ର ପୃଥିବୀରେ ଖ୍ୟାତି ଅର୍ଜନ କରିଥିଲେ । ଆଣ୍ଡରସନ୍ଙ୍କ ଲେଖାରେ ଯେଭଳି ଚମତ୍କାର ସୌନ୍ଦର୍ଯ୍ୟ ଭରି ରହିଥିଲା ତାଙ୍କ ଜୀବନ ସଂଗ୍ରାମ ମଧ୍ୟ ସେହି ତୁଳନାରେ ଚମକପ୍ରଦ ଓ ଶିକ୍ଷଣୀୟ । ଜୀବନରେ ସେ ଧୀରେ ଧୀରେ ଉପରକୁ ଉଠି ଉଠି ଯାଇଥିଲେ । ଯେଉଁ ବୟସରେ ଭାବନାର ଅସଲ ଛାପ ପଡ଼େ, ସେହି ବୟସରେ ପୃଥିବୀର ଲକ୍ଷ ଲକ୍ଷ ଶିଶୁ ବା ପିଲା ନିଜ ମାତୃଭାଷା ମାଧ୍ୟମରେ ତାଙ୍କ ଶିଶୁ ସାହିତ୍ୟ ପଢ଼ି ନିଶ୍ଚିତ ଭାବରେ ପ୍ରଭାବିତ ହୋଇଛନ୍ତି ବୋଲି କୁହାଯାଇ ପାରିବ । 'ଫେୟାରୀ ଟେଲସ୍' ଓ ଅନ୍ୟାନ୍ୟ ଅନେକ ପୁସ୍ତକର ସେ ହେଲେ ସ୍ରଷ୍ଟା ।



ହାନ୍ସ୍ କ୍ରିଷ୍ଟିଆନ ଆଣ୍ଡରସନ୍

**ସମ୍ବନ୍ଧୀୟ ବିଷୟ**

*ବିଶ୍ୱ ସାହିତ୍ୟ, ଶିଶୁ ସାହିତ୍ୟ, ଅନୁବାଦ*

▷▷

## ଆଣ୍ଡାମାନ ଦ୍ୱୀପପୁଞ୍ଜ

ଯାହାକୁ କୁହନ୍ତି "ସ୍ଥାନ ଗୁଣେହିଁ ସୁବିଧା"—ସେମିତିକା କଥାଟିଏ ହୋଇଛି ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜରେ । ଭାରତ ମହାସାଗରରେ ଏହା କେଉଁଠି ରହିଛି ମାନଚିତ୍ର ଦେଖିଦେଲେ ସହଜରେ ବୁଝିହୋଇଯିବ । ଏହା ବିଷୟରେ କାହିଁକି ଏତେ ଆଲୋଚନା ହେଉଛି ତା'ର କାରଣ ଅଛି । ଭାରତ ସହିତ ବଙ୍ଗଳାଦେଶ, ମ୍ୟାନ୍ମାର୍ର ଦୃଷ୍ଟି ମଧ୍ୟ ଏହା ଉପରେ ବରାବର ରହିଛି । କାରଣ ଯଦି କେତେବେଳେ ଭାରତ ମହାସାଗରରେ ଯୁଦ୍ଧ ହୋଇଯିବ ଏଇଟି ନିଶ୍ଚୟ ଗୋଟିଏ ବଡ଼ ଘାଟୀ ହୋଇଯିବ । ଆଣ୍ଡାମାନରେ ରହିଛି ମୁଖ୍ୟତଃ ୨୦୪ ଗୋଟି ଛୋଟ ବଡ଼

ଦ୍ୱୀପ ଓ ନିକୋବରରେ ୧୯ଟି । କିନ୍ତୁ ଏ ଅଞ୍ଚଳର ସବୁ ଦ୍ୱୀପକୁ ମିଶାଇଲେ ସେମାନଙ୍କ ସଂଖ୍ୟା ହୋଇଯିବ ୩,୦୦୦ରୁ ଊର୍ଦ୍ଧ୍ୱ ।

ଏଠା ଆଦିମ ଲୋକେ ଖୁବ୍ ସାହସୀ ଥିଲେ । ବିଦେଶୀମାନେ ସେଠାକୁ ଯେତେବେଳେ ଗଲେ






ଆଣ୍ଡାମାନ ଦ୍ୱୀପପୁଞ୍ଜ

ସେମାନେ ପ୍ରବଳ ବାଧାଦେଲେ । କିନ୍ତୁ ଶେଷରେ ଏହି ଅଞ୍ଚଳକୁ ଇଂରେଜମାନେ ଦଖଲ କରି ରହିଲେ । ଇଉନିଅନ୍ ଟେରିଟରି ଭାବେ ଏହା ଭାରତର ଗୋଟିଏ ଅଂଶ ହୋଇ ରହିଛି ।

ଦୁଇଟି କାରଣରୁ ଭାରତର ଲୋକେ ଅନେକ ସମୟରେ ଆଣ୍ଡାମାନ କଥା ପକାନ୍ତି । ପ୍ରଥମଟି ହେଲା ଏହାର ନିରାପତ୍ତା ଦୃଷ୍ଟିରୁ ଗୁରୁତ୍ୱ । ଦ୍ୱିତୀୟଟି ହେଲା ଭାରତର ନିକଟ ଇତିହାସ । ଏ ଦେଶ ପରାଧୀନ ହେଲାପରେ ୧୮୫୭ ମସିହାରେ ଭାରତର ଲୋକେ ଇଂରେଜମାନଙ୍କ ବିରୁଦ୍ଧରେ ବିପ୍ଳବ କଲେ । ଇଂରେଜମାନେ ରକ୍ତ-ମୁହାଁ ହୋଇ ହଜାର ହଜାର ସିପାହୀ ଓ ଅନ୍ୟ ସାଧାରଣ ଲୋକଙ୍କୁ ମାରିଦେଲେ । ଯେଉଁମାନେ ଯୁଦ୍ଧରେ ଯୋଗ ଦେଇଥିଲେ ସେମାନଙ୍କୁ ଭାରତରେ ଆଉ ରଖିବା ନିରାପଦ ହେବନାହିଁ ବୋଲି ଭାବି ଇଂରେଜମାନେ ଏହି ଆଣ୍ଡାମାନ ଦ୍ୱୀପକୁ ନେଇଗଲେ । ସେତେବେଳେ କୁହା-ଯାଉଥିଲା ଯେ ସେମାନଙ୍କୁ 'କଳାପାଣି ପାର' କରି ଦିଆଯାଉଥିଲା । ଯେଉଁମାନଙ୍କୁ ନେଇଥିଲେ, ସେହିମାନଙ୍କୁ କାମରେ ଲଗାଇ ସେଠି ଗୋଟିଏ ବଡ଼ ଜେଲ ତିଆରି କରିଦେଲେ ଓ ତାହାରି ଭିତରେ କେତେ ହଜାର ଲୋକଙ୍କୁ ରଖିଦେଲେ । ଭାରତରେ ଯେଉଁମାନେ ନରହତ୍ୟା ଯୋଗୁଁ ଦଣ୍ଡ ପାଉଥିଲେ ସେମାନଙ୍କୁ ମଧ୍ୟ ନେଇ ସେଠାରେ ରଖିଲେ । ପରେ ଭାରତର ବହୁ ଦେଶଭକ୍ତଙ୍କୁ ସେମାନେ ରାଜଦ୍ରୋହ କରିଛନ୍ତି ବୋଲି କହି ଆଣ୍ଡାମାନର ସେହି ସେଲୁଲାର ଜେଲରେ ବର୍ଷ ବର୍ଷ ଧରି ବନ୍ଦୀ କରି ରଖାଗଲା ।

୧୮୭୨ ମସିହାରେ ଭାରତର ଭାଇସ୍‌ରାୟ ଲର୍ଡ ମେୟୋ ସେଠାକୁ ଯାଇଥିଲେ । ଜଣେ ବନ୍ଦୀ ସେହିଠାରେ ତାଙ୍କୁ ହତ୍ୟା କରିଦେଲେ । ଇଂରେଜ-ମାନେ ଭାରତରେ ଯେଉଁ ଅତ୍ୟାଚାର କରିଥିଲେ ତାହାର ପ୍ରତିଶୋଧ ନେବାପାଇଁ ସେ ଏହା କଲେ ବୋଲି ପ୍ରକାଶ ପାଇଲା ।

ଏହିସବୁ ଦ୍ୱୀପର ମୋଟ ଏରିଆ ହେଉଛି ୮୩୨୭ ବର୍ଗକିଲୋମିଟର ବା ୩୨୧୫ ବର୍ଗମାଇଲ । ଲୋକସଂଖ୍ୟା ୨,୮୦,୬୬୧ । ପୋର୍ଟବ୍ଲେୟାର ହେଉଛି ଆଣ୍ଡାମାନର ଶାସନ କେନ୍ଦ୍ର । କଲିକତା ଓ ମାଡ୍ରାଜଠାରୁ ଏହା ଯଥା-କ୍ରମେ ୧୨୫୫ ଓ ୧୧୯୦ କିଲୋମିଟର ଦୂର । ଏହି ଦ୍ୱୀପଗୋଷ୍ଠୀର ନାମ କିଭଳି 'ଆଣ୍ଡା-ମାନ' ହେଲା ତାହା ଖୁବ୍ କୌତୁହଳଜନକ ତଥା ଶିକ୍ଷାପ୍ରଦ । ପ୍ରସିଦ୍ଧ ଭୂଗୋଳବେତ୍ତା ଟଲେମି ଦ୍ୱିତୀୟ ଶତାବ୍ଦୀରେ ଏହାକୁ 'ଆଙ୍ଗମାଟି' ବୋଲି ଉଲ୍ଲେଖ କରିଛନ୍ତି । ସପ୍ତମ ଶତାବ୍ଦୀରେ କେତେକ ଚୀନା ପରିବ୍ରାଜକ ଏହି ଦ୍ୱୀପକୁ ନ ଯାଇଥିଲେ ମଧ୍ୟ ସେମାନଙ୍କ ଭ୍ରମଣ ବୃତ୍ତାନ୍ତରେ 'ଦୁଇ ଆଙ୍ଗା-ମାନ'ର ଉଲ୍ଲେଖ କରିଛନ୍ତି । ଆରବର ବଣିକ ମାନେ କିନ୍ତୁ ପରେ ସେଠାକୁ ଯାଇଥିଲେ । ଏକା-ଦଶ ଶତାବ୍ଦୀରେ ସମ୍ରାଟ ଦ୍ୱିତୀୟ ରାଜେନ୍ଦ୍ର ଚୋଳ ଏହି ଦ୍ୱୀପପୁଞ୍ଜଟିକୁ ଜୟ କରିଥିଲେ । କେତେକ ଐତିହାସିକଙ୍କ ମତରେ ହନୁମାନ ଶବ୍ଦରୁ ଏହାର ନାମ ଆଙ୍ଗାମାନ ବା ଆଣ୍ଡାମାନ ବୋଲି ହୋଇଛି; କାରଣ ମାଳୟଭାଷାରେ ଆଣ୍ଡାମାନକୁ 'ହଣ୍ଡୁମାନ' ବୋଲି କୁହାଯାଉଥିଲା ଓ ହନୁମାନ ଶବ୍ଦରୁ ହଣ୍ଡୁ-ମାନ ହେବା ଖୁବ୍ ସମ୍ଭବ । ଉପନିବେଶବାଦୀ ଇଂରେଜମାନେ ଏସିଆ ମହାଦେଶର ବହୁ ସ୍ଥାନର ନାମକୁ ନିଜ ଇଚ୍ଛାନୁସାରେ ଲେଖିଦେଲା ଭଳି ଏହି ଦ୍ୱୀପପୁଞ୍ଜଟିର ନାମକୁ ମଧ୍ୟ ଆଣ୍ଡାମାନ ବୋଲି ରଖି-ଦେଲେ । ସ୍ୱାଧୀନତା ପରେ ଏ ଦୁଇଟିର ନାମ ବଦଳାଇ କିନ୍ତୁ 'ସ୍ୱରାଜ୍ୟ ଦ୍ୱୀପ' ଓ 'ଶହୀଦ ଦ୍ୱୀପ' ରଖିବା ପାଇଁ ଦାବୀ ଉଠିଥିଲା ।

***ସମ୍ବନ୍ଧୀୟ ବିଷୟ***

*ଭାରତ, ବଙ୍ଗୋପସାଗର, ଆଦିମ ଅଧିବାସୀ, ନୃତତ୍ତ୍ୱ, ପ୍ରଥମ ସ୍ୱାଧୀନତା ସଂଗ୍ରାମ, କଳାପାଣି, ଆଣ୍ଡାମାନ ସାଗର*

▷▷

## ଆଣ୍ଡାମାନ ସାଗର

ଉତ୍ତର-ପୂର୍ବ ଭାରତ ମହାସାଗରର ଗୋଟିଏ ଅଂଶ । କ୍ଷେତ୍ରଫଳ ପ୍ରାୟ ୭,୯୮,୦୦୦ ବର୍ଗ-କିଲୋମିଟର । ଭାରତ ଓ ଚୀନ ଭିତରେ କାର-ବାର ନିମନ୍ତେ ମାଲାକା ପ୍ରଣାଳୀ ଦେଇ ଯାଉଥିବା ସାମୁଦ୍ରିକ ବାଣିଜ୍ୟ ପଥ ଯୋଗୁଁ ଏହି ସାଗରର ଗୁରୁତ୍ୱ ରହିଛି । ମ୍ୟାନ୍‌ମାର୍ ଦେଶ ଏହାର ଉତ୍ତର ଓ ପୂର୍ବ ଉପକୂଳରେ ରହିଛି; ଥାଇଲାଣ୍ଡ ଓ ମାଲୟସିଆ ଦେଶ ମଧ୍ୟ ଏହାର ପୂର୍ବରେ ରହି-ଛନ୍ତି । ପଶ୍ଚିମରେ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ ଓ ଦକ୍ଷିଣରେ ସୁମାତ୍ରା ଦ୍ୱୀପ । ଅତି ପୁରାତନ ସମୟରୁ ଆଣ୍ଡାମାନ ସାଗର ଦେଇ ଭାରତ, ଚୀନ, ବର୍ମା ବା ମ୍ୟାନ୍‌ମାର୍, ସିଂହଳ ବା ଶ୍ରୀଲଙ୍କା ଓ ଦକ୍ଷିଣ ପୂର୍ବ ଏସିଆର ଅନ୍ୟାନ୍ୟ ଦେଶ ଭିତରେ ବାଣିଜ୍ୟ କାରବାର ଚାଲିଆସିଛି । ସାଗରଟିର ଭିନ୍ନ ଭିନ୍ନ ଅଂଶର ହାରାହାରି ଗଭୀରତାରେ ପାର୍ଥକ୍ୟ ରହିଛି—କେବଳ ଶତକଡ଼ା ପାଞ୍ଚ ଭାଗ ଅଞ୍ଚଳରେ ଏହା ୩୦୦୦ ମିଟରରୁ ଅଧିକ ।

***ସମ୍ବନ୍ଧୀୟ ବିଷୟ***

*ଭାରତ ମହାସାଗର, ଭାରତ, ଦକ୍ଷିଣପୂର୍ବ ଏସିଆ, ସମୁଦ୍ର, ଭୂବିଜ୍ଞାନ, ଆନ୍ତର୍ଜାତୀୟ ବାଣିଜ୍ୟ*

▷▷

## ଆଣ୍ଡିଜ ପର୍ବତମାଳା

ପୃଥିବୀର ସବୁଠାରୁ ଲମ୍ବ ବା ଦୀର୍ଘତମ ଏହି ପର୍ବତମାଳାଟି ଦକ୍ଷିଣ ଆମେରିକାର ପଶ୍ଚିମ ଅଂଶରେ ରହିଛି । ହିମାଳୟ ପର୍ବତମାଳାର ଲମ୍ବ ପ୍ରାୟ ୧୫୦୦ ମାଇଲ ବା ୨୪୦୦ କିଲୋମିଟର ହୋଇଥିବା ସ୍ଥଳେ, ଆଣ୍ଡିଜ ପର୍ବତମାଳା ହେଲା ୪୦୦୦ ମାଇଲ ବା ୬୪୦୦ କିଲୋମିଟର ଲମ୍ବ । ବହୁ ବଡ଼ ବଡ଼ ନଦୀ ଏହି ପର୍ବତମାଳାରୁ ବାହାରି ମହାଦେଶର ପୂର୍ବ ଆଡ଼କୁ ଯାଇଛନ୍ତି । ଭାରତର ଲୋକେ କୁହନ୍ତି ପୃଥିବୀର ସବୁ ସୁନ୍ଦର ସୁନ୍ଦର ଦୃଶ୍ୟ ହିମାଳୟ ଦେହରେ ଠୁଳ ହୋଇଛି । ସେମିତି ଦକ୍ଷିଣ ଆମେରିକାର ଲୋକେ କୁହନ୍ତି




ଆଣ୍ଡିଜ ହେଲା ପୃଥିବୀର ଦୀର୍ଘତମ ପର୍ବତମାଳା । ଦକ୍ଷିଣ ଆମେରିକା ମହାଦେଶର ପଶ୍ଚିମ ଉପକୂଳରେ ଅଙ୍କାବଙ୍କା ହୋଇ ଏହା ରହିଛି ଓ କ୍ରମେ ସମୁଦ୍ରରେ ଯାଇ ମିଶିଯାଇଛି ।

ଆଣ୍ଡିଜ ହେଉଛି ପୃଥିବୀର ସୌନ୍ଦର୍ଯ୍ୟର ଲୀଳାଭୂମି ।

ଏହି ବିଶାଳ ପର୍ବତବ୍ୟବସ୍ଥାଟି ଏବେ ମଧ୍ୟ ଭୂତତ୍ତ୍ୱ ଦୃଷ୍ଟିରୁ ତିଆରି ଚାଲିଛି । ପ୍ରାୟ ୬୦ କୋଟି ବର୍ଷ ତଳେ ଆଜିର ଆଣ୍ଡିଜ ଅଞ୍ଚଳ ଗୋଟାଏ ସମୁଦ୍ର ଶଯ୍ୟା ଥିଲା ବୋଲି କୁହାଯାଏ । କ୍ରମେ ବହୁ ଧରଣର ପଦାର୍ଥ ସେଠି ସ୍ତରକୁ ସ୍ତର ଜମି ବାଲିପଥରରେ ପରିଣତ ହେବାକୁ ଲାଗିଲା ଓ ପ୍ରାୟ ୨୨ କୋଟି ୫୦ ଲକ୍ଷ ବର୍ଷ ତଳେ ଏହି ବାଲିପଥର ସେଠରେ ଆଗରୁ ଥିବା ଶେଲ୍ ଓ ଚୂନପଥର ଉପରେ ଜମିବା ଆରମ୍ଭ ହୋଇଗଲା । ପରେ ଭୂଚଳନ ଯୋଗୁଁ ଏହା ଶିଳାସ୍ତରରେ ପରିଣତ ହୋଇ ଆଜିର ଆଣ୍ଡିଜ ପର୍ବତମାଳାରେ ପରିଣତ ହୋଇଯାଇଛି । ଆଜିକୁ ପ୍ରାୟ ୭ କୋଟି ବର୍ଷ ତଳେ ଏସବୁ ଶିଳା ଜଳଧାରା ଦ୍ୱାରା ନିର୍ଦ୍ଦିଷ୍ଟ ରୀତିରେ କ୍ଷୟ ହେବା ଆରମ୍ଭ ହୋଇଯାଇ ଆଣ୍ଡିଜ ପର୍ବତ ଦେହରେ ସମତଳ ଭୂମିସବୁ ସୃଷ୍ଟି କରିଦେଲା ।

*ସମ୍ବନ୍ଧୀୟ ବିଷୟ*

*ପୃଥିବୀ, ଭୂବିଜ୍ଞାନ, ପର୍ବତ, ପର୍ବତାରୋହଣ, ଦକ୍ଷିଣ ଆମେରିକା, ପର୍ଯ୍ୟଟନ*

▷ ▷

## ଆଣ୍ଡ୍ରୁଜ୍, ଚାର୍ଲସ୍ ଫ୍ରିଆର
(୧୮୭୨-୧୯୪୨)

ବହୁଲୋକ ନିଜ ଦେଶର ସେବା କରି ଧନ୍ୟ ହୋଇଛନ୍ତି । ସେମାନେ ନିଜ ଦେଶର ଲୋକଙ୍କ ପାଖରେ ଏତେ ପ୍ରିୟ ହୋଇଯା'ନ୍ତି ଯେ ଯେତେକାଳ ପର୍ଯ୍ୟନ୍ତ ସେ ଦେଶ ଥିବ, ସେ ଜାତି ଥିବ ସେମାନଙ୍କ ନାମ ଅମର ହୋଇ ରହିଥିବ । କିନ୍ତୁ ଏଭଳି ଖୁବ୍ କମ୍ ଲୋକ ଅଛନ୍ତି ଯେଉଁମାନେକି ଅନ୍ୟଦେଶର ମଙ୍ଗଳ ପାଇଁ କାମକରି ଯାଇଛନ୍ତି ଓ ନିଜକୁ ସେହି ଦେଶର ଜଣେ ବୋଲି ଭାବି ନେଇଛନ୍ତି । ଏଣୁ ସେ ଯେ ଜଣେ ବିଦେଶୀ, ଏକଥା କହିବାକୁ କେହିହେଲେ ସାହସ କରିପାରନ୍ତି ନାହିଁ ।



'ଦୀନବନ୍ଧୁ' ଆଣ୍ଡ୍ରୁଜ୍

ଚାର୍ଲସ୍ ଫ୍ରିଆର ଆଣ୍ଡ୍ରୁଜ୍ ଥିଲେ ସେହି ଶ୍ରେଣୀର ଜଣେ ଇଂରେଜ । ବ୍ରିଟିଶ ଜାତି ଭାରତକୁ ଶୋଷଣ କରୁଥିଲା ବେଳେ ଓ ଭାରତର ଲୋକଙ୍କ ଉପରେ ଅନ୍ୟାୟ ଅତ୍ୟାଚାର କରୁଥିଲା ବେଳେ ଇଂରେଜ ହୋଇ ମଧ୍ୟ ଆଣ୍ଡ୍ରୁଜ୍ ଭାରତୀୟ ମାନଙ୍କ ସପକ୍ଷରେ ବରାବର କହିଆସୁଥିଲେ । ମହାତ୍ମା ଗାନ୍ଧୀ ଓ ବିଶ୍ୱକବି ରବୀନ୍ଦ୍ରନାଥ ତାଙ୍କୁ 'ଦୀନବନ୍ଧୁ' ବୋଲି ନାମ ଦେଇଥିଲେ । ସେ ଦୀର୍ଘ ଚାଳିଶବର୍ଷ କାଳ ଭାରତରେ ରହି ସେବା କାର୍ଯ୍ୟ କରିଥିଲେ । ଦକ୍ଷିଣ ଆଫ୍ରିକା ଓ ଫିଜୀ ଦ୍ୱୀପରେ ଭାରତୀୟମାନେ ଅସୁବିଧାରେ ପଡ଼ିଥିଲାବେଳେ ଆଣ୍ଡ୍ରୁଜ୍ ସେଠାକୁ ମଧ୍ୟ ଯାଇଥିଲେ । ଓଡ଼ିଶାକୁ ସେ ଶ୍ରଦ୍ଧା କରୁଥିଲେ ଓ ବହୁବାର ଆସିଛନ୍ତି ।

*ସମ୍ବନ୍ଧୀୟ ବିଷୟ*

*ଭାରତୀୟ ସ୍ୱାଧୀନତା ଆନ୍ଦୋଳନ, ମହାତ୍ମା ଗାନ୍ଧୀ, ଶାନ୍ତିନିକେତନ, ରବୀନ୍ଦ୍ରନାଥ ଠାକୁର, ଦକ୍ଷିଣ ଆଫ୍ରିକା*

▷ ▷

## ଆଣ୍ଡ୍ରୁଜ, ରୟ ଚାପ୍‌ମାନ୍
(୧୮୮୪-୧୯୬୦)

ଏହି ପ୍ରକୃତିବିତ୍ ଓ ଆବିଷ୍କାରକ ମଙ୍ଗୋଲିଆ ଦେଶର ଗୋଟିଏ ସ୍ଥାନରେ ପ୍ରଥମ କରି ଅତିକାୟ ସରୀସୃପଙ୍କ ଅଣ୍ଡାର ଫସିଲ ବା ଜୀବାଶ୍ମର ସନ୍ଧାନ ପାଇଥିଲେ । ଭୂଗୋଳ, ଉଦ୍‌ଭିଦ ବିଦ୍ୟା, ପୁରାତତ୍ତ୍ୱ, ଜୀବାଶ୍ମବିଦ୍ୟା ଓ ଟପୋଗ୍ରାଫି ବା ସ୍ଥଳବିଦ୍ୟାରେ ମଧ୍ୟ ସେ ବିଶେଷ ପାରଦର୍ଶିତା ଲାଭ କରିଥିଲେ ଓ ଏସବୁ ବିଦ୍ୟାର ବିକାଶକ୍ରମରେ ତାଙ୍କର ମୂଲ୍ୟବାନ ଅବଦାନ ରହିଛି ।

*ସମ୍ବନ୍ଧୀୟ ବିଷୟ*

*ଜୀବାଶ୍ମବିଦ୍ୟା, ଡାଇନୋସର, ଆବିଷ୍କାର*

▷ ▷

## ଆଣ୍ଡ୍ରିଆନଭ, ନିକୋଲାଏ
(୧୯୫୨-)

ରୁଷର ଏହି ପ୍ରସିଦ୍ଧ ଜିମ୍‌ନାଷ୍ଟ ତାଙ୍କ କ୍ରୀଡ଼ା ଜୀବନରେ ସମୁଦାୟ ସାତଟି ସ୍ୱର୍ଣ୍ଣ ସହ ୧୫ଟି ଅଲିମ୍ପିକ ପଦକ ଓ ଅନ୍ୟ ୧୨ଟି ବିଶ୍ୱ ଚାମ୍ପିଅନସିପ୍ ପଦକ ଲାଭ କରି ବିଶ୍ୱରେକର୍ଡ କରିବାରେ ସମର୍ଥ ହୋଇଥିଲେ ।

*ସମ୍ବନ୍ଧୀୟ ବିଷୟ*

*କ୍ରୀଡ଼ା, ଜିମ୍‌ନାଷ୍ଟିକ୍‌ସ୍*

▷ ▷

## ଆଣ୍ଡ୍ରୋଜେନ

ପୁରୁଷ ଜନନତନ୍ତ୍ରର ବୃଦ୍ଧି ତଥା ବିକାଶକୁ ଅତିମାତ୍ରାରେ ପ୍ରଭାବିତ କରୁଥିବା ହର୍‌ମୋନ ବା ଜୀବରସ ଗୋଷ୍ଠୀ । ଶରୀରରେ ସବୁଠାରୁ ଅଧିକ ମାତ୍ରାରେ ତିଆରି ହେଉଥିବା ତଥା କାର୍ଯ୍ୟକ୍ଷମ ଆଣ୍ଡ୍ରୋଜେନ ହେଲା ଟେଷ୍ଟୋଷ୍ଟେରନ । ପୁଂଅଣ୍ଡକୋଷରୁ ଏହାର କ୍ଷରଣ ହୋଇଥାଏ । ଅନ୍ୟ କେତେକ ଏହି ଧରଣର ଜୀବରସ ଟେଷ୍ଟୋଷ୍ଟେରନର କାମରେ ସହାୟତା କରିଥା'ନ୍ତି ଓ ମୁଖ୍ୟତଃ ଅଧିବୃକକ୍ ଗ୍ରନ୍ଥିର ବାହ୍ୟାଂଶରେ ଏଗୁଡ଼ିକ ତିଆରି ହୋଇଥା'ନ୍ତି । ନାରୀ ରକ୍ତ ପ୍ଲାଜମାରେ ଅତି ସୂକ୍ଷ୍ମ ପରିମାଣର ଆଣ୍ଡ୍ରୋଜେନର ଉପସ୍ଥିତି ରହିଛି । ଜନନତନ୍ତ୍ରର ବିକାଶ କରିବା ସଙ୍ଗେ

ସଙ୍ଗେ ପୁରୁଷ କ୍ଷେତ୍ରରେ ସୃଷ୍ଟି ହେଉଥିବା ଯୌନ-ଆଗ୍ରହ ଓ ବ୍ୟବହାରର ଲକ୍ଷଣକୁ ରକ୍ଷା କରିବା ପାଇଁ ମଧ୍ୟ ଆଣ୍ଡ୍ରୋଜେନ ନିହାତି ଆବଶ୍ୟକ ବା ଅପରିହାର୍ଯ୍ୟ । ବିଶେଷ କରି ତାରୁଣ୍ୟ ଅବସ୍ଥାରେ ଏହି ଧରଣର ହରମୋନ୍‌ର ଉପଯୁକ୍ତ ମାତ୍ରାରେ କ୍ଷରଣ ହେବା ପୁରୁଷ ଶରୀର ନିମନ୍ତେ ଖୁବ୍ ଦରକାରୀ ବୋଲି ଚିକିତ୍ସାବିତ୍‌ମାନେ କହିଥା'ନ୍ତି ।

***ସମ୍ବନ୍ଧୀୟ ବିଷୟ***
*ମାନବଶରୀର, ତାରୁଣ୍ୟ, ଅଣ୍ଡକୋଷ, ପୁରୁଷ ଜନନ ତନ୍ତ୍ର, ଡିମ୍ବାଶୟ, ଉର୍ବରଣ*

▷▷

## ଆଣ୍ଡ୍ରୋମେଡା ଗାଲାକ୍‌ସୀ

'ଧନୁ ବାମନ ଗାଲାକ୍‌ସୀ'କୁ ବାଦ୍ ଦେଲେ ଏଇଟି ହେଲା ପୃଥିବୀର ନିକଟତମ ଗାଲାକ୍‌ସୀ ଓ ଆଣ୍ଡ୍ରୋମେଡା ନକ୍ଷତ୍ରମଣ୍ଡଳରେ ଏହା ରହିଛି । ପୃଥିବୀଠାରୁ ୨୩,୦୦୦୦୦ ଆଲୋକବର୍ଷ ଦୂରତାରେ ଥିବା ଆଣ୍ଡ୍ରୋମେଡା ଗାଲାକ୍‌ସୀକୁ ଉପଯୁକ୍ତ ଅବସ୍ଥାରେ ଖାଲି ଆଖିରେ ଦେଖିହେବ । ଏହି ସ୍ପାଇରାଲ ଜାତିର ନିହାରୀକାଟିର ବ୍ୟାସ ପ୍ରାୟ ୨,୦୦୦୦୦ ଆଲୋକବର୍ଷ ହେବ ବୋଲି ହିସାବ କରାଯାଇଛି । ଖଗୋଳୀୟ ଦୃଷ୍ଟିରୁ ଆମ ଛାୟାପଥ ସହିତ ଆଣ୍ଡ୍ରୋମେଡାର ଅନେକ ସାମଞ୍ଜସ୍ୟ ରହିଛି । ୯୬୪ ଖ୍ରୀଷ୍ଟାବ୍ଦ ବେଳକୁ ଆରବ ଜ୍ୟୋତିର୍ବିଜ୍ଞାନୀମାନେ ଏହାକୁ ଠାବ କରି ସାରିଥିଲେ ବୋଲି ନିକଟରେ ଜଣାପଡ଼ିଛି । ବିଂଶ ଶତାବ୍ଦୀର ତୃତୀୟ ଦଶକ ପର୍ଯ୍ୟନ୍ତ ଆଣ୍ଡ୍ରୋମେଡାକୁ ଛାୟାପଥର ଗୋଟିଏ ଅଂଶ ଭାବେ ଧରିନିଆ ଯାଇଥିଲା; ଜଣେ ପ୍ରସିଦ୍ଧ ଆମେରିକୀୟ ଜ୍ୟୋତିର୍ବିଜ୍ଞାନୀ କିନ୍ତୁ ସେହି ଧାରଣାକୁ ବଦଳାଇ ଦେଲେ ।

***ସମ୍ବନ୍ଧୀୟ ବିଷୟ***
*ଜ୍ୟୋତିର୍ବିଜ୍ଞାନ, ଆରବଜ୍ଞାନ, ବିଶ୍ୱ, ଛାୟାପଥ, ଏଡ୍‌ୱିନ୍ ହବଲ, ଗାଲାକ୍‌ସୀ*

▷▷

## ଆତଙ୍କବାଦ

କୌଣସି ରାଜନୈତିକ ଲକ୍ଷ୍ୟ ହାସଲ ଉଦ୍ଦେଶ୍ୟରେ ଆତଙ୍କ କିମ୍ବା ବିଭୀଷିକାମୟ ପରିସ୍ଥିତି ସୃଷ୍ଟି କରିବା ତଥା କୌଣସି ପ୍ରକାର ପୂର୍ବସୂଚନା ନଥାଇ ସମାଜରେ ଭୟଙ୍କର ହିଂସାକାଣ୍ଡ ଘଟାଇବାକୁ ସାଧାରଣତଃ ଆତଙ୍କବାଦ ବୋଲି କୁହାଯାଇଥାଏ । ଶାସନ, ସାଧାରଣ ଜନତା କିମ୍ବା କୌଣସି ନିର୍ଦ୍ଦିଷ୍ଟ ବ୍ୟକ୍ତିବିଶେଷଙ୍କ କ୍ଷେତ୍ରରେ ଏଭଳି ହିଂସାକାଣ୍ଡ ଅଧିକତର କ୍ଷେତ୍ରରେ ଘଟାଯାଇଥାଏ ।

ଏକଥା ଅବଶ୍ୟ ସତ ଯେ ଆତଙ୍କବାଦକୁ ବହୁକାଳରୁ ଗୋଟାଏ ନା ଗୋଟାଏ ରୂପରେ ଭିନ୍ନ ଭିନ୍ନ ଉଦ୍ଦେଶ୍ୟରେ, ଭିନ୍ନ ଭିନ୍ନ ଲକ୍ଷ୍ୟରେ ବ୍ୟବହାର କରାହୋଇ ଆସୁଛି । ପୁରାତନ ଗ୍ରୀସ୍ ଓ ରୋମ ସାମ୍ରାଜ୍ୟରେ ରାଜାମାନେ ଆତଙ୍କବାଦର ଆଶ୍ରୟ ନେଇ ଶତ୍ରୁ ପକ୍ଷକୁ ଭୟଭୀତ କରିବାକୁ ଚେଷ୍ଟା କରିବାର ପ୍ରମାଣ ଅଛି । କିନ୍ତୁ ଊନବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧ ପରେ ଯାଇ ଆଧୁନିକ ଅର୍ଥରେ ବୁଝାଯାଉଥିବା ଆତଙ୍କବାଦର ଆରମ୍ଭ ହେଲା । ଊନବିଂଶ ଶତାବ୍ଦୀ ମଧ୍ୟଭାଗର ଅଳ୍ପ କେତେବର୍ଷ ପରଠାରୁ ଆଜି ପର୍ଯ୍ୟନ୍ତ ସାଧାରଣ ଜନତାଙ୍କ ସହିତ ବହୁ ଶାସକ, ରାଷ୍ଟ୍ରନାୟକ ଓ ଅନ୍ୟାନ୍ୟ ଅତି ବିଶିଷ୍ଟ ବ୍ୟକ୍ତି ଆତଙ୍କବାଦୀଙ୍କ ହାତରେ ପ୍ରାଣ ହରାଇଛନ୍ତି ।

ଉଭୟ ଦକ୍ଷିଣ ଓ ବାମପନ୍ଥୀ ରାଜନୈତିକ ସଂଗଠନ, ଜାତୀୟତାବାଦୀ ଆନ୍ଦୋଳନ, ଜାତିବାଦୀ ସଂଗଠନ, ବିପ୍ଳବୀ ଗୋଷ୍ଠୀ ଏବଂ କେତେକ କ୍ଷେତ୍ରରେ ପ୍ରତିଷ୍ଠିତ ରାଷ୍ଟ୍ରର ଜାତୀୟ ସୈନ୍ୟବାହିନୀ ଓ ସରକାରୀ ଗୁପ୍ତ ପୁଲିସ—ଏ ସମସ୍ତେ ସ୍ଥଳବିଶେଷରେ ଆତଙ୍କବାଦ ସୃଷ୍ଟିରେ ଲିପ୍ତ ହୋଇ ପଡ଼ିଛନ୍ତି । ଅବଶ୍ୟ ଗୋଟାଏ ପ୍ରତିଷ୍ଠିତ ସରକାରୀ ରାଜନୈତିକ ବ୍ୟବସ୍ଥାକୁ ହଟାଇବା ପାଇଁ ହେଉଥିବା ଉଦ୍ୟମ ସହିତ ହିଁ ଆତଙ୍କବାଦକୁ ଅଧିକାଂଶ କ୍ଷେତ୍ରରେ ଯୋଡ଼ାଯାଇଥାଏ ବା ଅଭିନ୍ନ ବୋଲି ଧରାଯାଇଥାଏ । ନିଜ ଦେଶରୁ ଅତ୍ୟାଚାରୀ ଉପନିବେଶବାଦ ହଟାଇବା ପାଇଁ; ନିଜ ମାତୃଭୂମିକୁ ଅନ୍ୟ କବଳରୁ ଉଦ୍ଧାର କରିବା ପାଇଁ; ଧର୍ମବିଦ୍ୱେଷ କାରଣରୁ ଗୋଟାଏ ପ୍ରତିଷ୍ଠିତ ସରକାର ବିରୁଦ୍ଧରେ ବିପ୍ଳବ ଚଳାଇଥିବା ଭଳି ପରିସ୍ଥିତିରେ ବିଶେଷ କରି ଆତଙ୍କବାଦର ପ୍ରୟୋଗ କରାହୋଇ ଆସିଛି । ଆଧୁନିକ ଦୁନିଆରେ ତଥ୍ୟ ଓ ବାର୍ତ୍ତା ସଂପ୍ରସାରଣର ବ୍ୟାପକ ବ୍ୟବସ୍ଥା ରହିଥିବାରୁ ଯେ କୌଣସି ଆତଙ୍କବାଦୀ କାର୍ଯ୍ୟର ଅତି ଅଧିକ ପ୍ରଚାର ମଧ୍ୟ ହୋଇଯାଇପାରୁଛି ଓ ପ୍ରତ୍ୟକ୍ଷ ତଥା ପରୋକ୍ଷଭାବରେ ଏହା ଆତଙ୍କବାଦୀଙ୍କ ସପକ୍ଷରେ ଯାଉଛି । ନିଜ ଦାବି ସଂକ୍ରାନ୍ତରେ ଏଭଳି 'ପ୍ରଚାର ସୁଯୋଗ' ନିମନ୍ତେ ମଧ୍ୟ ବେଳେବେଳେ ଆତଙ୍କବାଦୀ କାର୍ଯ୍ୟକଳାପ ଲାଗି ରହୁଛି ।

ଏକବିଂଶ ଶତାବ୍ଦୀ ଆରମ୍ଭ ହୋଇ ଆସିଲାବେଳକୁ କିନ୍ତୁ ଆତଙ୍କବାଦ ବିଷୟରେ ପୁଣି ନୂଆକରି ଆଲୋଚନା ଆରମ୍ଭ ହେଲାଣି । କେତେକଙ୍କ ମତରେ ଆତଙ୍କବାଦକୁ ସାମଗ୍ରିକ ଭାବେ କେବଳ ଗୋଟାଏ ଖରାପ ବା ହୀନ କଥା ବୋଲି ଧରିନେଲେ ଚଳିବ ନାହିଁ । ସେମାନଙ୍କ ଅନୁସାରେ ଅନେକ ସମୟରେ ସାଧାରଣ ଜନତାଙ୍କ ବିରୋଧରେ ଯେଉଁ ହିଂସାକାଣ୍ଡ ଘଟାଯାଉଛି, ସେଭଳି ଘଟାଉଥିବା ସଂଗଠନର ଅସ୍ତିତ୍ୱକୁ ହିସାବକୁ ନେଇ ହିଁ ସେହି ଘଟଣାକୁ ଆନ୍ତର୍ଜାତୀୟ କ୍ଷେତ୍ରରେ ଆତଙ୍କବାଦ ବୋଲି ଆଖ୍ୟା ଦିଆଯାଉଛି ବା ଦିଆଯାଉନାହିଁ । ଆହୁରି ମଧ୍ୟ ଯେଉଁଠି ସୁସଂଗଠିତ ଜାତୀୟ ସୈନ୍ୟବାହିନୀ ସବୁ ବହୁସଂଖ୍ୟକ ନିରସ୍ତ୍ର ତଥା ନିରୀହ ଜନସାଧାରଣଙ୍କୁ ଶାସନ ସୃଷ୍ଟ ରାଜନୈତିକ ଉଦ୍ଦେଶ୍ୟରେ ବିନା କାରଣରେ ହତ୍ୟା କରିଦେଉଛନ୍ତି, ସେ କ୍ଷେତ୍ରରେ ସ୍ପଷ୍ଟଭାବେ ଆତଙ୍କବାଦ ସୃଷ୍ଟିର ଲକ୍ଷ୍ୟ ଥିଲେ ମଧ୍ୟ, ସେ ସବୁ ଘଟଣାକୁ ଆତଙ୍କବାଦୀ କାର୍ଯ୍ୟକଳାପର ପରିସର ଭିତରକୁ ପ୍ରାୟ ଅଣାଯାଉ ନାହିଁ ।

ଅନେକ ସମୟରେ ଗୋଟାଏ ଗୋଟାଏ ଦେଶର ସରକାର ଖୋଲାଖୋଲି ଭାବେ ଆତଙ୍କବାଦୀ ଭାବେ ବ୍ୟବହାର ଦେଖାଇଥା'ନ୍ତି । ସୋଭିଏତ ରୁଷରେ ଷ୍ଟାଲିନଙ୍କ ଦ୍ୱାରା ସଂଘଟିତ ଗଣହତ୍ୟା ଓ ବ୍ରିଟିଶ ସରକାର ଦ୍ୱାରା ଭାରତର ସ୍ୱାଧୀନତା ଆନ୍ଦୋଳନ 'ସମୟ'ରେ ଘଟିଥିବା ଜାଲିଆନାୱାଲାବାଗ ନରସଂହାରର ଉଦାହରଣ ଏକ୍ଷେତ୍ରରେ ଦିଆଯାଇପାରେ । ରୁଷ ଓ ଭାରତର ଜନସାଧାରଣଙ୍କୁ ସ୍ଥାୟୀ ଭାବେ ଭୟଭୀତ କରି ସେମାନଙ୍କ ମନୋବଳକୁ ସଂପୂର୍ଣ୍ଣ ରୂପେ ଭାଙ୍ଗିଦେବା ନିମନ୍ତେ ଏ ଦୁଇଟିଯାକ ଘଟଣାରେ ସେସବୁ ଦେଶର ସରକାର ନିର୍ଦ୍ଦିଷ୍ଟ ଉଦ୍ୟମ କରିଥିଲେବୋଲି ପାଶ୍ଚାତ୍ୟ ଇତିହାସ ପଣ୍ଡିତ ମାନଙ୍କ ମତ । ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ଭାରତୀୟମାନେ ଏଭଳି ଆତଙ୍କବାଦକୁ ପ୍ରତିହତ କରିଦେଇପାରିଥିଲେ; କିନ୍ତୁ ରୁଷର ଜନସାଧାରଣଙ୍କର ସେଭଳି ସୌଭାଗ୍ୟ ହୋଇ ନ ଥିଲା । ଦ୍ୱିତୀୟ ମହାଯୁଦ୍ଧ ସମୟରେ ଯୁକ୍ତରାଷ୍ଟ୍ର ଆମେରିକାର ଜାପାନ ଉପରେ ପରମାଣୁ ଆକ୍ରମଣକୁ ମଧ୍ୟ କେତେକ ପାଶ୍ଚାତ୍ୟ ବିଦ୍ୱାନ ଆତଙ୍କବାଦର ପରିପ୍ରକାଶ ଭାବେ ଆଜି ଅଭିହିତ କରିବାକୁ ଲାଗିଲେଣି ।

ପୁଣି ଦେଖାଯାଇଛି ଯେ ଅନେକ ସମୟରେ ଗୋଟାଏ ଗୋଟାଏ ଭଲ କାରଣର ଲକ୍ଷ୍ୟ ନେଇ ଯାଉ ଯାଉ ମଧ୍ୟ ଆତଙ୍କବାଦୀ କାର୍ଯ୍ୟକଳାପର ସୃଷ୍ଟି ହୋଇଯାଇଥାଏ । ଗୋଟାଏ ସମୟରେ, ଦକ୍ଷିଣ ଆଫ୍ରିକାରେ ବର୍ଣ୍ଣବୈଷମ୍ୟ ବିରୁଦ୍ଧରେ ଆଫ୍ରିକାନ ନାସନାଲ କଂଗ୍ରେସ ଦୀର୍ଘଦିନ ଧରି ଚଳାଇ ଆସିଥିବା ହିଂସ୍ର ଓ ହିଂସାତ୍ମକ ଆନ୍ଦୋଳନର ଉଦାହରଣ ଏ କ୍ଷେତ୍ରରେ ଦିଆଯାଇପାରେ ।

୧୯୯୭ ମସିହା ବେଳକୁ ପୃଥିବୀର ବହୁ ଅଞ୍ଚଳରେ ହାଲୁକାରୁ ଆରମ୍ଭ କରି ଅତି ଭୀଷଣ ଆତଙ୍କବାଦୀ ସଂଗଠନ ସବୁ ସକ୍ରିୟ ଅଛନ୍ତି । ୧୯୬୮ ରୁ ୯୫ ମସିହା ଭିତରେ ପ୍ରାୟ ୯୦୦୦ ଲୋକ ଆତଙ୍କବାଦର ଶିକାର ହୋଇଛନ୍ତି ବୋଲି ନିକଟରେ ଗୋଟିଏ ହିସାବ ପ୍ରକାଶ ପାଇଛି ।

***ସମ୍ବନ୍ଧୀୟ ବିଷୟ***
*ଆନ୍ତର୍ଜାତୀୟ ରାଜନୀତି, ବିପ୍ଳବ, ସ୍ୱାଧୀନତା ଆନ୍ଦୋଳନ, ମୌଳବାଦ, ଦର୍ଶନ,କମିଉନିଜମ୍, ଆନ୍ତର୍ଜାତୀୟ ସଂପର୍କ*

▷▷

## ଆତାତୁର୍କ, ମୁସ୍ତାଫା କେମାଲ
(୧୮୮୧-୧୯୩୮)

ପ୍ରଥମ ମହାଯୁଦ୍ଧ ପରେ ତୁର୍କୀକୁ ଯେଉଁଭଳି ବିଭାଜିତ କରିଦିଆଯାଇଥିଲା ତାହା ବିରୁଦ୍ଧରେ ଆନ୍ଦୋଳନ କରି ଏହି ରାଷ୍ଟ୍ରନୀତିଜ୍ଞ ସଫଳ ହେଲେ ଓ ଫଳସ୍ୱରୂପ ୧୯୨୩ ମସିହାରେ ସେଦେଶକୁ ଗୋଟିଏ



ମୁସ୍ତାଫା କେମାଲ ଆତାତୁର୍କ

ଧର୍ମନିରପେକ୍ଷ ସାଧାରଣତନ୍ତ୍ର ଭାବେ ଘୋଷଣା କରାଗଲା । ପରେ ମୁସ୍ତାଫା କେମାଲ ସେହି ସାଧାରଣତନ୍ତ୍ରର ପ୍ରଥମ ପ୍ରେସିଡେଣ୍ଟ ହେଲେ । ସେ ତାଙ୍କ ଶାସନ କାଳରେ ବହୁ ସାମାଜିକ ଓ ରାଜନୈତିକ ପରିବର୍ତ୍ତନ ଆଣି ତୁର୍କୀକୁ ପାଶ୍ଚାତ୍ୟ ସଭ୍ୟ ରାଷ୍ଟ୍ର ଗୋଷ୍ଠୀରେ ସାମିଲ କରିଦେଲେ । ମୃତ୍ୟୁ ପର୍ଯ୍ୟନ୍ତ 'ନିର୍ବାଚିତ' ପ୍ରେସିଡେଣ୍ଟ ଥିଲେ ମଧ୍ୟ ଜଣେ ଅପ୍ରତ୍ୟକ୍ଷ ଏକଛତ୍ରବାଦୀ ଭାବେ ଆତାତୁର୍କ ଗଣା ହେଉଥିଲେ ।

***ସମ୍ବନ୍ଧୀୟ ବିଷୟ***
*ତୁର୍କୀ, ପ୍ରଥମ ମହାଯୁଦ୍ଧ*

▷▷

## ଆତିଶଯ୍ୟ

ଏହି ଶବ୍ଦଟିର ସଂଜ୍ଞା ନିରୂପଣ କରିବା ସହଜ ନୁହେଁ ବୋଲି ଅନେକ କହିଥା'ନ୍ତି । କାରଣ କୌଣସି କ୍ଷେତ୍ରରେ ଜଣେ କେଉଁ ସୀମାରେଖା ଟପିଗଲେ ଆତିଶଯ୍ୟ ବୋଲି କୁହାଯାଇ ପାରିବ ସେଭଳି ସୀମାରେଖାଟିଏ ନିର୍ଦ୍ଧାରଣ କରିବା ଅନେକ ସମୟରେ ଅସମ୍ଭବ ହୋଇଉଠେ । ଗୋଟାଏ ଦୃଷ୍ଟିରୁ ଦେଖିବାକୁ ଗଲେ ଆତିଶଯ୍ୟଟି ହେଲା 'ସୀମା ଟପି ବାହାରକୁ ଯିବା' । ଭଲ କାମଟିଏ କରିବା ପାଇଁ ଯେଉଁ କ୍ଷେତ୍ରରେ ଆଗ୍ରହ ସୃଷ୍ଟି ହେବାର କଥା, ସେ କ୍ଷେତ୍ରରେ ମଧ୍ୟ ଆଗ୍ରହର ଆତିଶଯ୍ୟ ରହିବା ଉଚିତ ନୁହେଁ ବୋଲି ପଣ୍ଡିତ ମାନେ ଯୁଗ ଯୁଗ ଧରି ଉପଦେଶ ଦେବା ଛଳରେ ସତର୍କ କରିଦେଇଯାଇଛନ୍ତି । ଆଗ୍ରହର ଆତିଶଯ୍ୟ ଫଳରେ କାଳକ୍ରମେ କେତେ ଦେଶ, କେତେ ଜାତି, କେତେ ବ୍ୟକ୍ତି କିଭଳି ଅସୁବିଧାର ସମ୍ମୁଖୀନ ହୋଇଛନ୍ତି ତା'ର ଯଥେଷ୍ଟ ଉଦାହରଣ ଇତିହାସ ପୃଷ୍ଠାରେ ରହିଛି । ଏକବିଂଶ ଶତାବ୍ଦୀର ଆରମ୍ଭ ବେଳକୁ ଗଢିଉଠୁଥିବା ନୂତନ ସମାଜ ସବୁରେ ସୁଖ, ସୁବିଧା ତଥା ସମ୍ଭୋଗ ନିମନ୍ତେ ଦେଖାଦେଉଥିବା ବ୍ୟାକୁଳତା ସେସବୁ ସମାଜର ବ୍ୟକ୍ତି ମାନଙ୍କୁ ସବୁପ୍ରକାରର ଆତିଶଯ୍ୟ ଆଡ଼କୁ ଠେଲିନେଉଥିବାରୁ, ତା'ର ଚରମ କୁଫଳ ବିଷୟରେ ସମାଜଶାସ୍ତ୍ରୀମାନେ ମଧ୍ୟ ସତର୍କବାଣୀ ଶୁଣାଇବାକୁ ଲାଗିଲେଣି ।

***ସମ୍ବନ୍ଧୀୟ ବିଷୟ***
*ସମାଜ, ବ୍ୟକ୍ତି, ନୈତିକତା, ଆବଶ୍ୟକତା*

▷▷

## ଆତ୍ମଜୀବନୀ

ଯେଉଁମାନେ କିଛି ଗୋଟାଏ ସୁନାମ କରନ୍ତି, ଅନ୍ୟମାନଙ୍କ ଦୃଷ୍ଟି ସେମାନଙ୍କ ଉପରେ ପଡ଼େ । ତେଣିକି ଅନ୍ୟମାନେ ସ୍ପୃହାନ୍ତି ଜାଣିବାପାଇଁ ସେ କେଉଁଠାର ଲୋକ, କ'ଣ ଶିଖିଛନ୍ତି, ଯାହାସବୁ କରିଗଲେଣି ବା କରୁଛନ୍ତି ସେସବୁ କେମିତି ସମ୍ଭବ ହେଲା ଇତ୍ୟାଦି ଇତ୍ୟାଦି । ହୁଏତ କେହି ଜଣେ ସେମାନଙ୍କ ଭିତରୁ କାହାରି କାହାରି ଜୀବନୀ ଲେଖି ଦିଅନ୍ତି । ତାକୁ ପଢ଼ିଲେ ଅନ୍ୟମାନଙ୍କର ନିଶ୍ଚୟ ଲାଭ ହୁଏ । ସାଧାରଣତଃ ଦୂରରୁ ଦେଖି, ଜାଣି, ଖବର ସଂଗ୍ରହ କରି ଲେଖକମାନେ ଜୀବନୀ ଲେଖନ୍ତି । ତାଙ୍କ ପକ୍ଷରେ କିନ୍ତୁ ଜଣକର ଜୀବନର ସବୁ ମହତ୍ତ୍ୱପୂର୍ଣ୍ଣ ଘଟଣା ଜାଣିବା ସହଜ ହୁଏ ନାହିଁ । ତେଣୁ ସେହି ବଡ଼ ଲୋକମାନଙ୍କୁ କୁହାଯାଏ— "ଆପଣ ନିଜ ବିଷୟରେ ଯାହା ଜାଣନ୍ତି ସବୁ ଲେଖି ଦିଅନ୍ତୁ, ତାହାହେଲେ ଆପଣଙ୍କ ବିଷୟରେ ବହୁତ ନୂଆ କଥା ଜାଣିହେବ" । ଲେଖାଯାଇଥିବା ଏହି ଧରଣର ବହିକୁ ଆତ୍ମଜୀବନୀ ବୋଲି କୁହାଯାଏ ।

ସମସ୍ତଙ୍କର ନିଶ୍ଚୟ କିଛି ଦୋଷ ନା ଗୁଣ ଅଛି । ଆତ୍ମଜୀବନୀ ଲେଖିଲାବାଲା ନିଜର ଦୋଷ ବିଷୟରେ ହୁଏତ ଲେଖିଦେବେ; ଯଦି ସେ କିଛି ଭୁଲ କରିଛନ୍ତି ତାକୁ ସ୍ୱୀକାର କରିଯିବେ । କ'ଣ ହେଲାରୁ ସେ ଏପରି ଭୁଲ କରିବାକୁ ବାଧ୍ୟ ହେଲେ ତାହାର କୈଫିୟତ ସେ ହୁଏତ ଦେବେ । ସେତକ ଦେଲେ ଜଣଙ୍କର ଜୀବନର ପୂର୍ଣ୍ଣ ଚିତ୍ର ଅଙ୍କା ହୋଇଯାଇପାରିବ । ପୃଥିବୀର ବହୁ ବିଶିଷ୍ଟ ଲୋକ ନିଜ ବିଷୟରେ ବା ଆତ୍ମଜୀବନୀ ଲେଖି ଯାଇଛନ୍ତି । ଅନ୍ୟମାନେ ସେଗୁଡ଼ିକୁ ଅତି ଆଗ୍ରହର ସହ ପଢ଼ନ୍ତି ।

***ସମ୍ବନ୍ଧୀୟ ବିଷୟ***
*ସାହିତ୍ୟ, ମାନବୀୟ ଉତ୍କର୍ଷତା*

▷▷

## ଆତ୍ମଜ୍ଞାନ

ଭାରତରେ ଆତ୍ମଜ୍ଞାନ ବିଷୟରେ ବେଦ ଉପନିଷଦ ଯୁଗରୁ ଯଥେଷ୍ଟ ଆଲୋଚନା ହୋଇଆସିଛି । ସେ ଯୁଗରେ ଏ ଦେଶରେ ବିଦ୍ୟା ଖୁବ୍ ଉଚ୍ଚସ୍ଥାନ ଅଧିକାର କରିଯାଇଥିଲା ଓ ଭାରତବର୍ଷକୁ 'ବିଦ୍ୟାର ପୀଠ' ବୋଲି କୁହାଯାଉଥିଲା । କିଛି କାଳ ପରେ କିନ୍ତୁ ଏ ଦେଶରେ ବିଦ୍ୟାଚର୍ଚ୍ଚା ଆଗରୁ ଯେଉଁଭଳି ହେଉଥିଲା, ସେଭଳି ବା ସେତେ ପରିମାଣରେ ନ ହୋଇ ଏକ ପ୍ରକାର ସ୍ଥିର ଅବସ୍ଥାରେ ରହିଗଲା । ବିଜ୍ଞାନର ଯୁଗ ଆସିଗଲା ପରେ ମନେହେଲା ସତେ ଯେପରିକି ଆତ୍ମଜ୍ଞାନକୁ ଆମେ ଆଜିଠାରୁ ୫,୦୦୦ ବର୍ଷ ଦୂରରେ ଛାଡ଼ିଆସିଛୁ । କ୍ରମେ କିନ୍ତୁ ସେ ଅବସ୍ଥା ବଦଳିଗଲା ଓ ବଦଳିବାରେ ଲାଗିଛି ମଧ୍ୟ । ପ୍ରକୃତ ଅର୍ଥରେ ବିଜ୍ଞାନର ଅଗ୍ରଗତି ଫଳରେ, ଆତ୍ମଜ୍ଞାନ ବାଧାପ୍ରାପ୍ତ ନ ହୋଇ ବରଂ ବହୁ ଅଧିକ ରୂପରେ ପ୍ରକାଶ ପାଇବାରେ ଲାଗିଛି । ତେଣୁ ବିଜ୍ଞାନ ଆତ୍ମଜ୍ଞାନର ସହାୟକ ହୋଇଉଠିଛି । "ଆତ୍ମଜ୍ଞାନଯୁକ୍ତ ହେଲେ ଯାଇ ମନୁଷ୍ୟ ଅବିଦ୍ୟା ଦ୍ୱାରା ମରଣରୁ ତ୍ରାଣ ପାଏ ଓ ବିଦ୍ୟା ଦ୍ୱାରା ଅମୃତ ଲାଭ କରେ" ଭଳି କଥାର ପ୍ରମାଣ ମଧ୍ୟ ଏଥିରୁ ମିଳିଯାଉଛି ।

***ସମ୍ବନ୍ଧୀୟ ବିଷୟ***
*ବେଦ, ଉପନିଷଦ, ଭାରତୀୟ ଦର୍ଶନ, ବିଜ୍ଞାନର ଇତିହାସ, ବିଜ୍ଞାନର ଦର୍ଶନ, ସମାଜ*

▷▷

## ଆତ୍ମତ୍ୟାଗ

ସ୍ୱାର୍ଥତ୍ୟାଗ ଅର୍ଥରେ ହିଁ ଅଧିକାଂଶ କ୍ଷେତ୍ରରେ ଆତ୍ମତ୍ୟାଗ ଶବ୍ଦର ପ୍ରୟୋଗ କରାଯାଇଥାଏ । ଦେଖିବାକୁ ଗଲେ, ଆଦୌ ସ୍ୱାର୍ଥ ନଥିବା ଭଳି କୌଣସି କଥା ଏ ସଂସାରରେ ନାହିଁ ବୋଲି କୁହାଯାଇପାରିବ । କାରଣ ନିଜର ସନ୍ତୋଷ ବା ମୁକ୍ତି ପାଇଁ ଯେଉଁ ଲୋକ 'ପରାର୍ଥେ' ଜୀବନ କଟାଉଛି, ସେ ଲୋକର ମଧ୍ୟ ସେ କ୍ଷେତ୍ରରେ 'ସାତ୍ତ୍ୱିକ ସ୍ୱାର୍ଥ' ନିହିତ ଅଛି । ତେଣୁ ବୃହତ୍ତର ସ୍ୱାର୍ଥ ନିମନ୍ତେ ନିଜର ସଂକୀର୍ଣ୍ଣ ସ୍ୱାର୍ଥକୁ ବା ବୃହତ୍ତର ସ୍ୱାର୍ଥ ତୁଳନାରେ କ୍ଷୁଦ୍ର ସ୍ୱାର୍ଥକୁ ବଳିଦେବା ହେଉଛି ଆତ୍ମତ୍ୟାଗ । ଆତ୍ମତ୍ୟାଗ ଦ୍ୱାରା ପରିଣାମରେ ଜଣଙ୍କର ଲାଭ ହିଁ ହୋଇଥାଏ ବୋଲି ପଣ୍ଡିତମାନଙ୍କ ମତ । ସେଥିପାଇଁ ଆତ୍ମତ୍ୟାଗର ମହତ୍ତ୍ୱ ତଥା ସୌନ୍ଦର୍ଯ୍ୟର ଆଲୋଚନା କରାଯାଇଥାଏ । ଆତ୍ମତ୍ୟାଗ କିନ୍ତୁ ଆତ୍ମବଳୀ ନୁହେଁ । ଆତ୍ମବଳୀ ହେଲା ଜଣଙ୍କ ଜୀବନରେ ସବୁଠାରୁ ଚରମ କଥା । ସମସ୍ତଙ୍କ ପକ୍ଷରେ ଏଭଳି ଜୀବନଦାନ

ସମ୍ଭବ ନୁହେଁ; କିନ୍ତୁ ଅଳ୍ପ ବହୁତେ ସମସ୍ତେ ଆତ୍ମତ୍ୟାଗ କରିପାରିବେ ।

***ସମ୍ବନ୍ଧୀୟ ବିଷୟ***

*ଆଦର୍ଶ, ସମାଜ, ବିଦ୍ୱମତା, ସ୍ୱାର୍ଥ, ଜୀବନ, ଉପକାର, ଦର୍ଶନ*

▷ ▷

## ଆତ୍ମବଞ୍ଚନା

ନିଜକୁ ନିଜେ ଠକାଇବା ବା ଆତ୍ମବଞ୍ଚନାର ଉଦାହରଣ ସମାଜର ପ୍ରତି କ୍ଷେତ୍ରରେ ଜଣେ ଖୋଜିକରି ପାଇପାରିବ । ମନୁଷ୍ୟ କିନ୍ତୁ ଏଭଳି ଗୋଟିଏ କଥା ନିକଟରେ ସବୁବେଳେ ପରାଜୟ ସ୍ୱୀକାର କରିଆସିଛି । କାରଣ ଜଣେ ଯାହା ନୁହେଁ ବୋଲି ଖୁବ୍ ଭଲ ଭାବରେ ଜାଣେ, ଆଉଜଣେ ଯେତେବେଳେ କହିଦିଏ ଯେ ପ୍ରକୃତରେ କିନ୍ତୁ ସେ ହେଲା ସେଇଆ—ସେତେବେଳେ ତା କଥା ସହଜରେ ବିଶ୍ୱାସ କରିଦିଆଯାଏ । ଆତ୍ମବଞ୍ଚନା ଠାରୁ ବଳି ସହଜ କଥା ଆଉ କିଛି ନାହିଁ । ଜଣେ ଯେଉଁଟାକୁ ଇଚ୍ଛା କରୁଥାଏ, ତାହା ହେବ ବା ହେଉଛି ବୋଲି ଏହାଫଳରେ ବିଶ୍ୱାସ ହୋଇଯିବା ଯୋଗୁଁ, ଯେଉଁ ଆଶାର ବାସ୍ତବତା ସହିତ ଆଦୌ ସଂପର୍କ ନଥାଏ, ତାହା ଫଳବତୀ ହେଲା ଭଳି ପ୍ରତୀୟମାନ ହୁଏ । ଆତ୍ମବଞ୍ଚନାର ମୋହ ଭିତରୁ ମଣିଷ ଯଦି ନିଜକୁ ଫିଟାଇ ଆଣିପାରିବ, ତେବେ ତା'ର ବହୁ ବ୍ୟକ୍ତିଗତ ସମସ୍ୟାର ସମାଧାନ ମଧ୍ୟ ସହଜରେ ହୋଇଯାଇ ପାରିବ ବୋଲି ପଣ୍ଡିତମାନେ ସବୁବେଳେ କହିଆସିଛନ୍ତି ।

***ସମ୍ବନ୍ଧୀୟ ବିଷୟ***

*ସମାଜ, ବ୍ୟକ୍ତି, ଚିନ୍ତା, ଛଳନା*

▷ ▷

## ଆତ୍ମବିଶ୍ୱାସ

ପ୍ରତ୍ୟେକ ଲୋକ ଭିତରେ ନିଶ୍ଚୟ କିଛି ନା କିଛି ଉପଯୋଗୀ ଶକ୍ତି ରହିଛି । ସେ ଇଚ୍ଛା କଲେ ତା'ର ଉପଯୋଗ କରି ଅନେକ କାମ କରିପାରିବ । ଯେଉଁଲୋକ ଏହି କଥା ବୁଝୁଛି, ତା'ର ନିଜ ଶକ୍ତି ଉପରେ ବିଶ୍ୱାସ ରହିଛି ବୋଲି କୁହାଯାଏ । ଏ କଥାର ଅନ୍ୟନାମ ହେଲା ଆତ୍ମବିଶ୍ୱାସ । ମୂଳରୁ ଯେ ଆତ୍ମବିଶ୍ୱାସ ହରାଇ ବସେ, ସେ ଆଉ ଆଗେଇ ଯାଇ କିଛି ଭଲ କାମ, ବଡ଼ କାମ କରିପାରେ ନାହିଁ । "ହଁ, କାମଟା ନିଶ୍ଚୟ କଷ୍ଟ, ମୋର ବିଶ୍ୱାସ ମୁଁ ତାକୁ କରିପାରିବି"—ଏଇଟା ହେଲା ଆତ୍ମବିଶ୍ୱାସ । ଆରମ୍ଭରୁ ଯେ କୁହେ ମୋ ଦ୍ୱାରା ଏ କାମ ହୋଇପାରିବ ନାହିଁ, ତା'କୁ ଆଉ କେହି ସାହାଯ୍ୟ କରିପାରିବେ ନାହିଁ । ଯାହା ଭିତରେ ଦୃଢ଼ ଆତ୍ମବିଶ୍ୱାସ ରହିଛି, ସେ ଲୋକ ଦିନେ ବଡ଼ ହୋଇଯାଇପାରେ ।

***ସମ୍ବନ୍ଧୀୟ ବିଷୟ***

*ଦର୍ଶନ, ମାନବ ସମାଜ, ଦୃଢ଼ତା, ମାନବୀୟ ଉତ୍କର୍ଷତା*

▷ ▷

## ଆତ୍ମଶୁଦ୍ଧି

ଯେଉଁ କାର୍ଯ୍ୟଟି କରିବା ଦ୍ୱାରା ଜଣେ ଭୁଲ୍ କରିଛି ବା ସେଭଳି କାର୍ଯ୍ୟ କରିବା ତା'ର ଆଦୌ ଉଚିତ ନ ଥିଲା ବୋଲି ଜଣଙ୍କର ହୃଦ୍‌ବୋଧ ହୋଇଗଲା ତେବେ ଆତ୍ମଶୋଧନ ନିମନ୍ତେ ସେ ଯେଉଁ ପ୍ରାୟଶ୍ଚିତ୍ତ କରେ ତାହା ହେଲା ଆତ୍ମଶୁଦ୍ଧି । ଆଧୁନିକ ଯୁଗରେ ମହାତ୍ମା ଗାନ୍ଧୀ ହିନ୍ଦୁ ଧର୍ମର ଏହି ମୌଳିକ ତତ୍ତ୍ୱଟିର ପ୍ରୟୋଗ ନିଜ ଜୀବଦ୍ଦଶାରେ କରିଦେବାରୁ ତାହା ବିଷୟରେ ସମଗ୍ର ବିଶ୍ୱରେ ଆଲୋଚନା ହେବାକୁ ଲାଗିଲା । କୌଣସି ଫଳପ୍ରାପ୍ତି ଆଶାରେ ଆତ୍ମଶୁଦ୍ଧି କରାଯାଇ ନ ଥାଏ—ନିଜର ପବିତ୍ର କର୍ତ୍ତବ୍ୟ ଭାବରେ ଏହି ପନ୍ଥାକୁ ଗ୍ରହଣ କରିଯିବାକୁ ହୁଏ ।

***ସମ୍ବନ୍ଧୀୟ ବିଷୟ***

*ହିନ୍ଦୁଧର୍ମ, ଭାରତୀୟ ଦର୍ଶନ, ଆତ୍ମା, ମହାତ୍ମା ଗାନ୍ଧୀ*

▷ ▷

## ଆତ୍ମସଂଯମ

ଆତ୍ମନିୟନ୍ତ୍ରଣର ଏଇଟି ହେଲା ଗୋଟିଏ ନାମ । ଆତ୍ମସଂଯମ ବିଷୟରେ ଅଦରକାରୀ ଭାବରେ ସଚେତନ ରହିବା ଦ୍ୱାରା ବିଶେଷ କିଛି ଲାଭ ହୁଏନାହିଁ ବୋଲି କୁହାଯାଇପାରେ । ମଣିଷର ଚିନ୍ତାଧାରା ତଥା ଗ୍ଭଲିଚଳଣକୁ ନିୟନ୍ତ୍ରଣରେ ରଖିବା ପାଇଁ ଆତ୍ମସଂଯମଟି ହେଲା ଗୋଟିଏ 'ବ୍ରେକ୍' । କାରଣ ମଣିଷର କେତେଗୁଡ଼ିଏ ସହଜାତ ମୂଳ ପ୍ରବୃତ୍ତି ରହିଛି । କେତେକ କାର୍ଯ୍ୟ କରିବା ପାଇଁ ତାହାର ସ୍ୱତଃ ଇଚ୍ଛା ହୁଏ ବା ତା'ର ଶରୀର ସେଭଳି କରିବା ଦିଗରେ ତାକୁ ପ୍ରେରଣା ଦିଏ । ସେ କ୍ଷେତ୍ରରେ ତା'ର ବିବେକ ସେଭଳି କାର୍ଯ୍ୟ ନ କଲେ ଭଲ ହୁଅନ୍ତା ବୋଲି ତାକୁ ପରାମର୍ଶ ଦେଇଥାଏ ଓ ମଣିଷ ଠାରେ ଥିବା ଆତ୍ମସଂଯମ ଗୁଣର ଉପଯୋଗ କରି ସେ ଏଠି ବିବେକର ଉପଦେଶକୁ ଗ୍ରହଣ କରିଯାଏ । କିନ୍ତୁ ଦୁର୍ବଳ ମଣିଷଟିଏ କ୍ଷେତ୍ରରେ ଏହା ହୋଇପାରେ ନାହିଁ—ନିଜ ଉପରୁ ନିଜର ଆୟତ୍ତ ହରାଇ ବିବେକର ବାରଣ ସତ୍ତ୍ୱେ ସେ କେତେକ କାର୍ଯ୍ୟ କରିଯାଏ । କିନ୍ତୁ ଇଚ୍ଛା କଲେ ଯେ ସେ ଆତ୍ମସଂଯମଯୁକ୍ତ ଆଚରଣ ଦେଖାଇ ନ ପାରିବ, ତାହା ନୁହେଁ । ଆତ୍ମସଂଯମ ଗୁଣର ଅଧିକାରୀ ହୋଇଥିବା ବ୍ୟକ୍ତି ନିଜର ଉପକାର କରିବା ସଙ୍ଗେ ସଙ୍ଗେ ସମାଜର ମଧ୍ୟ ଉପକାର କରିଥାଏ ।

ଆତ୍ମସଂଯମ ବା ଆତ୍ମନିୟନ୍ତ୍ରଣ ବହୁ ସଦ୍‌ଗୁଣକୁ ଜନ୍ମ ଦେଇଥାଏ । ସାହସ, ସହନଶୀଳତା, ଉଦାର ମନୋଭାବ, ଧୈର୍ଯ୍ୟ, ସଚ୍ଚୋଟପଣିଆ, ଦୃଢ଼ତା ଓ ନିଷ୍ଠା—ଏସବୁ ହେଲେ ସଂଯମ ସୃଷ୍ଟ ଗୁଣ । ଆତ୍ମସଂଯମୀ ଲୋକର ଚରିତ୍ରବତ୍ତା ଓ ବୁଦ୍ଧି ଅନ୍ୟ ବହୁଲୋକଙ୍କୁ ସଦ୍‌ମାର୍ଗରେ ଯିବାପାଇଁ ପ୍ରେରଣା ଯୋଗାଇଥାଏ ।

***ସମ୍ବନ୍ଧୀୟ ବିଷୟ***

*ଜୀବଜଗତ, ମନୁଷ୍ୟ, ସଂଯମ, ସମାଜ, ମାନବୀୟ ଉତ୍କର୍ଷତା, ମହାତ୍ମା ଗାନ୍ଧୀ, ବୌଦ୍ଧଦର୍ଶନ, ଧର୍ମ, ପୁରାଣ ଶାସ୍ତ୍ର, ନୀତିଗଳ୍ପ, ସାହିତ୍ୟ, ସଂସ୍କୃତି, ପ୍ରକୃତି, ବ୍ୟକ୍ତିତ୍ୱ*

▷ ▷

## ଆତ୍ମସମ୍ମାନ

ଜଣେ ଗୁରୁଜନ, ତାଙ୍କୁ ସମ୍ମାନ ଦେଖାଇବା ଉଚିତ । ଆଉ ଜଣେ ଅନ୍ୟମାନଙ୍କ ମଙ୍ଗଳପାଇଁ କାମ କରୁଛନ୍ତି, ସେ ମଧ୍ୟ ସମ୍ମାନର ଅଧିକାରୀ । ଅନ୍ୟକୁ ସମ୍ମାନ ଦେଖାଇଲେ ନିଜର ମହତପଣିଆ ପ୍ରକାଶ ପାଏ ।

କିନ୍ତୁ ଏ କଥା ସତଯେ ଜଣଙ୍କର ନିଜର ମଧ୍ୟ କିଛି ସମ୍ମାନ ଅଛି । ସେହି ସମ୍ମାନକୁ ହରାଇ ବସିଲେ ତା'ର ମଣିଷପଣିଆ ଲୋପ ହୋଇଗଲା ବୋଲି ଧରାଯାଏ । ଜଣେ ଅର୍ଥର ଲୋଭ ଦେଖାଇ ଜଣକୁ କହୁଛି—ଏଇ କାମଟା କରିଦିଅ । ସେତେବେଳେ ତେଣୁ କହିବା ଉଚିତ—ମୋର ନିଜର ତ ଗୋଟାଏ ସମ୍ମାନ ଅଛି, ଏଭଳି କାମଟିଏ କରିଦେଲେ ମୁଁ ସେହି ସମ୍ମାନକୁ ହରାଇ ବସିବି । ଲୋକେ ମୋତେ ପରିହାସ କରିବେ, ନିନ୍ଦା କରିବେ । ନିଜ ହାତ ଗୋଡ଼ ଚଳୁଥିଲା ଯାଏ, ଅନ୍ୟ ପାଖରେ ହାତ ପତାଇଲେ ନିଜର ମାନ ଯାଏ ବୋଲି ସବୁ ଯୁଗରେ କୁହାହୋଇ ଆସିଛି । ତେଣୁ ନିଜର ସମ୍ମାନ ବା ଆତ୍ମସମ୍ମାନ ଥିବା ଲୋକ ଏଭଳି କେବେ କରିବ ନାହିଁ । ଏହି ଆତ୍ମସମ୍ମାନ ଜ୍ଞାନ ହେଉଛି ମନୁଷ୍ୟର ଗୋଟିଏ ଶ୍ରେଷ୍ଠ ଭୂଷଣ । ନିଜର ଟିକେ ଅସୁବିଧା ହେଉ ପଛକେ, ମୁଣ୍ଡ ଟେକି ଗ୍ଭଲିଲେ ନିଜର ମାନ ବଢ଼େ । କାହାକୁ ଡରିଯାଇ ବା ନିଜର ସାମାନ୍ୟ ଲାଭ ପାଇଁ କିଛି ଗୋଟାଏ ଭୁଲ କରିଦେଲେ, ଲୋକେ କୁହନ୍ତି ଏ ଲୋକର ଆତ୍ମସମ୍ମାନ ନାହିଁ ।

***ସମ୍ବନ୍ଧୀୟ ବିଷୟ***

*ମାନବ ସମାଜ, ବ୍ୟକ୍ତି, ଚଳଣି*

▷ ▷

## ଆତ୍ମହତ୍ୟା

ନିଜକୁ ନିଜେ ହତ୍ୟା କରିଦେବା କର୍ମ । ଜଣେ କାହିଁକି ଏଭଳି ଚରମ ପନ୍ଥା ଅବଲମ୍ବନ କରିଥାଏ ସେ ବିଷୟରେ ମନସ୍ତତ୍ତ୍ୱବିତ୍‌ମାନେ ବହୁକାଳୁ ଆଲୋଚନା କରିଆସିଛନ୍ତି; କିନ୍ତୁ କିଛି ଗୋଟାଏ

ନିର୍ଦ୍ଦିଷ୍ଟ ତଥା ପ୍ରକୃତ କାରଣ ଖୋଜି ପାଇବା ଏକବିଂଶ ଶତାବ୍ଦୀର ଆରମ୍ଭ ବେଳକୁ ମଧ୍ୟ ସମ୍ଭବ ହୋଇନାହିଁ । ନୈରାଶ୍ୟଜନିତ ପ୍ରଚଣ୍ଡ ପ୍ରତିକ୍ରିୟାହିଁ ଆତ୍ମହତ୍ୟାର ମୁଖ୍ୟ କାରଣ ବୋଲି କୁହାଯାଉଛି । ମାନସିକ ଅବସାଦ ଯୋଗୁଁ ନିଜ ପ୍ରତି ଅବଜ୍ଞାଭାବ ଓ ହୀନମନ୍ୟତା ମଣିଷ ମନରେ ବ୍ୟର୍ଥତାର ଯାତନା ସୃଷ୍ଟି କରୁଥିବାରୁ, ଆତ୍ମହତ୍ୟାର ତାହା ହେଲା ଆଉ ଗୋଟିଏ କାରଣ ବୋଲି ମଧ୍ୟ କୁହାଯାଇଥାଏ ।

ମନସ୍ତତ୍ତ୍ୱବିତ୍ ମାନଙ୍କ ମତରେ—ଯେଉଁ ହଠାତ୍ କାରଣରୁ ଜଣେ ଆତ୍ମହତ୍ୟା କରିଦେଲା ତାହା ପ୍ରକୃତରେ ସେହିଦିନ ଘଟିନାହିଁ । କ୍ରମାଗତ ଭାବରେ ବହୁ ବିଫଳତା, ବହୁ ନୈରାଶ୍ୟ ତା ମନରେ ସ୍ତରକୁ ସ୍ତର ହୋଇ ଜମି ଶେଷରେ ଏହି କାରଣ ସୃଷ୍ଟି କରିଛନ୍ତି । କାରଣ ଜଣେ ନିଜର ଅଜାଣତରେ ବ୍ୟର୍ଥତା ବା ନୈରାଶ୍ୟ ପାଇଁ କାର୍ଯ୍ୟ-କରି ଚାଲିଥାଏ ଓ ଦୁର୍ବାର ଅଭିଳାଷ ପଛରେ ଧାଇଁଥାଏ । ଅନେକ ସମୟରେ ସମାଜ ଓ ସଂସ୍କୃତି ମଧ୍ୟ ଜଣକୁ ଆତ୍ମହତ୍ୟା କରିବା ପରିସ୍ଥିତିରେ ନେଇ ପହଞ୍ଚାଇ ଦେଇପାରେ ।

ଇତିହାସ ଦୃଷ୍ଟିରୁ ଦେଖିବାକୁ ଗଲେ ପୃଥିବୀର ଅନେକ ସମାଜରେ ଆତ୍ମହତ୍ୟାକୁ ଅପରାଧ ଭାବେ ଗ୍ରହଣ କରି ନିନ୍ଦା କରାଯାଇଥିଲାବେଳେ ଆଉ କେତେକ ସମାଜରେ ଏହାକୁ ସହ୍ୟ କରିଦିଆଯାଇ ଗ୍ରହଣ କରାଯାଇଛି । ଭାରତରେ ଗୋଟିଏ ସମୟରେ ଚାଲୁଥିବା ସତୀଦାହ ପ୍ରଥାର ଉଦାହରଣ ଏ କ୍ଷେତ୍ରରେ ଦିଆଯାଇପାରେ । ପୁରାତନ ଗ୍ରୀସ୍‌ରେ ବନ୍ଦୀମାନଙ୍କୁ ଆତ୍ମହତ୍ୟା କରିବା ପାଇଁ ଅନୁମତି ଦେଇଦିଆ ଯାଉଥିଲା । ଜାପାନୀ ସମାଜରେ ଆଜି ମଧ୍ୟ ଲୋକେ ଯେଉଁ 'ହାରାକିରୀ' କରୁଛନ୍ତି, ତାହା ଆତ୍ମହତ୍ୟା ବ୍ୟତୀତ ଅନ୍ୟ କିଛି ନୁହେଁ । ବୌଦ୍ଧଭିକ୍ଷୁମାନେ ନିଜକୁ ଜଳାଇ ଆତ୍ମବଳୀ ଦେବା କଥାକୁ ମଧ୍ୟ କେତେକ ଆତ୍ମହତ୍ୟା ଭାବେ ଅଭିହିତ କରିଥା'ନ୍ତି ।

ଶିକ୍ଷା, ସାମାଜିକ ସ୍ଥିତି, ଧନ, ସଂପଦ— ଏସବୁ ଥାଇ ମଧ୍ୟ ଜଣେ ଆତ୍ମହତ୍ୟା କରିଦେଇଥାଏ । ଅନ୍ୟ କେତେକ ଇକୋଲଜୀୟ ବା ପରିବେଶଜନିତ ପରିସ୍ଥିତିକୁ ମଧ୍ୟ ଆତ୍ମହତ୍ୟା ନିମନ୍ତେ ଦାୟୀ କରାଯାଉଛି । ନିକଟରେ ପ୍ରକାଶ ପାଇଛି ଯେ, ପୃଥିବୀର ଯେଉଁ ଅଂଶରେ ସୂର୍ଯ୍ୟ କିରଣର ପ୍ରାଚୁର୍ଯ୍ୟ ନାହିଁ, ଅନ୍ୟ ଅଞ୍ଚଳ ଅପେକ୍ଷା ସେଠାରେ ଆତ୍ମହତ୍ୟା ସଂଖ୍ୟା ତୁଳନାତ୍ମକ ଭାବରେ ବେଶୀ । ପୃଥିବୀର ଉତ୍ତର ଅଂଶରେ ଥିବା ସୁଇଡେନ ଦେଶର ଲୋକେ ଓ ଏସ୍କିମୋମାନେ ଏହି କାରଣରୁ ବେଶୀ ସଂଖ୍ୟାରେ ଏଭଳି କର୍ମ କରୁଛନ୍ତି ।

ଆତ୍ମହତ୍ୟା ପାଇଁ ଉଦ୍ୟମ କରିବା ଭାରତରେ ଆଇନ ଦୃଷ୍ଟିରୁ ଏକ ଅପରାଧ । ଭାରତୀୟ ପିଙ୍ଗଳ କୋର୍ଡରେ ଆତ୍ମହତ୍ୟା କରିବା ପାଇଁ ଉଦ୍ୟମ କରି ସଫଳ ନ ହୋଇ ପାରିଥିବା ବ୍ୟକ୍ତି ନିମନ୍ତେ ଶାସ୍ତିର ବିଧାନ ଅଛି । ବିଂଶ ଶତାବ୍ଦୀର ଶେଷ କେତେବର୍ଷ ବେଳକୁ କିନ୍ତୁ ଏ ବିଷୟରେ ଭାରତୀୟ ବିଚାରପତିମାନେ କେତେକ କ୍ଷେତ୍ରରେ ଭିନ୍ନ ମତପୋଷଣ କରିବାକୁ ଲାଗିଲେଣି ।

ନିଜ ଶରୀରକୁ ହତ୍ୟା କରିବାଟାକୁ ଆତ୍ମହତ୍ୟା ବୋଲି କୁହାଯାଉଥିଲେ ମଧ୍ୟ ଯେଉଁମାନେ ଜାଣିଶୁଣି ରାଜନୀତିରେ ଅସତ୍ ଆଚରଣ କରି ନିଜର ସର୍ବନାଶ ଘଟାଇବା ସଙ୍ଗେ ସଙ୍ଗେ ସମାଜର ମଧ୍ୟ ଘୋର କ୍ଷତି କରିଥା'ନ୍ତି, ସେମାନେ 'ରାଜନୈତିକ ଆତ୍ମହତ୍ୟା' କଲେ ବୋଲି କୁହାଯାଏ । ଯେଉଁ ଲୋକର ନୈତିକ ମୃତ୍ୟୁ ହୋଇଯାଏ, ସେ 'ନୈତିକ ଆତ୍ମହତ୍ୟା' କଲା ବୋଲି ଅଭିହିତ ହୁଏ । ନିଜେ ନିଜର ଅନିଷ୍ଟ କରିବାଟାକୁ ମଧ୍ୟ ଆତ୍ମହତ୍ୟା ବୋଲି କେହି କେହି କହିଥା'ନ୍ତି ।

***ସମ୍ବନ୍ଧୀୟ ବିଷୟ***

*ସମାଜ, ମନସ୍ତତ୍ତ୍ୱ, ଆଇନ, ପରିବେଶ, ବ୍ୟକ୍ତି, ଅବସାଦ, ମାନବଶରୀର, ରାଜନୀତି, ନୈତିକତା ଓ ଆହୁରି ଅନେକ ବିଷୟ*

▷ ▷

## ଆତ୍ମା

ଭାରତୀୟ ଦର୍ଶନରେ ଏଇଟି ହେଲା ଗୋଟିଏ ମୌଳିକ ଚିନ୍ତା । ଶାସ୍ତ୍ର ଗ୍ରନ୍ଥ ଗୁଡ଼ିକରେ ଉଲ୍ଲେଖ ଅଛି ଯେ, ଆତ୍ମା ଜନ୍ମ ହୁଏ ନାହିଁ କି ମରେ ନାହିଁ; ଥରେ ପ୍ରକଟ ହେଲେ ଆଉ ଯେ ପ୍ରକଟ ନ ହେବ ତାହା ମଧ୍ୟ ନୁହେଁ । କାରଣ ଏହା ଜନ୍ମଶୂନ୍ୟ, ଚିରସ୍ଥାୟୀ ଓ ବହୁକାଳର ପୁରୁଣା । ଜଣଙ୍କର ମରଣଶୀଳ ଶରୀରରେ ତା'ର ଯେଉଁ ଅସ୍ତିତ୍ୱ ଅଛି, ଶରୀର ସହିତ ତାହା ଲୋପ ପାଏ ନାହିଁ । ଶାସ୍ତ୍ର ଅନୁସାରେ ଆତ୍ମା ହେଲା ଅଚ୍ଛେଦ୍ୟ, ଅଦାହ୍ୟ, ଅଶୋଷ୍ୟ, ଚିରସ୍ଥାୟୀ, ଅଚଳ, ଅବିନାଶୀ ତଥା ସବୁଠାରେ ବିଦ୍ୟମାନ ହେଉଥିବା ଗୋଟିଏ ଶାଶ୍ୱତ ଏକକ । ଏହା ଇନ୍ଦ୍ରିୟ ମାନଙ୍କର ଅଗୋଚର ।

ଭାରତୀୟ ଦାର୍ଶନିକମାନେ ବେଦ, ଉପନିଷଦ ଯୁଗରୁ ଆତ୍ମା ବିଷୟରେ ଚର୍ଚ୍ଚା କରିଆସିଛନ୍ତି । ଚାର୍ବାକ ଦେହ ବା ଶରୀରକୁ ମଧ୍ୟ ଆତ୍ମା ବୋଲି କହିଛନ୍ତି । କାରଣ ଭୌତିକ ଶରୀରରେ ଅତିରିକ୍ତ ଆତ୍ମା ବୋଲି କୌଣସି ଗୋଟିଏ ପୃଥକ୍ ପଦାର୍ଥର ସତ୍ତା ସେ ସ୍ୱୀକାର କରିନାହାନ୍ତି । ଲୋକାୟତ ସଂପ୍ରଦାୟର ଗୋଟିଏ ପ୍ରାଚୀନ ସୂତ୍ରଗ୍ରନ୍ଥରେ ଉଲ୍ଲେଖ ଅଛି ଯେ, 'ଚୈତନ୍ୟବିଶିଷ୍ଟ ଶରୀର ହିଁ ହେଲା ଆତ୍ମା' । ଆଉ କେହି କେହି ଇନ୍ଦ୍ରିୟ, ପ୍ରାଣ ବା ମନକୁ ଆତ୍ମା ବୋଲି କୁହନ୍ତି । ବୌଦ୍ଧମାନଙ୍କ ଭିତରୁ ଅଧିକାଂଶଙ୍କ ମତରେ ପ୍ରକୃତ ପକ୍ଷରେ ଆତ୍ମା ବୋଲି କୌଣସି ସ୍ଥାୟୀ ନିତ୍ୟ ପଦାର୍ଥ ନାହିଁ ।

ଭାରତୀୟ ଦର୍ଶନଶାସ୍ତ୍ର ଓ ସାହିତ୍ୟରେ ଆତ୍ମା ବିଷୟରେ ବହୁ ପଣ୍ଡିତ ବିଷଦ ଭାବରେ ଆଲୋଚନା କରିଛନ୍ତି । ସାଧାରଣ ଜୀବନଯାପନ କରୁଥିବା ବ୍ୟକ୍ତି ଉପରେ ଏହାର ପ୍ରଭାବ ବିଷୟରେ ମଧ୍ୟ ଆଲୋଚନା ହୋଇଛି ।

ପୃଥିବୀର ଅଧିକାଂଶ ଅଞ୍ଚଳର ଲୋକ-ସଂସ୍କୃତିରେ ମଧ୍ୟ ଆତ୍ମାକୁ ଭିନ୍ନ ଭିନ୍ନ ରୂପରେ ଚିତ୍ରଣ କରାଯାଇଥାଏ ।

***ସମ୍ବନ୍ଧୀୟ ବିଷୟ***

*ଦର୍ଶନ, ଭାରତୀୟ ଦର୍ଶନ, ହିନ୍ଦୁ ଧର୍ମ, ବୌଦ୍ଧ ଧର୍ମ, ସାହିତ୍ୟ, ପୁରାଣ-ଶାସ୍ତ୍ର, ବିବେକ*

▷ ▷

## ଆଥ୍‌ଲେଟିକ୍‌ସ

ଏହାକୁ ଦୌଡ଼କୁଦ ବା ଟ୍ରାକ୍ ଆଣ୍ଡ ଫିଲ୍ଡ ଆଥ୍‌ଲେଟିକ୍‌ସ ବୋଲି ମଧ୍ୟ କୁହାଯାଇଥାଏ । ଅନ୍ୟ



ଜାଭେଲିନ୍ ଥ୍ରୋ, ଷ୍ଟାର୍ଟିଙ୍ଗ ବ୍ଲକ୍, ସଟ୍‌ପୁଟ୍ (ଉପର ଧାଡ଼ି ବାମରୁ); ହାମର ଥ୍ରୋ, ଲଙ୍ଗଜମ୍ପ, ଡିସ୍କସ୍ ଥ୍ରୋ, ମାରାଥନ ଦଉଡ଼ (ତଳ ଧାଡ଼ି ବାମରୁ) ଓ ପୋଲ ଭଲ୍ଟ (ସବା ଡାହାଣ) ଭଳି କେତେକ ଆଥ୍‌ଲେଟିକ୍‌ସ ବିଭାଗ ।

କେତେକ କ୍ରୀଡ଼ା ସହିତ ଦୌଡ଼ିବା, କୁଦିବା, ଗୁଳିବା, ଫୋପାଡ଼ିବା ଓ ଠେଲିବା ଭଳି କ୍ଷେତ୍ରରେ ଅନୁଷ୍ଠିତ କ୍ରୀଡ଼ାସବୁକୁ ନେଇ ଆଧୁନିକ ଆଥ୍ଲେଟିକ୍ସର ସୃଷ୍ଟି ହୋଇଛି ।

ଗୋଟିଏ ଦୃଷ୍ଟିରୁ ଆଥ୍ଲେଟିକ୍ସଟି ହେଲା ସବୁଠାରୁ ପୁରାତନ ସଂଗଠିତ କ୍ରୀଡ଼ା । ଖ୍ରୀଷ୍ଟପୂର୍ବ ୧୩୭୦ରୁ ଖ୍ରୀଷ୍ଟାବ୍ଦ ୩୯୩ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିବା ପୁରାତନ ଅଲିମ୍ପିକ ଖେଳରେ ଆଥ୍ଲେଟିକ୍ସ ଗୋଟିଏ ପ୍ରତିଯୋଗିତା ଭାବେ ରହିଥିଲା । ତାପରେ କିନ୍ତୁ ଏହା ଲୁପ୍ତପ୍ରାୟ ହୋଇଯାଇଥିଲା ଏବଂ ଅଷ୍ଟାଦଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ଯାଇ ପୁଣି ଆଥ୍ଲେଟିକ୍ସର ପୁନଃ ଅଭ୍ୟୁଦୟ ହେଲା ।

୧୯୧୭ ମସିହାରେ ପ୍ରଥମ କରି ମହିଳା ମାନଙ୍କ ପାଇଁ ଫ୍ରାନ୍ସ ଦେଶରେ ଗୋଟିଏ ଆଥ୍ଲେଟିକ୍ ସଂଗଠନ ଗଢାଗଲା । ଏହାପୂର୍ବରୁ ୧୮୯୫ ମସିହାରେ ପ୍ରଥମ 'ଆନ୍ତର୍ଜାତୀୟ ଆଥ୍ଲେଟିକ୍ ମିଟ୍' ଅନୁଷ୍ଠିତ ହୋଇଥିଲା । ତା ପରବର୍ଷ ଠାରୁ ଆଧୁନିକ ଅଲିମ୍ପିକ କ୍ରୀଡ଼ା ଆରମ୍ଭ ହୋଇଯିବାରୁ ଆଥ୍ଲେଟିକ୍ସ ଅଲିମ୍ପିକର ଗୋଟାଏ ପ୍ରମୁଖ ଅଂଶବିଶେଷ ହୋଇଗଲା ଓ ସେହିଦିନ ଠାରୁ ସେଭଳି ହୋଇ ରହିଛି ।

ଦୌଡ଼, ରିଲେଦୌଡ଼, ମାରାଥନ, ହଡଲ୍ସ, ହାଇଜମ୍ପ, ଲଙ୍ଗଜମ୍ପ, ପୋଲ୍ଭଲ୍ଟ, ସଟ୍ପୁଟ୍, ଡିସ୍କସ୍ ଥ୍ରୋ, ଜାଭେଲିନ୍ ଇତ୍ୟାଦି ହେଲା କେତୋଟି ପ୍ରଧାନ ପ୍ରଧାନ ଆଥ୍ଲେଟିକ୍ସ ଇଭେଣ୍ଟ । ଏସବୁର ବହୁ ଉପବିଭାଗ ମଧ୍ୟ ରହିଛି । ଆନ୍ତର୍ଜାତୀୟ ଆମେଚର ଆଥ୍ଲେଟିକ୍ସ ଫେଡେରେସନ ଦ୍ୱାରା ସମସ୍ତ ପ୍ରକାର ଆଥ୍ଲେଟିକ୍ସ ରେକର୍ଡ ସ୍ୱୀକୃତ ହେବା ଆବଶ୍ୟକ ।

***ସମ୍ବନ୍ଧୀୟ ବିଷୟ***
*କ୍ରୀଡ଼ା, ଅଲିମ୍ପିକ, ଶରୀରତତ୍ତ୍ୱ, ମାନବଶରୀର, ମାନବୀୟ ଉତ୍କର୍ଷତା, ଅଲିମ୍ପିକ ତଥ୍ୟ*

▷▷

## ଆଦାମ୍ ଓ ଇଭ୍

ଏମାନେ ହେଉଛନ୍ତି ବାଇବଲ୍ର ଦୁଇଟି ଚରିତ୍ର । 'ଜେନେସିସ୍' ଗ୍ରନ୍ଥରେ ବର୍ଣ୍ଣନା ରହିଛି ଯେ ଆଦାମ୍ ଓ ଇଭ୍ ହେଲେ ଯଥାକ୍ରମେ ସୃଷ୍ଟିର ପ୍ରଥମ ପୁରୁଷ ଓ ନାରୀ । 'ଇଡେନ' ନାମକ ଅପରୂପ ଉଦ୍ୟାନରେ ଏମାନଙ୍କ ଲୀଳାଖେଳା ଲାଗିଥିଲା ବୋଲି ଉଲ୍ଲେଖ କରାଯାଏ । ପରେ ଈଶ୍ୱରଙ୍କ ଆଜ୍ଞା ଅବଜ୍ଞା କରିଥିବାରୁ ଏମାନଙ୍କୁ ସେ ଉଦ୍ୟାନରୁ ତଡିଦିଆଯାଇଥିଲା ।

***ସମ୍ବନ୍ଧୀୟ ବିଷୟ***
*ବାଇବଲ୍, ଚିତ୍ରକଳା, ଇଡେନ ଉଦ୍ୟାନ*

▷▷

## ଆଦିବାସୀ

ଆମ ଦେଶର ଆଦିମ ବା ସବୁଠାରୁ ପୁରାତନ ଅଧିବାସୀ ମାନଙ୍କୁ ଆଦିବାସୀ ବୋଲି କୁହାଯାଇଥାଏ । ଆର୍ଯ୍ୟମାନେ ଆସିବା ପୂର୍ବରୁ ଏମାନେ ଭାରତର ପ୍ରଧାନ ଜାତି ଭାବରେ ରହୁଥିଲେ । କ୍ରମେ ହିନ୍ଦୁ ଜାତିପ୍ରଥା କିନ୍ତୁ ଏମାନଙ୍କୁ ଭାରତୀୟ ସମାଜର ମୂଳସ୍ରୋତରୁ ଅଲଗା କରିଦେଲା ଓ ଆଦିବାସୀମାନେ ବଣଜଙ୍ଗଲକୁ ନିଜର ବୋଲି ଆଦରିଗଲେ । ସେଇଠି ସେମାନଙ୍କର ଗୋଟାଏ ସ୍ୱତନ୍ତ୍ର ସଂସ୍କୃତି ଗଢି ଉଠିଲା; ନୂଆ ନୂଆ କଥିତ



କୋରାପୁଟର ଏହି ଆଦିବାସୀ ମହିଳା ଜଣକ ପାରମ୍ପାରିକ ଅଳଙ୍କାର ପିନ୍ଧିଥିବାର ଦୃଶ୍ୟ । ନାରୀ ଲଣ୍ଡାହେଲେ ଅଧିକ ସୁନ୍ଦର ଦେଖାଯା'ନ୍ତି ବୋଲି କେତେକ ଆଦିବାସୀ ସଂପ୍ରଦାୟରେ ଧାରଣା ରହିଛି ।

ଭାଷା ସବୁ ସୃଷ୍ଟି ହେଲା । ଆମ ଦେଶ ସ୍ୱାଧୀନତା ପାଇଲା ପରେ ଏହି ଆଦିବାସୀ ମାନଙ୍କ ଉନ୍ନତି ନିମନ୍ତେ ସରକାର ସବୁମତେ ଚେଷ୍ଟା କରି ଆସୁଛନ୍ତି । ତା'ର ଫଳସ୍ୱରୂପ ଭାରତର ଅନେକ ଅଞ୍ଚଳର ଆଦିବାସୀମାନେ ବଣଜଙ୍ଗଲ ଛାଡ଼ି ପୁଣି ଭାରତୀୟ ଜନଜୀବନର ମୁଖ୍ୟସ୍ରୋତ ସହିତ କ୍ରମେ କ୍ରମେ ସାମିଲ ହୋଇଯିବାକୁ ବସିଲେଣି ।

ଭାରତରେ ଯେଉଁ ଯେଉଁ ଅଞ୍ଚଳରେ ଆଦିବାସୀମାନେ ବହୁସଂଖ୍ୟାରେ ରୁହନ୍ତି ସେସବୁକୁ ତିନୋଟି ନିର୍ଦ୍ଦିଷ୍ଟ ଭାଗରେ ବିଭକ୍ତ କରିଦିଆଯାଇପାରେ । ସେହି ଅଞ୍ଚଳଗୁଡ଼ିକ ହେଲା ଦକ୍ଷିଣାଞ୍ଚଳ, ମଧ୍ୟାଞ୍ଚଳ ଓ ଉତ୍ତରପୂର୍ବାଞ୍ଚଳ । ଯୁରୁଭା, ଯୁରୁଲା, ଚେଞ୍ଚୁ, ପାନିଅନ୍, ଯୁଗାଲୀ ପ୍ରଭୃତି ଅନେକ ଜାତିର ଆଦିବାସୀ ଦକ୍ଷିଣାଞ୍ଚଳରେ ଅଛନ୍ତି । ଭାରତର ସବୁଠାରୁ ବେଶୀ ସଂଖ୍ୟକ ଆଦିବାସୀ ଦେଖାଯା'ନ୍ତି କିନ୍ତୁ ମଧ୍ୟାଞ୍ଚଳରେ । ଓଡ଼ିଶାର ଆଦିବାସୀମାନେ ଏହି ଅଞ୍ଚଳର ଅନ୍ତର୍ଗତ । ମୁଣ୍ଡା, ଓରାଓଁ, ହୋ, ସାନ୍ତାଳ, କନ୍ଧ, ଭୂମିଜ, ଖରିଆ, ଭୂୟାଁ, ଶବର, ଜୁଆଙ୍ଗ, ଗଣ୍ଡ, ବଣ୍ଡା, କୋହ୍ଲ, ଭିଲ୍ ଭଳି ଜାତିର ଆଦିବାସୀ ସବୁ ଏହି ଅଞ୍ଚଳରେ ବହୁ ସଂଖ୍ୟାରେ ଦେଖାଯା'ନ୍ତି । ଉତ୍ତର ପୂର୍ବାଞ୍ଚଳରେ ଗାରୋ, ଖାସି, ନାଗା, କୁକି,

ଲୁସାଇ, ଚକମା ଓ ଆହୁରି ଅନେକ ଜାତିର ଆଦିବାସୀ ଦେଖାଯା'ନ୍ତି ।

ଭାରତର ଭିନ୍ନ ଭିନ୍ନ ଅଞ୍ଚଳର ଆଦିବାସୀମାନଙ୍କର ଶରୀର ଗଠନ ଭିନ୍ନ ଭିନ୍ନ ପ୍ରକାରର । କେତେକ ଆଦିବାସୀ ଭାଷାରେ ଲିପି ସୃଷ୍ଟି କରାଯିବା ଉଦ୍ୟମରେ ସଫଳତା ମିଳିଲାଣି । ଭାରତୀୟ ସମ୍ବିଧାନରେ ଆଦିବାସୀ ମାନଙ୍କ ନିମନ୍ତେ ବିଶେଷ ସୁବିଧା ସବୁର ବ୍ୟବସ୍ଥା କରାଯାଇଛି । ଆଦିବାସୀ ହସ୍ତକଳାର ସ୍ୱାତନ୍ତ୍ର୍ୟ ରକ୍ଷା ନିମନ୍ତେ ବହୁମନ୍ତେ ଉଦ୍ୟମ କରାଯାଉଛି ।

ବିଭିନ୍ନ ଆଦିବାସୀ ପ୍ରଜାତି ଓ ସଂପ୍ରଦାୟଙ୍କର ଅର୍ଥନୈତିକ ବିକାଶ ନିମନ୍ତେ ନୂଆ ନୂଆ ଯୋଜନା ହେବା ଦ୍ୱାରା ସେମାନେ ଉପକୃତ ହେବାକୁ ଲାଗିଲେଣି । ହକି ଭଳି କେତେକ କ୍ରୀଡ଼ା କ୍ଷେତ୍ରରେ ମଧ୍ୟ ଆଦିବାସୀ ପିଲା ଭଲ କରୁଛନ୍ତି ।

କିନ୍ତୁ ବହୁ ପୁରାତନ ଆଦିବାସୀ ପରମ୍ପରା ଓ ସଂସ୍କୃତି କାଳକ୍ରମେ ଲୋପ ପାଇଯିବ ବୋଲି ଆଜି ଆଶଙ୍କା ପ୍ରକାଶ ପାଇଲାଣି । ତେଣୁ ଆନ୍ତର୍ଜାତୀୟ ସହଯୋଗରେ ଏ ସବୁର ବିଧିବଦ୍ଧ ରକ୍ଷଣାବେକ୍ଷଣ ନିମନ୍ତେ ଉଦ୍ୟମ ଆରମ୍ଭ ହୋଇଛି ।

***ସମ୍ବନ୍ଧୀୟ ବିଷୟ***
*ଭାରତ, ନୃତତ୍ତ୍ୱ, ସମାଜ, ଅରଣ୍ୟ, କୃଷି, ସଂସ୍କୃତି, ମାନବ ସଭ୍ୟତା, ଓଡ଼ିଶା, ଶୋଷଣ*

## ଆଦିବୁଦ୍ଧ

ବଜ୍ରଯାନୀ ମାନଙ୍କ ଆବିର୍ଭାବ ସମୟରେ ବୌଦ୍ଧ ଧର୍ମ ଭିତରକୁ 'ଆଦିବୁଦ୍ଧ ବାଦ'ର ଅନୁପ୍ରବେଶ ହେଲା ବୋଲି ଧରାଯାଏ । ସେମାନେ ଜଣେ ଆଦି ବା ପ୍ରଥମ ବୁଦ୍ଧଙ୍କର କଳ୍ପନା କଲେ ଓ ଏହି ଆଦିବୁଦ୍ଧ ହେଉଛନ୍ତି ଶ୍ରେଷ୍ଠ ଦେବତା ବୋଲି କହିଲେ । ତାଙ୍କୁ ନିରଞ୍ଜନ, ନିରାଧାର ଓ ନିରାକାର ରୂପରେ ମଧ୍ୟ ବର୍ଣ୍ଣନା କରାଗଲା । ବିଖ୍ୟାତ ବଜ୍ରଯାନୀ ଗ୍ରନ୍ଥ 'ଗୁହ୍ୟ ସମାଜ'ରେ ଆଦିବୁଦ୍ଧଙ୍କ ବିଷୟରେ ଉଲ୍ଲେଖ ରହିଛି । ଏହି ମତବାଦ ଗୋଟାଏ ସମୟରେ ଖୁବ୍ ଜନପ୍ରିୟ ହୋଇଉଠିଥିଲା । କାଳଚକ୍ରଯାନରେ ମଧ୍ୟ ଆଦିବୁଦ୍ଧଙ୍କୁ ଗୁରୁତ୍ୱ ଦିଆଯାଇଛି । ଏମାନଙ୍କ ମତରେ ଆଦିବୁଦ୍ଧ ହେଉଛନ୍ତି ସବୁର ସ୍ରଷ୍ଟା ଓ ନିୟନ୍ତା ଓ ଏହାଙ୍କଠାରୁ ପଞ୍ଚ-ଧ୍ୟାନୀ-ବୁଦ୍ଧଙ୍କର ଉଦ୍‌ଭବ ହୋଇଛି । ସପ୍ତମ ଶତାବ୍ଦୀ ପୂର୍ବରୁ ଏହି ଆଦିବୁଦ୍ଧ ମତବାଦ ଭାରତବର୍ଷରେ ପ୍ରଚଳିତ ଥିଲା ବୋଲି ପଣ୍ଡିତ ମାନଙ୍କ ମତ ।

***ସମ୍ବନ୍ଧୀୟ ବିଷୟ***
*ବୌଦ୍ଧ ଧର୍ମ, ଭାରତ, ପଞ୍ଚ-ଧ୍ୟାନୀ-ବୁଦ୍ଧ*

## ଆଧ୍ୟାତ୍ମିକତା

ଧର୍ମବିଶ୍ୱାସରେ ଏହାର ମହତ୍ତ୍ୱପୂର୍ଣ୍ଣ ସ୍ଥାନ ରହିଛି । ଆଧ୍ୟାତ୍ମିକତାଟି କିନ୍ତୁ କେବଳ ଧର୍ମ ବା ଈଶ୍ୱରଭକ୍ତି ନୁହେଁ—ଏହା ହେଲା ଗୋଟିଏ ଜୀବନ ନିର୍ବାହ ପଦ୍ଧତି । କୌଣସି ଧର୍ମର ବନ୍ଧନରେ ଏହା ଆବଦ୍ଧ ନୁହେଁ ବୋଲି କୁହାଯାଇପାରେ । ଆଧ୍ୟାତ୍ମିକତା ହେଲା ପ୍ରକୃତ ଅର୍ଥରେ ସାର୍ବଜନୀନ ତଥା 'ସର୍ବଧାର୍ମିକ'; ଅନ୍ୟ ଭାବରେ କହିବାକୁ ଗଲେ ସବୁ ଧର୍ମରେ ଯାହା ସର୍ବମାନ୍ୟ ତତ୍ତ୍ୱ, ଏହା ଭିତରେ ସେସବୁ ନିହିତ ହୋଇ ରହିଛି । ଏହାର ସଂପର୍କ ହେଲା ମଣିଷର ଆତ୍ମା ସହିତ—ଦେହ ସହିତ ନୁହେଁ । ଧର୍ମର ବାହ୍ୟିକ ଅଭିବ୍ୟକ୍ତି ସହିତ ନରହି ତାହାର ମାର୍ମିକ ନିର୍ଯ୍ୟାସ ସହିତ ଏହାର ସଂପର୍କ ରହିଛି ବୋଲି କୁହାଯାଏ । ଆଧ୍ୟାତ୍ମିକତା ବିଷୟରେ ପ୍ରମାଦପୂର୍ଣ୍ଣ ଧାରଣା ବେଳେବେଳେ ସମାଜରେ ଅଘଟଣ ସୃଷ୍ଟି କରିଥାଏ ଓ ଆଧ୍ୟାତ୍ମିକତାର ଅସଲ ପ୍ରଭାବକୁ ହ୍ରାସ କରିଦିଏ ।

***ସମ୍ବନ୍ଧୀୟ ବିଷୟ***
*ଧର୍ମ, ଭଗବାନ, ସମାଜ, ଅନ୍ଧବିଶ୍ୱାସ, କୁସଂସ୍କାର, ସାହିତ୍ୟ, ମାନବୀୟ ଉତ୍କର୍ଷତା*

## ଆନ୍‌ହିଙ୍ଗା

ଏହି ପକ୍ଷୀଟିର ବେକ ଏମିତି ଭାବରେ ତିଆରି ହୋଇଛି ଓ ଥଣ୍ଟଟି ଏମିତି ଖଞ୍ଜାଯାଇଛି ଯେ ମନେହେବ ସତେ ଯେପରିକି ସେଇଟି ସାପ ଭଳି ଫଣା ଟେକିଛି । ସେଇଥିପାଇଁ ଏହାକୁ 'ସାପ ଚଢେଇ' ବୋଲି ମଧ୍ୟ କୁହାଯାଏ । ପହଁରିଲାବେଳେ ଯେମିତିକି ସମସ୍ତ ଦେହଟାରେ ପହଁରୁଛି । ମୁଣ୍ଡଟି କେବଳ ଉପରକୁ ଅଛି । ଶିକାର ପାଇଁ ପାଣି ଭିତରକୁ ଜୋରରେ ବୁଡ଼ିଯାଉଛି । ଏହାର ମୁନିଆ ଥଣ୍ଟରେ ମାଛ ଶିକାର କରିବା ସହଜ । ଗୋଡ଼ ଗୁଡ଼ାକ ଠିକ୍ ହଂସପାଦ ଭଳି । ଦୁଇ ଆମେରିକା ମହାଦେଶରେ ଦେଖିବାକୁ ମିଳନ୍ତି ।

***ସମ୍ବନ୍ଧୀୟ ବିଷୟ***
*ପକ୍ଷୀ, ଜୀବଜଗତ*

## ଆନନ୍ଦ
(ଜୀବିତ ଖ୍ରୀଷ୍ଟପୂର୍ବ ୬ଷ୍ଠ ଶତାବ୍ଦୀ)

ବୁଦ୍ଧଙ୍କର ପ୍ରଧାନ ଶିଷ୍ୟମାନଙ୍କ ମଧ୍ୟରୁ ଅନ୍ୟତମ । ସେ ଅପୂର୍ବ ଶ୍ରୁତିଧର ଥିଲେ ବୋଲି ଉଲ୍ଲେଖ ଅଛି । ବୁଦ୍ଧଙ୍କର ଉପଦେଶ ଗୁଡ଼ିକୁ ଆନନ୍ଦ ଅକ୍ଷରେ ଅକ୍ଷରେ ସ୍ମରଣ କରି ରଖିଥିଲେ । ତାହାଙ୍କୁ 'ଧର୍ମ ଭଣ୍ଡାଗାରିକ' ବୋଲି କୁହାଯାଉଥିଲା । ଆଜିର ମାପକାଠିରେ ସେ ଜଣେ ଅସାଧାରଣ ସଂସ୍କାରକ ବୋଲି ମଧ୍ୟ ବିବେଚିତ ହେବେ । ବୁଦ୍ଧଙ୍କୁ ପ୍ରଭାବିତ କରି ନାରୀମାନଙ୍କୁ ସନ୍ନ୍ୟାସିନୀ ବା ଭିକ୍ଷୁଣୀ ହେବାର ଅଧିକାର ଆନନ୍ଦ ପ୍ରଦାନ କରିପାରିଥିଲେ । ସେତେବେଳର ସମାଜ ବା ଧାର୍ମିକ ସମାଜରେ ସେମାନଙ୍କର ଏଭଳି ଅଧିକାର ପାଇବା କଥାର ପ୍ରଶ୍ନ ମଧ୍ୟ ଉଠୁ ନ ଥିଲା ।

***ସମ୍ବନ୍ଧୀୟ ବିଷୟ***
*ବୌଦ୍ଧ ଧର୍ମ, ବୁଦ୍ଧଦେବ, ସମାଜ ସଂସ୍କାର*

## ଆନନ୍ଦ କୁମାରସ୍ୱାମୀ
(୧୮୭୭-୧୯୪୭)

ଶ୍ରୀଲଙ୍କାରେ ଜନ୍ମଗ୍ରହଣ କରିଥିବା ପ୍ରସିଦ୍ଧ ବିଦ୍ୱାନ ତଥା ଜଣେ ଶ୍ରେଷ୍ଠ ବ୍ୟକ୍ତିତ୍ୱ । ଭାରତୀୟ କଳା ଓ ସଂସ୍କୃତିକୁ ପାଶ୍ଚାତ୍ୟ ଜଗତରେ ଭଲ ଭାବରେ ପରିଚିତ କରାଇବାରେ ତାଙ୍କର ମହତ୍ତ୍ୱପୂର୍ଣ୍ଣ ଅବଦାନ ରହିଛି । କୁମାରସ୍ୱାମୀ ବହୁସଂଖ୍ୟକ ଅତି ଉପାଦେୟ ପୁସ୍ତକ ରଚନା କରିଯାଇଛନ୍ତି ।

***ସମ୍ବନ୍ଧୀୟ ବିଷୟ***
*ଶ୍ରୀଲଙ୍କା, ଭାରତୀୟ କଳା-ସଂସ୍କୃତି*

## ଆନନ୍ଦପୁର

କେନ୍ଦୁଝର ଜିଲାର ଏହା ଗୋଟିଏ ସବ୍‌ଡିଭିଜନ । ଏହାର ସଦର ମହକୁମା ମଧ୍ୟ ଆନନ୍ଦପୁର ଓ ସହରଟି ବୈତରଣୀ ନଦୀ କୂଳରେ ରହିଛି । ଆନନ୍ଦପୁର ହେଲା ଗୋଟିଏ ବାଣିଜ୍ୟ କେନ୍ଦ୍ର । ଏହି ସବ୍‌ଡିଭିଜନରେ କେତେକ ଜୈନ ଓ ବୌଦ୍ଧ କୀର୍ତ୍ତିର ଅବଶେଷ ରହିଛି ।

***ସମ୍ବନ୍ଧୀୟ ବିଷୟ***
*ଓଡ଼ିଶା, କେନ୍ଦୁଝର ଜିଲା*

## ଆନନ୍ଦବାଦ

ଆନନ୍ଦ ହିଁ ମାନବ ଜୀବନର ମୂଳଲକ୍ଷ୍ୟ ବୋଲି ସ୍ୱୀକାର କରାଯିବା ଉଚିତ—ଏହି ବିଗ୍ରହଧାରାକୁ ଆନନ୍ଦବାଦ ବୋଲି କୁହାଯାଏ । ଏହାର ଦୁଇଟି ରୂପ ବା ଧାରା ରହିଛି । ପ୍ରଥମ ବିଗ୍ରହଧାରା ଅନୁସାରେ ଆନନ୍ଦ ହିଁ ହେଲା ଏହି ମନୁଷ୍ୟ ଜୀବନର ଚରମ ଲକ୍ଷ୍ୟ । ଦ୍ୱିତୀୟ ଧାରାଟି ହେଲା—ଜୀବନରେ କଠୋର ନିୟମ ପାଳନ କରିବା ଦ୍ୱାରା ହିଁ ଭବିଷ୍ୟତରେ ଜଣେ ପରମ ଆନନ୍ଦ ଲାଭ କରିପାରିବ । ଖ୍ରୀଷ୍ଟପୂର୍ବ ତୃତୀୟ-ଚତୁର୍ଥ ଶତାବ୍ଦୀରେ ଗ୍ରୀକ୍ ଦାର୍ଶନିକ ଏପିକ୍ୟୁରସ୍ ଏଭଳି ମତ ପୋଷଣ କରୁଥିଲେ । ଭାରତୀୟ ଚାର୍ବାକ୍ ଦର୍ଶନ

ମଧ୍ୟ ଏହି ସଂସାରରେ ମିଳୁଥିବା ଆନନ୍ଦର ଉପଭୋଗ ପ୍ରତ୍ୟେକ ପ୍ରାଣୀର କର୍ତ୍ତବ୍ୟ ବୋଲି ସ୍ୱୀକାର କରିଥାଏ । ସେହି ମତ ଅନୁସାରେ 'କାମ' ହିଁ ସର୍ବଶ୍ରେଷ୍ଠ ପୁରୁଷାର୍ଥ, କାମନାର ପୂର୍ତ୍ତି ପାଇଁ ସବୁ କର୍ତ୍ତବ୍ୟ କରାଯାଏ । ଉପନିଷଦକୁ ମାନୁଥିବା ଭାରତର ସବୁ ଧାର୍ମିକ ଓ ଦାର୍ଶନିକ ସଂପ୍ରଦାୟର କିନ୍ତୁ ମତ ହେଲା, ଆତ୍ମାର ଚରମ ଅଭିବ୍ୟକ୍ତି ହେଉଛି ଆନନ୍ଦ । ଶଙ୍କର, ରାମାନୁଜ, ମଧ୍ୱ, ବଲ୍ଲଭ, ଚୈତନ୍ୟ ପ୍ରଭୃତି ଆନନ୍ଦକୁ ଆତ୍ମାର ପୂର୍ଣ୍ଣତାର ରୂପ ବୋଲି ସ୍ୱୀକାର କରିଛନ୍ତି ।

***ସମ୍ବନ୍ଧୀୟ ବିଷୟ***
*ଏପିକ୍ୟୁରସ, ଉପନିଷଦ, ପୂର୍ବାକ୍ ଭାରତୀୟ ଦର୍ଶନ*

▷▷

## ଆନାକ୍ସାଗୋରସ
(ଖ୍ରୀଷ୍ଟପୂର୍ବ ପ୍ରାୟ ୫୦୦-୪୨୮)

କସ୍‌ମୋଲଜି ବା ବ୍ରହ୍ମାଣ୍ଡବିଜ୍ଞାନକୁ ଅବଦାନ ନିମନ୍ତେ ଏହି ଗ୍ରୀକ୍ ଦାର୍ଶନିକ ପ୍ରସିଦ୍ଧି ଲାଭ କରିଥିଲେ । ପରାଗ ଓ ଗ୍ରହଣ ଠିକ୍ କେଉଁ କାରଣରୁ ହେଉଛି, ସେ କଥା ସେ ନିର୍ଦ୍ଧାରଣ କରିଦେଇ ପାରିଥିଲେ । ଏଥେନ୍ସ ନଗରୀରେ ଦୀର୍ଘ ୩୦ ବର୍ଷ କାଳ ଆନାକ୍ସାଗୋରସ ବିଦ୍ୟାଦାନ କରିଆସିଥିଲେ ଓ ପେରିକ୍ଲିସ୍, ଇଉରିପାଇଡସ୍ ପ୍ରଭୃତି ସେସମୟରେ ତାଙ୍କର ଛାତ୍ର ଥିଲେ । ତାଙ୍କ ବୈଜ୍ଞାନିକ ଅନୁସନ୍ଧିତ୍ସା ଯୋଗୁଁ ପରେ କିନ୍ତୁ ତାଙ୍କୁ ଏଥେନ୍ସରୁ ତଡ଼ି ଦିଆଯାଇଥିଲା ।

***ସମ୍ବନ୍ଧୀୟ ବିଷୟ***
*କସ୍‌ମୋଲଜି, ଗ୍ରୀସ୍, ଦର୍ଶନ, ପଦାର୍ଥ*

▷▷

## ଆନାକୋଣ୍ଡା

ଦକ୍ଷିଣ ଆମେରିକା ମହାଦେଶରେ ବୋଆ ଜାତିର ଏହି ସାପ ଅଛନ୍ତି । ଏହାର ବିଷ ନାହିଁ ସତ, କିନ୍ତୁ ଶିକାର ଦେହରେ ଗୁଡ଼ାଇ ହୋଇଯାଇ ଏଭଳି ଭିଡ଼ିଦିଏ ଯେ ତା'ର ହାଡ଼ସବୁ ଭାଙ୍ଗିଯାଏ । ପରେ ସେ ତା'କୁ ଗିଳିଦିଏ । ଏହାର ଲମ୍ବ ବେଳେବେଳେ ୧୦ ମିଟର ପର୍ଯ୍ୟନ୍ତ ହୋଇଥାଏ । ଏଇଟି ହେଉଛି ପୃଥିବୀର ସବୁଠାରୁ ଓଜନିଆ ସାପ । ପାଣି ଭିତରେ ରହେ । ନଦୀ ବା ପାଣିପାଟରେ ଅଧିକାଂଶ ସମୟ ସମୁଦାୟ ଦେହଟିକୁ ବୁଡ଼ାଇ ରଖି କେବଳ ମୁଣ୍ଡଟିକୁ ପଦାକୁ କାଢିଥାଏ । ବେଳେ ବେଳେ ସଂପୂର୍ଣ୍ଣ ଭାବେ ବୁଡ଼ିକରି ମଧ୍ୟ ଥାଏ । ବଡ଼ ବଡ଼ ହଂସ ପହଁରିଲା ବେଳେ ସହଜରେ ଧରିନିଏ । ଗୋଟାଏ ଗୋଟାଏ କୁମ୍ଭୀର ଦେହରେ ଗୁଡ଼ାଇ ହୋଇଯାଇ ଶେଷରେ ତା'କୁ ଗିଳିଦେଇପାରେ ।



ଦକ୍ଷିଣ ଆମେରିକାର ଉତ୍ତର ଅଂଶରେ ରହୁଥିବା 'ବୃହତ୍ ଆନାକୋଣ୍ଡା' ପୃଥିବୀର ସବୁଠାରୁ ବଡ଼ ସାପଗୁଡ଼ିକ ଭିତରୁ ଗୋଟିଏ ।

ଦେଖିବାକୁ ସାପଟିର ରଙ୍ଗ ହଳଦିଆସିଆ ବା ଚିତାବାଘ ଭଳି ।

***ସମ୍ବନ୍ଧୀୟ ବିଷୟ***
*ସାପ, ସରୀସୃପ, ଆମାଜୋନ, ଜୀବଜଗତ*

▷▷

## ଆନୁବଂଶିକତା

ଜୀବ ତଥା ଉଦ୍‌ଭିଦ ଜଗତରେ ପିତାମାତାଙ୍କ ଠାରୁ ସନ୍ତାନ ଜିନ୍ ସାହାଯ୍ୟରେ ଯେଉଁ ଶାରୀରିକ ତଥା ମାନସିକ ଲକ୍ଷଣ ହାସଲ କରିଥାଏ, ସେହି ବଂଶକ୍ରମ ପ୍ରକ୍ରିୟାକୁ ହେରିଡିଟି ବା ଆନୁବଂଶିକତା ବୋଲି କୁହାଯାଇପାରେ । 'ସନ୍ତାନଟି ବହୁ ଦିଗରୁ ତା'ର ପିତାମାତାଙ୍କ ଭଳି ହେବ' ବୋଲି କଥାଟି ହେଲା ଆନୁବଂଶିକତାର ଗୋଟିଏ ଦିଗ; ଏହାର ଅନ୍ୟ ଦିଗଟି ହେଲା ପିତାମାତାଙ୍କ ଜିନ୍‌ରୁ ସନ୍ତାନ ପାଖକୁ କେତେ ନିୟନ୍ତ୍ରିତ ତଥ୍ୟ ବଂଶକ୍ରମ ପ୍ରକ୍ରିୟାରେ ସ୍ଥାନାନ୍ତରିତ ହୋଇପାରିଛି ।

୧୮୬୫ ମସିହା ପର୍ଯ୍ୟନ୍ତ ଜୀବବିଜ୍ଞାନୀମାନେ ଧାରଣା ପୋଷଣ କରିଥିଲେ ଯେ ଆନୁବଂଶିକ ବିଶେଷକ ସବୁ ହେଲା ପିତାମାତାଙ୍କ ସାମଗ୍ରିକ ଲକ୍ଷଣ ରାଜିର ଗୋଟାଏ ହାରାହାରି ସମାହାର । ତେଣୁ ସେମାନେ କହୁଥିଲେ ଯେ 'ଗେଡ଼ା' ମାତା ଓ 'ଡେଙ୍ଗା' ପିତାଙ୍କର ସନ୍ତାନ ସବୁବେଳେ 'ମଧ୍ୟମ' ଉଚ୍ଚତା ବିଶିଷ୍ଟ ହେବ । କିନ୍ତୁ ୧୮୬୬ ମସିହାରେ ଅଷ୍ଟ୍ରିଆ ଦେଶର ଜଣେ ଖ୍ରୀଷ୍ଟୀୟ ବୈରାଗୀ ଗ୍ରେଗର ମେଣ୍ଡେଲ ତାଙ୍କର ଯେଉଁ ଗବେଷଣାଲବ୍ଧ ତଥ୍ୟ ପ୍ରକାଶ କରିଦେଲେ, ତାହା ଏହି ଧାରଣାକୁ ସଂପୂର୍ଣ୍ଣ ଭାବେ ବଦଳାଇ ଦେଲା । ମଟର ଦାନା ଗଛର ଶଙ୍କର ପ୍ରଜନନ କରାଇ ସେ ଦେଖାଇଦେଲେ ଯେ ଆନୁବଂଶିକତାର କାରକ ବା ଉପାଦାନ ଜିନ୍ ସବୁ ମିଶି ନ ଯାଇ ସ୍ୱତନ୍ତ୍ର ଭାବେ ରହିଥା'ନ୍ତି । ପିତାମାତାଙ୍କ ଠାରେ ଥିବା 'ଲକ୍ଷଣ ଜିନ୍' ଗୁଡ଼ିକରୁ ସେମାନଙ୍କର ପ୍ରତ୍ୟେକଟି ସନ୍ତାନ ପାଇଁ ସେହି ଜିନ୍ ଗୁଡ଼ିକରେ ଥିବା ସ୍ୱତଥ୍ୟରୁ ମାତ୍ର ଅର୍ଦ୍ଧେକ ପରିମାଣର ସ୍ୱତଥ୍ୟ ଦେଇଥା'ନ୍ତି ଓ ଭିନ୍ନ ଭିନ୍ନ ସନ୍ତାନଙ୍କ ପାଇଁ ଆନୁବଂଶିକତା ପ୍ରକ୍ରିୟାରେ ସେଥିପାଇଁ ଭିନ୍ନ ଭିନ୍ନ ଜିନ୍ 'ସେଟ୍'ସବୁ ତିଆରି ହୋଇଥାଏ । ମେଣ୍ଡେଲଙ୍କର ଏହି ମହତ୍ତ୍ୱପୂର୍ଣ୍ଣ କାମ ଆଧୁନିକ ଜେନେଟିକ୍ସ ବିଦ୍ୟାର ମୂଳଦୁଆ ପକାଇ ଦେଲା ।

ଆନୁବଂଶିକତା ସଂକ୍ରାନ୍ତରେ ଅଧିକରୁ ଅଧିକ କଥା ଜଣାପଡ଼ିଗଲା ପରେ ନାନା ଭାବରେ ତାହାର ଉପଯୋଗ ହେଉଛି । ଆଜି ଯେଉଁ ହାଇବ୍ରିଡ୍ ବା ଉଚ୍ଚ ଅମଳକ୍ଷମ କୃଷିଜ ଉଦ୍‌ଭିଦ ବା ପଶୁଙ୍କ କଥା କୁହାଯାଉଛି, ସେ ସବୁକୁ ଉତାରିବା ସମ୍ଭବ ହୋଇନଥା'ନ୍ତା ଯଦି ଏହି ବିଦ୍ୟା ବିଷୟରେ ଅଧିକ ଜଣାପଡ଼ି ନଥା'ନ୍ତା । ନିର୍ଦ୍ଦିଷ୍ଟ ଲକ୍ଷଣ ବହନ କରୁଥିବା ଆବଶ୍ୟକୀୟ ଜୀବ ବା ଉଦ୍‌ଭିଦ ଇଚ୍ଛା ଅନୁସାରେ ସୃଷ୍ଟି କରିଦେବା ଏହା ଫଳରେ ସମ୍ଭବ




ପିତା-ମାତାଙ୍କର ସବୁଯାକ ସନ୍ତାନ କେତେ ପରିମାଣରେ ଚେହେରା ବା ବୁଦ୍ଧିରେ ସମାନ ହେବେ, ତାହା ପ୍ରକୃତିର ଆନୁବଂଶିକତା ନିୟମ ଉପରେ ନିର୍ଭର କରୁଛି । ଯୋଡ଼ିଟି ଦେଖିବାକୁ ଏକାଭଳି ହୋଇଥିଲେ ମଧ୍ୟ କିଭଳି ସେହି କୁକୁରଙ୍କ ଛୁଆ ଭିନ୍ନ ଭିନ୍ନ ପ୍ରକାରରେ ହେଉଛନ୍ତି ?

ହେଲା । ଜେନେଟିକ ଇଞ୍ଜିନିଅରିଙ୍ଗ୍ ବିଦ୍ୟାରେ ଆନୁବଂଶିକତା ସିଦ୍ଧାନ୍ତର ସାମଗ୍ରିକ ଉପଯୋଗ କରାଯାଇଥାଏ । ପୃଥିବୀରେ ଜୀବନର ଆରମ୍ଭ ହେବା ଦିନଠାରୁ ପ୍ରକୃତି ପ୍ରତ୍ୟେକଟି ବିକଶିତ ଜୀବ ତଥା ଉଦ୍‌ଭିଦ କ୍ଷେତ୍ରରେ ସ୍ୱତନ୍ତ୍ର ଆନୁବଂଶିକତା ଲକ୍ଷଣ ଭରିଦେବା ପାଇଁ ଉଦ୍ୟମ କରିଛି ।

***ସମ୍ବନ୍ଧୀୟ ବିଷୟ***

*ଜେନେଟିକ୍ସ, ଜୀବବିଜ୍ଞାନ, ଜିନ୍, କ୍ରୋମୋଜମ୍, କୃଷି, ଜୀବଜଗତ, ରସାୟନବିଜ୍ଞାନ, ଇଭୋଲ୍ୟୁସନ, ଉଦ୍‌ଭିଦ ବିଦ୍ୟା, ଗ୍ରେଗର ମେଣ୍ଡେଲ*

▷▷

## ଆନୋଆ

ଏହାର ଚେହେରାଟା ଏମିତି ଯେ ଏହାକୁ କୁଜୀ ମଇଁଷି ବୋଲି କୁହାଯାଇଥାଏ । ମାଂସପେଶୀ



ଆନୋଆ

ଗୁଡ଼ିକ ଖୁବ୍ ମଜବୁତ । ଗୋଟିଏ ଗାଈର ବାଛୁରୀ ଯେଡ଼ିକି ଆକୃତିରେ ଏହା ପ୍ରାୟ ସେଡ଼ିକି । ଏହାର ଶିଙ୍ଗ ଯୋଗୁଁ ମନୁଷ୍ୟ ଓ ଅନ୍ୟ ଜୀବଙ୍କ ପାଇଁ ବିପଦ ହୋଇ ରହିଛି । ଟିକିଏ ହୁରୁଡ଼ିଗଲେ ବା ଡରିଗଲେ ଆକ୍ରମଣ କରେ ।

***ସମ୍ବନ୍ଧୀୟ ବିଷୟ***

*ଜୀବଜଗତ*

▷▷

## ଆନ୍ତର୍ଜାତୀୟ ଅଲିମ୍ପିକ କମିଟୀ

ଆଧୁନିକ ଅଲିମ୍ପିକ କ୍ରୀଡ଼ାର ପରିଚାଳନା, ନିୟନ୍ତ୍ରଣ ତଥା ବିକାଶ ନିମନ୍ତେ ପାରିସ ଠାରେ ୧୮୯୪ ମସିହାରେ ଏହି ସଂସ୍ଥା ସ୍ଥାପିତ ହୋଇଥିଲା । ସ୍ୱିଜରଲାଣ୍ଡର ଲସାନେ ଠାରେ ଏହାର ପ୍ରଧାନ ଦପ୍ତର ରହିଛି ।

***ସମ୍ବନ୍ଧୀୟ ବିଷୟ***

*କ୍ରୀଡ଼ା, ଆନ୍ତର୍ଜାତୀୟ ସଂପର୍କ, ବିଶ୍ୱଶାନ୍ତି, ଅଲିମ୍ପିକ ଆନ୍ଦୋଳନ*

▷▷

## ଆନ୍ତର୍ଜାତୀୟ ଆଇନ

ସାର୍ବଭୌମ ରାଷ୍ଟ୍ରସମୂହ କିମ୍ବା ଆନ୍ତର୍ଜାତୀୟ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଅନ୍ୟାନ୍ୟ ସଂଗଠନ ଗୁଡ଼ିକ କ୍ଷେତ୍ରରେ ଆନ୍ତର୍ଜାତୀୟ ଆଇନ ଲାଗୁ ହୋଇଥାଏ । ଦେଶ ଦେଶ ଭିତରେ କିଭଳି ସୁ-ସଂପର୍କ ରକ୍ଷା କରାଯାଇପାରିବ ଓ ସେମାନେ ଶାନ୍ତିରେ ସହାବସ୍ଥାନ କରିପାରିବେ ସେହି ଆବଶ୍ୟକତାରୁ ଏଭଳି ଆଇନ ଜନ୍ମ ନେଇଛି । ଯଦିଓ ଆନ୍ତର୍ଜାତୀୟ ଆଇନର ପ୍ରଧାନ ଉଦ୍ଦେଶ୍ୟ ହେଲା ଆନ୍ତଃରାଷ୍ଟ୍ରୀୟ ସଂପର୍କ ନିର୍ଦ୍ଧାରଣ; ଏହାର ବାସ୍ତବ ପ୍ରୟୋଗ ଫଳରେ ବିଭିନ୍ନ ଦେଶର ଜନସାଧାରଣ ମଧ୍ୟ ଲାଭବାନ ହୁଅନ୍ତି । ଏହି ଆଇନ କୌଣସି ଆଇନ ସଭା ଦ୍ୱାରା ପ୍ରଣୀତ ହୋଇ ନ ଥାଏ । ରାଷ୍ଟ୍ର ରାଷ୍ଟ୍ର ଭିତରେ ସ୍ୱାକ୍ଷରିତ ହେଉଥିବା ସନ୍ଧି ବା ଚୁକ୍ତି ଗୁଡ଼ିକୁ ଆନ୍ତର୍ଜାତୀୟ ଆଇନର 'ପ୍ରଣେତା' ବୋଲି କୁହାଯାଇପାରେ ।

***ସମ୍ବନ୍ଧୀୟ ବିଷୟ***

*ଆନ୍ତର୍ଜାତୀୟ ସଂପର୍କ, ପୃଥିବୀ, ଜାତିସଂଘ*

▷▷

## ଆନ୍ତର୍ଜାତୀୟ ଆଟମିକ ଏନର୍ଜୀ ଏଜେନ୍‌ସୀ

ଏଇଟି ଗୋଟିଏ ସ୍ୱୟଂଶାସିତ ଆନ୍ତଃସରକାରୀ ସଂସ୍ଥା । ଆଣବିକ ଶକ୍ତିର ଶାନ୍ତିପୂର୍ଣ୍ଣ ଉପଯୋଗ କିଭଳି ଉପଯୁକ୍ତ ଭାବେ କରାଯାଇପାରିବ ସେ ଦିଗରେ ଏହା କାମ କରିଥାଏ । ୧୯୫୬ ମସିହାରେ ଏହି ଏଜେନ୍‌ସୀ ସ୍ଥାପିତ ହେଲା । କୃଷି, ଚିକିତ୍ସାବିଜ୍ଞାନ, ଜଳସଂପଦ ଓ ଔଦ୍ୟୋଗିକ ବ୍ୟବସ୍ଥା କ୍ଷେତ୍ରରେ ପରମାଣୁ ଉର୍ଜାର ଲଭ୍ୟତା ବିଷୟରେ ଏହା ବର୍ତ୍ତମାନ କାମ କରୁଛି । ଭିଏନାରେ ଏହାର ପ୍ରଧାନ ଦପ୍ତର ରହିଛି ।

***ସମ୍ବନ୍ଧୀୟ ବିଷୟ***

*ଆନ୍ତର୍ଜାତୀୟ ସଂପର୍କ, ପରମାଣୁ ଉର୍ଜା, ନିରସ୍ତ୍ରୀକରଣ, ପରମାଣୁ-ପ୍ରସାର ନିରୋଧ ଚୁକ୍ତି*

▷▷

## ଆନ୍ତର୍ଜାତୀୟ ଆମେଚର ଆଥ୍‌ଲେଟିକ୍ ଫେଡେରେସନ

ପୃଥିବୀର ପ୍ରାୟ ୨୦୦ ଦେଶର ଜାତୀୟ ଆଥ୍‌ଲେଟିକ୍ ଆସୋସିଏସନ୍ ଏହି ସଂସ୍ଥାର ସଭ୍ୟ । ୧୯୧୨ ମସିହାରେ ସ୍ୱିଡେନର ଷ୍ଟକ୍‌ହୋମ୍ ଠାରେ ଏହା ପ୍ରତିଷ୍ଠିତ ହୋଇଥିଲା । ୧୯୩୬ ମସିହାରୁ ମହିଳା ଆଥ୍‌ଲେଟିକ୍ସର ପରିଚାଳନା ମଧ୍ୟ ଏହି ସଂଗଠନ କରୁଛି । ସମସ୍ତ ପ୍ରକାର ଆଥ୍‌ଲେଟିକ୍ସ ରେକର୍ଡର ଏହା ନିୟନ୍ତ୍ରଣ କରିଥାଏ । ଲଣ୍ଡନରେ ପ୍ରଧାନ ଦପ୍ତର ରହିଛି ।

***ସମ୍ବନ୍ଧୀୟ ବିଷୟ***

*କ୍ରୀଡ଼ା, ଆଥ୍‌ଲେଟିକ୍ସ*

▷▷

## ଆନ୍ତର୍ଜାତୀୟ ଏକ୍ସଚେଞ୍ଜ

ବିଦେଶୀ ମୁଦ୍ରାର ଏଇଟି ହେଲା ଗୋଟାଏ 'ବଜାର' । ବିଭିନ୍ନ କାମପାଇଁ ଭିନ୍ନ ଭିନ୍ନ ଦେଶର ଜାତୀୟ ମୁଦ୍ରାର ବିକ୍ରୀ-ଖର୍ଦ୍ଦି ଏହି ବଜାରରେ ହୋଇଥାଏ । ସରକାର, ବଡ଼ ବଡ଼ କଂପାନୀ, ଆମଦାନୀ-ରପ୍ତାନୀ କାରବାର କରୁଥିବା ବାଣିଜ୍ୟିକ ପ୍ରତିଷ୍ଠାନ ବା ବ୍ୟକ୍ତିବିଶେଷ ତଥା ଅନ୍ୟମାନେ ସାଧାରଣତଃ ଏହି ବିକ୍ରୀ ଖର୍ଦ୍ଦି କରିଥା'ନ୍ତି । ଆନ୍ତଃଦେଶୀୟ ମୁଦ୍ରା ବିନିମୟ ହାର କେତେ ହେବ ସେ କଥା ଏହି ବଜାରରେ ଚାଲିଥିବା କାରବାରର ଫଳାଫଳ ଉପରେ ନିର୍ଭର କରିଥାଏ । ସାଧାରଣ ଭାବେ ଏହାକୁ ଫରେନ୍ ଏକ୍ସଚେଞ୍ଜ ବୋଲି ମଧ୍ୟ କୁହାଯାଏ ।

***ସମ୍ବନ୍ଧୀୟ ବିଷୟ***

*ଅର୍ଥନୀତି, ଆନ୍ତର୍ଜାତୀୟ ବାଣିଜ୍ୟ, ମୁଦ୍ରା, କେନ୍ଦ୍ରୀୟ ବ୍ୟାଙ୍କ, ଆନ୍ତର୍ଜାତୀୟ ସଂପର୍କ*

▷▷

## ଆନ୍ତର୍ଜାତୀୟ ୱେଟସ୍ ଆଣ୍ଡ ମେଜରସ୍ ବ୍ୟୁରୋ

ମାପନ କାର୍ଯ୍ୟ କ୍ଷେତ୍ରରେ ସମନ୍ୱୟ ଆଣିବା ଓ ଭିନ୍ନ ଭିନ୍ନ ମାପ ପଦ୍ଧତିକୁ ଏକୀକୃତ କରିବା ଉଦ୍ଦେଶ୍ୟରେ ୧୮୭୫ ମସିହାରେ ପାରିସ ଠାରେ ଏହି ଅନୁଷ୍ଠାନ ସ୍ଥାପିତ ହୋଇଥିଲା । ବିଭିନ୍ନ ଜାତୀୟ ମାନକୁ ଏଠି ଥିବା ପ୍ରୋଟୋଟାଇପ ବା ଆଦର୍ଶ ମାନ ସହିତ ସମୟକୁ ସମୟ ତୁଳନା କରାଯାଇଥାଏ । ବିଭିନ୍ନ ଭୌତିକ ଅପରିବର୍ତ୍ତୀର ସଠିକ ନିର୍ଦ୍ଧାରଣ ମଧ୍ୟ ଏହି ସଂସ୍ଥା କରିଥାଏ । ଫ୍ରାନ୍‌ସର ସଭ୍ରେସ ଠାରେ ଏହାର ପ୍ରଧାନ ଦପ୍ତର ରହିଛି ।

***ସମ୍ବନ୍ଧୀୟ ବିଷୟ***

*ମାନ, ମାପଓଜନ, ଟେକ୍ନୋଲଜି, ପଦାର୍ଥବିଜ୍ଞାନ*

▷▷

## ଆନ୍ତର୍ଜାତୀୟ କୋର୍ଟ ଅଫ୍ ଜଷ୍ଟିସ୍

ଏହା ହେଲା ଜାତିସଂଘର ପ୍ରଧାନ ବିଚାରବିଭାଗୀୟ ସଂସ୍ଥା । ଜାତିସଂଘ ସନନ୍ଦର ୯୨ ଧାରା ଅନୁସାରେ ଏହି ସଂସ୍ଥାକୁ ସୃଷ୍ଟି କରାଯାଇଛି । ଆନ୍ତର୍ଜାତୀୟ କୋର୍ଟ ଅଫ୍ ଜଷ୍ଟିସ ବା ୱାର୍ଲ୍ଡ କୋର୍ଟର ବିଚାରପତିଙ୍କ ସଂଖ୍ୟା ହେଲା ୧୫ ଜଣ ଓ ଏଥିରେ କୌଣସି ଦେଶରୁ ଜଣକରୁ ଅଧିକ ବିଚାରପତି ରହିପାରିବେ ନାହିଁ । ହେଗ୍ ଠାରେ ସ୍ଥାୟୀ ଭାବରେ ବସୁଥିଲେ ମଧ୍ୟ ଅନ୍ୟ ଯେ କୌଣସି ଦେଶରେ ବସିବାରେ କିଛି ବାଧା ନାହିଁ । ଏଇଟି ହେଲା ଗୋଟିଏ ସ୍ଥାୟୀ ସ୍ୱୟଂଶାସିତ ସଂସ୍ଥା

ଓ ଛୁଟି ବ୍ୟତୀତ ବର୍ଷସାରା ଏହାର ଅଧିବେଶନ ଚାଲିଥାଏ । ୧୯୪୬ ମସିହାରେ ଏହି ବିଚାରାଳୟ ପ୍ରଥମ ବିଚାର କାର୍ଯ୍ୟ ଆରମ୍ଭ କରିଥିଲା ।

କେବଳ ଦେଶ ଦେଶ ଭିତରେ ଉପୁଜୁଥିବା ବିବାଦର ସମାଧାନ କରୁଥିବାରୁ ସେଗୁଡ଼ିକ ହିଁ ୱାର୍ଲଡ କୋର୍ଟରେ ପକ୍ଷ ହୋଇପାରିବେ । ଫରାସୀ ଓ ଇଂରାଜୀ—ଏହି ଉଭୟ ଭାଷାରେ କୋର୍ଟ କାର୍ଯ୍ୟ ଚାଲିଥାଏ । କୋର୍ଟ ଦେଉଥିବା ରାୟକୁ ସବୁଦେଶ ମାନି ନେବାପାଇଁ ନୈତିକ ଭାବେ ବାଧ୍ୟ ।

***ସମ୍ବନ୍ଧୀୟ ବିଷୟ***

*ଜାତିସଂଘ, ଆନ୍ତର୍ଜାତୀୟ ଆଇନ, ଆନ୍ତର୍ଜାତୀୟ ସଂପର୍କ*

## ଆନ୍ତର୍ଜାତୀୟ ଟେଲି-କମ୍ୟୁନିକେସନ ଇଉନିଅନ୍

ସବୁପ୍ରକାର ଟେଲିକମ୍ୟୁନିକେସନ ବ୍ୟବସ୍ଥା କ୍ଷେତ୍ରରେ ଆନ୍ତର୍ଜାତୀୟ ବୁଝାମଣା ସୃଷ୍ଟି କରିବା ନିମନ୍ତେ ଜାତିସଂଘର ଏହି ସ୍ୱତନ୍ତ୍ର ସଂସ୍ଥାଟିକୁ ସୃଷ୍ଟି କରାଯାଇଛି । ପୂର୍ବରୁ ଭିନ୍ନ ଭିନ୍ନ ରୂପରେ ଥିଲେ ମଧ୍ୟ ୧୯୪୭ ମସିହାରୁ ଏହା ଜାତିସଂଘ ସହିତ ସଂପୃକ୍ତ ରହିଛି । ଜେନିଭା ଠାରେ ଏହାର ପ୍ରଧାନ ଦପ୍ତର ।

***ସମ୍ବନ୍ଧୀୟ ବିଷୟ***

*ଟେଲିକମ୍ୟୁନିକେସନ, ଆନ୍ତର୍ଜାତୀୟ ସଂପର୍କ, ବ୍ରଡ଼କାଷ୍ଟିଙ୍ଗ, ଜାତିସଂଘ*

## ଆନ୍ତର୍ଜାତୀୟ ଡିଭଲପମେଣ୍ଟ ଆସୋସିଏସନ୍

ଜାତିସଂଘର ଏହା ଗୋଟିଏ ସମ୍ବନ୍ଧୀ ସଂସ୍ଥା । ୧୯୬୦ ମସିହାରେ ଏହା ସ୍ଥାପିତ ହେଲା । ବିଶ୍ୱବ୍ୟାଙ୍କଠାରୁ ଅଧିକ ସହଜ ହାରରେ ଏହିସଂସ୍ଥା ସଭ୍ୟରାଷ୍ଟ୍ର ମାନଙ୍କୁ ପାଣ୍ଠି ଯୋଗାଇଥାଏ । କିନ୍ତୁ ଏହି ଆସୋସିଏସନ୍‌ର ସଭ୍ୟମାନଙ୍କୁ ମଧ୍ୟ ବିଶ୍ୱବ୍ୟାଙ୍କର ସଭ୍ୟ ହେବାକୁ ପଡ଼ିଥାଏ । ୱାଶିଂଟନ ଠାରେ ଏହାର ପ୍ରଧାନ ଦପ୍ତର ରହିଛି ।

***ସମ୍ବନ୍ଧୀୟ ବିଷୟ***

*ଜାତିସଂଘ, ଆନ୍ତର୍ଜାତୀୟ ସଂପର୍କ, ବିକାଶ, ବିଶ୍ୱବ୍ୟାଙ୍କ*

## ଆନ୍ତର୍ଜାତୀୟ ତାରିଖ ରେଖା

ପ୍ରଶାନ୍ତ ମହାସାଗରରେ ଥିବା କେତେକ ଦ୍ୱୀପ ଭିତର ଦେଇ ଉତ୍ତର ମେରୁ ଓ ଦକ୍ଷିଣ ମେରୁ ଭିତରେ ଟଣା ଯାଇଥିବା ଗୋଟିଏ କାଳ୍ପନିକ ରେଖା । ଏହାକୁ ଅତିକ୍ରମ କରିଗଲେ ପଶ୍ଚିମ ଆଡ଼କୁ ଯିବା କ୍ଷେତ୍ରରେ ଗୋଟିଏ ଦିନ ବଢ଼ି ଯାଇଥାଏ ଓ ପୂର୍ବ ଆଡ଼କୁ ଯିବା କ୍ଷେତ୍ରରେ ଗୋଟିଏ ଦିନ କମି ଯାଇଥାଏ ।

***ସମ୍ବନ୍ଧୀୟ ବିଷୟ***

*ଭୂଗୋଳ, ଭୂବିଜ୍ଞାନ, ସମୟ, କ୍ୟାଲେଣ୍ଡର*

## ଆନ୍ତର୍ଜାତୀୟ ବାଣିଜ୍ୟ

ଭିନ୍ନ ଭିନ୍ନ ଦେଶର ଜାତୀୟ ସୀମାରେଖା ଦେଇ କରାଯାଉଥିବା ବିକ୍ରୀ ଖର୍ଦ୍ଦି କାରବାରକୁ ଆନ୍ତର୍ଜାତୀୟ ବାଣିଜ୍ୟ ବୋଲି କୁହାଯାଇଥାଏ । ବିଭିନ୍ନ ଖାଉଟୀ ଦ୍ରବ୍ୟ, ପୁଞ୍ଜିଗତ ପଦାର୍ଥ, ସୁନା, ବିଭିନ୍ନ କଞ୍ଚାମାଲ, ସବୁ ପ୍ରକାର ସେବା, ମୁଦ୍ରା ଇତ୍ୟାଦି ଏହି ବ୍ୟବସ୍ଥାରେ ନେଣଦେଣ ହୋଇଥାଏ । ପୃଥିବୀରେ ସ୍ୱତନ୍ତ୍ର ରାଜ୍ୟସବୁ ସୃଷ୍ଟିହେବା ଦିନ ଠାରୁ ଏ ପ୍ରକାର ବାଣିଜ୍ୟ ଚାଲି ଆସିଛି । ଆନ୍ତର୍ଜାତୀୟ ବାଣିଜ୍ୟକୁ ନିୟନ୍ତ୍ରଣ କରିବାପାଇଁ ଭିନ୍ନ ଭିନ୍ନ ଦେଶର ସରକାର ସମୟକୁ ସମୟ ଭିନ୍ନ ଭିନ୍ନ ନିୟମ ସବୁ କରିଥା'ନ୍ତି । ଶୁଳ୍କ ଆଦାୟ ଦ୍ୱାରା ରାଜସ୍ୱ ପାଇବା ଏହିସବୁ ନିୟମ ପ୍ରଣୟନର ଗୋଟାଏ ମୁଖ୍ୟ ଉଦ୍ଦେଶ୍ୟ । ଜାତୀୟ ନିରାପତ୍ତାଜନିତ ପରିସ୍ଥିତି ମଧ୍ୟ ଅନେକ ସମୟରେ ଏଭଳି କରିବାର ଆବଶ୍ୟକତା ସୃଷ୍ଟି କରିଥାଏ ।

***ସମ୍ବନ୍ଧୀୟ ବିଷୟ***

*ଆନ୍ତର୍ଜାତୀୟ ସଂପର୍କ, ଅର୍ଥନୀତି, ମୁଦ୍ରା, ଆନ୍ତର୍ଜାତୀୟ ଏକ୍ସଚେଞ୍ଜ, ଆମଦାନୀ-ରପ୍ତାନୀ, ଇଲେକ୍‌ଟ୍ରୋନିକ ବାଣିଜ୍ୟ*

## ଆନ୍ତର୍ଜାତୀୟ ମାରିଟାଇମ ଅର୍ଗାନାଇଜେସନ

ଜାହାଜ ଚଳାଚଳ, ସାମୁଦ୍ରିକ ନିରାପତ୍ତା ତଥା ନୌସଂଚାଳନ କ୍ଷେତ୍ରରେ ଜାତିସଂଘର ଏହି ଅନୁଷ୍ଠାନଟି ଗୋଟାଏ ନିୟାମକ ସଂଗଠନ ହିସାବରେ କାମ କରିଥାଏ । ୧୯୫୯ ମସିହାରେ ଏହି ସଂସ୍ଥାର ପ୍ରଥମ ଅଧିବେଶନ ବସିଥିଲା । ଲଣ୍ଡନ ଠାରେ ଏହାର ପ୍ରଧାନ ଦପ୍ତର ରହିଛି ।

***ସମ୍ବନ୍ଧୀୟ ବିଷୟ***

*ଜାତିସଂଘ, ନୌ-ଚଳାଚଳ*

## ଆନ୍ତର୍ଜାତୀୟ ମୁଦ୍ରାପାଣ୍ଠି

ଦେଶ ଦେଶ ଭିତରେ ମୁଦ୍ରା ବିନିୟମ ହାର ସ୍ଥିର ରଖିବା ହେଲା ଜାତିସଂଘର ଏହି ସ୍ୱତନ୍ତ୍ର ସଂସ୍ଥାର ମୁଖ୍ୟକାମ । ଅର୍ଥନୈତିକ ସହଯୋଗ କ୍ଷେତ୍ରରେ ମଧ୍ୟ ଏହାର ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଛି । ୧୯୪୪ ମସିହାରେ ଏହି ମୁଦ୍ରାପାଣ୍ଠି ସ୍ଥାପିତ ହୋଇଥିଲା । ୱାଶିଂଟନ ଠାରେ ଏହାର ପ୍ରଧାନ ଦପ୍ତର ରହିଛି । କୌଣସି ଦେଶ ନିଜର ଦେଣାପାଉଣା ଦେବାରେ ଅସୁବିଧା ଭୋଗିବା ଫଳରେ ଯଦି ତା'ର ଜାତୀୟ ମୁଦ୍ରାର ବିନିମୟ ହାର ଉପରକୁ ଆଞ୍ଚ ଆସୁଥାଏ, ତେବେ ଏହି ପାଣ୍ଠିରୁ ସାହାଯ୍ୟ ଦେଇ ସେ ଦେଶର ସ୍ୱାର୍ଥରକ୍ଷା କରାଯାଇଥାଏ । ସଭ୍ୟ ଦେଶମାନଙ୍କର ଉପଯୁକ୍ତ ଚାନ୍ଦା ହିଁ ହେଲା ଏହାର ମୂଳଧନ ।

କାର୍ଯ୍ୟତଃ ଆନ୍ତର୍ଜାତୀୟ ମୁଦ୍ରାପାଣ୍ଠି ବହୁ ଦେଶର ମୁଦ୍ରାନୀତି ତଥା ଅର୍ଥନୀତିକୁ ବିଂଶ ଶତାବ୍ଦୀର ଶେଷବେଳକୁ ଅନେକ ଦିଗରେ ପ୍ରଭାବିତ କରିବା ପାଇଁ ସମର୍ଥ ହୋଇଯାଇଛି । ଫଳରେ ସେ ସବୁ ଦେଶରେ ଏହି ପାଣ୍ଠିର ପ୍ରଭାବ ହ୍ରାସ କରିବାପାଇଁ ରାଜନୈତିକ ଆନ୍ଦୋଳନ ସବୁ ମୁଣ୍ଡ ଟେକିଲାଣି ।

***ସମ୍ବନ୍ଧୀୟ ବିଷୟ***

*ଜାତିସଂଘ, ଅର୍ଥନୀତି, ବିକାଶ, ଆନ୍ତର୍ଜାତୀୟ ସଂପର୍କ, ବିଶ୍ୱବ୍ୟାଙ୍କ*

## ଆନ୍ତର୍ଜାତୀୟ ରାଜିନାମା

ଏହି ରାଜିନାମା ଦ୍ୱାରା ସ୍ୱୀକୃତ ନୀତି ତଥା ନିର୍ଦ୍ଦେଶ ଅନୁଯାୟୀ ଦେଶ ଦେଶ ଭିତରେ ବା ଅନ୍ୟାନ୍ୟ ଆନ୍ତର୍ଜାତୀୟ ଅନୁଷ୍ଠାନ ଭିତରେ ସେ ସବୁର ସ୍ୱାର୍ଥ ସଂକ୍ରାନ୍ତୀୟ କାରବାର ଚାଲେ । ଏହି ରାଜିନାମାର ବହୁ ପ୍ରକାର ରୂପ ରହିଛି । ସେଥିଭିତରୁ ପ୍ରଧାନ ହେଲା ଦେଶ ଦେଶ ଭିତରେ ସ୍ୱାକ୍ଷରିତ ହେଉଥିବା ସନ୍ଧି ବା ଚୁକ୍ତି ।

***ସମ୍ବନ୍ଧୀୟ ବିଷୟ***

*ଆନ୍ତର୍ଜାତୀୟ ଆଇନ*

## ଆନ୍ତର୍ଜାତୀୟ ରିକନ୍‌ଷ୍ଟ୍ରକ୍‌ସନ ଓ ଡିଭଲପମେଣ୍ଟ ବ୍ୟାଙ୍କ

'ବିଶ୍ୱବ୍ୟାଙ୍କ' ଭାବେ ଖ୍ୟାତ ଏହି ଅନୁଷ୍ଠାନ ଜାତିସଂଘର ଗୋଟିଏ ସମ୍ବନ୍ଧୀ ସଂସ୍ଥା । ସଭ୍ୟରାଷ୍ଟ୍ର ମାନଙ୍କରେ ଚାଲୁଥିବା ଉପଯୁକ୍ତ ପ୍ରୋଜେକ୍‌ଟ ସବୁକୁ ଏହା ଆର୍ଥିକ ସହାୟତା ଦେଇଥାଏ । ଫଳରେ ସେସବୁ ଦେଶରେ ବିକାଶର ପଥ ସୁଗମ ହୋଇଯାଏ । ୧୯୪୬ ମସିହାରେ ଏହି ବ୍ୟାଙ୍କ ସରକାରୀ ଭାବେ କାମ ଆରମ୍ଭ କଲା । ସଭ୍ୟରାଷ୍ଟ୍ର ମାନଙ୍କ ଚାନ୍ଦା ହେଲା ବ୍ୟାଙ୍କର ମୂଳଧନ । ଅନ୍ୟାନ୍ୟ ଉପାୟରେ ମଧ୍ୟ ପୁଞ୍ଜି ସଂଗ୍ରହ କରାଯାଇଥାଏ । ବିଂଶ ଶତାବ୍ଦୀର ଶେଷ ବେଳକୁ ପୃଥିବୀସାରା କୃଷି ଓ ଗ୍ରାମ୍ୟ ଉନ୍ନୟନ ଯୋଜନାସବୁକୁ ବିଶ୍ୱବ୍ୟାଙ୍କ

ପ୍ରାଧାନ୍ୟ ଦେଉଛି । ପାଣି ସାହାଯ୍ୟ ବ୍ୟତୀତ ଅନ୍ୟ ବହୁ ପ୍ରକାର ଟେକ୍‌ନିକାଲ ପରାମର୍ଶ ମଧ୍ୟ ସଭ୍ୟ ରାଜ୍ୟମାନଙ୍କୁ ବ୍ୟାଙ୍କ ତରଫରୁ ଦିଆ-ଯାଇଥାଏ । ୱାଶିଂଟନରେ ଏହାର ପ୍ରଧାନ ଦପ୍ତର ରହିଛି ।

***ସମ୍ବନ୍ଧୀୟ ବିଷୟ***
*ଜାତିସଂଘ, ଆନ୍ତର୍ଜାତୀୟ ମୁଦ୍ରାପାଣ୍ଠି, ଆନ୍ତର୍ଜାତୀୟ ସଂପର୍କ, ବିକାଶ, ଅର୍ଥନୀତି*

▷ ▷

## ଆନ୍ତର୍ଜାତୀୟ ଶରଣାର୍ଥୀ ସଂସ୍ଥା

ଜାତିସଂଘର ଏହି ସଂସ୍ଥାର ପୂରାନାମ ହେଲା 'ଅଫିସ ଅଫ୍ ଦି ଇଉନାଇଟେଡ୍ ନେସନ୍ସ ହାଇ-କମିଶନର ଫର୍ ରିଫ୍ୟୁଜିଜ୍' । ଯୁଦ୍ଧ, ଅନ୍ୟ ରାଜନୈତିକ କିମ୍ବା ଜାତିଗତ କାରଣରୁ ଯେଉଁମାନେ ବସ୍ତୁହରା ହୋଇ ଶରଣାର୍ଥୀ ହୋଇଯା'ନ୍ତି ସେମାନଙ୍କର ଯତ୍ନନେବା ହେଲା ଏହି ସଂସ୍ଥାର କାମ ।

***ସମ୍ବନ୍ଧୀୟ ବିଷୟ***
*ଜାତିସଂଘ, ଯୁଦ୍ଧ, ରାଜନୀତି, ଆନ୍ତର୍ଜାତୀୟ ସଂପର୍କ*

▷ ▷

## ଆନ୍ତର୍ଜାତୀୟ ଶ୍ରମ ସଂସ୍ଥା

ଜାତିସଂଘର ଏହି ସଂସ୍ଥା ବିଶ୍ୱବ୍ୟାପୀ ଶ୍ରମିକ ଶ୍ରେଣୀର ସାର୍ବଜନୀନ ବିକାଶ ଦିଗରେ ଉଦ୍ୟମ କରିଥାଏ । ଜାତୀୟ ଶ୍ରମବିଧି ସବୁ ପ୍ରଣୟନରେ ମଧ୍ୟ ଏହା ସାହାଯ୍ୟ କରିଥାଏ । ୧୯୧୯ ମସିହାରେ ଏହି ସଂସ୍ଥା ପ୍ରତିଷ୍ଠିତ ହୋଇଥିଲା । ୧୯୪୬ ମସିହାରୁ ଜାତିସଂଘର ଅଂଶ ହୋଇ ରହିଛି । ଜେନିଭା ଠାରେ ଏହାର ପ୍ରଧାନ ଦପ୍ତର । ଶ୍ରମିକ ସମସ୍ୟା ବିଷୟରେ ଗବେଷଣା କରିବା, ପରାମର୍ଶ ଦେବା, ପ୍ରଚାର କରିବା, ସୁପାରିଶ କରିବା ଓ ଆବଶ୍ୟକ ହେଲେ ତାଲିମପ୍ରାପ୍ତ ଲୋକ ଯୋଗାଇଲା ଭଳି କାମ ମଧ୍ୟ ଆନ୍ତର୍ଜାତୀୟ ଶ୍ରମ ସଂସ୍ଥା କରିଥାଏ । ଶ୍ରମିକମାନେ କିଭଳି ବେକାର ହୋଇ ନ ଯିବେ ସେ କଥା ବିଷୟରେ ମଧ୍ୟ ଏହି ସଂସ୍ଥା ଉଦ୍ୟମ କରିଥାଏ ।

***ସମ୍ବନ୍ଧୀୟ ବିଷୟ***
*ଶ୍ରମ, ଶ୍ରମିକ ଆନ୍ଦୋଳନ, ଜାତିସଂଘ, ବିକାଶ*

▷ ▷

## ଆନ୍ତର୍ଜାତୀୟ ସିଭିଲ ଆଭିଏସନଅର୍ଗାନାଇଜେସନ

ବେସାମରିକ ବିମାନ ଚଳାଚଳ କ୍ଷେତ୍ରରେ ବିକାଶ ନିମନ୍ତେ ଏହି ସ୍ୱତନ୍ତ୍ର ଆନ୍ତଃ ସରକାରୀ ସଂସ୍ଥା ଗଠିତ ହୋଇଛି । ବିଭିନ୍ନ ରାଷ୍ଟ୍ରର ଏଆରଲାଇନ୍ସ ଗୁଡ଼ିକ କିଭଳି ପୃଥିବୀ ସାରା ସୁସ୍ଥ ପ୍ରତିଯୋଗିତାର ସମ୍ମୁଖୀନ ହେବେ ସେ କଥା ଦେଖିବା ମଧ୍ୟ ଏହାର କାର୍ଯ୍ୟ । ଜାତିସଂଘ ସହିତ ଏହି ସଂସ୍ଥାର ସଂପର୍କ ରହିଛି । ୧୯୪୭ ମସିହାରେ ଏହି ସଂଗଠନ ସ୍ଥାପିତ ହେଲା । ମଣ୍ଟ୍ରିଏଲ ଠାରେ ଏହାର ପ୍ରଧାନ ଦପ୍ତର ରହିଛି । ପୃଥିବୀର ପ୍ରାୟ ସବୁଦେଶ ଏହି ସଂସ୍ଥାର ସଭ୍ୟ ଅଛନ୍ତି ।

***ସମ୍ବନ୍ଧୀୟ ବିଷୟ***
ପରିବହନ, ଆନ୍ତର୍ଜାତୀୟ ସଂପର୍କ

▷ ▷

## ଆନ୍ଦୋରା

ସରକାରୀ ନାମ **ପ୍ରିନ୍‌ସିପାଟ୍ ଡି-ଆନ୍ଦୋରା (ଆନ୍ଦୋରା ପ୍ରିନ୍‌ସିପାଲିଟୀ)** ଶାସନ ବ୍ୟବସ୍ଥା-**ସଂସଦୀୟ କୋପ୍ରିନସିପାଲିଟୀ—ଗୋଟିଏ ବିଧାନ ପରିଷଦ** ରାଷ୍ଟ୍ରମୁଖ୍ୟ **ଫ୍ରାନ୍‌ସର ପ୍ରେସିଡେଣ୍ଟ ଓ ଉରଗେଲ, ସ୍ପେନର ବିଶପ** ଶାସନ ମୁଖ୍ୟ **ଚିଫ୍ ଏକଜିକ୍ୟୁଟିଭ** ରାଜଧାନୀ **ଆନ୍ଦୋରା ଲାଭେଲା** ସରକାରୀ ଭାଷା **କାଟାଲାନ** ରାଷ୍ଟ୍ରୀୟ ଧର୍ମ **ରୋମାନ କାଥଲିସିଜିମ** କ୍ଷେତ୍ରଫଳ **୪୬୮ ବର୍ଗ-କିଲୋମିଟର** ଜନସଂଖ୍ୟା **୬୨,୫୦୦** ମୁଖ୍ୟ ସହର **ଆନ୍ଦୋରା ଲାଭେଲା, ଲେସ ଏସକାଲଡେସ, ଏନକାମ୍ପ** ମୁଦ୍ରା **ଫରାସୀ/ସ୍ପେନୀୟ** ପତାକା **ନୀଳ, ପୀତ, ଲୋହିତ ବର୍ଣ୍ଣର ତିନୋଟି ଭଟିକାଲ ଷ୍ଟ୍ରାଇପ୍ ଉପରେ ଜାତୀୟ ଆର୍ମର ଚିହ୍ନ ।**

ଏ ଦେଶଟି ଗୋଟିଏ ଇଉରୋପୀୟ କୋ-ପ୍ରିନ୍‌ସିପାଲିଟୀ । ଏହାର ଦକ୍ଷିଣ-ପଶ୍ଚିମରେ ସ୍ପେନ ଏବଂ ଉତ୍ତର-ପୂର୍ବରେ ଫ୍ରାନ୍‌ସ ଦେଶ ରହିଛନ୍ତି । ଧୂଆଁପତ୍ର, ଗୁ, କାଠ କାଟିବା ଓ ମେଷପାଳନ ବହୁକାଳରୁ ଲୋକମାନଙ୍କର ପ୍ରଧାନ ଜୀବିକା ହୋଇ ରହିଛି । କିନ୍ତୁ ପରେ ଆନ୍ଦୋରାର ବ୍ୟବସାୟିକ ଗୁରୁତ୍ୱ ଖୁବ୍ ବଢ଼ିଯାଇଛି । ପର୍ଯ୍ୟଟନ ମଧ୍ୟ ଗୋଟାଏ ଶିଳ୍ପ ଭାବେ ଗଢ଼ି ଉଠିଲାଣି ।

***ସମ୍ବନ୍ଧୀୟ ବିଷୟ***
*ଇଉରୋପ, ଫ୍ରାନ୍‌ସ, ସ୍ପେନ*

▷ ▷

## ଆନ୍ଦୋଳନ

କୌଣସି ଗୋଟିଏ ସ୍ୱାର୍ଥର ସଂରକ୍ଷଣ ପାଇଁ ପ୍ରବଳ ଜନମତ ସୃଷ୍ଟି କରିବା ହେଲା ଏହାର ଉଦ୍ଦେଶ୍ୟ । ଆନ୍ଦୋଳନର ଅଭିଧାନଗତ ଅର୍ଥ ଥିଲେ ମଧ୍ୟ, ଗୋଟିଏ ସ୍ୱତନ୍ତ୍ର ଶାସ୍ତ୍ରୀୟ ଶବ୍ଦ ଭଳି ଏହାକୁ ବ୍ୟବହାର କରାଯାଏ । ଜନମତ ସୃଷ୍ଟି କରିବା ଉଦ୍ଦେଶ୍ୟରେ ସଭା, ସମିତି, ଶୋଭାଯାତ୍ରା, ଖବରକାଗଜ ଇତ୍ୟାଦିରେ ଲେଖା ପ୍ରକାଶ କରିବା ବ୍ୟତୀତ ଆନ୍ଦୋଳନ ପର୍ଯ୍ୟାୟରେ କାର୍ଯ୍ୟତଃ ମଧ୍ୟ କିଛି କରାଯାଏ । ଭାରତବର୍ଷରେ ସ୍ୱାଧୀନତା ଲାଭ ପାଇଁ ବହୁକାଳ ଧରି ଚାଲିଥିବା ଅହିଂସ ଆନ୍ଦୋଳନ ପୃଥିବୀ ଇତିହାସରେ ମହତ୍ତ୍ୱପୂର୍ଣ୍ଣ ସ୍ଥାନ ଦଖଲ କରିଛି । ବଙ୍ଗଭଙ୍ଗ-ବିରୋଧୀ ଆନ୍ଦୋଳନ, ସ୍ୱଦେଶୀ ଆନ୍ଦୋଳନ ଓ ମୁକ୍ତି-ଆନ୍ଦୋଳନର କଥା ମଧ୍ୟ ଏ କ୍ଷେତ୍ରରେ ଉଲ୍ଲେଖ କରାଯାଇପାରେ ।

ଗଣତାନ୍ତ୍ରିକ ଶାସନ ପଦ୍ଧତିରେ କୌଣସି ନ୍ୟାଯ୍ୟ ସ୍ୱାର୍ଥର ସଂରକ୍ଷଣ ପାଇଁ ଆନ୍ଦୋଳନର ଆବଶ୍ୟକତା ଅଛି ବୋଲି ସମସ୍ତେ ସ୍ୱୀକାର କରନ୍ତି । ଲୋକଙ୍କ ମନରେ 'କମ୍ପନ' ସୃଷ୍ଟି କରିବା ହିଁ ହେଲା ଏହାର ମୂଳ ଉଦ୍ଦେଶ୍ୟ । ଲୋକମତ ଜାଗ୍ରତ କରିବାର ଅଧିକାର ସମସ୍ତଙ୍କର ଥିବାରୁ ଆନ୍ଦୋଳନ କରିବାଟା ଆଇନସମ୍ମତ ବୋଲି ପଣ୍ଡିତମାନଙ୍କ ମତ । କିନ୍ତୁ ସମୂହ-ସ୍ୱାର୍ଥର ବିରୋଧରେ ଆନ୍ଦୋଳନ କରିବା ଭଳି କଥା ମଧ୍ୟ ଘଟୁଥିବାରୁ, ଏ କ୍ଷେତ୍ରରେ ଅଧିକ ଆଲୋଚନାର ଅବକାଶ ରହିଛି । ପେଶାଦାର ଆନ୍ଦୋଳନକାରୀ ମାନଙ୍କ ନିକଟରେ ମଧ୍ୟ ପୋଖତ ବିଚାର ବା ଧୀର ଚିତ୍ତରେ ଭାବିବା ଆଦି କଥାର କୌଣସି ମୂଲ୍ୟ ରହୁନାହିଁ । ଏକବିଂଶ ଶତାବ୍ଦୀର ଆରମ୍ଭ ବେଳକୁ ପୃଥିବୀର ପ୍ରାୟ ସବୁଦେଶର ଜନସାଧାରଣ ନିଜ ନିଜର ଦାବୀ ପୂରଣ ନିମନ୍ତେ ଆନ୍ଦୋଳନାତ୍ମକ ପନ୍ଥାର ଆଶ୍ରୟ ନେଉଛନ୍ତି ଓ ତୁଳନାତ୍ମକ ଭାବରେ ସଫଳତା ମଧ୍ୟ ହାସଲ କରୁଛନ୍ତି ।

***ସମ୍ବନ୍ଧୀୟ ବିଷୟ***
*ଗଣତନ୍ତ୍ର, ଜନମତ, ଶାସନ, ଆଇନ, ଭାରତୀୟ ସ୍ୱାଧୀନତା ଆନ୍ଦୋଳନ, ବିପ୍ଳବ*

▷ ▷

## ଆନ୍ଡ୍ରୋକ୍ଲିସ ଓ ସିଂହ

ମଣିଷର ଗୋଟାଏ ଭଲ ଗୁଣ ହେଲା ଜଣେ ଯଦି ଉପକାର ପାଇଛି, ଦରକାର ପଡ଼ିଥିଲାବେଳେ ସେ ମଧ୍ୟ ଉପକାର କରିବ । କିନ୍ତୁ ପଶୁ ମଧ୍ୟ ମଣିଷର ଉପକାରକୁ ମନେ ରଖେ, ବିପଦବେଳେ ତା'କୁ ସାହାଯ୍ୟ କରେ—ଏକଥା ବୁଝାଇବା ପାଇଁ *ଆନ୍ଡ୍ରୋକ୍ଲିସ ଓ ସିଂହ* ଉପାଖ୍ୟାନ ସୃଷ୍ଟି କରାଯାଇଛି ।

ଆନ୍ଡ୍ରୋକ୍ଲିସ ବୋଲି ଜଣେ ଦାସକୁ ତା'ର ମାଲିକ ବହୁତ କିଛି କଷ୍ଟ ଦେଲା । ବରଂ ବଣ ଭିତରେ ରହିବା ଭଲ—ଏଠି ରହିବି ନାହିଁ ବୋଲି ଭାବି ସେ କିନ୍ତୁ କୌଶଳ କରି ଖସି ଚାଲିଗଲା ଓ ଘୋର ଜଙ୍ଗଲ ଭିତରେ ଯାଇ ଗୋଟିଏ ପର୍ବତ ଗୁମ୍ଫାରେ ଆଶ୍ରୟ ନେଲା । ଖସି ପଳାଇ ଆସିଛି ବୋଲି ଭାବି ସେ ନିଜ ମନଟାକୁ ଖୁସି କରୁଥିଲା ବେଳେ ଦେଖିଲା ଯେ ତା ଗୁମ୍ଫା ଆଡ଼କୁ ଗୋଟାଏ ସିଂହ ଆସୁଛି । ସିଂହଟି ଟିକେ ଛୋଟୋଉ ଥିଲା । ସେ ଆନ୍ଡ୍ରୋକ୍ଲିସକୁ ଡରାଇଲାଭଳି ତ କିଛି କରୁ ନଥାଏ, ବରଂ ତା ନିକଟକୁ ଯାଇ ନିଜ ଗୋଡ଼ଟିକୁ ଦେଖାଇଲା । ଗୋଟାଏ କଣ୍ଟା ସିଂହ ଗୋଡ଼ରେ

ପଶିଯାଇ ପୂଜ ବାହାରୁଥିଲା ଓ ଆଣ୍ଡ୍ରୋକ୍ଲିସ ତାକୁ ବାହାର କରିଦେଲା । ଏହାପରେ ସିଂହ ତା' ଆଡ଼କୁ ଆନନ୍ଦରେ ଏମିତି ଚାହିଁଲା ଯେ ମନେହେବ ସିଂହ ଭାବୁଛି ଆଣ୍ଡ୍ରୋକ୍ଲିସ ତାର ବହୁତ କିଛି ଉପକାର କରିଛି ।

କିଛିଦିନ ପରେ ସିଂହଟି ଧରା ପଡ଼ିଗଲା । ତାକୁ ନେଇ ସର୍କସ ପିଞ୍ଜରା ଭିତରେ ରଖାଗଲା । ଏଣେ ଏମିତିକା ଯୋଗ ଯେ ଆଣ୍ଡ୍ରୋକ୍ଲିସ ମଧ୍ୟ ଧରାହୋଇ ତାର ପୂର୍ବ ମାଲିକ ପାଖକୁ ନିଆଗଲା । ଯିଏ ଥରେ ମୁଣ୍ଡ ବିକିଛି ସେ କାହିଁକି ପଳାଇଲା ବୋଲି ତାକୁ ପ୍ରାଣଦଣ୍ଡ ଦେବାକଥା । କେହି କେହି କହିଲେ ଯଦି ଫାଶୀ ଦିଆଯାଏ ସେ ତ ସହଜରେ ମରିଯିବ । ତା'କୁ ନିଷ୍ଠୁର ଭାବେ ମାରିଦିଆଯାଉ । ସେଥିପାଇଁ ସିଂହଟିକୁ କିଛିଦିନ ଭୋକିଲା ରଖିଲା-ପରେ ଆଣ୍ଡ୍ରୋକ୍ଲିସକୁ ତା' ପିଞ୍ଜରା ଭିତରକୁ ଠେଲି ଦିଆଗଲା । ସିଂହ କିପରି ତାକୁ କଲବଲ କରି ମାରିବ ସେ ଦୃଶ୍ୟ ଦେଖିବା ପାଇଁ ବହୁ ଲୋକ ରୁଣ୍ଡ ହୋଇଥା'ନ୍ତି । କିନ୍ତୁ ଆଶ୍ଚର୍ଯ୍ୟର କଥା ଯେ ସିଂହ ଆସି ଆଣ୍ଡ୍ରୋକ୍ଲିସକୁ ଆଦର କଲା ଓ ଚାଟିଲା । ଯେତେବେଳେ ସମସ୍ତେ ଜାଣିଲେ ସିଂହ ଏପରି କାହିଁ କରୁଛି । ସମସ୍ତେ ଏକସ୍ୱରରେ କହିଲେ— ଆଣ୍ଡ୍ରୋକ୍ଲିସକୁ ଛାଡ଼ି ଦିଆଯାଉ । ପୃଥିବୀର ଜଣେ ଅତି ଜଣାଶୁଣା ନାଟ୍ୟକାର ଜର୍ଜ ବର୍ଣ୍ଣାଡ ଶ ଏହି ବିଷୟରେ ଗୋଟିଏ ନାଟକ ଲେଖିଦେଲା ପରେ ଏ କାହାଣୀ ସମସ୍ତଙ୍କର ମନରେ ରହିଗଲା ।

***ସମ୍ବନ୍ଧୀୟ ବିଷୟ***
*ପାଶ୍ଚାତ୍ୟ କାହାଣୀ, ଜର୍ଜ ବର୍ଣ୍ଣାଡଶ, ଉପକାର, ପଶୁ ନୈତିକତା*

▷▷

## ଆନ୍ଧ୍ରପ୍ରଦେଶ

ଓଡ଼ିଶାର ଦକ୍ଷିଣ ସୀମାକୁ ଲାଗି ରହିଥିବା ଏଇ ପ୍ରଦେଶ ସହିତ ଓଡ଼ିଶାର ଲୋକଙ୍କର ବହୁକାଳରୁ ସଂପର୍କ ରହି ଆସିଛି । ଗୋଟାଏ ସମୟରେ ଓଡ଼ିଶାର ରାଜାଙ୍କ ଶାସନ ଅଧୀନରେ ଆନ୍ଧ୍ର-ପ୍ରଦେଶର କେତେକ ଅଞ୍ଚଳ ଥିଲା । ସେଠା ଲୋକଙ୍କ ଭାଷା ହେଉଛି ତେଲୁଗୁ । ଉର୍ଦ୍ଦୁ ଭାଷାର ପ୍ରଭାବ ମଧ୍ୟ ରହିଛି । ଏହି ରାଜ୍ୟର ଉତ୍ତରରେ ଓଡ଼ିଶା, ଦକ୍ଷିଣରେ ତାମିଲନାଡୁ ଏବଂ ଦକ୍ଷିଣ ପଶ୍ଚିମରେ କର୍ଣ୍ଣାଟକ, ପୂର୍ବରେ ବଙ୍ଗୋପ ସାଗର ଓ ପଶ୍ଚିମରେ ରହିଛି ମହାରାଷ୍ଟ୍ର । ପୂର୍ବେ ଏହା ମାନ୍ଦ୍ରାଜ ପ୍ରେସିଡେନ୍‌ସିର ଗୋଟିଏ ଅଂଶ ଥିଲା । ତେଲୁଗୁ ଭାଷାଭାଷୀ ଲୋକେ କହିଲେ ଯେ ଯେଉଁମାନେ ତେଲୁଗୁ କହୁଛନ୍ତି, ସେମାନେ ଯେଉଁ ଅଞ୍ଚଳରେ ରହୁଛନ୍ତି, ତାକୁ ଅଲଗା କରିଦେଇ ଗୋଟିଏ ସ୍ୱତନ୍ତ୍ର ପ୍ରଦେଶ ଗଠନ କରିଦିଆଯାଉ ।




ଆନ୍ଧ୍ରପ୍ରଦେଶ

ଶେଷରେ ତାହାହିଁ ହେଲା । ୧୯୫୩ ମସିହା ଅକ୍‌ଟୋବର ମାସରେ ସ୍ୱତନ୍ତ୍ର ଆନ୍ଧ୍ରପ୍ରଦେଶର ସୃଷ୍ଟି ହୋଇଗଲା । ପୂର୍ବତନ ହାଇଦ୍ରାବାଦ ଷ୍ଟେଟ୍‌ର ତେଲେଙ୍ଗାନା ଅଞ୍ଚଳକୁ ୧୯୫୬ ମସିହାରେ ଏହି ପ୍ରଦେଶ ସହିତ ମିଶାଇ ଦିଆ-ଗଲା । ତେଲୁଗୁ ଗୋଟିଏ ଉନ୍ନତ ଭାଷା ।

ଏହି ପ୍ରଦେଶର କ୍ଷେତ୍ରଫଳ ୨,୭୫,୦୬୮ ବର୍ଗକିଲୋମିଟର । ଲୋକସଂଖ୍ୟା ପ୍ରାୟ ୬ କୋଟି ୬୫ ଲକ୍ଷ । ସବୁଠାରୁ ବଡ଼ ପର୍ବତ ହେଉଛି ମହେନ୍ଦ୍ର ଗିରି । କୃଷ୍ଣା, ଗୋଦାବରୀ ହେଉଛନ୍ତି ବଡ଼ନଦୀ । ଗୋଦାବରୀ ଖୁବ୍ ଗଭୀର । ପ୍ରଦେଶର ରାଜଧାନୀର ନାମ ହାଇଦ୍ରାବାଦ । ଗୋଲକୁଣ୍ଡା ଦୁର୍ଗ, ଚାରମିନାର, ହୁସେନ ସାଗର, ତିରୁପତି ମନ୍ଦିର, ସଲାରଜଙ୍ଗ ମିଉଜିୟମ ପ୍ରଭୃତି ବହୁ ଦର୍ଶନୀୟ ସ୍ଥାନ ରହିଛି । ଧାନ, ଆଖୁ, ମାଣ୍ଡିଆ, ଲଙ୍କା, କପା ପ୍ରଭୃତି ହେଲା ମୁଖ୍ୟ ଫସଲ । ଉଭୟ କୃଷି ଓ ଶିଳ୍ପରେ ଆନ୍ଧ୍ରପ୍ରଦେଶ ଆଜି ସମୃଦ୍ଧ । ପ୍ରଦେଶଟି ୨୩ ଗୋଟି ଜିଲାରେ ବିଭକ୍ତ ।

ଭାରତର ଗୋଟିଏ ଗୁରୁତ୍ୱପୂର୍ଣ୍ଣ ବନ୍ଦର ବିଶାଖାପାଟଣା ଏହି ପ୍ରଦେଶରେ ରହିଛି । ଇସ୍‌-ପାତ, ସିମେଣ୍ଟ, ରାସାୟନିକ ପଦାର୍ଥ, ଔଷଧ ସାଙ୍ଗକୁ ବହୁ ଅଧିକ ପ୍ରକାର ଔଦ୍ୟୋଗିକ ପଦାର୍ଥ ଆନ୍ଧ୍ରପ୍ରଦେଶରେ ତିଆରି ହୋଇଥାଏ । ତେଲୁଗୁ ଚଳଚିତ୍ର ଶିଳ୍ପ ମଧ୍ୟ ଖୁବ୍ ଉନ୍ନତ ।

***ସମ୍ବନ୍ଧୀୟ ବିଷୟ***
*ଭାରତ, ଓଡ଼ିଶା, କଳିଙ୍ଗ*

▷▷

## ଆପ୍‌ଲଟନ୍, ଏ.ଭିକ୍‌ଟର (୧୮୯୨-୧୯୬୫)

ଏହି ଇଂରେଜ ପଦାର୍ଥବିଦ୍ୟାବିତ୍‌ଙ୍କ ନାମରେ ବାୟୁମଣ୍ଡଳର ଉପର ଅଂଶର ଗୋଟିଏ ସ୍ତରକୁ 'ଆପ୍‌ଲଟନ୍ ସ୍ତର' ଭାବେ ନାମିତ କରାଯାଇଛି । ଆୟନମଣ୍ଡଳ ଉପରେ ଅଧିକ କାମ କରୁଥିଲା-ବେଳେ ସେ ଏହି ଆବେଶିତ-କଣ-ବିଶିଷ୍ଟ ବାୟୁ-ମଣ୍ଡଳୀୟ ସ୍ତରର ସନ୍ଧାନ ପାଇଥିଲେ । ପରେ ଆପ୍‌ଲଟନ୍ ସ୍ତରର ସାହାଯ୍ୟ ନେଇ ପୃଥିବୀର ଦୂର ଦୂରାନ୍ତ ଷ୍ଟେସନ ସବୁ ମଧ୍ୟରେ ବେତାର ଯୋଗାଯୋଗର ଉଲ୍ଲେଖନୀୟ ଅଗ୍ରଗତି ସମ୍ଭବ ହୋଇପାରିଲା । ଆପ୍‌ଲଟନ୍ ପଦାର୍ଥବିଦ୍ୟାରେ ନୋବେଲ ପୁରସ୍କାର ଲାଭ କରିଥିଲେ ।

***ସମ୍ବନ୍ଧୀୟ ବିଷୟ***
*ପଦାର୍ଥବିଜ୍ଞାନ, ବାୟୁମଣ୍ଡଳ, ରେଡିଓ*

▷▷

## ଆପ୍‌ସିସ୍

ଯେ କୌଣସି ଖଗୋଳୀୟ ପିଣ୍ଡ ଅନ୍ୟ ଗୋଟିଏ ଆକର୍ଷଣ କେନ୍ଦ୍ର କିମ୍ବା ପିଣ୍ଡକୁ ପ୍ରଦକ୍ଷିଣ କରିବା ଦ୍ୱାରା ଯେଉଁ ଦୀର୍ଘବୃତ୍ତୀୟ ବା ଏଲିପ୍‌ଟିକାଲ କକ୍ଷ ସୃଷ୍ଟି ହୋଇଥାଏ, ସେହି କକ୍ଷରେ, ଆକର୍ଷଣ କେନ୍ଦ୍ରଠାରୁ ଥିବା ସବୁଠାରୁ କମ୍ ଓ ସବୁଠାରୁ ବେଶୀ ଦୂରତାର ପଏଣ୍ଟ ବା ସ୍ଥଳକୁ ଆପ୍‌ସିସ୍ ବୋଲି କୁହାଯାଏ । ଏହି ଦୁଇ ପଏଣ୍ଟକୁ ଯୋଗ କରୁଥିବା

ରେଖାଟି ହେଲା କକ୍ଷର ଅକ୍ଷ । ଆପ୍‌ସିସ୍‌ରେ ଥିବା ନିକଟତମ ଓ ଦୂରତମ ପଏଣ୍ଟ ହେଲେ ଯଥାକ୍ରମେ ପେରିକେନ୍ଦ୍ର ଓ ଆପୋକେନ୍ଦ୍ର । ଭିନ୍ନ ଭିନ୍ନ ପିଣ୍ଡଙ୍କ ନିମନ୍ତେ ଜ୍ୟୋତିର୍ବିଜ୍ଞାନରେ ଏହି ଦୁଇ ପଏଣ୍ଟର କିନ୍ତୁ ଭିନ୍ନ ଭିନ୍ନ ନାମ ରହିଛି । ଆକର୍ଷଣ କେନ୍ଦ୍ର ପୃଥିବୀ ହୋଇଥିଲେ, ପେରିକେନ୍ଦ୍ରକୁ 'ପେରିଜି' ଓ ଆପୋକେନ୍ଦ୍ରକୁ 'ଆପୋଜି' ବୋଲି କୁହାଯାଇଥାଏ ।

***ସମ୍ବନ୍ଧୀୟ ବିଷୟ***
*ଜ୍ୟୋତିର୍ବିଜ୍ଞାନ, ଚନ୍ଦ୍ର, ଉପଗ୍ରହ, ପୃଥିବୀ, ଖଗୋଳୀୟ ପିଣ୍ଡ, ସୂର୍ଯ୍ୟ*

▷▷

## ଆପଲ୍

ଏହି ରସାଳ ଫଳଟି ବୋଧହୁଏ ପୃଥିବୀରେ ସବୁଠାରୁ ବ୍ୟାପକ ଭାବରେ ଚାଷ କରାଯାଉଥିବା ଫଳ । ପ୍ରାୟ ୨୫ ଜାତିର ଆପଲ୍ ପ୍ରଜାତି ରହିଛି ଓ ଜଳବାୟୁ ଭେଦରେ ଏଗୁଡ଼ିକ ଚାଷ କରାଯାଇଥାଏ । ଏଗୁଡ଼ିକର ଭିନ୍ନ ଭିନ୍ନ ଆକୃତି, ସାଇଜ୍, ରଙ୍ଗ ଓ ସ୍ୱାଦ ରହିଥିଲେ ମଧ୍ୟ ସାଧାରଣ ଆପଲ୍ ଫଳ ଦେଖିବାକୁ ପ୍ରାୟ ଗୋଲ ଓ ୫୦ରୁ ୧୦୦ ମିଲିମିଟର ପର୍ଯ୍ୟନ୍ତ ବ୍ୟାସର ହୋଇଥାଏ । ନାଲି ଓ ହଳଦିଆ ରଙ୍ଗର ଚେପା ହେଲା ଆପଲ୍ କ୍ଷେତ୍ରରେ ସବୁଠାରୁ ସାଧାରଣ । ଚାଷ ଦୃଷ୍ଟିରୁ ଯେଉଁ ହଜାର ହଜାର ଧରଣର ଆପଲ୍ ଉତ୍ପାଦିତ ହୁଏ, ସେଗୁଡ଼ିକୁ ସାଧାରଣତଃ ତିନୋଟି ଉଦ୍ଦେଶ୍ୟରେ ବ୍ୟବହାର କରାଯାଇଥାଏ । ସେଗୁଡ଼ିକ ହେଲା—ମଦ ତିଆରି, ଖାଦ୍ୟ ଦ୍ରବ୍ୟ ତିଆରି ଓ ଡେସର୍ଟ ବା ମିଷ୍ଟାନ୍ନ ତିଆରି । ବହୁ ପ୍ରକାରର ମିଠା ଆପଲ୍‌କୁ କଞ୍ଚା ମଧ୍ୟ ଖିଆଯାଏ । ଭିଟାମିନ୍ ଏ ଓ ସି ସାଙ୍ଗକୁ ବହୁ ପରିମାଣରେ କାର୍ବୋହାଇଡ୍ରେଟ୍ ଏହି ଫଳଟିରୁ ମିଳିଥାଏ । ଖାଦ୍ୟରେଶା ଦୃଷ୍ଟିରୁ ଆପଲ୍ ହେଲା ଗୋଟିଏ ଉତ୍କୃଷ୍ଟ ଉତ୍ସ । ସାଧାରଣତଃ ଶୀତୋଷ୍ଣ ଜଳବାୟୁରେ ଏହା ଭଲ ବଢ଼ିଥାଏ । ନିଗିଡ଼ା ମାଟି ଓ ପାହାଡ଼ତଳି ଅଞ୍ଚଳରେ ଥିବା ଆପଲ୍ ବଗିଚା ଗୁଡ଼ିକରୁ ସବୁଠାରୁ ବେଶୀ ଫଳ ଆମଦାନୀ ହୋଇଥାଏ । ଭାରତର ଉତ୍ତର ଓ ଉତ୍ତର ପଶ୍ଚିମ ଅଂଶର ବ୍ୟାପକ ଅଞ୍ଚଳରେ ଆପଲ୍ ବଗିଚାମାନ ରହିଛି ।

***ସମ୍ବନ୍ଧୀୟ ବିଷୟ***
*ଖାଦ୍ୟ, ଫଳ, ମଦ, ଖାଦ୍ୟ ପ୍ରକ୍ରିୟାକରଣ, କୃଷି*

▷▷

## ଆପାରଟିଟ୍

ଗୋଟାଏ ସମୟରେ ଦକ୍ଷିଣ ଆଫ୍ରିକାରେ କଳା–ଗୋରା ସଂପର୍କକୁ ନିୟନ୍ତ୍ରିତ କରୁଥିବା ଘୃଣ୍ୟ ନୀତି । ଆଜି କିନ୍ତୁ ଏହା ବିଲୁପ୍ତ । ଏଭଳି ଗୋଟାଏ ଅବସ୍ଥାରେ ଶାସନ ଚଳାଉଥିବାରୁ ଦକ୍ଷିଣ ଆଫ୍ରିକାକୁ ପ୍ରାୟ ସମଗ୍ର ପୃଥିବୀ ବାସନ୍ଦ କରି ଦେଇଥିଲା । ଆଫ୍ରିକାନ୍‌ସ୍ ଭାଷାର ଏହି ଶବ୍ଦଟିର ଅର୍ଥ ହେଲା 'ପୃଥକ୍ ଭାବେ ରହିବା' । ଦକ୍ଷିଣ ଆଫ୍ରିକାର ୮୭ ଭାଗ କଳା ଲୋକଙ୍କୁ ମାତ୍ର ୧୩ ଭାଗ ଶ୍ୱେତାଙ୍ଗ ବା ଇଂରେଜ ଆପାରଟିଟ୍ ଯୁଗରେ ଯେଉଁ କଠୋର ଶାସନ କରୁଥିଲେ, ଆଧୁନିକ ଦୁନିଆରେ ତାହାର ସମାନ୍ତରାଳ ବ୍ୟବସ୍ଥା ଅନ୍ୟ କେଉଁଠି ଦେଖିବାକୁ ମିଳି ନ ଥିଲା । ଆପାରଟିଟ୍ ଜନିତ ଉତ୍କଟ ବର୍ଣ୍ଣବୈଷମ୍ୟବାଦ ଫଳରେ ପାଶବିକ ଶକ୍ତିର ଉପଯୋଗ କରି ସେଠାକାର ସଂଖ୍ୟାଲଘୁ ଗୋରା ସରକାର ସେ ଦେଶର ପ୍ରକୃତ ଅଧିବାସୀଙ୍କ ଉପରେ ଭୟଙ୍କର ନିର୍ଯାତନା, ଲାଞ୍ଛନା, ହତ୍ୟା ତଥା ଅସମ୍ମାନ ଅଜାଡ଼ି ଦେଇଥିଲା ବୋଲି ଧରାଯାଇଥାଏ ।

***ସମ୍ବନ୍ଧୀୟ ବିଷୟ***
*ଦକ୍ଷିଣ ଆଫ୍ରିକା, ବର୍ଣ୍ଣବୈଷମ୍ୟବାଦ, ଆଫ୍ରିକାନ ନାସନାଲ କଂଗ୍ରେସ, ଆନ୍ତର୍ଜାତୀୟ ସଂପର୍କ, ଆତଙ୍କବାଦ*

▷▷

## ଆପେଣ୍ଡିସାଇଟିସ୍

ଆପେଣ୍ଡିକ୍ସ୍ ବା ଅନ୍ତ୍ରପୁଚ୍ଛରେ ହେଉଥିବା ପ୍ରଦାହ । ଅନେକ ସମୟରେ ଏହା ହଠାତ୍ ଆରମ୍ଭ ହୁଏ ଓ ଅଳ୍ପ ସମୟ ଭିତରେ ଏଭଳି ପ୍ରକୋପ ଦେଖାଏ ଯେ ଅତିଶୀଘ୍ର ଅପରେସନ ନ କଲେ ରୋଗୀର ଜୀବନ ବିପଦାପନ୍ନ ହୋଇଉଠେ । ଆପେଣ୍ଡିକ୍ସଟି ହେଲା ଗୋଟିଏ ଅଣଓସାରିଆ ନଳୀ ବା ଟିଉବ୍ । ଏହି ଟିଉବ୍ ଭିତରେ ଯାହାସବୁ ଜମିଯାଏ, ସେତକ ଯଦି ବୃହଦନ୍ତ୍ର ଭିତରକୁ ଚାଲିଯିବାରେ ବାଧା ସୃଷ୍ଟି ହୁଏ, ତେବେ ସେହି ଜମି ଯାଉଥିବା ବଦ୍ଧ ପଦାର୍ଥ ନଳୀକାନ୍ଥ ଉପରେ ଅଯଥା ଚାପ ପକାଏ ଓ କ୍ରମେ ସେ କାନ୍ଥ ଫୁଲିବାକୁ ଲାଗେ । ଏହି ଅବସ୍ଥାରେ ବାକ୍‌ଟେରିଆ ଓ ଅନ୍ୟ କେତେକ ପ୍ରକାରର କ୍ଷୟକାରୀ ଅଣୁଜୀବ ସେଠି ସଂକ୍ରମଣ ସୃଷ୍ଟି କରିବା ଫଳରେ ସେହି ଅଂଶରେ ରକ୍ତ ସଂଚାଳନ ବାଧାପ୍ରାପ୍ତ ହୁଏ ଓ ଅନ୍ତ୍ରପୁଚ୍ଛୀୟ ତନ୍ତୁ ମରିଯାଇ ଆପେଣ୍ଡିସାଇଟିସ୍ ଆରମ୍ଭ ହୁଏ । ନାଭି ଓ ତଳି ପେଟରେ ଦରଜ, ପେଟରେ ଯନ୍ତ୍ରଣା, ବାନ୍ତି, ଜ୍ୱର, ଡାୟେରିଆ ଆଦି ହେଲା ଏହି ରୋଗର କେତେକ ଲକ୍ଷଣ ।

***ସମ୍ବନ୍ଧୀୟ ବିଷୟ***
*ଅନ୍ତ୍ର, ଚିକିତ୍ସାବିଜ୍ଞାନ, ହଜମପଥ*

▷▷

## ଆପୋଲୋ

ଗ୍ରୀକ୍ ପୁରାଣର ଜଣେ ପ୍ରସିଦ୍ଧ ଦେବତାଙ୍କ ନାମ ହେଲା ଆପୋଲୋ । ଯେତେ ଯେତେ ଗ୍ରୀକ୍ ଦେବତା ଅଛନ୍ତି, ତାଙ୍କ ଭିତରେ ସେ ହେଉଛନ୍ତି ସବୁଠାରୁ ଶକ୍ତିଶାଳୀ ଓ ଏହାଙ୍କୁ 'ଯେତେଲୋକ ପୂଜା କରନ୍ତି, ଅନ୍ୟ କୌଣସି ଦେବତାଙ୍କୁ ସେତେ ଲୋକ ପୂଜା କରନ୍ତି ନାହିଁ । ଏହାଙ୍କୁ ଦୂର ଦେବତା ବୋଲି ଯେ କୁହାଯାଏ, ତାର କାରଣ ହେଲା ବହୁ ଦୂରରେ ଥାଇ ମଧ୍ୟ ସେ ଶତ୍ରୁ ମନରେ ଭୟ ଜନ୍ମାଇ ଦିଅନ୍ତି । ମଣିଷ ଯଦି କିଛି ଦୋଷ କରିଥାଏ ତା' ସ୍ୱୀକାର କରିବାକୁ ଆପୋଲୋ ତାକୁ ବାଧ୍ୟ କରନ୍ତି ଓ ତାକୁ ଭଲ ମଣିଷ କରିଦିଅନ୍ତି । ଦେବତାମାନେ ମଧ୍ୟ ତାଙ୍କୁ ଭୟ କରନ୍ତି । ସଂଗୀତ, କବିତା, ନୃତ୍ୟର ଦେବତା ବୋଲି ମଧ୍ୟ ଏହାଙ୍କୁ କୁହାଯାଏ ।

***ସମ୍ବନ୍ଧୀୟ ବିଷୟ***
*ଗ୍ରୀକ୍ ପୁରାଣ*



କେତେକ ଜାତିର ଆପଲ୍



ଆପୋଲୋ ଦେବତା

## ଆପୋଲୋ କାର୍ଯ୍ୟକ୍ରମ

ଚନ୍ଦ୍ରରେ ନେଇ ମଣିଷ ପହଞ୍ଚାଇ ପୁଣି ପୃଥିବୀକୁ ଫେରାଇ ଆଣିବା ନିମନ୍ତେ ଯୁକ୍ତରାଷ୍ଟ୍ର ଆମେରିକା ପକ୍ଷରୁ ଚଳିତ ଶତାବ୍ଦୀର ଷଷ୍ଠ ଓ ସପ୍ତମ ଦଶକରେ କରାଯାଇଥିବା ମହତ୍ତ୍ୱପୂର୍ଣ୍ଣ ତଥା ବିଶାଳ ଟେକ୍‌ନୋଲଜୀୟ ଉଦ୍ୟମଟି ଆପୋଲୋ କାର୍ଯ୍ୟକ୍ରମ ଭାବେ ପରିଚିତ । ୧୯୬୧ ମସିହାରେ ଏଭଳି ଏକ କାର୍ଯ୍ୟକ୍ରମ ଗ୍ରହଣ କରାଯାଉଥିବା କଥା ସେ ଦେଶ ପକ୍ଷରୁ ପ୍ରଥମେ ଘୋଷଣା କରାଯାଇଥିଲା । କେଉଁ ଧରଣର ଉପଯୁକ୍ତ ଉପାୟ ଅବଲମ୍ବନ କରି ସଫଳତାର ସହିତ ଧାର୍ଯ୍ୟ ଲକ୍ଷ୍ୟ ସାଧନ କରିହେବ, ସେ କଥାର ସମାଧାନ ଲାଗି କିଛି ସାମାନ୍ୟ ଅଧିକ ସମୟ ଲାଗିଯାଇଥିଲା । ଶେଷରେ ଏଥିପାଇଁ ଚନ୍ଦ୍ର-କକ୍ଷ-ରେଣ୍ଡିଭୁ ବା ସଂକେତମିଳନ ଉପାୟ ବ୍ୟବସ୍ଥା ଗ୍ରହଣ କରାଯିବ ବୋଲି ସ୍ଥିର କରାଗଲା । ଏଥିରେ ସାଟର୍ଣ୍ଣ-୫ ଭଳି ଗୋଟାଏ ଅତିକାୟ ମହାକାଶ ରକେଟ୍ ୫୦ ଟନ୍ ଓଜନର ଆପୋଲୋ ମହାକାଶଯାନକୁ ଚନ୍ଦ୍ର କକ୍ଷରେ ନେଇ ପହଞ୍ଚାଇ ଦେବାର ବ୍ୟବସ୍ଥା ରହିଲା ।

ଆପୋଲୋ କାର୍ଯ୍ୟକ୍ରମ ଆରମ୍ଭ ହେବା ପରେ ଏଥିରେ ବ୍ୟବହାର କରାଯିବା ପାଇଁ ଅନେକ ଗୁଡ଼ିଏ ସାଟର୍ଣ୍ଣ-୫ ଧରଣର ରକେଟ୍; କମାଣ୍ଡ ମୋଡୁଲ, ସର୍ଭିସ ମୋଡୁଲ ଓ ଲୁନାର ମୋଡୁଲ ଭଳି ମହାକାଶଯାନ ତିଆରି କରାଯାଇଥିଲା । ଆହୁରି ମଧ୍ୟ ମହାକାଶଯାନ ଗୁଡ଼ିକରେ ଆବଶ୍ୟକୀୟ ରକେଟ କ୍ଷମତା ରଖାଯାଇଥିବାରୁ ସେସବୁ ନିଜ ଶକ୍ତି ବଳରେ ଉପଯୋଗୀ ଚନ୍ଦ୍ର କକ୍ଷ ହାସଲ କରିପାରୁଥିଲେ ବା ଅନ୍ୟାନ୍ୟ ଦରକାରୀ କାମ କରିପାରୁଥିଲେ । ଆପୋଲୋ ଲୁନାର ମୋଡୁଲ ନିଜ ରକେଟ୍ ଶକ୍ତି ବଳରେ ମୂଳ କମାଣ୍ଡ ମୋଡୁଲରୁ ବିଛିନ୍ନ ହୋଇ ଚନ୍ଦ୍ରରେ ଯାଇ ଓହ୍ଲାଇ ପାରୁଥିଲା ଓ ଚନ୍ଦ୍ର ପୃଷ୍ଠରୁ ଉଠି ପୁଣି କମାଣ୍ଡ ମୋଡୁଲ ସହ ମିଳିତ ହୋଇପାରୁଥିଲା ।

ଆପୋଲୋ କାର୍ଯ୍ୟକ୍ରମର ପ୍ରଥମ ମନୁଷ୍ୟବାହୀ ଯାନଟି ୧୯୬୭ ମସିହାରେ ଭୂପୃଷ୍ଠରେ ଗୋଟିଏ ଦୁର୍ଘଟଣାରେ ନଷ୍ଟ ହୋଇଗଲା ଓ ଏଥିରେ




ଆପୋଲୋ କାର୍ଯ୍ୟକ୍ରମରେ ବ୍ୟବହୃତ ହୋଇଥିବା ମୁଖ୍ୟ ମହାକାଶ ଯନ୍ତ୍ରପାତି : (ଉପର) କମାଣ୍ଡ ମୋଡୁଲ (ତଳ) ଲୁନାର ମୋଡୁଲ ଓ (ବାମ) ଅତିକାୟ ସାଟର୍ଣ୍ଣ-୫ ମହାକାଶ ରକେଟ । ସର୍ଭିସ ମୋଡୁଲ ସମେତ ତିନୋଟି ଯାକ ଆପୋଲୋ ଯାନ ସହ ରକେଟଟିର ମୋଟ ଉଚ୍ଚତା ହେଲା ୧୧୦ ମିଟର ଓ ଭୂପୃଷ୍ଠରେ ଥିଲାବେଳେ ଓଜନ ୨,୭୭୦ ଟନ୍ । କୌଣସି ଜରୁରୀ ପରିସ୍ଥିତି ସୃଷ୍ଟି ହେଲେ ଲଞ୍ଚ ଏସ୍କେପ୍ ବ୍ୟବସ୍ଥା ଦ୍ୱାରା ମହାକାଶଯାତ୍ରୀମାନେ ମହାକାଶଯାତ୍ରା ପୂର୍ବରୁ ବା ଆରମ୍ଭର ଠିକ୍ ପରେ ପରେ ରକ୍ଷା ପାଇଯିବାର ବନ୍ଦୋବସ୍ତ ଏଥିରେ କରାଯାଇଥିଲା । ଆବିଷ୍କାର କ୍ଷେତ୍ରରେ ମାନବଜାତି ଇତିହାସରେ ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ଘଟଣା ହେଲା ଚନ୍ଦ୍ର ଅଭିଯାନ ।

ତିନିଜଣ ମହାକାଶଗ୍ରରୀଙ୍କର ଶୋଚନୀୟ ମୃତ୍ୟୁ ହୋଇଯାଇଥିଲା । ଏହାପରେ କେତେଗୁଡ଼ିଏ ମଣିଷବିହୀନ ଆପୋଲୋଯାନ ପୃଥିବୀ କକ୍ଷରେ ପରୀକ୍ଷାମୂଳକ ପ୍ରଦକ୍ଷିଣ ସମାପ୍ତ କଲେ । ୧୯୬୮ ମସିହା ଅକ୍‌ଟୋବର ମାସରେ ପ୍ରଥମ ଥର ପାଇଁ ତିନିଜଣ ମହାକାଶଗ୍ରରୀଙ୍କୁ ନେଇ ଆପୋଲୋ-୭ ମହାକାଶଯାନ ସଫଳତାର ସହିତ ୧୬୩ ଥର ପୃଥିବୀ କକ୍ଷରେ ପ୍ରଦକ୍ଷିଣ କରିପାରିଲା । ସେହିବର୍ଷ ଡିସେମ୍ବର ମାସରେ ଆପୋଲୋ-୮ ଅନ୍ୟ ତିନିଜଣ ମହାକାଶଗ୍ରରୀଙ୍କୁ କୋଳରେ ଧରି ପୃଥିବୀ କକ୍ଷରୁ ଯାଇ ଚନ୍ଦ୍ର କକ୍ଷରେ ପହଞ୍ଚିଗଲା; ଚନ୍ଦ୍ରକୁ ପ୍ରଦକ୍ଷିଣ କରିବାକୁ ସମର୍ଥ ହେଲା ଓ ଆବଶ୍ୟକୀୟ ପରୀକ୍ଷା ନିରୀକ୍ଷା ପରେ ନିରାପଦରେ ପୁଣି ପୃଥିବୀକୁ ଫେରି ଆସି ପାରିଲା । ପରେ ଆପୋଲୋ-୯ ପୃଥିବୀ କକ୍ଷରେ ରହି ଚନ୍ଦ୍ରରେ ଅବତରଣ କରିବାକୁ ଥିବା ଲୁନାର ମୋଡୁଲ ଯାନର ଅତି ବିସ୍ତୃତ ପରୀକ୍ଷାନିରୀକ୍ଷା ଚଳାଇଥିଲା । ଏହାପରେ ଆପୋଲୋ-୧୦ ମହାକାଶଯାନ ଚନ୍ଦ୍ରକକ୍ଷକୁ ଯାଇ ସାଙ୍ଗରେ ଥିବା ଲୁନାର ମୋଡୁଲକୁ ଚନ୍ଦ୍ର ପୃଷ୍ଠରୁ ୧୫ କିଲୋମିଟର ଉଚ୍ଚତା ପର୍ଯ୍ୟନ୍ତ ପଠାଇଦେଇ ପୁଣି ନିଜ ପାଖକୁ ଫେରାଇ ଆଣିବାକୁ ସକ୍ଷମ ହେଲା । ଶେଷରେ ଆପୋଲୋ-୧୧ ମହାକାଶଯାନରେ ଯାଇଥିବା ତିନିଜଣ ମହାକାଶଗ୍ରରୀଙ୍କ ଭିତରୁ ଦୁଇଜଣ ୧୯୬୯ ମସିହା ଜୁଲାଇ ମାସ ୨୦ ତାରିଖ ଦିନ ଯାଇ ଚନ୍ଦ୍ର ପୃଷ୍ଠରେ ପହଞ୍ଚିଗଲେ. । ଏହାର କମାଣ୍ଡର ନିଲ୍ ଆର୍ମଷ୍ଟ୍ରଙ୍ଗ ମାନବ ଜାତିର ଇତିହାସରେ ପ୍ରଥମ ମନୁଷ୍ୟ ଯିଏକି ଚନ୍ଦ୍ରପୃଷ୍ଠରେ ପାଦ ଦେଇଦେବାକୁ ସମର୍ଥ ହେଲେ ।

ଏହାପରେ କେତେଗୁଡ଼ିଏ ଆପୋଲୋ-ଯାନ ଚନ୍ଦ୍ରପୃଷ୍ଠରେ ପହଞ୍ଚି ସେଠି ବହୁ ଧରଣର ବୈଜ୍ଞାନିକ ପରୀକ୍ଷା ଚଳାଇବା ସଙ୍ଗେ ସଙ୍ଗେ ଚନ୍ଦ୍ରଶିଳା ଓ ଅନ୍ୟାନ୍ୟ ପଦାର୍ଥ ସାଙ୍ଗରେ ନେଇ-ଆସିପାରିଥିଲେ । ୧୯୭୦ ମସିହା ଏପ୍ରିଲ ମାସରେ ଯାଇଥିବା ଆପୋଲୋ-୧୩ ମହାକାଶଯାନଟି ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଚନ୍ଦ୍ରପୃଷ୍ଠରେ ଅବତରଣ ନ କରିପାରିଥିଲେ ମଧ୍ୟ ଏହାର ତିନିଜଣଯାକ ମହାକାଶଗ୍ରରୀ ଯେଭଳି ଅଦମ୍ୟ ସାହସର ସହିତ ଅନନ୍ତ ମହାକାଶରୁ ଆଂଶିକ ଅକ୍ଷମ ଯାନଟିକୁ ପୁଣି ପୃଥିବୀକୁ ଫେରାଇ ଆଣି ପାରିଲେ ତାହାର ପଟାନ୍ତର ନାହିଁ । ସେମାନଙ୍କର ଏହି ଅଦ୍ଭୁତ କାମ ଉପରେ ୧୯୯୫ ମସିହାରେ ପ୍ରସ୍ତୁତ କରାଯାଇଥିବା ଗୋଟିଏ ଚଳଚିତ୍ର ସାରା ପୃଥିବୀରେ କୋଟି କୋଟି ଦର୍ଶକଙ୍କୁ ମୌଳବାଦୀ ଯୁବ ସଂଗଠନ ଆକୃଷ୍ଟ କରିପାରିଛି ।

ଆପୋଲୋ କାର୍ଯ୍ୟକ୍ରମର ଶେଷ ମହାକାଶଯାନ ହେଲା ୧୯୭୨ ମସିହା ଡିସେମ୍ବର ମାସ ୧୧ ତାରିଖରେ ପୃଥିବୀରୁ ଯାଇଥିବା ଆପୋଲୋ-୧୭ ।

ମାନବଜ୍ଞାନର ସାମଗ୍ରିକ ବିକାଶ ସାଧନ କରିବା ସହିତ ଅନ୍ୟ ଗୋଟିଏ କାରଣ ଯୋଗୁଁ ଆପୋଲୋ କାର୍ଯ୍ୟକ୍ରମ ଟେକ୍‌ନୋଲଜି ବିକାଶ ପ୍ରକ୍ରିୟାରେ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ହାସଲ କରିପାରିଛି । କାରଣଟି ହେଲା, ଏହି କାର୍ଯ୍ୟକ୍ରମକୁ ସଫଳ କରିବାପାଇଁ ଯେଉଁ ସଂପୂର୍ଣ୍ଣ ନୂତନ ଧରଣର ଟେକ୍‌ନୋଲଜୀୟ ତଥା ଇଞ୍ଜିନିଅରିଙ୍ଗ୍ ଚିନ୍ତା କରିବାର ଆବଶ୍ୟକତା ପଡ଼ିଲା, ତା'ର ଫଳ ସ୍ୱରୂପ ଏଭଳି କେତେକ ପଦାର୍ଥ ବାହାରି ପଡ଼ିଲା ଯାହା ସମଗ୍ର ମାନବ ସମାଜ ସେବାରେ ଆଜି ଲାଗି ପାରୁଛି । ଚିକିତ୍ସାବିଜ୍ଞାନ ଠାରୁ ଆରମ୍ଭ କରି ପ୍ରାଥମିକ ଶିକ୍ଷାର ବିକାଶ ଭଳି ଦିଗ ସବୁରେ ଆପୋଲୋ କାର୍ଯ୍ୟକ୍ରମରୁ ମିଳିଥିବା ଟେକ୍‌ନୋଲଜୀୟ ସୁଫଳର ଉପଯୋଗ କରାଯାଇ ପାରୁଛି ।

***ସମ୍ବନ୍ଧୀୟ ବିଷୟ***

*ମହାକାଶ ଅଭିଯାନ, 'ନାସା', ଚନ୍ଦ୍ର, ସାଟର୍ଣ୍ଣ ରକେଟ୍, ଟେକ୍‌ନୋଲଜି, କଂପିଉଟର, ଆପୋଲୋ-୧୩ କେନେଡ଼ି, ସୌରଜଗତ, ଯୁକ୍ତରାଷ୍ଟ୍ର ଆମେରିକା, ବିଜ୍ଞାନର ଇତିହାସ, ଆବିଷ୍କାର, ନାଭିଗେସନ ଓ ଆହୁରି ଅନେକ ବିଷୟ*

▷▷

## ଆଫ୍‌ଗାନ ଜାତି

ଆଫ୍‌ଗାନିସ୍ତାନ, ବେଲୁଚିସ୍ତାନର ଉତ୍ତରଭାଗ ତଥା ଭାରତର ଉତ୍ତର-ପଶ୍ଚିମ ପାର୍ବତ୍ୟ ଅଞ୍ଚଳରେ ବାସ କରୁଥିବା କେତେକ ଜାତି ଓ ଉପଜାତିର ଲୋକଙ୍କୁ ଆଫ୍‌ଗାନ ବୋଲି କୁହାଯାଏ । ବଂଶ ବା ପ୍ରାକୃତିକ ଦୃଷ୍ଟିରୁ ଏମାନେ ପ୍ରାୟ ତୁର୍କ-ଇରାନୀ । ଭାରତରେ ବସବାସ କରିଗଲା ପରେ ଭାରତୀୟ ରକ୍ତର ମିଶ୍ରଣ ମଧ୍ୟ ସେମାନଙ୍କ ଭିତରେ ହୋଇଛି ବୋଲି କୁହାଯାଏ ।

***ସମ୍ବନ୍ଧୀୟ ବିଷୟ***

*ଆଫ୍‌ଗାନିସ୍ତାନ, ଭାରତ, ନୃତତ୍ତ୍ୱ*

▷▷

## ଆଫ୍‌ଗାନିସ୍ତାନ

ସରକାରୀ ନାମ **ଜାମ୍‌ହୁରିଆ ଆଫ୍‌ଗାନିସ୍ତାନ (ଆଫ୍‌ଗାନିସ୍ତାନ ସାଧାରଣତନ୍ତ୍ର)** ଶାସନବ୍ୟବସ୍ଥା **ଇସ୍‌ଲାମୀୟ ରାଷ୍ଟ୍ର (ମଧ୍ୟବର୍ତ୍ତୀ କାଳୀନ ସଂସଦ ସହ)** ରାଷ୍ଟ୍ରମୁଖ୍ୟ **ପ୍ରେସିଡେଣ୍ଟ** ଶାସନ ମୁଖ୍ୟ **ପ୍ରଧାନମନ୍ତ୍ରୀ** *୧୯୯୭ ମସିହା ଶେଷଭାଗ ବେଳକୁ କିଛୁ ଦେଶର ବହୁ ଅଂଶରେ 'ତାଲିବାନ'ର ଶାସନ ଚାଲିଛି* ରାଜଧାନୀ **କାବୁଲ** ସରକାରୀ ଭାଷା **ପୁସ୍ତୁ, ଡାରୀ (ଫାରସୀ)** ରାଷ୍ଟ୍ରୀୟ ଧର୍ମ **ଇସ୍‌ଲାମ** କ୍ଷେତ୍ରଫଳ ***୬,୫୨,୨୨୫* ବର୍ଗକିଲୋମିଟର** ଜନସଂଖ୍ୟା **୨.୦୨, *୬୯*,୦୦୦** ମୁଖ୍ୟ ସହର **କାବୁଲ, କାନ୍ଦାହାର, ହେରାତ, ମଜାରେ-ଏ-ସରିଫ୍** ମୁଦ୍ରା **ଆଫ୍‌ଗାନି** ପତାକା **ସବୁଜ, ଶ୍ୱେତ, କୃଷ୍ଣ ବର୍ଣ୍ଣର ତିନୋଟି ହୋରାଇଜୋଣ୍ଟାଲ ଷ୍ଟ୍ରାଇପ୍—ମଝିରେ ସୁବର୍ଣ୍ଣ ଜାତୀୟ ସଙ୍କେତ ।**

ଭାରତ କହିଲେ ଯେତେବେଳେ ଆଜିର ପାକିସ୍ତାନ, ଭାରତ ଓ ବାଙ୍ଗଲାଦେଶକୁ ବୁଝାଉଥିଲା, ସେତେବେଳେ ଆଫ୍‌ଗାନିସ୍ତାନର ସୀମା ଭାରତର ପଶ୍ଚିମ ସୀମାକୁ ଲାଗି ରହିଥିଲା । ଭୂବେଷ୍ଟିତ ଆଫ୍‌ଗାନିସ୍ତାନର ଉତ୍ତର ପୂର୍ବରେ ଚୀନ, ଦକ୍ଷିଣ ପୂର୍ବରେ ପାକିସ୍ତାନ, ପଶ୍ଚିମରେ ଇରାନ ଓ ଉତ୍ତରରେ ତୁର୍କମେନିସ୍ତାନ, ଉଜ୍‌ବେକିସ୍ତାନ ଓ ତାଜିକ୍‌ସ୍ତାନ ଦେଶ ରହିଛନ୍ତି ।

ଏହି ଦେଶର ସମୃଦ୍ଧ ଇତିହାସ ରହିଛି । ଇଉରୋପ ଏବଂ ଏସିଆର ବହୁ ଜାତିର, ଭାଷାର ଓ ସଂସ୍କୃତିର ଲୋକେ ଏହିଠାରେ ଗୋଟାଏ ନା ଗୋଟାଏ ସମୟରେ ଏକାଠି ରହିଛନ୍ତି । ଯେଉଁଭଳି ସ୍ଥାନରେ ଏଇଟି ରହିଛି, ସେଥିରେ ବାହାରୁ ଯେଉଁ ବିଜେତାମାନେ ଭାରତ ଭିତରକୁ ଆସୁଥିଲେ ସେମାନେ ଆଫ୍‌ଗାନିସ୍ତାନ ଭିତର ଦେଇହିଁ ଆସିବାଟାକୁ ଟିକିଏ ସହଜ ବୋଲି ବିଗ୍ରରୁଥିଲେ । ହିନ୍ଦୁକୁଶ ପର୍ବତମାଳା ତାହାର ସାକ୍ଷ୍ୟ ଦେବ , ମୁସଲମାନମାନେହିଁ ପ୍ରଥମେ ଏ ଅଞ୍ଚଳକୁ ପ୍ରାୟ ହଜାରେ ବର୍ଷ ପୂର୍ବେ 'ଆଫ୍‌ଗାନିସ୍ତାନ' ବୋଲି କହିଲେ । ପାରସ୍ୟର ରାଜା ଏହାକୁ ବହୁଦିନ ଧରି ଶାସନ କରିଥିଲେ । ତାହା ପୂର୍ବରୁ ଗ୍ରୀକ୍ ବୀର ଆଲେକ୍‌ଜାଣ୍ଡାର ପ୍ରାୟ ୨୪୦୦ ବର୍ଷ ପୂର୍ବେ ଏହି ଅଞ୍ଚଳକୁ ନିଜ ଅଧୀନରେ ରଖିଥିଲେ । ପରେ ଭାରତର ମୌର୍ଯ୍ୟମାନେ ଏ ଅଞ୍ଚଳ ଦଖଲ କଲେ ।

ଏମିତି ଗୋଟିଏ ସମୟ ଥିଲା ଯେ ଏହି ଦେଶରେ ହିଁ ଗ୍ରୀକ୍ ସଭ୍ୟତା ଓ ଭାରତୀୟ ସଭ୍ୟତାର ମିଳନ ହୋଇଥିଲା । ପ୍ରାୟ ୧୮୦୦ ବର୍ଷ ପୂର୍ବେ ଭାରତର କୁଶାଣ ରାଜା କନିଷ୍କ ଆଫ୍‌ଗାନିସ୍ତାନର ରାଜା ହେଲେ । ସେତିକିବେଳେ ସେଠାରେ ବୌଦ୍ଧ ଧର୍ମର ପ୍ରଗ୍ରର ହେଲା ; ସେଠାରେ ଥିବା ବହୁ ଗୁମ୍ଫାରେ ସେ କାଳର ରାଜୁତି ବିଷୟରେ ଲେଖାଯାଇଛି । ଗୋଟାଏ ସମୟରେ ହିନ୍ଦୁମାନେ ପାରସ୍ୟ ବାଟେ ଯାଇ ଏଠାରେ ନିଜର ପ୍ରଭାବ ବିସ୍ତାର କରିଥିଲେ । ନବମ ଶତାବ୍ଦୀରେ ଇସ୍‌ଲାମ ଧର୍ମ ଆସି ଏଠି ଆସ୍ଥାନ ଜମାଇଲା । ମଙ୍ଗୋଲମାନେ ଚେଙ୍ଗିଜ୍ ଖାଁଙ୍କ ନେତୃତ୍ୱରେ ୧୨୧୯ ମସିହାରେ ଏହାକୁ ଆକ୍ରମଣ କରିଥିଲେ । ତାହାପରେ ଅଷ୍ଟାଦଶ ଶତାବ୍ଦୀ ପର୍ଯ୍ୟନ୍ତ ମୋଗଲମାନେ ରାଜୁତି କରି ଆସୁଥିଲେ । ଭାରତରେ ଥିବା ମୋଗଲ ସମ୍ରାଟ ଏ ଅଞ୍ଚଳକୁ ଶାସନ କରୁଥିଲେ ।

ଏତିକିବେଳେ ରୁଷ ଓ ବ୍ରିଟେନ ଏ ଦେଶ ବିଷୟରେ ଚିନ୍ତା କରିବାକୁ ଲାଗିଲେ—କାହାର

ପ୍ରଭାବ ସେଠାରେ ବେଶୀ ରହିବ । ଇଂରେଜମାନଙ୍କ ସହିତ ଆଫ୍‌ଗାନ ମାନଙ୍କର ତିନିଥର ଯୁଦ୍ଧ ହୋଇଯାଇଛି । ଶେଷରେ ୧୯୧୯ ମସିହାରେହିଁ ଆଫ୍‌ଗାନିସ୍ତାନ ଗୋଟିଏ ସ୍ୱତନ୍ତ୍ର ସ୍ୱାଧୀନ ରାଜ୍ୟ ବୋଲି ଇଂରେଜମାନେ ସ୍ୱୀକାର କରିଗଲେ । ଭାରତ ସେତେବେଳେ ଥାଏ ଇଂରେଜ ମାନଙ୍କ ଅଧୀନରେ । ରୁଷ ସୀମାଠାରୁ ଭାରତର ସୀମା ଦୂରରେ ରହୁ ବୋଲି ସେମାନେ ଇଚ୍ଛାକଲେ ଓ ମଝିରେ ଗୋଟିଏ ଦେଶ ରହି ଗଲେ ଭଲହେବ ବୋଲି ବିଚାରିଲେ ।

ଏବେ ମଧ୍ୟ ଆଫ୍‌ଗାନିସ୍ତାନରେ ଅସ୍ଥିର ଅବସ୍ଥା ରହିଛି । ରୁଷ ସୈନ୍ୟ ୧୯୭୯ ମସିହାରେ ଏ ଦେଶକୁ ପଶିଲା ପରେ ୪୦ ଲକ୍ଷ ଲୋକ ଶରଣାର୍ଥୀ ଭାବେ ପଳାଇ ଆସି ପାକିସ୍ତାନରେ ରହିଯାଇଥିଲେ । ଦଶ ବର୍ଷ ଗରିଲା ଯୁଦ୍ଧ ପରେ ଯାଇ ରୁଷ ଆଫଗାନିସ୍ତାନ ଛାଡିବାକୁ ବାଧ୍ୟ ହେଲା ।

ଏ ଦେଶର ଅଧିକାଂଶ ଅଞ୍ଚଳ ମରୁଭୂମି ବା ପାହାଡ ପର୍ବତ । ହିମାଳୟ ପର୍ବତମାଳାର ଗୋଟାଏ ଅଂଶ ଏହି ଦେଶ ଭିତରେ ରହିଛି । ପ୍ରସିଦ୍ଧ ହିନ୍ଦୁକୁଶ ପର୍ବତମାଳା ମଧ୍ୟ ଏହାରି ଭିତରେ । ମଝିରେ ମଝିରେ ଏ ଅଞ୍ଚଳରେ ଭୂମିକମ୍ପ ହୁଏ । ୧୯୦୦ ଖ୍ରୀଷ୍ଟାବ୍ଦ ପରେ ଛ'ଥରରୁ ଅଧିକ ଏପରି ହେଲାଣି । ଅମୁଦରିଆ ନଦୀ ଆଫ୍‌ଗାନିସ୍ତାନ ଓ ଅବିଭକ୍ତ ସୋଭିଏତ ଇଉନିଅନ୍ ସୀମାରେ ରହିଛି । ଏହାର ସମୁଦାୟ ଦୈର୍ଘ୍ୟ ହେଉଛି ପ୍ରାୟ ୨୫୦୦ କିଲୋମିଟର । ଅନ୍ୟ ବଡ ନଦୀଟିର ନାମ ହେଲମଣ୍ଡ୍ । ଦକ୍ଷିଣ-ପଶ୍ଚିମ ଅଂଶରେ ଥିବା ମରୁଭୂମି ଅଞ୍ଚଳରେ ବର୍ଷକୁ ମାତ୍ର ୭୫ ମିଲିମିଟର ବର୍ଷା ହେଉଥିବା ସ୍ଥଳେ ଅନ୍ୟ କେତେକ ଅଞ୍ଚଳରେ ବହୁ ଅଧିକ ବର୍ଷା ହୁଏ । ଦେଶରେ ଲୁହା, ତମ୍ବା, ସୀସା, ଜିଙ୍କ୍ ବହୁ ପରିମାଣରେ ରହିଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ସେ ସବୁକୁ କାମରେ ଲଗାଯାଇ ପାରିନାହିଁ । କିନ୍ତୁ ପ୍ରାକୃତିକ ଗ୍ୟାସ୍‌କୁ କାମରେ ଲଗାଯାଉଛି । ୧୪ ହଜାର କୋଟି ଘନମିଟର ଗ୍ୟାସ୍ ରହିଛି ବୋଲି ହିସାବ କରାଯାଇଛି । ପ୍ରଚୁର ପରିମାଣରେ କୋଇଲା ଅଛି ।

ଆଫ୍‌ଗାନିସ୍ତାନର ଅଧିକାଂଶ ଲୋକ ଇସ୍‌ଲାମ ଧର୍ମ ଗ୍ରହଣ କରି ଯାଇଛନ୍ତି । ଅଳ୍ପ ସଂଖ୍ୟକ ହିନ୍ଦୁ, ଶିଖ ଓ ଇହୁଦୀ ଅଛନ୍ତି । ବେଶୀ ଭାଗ ଲୋକ ପୁସ୍ତୁ ଭାଷା କୁହନ୍ତି । ପ୍ରାୟ ୧୦ ଲକ୍ଷ ଲୋକ ଉଜ୍‌ବେକ ଭାଷା କହୁଥିଲେ ମଧ୍ୟ ଦେଶରେ ସମସ୍ତେ ପୁସ୍ତୁ ଭାଷା ବୁଝନ୍ତି । ଏ ଦେଶରୁ ବହୁ ପରିମାଣରେ ଫଳ, ଖଜୁର, ପ୍ରାକୃତିକ ବାଷ୍ପ ଓ ମୂଲ୍ୟବାନ ସତରଞ୍ଜି ବା କାର୍ପେଟ୍ ରପ୍ତାନୀ ହୁଏ । ବାହାରୁ ଯନ୍ତ୍ରାଂଶ, କପଡ଼ା, ପେଟ୍ରୋଲିୟମଜାତ ଦ୍ରବ୍ୟ ଆମଦାନୀ କରାଯାଏ । ମୂର୍ତ୍ତିଗଠନ ଏବଂ ଚିତ୍ରକଳା ପାଇଁ ଏ ଦେଶ ପ୍ରସିଦ୍ଧ । ବହୁ ଦେଶର ଚିତ୍ରଶିଳ୍ପୀ ଗୋଟାଏ ନା ଗୋଟାଏ ସମୟରେ ଏଠାକୁ ଆସିଛନ୍ତି ଓ ନିଜ ଦେଶର ବାହାଦୁରୀ ସାଇତି ଦେଇ ଯାଇଛନ୍ତି ।

***ସମ୍ବନ୍ଧୀୟ ବିଷୟ***

*ପୃଥିବୀ, ଭାରତ, ପାକିସ୍ତାନ, ସୋଭିଏତ ଇଉନିଅନ୍, ଯୁକ୍ତରାଷ୍ଟ୍ର ଆମେରିକା, କମିଉନିଜମ୍, ତାଲିବାନ୍, ବୌଦ୍ଧ ଧର୍ମ, ଭାରତ ଇତିହାସ*

▷▷

## ଆଫାନାସି ନିକିତିନ୍
(ଜୀବିତ ୧୫ଶ ଶତାବ୍ଦୀ)

ପ୍ରସିଦ୍ଧ ରୁଷୀୟ ବଣିକ ଓ ପରିବ୍ରାଜକ । ସେ ପାରସ୍ୟ ବାଟ ଦେଇ ଭାରତକୁ ଆସିଥିଲେ ଓ ୧୪୬୬-୭୨ ମସିହା ଭିତରେ ତାଙ୍କ ଭ୍ରମଣ କାହାଣୀକୁ ଲିପିବଦ୍ଧ କରିଦେଇ ଯାଇଛନ୍ତି । ସେ କାଳର ଭାରତୀୟ ସମାଜର ଚିତ୍ରଣ କରିବାରେ ନିକିତିନ୍ ହେଉଛନ୍ତି ପ୍ରଥମ ଇଉରୋପୀୟ ବ୍ୟକ୍ତି ବୋଲି ଧରାଯାଇଥାଏ । ଇଉରୋପୀୟ ସାହିତ୍ୟରେ ତାଙ୍କ ଲିଖିତ 'ତିନି ଦରିଆ ପାରିର ଭ୍ରମଣ' ପୁସ୍ତକଟି ଉଲ୍ଲେଖନୀୟ ସ୍ଥାନ ପାଇପାରିଛି ।

***ସମ୍ବନ୍ଧୀୟ ବିଷୟ***

*ଭାରତ, ରୁଷ, ଭ୍ରମଣ କାହାଣୀ*

▷▷

## ଆଫ୍ରିକା

ଅଳ୍ପ କେତେଶହ ବର୍ଷ ପୂର୍ବ ପର୍ଯ୍ୟନ୍ତ ଆଫ୍ରିକା ମହାଦେଶର ବେଶୀଭାଗ ବିଷୟରେ ବାହାରର ଲୋକେ ବିଶେଷ କିଛି ଜାଣି ନ ଥିଲେ । ତା'ର ଉତ୍ତର ଅଂଶ ବିଷୟରେ କେବଳ ଯାହାକିଛି ଜଣାଶୁଣା ଥିଲା । ତେଣୁ ତାକୁ 'ଅନ୍ଧକାର ମହାଦେଶ' ବୋଲି କୁହାଯାଉଥିଲା । ଭୂମଧ୍ୟ ସାଗରକୁ ଲାଗିକରି ଏହି ମହାଦେଶର ଯେଉଁ ଅଂଶଟି ଅଛି ସେହି ଅଂଶର ଏସିଆ ଏବଂ ଇଉରୋପର ଗୋଟାଏ ଅଂଶ ସହିତ ସଂପର୍କ ଥିଲା । ଇଜିପ୍ଟ, ଲିବ୍ୟା, ମରକ୍କୋ, ଆଲ୍‌ଜିରିଆ ଏହିସବୁ ହେଉଛି ଉତ୍ତର ଅଞ୍ଚଳ । ଏହି ଅଂଶର ଦକ୍ଷିଣରେ ରହିଛି ଅତି ଓସାରିଆ ଦିଗନ୍ତ ବିସ୍ତାରୀ ସାହାରା ମରୁଭୂମି । ଓଟ ପିଠି ଉପରେ ବସି ସେହି ମରୁଭୂମିର କେତେକ ଅଂଶକୁ ଲୋକେ ଯାଇପାରୁଥିଲେ ସତ, କିନ୍ତୁ ତା' ଦକ୍ଷିଣକୁ ହିଁ ରହି ଯାଇଥିଲା ପ୍ରକୃତ ଆଫ୍ରିକା ମହାଦେଶ । ଜାହାଜରେ ପଶ୍ଚିମ ଆଫ୍ରିକାର କିଛି ଅଞ୍ଚଳକୁ ଯାଇ ହେଉଥିଲା; ଆଉ ଦକ୍ଷିଣକୁ ଯିବା ସମ୍ଭବ ନ ଥିଲା ।

ପରେ ଇଉରୋପୀୟମାନେ ଜାହାଜରେ ପୃଥିବୀବ୍ୟାପୀ ବହୁ ଦୂରକୁ ଯିବା କୌଶଳ ହାସଲ କଲାପରେ ଆଫ୍ରିକା ମହାଦେଶର ପଶ୍ଚିମ କୂଳେ କୂଳେ ଦକ୍ଷିଣକୁ ଚାଲି ଯାଉଥିଲେ ଓ ଏକା ବେଳକେ ଦକ୍ଷିଣ ସୀମାରେ ଯାଇ ପହଞ୍ଚିଗଲା ପରେ ପୁଣି ଉତ୍ତରକୁ ଚାଲିଯାଇ ପୂର୍ବ ଉପକୂଳରେ ଥିବା ଦେଶ ଗୁଡ଼ିକ ବିଷୟରେ ଜାଣିଲେ ।

ଗୋଟାଏ ସମୟ ଆସିଲା ଯେତେବେଳେ କି ସମଗ୍ର ଆଫ୍ରିକା ମହାଦେଶଟାକୁ ଇଉରୋପର ଭିନ୍ନ ଭିନ୍ନ ଦେଶ ନିଜ ଭିତରେ ବାଣ୍ଟିନେଲେ । ସେ ମହାଦେଶରେ ଏତେ ସଂପଦ ଭରି ରହିଥିଲା ଯେ ଇଉରୋପୀୟମାନେ ଜାହାଜ ଜାହାଜ ମୂଲ୍ୟବାନ, ପଦାର୍ଥ ନେଲେ ମଧ୍ୟ ଭାବୁଥା'ନ୍ତି ଯେ ଯଥେଷ୍ଟ ନେଇହେଉ ନାହିଁ । ଗୋରାମାନେ ଦକ୍ଷିଣ ଭାଗର ଗୋଟାଏ ଅଂଶରେ ଯାଇ ସ୍ଥାୟୀ ଭାବରେ ରହିଗଲେ । ଯେଉଁମାନେ ସେଠାରେ ମୂଳ ଅଧିବାସୀ ସେମାନଙ୍କୁ ନିଜ ଭିଟାମାଟିରୁ ତଡ଼ି ଗୋରା ବସତି ସବୁ ବସାଇ ଦେଲେ । ସେହି ଅଞ୍ଚଳରେ ସୁନା ଓ ଅନ୍ୟ ମୂଲ୍ୟବାନ ଧାତୁ ବହୁ ପରିମାଣରେ ରହିଛି ବୋଲି ପରେ ଜଣା ପଡ଼ିଲା । ସୁନା ପଥର ବାହାର କରିବା ପାଇଁ ପଥର କାଟି ଖଣି ତିଆରି କରିବାକୁ ପଡ଼ିଲା । ସେହି କାମରେ ମୂଳ ଅଧିବାସୀମାନଙ୍କୁ ସେମାନେ ଲଗାଇଲେ । ବିଷୁବ ରେଖାର ଦକ୍ଷିଣକୁ ଏହି ଯେଉଁ ଲୋକମାନେ ଆରମ୍ଭରୁ ରହିଥିଲେ, ସେମାନଙ୍କର ରଙ୍ଗ କଳା, ମୁଣ୍ଡର ବାଳ ଛୋଟ । ସେମାନଙ୍କୁ ନିଗ୍ରୋ ବୋଲି କୁହାଗଲା ।

ଇଉରୋପୀୟ ମାନଙ୍କର ଆଉ ଗୋଟିଏ ଲୋଭ ହେଲା । ଏଣେ ଆମେରିକା ମହାଦେଶକୁ ସେମାନେ ଠାବ କଲେଣି । ସେ ମହାଦେଶରେ ଅତି ଉର୍ବର ଜମି ପଡିରହିଛି । ସେହି ଜମିରେ



ଦକ୍ଷିଣ ଆଲ୍‌ଜିରିଆର ଅହଗର୍ ପର୍ବତ ନିକଟରେ ସାହାରା ମରୁଭୂମିର ଦୃଶ୍ୟ ।




ଆଫ୍ରିକା ମହାଦେଶର ଦେଶ ସମୂହ

କିଶୋର ଜ୍ଞାନମଣ୍ଡଳ



ଦକ୍ଷିଣ ଆଫ୍ରିକାର ଟ୍ରାନ୍ସ୍‌ଭାଲ ଅଞ୍ଚଳରେ ଥିବା ଗୋଟିଏ ଜଳ-ପାଟରେ ଶହ ଶହ ଜୀବ ପାଣି ପିଇବା ପାଇଁ ଜମିଛନ୍ତି ।

ଫସଲ କରିବାକୁ ଲୋକ ନାହାନ୍ତି । ସେମାନଙ୍କର ଲୋଭ-ଦୃଷ୍ଟି ପଡ଼ିଲା ଏହି ନିଗ୍ରୋମାନଙ୍କ ଉପରେ । ବହୁ ଅଧିକ ସଂଖ୍ୟକ ଯୁବକ ନିଗ୍ରୋଙ୍କୁ ଜବରଦସ୍ତ ଧରିନେଇ ଜାହାଜରେ ବସାଇ ଆମେରିକା ମହାଦେଶକୁ ନେଇଗଲେ । ଆଫ୍ରିକାର ମଣିଷ ବିକିବା ଓ କିଣିବା ଇଉରୋପୀୟ ମାନଙ୍କ ପାଇଁ ଗୋଟାଏ ବଡ ବ୍ୟବସାୟ ହୋଇଗଲା । ଜବରଦସ୍ତ ନେଇ ଯାଇଥିବା ଏହି ଆଫ୍ରିକୀୟ ମାନଙ୍କୁ ନାମ ଦିଆଗଲା କ୍ରୀତଦାସ । ପରେ ହିସାବ କରି ଜଣାଯାଇଛି ଯେ ଗୋଟାଏ ସମୟରେ ପ୍ରାୟ ପାଞ୍ଚ ଛ' କୋଟି ଲୋକଙ୍କୁ ସେମାନେ ଆଫ୍ରିକାରୁ ଧରିନେଇ ଅନ୍ୟ ଦେଶରେ ପଶୁଭଳି ଖଟାଇ ଥିଲେ । ସେହିମାନଙ୍କ ବଂଶଧରମାନେ ଆଜି ଆମେରିକା ମହାଦେଶରେ ରହୁଛନ୍ତି ଓ ସେମାନଙ୍କୁ କଳାଲୋକ ବୋଲି କୁହାଯାଉଛି । ପଶ୍ଚିମ ଭାରତୀୟ ଦ୍ୱୀପପୁଞ୍ଜ, କିଉବା ଓ ସେ ଅଞ୍ଚଳରେ ଅନେକ ଦ୍ୱୀପରେ ମଧ୍ୟ ଏହି ନିଗ୍ରୋମାନେ ସ୍ଥାୟୀ ଭାବରେ ରହିଗଲେ । ଆମେରିକୀୟ କ୍ରୀଡାବିତ୍ ଓ ପଶ୍ଚିମ ଦ୍ୱୀପପୁଞ୍ଜର କ୍ରିକେଟ ଖେଳାଳୀ ମାନଙ୍କ ଭିତରେ ଏହିମାନେ ଯେ ଏତେ ସଂଖ୍ୟାରେ ଅଛନ୍ତି ତାହା ଏବେ ଟେଲିଭିଜନରେ ସମସ୍ତେ ଦେଖୁଛନ୍ତି । ମଣିଷକୁ ଜବରଦସ୍ତ ଧରିନେଇ ବିକ୍ରୀ କରି ପଇସା କରିବା ଭଳି କଳଙ୍କ ଗୋରାମାନଙ୍କ ନାମରେ ଏପର୍ଯ୍ୟନ୍ତ ରହିଛି ।

ପ୍ରଥମେ ପ୍ରଚାର କରାଗଲା ଯେ ନିଗ୍ରୋମାନେ ଅସଭ୍ୟ । କିନ୍ତୁ ପ୍ରମାଣ ମିଳିଲା, ସେମାନେ ଥିଲେ ଭଲ କାରିଗର, ପ୍ରକୃତ ଅର୍ଥରେ ସଭ୍ୟ । ସେମାନଙ୍କ କାରିଗରୀ ହାତ କଅଣ ସବୁ ତିଆରି କରି ପାରୁଥିଲା ତାହାର ନମୁନା ଏବେ ଆବିଷ୍କୃତ ହେଲାଣି ।

ପୃଥିବୀର ଯେଉଁ କେତୋଟି ମହାଦେଶ ଅଛି ତା' ଭିତରେ ଏସିଆରେ ଆଫ୍ରିକାର ସ୍ଥାନ ହେଉଛି ଦ୍ୱିତୀୟ । ପୃଥିବୀର ସ୍ଥଳଭାଗର ପାଞ୍ଚ ଭାଗରୁ ଭାଗେ ରହିଛି ଏହି ମହାଦେଶରେ । ପ୍ରାୟ ୯ଟି ଭାରତବର୍ଷ ସହିତ ଏହାର ଏରିଆ ସମାନ : ୧,୧୬,୬୭,୧୫୯ ବର୍ଗମାଇଲ ବା ୩,୦୨, ୧୭,୮୯୪ ବର୍ଗକିଲୋମିଟର । ବିଷୁବ ରେଖା ଏହାକୁ ପ୍ରାୟ ଦୁଇଭାଗ କରି ଦେଇଛି । ଉପର ଅଂଶଟା ଟିକିଏ ପଶ୍ଚିମକୁ ବେଶୀ ବଢ଼ିଯାଇଛି । ଆଫ୍ରିକାର ଉତ୍ତରରେ ଭୂମଧ୍ୟ ସାଗର, ପଶ୍ଚିମରେ ଆଟ୍‌ଲାଣ୍ଟିକ ମହାସାଗର, ପୂର୍ବପଟେ ଲୋହିତ ସାଗର ଓ ଭାରତ ମହାସାଗର ଏବଂ ଦକ୍ଷିଣ-ପଟେ ଭାରତ ମହାସାଗର ଓ ଆଟ୍‌ଲାଣ୍ଟିକ ମହାସାଗରର ମିଳନର ସ୍ଥଳ । କେତେ ଗୁଡିଏ ଦ୍ୱୀପ ଏହି ମହାଦେଶ ନିକଟରେ ଅଛନ୍ତି । ତାହା ଭିତରେ ସବୁଠାରୁ ବଡ ହେଉଛି ମାଡାଗାସ୍କାର । ୧୯୯୬ ମସିହାରେ ସମଗ୍ର ଆଫ୍ରିକାର ଲୋକସଂଖ୍ୟା ଥିଲା ପ୍ରାୟ ୬୮ କୋଟି ପାଖାପାଖି ଓ କ୍ରମେ ଏହା ବଢୁଛି ।

ସତେ ଯେପରିକି ଏ ମହାଦେଶଟା କୋଟି କୋଟି ବର୍ଷ ତଳେ ଗୋଟାଏ ଅତି ବିଶାଳ ଶିଳାଖଣ୍ଡ ରୂପରେ ଜନ୍ମ ନେଇଥିଲା । ବହୁ ଉଚ୍ଚ ପର୍ବତ ଏଠାରେ ରହିଛି । ନୀଳ ନଦୀ ଏବଂ କଙ୍ଗୋ ନଦୀ ମହାଦେଶଟିକୁ ଗୋଟିଏ ଦୃଷ୍ଟିରୁ ଜୀବନ ଦେଉଛନ୍ତି । ବିଷୁବ ରେଖାଟା ପ୍ରାୟ ମଝିରେ ଚାଲିଯାଇଥିବାରୁ ବର୍ଷର ଅଧିକାଂଶ ସମୟ ଆଫ୍ରିକାରେ ଗରମ ହୁଏ । ଉଚ୍ଚ ଉଚ୍ଚ ପାହାଡ ଓ ମହାସାଗରର ତଳିଆ ସ୍ରୋତ କେତେକ ଅଂଶକୁ ଯାହା ଟିକିଏ ଥଣ୍ଡାକରି ରଖୁଛି । ସମଗ୍ର ମହାଦେଶର ଶତକଡା ମାତ୍ର ଛଅଭାଗ ଚାଷଯୋଗ୍ୟ ଜମି । ଚାରି ଭାଗରୁ ଭାଗେ ଅଞ୍ଚଳରେ ଘଞ୍ଚ ଅରଣ୍ୟ ପୂରି ରହିଛି । ଅରଣ୍ୟ, ଉଚ୍ଚ ଉଚ୍ଚ ଘାସଭୂମି ଓ ଶହ ଶହ କିଲୋମିଟର ଧରିଥିବା ବୁଦାଭୂମିରେ ଚରି ବୁଲିବା ବଣ୍ୟଜନ୍ତୁ ମାନଙ୍କ ପକ୍ଷରେ ସହଜ । ବହୁ ସଂଖ୍ୟାରେ ବହୁ ଜାତିର ଜୀବଜନ୍ତୁ ଏହି ମହାଦେଶରେ ଅଛନ୍ତି । ଆଫ୍ରିକାର ହାତୀ ଖୁବ୍ ବଡ । ପେଟ୍ରୋଲ, ବକ୍‌ସାଇଟ୍, ଇଉରାନିୟମ୍ ଏବଂ ତମ୍ବା ବହୁ ପରିମାଣରେ ଅଛି । ଏହା ସାଙ୍ଗକୁ ଲୁହା, ମାଙ୍ଗାନିଜ୍ ଭଳି ଧାତୁ ଓ ରତ୍ନ ପଥର ଇତ୍ୟାଦି ଅଛି ।

ଆଫ୍ରିକା ମହାଦେଶରେ ଥିବା ବଡ ବଡ ପାହାଡ, ପର୍ବତ ଓ ଘଞ୍ଚ ଅରଣ୍ୟ ଲୋକମାନଙ୍କୁ ପରସ୍ପର ଠାରୁ ଅଲଗା କରି ଦେଇଛି ବୋଲି କହିଲେ ଚଳେ । ତେଣୁ ପ୍ରାୟ ୮୦୦ରୁ ୧୦୦୦ ପ୍ରକାରର ଭାଷା ଏହି ମହାଦେଶର ଭିନ୍ନ ଭିନ୍ନ ଅଞ୍ଚଳର ଲୋକେ କୁହନ୍ତି । ଆଫ୍ରିକାର ଉତ୍ତର ଅଂଶରେ କିନ୍ତୁ ଆରବୀ ଭାଷା ପ୍ରାୟ ସମସ୍ତେ କୁହନ୍ତି ଓ ବୁଝନ୍ତି । ଇଉରୋପୀୟମାନେ ଯେତେବେଳେ ଏ ଅଞ୍ଚଳକୁ ଦଖଲ କଲେ, ସେହିମାନଙ୍କ ଭାଷା ଚଳାଇଲେ । ଇଂରାଜୀ, ଫରାସୀ, ଜର୍ମାନୀ, ପର୍ତ୍ତୁଗୀଜ ଭାଷା ନିଜ ନିଜର ପ୍ରଭାବ ବିସ୍ତାର କଲେ । ପରେ କିନ୍ତୁ ସ୍ଥାନୀୟ ଭାଷା ଓ ଆରବୀ ଭାଷାକୁ ମିଶାଇ ସ୍ୱାହିଲୀ ବୋଲି ଗୋଟିଏ ସ୍ୱତନ୍ତ୍ର ଭାଷା ସୃଷ୍ଟି ହୋଇଛି ଓ ସେହି ଭାଷାରେ ଆଫ୍ରିକାର ବହୁଲୋକ ନିଜ ନିଜ ଭିତରେ କଥାବାର୍ତ୍ତା କରନ୍ତି । ମହାଦେଶର ଉତ୍ତରରୁ ଦକ୍ଷିଣକୁ ଓ



ଆଫ୍ରିକାର ଗୋଟିଏ ଅଞ୍ଚଳରେ ଥିବା ଗ୍ରାମର ଦୃଶ୍ୟ ମାଟି ଘର ଓ କାନ୍ଥ ସବୁକୁ ସୁନ୍ଦର ଭାବେ ରଙ୍ଗ-ଚିତ୍ରିତ କରି ଦିଆଯାଇଛି ।



ମାଲୀ ଦେଶରେ ତିଆରି ହୋଇଥିବା ପୂର୍ବ ପୁରୁଷଙ୍କ ରୂପ ଖୋଦିତ କାଠ କବାଟ ।

ପୂର୍ବରୁ ପଶ୍ଚିମକୁ ଚାଲିଲେ ଅନେକ ରକମର ଫସଲ ହେଉଥିବା ଦେଖିବାକୁ ମିଳିବ ।

ଦକ୍ଷିଣ ଆଫ୍ରିକାରେ ବହୁ ପରିମାଣରେ ହୀରା ଅଛି । ପୃଥିବୀରେ ଯେତେ ହୀରା ରହିଛି ତା'ର ଚାରି ଭାଗରୁ ଭାଗେ ଅଛି ଏହିଠାରେ । ସେମିତି ପୃଥିବୀରେ ଯେତେ ସୁନା ଅଛି ଏହାର ଅଧାରୁ ଅଧିକ ଆଫ୍ରିକା ମହାଦେଶର ତିନୋଟି ଦେଶରେ ହିଁ ରହିଛି । ଭୂଇଁତଳୁ ମିଳୁଥିବା ପ୍ରାକୃତିକ ଗ୍ୟାସ୍ ଓ ପେଟ୍ରୋଲ ପାଇଁ ଆଫ୍ରିକା ପ୍ରସିଦ୍ଧ । ଏଭଳି ଧନାଢ୍ୟ ହୋଇଥିବାରୁ ଦିନେ ଅନୁମାନ କରାଯାଉଥିଲା ଯେ ମହାଦେଶଟିର ସବୁ ଦେଶ ସ୍ୱାଧୀନ ହୋଇଗଲା ପରେ ବହୁତ କିଛି ନୂଆକଥା ହୋଇଯିବ । କିନ୍ତୁ ଦେଖାଗଲା ଯେ ତାହା ହେଉନାହିଁ । କାହିଁକି ନା ଭିନ୍ନ ଭିନ୍ନ ଦେଶ ଭିତରେ ରାଜନୈତିକ ତଥା ବହୁତ ଅନ୍ୟାନ୍ୟ କାରଣରୁ ମତଭେଦ ରହିଛି ।

ମନୁଷ୍ୟ ଜାତି ପ୍ରଥମେ ଯେ ଏହି ମହାଦେଶରେ ବୁଲୁଥିଲା ସେ କଥା ୧୯୯୭ ମସିହା ବେଳକୁ ନିଶ୍ଚିତ ଭାବେ ଜଣା ପଡ଼ିଗଲାଣି । ଅନ୍ୟଭାବରେ କହିବାକୁ ଗଲେ ପ୍ରକୃତି ବା ଭଗବାନ ଯେଉଁ ମଣିଷ ତିଆରି କଲେ ତାକୁ ଆଫ୍ରିକାରେ ହିଁ ପ୍ରଥମେ ରୂପ ଦେଲେ । ଆଉ କେହି କେହି ଅବଶ୍ୟ କୁହନ୍ତି ଯେ ଚୀନରେ ମଧ୍ୟ ପ୍ରାୟ ସେହି ସମୟରେ ମଣିଷ ବୁଲୁଥିଲେ । ଦୁଇ କୋଟିରୁ ଅଢେଇ କୋଟି ବର୍ଷ ପୂର୍ବେ କେତେକ ଜାତିର ବାନର ତିଆରି କରିଦେଇ ପ୍ରକୃତି ଶେଷ ପରୀକ୍ଷା ଚଳାଇଲା କେମିତି ମଣିଷ ତିଆରି କରିବ ବୋଲି । ଅବଶ୍ୟ କେତେ କାଳ ବା କେତେ ଲକ୍ଷ ବର୍ଷ ପୂର୍ବେ ପ୍ରଥମ ମଣିଷ ଏହି ଅଞ୍ଚଳରେ ବୁଲିଥିଲା ସେ ବିଷୟରେ ସମସ୍ତେ ଏକମତ ହୋଇପାରୁନାହାନ୍ତି । "ମନୁଷ୍ୟ" କଥା କହିଲା ବେଳେ ଏହି ସଂପର୍କରେ ଆଲୋଚନା କରାଯାଇଥାଏ ।

୫୦୦ ବର୍ଷ ପୂର୍ବେ ଇଉରୋପର ପର୍ତ୍ତୁଗୀଜମାନେ ଏହି ମହାଦେଶର ସମୁଦ୍ର କୂଳ ଅଞ୍ଚଳରେ ପ୍ରବେଶ କଲେ । ତା'ପରେ ଆସିଲେ ଡଚ୍ । ପରେ ଇଂରେଜମାନେ ଆହୁରି ଭିତର ଅଂଶକୁ ଚାଲିଲେ । କ୍ରମେ ଇଉରୋପୀୟ ମାନଙ୍କ ଭିତରେ ବହୁତ କିଛି ଝଗଡ଼ା ହେଲା ମହାଦେଶର କେଉଁ ଅଞ୍ଚଳକୁ କିଏ ଅଧିକାର କରିଯିବ । ୧୯୨୦ ମସିହାରେ ଯେତେବେଳେ ଭାରତରେ ସ୍ୱାଧୀନତା ଆନ୍ଦୋଳନ ଗାନ୍ଧୀଜୀ ଆରମ୍ଭ କରୁଥା'ନ୍ତି, ସେତେବେଳକୁ କେବଳ ଅବିଭକ୍ତ ଇଥିଓପିଆ, ଲାଇବେରିଆ ଓ ଦକ୍ଷିଣ ଆଫ୍ରିକା ଇଉନିଅନ୍—ଏହି ତିନୋଟି ଦେଶକୁ ବାଦ୍‌ଦେଲେ ବାକି ସବୁ ଅଞ୍ଚଳକୁ ସେମାନେ ଦଖଲ କରିଯାଇଥିଲେ । ୧୯୪୭ ମସିହାରେ ଭାରତ ସ୍ୱାଧୀନ ହୋଇଗଲା ପରେ ଇଉରୋପର ଔପନିବେଶିକ ସାମ୍ରାଜ୍ୟ ସବୁ ଭୁଷୁଡ଼ି ପଡ଼ିଲା ଓ ୧୯୫୦ ମସିହା ବେଳକୁ ଏହି ମହାଦେଶର ଚାରିଆଡେ ମୁକ୍ତି ସଂଗ୍ରାମ ଆରମ୍ଭ ହୋଇଗଲା । ତା'ପରେ ଗୋଟିଏ ପରେ ଗୋଟିଏ ସବୁ ଆଫ୍ରିକୀୟ ଦେଶ ସ୍ୱାଧୀନ ହୋଇଗଲେ । ଘୃଣ୍ୟ ବର୍ଣ୍ଣବୈଷମ୍ୟବାଦର ପୃଥିବୀରେ ଶେଷ ପୀଠ ଦକ୍ଷିଣ ଆଫ୍ରିକାରେ ମଧ୍ୟ ୧୯୯୭ ମସିହା ବେଳକୁ ଆଉ ସେ ଅବସ୍ଥା ନାହିଁ—ତେଣୁ ଗୋଟାଏ ନୂଆ ଅର୍ଥରେ ତାହା ସ୍ୱାଧୀନତା ଲାଭ କରିଛି ବୋଲି କହିଲେ କିଛି ଅତ୍ୟୁକ୍ତି ହେବ ନାହିଁ ।



ସମଗ୍ର ପୃଥିବୀରେ କେବଳ ପଶ୍ଚିମ ଆଫ୍ରିକାର ସାଭାନା ଅଞ୍ଚଳରେ ଦେଖାଯାଉଥିବା ବାଓବାବ୍ ଗଛ ।

***ସମ୍ବନ୍ଧୀୟ ବିଷୟ***

*ପୃଥିବୀ, ନିଗ୍ରୋ, ଜୀବଜଗତ, ବର୍ଣ୍ଣବୈଷମ୍ୟ, ଧାତୁ, ଅରଣ୍ୟ ସମ୍ପଦ, ଉପନିବେଶବାଦ, ଆବିଷ୍କାର, କ୍ରୀଡା, ଭାରତ, ଆପାରଟିଟ୍, ଆଫ୍ରିକାନ୍ ନାସନାଲ କଂଗ୍ରେସ, ନୃତତ୍ତ୍ୱ, ସଂରକ୍ଷଣ, ମାନବୀୟ ଇଭୋଲୁସନ, ଆନ୍ତର୍ଜାତୀୟ ସଂପର୍କ, କ୍ରୀତଦାସ ପ୍ରଥା*

▷▷

## ଆଫ୍ରିକାନ ନାସନାଲ କଂଗ୍ରେସ

ସାଧାରଣତଃ ଏଏନ୍‌ସି ଭାବେ ଏହା ପ୍ରସିଦ୍ଧ । ଦକ୍ଷିଣ ଆଫ୍ରିକାର ଏହି ରାଜନୈତିକ ସଂଗଠନଟି ୧୯୧୨ ମସିହାରେ ସ୍ଥାପିତ ହୋଇଥିଲା । ଅଣଶ୍ୱେତାଙ୍ଗ ରାଜନୈତିକ ଦଳ ଭିତରେ ଏହା ସେ ଦେଶର ସବୁଠାରୁ ପୁରାତନ । ୧୯୯୭ ମସିହା ବେଳକୁ ଏଏନ୍‌ସି ଦକ୍ଷିଣ ଆଫ୍ରିକାର ନିର୍ବାଚିତ ଗଣତାନ୍ତ୍ରିକ ସରକାରର ଅଂଶବିଶେଷ ହୋଇ ରହିଛି । ଆପାରଟିଟ୍ ଯୁଗର ଚରମ ସମୟ ବୋଲି ଧରାଯାଉଥିବା ୧୯୬୦ ଦଶକରେ ଏହି ଦଳଟିକୁ ବେଆଇନ କରି ଦିଆଯାଇଥିଲା । ଏଭଳି ହେବା ପରେ ଏଏନ୍‌ସି ଅଣ୍ଡରଗ୍ରାଉଣ୍ଡରେ କାମ କରି ଅନେକ ସମୟରେ ପାରମ୍ପାରିକ ଆନ୍ଦୋଳନାତ୍ମକ ପନ୍ଥା ସହିତ ହିଂସାର ମଧ୍ୟ ଆଶ୍ରୟ ନେଇଥିଲା ଓ ଗୋଟିଏ ଗରିଲାବାହିନୀ ଗଠନ କରି ସଂଖ୍ୟାଲଘୁ ଶ୍ୱେତାଙ୍ଗ ସରକାର ବିରୋଧରେ ସେ ଦେଶରେ ପ୍ରଚଣ୍ଡ ହିଂସାକାଣ୍ଡ ଭିଆଇଥିଲା ।

***ସମ୍ବନ୍ଧୀୟ ବିଷୟ***

*ଭାରତ, ଦକ୍ଷିଣ ଆଫ୍ରିକା, ଆପାରଟିଟ୍, ବର୍ଣ୍ଣବୈଷମ୍ୟ, ନେଲସନ୍ ମାଣ୍ଡେଲା, ଆତଙ୍କବାଦ*

▷▷

## ଆଫ୍ରିକାନ୍‌ସ ଭାଷା

ଦକ୍ଷିଣ ଆଫ୍ରିକାରେ ଚଳୁଥିବା ଏହି ସ୍ୱତନ୍ତ୍ର ଭାଷାକୁ 'କେପ୍ ଡଚ୍' ବୋଲି ମଧ୍ୟ କୁହାଯାଇଥାଏ । ସପ୍ତଦଶ ଶତାବ୍ଦୀରେ ସେଠାରେ ଉପନିବେଶ ସ୍ଥାପନ କରି ରହିଥିବା କେତେକ ଅଣବ୍ରିଟିଶ ଇଉରୋପୀୟ ଜାତିର ଲୋକେ ପ୍ରଥମେ

ଆଫ୍ରିକାନ୍‌ସ ଭାଷାକୁ ସଂଯୋଜନ କରିଥିଲେ ଓ ପରେ ଇଂରେଜମାନେ ଏହି ଭାଷାକୁ ଗୋଟାଏ ପୂର୍ଣ୍ଣାଙ୍ଗ ରୂପ ଦେଇଦେଲେ । ୧୯୨୫ ମସିହାରୁ ଏହା ଦକ୍ଷିଣ ଆଫ୍ରିକାର ଗୋଟିଏ ସରକାରୀ ଭାଷା ବୋଲି ଗଣା ହେଉଛି ।

*ସମ୍ବନ୍ଧୀୟ ବିଷୟ*

*ଆଫ୍ରିକା, ଦକ୍ଷିଣ ଆଫ୍ରିକା, ଉପନିବେଶୀୟ ଭାଷା*

## ଆବର୍ତ୍ତ ନିୟମ

ରସାୟନବିଜ୍ଞାନର ଏଇଟି ହେଲା ଗୋଟିଏ ମହତ୍ତ୍ୱପୂର୍ଣ୍ଣ ସିଦ୍ଧାନ୍ତ । ମୌଳିକ ଉପାଦାନ ଗୁଡ଼ିକର ରାସାୟନିକ ସ୍ଥିତି ଏହାଦ୍ୱାରା ନିର୍ଦ୍ଧାରିତ ହୋଇଥାଏ ଓ ଫଳସ୍ୱରୂପ ସେଗୁଡ଼ିକ ଆବର୍ତ୍ତସାରଣୀ ବା ପିରିଅଡ଼ିକ ଟେବଲ୍‌ରେ ନିଜ ନିଜର ନିର୍ଦ୍ଦିଷ୍ଟ ସ୍ଥାନ ଦଖଲ କରିଯାଇ ପାରନ୍ତି । କ୍ରମବର୍ଦ୍ଧିଷ୍ଣୁ ପାରମାଣବିକ ନମ୍ବର ଅନୁସାରେ ସଜାଇ ରଖିଲେ, ବିଶ୍ୱରେ ମୌଳିକ ଉପାଦାନ ଗୁଡ଼ିକ ଗୋଟିଏ ନିୟମାନୁବର୍ତ୍ତିତାର ଅଧୀନ ହୋଇଯାଉଛନ୍ତି ବୋଲି ଆବର୍ତ୍ତନିୟମ ପ୍ରଥମ କରି ଜଣାଇଦେଲା । କୌଣସି ଉପାଦାନର ପରମାଣୁ ନାଭିରେ ଥିବା ପ୍ରୋଟନର ସଂଖ୍ୟା ହେଉଛି ଏହାର ପାରମାଣବିକ ନମ୍ବର ।

ଏହି ନିୟମ ଅନୁସାରେ ମୌଳିକ ଉପାଦାନ ଗୁଡ଼ିକର ଇଲେକ୍‌ଟ୍ରନୀୟ ସଂରଚନା ଓ ରାସାୟନିକ ତଥା ଭୌତିକ ଗୁଣଧର୍ମର ନିୟମିତତାକୁ ହିସାବକୁ ନେଇ ସେଗୁଡ଼ିକୁ ସାତୋଟି ପିରିଅଡ଼ ବା ଆବର୍ତ୍ତକ ଶ୍ରେଣୀରେ ବିଭକ୍ତ କରିଦିଆଯାଇଥାଏ । ୨, ୮ ଓ ୮ ଉପାଦାନ ସଂଖ୍ୟା ବିଶିଷ୍ଟ ତିନୋଟି ଲଘୁ ଆବର୍ତ୍ତକ; ୧୮, ୧୮ ଓ ୩୨ ଉପାଦାନ ସଂଖ୍ୟା ବିଶିଷ୍ଟ ତିନୋଟି ଦୀର୍ଘ ଆବର୍ତ୍ତକ ଏବଂ ୩୨ ସଂଖ୍ୟା ବିଶିଷ୍ଟ ଆଉ ଗୋଟିଏ ଦୀର୍ଘ ଆବର୍ତ୍ତକ ଗୋଷ୍ଠୀ, ଆବର୍ତ୍ତସାରଣୀରେ ରହିଛି । ଏଥିଭିତରୁ ପ୍ରଥମୋକ୍ତ ଦୁଇଟିରେ ଥିବା ସମସ୍ତ ଉପାଦାନକୁ ମଣିଷ ଚିହ୍ନି ସାରିଛି ଓ ଶେଷଟିରେ ଥିବା ୮୭ରୁ ୧୧୮ ପାରମାଣବିକ ନମ୍ବର ବିଶିଷ୍ଟ ଉପାଦାନ ସମୂହ ଭିତରୁ ୧୯୯୭ ମସିହା ପ୍ରଥମାର୍ଦ୍ଧ ସୁଦ୍ଧା ୧୧୨ ସଂଖ୍ୟା ପର୍ଯ୍ୟନ୍ତ ଉପାଦାନ ଚିହ୍ନା ପଡ଼ିଗଲେଣି ।

ଉନବିଂଶ ଶତାବ୍ଦୀର ଷଷ୍ଠ ଦଶକରେ ଜଣେ ରୁଷୀୟ ରସାୟନବିଦ୍ୟାବିତ୍ ଦିମିତ୍ରି ମେଣ୍ଡେଲିଫ୍ ଏହି ନିୟମକୁ ଆଧାର କରି ଯେଉଁ ଆବର୍ତ୍ତସାରଣୀ ତିଆରି କରିଦେଇପାରିଲେ, ତାହା ମାନବଜ୍ଞାନରେ ବିପ୍ଳବାତ୍ମକ ପରିବର୍ତ୍ତନ ଆଣିଦେଇପାରିଲା । ଆଉ ଜଣେ ଜର୍ମାନ ରସାୟନବିତ୍ ଲୋଥାର ମେୟର ମଧ୍ୟ ଏହି ସମୟରେ ଆଉ ଗୋଟିଏ ପ୍ରକାରର ଆବର୍ତ୍ତସାରଣୀ ତିଆରି କରିଦେଇଥିଲେ । ତାଙ୍କ ସାରଣୀରେ ଖାଲି ଥିବା ସ୍ଥାନ ଗୁଡ଼ିକ ଦିନେ ଯେଉଁ ଉପାଦାନ ଦ୍ୱାରା ଭର୍ତ୍ତି ହୋଇଯିବ ବୋଲି ମେଣ୍ଡେଲିଫ୍ ସେଯୁଗରେ ଭବିଷ୍ୟତବାଣୀ କରିଥିଲେ ତାହା କାଳକ୍ରମେ ସତ୍ୟରେ ପରିଣତ ହୋଇଗଲା । ବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ମୂଳ ଆବର୍ତ୍ତନିୟମ ସିଦ୍ଧାନ୍ତରେ ଆହୁରି ପ୍ରଗତି ସାଧିତ ହୋଇପାରିବା ଫଳରେ ବିଜ୍ଞାନୀ ମାନଙ୍କ ପାଖରେ ଏହାର ମହତ୍ତ୍ୱ ବହୁଗୁଣ ବଢ଼ିଯାଇ ପାରିଛି ।

*ସମ୍ବନ୍ଧୀୟ ବିଷୟ*

*ରସାୟନବିଜ୍ଞାନ, ମୌଳିକ ଉପାଦାନ, ଦିମିତ୍ରି ମେଣ୍ଡେଲିଫ୍, ପାରମାଣବିକ ନମ୍ବର, ଟ୍ରାନ୍‌ସ-ୟୁରାନିୟମ ଉପାଦାନ, ଉପାଦାନ ୧୧୦, ୧୧୧ ଓ ୧୧୨, ପଦାର୍ଥବିଜ୍ଞାନ, ବିଶ୍ୱ, ଇଲେକ୍‌ଟ୍ରନ୍*

## ଆବଶ୍ୟକତା

ଆବଶ୍ୟକତାଟି ଏମିତି ଗୋଟିଏ କଥା ଯେ ଏହା ବିଷୟରେ ବହୁତ କିଛି କୁହାଯାଇପାରିବ । କାଳ ବା ସମୟ ଯେତେ ଆଗେଇ ଯାଉଥିବ ଏହି କଥାର ନୂଆ ନୂଆ ରୂପ ହେଉଥିବ ଓ ସେହି ରୂପକୁ "ଆବଶ୍ୟକତା" ବୋଲି କୁହାଯାଉଥିବ ।

କାହିଁ କେତେ ହଜାର ବର୍ଷ ପୂର୍ବର କଥା । ନଈରେ ପାଣି ବହିଯାଉଛି, ଝରଣାରୁ ପାଣି ଝରି ଆସୁଛି । ଜଣେ ପିଇଦେଇ ଖୁସି ହୋଇଯାଉଛି । ସେ କିନ୍ତୁ ଟିକିଏ ଦୂରରେ ରହୁଛି । ଶୋଷ ହେଲେ ନଦୀ ବା ଝରଣା ପାଖକୁ ପାଣି ଟୋପାଏ ପାଇବା ପାଇଁ ଆସିବା ସବୁବେଳେ ଏମିତି ସୁବିଧା ହେଉ ନ ଥିଲା । ରାତିରେ ଶୋଇଛି । ତା' ଛୁଆଟିକୁ ଶୋଷ ହେଲା ବା ତାକୁ ଶୋଷ ହେଲା । ପିଲାଟା କାନ୍ଦିଲାଣି, ଦୂରକୁ ଯାଇ ପାଣି ଆଣିଲା ବେଳକୁ ସେ ଉଚ୍ଛନ୍ନ ହେଲାଣି । ତେଣୁ ତା' ମୁଣ୍ଡରୁ ଗୋଟାଏ ବୁଦ୍ଧି ବାହାରିଲା । ଖଣ୍ଡେ କାଠକୁ ସେ ପଥରରେ କାଟି କାଟି ତା'ଭିତରେ ଗୋଟାଏ ଖାଲ କରିଦେଲା । ସେଇଥିରେ ପାଣି ଆଣି ସେ ରାତି ପାଇଁ ରଖିଦେଲା । ଏଭଳି କରିଦେବାରୁ ଗୋଟାଏ ବଡ଼ ଅସୁବିଧା ଦୂର ହୋଇଗଲା । ପାଣି ଆବଶ୍ୟକ ହେଉଥିବାରୁ ଏଇ ପାଣିପାତ୍ରଟି ତିଆରି ହେଲା । ତାହାପରେ ଅବଶ୍ୟ ପଥରରେ ସେଇଟିକୁ ଆଉ ଟିକିଏ ବଡ଼କରି ତିଆରି କଲା । ବର୍ଷାବେଳେ ତାକୁ ପଦାରେ ରଖିଦେଲେ ସେଥିରେ ପାଣି ଜମିଗଲା । ଆଉ ଖଣ୍ଡେ ପତଳା ପଥର କିମ୍ବା କାଠ ଆଣି ତା ଦେହରେ ଘୋଡ଼େଇ ଦେଲା । ଗୋଟିଏ ପାଣି ପାତ୍ର, ଗୋଟିଏ ଘୋଡ଼ଣୀ ତାକୁ ଗୋଟାଏ ଦୁଷ୍ଚିନ୍ତାରୁ ନିଶ୍ଚିନ୍ତ କରିଦେଲା ।

ଏହିଭଳି ହଜାର ହଜାର କଥାର ଉଦାହରଣ ଦିଆଯାଇପାରିବ । ଅକ୍ଷର ଲେଖିବା ଦରକାର ପଡ଼ିଲାରୁ ସେ ଖଣ୍ଡେ ଖଡ଼ି ମୁଣ୍ଡା ବା ଅଙ୍ଗାରରେ ଲେଖିଲା । କିନ୍ତୁ ସେଇଟା ତ ଲିଭିଯିବ । ତେଣୁ ଲୁହାର ଗୋଟାଏ ଓଜନିଆ କଲମ କଲା । ତାଳପତ୍ରକୁ ଶୁଖାଇ ପାଗ କରି କାଗଜ ଭଳି ଛୋଟ ଛୋଟ ଫର୍ଦ୍ଦ କରିଦେଲା । ଲେଖନୀରେ ସେ ତାଳ ପତ୍ର ଉପରେ ଲେଖିଲା । ବେଶୀ ଲେଖିବାର ଆବଶ୍ୟକତା ଯେତେବେଳେ ଦେଖାଦେଲା ସେ ଭିନ୍ନ ଭିନ୍ନ ପ୍ରକାରର କଲମ ଓ କାଗଜ ତିଆରି କଲା ।

ମଣିଷ ଯେତେବେଳେ କ୍ରମେ ଅଧିକରୁ ଅଧିକ ସଭ୍ୟ ହେବାକୁ ଲାଗିଲା, ସେତେବେଳେ ତା'ର ନାନା ପଦାର୍ଥ ଦରକାର ପଡ଼ିଲା । ଫଳରେ ସେ ନୂଆ ନୂଆ ଜିନିଷ ତିଆରି କରି ପକାଇଲା । ସେଇଥି ଯୋଗୁଁ କୁହାଯାଏ ଯେତେ ନୂଆ ନୂଆ ଯନ୍ତ୍ରପାତି ବାହାରିଛି, ସମସ୍ତଙ୍କର ଜନନୀ ହେଉଛି–ଆବଶ୍ୟକତା ।

*ସମ୍ବନ୍ଧୀୟ ବିଷୟ*

*ମାନବସମାଜ, ବିଜ୍ଞାନ, ଶିକ୍ଷା, ଦର୍ଶନ, ବିକାଶ, ଟେକ୍‌ନୋଲଜି, ଉଦ୍‌ଭାବନ, ଆବିଷ୍କାର*

## ଆବିଷ୍କାର

ପୃଥିବୀ ତଥା ମହାକାଶ ବିଷୟରେ ବୈଜ୍ଞାନିକ, ବାଣିଜ୍ୟିକ କିମ୍ବା ସାମରିକ ଦୃଷ୍ଟିରୁ ଅଧିକ ଜାଣିବା ନିମନ୍ତେ କରାଯାଉଥିବା ଉଦ୍ୟମ ହେଲା ଆବିଷ୍କାର । ଏକବିଂଶ ଶତାବ୍ଦୀର ଆରମ୍ଭ ବେଳକୁ ଧରିତ୍ରୀ ପୃଷ୍ଠ ବିଷୟରେ ପ୍ରାୟ ସବୁକଥା ଜଣାପଡ଼ିଗଲାଣି ଓ ସାଗର-ମହାସାଗରର ଅଥଳ ଅଞ୍ଚଳ ବିଷୟରେ ଅଧିକ ଗବେଷଣା ଚାଲୁ ରହିଛି । ମହାକାଶରେ ଆବିଷ୍କାର କରିବା ନିମନ୍ତେ ମଧ୍ୟ ଆଜିର ମଣିଷ ଯଥେଷ୍ଟ ଜ୍ଞାନ ହାସଲ କରି ଗଲାଣି ।

ଶିଶୁଟିଏ ଜନ୍ମ ହେଉଛି । ଦେଖିବାକୁ କେଡ଼େ ଛୋଟ । କିନ୍ତୁ ତାକୁ ଯେତେବେଳେ ପଚିଶ ତିରିଶ ବର୍ଷ ବୟସ ହୋଇଯାଉଛି ସେ କେଡ଼େ ବଡ଼ ଲାଗୁଛି । ଅବଶ୍ୟ କେହି ଦେଖି ନାହିଁ–କିନ୍ତୁ ଦିନେ ଏହି ପୃଥିବୀଟି କେଡ଼େ ଛୋଟ ବୋଲି ମଣିଷ ଭାବିନେଇଥିଲା ସେଇକଥା ଭାବିଲେ ଆଜିର ମଣିଷ ଟିକିଏ ହସୁଛି । ମଣିଷର ସ୍ୱଭାବ ହେଲା ତା' ଚାରିପଟେ କେଉଁମାନେ ଅଛନ୍ତି ଓ କଅଣ ସବୁ ଅଛି ସେ ବିଷୟରେ ଜାଣିବା ପାଇଁ ସେ ନିଶ୍ଚୟ ମନ କରିବ । ସେ ଯେଉଁଠି ରହୁଥିଲା ସେଠାରୁ କେତେ ଦୂରକୁ ଥରେ ଥରେ ହୁଏତ ଚାଲି ଯାଉଥିଲା । ତେଣିକି ଯିବାପାଇଁ ସେ ଡରୁଥିଲା ଓ ଫେରି ଆସୁଥିଲା । ଆଜିର ମଣିଷ ପୃଥିବୀର ସବୁ ଅଞ୍ଚଳ ଦେଖି ଯିବାରୁ କହୁଛି–"ପୃଥିବୀଟା ଏଡ଼େ ବଡ଼ ! ସେ ଯୁଗର ମଣିଷ ତ ନିଶ୍ଚୟ ଭାବିଥିବ ପୃଥିବୀଟି କେଡ଼େ ଛୋଟ !"

ମଣିଷକୁ ମଣିଷ ଚିହ୍ନିବା ପାଇଁ ଯେଉଁ ଚେଷ୍ଟା

କଲା ସେହି ଉଦ୍ୟମର ବର୍ଣ୍ଣନା ଏତେ ସୁନ୍ଦର ଯେ ଅନ୍ୟ କୌଣସି ବର୍ଣ୍ଣନା ତା'ଭଳି ହୋଇପାରିବ ନାହିଁ । କେତେ ଶହ, ବା କେତେ ହଜାର ବର୍ଷ ତଳେ ପୃଥିବୀର ଗୋଟିଏ ଅଞ୍ଚଳର ଲୋକ ଅନ୍ୟ ଅଞ୍ଚଳର ଲୋକଙ୍କ ବିଷୟରେ କିମ୍ଭୁତ କିମାକାର ଧାରଣା ରଖିଥିଲା । ଯେଉଁମାନେ ଦୂର ଦେଶରେ ଯାଇ ବେପାର ବଣିଜ କରୁଥିଲେ ସେମାନେ ସେଠା ଲୋକଙ୍କ ମନ ଖୁସି କରିବା ପାଇଁ କେତେ କଅଣ ମନଗଢ଼ା କଥା କହି ଯାଉଥିଲେ । ସେ ସବୁକଥା ଶୁଣି ଜଣାଶୁଣା ଓ ପଢ଼ାଶୁଣା ଲୋକ ମଧ୍ୟ ବିଶ୍ୱାସ କରିଯାଉଥିଲେ ଯେ ପୃଥିବୀର ଭିନ୍ନ ଭିନ୍ନ ଅଂଶରେ ନିଶ୍ଚୟ ବିଚିତ୍ର ଲୋକ ସବୁ ଅଛନ୍ତି । କାହାର ହାତୀ ଭଳି ମୁଣ୍ଡ ତ କାହାର ଅଛି ବଡ଼ ବଡ଼ କାନ । 'ଏକ ପାଦିଆ', 'ଛେଳି ମୁଣ୍ଡିଆ', 'ଏକ ଆଖିଆ', 'ମୁଣ୍ଡ ନ ଥିବା', 'କୁକୁର ମୁଣ୍ଡିଆ' ଓ 'ହଂସବେକା' ଜୀବସବୁ ନିଜ ଅଞ୍ଚଳ ବାହାରେ ଅଛନ୍ତି ବୋଲି ସମସ୍ତେ ଧରି ନେଇଥିଲେ ।

କ୍ରମେ ପରିସ୍ଥିତି ବଦଳିଗଲା । ପ୍ରାୟ ପାଞ୍ଚଶହ ବର୍ଷତଳେ ଲୋକ ଯେତେବେଳେ ପୃଥିବୀର ସବୁ ଅଞ୍ଚଳକୁ ଯିବାକୁ ମନ କଲା ଓ ଗଲା ମଧ୍ୟ, ସେତେବେଳେ ତାହାର ସେସବୁ ଭୁଲ୍ ଧାରଣା ଦୂର ହୋଇଗଲା ଓ ସେ ଯେଉଁ ଗପସବୁ ଶୁଣୁଥିଲା ସେଗୁଡ଼ିକ ମିଛ ବୋଲି ଆବିଷ୍କାର କଲା । ଆବିଷ୍କାରର ଅର୍ଥ ହେଲା—ଯେଉଁ ଦେଶକୁ ଜଣେ ଯାଇ ନ ଥିଲା କିମ୍ବା ସେମିତି ଦେଶ ଅଛି ବୋଲି ଜାଣି ନ ଥିଲା, ସେମିତିକା ଦେଶରେ ଯାଇ ପହଞ୍ଚିଗଲା । ସମୁଦ୍ରରେ ଯିବା ପାଇଁ ଯେତେବେଳେ ଭଲ ଭଲ ଜାହାଜସବୁ ବାହାରିଲା ମଣିଷ ବହୁ ଦୂରକୁ ଯାଇପାରିଲା । କେଉଁ ବର୍ଷ କିଏ ଇଉରୋପରୁ ବାହାରି କେଉଁ ନୂଆଦେଶରେ ପହଞ୍ଚିଲେ ତାହାରି ଠିକିନିଖି ବର୍ଣ୍ଣନା ଯେଉଁମାନେ ଯାଇଥିଲେ ସେମାନେ ଲେଖି ଦେଇ ଯାଇଛନ୍ତି । ପାଞ୍ଚଶହ ବର୍ଷ ପୂର୍ବେ ଉତ୍ତର ଆମେରିକା ବୋଲି ଗୋଟାଏ ମହାଦେଶ ଅଛି—ଏକଥା ଲୋକେ ବିଶ୍ୱାସ କରୁ ନ ଥିଲେ । କଲମ୍ବସ୍ ନାମକ ଜଣେ ବ୍ୟକ୍ତି ପ୍ରଥମେ ସେ ମହାଦେଶକୁ ଦେଖିଲେ ବୋଲି କୁହାଯାଉଛି । ଫଳରେ ପୃଥିବୀର ମାନଚିତ୍ର ନୂଆ ଭାବରେ ଅଙ୍କା ହେଲା । ନୂଆ ନୂଆ ଅଞ୍ଚଳ ଓ ଦେଶ ଆବିଷ୍କାର କଲାରୁ ପୃଥିବୀରେ କେତେ ଯେ ନୂଆ କଥା ଘଟିଗଲା ସେସବୁ ଜାଣିଲେ, ପଢ଼ିଲେ କେତେ ଆନନ୍ଦ ହୁଏ ଓ କେତେ ବିଷୟ କେତେ କଥା ଜାଣିହୁଏ ତାକୁ ଭାଷାରେ ସହଜରେ ପ୍ରକାଶ କରିହେବ ନାହିଁ ।

ଆବିଷ୍କାର ପୃଥିବୀର ଗୋଟାଏ ଅଞ୍ଚଳର ମନୁଷ୍ୟଙ୍କ ସହିତ ଅନ୍ୟ ଅଞ୍ଚଳ ମନୁଷ୍ୟଙ୍କର ପରିଚୟ କରାଇ ଦେଲା । ଯେଉଁମାନେ ସାହସ କରି ସେ ସମୟରେ ବା ଏବେ ଆବିଷ୍କାରକ ସାଜିଛନ୍ତି, ସେମାନଙ୍କୁ ବୀରର ସମ୍ମାନ ମିଳିଛି । କ୍ରମେ ଟେକ୍ନୋଲଜି ତଥା ବିଜ୍ଞାନର ଉନ୍ନତି ସଙ୍ଗେ ସଙ୍ଗେ ମଣିଷ ନିଜ ଗ୍ରହ ବାହାରେ ଅନ୍ୟ ଅଞ୍ଚଳ ଆବିଷ୍କାର କରିବାରେ ସମର୍ଥ ହୋଇପାରିଛି ।



ସେମାନଙ୍କ ଉଦ୍ୟମର ଫଳ ସ୍ୱରୂପ ଆଫ୍ରିକା ମହାଦେଶ କଥା ଜଣାପଡ଼ିବା ସହଜ ହୋଇ ଉଠିଥିଲା—ଆବିଷ୍କାରକ ହେନ୍‌ରୀ ଷ୍ଟାନ୍‌ଲି କଙ୍ଗୋ ନଦୀ କୂଳରେ ଚାଲିଥିବା: ୧୮୭୨ ମସିହାର ଏହି ଏନ୍‌ଗ୍ରେଭିଙ୍ଗ୍‌ରେ ଦେଖାଇ ଦିଆଯାଇଛି ।

ମଣିଷ ଜାତି ଏ ପୃଥିବୀରେ ଚଲାବୁଲା ଆରମ୍ଭ କରିବାଠାରୁ କେହି ନା କେହି 'ଆବିଷ୍କାର' କରିବା ନିମନ୍ତେ ସବୁବେଳେ ବାହାରି ପଡ଼ିଛନ୍ତି । ପରବର୍ତ୍ତୀ କାଳରେ ସେହି 'ସାହସୀ' ଲୋକମାନଙ୍କୁ ଆବିଷ୍କାରକ ବୋଲି କୁହାଗଲା । ପ୍ରାଗ୍-ଐତିହାସିକ ଯୁଗରେ ଲୋକଙ୍କ ପାଖରେ ଏଭଳି କରିବା ନିମନ୍ତେ ନିଶ୍ଚୟ ବହୁତ କାରଣ ଥିଲା । ଖାଦ୍ୟାଭାବ, ଜଳବାୟୁରେ ପରିବର୍ତ୍ତନ ସାଙ୍ଗକୁ ଶତ୍ରୁ ଆକ୍ରମଣରୁ ରକ୍ଷା ପାଇବା ପାଇଁ ସେମାନେ ସବୁବେଳେ ନୂଆ ନୂଆ ଅଞ୍ଚଳ ଖୋଜୁଥିଲେ । ପରେ ପୁରାତନ ପୃଥିବୀର ବହୁ ଲୋକ ସମୁଦ୍ରପଥରେ ଭିନ୍ନ ଭିନ୍ନ ଅଞ୍ଚଳକୁ ଯିବାକୁ ଲାଗିଲେ । ଭାରତୀୟ, ଗ୍ରୀକ୍ ଓ ଫୋଏନେସୀୟ ବଣିକମାନେ ଏ ଦିଗରେ ଖୁବ୍ ଆଗୁଆ ଥିଲେ । କିନ୍ତୁ ସେ ଯୁଗର ସବୁଠାରୁ ଶ୍ରେଷ୍ଠ ଆବିଷ୍କାରକମାନେ ହେଲେ ପଲିନେସିଆ ଅଞ୍ଚଳର ଲୋକେ । ବିଶାଳ ପ୍ରଶାନ୍ତ ମହାସାଗରର ବକ୍ଷରେ ହଜାର ହଜାର ବର୍ଷ ଧରି ଏମାନେ ନୌକା ସାହାଯ୍ୟରେ ଦ୍ୱୀପ ପରେ ଦ୍ୱୀପରେ ଯାଇ ପହଞ୍ଚି ଯାଇ ପାରୁଥିଲେ । ଖ୍ରୀଷ୍ଟପୂର୍ବ ୨୦୦୦ ମସିହାରେ ପ୍ରଥମେ ଇଣ୍ଡୋନେସିଆ ଅଞ୍ଚଳରୁ ବାହାରିଥିବା ପଲିନେସୀୟ ମାନେ କାଳକ୍ରମେ ଦଶମ ଶତାବ୍ଦୀର ମଧ୍ୟଭାଗ ବେଳକୁ ଯାଇ ନିଉଜିଲାଣ୍ଡ ଦ୍ୱୀପରେ ପହଞ୍ଚି ଯାଇପାରିଥିଲେ ।

ନବମ ଶତାବ୍ଦୀ ବେଳକୁ କିନ୍ତୁ ଆରବ ଜଗତରେ ଇସ୍‌ଲାମୀୟ ଜ୍ଞାନ-ବିଜ୍ଞାନର ବିକାଶ ହେବାକୁ ଲାଗିଲାଣି ଓ ଇସ୍‌ଲାମ ଜଗତର ବିଦ୍ୱାନମାନେ ନିଜ ଚାରିପଟେ ଥିବା ଦୁନିଆ ବିଷୟରେ ଜାଣିବାକୁ ପ୍ରବଳ ଉଦ୍ୟମ ଆରମ୍ଭ କରିଦେଲେଣି । ସେମାନଙ୍କ ଭିତରୁ କେତେକ ଖୁବ୍ ଦୂର ଦୂର ସ୍ଥାନକୁ ଯିବା ସଙ୍ଗେ ସଙ୍ଗେ ସେମାନଙ୍କ ଏହି ଆବିଷ୍କାରଯାତ୍ରାର ନିଖୁଣ ବର୍ଣ୍ଣନା ମଧ୍ୟ ଲିପିବଦ୍ଧ କରି ରଖୁଥିଲେ ।

ପର୍ତ୍ତୁଗୀଜମାନେ ହେଲେ ପ୍ରଥମ ଇଉରୋପୀୟ ଯେଉଁମାନେକି ପଞ୍ଚଦଶ ଶତାବ୍ଦୀ ବେଳକୁ ସମୁଦ୍ରପଥରେ ଦେଶ ଆବିଷ୍କାର କରିବାକୁ ବାହାରିଥିଲେ । ପରେ ସ୍ପେନୀୟମାନେ ଓ ଅନ୍ୟ କେତେକ ଦେଶର ନାବିକ ମଧ୍ୟ ସାରା ପୃଥିବୀକୁ ଆବିଷ୍କାର କରିବାକୁ ଉଦ୍ୟମ ଚଳାଇଲେ । ଅନ୍ୟାନ୍ୟ କାରଣ ଭିତରୁ ଖ୍ରୀଷ୍ଟ ଧର୍ମର ପ୍ରଚାର କରିବା ଏଭଳି ଆବିଷ୍କାରରେ ବାହାରିବାର ଗୋଟିଏ ମୂଳ କାରଣ ଥିଲା । ଷୋଡ଼ଶ-ସପ୍ତଦଶ ଶତାବ୍ଦୀ ବେଳକୁ ଇଂରେଜ ଓ ଫରାସୀମାନେ ମଧ୍ୟ ବାହାରି ପଡ଼ିଲେଣି । ଏସବୁ ଇଉରୋପୀୟ ଜାତିଙ୍କର କିନ୍ତୁ ଆବିଷ୍କାର କରିବାରେ ଜ୍ଞାନବୃଦ୍ଧି ଅପେକ୍ଷା ଧନ ଲୋଭ ଓ ଉପନିବେଶ ବସାଇବା ଥିଲା ମୁଖ୍ୟ ଉଦ୍ଦେଶ୍ୟ । ଅବଶ୍ୟ ଅନେକ ବିଜ୍ଞାନୀ, ପଣ୍ଡିତ ତଥା ଭୂଗୋଳବେତ୍ତା ମଧ୍ୟ ଏହି ସମୟରେ ପୃଥିବୀର ସବୁ ଅଂଶକୁ ଖେଦିଯାଇ ମାନବଜ୍ଞାନ ବୃଦ୍ଧିରେ ବହୁତ ଅବଦାନ ଦେଇଯାଇଛନ୍ତି । ଏମାନଙ୍କ ଏଭଳି ଉଦ୍ୟମ ଫଳରେ ପୃଥିବୀର ନୂଆ ତଥା ସଠିକ ମାନଚିତ୍ର ଅଙ୍କାଯାଇ ପାରିବା ସଙ୍ଗେ ସଙ୍ଗେ ବହୁ ବୈଜ୍ଞାନିକ ତଥ୍ୟର ମଧ୍ୟ ସନ୍ଧାନ ମିଳିଯାଇଥିଲା । ଆଫ୍ରିକା ଭଳି ଦୁର୍ଗମ ମହାଦେଶ

ବିଷୟରେ ଜାଣିବା ହୁଏତ ଏତେ ସହଜ ହୋଇ ନଥା'ନ୍ତା, ଯଦି କେତେକ ଆବିଷ୍କାରକ ତା ଭିତରକୁ ସାହସ କରି ପଶିବାକୁ ସେତେବେଳେ ଉଦ୍ୟମ ନ କରିଥା'ନ୍ତେ ।

***ସମ୍ବନ୍ଧୀୟ ବିଷୟ***

*ପୃଥିବୀ, ଭୂଗୋଳ, ମହାକାଶ ଅଭିଯାନ, ମହାସାଗର, ମହାଦେଶ, ଟେକ୍‌ନୋଲଜି, ମାନବସମାଜ, ବାଣିଜ୍ୟ, ଉପନିବେଶବାଦ, ଯୁଦ୍ଧ, ଗବେଷଣା, ମାନବଜ୍ଞାନ, ବିଜ୍ଞାନ, ଆନ୍ତର୍ଜାତୀୟ ସଂପର୍କ, ଅଥଳ, ଉଦ୍‌ଭାବନ, ବୀରତ୍ୱ, ସାହିତ୍ୟ*

▷ ▷

## ଆବୁ ପର୍ବତ

ଆରାବଳୀ ପର୍ବତମାଳାର ରାଜସ୍ଥାନ ଅଂଶରେ ଥିବା ଗୋଟିଏ ବିଚ୍ଛିନ୍ନ ଶୃଙ୍ଗ । ଏହାକୁ 'ମାଉଣ୍ଟ ଆବୁ' ବୋଲି ମଧ୍ୟ କୁହାଯାଏ । ଏହା କିନ୍ତୁ ଦିନେ ଆରାବଳୀ ପର୍ବତମାଳାର ଅଂଶ ବଶେଷ ଥିଲା ବୋଲି କୁହାଯାଇଥାଏ । ରାଜସ୍ଥାନର ମରୁ ଅଞ୍ଚଳରେ ଏଇଟି ଥିଲେ ମଧ୍ୟ ଏହାର ସର୍ବୋଚ୍ଚ ସ୍ଥାନର ଉଚ୍ଚତା ପ୍ରାୟ ୧,୭୨୦ ମିଟର ହୋଇଥିବାରୁ ଆବୁ ଗୋଟିଏ ଗ୍ରୀଷ୍ମ ନିବାସ ଭାବରେ ପରିଚିତ । ସମୁଦ୍ର ପତ୍ତନ ଠାରୁ ପର୍ବତର ହାରାହାରି ଉଚ୍ଚତା ହେଲା ପ୍ରାୟ ୩୦୭-୩୧୦ ମିଟର । ସ୍କନ୍ଦ ପୁରାଣରେ ଏହି ପର୍ବତର ଉଲ୍ଲେଖ ରହିଛି । ଋଷି ବଶିଷ୍ଠଙ୍କ ଆଶ୍ରମ ଏଠାରେ ଥିଲା ବୋଲି ଭାରତର ଲୋକଙ୍କ ପାଇଁ ଏହା ଏକ ପବିତ୍ର ତୀର୍ଥକ୍ଷେତ୍ର ଭାବେ ରହି ଆସିଛି ।

***ସମ୍ବନ୍ଧୀୟ ବିଷୟ***

*ଆରାବଳୀ ପର୍ବତମାଳା, ରାଜସ୍ଥାନ, ହିନ୍ଦୁ ଧର୍ମ, ଜୈନଧର୍ମ, ସ୍କନ୍ଦ ପୁରାଣ*

▷ ▷

## ଆବୁସିମ୍ବେଲ

ପୁରାତନ ଇଜିପ୍ସୀୟ କଳାର ଏହି ମନ୍ଦିର ଦୁଇଟି ହେଲା ଅମୂଲ୍ୟ ନିଦର୍ଶନ । ସମ୍ରାଟ ରାମସେସ ଦ୍ୱିତୀୟଙ୍କ ଦ୍ୱାରା ଏଗୁଡ଼ିକ ନିର୍ମିତ ହୋଇଥିଲା ଓ ମନ୍ଦିର ସମ୍ମୁଖରେ ତାଙ୍କର ଚାରୋଟି ଅତିକାୟ ପ୍ରତିମୂର୍ତ୍ତି ରହିଛି । ଅଶ୍ୱାନ ବନ୍ଧ ତିଆରି ଯୋଗୁଁ ନୀଳ ନଦୀ ଗର୍ଭରେ ଲୀନ ହୋଇଯିବାକୁ ବସିଥିବା ଆବୁସିମ୍ବେଲକୁ କିନ୍ତୁ ୧୯୬୦ ଦଶକରେ ଜଟିଳ ଇଞ୍ଜିନିଅରିଙ୍ଗ୍ ପଦ୍ଧତି ସାହାଯ୍ୟରେ ରକ୍ଷା କରାଯାଇ ପାରିଛି ।

ନୀଳ ନଦୀର ପଶ୍ଚିମ ପାର୍ଶ୍ୱରେ ଥିବା ବିଶାଳ ବାଲିପଥରର କାନ୍ଥିନୀରେ ଖ୍ରୀଷ୍ଟପୂର୍ବ ଦ୍ୱାଦଶ ଶତାବ୍ଦୀରେ, ଏହି ସୂର୍ଯ୍ୟ ମନ୍ଦିର ଦୁଇଟି ସହିତ ୨୦ ମିଟର ଉଚ୍ଚତା ବିଶିଷ୍ଟ ପ୍ରତିମୂର୍ତ୍ତି ଚାରୋଟିକୁ ଖୋଦେଇ କରାଯାଇଥିଲା । ଅଷ୍ଟାଦଶ ଶତାବ୍ଦୀର



ଆବୁସିମ୍ବେଲ

ଦ୍ୱିତୀୟ ଦଶକ ବେଳକୁ ଯାଇ କିନ୍ତୁ ଏଭଳି ଏକ କୀର୍ତ୍ତି ଥିବା କଥା ବାହାର ଦୁନିଆକୁ ଭଲ ଭାବରେ ଜଣାପଡ଼ିଲା ।

***ସମ୍ବନ୍ଧୀୟ ବିଷୟ***

*ଇଜିପ୍ସୀୟ ସଭ୍ୟତା, ପୁରାତତ୍ତ୍ୱ, ଅଶ୍ୱାନ ବନ୍ଧ*

▷ ▷

## ଆବେଗ

ଏହି ଶବ୍ଦଟିର ସଂଜ୍ଞା ନିରୂପଣ କରିବା ସେମିତି କିଛି ସହଜ ନୁହେଁ । ଏ ପର୍ଯ୍ୟନ୍ତ ଏହାର ଯେଉଁ ସଂଜ୍ଞା ସବୁ ନିରୂପିତ ହୋଇଛି, ସେଗୁଡ଼ିକ 'ଆବେଗ'ର ସଂପୂର୍ଣ୍ଣ ଧାରଣା ଜନ୍ମାଇବାରେ ସମର୍ଥ ହୋଇଛନ୍ତି ବୋଲି ଆଦୌ କୁହାଯାଇ ପାରିବ ନାହିଁ । ଜୀବଜଗତରେ ଏଭଳି ଗୋଟିଏ କଥାର ଗୁରୁତ୍ୱ କିନ୍ତୁ ଅତି ବେଶୀ । ପ୍ରକୃତି ମନୁଷ୍ୟ କ୍ଷେତ୍ରରେ ଆବେଗକୁ ତା ଚିନ୍ତା, ତା ଜୀବନ ସହିତ ଜନ୍ମରୁ ଏଭଳି ଭାବରେ ଯୋଡ଼ିଦେଇଛି ଯେ ଜଣେ ଆବେଗହୀନ ବା ଆବେଗଶୂନ୍ୟ ମନୁଷ୍ୟ ଖୋଜି ପାଇବା ଏ ସଂସାରରେ ସମ୍ଭବ ନୁହେଁ ।

ଜଣକର ମସ୍ତିଷ୍କରେ ଯେତେବେଳେ ତୀବ୍ର ଭାବନା ଅନୁଭୂତ ହୁଏ ଓ ସେହି ତୀବ୍ରତା ତା'ର ଶାରୀରିକ, ମାନସିକ, ସ୍ନାୟବିକ ତଥା ଶରୀର ଅଭ୍ୟନ୍ତରରେ ରହିଥିବା ଜଟିଳ ରାସାୟନିକ ପ୍ରକ୍ରିୟାକୁ ପ୍ରଭାବିତ କରେ ସେତେବେଳେ ତା ଭିତରେ ପ୍ରକୃତ ଆବେଗର ସୃଷ୍ଟି ହେଲା ବୋଲି ମୋଟାମୋଟି ଭାବେ କୁହାଯାଇପାରେ । ମନୁଷ୍ୟ ମନରେ ଯେତେବେଳେ ସୁଖ ବା ଦୁଃଖ ଭଳି ଭାବନାର ଜାତ ହୁଏ, ସେତେବେଳେ ସେ ଯେଉଁ ଭାବ ପ୍ରକାଶ କରେ ବା ଅଙ୍ଗଭଙ୍ଗୀ ପ୍ରଦର୍ଶନ କରେ ତାହା ଆବେଗଜାତ ଅଭିକ୍ରିୟା ବୋଲି ପଣ୍ଡିତମାନେ କହିଥା'ନ୍ତି । ତା'ର ଜ୍ଞାତସାରରେ ବା ଅଜ୍ଞାତସାରରେ ହେଉ ଯେଉଁସବୁ କାର୍ଯ୍ୟ ଜଣେ କରିଯାଇଥାଏ, ସେ ସବୁ କାର୍ଯ୍ୟର ସଞ୍ଚିତ ପ୍ରଭାବ ଯେତେବେଳେ ତା ମନକୁ ଓ ଶରୀରକୁ ଯଥେଷ୍ଟ ପ୍ରଭାବିତ କରେ, ସେତେବେଳେ ସେ ଆବେଗର ବଶବର୍ତ୍ତୀ ହେଲା ବୋଲି କୁହାଯାଏ । କିନ୍ତୁ ଏମିତି ଗୋଟିଏ ନିର୍ଦ୍ଦିଷ୍ଟ କାରଣରୁ ମନୁଷ୍ୟ ପ୍ରାଣର ଆବେଗ ପ୍ରକାଶ ପାଇଥାଏ ବୋଲି ବିଜ୍ଞାନସମ୍ମତ ଭାବେ କୁହାଯାଇ ପାରିବ ନାହିଁ । କାରଣ ବହୁ ଘଟଣାର ପରିଣତି ସ୍ୱରୂପ 'ଗୋଟିଏ ଘଟଣା' ହୁଏତ ଏଭଳି ଭାବରେ ନିଜକୁ ପ୍ରକାଶ କରୁଥିବାର ସମ୍ଭାବନା ବେଶୀ । ଭୟ, କ୍ରୋଧ, ବିତୃଷ୍ଣା, ଦୁଃଖ, ଆନନ୍ଦ—ଏସବୁ ନିଜ ନିଜର ସ୍ୱରୂପ ଆବେଗ ମାଧ୍ୟମରେ ଦେଖାଇଥା'ନ୍ତି । ଚିତ୍ତକ୍ଷୋଭ ବା ରୋଷ ଆବେଗର ଗୋଟିଏ ତୀବ୍ର ରୂପ ହୋଇଥିଲା ବେଳେ ପରମ ଆନନ୍ଦ ଓ ପରମ ସନ୍ତୋଷ ମଧ୍ୟ ସେଭଳି ତୀବ୍ରତାର ଅନ୍ୟପ୍ରକାର ନିଦର୍ଶନ ବୋଲି ଧରାଯାଇଥାଏ ।

ମଣିଷ ଭିତରେ ଯେତେବେଳେ ଆବେଗର ସୃଷ୍ଟି ହୁଏ, ସେତେବେଳେ ସେହି ଅବସ୍ଥାଟିକୁ ସେ ଅନ୍ୟମାନଙ୍କଠାରୁ ଲୁଚାଇ ରଖିବା ସହଜ ନୁହେଁ—ବେଳେ ବେଳେ ସଂପୂର୍ଣ୍ଣ ଅସମ୍ଭବ ମଧ୍ୟ । ଏ ପରିସ୍ଥିତିରେ ଅନ୍ୟମାନେ ଧରିପାରୁଥିବା ପରିବର୍ତ୍ତନ ସବୁ ତା ଅଙ୍ଗ-ପ୍ରତ୍ୟଙ୍ଗରେ ଦେଖାଦେଇଥାଏ । ଏପରି କାହିଁକି ହେଉଛି ଓ ମସ୍ତିଷ୍କର ଏଥିରେ ଭୂମିକା କ'ଣ ସେକଥା ଜାଣିବା ପାଇଁ ବିଜ୍ଞାନୀମାନେ ଉଦ୍ୟମ କରୁଛନ୍ତି । ଏଭଳି ଉଦ୍ୟମରେ କିଛି ପରିମାଣର ସଫଳତା ମଧ୍ୟ ମିଳିଲାଣି । ମସ୍ତିଷ୍କର ଭିନ୍ନ ଭିନ୍ନ ଅଂଶ ଗୁଡ଼ିକର ଆବେଗ ସୃଷ୍ଟିରେ ଥିବା ନିର୍ଦ୍ଦିଷ୍ଟ 'ଦାୟିତ୍ୱ' କଥା ବୁଝିବା ପାଇଁ ମନୋବିଜ୍ଞାନୀ ଓ ସ୍ନାୟୁବିଜ୍ଞାନୀମାନେ ଚଳାଇ ରଖିଥିବା ଉଦ୍ୟମରେ ମଧ୍ୟ ଅଗ୍ରଗତି ଘଟୁଛି । ମସ୍ତିଷ୍କ ସଂକ୍ରାନ୍ତୀୟ ଗବେଷଣା ଆଜି ଏକବିଂଶ ଶତାବ୍ଦୀର ଆରମ୍ଭ ବେଳକୁ ଏଭଳି ଗୋଟାଏ ନିର୍ଣ୍ଣୟାତ୍ମକ ସ୍ତରରେ ଆସି ପହଞ୍ଚିଯାଇଛି, ଯାହା ଫଳରେ କି ପଣ୍ଡିତମାନେ ଆବେଗ ସୃଷ୍ଟି ବିଷୟରେ ବହୁ ନୂଆ କଥା ଜାଣିବାକୁ ସମର୍ଥ ହୋଇ ଉଠୁଛନ୍ତି । ମନୁଷ୍ୟର ମସ୍ତିଷ୍କ ଓ ତା'ର ସ୍ନାୟୁସଂସ୍ଥା ସାଙ୍ଗକୁ ଶରୀର ଭିତରେ ତିଆରି ହେଉଥିବା କେତେକ ଆବେଗ ନିୟନ୍ତ୍ରଣକାରୀ 'ରସ' ବିଷୟରେ ଏହି ଗବେଷଣା କ୍ରମେ ଅଧିକରୁ ଅଧିକ କଥା ଜଣାଇ ଦେଇ ପାରୁଛି ।

ଜଡ଼ ଓ ଚେତନ ପଦାର୍ଥ ଭିତରେ ଗୋଟିଏ ବଡ଼ ପାର୍ଥକ୍ୟ ହେଲା ଯେ "ଯଦି କୌଣସି କ୍ରିୟାର କାରଣ ଘଟିବ ବା ସଂପାଦିତ ହେବ, ଚେତନ ଠାରେ ନିଶ୍ଚୟ ତାହାର ପ୍ରତିକ୍ରିୟା ଦେଖାଦେବ । ସେହିଭଳି ପ୍ରତିକ୍ରିୟା ସ୍ଥୂଳ କି ସୂକ୍ଷ୍ମ, ତାହା ଅବଶ୍ୟ ବିଚାରର ବସ୍ତୁ ହୋଇପାରେ; କିନ୍ତୁ ବହୁ ଅଧିକ କ୍ଷେତ୍ରରେ ଅନ୍ୟମାନେ ଦେଖିପାରୁଥିବା ବା ଜାଣିପାରୁଥିବା ଭଳି ପ୍ରତିକ୍ରିୟା ସୃଷ୍ଟି ହୋଇଥାଏ । ଚେତନା ବା ଜୀବନ ଥିବା ଜୀବଙ୍କ ଭିତରେ

ମନୁଷ୍ୟର ସ୍ଥାନ ସବୁଠାରେ ଉଚ୍ଚରେ । ତେଣୁ ଯେ କୌଣସି କ୍ରିୟାର ପ୍ରତିକ୍ରିୟା ତାହାଠାରେ ଦେଖାଦେଲାବେଳେ ସ୍ଥଳବିଶେଷରେ ତାହା ଅତି ସୂକ୍ଷ୍ମ ହୋଇଥିଲେ ମଧ୍ୟ ସେଥିରେ କିଛି ବିସ୍ମିତ ହେବାର ନାହିଁ ।'' ନିଜ ଗ୍ୱରିପଟେ, ନିଜ ପରିବେଶ ଭିତରେ ଘଟୁଥିବା ସମସ୍ତ ଘଟଣାର ପ୍ରଭାବ ମାନବ ତଥା ଜୀବ କ୍ଷେତ୍ରରେ ଆବେଗ ରୂପରେ ପ୍ରକାଶ ପାଇଥାଏ ।

ଆବେଗର ପରିମାଣ ବା ମାତ୍ରା ମାପିବା ପାଇଁ ଭିନ୍ନ ଭିନ୍ନ ଉପାୟ ଥିଲେ ମଧ୍ୟ ମନସ୍ତତ୍ତ୍ୱବିତ୍‌ମାନେ ସାଧାରଣତଃ ଶାରୀରିକ ପ୍ରତିକ୍ରିୟାର ସାହାଯ୍ୟ ଏଥିପାଇଁ ନେଇଥା'ନ୍ତି । ହୃତ୍‌ଗ୍ୱଳନା, ରକ୍ତଗ୍ୱପ, ଶ୍ୱାସକ୍ରିୟା ଓ ଚର୍ମ-ଗ୍ୱଳକତ୍ୱ ଭଳି ଶରୀର କ୍ରିୟାତ୍ମକ ପରିଘଟଣ ଗୁଡ଼ିକ ମନସ୍ତତ୍ତ୍ୱବିତ୍‌ମାନଙ୍କୁ ଜଣକର ଆବେଗ ବିଷୟରେ ବହୁକଥା ଜଣାଇ ଦେଇଥା'ନ୍ତି ।

ଆବେଗ ସଂକ୍ରାନ୍ତରେ ମନସ୍ତାତ୍ତ୍ୱିକ ସିଦ୍ଧାନ୍ତ ସବୁ ରହିଛି । ଊନବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧ ଆରମ୍ଭ ବେଳୁ ଏହି ବିଦ୍ୟା କ୍ଷେତ୍ରରେ ପରୀକ୍ଷାମୂଳକ ଅନୁଶୀଳନ ତଥା ଗବେଷଣାରେ ପ୍ରଗତି ହେବା ଆରମ୍ଭ ହୋଇଗଲା ପରେ ଏସବୁ ସିଦ୍ଧାନ୍ତ ବାହାରି ପଡ଼ିଲା । ତାଙ୍କ ସମୟରେ ମନୀଷୀ ଗ୍ୱର୍ଲସ ଡାର୍‌ଉଇନ୍ 'ଜୀବ-ଆବେଗ' ସଂକ୍ରାନ୍ତରେ କରିଥିବା ମୌଳିକ କାର୍ଯ୍ୟ ଆବେଗ ଗବେଷଣାକୁ ଗୋଟାଏ ନିର୍ଦ୍ଦିଷ୍ଟ ଦିଗ୍‌ଦର୍ଶନ ଦେଇଦେବାକୁ ସମର୍ଥ ହେଲା ବୋଲି କୁହାଯାଇପାରେ ।

***ସମ୍ବନ୍ଧୀୟ ବିଷୟ***

*ମସ୍ତିଷ୍କ, ମନସ୍ତତ୍ତ୍ୱ, ଚିକିତ୍ସାବିଜ୍ଞାନ, ମାନବ ଜାତିର କ୍ରମବିକାଶ, ସମାଜ, ପରିବେଶ, ଅବସାଦ, ଜୀବବିଜ୍ଞାନ, ଇଭୋଲୁସନ, ଆତ୍ମହତ୍ୟା ଓ ଆହୁରି ଅନେକ ବିଷୟ*

## ଆବେଲ, ଜନ୍ ଜାକୋବ
(୧୮୫୭-୧୯୩୮)

ଏହି ଆମେରିକୀୟ ଜୀବରସାୟନବିତ୍ ୧୯୧୪ ମସିହାରେ ପ୍ରଥମ କରି ଦର୍ଶାଇଲେ ଯେ ରକ୍ତରେ ଆମିନୋ ଏସିଡ ରହିଛି । ଫଳରେ ବୃକକ୍ ସଂକ୍ରାନ୍ତୀୟ ରୋଗ ସବୁର ଡାୟାଲିସିସ୍ ଚିକିତ୍ସାପଦ୍ଧତିରେ ଉନ୍ନତି ଘଟାଇବା ସମ୍ଭବ ହେଲା । ଇନ୍‌ସୁଲିନ ଯେ ଶରୀରରେ ସୃଷ୍ଟି ହେଉଥିବା ଗୋଟିଏ ପ୍ରୋଟିନ, ଏକଥା ମଧ୍ୟ ତାଙ୍କ ଇନ୍‌ସୁଲିନ କ୍ରାଇଷ୍ଟାଲୀକରଣ ଗବେଷଣା ଫଳରେ ୧୯୨୬ ମସିହାରେ ଜଣାପଡ଼ିଲା ।

***ସମ୍ବନ୍ଧୀୟ ବିଷୟ***

*ଜୀବରସାୟନବିଜ୍ଞାନ, ଚିକିତ୍ସାବିଜ୍ଞାନ, ଇନ୍‌ସୁଲିନ*

## ଆବୋରସନ

ପ୍ରାଣୀ ଜଗତରେ ଭ୍ରୂଣ ଯଦି ଜୀବନକ୍ଷମ ହେବା ଆଗରୁ ମା ପେଟରେ ଥିବା ଜରାୟୁରୁ କୌଣସି ଉପାୟରେ ନିଷ୍କାସିତ ହୋଇଯାଏ ତେବେ ଆବୋରସନ ବା ଗର୍ଭଚ୍ୟୁତି ହେଲା ବୋଲି ଧରାଯାଏ । ମଣିଷ କ୍ଷେତ୍ରରେ ସାଧାରଣତଃ ଗର୍ଭଧାରଣର ପ୍ରଥମ ୨୦ ସପ୍ତାହ ହେଲା ଏହି ସମୟସୀମା । ଯଦି ସ୍ୱତଃ ଗର୍ଭଚ୍ୟୁତି ଘଟିଲା, ତେବେ ଏହାକୁ ମିସ୍‌କାରେଜ ବା ଗର୍ଭପାତ ଓ ଉଦ୍ଦେଶ୍ୟମୂଳକ ଭାବେ ଗର୍ଭଚ୍ୟୁତି ଘଟାଇବାକୁ ଉତ୍‌ପ୍ରେରିତ ଆବୋରସନ ବୋଲି କୁହାଯାଇଥାଏ ।

ରୋଗ, ଭୟଙ୍କର ମାନସିକ ବା ଶାରୀରିକ ଧକ୍‌କା, ମା ଓ ଭ୍ରୂଣ ଭିତରେ ଦେଖାଯାଉଥିବା ଜେନେଟିକ କିମ୍ବା ଜୀବରାସାୟନିକ ଅସଙ୍ଗତି ଭଳି ଅନେକ କାରଣରୁ ମିସ୍‌କାରେଜ ଘଟିଥାଏ । ଜରାୟୁରେ ଭ୍ରୂଣଟି ମରିଗଲେ ମଧ୍ୟ ଯଦି ନିଷ୍କାସିତ ନ ହୋଇପାରିଲା, ତେବେ ସେ କ୍ଷେତ୍ରରେ ତାହାକୁ ଅପ୍ରାପ୍ତ ବା ମିସ୍‌ଡ ଆବୋରସନ ବୋଲି କୁହାଯାଏ । ସାଧାରଣତଃ ଗ୍ୱରୋଟି ମୁଖ୍ୟ କାରଣରୁ ଉତ୍‌ପ୍ରେରିତ ଆବୋରସନ ବା ଗର୍ଭଚ୍ୟୁତିର ଆବଶ୍ୟକତା ଅନୁଭୂତ ହୋଇଥାଏ । ସେଗୁଡ଼ିକ ହେଲା: ମା'ର ଶାରୀରିକ କିମ୍ବା ମାନସିକ କଲ୍ୟାଣ ଓ ସୁସ୍ଥତା; ଯୌନ ଅପରାଧର ଶିକାର ହୋଇ କିମ୍ବା ସାମାଜିକ ସ୍ୱୀକୃତି ନ ଥିବା ସଂପର୍କରୁ ଗର୍ଭସଞ୍ଚାର; ଶାରୀରିକ, ମାନସିକ ବା ଜେନେଟିକ ଦୃଷ୍ଟିରୁ ଗୁରୁତର ଭାବେ ବିକଳାଙ୍ଗ ଶିଶୁକୁ ଜନ୍ମ ନ କରାଇଦେବା ଏବଂ ସାମାଜିକ ତଥା ଅର୍ଥନୈତିକ କାରଣରୁ ଆବଶ୍ୟକ ହେଉଥିବା ଜନ୍ମ ନିୟନ୍ତ୍ରଣ କାର୍ଯ୍ୟକ୍ରମ ।

ଆବୋରସନ ଘଟାଇବା ନିମନ୍ତେ ବହୁ ପ୍ରକାର ଚିକିତ୍ସା ପଦ୍ଧତିର ପ୍ରଚଳନ ଅଛି । କିନ୍ତୁ ଏ କ୍ଷେତ୍ରରେ ସବୁବେଳେ ସବୁ ଦିଗରୁ ଅତ୍ୟଧିକ ସାବଧାନତା ଅବଲମ୍ବନ କରିବା ଉଚିତ । ପୃଥିବୀର କେତେକ ମୁଖ୍ୟ ଧର୍ମ ସମ୍ପ୍ରଦାୟର ଲୋକଙ୍କ ଭିତରେ ଆବୋରସନ କେଉଁ କ୍ଷେତ୍ରରେ କରାଯାଇପାରିବ ବା ଆଦୌ କରାଯାଇପାରିବ ନାହିଁ, ସେ ବିଷୟରେ ଏକବିଂଶ ଶତାବ୍ଦୀର ଆରମ୍ଭ ବେଳକୁ ମଧ୍ୟ ଆଲୋଚନା ହେଉଛି । କେତେକ ଦେଶରେ ଅବାରିତ ଓ ଅବିଗ୍ୱରିତ ଗର୍ଭଚ୍ୟୁତି ନିୟନ୍ତ୍ରଣ ନିମନ୍ତେ ଆଇନ ସବୁ ମଧ୍ୟ ପ୍ରଣୟନ କରାଯାଇଛି ।

***ସମ୍ବନ୍ଧୀୟ ବିଷୟ***

*ମାନବଶରୀର, ଗର୍ଭଧାରଣ, ପ୍ରଜନନ, ଆଇନ, ଚିକିତ୍ସାବିଜ୍ଞାନ, ଧର୍ମ, ଜନ୍ମ ନିୟନ୍ତ୍ରଣ*

## ଆଭାଲାନ୍‌ସ

ବିଶାଳ ପରିମାଣର ପଥର କିମ୍ବା ତୁଷାର-ବରଫ ପିଣ୍ଡ ପ୍ରଚଣ୍ଡ ଗତିରେ ପାହାଡ଼ ଉପରୁ ଗଡ଼ି ଆସିବା କ୍ରିୟା । ଗଡ଼ି ଆସୁଥିବା ବାଟରେ ଥିବା ଯେ କୌଣସି ପଦାର୍ଥକୁ ଏହା ଧ୍ୱଂସ କରିଦିଏ ବା ଫୋପାଡ଼ି ଦେଇଥାଏ । ପାହାଡ଼ ଉପରେ ଥିବା ବିଶାଳ ପରିମାଣର ପଥର କିମ୍ବା ବରଫକୁ ଧାରଣ କରୁଥିବା କୌଣସି ପିଣ୍ଡର ମୂଳଦୁଆ ହଠାତ୍ ଢିଲା ବା ହାଲୁକା ହୋଇଯିବା ଯୋଗୁଁ ଆଭାଲାନ୍‌ସ ସୃଷ୍ଟି ହୋଇଥାଏ । ଉଭୟ, ପ୍ରାକୃତିକ ଓ ମନୁଷ୍ୟକୃତ କାରଣମାନ ଏଥି ନିମନ୍ତେ ଦାୟୀ । ଆଭାଲାନ୍‌ସ ଯୋଗୁଁ ପାହାଡ଼ତଳି ଗ୍ରାମ-ସହର ସବୁ ଧ୍ୱଂସ ପାଇଯିବା ସଙ୍ଗେ ସଙ୍ଗେ ଛୋଟ ଛୋଟ ନଦୀର ଗତିପଥରେ 'ବନ୍ଧ' ସୃଷ୍ଟି ହୋଇଯାଇପାରେ । ପୃଥିବୀରେ ହିମାଳୟ ପର୍ବତମାଳାର ପାଦଦେଶର କେତେକ ଅଞ୍ଚଳରେ ଆଭାଲାନ୍‌ସ ଜନିତ ବିପଦର ମାତ୍ରା ତୁଳନାତ୍ମକ ଭାବେ ଖୁବ୍ ଅଧିକ ।

***ସମ୍ବନ୍ଧୀୟ ବିଷୟ***

*ଦୁର୍ଘଟଣା, ପର୍ବତ, ଭୂବିଜ୍ଞାନ, ହିମାଳୟ*

## ଆଭୋସେଟ୍

ପକ୍ଷୀଙ୍କ ଭିତରେ ଗୋଟାଏ ଜାତି ଅଛନ୍ତି ଯେଉଁମାନେ କି ପାଣି କୂଳେ କୂଳେ ରୁହନ୍ତି । ଆଭୋସେଟ୍ ସେହି ଜାତିର ଗୋଟିଏ ପକ୍ଷୀ । କାଦୁଅ ଭିତରକୁ ସହଜରେ ପଶିଯାଇ ମାଛ ବା ଅନ୍ୟ ଶିକାର ଧରିବା ପାଇଁ ଯେମିତି ତା ଥଣ୍ଟକୁ ତିଆରି କରାଯାଇଛି । ଡେଣା ଗୁଡ଼ିକ ଏମିତି କଳା, ଧଳା ହୋଇଛି ଯେ ସୁନ୍ଦର ଦେଖାଯାଏ । ଗୋଡ଼ ଦୁଇଟି ନୀଳ ବର୍ଣ୍ଣର: ପାଣି କୂଳରେ ଅଣ୍ଡା ଦିଅନ୍ତି । ଗଭୀର ପାଣିକୁ ଗ୍ୱଲିଗଲେ ବତକ ଭଳି ପହଁରନ୍ତି । ପ୍ରାୟ ୪୫ ସେଣ୍ଟିମିଟର ଲମ୍ବ ହୁଅନ୍ତି । ଏଗୁଡ଼ିକ ବହୁଜାତିର ଅଛନ୍ତି । ଉତ୍ତର ଆମେରିକା ମହାଦେଶରେ ଦେଖାଯାଆନ୍ତି ।

***ସମ୍ବନ୍ଧୀୟ ବିଷୟ***

*ପକ୍ଷୀ, ଜୀବଜଗତ*

## ଆମ୍‌ନେଷ୍ଟି ଇଣ୍ଟରନାସନାଲ

ମାନବାଧିକାର ଉଲ୍ଲଂଘନ କ୍ଷେତ୍ରରେ ଏହି ସଂସ୍ଥା କାମ କରିଥାଏ । ୧୯୬୧ ମସିହାରେ ଆମ୍‌ନେଷ୍ଟି ଇଣ୍ଟରନାସନାଲ ବା ଆନ୍ତର୍ଜାତୀୟ କ୍ଷମା ସଂସ୍ଥାର ପ୍ରତିଷ୍ଠା ହେଲା । ପୃଥିବୀ ଜନମତକୁ ଉପଯୁକ୍ତଭାବେ ପ୍ରଭାବିତ କରିବାରେ ଏହା ଅନେକ



ପ୍ରତୀକ

ସମୟରେ ସଫଳ ହୋଇଛି । ପୃଥିବୀର ଯେଉଁଠି ଯେଉଁଠି ମାନବ ଅଧିକାରର ଉଲ୍ଲଂଘନ ହୋଇଛି ବା ହେଉଛି, ସେଠି ସାଧ୍ୟମତେ ପହଞ୍ଚିଯାଇ ସେଭଳି ହେଉଥିବା କଥା ବିଶ୍ୱବାସୀଙ୍କୁ ଜଣାଇ ଦେବା ହେଲା ଏହାର ପ୍ରଧାନ କାମ । ଲଣ୍ଡନ ଠାରେ ଆମ୍‌ନେଷ୍ଟିର ସଦର ଦପ୍ତର ରହିଛି ।

***ସମ୍ବନ୍ଧୀୟ ବିଷୟ***

*ମାନବ ଅଧିକାର, ଆନ୍ତର୍ଜାତୀୟ ଆଇନ, ଜନମତ, ଆନ୍ତର୍ଜାତୀୟ ସଂପର୍କ*

▷▷

## ଆମ୍‌ନେସିଆ

ସ୍ମୃତିହୀନତା ବା ସ୍ମୃତିଭ୍ରଂଶ ଅସୁବିଧା ଓ ରୋଗ । ସାଧାରଣତଃ ମସ୍ତିଷ୍କରେ ଆଘାତ, ମସ୍ତିଷ୍କ ପ୍ରଦାହରୁ କ୍ଷତି, ଭୀଷଣ ଶାରୀରିକ ଆଘାତ, ଅତ୍ୟଧିକ କ୍ଳାନ୍ତି, ପାଗଳାମି, ନିଶା ସେବନ, ମଦ୍ୟପାନ, ନିଶ୍ଚେତକ, ରୋଗ କିମ୍ବା କୌଣସି ମାନସିକ-ସ୍ନାୟବିକ ଅସୁବିଧାରୁ ଜଣଙ୍କ କ୍ଷେତ୍ରରେ ଆମ୍‌ନେସିଆ ଦେଖାଦେଇଥାଏ । ଏହା ଦୁଇ ପ୍ରକାରର : ଗୋଟିଏ ଅବସ୍ଥାରେ ଆମ୍‌ନେସିଆ ହେବା ସମୟର ପୂର୍ବବର୍ତ୍ତୀ କଥା ରୋଗୀ ଭୁଲିଯାଉଥିଲା ବେଳେ ଅନ୍ୟ ଅବସ୍ଥାଟିରେ ପରବର୍ତ୍ତୀ କଥା ଭୁଲିଯାଇଥାଏ । ଅଧିକାଂଶ କ୍ଷେତ୍ରରେ ସାଂଘାତିକ ସଂବେଗାତ୍ମକ ଅସୁବିଧାହିଁ ଏହି ରୋଗର ମୂଳ କାରଣ ବୋଲି କୁହାଯାଇଥାଏ । ଥରେ ହେଲେ, କେତେ ସପ୍ତାହରୁ ଆରମ୍ଭ କରି କେତେବର୍ଷ ପର୍ଯ୍ୟନ୍ତ ଏହାର ପ୍ରଭାବ ଜଣଜଣଙ୍କ କ୍ଷେତ୍ରରେ ରହିଥାଏ । ମନୁଷ୍ୟ କ୍ଷେତ୍ରରେ, ପିଲାବେଳର କଥା ମନେ ନ ରଖି ପାରିବା ଭଳି ନିୟମିତ ସାଧାରଣ ଘଟଣାକୁ ଶୈଶବ ଆମ୍‌ନେସିଆ ବୋଲି କୁହାଯାଏ ।

***ସମ୍ବନ୍ଧୀୟ ବିଷୟ***

*ମସ୍ତିଷ୍କ, ରୋଗ, ଆବେଗ, ମନସ୍ତତ୍ତ୍ୱ, ଚିକିତ୍ସା-ବିଜ୍ଞାନ*

▷▷

## ଆମଦାନୀ-ରପ୍ତାନୀ

ଯେତେ ଯାହା କଲେ ମଧ୍ୟ ମନୁଷ୍ୟର ଯାହାସବୁ ଆବଶ୍ୟକ ବା ଲୋଡ଼ା, ସେସବୁ ନିଜ ଦେଶରେ ତିଆରି ହୋଇପାରେ ନାହିଁ । ଦେଶର ସମସ୍ତଙ୍କ ପାଇଁ ଯେତକ ଖାଦ୍ୟ ଲୋଡ଼ା ସବୁତକ ହୁଏତ ବର୍ଷେ ଦର୍ଷେ ଦେଶ ଭିତରେ ମିଳିବ ନାହିଁ । ତେଣୁ ଅନ୍ୟ ଦେଶରୁ ଆଣିବାକୁ ପଡ଼ିବ । ତାକୁହିଁ ଆମଦାନୀ ବୋଲି କୁହାଯାଏ । ସେମିତି ଗୋଟାଏ ଦେଶରେ ଯେତକ ବଳକା ଜିନିଷ ରହୁଛି, ତାକୁ ଅନ୍ୟ ଦେଶକୁ ବିକିବାକୁ ପଡ଼ିବ । ସେହି କାମଟାକୁ ରପ୍ତାନୀ ବୋଲି କୁହାଯାଏ । ଉଦାହରଣ ସ୍ୱରୂପ ଭାରତରେ ବଳକା ଝୋଟ ରହିଛି । ସେତକ ସେ ଦେଶ ରପ୍ତାନୀ କରିବ ଆରବ ଦେଶକୁ । ଆରବ ଦେଶରୁ ଆମଦାନୀ କରିବ ପେଟ୍ରୋଲିୟମ ପଦାର୍ଥ । ସବୁ ଦେଶ ଚେଷ୍ଟା କରନ୍ତି ଯେତିକି ମୂଲ୍ୟର ଜିନିଷ ଆମଦାନୀ କରିଛନ୍ତି ସେତିକି ମୂଲ୍ୟର ଜିନିଷ ରପ୍ତାନୀ କରିବା ପାଇଁ । ତାହାହେଲେ ଦେଶର ଧନସମ୍ପତ୍ତିର ଗୋଟାଏ ସମତୁଲ ଅବସ୍ଥା ରହିପାରିବ ଓ ଆନ୍ତର୍ଜାତୀୟ ବଜାରରେ ଧାରୁଆ ହେବାକୁ ପଡ଼ିବ ନାହିଁ । ଯେଉଁ ଦେଶରେ ଏହିଭଳି ସମତୁଲ ଅର୍ଥନୀତି ବା ଅବସ୍ଥା ଅଛି ସେ ଦେଶରେ ଅନେକ କିଛି ସୁବିଧା ହୁଏ । ରପ୍ତାନୀ ଅପେକ୍ଷା ବେଶୀ ଟଙ୍କାର ଜିନିଷ ଆମଦାନୀ କରିଲେ ସେତକ ଦେଶ ଉପରେ ବୋଝ ଭଳି ରହିଲା । ସେଥିପାଇଁ ଯେତେବେଳେ ଦୁଇ ଦେଶ ଭିତରେ କିଣାବିକା କଥା ପଡ଼େ, ସେତେବେଳେ ହିସାବ କରିବାକୁ ହୁଏ କି କି ଜିନିଷ ରପ୍ତାନୀ କଲେ ଆମଦାନୀ ଜିନିଷର ଟଙ୍କା ଭରଣା ହେବ । ଆମଦାନୀ-ରପ୍ତାନୀ ଉପରେ ସରକାର ଶୁଳ୍କ ବସାନ୍ତି ଓ ସେଥିରୁ ସରକାରଙ୍କର ରାଜସ୍ୱ ଆୟ ବଢ଼େ ।

***ସମ୍ବନ୍ଧୀୟ ବିଷୟ***

*ଆନ୍ତର୍ଜାତୀୟ ଏକ୍‌ସଚେଞ୍ଜ, ବାଣିଜ୍ୟ, ଆନ୍ତର୍ଜାତୀୟ ସଂପର୍କ, ଅର୍ଥନୀତି, ମୁଦ୍ରା, ପରିବହନ ବ୍ୟବସ୍ଥା, ଶୁଳ୍କ, ବିକାଶ*

▷▷

## ଆମାଜୋନ ନଦୀ

ମନୁଷ୍ୟ ଯେତେବେଳେ ଦଳବାନ୍ଧି ଗୋଟିଏ ଗୋଟିଏ ସ୍ଥାନରେ ରହିବାକୁ ଆରମ୍ଭ କଲା ସେତେବେଳେ ସେ ପ୍ରଥମେ ନଦୀ କୂଳରେହିଁ ବସତି ବସାଇଲା, କାରଣ ପାଣିର ସୁବିଧା ହେଲା । ଦକ୍ଷିଣ ଆମେରିକା ମହାଦେଶର ଆମାଜୋନ ନଦୀଟି ହେଉଛି ପୃଥିବୀର ସବୁ ନଦୀଙ୍କ ଭିତରେ ଗୋଟାଏ ଦୃଷ୍ଟିରୁ ବଡ଼ । ଏହାଠାରୁ ସାମାନ୍ୟ ଅଧିକ ଲମ୍ବର ନଦୀ ଥିଲେ ମଧ୍ୟ ଏହା ଭିତର ଦେଇ ଯେତେ ପରିମାଣର ପାଣି ଯାଏ ସେହି ଦୃଷ୍ଟିରୁ ପୃଥିବୀରେ ଏହାର ସ୍ଥାନ ପ୍ରଥମ । ପ୍ରଶାନ୍ତ ମହାସାଗର ପଟୁ ୧୬୦ କିଲୋମିଟର ଦୂର ଆଣ୍ଡିଜ ପର୍ବତମାଳାରୁ ବାହାରି ନଈଟି ଆସି ପଡ଼ିଛି ଆଟ୍‌ଲାଣ୍ଟିକ ମହାସାଗରରେ । ମୋଟ





ଆମାଜୋନ ନଦୀର ବେସିନରେ ରହିଛି ପ୍ରାୟ ୭୦,୫୦,୦୦୦ ବର୍ଗକିଲୋମିଟର ଅଞ୍ଚଳ । ପ୍ରସିଦ୍ଧ ଆମାଜୋନ ବୃଷ୍ଟିଜ ଅରଣ୍ୟ ଏହାରି ଭିତରେ ମୁଣ୍ଡ ଟେକିଛି (ବାମ) । ପ୍ରାୟ ୫୦୦୦ ମିଟର ଉଚ୍ଚତାରେ ପେରୁ ଦେଶରେ ଥିବା ଏହି କ୍ଷୁଦ୍ର ଜଳଧାରାଟି ହେଲା ଆମାଜୋନ ନଦୀର ମୂଳ ଉତ୍ସ: ଏଠି ଅନବରତ ତୁଷାରପାତ ହୋଇଥାଏ (ଡାହାଣ) ।

ଲମ୍ବ ୪୦୦୦ ମାଇଲ ବା ୬୪୦୦ କିଲୋମିଟରରୁ ଅଧିକ । ଆମ ମହାନଦୀର ଲମ୍ବ ହେଲା ପ୍ରାୟ ୭୫୦ କିଲୋମିଟର । ଏଥିରୁ ବେଶ୍ ଅନୁମାନ କରିହେବ ଆମାଜୋନ ନଦୀଟି କେଡ଼େ ଲମ୍ବ ! ସମଗ୍ର ପୃଥିବୀ ପୃଷ୍ଠରୁ ଯେତେ ପରିମାଣର ଜଳ ଅନ୍ୟ ସବୁ ନଦୀବାଟେ ସମୁଦ୍ରକୁ ବହିଯାଉଛି, ସେଥିରୁ ପାଞ୍ଚ ଭାଗରୁ ଭାଗେ କେବଳ ଏହି ଆମାଜୋନ ବାଟେହିଁ ଯାଉଛି । ଏକ ହଜାର ଉପନଦୀ ଏଥିରେ ଆସି ମିଶିଛନ୍ତି । ସେଥିରୁ କେତେ ଗୁଡ଼ିକର ଲମ୍ବ ୧୫୦୦ରୁ ୩୨୦୦ କିଲୋମିଟର । ନଦୀ ମୁହାଣଟା ୧୫୦ ମାଇଲ ବା ୨୪୦ କିଲୋମିଟରରୁ ଅଧିକ ଓସାର । ଘଣ୍ଟାକୁ ପ୍ରାୟ ୮୦ ହଜାର କୋଟି ଲିଟର ପାଣି ଏହି ମୁହାଣବାଟେ ଆଟ୍‌ଲାଣ୍ଟିକ ମହାସାଗରରେ ଯାଇ ପଡୁଛି । ଏତେ ପରିମାଣର ମଧୁର ପାଣି ପଡୁଥିବାରୁ ମୁହାଣ ନିକଟରେ ସମୁଦ୍ରର ୧୫୦ କିଲୋମିଟର ଭିତର ପର୍ଯ୍ୟନ୍ତ ଅଞ୍ଚଳର ଲୁଣି ପାଣି ମଧୁର ପାଲଟି ଯାଉଛି । ମୁହାଣ ଠାରୁ ୧୬୦୦ କିଲୋମିଟର ଉପରକୁ ନଦୀରେ ବଡ଼ ବଡ଼ ଜାହାଜ ଯାଇପାରେ, ଛୋଟ ଛୋଟ ଜାହାଜ ଗୁଡ଼ିକ ୩୫୦୦ କିଲୋମିଟର ପର୍ଯ୍ୟନ୍ତ ଯାଇପାରେ । ସ୍ଥାନେ ସ୍ଥାନେ ଏହି ନଦୀ ଏତେ ଓସାର ଯେ, ତାହା ଭିତର ଦେଇ ନୌକା ଚାଲିଲାବେଳେ ଯାତ୍ରୀ ତାହାର ଦୁଇ କୂଳକୁ ଦେଖିପାରେ ନାହିଁ ।

***ସମ୍ବନ୍ଧୀୟ ବିଷୟ***

*ପୃଥିବୀ, ଭୂବିଜ୍ଞାନ, ଦକ୍ଷିଣ ଆମେରିକା, ନଦୀ, ଗ୍ରୀଷ୍ମ ମଣ୍ଡଳୀୟ ଅରଣ୍ୟ, ବ୍ରାଜିଲ, ଜୀବଜଗତ, ନୃତତ୍ତ୍ୱ, କୃଷି, ଜଳମଣ୍ଡଳ, ଜଳବାୟୁ, ଇଭୋଲୁସନ, ଆମାଜୋନ ବୃଷ୍ଟିଜ ବନ*

▷ ▷

## ଆମାଜୋନ ବୃଷ୍ଟିଜ ବନ

ପୃଥିବୀ ପୃଷ୍ଠରେ ଥିବା ଗୋଟିଏ ଶ୍ରେଷ୍ଠ ଅରଣ୍ୟପୁଞ୍ଜ । ଆମାଜୋନ ଓ ତା'ର ଶାଖାନଦୀ ଗୁଡ଼ିକର ବେସିନରେ ଏହି ଗ୍ରୀଷ୍ମମଣ୍ଡଳୀୟ ଅରଣ୍ୟ ଅଞ୍ଚଳଟି ରହିଛି । ସମଗ୍ର ବ୍ରାଜିଲ ଦେଶର ଶତକଡ଼ା ପ୍ରାୟ ୪୦ ଭାଗ ଅଞ୍ଚଳକୁ ଆମାଜୋନ ବୃଷ୍ଟିଜ ବନ ଆବୋରି ରହିଛି । ଏହି ଅରଣ୍ୟପୁଞ୍ଜର ଉତ୍ତରରେ ରହିଛି ଗାୟେନା ଉଚ୍ଚଭୂମି, ପଶ୍ଚିମରେ ଆଣ୍ଡିଜ ପର୍ବତମାଳା, ଦକ୍ଷିଣରେ ବ୍ରାଜିଲୀୟ କେନ୍ଦ୍ର ମାଳଭୂମି ଓ ପୂର୍ବରେ ଆଟ୍‌ଲାଣ୍ଟିକ ମହାସାଗର ।

ସନ୍ତସନ୍ତିଆ ମାନ୍‌ଗ୍ରୋଭ ଠାରୁ ଆରମ୍ଭ କରି ବିଶାଳ ତରୁରାଜି ସବୁ ହେଲେ ଏହି ଅରଣ୍ୟର ଅଂଶବିଶେଷ । ଅନେକ ସ୍ଥାନରେ ବିସ୍ତୃତ ତୃଣଭୂମି ମଧ୍ୟ ରହିଛି । କେତେକ ଧରଣର ଅତିକାୟ କାକ୍‌ଟସ୍ ବୃକ୍ଷ ଏଠି ଦେଖିବାକୁ ମିଳେ । ରବର, ନାନା ପ୍ରକାରର ତାଳ, ଆକାସିଆ, ରୋଜ୍‌ଉଡ୍, ଆମାଜୋନୀୟ ଦେବଦାରୁ ଓ ମହୋଗାନି ହେଲା ଅନ୍ୟ କେତେକ ଧରଣର ବୃକ୍ଷ । ଏହି ବୃଷ୍ଟିଜ ବନରେ ବହୁଧରଣର ଜୀବଜନ୍ତୁ ଦେଖାଯା'ନ୍ତି । ଜାଗୁଆର, ଟାପିର, ନାଲି ହରିଣ, ନାନା ଜାତିର ମାଙ୍କଡ଼ ଓ ସାପ ଏବଂ ଅସଂଖ୍ୟ ଜାତିର ପକ୍ଷୀ ହେଲେ ଏଥିଭିତରୁ କେତେକ । ଏକବିଂଶ ଶତାବ୍ଦୀର ଆରମ୍ଭ ବେଳକୁ କିନ୍ତୁ ଏହି ଅମୂଲ୍ୟ ଅରଣ୍ୟ ସଂପଦ ଉପରକୁ ଘୋର ମନୁଷ୍ୟକୃତ ବିପଦ ମାଡ଼ିଆସୁଛି ବୋଲି କୁହାଯାଉଛି ।

***ସମ୍ବନ୍ଧୀୟ ବିଷୟ***

*ଆମାଜୋନ, ବ୍ରାଜିଲ, ଅରଣ୍ୟ, ଜୀବଜଗତ, ଉଦ୍‌ଭିଦ ଜଗତ, ଇକୋସିଷ୍ଟମ*

▷ ▷

## ଆମିକସ୍ କ୍ୟୁରୀ

ଲାଟିନ ଭାଷାରେ ଏହି ଶବ୍ଦଟିର ଅର୍ଥ ହେଲା 'ଅଦାଲତଙ୍କ ବନ୍ଧୁ' । ବିଚାରାଳୟକୁ ଆଇନର ତର୍ଜମା କରିବାରେ ସାହାଯ୍ୟ କରିବା କିମ୍ବା ସେହି ଉଦ୍ଦେଶ୍ୟରେ ତଥ୍ୟ ଯୋଗାଇଦେବା ଦାୟିତ୍ୱ ଯାହାଙ୍କୁ ଦିଆଯାଇଥାଏ, ପ୍ରକୃତ ଅର୍ଥରେ ତାଙ୍କୁହିଁ ଆମିକସ୍ କ୍ୟୁରୀ ବୋଲି କୁହାଯାଏ । ଅଦାଲତଙ୍କ ସମ୍ମୁଖରେ ଥିବା ମକଦ୍ଦମାରେ ସେ କୌଣସି ଭାବେ ପକ୍ଷ ହୋଇ ନଥା'ନ୍ତି ବା ଏଥିରେ ତାଙ୍କର କୌଣସି ସ୍ୱାର୍ଥ ଜଡ଼ିତ ନଥାଏ । ଭାରତରେ ମାନ୍ୟବର ସୁପ୍ରିମ କୋର୍ଟଙ୍କ ଦ୍ୱାରା ବେଳେବେଳେ ଆମିକସ୍ କ୍ୟୁରୀ ନିଯୁକ୍ତ ପାଇଥା'ନ୍ତି । ଅନ୍ୟ ଯେ କୌଣସି ଅଦାଲତ ମଧ୍ୟ ଏହି କ୍ଷମତାର ପ୍ରୟୋଗ କରିବାରେ କିଛି ବାଧା ନାହିଁ ।

***ସମ୍ବନ୍ଧୀୟ ବିଷୟ***

*ଆଇନ, ବିଚାର ବ୍ୟବସ୍ଥା*

▷ ▷

## ଆମିନୋ ଏସିଡ

ଶରୀରରେ ପ୍ରୋଟିନକୁ ତିଆରି କରିପାରୁଥିବା ଜୈବ ଯୌଗିକ । ୨୦ଟିରୁ ଉର୍ଦ୍ଧ୍ୱ ଏହି ଧରଣର ଯୌଗିକ ଚିହ୍ନା ପଡ଼ିଗଲେଣି । ସେଗୁଡ଼ିକର ଭିନ୍ନ ଭିନ୍ନ ସଂଯୋଗରେ ଶହଶହ, ହଜାର ହଜାର ପ୍ରକାରର ପ୍ରୋଟିନ ତିଆରି ହୋଇଯାଇ ପାରୁଛି । ଏତେ ସଂଖ୍ୟକ ପ୍ରୋଟିନ ତିଆରି କରିବାର କାରଣ ହେଲା, ଗୋଟିଏ ଜାତିର ପ୍ରାଣୀ କିମ୍ବା ଉଦ୍‌ଭିଦର ପ୍ରୋଟିନ ଅନ୍ୟ ପ୍ରାଣୀ ବା ଉଦ୍‌ଭିଦର ପ୍ରୋଟିନ ଠାରୁ ସଂପୂର୍ଣ୍ଣ ଭିନ୍ନ । ଆମେ ଯେତେବେଳେ କୌଣସି ପ୍ରୋଟିନ ଜାତୀୟ ଖାଦ୍ୟ ଖାଉ, ସେତେବେଳେ ତାହା ଆମ ଶରୀର ଭିତରେ ହଜମ ହୁଏ—ଅନ୍ୟ ଅର୍ଥରେ କହିବାକୁ ଗଲେ ସେହି ପ୍ରୋଟିନକୁ ଭାଙ୍ଗି ପୁଣି ଆମିନୋ ଏସିଡରେ ପରିଣତ କରିଦିଆଯାଏ ଓ ତାହା ଯାଇ ରକ୍ତସ୍ରୋତରେ ମିଶେ ।

ଯେତେଗୁଡ଼ିଏ ଆମିନୋ ଏସିଡ ରହିଛି, ସେଗୁଡ଼ିକୁ ସାଧାରଣତଃ ଦୁଇଭାଗରେ ବିଭକ୍ତ କରିଦିଆଯାଇଥାଏ । ପ୍ରଥମ ଭାଗଟି କିନ୍ତୁ ହେଲା ଶରୀର ନିମନ୍ତେ ଅପରିହାର୍ଯ୍ୟ—କାରଣ ଏଥିଭିତରୁ ଯଦି କୌଣସି ଗୋଟିକର ଅଭାବ ଖାଦ୍ୟ ଭିତରେ ରହିଗଲା, ତେବେ ଶରୀର ଭିତରେ ଉପଯୁକ୍ତ ପ୍ରକାରର ପ୍ରୋଟିନ ପୁନଃନିର୍ମାଣରେ ବାଧା ପଡ଼େ ।

***ସମ୍ବନ୍ଧୀୟ ବିଷୟ***

*ଜୀବନ, ଡିଏନ୍‌ଏ, ଆର୍‌ଏନ୍‌ଏ, ଜିନ୍, ପ୍ରୋଟିନ, ଶରୀରଗଠନ, ଜୀବରସାୟନବିଜ୍ଞାନ, ଉପାପଚୟ ପ୍ରକ୍ରିୟା ଓ ଆହୁରି ଅନେକ ବିଷୟ*

▷ ▷

## ଆମିବା

ଗୋଟାଏ ଜଳାଶୟରୁ ବୁନ୍ଦାଏ ପାଣି ନେଇଯାଇ ଯଦି ଅଣୁବୀକ୍ଷଣରେ ଦେଖାଯାଏ ତେବେ ଆଖିରେ ପଡ଼ିଯିବେ ଶହ ଶହ ଅତି ଛୋଟ ଛୋଟ ଜୀବାଣୁ । ଆମିବା ସେହିମାନଙ୍କ ଭିତରୁ ଗୋଟିଏ ଜାତିର । ପ୍ରକୃତି ଯେତେବେଳେ ଜୀବସୃଷ୍ଟି ଆରମ୍ଭ କଲା ସେତେବେଳେ କେମିତି ଆରମ୍ଭ କରିବ ସେହିକଥା ବିଚାରୁ ବିଚାରୁ ଏହିସବୁ ଅତି ସୂକ୍ଷ୍ମ ଜୀବ ତିଆରି କରିଦେଲା । ଆମିବାଟି କେବଳ ଗୋଟିଏ ଜୀବକୋଷରେ ତିଆରି । ତାହା ଦେହରେ ନାଁ ଅଛି ହାଡ଼ ନା ମାଂସ ବା କୌଣସି ଟାଣ ପଦାର୍ଥ ! ଗୋଟାଏ ମିଲିମିଟରର ଦଶ ଭାଗରୁ ଭାଗେ ହେଉଛି ଏହାର ଲମ୍ବ । ଏହି ଯେଉଁ ଲମ୍ବକଥା କୁହାଗଲା ତାହା ଗୋଟିଏ ପିନ୍ କଣ୍ଟାର ମୁନ ସଙ୍ଗେ ସମାନ । ଆମିବା ଶରୀରଟା ଭିତରଦେଇ ଏପଟୁ ସେପଟକୁ ଦେଖାଯାଏ ବା ତାହା ସ୍ୱଚ୍ଛ; କାରଣ ସେମିତିକା ପଦାର୍ଥରେ ସେଇଟି ତିଆରି । ଏଇଟି କେତେବେଳେ ସ୍ଥିର ହୋଇ ରହି ନ ଥାଏ । ସବୁବେଳେ ଚାଲୁଥାଏ । ଜେଲି ଭଳି ହୋଇଥିବାରୁ ତା' ଆକାର ସବୁବେଳେ ବଦଳୁଥାଏ । ଆମିବା ତିଆରି କଲାବେଳେ ଜୀବ ସବୁ କେମିତି ଗତି କରିବେ ତାହା ହୁଏତ ପ୍ରକୃତି ପରୀକ୍ଷା କରୁଥିଲା । ତାହାଠାରୁ ସାନ ଜୀବାଣୁଙ୍କ ଚାରିପଟେ ତାହା ଗୁଡ଼ାଇ ହୋଇଯାଏ



ଆମିବା 'ଚାଲିଲା' ବେଳେ କିଭଳି ଦେଖାଯାଏ (ବାମରୁ ଡାହାଣକୁ) ।



ଆମିବା ଓ ଆମିବା ଭଳି କେତେକ ଜୀବ: (ବାମରୁ) ଆମିବା ପ୍ରୋଟିଅସ, ଆମିବା ରାଡିଓସା, ଆକାନ୍ଥୋମେଟ୍ରା ଇଲାଷ୍ଟିକା, ଡିଫ୍ଲୁଜିଆ ଅରସିଓଲାଟା ।

ଓ ସେଗୁଡ଼ିକୁ ହଜମ ପାଣିକୁ ନିଜ ଦେହରେ ଭିଜାଇ ଦେଇ ସେଥିରୁ ଅମ୍ଳଜାନ ପାଇଯାଏ । ଏଇଟି ନିଜେ ନିଜେ ଗୋଟିକରୁ ଦୁଇଟି ହୋଇଯାଏ । ଏହାକୁ ଲକ୍ଷ୍ୟକରି ବିଜ୍ଞାନୀମାନେ ଜୀବକୋଷ ବିଷୟରେ ଅନେକ କଥା ଜାଣିପାରିଥିଲେ ଓ ଏବେ ମଧ୍ୟ ଜାଣିପାରୁଛନ୍ତି । କେତେକ ଜାତିର ବଡ଼ ବଡ଼ ଆମିବାଙ୍କୁ ଖାଲି ଆଖିରେ ମଧ୍ୟ ଦେଖି ହୁଏ ।

***ସମ୍ବନ୍ଧୀୟ ବିଷୟ***

*ଜୀବକୋଷ, ଜୀବନ, ଜୀବଜଗତ, ଚିକିତ୍ସା-ବିଜ୍ଞାନ, ଅମେରୁଦଣ୍ଡୀ ପ୍ରାଣୀ*

▷▷

## ଆମୁଣ୍ଡସେନ୍, ରୋଆଲ୍ଡ୍ ଏଙ୍ଗେଲ୍‌ବ୍ରେଥ ଗ୍ରାଭ୍‌ନିଙ୍ଗ

(୧୮୭୨-୧୯୨୮)

ନରୱେ ଦେଶର ପ୍ରସିଦ୍ଧ ଆବିଷ୍କାରକ । ୧୯୦୩ରୁ ୧୯୦୬ ମସିହା ଭିତରେ ଉତ୍ତର ପଶ୍ଚିମ ପ୍ରଣାଳୀ ଦେଇ ଗତି କରି ସେ ଚୁମ୍ବକୀୟ ଉତ୍ତରମେରୁ ଆବିଷ୍କାର କରିଥିଲେ ଓ ପରେ ୧୯୧୧ ମସିହା ଡିସେମ୍ବର ମାସରେ ଦକ୍ଷିଣ ମେରୁ ଆବିଷ୍କାର କଲେ । ଗୋଟିଏ ଏଆରସିପ୍‌ରେ ଉତ୍ତରମେରୁ ଅଭିମୁଖେ ଯାଇଥିବା ଜଣେ ନିରୁଦ୍ଦିଷ୍ଟ ବନ୍ଧୁଙ୍କୁ ଆମୁଣ୍ଡସେନ ବିମାନ ଯୋଗେ ଖୋଜୁଥିବା ବେଳେ ସେ ନିଜେ ମଧ୍ୟ ନିରୁଦ୍ଦିଷ୍ଟ ହୋଇଗଲେ ଓ ତାହାପରେ ଆମୁଣ୍ଡସେନଙ୍କର କୌଣସି ପତ୍ତା ମିଳି ନଥିଲା ।

***ସମ୍ବନ୍ଧୀୟ ବିଷୟ***

*ଆବିଷ୍କାର, ଦକ୍ଷିଣ ମେରୁ, ଉତ୍ତର ମେରୁ*

▷▷

## ଆମେନୋରିଆ

ନାରୀମାନଙ୍କ କ୍ଷେତ୍ରରେ ଋତୁସ୍ରାବ ନ ହେବା ବା ସ୍ରାବରୋଧ ଅବସ୍ଥା । ପ୍ରାପ୍ତବୟସ୍କ ହୋଇଗଲେ ମଧ୍ୟ ଯଦି ଋତୁସ୍ରାବ ଚକ୍ର ଆରମ୍ଭ ନ ହେଲା ତେବେ ତାହାକୁ ମୌଳିକ ଆମେନୋରିଆ ଅବସ୍ଥା ବୋଲି ଧରାଯାଏ । କିନ୍ତୁ ଏହି ଚକ୍ର ଥରେ ଆରମ୍ଭ ହୋଇ ଯେବେ କୌଣସି କାରଣରୁ ଅସ୍ୱାଭାବିକ ଭାବେ ବନ୍ଦ ହୋଇଗଲା, ତେବେ ତାହା ହେଲା ଗୌଣ ଆମେନୋରିଆ । ଏଇଟି ଏମିତି କିଛି ଗୋଟାଏ ରୋଗ ନୁହେଁ । ମସ୍ତିଷ୍କରେ ଥିବା ହାଇପୋଥାଲାମସ୍, ପିଟୁଇଟାରୀ ଗ୍ରନ୍ଥି, ଡିମ୍ବାଶୟ ଓ ଗର୍ଭାଶୟ—ଏମାନଙ୍କ ଭିତରେ ଯେଉଁ ସୂକ୍ଷ୍ମ, ଜଟିଳ ତଥା ସମତୁଲ ନିୟନ୍ତ୍ରଣ ବ୍ୟବସ୍ଥା ରହିଛି, ସେଥିରେ କିଛି ଅସୁବିଧା ଦେଖାଦେଲେ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥାଏ । ଏହିସବୁ ଗ୍ରନ୍ଥି ଯଦି ବିପଦଗ୍ରସ୍ତ ହୋଇପଡ଼ିଲା ତେବେ ତା'ର ଫଳସ୍ୱରୂପ ମଧ୍ୟ ଏହା ଘଟେ । ଅତ୍ୟଧିକ ଶାରୀରିକ ସ୍ଥୂଳତା ଓ ସ୍ତ୍ରୀଜନନେନ୍ଦ୍ରିୟରେ ବାଧା ସାଙ୍ଗକୁ ଗର୍ଭଧାରଣ, କ୍ଷୀରକ୍ଷରଣ, ମେନୋପଜ୍ ଅବସ୍ଥାରେ ଆମେନୋରିଆ ଦେଖାଦିଏ । ଯଦି କୌଣସି ପ୍ରକାର ଆଙ୍ଗିକ କ୍ଷତି ଯୋଗୁଁ ନ ଘଟୁଛି, ତେବେ ଏହା ସାଧାରଣତଃ କ୍ଷତିକାରକ ନୁହେଁ ।

***ସମ୍ବନ୍ଧୀୟ ବିଷୟ***

*ଋତୁସ୍ରାବ, ଚିକିତ୍ସାବିଜ୍ଞାନ*

▷▷

## ଆମେରିକା

ପଶ୍ଚିମ ଗୋଲାର୍ଦ୍ଧରେ ଥିବା ଉତ୍ତର ଓ ଦକ୍ଷିଣ ଆମେରିକା ମହାଦେଶର ମିଳିତ ନାମ । ଏହି ଉଭୟ ମହାଦେଶର ଜଳବାୟୁ ପରିସ୍ଥିତି ସଂପୂର୍ଣ୍ଣ ଭିନ୍ନ ବୋଲି କୁହାଯାଇପାରେ । ଉତ୍ତର ଆମେରିକାର ଉତ୍ତର ଭାଗରେ ଆର୍କଟିକ୍ ଜଳବାୟୁ ଦେଖାଯାଉଥିଲା ବେଳେ ଦକ୍ଷିଣ ଭାଗରେ ଗ୍ରୀଷ୍ମମଣ୍ଡଳୀୟ ଅବସ୍ଥା ଦେଖାଦେଇଥାଏ । ଦକ୍ଷିଣ ଆମେରିକାରେ କିନ୍ତୁ ଏହାର ବିପରୀତଟି ହିଁ ଘଟିଥାଏ । ଏହି ଦୁଇଟି ମହାଦେଶର ସଂସ୍କୃତି ଓ ସଭ୍ୟତା ମଧ୍ୟ ସ୍ୱତନ୍ତ୍ର ।

ସମୁଦାୟ ଦକ୍ଷିଣ ଆମେରିକା, ୱେଷ୍ଟ-ଇଣ୍ଡିଜର ଅଧିକାଂଶ ଅଂଶ ତଥା ଉତ୍ତର ଆମେରିକାର ଗୋଟିଏ ଅଂଶ ଲାଟିନ ଆମେରିକା ଭାବରେ ଜଣା । କାନାଡ଼ା ଓ ଯୁକ୍ତରାଷ୍ଟ୍ର ଆମେରିକା ହେଲେ ଆଙ୍ଗ୍ଲୋ ଆମେରିକା । ମେକ୍ସିକୋ, କେନ୍ଦ୍ର ଆମେରିକା ତଥା ପଶ୍ଚିମ ଭାରତୀୟ ଦ୍ୱୀପପୁଞ୍ଜ ବା ୱେଷ୍ଟଇଣ୍ଡିଜର ଗୋଟିଏ ଛୋଟ ଅଂଶକୁ ମଧ୍ୟ ଆମେରିକା ବୋଲି କୁହାଯାଏ । ଜଣେ ଜର୍ମାନ୍ ଭୂଗୋଳବେତ୍ତା ପଣ୍ଡିତ ୧୫୦୭ ମସିହାରେ 'ଆମେରିକା' ଶବ୍ଦର ପ୍ରଥମ ବ୍ୟବହାର କରିଥିଲେ ।




'ଆମେରିକା'

ଏହାକୁ ମଧ୍ୟ 'ନୂତନ ପୃଥିବୀ' ବୋଲି ପ୍ରାୟ ସେହି ସମୟରୁ କୁହାହୋଇ ଆସୁଛି ।

***ସମ୍ବନ୍ଧୀୟ ବିଷୟ***

*ନୃତତ୍ତ୍ୱ, ଉତ୍ତର ଆମେରିକା, ଦକ୍ଷିଣ ଆମେରିକା, ୱେଷ୍ଟଇଣ୍ଡିଜ୍, କେନ୍ଦ୍ର ଆମେରିକା, ଇତିହାସ*

▷▷

## ଆମେରିକା ଲୋକ

ଦୁଇ ଆମେରିକା ମହାଦେଶରେ ଆଜି ଯେଉଁସବୁ ଲୋକ ଅଛନ୍ତି ପ୍ରାୟ ପାଞ୍ଚଶହ ବର୍ଷ ପୂର୍ବେ ସେମାନଙ୍କର କୌଣସି ପୂର୍ବପୁରୁଷ ସେ ଅଞ୍ଚଳରେ ନ ଥିଲେ । ସ୍ପେନୀୟ ଆବିଷ୍କାରକ କଲମ୍ବସ୍ ଯେତେବେଳେ ଭାରତ ବା ଇଣ୍ଡିଆ କେଉଁଠି ଥିବ ବୋଲି ଖୋଜିବାକୁ ବାହାରିଲେ ସେ ଇଉରୋପରୁ ଦକ୍ଷିଣ ଏବଂ ତାହାପରେ ପୂର୍ବମୁହାଁ ହୋଇ ନ ଯାଇ ସିଧା ସିଧା ଆଟ୍‌ଲାଣ୍ଟିକ ମହାସାଗରରେ ପଶ୍ଚିମ ମୁହାଁ ହୋଇ ଯାଇ ଗୋଟାଏ ଅଞ୍ଚଳକୁ ଦେଖିଲେ । ତାହାକୁ ସେ 'ଇଣ୍ଡିଆ' ବୋଲି ଭାବିନେଲେ ଓ ଇଉରୋପରେ ଆସି ସେ କଥା କହିଲେ । ସେଠାରେ ଯେଉଁ ମୂଳ ଅଧିବାସୀ ଥିଲେ ସେମାନଙ୍କୁ ଇଣ୍ଡିଆନ୍ ବୋଲି କହିଲେ । ପରେ ଇଉରୋପୀୟମାନେ ଯେତେବେଳେ ପ୍ରକୃତ ଭାରତ ବା ଇଣ୍ଡିଆକୁ ଦେଖିଲେ ସେତେବେଳେ ଆମେରିକାରେ ଯେଉଁମାନଙ୍କୁ ପ୍ରଥମେ ଦେଖିଥିଲେ ସେମାନଙ୍କୁ 'ରେଡ୍ ଇଣ୍ଡିଆନ' ବା ଲୋହିତ ଭାରତୀୟ ବୋଲି କୁହାଗଲା ।



ଯେଉଁ ଅଳ୍ପସଂଖ୍ୟକ ମୂଳ ଆମେରିକା ଲୋକ ତଥା ଲୋହିତ ଭାରତୀୟ ଆଜି ଆମେରିକାରେ ଅଛନ୍ତି, ସେମାନେ ଆଧୁନିକ ଆମେରିକୀୟ ସମାଜ ସହିତ ଖାପ ଖାଇଗଲେଣି ।

ବହୁ ହଜାର ବର୍ଷ ପୂର୍ବେ ଆମେରିକା ମହାଦେଶରେ ଯେଉଁସବୁ ଲୋକ ଥିଲେ ସେମାନଙ୍କୁ ଆଙ୍ଗୁଠିରେ ଗଣି ହୋଇଯିବ । ପରେ ଏସିଆ ମହାଦେଶରୁ କେତେକ ଲୋକ ଏକାବେଳକେ ଉତ୍ତର ଅଞ୍ଚଳ ବାଟେ ଆଲାସ୍କାରେ ଯାଇ ପହଞ୍ଚିଗଲେ । ସେଠାରେ ଥିବା ସମୁଦ୍ର ବର୍ଷର ଅଧିକାଂଶ ସମୟରେ ବରଫ ପାଲଟି ଯାଇଥାଏ । ତେଣୁ ସେହିବାଟେ ଉତ୍ତର ଆମେରିକା ମହାଦେଶକୁ ଚାଲିଯିବା ସହଜ ହେଲା । ଆଲାସ୍କାରୁ ସେମାନେ ଦକ୍ଷିଣ ମୁହାଁ ହୋଇ ସେହି ମହାଦେଶର ପଶ୍ଚିମ ଅଂଶକୁ ଚାଲିଲେ । ସେହିମାନଙ୍କୁ ଆମେରିକାର ମୂଳ ଅଧିବାସୀ ବୋଲି କୁହାଯାଏ । ଏମାନେ ଥିଲେ ପ୍ରସ୍ତର ଯୁଗର ଲୋକ । ଶିକାର କରି ଚଳି ଯାଉଥିଲେ । ସବୁଦିନେ ରହିବା ପାଇଁ ଘରଦ୍ୱାର ନ କରି ବୁଲାଜୀବନ କଟାଉଥିଲେ । ଅଳ୍ପ ଅଳ୍ପ ଲୋକ ଗୋଟାଏ ଗୋଟାଏ ଗୋଷ୍ଠୀ ବାନ୍ଧି ହୁଏତ ଚଳୁଥିଲେ । ଏସିଆର ବୁଦ୍ଧିମାନ ଲୋକ ହୋଇଥିବାରୁ ସେମାନଙ୍କର ଥିଲା ଦକ୍ଷ କାରିଗରି ହାତ । ତେଣୁ ସେମାନଙ୍କର ହାତର ତିଆରି ଚିତ୍ରର ପ୍ରମାଣ ଏବେ ମଧ୍ୟ ରହିଛି ।

ଏହିଭଳି ଭାବରେ କେତେ ହଜାର ବର୍ଷ କଟିଗଲା ଓ କ୍ରମେ ଇଉରୋପୀୟମାନେ ଯାଇ ସେଠାରେ ପହଞ୍ଚିଗଲେ । ଦୁଇ ବିରାଟ ମହାଦେଶ ଓ ତା' ନିକଟରେ ଥିବା ବହୁ ସଂଖ୍ୟକ ଦ୍ୱୀପରେ ଯେତେକ ଲୋକ ଥିଲେ, ସେମାନଙ୍କର ସଂଖ୍ୟା ୫୦ ଲକ୍ଷରୁ ଅଧିକ ନଥିଲା ବୋଲି ଇଉରୋପୀୟ ମାନେ ସେତେବେଳେ ହିସାବ କଲେ । ଆଜିର ଯୁକ୍ତରାଷ୍ଟ୍ର ଆମେରିକା ଓ କାନାଡ଼ାରେ ଖୁବ୍ ହେଲେ ଆଠ ଦଶ ଲକ୍ଷ ଲୋକ ସେତେବେଳେ ଥିଲେ ।

ଇଉରୋପୀୟମାନେ ଦୁଇ ଆମେରିକା ଅଞ୍ଚଳରେ ପହଞ୍ଚିଲା ପରେ ମୂଳ ଅଧିବାସୀଙ୍କ ସଂଖ୍ୟା କମାଇ ଦେବାପାଇଁ ନାନା କୌଶଳ କଲେ ଓ ସେ ଦିଗରେ ସେମାନେ ସଫଳ ମଧ୍ୟ ହେଲେ । ତେଣୁ ଏବେ ଦେଖାଯାଉଛି ଯେ ଏହି ଉତ୍ତର ଆମେରିକା ମହାଦେଶ ହୋଇଯାଇଛି ସଂପୂର୍ଣ୍ଣ ଇଉରୋପୀୟମାନଙ୍କ ଦେଶ । ଯେଉଁ ଲକ୍ଷ ଲକ୍ଷ, କୋଟି କୋଟି ଲୋକଙ୍କୁ ନେଇ ସେମାନେ ଦାସ ଭଳି ଖଟାଉଥିଲେ ଅବଶ୍ୟ ସେହି ମାନଙ୍କ ବଂଶଧର ମଧ୍ୟ ଅଛନ୍ତି । କାରଣ ସେମାନେ ଆଉ ନିଜ ମୂଳଦେଶକୁ ଫେରିଯିବାର ପ୍ରଶ୍ନ ନାହିଁ । ଯେଉଁ ଅଳ୍ପ କେତେକ ଲୋକ ଆରମ୍ଭରୁ ଥିଲେ ସେମାନେ ବଦଳି ଗଲେଣି କହିଲେ ଚଳେ । ଇଉରୋପର ଭାଷା, ଚାଲିଚଳନ, ସଭ୍ୟତା ସେମାନଙ୍କୁ ଇଉରୋପୀୟ ଛାଞ୍ଚରେ ପକାଇ ଦେଲାଣି ।

**ସମ୍ବନ୍ଧୀୟ ବିଷୟ**

*ପୃଥିବୀ, ଉତ୍ତର ଆମେରିକା, ନୃତତ୍ତ୍ୱ, ମାନବ ସଭ୍ୟତା, ଦକ୍ଷିଣ ଆମେରିକା, ଏସିଆ*

▷▷

## ଆମେରିକୀୟ ଗୃହଯୁଦ୍ଧ

୧୮୬୧ ରୁ ୬୫ ମସିହା ଭିତରେ ଯୁକ୍ତରାଷ୍ଟ୍ର ଆମେରିକାରେ ଘଟିଥିବା ଗୃହଯୁଦ୍ଧ । ସଂଘୀୟ ସରକାରରୁ ସ୍ୱତନ୍ତ୍ର ହୋଇଯିବା ନିମନ୍ତେ ୧୧ଟି ଆମେରିକୀୟ ପ୍ରଦେଶଙ୍କ ଉଦ୍ୟମରୁ ଏହାର ସୂତ୍ରପାତ ହୋଇଥିଲା । ଅର୍ଥନୈତିକ କାରଣ ସାଙ୍ଗକୁ ଦାସପ୍ରଥା ଭଳି ଗୋଟିଏ ଘୃଣ୍ୟ ପ୍ରଥା ଜନିତ କାରଣ ମଧ୍ୟ ଏହି ଗୃହଯୁଦ୍ଧ ମୂଳରେ ନିହିତ ଥିଲା । ଦକ୍ଷିଣ କାରୋଲାଇନାର ଚାର୍ଲସଟନ୍ ଠାରେ ଏପ୍ରିଲ ମାସ ୧୨ ତାରିଖରେ ଏହି ଗୃହଯୁଦ୍ଧ ଆରମ୍ଭ ହୋଇଥିଲା । ପ୍ରେସିଡେଣ୍ଟ ଆବ୍ରାହାମ୍ ଲିଙ୍କନ୍‌ଙ୍କ ନେତୃତ୍ୱରେ କିନ୍ତୁ ସଂଘୀୟ ସରକାର ଶେଷରେ ବିଜୟୀ ହେଲେ ।

**ସମ୍ବନ୍ଧୀୟ ବିଷୟ**

*ଯୁକ୍ତରାଷ୍ଟ୍ର ଆମେରିକା*

▷▷

## ଆମେରିସିଅମ୍

ଏଇଟି ଗୋଟିଏ ସଂଶ୍ଳେଷିତ ରାସାୟନିକ ମୌଳିକ ଉପାଦାନ । ଆମେରିସିଅମ୍ ପ୍ରକୃତିରେ ମିଳେ ନାହିଁ । ୧୯୪୪ ମସିହାରେ କୃତ୍ରିମ ଉପାୟରେ ଏହାକୁ ପ୍ରଥମ କରି ପ୍ରସ୍ତୁତ କରାଯାଇଥିଲା । ଆମେରିସିଅମ୍ ଧାତୁ ଦେଖିବାକୁ ରୁପା ଭଳି ଧଳା । ଏହାର ଔଦ୍ୟୋଗିକ ଉପଯୋଗ ରହିଛି ।

| | |
|---|---|
| ପାରମାଣବିକ ନମ୍ବର | ୯୫ |
| ଗଳନାଙ୍କ | ୮୫୦° ସେ. ଉପରେ |
| ଯୋଜ୍ୟତା | ୨,୩,୪,୫,୬ |

**ସମ୍ବନ୍ଧୀୟ ବିଷୟ**

*ମୌଳିକ ଉପାଦାନ*

▷▷

## ଆମୋନିଆ

ଜମିରେ ସାର ଦିଆଯାଏ ତାକୁ ଉର୍ବର କରିବା ପାଇଁ । ପ୍ରକୃତି ଏଥିପାଇଁ ଦେଇଛି ଗୋବର, ପଙ୍କ, ନାନା ପ୍ରକାରର ଅଳିଆ, ପାଉଁଶ ଓ ସେହିଭଳି ଆଉ କେତେକ ପଦାର୍ଥ । ମଣିଷ କିନ୍ତୁ ଏସବୁ ସାଙ୍ଗକୁ କେତେପ୍ରକାରର ସାର ବ୍ୟବହାର କରୁଛି । ସେତିକିବେଳେ ସେ ଗୋଟିଏ ଗ୍ୟାସ୍ ତିଆରି କରି ତାକୁ ଜମିରେ ବ୍ୟବହାର କରୁଛି । ଯବକ୍ଷାରଜାନ, ଉଦ୍‌ଜାନରେ ଏହି ଗ୍ୟାସ୍ ତିଆରି । ତା'ର ନାମ ଆମୋନିଆ । ନାଇଲନ ଭଳି କୃତ୍ରିମ ସୂତା କପଡ଼ା ତିଆରି କଲାବେଳେ ଏହା ଲୋଡ଼ା ପଡୁଛି । ତୁଳା, ପଶମ ଓ ସିଲ୍‌କକୁ ରଙ୍ଗ କରିବା ପାଇଁ ଏହାର ସାହାଯ୍ୟ ନିଆଯାଉଛି । ରବର ଶିଳ୍ପ ଓ ପେଟ୍ରୋଲିୟମ ଶୋଧନ ଶିଳ୍ପରେ ଏହାକୁ ଖୋଜା ପଡ଼ିଛି । ମିଶ୍ରଧାତୁ ତିଆରି ପାଇଁ ଏହା ଲୋଡ଼ା । ଡିଟରଜେଣ୍ଟ ପାଉଡର ତିଆରିରେ ଆମୋନିଆ ଭାଗର ଆବଶ୍ୟକତା ରହିଛି । ୧୭୭୪ ମସିହାରେ ଯୋଶେଫ ପ୍ରିଷ୍ଟଲି ଏହାକୁ ପ୍ରଥମେ ତିଆରି କରିଥିଲେ ।

**ସମ୍ବନ୍ଧୀୟ ବିଷୟ**

*ରସାୟନବିଜ୍ଞାନ, ସାର, କୃଷି, ଔଦ୍ୟୋଗିକ ଉପାଦାନ*

▷▷

## ଆମ୍ପିଅର, ଆନ୍ଦ୍ରେମାରି (୧୭୭୫-୧୮୩୬)

ବିଦ୍ୟୁତ୍ କରେଣ୍ଟର ମୌଳିକ ଇଉନିଟ୍ 'ଆମ୍ପିଅର' ଏହି ପ୍ରସିଦ୍ଧ ଫରାସୀ ଗଣିତଜ୍ଞ ଓ ପଦାର୍ଥବିଦ୍ୟାବିତ୍‌ଙ୍କ ନାମରେ ନାମିତ । ଫ୍ରାନ୍ସର ଲୟନସ୍ ଠାରେ ସେ ଜନ୍ମ ହୋଇଥିଲେ । ୧୮୨୦ ମସିହାରେ ବିଦ୍ୟୁତ୍‌ର ଚୁମ୍ବକୀୟ ଗୁଣଧର୍ମ କଥା ଜଣାପଡ଼ିଗଲା ପରେ ଆମ୍ପିଅର ସେ ଦିଗରେ

କାମ କରି ଇଲେକ୍‌ଟ୍ରୋଡାଇନାମିକ୍‌ସ୍ ବା 'ବିଦ୍ୟୁତ୍ ଗତିକ' ବିଦ୍ୟାର ମୂଳଦୁଆ ପକାଇଥିଲେ ।

***ସମ୍ବନ୍ଧୀୟ ବିଷୟ***

*ପଦାର୍ଥବିଜ୍ଞାନ, ବିଦ୍ୟୁତ୍*

▷▷

## ଆମ୍ପୁଟେସନ

ଶରୀରର କୌଣସି ଅଙ୍ଗ ବା ଅଂଶକୁ ବାଦ୍ ଦେଇଦେବା କ୍ରିୟା ହେଲା ଆମ୍ପୁଟେସନ ବା ଅଙ୍ଗଚ୍ଛେଦନ । ଚିକିତ୍ସା ନିମନ୍ତେ ଅପରେସନ ଦ୍ୱାରା ଶରୀରର କୌଣସି ଅଙ୍ଗ, ବିଶେଷ କରି ହାତ ବା ଗୋଡ଼କୁ କାଟିଦେବା କ୍ଷେତ୍ରରେ କିନ୍ତୁ ଏହି ଶବ୍ଦଟିର ସାଧାରଣତଃ ପ୍ରୟୋଗ କରାଯାଇଥାଏ । ଆଘାତ, ସଂକ୍ରମଣ, ଅର୍ବୁଦ, ଅନିୟନ୍ତ୍ରିତ ଡାଇବେଟିସ କିମ୍ବା ପର୍ଯ୍ୟାପ୍ତ ପରିମାଣର ରକ୍ତ ସଞ୍ଚାଳନ ନ ହୋଇ ପାରିବା ଭଳି କ୍ଷେତ୍ରରେ ସର୍ଜିକାଲ ବା ଶଲ୍ୟ ଆମ୍ପୁଟେସନର ଆବଶ୍ୟକ ପଡ଼ିଥାଏ । ବେଳେବେଳେ କାମ କରୁନଥିବା ବା ଅତିମାତ୍ରାରେ କଦାକାର କୌଣସି ଶରୀର ଅଂଶକୁ ମଧ୍ୟ ଏହି ଉପାୟରେ ବାହାର କରିଦିଆଯାଇଥାଏ । କୌଣସି ଗୋଟିଏ ବା ଏକାଧିକ ଅଙ୍ଗ ନ ଥାଇ ଜନ୍ମ ହୋଇଥିବା ବ୍ୟକ୍ତିଙ୍କ କ୍ଷେତ୍ରରେ 'ଜନ୍ମଗତ ଆମ୍ପୁଟେସନ' ଶବ୍ଦର ପ୍ରୟୋଗ କରାଯାଏ । ଆଧୁନିକ ଚିକିତ୍ସାବିଜ୍ଞାନରେ ଅଗ୍ରଗତି ଫଳରେ ଅତି ଅଧିକ ପରିମାଣରେ ଆଘାତପ୍ରାପ୍ତ ଅଙ୍ଗ ସବୁକୁ ମଧ୍ୟ ପୁନଃନିର୍ମାଣ କରିଦିଆଯାଇ ପାରୁଥିବାରୁ ଜୀବନ ରକ୍ଷା ନିମନ୍ତେ ଆମ୍ପୁଟେସନ କରିବାର ଆବଶ୍ୟକତା ତୁଳନାତ୍ମକ ଭାବେ ହ୍ରାସ ପାଇଯିବାକୁ ଲାଗିଲାଣି ।

***ସମ୍ବନ୍ଧୀୟ ବିଷୟ***

*ଚିକିତ୍ସାବିଜ୍ଞାନ, ଅପରେସନ, ଅଙ୍ଗ ଓ ଅଙ୍ଗଗଠନ, ଅଙ୍ଗରୋପଣ, ଅଙ୍ଗ (କୃତ୍ରିମ)*

▷▷

## ଆମ୍ବ

ପୃଥିବୀର ବିଭିନ୍ନ ଅଞ୍ଚଳରେ ଯେଉଁସବୁ ଫଳ ଖିଆଯାଏ ତା' ଭିତରେ ଗ୍ରୀଷ୍ମ ପ୍ରଧାନ ଅଞ୍ଚଳରେ ଆମ୍ବର ଗୋଟାଏ ମହତ୍ତ୍ୱପୂର୍ଣ୍ଣ ସ୍ଥାନ ରହିଛି । ପାଚିଲେ ଏହାକୁ ତ ସମସ୍ତେ ଆନନ୍ଦରେ ଖାଆନ୍ତି, ପାଚିଲା ପୂର୍ବରୁ ମଧ୍ୟ ନାନା ପ୍ରକାରରେ ଏହାକୁ ବ୍ୟବହାର କରନ୍ତି । ଅତି ଛୋଟ ଛୋଟ ହୋଇଥିଲା ବେଳେ ତାକୁ ଭାଙ୍ଗିଆଣି ପଖାଳରେ ତା' ନାସି ପକାଇ ଦେଲେ ପଖାଳ ବାସେ । ଆଉ ଟିକିଏ ବଡ଼ ହୋଇଗଲେ ତାକୁ ଛେଚି ଚଟଣି କରାଯାଏ । ତା' ଠାରୁ ଟିକିଏ ବଡ଼ ହେଲେ ଦି'ଫାଳ ଲେଖା କରିଦେଇ 'ଲୁଣି ଆମ୍ବୁଲ' କରାଯାଏ । ଟାକୁଆ ଟିକିଏ ଟାଣ ହୋଇଗଲେ ଆମ୍ବଟାକୁ ଦି'ଫାଳ କରି ଆମ୍ବୁଲ ତିଆରି ହୁଏ । ଟାକୁଆ ଆହୁରି ଟାଣ ହୋଇଗଲେ ଗୋଟା ଅବସ୍ଥାରେ ଗ୍ରିରି ଫାଳ କରି ସୋରିଷ ଗୁଣ୍ଡ ଦେଇ ଆଗ୍ରର କରାଯାଏ । ଏହିସବୁ ଆମ୍ବ ଆଗ୍ରର ବର୍ଷ ତମାମ୍ ରହିଥାଏ । ଆମ୍ବ ପାଚିଗଲେ ଖିଆଯାଏ । ଯଦି ବେଶୀ ଗୁଡ଼ାଏ ରହିଗଲା ରସ ଚୁପୁଡ଼ି ଆମ୍ବସଢ଼ା କରାହୁଏ । ଅନ୍ୟ କୌଣସି ଫଳ ବୋଧହୁଏ ଏତେ ପ୍ରକାରର ଖାଦ୍ୟ ଉପାଦାନ ଯୋଗାଇ ନାହିଁ । କଲମି ଗଛ ତୁଳନାରେ ଦେଶୀ ଆମ୍ବ ଗଛ ଖୁବ୍ ଉଚ୍ଚ ହୁଏ । ବହୁବର୍ଷ ପର୍ଯ୍ୟନ୍ତ ରହେ । ଏଥିରେ ପେଣ୍ଡା ପେଣ୍ଡା ବଉଳ ହୁଏ । ତାହା ହେଉଛି ଆମ୍ବର ଫୁଲ ।

ପର୍ତ୍ତୁଗୀଜମାନେ ଯେତେବେଳେ ଆସି ତାମିଲ ଭାଷାଭାଷୀ ଲୋକଙ୍କ ପାଖରେ ପହଞ୍ଚିଲେ ସେତେବେଳେ ଏହି ଫଳକୁ ଦେଖିଲେ । ତା' ନାଁ ପଗ୍ଗରିଲାରୁ ଉତ୍ତର ପାଇଲେ—'ମାଙ୍କେ' ବା 'ମାଙ୍ଗେ' । ପର୍ତ୍ତୁଗୀଜମାନେ ତା'ରି ଉଚ୍ଚାରଣ କଲେ ମାଙ୍ଗା । ସେଇଥିରୁ ମାଙ୍ଗୋ ଶବ୍ଦଟିର ସୃଷ୍ଟି । ପରେ ସେମାନେ ଚେଷ୍ଟା କରିଥିଲେ ଆମ୍ବଟାକୁଆ ନେଇ ଆମେରିକା ମହାଦେଶରେ ଉତାରିବେ ବୋଲି । କିନ୍ତୁ ସେତେବେଳେ ପହଞ୍ଚିବା ପାଇଁ ଜାହାଜରେ ବହୁତ ଦିନ ଲାଗିଯାଉଥିଲା ଓ ସେତେବେଳକୁ ଆମ୍ବଟାକୁଆ ଶୁଖି ଯାଇ ଗଜା ବାହାରୁ ନଥିଲା । ତା' ପରେ ଛୋଟ ଛୋଟ ଗଛ ନେଇ ସେମାନେ ପ୍ରାୟ ୩୦୦ ବର୍ଷ ତଳେ ବ୍ରାଜିଲ ଦେଶରେ ଲଗାଇଲେ । ଦକ୍ଷିଣ ଆମେରିକା ମହାଦେଶରେ ଥିବା କେତେକ ଦେଶରେ ତାହା ଉଧେଇଲା ।



ଜାତୀୟ ଆମ୍ବ ପ୍ରଦର୍ଶନୀରେ ପ୍ରଦର୍ଶିତ ହୋଇଥିବା ସବୁଠାରୁ ଛୋଟ ଆମ୍ବ 'ମୋତି ଦାନା' ।

ଅତି ଛୋଟ ଛୋଟ ଆମ୍ବ ଅଛି । ସେଗୁଡ଼ିକୁ କୁହାଯାଏ ଖୁରୁଡ଼ି । କିଲେ—ଦି'କିଲୋର ଆମ୍ବ ମଧ୍ୟ ରହିଛି । ସେମିତି ନାନା ଆକାରର ଫଳ ଦେଖିବାକୁ ମିଳେ । ସେଗୁଡ଼ିକୁ ଓଡ଼ିଶାରେ ଗୋଟିଏ ଗୋଟିଏ ନାଁ ଦିଆଯାଇଛି । ମଣିଷ ମୁଣ୍ଡିଆ, ନାକେଇ, ନାକ ଚେପ୍‌ଟା—ଏହିଭଳି କେତେ କଅଣ ଅଛି । ସୁଆଦ ଓ ଆକାରକୁ ନେଇ ମିଠେଇ, ନୀଲମ, ବାଇଗଣପଲେଇ, ଆଖୁରସ, ଆମ୍ରପଲ୍ଲୀ, ଆଲ୍‌ଫାନ୍‌ସୋ, ଲେଙ୍ଗଡ଼ା, ଚିରେଇ ଇତ୍ୟାଦି ହେଉଛି ଗୋଟିଏ ଗୋଟିଏ ନାଁ । ଏ ଫଳର ଭିନ୍ନ ଭିନ୍ନ ରଙ୍ଗ ରହିଛି । ସୁନ୍ଦରୀ ଆମ୍ବ ଦେଖିବାକୁ ସୁନ୍ଦର । ନାଲି, ହଳଦିଆ, ଶାଗୁଆ ମିଶାମିଶି ରଙ୍ଗର ବହୁ ପ୍ରକାରର ଦେଖିବାକୁ ମିଳେ । ଭିତର ଶସଟା ହଳଦିଆସିଆ ନାଲିଆସିଆ, କମଳା ରଙ୍ଗର । ଆମ୍ବ ରସ ଭିତରେ ଫଳ ଶର୍କରା ବହୁ ପରିମାଣରେ ଅଛି । ଏ, ସି ଓ ଡି ଭିଟାମିନ୍ ପ୍ରଚୁର ପରିମାଣରେ ରହିଥାଏ । କାଲୋରି ଥାଏ କଞ୍ଚାରେ ଶତକଡ଼ା ପ୍ରାୟ ୪୪ ଓ ପାଚିଲାରେ ପ୍ରାୟ ୭୪ ।

ଭାରତରେ କେତେ ଯେ ଗୀତ, ଢଗଢମାଳି ମଉଜିଆ ମଉଜିଆ କଥା ଆମ୍ବ ଫଳ, ପତ୍ର, କଢ଼କୁ ମୂଳ କରି ଲେଖାଯାଏ ତା'ର ଠିକଣା ନାହିଁ । ବହୁ ଶୁଭ କାମରେ ଆମ୍ବ ଡାଳଟିଏ ଦରକାର ହୁଏ । ବୁଦ୍ଧଦେବ ଛାଇ ତଳେ ବସି ଲୋକଙ୍କୁ ଉପଦେଶ ଦେବେ ଓ ଚିନ୍ତାମଗ୍ନ ରହିବେ ବୋଲି ତାଙ୍କ ପାଇଁ ଗୋଟିଏ ମନୋରମ ଆମ୍ବ ତୋଟା କରାଯାଇଥିଲା ବୋଲି ବର୍ଣ୍ଣନା ଅଛି ।

ଆମ୍ବକୁ ଇଂରାଜୀରେ 'ମାଙ୍ଗୋ' ବୋଲି କୁହନ୍ତି । ସ୍ପେନୀୟ ଭାଷାରେ ମଧ୍ୟ ସେଇ ନାମ ।

ପ୍ରାୟ ୪୦୦ ବର୍ଷ ତଳୁ ଭାରତରେ 'ଆମ୍ବ ଗ୍ରଷ' କରାଯାଉଛି । ଏବେ ବହୁସଂଖ୍ୟକ କଲମି ଗଛ ଲଗାଯାଉଛି ଓ ଖୁବ୍‌ହେଲେ ଗ୍ରିରି ପାଞ୍ଚ ବର୍ଷରେ ପୂରା ଫଳିବା ଦେଖାଯାଉଛି । ଏହାପାଇଁ ସେମିତି କିଛି ଖାସ୍ ମାଟି ଦରକାର ନାହିଁ । କିନ୍ତୁ ମାଟି ଗୁଣେ ଫଳର ସୁଆଦ ବଢ଼େ । ଏ ଗଛର ଗୋଟାଏ ବିପଦ ହେଉଛି କୁହୁଡ଼ି । ଆମ୍ବ ଡାଳରେ ଗୋଟାଏ ରକମ କୀଟ ଥାଆନ୍ତି । କୁହୁଡ଼ି ହେଲେ ସେମାନଙ୍କ ସଂଖ୍ୟା ଅତି ଅଳ୍ପ ଦିନେ ହୁହୁ ହୋଇ ବଢ଼ିଯାଏ ଓ ବଉଳ କଳା ପଡ଼ିଯାଏ । ସେମିତି ହେଲେ ଆଉ ଗୋଟିଏ ସୁଦ୍ଧା ଆମ୍ବ ରହେନାହିଁ । ଗଛକୁ ଏହି ବିପଦରୁ ରକ୍ଷା କରିବା ପାଇଁ କିଛି ଉପାୟ ବାହାର କରାଗଲାଣି ଓ ଏବେ କରାଯାଉଛି ମଧ୍ୟ । କେବଳ ଭାରତବର୍ଷରେ ପ୍ରାୟ ୧୦୦୦ ଜାତିର ଆମ୍ବ ମିଳେ ।

***ସମ୍ବନ୍ଧୀୟ ବିଷୟ***

*ଉଦ୍‌ଭିଦବିଜ୍ଞାନ, କୃଷି, ଖାଦ୍ୟ, ଫଳ, ଋତୁ, ପର୍ବପର୍ବାଣୀ, ଭାରତୀୟ ସଂସ୍କୃତି, ଉଦ୍ୟାନବିଜ୍ଞାନ, ସାହିତ୍ୟ*

▷▷

## ଆମ୍ବର

ଏଇଟି ହେଲା ଗୋଟିଏ ଫସିଲାଇଜଡ୍ ବା ପ୍ରସ୍ତରୀଭୂତ ଝୁଣାଜାତୀୟ ପଦାର୍ଥ । ଆରବୀ ଶବ୍ଦ 'ଆନ୍‌ବାର୍'ରୁ ସ୍ପେନୀୟମାନଙ୍କ ଦ୍ୱାରା ଏହି ନାମ ଆସିଛି । ଆମ୍ବରର ବହୁବିଧ ବ୍ୟବହାର ଅନେକ ଦିନୁ ରହିଆସିଛି । ମୟା ଓ ଆଜ୍‌ଟେକମାନେ ଏହାକୁ ଅଳଙ୍କାର ଭାବେ ବ୍ୟବହାର କରୁଥିଲେ ।



'କ୍ରେଟାସିଅସ ଯୁଗ'ର ଏହି ତିନୋଟି ଫୁଲ ନଅକୋଟି ବର୍ଷ ହେଲା ଆମ୍ବର ଦେହରେ ଅକ୍ଷତଭାବରେ ସାଇତି ହୋଇ ରହିଛି ।

ଜୀବାଶ୍ମ ବିଜ୍ଞାନୀମାନଙ୍କ ପାଖରେ କିନ୍ତୁ ଆମ୍ବରର ସ୍ୱତନ୍ତ୍ର ଗୁରୁତ୍ୱ ରହିଛି । ବହୁ କୀଟପତଙ୍ଗ, ଉଦ୍‌ଭିଦ ତଥା ଛୋଟ ଛୋଟ ପ୍ରାଣୀଙ୍କ ଜୀବାଶ୍ମ ବା ଫସିଲ ଆମ୍ବର ଦେହରେ ପ୍ରକୃତି ସାଇତି ରଖିଦେଇଛି । ୧୯୯୬ ମସିହାରେ ପ୍ରକାଶ ପାଇଛି ଯେ ଜଣେ ଆମେରିକୀୟ ଏଣ୍ଟୋମୋଲଜିଷ୍ଟ ପ୍ରାୟ ୯୦୦୦୦୦୦୦ ବର୍ଷ ତଳର ତିନୋଟି ଓକ୍‌ଜାତୀୟ ଉଦ୍‌ଭିଦର ଫୁଲର ଆମ୍ବର ଫସିଲ ପାଇପାରିଛନ୍ତି । ଏ ପର୍ଯ୍ୟନ୍ତ ମିଳିଥିବା ଏହି ଧରଣର ଫସିଲ ଭିତରେ ଏହା ସବୁଠାରୁ ପୁରାତନ ।

ଆମ୍ବରର ନାମ ଅନୁସାରେ ତା'ର ରଙ୍ଗ ବୋଲି ସାଧାରଣତଃ ଧରାଯାଉଥିଲେ ମଧ୍ୟ ପ୍ରାୟ ୨୫୦ ଟି ରଙ୍ଗରେ ଏହି ପଦାର୍ଥଟି ମିଳିଥାଏ । ଦୁଧ ଭଳି ଧଳା, ଗାଢ଼ ଲୋହିତ, ନୀଳ ଓ ସବୁଜ ରଙ୍ଗର ଆମ୍ବର ମଧ୍ୟ ରହିଛି ।

***ସମ୍ବନ୍ଧୀୟ ବିଷୟ***

*ଭୂବିଜ୍ଞାନ, ଜୀବାଶ୍ମ, ଜୀବବିଜ୍ଞାନ, ଅଳଙ୍କାର, ମାନବସଭ୍ୟତା, ଇଭୋଲୁସନ*

▷▷

## ଆମ୍ବାସାଡର୍

ଗୋଟିଏ ରାଷ୍ଟ୍ରର ଅନ୍ୟ ରାଷ୍ଟ୍ରରେ କୂଟନୈତିକ ପ୍ରତିନିଧିତ୍ୱ କରୁଥିବା ସର୍ବୋଚ୍ଚ ପଦବୀଧାରୀ ବ୍ୟକ୍ତି । ଆମ ଭାଷାରେ ଏହି ଶବ୍ଦଟିର ଅନୁବାଦ ରାଷ୍ଟ୍ରଦୂତ ବୋଲି କରାଯାଉଛି । ଆଧୁନିକ ସଞ୍ଚାଳନ ସୁବିଧାସବୁ ଉପଲବ୍ଧ ହେବା ଆଗରୁ ଏମାନଙ୍କୁ ନିଜ ନିଜ ଦେଶ ପକ୍ଷରୁ ପ୍ରଭୂତ କ୍ଷମତା ଦିଆଯାଉଥିଲା—ଏଭଳିକି ଗୋଟାଏ ଦେଶ ସହିତ ସନ୍ଧି କରିବାର ଦାୟିତ୍ୱ ମଧ୍ୟ ଏମାନେ ନିଜେ ବହନ କରୁଥିଲେ । ସେ ସମୟରେ ନିଜ ଦେଶ ସହିତ ଘନ ଘନ ପରାମର୍ଶ କରିବାର ସୁଯୋଗ ନଥିବାରୁ ଏଭଳି ଦାୟିତ୍ୱ ସେମାନଙ୍କୁ ଦେଇଦିଆଯାଉଥିଲା ।

ପୂର୍ବେ ଭାରତରେ ରାଜାମାନେ, ଶାସକମାନେ କୌଣସି ଗୋଟିଏ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ସାଧନ ପାଇଁ ବା ସ୍ୱତନ୍ତ୍ର ଖବର ଦେଇ 'ଦୂତ' ପଠାଉଥିଲେ । ସେମାନେ କିନ୍ତୁ ସ୍ଥାୟୀ ଭାବରେ ସେସବୁ ଦେଶରେ ରହୁ ନ ଥିଲେ । ଚତୁର୍ଦ୍ଦଶ-ପଞ୍ଚଦଶ ଶତାବ୍ଦୀ ବେଳକୁ କିନ୍ତୁ ଇଉରୋପରେ ବିଭିନ୍ନ ରାଜ୍ୟ ଭିତରେ ସ୍ଥାୟୀ ଦୂତ ବିନିମୟ ବ୍ୟବସ୍ଥା ହେଲା । ଦେଶର ଗୁରୁତ୍ୱ ଦୃଷ୍ଟିରୁ ସ୍ଥିର କରାଯାଏ କେଉଁ ଶ୍ରେଣୀର ବା କିଭଳି ଯୋଗ୍ୟତାସଂପନ୍ନ ଲୋକଙ୍କୁ ସେଠାକୁ ରାଷ୍ଟ୍ରଦୂତ କରି ପଠାଯିବ । ଆମ୍ବାସାଡର୍‌ଙ୍କ ଅଫିସ ତଥା ବାସଭବନ 'ଦୂତାବାସ' ଭାବେ ପରିଚିତ ଓ ପ୍ରତିନିଧିତ୍ୱ କରୁଥିବା ଦେଶରେ ସେ ବହୁ ସ୍ୱତନ୍ତ୍ର ସୁବିଧାର ଅଧିକାରୀ ହୋଇଥା'ନ୍ତି ।

***ସମ୍ବନ୍ଧୀୟ ବିଷୟ***

*କୂଟନୀତି, ଆନ୍ତର୍ଜାତୀୟ ସଂପର୍କ, ଡିପ୍ଲୋମାଟିକ ଇମିଉନିଟି*

▷▷

## ଆମ୍ବୁଲାନ୍‌ସ

ଏବେ ସିନା ଭିନ୍ନ ପ୍ରକାରର ଯୁଦ୍ଧ ହେଉଛି, ଦେଢ଼ଶହ ବର୍ଷ ପୂର୍ବେ କିନ୍ତୁ ଉଭୟ ପକ୍ଷର ସୈନ୍ୟ ଅନେକ ସମୟରେ ଯୁଦ୍ଧକ୍ଷେତ୍ରରେ ମୁହାଁମୁହିଁ ହୋଇଯାଉଥିଲେ । ଯେଉଁ ସୈନ୍ୟମାନେ ଆହତ ହେଉଥିଲେ ସେମାନଙ୍କୁ ଶୀଘ୍ର ଯୁଦ୍ଧକ୍ଷେତ୍ରରୁ ନେଇଯାଇ ଚିକିତ୍ସା କରିବା ଥିଲା ଗୋଟାଏ ସମସ୍ୟା । ତେଣୁ ଡାକ୍ତରମାନଙ୍କ ସହ ବଡ଼ ବଡ଼ ଗାଡ଼ିରେ ଔଷଧପତ୍ର, ଯନ୍ତ୍ରପାତି ରଖି ଯେଉଁଠି ସୈନ୍ୟମାନେ ଲଢୁଛନ୍ତି ସେଠାକୁ ପଠାଇ ଦିଆଯାଉଥିଲା । ସେଗୁଡ଼ିକୁ ଚଳନ୍ତି ଡାକ୍ତରଖାନା ବୋଲି କୁହାଯାଉଥିଲା । ସେତିକିବେଳେ ଜଣେ ତାକୁ ନାମ ଦେଲେ 'ଆମ୍ବୁଲାଣ୍ଟ' ବୋଲି । ଏହି



ଆଧୁନିକ ମଟର ଆମ୍ବୁଲାନ୍‌ସ ଭିତରର ଦୃଶ୍ୟ । ରୋଗୀକୁ ବହନ କରି ନେଉଥିବା ସମୟରେ ଜରୁରୀ ଅବସ୍ଥାର ସମ୍ମୁଖୀନ ହେବା ପାଇଁ ବ୍ୟବସ୍ଥା ସବୁ ଏହା ଭିତରେ ରହିଛି ।

ଶବ୍ଦର ଅର୍ଥ ହେଉଛି 'ଗ୍ଭଲିବା ବା ଚଳିବା' । ପରେ ତାକୁହିଁ କୁହାଗଲା 'ଆମ୍ବୁଲାନ୍‌ସ' । ଡାକ୍ତରଖାନାରୁ ବାହାରକୁ ନେବା ବା ବାହାରୁ ଡାକ୍ତରଖାନାକୁ ଆଣିବା ପାଇଁ ଯେଉଁ ଗାଡ଼ି ବ୍ୟବସ୍ଥା ରହିଛି ତା'କୁ ସାଧାରଣତଃ ଆମ୍ବୁଲାନ୍‌ସ ବୋଲି କୁହାଯାଏ । ଆଜିକାଲି ଆମ୍ବୁଲାନ୍‌ସ ଭିତରେ ଅନେକ କିଛି ଜୀବନରକ୍ଷାକାରୀ ଯନ୍ତ୍ରପାତି ସାଇତି ରଖି ଦିଆଯାଉଛି । ରୋଗୀଟି ଯେତେବେଳେ ଆଉ ଚଳପ୍ରଚଳ କରିପାରେ ନାହିଁ ସେତେବେଳେ ତାକୁ ବହିନେବା ପାଇଁ ଆମ୍ବୁଲାନ୍‌ସ ଦରକାର ପଡ଼େ । ହେଲିକପ୍‌ଟର୍, ବିମାନ ଓ କେତେକ ଧରଣର ଜଳଜାହାଜକୁ ମଧ୍ୟ ଆମ୍ବୁଲାନ୍‌ସ ଭାବରେ ଆବଶ୍ୟକ ପଡ଼ିଲେ ବ୍ୟବହାର କରାଯାଇଥାଏ ।

***ସମ୍ବନ୍ଧୀୟ ବିଷୟ***

*ଯୁଦ୍ଧ, ଚିକିତ୍ସାବିଜ୍ଞାନ, ଜନସ୍ୱାସ୍ଥ୍ୟ, ରେଡକ୍ରସ, ହସ୍‌ପିଟାଲ ସେବା*

▷▷

## ଆମ୍ବେଦକର
(୧୮୯୧-୧୯୫୬)

ଶୁଭନାମ ଡକ୍ଟର ଭୀମରାଓ ରାମଜୀ ଆମ୍ବେଦକର । ଭାରତର ଲୋକମାନଙ୍କ ଭିତରେ ନୂଆ ଭାବନା ଓ ନୂଆ ଚିନ୍ତା ସୃଷ୍ଟିକରି ଯେଉଁମାନେ ଜନସାଧାରଣଙ୍କର ମଙ୍ଗଳ କରିଛନ୍ତି ଆମ୍ବେଦକର ହେଲେ ସେହିମାନଙ୍କ ଭିତରୁ ଜଣେ । ଗୋଟାଏ ସମୟ ଥିଲା ଯେତେବେଳେକି ସମାଜର ଗୋଟିଏ ଜାତିକୁ ଛୁଇଁ ଦେଲେ ଅନ୍ୟଜାତିର ଲୋକେ ନିଜେ ଅପବିତ୍ର ହୋଇଯିବେ ବୋଲି ବିଗ୍ଭରୁଥିଲେ । ଆମ୍ବେଦକର ଥିଲେ ସେହି ''ଅଛୁଆଁ'' ବା ଦଳିତମାନଙ୍କ ଭିତରୁ ଜଣେ । ତାଙ୍କର ଜନ୍ମସ୍ଥାନ ହେଲା ମହାରାଷ୍ଟ୍ର ।



ଭାରତୀୟ ସମାଜରେ ଥିବା କେତେକ ବାସ୍ତବ ଅସୁବିଧାକୁ ଦୂର କରିବାର ଉଦ୍ୟମ କରି ଆମ୍ବେଦକର ବହୁଦୂରକୁ ସଫଳ ହୋଇଥିଲେ ବୋଲି ସ୍ୱୀକାର କରାଯାଏ ।

ସେ ନିଜ ଯୋଗ୍ୟତା ବଳରେ ଦେଶର ଜଣେ ପ୍ରସିଦ୍ଧ ଲୋକ ହୋଇଗଲେ ଓ 'ଛୁଆଁ ଅଛୁଆଁ' ଭାବ ବିରୁଦ୍ଧରେ ସାହସର ସହିତ ପ୍ରଚାର କଲେ । ସେ ସମୟରେ ଏହିକଥା କହିବା ପାଇଁ ତାଙ୍କୁ ବହୁତ କିଛି କଷ୍ଟ ସହିବାକୁ ପଡ଼ିଥିଲା ।

୧୯୩୦-୩୧ ମସିହା ବେଳେ ବ୍ରିଟିଶ ସରକାର କେତେଜଣ ଜଣାଶୁଣା ଭାରତୀୟଙ୍କୁ ବିଲାତକୁ ଡକାଇଥିଲେ ଆମ ଦେଶ ଲୋକଙ୍କ ହାତରେ କେତେ କ୍ଷମତା ଦେବେ ସେହି ବିଷୟରେ ବିଚାର କରିବା ପାଇଁ । ମହାତ୍ମା ଗାନ୍ଧୀ, ମଦନମୋହନ ମାଳବ୍ୟ ଓ ଶ୍ରୀମତୀ ସରୋଜିନୀ ନାଇଡୁ ସେମାନଙ୍କ ଭିତରୁ ଥିଲେ ଜଣେ ଜଣେ । ଭୀମରାଓ ଆମ୍ବେଦକର ମଧ୍ୟ ସେହି ବୈଠକରେ ଯୋଗଦେଇଥିଲେ । ପରେ ଏମିତି ଗୋଟିଏ ସମୟ ଆସିଲା ଯେ ସ୍ୱାଧୀନ ଭାରତର ଶାସନ ଚିଠା ବା ସମ୍ବିଧାନ କ'ଣ ହେବ ସେ ସଂପର୍କରେ ଦାୟିତ୍ୱ ନେବାପାଇଁ ଜଣେ ଯୋଗ୍ୟ ଲୋକ ଦରକାର ପଡ଼ିଲେ । ଆମ୍ବେଦକରଙ୍କୁ ସେହି ଦାୟିତ୍ୱ ଦିଆଗଲା ଓ ସେ ଯେଉଁ ସମ୍ବିଧାନର ଚିଠା କଲେ ତାକୁ ମୂଳକରି ଭାରତ ସମ୍ବିଧାନ ପ୍ରଣୀତ ହେଲା । ଜୀବନର ଶେଷବେଳକୁ ସେ ବୌଦ୍ଧ ଧର୍ମ ଗ୍ରହଣ କରିଯାଇଥିଲେ । ୧୯୯୦ ମସିହାରେ ତାଙ୍କୁ ମରଣୋତ୍ତର ଭାବେ ଭାରତରତ୍ନ ଉପାଧି ପ୍ରଦାନ କରାଗଲା । ସ୍ୱାଧୀନତା ପରେ ଆମ୍ବେଦକର କେନ୍ଦ୍ରରେ ମନ୍ତ୍ରୀ ହୋଇଥିଲେ । ଭାରତରେ ଦଳିତ ସମାଜର ବିକାଶ ନିମନ୍ତେ ସେ ଯେଭଳି ଉଦ୍ୟମ କରିଯାଇଥିଲେ ତା'ର ପଟାନ୍ତର ନାହିଁ । ତାଙ୍କ ଲେଖା ଗୁଡ଼ିକୁ ନେଇ ଗୋଟିଏ 'କଲେକ୍‌ଟେଡ୍ ୱାର୍କସ' ନିକଟରେ ପ୍ରକାଶିତ ହେବା ଆରମ୍ଭ ହୋଇଛି ।

***ସମ୍ବନ୍ଧୀୟ ବିଷୟ***
*ଭାରତୀୟ ସ୍ୱାଧୀନତା ଆନ୍ଦୋଳନ, ସମ୍ବିଧାନ, ବୌଦ୍ଧ ଧର୍ମ, ହରିଜନ, ମହାତ୍ମା ଗାନ୍ଧୀ*

▷ ▷

## ଆୟକର

ରାଷ୍ଟ୍ର ବା ସରକାରଙ୍କ ଦ୍ୱାରା କୌଣସି ବ୍ୟକ୍ତିବିଶେଷ, କଂପାନୀ ବା କର୍ପୋରେସନ ଓ ଅନ୍ୟାନ୍ୟ ଉପଯୁକ୍ତ ସଂଗଠନଙ୍କ ଆୟ ଉପରେ ବସାଯାଉଥିବା ଲେଭି ବା ଟିକସ ହେଲା ଆୟକର । ଭାରତ ଭଳି ରାଜ୍ୟରେ କେନ୍ଦ୍ର ସରକାରଙ୍କର ଏହା ଗୋଟିଏ ବଡ଼ ଆୟପନ୍ଥା । ଯୁକ୍ତରାଷ୍ଟ୍ର ଆମେରିକା ଭଳି କେତେକ ବିକଶିତ ଘରୋଇ ଉଦ୍ୟୋଗ ପ୍ରାଧାନ୍ୟ ରାଜ୍ୟରେ କିନ୍ତୁ ଆୟକର ହିଁ ହେଲା ସରକାରଙ୍କର ମୁଖ୍ୟ ଉପାର୍ଜନ ।

ଆୟକୁ ହିସାବକୁ ନେଇ ବ୍ୟକ୍ତିବିଶେଷ ବା ଏକତ୍ରିତ ଭାବେ ରହୁଥିବା ପରିବାର ଯେଉଁ ଟିକସ ଦିଅନ୍ତି ତାହା ହେଲା ପ୍ରତ୍ୟକ୍ଷ ଆୟକର । ଇଂଲଣ୍ଡରେ ୧୭୯୯ ମସିହାରେ ପ୍ରଥମେ ଏହି ଧରଣର ଟିକସ ବସିବା ଲାଗୁ ହୋଇଥିଲା । କଂପାନୀ ବା କର୍ପୋରେସନ୍ ଗୁଡ଼ିକର ନିଟ୍ ଲାଭକୁ ହିସାବ କରି ପୃଥିବୀର ପ୍ରାୟ ପ୍ରତ୍ୟେକ ଦେଶ ଆୟକର ଆଦାୟ କରିଥା'ନ୍ତି ।

***ସମ୍ବନ୍ଧୀୟ ବିଷୟ***
*କର ଟିକସ, ଅର୍ଥନୀତି*

▷ ▷

## ଆୟନ

ଏକ ବା ଏକାଧିକ ଧରଣର ଧନାତ୍ମକ କିମ୍ବା ଋଣାତ୍ମକ ବିଦ୍ୟୁତ୍ ଆବେଶ ବହନ କରୁଥିବା ଗୋଟିକିଆ ପରମାଣୁ ବା ପରମାଣୁ ଗୋଷ୍ଠୀ ହେଲା ଆୟନ । ନିଷ୍କ୍ରିୟ ପରମାଣୁ, ଅଣୁ ବା ସ୍ଥଳବିଶେଷରେ ଅନ୍ୟ ଆୟନ ଦେହରେ ଇଲେକ୍‌ଟ୍ରନ୍ କଣର ଯୋଗ ବା ବିଯୋଗ ହେବା ଫଳରେ ଏଗୁଡ଼ିକ ସାଧାରଣତଃ ସୃଷ୍ଟି ହୋଇଥା'ନ୍ତି । ଅନ୍ୟ କୌଣସି କଣ ସହ ଆୟନର ସଂଯୋଗରେ ମଧ୍ୟ ନୂଆ ଆୟନ ସୃଷ୍ଟି ହୋଇଯାଇଥାଏ । ପଦାର୍ଥର ଏହି ଆୟନୀୟ ଅବସ୍ଥାଟିର ଟେକ୍‌ନୋଲଜୀୟ ଉପଯୋଗ ଦୃଷ୍ଟିରୁ ଗୁରୁତ୍ୱ ରହିଛି ।

***ସମ୍ବନ୍ଧୀୟ ବିଷୟ***
*ପଦାର୍ଥବିଜ୍ଞାନ, ଅଣୁ, ପରମାଣୁ, ଆବେଶ, ବିଦ୍ୟୁତ୍*

▷ ▷

## ଆୟର୍ଲାଣ୍ଡ

ସରକାରୀ ନାମ **ଆୟାର (ଆୟର୍ଲାଣ୍ଡ)** ଶାସନ ବ୍ୟବସ୍ଥା **ଐକକେନ୍ଦ୍ରୀୟ ବହୁଦଳୀୟ ସାଧାରଣତନ୍ତ୍ର—ଦୁଇଟି ବିଧାନ ପରିଷଦ** ରାଷ୍ଟ୍ରମୁଖ୍ୟ **ପ୍ରେସିଡେଣ୍ଟ** ଶାସନମୁଖ୍ୟ **ପ୍ରଧାନମନ୍ତ୍ରୀ** ରାଜଧାନୀ **ଡବ୍‌ଲିନ୍** ସରକାରୀ ଭାଷା **ଆଇରିସ୍; ଇଂରାଜୀ** ରାଷ୍ଟ୍ରୀୟ ଧର୍ମ **ନାହିଁ** କ୍ଷେତ୍ରଫଳ **୭୦,୨୮୫ ବର୍ଗକିଲୋମିଟର** ଜନସଂଖ୍ୟା **୩୫,୬୦,୦୦୦** ମୁଖ୍ୟ ସହର **ଡବ୍‌ଲିନ୍, କର୍କ, ଲିମେରିକ, ଗାଲୱେ, ୱାଟରଫୋର୍ଡ** ମୁଦ୍ରା **ଆଇରିସ୍ ପାଉଣ୍ଡ** ପତାକା **ସବୁଜ, ଶ୍ୱେତ, କମଳା ବର୍ଣ୍ଣର ତିନୋଟି ଭର୍ଟିକାଲ ଷ୍ଟ୍ରାଇପ୍ ।**

ଆଟ୍‌ଲାଣ୍ଟିକ ମହାସାଗରରେ ଥିବା ଏହି ଦ୍ୱୀପ ଦେଶଟିର ଏକମାତ୍ର ପ୍ରତିବେଶୀ ହେଲା ବ୍ରିଟିଶ ଶାସନାଧୀନ ଉତ୍ତର ଆୟର୍ଲାଣ୍ଡ । ଏ ଦେଶଟିର ଅଧିକାଂଶ ଅଞ୍ଚଳ ଅପେକ୍ଷାକୃତ ଭାବେ ଖାଲୁଆ । ଆୟର୍ଲାଣ୍ଡର ଜଳବାୟୁ ମୃଦୁ—ଦେଶଟିର କୌଣସି ଅଂଶ ସମୁଦ୍ର କୂଳଠାରୁ ୧୧୦-୧୫ କିଲୋମିଟରରୁ ଅଧିକ ଦୂରତାରେ ନ ଥିବାରୁ ଏଭଳି ହୋଇଥାଏ । ତମ୍ବା, ସୀସା, ଦସ୍ତା ଓ ରୂପା ଭଳି ଖଣିଜ ପରିମାଣ କିଛି ପରିମାଣରେ ମିଳିଥାଏ । ଅଳ୍ପ ପରିମାଣର ପେଟ୍ରୋଲିୟମ ଓ ପ୍ରାକୃତିକ ବାଷ୍ପ ମଧ୍ୟ ରହିଛି । ଆୟର୍ଲାଣ୍ଡର ପଶୁପାଳନ ଓ କୃଷି ବ୍ୟବସ୍ଥା ଖୁବ୍ ଉନ୍ନତ ।

ଆୟର୍ଲାଣ୍ଡର ସଂସ୍କୃତି ଉନ୍ନତ ହେଲେ ମଧ୍ୟ ଆଇରିସ୍ ଭାଷା ସେତେ ଉନ୍ନତ ନୁହେଁ । କିନ୍ତୁ ଇଂରାଜୀର ବହୁଳ ପ୍ରଚଳନ ଥିବାରୁ ଇଂରାଜୀ ସାହିତ୍ୟକୁ ଏହି ଦେଶ ଉଲ୍ଲେଖନୀୟ ଦାନ ଦେଇଛି । ଜର୍ଜ ବର୍ଣ୍ଣାଡ ଶ, ଓସକାର ୱାଇଲଡ,



ଭାରତୀୟ ସମାଜରେ ଥିବା କେତେକ ବାସ୍ତବ ଅସୁବିଧାକୁ ଦୂର କରିବାର ଉଦ୍ୟମ କରି ଆମ୍ବେଦକର ବହୁଦୂରକୁ ସଫଳ ହୋଇଥିଲେ ବୋଲି ସ୍ୱୀକାର କରାଯାଏ ।

ସେ ନିଜ ଯୋଗ୍ୟତା ବଳରେ ଦେଶର ଜଣେ ପ୍ରସିଦ୍ଧ ଲୋକ ହୋଇଗଲେ ଓ 'ଛୁଆଁ ଅଛୁଆଁ' ଭାବ ବିରୁଦ୍ଧରେ ସାହସର ସହିତ ପ୍ରଚାର କଲେ । ସେ ସମୟରେ ଏହିକଥା କହିବା ପାଇଁ ତାଙ୍କୁ ବହୁତ କିଛି କଷ୍ଟ ସହିବାକୁ ପଡ଼ିଥିଲା ।

୧୯୩୦-୩୧ ମସିହା ବେଳେ ବ୍ରିଟିଶ ସରକାର କେତେଜଣ ଜଣାଶୁଣା ଭାରତୀୟଙ୍କୁ ବିଲାତକୁ ଡକାଇଥିଲେ ଆମ ଦେଶ ଲୋକଙ୍କ ହାତରେ କେତେ କ୍ଷମତା ଦେବେ ସେହି ବିଷୟରେ ବିଚାର କରିବା ପାଇଁ । ମହାତ୍ମା ଗାନ୍ଧୀ, ମଦନମୋହନ ମାଲବ୍ୟ ଓ ଶ୍ରୀମତୀ ସରୋଜିନୀ ନାଇଡୁ ସେମାନଙ୍କ ଭିତରୁ ଥିଲେ ଜଣେ ଜଣେ । ଭୀମରାଓ ଆମ୍ବେଦକର ମଧ୍ୟ ସେହି ବୈଠକରେ ଯୋଗଦେଇଥିଲେ । ପରେ ଏମିତି ଗୋଟିଏ ସମୟ ଆସିଲା ଯେ ସ୍ୱାଧୀନ ଭାରତର ଶାସନ ଚିଠା ବା ସମ୍ବିଧାନ କ'ଣ ହେବ ସେ ସଂପର୍କରେ ଦାୟିତ୍ୱ ନେବାପାଇଁ ଜଣେ ଯୋଗ୍ୟ ଲୋକ ଦରକାର ପଡ଼ିଲେ । ଆମ୍ବେଦକରଙ୍କୁ ସେହି ଦାୟିତ୍ୱ ଦିଆଗଲା ଓ ସେ ଯେଉଁ ସମ୍ବିଧାନର ଚିଠା କଲେ ତାକୁ ମୂଳକରି ଭାରତ ସମ୍ବିଧାନ ପ୍ରଣୀତ ହେଲା । ଜୀବନର ଶେଷବେଳକୁ ସେ ବୌଦ୍ଧ ଧର୍ମ ଗ୍ରହଣ କରିଯାଇଥିଲେ । ୧୯୯୦ ମସିହାରେ ତାଙ୍କୁ ମରଣୋତ୍ତର ଭାବେ ଭାରତରତ୍ନ ଉପାଧି ପ୍ରଦାନ କରାଗଲା । ସ୍ୱାଧୀନତା ପରେ ଆମ୍ବେଦକର କେନ୍ଦ୍ରରେ ମନ୍ତ୍ରୀ ହୋଇଥିଲେ । ଭାରତରେ ଦଳିତ ସମାଜର ବିକାଶ ନିମନ୍ତେ ସେ ଯେଉଁଭଳି ଉଦ୍ୟମ କରିଯାଇଥିଲେ ତା'ର ପଟାନ୍ତର ନାହିଁ । ତାଙ୍କ ଲେଖା ଗୁଡ଼ିକୁ ନେଇ ଗୋଟିଏ 'କଲେକ୍‌ଟେଡ୍ ୱାର୍କସ' ନିକଟରେ ପ୍ରକାଶିତ ହେବା ଆରମ୍ଭ ହୋଇଛି ।

***ସମ୍ବନ୍ଧୀୟ ବିଷୟ***

*ଭାରତୀୟ ସ୍ୱାଧୀନତା ଆନ୍ଦୋଳନ, ସମ୍ବିଧାନ, ବୌଦ୍ଧ ଧର୍ମ, ହରିଜନ, ମହାତ୍ମା ଗାନ୍ଧୀ*

## ▷▷ ଆୟକର

ରାଷ୍ଟ୍ର ବା ସରକାରଙ୍କ ଦ୍ୱାରା କୌଣସି ବ୍ୟକ୍ତିବିଶେଷ, କଂପାନୀ ବା କର୍ପୋରେସନ ଓ ଅନ୍ୟାନ୍ୟ ଉପଯୁକ୍ତ ସଂଗଠନଙ୍କ ଆୟ ଉପରେ ବସାଯାଉଥିବା ଲେଭି ବା ଟିକସ ହେଲା ଆୟକର । ଭାରତ ଭଳି ରାଜ୍ୟରେ କେନ୍ଦ୍ର ସରକାରଙ୍କର ଏହା ଗୋଟିଏ ବଡ଼ ଆୟପନ୍ଥା । ଯୁକ୍ତରାଷ୍ଟ୍ର ଆମେରିକା ଭଳି କେତେକ ବିକଶିତ ଘରୋଇ ଉଦ୍ୟୋଗ ପ୍ରାଧାନ୍ୟ ରାଜ୍ୟରେ କିନ୍ତୁ ଆୟକର ହିଁ ହେଲା ସରକାରଙ୍କର ମୁଖ୍ୟ ଉପାର୍ଜନ ।

ଆୟକୁ ହିସାବକୁ ନେଇ ବ୍ୟକ୍ତିବିଶେଷ ବା ଏକତ୍ରିତ ଭାବେ ରହୁଥିବା ପରିବାର ଯେଉଁ ଟିକସ ଦିଅନ୍ତି ତାହା ହେଲା ପ୍ରତ୍ୟକ୍ଷ ଆୟକର । ଇଂଲଣ୍ଡରେ ୧୭୯୯ ମସିହାରେ ପ୍ରଥମେ ଏହି ଧରଣର ଟିକସ ବସିବା ଲାଗୁ ହୋଇଥିଲା । କଂପାନୀ ବା କର୍ପୋରେସନ୍ ଗୁଡ଼ିକର ନିଟ୍ ଲାଭକୁ ହିସାବ କରି ପୃଥିବୀର ପ୍ରାୟ ପ୍ରତ୍ୟେକ ଦେଶ ଆୟକର ଆଦାୟ କରିଥା'ନ୍ତି ।

***ସମ୍ବନ୍ଧୀୟ ବିଷୟ***

*କର ଟିକସ, ଅର୍ଥନୀତି*

## ▷▷ ଆୟନ

ଏକ ବା ଏକାଧିକ ଧରଣର ଧନାତ୍ମକ କିମ୍ବା ଋଣାତ୍ମକ ବିଦ୍ୟୁତ୍ ଆବେଶ ବହନ କରୁଥିବା ଗୋଟିକିଆ ପରମାଣୁ ବା ପରମାଣୁ ଗୋଷ୍ଠୀ ହେଲା ଆୟନ । ନିଷ୍କ୍ରିୟ ପରମାଣୁ, ଅଣୁ ବା ସ୍ଥଳବିଶେଷରେ ଅନ୍ୟ ଆୟନ ଦେହରେ ଇଲେକ୍‌ଟ୍ରନ୍ କଣର ଯୋଗ ବା ବିଯୋଗ ହେବା ଫଳରେ ଏଗୁଡ଼ିକ ସାଧାରଣତଃ ସୃଷ୍ଟି ହୋଇଥା'ନ୍ତି । ଅନ୍ୟ କୌଣସି କଣ ସହ ଆୟନର ସଂଯୋଗରେ ମଧ୍ୟ ନୂଆ ଆୟନ ସୃଷ୍ଟି ହୋଇଯାଇଥାଏ । ପଦାର୍ଥର ଏହି ଆୟନୀୟ ଅବସ୍ଥାଟିର ଟେକ୍‌ନୋଲଜୀୟ ଉପଯୋଗ ଦୃଷ୍ଟିରୁ ଗୁରୁତ୍ୱ ରହିଛି ।

***ସମ୍ବନ୍ଧୀୟ ବିଷୟ***

*ପଦାର୍ଥବିଜ୍ଞାନ, ଅଣୁ, ପରମାଣୁ, ଆବେଶ, ବିଦ୍ୟୁତ୍*

## ▷▷ ଆୟର୍ଲାଣ୍ଡ

ସରକାରୀ ନାମ **ଆୟାର (ଆୟର୍ଲାଣ୍ଡ)** ଶାସନ ବ୍ୟବସ୍ଥା **ଏକକେନ୍ଦ୍ରୀୟ ବହୁଦଳୀୟ ସାଧାରଣତନ୍ତ୍ର—ଦୁଇଟି ବିଧାନ ପରିଷଦ** ରାଷ୍ଟ୍ରମୁଖ୍ୟ **ପ୍ରେସିଡେଣ୍ଟ** ଶାସନମୁଖ୍ୟ **ପ୍ରଧାନମନ୍ତ୍ରୀ** ରାଜଧାନୀ **ଡବ୍‌ଲିନ୍** ସରକାରୀ ଭାଷା **ଆଇରିସ୍; ଇଂରାଜୀ** ରାଷ୍ଟ୍ରୀୟ ଧର୍ମ **ନାହିଁ** କ୍ଷେତ୍ରଫଳ **୭୦,୨୮୫ ବର୍ଗକିଲୋମିଟର** ଜନସଂଖ୍ୟା **୩୫,୭୦,୦୦୦** ମୁଖ୍ୟ ସହର **ଡବ୍‌ଲିନ୍, କର୍କ, ଲିମେରିକ, ଗାଲୱେ, ୱାଟରଫୋର୍ଡ** ମୁଦ୍ରା **ଆଇରିସ୍ ପାଉଣ୍ଡ** ପତାକା **ସବୁଜ, ଶ୍ୱେତ, କମଳା ବର୍ଣ୍ଣର ତିନୋଟି ଭର୍ଟିକାଲ ଷ୍ଟ୍ରାଇପ୍ ।**

ଆଟ୍‌ଲାଣ୍ଟିକ ମହାସାଗରରେ ଥିବା ଏହି ଦ୍ୱୀପ ଦେଶଟିର ଏକମାତ୍ର ପ୍ରତିବେଶୀ ହେଲା ବ୍ରିଟିଶ ଶାସନାଧୀନ ଉତ୍ତର ଆୟର୍ଲାଣ୍ଡ । ଏ ଦେଶଟିର ଅଧିକାଂଶ ଅଞ୍ଚଳ ଅପେକ୍ଷାକୃତ ଭାବେ ଖାଲୁଆ । ଆୟର୍ଲାଣ୍ଡର ଜଳବାୟୁ ମୃଦୁ—ଦେଶଟିର କୌଣସି ଅଂଶ ସମୁଦ୍ର କୂଳଠାରୁ ୧୧୦-୧୫ କିଲୋମିଟରରୁ ଅଧିକ ଦୂରତାରେ ନ ଥିବାରୁ ଏଭଳି ହୋଇଥାଏ । ତମ୍ବା, ସୀସା, ଦସ୍ତା ଓ ରୂପା ଭଳି ଖଣିଜ ପରିମାଣ କିଛି ପରିମାଣରେ ମିଳିଥାଏ । ଅଳ୍ପ ପରିମାଣର ପେଟ୍ରୋଲିୟମ ଓ ପ୍ରାକୃତିକ ବାଷ୍ପ ମଧ୍ୟ ରହିଛି । ଆୟର୍ଲାଣ୍ଡର ପଶୁପାଳନ ଓ କୃଷି ବ୍ୟବସ୍ଥା ଖୁବ୍ ଉନ୍ନତ ।

ଆୟର୍ଲାଣ୍ଡର ସଂସ୍କୃତି ଉନ୍ନତ ହେଲେ ମଧ୍ୟ ଆଇରିସ୍ ଭାଷା ସେତେ ଉନ୍ନତ ନୁହେଁ । କିନ୍ତୁ ଇଂରାଜୀର ବହୁଳ ପ୍ରଚଳନ ଥିବାରୁ ଇଂରାଜୀ ସାହିତ୍ୟକୁ ଏହି ଦେଶ ଉଲ୍ଲେଖନୀୟ ଦାନ ଦେଇଛି । ଜର୍ଜ ବର୍ଣ୍ଣାଡ ଶ, ଓସକାର ୱାଇଲଡ,

ସାମୁଏଲ ବେକେଟଙ୍କ ଭଳି ପ୍ରସିଦ୍ଧ ଲେଖକମାନେ ଏଠି ଜନ୍ମଲାଭ କରିଥିଲେ ।

ଭାରତର ସ୍ୱାଧୀନତା ଆନ୍ଦୋଳନ ସମୟରେ ଆୟର୍ଲାଣ୍ଡବାସୀଙ୍କ ନୈତିକ ସମର୍ଥନ ଭାରତୀୟମାନଙ୍କ ପ୍ରତି ଥିଲା ।

୧୯୨୦ ମସିହାରେ 'ଗଭର୍ଣ୍ଣମେଣ୍ଟ ଅଫ୍ ଆୟର୍ଲାଣ୍ଡ ଆକ୍ଟ' ପାସ୍ ହେଲାପରେ ଏହା ଉତ୍ତର ଓ ଦକ୍ଷିଣ—ଏହି ଦୁଇ ଭାଗରେ ବିଭକ୍ତ ହୋଇଗଲା । ୧୯୩୭ ମସିହାରେ ସ୍ୱାଧୀନ (ଦକ୍ଷିଣ) ଆୟର୍ଲାଣ୍ଡର ସମ୍ବିଧାନ ଗୃହୀତ ହେଲା ।

***ସମ୍ବନ୍ଧୀୟ ବିଷୟ***

*ବ୍ରିଟିଶ ଦ୍ୱୀପପୁଞ୍ଜ, ଇଂରାଜୀ ସାହିତ୍ୟ, ଭାରତ*

## ଆୟୁବ ଖାଁ
(୧୯୦୭-୭୪)

ଏହି ପାକିସ୍ତାନୀ ଫିଲ୍ଡମାର୍ଶାଲଙ୍କ ପୂରାନାମ ହେଲା ମହମ୍ମଦ ଆୟୁବ ଖାଁ । ଅବିଭକ୍ତ ଭାରତର ହାଜରା ଠାରେ ସେ ଜନ୍ମ ହୋଇଥିଲେ । ୧୯୫୮-୬୯ ମସିହା ପର୍ଯ୍ୟନ୍ତ ଆୟୁବ ପାକିସ୍ତାନର ପ୍ରେସିଡେଣ୍ଟ ଥିଲେ । ତାଙ୍କ ଶାସନ କାଳ ଭିତରେ ଭାରତ ସହ ଥରେ ଯୁଦ୍ଧ କରି ସେ ପରାଭବ ଲାଭ କରିଥିଲେ ଓ ତାଙ୍କୁ ପ୍ରସିଦ୍ଧ ତାସ୍କେଣ୍ଟ ଚୁକ୍ତିକୁ ମାନି ନେବାକୁ ପଡ଼ିଥିଲା ।

***ସମ୍ବନ୍ଧୀୟ ବିଷୟ***

*ଭାରତ, ପାକିସ୍ତାନ*

## ଆୟୁର୍ବେଦ

ମନୁଷ୍ୟର ଯେତେବେଳେ ଗୋଟିଏ ଶରୀର ଅଛି, ମଝିରେ ମଝିରେ ସେଇଟି ଟିକିଏ ବିଗିଡ଼ି ଯିବାରେ କିଛି ଅସ୍ୱାଭାବିକତା ନାହିଁ । ସେତେବେଳେ କୁହାଯିବ ଯେ ତାକୁ ରୋଗ ହୋଇଛି । ଆହୁରି ମଧ୍ୟ କେଉଁଠି କେମିତି ହୁଏତ ଆଘାତ ପାଇଯାଇପାରେ । ରୋଗ ଭଲ କରିବା ପାଇଁ, କଟିଗଲେ ଘା' ଭଲକରିବା ପାଇଁ ମଣିଷ ଜାତି ଯେଉଁଦିନୁ ଜନ୍ମ ହୋଇଛି ସେହିଦିନୁ କିଛି ନା କିଛି ଉପାୟ ବାହାର କରିଛି । ଗୋଟାଏ ସମୟରେ ଚେର, ମୂଳ, ପତ୍ର ଥିଲା ତା ପାଇଁ ପ୍ରଧାନ ଔଷଧ ଓ କ୍ରମେ ରୋଗ ଭଲ କରିବା ଉପାୟକୁ କୁହାଗଲା ଚିକିତ୍ସା ।

ପୃଥିବୀର ଭିନ୍ନ ଭିନ୍ନ ଅଞ୍ଚଳରେ ଲୋକେ ସବୁ ନାନା ପ୍ରକାରର ଚିକିତ୍ସା ଉପାୟ ବାହାର କଲେ । ଭାରତରେ ଆୟୁର୍ବେଦ, ଆରବ ଓ ପାରସ୍ୟରେ ୟୁନାନୀ ଚିକିତ୍ସା ପ୍ରଣାଳୀ ଚ୍ଚଲିଲା । ଚୀନ ଦେଶରେ ମଧ୍ୟ ସେମାନେ ଭଲ ଭଲ ଉପାୟ ବାହାର କଲେ । ଏହାର ବହୁକାଳ ପରେ ଯାଇ ଗୋଟିଏ ନୂଆ ଉପାୟ ବାହାର କରାଗଲା । ତାକୁ କୁହାଗଲା ଏଲୋପାଥି । ଏବେ ଅଧିକାଂଶ ଡାକ୍ତରଖାନାରେ ଏଲୋପାଥି ଚିକିତ୍ସା ଚ୍ଚଲିଛି । ଆୟୁର୍ବେଦକୁ ଯେଉଁମାନେ ଆଦରିଛନ୍ତି ସେମାନଙ୍କୁ କବିରାଜ ବୋଲି କୁହାଯାଏ, ଯେମିତି ଏଲୋପାଥି ଚିକିତ୍ସକଙ୍କୁ ଡାକ୍ତର ବୋଲି କୁହାଯାଏ । ଏହା ସାଙ୍ଗକୁ ହୋମିଓପାଥି ଚିକିତ୍ସା ମଧ୍ୟ ଚ୍ଚଲିଛି । ଆୟୁର୍ବେଦ ଶାସ୍ତ୍ରର ମୂଳ ପ୍ରଣେତା କିଏ ବୋଲି ନିର୍ଦ୍ଦିଷ୍ଟ ଭାବରେ ଜଣାନଥିଲେ ମଧ୍ୟ ଖ୍ରୀଷ୍ଟପୂର୍ବ ୧୦୦୦ ମସିହା ବେଳକୁ ଏହା ଅନୁସାରେ ଭାରତୀୟ ଚିକିତ୍ସକମାନେ ରୋଗ ଚିକିତ୍ସା କରୁଥିଲେ ବୋଲି ଜଣାପଡ଼ିଛି । ପୁରାଣରେ ବୈଦ୍ୟ ଧନ୍ୱନ୍ତରୀଙ୍କୁ ଏଭଳି ଚିକିତ୍ସାଶାସ୍ତ୍ରର ସ୍ରଷ୍ଟାଭାବେ ବର୍ଣ୍ଣନା କରାଯାଇଛି । ଅନେକ ଗୁଡ଼ିଏ ଆୟୁର୍ବେଦ ଚିକିତ୍ସା ପ୍ରଣାଳୀ ବିଷୟରେ ଆୟୁର୍ବେଦ ଶାସ୍ତ୍ରରେ ବର୍ଣ୍ଣନା ଅଛି । ଉଦ୍‌ଭିଦ ଜଗତରୁ ସଂଗୃହୀତ ଔଷଧ ଓ ଔଷଧ ଗୁଳ୍ମ ହିଁ ହେଲା ଆୟୁର୍ବେଦର ଆଧାର । ବିଂଶ ଶତାବ୍ଦୀର ଶେଷବେଳକୁ ଭାରତର ବିଭିନ୍ନ ଅଂଶରେ ନୂଆ ମହତ୍ତ୍ୱପୂର୍ଣ୍ଣ ଆୟୁର୍ବେଦ ଚିକିତ୍ସା ପ୍ରଣାଳୀରେ ଚିକିତ୍ସା ଚ୍ଚଲୁ ରହିଛି ଓ ଏ ସଂକ୍ରାନ୍ତରେ ଅଧିକ ବୈଜ୍ଞାନିକ ଭିତ୍ତିଭୂମି ମଧ୍ୟ ସୃଷ୍ଟି କରାଯାଉଛି ।

***ସମ୍ବନ୍ଧୀୟ ବିଷୟ***

*ଚିକିତ୍ସାବିଜ୍ଞାନ, ଚିକିତ୍ସାଶାସ୍ତ୍ର, ହିନ୍ଦୁଧର୍ମ, ମାନବଶରୀର, ଉଦ୍‌ଭିଦ ଜଗତ, କବିରାଜ, ଜନସ୍ୱାସ୍ଥ୍ୟ, ପୁରାଣ-ଶାସ୍ତ୍ର, ଧନ୍ୱନ୍ତରୀ, ଔଷଧ ଉଦ୍ୟାନ*

## ଆୟୁଷ

ଗୋଟିଏ ବିଷୟରେ ସମସ୍ତେ ଏକମତ ଯେ ଯିଏ ଜନ୍ମ ହୋଇଛି ସିଏ ନିଶ୍ଚୟ ମରିବ । ତେଣୁ ଯେତେଦିନ ସେ ବଞ୍ଚିଛି ତାକୁହିଁ ତାହାର ଆୟୁଷ ବୋଲି କୁହାଯାଏ । ଜୀବଜଗତରେ ଥିବା ଅତି ତଳ ସ୍ତରର ଜୀବଙ୍କ ଠାରୁ ଆରମ୍ଭ କରି ମନୁଷ୍ୟ ପର୍ଯ୍ୟନ୍ତ ସମସ୍ତଙ୍କର ହାରାହାରି ଆୟୁଷ କେତେ ତାହାର ହିସାବ କରାଯାଇଛି । ଏମିତି ହୋଇଛି ଯେ ଅତି ତଳ ସ୍ତରର ଗୋଟିଏ ଜୀବର ଆୟୁଷ ମାତ୍ର କେତେ ଘଣ୍ଟା । ମନୁଷ୍ୟ ହୁଏତ କ୍ଷେତ୍ର ବିଶେଷରେ ଶହେ ବର୍ଷରୁ ଅଧିକ ବଞ୍ଚୁଛି । ଜଣଙ୍କୁ ଯେତେବେଳେ ଆଶୀର୍ବାଦ କରାଯାଏ ସେତେବେଳେ କୁହାଯାଇଥାଏ—''ଶହେ ଆଠବର୍ଷ ପର୍ଯ୍ୟନ୍ତ ବଞ୍ଚିବ'' ।

ଜୀବଜନ୍ତୁ କେତେବର୍ଷ ପର୍ଯ୍ୟନ୍ତ ବଞ୍ଚନ୍ତି ସେ ବିଷୟରେ କେତେକ ମନଗଢ଼ା କଥା ମଧ୍ୟ କୁହାଯାଏ । କିନ୍ତୁ ଏବେ ଆଉ ସେଭଳି କୁହାଯାଉ ନାହିଁ । ବୟସ ଜାଣିବା ଗୋଟାଏ ସ୍ୱତନ୍ତ୍ର ବିଦ୍ୟା ବୋଲି ଧରାଯାଉଛି ।

ଏପର୍ଯ୍ୟନ୍ତ ଯେତିକି ଜଣାଯାଇଛି ଜୀବଜଗତରେ କଇଁଛର ଆୟୁଷ ହିଁ ସବୁଠାରୁ ବେଶୀ । ଯେଉଁସବୁ ବଡ଼ ବଡ଼ ବା ବିରାଟ ସାମୁଦ୍ରିକ କଇଁଛ ଅଛନ୍ତି ସେଗୁଡ଼ିକର ବୟସ ୧୧୫ରୁ ୧୮୫ ବର୍ଷ । ୨୦୦ ବର୍ଷ ପର୍ଯ୍ୟନ୍ତ ମଧ୍ୟ ବଞ୍ଚିଥିବାର ଦେଖାଯାଇଛି । କୁମ୍ଭୀର ଓ ତିମିଙ୍କର ତାହା ତଳକୁ ସ୍ଥାନ । ହାତୀ ଯଦି ବଣରେ ଥାଏ ୧୦୦ରୁ ୧୫୦ ବର୍ଷ ପର୍ଯ୍ୟନ୍ତ ବଞ୍ଚେ—ଘରେ ଆଣି ପାଳିଲେ ତା ଆୟୁଷ ୭୦ରୁ ୧୦୦ ବର୍ଷ । ମୁକ୍ତା ଶାମୁକା ବା ଅୟଷ୍ଟର ଅନ୍ତତଃ ୧୦୦ ବର୍ଷ ପର୍ଯ୍ୟନ୍ତ ରହୁଛି । ସାଲମନ ବୋଲି ଯେଉଁ ମାଛ ଅଛି ସେଇଟି ମଧ୍ୟ ୮୦ରୁ ୧୦୦ ବର୍ଷ ବଞ୍ଚୁଛି । ଛଞ୍ଚାଣ, ପେଚ୍ଚା, କାଉ ୬୦ରୁ ୧୦୦ ବର୍ଷ; ଈଗଲ, ବଣ ରାଜହଂସ ୮୦ ବର୍ଷ; ଗୋଟିଏ ଜାତିର ବଗ ୭୦ ବର୍ଷ; ଓଟ ୪୦ ବର୍ଷ; ମେରୁ ପ୍ରଦେଶର ଭାଲୁ ୩୫ବର୍ଷ; ଆନାକୋଣ୍ଡା ଓ ବୋଡ଼ା ସାପ ୨୫ ବର୍ଷ; ଗୋଖର ଓ ରାଟ୍‌ଲ (କଟକଟିଆ) ସାପ ୧୩ ବର୍ଷ; ଅସରପା ୫ ବର୍ଷ; କୁକୁର ପ୍ରାୟ ୧୨ ବର୍ଷ ଓ ଶିମ୍ପାଜୀ ୪୦; ଓରାଙ୍ଗଉଟାଙ୍ଗ ୨୭; ଗିବନ ୨୫; ସିଂହ ୩୦; ଚିତାବାଘ ୨୦ ଓ ନେଉଳ ୧୨ ବର୍ଷ ବଞ୍ଚିବାର ପ୍ରମାଣ ମିଳିଛି ।

ମନୁଷ୍ୟ ସବୁବେଳେ ଚେଷ୍ଟା କରି ଆସିଛି ସେ କେମିତି ବେଶୀ ଦିନ ବଞ୍ଚନ୍ତା । ସେଥିପାଇଁ ନାନା ଉପାୟ ବାହାର କରାଯାଉଛି । ଭାରତୀୟ ସମାଜରେ ଅଳ୍ପ କେତେକ ଲୋକ ବୁଢ଼ା ବୟସରେ ଅବଶ୍ୟ କୁହନ୍ତି, 'ଜୀବ ଯିବାର ବଡ଼ ସୁଖ, ଜୀଇବା ସମ ନାହିଁ ଦୁଃଖ' । ମଣିଷଙ୍କୁ ଅଧିକ ଦିନ ବଞ୍ଚାଇ ରଖିବା ପାଇଁ ଚିକିତ୍ସାଶାସ୍ତ୍ରୀମାନେ ଯେଉଁ ଚେଷ୍ଟା କରୁଛନ୍ତି ତାହା ବହୁ ଦୂରକୁ ସଫଳ ହେଲାଣି । ଆମ ଦେଶରେ ଗୋଟାଏ ସମୟ ଥିଲା ଯେତେବେଳେକି ୪୦ ବର୍ଷ ହୋଇଗଲେ ଜଣକୁ ବୁଢ଼ା ବୋଲି କୁହାଯାଉଥିଲା । ୬୦ ବର୍ଷରେ ଜଣେ ମଲେ କେହି ଆଶ୍ଚର୍ଯ୍ୟ ହେଉ ନ ଥିଲେ—'କଳିଷଠା ଷାଠିଏ' କହି ମନକୁ ବୁଝାଇ ଦେଉଥିଲେ । ଏବେ କିନ୍ତୁ ୭୫ ବା ୮୦ ବର୍ଷ ବୟସରେ ଜଣେ ମଲେବି ଲୋକେ କହୁଛନ୍ତି ଆଉ କିଛି ଦିନ ବଞ୍ଚିଥା'ନ୍ତା କି ? ଭାରତ ସମେତ ସବୁ ଦେଶରେ ଲୋକମାନଙ୍କର ହାରାହାରି ବଞ୍ଚିବା ବୟସ ବୃଦ୍ଧି ପାଇବାରେ ଲାଗିଛି । ବହୁ ଦେଶରେ ଏପରି ଅନେକ ଲୋକ ଅଛନ୍ତି ଯେଉଁ ମାନଙ୍କର ବୟସ ୧୦୦ରୁ ଅଧିକ । ପୃଥିବୀରେ ପ୍ରାୟ ୪୦,୦୦୦ ଶତାୟୁ ଲୋକ ଅଛନ୍ତି ବୋଲି ୧୯୯୬ ମସିହାରେ ହିସାବ ପ୍ରକାଶ ପାଇଛି । ସେମାନଙ୍କ ଭିତରୁ ଅଧିକାଂଶ କିନ୍ତୁ ହେଲେ ମହିଳା ।

***ସମ୍ବନ୍ଧୀୟ ବିଷୟ***

*ଚିକିତ୍ସାବିଜ୍ଞାନ, ମାନବଶରୀର, ସମୟ, ଜୀବଜଗତ, କ୍ୟାଲେଣ୍ଡର*





# ସଂପୂର୍ଣ୍ଣ ନୂତନ
# କିଶୋର ଜ୍ଞାନମଣ୍ଡଳ

ତଥ୍ୟ-ପ୍ଲାବନକୁ ଧୀର ଜ୍ଞାନ-ଧାରାରେ ପରିଣତ
କରୁଥିବା ଏନ୍‌ସାଇକ୍ଲୋପିଡିଆ ସେଟ୍

- ଭାରତୀୟ ଭାଷା ଜଗତରେ ଏହି ଧରଣର ତାଜା ଉଦ୍ୟମ
- ମାନବଜ୍ଞାନର ସବୁ ବିଭାଗ ବିଷୟରେ ସର୍ବଶେଷ ତଥ୍ୟ ଏଥିରେ ରହିଛି
- ଯେକୌଣସି ଘର, ସ୍କୁଲ, ଲାଇବ୍ରେରୀ ଓ ଅଫିସ ନିମନ୍ତେ ଅପରିହାର୍ଯ୍ୟ
- ଏହି ୬ଟି ଯାକ ଭଲିଉମ୍‌ର ଯେକୌଣସି ପାଠକଙ୍କ ଜ୍ଞାନ-ଭିତ୍ତିଭୂମିକୁ ସୁଦୃଢ଼ କରିଦେବାର କ୍ଷମତା ରହିଛି
- ଏକବିଂଶ ଶତାବ୍ଦୀରେ ଉପଯୋଗୀ ହେବା ପାଇଁ ଏହାର ସଂପାଦକୀୟ  ଡିଜାଇନ କରାଯାଇଛି
- ୨ୟ, ୪ର୍ଥ ଓ ୬ଷ୍ଠ ଭଲିଉମ୍‌ରେ ରହିଛି ସ୍ୱତନ୍ତ୍ର "ହାତ ପାହାନ୍ତାରେ ତଥ୍ୟ"

ଜ୍ଞା ନ ମ ଣ୍ଡ ଳ  ଫା ଉ ଣ୍ଡେ ସ ନ
ଜ୍ଞାନମଣ୍ଡଳ, କିଶୋରଜ୍ଞାନମଣ୍ଡଳ, ଶିଶୁଜ୍ଞାନମଣ୍ଡଳ